

ମାଟିରୁ ଆକାଶ

ସୁଲୋଚନା ଦାସ

Digitized by srujanika@gmail.com

ଭାରତର ସଂସଦୀୟ ଗଣତନ୍ତ୍ର କ୍ଷେତ୍ରରେ ଶ୍ରୀ ରବି ରାୟ ଏକ ଅନନ୍ୟ ବ୍ୟକ୍ତିତ୍ୱ । ଜଣେ ସ୍ୱାଧୀନତା ସଂଗ୍ରାମୀ, କୁଶଳୀ ରାଜନେତା, ବିଚକ୍ଷଣ କୂଟନୀତିଜ୍ଞ, ନିରପେକ୍ଷ ବାଚସ୍ପତି ଏବଂ ସର୍ବୋପରି ଏକ ସ୍ୱାଭିମାନୀ ମଣିଷ ଭାବରେ ସେ ପରିଚିତ । ଡକ୍ଟର ରାମମନୋହର ଲୋହିଆଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ରବି ରାୟ, ସମଗ୍ର ଜୀବନକୁ ମାନବ ସେବାରେ ଉତ୍ସର୍ଗ କରିଛନ୍ତି । ସେ ନିର୍ଭୀକ ଓ ନିଷ୍କଳୁଷ ଦେଶସେବକ, ଦୃଢ଼ମନା ମଣିଷ ତଥା ନୀରବ କର୍ମଯୋଗୀ । ସମସାମୟିକ ସାମୂହିକତାର ସ୍ରୋତରେ ଭାସିଯାଇ ସେ କ୍ୱଚିତ୍ ତାଙ୍କର ବ୍ୟକ୍ତିତ୍ୱର ଅବମାନନା କରିଛନ୍ତି । ଜଗତୀକରଣ ପରି ଏକ ସାମ୍ପ୍ରତିକ ତଥା ସର୍ବଂକାତର ରାଜନୀତିକ ଅଭୀପ୍ସା ବିରୋଧରେ 'ଲୋକଶକ୍ତି ଆନ୍ଦୋଳନ' ଚଳାଇ ସେ ତାଙ୍କର ସ୍ୱାଧୀନ ଚିନ୍ତା ବ୍ୟକ୍ତ କରିଛନ୍ତି । ସେ ଯଥାର୍ଥରେ ଜଣେ ନିଃସଙ୍ଗ ପଥଚାରୀ । ସ୍ଥିତପ୍ରଜ୍ଞ ପରି ସେ ଆନନ୍ଦ-ବିଷାଦ, ଜୟ-ପରାଜୟ ପ୍ରତି ବୀତସ୍ପୃହ ମନୋଭାବ ପ୍ରଦର୍ଶନ କରିଛନ୍ତି ।

'ମାଟିରୁ ଆକାଶ' ରବି ରାୟଙ୍କର ଜୀବନାଲେଖ୍ୟ । ଡକ୍ଟର ସୁଲୋଚନା ଦାସ ରବିବାବୁଙ୍କ ବ୍ୟକ୍ତିତ୍ୱ ଉପରେ ନିରାସକ୍ତ, ନିର୍ଲିପ୍ତ ଓ ନିରପେକ୍ଷ ଆଲୋକପାତପୂର୍ବକ ତାଙ୍କ ପ୍ରତି ଅକପଟ ଆନ୍ତରିକତା ବ୍ୟକ୍ତ କରିଛନ୍ତି ।

Digitized by srujanika@gmail.com

ମାଟିରୁ ଆକାଶ

ସୁଲୋଚନା ଦାସ

ବିଦ୍ୟାପୁରୀ

Digitized by srujanika@gmail.com

MATIRU AKASH
by Sulochana Das
Published by Vidyapuri, Cuttack 753002

ISBN 81-7411-538-2

ପ୍ରଥମ ସଂସ୍କରଣ
ଶ୍ରୀଗୁଣ୍ଡିଚା
୮ ଜୁଲାଇ ୨୦୦୫

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ଲିପିସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦବଜାର, କଟକ ୭୫୩୦୦୨

ମୁଦ୍ରଣ
ରୟାଲ ହାଫଟୋନ୍ କୋ, କଟକ

ମୂଲ୍ୟ ଟ ୧୭୦.୦୦

Digitized by srujanika@gmail.com

ଶ୍ରୀ ରବି ରାୟ ଓ ସହଧର୍ମିଣୀ ଡକ୍ଟର ସରସ୍ୱତୀ ସ୍ୱାଇଁ

Digitized by srujanika@gmail.com

ପରିବାରର ସଦସ୍ୟମାନଙ୍କ ସହିତ

Digitized by srujanika@gmail.com

ଯୁବକ ରବି ରାୟ

ସମାଜବାଦୀ ନେତା ମଧୁଲିମାୟେ ଓ ରବି ରାୟ

Digitized by srujanika@gmail.com

ଡକ୍ଟର ରାମମନୋହର ଲୋହିଆ ଓ ରାଜନାରାୟଣ ପ୍ରମୁଖ ସମାଜବାଦୀ ପାର୍ଟିର ପୁରୁଖା ନେତାଙ୍କ ସହିତ ଯୁବନେତା ରବି ରାୟ

Digitized by srujanika@gmail.com

କେନ୍ଦ୍ର କ୍ୟାବିନେଟ୍‌ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ରବି ରାୟ ଓ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଚରଣ ସିଂହ

ବାଚସ୍ପତି ନିର୍ବାଚିତ ହେବା ପରେ ରବି ରାୟଙ୍କୁ
ପାର୍ଲିଆମେଣ୍ଟ ସେକ୍ରେଟାରୀ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା ଜଣାଉଛନ୍ତି

Digitized by srujanika@gmail.com

ବାଚସ୍ପତି ନିର୍ବାଚିତ ହେବା ପରେ ରାଷ୍ଟ୍ରପତି ଆର୍.ଭେଙ୍କଟରମଣଙ୍କ ସହିତ
ଶ୍ରୀ ରବି ରାୟଙ୍କ ସୌଜନ୍ୟମୂଳକ ସାକ୍ଷାତ

ପ୍ରଧାନମନ୍ତ୍ରୀ ଭି.ପି. ସିଂହଙ୍କୁ ବାଚସ୍ପତି ରବି ରାୟ ସ୍ୱାଗତ କରୁଛନ୍ତି ।

Digitized by srujanika@gmail.com

ସୋଭିଏତ୍ ପାର୍ଲିଆମେଣ୍ଟ ପ୍ରତିନିଧି ଦଳରେ ଆସିଥିବା ବାଚସ୍ପତିଙ୍କ ସହ ରବି ରାୟ

କୋରିଆ ସାଧାରଣତନ୍ତ୍ରର ସଂସଦୀୟ ପ୍ରତିନିଧିଙ୍କ ସହିତ ରବି ରାୟ

Digitized by srujanika@gmail.com

ଉପରାଷ୍ଟ୍ରପତି ଓ ରାଜ୍ୟସଭାର ଅଧ୍ୟକ୍ଷ ଡକ୍ଟର ଶଙ୍କର ଦୟାଲ ଶର୍ମାଙ୍କ ସହିତ
ସୌଜନ୍ୟମୂଳକ ସାକ୍ଷାତ

ଫ୍ରାନ୍ସର ବାଚସ୍ପତି ଓ ରବି ରାୟ

Digitized by srujanika@gmail.com

ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଚନ୍ଦ୍ରଶେଖର, ରବି ରାୟ ଓ କେନ୍ଦ୍ର କ୍ୟାବିନେଟ୍‌ର କେତେଜଣ ସଦସ୍ୟ

Digitized by srujanika@gmail.com

ଛତିଶତମ କମନ୍ ୱେଲ୍‌ଥ କନ୍‌ଫରେନ୍‌ସରେ ବାଚସ୍ପତି ରବି ରାୟ ଅଭିଭାଷଣ ଦେଉଛନ୍ତି

Digitized by srujanika@gmail.com

ମହାମାନ୍ୟ ଦଲାଇଲାମା ରବି ରାୟଙ୍କୁ 'ସତ୍ୟର ଆଲୋକ' ପୁରସ୍କାର ପ୍ରଦାନ କରୁଛନ୍ତି ।

Digitized by srujanika@gmail.com

ପୁରସ୍କାର ଗ୍ରହଣ ପରେ ରାଷ୍ଟ୍ରପତି ଆର୍. ଭେଙ୍କଟରମଣ, ଦଲାଇଲାମା ଓ ରବି ରାୟ

Digitized by srujanika@gmail.com

‘ଲୋକଶକ୍ତି ଅଭିଯାନ’ର ପ୍ରଥମ ବାର୍ଷିକ ସମ୍ମେଳନରେ ରବି ରାୟ ଉଦ୍‌ବୋଧନ ଦେଉଛନ୍ତି

ବିଦେଶରେ ରବି ରାୟ

Digitized by srujanika@gmail.com

ନିଜ ପ୍ରକୋଷ୍ଠ ଭିତରେ କାର୍ଯ୍ୟରତ ରବି ରାୟ

Digitized by srujanika@gmail.com

ଚେତନାଏ ଆକାଶ ଓ ନିଜସ୍ୱ କିଛି ପୃଥିବୀର ପରିଚୟ ନେଇ ମଣିଷ ଭୂମିଷ୍ଠ ହୁଏ । ଏନ୍ତୁଡ଼ିଶାଳରେ କୁଆଁକୁଆଁ ଡାକ ଦିଏ । ଆଖି ମେଲି ଜଗତକୁ ଚାହେଁ । ମାଟିର ଗନ୍ଧ ବାରେ । ଅଥିର ପାଦରେ ଠୁକୁ ଠୁକୁ ଚାଲି ଜୀବନର ଯାତ୍ରା ଆରମ୍ଭ କରେ, ଯେଉଁ ଯାତ୍ରାର ଦିଶା ମାଟିରୁ ଆକାଶଯାଏ ପ୍ରଲମ୍ବିତ, ଯାହାର ଇଙ୍ଗିତ ଚାରିକାନ୍ଥରୁ ଅନନ୍ତ ଦିଗ୍‌ବଳୟ ଯାଏ ।

ମାଟିର ମଣିଷଟିଏ । କାଳେ କାଳେ ତ ତାର ଈପ୍‌ସା ଅସୀମତାକୁ ସ୍ପର୍ଶ କରିବାପାଇଁ, ବୃହତ୍ତର ଜୀବନ ବୃତ୍ତରେ ନିଜକୁ ମିଶେଇଦେବାପାଇଁ । ବିଶାଳ ଜନସମୁଦ୍ରରେ ବୁଡ଼ମାରି ନିଜର ଆତ୍ମପରିଚୟ ଲୋଡ଼ିବା ପାଇଁ । ଏଇ ତ ତା'ର ଜୀବନର ପୂର୍ଣ୍ଣତା, ସଫଳତାର ଇତିବୃତ୍ତ । ଏରୁଣ୍ଡିରୁ ଶ୍ମଶାନଯାଏଁ । ଜନ୍ମରୁ ମୃତ୍ୟୁଯାଏଁ । ଜୀବନର କେଇଟି ବୟସର ମାଇଲଖୁଣ୍ଟ । ତାରି ଭିତରେ ହିସାବନିକାଶ ହୁଏ । ଲାଭକ୍ଷତିର ଅଙ୍କକଷା ଚାଲେ । ସଫଳତା ବିଫଳତାର ପ୍ରଶ୍ନ ଉଠେ । କେତେ ସାର୍ଥକ ଏ ଜୀବନ - ଦେଖିବା ଶୁଣିବା ଲୋକେ କଳନା କରୁଥାନ୍ତି । କେତେ କଥା, କେତେ ସ୍ମୃତି, ସବୁ କିମ୍ବଦନ୍ତୀ ପାଲଟେ । ଇତିହାସ ବି ଲେଖା ହୁଏ । ସମୟର ପୃଷ୍ଠା ଓଲଟୁଥାଏ । ସ୍ମୃତିର କାନଭାସରେ କର୍ମସାଧନାର ବହୁ ବିଚିତ୍ର ବର୍ଣ୍ଣାଳୀ ଚମତ୍କାର ଚିତ୍ରପଟ ହୋଇ ଆଙ୍କି ହୋଇଯାଏ । ଉତ୍ତର-ପିଢ଼ି ଦେଖେ । ମୁଗ୍ଧ ଚକିତ ହୁଏ । ବାହାବା କରେ । ନିଜ ପାଇଁ ରାହା ଖୋଜେ । ସେଇ ଆଦର୍ଶର ଆଲୋକମୟ ସରଣୀରେ ସେ ନିଜେ ଚାଲିପାରିବ ତ ? ଅନୁଚ୍ଚାରିତ ପ୍ରଶ୍ନ ଉଠେ ପ୍ରାଣରେ । ଏକ ବିଚିତ୍ର ଆତ୍ମମଗ୍ନତାରେ ଚେତନା ଆଚ୍ଛନ୍ନ ହୁଏ । ଆଗରେ ଦିଶିଯାଉଥାଏ, ଦିଗ୍‌ବଳୟର ଧୂଆଁଧାରରେ କ୍ରମଶଃ ଅପସରି ଯାଉଥିବା ଆଲୋକର ଜ୍ୟୋତିପିଣ୍ଡଟି ।

ନବଜାତକର ଜନ୍ମପଞ୍ଜିକା ଲେଖିଲାବେଳେ ଜ୍ୟୋତିଷୀ ହୁଏତ କହିଥିବେ - ଜାତକରେ ରାଜଯୋଗ ଅଛି । କବାଟ କଣରୁ କାନପାତି ଶୁଣିଥିବେ ବୋଉ ସୁନାମଣିଦେବୀ । ହାତେ ଓଢ଼ଣା ଭିତରୁ କଥାଟି ହୁଏତ ସ୍ପଷ୍ଟ ଶୁଣାଯାଇ ନ ଥିବ । ଅଧାଶୁଣା ଅଧାବୁଝା କଥା କେଇପଦରେ ପ୍ରାଣ ପୂରି ଯାଇଥିବ । ଅନିର୍ବଚନୀୟ ବିଭୋରତାରେ ପୁଲକି ଉଠିଥିବ ସମଗ୍ର ସତ୍ତା । ତାଙ୍କ କୋଳପୋଛା ପୁଅର ଉଜ୍ଜ୍ୱଳ ଭବିଷ୍ୟତ୍‌ର ସୁଖସ୍ୱପ୍ନରେ ସେ ବୁଡ଼ି ଯାଇଥିବେ କେଉଁ ଅତଳତଳ ଭାବରାଜ୍ୟରେ । ବୁଢ଼ୀମା 'ବୁଢ଼ୀବୋଉ' ଜ୍ୟୋତିଷୀଙ୍କ ପାଇଁ ମନପୂରା ସିଧାଟିଏ ସାଙ୍ଗକୁ ନଡ଼ିଆ ଓ ଦକ୍ଷିଣାସ୍ୱରୂପ ରୁପା ଟଙ୍କାଟିଏ ଆଣି ବାଢ଼ି ଦେଇଥିବେ ପିତଳ ଥାଳିରେ । ଅଜସ୍ର

Digitized by srujanika@gmail.com

ଆଶୀର୍ବାଦରେ ଶିଶୁସନ୍ତାନଟିକୁ ପୋତି ପକେଇ ଜ୍ୟୋତିଷୀ ଆତ୍ମତୃପ୍ତିରେ ଘରକୁ ଫେରିଥିବେ ସେଦିନ । ଅନେକଦିନ ତଳର କଥା । ୧୯୨୬ ମସିହା ନଭେମ୍ବର ୨୬ ତାରିଖର କଥା ।

ଗୌରବମୟ ପ୍ରାଚୀନ ଇତିହାସର ମୂକସାକ୍ଷୀ ଧ୍ୟାନସ୍ଥ ଧଉଳିଗିରି । ଅଦୂରରେ ଶିଶୁପାଳଗଡ଼ର ଭଗ୍ନାବଶେଷ । କୁଳୁକୁଳୁ ତାନରେ ଆଖପାଖକୁ ମୂର୍ଚ୍ଛିତ କରି ଦୟାନଦୀ ବୋହିଯାଉଛି, ଅନାହତ ଜୀବନ-ସଙ୍ଗୀତ ଗାନ କରି । ଅତୀତର ସେଇ ଏକାମ୍ରନଗରୀ ପାରିହୋଇ ଆଗକୁ ଗଲେ କିଛି ଦୂରରେ ପଡ଼ିବ ଉତ୍ତରାଛକ । ଏକାମ୍ରରୁ ଉତ୍ତରା ଭିତରେ ଇତିହାସର ଲୁପ୍ତ ଗନ୍ତାଘର । କେତେ ଲହୁଲୁହର କାହାଣୀ, କେତେ ଦିଗ୍‌ବିଜୟର ଇତିବୃତ୍ତ । କେତେ ଆନନ୍ଦଉଲ୍ଲାସର ଗାଥା । ଏକାନ୍ତରେ ଥରେ ଦେଖିଲେ ମନେହୁଏ, ସତେଯେମିତି ଇତିହାସ ଏଠି ବାଙ୍ମୟ ହୋଇଉଠିଛି । ନିଜର ଆତ୍ମଗାଥା କହୁଛି । ବାଟଚଲା ବାଟୋଇକୁ ହାତଠାରି ଡାକୁଚି । କହୁଚି - ଏଇ ଶୁଣ୍, ମୋ କଥା ଟିକେ ଶୁଣ୍ । ଏଇଠି କଳିଙ୍ଗଯୁଦ୍ଧ ହୋଇଥିଲା ସେଦିନ । ଆତ୍ମବଳି ଦେଇ ଏ ଜାତି ଚଣ୍ଡାଶୋକକୁ ଧର୍ମାଶୋକ କରିଥିଲା । ହିଂସାକୁ ଅହିଂସାରେ ରୂପାନ୍ତରିତ କରିଥିଲା । ରାଜଧର୍ମକୁ ପ୍ରେମଧର୍ମରେ ବଦଳେଇ ଦେଇଥିଲା । ଏ ମାଟିରୁ ସେଦିନ ଉଚ୍ଚାରିତ ହୋଇଥିଲା - ବୁଦ୍ଧଂ ଶରଣଂ ଗଚ୍ଛାମି... ସଂଘଂ ଶରଣଂ ଗଚ୍ଛାମି... ଧମ୍ମଂ ଶରଣଂ ଗଚ୍ଛାମି... ।

ଏଇ ସେଇ ବୀରଭୂମି, ଶିଶୁପାଳଗଡ଼ର ରାଜା ଐର ଖାରବେଳଙ୍କ ଯଶ ଖ୍ୟାତିରେ ଯିଏ ଅଭିଷିକ୍ତା । ଏ ମାଟି ସମଗ୍ର ଓଡ଼ିଆ ଜାତିର ପୁଣ୍ୟ ତୀର୍ଥ । ଯେଉଁ ମହାମେଘବାହନ ଐର ଖାରବେଳ ଅଶୋକଙ୍କ କଳିଙ୍ଗ ବିଜୟର ପ୍ରତିଶୋଧ ନେବାପାଇଁ ସଦର୍ପେ ମଗଧ ଆକ୍ରମଣ କରିଥିଲେ ଓ ଜୟଯୁକ୍ତ ହୋଇ ଏ ଜାତିର ସ୍ୱାଭିମାନ ଓ ବୀରତ୍ୱର ପୁନଃପ୍ରତିଷ୍ଠା କରିଥିଲେ, ତାଙ୍କରି ଲୀଳାଭୂଇଁ ଏଇ ଶିଶୁପାଳଗଡ଼ । ଏଇ ମାଟିକୁଦ ଭିତରୁ ତଥାପି ଶୁଣାଯାଏ, ସମୟର ପ୍ରତିଧ୍ୱନି ଛଳରେ ସେଦିନର ସେଇ ବୀରଗାଥା । ଓଡ଼ିଆଜାତିର ଆତ୍ମପ୍ରତିଷ୍ଠାର ସଂକଳ୍ପ ମର୍ମରିତ ହୋଇଥାଏ ମହାକାଳର ଅଶରୀରୀ ଆତ୍ମା ରୂପରେ ।

ଉତ୍ତରାଛକଠାରୁ ଡାହାଣକୁ ଗଲେ ପିପିଲି ଦେଇ ପୁରୁଷୋତ୍ତମଧାମକୁ ପିଚୁରାସ୍ତା । ଆଗରୁ କଟକଆଡୁ ଠିକ୍ ଉତ୍ତରାଛକ ମଝି ଦେଇ ପୁରୀକୁ ଥିଲା ଜଗନ୍ନାଥ ସଡ଼କ । ଲକ୍ଷ ଲକ୍ଷ ଭକ୍ତ, ବାଟୋଇ, ସାଧାରଣ ଜନତାଙ୍କର ପଦରେଣୁ ଏଠି ପଡୁଥିଲା । ସେମାନଙ୍କ ଅଖଣ୍ଡ ବିଶ୍ୱାସ ଓ ଅଚଳାଭକ୍ତି ଶ୍ୱାସପ୍ରଶ୍ୱାସ ରୂପରେ ଏହାର ଆଖପାଖକୁ ମଧ୍ୟ ପବିତ୍ର କରୁଥିଲା ।

ନବରାଛକଠାରୁ ବନମାଳୀପୁର ଯିବା ରାସ୍ତାରେ ଠିକ୍ କଣିକିଆ ହୋଇ ଏକ ପାନ୍ଥଶାଳା । ପୂର୍ବେ ଜଗନ୍ନାଥ ଦର୍ଶନରେ ଯାଉଥିବା ତୀର୍ଥଯାତ୍ରୀମାନଙ୍କ ଆଶ୍ରୟପାଇଁ ଏହି ଚଟିଘରଟି କେତେ ଶତାବ୍ଦୀତଳେ କେହି ଜଣେ ପୁଣ୍ୟାତ୍ମା ତିଆରି କରିଥିଲେ । ଯାତ୍ରୀମାନେ

Digitized by srujanika@gmail.com

ସାମୟିକ ଭାବରେ ଏଠି ରହୁଥିଲେ । କେହି କେହି ରାତ୍ରିଯାପନ କରୁଥିଲେ । ସକାଳୁ ଉଠି ପୁଣି ବାଟ ଚାଲୁଥିଲେ ! ଆଜିଭଳି ଯାନବାହନ, ଗାଡ଼ିମଟରର ପ୍ରାବଲ୍ୟ ନ ଥିଲା । ଦିନ ଦିନ ମାସ ମାସ ଧରି ଦୂରଦୂରାନ୍ତରୁ ତୀର୍ଥଯାତ୍ରୀମାନେ ପାଦରେ ଚାଲି ଚାଲି ପୁରୀକୁ ଆସୁଥିଲେ । ବାଟରେ ଯାତ୍ରୀମାନଙ୍କୁ ଆଶ୍ରୟ ଦେବା ପାଇଁ ପୁଣ୍ୟାତ୍ମାମାନେ ଚଟିଘର ତିଆରିଥିଲେ । ଆଉ କେହି କେହି ବ୍ୟାବସାୟିକ ଦୃଷ୍ଟିରୁ ମଧ ଏହି ଚଟିଘର ପରିଚାଳନା କରୁଥିଲେ । ମାତ୍ର ଅଧିକାଂଶ ଚଟିଘର ତିଆରି ହୋଇଥିଲା ପୁଣ୍ୟ ଅର୍ଜନ କରିବା ଉଦ୍ଦେଶ୍ୟରେ । ଅନେକ ସମୟରେ ରାଜପରିବାରର ଲୋକମାନେ ଧର୍ମପରାୟଣ ହୋଇ ଏସବୁ କରୁଥିଲେ । ବ୍ରିଟିଶରାଜ କାଳରେ ଉତ୍ତରାଛକର ଏହି ପାନ୍ଥଶାଳାଟି ସରକାରୀ କର୍ମଚାରୀମାନଙ୍କର ସାମୟିକ ଆଶ୍ରୟସ୍ଥଳ ରୂପେ ମଧ କାର୍ଯ୍ୟ କରୁଥିଲା । ଉତ୍ତରାଛକର ଟିକେ ଦୂରରେ ଥିବା ସେ ପାନ୍ଥଶାଳାଟି ଆଜି ଅବଶ୍ୟ ନାହିଁ । କିନ୍ତୁ ତାର ସ୍ମୃତି ରହିଛି । ସ୍ମରଣ କରେଇ ଦେଉଛି ବିଗତ ଦିନମାନଙ୍କର ତିକ୍ତ ମଧୁର ବହୁଗାଥାକୁ । ଏ ମାଟି, ପାଣି, ପବନରେ ସେଇ ଗୌରବମୟ ଅତୀତର ମଧୁର ମହକ । ଆକାଶରେ, ପବନରେ ସେ ସୌରଭ ଆଜି ବି ଖେଳି ବୁଲୁଛି - ଚଲାବାଟୋଇକୁ ଆନମନା କରୁଛି ।

ଉତ୍ତରାଛକଠାରୁ ବାଁପଟକୁ କିଛି ବାଟ ଗଲାପରେ ପୁଣି ପୂର୍ବମୁହାଁ ହୋଇ ରାସ୍ତାଟିଏ ପଡ଼ିଛି, ସିଧା ବନମାଳୀପୁର ହାଟକୁ । ପୁଣ୍ୟତୋୟା କୁଆଖାଇ ଓଡ଼ିଆପୁଅର ବୀରତ୍ୱର ଗାଥା ଗାଇ ଗାଇ ବହିଯାଉଛି ଅଦୂରରେ । କେତେ ସ୍ମୃତିତୀର୍ଥର ଆତ୍ମଲିପି ତା ଛାତିରେ ଲେଖା ହୋଇଛି । ଏଇଠି ଆଉ କିଛି ବାଟ ଗଲାପରେ ଆଗରେ ଦିଶିବ ଶିଶୁଅନନ୍ତଙ୍କ ମଠ - ପଞ୍ଚସଖାଙ୍କ ମଧରୁ ଜଣେ ସଖା । ଓଡ଼ିଆ ଆଧାତ୍ମିକ ବିଶ୍ୱାସର ପ୍ରତୀକ ଶ୍ରୀଜଗନ୍ନାଥଙ୍କର ଅନ୍ୟତମ ଭକ୍ତ, ଓଡ଼ିଶୀ ଧାର୍ମିକ ପରମ୍ପରାର ଜଣେ ସାର୍ଥକ ପଥିକୃତ୍ ସାଧକ । ଶହ ଶହ ବର୍ଷ ଧରି ଯେଉଁ ଆଧାତ୍ମିକ ବିଶ୍ୱାସ ଓଡ଼ିଆଜାତିର ପ୍ରାଣପ୍ରବାହକୁ ମାନବୋଚିତ ଆଦର୍ଶପଥରେ ବାହିତ କରିନେଇଛି । ଈଶ୍ୱରୀୟ ଦିବ୍ୟଭାବନାରେ ସାଧାରଣ ମଣିଷକୁ ଅନୁପ୍ରେରିତ କରିଛି । ଏଇ ପବିତ୍ରପୀଠ ଓ ସେ ସାଧନାର ସୌରଭ କାଳକାଳ ଧରି ଓଡ଼ିଆଜାତି ପ୍ରାଣରେ ମାନବବାଦର ମହାମନ୍ତ୍ର ଉଚ୍ଚାରଣ କରି ଆସିଛି । ଲୋକେ ଏଠାକୁ ଏବେ ବି ବହୁସଂଖ୍ୟାରେ ଆସନ୍ତି - ବିଦେହୀ ପରମଯୋଗୀ ଠାକୁରଙ୍କ ଆଶୀର୍ବାଦ ନିଅନ୍ତି । କରୁଣା ଭିକ୍ଷା କରନ୍ତି । ସାଂସାରିକ ଜଞ୍ଜାଳର ଯାବତୀୟ ପାର୍ଥିବ ଦୁଃଖକୁ ଭୁଲିଯାଆନ୍ତି କିଛି ସମୟ ପାଇଁ । ନୂଆ ବିଶ୍ୱାସ, ନୂଆ ପ୍ରେରଣା ନେଇ ପୁଣି ଫେରିଯାଆନ୍ତି ଘରକୁ । ବେଳେବେଳେ ମେଳା ମଉଛବ ବି ହୁଏ । ଶହ ଶହ ହଜାର ହଜାର ଲୋକ ଏଠାରେ ରୁଣ୍ଡ ହୁଅନ୍ତି । ଦୋକାନବଜାର ବସେ । ଯାନିଯାତରାର ଆନନ୍ଦମୟ ପରିବେଶଟିଏ ସୃଷ୍ଟି ହୁଏ । ପୂଜାଅର୍ଚ୍ଚନା, ଭୋଗରାଗ ସାଙ୍ଗକୁ ଯାତରା ଦେଖି ଆନନ୍ଦ ଲୁଟି ନିଅନ୍ତି ଲୋକେ । ଏ ପୀଠ ଯେମିତି ଦିଗବାରେଣୀ ବତିଘରଟିଏ, ଏ

Digitized by srujanika@gmail.com

ଅଞ୍ଚଳର ଲୋକମାନଙ୍କ ପାଇଁ । ଲୋକଙ୍କୁ ନ୍ୟାୟ, ସତ୍ୟ, ଧର୍ମର ଆଲୋକ ଦେଖାଉଛି । ବାଟ କଢ଼େଇ ନେଉଛି । ସକଳପ୍ରକାର ଦୁଃଖ, ଦୈନ୍ୟ, ଅଭାବ, ଅନଟନ ସତ୍ତ୍ୱେ ମାନବୋଚିତ ସ୍ନେହପ୍ରେମ, ଦୟାଦାକ୍ଷିଣ୍ୟ, ଆଚାର ବିଚାର ପ୍ରତି ଆସ୍ଥାଭାଜନ କରାଉଛି । ଅଦୃଶ୍ୟ ଭାବରେ ଆଶା ଓ ଆଶ୍ୱାସନାର ଅମୃତ ଢାଳୁଛି । ଅଜସ୍ର ବିଶ୍ୱାସ ପୁଞ୍ଜୀଭୂତ ହୋଇ ରହିଛି ଏ ପୀଠରେ । ଏ ପୀଠ ଲୋକବିଶ୍ୱାସର ଆଧାରଶିଳା ରୂପେ ଆଜି ବି ଏଠି ବିରାଜମାନ ।

କୁଆଖାଇ ନଦୀ ପାର ହେଲେ ଚତୁର୍ଦ୍ଦିଗରେ ଶ୍ୟାମାୟିତ ଶସ୍ୟଶ୍ୟାମଳା ସମତଳ ଭୂଇଁ, ଉପରେ ନୀଳ ଆକାଶ, ତଳେ ସବୁଜ ଧରିତ୍ରୀ । କେଉଁ ନିପୁଣ ଚିତ୍ରକରର ଅପୂର୍ବ କାରୁକଳା ପରି ଦୂର ଚକ୍ରବାଳରେ ଦୂର ଗାଁମାନଙ୍କର ସିଲ୍‌ହଟ ଛବି । ବିଚିତ୍ର ସେ ରୂପରେଖ । ଛାଇଆଲୁଅର ଅପୂର୍ବ ବର୍ଣ୍ଣାଳୀ ଏ ଦୃଶ୍ୟକୁ ଅଧିକ ସୁନ୍ଦର କରିଥାଏ । ଏ ଦୃଶ୍ୟପଟ ପୁଣି ବାରମ୍ବାର ବଦଳୁଥାଏ । କେଉଁ ଋତୁରେ କେଉଁ ବିଶେଷ ଫୁଲର ସମ୍ଭାର । ନଈପଠାରେ କାଶତଣ୍ଡୀର ଶ୍ୱେତପତାକା ଶରତର ଆଗମନୀ ବାର୍ତ୍ତା ଶୁଣାଏ । ପାଚିଲା ଧାନକ୍ଷେତରେ ସୁନାରଙ୍ଗ ଲହରେଇ ଆସେ । ମନେହୁଏ, ମାଟି ମା'କୁ କିଏ ଯେମିତି ହଳଦିଆ ରଙ୍ଗର ପାଟଟିଏ ପିନ୍ଧେଇ ଦେଇଛି ଆଦରରେ । କେତେବେଳେ ରିମ୍‌ଝିମ୍ ବର୍ଷା ତ କେତେବେଳେ ଫୁଲର ଫଗୁଣ । କେତେବେଳେ ଆକାଶରେ ଭରାବାଦଲ ତ କେତେବେଳେ ତୋଫା ଜହ୍ନର ରୋଶଣି । ପୂର୍ବଦିଗରେ ପ୍ରଭାତୀ ସୂର୍ଯ୍ୟର ଉଦୟ ଉତ୍ସବ ମୁଠା ମୁଠା ସ୍ୱର୍ଣ୍ଣରେଣୁ ବୁଣିଦିଏ, ଲୋକଙ୍କର ଶୁଭକାମନା କରି । ମାଘ ମାସର ଖରା କେତେବେଳେ ଚଟପଟ ମୁହଁ ଲୁଚେଇ ଦିଏ ତ କେତେବେଳେ ବୈଶାଖର ସୂର୍ଯ୍ୟ ପ୍ରବଳ ପ୍ରତାପରେ ଥାନ ମାଡ଼ି ବସିଥାଏ । ପଉଷର କାଳୁଆ ଜାଡ଼ପବନ ଛାତି ଥରାଇ ଦେଉଥିଲାବେଳେ, ଚଇତର ଚଇତାଳି ସମଗ୍ର ଅନ୍ତଃକରଣକୁ ପୁଲକିତ କରେ । ଆଷାଢ଼ ସଞ୍ଜରେ ବର୍ଷାଭିଜା ରୋଷେଇଘରର ଚାଳରୁ ଧୂଆଁର କୁଞ୍ଚିତ କୁଣ୍ଡଳୀ ସଞ୍ଚରି ଯାଉଥାଏ ଆକାଶର ମଥାନକୁ । ସୋରିଷ କିଆରିରେ ସୁନାଫୁଲର ମିଠା ମିଠା ବାସ୍ନା, ସତେ ଯେମିତି ମା' ଲକ୍ଷ୍ମୀଙ୍କୁ ସ୍ୱାଗତ କରିବାକୁ ସୁନାଫୁଲରେ କିଏ କୋଠି କାଟି ଦେଇଛି । ସବୁ ବିଚିତ୍ର । ସବୁ ମନୋଲୋଭା । ଉପରେ ଆକାଶ, ତଳେ ପୃଥିବୀ - ମମତାର ଦୁଇ ହାତରେ ଯେମିତି ପ୍ରକୃତି ଜଡ଼େଇ ଧରିଛି ସମସ୍ତଙ୍କୁ । ବୁଝି ବି ବୁଝି ହୁଏ ନାହିଁ । ଶତ ସହସ୍ରବାର ଦେଖୁଥିଲେ ବି ନିତି ନୂଆ ନୂଆ, ଅଚିହ୍ନା ଅଜଣା ପରି ଲାଗୁଥାଏ । ପୁଣି କେଜାଣି କେତେ ଆପଣାପଣ ଥାଏ ଯା ଭିତରେ ଯେ ନିଜଠୁ ଅଲଗା କରି ଭାବି ହୁଏ ନାହିଁ ଜମା ।

ଆଉ କିଛି ବାଟ ଆଗକୁ ଗଲେ କିଛି ଦୂରରେ ରହିବ କେନ୍ଦୁଲି ଗାଁ । ଓଡ଼ିଆ ଜାତିର ପ୍ରିୟ କବି ଜୟଦେବଙ୍କର ପବିତ୍ର ଜନ୍ମଭୂମି କେନ୍ଦୁଲି । ତ୍ରୟୋଦଶ ଶତାବ୍ଦୀର କଥା ।

Digitized by srujanika@gmail.com

ତରୁଣ ଜୟଦେବଙ୍କ ପ୍ରାଣରେ ବିଭୁପ୍ରେମର ଅମୃତଗଙ୍ଗା ପ୍ରବାହିତ ହୋଇଥିଲା । ଶୟନେ, ସ୍ୱପନେ, ଜାଗରଣେ ସେଇ ଗୋଟିଏ ଆରାଧନା । ପରମପୁରୁଷଙ୍କ ଦିବ୍ୟପ୍ରେମର ଉତ୍ତାଳ ତରଙ୍ଗରେ ସେ ଆତ୍ମଲୀନ ହୋଇଥିଲେ । ତାଙ୍କ କଣ୍ଠରୁ ଝରିଆସିଥିଲା ଅନିର୍ବଚନୀୟ କବିତାର ସୁଧା -

''ପ୍ରଳୟ ପୟୋଧିଜଳେ ଧୃତ ବାନାସି ବେଦମ୍
ବିହିତ ବହିତ୍ର ଚରିତ୍ରମ୍ ଖେଦଂ
କେଶବ ! ଧୃତ, ମୀନଶରୀର ଜୟ ଜଗଦୀଶ ହରେ.... ।''

ଆଜି ବି ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରୁ ଭାସିଆସେ ଜୟଦେବଙ୍କ ଗୀତଗୋବିନ୍ଦର ଲଳିତକୋମଳ ପଦାବଳୀର ମଧୁର ସ୍ୱର ଝଙ୍କାର । ସେଇ ଅମୃତ ଧାରାରେ ଜନମାନସ ଭିଜିଯାଏ । ପ୍ରାଣରେ ସ୍ୱର୍ଗୀୟ ଆନନ୍ଦର ବାରିବର୍ଷଣ କରେ । କେନ୍ଦୁଲି ଧନ୍ୟ ହୋଇଛି ବାଣୀପୁତ୍ର ଜୟଦେବଙ୍କୁ କୋଳରେ ଧାରଣ କରି, ଯିଏ ସାରା ଭାରତରେ ଅଲୌକିକ ଗରିମାରେ ଗରୀୟାନ୍ କରିଛି ଓଡ଼ିଶାକୁ ।

ବନମାଳୀପୁର ହାଟର ଅଠର କିଲୋମିଟର ଦୂରରେ ପୂର୍ବପଟକୁ ରହିବ ବଙ୍ଗୋପସାଗର । ଦ୍ୟାବା ପୃଥିବୀର ମହାମିଳନର ହସ୍ତଗଣ୍ଠିପରି ମହୋଦଧିର ଜଳବିସ୍ତାର । ମନେହୁଏ, ଏଠି ଯେମିତି ସବୁ ଶିରୀ ଓ ସୌଭାଗ୍ୟକୁ ଅଜାଡ଼ି ଦେଇଛି ପ୍ରକୃତି । ଆଖି ଖୋଲିଲେ ପ୍ରକୃତିର ଅଫୁରନ୍ତ ଲୀଳାମୟ ରୂପ । ପ୍ରାଣକୁ ଛୁଏଁ, ହୃଦୟକୁ ଅଭିଭୂତ କରେ ।

ଏଇଠୁ ଦିନେ ଓଡ଼ିଆ ସାଧବପୁଅ ବାଣିଜ୍ୟ କରି ଯାଉଥିଲା ଜାଭା, ବାଲି, ସୁମାତ୍ରା, ସିଂହଳ, ମରିସସ୍, ଇଣ୍ଡୋନେସିଆ, ବର୍ମା ପ୍ରଭୃତି ସୁଦୂର ବିଦେଶ । ଦେଶବିଦେଶରୁ ଧନରତ୍ନ ବୋହି ଆଣୁଥିଲା । ତାର ମୂକସାକ୍ଷୀ ପରି ନଦୀ ମୁହାଣଗୁଡ଼ିକରେ ଗଢ଼ିଉଠିଛି ଦେବଦେବୀ ମନ୍ଦିର । କାକଟପୁର ମଙ୍ଗଳାଙ୍କୁ ଦେଖିଲେ ସେଇ ବିସ୍ମୃତ ଅତୀତର ମୂର୍ଚ୍ଛିତ ମର୍ମର ପ୍ରତିଧ୍ୱନିତ ହୋଇଥାଏ । ବନମାଳୀପୁର ହାଟର ଅନତି ଦୂରରେ ଭଅଁରାଗଡ଼ ।

ଭଅଁରାଗଡ଼ର ଦକ୍ଷିଣ ଦିଗରେ ମାତ୍ର ତିରିଶ ପଞ୍ଚତିରିଶ କିଲୋମିଟର ଦୂରରେ ପ୍ରସିଦ୍ଧ କୋଣାର୍କ ମନ୍ଦିର ଓଡ଼ିଆଜାତିର ଐଶ୍ୱର୍ଯ୍ୟମୟ ଅତୀତର ମୂକସାକ୍ଷୀ ରୂପେ ଛିଡ଼ା ହୋଇଛି । ଏହି ଅଦ୍ୱିତୀୟ ପାଷାଣ ସ୍ଥାପତ୍ୟରେ ଓଡ଼ିଆପୁଅର ସୂକ୍ଷ୍ମ ସୌନ୍ଦର୍ଯ୍ୟବୋଧ, କଳାପ୍ରୀତି ଓ ବିଭବମୟ ପରମ୍ପରା ଯେପରି ବାଙ୍ମୟ ହୋଇଉଠିଛି - ପାଷାଣବୁକୁରେ ଆଙ୍କି ହୋଇଯାଇଛି ଓଡ଼ିଆଜାତିର ଛନ୍ଦମୟ ଜୀବନ ସଙ୍ଗୀତ ।

ପ୍ରକୃତିର ସକଳ ମହିମା ଓ ବିଭବକୁ ଧାରଣ କରି ଏ ଅଞ୍ଚଳ ଯେପରି ରୂପମୟୀ, ଗରିମାମୟ ଇତିହାସର ସବୁ ଗୁରୁ ଗୌରବକୁ ବହନ କରି ଏ ମାଟି ସେପରି ଧନ୍ୟ ।

Digitized by srujanika@gmail.com

ବନମାଳୀପୁର ହାଟଠୁଁ ଦକ୍ଷିଣପଟରେ ଭଅଁରାଗଡ଼ । ଘଞ୍ଚ ଅରଣ୍ୟର ସୁରକ୍ଷିତ ବଳୟ ଭିତରେ ଏକଦା ଭଅଁରାଗଡ଼ ଥିଲା ଦୁର୍ଜ୍ଜେୟ, ଦୁର୍ଭେଦ୍ୟ । ଅଖଣ୍ଡ ସ୍ୱାଧୀନତା ପ୍ରିୟ ଓଡ଼ିଆ କ୍ଷତ୍ରିୟ ଶିରୋମଣି ଗଡ଼ାଧିପତି ଶ୍ରୀହରି ଖଣ୍ଡାୟତରାୟ ପୀତାମ୍ବର ମହାପାତ୍ରେ । ଓଡ଼ିଆ ଖଣ୍ଡାୟତ ପାଇକପୁଅର ବୀରତ୍ୱ, ଶୌର୍ଯ୍ୟ, ସାହସିକତା, ଆତ୍ମବିଶ୍ୱାସ ଓ ପୌରୁଷର ସକଳ ଗୌରବରେ ଭୂଷିତ ଥିଲେ ସେ - ପ୍ରତୀକ ଥିଲେ ଓଡ଼ିଆ ସ୍ୱାଭିମାନର । ଜରାଜୀର୍ଣ୍ଣ ଅତୀତର ସମାଧିସ୍ତୁପ ଉପରେ ଆଜି ବି ଭଅଁରାଗଡ଼ ବୀରତ୍ୱର ଅହଂକାରକୁ, ସେ ମର୍ଯ୍ୟାଦା-ବୋଧକୁ, ସେ ସ୍ୱାଭିମାନକୁ ଛାଡ଼ିପାରି ନାହିଁ । ସଂଜ ଆକାଶର ମଳିନ ସୂର୍ଯ୍ୟପରି ଭଅଁରାଗଡ଼ର ସୌଭାଗ୍ୟ-ସୂର୍ଯ୍ୟ ଅସ୍ତମିତ ହୋଇଥିଲେ ବି ତଥାପି ସେ ସ୍ୱର୍ଣ୍ଣାଭ ଛଟା ବଞ୍ଚି ରହିଛି ଅନାଗତ ସୁଖ ସ୍ୱପ୍ନରେ ବିଭୋର ହୋଇ । ଦିନେ ପୁଣି ତାର ସୌଭାଗ୍ୟ ସୂର୍ଯ୍ୟ ଉଦୟ ହେବ - ପ୍ରାଣରେ ଅସୁମାରି ବିଶ୍ୱାସ ନେଇ ସେ ମହାକାଳକୁ ଚାହିଁ ବସିଛି । ଆଶାର ଆଲୋକରେ ଦିଗଦିଗନ୍ତ ଉଜ୍ଜଳି ଉଠିବ, ପୁଣି ତାର ଲୁପ୍ତ ବୈଭବ ଫେରିଆସିବ, - ଭଅଁରାଗଡ଼ର ପ୍ରତିଷ୍ଠା ନିଜସ୍ୱ ମହିମାରେ ଦୀପ୍ତିମନ୍ତ ହେବ, ଏଇ ସଂକଳ୍ପ ଆଜି ବି ତାର ହୃଦୟରେ ମର୍ମରିତ ହେଉଛି ।

ଭଅଁରାଗଡ଼ର ଠିକ୍ ପୂର୍ବକୁ ଲାଗି ଭଅଁରା ସଂରକ୍ଷିତ ଜଙ୍ଗଲ । ରାତି ହେଲେ ବାଘର କୁହାଟ ଶୁଭେ । ଭାଲୁର ଖସ୍‌ଖସ୍ ଶବ୍ଦ ଶୁଭେ । ଝିଲ୍ଲିର ଝିଂ ଝିଂ ଶବ୍ଦ କାନରେ ବାଜେ । ଘଞ୍ଚ ଜଙ୍ଗଲରେ ଜନ୍ତୁମାନେ ନିର୍ଭୟରେ ବିଚରଣ କରୁଥାନ୍ତି । ରାତ୍ରିର ନିଶୂନ ପ୍ରହରରେ ଅଝଟିଆ ଛୁଆକୁ ମା' ତାର ବାଘର କୁହାଟ ଶୁଣାଇ ଚୁପ୍ କରିଥାଏ । ଭଅଁରା ଜଙ୍ଗଲର ପୂର୍ବ କଳେବର କ୍ଷୀଣ ହେଲେ ବି ତଥାପି ଜାହିର କରୁଛି ନିଜର ଅସ୍ତିତ୍ୱ ।

ବଂଶ ପରିଚୟ

ଭଅଁରାଗଡ଼ର ପଶ୍ଚିମପଟ ଗାଁ ମୁଣ୍ଡରେ କୁଶଭଦ୍ରା ନଈ । ଭଅଁରାଗଡ଼ର ଉତ୍ଥାନପତନ, ସୁଖଦୁଃଖ, ବିଜୟ ପରାଜୟ - ଯାବତୀୟ ଅନୁଭବର ଅନ୍ତରଙ୍ଗ ସାଥୀ । ପାଇକବୀରମାନଙ୍କ ଖଡ୍ଗର ଶତ୍ରୁର-ଶୋଣିତ ଧାରକୁ ସେ ଧୋଇ ସଫା କରିଛି କାଳକାଳ ଧରି । ଏ ଭୂଇଁକୁ କରିଛି ଉର୍ବରା, କରିଛି ଶସ୍ୟଶ୍ୟାମଳା । ସମୟର ପ୍ରବାହ ସହିତ ସମତାଳରେ ବୋହି ଚାଲିଛି । କେତେବେଳେ ଲହୁ ତ କେତେବେଳେ ଲୁହ ଧୋଇଚି କୁଶଭଦ୍ରା ।

କୁଶଭଦ୍ରା ନଈକୂଳରେ ବୁଢ଼ାବରଗଛର ଟିକିଏ ଦୂରକୁ ବୁଦ୍ଧେକେଶ୍ୱର ଓ ମଧୁକେଶ୍ୱର ମହାଦେବଙ୍କ ମନ୍ଦିର । କିମ୍ବଦନ୍ତୀ କୁହେ, ସାଢ଼େ ସାତଶ ଆଠଶ ବର୍ଷ ତଳର ମନ୍ଦିର । ମନ୍ଦିରର ପୂର୍ବ ନାମ ଥିଲା ବକୁଳେଶ୍ୱର ମନ୍ଦିର । ମନ୍ଦିର ଜରାଜୀର୍ଣ୍ଣ ହେଲା । କାଳକ୍ରମେ ଭାଙ୍ଗିଗଲା । ପାଞ୍ଚଶ ବର୍ଷ ତଳେ ପୁଣି ଗଢ଼ା ହେଲା ମନ୍ଦିର । ନାଁ ହେଲା 'ମଧୁକେଶ୍ୱର

Digitized by srujanika@gmail.com

ମନ୍ଦିର' । ମୁଖୁଶିଆଳି ଟପିଲେ ବିମାନକୁ ପଶିବା ଦୁଆର ମୁହଁ ଉପରେ କଳାମୁଗୁନି ପଥରର ଶିଳାଲିପି ଏବେବି ତାର ମୃତ ଇତିହାସକୁ ଜୀବନ୍ତ କରି ରଖିଛି । ଜଳଜଳ ହୋଇ ଦିଶିଯାଏ କରଣୀ ଅକ୍ଷରରେ ଲେଖା ବିଚିତ୍ର ପ୍ରକାରର ଶିଳାଖୋଦେଇ ଅକ୍ଷର ।

''ଶ୍ରୀ ମହାଦେବ ରକ୍ଷା କରନ୍ତୁ, ବୀରଶ୍ରୀ ଗଜପତି ଗଉଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବର୍ଗେଶ୍ୱର ବୀରାଧିବୀରବର ପୁରୁଷୋତ୍ତମଦେବ ମହାରାଜାଙ୍କର ବିଜେ ଶୁଭରାଜ୍ୟେ ସମସ୍ତ ୧୫ ଅଙ୍କ କର୍କଟ ଦି୨୨ନକୁ ପୂର୍ଣ୍ଣ ଏକାଦଶୀ ଶୁକ୍ରବାରେ ବେଳ ଦ୧୦ଣରେ ଅଶ୍ଳେଷା ନକ୍ଷତ୍ରେ କକଡ଼ା ତିଥି ଏ ଦିନେ ମଧୁକେଶ୍ୱର ଦେଉଳ ପାଷାଣ ଶୁଭ ହେଲା ଚଳିତ ଅନଙ୍ଗଭୀମଦେବ ରାଜାଙ୍କ ଭାଇ ଗୋପାଳ ଛୋଟରାୟ ଇଟା ପୋଡ଼ାଇ ତୋଳାଇଥିଲେ । ଏତେଦିନେ ଭାଙ୍ଗିଗଲା ତେଣୁ ପଚିଶଖଣ୍ଡ ଶ୍ରୀହରି ଖଣ୍ଡାଇତ ରାୟ ପୀତାମ୍ବର ମହାପାତ୍ରେ ପାଷାଣ କଲେ ଏ ଦେଉଳ ବିନ୍ଧାଣି ଶ୍ରେଷ୍ଠ ଏହି ଦେବଙ୍କର ସେବକ ବରାହୀ ନାୟକ । ବିଶ୍ୱକର୍ମା କରୁଣା ମହାରଣା ବେଠିଆ ଆଳିପିଙ୍ଗଳ ଦନାଇ ବେହେରା, ସୁରଥ ବେହେରା ଏତେଥାଇ ଗଢ଼ାଇଲେ ଏ ବରହୀ ନାୟକ ରାୟ ପୀତାମ୍ବର ମହାପାତ୍ରଙ୍କୁ କହି ଦେଉଳୀ ଚଉଦହାତ ନଳେ ବା୧୪ ମା୧୦ଣ ଦେଅଙ୍କ ଦେଉଳ କରାଇଲେ (ଇତି)...

ପାଞ୍ଚଶବର୍ଷ ତଳର କଥା । ଠିକ୍ କାଲିପରି ଦିଶି ଯାଉଚି ତାର ବୈଭବ । ଆଖିରେ ନାଚି ଯାଉଛି ସେଦିନ । କେଉଁଠି ମନ୍ଦିରର ଭଙ୍ଗାମୂର୍ତ୍ତିଗୁଡ଼ିକ ଭିତରେ ଧୀରେ ଧୀରେ ଭୁଶୁଡ଼ି ପଡ଼ିବାର କାରୁଣ୍ୟ ମୂର୍ଚ୍ଛିତ ହେଉଛି, ପୁଣି କେଉଁଠି ଅତୁଟ ମୂର୍ତ୍ତିମାନଙ୍କ ଓଠ ଫାଙ୍କରେ ସେଦିନର ଐତିହ୍ୟ ହସରେ ଫାଟି ପଡୁଛି । ଗୋଟାସୁଦ୍ଧା ଦେଉଳଟି ତଥାପି ମୁଣ୍ଡଟେକି ଛିଡ଼ା ହୋଇଛି ଦର୍ପରେ । ମୂଳରୁ ଚୂଳଯାଏ କାରୁକାର୍ଯ୍ୟମୟ ସୁନ୍ଦର ବିମାନ ତିନୋଟି । କୁଶଭଦ୍ରା ନଈରେ କେତେ ପାଣି ବୋହିଗଲାଣି । ଏ ମନ୍ଦିର, ଏ ନଈ, ଏ ବୁଢ଼ା ବରଗଛ, ଏ ଜଙ୍ଗଲ.... ଇତିହାସର ବହୁ ଚରିତ୍ର, ବହୁ ଘଟଣା, ବହୁ ପୃଷ୍ଠା ଅଶରୀରୀ ଆତ୍ମାପରି ସ୍ମୃତିର ଛାଇ ଆଲୁଅରେ ଭାସି ଆସନ୍ତି - ନିଜ ନିଜର ଆତ୍ମଲିପି କୁହନ୍ତି ଓ ପୁଣି ଉଭେଇ ଯାଆନ୍ତି । ବାସ୍ତବତାର ସ୍ୱଚ୍ଛ ଆଲୋକରେ ଏସବୁ ସ୍ୱପ୍ନପରି ଲାଗେ । କାହାଣୀ ମନେହୁଏ । ସତ୍ୟ ପୁଣି କିମ୍ବଦନ୍ତୀ ପାଲଟେ । ଭଅଁରାଗଡ଼ର ଇତିବୃତ୍ତ କେବଳ ଶିଳାଲିପି କୁହେ ନାହିଁ । ମାଦଳାପାଞ୍ଜି ବି କୁହେ । ନଅଶହ ପଇଁଚାଳିଶ ବର୍ଷର ଆତ୍ମଗାଥା ଭଅଁରାଗଡ଼ର । ଆଜି ନାରାୟଣୀ ଠାକୁରାଣୀ ଥିବା ସ୍ଥାନରେ ଛୋଟଗହୀରକୁ ମହୁକାଗୋରଡ଼ା, ମନ୍ଦିରର କାରିଗରମାନେ ପଥରକାମ କରୁଥିବା ଥାନକୁ ବିନ୍ଧାଣି, ପଥର ଉଠୁଥିବା ଚାରବନ୍ଧା ଥାନକୁ ଚାରଗଡ଼ିଆ କୁହାଯାଉଛି । ଭଅଁରାଗଡ଼ର ଇତିହାସ ଖୋର୍ଦ୍ଧା ଗଜପତିମାନଙ୍କ ଇତିହାସ ସହିତ ଅଳ୍ପବହୁତେ ଗୁନ୍ଥି ହୋଇଯାଇଛି କେଉଁ ଶତାବ୍ଦୀତଳୁ ।

Digitized by srujanika@gmail.com

ବଂଶର ଇତିହାସ, ଲୋକକଥା, ଶୁଣାକଥା, କିମ୍ବଦନ୍ତୀ, ସବୁ ମିଶାମିଶି ହୋଇ ବିଚିତ୍ର ସଂଭ୍ରମର ଇତିହାସଟିଏ ଗଢ଼ିଆସିଛି, ଶହ ଶହ ବର୍ଷ ଧରି । ଶ୍ରୀହରି ଖଣ୍ଡାୟତ ରାୟ ପୀତାମ୍ବର ମହାପାତ୍ର ଥିଲେ ଭଅଁରାଗଡ଼ର ଭୂମିପତି । ଏକ ବିସ୍ତୃତ ଭୂମିଖଣ୍ଡକୁ ଆୟତ୍ତ କରିଥିବାରୁ 'ଖଣ୍ଡାୟତ' ଶିରୋମଣି ଭାବରେ ସେ ଖ୍ୟାତ ଥିଲେ । ମାଦଳାପାଞ୍ଜି କୁହେ ଖୋର୍ଦ୍ଧା ଗଜପତି ରାଜାଙ୍କର ଏମାନେ ନୌବାହିନୀର ସେନାଧକ୍ଷ ରୂପେ କାର୍ଯ୍ୟ କରୁଥିଲେ ବହୁ ଶତାବ୍ଦୀତଳେ । ଏକଦା ଓଡ଼ିଶା ବା ଉତ୍କଳ ନୌବାଣିଜ୍ୟ ଓ ନୌବିଦ୍ୟାରେ ଯଥେଷ୍ଟ ପ୍ରସିଦ୍ଧି ଲାଭ କରିଥିଲା । ଗଜପତି ରାଜାମାନଙ୍କର ମଧ୍ୟ ସୁଶିକ୍ଷିତ, ସୁସଜ୍ଜିତ, ତାଲିମପ୍ରାପ୍ତ ନୌସେନା ଥିଲେ । ଏହି ସେନାବାହିନୀର ମୁଖ୍ୟ ବା ଅଧକ୍ଷ ଭାବରେ କାର୍ଯ୍ୟ କରୁଥିଲେ ଏହି ରାୟମହାପାତ୍ର ପରିବାରର ମୁଖ୍ୟ ବ୍ୟକ୍ତି । ସମୟକ୍ରମେ ପରିସ୍ଥିତି ବଦଳିଗଲା । ନୌବାହିନୀ ଓ ନୌସେନା ପରମ୍ପରା ଅବଲୁପ୍ତ ହେଲା । ଧୀରେ ଧୀରେ ଏହି ପରିବାରର ରାଜନୀତିକ ଭୂମିକା ମଧ୍ୟ ପରିବର୍ତ୍ତିତ ହୋଇଗଲା ।

ଖଣ୍ଡାୟତ ଶିରୋମଣି ରାୟମହାପାତ୍ର ତଥାପି ଏକ ସୁବିସ୍ତୃତ ଭୂମିଖଣ୍ଡର ଅଧିପତି ଭାବରେ ସମସ୍ତ ମର୍ଯ୍ୟାଦା ଓ କ୍ଷମତାର ଅଧିକାରୀ ଥିଲେ । ବିବର୍ତ୍ତିତ ଓଡ଼ିଶାର ଇତିହାସ ଓ ବିଡ଼ମ୍ବିତ ଭାଗ୍ୟ ଯୋଗୁଁ ପରାଧୀନ ଓଡ଼ିଶାରେ ରାୟବଂଶର ସେ ସମସ୍ତ ସୌଭାଗ୍ୟ ରୌଦ୍ରଦଗ୍ଧ ଏକ ଶୀର୍ଣ୍ଣକାୟ ନଦୀଧାର ତୁଲ୍ୟ ତଥାପି ଜୀଇଁ ରହିଥିଲା, ରୁଗ୍ଣ-ବିଷଣ୍ଣ-ବର୍ତ୍ତମାନକୁ କାନ୍ଧରେ ବୋହି ।

ସ୍ୱାଧୀନତା ପରେ ବି ବହୁବର୍ଷ ପର୍ଯ୍ୟନ୍ତ ଆଳିପିଙ୍ଗଳରୁ ବେଠିଆ ଆସି ବେଠି ଖଟୁଥିଲେ - କର୍ମକର୍ମାଣି କରୁଥିଲେ ଆଳିପିଙ୍ଗଳ ନନ୍ଦବଂଶ ପୁରୋହିତ । ତେଣୁ ପିଙ୍ଗଳାକ୍ଷୀ ଠାକୁରାଣୀଙ୍କ ପାଖରୁ ଷୋଳପୂଜା ପିଠାଭୋଗ ଭଅଁରାଗଡ଼କୁ ଭେଟି ରୂପେ ଆସେ । ରାୟବଂଶ ପରମ୍ପରାରେ ଆଜି ମଧ୍ୟ ଚାରି ପୁରୋହିତ ଆସି ବାହାବ୍ରତ, ପୂଜାପାର୍ବଣ କାମ କରିଥାନ୍ତି । ଏହି ଚାରି ପୁରୋହିତ ହେଲେ ଆଳିପିଙ୍ଗଳ ନନ୍ଦଉପନନ୍ଦ, ରଘୁଆ ଗୋରଡ଼ା ଆଚାର୍ଯ୍ୟ, ପୁବାଗର ମିଶ୍ର, କଣ୍ଟାପଡ଼ା ଶାସନ ମିଶ୍ର । ଦଶହରା ପର୍ବ ହେଉଛି ଏ ବଂଶର ଆଭିଜାତ୍ୟ ଓ ପ୍ରାଚୀନ ପରମ୍ପରାର ସ୍ମାରକୀ । ଦଶହରା ଦେବୀପୂଜା ବହୁ ଆଡ଼ମ୍ବରରେ ବହୁ ଜାକଜମକରେ ଏଠାରେ ପାଳିତ ହୁଏ । ପାରମ୍ପରିକ ରୀତି, ନାନା ବିଧିବିଧାନ, ନାନା ଉପଚାର ମଧ୍ୟରେ ଦେବୀପୂଜା ଚାରିଦିନ ଭିତରେ ସମାହିତ ହୁଏ । ଭୋଜିଭାତ, ଗଲା ଆଇଲା, ପ୍ରଜାପାଟକ, କୁଣିଆମଇତ୍ରଙ୍କ ସମାଗମରେ ଚାରିଦିନକାଳବ୍ୟାପୀ ଲାଗିରହେ ଆନନ୍ଦ ଉତ୍ସବ । ଦଶହରା ଦିନ ଦଶହରା ପଡ଼ିଆରେ ଖଣ୍ଡାଖେଳ ହୁଏ । ରାୟ ପୀତାମ୍ବର ମହାପାତ୍ର ବାଜା ରୋଶଣିରେ ବିଜେ ହୁଅନ୍ତି । ଆଖପାଖ ପଚିଶଖଣ୍ଡ ମଉଜାର କ୍ଷତ୍ରିୟମାନେ ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରନ୍ତି । ଆନନ୍ଦଉଲ୍ଲାସରେ ଦଶଦିଗ କମ୍ପୁଥାଏ ।

Digitized by srujanika@gmail.com

ଗାଁ ମୁଣ୍ଡକୁ କେଉଁକାଳରୁ ନିର୍ମିତ ପୁରୁଣା ଆଖଡ଼ା ଘରଟି ପୋକଶୁଙ୍ଘା, ଭୁତିଆରୀ, କଣ୍ଟାଝଣ୍ଟା ଅରମା ଭିତରେ ଉଜୁଡ଼ା ଇତିହାସ ପରି ମୁହଁ ଲୁଚେଇ ପଡ଼ିଛି । ଲମ୍ବା ସାଆଲା ଧାଉଡ଼ିଏ ଘର, ମଲାହାତୀର ସକଳ ଲୁଣ୍ଠିତ ଐଶ୍ୱର୍ଯ୍ୟକୁ କାନ୍ଧରେ ବୋହିଲା ପରି, ଆଜି କେବଳ ଏକ ପରିତ୍ୟକ୍ତ ମାଟିଗଦା ହୋଇ ପଡ଼ିରହିଛି । ଏଇ ଆଖଡ଼ାଘରେ କ୍ଷତ୍ରୀୟବୀର ଗାଁ ଭେଣ୍ଡିଆମାନଙ୍କର କଠୋର ଶରୀର ସାଧନା ଚାଲିଥିଲା । ମଲ୍ଲଯୁଦ୍ଧ, ଖଣ୍ଡାଖେଳ, କୁସ୍ତି-କସରତ, ବ୍ୟାୟାମ ଇତ୍ୟାଦି ଶିକ୍ଷାଦେବାପାଇଁ ଜଣେ ଓସ୍ତାଦ ରହୁଥିଲେ । ଅନେକ ସମୟରେ ମୁଗୁନିପଥର ପରି ନିଦା ଚଉକତିଆ ମଲ୍ଲଯୋଦ୍ଧାମାନଙ୍କର ରଣହୁଂକାରରେ ଗାଁର ଆଖପାଖ କମ୍ପିଉଠେ । ଜଣେ ଅନ୍ୟ ଜଣକୁ ଭୂତଳଶାୟୀ କଲାବେଳେ ଦେଖଣାହାରିଙ୍କ ଭିତରେ ଉତ୍ତେଜନା ଖେଳିଯାଏ । ବେଳେବେଳେ ଭୂତଳଶାୟୀ ମଲ୍ଲଯୋଦ୍ଧାଟି ବୀରବିକ୍ରମରେ ନିଜକୁ ଏପରି ଶକ୍ତିମୟ କରେ ଯେ ଉପରେ ବସିଥିବା ଯୋଦ୍ଧାଟି ଛିଙ୍ଗାଡ଼ିହୋଇ ଦାନ୍ତକାମୁଡ଼ି ଓଲଟିପଡ଼େ ମାଟିରେ । କେତେବେଳେ ପରସ୍ପରର ପ୍ରତିଦ୍ୱନ୍ଦୀ ହୋଇ ମଲ୍ଲଯୁଦ୍ଧରେ ମରଣଭୟ ସୃଷ୍ଟି କରୁଥିବା ଦୁଇ ଯୋଦ୍ଧା ପୁଣି ଝାଡ଼ିଝୁଡ଼ି ହୋଇ, ପାହୁଲ ପକେଇ, ପହିଜ ଦେଖାଇ ପରସ୍ପରର ପ୍ରତିସ୍ପର୍ଦ୍ଧୀ ହୁଅନ୍ତି । ସେମାନଙ୍କର ଏ ବୀରତ୍ୱର ଅପୂର୍ବ ଠାଣି ଦେଖଣାହାରିଙ୍କୁ ମୁଗ୍ଧଚକିତ କରେ । ସକାଳେ ସଞ୍ଜେ କ୍ଷତ୍ରିୟବୀରମାନେ ଦଣ୍ଡବୈଠକ ମାରି, ନାନାପ୍ରକାର ବ୍ୟାୟାମ, କୁସ୍ତିକସରତ କରି ନିଜର ପେଣ୍ଡା, ବାହୁ ଓ ଛାତିର ମାଂସପେଶୀକୁ ପଥରପରି ଟାଣ କରନ୍ତି । ଇଏ ଥିଲା ସେମାନଙ୍କ ଜୀବନଧାରାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ପରମ୍ପରା ଭାବରେ ବଂଶାନୁକ୍ରମେ ଗଡ଼ି ଆସୁଥିଲା ଏ ଧାରା । ଅନ୍ତରାଳରେ ଥିଲା ପୌରୁଷଦୀପ୍ତ ସ୍ୱାଭିମାନର ପ୍ରଚଣ୍ଡ ଔଜ୍ଜଲ୍ୟ, ମହାକାଳକୁ ଯାହା କରୁଥିଲା ଭାସ୍ୱର ।

ଦଶହରା ପରି ଗହ୍ମାପୂର୍ଣ୍ଣମୀ ମଧ ରାୟ ପରିବାରର ଆଉ ଏକ ମର୍ଯ୍ୟାଦାବନ୍ତ ପରମ୍ପରାର ପ୍ରତୀକ ରୂପେ ପାଳିତ ହୋଇଥାଏ । ଆଖପାଖ ଅଞ୍ଚଳରେ ଅଷ୍ଟଶମ୍ଭୁ (ଅଭୟମୁଖୀ ଉତ୍ତରେଶ୍ୱର, ପଦ୍ମପୁର ବଟେଶ୍ୱର, ଆଲୋଇ ସୋମନାଥ, ଦେଉଳୀ ବୁଦ୍ଧକେଶ୍ୱର, ସୁମୁଦୀ ବେଲେଶ୍ୱର, ରଘୁଆ ଗୋରଡ଼ା ଈଶାନେଶ୍ୱର, ପଚ୍ଛିଖଣ୍ଡ ଯୋଗେଶ୍ୱର, ବଦଲା ନୀଳକଣ୍ଠେଶ୍ୱର)ଙ୍କ ନିକଟରୁ ପଇତା ଓ ନଡ଼ିଆ ଆସେ ରାୟ ପରିବାର ପାଇଁ ।

କିମ୍ବଦନ୍ତୀ କହେ, ଭଅଁରାଗଡ଼ବାସୀ ପ୍ରଥମେ 'ଚୁ-ସିଂହ'ରେ ବାସ କରୁଥିଲେ । 'ଚୁ-ସିଂହ' ଶବ୍ଦର ଅର୍ଥ ଲୌକିକ ପ୍ରଚଳନ ଅନୁସାରେ ବୁଝାଯାଉଥିଲା 'କ୍ଷତ୍ରିୟମାନଙ୍କର ସିଂହ' । ସେମାନେ ପରବର୍ତ୍ତୀ କାଳରେ ପଚିଶଖଣ୍ଡରେ,ତା' ପରେ ପୂର୍ବଗଡ଼ (ଆଧୁନିକ ନାମ ପୂବାଗର) ଓ ସବାଶେଷରେ ରହିଲେ ଭଅଁରାଗଡ଼ରେ । ଶେଷ ପର୍ଯ୍ୟାୟରେ ଭଅଁରାଗଡ଼ ଜଙ୍ଗଲକୁ ପାରିଧିକୁ ଆସିଥିଲାବେଳେ ସାମନ୍ତ ଦେଖିଲେ, ଛଞ୍ଚାଣକୁ ବଗ

Digitized by srujanika@gmail.com

ମାଡ଼ିବସିଛି । ତେଣୁ ସେ ଭାବିଲେ, ଏହା ହେଉଛି ବୀରମାଟି । ସେଇଦିନୁ ସାମନ୍ତମାନେ ଭଅଁରାଗଡ଼କୁ ନିଜର ଅଭୟ ବାସସ୍ଥଳରୂପେ ବାଛିନେଲେ । ହେଲେ ସେମାନଙ୍କ ମୂଳ ବାସସ୍ଥାନ ଥିଲା 'ତୁ-ସିଂହ' । ପରେ ଏହା 'ତୁସିଂହ'ରୁ 'ଟୁସିଂହ' ରୂପେ ପରିବର୍ତ୍ତିତ ନାମଧାରଣ କରିଛି । ଟୁସିଂହ ସହିତ ଆଜି ସୁଦ୍ଧା ରାୟ ପରିବାରର ନିବିଡ଼ ଆତ୍ମିକ ସମ୍ପର୍କ ରହିଛି ।

ରାୟପରିବାର ମୁଖ୍ୟତଃ ସାମନ୍ତ ପରିବାର ଭାବରେ ଜଣାଶୁଣା । ଟୁସିଂହରେ ଥିଲାବେଳେ ବୁଢ଼ାସାଆନ୍ତ ପ୍ରତ୍ୟହ ଡେଣୁଅ ପିଙ୍ଗଳାକ୍ଷୀ ଠାକୁରାଣୀଙ୍କୁ ଦର୍ଶନ କରିବାକୁ ଆସୁଥିଲେ । ବୁଢ଼ାସାଆନ୍ତ ତାଙ୍କ ବାର୍ଦ୍ଧକ୍ୟରେ ଦେବୀଙ୍କ ଦର୍ଶନ ପାଇଁ ଆସିବାକୁ ଅସମର୍ଥ ହେଲେ । ଠାକୁରାଣୀ ସ୍ୱପ୍ନାଦେଶ କଲେ, 'ତୁ ଗାଁ ମୁଣ୍ଡରେ ମୋର ପ୍ରତିମୂର୍ତ୍ତି ସ୍ଥାପନ କରି ମୋତେ ଦର୍ଶନ କରିବୁ ।' ସାଆନ୍ତଙ୍କ ଅଭିଳାଷ ପୂରଣ ହେଲା । ଦେବୀଙ୍କ ସ୍ଥାପନା ହେଲା । ସେଇଦିନଠୁ ଦେବୀ ପିଙ୍ଗଳାକ୍ଷୀ ଗ୍ରାମଦେବତୀ ରୂପେ ପୂଜା ପାଇଲେ । ଏବେବି ଟୁସିଂହ ଗ୍ରାମଦେବତୀ ପିଙ୍ଗଳାକ୍ଷୀଙ୍କ ପାଖରେ ବଳି ପଡ଼ିଥିବା 'ଫରିଆ ପ୍ରସାଦ' ରାୟ ପରିବାରକୁ ଭେଟି ରୂପେ ଆସେ ।

କର୍ପୂର ଉଡ଼ିଗଲାଣି, ତଥାପି କନା ପଡ଼ିଛି, ତାହା ଆଜି ବି ମହମହ ହୋଇ ବାସୁଛି । ସ୍ୱାଧୀନତା ପରେ ସାମାଜିକ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଯୋଗୁଁ ନାନା ପାରମ୍ପରିକ ଚଳଣି ଓଲଟପାଲଟ ହୋଇଯାଇଛି । ତଥାପି ଲୋକଙ୍କ ଭାବାବେଗ ଭିତରେ ରାୟପରିବାର ପ୍ରତି ଯେଉଁ ସମ୍ମାନବୋଧ ଓ ଶ୍ରଦ୍ଧା ଥିଲା, ତାହା ଏବେବି ଅକ୍ଷୁଣ୍ଣ ରହିଛି । ଏକଦା ଏହି ପରିବାର ଆଖପାଖ ପଚିଶଖଣ୍ଡ ମୌଜାର ସାମନ୍ତ ଥିଲେ । ପୁରୀ ଗଜପତି ରାଜାଙ୍କ ଅଧୀନରେ ଏମାନେ ସାମନ୍ତ ରାଜା ଭାବରେ ସ୍ୱୀକୃତି ଲାଭ କରିଥିଲେ । ଏହି ସାମନ୍ତଙ୍କର ଛତିଶପାଟକ ସେବାୟତ ନିଯୋଗ ଥିଲା । ଏହାଛଡ଼ା ରାୟ ପରିବାରର କର୍ତ୍ତୃତ୍ୱ ମଧ୍ୟରେ 'ଓଡ଼ପାଇକସେନା' ସଙ୍ଗଠିତ ଥିଲେ । ସେମାନେ ମୁଖ୍ୟତଃ ରାଜାଙ୍କର ରାଜ୍ୟରକ୍ଷା ଦାୟିତ୍ୱ ବହନ କରିଥିଲେ । ଜୀବନପଣ କରି ମାତୃଭୂମିକୁ ଶତ୍ରୁକବଳରୁ ରକ୍ଷା କରିବା, ଦିଗ୍‌ବିଜୟ ପାଇଁ ଯୁଦ୍ଧ କରିବା ଥିଲା ଏମାନଙ୍କର ମୁଖ୍ୟ କାର୍ଯ୍ୟ । ସେଥିପାଇଁ ପ୍ରାୟ ପ୍ରତ୍ୟେକ ଗାଁ ଆଖଡ଼ା ଘରେ ଶିକ୍ଷା ଦିଆଯାଉଥିଲା । ଖଣ୍ଡାଖେଳ, ଫରିଖେଳ, ମଲ୍ଲଯୁଦ୍ଧ ପ୍ରଭୃତି ନାନା ଯୁଦ୍ଧକୌଶଳ । ଏହି ପଚିଶଖଣ୍ଡ ମୌଜାର ପ୍ରାୟ ଅଧିକାଂଶ ଗାଁରେ ଆଖଡ଼ାଘର ଥିଲା । ଏହି ଆଖଡ଼ାଘର ଥିଲା ଓଡ଼ପାଇକମାନଙ୍କ ଜୀବନ-ପ୍ରବୃତ୍ତିର ମୁଖ୍ୟ ପ୍ରାଣକେନ୍ଦ୍ର । ଏମାନେ ସାହସୀ ଓ ବୀର ଥିଲେ । ମୃତ୍ୟୁକୁ ଏମାନେ ଆଦୌ ଭୟ କରୁ ନ ଥିଲେ । ଯୁଦ୍ଧକ୍ଷେତ୍ରରେ ପ୍ରାଣବଳି ଦେବାକୁ କ୍ଷତ୍ରିୟ ଧର୍ମର ସର୍ବଶ୍ରେଷ୍ଠ ଗୌରବ ମଣୁଥିଲେ ଏମାନେ । ମା' ଓ ମାତୃଭୂମିକୁ ସେମାନେ ପ୍ରାଣାଧିକ ଭକ୍ତି କରୁଥିଲେ ଓ ଭଲ ପାଉଥିଲେ । ଏହି ପାଇକବୀରମାନେ ଇଂରେଜଶାସନକୁ କିପରି ତ୍ରସ୍ତ କରି

Digitized by srujanika@gmail.com

ରଖିଥିଲେ, ତାହା ଇତିହାସର ସ୍ୱର୍ଣ୍ଣାଭ ପୃଷ୍ଠା ମଣ୍ଡନ କରିଛି । ପରେ ବ୍ରିଟିଶ ଶାସକଙ୍କର କୂଟଚକ୍ରାନ୍ତ ଫଳରେ ସୂର୍ଯ୍ୟାସ୍ତ ଆଇନବଳରେ ପାଇକମାନଙ୍କର ତଥା ବହୁ ଜମିଦାରଙ୍କର ଜମିଦାରୀ, ଜାଗିରିଦାରୀ, ସମ୍ପତ୍ତି ଉଚ୍ଛେଦ ଫଳରେ କେବଳ ଓଡ଼ିଶାର ଅର୍ଥନୈତିକ ମେରୁଦଣ୍ଡ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ନାହିଁ, ଓଡ଼ିଆପାଇକ ତାର ପୂର୍ବର ସେ ପ୍ରଚଣ୍ଡ ଆତ୍ମବିଶ୍ୱାସ ହରାଇ ବସିଲା ।

ଭଅଁରାଗଡ଼ ରାୟପରିବାରର ବଡ଼ପୁଅ ପାରମ୍ପରିକ ରୀତି ଅନୁଯାୟୀ ଅଭିଷେକ ହୋଇ ମର୍ଯ୍ୟାଦାବନ୍ତ କୌଳିକ 'ଖଣ୍ଡାୟତ-ରାୟ-ପୀତାମ୍ବର-ମହାପାତ୍ର' ଉପାଧି ଲାଭ କରିଥାନ୍ତି ଏବଂ ଅନ୍ୟ ପୁଅମାନେ ପାରିବାରିକ 'ରାୟ' ସଂଜ୍ଞା ଲାଭ କରିଥାନ୍ତି । ପାଞ୍ଚଟି ଅଞ୍ଚଳରୁ ପାଞ୍ଚଜଣ ପୁରୋହିତ-ପରିବାରର କୁଳପୁରୋହିତମାନେ ଆସି ରାଜାମାନଙ୍କର ଅଭିଷେକ ପରି ସାମନ୍ତଙ୍କୁ ଅଭିଷେକ କରିଥାନ୍ତି । ଏଥିପାଇଁ ସ୍ୱତନ୍ତ୍ର ଉତ୍ସବ ପାଳିତ ହୋଇଥାଏ । ପ୍ରଜାପାଟକ ସମସ୍ତେ ଭୋଜିଭାତରେ ଆପ୍ୟାୟିତ ହୁଅନ୍ତି । ପୁରୋହିତମାନେ ମନ୍ତ୍ରପାଠ, ପୂଜାବିଧି, ରୀତିନୀତି, ବିଧିବିଧାନ ପରେ ସାମନ୍ତଙ୍କ ମୁଣ୍ଡରେ ପବିତ୍ର ନଦୀଜଳ ଢାଳନ୍ତି । ତା ପରେ ତାଙ୍କ ମୁଣ୍ଡରେ ଶାଢ଼ି ବାନ୍ଧି ସାମନ୍ତ ପଦବୀରେ ଅଭିଷିକ୍ତ କରନ୍ତି । ତା ପରଠାରୁ ସେ ସାମନ୍ତ ପଦବୀର ସମସ୍ତ ଦାୟିତ୍ୱ ନିର୍ବାହ କରନ୍ତି - ଅଧିକାର ଓ ମର୍ଯ୍ୟାଦା ଭୋଗ କରନ୍ତି ।

ଏହି ବିଧି ପରମ୍ପରାକ୍ରମେ ଗଡ଼ି ଆସୁଥିଲା । ପଚିଶଖଣ୍ଡ ମୌଜାର ପାଇକ ଓ ଅନ୍ୟାନ୍ୟ ପ୍ରଜାପାଟକ ଏହି ବ୍ୟବସ୍ଥାକୁ ସ୍ୱୀକାର କରୁଥିଲେ । ଏଥିପ୍ରତି ପୁରୀ ଗଜପତି ରାଜାଙ୍କର ଅନୁମୋଦନ ଲୋଡ଼ା ହେଉଥିଲା । ରାୟପରିବାର ବ୍ୟତୀତ ଅନ୍ୟ ସମସ୍ତଙ୍କର ସଂଜ୍ଞା ଥିଲା ପାତ୍ର ।

ରାୟ ପରିବାର ପ୍ରତି ଆନୁଗତ୍ୟସ୍ୱରୂପ ଆଜି ବି କୋଡ଼ିଏଖଣ୍ଡ ମୌଜାରୁ ଦୋଳ ଆସନ୍ତି ଅଭୟମୁଖୀ ମେଳନ ଟୋଟାକୁ । ଦୋଳପୂର୍ଣ୍ଣମୀ ଦିନ ଏହି ମେଳନ ବସେ । ଭଅଁରାଗଡ଼ ସାମନ୍ତଙ୍କ ଅଧୀନରେ ଏହି ମେଳନକୁ 'ଖଣ୍ଡାୟତ ମେଳନ' କୁହାଯାଇଥାଏ । ବିଧି ଅନୁଯାୟୀ ମେଳନଦିନ ଦୋକାନମାନଙ୍କରୁ ତୋଳା ଆଦାୟ କରାଯାଇ ଭଅଁରାଗଡ଼ ରାୟ ପରିବାରକୁ ଯାଇଥାଏ । ଦୋଳପୂର୍ଣ୍ଣମୀ ଦିନ ଅଭୟମୁଖୀ ବ୍ରାହ୍ମଣମାନେ ମଧୁକେଶ୍ୱର ପୀଠ ଦୋଳବେଦିରେ ସାମନ୍ତଙ୍କ ମୁଣ୍ଡରେ ଶାଢ଼ି ବାନ୍ଧନ୍ତି । ରାଜପରିବାରରେ ଯେପରି ଅଭିଷେକ ବିଧି ପ୍ରଚଳିତ ସେପରି ରାୟ ପରିବାରର ମୁଖ୍ୟ ସାମନ୍ତଙ୍କ ମହାପ୍ରୟାଣ ହେଲେ ବଡ଼ପୁଅ ସାମନ୍ତ ପଦବୀ ଲାଭ କରନ୍ତି ।

ସାଆନ୍ତଙ୍କ ଘରେ ବର୍ଷକ ବାରମାସର ସବୁ ପର୍ବ ଗାଁବାଲା ମିଶି ପୂଜାବିଧି ମୁତାବକ ପାଳନ କରିଥାନ୍ତି । ଆଜି ବି କାହାଘରେ ସତ୍ୟନାରାୟଣ ପୂଜାଟିଏ କରାଗଲେ

Digitized by srujanika@gmail.com

ସର୍ବପ୍ରଥମେ ମୁକାମ ଆସିବ ସାଆନ୍ତଙ୍କ ଘରକୁ । କାହାଘରେ ବାହାପୁଆଣି ନିମତା ହେଲେ, ସାଆନ୍ତ ଶାଢ଼ି ଆଗ ଆସିବ ପ୍ରଥମ ନିମନ୍ତ୍ରଣସ୍ୱରୂପ ।

ପରିବାରର ଇଷ୍ଟ ଦେବତା ନୃସିଂହନାଥ । ଏଣୁ ବ୍ୟଞ୍ଜନ ଦଶମୀ, ନୃସିଂହ ଜନ୍ମ ଓ ଦଶହରା - ବର୍ଷରେ ଏହି ତିନିଟିଯାକ ଉତ୍ସବରେ ସାଆନ୍ତ ପରିବାର ଗ୍ରାମବାସୀ ଓ ପ୍ରଜାପାଟକ ସମସ୍ତଙ୍କୁ ନିମନ୍ତ୍ରଣ କରି ଭୋଜି ଦେଇଥାନ୍ତି ।

ସାଆନ୍ତଙ୍କ ଗଡ଼ଟିରେ ମୁଖ୍ୟତଃ ଦୁଇଟି ଖଞ୍ଜା ଥିଲା । ପ୍ରଥମଟିର ନାମ ଥିଲା 'ପାଟଅଗଣା' ଓ ଦ୍ୱିତୀୟଟିର ନାମ 'ଭିତରଗଡ଼' । ପ୍ରଥମ ଖଞ୍ଜା ପାଟଅଗଣାରେ ସାଆନ୍ତଙ୍କ କଚେରି ବସେ । ପଚିଶଖଣ୍ଡ ମୌଜାର ହାନିଲାଭ, ଭଲମନ୍ଦ, ହାରିଗୁହାରି ସବୁ ସେଇଠି ବିଚାର ହୁଏ । ଭିତରଗଡ଼ରେ କେବଳ ସ୍ତ୍ରୀଲୋକମାନେ ରହନ୍ତି । ସେଠି ବାହାରଲୋକମାନଙ୍କ ପ୍ରବେଶ ନିଷେଧ । ଗଡ଼ର ଲୋକମାନେ ବେଶ୍ ଅୟସରେ ଦିନ ବିତଉଥିଲେ ବି ସ୍ୱଭାବତଃ ସେମାନେ ଥିଲେ ଧର୍ମପରାୟଣ । ମାର୍ଜିତ ଚଳଣି ଓ ସଂସ୍କାର ସାଆନ୍ତ ପରିବାରକୁ ଅନ୍ୟମାନଙ୍କ ଭିତରେ ସ୍ୱତନ୍ତ୍ର ବିବେଚିତ କରୁଥିଲା । ଏ ଦୁଇଟି ଖଞ୍ଜା ବ୍ୟତୀତ ସାଆନ୍ତଙ୍କର ଥିଲା ଘୋଡ଼ାଘର, ଅମାରଘର, ରୋଷେଇଘର, କୋଳଥଘର, ଗୁହାଳଘର, ଖମାରଘର ପ୍ରଭୃତି ଭିନ୍ନ ଭିନ୍ନ ଖଞ୍ଜା । ଆଗେ ଏ ଘୋଡ଼ାଘରେ ତାଲିମପ୍ରାପ୍ତ ଘୋଡ଼ାମାନେ ରହୁଥିଲେ । ଯୁଦ୍ଧ ସମୟରେ ଏମାନେ ଘୋଡ଼ାରେ ବସି ଯୁଦ୍ଧ କରିବାକୁ ଯାଉଥିବାରୁ ଶହ ଶହ ବର୍ଷଧରି ଏମାନେ ଘୋଡ଼ା ପାଳିବାର ବ୍ୟବସ୍ଥା କରିଥିଲେ । ପରିବାରର ଇଷ୍ଟଦେବ ନୃସିଂହନାଥଙ୍କ ନାଁରେ ସମସ୍ତ ସମ୍ପତ୍ତିକୁ ଏମାନେ ଭୋଗ କରି ଆସୁଥିଲେ କାଳ କାଳ ଧରି । ତେଣୁ ସକଳ ଐଶ୍ୱର୍ଯ୍ୟରେ ଭରପୂର ଥାଇ ସୁଦ୍ଧା ସେମାନେ ନିଜକୁ ନୃସିଂହନାଥଙ୍କର ସେବକ ବୋଲି ମଣୁଥିଲେ । ସେଥିପାଇଁ ରାୟ ପରିବାରର ଅହଂକାର ନ ଥିଲା । ସ୍ୱଭାବତଃ ଏମାନେ ଭଦ୍ର, ଶାନ୍ତ ଓ ସୁଶୀଳ ଥିଲେ । ପ୍ରଜାପୀଡ଼ନ ଏମାନଙ୍କ ସ୍ୱଭାବବିରୁଦ୍ଧ ଥିଲା, ଥିଲା ମଧ୍ୟ ପରମ୍ପରାବିରୋଧୀ । କିନ୍ତୁ କୌଣସି ଲୋକ ଅନ୍ୟାୟ ଅନୀତି ଆଚରଣ କରୁଥିଲେ ଏମାନେ ତାକୁ କଠୋର ଦଣ୍ଡ ଦେଉଥିଲେ ।

ଘୋଡ଼ାରେ ବସି ଏମାନେ ପାରିଧିରେ ଯାଉଥିଲେ । ଲୋକଙ୍କ ଭଲମନ୍ଦ ବୁଝୁଥିଲେ । ବହୁକାଳ ପର୍ଯ୍ୟନ୍ତ ଏସବୁ ବ୍ୟବସ୍ଥା ପ୍ରଚଳିତ ଥିଲା । ଇଂରେଜ ଶାସନକାଳରେ ଅନ୍ୟ ରାଜା ଓ ସାମନ୍ତଙ୍କ ପରି ୟାଙ୍କର ମଧ୍ୟ ଐଶ୍ୱର୍ଯ୍ୟ, ବିଭବ ଓ କ୍ଷମତାର ଅବକ୍ଷୟ ଆରମ୍ଭ ହୋଇ ଧୀରେ ଧୀରେ ନିଃଶେଷ ହୋଇଗଲା । ଏସବୁ ଆଜି ସ୍ମୃତିତୀର୍ଥରେ ପରିଣତ ହୋଇଛି କେବଳ । ଊନବିଂଶ ଶତାବ୍ଦୀରୁ ବ୍ରିଟିଶରାଜ ଆରମ୍ଭ ହେଲା ପରେ ପରେ ରାଜନୀତିକ ଦୃଶ୍ୟପଟରେ ଯେଉଁ ଘନ ଘନ ପରିବର୍ତ୍ତନ ଓ ଅସ୍ଥିରତା ଦେଖାଦେଲା, ତାହା ସମଗ୍ର ଭାରତବର୍ଷର ପ୍ରତିଷ୍ଠିତ ରାଜା ଓ ସାମନ୍ତ ପରିବାରର ଅସ୍ଥି ମଜ୍ଜାକୁ ଦୋହଲାଇ ଦେଲା । ସାମାଜିକ ବ୍ୟବସ୍ଥା ମଧ୍ୟ ବହୁଭାବରେ ବିପନ୍ନ ହେଲା । ଭଅଁରାଗଡ଼ର

Digitized by srujanika@gmail.com

ଅସ୍ତିତ୍ୱ ମଧ୍ୟ ଅନୁରୂପ ଦୁର୍ଭାଗ୍ୟର ଶିକାର ହେଲା । ପାରମ୍ପରିକ ରୀତିନୀତି, ବିଧିବିଧାନ, ଚଳଣିର ମୂଲ୍ୟବୋଧ କ୍ରମଶଃ ଭୁଶୁଡ଼ି ପଡୁଥିଲା । କେବଳ ସ୍ୱାଭିମାନର ଅଚଳାୟତନ ତଥାପି ମୁଣ୍ଡଟେକି ରହିଥିଲା, ନାନା ବାଧାବିଘ୍ନ ସତ୍ତ୍ୱେ ।

ଜନ୍ମ ଓ ବାଲ୍ୟଜୀବନ

ଖୋର୍ଦ୍ଧା ଜିଲ୍ଲାର ସେଇ ଭଅଁରାଗଡ଼ର ଅସ୍ତମିତ ସୌଭାଗ୍ୟ-ସୂର୍ଯ୍ୟ ପୁଣିଥରେ ନୂତନ ଭାଗ୍ୟୋଦୟର ସମ୍ଭାବନା ନେଇ ଉଦୟ ହେଲେ । ପିତା ଘନଶ୍ୟାମ ରାୟ ପୀତାମ୍ୱର ମହାପାତ୍ରଙ୍କ ତୃତୀୟ ପତ୍ନୀ ସୁନାମଣି ଦେବୀଙ୍କ କୋଳପୋଛା ପୁଅ ହୋଇ ରବି ରାୟ ଜନ୍ମ ହେଲେ ୧୯୨୬ ମସିହା ନଭେମ୍ବର ୨୬ ତାରିଖରେ । ଘନଶ୍ୟାମ ରାୟ ପୀତାମ୍ୱର ମହାପାତ୍ରଙ୍କର ଅନ୍ୟ ଚାରିଭାଇ ଥିଲେ ରାଧାଶ୍ୟାମ ରାୟ, କୁଳମଣି ରାୟ, ଯଦୁମଣି ରାୟ, କୃଷ୍ଣଚନ୍ଦ୍ର ରାୟ । ପାରମ୍ପରିକ ଯୌଥ ପରିବାରର ମୁଖ୍ୟ ଥିଲେ ଘନଶ୍ୟାମ ରାୟ ପୀତାମ୍ୱର ମହାପାତ୍ର । ପରିବାରର ସକଳ ହାନିଲାଭ, ସୁଖଦୁଃଖ, ଭଲମନ୍ଦର ସେ ଥିଲେ କର୍ଣ୍ଣଧାର । ତାଙ୍କର ତ୍ୟାଗ, ଆଦର୍ଶ, ସ୍ନେହ, ଶ୍ରଦ୍ଧା ଓ ମୁରବିପଣିଆର ଛତ୍ରଛାୟାତଳେ ପରିବାରର ସୁଖସମୃଦ୍ଧି ଅକ୍ଷତ ରହିଥିଲା । ପୂର୍ବପରି ବଜାୟ ରହିଥିଲା ପାରିବାରିକ ଖ୍ୟାତି ଓ ସମ୍ମାନ ।

ପରପିଢ଼ିରେ ଘନଶ୍ୟାମଙ୍କ ଦ୍ୱିତୀୟ ପତ୍ନୀଙ୍କର ଜ୍ୟେଷ୍ଠପୁତ୍ର ମର୍ଦ୍ଦରାଜ ରାୟ ପୀତାମ୍ୱର ମହାପାତ୍ର ସାଆନ୍ତ ପଦବୀ ଲାଭ କଲେ । କାରଣ ଘନଶ୍ୟାମଙ୍କ ପ୍ରଥମ ପତ୍ନୀ ନିଃସନ୍ତାନ ଥିଲେ । ମର୍ଦ୍ଦରାଜ ରାୟ ଦ୍ୱିତୀୟ ପତ୍ନୀଙ୍କର ସନ୍ତାନ ହେଲେ ବି ସୁନାମଣିଙ୍କ ସ୍ନେହ ଓ ବାତ୍ସଲ୍ୟର ଥିଲେ କେନ୍ଦ୍ରବିନ୍ଦୁ ।

ଘନଶ୍ୟାମଙ୍କ ପିତା ବୀରବର ରାୟ ପୀତାମ୍ୱର ମହାପାତ୍ରଙ୍କ ଅନ୍ତେ ମାତ୍ର ଅଠରବର୍ଷ ବୟସରେ ଘନଶ୍ୟାମ ଘରର ଦାୟିତ୍ୱ ବହନ କଲେ । କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ ଓ ସଫଳତାର ଅନ୍ତରାଳରେ ବିଦ୍ୟମାନ ଥିଲେ ଘନଶ୍ୟାମଙ୍କ ମା' । ପ୍ରଜାପାଟକ, ଜମିବାଡ଼ି, ସାଆନ୍ତଘରର ଥାନମାନ ସମ୍ଭାଳୁଥିଲେ ଘନଶ୍ୟାମଙ୍କ ମା' ଯାହାଙ୍କୁ ଆଦରରେ ସମସ୍ତେ ଡାକୁଥିଲେ 'ବୁଢ଼ୀବୋଉ' । ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ସମସ୍ତଙ୍କ ପାଇଁ ସେ ଥିଲେ ଶ୍ରଦ୍ଧା ଓ ମମତାର ସାକାର ଦେବୀମୂର୍ତ୍ତି । ଶାସନ ଯେପରି କଠୋର, ହୃଦୟ ସେମିତି କରୁଣାରେ ଲୁତୁପୁତୁ ଲହୁଣି ପରି । ଜେଜେମା ବୁଢ଼ୀବୋଉଙ୍କ ସ୍ମୃତିଚାରଣ କଲାବେଳେ ରବି ରାୟଙ୍କ ଆଖି ଛଳଛଳ ହୋଇଯାଏ । ସେଇ ମମତାମୟୀ ବୁଢ଼ୀବୋଉଙ୍କ ବିଚାରବୁଦ୍ଧି ଓ ପ୍ରେରଣାରେ ଘନଶ୍ୟାମ ଅଭିଜାତ ସାଆନ୍ତ ପରିବାରର ସବୁ ଥାଟମାଟ ସମ୍ଭାଳିବାକୁ ଆରମ୍ଭ କଲେ । ଧୀରେ ଧୀରେ ନିଜର ବ୍ୟକ୍ତିତ୍ୱ ଯୋଗୁଁ ସେ ଲୋକଙ୍କର ବେଶ୍ ଆପଣାର ହୋଇଗଲେ । ଲୋକେ ତାଙ୍କୁ ଶ୍ରଦ୍ଧା ଓ ଭକ୍ତିର ସହିତ ସାଆନ୍ତ

Digitized by srujanika@gmail.com

ମାନୁଥିଲେ । କ୍ରମଶଃ ସେ ବ୍ରିଟିଶ ଶାସନକାଳରେ 'ଜୁରୀ ମେମ୍ବର' ରୂପେ ଇଂରେଜ ସରକାରଙ୍କଦ୍ୱାରା ନିଯୁକ୍ତ ହୋଇ କିଛିକାଳ ଦାୟିତ୍ୱ ନିର୍ବାହ କରିଥିଲେ । ନିଜର ବୁଦ୍ଧି, ନିରପେକ୍ଷ ବିଚାର ଓ ସମଦୃଷ୍ଟି ଯୋଗୁଁ ସେ ସାଧାରଣରେ ବେଶ ଆଦୃତ ହୋଇ ପାରିଥିଲେ । ସାନକକା କୃଷ୍ଣଚନ୍ଦ୍ର ରାୟ ଥିଲେ ବଡ଼ଭାଇଙ୍କର ବଡ଼ ଅନୁରାଗୀ । ସତ୍ୟବାଦୀ ବନବିଦ୍ୟାଳୟରୁ ମାଟ୍ରିକ ପାସ୍ କରି, କଲିକତାର ପ୍ରେସିଡେନ୍ସି କଲେଜରେ ଅଧ୍ୟୟନ କରି ସେ ଏଫ୍.ଏ. ପାସ୍ କରିଥିଲେ । ସେ ହିଁ ଥିଲେ ବାସ୍ତବରେ ଉତ୍ତର ପିଢ଼ିର ଆଦର୍ଶ । ସେ ଅଞ୍ଚଳର ପ୍ରଥମ ଏଫ୍.ଏ. । ପରେ ସେ ସ୍ୱାଧୀନତା ସଂଗ୍ରାମରେ ନିଜକୁ ଉତ୍ସର୍ଗ କରିଥିଲେ ।

ବୁଢ଼ୀବୋଉଙ୍କ କଥା ପଡ଼ିଲେ ରବି ରାୟଙ୍କର ସ୍ମୃତିଚେତନା ଏକ ବିଚିତ୍ର ମଧୁର ଆବେଶରେ ଆଚ୍ଛନ୍ନ ହୋଇଯାଏ । ମନେହୁଏ, ସେଇ ଭଲପାଇବାର ଦୀପ୍ତି ଯେପରି ଆଜି ବି ଝଲସାଇ ଦେଉଛି ତାଙ୍କର ମୁଖମଣ୍ଡଳକୁ । ଅନିର୍ବଚନୀୟ ବିଭୋରତାରେ ସେ ଫେରିଯାଆନ୍ତି ସମୟର ସେଇ ମାଇଲଖୁଣ୍ଟ ପାଖକୁ, ସେଇଠି ଆଉ ଜଣକର ଛାୟାରୂପ ସ୍ମୃତିପଟରେ ଭାସିଉଠେ - ବୁଢ଼ୀବୋଉଙ୍କର ଅତ୍ୟନ୍ତ ବିଶ୍ୱସ୍ତ ଦାସୀ ପଦ୍ମା । ସେ ସମୟର ଚଳଣି ଅନୁସାରେ ସମ୍ଭ୍ରାନ୍ତ ପରିବାରର ଝିଅଟିଏ ବାହାହୋଇ ଆସିଲାବେଳେ ଶାଶୂଘରେ ଅନଭିଜ୍ଞା ଝିଅକୁ ଚଳେଇ ନେବାକୁ ସାଙ୍ଗରେ ଆସୁଥିଲେ ଦାସୀ ବା ପୋଇଲୀ । ଏହି ଦାସୀମାନଙ୍କର ସାଧାରଣତଃ କେହି ନ ଥାନ୍ତି । ନିଜର ମାଲିକଙ୍କୁ ସେବାକରି ସେମାନେ ସାରାଜୀବନ ବିତାଇ ଦିଅନ୍ତି । ସେ ସମୟରେ ଧନୀ ଜମିଦାର, ସାଆନ୍ତ ପରିବାରମାନଙ୍କରେ ଦାସୀପ୍ରଥାର ବେଶ୍ ପ୍ରଚଳନ ଥିଲା । ଏମାନେ ମାଲିକଙ୍କ ଘରକୁ ନିଜ ଘର ବୋଲି ଗ୍ରହଣ କରିନେଉଥିଲେ ଓ ତାଙ୍କ ସ୍ୱାର୍ଥରକ୍ଷା ପାଇଁ ଶେଷନିଃଶ୍ୱାସ ପର୍ଯ୍ୟନ୍ତ କାମ କରୁଥିଲେ ।

ରବି ରାୟଙ୍କ ଜେଜେମା ବୁଢ଼ୀବୋଉ ନିଜ ବିବାହ ସମୟରେ ଦାସୀ ପଦ୍ମାକୁ ଯୌତୁକ ସ୍ୱରୂପ ସାଙ୍ଗରେ ଆଣିଥିଲେ । ପଦ୍ମା ସାଆନ୍ତଙ୍କ ପରିବାରର ସୁଖ ଓ ସମୃଦ୍ଧି ପାଇଁ ସମଗ୍ରଜୀବନ ଉତ୍ସର୍ଗ କରିଥିଲା । ପିଲାମାନେ ସମସ୍ତେ ତାକୁ ଧାଇମା ବୋଲି ଡାକନ୍ତି । ତା ପାଖରେ ସବୁ ଅଳିଅର୍ଦ୍ଦଳି ନିଃସଙ୍କୋଚରେ ବାଢ଼ି ଦିଅନ୍ତି । ଘର, ବାହାର, ଗଲାଆଇଲା, ସବୁ ପ୍ରତି ପଦ୍ମାର ତୀକ୍ଷ୍ଣ ନଜର । ପଦ୍ମା ସେ ପରିବାରର ଜଣେ ହୋଇଯାଇଥାଏ । ଭଲମନ୍ଦ ସମୟରେ ପଦ୍ମାର ପରାମର୍ଶକୁ ମଧ୍ୟ ଗୁରୁତ୍ୱ ଦିଆ ଯାଉଥିଲା । ସେ ପରିବାରରେ ପଦ୍ମାର ଭୂମିକା ଆଦୌ ଗୌଣ ନ ଥିଲା । ବୁଢ଼ୀବୋଉଙ୍କର ସବୁକାମରେ ପଦ୍ମା ଛାଇ ପରି ରହିଥାଏ । କହିବାକୁ ଗଲେ, ଘର ସମ୍ଭାଳୁଥିଲା ପଦ୍ମା ।

ବୁଢ଼ୀବୋଉ ଘରର ମୁରବି ଥିଲେ ଓ ତାଙ୍କ ନିର୍ଦ୍ଦେଶରେ ସବୁ କାମ ହେଉଥିଲା । ଅନ୍ୟ ସମସ୍ତେ ତାଙ୍କ ସିଦ୍ଧାନ୍ତ ଓ ଉପଦେଶକୁ ସର୍ବାନ୍ତକରଣରେ ଗ୍ରହଣ କରି ନେଉଥିଲେ ।

Digitized by srujanika@gmail.com

ଉତ୍ତର-ଜୀବନରେ ବୁଢ଼ୀବୋଉ ନିଜ ପରିବାରରେ ନ ଖାଇ ଠାକୁରାଣୀଙ୍କ ପ୍ରସାଦସେବନ କରି ଦିନ ନିର୍ବାହ କରୁଥିଲେ । ସେ ଯେତିକି କର୍ମଠ ଥିଲେ, ସେତିକି ନ୍ୟାୟନିଷ୍ଠ ଥିଲେ । ଅନ୍ୟାୟ ଅନୀତି ଦେଖିଲେ ସେ ନିଆଁବାଣ ହୋଇଯାଉଥିଲେ । ତାଙ୍କର ନିଜ ଉପରେ ଗଭୀର ବିଶ୍ୱାସ ଥିଲା । ସେଇ ସ୍ନେହମୟୀ ନାରୀଟିର ହୃଦୟ ଯେପରି ମମତାରେ କୋମଳ ଥିଲା, ବିଶୃଙ୍ଖଳା ଦେଖିଲେ ସେମିତି କଠୋର ହୋଇ ଯାଉଥିଲା । ଭାଙ୍ଗିବେ ପଛକେ ନଇଁବେ ନାହିଁ - ଇଏ ଥିଲା ତାଙ୍କ ନାରୀତ୍ୱ । ତାଙ୍କ ବ୍ୟକ୍ତିସତ୍ତା ବର୍ଣ୍ଣାଢ଼୍ୟ ଓ ବହୁଧା ପ୍ରସାରିତ ଥିଲା । ସେଇ ଅନମନୀୟା ବୁଢ଼ୀବୋଉ ପ୍ରକାରାନ୍ତରେ ପରିବାରର ଛୋଟ ଛୋଟ ଶିଶୁମାନଙ୍କୁ ଜୀବନବିକାଶର ଅନ୍ତରାଳରେ ଅନ୍ତଃସ୍ରୋତା ଫଲ୍‌ଗୁ ପରି ପ୍ରେରଣାର ଉତ୍ସ ଥିଲେ । ଲୋକବାକ, ଚାକରବାକର, ଦାସୀ ପରିବାରୀ ଥିଲେ ବି ବୁଢ଼ୀବୋଉ ନିଜେ ପ୍ରତିଦିନ ଠାକୁରଘର ଲିପାପୋଛା କରନ୍ତି, ଠାକୁରବାସନ ମାଜନ୍ତି । ଠାକୁରଙ୍କ ସେବାପାଇଁ ନିଜକୁ ନିବେଦିତା ଭାବରେ ଉତ୍ସର୍ଗ କରିଥାନ୍ତି ସେ । ଆଦର୍ଶ, ଶୃଙ୍ଖଳା, ମମତା ଓ ତ୍ୟାଗର ଯେମିତି ସତେକି ସେ ମୂର୍ତ୍ତିମତୀ ବିଗ୍ରହ ଥିଲେ ।

ମାତ୍ର ଅଠରବର୍ଷ ବୟସରେ ପିତା ଘନଶ୍ୟାମଙ୍କ ଉପରେ ଘରସମ୍ଭାଳିବାର ଦାୟିତ୍ୱ ପଡ଼ିଥିଲା । ରବି ଓ କଇ ଥିଲେ ସବୁ ପିଲାଙ୍କ ଭିତରେ ଘନଶ୍ୟାମଙ୍କର ଅତି ପ୍ରିୟ । ରବି କୋଳପୋଛା ପୁଅ, କଇ ପୁଅକଢ଼େଇ ଝିଅ । ଏ ଦୁହେଁ ସବୁଦିନେ ବାପାଙ୍କ ସାଙ୍ଗରେ ବସି ଖାଆନ୍ତି । ବୁଢ଼ୀବୋଉ ଆକଟ କରି କହନ୍ତି, 'ଆରେ ଘନ, ସେ ଝିଅଟାକୁ କାଇଁକି ଏତେ ମୁହଁ ଦଉଚୁ ! ପରଘରକୁ ଯାଇ କ'ଣ କରିବ, କିଛି ତ ସଣ୍ଢଣା ଶିଖିଲା ନାହିଁ ! ପରଘରେ ନାଁ ପକେଇବ ।' ଘନଶ୍ୟାମ ହସି ହସି କହନ୍ତି, 'କଇ ପରା ମୋର ପୁଅକଢ଼େଇ ଝିଅ । ତା'ର ଅଧିକା ଆଉ ଗୋଟେ ଭାଗ ମୋ ସ୍ନେହର । ଦେଖିବୁ ବୋଉ, ମୋ ଝିଅ କେବେ ଏ ପରିବାରର ମୁଣ୍ଡ ତଳକୁ କରିବନି ।' ବୁଢ଼ୀବୋଉ ଚୁପ୍ ହୋଇଯାଆନ୍ତି ।

ପରିବାରର ପରିବେଶ ଅନନ୍ୟ ସାଧାରଣ । ଜଣାପଡ଼େନି, କିଏ କୋଉ ମା'ର ପିଲା, କାହାର ଝୁଅ କିଏ - କାହାର ବାପା କିଏ, ମାମୁ କିଏ । ରବି ରାୟଙ୍କ ବୋଉଙ୍କର ନାଁ ଟିକେଇବୋଉ । ଏଇ ନାଁରେ ସେ ସମସ୍ତଙ୍କ ପାଖରେ ଜଣାଶୁଣା । ଟିକି ତାଙ୍କ ନିଜର ଜନ୍ମିତ ସନ୍ତାନ ନ ଥିଲା । ମାତ୍ର ଘନଶ୍ୟାମଙ୍କର ପ୍ରଥମ କନ୍ୟା ଟିକି ପରିବାରର ବଡ଼ଝିଅ ହୋଇଥିବାରୁ ସୁନାମଣିଙ୍କୁ ସମସ୍ତେ 'ଟିକେଇବୋଉ' ବୋଲି ଡାକୁଥିଲେ । ସେହିପରି ଝିଙ୍କିରିଆର ସୁନାମଣିଙ୍କ ବାପା ଗଦେଇ ଛୋଟରାୟ ଥିଲେ ସମସ୍ତଙ୍କର ଅଜା - ସମସ୍ତଙ୍କର ମାମୁଘର । ସବୁ ନାତିନାତୁଣୀଙ୍କ ନାଁରେ ଗଦେଇଅଜା ନଡ଼ିଆଗଛ ପକେଇଥିଲେ । ସବୁ ନାତିନାତୁଣୀଙ୍କୁ ସେ ସମାନ ଆଖିରେ ଦେଖୁଥିଲେ । ପର-ଅପର ବୋଲି କିଛି ନ ଥିଲା । ସ୍ନେହମୟ ପରିବେଶରେ ବଢ଼ିଥିଲେ ରବି ରାୟ । ମମତାର ଅତୁଟ ଅଭେଦ୍ୟ ବଳୟଟିଏ

Digitized by srujanika@gmail.com

ଘେରି ରହିଥିଲା ରାୟ ପରିବାରକୁ । ଆଜି ଯେତେବେଳେ ଉତ୍ତୀର୍ଣ୍ଣ ବୟସରେ ରବି ରାୟ ତାଙ୍କ ବାଲ୍ୟସ୍ମୃତି ରୋମନ୍ଥନ କରନ୍ତି, ଭାବବିଭୋର ହୋଇଯାଇ କହନ୍ତି - ''ପୃଥିବୀ ବୁଲିଆସିଛି । ହେଲେ, ଏଭଳି ସମ୍ପର୍କ ଆଉ କେଉଁଠି ଦେଖିନି । ସାବତ ମା'ର ଚିହ୍ନବର୍ଣ୍ଣ ନାହିଁ । ପୁଅଝିଅ ମଧ୍ୟରେ ଫରକ ନାହିଁ । ମୋର-ତୋର ନାହିଁ । ମୋ ବୋଉର ଶୋଇବାଘରେ ସବୁ ଛୁଆ । ପୁଅ-ପୁତୁରା, ଝିଅ-ଝିଆରୀର ଭେଦ ନାହିଁ । ସମସ୍ତେ ତା କୋଳର, ସମସ୍ତେ ଆପଣାର । ସେ ଯେମିତି ସମସ୍ତଙ୍କୁ ଅନ୍ତଫାଡ଼ି ଜନ୍ମ ଦେଇଛି । ସେ ଯେମିତି ଅକାତରେ ସମସ୍ତଙ୍କୁ ସ୍ନେହମମତା ଢାଳିଦିଏ, ଆଦରଯତ୍ନ କରେ, ତାକୁ ସେମିତି ସମସ୍ତେ ଶ୍ରଦ୍ଧା ଭକ୍ତି କରନ୍ତି ।'' ଯୌଥ ପରିବାରର ତିକ୍ତତା ନାହିଁ କି ଭିନ୍ନେଭାନର ପ୍ରଶ୍ନ ନାହିଁ । ଏପରି ଚିନ୍ତା ଯେମିତି ମହାପାପ - ନରହତ୍ୟା, ଗୋହତ୍ୟା ସଙ୍ଗେ ସମାନ । ଏକମନ, ଏକପ୍ରାଣ ହୋଇ ସମସ୍ତେ ଚଳୁଥିଲେ ।

'ବୈକୁଣ୍ଠ ସମାନ ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।''

ଏକଥା ସିନା କବି କହିଥିଲେ; ହେଲେ, ଏହା ଅଙ୍ଗେ ନିଭାଇବା କଥା । ରାୟ ପରିବାରରେ ଯେପରି ଏହା ମୂର୍ତ୍ତିମନ୍ତ ହୋଇ ବିରାଜମାନ କରୁଥିଲା ।

ଘନଶ୍ୟାମଙ୍କ ବଡ଼ପୁଅ ମର୍ଦ୍ଦରାଜ ରାୟ ପୀତାମ୍ବର ମହାପାତ୍ର କୌଳିକ ପ୍ରଥା ଅନୁଯାୟୀ ପରିବାରର ସାଆନ୍ତ ପଦବୀର ଅଧିକାରୀ । ରବି ସବା ସାନପୁଅ । ସବୁରି ସ୍ନେହର ଅଧିକାରୀ । ଏବେବି ରବି ରାୟଙ୍କ ପରିଣତ ବୟସରେ, ଯିଏ ତାଙ୍କ ସହିତ ମିଶିବ, ସେ ନିଶ୍ଚୟ ଅନୁଭବ କରିବ, ତାଙ୍କପରି ସ୍ନେହୀ ମଣିଷଟିଏ ବିରଳ । କେତେ ନିଷ୍କପଟ ଓ ସରଳ ମଣିଷଟିଏ ! ମନେହୁଏ, ଅକଳନ୍ତି ସ୍ନେହ-ଆଦରରେ ପିଲାଦିନ ବିତେଇଥିବା ରବି ରାୟଙ୍କ ବ୍ୟକ୍ତିତ୍ୱ ସେଇ ମୌଳିକ ଉପାଦାନରେ ଗଢ଼ା ହୋଇଯାଇଛି, ଯାହା ଆଉ ବଦଳିବାର ନୁହେଁ । କର୍ମମୟ ଜୀବନ ଓ ରାଜନୀତିର ଘନଘଟା ଭିତରେ ବି ସେଇ ମୂଳସତ୍ତାଟି ଅପରିବର୍ତ୍ତନୀୟ ରହିଯାଇଛି ତଥାପି । ରାଜନୀତିକ ସଂଘର୍ଷମୟ ଜୀବନପ୍ରବାହ ଏହି ମୂଳଚେରକୁ ଦୋହଲେଇ ଦେଇପାରିନି । ପିଲାଦିନୁ ସେ ଶାନ୍ତ, ସରଳ ଓ ବୁଦ୍ଧିମାନ୍ । ବଡ଼ଭଉଣୀମାନଙ୍କ ପାଖରେ ପିଲାଳିଆ ଅଳିଅଝଟ ସିନା, ଆଦୌ ଦୁଷ୍ଟାମି ନାହିଁ । ସାଙ୍ଗସାଥୀଙ୍କ ସହିତ କଳିଗୋଳ ନାହିଁ । କାହାଠୁଁ ଗାଳିମନ୍ଦ ଶୁଣିବାର ନାହିଁ । ଭଉଣୀମାନଙ୍କର ପ୍ରାଣ, ଏଇ ସବାସାନ କୋଳପୋଛା ଭାଇ । ସତକୁ ସତ ଦେବଶିଶୁଟିଏ ଅବା ! ଆକାଶରୁ ଖସିପଡ଼ିଛି - ମାଟି ସହିତ ବାନ୍ଧି ହୋଇଯାଇଛି ନିବିଡ଼ ଅନ୍ତରଙ୍ଗତାରେ । ଅଥଚ କାଦୁଅପଙ୍କ ତାକୁ ସ୍ପର୍ଶ କରିବ ନାହିଁ ।

ଚାରିବର୍ଷ, ଚାରିମାସ, ଚାରିଦିନରେ ରବି ରାୟଙ୍କର ଖଡ଼ିଛୁଆଁ ହେଲା । ପରମ୍ପରା ଅନୁସାରେ କୁଣିଆଁମଇତ୍ର, ବନ୍ଧୁବାନ୍ଧବ, ସାଙ୍ଗସାଥୀ ସଙ୍ଗୁଳା ହେଲେ । ନିମନ୍ତ୍ରଣ ଚିଟଉ

Digitized by srujanika@gmail.com

ଗଲା । ଭୋଜିଭାତ, ସାଜସଜ୍ଜା, ଧୂମଧାମରେ ଖଡ଼ିଛୁଆଁ ହେବ । ଆୟୋଜନ ଓ ଆଟୋପ ପ୍ରଥାନୁସାରେ ଦେବା ଦରକାର । କେଉଁଥିରେ ଏତେ ଟିକେ ତ୍ରୁଟି ରହିବ ନାହିଁ । ସକାଳୁ ସକାଳୁ ଗାଁ କମେଇ ତେଲିଙ୍ଗି ବାଜା ବାଜି ଉଠିଲା । ମନ୍ତ୍ରପାଠ ଓ ପୂଜାର ବିଧି ବିଧାନ ପରେ ଅବଧାନେ ନୂଆ ସିଲଟ ନୂଆ ଖଡ଼ିରେ ରବି ରାୟଙ୍କ ହାତଧରି ତିନୋଟି ମୁଣ୍ଡୁଳା କାଟି ମଡ଼େଇ ଦେଇ କହିଲେ, କହ - ବ୍ରହ୍ମା, ବିଷ୍ଣୁ, ମହେଶ୍ୱର... ବ୍ରହ୍ମା, ବିଷ୍ଣୁ, ମହେଶ୍ୱର... । ରବି ରାୟଙ୍କର ସେଇ ଦିନ ବିଦ୍ୟାରମ୍ଭ ହେଲା, ସେଇ ତିନୋଟି ମୁଣ୍ଡୁଳାରୁ ଆରମ୍ଭ ହୋଇ ଯେଉଁ ଅଧ୍ୟୟନ-ପିପାସା ସମଗ୍ର ଜୀବନ ଯାଏ ପ୍ରଲମ୍ବିତ ହୋଇରହିଲା ।

ଭଅଁରାଗଡ଼ରେ ଥିବା ନିମ୍ନ ପ୍ରାଥମିକ ସ୍କୁଲରେ ରବି ରାୟ ନାଁ ଲେଖାଇଲେ ଶିଶୁଶ୍ରେଣୀରେ । ତାଙ୍କର ଅନ୍ୟ ଭଉଣୀମାନେ ବି ସେଠି ଉପରକ୍ଲାସରେ ପଢୁଥାନ୍ତି । ରବି ରାୟଙ୍କୁ ଯଦି ମାଷ୍ଟ୍ରେ କେବେ କୌଣସି କାରଣରୁ ଗାଳିଦିଅନ୍ତି, ତେବେ ରବି ରାୟ କାନ୍ଦି ଉଠନ୍ତି । ତା କାନ୍ଦ ଦେଖିଲେ ଭଉଣୀମାନେ ବି କାନ୍ଦନ୍ତି । ଭଉଣୀମାନଙ୍କୁ କାନ୍ଦିବାର ଦେଖିଲେ ରବି ରାୟ ଆପେ ଆପେ କାନ୍ଦ ବନ୍ଦ କରି ଚୁପ୍ ହୋଇ ଯାଆନ୍ତି । ରବି ରାୟ ପିଲାଦିନୁ ମେଧାବୀ । କିନ୍ତୁ ଖେଳାଖେଳିରେ ତାଙ୍କର ଆଦୌ ଆଗ୍ରହ ନ ଥିଲା । ବାହାର ପିଲାଙ୍କ ସାଙ୍ଗରେ ସେ ମିଶନ୍ତିନି କି ଖେଳାଖେଳି ଜମା କରନ୍ତିନି । ପିଲାଦିନୁ ବହିପାଇଁ ତାଙ୍କର ଆଗ୍ରହ । ସେ ସାତବର୍ଷର ହୋଇଥାନ୍ତି, ପିତା ଘନଶ୍ୟାମଙ୍କର ସ୍ୱର୍ଗବାସ ହେଲା । ପିତାଙ୍କ ସ୍ୱର୍ଗବାସ ପରେ ପରିବାରର ଭାର ପଡ଼ିଲା କକାମାନଙ୍କ ଉପରେ । ସେତେବେଳକୁ ସବାସାନକକା କୃଷ୍ଣଚନ୍ଦ୍ର ରାୟ କଲିକତାରୁ ଏଫ୍.ଏ. ପାସ୍‌କରି ଫେରିଥାନ୍ତି । ରବି ରାୟଙ୍କ ବଡ଼ଭାଇ ମର୍ଦ୍ଦରାଜ ରାୟ ରେଭେନ୍ସା କଲେଜରେ ବି.ଏ. ପରୀକ୍ଷା ଦେଉଥାନ୍ତି । ମର୍ଦ୍ଦରାଜ ଥିଲେ ମେଧାବୀ ଛାତ୍ର । ପିତାଙ୍କ ଅନ୍ତେ କୌଳିକ ପରମ୍ପରାନୁସାରେ ସେ ସାଆନ୍ତ ପଦବୀ ଲାଭ କଲେ । ମାତ୍ର ପରିବାରର ଯାବତୀୟ ଦାୟିତ୍ୱ ଅନ୍ୟ କକାମାନଙ୍କ ଉପରେ ନ୍ୟସ୍ତ ରହିଲା ।

ପିତା ଘନଶ୍ୟାମ ଇଂରାଜୀ ପଢ଼ି ନ ଥିଲେ । କିନ୍ତୁ ସେ ସବୁବେଳେ ଚାହୁଁଥିଲେ, ମୋ ପିଲାମାନେ ଇଂରାଜୀ ପଢ଼ିବେ, ଦେଶ-ବିଦେଶ କଥା ଜାଣିବେ । ବଡ଼ମଣିଷ ହେବେ । ଶେଷ ଜୀବନରେ ସେ ବଡ଼ କଷ୍ଟ ପାଇଥିଲେ - ଅସମୟରେ କ୍ୟାନସରରେ ପୀଡ଼ିତ ହୋଇ ସେ ଦେହତ୍ୟାଗ କଲେ । ସେ ପୀଡ଼ିତ ଅଛନ୍ତି ବୋଲି ଜାଣିଲେ, କାଳେ ବଡ଼ପୁଅ ମର୍ଦ୍ଦରାଜ ତା'ର ବି.ଏ. ପରୀକ୍ଷା ନ ଦେଇ ଚାଲିଆସିବ, ସେଥିପାଇଁ ତାଙ୍କର କଡ଼ା ତାଗିଦା ଥିଲା, ଏ ଖବର ପୁଅକୁ ନ ଜଣାଇବା ପାଇଁ । ନିଜର ଭୀଷଣ ଅସୁସ୍ଥତା ଓ ଯନ୍ତ୍ରଣା ସତ୍ତ୍ୱେ ସେ ପିଲାମାନଙ୍କ କଥା ଗୋଟି ଗୋଟି କରି ସବୁ ବୁଝୁଥିଲେ । ପିଲାମାନଙ୍କର ପାଠପଢ଼ାକୁ ସେ ସବୁଠୁ ବଡ଼କଥା ବୋଲି ଭାବୁଥିଲେ । ଶେଷ ନିଃଶ୍ୱାସ

Digitized by srujanika@gmail.com

ତ୍ୟାଗ କରିବା ପର୍ଯ୍ୟନ୍ତ ତାଙ୍କର ମନୋବଳ ଅତୁଟ ଥିଲା । ମର୍ଦ୍ଦରାଜ ସେତେବେଳେ ରେଭେନ୍ସା କଲେଜରେ ପଢୁଥାନ୍ତି । ଘନଶ୍ୟାମଙ୍କ ବାରଣ ଯୋଗୁଁ ଘନଶ୍ୟାମଙ୍କ ଅସୁସ୍ଥତା ଖବର ମର୍ଦ୍ଦରାଜଙ୍କ ପାଖକୁ ପଠାଗଲା ନାହିଁ । ଘନଶ୍ୟାମଙ୍କ ମୃତ୍ୟୁପରେ ଯାଇ ମର୍ଦ୍ଦରାଜ ଖବର ପାଇ ପ୍ରାୟ ବାରଘଣ୍ଟା ପରେ ଆସି ଗାଁରେ ପହଞ୍ଚିଲେ ।

ଘନଶ୍ୟାମ ରୋଗଶଯ୍ୟାରେ ବାରମ୍ବାର କହୁଥିଲେ - 'ମର୍ଦ୍ଦର ପରୀକ୍ଷା, ତାକୁ କିଛି ଜଣେଇବ ନାହିଁ । ତା ପରୀକ୍ଷା ସରିଲେ ତାକୁ ଖବର ଦେବ ।' କିନ୍ତୁ ପରିବାରର ପରମ୍ପରା ଓ କୌଳିକ ପ୍ରଥା ଅନୁଯାୟୀ ଘନଶ୍ୟାମଙ୍କ ଚିତାଗ୍ନିରେ କେବଳ ବଡ଼ପୁଅ ମର୍ଦ୍ଦରାଜଙ୍କର ମୁଖାଗ୍ନି ଦେବାକଥା । ଘନଶ୍ୟାମଙ୍କ ଶେଷ ଇଚ୍ଛାକୁ ସମ୍ମାନ ଜଣାଇ ପରିବାରର ଅନ୍ୟମାନେ ଆଗରୁ ଖବର ଦେଲେ ନାହିଁ । ଘନଶ୍ୟାମଙ୍କ ଚିତାଗ୍ନିରେ ତେଣୁ ମର୍ଦ୍ଦରାଜ ମୁଖାଗ୍ନି ଦେଇପାରିଲେ ନାହିଁ ।

ନିମାପଡ଼ା ଓ ଗୋପ ମଝିରେ ତୁସିଂହଗଡ଼ ଅଛି । ସେଠି ରାୟ ପରିବାରର ଖମାରଘର । ଜଣେ ଗୁମାସ୍ତା ରହି ପୂର୍ବପୁରୁଷର ସେଇ ଖମାରଘର ଚାଷବାସ, ପ୍ରଜାପାଟକଙ୍କ କଥା ବୁଝନ୍ତି । ସ୍ଥିର ହେଲା, ରବି ରାୟ ଗୋପ ସ୍କୁଲରେ ପଢ଼ିବେ । ହଷ୍ଟେଲ୍‌ରେ ରହିବେ ଓ ତୁସିଂହରୁ ଚାଉଳ ଇତ୍ୟାଦି ଯିବ । ଏତେ ଛୋଟ ପିଲା ! ବୋଉ, ଖୁଡ଼ୀମାନେ ସମସ୍ତେ ବ୍ୟସ୍ତ ହେଲେ । ହେଲେ, କକା କୃଷ୍ଣଚନ୍ଦ୍ର ରାୟ ପରିବାରର ସମସ୍ତଙ୍କୁ ବୁଝେଇ ରବି ରାୟଙ୍କ ଗୋପ ଯିବାର ବନ୍ଦୋବସ୍ତ କଲେ ।

ପିଲାଦିନେ ରବି ରାୟ ଭାରି ଲାଜକୁଳା ଥିଲେ । ଘରକୁ କୁଣିଆ ମଇତ୍ର ବନ୍ଧୁବାନ୍ଧବ ଆସିଲେ ସେ ଯାଇ ଘରକୋଣରେ ଲୁଚିବେ । ପିଲାଦିନେ ତାଙ୍କର ପ୍ରକୃତ ଅନ୍ତରଙ୍ଗ ସାଥୀ ଥିଲା ଗୋଟିଏ ଛୋଟ ଲାଇବ୍ରେରୀ । ଚାରିଫୁଟର ଛୋଟ କାଠ ଆଲମିରାଟିଏ । କକା କୃଷ୍ଣଚନ୍ଦ୍ର, ବଡ଼ଭାଇ ମର୍ଦ୍ଦରାଜ, ଅନ୍ୟ ଗୁରୁଜନମାନେ ଆଣୁଥିବା ବହି ସବୁ ସଂଗ୍ରହ କରି ରବି ରାୟ ସେ ଆଲମିରାରେ ସାଇତି ରଖନ୍ତି । ସ୍ୱର୍ଗତ ପିତା ଘନଶ୍ୟାମଙ୍କ ନାଁରେ ସେ ଲାଇବ୍ରେରୀର ନାଁ ରଖିଥିଲେ 'ଘନଶ୍ୟାମ ଲାଇବ୍ରେରୀ' । ବେଳ ଅବେଳରେ କେଉଁଠି ଖୋଜାପଡ଼ିଲେ ସେ ମିଳନ୍ତି ସେଇ ଲାଇବ୍ରେରୀର ଆଲମିରା ପାଖରେ । ବୁଝନ୍ତୁ ନ ବୁଝନ୍ତୁ, ଏଣୁତେଣୁ ବହି ଘାଣ୍ଟୁଥିବେ ବସି, ମୋଟା ମୋଟା ବହିଗୁଡ଼ିକର ପୃଷ୍ଠା ସବୁ ବାରମ୍ବାର ଓଲଟାଇ ଦେଖୁଥିବେ, ସଜାଡ଼ି ସୁକୁଡ଼ି ରଖୁଥିବେ । ଭଉଣୀମାନେ ବିରକ୍ତ ହୋଇ କହନ୍ତି - ତୋ ଭଳିଆ ପିଲାଟେ କେମିତି ଆମ ଘରେ ଜନ୍ମ ହେଲା ! ଏତିକି ଲାଜ ! ହଇରେ, ତୁ କ୍ଷତ୍ରିୟ ପିଲା - ଖେଳ ନାହିଁ, କସରତ ନାହିଁ, କାହାକୁ ଦେଖିଲେ ଘରକଣରେ ଲୁଚିବୁ ! କ'ଣ କରିବୁ ତୁ ବଡ଼ ହେଲେ ?

ବୋଉ, ବଡ଼ଭଉଣୀମାନେ ଠେଲିପେଲି ତାଙ୍କୁ ଦାଣ୍ଡକୁ ପଠେଇଲେ । କିଛି ସମୟ ପରେ ଦେଖିଲା ବେଳକୁ ରବି ରାୟ ପୁଣି ଆସି ସେଇ ଘରେ । ବେଳେବେଳେ ସେ

Digitized by srujanika@gmail.com

ନଈକୂଳକୁ ବୁଲିଯାଆନ୍ତି ସାଙ୍ଗସାଥୀ ମେଳରେ । ବନ୍ଧ ଉପରେ ବସି ନଈକୁ ଚାହିଁ ରହନ୍ତି ଅପଲକ ନୟନରେ । ଗୁଣ୍ଡୁଚିମୂଷାର ଦୌଡ଼ାଦୌଡ଼ି ଖେଳ, ଗଛରୁ ଗଛକୁ ଉଡ଼ି ବୁଲୁଥିବା ଚଢ଼େଇ, ପ୍ରଜାପତି ଆଉ ବଣର ଅଚିହ୍ନା ଫୁଲ ସବୁ ତାଙ୍କର ଭାରି ପ୍ରିୟ । ନଈ ତାଙ୍କର ଏତେ ପ୍ରିୟ ଥିଲା, ଅଥଚ ଆଶ୍ଚର୍ଯ୍ୟର କଥା, ସେ ପାଣିଭିତରକୁ ପଶିବାକୁ ଡରୁଥିଲେ । ଗାଁର ସବୁପିଲା ପହଁରା ଶିଖିଥିଲା ବେଳେ କେବଳ ରବି ରାୟ ଆଦୌ ପହଁରା ଜାଣି ନ ଥିଲେ ।

ଦିନକର କଥା, ରବି ରାୟ ସେତେବେଳକୁ ଆଠ ନଅ ବର୍ଷର ହୋଇଥାନ୍ତି । ରବି ରାୟଙ୍କ ବଡ଼ଭଉଣୀ ସୁଜଳା ଓ କଇ ଓ ଆଉ ଜଣେ କକାଙ୍କ ଝିଅ ନଈକୁ ଗାଧୋଇ ଯାଇଥିଲେ । ରବି ରାୟଙ୍କୁ ବି ସାଙ୍ଗରେ ନେଇଯାଇଥିଲେ ସେମାନେ । ତାଙ୍କୁ ଆଗ ଗାଧୋଇ ଦେଇ ତୁଠରେ ଠିଆକରାଇ ଭଉଣୀ ଦିହେଁ ଗାଧୋଇଲେ । ଅଳ୍ପଦୂରରେ ଗାଁର ଅନ୍ୟ ପିଲାମାନେ ମାଛ ଧରୁଥା'ନ୍ତି । ଭଉଣୀ ଦିହେଁ ମାଛଧରା ଦେଖିବାକୁ ଚାଲିଗଲେ । ତୁଠରେ ରବି ରାୟ ଏକାଟିଆ ସେମିତି ଛିଡ଼ା ହୋଇଥାନ୍ତି । କିଛି ସମୟପରେ ରବି ରାୟ 'କଇଅପା... କଇଅପା' ଡାକି ଡାକି କିଛି ବାଟ ଯାଇଛନ୍ତି, ହଠାତ୍ ଗଣ୍ଡରେ ଗୋଡ଼ ପଡ଼ିଯିବାରୁ ନଈକି ଖସି ପଡ଼ିଲେ । ବନ୍ଧ ଉପରେ ଠିଆ ହୋଇଥିବା ବୋକା, ନିର୍ବୁଦ୍ଧିଆ ବୋଲି ସାରା ଗାଁରେ ପରିଚିତ କପିଳାକକା (କପିଳା ପାତ୍ର) ଏକଥା ଦେଖି ନଈକୁ ଡେଇଁପଡ଼ି ପାଣିରୁ ତାଙ୍କୁ ଛାଣି ଆଣିଲେ । ସେ ବଡ଼ପାଟିରେ ହୁରି ପକାଉଥାନ୍ତି- ରବି ବୁଡ଼ିଗଲା - ରବି ବୁଡ଼ିଗଲା.... । ସମସ୍ତେ ଦୌଡ଼ାଦୌଡ଼ି ହୋଇ ସେଠି ପହଞ୍ଚିଲେ । ନଈବନ୍ଧ ଲୋକାରଣ୍ୟ । ଭଉଣୀ ଦିହେଁ ଭୋ ଭୋ ହୋଇ କାନ୍ଦୁଥାନ୍ତି । ଗାଁ ସରା ହାଲହୁଲି ପଡ଼ିଗଲାଣି । ଗାଁଟାଯାକର ଲୋକ ଦୌଡ଼ାଦୌଡ଼ି ହୋଇ ଆସି ନଈବନ୍ଧରେ । ଟିକେଇବୋଉ ବି ଅଣନିଃଶ୍ୱାସୀ ହୋଇ ଧାଇଁ ଧାଇଁ ଆସିଲେ । ରବି ରାୟଙ୍କ ପେଟରୁ ଲୋକେ ପାଣି ବାହାର କଲେ । ସେତେବେଳକୁ ସେ ଟିକେ ସାଷ୍ଟମ ହେଲେ । କ'ଣ ଭାବି କେଜାଣି, ବୋଉ ଖଣ୍ଡେ କଦଳୀପତ୍ର ଆଣି ନଈବନ୍ଧରେ ସେଇ ପତ୍ର ଉପରେ ରବି ରାୟଙ୍କୁ ଶୁଆଇ ଧବଳେଶ୍ୱରଙ୍କୁ ପାଣି ଛଡ଼େଇ ଦେଲେ । ସେଇଦିନୁ ସେ ବିକା ହୋଇଥିଲେ ଯେ ପୁଣି ଯାଇ ତାଙ୍କ ବାହାଘର ବେଳେ ବୋଉ ତାଙ୍କୁ ଧବଳେଶ୍ୱରଙ୍କ ପାଖରେ ପୂଜାର୍ଚ୍ଚନା କରି କିଣିଲେ ।

ବାଲ୍ୟଶିକ୍ଷା

ପଢ଼ିବା ପାଇଁ ରବି ରାୟ ଗୋପ ଯିବା କଥା କକା କୃଷ୍ଣ ରାୟ ସ୍ଥିର କଲେ । ଆନୁଷଙ୍ଗିକ ସବୁ ବ୍ୟବସ୍ଥା ହେଲା । ଗଣକ ମହାଶୟ ତିଥି ବାର ନକ୍ଷତ୍ର ଗଣନା କରି ଦିନ ଧାର୍ଯ୍ୟ କଲେ । ବୋଉ ରାତି ପାହାନ୍ତାରୁ ଉଠି ବକୁଳେଶ୍ୱରଙ୍କ ପାଖକୁ ବେଲପତ୍ର,

Digitized by srujanika@gmail.com

କ୍ଷୀର-ନଡ଼ିଆ-କଦଳୀ ଭୋଗନେଇ ମାଜଣା କଲେ - ଇଷ୍ଟଦେବ ପ୍ରଭୁ ନୃସିଂହନାଥଙ୍କ ପାଖରେ ବିଶେଷପୂଜା କରେଇଲେ । ରବି ରାୟ ସର୍ବ ଶୁଭରେ ଘରୁ ଅନୁକୂଳ କରି ବାହାରିଲେ । ବଡ଼ିଭୋରୁ ଶଗଡ଼ିଆ ଶଗଡ଼ଗାଡ଼ି ଓ ବଳଦ ସଜିଲ କରି ଆଣିଲା । କକାଙ୍କ ନିର୍ଦ୍ଦେଶରେ ବଡ଼ଭାଇ ମର୍ଦ୍ଦରାଜଙ୍କ ପୁରୁଣା ଟ୍ରଙ୍କରେ ରବି ରାୟଙ୍କର ପିନ୍ଧାଲୁଗା, କୁର୍ତ୍ତା, ଗାମୁଛା, ଆରିସା, ଖଜା, ଚୁଡ଼ା, ହୁଡୁମ ପ୍ରଭୃତି ନାନା ସରଞ୍ଜାମ ବୋଉ ସଜାଡ଼ି ଦେଲେ । ଛଳଛଳ ଆଖିରେ ସମସ୍ତଙ୍କୁ ମୁଣ୍ଡିଆମାରି ଜୁହାର ହୋଇ, ଠାକୁରଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ଅନୁକୂଳ କରି ରବି ରାୟ ଯାଇ ଶଗଡ଼ରେ ବସିଲେ । ଖୁଡ଼ୀ, ବୋଉ ଓ ଅନ୍ୟମାନେ ଦାଣ୍ଡ କବାଟ ପାଖରେ ଠିଆହୋଇ ଆଖିରୁ ଲୁହ ଢାଳୁଥିଲେ । ଭଉଣୀମାନେ କାନ୍ଦି କାନ୍ଦି ଶଗଡ଼ ପଛେ ପଛେ ଗାଁ ମୁଣ୍ଡଯାଏ ଯାଇଥିଲେ ।

ଗୋପରେ ପହଞ୍ଚି ରବି ରାୟ ଗୋପ ସ୍କୁଲରେ ନାଁ ଲେଖେଇଲେ । ସେତେବେଳେ ସେ ସ୍କୁଲର ହେଡ଼ମାଷ୍ଟର ଥିଲେ ଜଗମୋହନ ପଟ୍ଟନାୟକ । ଖାଣ୍ଟି ନିଦା ମଣିଷ । ବେଶ-ପୋଷାକ ସାଧାସିଧା, ଅମାୟିକ ବ୍ୟବହାର, ଛାତ୍ରବତ୍ସଳ । କହିବାକୁ ଗଲେ ଆଦର୍ଶ ଶିକ୍ଷକ । ମାନଗୋବିନ୍ଦ ମିଶ୍ର ହେଡ଼ପଣ୍ଡିତ । ଆଉ ଜଣେ ଶିକ୍ଷକ ଥିଲେ ଗଣେଶ୍ୱର ତ୍ରିପାଠୀ ।

ଚତୁର୍ଥ ଶ୍ରେଣୀରେ ପଢ଼ିଲାବେଳେ ପ୍ରଧାନ ଶିକ୍ଷକ ଜଗମୋହନ ପଟ୍ଟନାୟକ ବ୍ଲାକବୋର୍ଡ଼ରେ ଲେଖିଥିଲେ - 'Smoking is a non-student like act'. ତାକୁ ଦେଖି ପିଲାମାନେ ହସ୍ତାକ୍ଷର ଲେଖିବେ । ରବି ରାୟ ଉଠି ପ୍ରଶ୍ନ କଲେ - 'ଏହାର ଅର୍ଥ କ'ଣ ସାର୍' ? ପ୍ରଧାନଶିକ୍ଷକ ଉତ୍ତର ଦେଇଥିଲେ - 'ଧୂମପାନ ଛାତ୍ରୋଚିତ କାର୍ଯ୍ୟ ନୁହେଁ ।' ଅନ୍ୟମାନଙ୍କ ପରି ରବି ରାୟ ମଧ୍ୟ ହସ୍ତାକ୍ଷର ଖାତାରେ ତାକୁ ଲେଖିଲେ । ତାହା ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଜୀବନସାରା ସେ ଏହା ଭୁଲି ପାରି ନ ଥିଲେ । ୧୯୭୯ ମସିହାରେ ସେ ଯେତେବେଳେ କେନ୍ଦ୍ର ସରକାରଙ୍କ କ୍ୟାବିନେଟରେ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ନିର୍ବାହ କରୁଥାନ୍ତି, ସେତେବେଳେ ବିଶ୍ୱସ୍ୱାସ୍ଥ୍ୟ ସଂଘର ଆନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେବାପାଇଁ ଜେନେଭା ଯାଇଥିଲେ । ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ଜିମିକାର୍ଟରଙ୍କ ପତ୍ନୀ ଓ ଆମେରିକାର ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଆସିଥାନ୍ତି । ସିଗାରେଟର ବହୁଳ ବ୍ୟବହାର ଯୋଗୁଁ ଆମେରିକାରେ ଲଙ୍ଗସ କ୍ୟାନସର ବଡ଼ ବିପଦ ରୂପେ ଦେଖା ଦେଇଥାଏ । ଏ ସମ୍ପର୍କରେ ନାନା ଆଲୋଚନା ଚାଲିଥାଏ । ରବି ରାୟଙ୍କ ପାଖରେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମିସେସ୍ କାର୍ଟର ବସିଥାନ୍ତି । ରବି ରାୟ ଆମେରିକାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପଚାରିଲେ - 'Do you smoke ?'

ସେ କହିଲେ - 'How can I, when my ministry is appealing the people not to smoke ?'

Digitized by srujanika@gmail.com

ତାପରେ ମିସେସ କାର୍ଟର ରବି ରାୟଙ୍କୁ ପଚାରିଲେ - 'Do you smoke ?'

ରବି ରାୟ କହିଲେ - 'Since my childhood I have not touched it.' ସେ ପିଲାଦିନର ଏଇ ହସ୍ତାକ୍ଷର ଲେଖା କଥା କହିଲେ ।

ଘରେ ଥିଲାବେଳେ କୃଷ୍ଣକକା ରବି ଓ କୁଳମଣିକକାଙ୍କ ଝିଅ ଇନ୍ଦୁକୁ ଇଂରାଜୀ ପଢ଼ାଉଥିଲେ । ସେତେବେଳେ ସେ ବାଳଗଙ୍ଗାଧର ତିଳକ, ଗୋଖଲେ, ସର୍ଦ୍ଦାର ପଟେଲ, ଗାନ୍ଧିଜୀ ପ୍ରଭୃତିଙ୍କ କଥାସବୁ କହୁଥିଲେ । ଅମୃତବଜାର ପତ୍ରିକାରୁ ସେ ଇଂରାଜୀ ହସ୍ତାକ୍ଷର ଲେଖିବାକୁ ଦିଅନ୍ତି । ଥରେ ସେ ଲେଖେଇଥିଲେ - 'Swaraj is my birth right.' (ତିଳକ) ସେହିପରି ଆଉ ଗୋଟିଏ ଧାଡ଼ି ଥିଲା - 'Non-violence is our cread.' (ଗାନ୍ଧିଜୀ) ଏ ଦୁଇଟି ଧାଡ଼ି ରବି ରାୟଙ୍କ ଛାତିରେ ଶିଳାଲିପି ପରି ଖୋଦେଇ ହୋଇ ଯାଇଥିଲା । ତାହା ତାଙ୍କର ପରବର୍ତ୍ତୀ ଜୀବନଚର୍ଯ୍ୟାକୁ ଓ ଜୀବନାଦର୍ଶକୁ ଗଭୀର ଭାବରେ ପ୍ରଭାବିତ କରିଥିଲା ।

ଗୋପରେ ଥିଲାବେଳେ ଏକ ବିଚିତ୍ର ଖିଆଲ ତାଙ୍କୁ ଘାରିଥିଲା । ସେ ରାତି ପାହାନ୍ତାରୁ ଉଠି ଗାଧୋଇପାଧୋଇ ପ୍ରାଣାୟାମ କରନ୍ତି । ମାଛ ମାଂସ ଖାଇବା ଛାଡ଼ିଦେଇ ଅତି ସରଳ ସାଧାସିଧା ଖାଇଲେ । ଏସବୁ ଖବର ଆସି ବୋଉଙ୍କ ପାଖରେ ପହଞ୍ଚିଲା । ବୋଉ ମନେ ମନେ ଆତଙ୍କିତ ହୋଇ ଉଠିଲେ, ରବି କ'ଣ ସନ୍ୟାସୀ ହୋଇଯିବ ? ମା' ମନ ବ୍ୟାକୁଳ ହେଲା । ଇଚ୍ଛା ହେଉଥିଲା, ଧାଇଁଯାଇ ଦେଖି ଆସନ୍ତେ କେମିତି କୋଳର ଛୁଆଟା ରହୁଛି, କ'ଣ କରୁଛି । ଦରକାର ହେଲେ ସେ ତାକୁ ଫେରେଇ ଆଣିବେ । ହେଲେ, ନାନା ଦ୍ୱନ୍ଦ୍ୱ ଭିତରେ ପୁଣି ମନକୁ ବୁଝେଇ ନିଅନ୍ତି, ପୁଅ ତାଙ୍କର ପାଠପଢ଼ି ବଡ଼ ମଣିଷ ହେବାକୁ ଯାଇଛି, ପାଞ୍ଚଜଣରେ ଜଣେ ହେବାକୁ ଯାଇଛି, ତାକୁ ତା' କର୍ତ୍ତବ୍ୟପଥରୁ ହଟାଇ ଆଣି କେଉଁ ଗୌରବର କାମ ସେ କରିବେ ! ନା, ସେ ପଢୁ । ଠାକୁରେ ତାକୁ ସାହାଭରସା ହୁଅନ୍ତୁ । ଆଖି ତାଙ୍କର ଜକେଇ ଆସେ । ମନ ଗୋଳେଇ ଘାଣ୍ଟି ହୁଏ । ଛୁଆଟି ପାଇଁ ତାଙ୍କ ହୃଦୟର କେଉଁ ନିଭୃତ କୋଣରେ ହାହାକାର ସୃଷ୍ଟି ହୁଏ । କିନ୍ତୁ ପୁଅର ଭବିଷ୍ୟତ୍ କଥା ଚିନ୍ତାକରି ସେ ମନକୁ ଦମ୍ଭ କରି ଦିଅନ୍ତି ।

୧୯୩୭ ରୁ ୧୯୪୦ ମସିହାଯାଏ ଗୋପରେ ରବି ରାୟଙ୍କ ଶିକ୍ଷା । ଏହି ଚାରୋଟି ବର୍ଷ ତାଙ୍କ ଉତ୍ତର-ଜୀବନ ପାଇଁ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା । ଏଇଠି ଅଧ୍ୟୟନ କରୁଥିଲାବେଳେ ସେ ରାଜନୀତି ପ୍ରତି ଆକର୍ଷିତ ହୋଇଥିଲେ । ସେତେବେଳେ ସାରା ଭାରତରେ ଜାତୀୟ ଆନ୍ଦୋଳନର ତୀବ୍ର ଉଷ୍ମତା ଓ ଉତ୍ତେଜନା । ରାଜନୀତିକ ଦୃଶ୍ୟପଟ୍ଟରେ ବହୁ ସମ୍ଭାବ୍ୟ ପରିବର୍ତ୍ତନର ପୂର୍ବାଭାସ । ଜାତୀୟ କଂଗ୍ରେସ ଓ ଗାନ୍ଧିଜୀ ଭାରତୀୟ ଜନମାନସକୁ ଗଭୀରଭାବରେ ପ୍ରଭାବିତ କରିଥାନ୍ତି । ସାରା ଭାରତର ଆକାଶ ପାଣି ପବନ ଜାତୀୟତାର ମହାମନ୍ତ୍ରରେ ଅଭିମନ୍ତ୍ରିତ । ତାର ପ୍ରତିଧ୍ୱନି ଗାଁ ଜନପଦ, ସହର, ନଗର, ସର୍ବତ୍ର

Digitized by srujanika@gmail.com

ପ୍ରତିଧ୍ୱନିତ । ଏହିପରି ଏକ ମହାପ୍ଲାବନର ଜୁଆର ଉଠିଥିଲା ସେତେବେଳେ । ପୁରୀ ଜିଲ୍ଲା ଗୋପ ସ୍କୁଲର ଛାତ୍ର ରବି ରାୟଙ୍କ ପ୍ରାଣରେ ମଧ୍ୟ ତାହା ମୋହନ ମୁରଲୀର ମୂର୍ଚ୍ଛନା ତୋଳିଥିଲା । ଗାନ୍ଧୀ ଗୋପବନ୍ଧୁ ଦେବତା ପରି ଲାଗିଥିଲେ ତାଙ୍କୁ । ଛୋଟ ପିଲା, ଅଳ୍ପ ବୁଦ୍ଧି, ତଥାପି ତାଙ୍କର ଚେତନା ଭିତରେ ସୃଷ୍ଟି ହୋଇଥିଲା ଗଭୀର ଆଲୋଡ଼ନ ।

୧୯୩୭ ମସିହା କଥା । ବିଧାନସଭା ପାଇଁ ନିର୍ବାଚନ ହେଉଥାଏ । ଗୋପ ସ୍କୁଲ ଆଗରେ ଭୋଟ କେନ୍ଦ୍ର ହୋଇଥାଏ । ମୋହନ ଦାସ କଂଗ୍ରେସ ପ୍ରାର୍ଥୀ । ଏମାର ମଠ ମହନ୍ତ ଗଦାଧର ରାମାନୁଜ ଦାସ ବ୍ରିଟିଶ ସରକାରଙ୍କ ସମର୍ଥିତ ପ୍ରାର୍ଥୀ । ମହନ୍ତ ମହାରାଜ ଲୋକଙ୍କ ପାଇଁ ପୁରୀରୁ ମହାପ୍ରସାଦ ମଗେଇ ଖାଇବାକୁ ଦେଲେ । ଲୋକେ ବହୁପ୍ରକାର ସୁସ୍ୱାଦୁ ମହାପ୍ରସାଦ ମହାଆନନ୍ଦରେ ଖାଇଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା, ଲୋକେ ଏପରି ସ୍ୱଦେଶାନୁରାଗରେ ଅନୁପ୍ରାଣିତ ହୋଇଥିଲେ ଯେ ଭୋଟ୍ ଦେଲେ କଂଗ୍ରେସ ପ୍ରାର୍ଥୀ ମୋହନ ଦାସଙ୍କୁ, ଏପରିକି ମହନ୍ତ ଅମାନତ ହରାଇଲେ ।

ଗାନ୍ଧିଜୀ ଛୁଆଁ-ଅଛୁଆଁ ଭେଦ ବିରୋଧରେ ସାରା ଭାରତରେ ସ୍ୱର ଉତ୍ତୋଳନ କରିଥାନ୍ତି, ଜାତୀୟ କଂଗ୍ରେସ ମାଧ୍ୟମରେ । ଗୋପ ସ୍କୁଲରେ ପଢୁଥିଲାବେଳେ ରବି ରାୟ ଗାଁକୁ ଗଲେ, ଦଳିତବର୍ଗର ପିଲାମାନଙ୍କ ସହ ମିଶାମିଶି କଲେ । ତାହା ଗଡ଼ର ମୁରବିମାନଙ୍କର ଦୃଷ୍ଟିକଟୁ ହେଲା । ସେମାନେ ଏସବୁକୁ ସହିପାରୁ ନ ଥିଲେ । କିନ୍ତୁ ତାଙ୍କୁ ମୁହଁରେ କିଛି କହିପାରୁ ନ ଥିଲେ । ଗଡ଼ର ରାୟ ପରିବାର ସହିତ ଆଉ ଦୁଇଟି ଗୋଷ୍ଠୀର ସମ୍ପର୍କ ଟିକେ ବେଶି । ବାଉରି ଓ ଗଉଡ଼ - ଏମାନେ ନାନା ଭାବରେ ରାୟ ପରିବାରର ସେବା କରନ୍ତି । ସେମାନେ ନ ଥିଲେ ରାୟ ପରିବାର ବହୁ ନାନା ଅସୁବିଧାର ସମ୍ମୁଖୀନ ହେଉଥାନ୍ତେ । ଠାକୁରଙ୍କ ଲାଗି ଗଡୁଆମାନେ ଜବରଦସ୍ତ ଗଉଡ଼ଙ୍କଠୁ କ୍ଷୀର ନିଅନ୍ତି । ରବି ରାୟଙ୍କ ପିଲାମନ ବିଦ୍ରୋହ କଲା । କିନ୍ତୁ ସେ କ'ଣ କରିପାରିବେ ! ନୀଳା ବେହେରା ସହ ରବି ରାୟ ଖାଆନ୍ତି, ପିଅନ୍ତି । ହାଡ଼ିଆ ବାଉରି ରବି ରାୟଙ୍କୁ କାନ୍ଧରେ ବସେଇ ନେଇ ବୁଲେଇଆଣେ । ସେମାନଙ୍କୁ ଭାରି ଭଲପାଆନ୍ତି । ସେମାନଙ୍କ ପ୍ରତି ତାଙ୍କର ଖୁବ୍ ଦରଦ ।

୧୯୪୨ ଆନ୍ଦୋଳନ ବେଳେ ନୀଳକଣ୍ଠ ଦାସ ବ୍ରିଟିଶ ସରକାରଙ୍କୁ ସମର୍ଥନ କରିବାରୁ ତାଙ୍କ ସଭାରେ ଗାଁପାଖ ଲୋକେ ଓ ଅନ୍ୟ କଂଗ୍ରେସବାଲା ତାଙ୍କୁ ପ୍ରଶ୍ନ କଲେ । ନୀଳକଣ୍ଠ ଦାସଙ୍କ ସଭା ପଣ୍ଡ ହୋଇଗଲା । କକା କୃଷ୍ଣଚନ୍ଦ୍ର ରାୟ ନୀଳକଣ୍ଠ ଦାସଙ୍କ ଛାତ୍ର ଥିବାରୁ ତାଙ୍କୁ ସମର୍ଥନ କରୁଥିଲେ । ସେ ତେଣୁ ରାଗରେ କଂଗ୍ରେସ ଛାଡ଼ିଦେଲେ ଓ ସଭା ଭଣ୍ଡୁର କରିଥିବା ଗାଁ ଆଖପାଖର କଂଗ୍ରେସିଆମାନଙ୍କୁ ମାଡ଼ ମରାଇଲେ । କକାଙ୍କର ଏପରି ସ୍ଖଳନ ବାଳୁତ ରବି ରାୟଙ୍କ ହୃଦୟକୁ ଗଭୀର ଭାବରେ ବ୍ୟଥିତ କରିଥିଲା । ଦିନେ ରବି ରାୟ ଜାଣିଲେ ଯେ ନୀଳା ବେହେରା ତାଙ୍କ ଘରୁ ୮୦ ଭରଣ ଧାନ କରଜ ନେଇଛି ଓ କରଜ ଶୁଝିବା ପାଇଁ ତା'ର ସାମର୍ଥ୍ୟ ନାହିଁ । ତା' ପକ୍ଷରେ ଋଣ ଶୁଝିବା କଷ୍ଟକର । ରବି

Digitized by srujanika@gmail.com

ରାୟ ଓ ଭଉଣୀ ଇନ୍ଦୁ ଲୁଚେଇ କରି ସେ ଖାତା ଆଣି ନିର୍ଦ୍ଦିଷ୍ଟ ପୃଷ୍ଠାରୁ ତା' ନାଁ କାଟିଦେଇ ତାକୁ ଋଣମୁକ୍ତ କରି ଦେଇଥିଲେ । ପରିବାରର ବଡ଼ପୁଅ ବାବୁଭାଇ ଜମିବାଡ଼ି ସିରସ୍ତା ବୁଝୁଥିଲେ । ସେ ଏ ଘଟଣାକୁ ନେଇ କୃଷ୍ଣକକାଙ୍କ ପାଖରେ ଫେରାଦ ହେଲେ । କୃଷ୍ଣକକା ଉତ୍ତର ଦେଲେ - ''ରବି ଇନ୍ଦୁତ କରିଛନ୍ତି । ମୁଁ ଆଉ କ'ଣ କରିବି ।'' ଏପରି ଭାବରେ ସେ ଆଉ କେତେ ଜଣଙ୍କୁ ମଧ ଋଣମୁକ୍ତ କରିଥିଲେ ।

ଭିଙ୍ଗାରପୁର ସ୍କୁଲ : କିଶୋରପ୍ରାଣର ସ୍ପନ୍ଦନ

ସବୁଠୁଁ ବେଶି ନମ୍ବର ରଖି ଗୋପ ସ୍କୁଲରୁ ମାଇନର ପାସ୍ କରି ସାରି ରବି ରାୟ ଆସି ଭିଙ୍ଗାରପୁର ସ୍କୁଲରେ ନାଁ ଲେଖେଇଲେ । ସଫଳତାର ସବା ତଳପାହାଚରୁ ସେ ଆଉ ଗୋଟିଏ ଉପର ପାହାଚରେ ପାଦ ଥାପିଥିଲେ । ଭିଙ୍ଗାରପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଥାଆନ୍ତି ସୁନାମଧନ୍ୟ ରାମକୃଷ୍ଣ ନନ୍ଦ । 'ଆହେ ଦୟାମୟ ବିଶ୍ୱବିହାରୀ, ଘେନ ଦୟାବହି ମୋର ଗୁହାରି'' ପରି ଅତ୍ୟନ୍ତ ଲୋକପ୍ରିୟ ପ୍ରାର୍ଥନାର କବି ରାମକୃଷ୍ଣ ନନ୍ଦ କେବଳ ଜଣେ ଛାତ୍ରବତ୍ସଳ ଶିକ୍ଷକ ନ ଥିଲେ, ଥିଲେ ଜଣେ ଖୁବ୍ ଉଚ୍ଚକୋଟୀର ମଣିଷ । ତାଙ୍କର ପ୍ରଗାଢ଼ ଈଶ୍ୱରଭକ୍ତି, କର୍ତ୍ତବ୍ୟନିଷ୍ଠା, ଚରିତ୍ରବତ୍ତା ଓ ସାଧୁତା ଛାତ୍ରମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରୁଥିଲା । ରବି ରାୟଙ୍କ ତୃତୀୟ ଭିଣୋଇ ବଳରାମ ରାୟ ମଧ ଭିଙ୍ଗାରପୁର ସ୍କୁଲରେ ଶିକ୍ଷକତା କରୁଥିଲେ । ସେ ବି ଜଣେ ଉଚ୍ଚକୋଟୀର ମଣିଷ ଥିଲେ । ଗୁରୁ ପରମ୍ପରାର ମହାନ ଆଦର୍ଶକୁ ସେ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । କହିବାକୁ ଗଲେ, ରବି ରାୟ ତାଙ୍କରି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିଁ ଭିଙ୍ଗାରପୁର ସ୍କୁଲରେ ପାଠପଢ଼ା ଆରମ୍ଭ କଲେ । ସେ ଖୁବ୍ ଭଲ ଇଂରେଜୀ ପଢ଼ାଉଥିଲେ । ଏଥିପାଇଁ ତାଙ୍କର ବିଶେଷ ସୁନାମ ଥିଲା । ନିଜ ପ୍ରଚେଷ୍ଟାରେ ପରେ ଗୋପରେ ସେ ଗୋଟିଏ ଗାର୍ଲସ୍କୁଲ ମଧ ପ୍ରତିଷ୍ଠା କରିଥିଲେ । ରବି ରାୟଙ୍କ ପାଠପଢ଼ା ଓ ବ୍ୟକ୍ତିତ୍ୱ ଗଠନରେ ତାଙ୍କର ଅନେକଟା ପ୍ରଭାବ ଥିଲା । ଆଜିକାଲି ସମୟରେ ତାଙ୍କପରି ଶିକ୍ଷକ ବିରଳ ।

୧୯୩୭ ମସିହା ନିର୍ବାଚନ ପରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥା'ନ୍ତି ବିଶ୍ୱନାଥ ଦାସ । କୋଣାର୍କ ଯିବା ବାଟରେ କିଛି ସମୟ ପାଇଁ ସେ ଗୋପସ୍କୁଲରେ ଅଟକି ଥିଲେ । ଅନେକ ସମୟରେ ବଡ଼ ବଡ଼ ଲୋକମାନେ କୋଣାର୍କ ଗଲେ ଗୋପ ସ୍କୁଲରେ ଅଟକି ଯାଆନ୍ତି । ତେଣୁ ପିଲାଦିନେ ବହୁ ବଡ଼ ବଡ଼ ଲୋକଙ୍କୁ ରବି ରାୟ ସାକ୍ଷାତ୍ କରିବାର ସୁଯୋଗ ପାଇଥିଲେ । ଏସବୁ ନାନା ଭାବରେ ତାଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥିଲା । କିନ୍ତୁ ଭିଙ୍ଗାରପୁର ସ୍କୁଲର ପରିବେଶ ଆଉ ଟିକିଏ ଭିନ୍ନ, ଆଉ ଟିକିଏ ସ୍ୱତନ୍ତ୍ର ଥିଲା । ରବି ରାୟଙ୍କ ବୟସ ବି ସେତେବେଳକୁ ଆଉ ଟିକିଏ ଅଧିକ ହୋଇଗଲାଣି । ଜ୍ଞାନର ପରିସର ମଧ ଅଧିକ ବିସ୍ତାରିତ

Digitized by srujanika@gmail.com

ହୋଇଗଲାଣି । ତେଣୁ ଗୋପ ସ୍କୁଲର ଅଭିଜ୍ଞତାଠାରୁ ଭିଙ୍গାରପୁର ସ୍କୁଲର ଅଭିଜ୍ଞତାରେ ସ୍ୱାତନ୍ତ୍ର୍ୟ ବାରି ହୋଇପଡ଼େ ।

ଭିଙ୍ଗାରପୁରରେ ପଢ଼ିଲାବେଳେ ନିଜର ଚିନ୍ତାଧାରା ଆଉ ଟିକିଏ ସ୍ପଷ୍ଟ ହୋଇ ଉଠିଥିଲା । ପ୍ରଥମ ବର୍ଷଟି ସେମିତି କଟିଗଲା ସହଜରେ । ସେ ନବମ ଶ୍ରେଣୀରେ ପଢୁଥାନ୍ତି, ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନର ବର୍ଷ ଇଏ । ସମଗ୍ର ଭାରତବର୍ଷର ଦିଗଦିଗନ୍ତ ଯେପରି ଏକ ବିଚିତ୍ର ଉନ୍ମାଦନାରେ ଉଦ୍‌ବେଳିତ । ଗାନ୍ଧିଜୀଙ୍କ ଏ ଚରମ ଆହ୍ୱାନ ଆବାଳବୃଦ୍ଧବନିତାଙ୍କୁ ଆତ୍ମଦାନ ଦେବା ଦୀକ୍ଷାରେ ଦୀକ୍ଷିତ କରିଥିଲା । ଏ ସଂଗ୍ରାମରେ ହଜାର ହଜାର ଯୁବକ, ଛାତ୍ର, ମହିଳା, ସାଧାରଣ ଜନତା ସାମିଲ ହେଲେ । ସାରା ଭାରତରେ ନାହିଁ ନ ଥିବା ଉତ୍ତେଜନା । ଚତୁର୍ଦ୍ଦିଗରେ 'ବନ୍ଦେମାତରମ୍' ଧ୍ୱନି ଗଗନ ପବନ ନିନାଦିତ କଲା । ରବି ରାୟଙ୍କ କିଶୋର ପ୍ରାଣରେ ସେଇ ମହାମନ୍ତ୍ର ଉଚ୍ଚାଟନ ସୃଷ୍ଟି କରିଥିଲା । ମହାସାଗରର ମହାମିଳନରେ ନିଜକୁ ସାମିଲ କରିବାପାଇଁ ସେ ବ୍ୟାକୁଳ ହୋଇ ଉଠିଥିଲେ । ସଂଗ୍ରାମୀମାନଙ୍କ ସହିତ ସେ ଗୋପନରେ ଦେଖାସାକ୍ଷାତ୍ କରୁଥିଲେ ।

ଦିନେ ରବି ରାୟ ଓ ଅନ୍ୟ ସାଙ୍ଗମାନେ 'ଇନକିଲାବ, ଜିନ୍ଦାବାଦ' କହି କହି କ୍ଲାସ ଛାଡ଼ିଲେ । ତାଙ୍କର ସହପାଠୀ ନିମାଇଁ ବିଶ୍ୱାଳ ଖୁବ୍ ଭଲ ଛାତ୍ର । ଭୁବନେଶ୍ୱର ଯାଇ ସେ ଟେଲିଫୋନ ତାର କାଟିଲା । ସବୁ ପିଲା ଗୋଟେ ବିରାଟ ପଟୁଆର ବାହାର କରି ଶୋଭାଯାତ୍ରାରେ ବାଲିଅନ୍ତା ପର୍ଯ୍ୟନ୍ତ ଗଲେ । ସେ ଯାଏଁ ପୁଲିସ କିଛି କଲା ନାହିଁ । ମାତ୍ର ପରଦିନ ଟେଲିଫୋନ ତାରକଟା ଅଭିଯୋଗରେ ଛାତ୍ରମାନଙ୍କୁ ଆରେଷ୍ଟ କରିବାକୁ ଇଂରେଜ ସାହେବ ଏସ୍.ପି. ସ୍କୁଲକୁ ଆସିଲେ । ପ୍ରଧାନଶିକ୍ଷକ ରାମକୃଷ୍ଣ ନନ୍ଦ ଦୃଢ଼ ସ୍ୱରରେ କହିଲେ, 'ମୋ ସ୍କୁଲର କୌଣସି ଛାତ୍ର ଏସବୁ କାମ କରି ନାହାନ୍ତି ।' ହେଡ୍‌ମାଷ୍ଟରଙ୍କ ଯୋଗୁଁ ନିମାଇଁ କିମ୍ବା ଆଉ କୌଣସି ଛାତ୍ର ଜେଲ ଗଲେ ନାହିଁ । ପରେ ନିମାଇଁ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ୍ କରିଥିଲେ ଓ ରବି ରାୟ ଦ୍ୱିତୀୟ ଶ୍ରେଣୀରେ ।

ଭାରତଛାଡ଼ ଆନ୍ଦୋଳନରେ ବଡ଼ ବଡ଼ ନେତା ଜେଲ ଗଲେ । ସାରା ଭାରତରେ ଶହ ଶହ ହଜାର ହଜାର ସଂଗ୍ରାମୀଙ୍କୁ ପୋଲିସ ଗିରଫ କରିନେଇ ବିଭିନ୍ନ ଜେଲରେ ରଖିଲେ । ପୁଲିସର ଆଖିବୁଜା ଦମନଲୀଳା ଯେତେ ଅଧିକ ହେଉଥିଲା, ଲୋକେ ସେତିକି ସେତିକି ଉତ୍ତେଜିତ ହୋଇ ଆନ୍ଦୋଳନରେ ଝାସ ଦେଉଥିଲେ । ଜେଲରେ ଥିଲାବେଳେ ମହାଦେବ ଦେଶାଇଙ୍କର ମୃତ୍ୟୁ ହେଲା । ରବି ରାୟ ପତ୍ରପତ୍ରିକାରୁ, କଂଗ୍ରେସ କର୍ମୀମାନଙ୍କଠାରୁ ଆନ୍ଦୋଳନ ସମ୍ପର୍କରେ ପାଉଥିବା ସମସ୍ତ ଖବର ଭଉଣୀମାନଙ୍କ ପାଖକୁ ଚିଠି ଲେଖି ଜଣାଉଥିଲେ ।

ଏ ସମ୍ପର୍କରେ ରବି ରାୟଙ୍କ ବଡ଼ଭଉଣୀ କଇଅପା ଅତୀତର ସ୍ମୃତିଚାରଣ କରି କହନ୍ତି - ''ଭିଙ୍ଗାରପୁର ସ୍କୁଲରେ ରବିର ରାଜନୀତି ଆରମ୍ଭ । ସେ ଶୋଭାଯାତ୍ରାରେ

Digitized by srujanika@gmail.com

ଯାଉଥିଲା । ପୁଲିସ ଗିରଫ କରିବାକୁ ଆସିଥିଲା ଇତ୍ୟାଦି । ନାନା କଥା ଶୁଣି ଘରେ ସମସ୍ତେ ବ୍ୟସ୍ତ ହେଉଥାନ୍ତି । ହେଲେ ପ୍ରଧାନଶିକ୍ଷକଙ୍କ କଡ଼ା ନଜର ଯୋଗୁଁ ସେ ପ୍ରତ୍ୟକ୍ଷ ଆନ୍ଦୋଳନରେ ସମ୍ପୂର୍ଣ୍ଣ ଝାସ ଦେଲା ନାହିଁ ।

'ସାନକକାଙ୍କ ପ୍ରଭାବରେ ଆମ ଘରେ, ଏପରିକି ମୋ ବୋଉ, ଖୁଡ଼ୀ ବି କଂଗ୍ରେସର ଚାରିଅଣିଆ ମେମ୍ବର ହୋଇଥାନ୍ତି । ସାନକକା ଅରଟ କିଣିଆଣି ଘରେ ଦେଇଥାନ୍ତି । ବୋଉ, ଖୁଡ଼ୀ ଦୁହେଁ ଅରଟରେ ସୂତା କାଟୁଥିଲେ । ସୁନାମଣିଦେବୀ ବୋଲି ଜଣେ ସ୍ୱାଧୀନତା ସଂଗ୍ରାମୀ ଓ କଂଗ୍ରେସକର୍ମୀ ସାକ୍ଷୀ-ଗୋପାଳରୁ ଖଦିଲୁଗା ଧରି ଭଅଁରାଗଡ଼ରେ ପହଞ୍ଚିଲେ । କୃଷ୍ଣକକା କଂଗ୍ରେସ ନେତା । ସେ ତାଙ୍କୁ ଆମ ଘରକୁ ଡାକି ଆଣିଲେ । ବୋଉ, ଖୁଡ଼ୀ ତାଙ୍କଠାରୁ ଖଦଡ଼ ଲୁଗା କିଣିଲେ ଓ ତାଙ୍କରି ପ୍ରଭାବରେ ଅରଟରେ ସୂତା କାଟିଲେ । ମହାତ୍ମା ଗାନ୍ଧୀ ଯେତେବେଳେ ଓଡ଼ିଶା ଆସିଥିଲେ, ପଦଯାତ୍ରା କଲାବେଳେ ଆମ ଗାଁ ପାଖ ବାଲକାଟି ସ୍କୁଲରେ ଅବସ୍ଥାନ କରିଥିଲେ । ଆମେ ସବୁ ଭାଇଭଉଣୀ, ବୋଉ, ଖୁଡ଼ୀ ବଳଦଗାଡ଼ିରେ ବାଲକାଟି ଆସି ମହାତ୍ମା ଗାନ୍ଧୀଙ୍କୁ ଦେଖିଲୁ । ମୋର ଯାହା ମନେପଡୁଛି, ୧୯୩୭-୩୮ କଥା ହେବ । ପୁରୀ ଜିଲ୍ଲାର ଡେଲାଙ୍ଗ ପାଖ ବେରବୋଇଠାରେ ଖଦୀ-ଗ୍ରାମୋଦ୍ୟୋଗ ତରଫରୁ ଗୋଟିଏ ଖୁବ୍ ବଡ଼ ଧରଣର, ଅଖିଳ ଭାରତ ସମ୍ମିଳନୀ ଡକା ଯାଇଥାଏ । ମୁଁ ଛୋଟ ହୋଇଥାଏ । ରବି ସେତେବେଳେ ଗୋପ ସ୍କୁଲରେ ପଢୁଥାଏ । ଘରକୁ ଆସିଥାଏ । ରବି, ମୁଁ, ମୋର ଅନ୍ୟ ଭଉଣୀମାନେ, ବୋଉ, ଖୁଡ଼ୀ, କକା ଆମେ ସମସ୍ତେ ମିଶି ବଳଦଗାଡ଼ିରେ ବସି ସମ୍ମିଳନୀ ଦେଖିବାକୁ ଯାଇଥିଲୁ । ମହାତ୍ମା ଗାନ୍ଧୀ, କସ୍ତୁରବା ଗାନ୍ଧୀ, ସରୋଜିନୀ ନାଇଡୁ, ଜବାହରଲାଲ ନେହେରୁ ପ୍ରମୁଖ ବଡ଼ ବଡ଼ ନେତାନେତ୍ରୀ ଏ ସମ୍ମିଳନୀକୁ ଆସିଥାନ୍ତି । ଏତେ ବଡ଼ ସମ୍ମିଳନୀ, ଏତେ ଲୋକ ଆଜିଯାଏ ମୁଁ ଦେଖିନି । ଏକ ବିରାଟ ବଡ଼ ବାଉଁଶରେ କଂଗ୍ରେସ ପତାକାକୁ ଉତ୍ତୋଳନ କରାଯାଇଥିଲା । ହଜାର ହଜାର ଜନତା ଗାନ୍ଧିଜୀଙ୍କୁ ଦେଖିବାପାଇଁ ବ୍ୟାକୁଳ ହୋଇ ଚାହିଁଥାନ୍ତି ।

''ଆମେ ସେଦିନ ରାତିରେ ବେରବୋଇଠାରେ ରହିଲୁ । ଏହାର କାରଣ ଥିଲା, ସକାଳୁ ସକାଳୁ ମହାତ୍ମା ଗାନ୍ଧୀ ବୁଲିଯିବେ ଓ ତାଙ୍କ ପାଇଁ ଯେଉଁ ଅସ୍ଥାୟୀ ପାଇଖାନା ତିଆରି ହୋଇଥିଲା, ତା ସେ ନିଜେ ସଫା କରିବେ । ଏହାକୁ ସ୍ୱଚକ୍ଷୁରେ ଦେଖିବାପାଇଁ ହଜାର ହଜାର ଲୋକ ବେରବୋଇ ଆଖପାଖରେ ପଡ଼ି ରହିଥାନ୍ତି ସାରାରାତି । ସେତେବେଳେ ଆଜିକାଲି ପରି ପକ୍କା ପାଇଖାନା ନ ଥାଏ । ଗାନ୍ଧୀ କିପରି ପାଇଖାନା ନିଜେ ସଫା କରିବେ, ତାହା ଆମ ପିଲାମନରେ କୌତୂହଳ ସୃଷ୍ଟି କରିଥାଏ । ଗାନ୍ଧିଜୀଙ୍କୁ ଦେଖିବାପାଇଁ ଲୋକଙ୍କ ବ୍ୟାକୁଳତାର ସୀମା ନ ଥାଏ । ମନେହେଉଥାଏ, ସତେଯେପରି ସ୍ୱର୍ଗରୁ ଧରାବତରଣ କରିଛନ୍ତି କେଉଁ ଦିବ୍ୟପୁରୁଷ, ଯାହାଙ୍କ ଦର୍ଶନ ଦୁର୍ଲଭ । ଗାନ୍ଧିଜୀ

Digitized by srujanika@gmail.com

ଥିଲେ ଭାରତୀୟ ଆଧ୍ୟାତ୍ମିକ ଅଭୀପ୍ସାର ମୂର୍ତ୍ତପ୍ରତୀକ । ଭାରତମାତାକୀ ଜୟ, ମହାତ୍ମାଗାନ୍ଧୀ କୀ ଜୟ.... ଇନ୍‌କିଲାବ ଜିନ୍ଦାବାଦ.... ବନ୍ଦେ ମାତରମ୍.... ପ୍ରଭୃତି ନାନା ସ୍ଲୋଗାନରେ ଆକାଶ ପୃଥିବୀ କମ୍ପି ଉଠୁଥାଏ । ଆମେ ବି ତା ସହିତ କଣ୍ଠ ମିଳାଇ କହିଥିଲୁ..... ଭାରତମାତାକୀ ଜୟ... ମହାତ୍ମାଗାନ୍ଧୀ କୀ ଜୟ... ବନ୍ଦେ ମାତରମ.... । ସମଗ୍ର ଶରୀର, ମନପ୍ରାଣ ଅପୂର୍ବ ଉନ୍ମାଦନାରେ ପୁଲକି ଉଠୁଥାଏ । ସେଇ ଛୋଟ ବୟସରେ ବି ମନେହେଉଥାଏ, ସତେଯେପରି ଆମେ କେଉଁ ସାକ୍ଷାତ୍ ଦେବତାର ଦର୍ଶନ ପାଇ ଧନ୍ୟ ହୋଇଯାଇଛୁ । ସେ ଦୁର୍ଲଭ ଉପଲବ୍ଧି ଆଜି ବି ମନେପଡ଼ିଲେ ଦେହରେ ରୋମାଞ୍ଚ ସୃଷ୍ଟି ହୁଏ । ସାରାଜୀବନ ଆଉ କେବେ ଏପରି ଅନୁଭବ ହୋଇ ନାହିଁ ।''

ଏ ସବୁ ଘଟଣା ସହିତ ସାନକକା କୃଷ୍ଣଚନ୍ଦ୍ର ରାୟଙ୍କର ଜାତୀୟ ମୁକ୍ତି ଆନ୍ଦୋଳନରେ ଯୋଗଦାନ, ରବି ରାୟଙ୍କୁ ସ୍ୱାଧୀନତା ଆନ୍ଦୋଳନ ପ୍ରତି ଆକୃଷ୍ଟ କରିଥିଲା । ଭିଙ୍ଗାରପୁରରେ ପଢ଼ିଲାବେଳେ ପ୍ରତ୍ୟକ୍ଷ ଆନ୍ଦୋଳନରେ ଝାସ ଦେବାପାଇଁ ତାଙ୍କ କିଶୋର ପ୍ରାଣ ବ୍ୟାକୁଳ ହୋଇ ଉଠିଥିଲା । କିନ୍ତୁ ପ୍ରଧାନଶିକ୍ଷକ ରାମକୃଷ୍ଣ ନନ୍ଦ ପାଠପଢ଼ା ନ ଛାଡ଼ିବା ପାଇଁ ବହୁ ବୁଝାବୁଝି କରେଇ ରଖିଲେ । ପ୍ରଧାନଶିକ୍ଷକ ଭାବରେ ତାଙ୍କର ବ୍ୟକ୍ତିତ୍ୱର ପ୍ରଭାବ ଛାତ୍ରମାନଙ୍କ ଉପରେ ବେଶ ଗଭୀର ଥିଲା । ଏଣୁ ତାଙ୍କ କଥା ମାନି ରବି ରାୟ ପ୍ରତ୍ୟକ୍ଷ ଆନ୍ଦୋଳନରେ ଝାସ ଦେଲେ ନାହିଁ ।

ବାଲ୍ୟବନ୍ଧୁତାର ମୁଗ୍ଧ ଅନୁଭବରେ

ଏଇ ସ୍କୁଲରେ ପଢ଼ିଲାବେଳେ ରବି ରାୟଙ୍କର କେଇଜଣ ଭାରି ଭଲ ସାଙ୍ଗ ଥିଲେ । ସେମାନଙ୍କ ମଧ୍ୟରୁ ସବୁଠୁ ବେଶି ପ୍ରିୟ ସାଙ୍ଗ ଥିଲେ ମହାପାତ୍ର ନୀଳମଣି ସାହୁ - ଆଜି ଜଣେ ସ୍ୱନାମଧନ୍ୟ ତଥା ପ୍ରତିଷ୍ଠିତ କଥାକାର । ଅରବିନ୍ଦ-ଦର୍ଶନର ପ୍ରବକ୍ତା, ଶିକ୍ଷାବିତ୍ ଓ ବାଗ୍ମୀ ଭାବରେ ଯିଏ ଅଜସ୍ର ଶ୍ରଦ୍ଧା, ସମ୍ମାନ ଓ ଲୋକପ୍ରିୟତାର ଅଧିକାରୀ । ସେଦିନ ସେଇ କିଶୋର ନୀଳମଣି ଥିଲେ ରବି ରାୟଙ୍କର ଅନ୍ତରଙ୍ଗ ବନ୍ଧୁ, ସବୁଠୁ ପ୍ରିୟ । ଛୁଟିହେଲେ ସେ ଭଅଁରାଗଡ଼ ଆସନ୍ତି, ଅନେକ ସମୟରେ ସେଠି ରହନ୍ତି । ରାତିରାତି ଗପ କରି କଟେଇ ଦିଅନ୍ତି । ନୀଳମଣି ଚମତ୍କାର ଗୀତ ଗାଉଥିଲେ । ତାଙ୍କ କଣ୍ଠର ମଧୁର ସ୍ୱରଝଙ୍କାର ଶୁଣିବା ଲୋକଙ୍କୁ ମୁଗ୍ଧଚକିତ କରୁଥିଲା ।

ସ୍କୁଲ କଥା ଓ ରବି ରାୟଙ୍କ ସମ୍ପର୍କରେ ତାଙ୍କୁ ପଚାରିଲେ ସେ ଏପରି ଭାବଗଦ୍‌ଗଦ ହୋଇ ଯାଆନ୍ତି ଯେ ତାହା ବାସ୍ତବିକ ଅନୁଭବ କରିବାର କଥା । ସେ କହନ୍ତି - 'ଭାରତବର୍ଷର ପ୍ରବୀଣ ଓ ବିଖ୍ୟାତ ନୀତିନିଷ୍ଠ ଆଦର୍ଶବାଦୀ ଜନନାୟକ ଶ୍ରୀଯୁକ୍ତ ରବି ରାୟ ମୋର ବାଲ୍ୟବନ୍ଧୁ - ପାଠବନ୍ଧୁ - ଆଦର୍ଶବନ୍ଧୁ ଓ ଆଜୀବନ ବନ୍ଧୁ - ଏକଥା ଯେତେବେଳେ ଭାବେ, ସେତେବେଳେ ମୋର ହୃଦୟ ଗର୍ବ ଓ କୃତଜ୍ଞତାରେ ଭରିଉଠେ ।

Digitized by srujanika@gmail.com

ସେ ମୋର କେବଳ ସମକାଳୀନ ନୁହନ୍ତି, ସେ ମଧ୍ୟ ମୋର ଜୀବନପଥରେ ବହୁଦିଗରୁ ସହଗାମୀ ସଖା ଓ ଜୀବନାନୁଭବର ସୁହୃଦ୍ । ସେ ମଧ୍ୟ ମୋର ଶୁଭାକାଂକ୍ଷୀ, ଗୁଣମୁଗ୍ଧ, ସମ୍ମାନନୀୟ ପ୍ରିୟଜନଙ୍କ ମଧ୍ୟରେ ଅନ୍ୟତମ ।

'୧୯୪୦-୪୧ ମସିହାରେ ଭିଙ୍ଗାରପୁର ଶ୍ରୀ ବକ୍ରେଶ୍ୱର ହାଇସ୍କୁଲରେ ପ୍ରଥମଥର ପାଇଁ ଆମର ଚାରିଚକ୍ଷୁ ମିଳିତ ହୋଇଥିଲେ ଓ ସେହି ମୁହୂର୍ତ୍ତରେ ଆମେ ପରସ୍ପର ଆନ୍ତର-ସଂଯୋଗରେ ଯୁକ୍ତ ହୋଇଗଲୁ । ଗୋଟିଏ ମୁହୂର୍ତ୍ତରେ ହିଁ ଆମର ଆନ୍ତର-ସାକ୍ଷାତ୍ ମଧ୍ୟ ହୋଇଗଲା । ମୋତେ ଲାଗିଲା, ଏଇଭଳି ସାଙ୍ଗଟିଏ ପାଇବି ବୋଲି ମୋର ଭାଗ୍ୟବିଧାତା ମୋତେ ଭିଙ୍ଗାରପୁର ହାଇସ୍କୁଲରେ ଆଡ଼୍‌ମିସନ ନେବାକୁ ବାଧ୍ୟ କଲା । ତା ନ ହେଲେ ତ ମୁଁ ନିମାପଡ଼ା ହାଇସ୍କୁଲରେ ପଢ଼ିଥାନ୍ତି । ନିମାପଡ଼ା ମଧ୍ୟ ତତ୍‌କାଳୀନ ଓଡ଼ିଶାର କତିପୟ ହାଇସ୍କୁଲ ଭିତରେ ଖୁବ୍ ଶୀର୍ଷ ସ୍ଥାନରେ ଥିଲା । ଭିଙ୍ଗାରପୁର ହାଇସ୍କୁଲ ଥିଲା ତା ତୁଳନାରେ ଅର୍ବାଚୀନ, କିନ୍ତୁ ଦ୍ରୁତଗତିରେ ବିକାଶଶୀଳ ।

'ରବି ରାୟଙ୍କ ଗାଁ ଭଅଁରାଗଡ଼ ଆମ ଗାଁ ନିଆଳୀଠାରୁ ପାଞ୍ଚଛଅ କିଲୋମିଟର ବାଟ । ତାଙ୍କ ଗାଁର ଭଅଁରାନଟା (ଜଙ୍ଗଲ) ଆମ ନିଆଳୀଯାଏ ବ୍ୟାପିଥିଲା ଏବଂ ପ୍ରାଚୀନଦୀ କୂଳେ କୂଳେ ଗୋପ କାକଟପୁର ଦେଇ ପୁରୀ ବାଲିଘାଇର ସମୁଦ୍ରତଟବର୍ତ୍ତୀ ଜଙ୍ଗଲ ସହିତ ମିଶିଥିଲା । ସେତେବେଳେ ଆମର ସେ ଜଙ୍ଗଲରେ ବାଘ, ଭାଲୁ, ହରିଣ, ଅଜଗର, ଅହିରାଜ, ବାରୁହା, ଗଧିଆ, କୋକି ସମେତ ନାନାଦି ଜୀବଜନ୍ତୁ ଥିଲେ । ରବି ରାୟଙ୍କ ବଂଶ ଭଅଁରାଗଡ଼ର ପ୍ରାଚୀନ ଐତିହାସିକ ଜମିଦାର ଥିଲେ । ଓଡ଼ିଶା ଗଜପତି ମହାରାଜାଙ୍କ ସେନାବାହିନୀରେ ତାଙ୍କର ପୂର୍ବତନ ବଂଶଧରମାନେ ଖୁବ୍ ଦାୟିତ୍ୱପୂର୍ଣ୍ଣ ସାମରିକ କାର୍ଯ୍ୟରେ ନିଯୁକ୍ତ ରହୁଥିଲେ । ଆମ ବଂଶ ମଧ୍ୟ ନିଆଳୀର ଜମିଦାର ଓ କେତେକ ଗ୍ରାମର ମୋକଦ୍ଦମ ଥିଲେ । ସେ ଥିଲେ କ୍ଷତ୍ରିୟ ଓ ମୁଁ ବ୍ରାହ୍ମଣ । ପାରମ୍ପରିକ ଗ୍ରାମ୍ୟ ଆଭିଜାତ୍ୟ ଆମ ଦୁହିଁଙ୍କ ରକ୍ତରେ ଥିଲା । କିନ୍ତୁ ଆମେ ଦୁହେଁ ଏବଂବିଧ ବୁର୍ଜୋୟା ଆଭିଜାତ୍ୟରୁ ନିଜକୁ ମୁକ୍ତ କରି ସେଇ ବାଲ୍ୟାବଧି ଗାନ୍ଧିଜୀଙ୍କ ସମାଜବାଦ ମନ୍ତ୍ରରେ ଦୀକ୍ଷିତ ହୋଇଥିଲୁ । ସେ ଥିଲେ ମୋ ଠାରୁ ଡେଙ୍ଗା । କିନ୍ତୁ ଆମେ ଦୁହେଁ ଥିଲୁ ସମାନଭାବେ ସୁସ୍ଥ, ସବଳ, ପ୍ରାଣବନ୍ତ ଓ ଉର୍ଦ୍ଧ୍ୱମୁଖ । ଆମ ଦୁହିଁଙ୍କର ଦୈହିକଶକ୍ତି ସହିତ ମନର ଜୋର୍ ଓ ଗଳାର ଜୋର୍ ମଧ୍ୟ ସମାନ ଥିଲା ଏବଂ ହୃଦୟବତ୍ତାରେ ଆମେ ଦୁହେଁ ଦୁହିଁଙ୍କର ପରିପୂରକ ଥିଲୁ । ପାଠପଢ଼ାରେ ବି ଆମର ଥିଲା ସମାନ ଯୋଗ୍ୟତା । ଆମେ ଦୁହେଁଯାକ ନିର୍ଭୀକ ଥିଲୁ । ମୁଁ ଭୂତପ୍ରେତଙ୍କ ପ୍ରତି ଭୟାଳୁ ଥିଲି । ତାଙ୍କର ସେ ଭୟ ବି ନ ଥିଲା ।

ଆମେ ଦୁହେଁଯାକ ଥିଲୁ ଭୀଷଣ ଜିଦ୍‌ଖୋର । କିନ୍ତୁ ମୁଁ ଥିଲି ତାଙ୍କଠାରୁ ଅଧିକ ରୋମାଣ୍ଟିକ ଓ ଖିଆଲବାଜ । ଆମେ ଦୁହେଁ ଥିଲୁ ଆଦର୍ଶବାଦୀ, ସମାଜସଚେତନ -

Digitized by srujanika@gmail.com

ସେବାପରାୟଣ - ନିଃସ୍ୱାର୍ଥପର - ଦେଶପ୍ରେମୀ । କିନ୍ତୁ ସେ ମୋ ଠାରୁ ଥିଲେ ଅଧିକ ନୀତିନିଷ୍ଠ ଓ ଶୃଙ୍ଖଳାପରାୟଣ । ସେଇ ପିଲାଦିନୁ ସେ ତାଙ୍କର ନୈତିକ ଚରିତ୍ର ଓ ବ୍ୟକ୍ତିତ୍ୱ ଉପରେ ଖୁବ୍ ସଚେତନ ଥିଲେ ଏବଂ ସେ ସମ୍ବନ୍ଧେ ଖୁବ୍ କଠୋର ଓ ଜିଦ୍‌ଖୋର ମଧ୍ୟ ଥିଲେ । ମାତ୍ର ମୋର ବ୍ୟକ୍ତିତ୍ୱ ଖୁବ୍ ଦୃଢ଼ ଥିଲେ ବି ମୋର ପ୍ରକୃତି ଥିଲା ସାରୁପତ୍ରରେ ଜଳ ଠୋପା ପରି । ସବୁବେଳେ ଖସିପଡ଼ିବାକୁ ଢଳଢଳ ହେଉଥାଏ ଏବଂ ବେଳେବେଳେ ଖସିପଡ଼େ ମଧ୍ୟ । ଏମିତି ଆମଦୁହିଁଙ୍କ ଭିତରେ ମେଳ ଥିଲା ଯେମିତି ନିବିଡ଼, ଅମେଳ ବି କିଛି କମ୍ ନ ଥିଲା । ତଥାପି ମୁଁ ତାଙ୍କୁ ବହୁତ ଗଭୀର ଭାବରେ ଭଲପାଉଥିଲି ଓ ବାହାରେ ପ୍ରତିବାଦ ପ୍ରତିରୋଧ କଲେ ବି ମୋ ଭିତରେ ଭିତରେ ତାଙ୍କୁ ସମ୍ମାନ କରୁଥିଲି । ମୋ ପ୍ରତି ମଧ୍ୟ ତାଙ୍କର ଗଭୀର ଅନୁରାଗ ଥିଲା । ଭିଙ୍ଗାରପୁର ହାଇସ୍କୁଲରେ ଚାରିବର୍ଷର ଛାତ୍ରଜୀବନରେ ସେ ମୋର ଏକମାତ୍ର ପରମବନ୍ଧୁ ଥିଲେ । ତାଙ୍କର ବ୍ୟକ୍ତିତ୍ୱ ଉପରେ ମୋର ଖୁବ୍ ପ୍ରତ୍ୟୟ ଥିଲା - ଆସ୍ଥା ଓ ବିଶ୍ୱାସ ମଧ୍ୟ ଥିଲା । କହିବାକୁ ଗଲେ, ତାଙ୍କ ବ୍ୟତୀତ ମୁଁ ଆଉ କାହାକୁ ସେତେବେଳେ ଖାତିର୍ ବି କରୁ ନ ଥିଲି ।

''ଖୁବ୍ ମତାନ୍ତର ବି ହେଉଥିଲା । ସେ ମୋତେ କହୁଥିଲେ, ତୋର ଚାରିଦୁଆର ମେଲା । ମୁଁ ତାଙ୍କୁ କହୁଥିଲି, ତୁ ଗୋଟାଏ ମୁଦା ଦେଉଳ । ଆମେ ଦୁହେଁ ଛାତ୍ରାବାସରେ ଥିଲୁ । ସେ ଥିଲେ ଛାତ୍ରାବାସର ଜେନେରାଲ ସେକ୍ରେଟାରୀ । ମୁଁ ଥିଲି ଏକନମ୍ବର ହଲ୍‌ର ମନିଟର । ସେତେବେଳେ ନବତରୁଣମାନଙ୍କର ବ୍ରହ୍ମଚର୍ଯ୍ୟପାଳନ ଉପରେ କେତେକ ଛାତ୍ର ମାତିଥାନ୍ତି । ରବି ରାୟ ସେମାନଙ୍କ ନେତା । ଜାଗରଣ, ଶୟନ, ସପନ ସବୁ ଅବସ୍ଥାରେ ନାନାଦି ସଂଯମ - ଖୁବ୍ କଡ଼ାକଡ଼ି - କୌଣସି ପ୍ରକାର ସ୍ଖଳନକୁ ବରଦାସ୍ତ କରାଯିବ ନାହିଁ । ଭୋର୍ ପାଞ୍ଚଟାରେ ଉଠି ରବି ରାୟ ଘଣ୍ଟା ବଜାନ୍ତି । ସମସ୍ତେ ବିଛଣାରୁ ଉଠି ମୁହଁହାତ ଧୋଇ ବାରଣ୍ଡାରେ ଠିଆହୋଇ କୋଡ଼ିଏ ମିନିଟ ସମୂହ ସରବ ପ୍ରାର୍ଥନା କରିବାକୁ ବାଧ୍ୟ । ତା'ପରେ ସ୍ନାନ, ତା'ପରେ ଗଜାମୁଗ ବା ଗଜାବୁଟ ଓ ଗୁଡ଼ସେବନ । ତାପରେ ପାଠାଭ୍ୟାସ । ମୁଁ ଶୀତଦିନ ସକାଳେ ଏତେ ଭୋରରୁ ଉଠିପାରେନା । ରବି ରାୟ ପୁଣି ପ୍ରାର୍ଥନା ଲାଗି ଗୀତଗୋବିନ୍ଦରୁ ଦଶାବତାର ଶ୍ଳୋକ ସହିତ ଆଉ ଗୋଟିଏ ସଂସ୍କୃତ ପ୍ରାର୍ଥନା ସମବେତ କଣ୍ଠରେ ଗାଇବାକୁ ରଖିଥାନ୍ତି । ସମସ୍ତେ ବଡ଼ପାଟିରେ ଏକସ୍ୱରରେ ବୋଲିବାକୁ ବାଧ୍ୟ । ମାତ୍ର ଶୀତଦିନେ ଭୋର ପାଞ୍ଚଟାରେ ନିଦ୍ରାମୁଗ୍ଧ ଆଖି ଓ ତନ୍ଦ୍ରାବିହ୍ୱଳ ଗଳାରେ ଏତେବଡ଼ ପାଟିରେ ସୁରଧରି ଏତେ ଜଟିଳ ଛନ୍ଦୋବଦ୍ଧ ସଂସ୍କୃତ ପ୍ରାର୍ଥନା ବୋଲିବା ମୋ ପକ୍ଷରେ ଅସମ୍ଭବ ହେଉଥିଲା - ମୋର ବି ସେଥିପାଇଁ ଶୋଚନା ନ ଥିଲା । ଏଇ ଶୀତକାକର ସକାଳରେ ଭଗବାନ୍ ''ସମାଗଚ୍ଛତୁ - ପ୍ରତ୍ୟାଗଚ୍ଛତୁ ବା'' । ଦିନେ ଦିନେ ମୁଁ ବିଛଣାରୁ ଉଠେନି କି ଉଠିଲେ ବି ପ୍ରାର୍ଥନା ବୋଲେ ନାହିଁ - ଝରକା

Digitized by srujanika@gmail.com

ଉପରେ ବସି - ଝରକା ବାଡ଼ାକୁ ଧରି ଘୁମାଉଥାଏ । ମୋର ଏହି ଅନୀତି ଦେଖି ରବି ରାୟ ସହ୍ୟ କରିପାରନ୍ତି ନାହିଁ । ଏହା ନେଇ ଆମର କଳି ହୁଏ । ରବି ରାୟ କହନ୍ତି - ବୁଝିଲୁ, ଗାନ୍ଧିଜୀ ବ୍ରହ୍ମଚର୍ଯ୍ୟ ଉପରେ କେତେ ଜୋର ଦେଇଛନ୍ତି ! ତୁ ମୋ କଥା ନ ମାନି ପାରୁ, ମାତ୍ର ଗାନ୍ଧିଜୀଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରିବୁ ? ତୋରି ଭଳି ଅଳସୁଆଙ୍କ ଯୋଗୁଁ ଆମ ଦେଶ ସ୍ୱାଧୀନତା ପାଇପାରୁ ନାହିଁ । ମୁଁ କିଞ୍ଚିତ୍ ଅବଜ୍ଞା ଓ ପରିହାସ କରି କହେ - ''ତୁ ଭଲା କାହିଁକି ଗାନ୍ଧିଜୀଙ୍କୁ ସାବରମତି ଆଶ୍ରମରୁ ବକ୍ରେଶ୍ୱର ହାଇସ୍କୁଲକୁ ଟାଣି ଆଣୁଛୁ ।' ଭାରତବର୍ଷର ସବୁତକ ମଣିଷ ଯଦି ଭୋର୍ ପାଞ୍ଚଟାରୁ ଉଠି ଗୀତଗୋବିନ୍ଦର ଦଶାବତାର ଗାଇବେ ଇଂରେଜମାନେ ଭାରତବର୍ଷକୁ ସ୍ୱାଧୀନତା ଦେଇଦେବେ ?'' ରବି ରାୟ ତାଙ୍କର ସ୍ୱରକୁ ଆହୁରି ଉଚ୍ଚା କରି କହନ୍ତି - ''ଆବେ ! ତୁ ବ୍ରହ୍ମଚର୍ଯ୍ୟର ଉପକାରିତା କ'ଣ ଜାଣୁ ? ତୋତେ ବ୍ରହ୍ମଚର୍ଯ୍ୟ ଉପରେ ଖଣ୍ଡିଏ ବହି ଦେଇଥିଲି, ପଢ଼ିଛୁ ? ତୁ ତ ଚନ୍ଦ୍ରମଣି ଦାସଙ୍କ 'ହାଇଫେନ୍' ଉପନ୍ୟାସ ପଢ଼ିବୁ, ଆଉ ଏହାର ଗୁରୁତ୍ୱ କ'ଣ ବୁଝିବୁ ?''

ରବି ରାୟଙ୍କ ନେତୃସୁଲଭ ବ୍ୟକ୍ତିତ୍ୱକୁ ସବୁ ଛାତ୍ର ମାନନ୍ତି । ମାତ୍ର ତାଙ୍କର ଏଇ ସବୁ କଠୋର ନୀତିନିଗଡ଼ କେତେକ ସାଙ୍ଗଙ୍କୁ ବଡ଼ ବିରକ୍ତି ଲାଗେ । ଭିଙ୍ଗାରପୁରରେ ପଢୁଥିବା ଓ ଛାତ୍ରାବାସରେ ରହୁଥିବା ରବି ରାୟଙ୍କର ଅନ୍ୟତମ ପ୍ରିୟ ବନ୍ଧୁ ନରେନ୍ଦ୍ର ଜେନା ମଧ୍ୟ ଏପରି କଠୋର ଶୃଙ୍ଖଳାକୁ ଆଦୌ ପସନ୍ଦ କରୁ ନ ଥିଲେ । ରବି ରାୟ ପ୍ରାର୍ଥନା ପାଇଁ ସମସ୍ତଙ୍କୁ ଉଠାନ୍ତି । ପ୍ରାର୍ଥନା ଆରମ୍ଭ ହେବାମାତ୍ରେ ସେ ଆଖିବୁଜି ଧ୍ୟାନସ୍ଥ ହେଲାପରି ପ୍ରାର୍ଥନା କରନ୍ତି । ଠିକ୍ ସେତିକିବେଳେ ନରେନ୍ଦ୍ର ଅତି ସନ୍ତର୍ପଣରେ ସେଠାରୁ ଚାଲିଆସି ପୁଣି ବିଛଣାରେ ଶୋଇପଡ଼ନ୍ତି । ସେଥିପାଇଁ ତାଙ୍କୁ ରବି ରାୟ ପରେ ଭର୍ତ୍ସନା କରନ୍ତି । ବିଭିନ୍ନ ନୀତି ଓ ଆଦର୍ଶ ଉପରେ ଘଣ୍ଟା ଘଣ୍ଟା ଧରି ବଡ଼ ପାଟିରେ ଯୁକ୍ତିତର୍କ ଚାଲେ । ମହାପାତ୍ର ନୀଳମଣି ସାହୁଙ୍କ ସହିତ ତାଙ୍କର ଏ ଯୁକ୍ତିତର୍କକୁ ଅନ୍ୟ ପିଲାମାନେ ଜମା ହୋଇ ଶୁଣନ୍ତି । କିଛିଦିନ ପରେ ମହାପାତ୍ର ନୀଳମଣି ସାହୁ ଗୋଟିଏ ହସ୍ତଲେଖା ମାସିକ ପତ୍ରିକା ବାହାର କଲେ । ତାହା ଥିଲା 'ନିଆଁଖୁଣ୍ଟା' ବା 'ଦୁର୍ମୁଖ' ଜାତୀୟ ଗୋଟିଏ ବ୍ୟଙ୍ଗ ପତ୍ରିକା । ସମ୍ପାଦନାମଣ୍ଡଳୀରେ ରହିଲେ ପରବର୍ତ୍ତୀ କାଳର ଗାଳ୍ପିକ ରାଜକିଶୋର ମହାନ୍ତି, ନୀଳମଣି ସାହୁ ଓ ଯୋଗେନ୍ଦ୍ର ବିଶ୍ୱାଳ (ପରବର୍ତ୍ତୀ କାଳର ପୁଲିସ ଅଫିସର) । କିନ୍ତୁ ପତ୍ରିକାର ସମ୍ପାଦକଙ୍କ ନାମ ଲେଖାହେଲା 'ନୀଳକିଶୋର ବିଶ୍ୱାଳ' । ସେ ପତ୍ରିକାରେ ଶିକ୍ଷକମାନଙ୍କୁ ନେଇ ମଧ୍ୟ ବ୍ୟଙ୍ଗବିଦ୍ରୂପ ଚାଲିଲା । କେତେକ ଗଳ୍ପ, କବିତା ବି ସ୍ଥାନ ପାଇଲା । ସେଥିରେ ରବି ରାୟଙ୍କର କର୍କଶ, କଠୋର କାଣ୍ଡଜ୍ଞାନହୀନ ବ୍ରହ୍ମଚର୍ଯ୍ୟ ଆଦର୍ଶବାଦକୁ ନେଇ ନାନା ବ୍ୟଙ୍ଗବିଦ୍ରୂପ କଲେ ମହାପାତ୍ର ନୀଳମଣି ସାହୁ ।

Digitized by srujanika@gmail.com

"ବ୍ରହ୍ମଚାରୀ ରବିରାଏ -
ପାହାନ୍ତାରୁ ଉଠି ଗାଧୋଇଯାଏ ।
ଆଖି ବୁଜି କରେ ଧ୍ୟାନ
ପାଟିକରି ବୋଲେ ଜଣାଣ
ବ୍ରହ୍ମଙ୍କୁ ନ ଚିହ୍ନି କରେ ବ୍ରହ୍ମଚାରଣ ।"

ସ୍ୱର୍ଗତ ଚିନ୍ତାମଣି ଜେନା ଥିଲେ ସହକାରୀ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷକ ଥିଲେ ଉତ୍କଳର ବିଶିଷ୍ଟ ଶିକ୍ଷାବିତ୍ ପୂଜନୀୟ ସ୍ୱର୍ଗତ ରାମକୃଷ୍ଣ ନନ୍ଦ, ଗୋବିନ୍ଦଚନ୍ଦ୍ର ମିଶ୍ର ଥିଲେ ଅଦ୍ୱିତୀୟ ସଂସ୍କୃତ ଶିକ୍ଷକ । ରବି ରାୟ ଥିଲେ ସମସ୍ତଙ୍କର ଅତ୍ୟନ୍ତ ପ୍ରିୟ ଛାତ୍ର । ମହାପାତ୍ର ନୀଳମଣି ସାହୁ ସେ ପତ୍ରିକାରେ ଶିକ୍ଷକମାନଙ୍କୁ ମଧ୍ୟ ବିଦ୍ରୂପ କରୁଥିଲେ । କିନ୍ତୁ ସେମାନେ କେହି ଦେହକୁ ନେଉ ନ ଥିଲେ । ରବି ରାୟ ମଧ୍ୟ ନୀଳମଣିଙ୍କର ଏପରି ବ୍ୟଙ୍ଗବିଦ୍ରୂପରେ ପ୍ରତିକ୍ରିୟାଶୀଳ ନ ହୋଇ ହୋ ହୋ ହୋଇ ହସୁଥିଲେ ।

ମହାପାତ୍ର ନୀଳମଣି ସାହୁ ଓ ତାଙ୍କର ଆଉ ଜଣେ ଦୁଃସାହସୀ ରୁମ୍‌ମେଟ ଆଦିକନ୍ଦ ରାଉତରା ସେ ରୁମରେ ଦୁଇଟି ପାତିହଂସ, ଦୁଇଟି ଚୂଳିଆ ଚଢ଼େଇ, ଗୋଟିଏ ନେଉଳ ପୋଷିଥିଲେ । ଦିନେ ଆଦିକନ୍ଦ ଦୁଇଟି ନାଗଛୁଆ ଧରିଆଣି ଗୋଟେ କାଚଜାର୍‌ରେ ରଖି ଟେବୁଲ ଉପରେ ଥୋଇଲେ । ଉଦ୍ଦେଶ୍ୟ - ଦିନେ ଛାତ୍ରମାନଙ୍କ ଆଗରେ ଅହି-ନକୁଳ ସଂଗ୍ରାମ ପ୍ରଦର୍ଶିତ ହେବ । ଛାତ୍ରମାନେ ଭୟରେ ବ୍ୟାକୁଳ ହେଲେ । ରବି ରାୟ ଏହି ବିଚିତ୍ର ଅବିମୃଶ୍ୟକାରିତାରେ ଭୟଙ୍କର ରାଗିଯାଇ ନାଗଛୁଆ ଦୁଇଟିଙ୍କୁ ବିଲରେ ଛାଡ଼ି ଦେବା ଲାଗି କହିଲେ । କିନ୍ତୁ ନୀଳମଣି ଓ ଆଦିକନ୍ଦ ନାଗଛୁଆ ଦୁଇଟିଙ୍କୁ ଛାଡ଼ିଦେବାକୁ ନାରାଜ । ରବି ରାୟ ସେମାନଙ୍କ ନାମରେ ପ୍ରଧାନଶିକ୍ଷକଙ୍କୁ ରିପୋର୍ଟ କଲେ । ଦିନେ ହେଡ଼ମାଷ୍ଟର ରାମକୃଷ୍ଣ ନନ୍ଦ ଅନ୍ୟ ଶିକ୍ଷକମାନଙ୍କ ସହ ଆସି ଏକ ନମ୍ବର ହଲରେ ଏ କାଣ୍ଡକାରଖାନା ଦେଖି ପ୍ରଥମେ ହସି ଉଠିଲେ । କହିଲେ - "ନୀଳମଣି ! ଏ ଚିଡ଼ିଆଖାନା ନା ଛାତ୍ରାବାସ ?" ତଥାପି ଭୟରେ ନୀଳମଣି ଓ ଆଦିକନ୍ଦଙ୍କ ପାଟିରୁ କଥା ବାହାରୁ ନ ଥାଏ । ଏହି ସମୟରେ ହଠାତ୍ ସଂସ୍କୃତ ପଣ୍ଡିତ ଗୋବିନ୍ଦବାବୁ ଦୁଇହାତ ଉପରକୁ ଟେକି କ୍ରୁଦ୍ଧ ସ୍ୱରରେ କହିଲେ - "ଏ କି ଅବ୍ୟାପାର ସସର୍ପଚ ଗୃହେବାସ - ମୃତ୍ୟୁରେବ ନ ସଂଶୟଃ !" ଏ କଥା ଶୁଣି ହେଡ଼ମାଷ୍ଟର ଟିକେ ଗମ୍ଭୀର ହୋଇ ଆଦେଶ ଦେଲେ 'ନୀଳମଣି, ଏଇ ମୁହୂର୍ତ୍ତରେ ଏ ନାଗଛୁଆ ଦୁଇଟିଙ୍କୁ ବିଲରେ ଛାଡ଼ିଦେଇ ଆସ । ତା ପରେ ଅନ୍ୟ ପ୍ରାଣୀମାନଙ୍କୁ ମୁକ୍ତ କର ।' ଆଦେଶ ତତ୍‌କ୍ଷଣାତ୍ ପାଳିତ ହେଲା । କେବଳ ହଂସ ଦୁଇଟି ସ୍କୁଲ ପୁଷ୍କରିଣୀରେ ଥିବାରୁ ରହିଗଲେ । ରବି ରାୟଙ୍କର ବିଜୟ ହେଲା ।

ତା ପରେ ଏ ଘଟଣାକୁ ନେଇ ନୀଳମଣି ତାଙ୍କ ବ୍ୟଙ୍ଗପତ୍ରିକାରେ ରବି ରାୟଙ୍କୁ ଆକ୍ଷେପ କରି ବ୍ୟଙ୍ଗାତ୍ମକ ଲେଖାଟିଏ ଲେଖିଲେ । ତା'ର ନାଁ ଥିଲା, 'ରବି ରାୟଙ୍କର

Digitized by srujanika@gmail.com

ଆଳୁଦୋଷ' - ଆଉ ଗୋଟିଏ ଲେଖା ଥିଲା 'ରବି ରାୟ ଦୟାଳୁ ନା ଭୟାଳୁ' ? ଦିନେ ସନ୍ଧ୍ୟାରେ ରବି ରାୟ ଆସି ତାଙ୍କୁ କହିଲେ - 'ମୁଁ ରିପୋର୍ଟ କରି ନ ଥାନ୍ତି, ଯଦି ତୁ ନାଗଛୁଆ ଦୁଇଟାକୁ ଛାଡ଼ିଦେଇଥାନ୍ତୁ ।' କିନ୍ତୁ ଏ ବିଦ୍ରୂପାତ୍ମକ ଲେଖା କଥା କହି ହସି ହସି ଗଡ଼ିଗଲେ । ଏସବୁ କଥାରେ ରବି ରାୟ ବେଶ୍ ବେପରୁଆ ।

ଏମିତି ଏମିତି ନାନା କଥାରେ ରବି ରାୟଙ୍କର ଓ ନୀଳମଣିଙ୍କର ଯୁକ୍ତିତର୍କ ଚାଲେ । କିନ୍ତୁ ଦୁହିଁଙ୍କ ଭିତରେ ଶ୍ରଦ୍ଧା ଓ ପ୍ରୀତି ବେଶ୍ ଅତୁଟ ରହିଥାଏ । ନୀଳମଣି ସେତେବେଳେ କବିତା ଲେଖୁଥିଲେ । ରବି ରାୟ ସେସବୁ କବିତାକୁ ଖୁବ୍ ଆଗ୍ରହରେ ଶୁଣୁଥିଲେ । ସେଇ ପିଲାଦିନୁ ସାହିତ୍ୟ ଓ ସଙ୍ଗୀତ ପ୍ରତି ତାଙ୍କର ଆକର୍ଷଣ । ସେଥିରେ କିଛି ପ୍ରବେଶ ବି ଥିଲା । ନୀଳମଣିଙ୍କ ପରି ସେ ମଧ୍ୟ ପିଲାଦିନୁ ଓଡ଼ିଆ, ଇଂରାଜୀ ଓ ବଙ୍ଗଳା ଭାଷାରେ ବହୁ ବହି ପଢୁଥିଲେ । ଭାରତୀୟ ଜୀବନାଦର୍ଶ, ପ୍ରାଚୀନ ପରମ୍ପରା ଓ ଐତିହ୍ୟ ପ୍ରତି ସେ ଖୁବ୍ ଆକୃଷ୍ଟ ଥିଲେ । ବିଶେଷତଃ ସ୍ୱାମୀ ବିବେକାନନ୍ଦ ଓ ଗାନ୍ଧିଜୀଙ୍କ ଆଦର୍ଶ ତାଙ୍କୁ ଖୁବ୍ ଅନୁପ୍ରାଣିତ କରିଥିଲା । ସେତେବେଳେ ଉତ୍କଳମଣି ଗୋପବନ୍ଧୁ, ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ସରଳାଦେବୀ, ଗୋଦାବରୀଶ, ନୀଳକଣ୍ଠ, ଆଚାର୍ଯ୍ୟ ହରିହରଙ୍କ ଆଦର୍ଶ ପିଲାମାନଙ୍କୁ ଖୁବ୍ ଅନୁପ୍ରାଣିତ କରୁଥିଲା । ରବି ରାୟ ଏମାନଙ୍କୁ ନିଜର ଆଦର୍ଶ ଭାବରେ କେବଳ ଗ୍ରହଣ କରି ନ ଥିଲେ, ନିଜର ଚିନ୍ତା ଓ ଆଚରଣରେ ମଧ୍ୟ ବିମ୍ବିତ କରିବାକୁ ଆରମ୍ଭ କରିଥିଲେ ।

ସେତେବେଳେ ନୀଳମଣି, ନରେନ୍ଦ୍ର ଓ ରବି ରାୟ ପ୍ରଭୃତି ପ୍ରତିଦିନ ଅରଟ ବା ଧନୁଷ୍ଟ କଲିରେ ସୂତା କାଟୁଥିଲେ ଓ ଖଦଡ଼ ପିନ୍ଧୁଥିଲେ । ସେଇ ଛାତ୍ରାବସ୍ଥାରୁ ଆଜିଯାଏ ରବି ରାୟ ଖଦଡ଼ ପିନ୍ଧି ଆସିଛନ୍ତି । ସେତେବେଳେ ସେମାନେ ପ୍ରତ୍ୟେକଦିନ ଉଦ୍ୟାନ କର୍ମ କରୁଥିଲେ । ସ୍କୁଲର ତର୍କସଭାରେ ପ୍ରମୁଖ ଅଂଶ ଗ୍ରହଣ କରୁଥିଲେ । ସ୍କାଉଟ ଓ ରେଡ଼କ୍ରସରେ ମଧ୍ୟ ଯୋଗ ଦେଉଥିଲେ । ଗାଁମାନଙ୍କରେ ବନ୍ୟା, ଘରପୋଡ଼ି, ହଇଜା ପ୍ରଭୃତି ଆପଦ ବିପଦରେ ରବି ରାୟ ନିଜେ ନେତୃତ୍ୱ ନେଇ ଅନ୍ୟ ପିଲାମାନଙ୍କ ସହ ଗ୍ରାମସେବା କାର୍ଯ୍ୟ କରୁଥିଲେ ।

ମହାପାତ୍ର ନୀଳମଣି ସାହୁଙ୍କ ବଡ଼ଭାଇ ସ୍ୱର୍ଗତ କୁଳମଣି ମହାପାତ୍ର ସେତେବେଳେ କଟକରେ ପ୍ୟାରିମୋହନ ଏକାଡେମୀରେ ପଢୁଥିଲେ । ସେ ଫରୱାର୍ଡ଼ ବ୍ଲକ ଦଳରେ ଥିଲେ । ନେତାଜୀ ସୁବାଷ ବୋଷ ଥିଲେ ତାଙ୍କର ଆଦର୍ଶ । ୧୯୪୨ର ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ସେ ଜେଲ ଗଲେ । ରବି ରାୟଙ୍କୁ ସେ ଖୁବ୍ ଭଲ ପାଉଥିଲେ । କିନ୍ତୁ ନୀଳମଣି ଓ ରବି ରାୟ ଥିଲେ ଖାଣ୍ଟି ଗାନ୍ଧୀବାଦୀ । ରବି ରାୟ ସେତେବେଳେ ଥରେ ସାରାରାତି ଅନିଦ୍ରାହୋଇ କୁଳମଣି ମହାପାତ୍ରଙ୍କ ସଙ୍ଗେ ଯୁକ୍ତି-ତର୍କ, ବିଚାର-ଆଲୋଚନା କରିଥିଲେ । ନିଜ ମତରେ ଅଟଳ ରହିବା ତାଙ୍କର ପିଲାଦିନରୁ ଅଭ୍ୟାସ । ସେତିକିବେଳୁ ସେ ବହୁ ରାଜନୀତିକ ସାହିତ୍ୟ, ଇତିହାସ ପଢୁଥିଲେ । ତେଜସ୍ୱିନୀ ବକ୍ତୃତା ମଧ୍ୟ ଦେଉଥିଲେ । ତାଙ୍କର

Digitized by srujanika@gmail.com

ସଙ୍ଗଠନ କ୍ଷମତା ବେଶ ପ୍ରଶଂସନୀୟ ଥିଲା । ଅନ୍ୟ ଛାତ୍ରମାନଙ୍କୁ ସେ ପ୍ରଭାବିତ କରିପାରୁଥିଲେ ।

ତାଙ୍କ ସ୍କୁଲବେଳର ଅତି ଅନ୍ତରଙ୍ଗ ବନ୍ଧୁ ମହାପାତ୍ର ନୀଳମଣି ସାହୁ ସେସବୁ ଦିନକୁ ମନେପକେଇ କହନ୍ତି - 'ସେ ମୋତେ ସବୁବେଳେ ଛିଗୁଲାନ୍ତି, ତୁ ଗୋଟାଏ ରୋମାଣ୍ଟିକ ଲୋଟସ୍-ଇଟର ପୋଏଟ୍ । ତୋ ଦେହାତି କ'ଣ କିଛି ହେବ ?' ମୁଁ ମଧ ତାଙ୍କୁ ଛିଗୁଲାଏ, ତୁ ଗୋଟାଏ ରୋମାଣ୍ଟିକ ପଲିଟିସିଆନ । ତୋ ଦେହାତି କ'ଣ କିଛି ହେବ ? ଆଜି ପର୍ଯ୍ୟନ୍ତ ବି ଆମେ ଦୁହେଁ ପରସ୍ପରକୁ ଏମିତି ମଧୁର ଭର୍ତ୍ସନା କରୁ ଓ ଆମୋଦିତ ହେଉ ।

'ଆଜି ବୁଝୁଛି, ତାଙ୍କ ଭାଷାରେ ମୁଁ ରୋମାଣ୍ଟିକ ପୋଏଟଟିଏ ହୋଇ ବହୁ ବହି ଲେଖିଛି - ବିକ୍ରି ବହିରୁ ଟଙ୍କା ପାଇଛି, କେତେ ପୁରସ୍କାର ଉପାୟନ ମଧ ପାଇଛି । ମାତ୍ର ରବି ରାୟ ଲୋହିଆ ସମାଜବାଦୀ ଦଳର ନେତା ହୋଇ ଓ ଭାରତବର୍ଷର ଜଣେ ଆଦର୍ଶ ଜନନାୟକ ହୋଇ କ'ଣ ପାଇଛନ୍ତି ? କି ଅର୍ଥସମ୍ପଦ, ଧନଐଶ୍ୱର୍ଯ୍ୟ ଠୁଳ କରି ପାରିଛନ୍ତି ? କ'ଣ ହୋଇଛନ୍ତି, ନା ମୁଖ୍ୟମନ୍ତ୍ରୀ, ନା ପ୍ରଧାନମନ୍ତ୍ରୀ, ନା ପ୍ରେସିଡେଣ୍ଟ ? ଅଥଚ ସବୁକିଛି କ୍ଷମତାସନ ତାଙ୍କୁ ପାଇ ନିଜେ ଅଳଙ୍କୃତ ହୋଇପାରିଥାନ୍ତେ । ସେ ନିଜେ ମଧ ସବୁକିଛି ହୋଇପାରିଥାନ୍ତେ ଏବଂ ତାଙ୍କଦ୍ୱାରା ରାଜ୍ୟ ଓ ଦେଶର ବହୁମଙ୍ଗଳ ମଧ ହୋଇ ପାରିଥାନ୍ତା । କିନ୍ତୁ ଆଜିର କ୍ଷମତାଲୋଭୀ ଦୁର୍ନୀତିଗ୍ରସ୍ତ ରାଜନୀତି ସହିତ ସେ କେବେ ସାଲିସ୍ କରି ନାହାନ୍ତି । ତେଣୁ ଦେଶର ଗଣତାନ୍ତ୍ରିକ ସମାଜବାଦୀ ବ୍ୟବସ୍ଥାରେ ତାଙ୍କ ଭଳି ଗରିମାମୟ ଗଣତାନ୍ତ୍ରିକ ସମାଜବାଦୀ ନେତାଙ୍କ ମସ୍ତକରେ ଦେଶ ରାଜମୁକୁଟ ପିନ୍ଧାଇ ଦେଇ ନାହିଁ ଏବଂ ସେ ନିଜେ ମଧ ମହାର୍ଘ ରାଜମୁକୁଟଟିଏ ଛଡ଼ିଆଛଡ଼ି କରି ପିନ୍ଧିବାର ନେତା ନୁହନ୍ତି । ତେବେ ଏକଥା ସତ ଯେ ଜନତା ଜନାର୍ଦ୍ଦନଙ୍କ ହୃଦୟ-ସିଂହାସନରେ ସେ ଖୁବ୍ ଉଚ୍ଚ ଓ ଦୃଢ଼ ଆସନରେ ଅଧିରୂଢ଼ ଅଛନ୍ତି । ଭାରତର ରାଜନୀତିକ ଇତିହାସରେ ଜଣେ ସଂଭ୍ରାନ୍ତ, ମର୍ଯ୍ୟାଦାବନ୍ତ ଓ ସଚ୍ଚୋଟ ରାଜନୀତିକ ପୁରୁଷ ଭାବରେ ଗୌରବମୟ ସ୍ଥାନ ଅଧିକାର କରିପାରିଛନ୍ତି । ଏବେ ବି ଜନସାଧାରଣଙ୍କର ତାଙ୍କ ଉପରେ ଆସ୍ଥା, ଭରସା ଓ ବିଶ୍ୱାସ ଅତୁଟ ରହିଛି, ସମ୍ମାନ ଅକ୍ଷୁଣ୍ଣ ରହିଛି ।

ଆମ ଦୁହିଁଙ୍କର ବନ୍ଧୁତ୍ୱ ଆଜି ବି ଅମ୍ଳାନ ଓ ଜୀବନ୍ତ ହୋଇ ରହିଛି । ସେ ମୋତେ ଦେଖିଲେ, ସେଦିନର କିଶୋର ବାଳକଟିଏ ପାଲଟି ଯାଆନ୍ତି ଓ ନିଜକୁ ଭୁଲିବା ସହିତ ସ୍ଥାନ-କାଳ-ପାତ୍ର ବି ଭୁଲିଯାଆନ୍ତି । ମୋ ନାତିନାତୁଣୀମାନଙ୍କ ସହିତ ହୃଦୟ ଖୋଲି ଗେଲଟାପରା ହୁଅନ୍ତି । ତାଙ୍କ ଭଳି ଅସାଧାରଣ ମଣିଷ ଯେତେବେଳେ ସାଧାରଣ ସ୍ତରକୁ ଖସିଆସନ୍ତି, ସେତେବେଳେ ତାଙ୍କର ଅସାଧାରଣତ୍ୱ ଆହୁରି ଶ୍ରୀମନ୍ତ ହୋଇଉଠେ ।

Digitized by srujanika@gmail.com

ଭିଙ୍ଗାରପୁରରେ ପଢୁଥିଲାବେଳେ ବିଭିନ୍ନ ଛୁଟିରେ ମୁଁ ତାଙ୍କ ଘରକୁ ଓ ସେ ଆମଘରକୁ ଯିବାଆସିବା କରୁ । ଆମ ଘରେ ଆମ ବୋଉ ବାପା, କକା, ଖୁଡ଼ୀ ଓ ଭାଇମାନେ ତାଙ୍କୁ ବହୁତ ଭଲ ପାଉଥିଲେ । ମୁଁ ବି ସେମିତି ତାଙ୍କ ଘରେ ବହୁ ସ୍ନେହଆଦର ପାଉଥିଲି । ମୋର ତ ଭଉଣୀମାନେ ସମସ୍ତେ ମରିଯାଇଥିଲେ, ତାଙ୍କର ଭଉଣୀମାନେ ଥିଲେ । ସେମାନେ ସମସ୍ତେ ଖୁବ୍ ସ୍ନେହଶୀଳା ଆଉ ଭ୍ରାତୃବତ୍ସଳା । ମୋର ମନେଅଛି, ତାଙ୍କର ଜଣେ ବିବାହିତା ଭଉଣୀ ବାହାଘର ଦିନୁ ଆଉ ପିତୃଗୃହକୁ ଫେରି ନ ଥିଲେ । ରବି ରାୟଙ୍କୁ ଛଅ ସାତବର୍ଷ ହେବା ପର୍ଯ୍ୟନ୍ତ ସେ ତାଙ୍କୁ ଦେଖି ନ ଥିଲେ । ମୋର ସ୍ପଷ୍ଟ ମନେଅଛି, ପ୍ରଥମଥର ତାଙ୍କ ଗାଁକୁ ଯାଇ ତାଙ୍କ ଘରେ ଥିଲାବେଳେ ମତେ ରାତିଯାକ ନିଦ ହୋଇ ନ ଥିଲା । ମତେ କୁହାଯାଇଥିଲା ଯେ ରାତିରେ ନିକଟରୁ ବାଘର ହେଣ୍ଟାଳ ଶୁଣାଯିବ । ସେଇ ଆଶାରେ ମୁଁ ଗୋଟିଏ ରାତି ଅନିଦ୍ରା ହୋଇ ବିଛଣାରେ ପଡ଼ିଥାଏ । ସେଇ ଉନ୍ନିଦ୍ର ରଜନୀରେ ଚିରାଚରିତ ଶୃଗାଳମାନଙ୍କ ରବ ବ୍ୟତୀତ ସେଇ ଅଶ୍ରୁତପୂର୍ବ ବ୍ୟାଘ୍ରଗର୍ଜନ ମୋର କର୍ଣ୍ଣପଥାରୂଢ଼ ହୋଇ ନ ଥିଲା । ସକାଳେ ଉଠି ମୋ କଥା ଶୁଣି ସେଦିନ ସମସ୍ତେ ଖୁବ୍ ହସ ଆମୋଦ କରିଥିଲେ । କିନ୍ତୁ ସେଇ ପିଲାଦିନେ ଭଅଁରା ଜଙ୍ଗଲର କଲରାପତ୍ରିଆ ବାଘ ଓ ବାର୍‌ହାମାନଙ୍କୁ ମୁଁ ଆମ ଗାଁରେ ବହୁବାର ଦେଖିଛି ।

ଆଉ ଗୋଟିଏ ମଜାକଥା ମୋର ମନେପଡୁଛି । ମୁଁ ହାଇସ୍କୁଲରେ ପଢ଼ିଲା ପର୍ଯ୍ୟନ୍ତ ଟ୍ରେନରେ ବସି ନ ଥିଲି । କେବଳ ଦୂରରୁ ଟ୍ରେନ ଦେଖିଥିଲି । ଥରେ ଜାନୁଆରୀ ମାସ ଶେଷ ଭାଗରେ ରବି ରାୟ ଓ ମୁଁ ଚାଲି ଚାଲି ଭିଙ୍ଗାରପୁରରୁ ବାଲିଅନ୍ତା ଦେଇ ଭୁବନେଶ୍ୱର ଆସିଲୁ । ବାଟରେ ଅଜସ୍ର ପାଚିଲା ବରକୋଳି ଖାଇ ଖାଇ ଆସୁଥାଉ । ଭୁବନେଶ୍ୱରରେ ପହଞ୍ଚି ଲିଙ୍ଗରାଜ ଦର୍ଶନ ଓ ପ୍ରସାଦସେବନ ସାରି ଚାଲି ଚାଲି ଷ୍ଟେସନ ଗଲୁ । ସେଠାରେ ଦୁଇଅଣାର ଟିକେଟ କରି ତାଳଚେର ଟ୍ରେନରେ ତୃତୀୟଶ୍ରେଣୀ ଡବାରେ ବସିଲୁ । ରବି ରାୟ ଅବଶ୍ୟ ଆଗରୁ ଟ୍ରେନ ଓ କଟକ ସହ ପରିଚିତ ଥିଲେ । ମାତ୍ର ମୁଁ ପୂରା ନୂଆ । ଟ୍ରେନରେ ବସି ସେଦିନ ମୁଁ ଏକ ସ୍ୱର୍ଗୀୟ ବିସ୍ମୟ ଓ ଆନନ୍ଦରେ ଅଭିଭୂତ ହୋଇପଡ଼ିଥାଏ । ଏତେ ଲମ୍ବା, ଗର୍ଜନଶୀଳ, ଦ୍ରୁତଗାମୀ ଏହି ଯାନଟି ମୋତେ ଗୋଟାଏ ଦୈତ୍ୟଭଳି ଜଣାପଡୁଥାଏ । ଇଞ୍ଜିନରୁ କୋଇଲାଧୂଆଁ ଭକ୍‌ଭକ୍ ହୋଇ ବାହାରୁଥାଏ । ସର୍ବୋପରି ଟ୍ରେନ ଚାଲିଲାବେଳେ ଯୋଉ ଛନ୍ଦୋବଦ୍ଧ ଶବ୍ଦ, ତା ମୋତେ ଗୋଟାଏ ଅଲୌକିକ ଜଗତକୁ ଟାଣି ନେଉଥାଏ । ଯାନ୍ତ୍ରିକଯାନମାନଙ୍କ ଭିତରେ ମୁଁ କେବଳ ସାଇକେଲ ଚଢ଼ି ଜାଣିଥାଏ । ରବି ରାୟ କିନ୍ତୁ ସେତେବେଳେ ମୋ ଠାରୁ ବହୁ ବିଷୟରେ ଆଧୁନିକ ଥିଲେ । ତାଙ୍କ ବଡ଼ଭାଇ ଓ ମୋ ବଡ଼ଭାଇ ସେତେବେଳେ କଟକରେ ପଢୁଥିଲେ ଓ କାଠଯୋଡ଼ି ହଷ୍ଟେଲରେ ରହୁଥିଲେ । ଆମେ ଯାଇ ତାଙ୍କରି ପାଖରେ ରହିବୁ । ବାରଙ୍ଗ ଷ୍ଟେସନରେ ମୁଁ ତାଙ୍କୁ ପଚାରିଲି, 'ହଇରେ ରବି ! ଟ୍ରେନରେ ଏତେଗୁଡ଼ାଏ ଚକା ।

Digitized by srujanika@gmail.com

ଏତେଗୁଡ଼ାଏ ଚକାରେ ପମ୍ପ୍ କିଏ କିପରି ଦିଏ ? ରବି ରାୟ ମୋ ପିଠିରେ ଗୋଟାଏ ଥାପଡ଼ ମାରି (ଥାପଡ଼୍ ମାରିବା ଅଭ୍ୟାସ ତାଙ୍କର ଏବେବି ଅଛି ।) କହିଲେ, ବୋକା ! ଟ୍ରେନ ଚକା କ'ଣ ସାଇକେଲ ନା ମଟରଚକା ? ଏଗୁଡ଼ାକ ପରା ଲୁହା ଚକ ! ଦେଖିପାରୁନୁ ? ମୁଁ ଅପ୍ରସ୍ତୁତ ହୋଇଗଲି । ମୋର ଅଦୃଷ୍ଟପୂର୍ବ ଏହି ଦୈତ୍ୟାକାର ବିରାଟ ଟ୍ରେନଟିକୁ ପ୍ରଥମଥର ଦେଖି ମୁଁ ଏତେ ଅଭିଭୂତ ବା ଆତ୍ମବିସ୍ମୃତ ହୋଇଯାଇଥିଲି ଯେ ତାର ସର୍ବାଙ୍ଗ ଦର୍ଶନ ମୋ ପକ୍ଷରେ ସମ୍ଭବ ହୋଇ ନ ଥିଲା ।

ସେହିଦିନୁ ରବି ରାୟ ଯେତେବେଳେ ମୋର ତେଜହରଣ କରିବାକୁ ଚାହୁଥିଲେ, ମୋତେ ବିଦ୍ରୂପ କରି ହସି ହସି କହୁଥିଲେ, ଆରେ ଯା, ଯା, ଟ୍ରେନଚକାରେ ପମ୍ପ୍ ଦେବୁ । କେତେ ବଡ଼ ବଡ଼ କଥା କହୁଚୁ ? କହିବା ବାହୁଲ୍ୟ, ତାଙ୍କର ଏତିକି କଥାରେ ମୋର ବ୍ୟକ୍ତିତ୍ୱ ମ୍ଳାନ ପଡ଼ିଯାଏ ।

ସେଥର କଟକରେ ଭାଇମାନଙ୍କ ପାଖରେ ଥିଲୁ ପ୍ରାୟ ଏକ ସପ୍ତାହ । ତା ଭିତରେ ସରସ୍ୱତୀ ପୂଜା ଓ ଉତ୍କଳଗୌରବ ମଧୁସୂଦନଙ୍କ ଜୟନ୍ତୀ ପଡ଼ିଥାଏ । ସେ ମୋତେ ସାରା କଟକ ବୁଲାଇ ଦେଖାଇଥିଲେ । ସେ ସମ୍ବନ୍ଧେ ସେ ମୋଠାରୁ ବହୁ ବିଷୟରେ ସୁଜାଣ ଥିଲେ । ତାଙ୍କୁ କଟକର ଇତିହାସ, ଭୂଗୋଳ ଜଣା ଥିଲା । ହାତଟଣା ରିକ୍ସାରେ ବସି ଦୁହେଁଯାକ ସାରା କଟକ ବୁଲୁଥାଉ । ମୋର ମନେପଡୁଛି, କବିଚନ୍ଦ୍ର କାଳୀ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟର୍ସରେ 'ଭାତ' ନାଟକ ସାଙ୍ଗ ହୋଇ ଦେଖିଥିଲୁ ।

ରବି ରାୟ ରାଜନୀତିର ମଣିଷ । କିନ୍ତୁ ସେହି ପିଲାଦିନୁ ସେ ଖୁବ୍ ସାହିତ୍ୟ ଓ ସଙ୍ଗୀତ ଅନୁରାଗୀ ଥିଲେ । ସେତିକିବେଳେ ଆମେ 'ରାଧାନାଥ ଗ୍ରନ୍ଥାବଳୀ', 'ମଧୁସୂଦନ ଗ୍ରନ୍ଥାବଳୀ' ଓ 'ମେହେର ଗ୍ରନ୍ଥାବଳୀ'ରୁ ଅନେକ ପଦ ମନେରଖି ପଦ୍ୟାନ୍ତ ପ୍ରତିଯୋଗିତାରେ ମାତ୍ କରିଦେଉଥିଲୁ । ମୁଁ ଥିଲି ଭଲ ଅଭିନେତା ଓ ଭଲ କ୍ୟାରିକେଚରିଷ୍ଟ । କମିକ୍ ଦେଖାଇ ଦର୍ଶକମାନଙ୍କୁ ହସାଇ ହସାଇ ବେଦମ କରି ଦେଉଥିଲି । ମୋର କଲେଜରେ ପଢ଼ିବା ପର୍ଯ୍ୟନ୍ତ ଏ ଗୁଣ ଥିଲା । ସାଙ୍ଗମେଳରେ ବି ରବି ରାୟଙ୍କୁ କ୍ୟାରିକେଚର କରେ । ସେ ହସି ହସି ଗଡ଼ିଯାଆନ୍ତି । ତାଙ୍କର ରସିକତା ସେବେ ଥିଲା, ଏବେ ବି ଅଛି । ଆଧୁନିକ ରାଜନୀତିକ ନେତାମାନେ ଏତେ ଆତ୍ମଚାରୀ ଓ ସ୍ୱସର୍ବସ୍ୱ ଯେ ସେମାନଙ୍କର ରସବୋଧ ପ୍ରାୟ ନ ଥାଏ । ରବି ରାୟଙ୍କର ହସ କିନ୍ତୁ ଦେଖିବାର କଥା । ଏବେବି ସେ ଯେକୌଣସି ପରିସ୍ଥିତିରେ ବେପରୁଆ ହସନ୍ତି । ହସିଲାବେଳେ ସେ ଦିଶନ୍ତି ନିଷ୍କଳ ଶିଶୁ ବା ବାଳକଟିଏ ଭଳି । ତାଙ୍କର ମନ ଯେପରି ନିର୍ମଳ ଓ ଉଦାର, ହୃଦୟ ମଧ୍ୟ ସେହିପରି ଗଭୀର ଓ ଛଳଛଳ । ସେ ଅନ୍ୟର ଦୁଃଖକଷ୍ଟ ସହିପାରନ୍ତି ନାହିଁ । ସେହି ପିଲାଦିନୁ ସେ ଓଡ଼ିଆମାନଙ୍କର ଦାରିଦ୍ର୍ୟ ଓ ଅସହାୟତା ବିଷୟରେ କହୁ କହୁ ବିଗଳିତ ହୋଇଯାଆନ୍ତି । ସେତେବେଳେ ଓଡ଼ିଆମାନେ କଲିକତା,

Digitized by srujanika@gmail.com

ରେଙ୍ଗୁନରେ କୁଲିକାମ କରୁଥିଲେ ବହୁ ସଂଖ୍ୟାରେ । ରବି ରାୟଙ୍କ ଭାବାବେଗ ମୋତେ ଖୁବ୍ ଉଦ୍‌ବୁଦ୍ଧ କରୁଥିଲା । ଆମେ ଦୁହେଁ ମିଶି ବଡ଼ପାଟିରେ ଖୁବ୍ ଉତ୍ତେଜିତ କଣ୍ଠରେ ଆକାଶକୁ ହାତଟେକି ଅନେକ ଗାଉଥିଲୁ -

ଯେ ଜାତି ବୋଇତ ଭସାଇ ସାତ ସମୁଦର ତେରନଈରେ
ସେ ଜାତିକୁ କୁଲି ବୋଲି କହିବାକୁ ଅଛି ଏତେ ଛାତି କାହାରେ ?

କିମ୍ବା

ତୁଙ୍ଗଶିଖରୀ ଚୂଳ-କୁଞ୍ଜକାନନମାଳ

କିମ୍ବା

ଲିଙ୍ଗରାଜ ତୁଙ୍ଗ ମନ୍ଦିର ରହିଛି - ରହିଛି ତ ପୁଣି ଧଉଳିଗିରି ଇତ୍ୟାଦି -

ବେଳେବେଳେ କୁଶଭଦ୍ରା ନଈକୂଳରେ ବସି ନାନାବିଧ ଗଳ୍ପସଳ୍ପ କରୁ । ରବି ରାୟ ରୋମାଣ୍ଟିକ ହୋଇ ଗାଆନ୍ତି - ଭାଟିଆରୀ ରାଗରେ -

ଆରେ ନାଉରି !
ଏ ଘାଟରେ ନ ବାନ୍ଧ ତରୀ ।
ଯାଉ ଭାସି ସ୍ରୋତମୁଖେ ଦୂରେ ବାହାରି....

ଆମ ସ୍କୁଲଜୀବନରେ ବହୁ ସାନବଡ଼ ଘଟଣା ରହିଛି । ସେସବୁ ଟିକିନିଖି ବର୍ଣ୍ଣନା କରିବାର ଅବସର ହୁଏତ ଏଠି ନାହିଁ । ତା'ପରେ ଆମେ ଦୁହେଁ ପଢ଼ିଲୁ ରେଭେନ୍ସା କଲେଜରେ । ସେଠାରେ ଆମ ଦୁହିଁଙ୍କର ରାଜନୀତିକ ଜୀବନାଦର୍ଶ ଅଲଗା ହୋଇଗଲା । କିନ୍ତୁ ଆମ ବନ୍ଧୁତ୍ୱର ନିବିଡ଼ତା ସାମାନ୍ୟ କମି ନ ଥିଲା । ମୁଁ ଅବଶ୍ୟ ସେତେବେଳେ ଛାତ୍ର-ରାଜନୀତିରେ ଜଡ଼ିତ ଥିଲି । କିନ୍ତୁ ପ୍ରତ୍ୟକ୍ଷ ରାଜନୀତି ଛାଡ଼ି ସାହିତ୍ୟ ସେବାରେ ସମ୍ପୂର୍ଣ୍ଣ ମନ ଦେଇଥିଲେ ମଧ ସମାଜସେବା ମୁଁ ଛାଡ଼ି ନ ଥିଲି । ରବି ରାୟ ମଧ ରାଜନୀତି ସହିତ ସମାଜ ସେବାକୁ ବଜାୟ ରଖିଥିଲେ । ଆଜିପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଓ ବିଶ୍ୱକବି ରବୀନ୍ଦ୍ରନାଥ ରବି ରାୟଙ୍କ ହୃଦୟରେ ଜାଗ୍ରତଚେତନା ରୂପେ ରହିଛନ୍ତି । ରବି ରାୟ ପ୍ରତ୍ୟକ୍ଷ ରାଜନୀତି ଭିତରକୁ ବୀରଦର୍ପରେ ଓହ୍ଲାଇଗଲେ । ଡକ୍ଟର ଲୋହିଆ ହେଲେ ତାଙ୍କର ରାଜନୀତିକ ଗୁରୁ । ସେ ଥିଲେ ତତ୍‌କାଳୀନ ରାଜନୀତି କ୍ଷେତ୍ରରେ ଜଣେ ଆଦର୍ଶ ପୁରୁଷ । ରବି ରାୟ ତାଙ୍କରି ଆଦର୍ଶରେ, ରାଜନୀତିକୁ କ୍ଷମତା ଓ ଧନଅର୍ଜନ ପାଇଁ ବ୍ୟବହାର ନ କରି, ଦେଶର ସେବକ ହିସାବରେ ଆଜୀବନ ଗ୍ରହଣ କରି ଆସିଛନ୍ତି । ମୁଁ ତାଙ୍କୁ ପିଲାଦିନେ ଯେପରି ଦେଖିଥିଲି, ଆଜି ମଧ ସେହିପରି ସେ ରହିଛନ୍ତି । ତା ମାନେ, ତାଙ୍କ ବ୍ୟକ୍ତିତ୍ୱରେ ସେହି ସରଳତା, ସରସତା, ଶୁଦ୍ଧତା, ଉଚ୍ଚପ୍ରାଣତା, ଉଦାରତା ଆଦି ଅଧିକ ବିକଶିତ ହୋଇଛି ସିନା, କମି ନାହିଁ । ସେ ସେହିପରି ନିର୍ଭୀକ ଓ ନିଶ୍ଚିନ୍ତ, ବେପରୁଆ ହୋଇ ବଞ୍ଚି ଆସିଛନ୍ତି ।

Digitized by srujanika@gmail.com

ମୁଁ ପାରଳାଖେମୁଣ୍ଡିର ଗଜପତି କଲେଜରେ ଅଧ୍ୟାପନା କରୁଥିଲାବେଳେ ଏକ ଭୀଷଣ ପାରିବାରିକ ଦୁର୍ଯୋଗ ଭିତରେ ପଡ଼ି ହନ୍ତସନ୍ତ ହୋଇଯାଉଥିଲି । ସେତେବେଳେ ତାଙ୍କର ଉଦାରହୃଦୟା ସ୍ନେହଶୀଳା ଡାକ୍ତର ପତ୍ନୀ ଶ୍ରୀମତୀ ସରସ୍ୱତୀ ସ୍ୱାଇଁ ମୋତେ ବହୁ ସାହାଯ୍ୟ କରିଛନ୍ତି । ସେ ଉପକାର ମୁଁ ଏ ଜୀବନରେ ଶୁଝି ପାରି ନାହିଁ । ରବି ରାୟ କେନ୍ଦ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିଲାବେଳେ ଏବଂ ତାଙ୍କ ସମର୍ଥିତ ସରକାର ଓଡ଼ିଶାରେ ଚାଲିଥିଲାବେଳେ ମୁଁ ସେ କାଳର ସରକାରଙ୍କ ବିଷଦୃଷ୍ଟିରେ ପଡ଼ିଥିଲି । କିନ୍ତୁ ସେ କଥା ରବି ରାୟଙ୍କୁ ଜଣାଇ ନ ଥିଲି । ପରେ ସେ ଯେତେବେଳେ ଏକଥା ଶୁଣିଲେ, ବଡ଼ ଦୁଃଖିତ ହେଲେ ଏବଂ ତାଙ୍କୁ ଜଣାଇ ନ ଥିବା ଯୋଗୁଁ ମୋତେ ଗାଳିଦେଲେ । କିନ୍ତୁ ମୁଁ ସେତେବେଳକୁ ମୋ ଭାଗ୍ୟ ସହିତ ଲଢ଼ି ସାରିଥିଲି ।

ଆମ ଦୁହିଁଙ୍କର ଜୀବନ-ସୂର୍ଯ୍ୟ ବର୍ତ୍ତମାନ ପଶ୍ଚିମ ଦିଗନ୍ତର ଅସ୍ତାଚଳ ଅଭିମୁଖରେ । କିନ୍ତୁ ରବି ରାୟଙ୍କୁ ବାର୍ଦ୍ଧକ୍ୟ ସ୍ପର୍ଶ କରି ନାହିଁ । ତାଙ୍କର ଦୀର୍ଘ, ସୁସ୍ଥ ଓ କର୍ମତତ୍ପର ଶରୀର କାଳ ପାଖେ ଅବନମିତ ହୋଇ ନାହିଁ । ତାଙ୍କର ମନ, ହୃଦୟ ଓ ଆତ୍ମାର ଆଲୋକରେ ସେ ଏ ବୟସରେ ଆମ ସମସ୍ତଙ୍କଠାରୁ ଉଜ୍ଜ୍ୱଳତର ଦିଶୁଛନ୍ତି । କେନ୍ଦ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିଲାବେଳେ ଏବଂ ଆଉ ଥରେ ଲୋକସଭାର ସ୍ପିକର ଥିଲାବେଳେ ସେ ସାରା ଦେଶବାସୀଙ୍କର ପ୍ରିୟଭାଜନ ଓ ପ୍ରଶଂସାଭାଜନ ହୋଇଛନ୍ତି । ଦିବାରାତ୍ର ସେ ଏବେବି କର୍ମବ୍ୟସ୍ତ ରହିଛନ୍ତି । କିନ୍ତୁ ତାଙ୍କର ସମ୍ବେଦନଶୀଳ ସରସ ହୃଦୟ ଓ ଉଦାର ଉଜ୍ଜ୍ୱଳ ମନ ତାଙ୍କୁ କେବେ ଅବସନ୍ନ ହେବାକୁ ଦେଇ ନାହିଁ । ଆମ ସମାଜରେ, ବିଶେଷତଃ ରାଜନୀତି କ୍ଷେତ୍ରରେ, ରବି ରାୟଙ୍କ ପରି ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ବର୍ତ୍ତମାନ ଆଉ କେତେଜଣ ଅଛନ୍ତି ? ତାଙ୍କ ଭଳି ସତ୍ ଓ ଶୁଭକାମୀ ମଣିଷ ଆମ ସମାଜରେ ଥିବା ପର୍ଯ୍ୟନ୍ତ ଆମ ମନରେ ପୃଥିବୀର ଭବିଷ୍ୟତ୍ ପାଇଁ ଆଶଙ୍କା ଉଦ୍‌ବେଗର ମାତ୍ରା ବଢ଼ିଯାଉଥିବା ମଣିଷ ଉପରେ ତଥାପି ଆସ୍ଥା ଓ ବିଶ୍ୱାସ ଅତୁଟ ରହିଥିବ । ମୋର ତାଙ୍କ ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ସେ ଶତାୟୁଃ ହୋଇ ସୁସ୍ଥ ଓ କର୍ମଠ ହୋଇ ବଞ୍ଚିଥାନ୍ତୁ ଏବଂ ତାଙ୍କ ଶୁଭନିଃଶ୍ୱାସରେ ଦେଶର ମଙ୍ଗଳ ହେଉ ।"

ମହାବିଦ୍ୟାଳୟରେ ପ୍ରବେଶ

ସମୟର ନଈ କେଉଁଠି ଅଟକେ ନାହିଁ । ଦୁର୍ଗମ ଗିରିପଥ, ବନ୍ଧୁରଶିଳାର ଛାତି ଫଟେଇ, ବନ୍ୟ ଝରଣାଟି ପାହାଡ଼ର କେଉଁ ନିଭୃତ ଗିରିକନ୍ଦରରୁ ଆତ୍ମପ୍ରକାଶ କରି ନଈ ରୂପରେ ସାଗର ଅଭିମୁଖେ ଧାଇଁଯାଏ । ନିରନ୍ତର ଗୁଣୁଗୁଣୁ ହୋଇ ସତେଯେମିତି ସେ କହୁଥାଏ, ବୋହିଯିବା ହିଁ ତ ତା' ଜୀବନର ଧର୍ମ । ସାଗର ହିଁ ତା'ର ଏକମାତ୍ର ଲକ୍ଷ୍ୟ ।

Digitized by srujanika@gmail.com

ଘନଜଙ୍ଗଲରୁ ସାଗରପଥ କେତେ ଦୀର୍ଘ, କେତେ ଲମ୍ୱା, ସେ କେବେ କଳନା କରେନି । ଜୀବନର ଅଙ୍କାବଙ୍କା ଗତିପଥରେ କେଉଁଠି କେତେ ମୋଡ଼ବାଙ୍କ ଆସେ, ତା'ର ହିସାବନିକାଶ କିଏ କରୁଥାଏ !

୧୯୪୪ ମସିହାରେ ମାଟିକ୍ ପାସ୍‌କରି ରେଭେନ୍ସା କଲେଜରେ ରବି ରାୟ ପାଦ ଦେଲେ । ମନରେ ଆକାଶୀ ସ୍ୱପ୍ନ । ପ୍ରାଣରେ ଅସରନ୍ତି ଆଶା, ସେ ବଡ଼ ହେବେ - ମଣିଷ ପରି ମଣିଷଟିଏ ହେବେ । ଏକ ଅନୁଦ୍‌ଘାଟିତ ବର୍ଣ୍ଣମୟ ଦିଗ୍‌ବଳୟ ଯେପରି ତାଙ୍କ ଆଖି ଝଲସାଇ ଦେଲା । ଧ୍ୟାନସ୍ଥ ଋଷି ପରି ଗୈରିକ ବସ୍ତ୍ର ପରିଧାନ କରି ସେଇ ନାଲିକୋଠା ଧ୍ୟାନମଗ୍ନ ହୋଇ ବସିଛି । ଆକାଶକୁ ଛୁଉଁଛି ତା'ର ମଥାନ । ବପୁ ତାର ଯେମିତି ସସାଗରା ପୃଥିବୀକୁ ବ୍ୟାପିଯାଇଛି । ବିଶ୍ୱର ସବୁ ଜ୍ଞାନପିପାସୁ ବିଦ୍ୟାର୍ଥୀଙ୍କୁ କୋଳରେ ଧାରଣ କରିବାକୁ ଯେମିତି ସେ ଉତ୍କଣ୍ଠିତ ହୋଇ ଅପେକ୍ଷା କରି ରହିଛି । ରବି ରାୟଙ୍କ ତରୁଣପ୍ରାଣ ମୁଗ୍ଧଚକିତ ହେଲା । ଜୀବନର ନୂଆ ଦିଶାଟିଏ ଖୋଲିଗଲା, ଯେଉଁ ଉନ୍ମୁକ୍ତ ଦ୍ୱାର ଦେଇ ରବି ରାୟ ପ୍ରବେଶ କରୁଥିଲେ ସେ ବିଦ୍ୟାମନ୍ଦିରରେ, ତା'ର ଶେଷ ପାହାଚଟି ବୋଧହୁଏ ପ୍ରଲମ୍ବିତ ଥିଲା ଆକାଶଯାଏ - ମଣିଷରୁ ଦେବତ୍ୱ ଯାଏ, ଯେଉଁ ସ୍ୱପ୍ନ ଓ ସଙ୍କଳ୍ପ ନବାଗତ ପ୍ରତ୍ୟେକ ଛାତ୍ରପ୍ରାଣକୁ ଆଚ୍ଛନ୍ନ କରିଥାଏ ।

ରବି ରାୟ ମନେ ମନେ ତଉଲୁଥିଲେ ନିଜ ସହିତ ବଡ଼ଭାଇ ମର୍ଦ୍ଦରାଜଙ୍କୁ, କକା କୃଷ୍ଣଚନ୍ଦ୍ର ରାୟଙ୍କୁ । କକା ସତ୍ୟବାଦୀ ବନବିଦ୍ୟାଳୟରୁ ହାଇସ୍କୁଲ ଶିକ୍ଷା ସମାପ୍ତ କରି କଲିକତାରେ କଲେଜରେ ପଢ଼ିବା, ଭାଇ ରେଭେନ୍ସା କଲେଜରୁ ଗ୍ରାଜୁଏଟ ହେବା - ଏ ଦୁଇଟି କଥା ତାଙ୍କ ଦୃଷ୍ଟିର ଦିଗ୍‌ବଳୟକୁ ବେଶ ସଂପ୍ରସାରିତ କରି ଦେଇଥାଏ । ଏ ଦୁହେଁ ଥିଲେ ତାଙ୍କର ଆଦର୍ଶ । ଅଲକ୍ଷ୍ୟରେ ତାଙ୍କ ଜୀବନର ଗତିପଥକୁ ଏମାନେ ଯେପରି ନିୟନ୍ତ୍ରଣ କରୁଥିଲେ ।

ଠିକ୍ ୧୯୪୪ ମସିହାବେଳକୁ ଗୋଟିଏ ନିୟମ ପ୍ରଣୀତ ହୋଇଥାଏ ଯେ ଯିଏ ଯେଉଁ ଜିଲ୍ଲାର ପିଲା, ସେ ସେଇ ଜିଲ୍ଲା କଲେଜରେ ପଢ଼ିବ । ସେତେବେଳକୁ ପୁରୀ ଜିଲ୍ଲା କଲେଜ ବା ସାମନ୍ତ ଚନ୍ଦ୍ରଶେଖର କଲେଜ ସ୍ଥାପିତ ହୋଇସାରିଲାଣି । ମାତ୍ର ରବି ରାୟଙ୍କର ଜିଦ୍, ସେ ରେଭେନ୍ସା କଲେଜରେ ପଢ଼ିବେ । କ'ଣ କରାଯିବ ! କକା କୃଷ୍ଣଚନ୍ଦ୍ର ରାୟ ଅଡୁଆରେ ପଡ଼ିଲେ । ସେତେବେଳକୁ ପାରଳା ମହାରାଜାଙ୍କ ମନ୍ତ୍ରିମଣ୍ଡଳରେ ପଣ୍ଡିତ ଗୋଦାବରୀଶ ମିଶ୍ର ଶିକ୍ଷା ଓ ଖାଦ୍ୟ ବିଭାଗ ମନ୍ତ୍ରୀ । ସତ୍ୟବାଦୀ ବନବିଦ୍ୟାଳୟରେ ଗୋଦାବରୀଶଙ୍କ ଛାତ୍ର ଥିଲେ କକା । ସେ ଶିକ୍ଷାମନ୍ତ୍ରୀ ଗୋଦାବରୀଶଙ୍କୁ ଅନୁରୋଧ କରି ଚିଠି ଲେଖିଲେ ଯେ ତାଙ୍କ ପୁତୁରା ରବିକୁ ରେଭେନ୍ସାରେ ପଢ଼ିବାକୁ ଅନୁମତି ଦିଆଯାଉ । ବିଶିଷ୍ଟ ବୈଜ୍ଞାନିକ, ଶିକ୍ଷାବିତ୍ ପ୍ରାଣକୃଷ୍ଣ ପରିଜା ରେଭେନ୍ସା କଲେଜର ପ୍ରିନ୍‌ସିପାଲ ଥାନ୍ତି । ଗୋଦାବରୀଶ ମିଶ୍ର କହିବାରୁ ରବି ରାୟ ରେଭେନ୍ସା କଲେଜରେ ଆଡ଼ମିସନ

Digitized by srujanika@gmail.com

ପାଇଲେ । ମାତ୍ର ହଷ୍ଟେଲରେ ସିଟ୍ ମିଳିଲା ନାହିଁ । ତେଣୁ ପ୍ରଥମେ ଦୋଳମୁଣ୍ଡେଇରେ ରହୁଥିବା ଗାଆଁ ପାଖର ଜଣାଶୁଣା ଜଣେ ସରକାରୀ ଚାକିରିଆ ସତ୍ୟବାଦୀ ପାତ୍ରଙ୍କ ଘରେ କିଛିଦିନ ରହିଲା ପରେ ତେଲେଙ୍ଗା ବଜାରରେ ଥିବା ଗୋଟିଏ ମେସକୁ ଚାଲିଗଲେ । ପ୍ରଥମବର୍ଷ ଏମିତି ବାହାରେ ବାହାରେ କଟିଲା । ଦ୍ୱିତୀୟ ବର୍ଷ ପଶ୍ଚିମ ଛାତ୍ରାବାସରେ ରହିଲେ । ଏଇ ରେଭେନ୍ସା କଲେଜ ତାଙ୍କ ତରୁଣ ଜୀବନର ସକଳ ସମ୍ଭାବନାର ଦ୍ୱାର ଉନ୍ମୁକ୍ତ କରିଦେଇଥିଲା - ସବୁ ବିଶ୍ୱାସକୁ ପଲ୍ଲବିତ ପୁଷ୍ପିତ ହେବାରେ ସହାୟକ ହୋଇଥିଲା ।

୧୯୪୨ ମସିହା 'ଭାରତଛାଡ଼' ଆନ୍ଦୋଳନ ବେଳେ ଗୋଟେ ଉଲ୍ଲେଖଯୋଗ୍ୟ ଘଟଣା ଘଟିଥିଲା । ତାମଲୁକରେ (ମେଦିନୀପୁର ଜିଲ୍ଲା) ସମାନ୍ତରାଳ ସରକାର ଗଠିତ ହୋଇ ବ୍ରିଟିଶରାଜକୁ ଖୋଲାଖୋଲି ଅସ୍ୱୀକାର କରାଗଲା । ଇଂରେଜ ସରକାର ଦୃଢ଼ ଦମନନୀତି ଅବଲମ୍ବନ କଲେ । ଏହି ଆନ୍ଦୋଳନରେ ସେଠାକାର ମହିଳାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ସେମାନଙ୍କ ଉତ୍ସାହ ଓ ଉନ୍ମାଦନାର ଅନ୍ତ ନ ଥିଲା । ଗୋରା ପୁଲିସମାନେ ଏହି ମହିଳାକର୍ମୀମାନଙ୍କୁ ଦମନ କରିବାପାଇଁ ବଳାତ୍କାର ଉଦ୍ୟମ କଲେ । ସେଥିରେ ଉତ୍କ୍ଷିପ୍ତ ସ୍ତ୍ରୀଲୋକମାନେ ନିଜର ପ୍ରତିରକ୍ଷା ପାଇଁ ନାନା ପ୍ରକାର ହିଂସା ଆଚରଣ କରି ଗୋରା ପୋଲିସମାନଙ୍କୁ ପ୍ରତିହତ କରିଥିଲେ । ଏହା ସେତେବେଳେ ସାରାଦେଶରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଥାଏ ।

୧୯୪୪ ମସିହା ବେଳକୁ ଗାନ୍ଧିଜୀ ଜେଲରୁ ଖଲାସ ହେଲା ପରେ ଏହି ମହିଳାମାନଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ତାମଲୁକ ଗଲେ । ସେଠାରୁ ସେ ଓଡ଼ିଶା ବାଟଦେଇ ଆନ୍ଧ୍ର ଯିବେ, ବ୍ରହ୍ମପୁର ଷ୍ଟେସନରେ ଅଟକି ପ୍ରାର୍ଥନାସଭାରେ ଯୋଗ ଦେବେ । ସେ ଟ୍ରେନରେ ତୃତୀୟ ଶ୍ରେଣୀରେ ଯାତ୍ରା କରୁଥାନ୍ତି । କଟକ ଷ୍ଟେସନରେ ତାଙ୍କର ଅଟକିବାର କୌଣସି ପ୍ରସ୍ତାବ ନ ଥାଏ । ମାତ୍ର ଗାନ୍ଧିଜୀଙ୍କୁ ଦେଖିବାପାଇଁ କଟକ ରେଳ ଷ୍ଟେସନରେ ହଜାର ହଜାର ଲୋକ ରୁଣ୍ଡ ହୋଇଥାନ୍ତି । ରାତି ଦୁଇଟାବେଳେ ଗାନ୍ଧିଜୀଙ୍କ ଟ୍ରେନ କଟକ ଷ୍ଟେସନ ଅତିକ୍ରମ କରିବା ପୂର୍ବରୁ ଶହ ଶହ ଜନସାଧାରଣ ରେଳଧାରଣା ଉପରେ ଶୋଇଗଲେ । ବାଧହୋଇ ଟ୍ରେନ ଅଟକିଲା । ଗାନ୍ଧିଜୀ ଦର୍ଶନ ଦେଲେ । ସାରା ପ୍ଲାଟଫର୍ମ 'ମହାତ୍ମାଗାନ୍ଧିକୀ ଜୟ' ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଲା । ଗାନ୍ଧିଜୀ ହରିଜନ ପାଣ୍ଠି ପାଇଁ ହାତ ପତେଇ ଚାନ୍ଦା ମାଗୁଥାନ୍ତି । ରବି ରାୟ ନିଜ ପକେଟରେ ଯାହା ଥିଲା, ସବୁ ବାହାରକରି ଗାନ୍ଧିଜୀଙ୍କ ହାତମୁଠାରେ ଦେଇଦେଲେ । ତାଙ୍କ ହାତ ପାପୁଲି କି ଛୁଇଁ ଦେବାମାତ୍ରେ ରବି ରାୟଙ୍କ ଦେହରେ ଅପୂର୍ବ ଶିହରଣ ସୃଷ୍ଟି ହୋଇଥିଲା । ଦେହ ମନ ପ୍ରାଣରେ ଭାବାବେଶର ପୁଲକ ଜାତ ହୋଇଥିଲା, ସେ ନିଜକୁ ଧନ୍ୟ ମଣିଥିଲେ, ସତେଅବା କେଉଁ ଦେବତାର ସ୍ପର୍ଶ ପାଇଛନ୍ତି ସେ । ସେ ଅନୁଭବ ଅନନ୍ୟ । ତାହା ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ ବୋଲି ସେ କହନ୍ତି ।

Digitized by srujanika@gmail.com

ରେଭେନ୍ସା କଲେଜରେ ପଢୁଥିଲାବେଳେ ଆଉ ଗୋଟିଏ ଘଟଣା ତାଙ୍କୁ ଅସମ୍ଭବ ପ୍ରକାର ଆନନ୍ଦ ଦେଇଥିଲା । ନେତାଜୀ ସୁଭାଷ ବୋଷଙ୍କ ଭାଇ ଶରତଚନ୍ଦ୍ର ବୋଷ ୧୯୪୨ ମସିହା 'ଭାରତଛାଡ଼' ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥାନ୍ତି । ଦୀର୍ଘକାଳ ଜେଲରେ ରହିବାପରେ ସେ ଜେଲରୁ ଫେରିଥାନ୍ତି । ସେତେବେଳେ ନବାଗତ ରବି ରାୟଙ୍କ ଉପର କ୍ଲାସରେ ପଢୁଥାନ୍ତି ଆଜିର ବିଶିଷ୍ଟ ପ୍ରାବନ୍ଧିକ, ଶିକ୍ଷାବିତ୍, ସମାଜତତ୍ତ୍ୱବିତ୍ ବୈଦ୍ୟନାଥ ମିଶ୍ର ଓ ମନ୍ମଥନାଥ ଦାସ । ପ୍ରିନ୍ସିପାଲ୍‌ଙ୍କ ବାରଣ ସତ୍ତ୍ୱେ ସେମାନଙ୍କ ସହିତ ମିଶି ରବି ରାୟ ଯାଇଥିଲେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଦେଶପ୍ରେମୀ ଶରତ ବୋଷଙ୍କୁ ସାକ୍ଷାତ୍ କରିବାକୁ । ତାଙ୍କ ସାନ୍ନିଧ୍ୟ ରବି ରାୟଙ୍କ ଯୁବମାନସକୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଏ ସବୁ ଥିଲା ତାଙ୍କ ପାଇଁ ଦୁର୍ଲଭ ଅନୁଭୂତି । ନେତାଜୀ ସୁଭାଷଚନ୍ଦ୍ର ବୋଷ ଓଡ଼ିଶାର କଟକରେ ଜନ୍ମ, କଟକର ମାଟି, ପାଣି, ପବନରେ ଲାଳିତ ପାଳିତ । ଶିକ୍ଷାଦୀକ୍ଷା ସବୁ ଏଇଠି । ଏଇ ମାଟିର ସନ୍ତାନ, ଯିଏ ଭାରତମାତାକୁ ବନ୍ଧନମୁକ୍ତ କରିବାପାଇଁ ସାଧନାର କଣ୍ଟକମୟ ପଥରେ ପାଦ ଦେଇଥିଲେ । ସେ ଯେଉଁ ସ୍ୱପ୍ନ ଦେଖିଥିଲେ, ଯେପରି ଆତ୍ମବଳିଦାନ କରିଥିଲେ, ଯାହାର ତୁଳନା ନାହିଁ, ସେଇ ବୀରପୁତ୍ର ସୁଭାଷ, ଓଡ଼ିଶାମାଆର ସୁଯୋଗ୍ୟ ସନ୍ତାନ, ଯିଏ ଦିନେ ଉଦାତ୍ତ କଣ୍ଠରେ କହିଥିଲେ, 'ମତେ ତୁମେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି', ଯାହାଙ୍କର ବୀରତ୍ୱର ଗାଥା ସମଗ୍ର ବିଶ୍ୱକୁ ଚମତ୍କୃତ କରିଥିଲା, ତାଙ୍କରି ଭାଇ ଶରତଚନ୍ଦ୍ର ବୋଷ । ଭାବନାର କେଉଁ ଅତଳତଳ ଗଭୀରତା ଭିତରେ ଆତ୍ମମଗ୍ନ ହେଉଥିଲେ ରବି ରାୟ । ଏଇ ସାନ୍ନିଧ୍ୟ ଏପରି ଏକ ଦିବ୍ୟପ୍ରେରଣାର ପ୍ରବାହ ଛୁଟାଇଥିଲା ତାଙ୍କ ଅବଚେତନ ମାନସରେ, ଯାହାକୁ ସ୍ମରଣକରି ଆଜି ବି ସେ ନିଜକୁ ଗୌରବାନ୍ୱିତ ମନେକରନ୍ତି ।

ରେଭେନ୍ସା କଲେଜର ବାତାବରଣ ଭାରତର ସ୍ୱାଧୀନତା ଆନ୍ଦୋଳନର ଉଷ୍ମ ବାତାବରଣଠାରୁ ଭିନ୍ନ ନ ଥିଲା । ବଡ଼ ବଡ଼ ନେତାମାନେ ପ୍ରଗାଢ଼ ସ୍ୱଦେଶାନୁରାଗରେ ଯେଉଁ ସ୍ୱପ୍ନ ଦେଖୁଥିଲେ, ଜୀବନରେ ଦେଶମାତୃକା ପାଇଁ ଯେଉଁ ତପସ୍ୟାର ସାଧକ ସାଜିଥିଲେ, ଆତ୍ମାହୁତିର ଯଜ୍ଞବେଦିରେ ନିଜକୁ ହବ୍ୟରୂପେ ହବନ କରୁଥିଲେ, ତା'ର ଗଭୀର ପ୍ରଭାବ ଓ ପ୍ରତ୍ୟକ୍ଷ ପ୍ରତିଫଳନ ରେଭେନ୍ସା କଲେଜର ଯୁବମାନସରେ ପ୍ରତିଫଳିତ ହେଉଥିଲା । ଗାନ୍ଧିଜୀଙ୍କର ଆହ୍ୱାନରେ ଯୁବଶକ୍ତି ନୂତନ ଜୀବନୀଶକ୍ତିରେ ଉଜ୍ଜୀବିତ ହୋଇଥିଲେ । ଜଡ଼ତାର ଗାଢ଼ ଅନ୍ଧକାରକୁ ଭେଦକରି ଏକ ନୂତନ ସୂର୍ଯ୍ୟୋଦୟର ଆବାହନ ପାଇଁ ଯୁବପ୍ରାଣ ଉନ୍ମାଦିତ ହୋଇଉଠିଥିଲା । ସେତେବେଳେ ଛାତ୍ର ସଙ୍ଗଠନ କହିଲେ ଏକମାତ୍ର 'ଅଲଇଣ୍ଡିଆ ଷ୍ଟୁଡେଣ୍ଟସ୍ ଫେଡ଼େରେସନ' ହିଁ କାର୍ଯ୍ୟ କରୁଥିଲା । ଏହି ଫେଡ଼େରେସନ କମ୍ୟୁନିଜମ୍‌ରେ ବିଶ୍ୱାସ କରୁଥିଲା । କିନ୍ତୁ ଦୁଃଖର କଥା, ୧୯୪୨

Digitized by srujanika@gmail.com

ମସିହାର 'ଭାରତଛାଡ଼' ଆନ୍ଦୋଳନରେ ଏମାନେ ସାମିଲ ହୋଇ ନ ଥିଲେ । ବ୍ରିଟେନ ଓ ଆମେରିକା ପ୍ରଭୃତି ରାଷ୍ଟ୍ର ଶକ୍ତି ଦ୍ୱିତୀୟ ବିଶ୍ୱଯୁଦ୍ଧରେ ନାଜିବାହିନୀ ବିରୋଧରେ ଲଢ଼େଇ କରୁଥିଲା । ବ୍ରିଟିଶ ସରକାର ସୋଭିଏତ୍ ରୁଷ ସହିତ ମିଶି ଏହି ମହାଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ । କମ୍ୟୁନିଷ୍ଟ ସୋଭିଏତ୍ ରୁଷ ପ୍ରତି ସହାନୁଭୂତି ରଖିଥିବା ଭାରତୀୟ କମ୍ୟୁନିଷ୍ଟପାର୍ଟିର ନେତାମାନେ ଇଂରେଜ ସରକାର ବିରୋଧରେ ଘୋଷିତ ଏହି ଅଗଷ୍ଟ ବିପ୍ଳବକୁ ବିରୋଧ କରୁଥିଲେ । ଏଣୁ ଛାତ୍ର ଫେଡ଼େରେସନର ଛାତ୍ରମାନଙ୍କ ବ୍ୟତୀତ ପ୍ରାୟ ଆଉ ସମସ୍ତେ ମହାନ ଅଗଷ୍ଟବିପ୍ଳବରେ ସାମିଲ ହୋଇଥାନ୍ତି । କଲେଜ ବାତାବରଣ ସରଗରମ ଥାଏ ।

୧୯୪୨ ଆନ୍ଦୋଳନ ବେଳକୁ ଜୟପ୍ରକାଶ ନାରାୟଣ, ଡକ୍ଟର ରାମମନୋହର ଲୋହିଆ ଓ ଅରୁଣା ଆସଫ ଅଲ୍ଲୀ - ଏହି ତିନିଜଣ ଯୁବନେତା ସମଗ୍ର ଭାରତବର୍ଷର ଯୁବକ ଓ ଛାତ୍ରସମାଜକୁ ନିୟନ୍ତ୍ରଣ କରୁଥାନ୍ତି । ଏମାନେ ଅଣ୍ଡରଗ୍ରାଉଣ୍ଡରେ ରହି ଆନ୍ଦୋଳନ ପରିଚାଳନା କରୁଥାନ୍ତି । ଆନ୍ଦୋଳନରେ ଝାସଦେଇ ବହୁ ଛାତ୍ର କାରାବରଣ କରୁଥାନ୍ତି । ଆନ୍ଦୋଳନ ପରେ ଛାତ୍ରମାନେ ଜେଲରୁ ଖଲାସ ହୋଇ ଅନୁଭବ କଲେ ଯେ ଛାତ୍ର ଫେଡ଼େରେସନ ଦେଶର ସ୍ୱାର୍ଥ ଓ ସମଗ୍ର ଛାତ୍ରସମାଜର କର୍ମ ଆଭିମୁଖ୍ୟକୁ ଠିକ୍ ଦିଗରେ ପରିଚାଳିତ କରିବାକୁ ସହାୟକ ହେବ ନାହିଁ । ତେଣୁ ଏଇ ଅଭାବ ପୂରଣ ଉଦ୍ଦେଶ୍ୟରେ 'ଛାତ୍ର କଂଗ୍ରେସ' ନୂଆ ହୋଇ ଆତ୍ମପ୍ରକାଶ କଲା ଏବଂ ଛାତ୍ର କଂଗ୍ରେସର ନୂତନ ଜନ୍ମଜାତକ ପ୍ରସ୍ତୁତ ହେଲା ।

ଓଡ଼ିଶା ଛାତ୍ର କଂଗ୍ରେସର ନେତା ହେଲେ ରେଭେନ୍ସା କଲେଜରେ ପଢୁଥିବା ଛାତ୍ରନେତା ପ୍ରଦୀପ୍ତ କିଶୋର ଦାସ - ଓଡ଼ିଶା ଛାତ୍ର କଂଗ୍ରେସର ପ୍ରଥମ ସଭାପତି । ନୂଆ ଅନୁଷ୍ଠାନକୁ ନୂତନ କର୍ମପ୍ରେରଣା ଓ ଆଦର୍ଶରେ ଅନୁପ୍ରାଣିତ କରିବାକୁ ସେ ସତତ ଯତ୍ନଶୀଳ ଥା'ନ୍ତି । ଘନଘନ ବିବର୍ତ୍ତିତ ରାଜନୀତିକ ପ୍ରେକ୍ଷାପଟରେ ଦେଶ ଯେଉଁ ଆହ୍ୱାନର ସମ୍ମୁଖୀନ ହେଉଥିଲା, ଛାତ୍ରସମାଜ କିପରି ତାର ମୁକାବିଲା କରିପାରିବ, ସେଥିପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଏହି ନୂତନ ଛାତ୍ର-ସଙ୍ଗଠନ ସଙ୍କଳ୍ପ ରୂପେ ଗ୍ରହଣ କରିଥାଏ ।

ରବି ରାୟ ୧୯୪୪ ମସିହାରେ ଛାତ୍ରକଂଗ୍ରେସରେ ଯୋଗଦେଇ କଟକ ଜିଲ୍ଲାର ସମ୍ପାଦକ ଦାୟିତ୍ୱ ଗ୍ରହଣ କଲେ । ଛାତ୍ରକଂଗ୍ରେସ ଓ ଷ୍ଟୁଡେଣ୍ଟ୍ସ ଫେଡ଼େରେସନ ସମାନ୍ତରାଳ ଭାବରେ କାର୍ଯ୍ୟ କରୁଥାନ୍ତି । ଏହି ଦୁଇ ସଙ୍ଗଠନର କର୍ମ ଯୋଜନା ରାଜନୀତିକ ଆଭିମୁଖ୍ୟ ସହିତ ପ୍ରାୟ ସାରା ଓଡ଼ିଶାର ଛାତ୍ର ସାମିଲ ହୋଇଥାନ୍ତି - ଗୋଟିଏ ସଙ୍ଗଠନ ସାମ୍ୟବାଦୀ ଚେତନାକୁ ନେଇ ଅନ୍ୟଟି ଜାତୀୟବାଦୀ ସମାଜବାଦର ଚେତନାକୁ ନେଇ କାର୍ଯ୍ୟ କରୁଥାନ୍ତି ।

Digitized by srujanika@gmail.com

ରେଭେନ୍ସା କଲେଜ ସାରା ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର । ଶିକ୍ଷା, ସଂସ୍କୃତି, ରାଜନୀତି, କଳା, ସାହିତ୍ୟ, ବିପ୍ଳବ ପ୍ରଭୃତିକୁ ନେଇ ଜାତୀୟ ଜୀବନର ମୁଖ୍ୟ ପ୍ରବାହ ସହିତ ଏହି ଶିକ୍ଷାନୁଷ୍ଠାନର ନିବିଡ଼ ସମ୍ପର୍କ ହେତୁ ଏହାର ମର୍ଯ୍ୟାଦା ଓ ପ୍ରତିଷ୍ଠା ଅତୁଳନୀୟ । ଏହା ସମାଜର ପ୍ରମୁଖ ପ୍ରତିନିଧି ଭାବରେ ପରିଗଣିତ ହେଉଥାଏ । ଏଣୁ ରେଭେନ୍ସା କଲେଜର ଛାତ୍ରସଂସଦର ନିର୍ବାଚନ ଓଡ଼ିଶାର ରାଜନୀତିକ କ୍ରିୟାକଳାପର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବରେ ବିଚାର କରାଯାଉଥାଏ । ସେଇବର୍ଷ ପ୍ରଦୀପ୍ତ କିଶୋର ଦାସ ଛାତ୍ରକଂଗ୍ରେସ ବ୍ୟାନରରେ ଓ ମନମୋହନ ମିଶ୍ର ଛାତ୍ର ଫେଡ଼େରେସନ ବ୍ୟାନରରେ ରେଭେନ୍ସା କଲେଜ ଛାତ୍ରସଂସଦର ସଭାପତି ପଦପାଇଁ ନିର୍ବାଚନ ଲଢ଼ିଲେ । ପ୍ରଦୀପ୍ତ କିଶୋର ଦାସ ବହୁ ଭୋଟରେ ନିର୍ବାଚିତ ହେଲେ । ଏହାଦ୍ୱାରା ଓଡ଼ିଶାରେ ଛାତ୍ରକଂଗ୍ରେସର ଲୋକପ୍ରିୟତା ପ୍ରମାଣିତ ହେଲା ।

ସେଥର ଦିବାଧାୟୀ ଛାତ୍ରସସଂଘ (Day Scholars' Association) ର ସମ୍ପାଦକ ରୂପେ ଛାତ୍ର କଂଗ୍ରେସରୁ ପ୍ରାର୍ଥୀ ହୋଇ ରବି ରାୟ ମଧ ବହୁ ଭୋଟରେ ବିଜୟୀ ହୋଇଥିଲେ । ସେତେବେଳେ ସେ ୩ୟ ବାର୍ଷିକ ଛାତ୍ର । ପ୍ରଦୀପ୍ତ କିଶୋର ଦାସ ଛାତ୍ରକଂଗ୍ରେସର ପ୍ରାର୍ଥୀ ଭାବେ ଜୟଯୁକ୍ତ ହେବା ଅନ୍ତରାଳରେ ସମକାଳୀନ ଭାରତୀୟ ରାଜନୀତିର ଗୋଟିଏ ମୁଖ୍ୟ ଚେତନାପ୍ରବାହ କାର୍ଯ୍ୟ କରିଥିଲା । ୧୯୪୨ ମସିହାର ଭାରତଛାଡ଼ ଆନ୍ଦୋଳନରେ ଜୟପ୍ରକାଶ ନାରାୟଣ, ରାମମନୋହର ଲୋହିଆ ଓ ଅରୁଣା ଆସଫ ଅଲ୍ଲୀ - ଏହି ତିନିଜଣ ଯୁବନେତାଙ୍କ ଦୃଢ଼ ଓ ବଳିଷ୍ଠ ନେତୃତ୍ୱରେ ପ୍ରଭାବିତ ହୋଇ ସାରାଭାରତର ହଜାର ହଜାର ଛାତ୍ର ଆନ୍ଦୋଳନରେ ଝାସ ଦେଇଥିଲେ ଓ କାରାବରଣ କରିଥିଲେ । କହିବାକୁ ଗଲେ, ଏହି ତିନିଜଣ ଯୁବନେତା ଥିଲେ ଛାତ୍ରମାନଙ୍କ ହୃଦୟ-ସାମ୍ରାଜ୍ୟର ସମ୍ରାଟ୍ । ସାରାଭାରତର ମୁକ୍ତି ସଂଗ୍ରାମକୁ ତ୍ୱରାନ୍ୱିତ କରିବାରେ ଏମାନଙ୍କର ଭୂମିକା ଥିଲା ଅତି ସ୍ମରଣୀୟ । କାରଣ କାଳେ କାଳେ ଇତିହାସରେ ଯେତେବେଳେ କୌଣସି ନା କୌଣସି ବିପ୍ଳବ କିମ୍ବା ଆନ୍ଦୋଳନର ସୂତ୍ରପାତ ହୋଇଛି, ତାକୁ ଅଧିକ କ୍ରିୟାଶୀଳତା ଦେଇଛନ୍ତି ଛାତ୍ରସମାଜ ବା ଯୁବଶକ୍ତି । ଯୁବଗୋଷ୍ଠୀ ଯେତେବେଳେ ଯେଉଁ ଆନ୍ଦୋଳନରେ ସାମିଲ ହୋଇଛନ୍ତି, ସେତେବେଳେ ତାହା ସମ୍ପୂର୍ଣ୍ଣ ସଫଳ ହୋଇଛି । ଯୁବକର ଉଦ୍ଦାମ କର୍ମପ୍ରେରଣା, ଆତ୍ମୋତ୍ସର୍ଗ ପ୍ରବୃତ୍ତି, ବୋହିଯିବା ଓ ବାହିନେବା ପାଇଁ ପ୍ରବଳ ଇଚ୍ଛାଶକ୍ତି ଏବଂ ଦେଶ ଓ ଦଶର ମଙ୍ଗଳ ପାଇଁ ଆଗ୍ନେୟ ଶପଥ ନେବାର ଦୃଢ଼ ମନୋବଳ ତାକୁ ସବୁ ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ କରିଥାଏ ।

ଭାରତୀୟ ଜାତୀୟ କଂଗ୍ରେସ ଓ ଅନ୍ୟ ସଙ୍ଗଠନଗୁଡ଼ିକ ମୁକ୍ତି ଆନ୍ଦୋଳନରେ ଯେପରି ଭାବରେ କାର୍ଯ୍ୟ କରିଥାନ୍ତୁ ନା କାହିଁକି, ଛାତ୍ର ଓ ଯୁବକମାନଙ୍କର ଆନ୍ଦୋଳନରେ ପ୍ରତ୍ୟକ୍ଷ ଯୋଗଦାନ ଏହି ପ୍ରକ୍ରିୟାକୁ କାଟାଲିଷ୍ଟ ପରି ଅଧିକ କ୍ରିୟାଶୀଳ ଓ ଶକ୍ତିଶାଳୀ କରିଥିଲା ।

Digitized by srujanika@gmail.com

ଏଣୁ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଯୁବଶକ୍ତିର ଭୂମିକା ଯଥାର୍ଥରେ ପ୍ରଶଂସନୀୟ ଥିଲା ।

କଟକ ଜିଲ୍ଲା ଛାତ୍ର କଂଗ୍ରେସର ସମ୍ପାଦକ ଭାବରେ ରବି ରାୟ ସଙ୍ଗଠନ କାର୍ଯ୍ୟରେ ଝାସ ଦେଲେ । ସେ ଛାତ୍ର ଆନ୍ଦୋଳନରେ ପୂରାପୂରି ମଜ୍ଜିଗଲେ । ସାରା ଓଡ଼ିଶାରେ ଛାତ୍ରକଂଗ୍ରେସର ସଙ୍ଗଠନକୁ ସୁଦୃଢ଼ କରିବା ଦିଗରେ ସେ ଆପ୍ରାଣ ଉଦ୍ୟମ କଲେ । ଠିକ୍ ଏତିକିବେଳେ ୧୯୪୨ ଆନ୍ଦୋଳନରେ କାରାବରଣ କରିଥିବା ଛାତ୍ରନେତାମାନେ ମଧ ଜେଲରୁ ଆସି ଛାତ୍ରକଂଗ୍ରେସ ସଙ୍ଗଠନକୁ ବଳିଷ୍ଠ ଓ ଅଧିକ ସକ୍ରିୟ କରିବାପାଇଁ ବହୁଭାବରେ ସାହାଯ୍ୟ କଲେ । ରବି ରାୟ ରେଭେନ୍ସା କଲେଜରେ ପଢୁଥିଲାବେଳେ ଏହି ଛାତ୍ର-ରାଜନୀତି ସହିତ ଏପରି ଜଡ଼ିତ ହୋଇଯାଇଥିଲେ ଯେ ଅଧିକାଂଶ ସମୟରେ କେବଳ ଛାତ୍ରକଂଗ୍ରେସ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । ତାଙ୍କରି ପ୍ରଚେଷ୍ଟାରେ ଛାତ୍ରକଂଗ୍ରେସର ସଙ୍ଗଠନ ସାରା ଓଡ଼ିଶାର ସମସ୍ତ ସ୍କୁଲ-କଲେଜରେ ଗଢ଼ି ଉଠିଥିଲା । ଏଥିପାଇଁ ତାଙ୍କୁ ଓଡ଼ିଶାର ସବୁ ଅଞ୍ଚଳକୁ ଯିବାକୁ ହେଉଥିଲା ।

ସେତେବେଳେ ଆଜିକାଲି ଭଳି ଗମନାଗମନ ଓ ରାସ୍ତାଘାଟର ସୁବିଧା ନ ଥିଲା । ଗାଡ଼ିମଟର ବିରଳ ଥିଲା । ସାଇକେଲର ପ୍ରଚଳନ ମଧ ବହୁଳ ନ ଥିଲା । ସହର ବଜାରରେ କେବଳ ଖୁବ୍ ଧନୀ ଲୋକମାନେ ଘୋଡ଼ାଗାଡ଼ିରେ ଯିବାଆସିବା କରୁଥିଲେ । ଆଉ ଅଧିକାଂଶ ଲୋକେ ପାଦରେ ଚାଲି ଚାଲି ଯିବାଆସିବା କରୁଥିଲେ । ଗାଁଗଣ୍ଡାରେ ଧନୀ ଲୋକେ ସବାରି ପାଲିଙ୍କି, ଶଗଡ଼ଗାଡ଼ିରେ ଯିବାଆସିବା କରୁଥିଲେ । ଓଡ଼ିଶାର ଅଧିକାଂଶ ଅଞ୍ଚଳ ବଣଜଙ୍ଗଲ ପରିପୂର୍ଣ୍ଣ ଥିଲା । ନଈନାଳରେ ପୋଲ ନ ଥିଲା, ଏପରିକି କଟକ ସହରର ଉପକଣ୍ଠରେ ଥିବା ମହାନଦୀରେ ମଧ ପୋଲ ନ ଥିଲା - ଲୋକେ ଡଙ୍ଗାରେ ପାରିହୋଇ ଯିବାଆସିବା କରୁଥିଲେ । ଆଜି ଯେପରି ପୃଥିବୀର ଗୋଟିଏ ଗୋଲାର୍ଦ୍ଧରୁ ଆଉ ଗୋଟିଏ ଗୋଲାର୍ଦ୍ଧକୁ ଯିବାପାଇଁ ମାତ୍ର କେତେ ଘଣ୍ଟା ସମୟ ଲାଗୁଛି, ସେତେବେଳେ ଏକଥା ପରିକଳ୍ପନା କରିବା ମଧ ଲୋକଙ୍କ ଚିନ୍ତା ବହିର୍ଭୂତ ବ୍ୟାପାର ଥିଲା । ଏଇଭଳି ଅବସ୍ଥାରେ ଓଡ଼ିଶାସାରା ବୁଲି ସ୍କୁଲକଲେଜରେ ଛାତ୍ରକଂଗ୍ରେସର ସଙ୍ଗଠନକୁ ସୁଦୃଢ଼ କରିବା କିଛି କମ୍ କଷ୍ଟକର ବ୍ୟାପାର ନ ଥିଲା । ସେତେବେଳେ ଆଜି ଭଳି ଗଣ୍ଡା ଗଣ୍ଡା କଲେଜ ମଧ ନ ଥିଲା । ହାତଗଣତି କେତୋଟି କଲେଜ ଓ ସ୍କୁଲ । ରବି ରାୟଙ୍କ ପ୍ରଚେଷ୍ଟାରେ ସେସବୁ ଶିକ୍ଷାନୁଷ୍ଠାନରେ ଛାତ୍ରକଂଗ୍ରେସ ବେଶ୍ ଆସ୍ଥାନ ଜମାଇ ପାରିଲା । ଏ ଛାତ୍ର ସଙ୍ଗଠନର ମୁଖ୍ୟ ଦାୟିତ୍ୱରେ ଥିବା ଅନ୍ୟ କେତେଜଣଙ୍କ ସହିତ ରବି ରାୟ ଅନ୍ତରଙ୍ଗ ଭାବରେ ସମ୍ପର୍କିତ ହୋଇ ଯାଇଥିଲେ । ଏଇ ସଙ୍ଗଠନର ଭିତ୍ତିଭୂମି ଉପରେ ସେ ବର୍ଷ ରେଭେନ୍ସା କଲେଜର ଛାତ୍ର ସଂସଦର ଅଧିକାଂଶ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ । ସର୍ବଭାରତୀୟ ସ୍ତରରେ ସେଇଭଳି ଜଣେ ଯୁବନେତା ଥିଲେ ରବି ବର୍ମା, ଯିଏ କି ପରବର୍ତ୍ତୀ

Digitized by srujanika@gmail.com

କାଳରେ ୧୯୭୭ ମସିହାରେ ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ କେନ୍ଦ୍ରରେ ଶ୍ରମମନ୍ତ୍ରୀ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ ଓ ସଂପ୍ରତି ଦିଲ୍ଲୀସ୍ଥ 'ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ'ର ସଭାପତି । ସେହି ପ୍ରଖ୍ୟାତ ଗାନ୍ଧିବାଦୀ ନେତା ରବି ବର୍ମାଙ୍କ ସହିତ ଛାତ୍ରନେତା ରବି ରାୟଙ୍କର ସମ୍ପର୍କ ଘନିଷ୍ଠ ହୋଇ ଉଠିଥିଲା ।

ସେତିକିବେଳେ ଆଉ ଜଣେ ସଂଗ୍ରାମୀ, ଜାତୀୟ ମୁକ୍ତି ଆନ୍ଦୋଳନର ନିର୍ଭୀକ ସୈନିକ ତଥା ପ୍ରଚଣ୍ଡ ଜ୍ଞାନୀ ବ୍ୟକ୍ତି ଥିଲେ ଆଚାର୍ଯ୍ୟ ନରେନ୍ଦ୍ର ଦେବ, ଯିଏ ଛାତ୍ର ରବି ରାୟଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ । ଆଚାର୍ଯ୍ୟ ନରେନ୍ଦ୍ର ଦେବ ଅହମ୍ମଦାବାଦ ଫୋର୍ଟରେ ଜେଲରେ ଥିଲାବେଳେ ଜବାହରଲାଲ ନେହେରୁ ତାଙ୍କ ସହିତ ଇତିହାସ ଆଲୋଚନା କରୁଥିଲେ । ଆଚାର୍ଯ୍ୟ ନରେନ୍ଦ୍ରଦେବ ପରେ ସୋସାଲିଷ୍ଟ ପାର୍ଟିର ଦିଲ୍ଲୀ ସମ୍ମିଳନୀରେ ଉଦ୍‌ବୋଧନ ଦେଉଥିବା ଅବସରରେ ଛାତ୍ର ନେତା ରବି ରାୟ ତାଙ୍କ ସହିତ ପରିଚିତ ହୋଇଥିଲେ ଓ ତାଙ୍କଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । କାୟମନୋବାକ୍ୟରେ ଆଦର୍ଶ ଓ ମୂଲ୍ୟବୋଧକୁ ବଜାୟ ରଖିବାପାଇଁ କିପରି ସାଧନା କରିବାକୁ ହୁଏ, ରବି ରାୟ ତାହା ତାଙ୍କଠାରୁ ଶିକ୍ଷା କରିଥିଲେ । ଏଇଭଳି ମହାନ ନେତାମାନଙ୍କ ସଂସ୍ପର୍ଶରେ ଆସି ତାଙ୍କ ଦୃଷ୍ଟିର ଦିଗ୍‌ବଳୟ ଅଧିକ ସଂପ୍ରସାରିତ ଓ ଦୀପ୍ତ ହୋଇଥିଲା । ଏମାନଙ୍କୁ ସେ ମନେ ମନେ ଅତି ଭକ୍ତି କରୁଥିଲେ । ସେମାନଙ୍କର ତ୍ୟାଗପୂତ ଜୀବନର ଆଦର୍ଶ ତାଙ୍କୁ ବହୁ ଭାବରେ ଅନୁପ୍ରେରିତ କରିଥିଲା । ପରବର୍ତ୍ତୀ ସମୟରେ ଆଚାର୍ଯ୍ୟ ନରେନ୍ଦ୍ରଦେବ ବନାରସର କାଶୀ ବିଶ୍ୱବିଦ୍ୟାଳୟ ଓ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର କୁଳପତି ହୋଇଥିଲେ ।

ରବି ରାୟଙ୍କ ରାଜନୀତିକ ଜୀବନର ପ୍ରଥମ ଶୁଭଶଙ୍ଖ ସ୍କୁଲରେ ପଢୁଥିଲା ବେଳେ ବାଜି ଉଠିଥିଲେ ବି ବାସ୍ତବରେ ତାହାର ମନୋଭୂମି ଏଇ ରେଭେନ୍ସା କଲେଜରେ ହିଁ ପ୍ରସ୍ତୁତ ହୋଇଥିଲା । ଜୀବନବ୍ୟାପୀ ସେ ଯେଉଁ ରାଜନୀତିକ ସଫଳତାର ସୋପାନ ଚଢ଼ିଥିଲେ, ତାହାର ଭିତ୍ତିପ୍ରସ୍ତର ଏଇଠି ପଡ଼ିଥିଲା । ଏକ ମହାନ ଆଦର୍ଶ ଓ କର୍ମସାଧନାକୁ ଆୟୁଧ ରୂପେ ବରଣ କରି ନିଜର ସାଧନାମୟ ଜୀବନ ସେ ଏଇଠୁ ଆରମ୍ଭ କରିଥିଲେ । ଛାତ୍ର-ରାଜନୀତିରେ ସକ୍ରିୟ ଭାବରେ କାମ କରି ଦେଶର ନାନା ସମସ୍ୟା ସହିତ ସେ ଜଡ଼ିତ ହୋଇଯାଇଥିଲେ । ସାଧନାର ପଥ ପ୍ରଲମ୍ବିତ ହୋଇଯାଇଥିଲା ସୀମାହୀନ ଅସୀମ ପଥରେ ।

୧୯୪୬ ମସିହାରେ ଦିଲ୍ଲୀରେ ଛାତ୍ରକଂଗ୍ରେସର ପ୍ରଥମ ସମ୍ମିଳନୀ ବସିଲା । ଅଖଣ୍ଡ ଭାରତର ସବୁ ପ୍ରାନ୍ତରରୁ ଛାତ୍ର-ପ୍ରତିନିଧିମାନେ ବିପୁଳ ଉତ୍ସାହ ଓ ଉଦ୍ଦୀପନାରେ ଏଥିରେ ଯୋଗ ଦେଇଥିଲେ । ସେତେବେଳେ ସାରାଦେଶରେ ଜାତୀୟତା ଓ ସ୍ୱଦେଶ ପ୍ରେମର ଉତ୍ତାଳ ତରଙ୍ଗ ପ୍ରବାହିତ ହେଉଥାଏ । ଆକୁମାରୀ ହିମାଚଳ ଏଇ ଦେଶପ୍ରୀତିର ମହାନ ପ୍ରବାହରେ ଝାସ ଦେଇଥାଏ । ଆତ୍ମ ପରିଚିତିର ପୋଥି ଖୋଲି ନିଜର ଆତ୍ମପରିଚୟ ପାଇବା ପାଇଁ ଭାରତୀୟ ଜନତା ଯେପରି ଉନ୍ମାଦ ହୋଇଯାଇଥାଏ, ଠିକ୍ ଏଇପରି

Digitized by srujanika@gmail.com

ଏକ ଉଷ୍ମ ବାତାବରଣରେ ଭାରତର ରାଜଧାନୀ ଦିଲ୍ଲୀରେ ଛାତ୍ରକଂଗ୍ରେସର ଏ ଜାତୀୟ ସମ୍ମିଳନୀ ଆହୂତ ହୋଇଥାଏ ।

ରବି ରାୟ ଏଇ ସମ୍ମିଳନୀରେ ଯୋଗଦେବାପାଇଁ ପ୍ରଥମଥର ପାଇଁ ଦିଲ୍ଲୀ ଯାତ୍ରା କଲେ । ଅନ୍ୟ ଛାତ୍ର ନେତାମାନଙ୍କ ମଧ୍ୟରେ ଥିଲେ ପ୍ରଦୀପ୍ତ କିଶୋର ଦାସ, କୁଳମଣି ମହାପାତ୍ର ପ୍ରଭୃତି । ସେଇ ଜାତୀୟ ସମ୍ମିଳନୀରେ ଭାରତୀୟ ଛାତ୍ର କଂଗ୍ରେସର ପ୍ରେସିଡେଣ୍ଟରୂପେ ନିର୍ବାଚିତ ହେଲେ ରବି ବର୍ମା । ସେ ବହୁ ଭୋଟ୍‌ରେ ଜୟଯୁକ୍ତ ହୋଇଥିଲେ । ଏହି ସମ୍ମିଳନୀ ସମୟରେ ରବି ରାୟ ଜାତୀୟସ୍ତରର ବହୁ ନେତା ଓ ଛାତ୍ରନେତାଙ୍କ ସହିତ ପରିଚିତ ହେବାର ସୁଯୋଗ ପାଇଥିଲେ । ଏହା ତାଙ୍କର ରାଜନୀତିକ ଜୀବନକୁ ଅଧିକ କର୍ମମୁଖର କଲା । ସେ ଦେଶର ସକ୍ରିୟ ରାଜନୀତି ପ୍ରତି ଆକୃଷ୍ଟ ହୋଇଉଠିଲେ । ଜାତୀୟବାଦୀ ସମାଜବାଦରେ ବିଶ୍ୱାସ ରଖିଥିବା ସବୁ ଛାତ୍ର ଛାତ୍ର-କଂଗ୍ରେସରେ ରହିଥାନ୍ତି ଏବଂ ସେହି ସଙ୍ଗଠନର ମୂଳ ପ୍ରେରଣାର ଉତ୍ସ ଭାବରେ ଆଚାର୍ଯ୍ୟ ନରେନ୍ଦ୍ରଦେବ, ଡକ୍ଟର ରାମମନୋହର ଲୋହିଆ, ଅରୁଣା ଆସଫ ଅଲ୍ଲୀ, ଜୟପ୍ରକାଶ ନାରାୟଣ ପ୍ରମୁଖ ଯୁବନେତା ସମସ୍ତଙ୍କୁ ଅନୁପ୍ରେରିତ କରୁଥାନ୍ତି । ଛାତ୍ରସମାଜ ସେମାନଙ୍କଦ୍ୱାରା ଗଭୀରଭାବରେ ପ୍ରଭାବିତ ହୋଇଥାଏ । ଏହି ଯୁବନେତାମାନେ ଜାତୀୟ ସ୍ତରରେ ଏକ ନୂତନ ଆଭିମୁଖ୍ୟ ନେଇ ସୋସାଲିଷ୍ଟ ପାର୍ଟି ନାମରେ ଏକ ଦଳ ଗଢ଼ିବାକୁ ଯୋଜନା କରୁଥାନ୍ତି ।

୧୯୪୬ ମସିହାର କଥା । ଏଇ ସମୟରେ କେନ୍ଦ୍ରରେ ମଧ୍ୟବର୍ତ୍ତୀକାଳୀନ ସରକାର ଗଢ଼ା ହେଲା । ଏହା ଭାରତ ବିଭାଜନର ପୂର୍ବ ଘଟଣା । ରବି ରାୟ ସେତେବେଳେ ରେଭେନ୍ସା କଲେଜରେ ତୃତୀୟ ବାର୍ଷିକ ଶ୍ରେଣୀର ଛାତ୍ର । ଏହି ବର୍ଷଟି ତାଙ୍କ ଛାତ୍ର ଜୀବନର ସବୁଠୁ କର୍ମମୁଖର ସମୟ । ପ୍ରଦୀପ୍ତ କିଶୋର ଦାସ କଲେଜ ଛାତ୍ର ସଂସଦର ସଭାପତି । ରବି ରାୟ ଦିବାଧ୍ୟାୟୀ ସଂଘର ସମ୍ପାଦକ । ସେ ବର୍ଷର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହେଉଥାଏ । ପ୍ରଚଳିତ ପରମ୍ପରା ଓ ବିଧିଅନୁଯାୟୀ ବ୍ରିଟେନର ଜାତୀୟପତାକା ଇଉନିୟନ ଜ୍ୟାକ୍ ଆଥଲେଟିକ ମିଟ୍ ଆରମ୍ଭ ହେବା ପୂର୍ବରୁ ପଡ଼ିଆରେ ଉଡ଼ାହୋଇ ଉତ୍ସବ ଉଦ୍‌ଘାଟନ ହେବା କଥା । ଛାତ୍ର ଫେଡ଼େରେସନର ମନମୋହନ ମିଶ୍ର, ବସନ୍ତ ମିଶ୍ର ଓ ଛାତ୍ରସଂସଦର ସଭାପତି (ଛାତ୍ର କଂଗ୍ରେସର) ଓ ଅନ୍ୟ ଛାତ୍ରମାନେ ସଂଘବଦ୍ଧ ଭାବରେ ବିରୋଧ କରି ପ୍ରତିବାଦର ସ୍ୱର ଉତ୍ତୋଳନ କଲେ ଯେ ଏହି ଉତ୍ସବରେ ଇଉନିୟନ ଜ୍ୟାକ ବଦଳରେ ଭାରତର ତ୍ରିରଙ୍ଗା ପତାକା ଉଡ଼ା ହେବ । ଛାତ୍ରମାନେ ଇଉନିୟନ ଜ୍ୟାକ୍ ପତାକାକୁ ପାଦରେ ଦଳି ଦେଲେ । ଅନ୍ୟ ଛାତ୍ରନେତାମାନଙ୍କ ମଧ୍ୟରେ ରବି ରାୟ ମଧ୍ୟ ଏହି ଆନ୍ଦୋଳନର ଅଗ୍ରଭାଗରେ ଥିଲେ । ଆନ୍ଦୋଳନର ନେତୃତ୍ୱ ନେଇଥିଲେ ରେଭେନ୍ସା କଲେଜର ଛାତ୍ରସଂସଦ ସଭାପତି ପ୍ରଦୀପ୍ତ କିଶୋର ଦାସ ।

Digitized by srujanika@gmail.com

ଓଡ଼ିଶାରେ ସେତେବେଳେ କଂଗ୍ରେସ ମନ୍ତ୍ରିମଣ୍ଡଳ । ହରେକୃଷ୍ଣ ମହତାବ ଓଡ଼ିଶାର ପ୍ରଧାନମନ୍ତ୍ରୀ । ଅକିନ୍‌ଲେକ୍ ସାହେବ କମାଣ୍ଡାଣ୍ଟ ଚିଫ୍, ରାମନାଥନ କଲେକ୍ଟର ଓ ଜିଲ୍ଲା ମାଜିଷ୍ଟ୍ରେଟ । ଉତ୍ସବଦିନ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଲା । ପତାକାକୁ ଗୋଡ଼ରେ ଦଳି ଦେଇଥିବା ଛାତ୍ରମାନଙ୍କୁ ରଷ୍ଟିକେଟ କରାଗଲା । ମହତାବ ଛାତ୍ରମାନଙ୍କୁ ବିରୋଧ କରୁଥାନ୍ତି । ସେ ଏହି ଘଟଣାରେ ଆଦୌ ଅନୁକୂଳ ମତ ପୋଷଣ କରୁ ନ ଥାନ୍ତି । ଏହାକୁ ସେ ଛାତ୍ରମାନଙ୍କ ବିରୋଧରେ ଗୋଟେ ଚାଲେଞ୍ଜ ଭାବରେ ଗ୍ରହଣ କଲେ । କଲେଜର ବହୁଛାତ୍ରଙ୍କୁ ତାଙ୍କ ନିର୍ଦ୍ଦେଶରେ ବହିଷ୍କାର କରାଗଲା । ଏହାର ପ୍ରତିବାଦରେ ଛାତ୍ରସମାଜ ତାତି ଉଠିଲେ । ରାଜ୍ୟବ୍ୟାପୀ ଆନ୍ଦୋଳନ ହେଲା । ଛାତ୍ରମାନଙ୍କର ବିରାଟ ପଟୁଆର ବାହାରିଲା । ନାନାପ୍ରକାର ସ୍ଲୋଗାନ ଦେଇ ବହିଷ୍କାର କରାଯାଇଥିବା ଛାତ୍ରମାନଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର କରିବା ସଙ୍ଗେ ସଙ୍ଗେ ରେଭେନ୍ସା କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ତ୍ରିରଙ୍ଗା ପତାକା ଉଡ଼ାଯିବାପାଇଁ ଦାବିକରି ଛାତ୍ରମାନେ ଆନ୍ଦୋଳନ କଲେ - ରେଭେନ୍ସା କଲେଜରୁ ଛାତ୍ର ପଟୁଆର ବାହାରି ଗୌରୀଶଙ୍କର ପାର୍କ ପର୍ଯ୍ୟନ୍ତ ଗଲା । ଏହି ପଟୁଆରର ନେତୃତ୍ୱ ନେଉଥିଲେ ପ୍ରଦୀପ୍ତ କିଶୋର ଦାସ, ରବି ରାୟ, ନିରୁପମା ରଥ, ଯୋଗମାୟା ପଟ୍ଟନାୟକ, ବିନାୟକ ଚୌଧୁରୀ (ନବକୃଷ୍ଣ ଚୌଧୁରୀଙ୍କ ପୁଅ) ପ୍ରମୁଖ ଛାତ୍ରନେତା । ଗୌରୀଶଙ୍କର ପାର୍କରେ ଛାତ୍ରମାନଙ୍କର ସଭା ହେଲା । ସେଇଠୁ ଛାତ୍ରନେତାମାନଙ୍କୁ ଗିରଫ କରାଗଲା । ରବି ରାୟ ମଧ୍ୟ ଗିରଫ ହୋଇ ଜେଲ୍ ଗଲେ । ଏହା ଥିଲା ତାଙ୍କର ପ୍ରଥମ ଜେଲଯାତ୍ରା । ତାଙ୍କ ରାଜନୀତିକ ଜୀବନର ପ୍ରଥମ ସୋପାନରେ ଏହି କାରାବରଣ ଥିଲା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା । ତାଙ୍କ ପ୍ରାଣରେ ଏହା ସୃଷ୍ଟି କରିଥିଲା ନୂତନ ଉଦ୍ଦୀପନା । ଏହି ଘଟଣା ଓ ତା'ର ଭାବମୟ ଅନୁଭୂତି ତାଙ୍କ ପରବର୍ତ୍ତୀ ଜୀବନଧାରାକୁ ବହୁଭାବରେ ପ୍ରଭାବିତ କରିଥିଲା ।

ଏହି ଛାତ୍ର ଆନ୍ଦୋଳନ ଓ ପଟୁଆର ଥିଲା ଶାନ୍ତିପୂର୍ଣ୍ଣ ଓ ସଙ୍ଗଠିତ । ସାଧାରଣ ଲୋକଙ୍କର ଏହି ଆନ୍ଦୋଳନ ପ୍ରତି ସମର୍ଥନ ବିପୁଳ ଥିଲା । ଏହି ବିପୁଳ ଜନସମର୍ଥନକୁ ଲକ୍ଷ୍ୟ କରି ଜିଲ୍ଲା ମାଜିଷ୍ଟ୍ରେଟ ରାମନାଥନ ୧୪୪ ଧାରା ଉଠାଇ ଦେଇଥିଲେ । ଛାତ୍ର ଶୋଭାଯାତ୍ରାର ଅଗ୍ରଭାଗରେ ବହୁ ଛାତ୍ରୀ ଧାଡ଼ିବାନ୍ଧି ଚାଲୁଥିଲେ । ଏମାନଙ୍କ ମଧ୍ୟରେ ନିରୁପମା ରଥ, ଯୋଗମାୟା ପଟ୍ଟନାୟକ, ଶ୍ୟାମଳୀ ଲାହିଡ଼ି... ପ୍ରଭୃତି ଶୋଭାଯାତ୍ରାର ଅଗ୍ରଭାଗରେ ଥିଲେ । ପୁଲିସ ନିରୁପମା ରଥଙ୍କୁ ଗିରଫ କରିବାରୁ ରବି ରାୟ ତାହାର ଦୃଢ଼ ପ୍ରତିବାଦ କରି କହିଲେ, "ମହିଳା ପୁଲିସ ନ ଆଣିଲେ, ଛାତ୍ରୀମାନଙ୍କୁ ଗିରଫ କରିବାର ଅଧିକାର ସରକାରଙ୍କର ନାହିଁ । ମହିଳା ପୁଲିସଙ୍କଦ୍ୱାରା ହିଁ କେବଳ ଛାତ୍ରୀମାନେ ଗିରଫ ହୋଇପାରିବେ ।" ରବି ରାୟଙ୍କର ଏହି ପ୍ରତିବାଦ ଯୋଗୁଁ ସାଙ୍ଗେ ସାଙ୍ଗେ ପୁଲିସ ତାଙ୍କୁ ଗିରଫ କଲା । ବହୁ ଛାତ୍ର ଗିରଫ ହୋଇ ଜେଲରେ ରହିଲେ । ଦେହରେ ଯୁବସୁଲଭ

Digitized by srujanika@gmail.com

ଉଦ୍ଦାମ ଶକ୍ତି, ଦୁର୍ଜ୍ଜେୟ ମନୋବଳ, ଗଭୀର ଆତ୍ମବିଶ୍ୱାସ ଓ ଦେଶପାଇଁ ଆତ୍ମବଳିଦାନ କରିବାକୁ ପ୍ରବଳ ଆଗ୍ରହ ଛାତ୍ରମାନଙ୍କୁ ବହୁ ଭାବରେ ଉତ୍ସାହିତ କରିଥାଏ । ଏହି ମହାନକାର୍ଯ୍ୟ ପାଇଁ ଛାତ୍ରଛାତ୍ରୀମାନଙ୍କ ପ୍ରାଣରେ ଯେଉଁ ଉନ୍ମାଦନା ସୃଷ୍ଟି ହୋଇଥିଲା, ବାସ୍ତବରେ ତାହାର ପଟାନ୍ତର ନାହିଁ । ଜୀବନପଣ କରି ସେମାନେ ଏହି ଆନ୍ଦୋଳନରେ ଝାସ ଦେଇଥିଲେ । ସେ ଦିନର ସେ ଆଗ୍ନେୟ ଶପଥ, କର୍ମନିଷ୍ଠା ଓ ଛାତ୍ରମାନଙ୍କ ଭିତରେ ଥିବା ସଂପ୍ରୀତି ଓ ସଦ୍‌ଭାବନା କଥା ସ୍ମରଣ କରି ରବି ରାୟ ବିହ୍ୱଳ ହୋଇଯାଆନ୍ତି ଓ ଦୁଃଖ କରି କହନ୍ତି - "ସେ ଦିନର ସେ ଛାତ୍ର-ରାଜନୀତି ଓ ଆଜିର ଏ ଛାତ୍ର-ରାଜନୀତି ଭିତରେ ଆକାଶ ପାତାଳ ତଫାତ୍ । ସେସବୁ ଦିନ ଓ ମୁହୂର୍ତ୍ତମାନଙ୍କୁ ଆଜି କଳ୍ପନା ବି କରିହେଉ ନାହିଁ । ଦେଶପାଇଁ ନିଜକୁ ସମ୍ପୂର୍ଣ୍ଣ ଆହୁତି ଦେଇଦେବାକୁ ସେଦିନର ଛାତ୍ର ଯେପରି ବଜ୍ରଶପଥ ନେଇପାରୁଥିଲା, ଆଜି ତାହା ଅପରିକଳ୍ପନୀୟ । ଆଜି ଛାତ୍ର ରାଜନୀତି କିପରି ସ୍ୱାର୍ଥାନ୍ୱେଷୀ, କଳଙ୍କିତ ଓ ନୈତିକତାବିହୀନ ହୋଇଯାଇଛି, ତାହା ଦେଖିଲେ ପ୍ରାଣରେ ବିଷାଦ ଜାତ ହୁଏ । ସେଦିନର ସେ ସହଯୋଗ, ସହାନୁଭୂତି, ସଦ୍‌ଭାବନା, ବନ୍ଧୁପ୍ରୀତି, ସଚ୍ଚୋଟତା, କର୍ମନିଷ୍ଠା ଆଜିର ଛାତ୍ରସମାଜ ପାଇଁ ଆରବ୍ୟରଜନୀର କାହାଣୀଠୁ ବି ଅବିଶ୍ୱାସଯୋଗ୍ୟ ମନେହେବ । କିନ୍ତୁ ପ୍ରକୃତରେ ଦିନେ ଏହା ସମ୍ଭବ ଥିଲା ଓ ଆମ୍ଭମାନେ ସେଇ ପ୍ରକାର ଛାତ୍ର ରାଜନୀତିକୁ ଅଙ୍ଗେ ଲିଭେଇଛୁ । ସେଦିନର ମୋର ସେଇ ବନ୍ଧୁମାନେ, ଯେଉଁମାନେ ଜୀବିତ ଅଛନ୍ତି, ସେମାନେ ସମସ୍ତେ ଆଜି ଏ କଥାକୁ ସ୍ୱୀକାର କରିବେ ।"

ଜଣେ ସାଧାରଣ ମଣିଷ ଜୀବନରେ ଯେଉଁସବୁ ଲକ୍ଷ୍ୟ ଓ ସାଧନ ଥାଏ, ତାହାଠୁଁ ସମ୍ପୂର୍ଣ୍ଣ ଭିନ୍ନ ଜୀବନଚର୍ଯ୍ୟାକୁ ଆଦରି ନେବାବେଳେ ଏହାର ପ୍ରଚ୍ଛଦପଟରେ ଥାଏ ଗୋଟେ ବଳିଷ୍ଠ ଅଙ୍ଗୀକାର, ଯାହା ଅମଡ଼ା କଣ୍ଟକିତପଥକୁ ବି ପୁଷ୍ପିତ କରେ; ଅନ୍ଧକାର ଦୂରକରି ସଫଳତାପୂର୍ଣ୍ଣ ଆଲୋକମୟ ଦିଗନ୍ତର ପ୍ରତ୍ୟୟ ଓ ବିଶ୍ୱାସ ସୃଷ୍ଟି କରେ । ଦେଶପ୍ରେମରେ ଉଦ୍‌ବୋଧିତ ରବି ରାୟ ବ୍ୟକ୍ତିଗତ ଛାତ୍ରଜୀବନର ସଫଳତା ବିଫଳତାକୁ ଆଦୌ ଗୁରୁତ୍ୱ ଦେଇ ନାହାନ୍ତି, ଜୀବନ ସଂପ୍ରସାରଣ ପ୍ରକ୍ରିୟାରେ ସାମିଲ ହୋଇଯାଇଛନ୍ତି । ଦେଶର ମୁକ୍ତି ଆନ୍ଦୋଳନ ତଥା ଜାତୀୟତାର ମହାନ ପ୍ରବାହରେ ସେ ଭାସିଯାଇଛନ୍ତି କେଉଁ ଅଜ୍ଞାତ ପ୍ରବାଳଦ୍ୱୀପର ସନ୍ଧାନରେ ।

ଓଡ଼ିଶାରେ ଏହି ଛାତ୍ର ଆନ୍ଦୋଳନ କଥା ସାରା ଭାରତରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଥିଲା । ଜାତୀୟପତାକାକୁ ନେଇ ଛାତ୍ରମାନଙ୍କର ଏ କର୍ମପନ୍ଥା, ବିଶେଷକରି ରେଭେନ୍ସା କଲେଜ ଛାତ୍ରମାନଙ୍କର ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକାକୁ ବୀରତ୍ୱପୂର୍ଣ୍ଣ କାର୍ଯ୍ୟରୂପେ ବିଚାର କରାଗଲା । ଆନ୍ଦୋଳନ ବ୍ୟାପୁଥିବାର ଲକ୍ଷ୍ୟ କରି ନାଗରିକ କମିଟି ତରଫରୁ ଛାତ୍ର ଓ ସରକାରଙ୍କ ମଧ୍ୟରେ ମଧ୍ୟସ୍ଥତା କଲେ ତତ୍କାଳୀନ ଆଡ୍‌ଭୋକେଟ ହରିହର ମହାପାତ୍ର,

Digitized by srujanika@gmail.com

ଯିଏ ସ୍ୱାଧୀନତା ପରବର୍ତ୍ତୀ କାଳରେ ହୋଇଥିଲେ ପାଟନା ହାଇକୋର୍ଟର ବିଚାରପତି । ଶେଷରେ ସରକାର ଛାତ୍ରମାନଙ୍କ ସମସ୍ତ ଦାବି ମାନିବାକୁ ବାଧ ହେଲେ । ରବି ରାୟ ପ୍ରମୁଖ ସମସ୍ତ ଛାତ୍ରନେତା ଜେଲରୁ ଖଲାସ ହେଲେ । ବହିଷ୍କୃତ ହୋଇଥିବା ଛାତ୍ରମାନଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହୃତ ହେଲା । ରେଭେନ୍ସା କଲେଜ ତଥା ସମସ୍ତ ଶିକ୍ଷାନୁଷ୍ଠାନରେ ଇଉନିୟନ ଜ୍ୟାକ ପତାକା ବଦଳରେ ତ୍ରିରଙ୍ଗା ପତାକା ଉଡ଼ା ହେବାପାଇଁ ସରକାର ସିଦ୍ଧାନ୍ତ ଗ୍ରହଣ କଲେ । ସାରା ଦେଶରେ ପ୍ରବଳ ପ୍ରତାପୀ ବ୍ରିଟିଶ ସରକାରଙ୍କ ଶାସନ ଚାଲୁଥିଲା ବେଳେ ଏପରି ଏକ ନୀତି ନିର୍ଦ୍ଧାରଣ କରିବା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା । ସାରାଭାରତରେ ଏ ଘଟଣା ଥିଲା ପ୍ରଥମ । ଓଡ଼ିଶା ଛାତ୍ର ସମାଜର ଏ ଦାବି ଓ ସଫଳତା ଭାରତର ମୁକ୍ତି ସଂଗ୍ରାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଛାତ୍ରମାନଙ୍କର ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇ ମାଳତୀ ଚୌଧୁରୀ ସେ ସମୟରେ ଜୟପ୍ରକାଶ ନାରାୟଣଙ୍କୁ ଏକ ଚିଠି ଲେଖିଥିଲେ । ଏହା ରବି ରାୟଙ୍କ ଛାତ୍ର ରାଜନୀତିରେ ଏକ ସଫଳତାର ପାହାଚ ।

ଏଇ ଛାତ୍ର-ରାଜନୀତିର ଆଉ ଏକ ଉଲ୍ଲେଖନୀୟ ଘଟଣା ସେତେବେଳେ ସାରା ରାଜ୍ୟରେ ଓ ଦେଶରେ ହଇଚଇ ସୃଷ୍ଟି କରିଥିଲା । ଛାତ୍ରମାନେ ଓ୍ୱେଷ୍ଟ ହଷ୍ଟେଲ (ପଶ୍ଚିମ ଛାତ୍ରାବାସ)କୁ ସାଧାରଣତନ୍ତ୍ର (ରିପବ୍ଲିକ) ବୋଲି ଏକତରଫା ଘୋଷଣା କରିଦେଲେ । ଦେଶରେ ଇଂରେଜଶାସନ, ଭାରତ ସେତେବେଳକୁ ସ୍ୱାଧୀନ ମଧ ହୋଇ ନ ଥାଏ । ସାରାଦେଶରେ ଇଏ ଗୋଟାଏ ନୂଆ କଥା । ଛାତ୍ରମାନେ ସ୍ଥିର କଲେ, ଓ୍ୱେଷ୍ଟ ହଷ୍ଟେଲର ଏହି 'ସାଧାରଣତନ୍ତ୍ର ଶାସନ'ରେ ରାଜନୀତିରେ ଆଦୌ ଜଡ଼ିତ ନ ଥିବା ଜଣେ ଭଲ ଛାତ୍ର ପ୍ରେସିଡେଣ୍ଟ ହେବ । ସେଇ ଛାତ୍ରାବାସର ଛାତ୍ରମାନଙ୍କ ଭିତରେ ଜାନକୀବଲ୍ଲଭ ପଟ୍ଟନାୟକ ଥିଲେ ଶାନ୍ତ ଶିଷ୍ଟ ସ୍ୱଭାବର ଜଣେ ଭଲ ପଢୁଥିବା ଛାତ୍ର । ଓ୍ୱେଷ୍ଟ ହଷ୍ଟେଲ ଅନ୍ତେବାସୀମାନେ ତାଙ୍କୁ ପ୍ରେସିଡେଣ୍ଟ ବାଛିଲେ । ସେତେବେଳେ ଏହି ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟ ଥିଲେ ଅଧ୍ୟାପକ ଶ୍ରୀନିବାସ ସାହୁ । ପିଲାମାନେ ତାଙ୍କ କାର୍ଯ୍ୟକଳାପକୁ ବିଚାର କରି ହଷ୍ଟେଲ ଭିତରେ ତାଙ୍କୁ ଜେଲଦଣ୍ଡ ଦେଲେ । ସେତେବେଳେ ପ୍ରିନ୍ସିପାଲ ଥିଲେ ଏସ୍.ରାୟ ।

ପ୍ରିନ୍ସିପାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଛାତ୍ରାବାସ ଭିତରେ ଦେଖାକରିବାକୁ ଚାହିଲେ ବି ପିଲାମାନେ ତାଙ୍କୁ ହଷ୍ଟେଲ ଭିତରକୁ ଯିବାକୁ ଅନୁମତି ଦେଲେ ନାହିଁ । ସେ ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ପରିସ୍ଥିତି ବଡ଼ ଜଟିଳ ହେଲା । ପ୍ରତିଦିନ ସନ୍ଧ୍ୟାରେ ନିର୍ବାଚିତ ସଭାପତିଙ୍କୁ ସବୁ ଛାତ୍ର ସ୍ୟାଲୁଟ କରୁଥିଲେ । ହଷ୍ଟେଲ ପରିଚାଳନା ଦାୟିତ୍ୱ ଓ ତାର ଶାସନଭାର ପିଲାମାନେ ନିଜ ହାତକୁ ନେଇ ଯାଇଛନ୍ତି ଜାଣି ସେତେବେଳର ଓଡ଼ିଶାର ପ୍ରଧାନମନ୍ତ୍ରୀ ଛାତ୍ରାବାସକୁ ପୁଲିସ ପଠାଇବାକୁ ଚାହିଁଲେ । ମାତ୍ର ଛାତ୍ରମାନଙ୍କୁ ଖୁବ୍ ଭଲପାଉଥିବା ଅଧକ୍ଷ

Digitized by srujanika@gmail.com

ଏସ୍.ରାୟ ଛାତ୍ରାବାସରେ ପୁଲିସ ପ୍ରବେଶକୁ ଅନୁମତି ଦେଲେ ନାହିଁ । ଏହା ଥିଲା ସାରା ଭାରତରେ ଏକ ସମ୍ପୂର୍ଣ୍ଣ ନୂଆ ଘଟଣା । ଏ ସମ୍ବାଦ ଦେଶସାରା ହଇଚଇ ସୃଷ୍ଟି କରିଥିଲା ।

ଅଧ୍ୟକ୍ଷ ଏସ୍.ରାୟ ଛାତ୍ରମାନଙ୍କୁ ଡାକିଲେ ଓ ବହୁତ ବୁଝାଇଲେ । ସବୁଛାତ୍ର, ଅଧ୍ୟାପକ ଓ ଅଧ୍ୟକ୍ଷ ଏକାଠି ବସି ଆଲୋଚନା କଲେ । ଅଧ୍ୟକ୍ଷ ଓ ଅଧ୍ୟାପକମାନେ ପିଲାମାନଙ୍କୁ ବହୁତ ବୁଝାବୁଝି କରିବାପରେ ଛାତ୍ରମାନେ ଛାତ୍ରାବାସରୁ ସାଧାରଣତନ୍ତ୍ର ବ୍ୟବସ୍ଥାକୁ ଉଠାଇନେଲେ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଛାତ୍ରାବାସରୁ ମୁକ୍ତ କଲେ । ସେତେବେଳେ ଏହି ପଶ୍ଚିମ ଛାତ୍ରାବାସରେ ରହୁଥିଲେ ମହାପାତ୍ର ନୀଳମଣି ସାହୁ, ଦେବୀପ୍ରସନ୍ନ ପଟ୍ଟନାୟକ, କୁଳମଣି ମହାପାତ୍ର... ପ୍ରଭୃତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ପରବର୍ତ୍ତୀ ଜୀବନରେ ନିଜ ନିଜ କ୍ଷେତ୍ରରେ ବେଶ୍ ସୁନାମ ଓ ପ୍ରତିଷ୍ଠାର ଅଧିକାରୀ ହୋଇଛନ୍ତି ।

ବି.ଏ. ପରୀକ୍ଷା ଲାଗି ଫର୍ମ ପୂରଣ କରିବାକୁ ଥାଏ । ଫର୍ମପୂରଣ କଲା ବେଳକୁ ରବି ରାୟ ଜାତୀୟତା ବା ନେସନାଲିଟି (Nationality) ସ୍ଥାନରେ ଭାରତୀୟ ଲେଖିଲେ, କିନ୍ତୁ ଜାତି (caste) ସ୍ଥାନରେ ଛକି ମାରିଲେ । ଏପରି ଫର୍ମପୂରଣ ଦେଖି ଅଧ୍ୟକ୍ଷ ମହେଶ ପ୍ରଧାନ ରବି ରାୟଙ୍କୁ ତାଙ୍କ ଅଫିସକୁ ଡକେଇ ପଠେଇଲେ ଓ କହିଲେ, 'ତୁମେ ଏପରି ଫର୍ମପୂରଣ କଲେ ପରୀକ୍ଷା ଦେଇପାରିବ ନାହିଁ, ଏକଥା ଜାଣିଛ ? ତୁମେ ଫର୍ମରେ ଜାତି କଥା ଉଲ୍ଲେଖ କରିବା ନିହାତି ଆବଶ୍ୟକ ? ରବି ରାୟ ଦୃଢ଼ଭାବରେ କହିଲେ, 'ମୁଁ ଏ ଜାତିପ୍ରଥାରେ ବିଶ୍ୱାସ କରେନି ।' ଅଧ୍ୟକ୍ଷ କହିଲେ, 'ତାହାହେଲେ ତୁମେ ପରୀକ୍ଷା ଦେଇପାରିବ ନାହିଁ ।' ରବି ରାୟ ଗମ୍ଭୀର ସ୍ୱରରେ କହିଲେ - 'ନ ଦେଲେ ନ ଦେବି, କିନ୍ତୁ ମୁଁ 'Caste' ସ୍ଥାନ ପୂରଣ କରିବିନି । ୍ ଣିକି ଯାହାହେଉଛି ହେଉ ।' ରବି ରାୟ ଅଧ୍ୟକ୍ଷଙ୍କୁ ନମସ୍କାର କରି ଝଡ଼ ଭଳି ଅଫିସରୁ ବାହାରି ଆସିଲେ । କିଛି ସମୟ ପରେ ଅଧ୍ୟକ୍ଷ ପୁଣି ତାଙ୍କୁ ଡକାଇଲେ ଓ କହିଲେ, 'ଯାଅ ପରୀକ୍ଷା ଦବ ।'

ସେତେବେଳେ ରେଭେନ୍ସା କଲେଜର ଅଧ୍ୟାପକ ଥିଲେ ବଳଭଦ୍ର ପ୍ରସାଦ, ପି.ଏସ୍.ସୁନ୍ଦରମ୍, ଭି.ଭି.ଜନ... ପ୍ରଭୃତି । ଛାତ୍ରମାନେ ସେମାନଙ୍କ ସହିତ ଅନେକ ବିଷୟରେ ଆଲୋଚନା କରନ୍ତି । ଯୁକ୍ତିତର୍କ ବି ବେଳେ ବେଳେ ହୁଏ । କିନ୍ତୁ ଛାତ୍ରମାନଙ୍କର ଏ ସବୁକୁ ସେମାନେ ବେଶ୍ ଉଦାତ୍ତ ଭାବରେ ଗ୍ରହଣ କରୁଥିଲେ ଓ ଯଥାର୍ଥ ଦିଗ୍‌ଦର୍ଶନ ଦେଉଥିଲେ । ଅଧ୍ୟକ୍ଷ, ଅଧ୍ୟାପକ ଓ ଛାତ୍ରମାନଙ୍କର ସମ୍ପର୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା । ଉଭୟ ଉଭୟଙ୍କୁ ବୁଝିବାକୁ ଚେଷ୍ଟା କରୁଥିଲେ । ଅଧ୍ୟାପକମାନେ ଯେପରି ଭକ୍ତିଭାଜନ ଥିଲେ, ଛାତ୍ରମାନଙ୍କ ପ୍ରତି ସେପରି ଶ୍ରଦ୍ଧାଶୀଳ ଥିଲେ । ଏଣୁ ଛାତ୍ରମାନେ ଅଧ୍ୟାପକମାନଙ୍କୁ ଅନେକ ସମୟରେ କେବଳ ଗୁରୁଜନ ଭଳି ନୁହେଁ, ବନ୍ଧୁ ଭଳି ମଧ୍ୟ ଦେଖୁଥିଲେ ।

Digitized by srujanika@gmail.com

୧୯୪୮ ମସିହାରେ ରବି ରାୟ ବି.ଏ. ପାସ୍ କଲେ । ସେତେବେଳେ ମଧୁସୂଦନ ଆଇନ କଲେଜ ପ୍ରତିଷ୍ଠିତ ହୋଇ ନ ଥାଏ । ଆଇନ କଲେଜ ରେଭେନ୍ସା କଲେଜର ଗୋଟିଏ ଅଙ୍ଗ ଥାଏ । ରବି ରାୟ ବି.ଏ. ପାସ୍ କରି ଆଇନ କଲେଜରେ ନାମ ଲେଖାଇଲେ ।

୧୯୪୮-୪୯ ମସିହାବେଳକୁ ଭାରତୀୟ ରାଜନୀତିର ଦୁଇଟି ମୁଖ୍ୟ ଘଟଣାପ୍ରବାହ ନାନାଭାବରେ ଆଲୋଡ଼ନ ସୃଷ୍ଟି କରିଥାଏ । ବହୁ ସଂଗ୍ରାମ, ସାଧନା, ତ୍ୟାଗ, ଲହୁଲୁହ ଓ ସଂଘର୍ଷ ପରେ ୧୯୪୭ରେ ଦେଶ ସ୍ୱାଧୀନ ହେଲା । ଜନମାନସରେ ଆନନ୍ଦ ଓ ଉତ୍ସାହର ଢେଉ ଖେଳିଗଲା । ଅହିଂସା, ସତ୍ୟାଗ୍ରହ ବଳରେ ଦେଶକୁ ପ୍ରବଳ ପ୍ରତାପୀ ବ୍ରିଟିଶ ଶକ୍ତି କବଳରୁ ମୁକ୍ତ କରିବା ଘଟଣା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କଲା । ପୃଥିବୀସାରା ଲୋକେ ଚକିତ ହୋଇ ଭାରତର ଏ ଆତ୍ମିକ ନିଷ୍ଠା, ବିଶ୍ୱାସ ଓ ଗାନ୍ଧିଜୀଙ୍କ ଅନନ୍ୟ ବ୍ୟକ୍ତିତ୍ୱକୁ ଦେଖିଲେ । ଏହାର ଅଳ୍ପକାଳ ପରେ ଗାନ୍ଧିଜୀ ଆତତାୟୀର ଗୁଳିରେ ସହିଦ ହେଲେ । ଏ ଘଟଣା ଭାରତବାସୀଙ୍କୁ ଦୁଃଖାଭିଭୂତ କରି ପକାଇଲା । କୋଟି କୋଟି ଭାରତବାସୀ ପିଲାଙ୍କ ପରି କାନ୍ଦିଲେ । ଗାନ୍ଧିଜୀଙ୍କ ଅବର୍ତ୍ତମାନରେ ଯେପରି ସେମାନେ ଛେଉଣ୍ଡ ହୋଇଗଲେ । ସ୍ୱାଧୀନତା ପ୍ରାପ୍ତିର ଆନନ୍ଦ ଉଲ୍ଲାସରେ ଯେପରି ହଠାତ୍ ବିଷାଦର ଭଟ୍ଟା ଆସିଗଲା । ଭାରତୀୟ ଜୀବନ ପ୍ରବାହ କିଛିକାଳ ପାଇଁ ସ୍ଥାଣୁ ପାଲଟିଗଲା । ଲୋକେ ଏପରି ଏକ ଧକ୍କାରେ ସ୍ତବ୍ଧ ହୋଇଗଲେ ।

ଗାନ୍ଧିଜୀ ଥିଲେ ଜନନାୟକ । ଭାରତୀୟ ଜନତାର ଆଶା ଓ ବିଶ୍ୱାସର ସାକାର ବିଗ୍ରହ । ଗରିବ, ଦୁଃଖୀ, ଦୀନଦଳିତ, ନିଷ୍ପେଷିତ, ନିର୍ଯାତିତର ମୁକ୍ତିସୂର୍ଯ୍ୟ । ତାଙ୍କ ବିହୁନେ ଏ ସାଧାରଣ ଲୋକଙ୍କର ଯେ ଆଉ କିଏ ସାହାଭରସା ଅଛି, ଏକଥା ଲୋକେ ଭାବିପାରୁ ନ ଥିଲେ । ଗାନ୍ଧିଜୀଙ୍କ ବିୟୋଗରେ ଲୋକେ ପୂରାପୂରି ଭାଙ୍ଗିପଡ଼ିଲେ ।

ଗାନ୍ଧିଜୀଙ୍କ ଅବର୍ତ୍ତମାନରେ ଦେଶରେ ଗୋଟିଏ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେଲା । ସେତେବେଳେ କେତେକ ଜନନେତାଙ୍କ ଭିତରେ ଭାଳେଣି ପଡ଼ିଗଲା । ଯୁଗ ଯୁଗର ପରାଧୀନତା, ଅଶିକ୍ଷା, କୁସଂସ୍କାର, ଅନ୍ଧବିଶ୍ୱାସର ଅନ୍ଧକାର ଭିତରେ ସଢ଼ି ମରୁଥିବା ଭାରତର ସାଧାରଣ ନିମ୍ନବର୍ଗର ଲୋକଙ୍କର ସଙ୍କୁଚିତ ଆତ୍ମାରେ ସମ୍ଭାବନାର ସ୍ୱପ୍ନ ଭରିଦେଇଥିଲେ ଗାନ୍ଧିଜୀ । ଏଇ ସ୍ୱପ୍ନ ଯେ ବିଡ଼ମ୍ବିତ ହୋଇଯିବ, ଏ ନେଇ କଂଗ୍ରେସର ସମାଜବାଦୀ ନେତାମାନେ ବିଚାର ବିମର୍ଶ କଲେ । ଶେଷରେ ସେମାନେ ସ୍ଥିର କଲେ ଯେ ଏଇ କର୍ମ ଆଭିମୁଖ୍ୟକୁ ଓ ଗାନ୍ଧିଜୀ ଭାରତପାଇଁ ଦେଖିଥିବା ନୂତନ ସମାଜବାଦର ସ୍ୱପ୍ନକୁ ପ୍ରାଧାନ୍ୟ ଦେଇ ଗୋଟେ ନୂଆ ରାଜନୀତିକ ଫୋରମ ବା ସଙ୍ଗଠନ ଗଢ଼ାଯାଉ, ଯେଉଁ ସଙ୍ଗଠନର ମୁଖ୍ୟ ଲକ୍ଷ୍ୟ ହେବ ସାଧାରଣ ଓ ସମାଜର ନିମ୍ନବର୍ଗର ଲୋକଙ୍କର ସାମୂହିକ ଉତ୍ଥାନ ତଥା ସାମଗ୍ରିକ କଲ୍ୟାଣ । ଏହି ବିଚାର ଆଲୋଚନାର ଫଳସ୍ୱରୂପ

Digitized by srujanika@gmail.com

ନୂଆହୋଇ ଗଢ଼ା ହେଲା 'ସୋସାଲିଷ୍ଟ ପାର୍ଟି' । ଏମାନେ ମୂଳ କଂଗ୍ରେସଦଳରୁ ଅଲଗା ହୋଇଗଲେ । ସେମାନେ ଜାତୀୟ ରାଜନୀତି ଓ ଶାସନବ୍ୟବସ୍ଥାରେ ସମାଜବାଦକୁ କାର୍ଯ୍ୟକାରୀ କରାଇବାପାଇଁ ସିଦ୍ଧାନ୍ତ ଗ୍ରହଣ କଲେ । ଅଖିଳ ଭାରତୀୟ ସମ୍ମିଳନୀରେ ସ୍ୱତନ୍ତ୍ର ଏକ ଦଳଗଠନର ପ୍ରସ୍ତାବ ଗୃହୀତ ହୋଇଗଲା । ସୋସାଲିଷ୍ଟ ପାର୍ଟି ଭାରତୀୟ ରାଜନୀତିରେ ମୁଣ୍ଡ ଟେକି ଛିଡ଼ା ହେଲା ।

ରବି ରାୟ ସେତେବେଳକୁ ଆଇନ ପଢୁଥାନ୍ତି । ସେଇ ବର୍ଷ ରେଭେନ୍ସା କଲେଜ ଛାତ୍ରସଂସଦର ନିର୍ବାଚନରେ ସେ 'ୟଙ୍ଗ ସୋସାଲିଷ୍ଟ ଲିଗ' ତରଫରୁ ସଭାପତି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କଲେ । ଛାତ୍ର କଂଗ୍ରେସର ପ୍ରାର୍ଥୀ ହୋଇଥାନ୍ତି କଳାହାଣ୍ଡିର ପରଶୁରାମ ନେଗି ଓ ଷ୍ଟୁଡେଣ୍ଟସ ଫେଡ଼େରେସନର ପ୍ରାର୍ଥୀ ହୋଇଥାନ୍ତି ଗଙ୍ଗାଧର ରଥ (ଆଜିର ବିଶିଷ୍ଟ ଆଇନଜୀବୀ, ସମାଜସେବୀ, ପୂର୍ବତନ ଆଡ଼ଭୋକେଟ ଜେନେରାଲ) । ଏମାନେ ନିର୍ବାଚନ ଲଢ଼େଇରେ ଅବତୀର୍ଣ୍ଣ ହେଲେ । ଗଙ୍ଗାଧର ରଥଙ୍କୁ ହରାଇ ରେଭେନ୍ସା କଲେଜର ଛାତ୍ରସଂସଦର ସଭାପତି ରୂପେ ରବି ରାୟ ନିର୍ବାଚିତ ହେଲେ । ସେତେବେଳେ ତାଙ୍କ ଦଳର ପ୍ରାଧାନ୍ୟ କିମ୍ବା ସଙ୍ଗଠନ ଅପେକ୍ଷା ରବି ରାୟଙ୍କର ବ୍ୟକ୍ତିଗତ ଲୋକପ୍ରିୟତା ଯୋଗୁଁ ଏହା ସମ୍ଭବ ହେଲା । ସବୁ ଛାତ୍ରଙ୍କ ସହିତ ତାଙ୍କର ଉତ୍ତମ ବୁଝାମଣା ଥିଲା । ତାଙ୍କର ନିରହଙ୍କାର ବ୍ୟକ୍ତିତ୍ୱ ଓ ବଳିଷ୍ଠ ନେତୃତ୍ୱ ପ୍ରତି ଅଧିକାଂଶ ଛାତ୍ର ଆକୃଷ୍ଟ ହୋଇଥିଲେ ।

ସେ ସଭାପତି ଥିଲାବେଳେ ଛାତ୍ର ସଂସଦର ବାର୍ଷିକୋତ୍ସବକୁ ସର୍ବପଲ୍ଲୀ ଡକ୍ଟର ରାଧାକ୍ରୀଷ୍ଣନଙ୍କୁ ପ୍ରଧାନ ଅତିଥି ରୂପରେ ନିମନ୍ତ୍ରଣ କରି ଆଣିଥିଲେ । ଏପରି ଜଣେ ଦାର୍ଶନିକ, ରାଷ୍ଟ୍ରନୀତିଜ୍ଞ, ସାହିତ୍ୟିକ, ସର୍ବୋପରି ମହାନବ୍ୟକ୍ତିଙ୍କୁ ଅତିଥି ରୂପରେ ପାଇ ରେଭେନ୍ସା କଲେଜ ଗୌରବାନ୍ୱିତ ହୋଇଥିଲା । ପରେ ଡକ୍ଟର ରାଧାକ୍ରୀଷ୍ଣନ ଭାରତର ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ । ରେଭେନ୍ସା କଲେଜର ଖୋଲାମଞ୍ଚ ଉପରେ ମୁଖ୍ୟ ଅତିଥି ଡକ୍ଟର ରାଧାକ୍ରୀଷ୍ଣନଙ୍କୁ ସ୍ୱାଗତ କରିଥିଲେ ଛାତ୍ରନେତା ତଥା ଛାତ୍ରସଂସଦର ସଭାପତି ରବି ରାୟ । ମହେଶ ପ୍ରଧାନ ଥିଲେ ଅଧକ୍ଷ । ଭି.ଭି. ଜନ ଥିଲେ ଛାତ୍ରସଂସଦର ଉପଦେଷ୍ଟା । ସେ ପରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାବରେ କାର୍ଯ୍ୟନିର୍ବାହ କରିଥିଲେ । ଏହାପରେ ସେ ଏଲାହାବାଦ ବିଶ୍ୱବିଦ୍ୟାଳୟର ଉପକୁଳପତି (ପ୍ରୋ ଚାନ୍‌ସେଲର) ଭାବରେ ଦାୟିତ୍ୱ ଗ୍ରହଣ କଲେ ।

ପରବର୍ତ୍ତୀ କାଳରେ ରବି ରାୟ କେନ୍ଦ୍ର ମନ୍ତ୍ରିମଣ୍ଡଳରେ 'ଜନତା' ଦଳର ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିଲାବେଳେ ଭି. ଭି. ଜନଙ୍କ ସହିତ ପାର୍ଲିଆମେଣ୍ଟରେ ତାଙ୍କର ଦେଖା ହୋଇଥିଲା । ସେ ରବି ରାୟଙ୍କୁ ଦେଖି ଭାରି ଖୁସି ହୋଇଗଲେ । ପ୍ରଚଳିତ ଶିକ୍ଷାବ୍ୟବସ୍ଥାକୁ ନୂଆ ରୂପ ଦେବାପାଇଁ ରାଜସ୍ଥାନ ସରକାର ତାଙ୍କୁ ଦାୟିତ୍ୱ ଦେଇଥାନ୍ତି । ସେ ମାଇନରିଟି କମିଶନର ମେମ୍ବର ଭାବରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ କାର୍ଯ୍ୟ ସମ୍ପାଦନ କରୁଥାନ୍ତି ।

Digitized by srujanika@gmail.com

ରବି ରାୟ କ୍ୟାବିନେଟ ମନ୍ତ୍ରୀ ହୋଇଥିବାରୁ ସେ ଉଚ୍ଛ୍ୱସିତ ଆନନ୍ଦ ପ୍ରକାଶ କରିଥିଲେ । ନିଜ ଛାତ୍ରର ସଫଳତା ଦେଖିଲେ କେଉଁ ଗୁରୁ ଭଲା ଆନନ୍ଦିତ ନ ହେବ ! ଏମାନେ ସବୁ ବିଦ୍ୱାନ, ପଣ୍ଡିତ ଓ ଉଚ୍ଚକୋଟୀର ପ୍ରଫେସର ଭାବରେ ସାରା ଦେଶରେ ଅଶେଷ ସୁନାମ ଓ ଖ୍ୟାତି ଅର୍ଜନ କରିଥିଲେ । ଏପରି ମହାନ ବ୍ୟକ୍ତିତ୍ୱ ଓ ଅଧ୍ୟାପକମାନଙ୍କ ସଂସ୍ପର୍ଶରେ ଆସି ରବି ରାୟଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ବିକାଶ ସମ୍ଭବ ହୋଇପାରିଥିଲା । ରେଭେନ୍ସା କଲେଜର ପରମ୍ପରା, ଐତିହ୍ୟ ଓ ସଂସ୍କୃତିର ସୁନାମ କେବଳ ଓଡ଼ିଶା ଭିତରେ ସୀମାବଦ୍ଧ ନ ଥିଲା, ଜାତୀୟ ସ୍ତରରେ ମଧ୍ୟ ଏହାର ଅଶେଷ ଖ୍ୟାତି ଥିଲା ।

ଡକ୍ଟର ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଅଭିଭାଷଣ ଶୁଣିବାପାଇଁ ସେତେବେଳର ଓଡ଼ିଶାର ଅଧିକାଂଶ ମନ୍ତ୍ରୀ, ବିଧାୟକ, ସମାଜର ବହୁ ମାନ୍ୟଗଣ୍ୟ ଗୁଣୀଜ୍ଞାନୀ ବ୍ୟକ୍ତି ରେଭେନ୍ସା କଲେଜକୁ ଆସିଥିଲେ । ଏପରି ଜଣେ ବିଶ୍ୱବିଖ୍ୟାତ ବ୍ୟକ୍ତିଙ୍କୁ ଅତିଥି ଭାବରେ ପାଇବା ରେଭେନ୍ସା କଲେଜ ଇତିହାସର ଏକ ଗୌରବମୟ ଅଧ୍ୟାୟ । ସେତେବେଳେ ସେ କହିଥିଲେ, ''ସ୍ୱାଧୀନତା ପ୍ରାପ୍ତିର ଠିକ୍ ପରେ ପରେ କ୍ଷମତା ଓ ଭୋଗବାଦୀ ରାଜନୀତି ଭାରତୀୟ ରାଜନୀତିକ ଆଦର୍ଶକୁ ଅତି ସନ୍ତର୍ପଣରେ କବଳିତ କରିବାକୁ ଅଗ୍ରସର ହେଉଥିବା ମୁଁ ଲକ୍ଷ୍ୟ କରୁଛି । ସତର୍କ ନ ହେଲେ ଏହା ଭାରତୀୟ ଶାସନବ୍ୟବସ୍ଥା, ତ୍ୟାଗଭିତ୍ତିକ ରାଜନୀତିକ ଜୀବନଧାରାକୁ ସମ୍ପୂର୍ଣ୍ଣ ଗ୍ରାସ କରିଯିବ । ଏଥିପାଇଁ ପ୍ରତ୍ୟେକ ସଚେତନ ବ୍ୟକ୍ତି ଚିନ୍ତା କରିବା ଉଚିତ । ଚଳିତ ଶତାବ୍ଦୀରେ ଯେଉଁ ନୂତନ ଜାତୀୟତାବୋଧ ଭାରତୀୟ ଐକ୍ୟ ଓ ସଂହତି ପ୍ରତିଷ୍ଠା କରିପାରିଥିଲା ଓ ଦେଶକୁ ଏତେବଡ଼ ଶକ୍ତିଶାଳୀ ଶାସକ କବଳରୁ ମୁକ୍ତ କରିପାରିଥିଲା, ସେ ଜାତୀୟତାବୋଧ ହିଁ ସ୍ୱାଧୀନ ଭାରତର ଅନ୍ତର୍ନିହିତ ଶକ୍ତି । ତାହା ଯେପରି ଭୋଗବାଦୀ ରାଜନୀତିଦ୍ୱାରା ବିପନ୍ନ ନ ହୁଏ, ଏଥିପାଇଁ ବିଶେଷ ଭାବରେ ଆଗାମୀ ପିଢ଼ିର ନାଗରିକ ତଥା ଆଜିର ଛାତ୍ରମାନେ ଅଧିକ ଧ୍ୟାନନିଷ୍ଠ ହେବା ଉଚିତ ।''

ସାଂପ୍ରତିକ ରାଜନୀତିକ ଜୀବନଚର୍ଯ୍ୟା ଓ ଶାସନବ୍ୟବସ୍ଥାକୁ ଦେଖିଲେ, ତାଙ୍କର ପୁରୋଦୃଷ୍ଟି ଓ ଭବିଷ୍ୟଦ୍‌ବାଣୀ ଯେ କେତେ ସତ୍ୟ ପ୍ରମାଣିତ ହୋଇଛି, ତାହା ସହଜରେ ବୁଝିହେବ । ଏହି ମହାନ ଦାର୍ଶନିକ ଯଥାର୍ଥରେ ଥିଲେ କ୍ରାନ୍ତିଦର୍ଶୀ ।

ରବି ରାୟ ରେଭେନ୍ସା କଲେଜ ଛାତ୍ରସଂସଦର ସଭାପତି ଥିଲାବେଳେ ଲୋକନେତା ଜୟପ୍ରକାଶ ନାରାୟଣ ମଧ୍ୟ କଟକ ଆସିଥିଲେ । ଜୟପ୍ରକାଶ ଅଧ୍ୟାପକ ବଳଭଦ୍ର ପ୍ରସାଦଙ୍କ ଘରେ ଆତିଥ୍ୟ ଗ୍ରହଣ କରିଥିଲେ । ସେତେବେଳେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିଲେ କଂଗ୍ରେସଦଳର ନେତା ହରେକୃଷ୍ଣ ମହତାବ । ସୋସାଲିଷ୍ଟ ପାର୍ଟିର ନେତା ଜୟପ୍ରକାଶ ପ୍ରଫେସର ବଳଭଦ୍ର ପ୍ରସାଦଙ୍କ ଘରେ ଅତିଥି ହୋଇଥିବାରୁ, ମହତାବ କ୍ଷୁବ୍ଧ ହେଲେ ବି ତାଙ୍କ ବିରୋଧରେ କୌଣସି ପଦକ୍ଷେପ ନେବାକୁ ସାହସ କରି ନ ଥିଲେ । କାରଣ

Digitized by srujanika@gmail.com

ପ୍ରଫେସର ବଳଭଦ୍ର ପ୍ରସାଦଙ୍କ ବ୍ୟକ୍ତିତ୍ୱ ଓ ଛାତ୍ରପ୍ରିୟତା ଥିଲା ଅତୁଳନୀୟ । ଛାତ୍ରବତ୍ସଳ ଏହି ପ୍ରଫେସରଙ୍କ ଉପରେ କୌଣସି ଆକ୍ରୋଶମୂଳକ କାର୍ଯ୍ୟକଳାପକୁ ଛାତ୍ରସମାଜ ଆଦୌ ବରଦାସ୍ତ କରି ନ ଥାନ୍ତେ ।

୧୯୪୨ର ଭାରତଛାଡ଼ ଆନ୍ଦୋଳନବେଳେ ଜୟପ୍ରକାଶ ଅଣ୍ଡରଗ୍ରାଉଣ୍ଡରେ ଆତ୍ମଗୋପନ କରି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଚିଠି ଲେଖୁଥିଲେ । ଏ ଚିଠି ସବୁ ଥିଲା ଜାତୀୟତା ଉଦ୍‌ବୋଧନମୂଳକ ରଚନା । ଚିଠିର ଭାଷା, ଶୈଳୀ ଓ ଶବ୍ଦଚାତୁରୀ ଯେକୌଣସି ବ୍ୟକ୍ତିକୁ ସ୍ୱଦେଶ ପ୍ରେମରେ ଉଦ୍‌ବୁଦ୍ଧ କରିପାରୁଥିଲା । ଏହି ଅତ୍ୟନ୍ତ ଉପାଦେୟ ସୃଷ୍ଟିଗୁଡ଼ିକ ସ୍ୱାଧୀନତା ଆନ୍ଦୋଳନ ପରିପ୍ରେକ୍ଷୀରେ କି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ତାହା ଅବଶ୍ୟ ଆଜି କଳନା କରିବା ଆୟାସସାପେକ୍ଷ । ଏହି ଚିଠିଗୁଡ଼ିକ ୧୯୪୮-୪୯ ମସିହା ବେଳକୁ ପୁସ୍ତିକା ଆକାରରେ ଛପାହେଲା । ସେସବୁ ହିନ୍ଦୀ ଲେଖାକୁ ବାଙ୍କବିହାରୀ ଦାସ ଓଡ଼ିଆରେ ଅନୁବାଦ କରିଥିଲେ । ରବି ରାୟ ପ୍ରମୁଖ ଛାତ୍ରନେତା ଏହି ଓଡ଼ିଆ ଅନୁବାଦକୁ ପିଲାମାନଙ୍କ ମଧ୍ୟରେ ବିତରଣ କରୁଥିଲେ । ଏହାର ଉଦ୍ଦେଶ୍ୟ ଥିଲା, ଛାତ୍ରମାନଙ୍କୁ ସମାଜବାଦୀ ଦଳ ପ୍ରତି ଆକୃଷ୍ଟ କରିବା ।

ରବି ରାୟଙ୍କ ପ୍ରଚେଷ୍ଟାରେ ସେତେବେଳେ ରେଭେନ୍ସା ଲ' କଲେଜରେ ଗୋଟେ ନୂଆ କଥା ହୋଇଥିଲା । ମଡ଼େଲ-ଷ୍ଟୁଡ଼େଣ୍ଟସ୍-ପାର୍ଲିଆମେଣ୍ଟ ଆୟୋଜନ କରାଯାଇଥିଲା । ଜମିଦାରୀ ପ୍ରଥା ବିନା କ୍ଷତିପୂରଣରେ ଉଚ୍ଛେଦ କରାଯାଉ ବୋଲି ରେଭେନ୍ସା ଷ୍ଟୁଡ଼େଣ୍ଟସ୍-ପାର୍ଲିଆମେଣ୍ଟ (ମକ୍-ପାର୍ଲିଆମେଣ୍ଟ) ପ୍ରସ୍ତାବ ପାସ୍ କରିଥିଲା । ୧୯୪୮ ମସିହାରେ ରବି ରାୟ ଲ' କଲେଜ ଛାତ୍ରସଂସଦର ପ୍ରେସିଡେଣ୍ଟ ଭାବରେ ବହୁ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଥିଲେ । ଯାହା ରେଭେନ୍ସା କଲେଜ ଇତିହାସରେ ସ୍ୱର୍ଣ୍ଣାଭ ପୃଷ୍ଠା ଉନ୍ମୋଚିତ କରିଛି ।

୧୯୪୯-୫୦ ମସିହା ବେଳକୁ ରେଭେନ୍ସା କଲେଜରୁ ଆଇନକଲେଜ ଅଲଗା ହୋଇ ମଧୁସୂଦନ ଆଇନ କଲେଜ ନାମରେ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କଲା । ଏହି କଲେଜର ଛାତ୍ରସଂସଦ ପାଇଁ ନୂଆ ସମ୍ବିଧାନ ପ୍ରସ୍ତୁତ କରାଗଲା । ଆଇନ କଲେଜର ଛାତ୍ରମାନେ ନୂଆଶକ୍ତି ଓ ଉତ୍ସାହରେ କାମ କରିବାକୁ ଆରମ୍ଭ କଲେ । ଛାତ୍ରସଂସଦ ନିର୍ବାଚନ ହେଲା । ସେଥର ଛାତ୍ର କଂଗ୍ରେସପ୍ରାର୍ଥୀ ନରସିଂହ ନନ୍ଦଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କଲେ ସମାଜବାଦୀ ଛାତ୍ରନେତା ରବି ରାୟ । ସେ ସହପାଠୀମାନଙ୍କର ଏତେ ପ୍ରିୟ ଥିଲେ ଯେ ବିପୁଳ ଭୋଟରେ ପୁଣି ଥରେ ସେମାନେ ତାଙ୍କୁ ଜୟଯୁକ୍ତ କରାଇଲେ । ଦ୍ୱିତୀୟବାର ରବି ରାୟ ଛାତ୍ରସଂସଦର ସଭାପତି ନିର୍ବାଚିତ ହୋଇ ମଧୁସୂଦନ ଆଇନ କଲେଜର ସର୍ବାଙ୍ଗୀଣ ଉନ୍ନତି ପାଇଁ ବହୁ କାର୍ଯ୍ୟ କରିଥିଲେ । ସେ ହେଲେ ମଧୁସୂଦନ ଆଇନ କଲେଜ ଛାତ୍ରସଂସଦର ପ୍ରଥମ ସଭାପତି ।

Digitized by srujanika@gmail.com

ଆଇନ କଲେଜର କିପରି ଗୋଟେ ଭଲ ଲାଇବ୍ରେରୀ ହୋଇପାରିବ ଓ ପିଲାମାନେ କିପରି ଅଧିକରୁ ଅଧିକ ପାଠପଢ଼ା ସହିତ ଦେଶର ଗଠନମୂଳକ କାର୍ଯ୍ୟ ପ୍ରତି ଆକୃଷ୍ଟ ହେବେ, ସେ ଦିଗରେ ସଚେତନ କରାଇବା ପାଇଁ ସେ କେତେଗୁଡ଼ିଏ ପଦକ୍ଷେପ ନେଇଥିଲେ । ମକ୍‌ପାର୍ଲିଆମେଣ୍ଟ କରାଇ ଛାତ୍ରମାନଙ୍କର ଜ୍ଞାନକୌଶଳ ଓ ଦକ୍ଷତା ବଢ଼ାଇବା ନିମନ୍ତେ ସେ ଉଦ୍ୟମ କରିଥିଲେ । ତାଙ୍କ ସଭାପତିତ୍ୱ କାଳରେ ସେ ବହୁ ବଡ଼ ବଡ଼ ନେତା ଓ ସ୍ୱଦେଶପ୍ରେମୀ ଜନନାୟକଙ୍କୁ କଲେଜକୁ ଆମନ୍ତ୍ରଣ କରି ଆଣିଥିଲେ । ଏହି ଅତିଥିମାନେ ଛାତ୍ରମାନଙ୍କୁ ନାନାଭାବରେ ଉତ୍ସାହିତ ଓ ଉଦ୍‌ବୋଧିତ କରୁଥିଲେ । ଆଇନ କଲେଜ ଛାତ୍ରସଂସଦ ନିର୍ବାଚନରେ ରବି ରାୟଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିବା ଆଇନଛାତ୍ର ନରସିଂହ ନନ୍ଦ ପରବର୍ତ୍ତୀ କାଳରେ କଂଗ୍ରେସ ପ୍ରାର୍ଥୀ ଭାବରେ ରାଜ୍ୟସଭାରେ ସଦସ୍ୟ ହୋଇଥିଲେ ।

ଆଇନ କଲେଜରେ ରବି ରାୟଙ୍କ ଶେଷ ବର୍ଷ ବେଳକୁ ସେ ସମ୍ପୂର୍ଣ୍ଣ ଭାବରେ ସମାଜବାଦୀ ଆନ୍ଦୋଳନ ସହିତ ସାମିଲ ହୋଇଗଲେଣି । ସମାଜବାଦୀ ଆନ୍ଦୋଳନକୁ ଓଡ଼ିଶାରେ ଲୋକପ୍ରିୟ କରିବାପାଇଁ ଜୟପ୍ରକାଶ ନାରାୟଣ ସେତେବେଳେ ଅନେକ ସମୟରେ ଓଡ଼ିଶା ଆସୁଥାନ୍ତି । ରବି ରାୟ ଓ ତାଙ୍କର ଅନ୍ୟ କେତେକ ବନ୍ଧୁ ମୁଣ୍ଡରେ ନାଲିଟୋପି ପିନ୍ଧି, ହାତରେ ଖାଲି ଗୁଡ଼ାଖୁଡବା ଧରି ଷ୍ଟେସନରେ, ଟ୍ରେନଡବା ଭିତରେ ବୁଲି ବୁଲି ଚାନ୍ଦା ଆଦାୟ କରୁଥିଲେ । ରାସ୍ତାରେ ଛିଡ଼ାହୋଇ ଚାନ୍ଦା ଆଦାୟ କରୁଥିଲେ ଏବଂ ସନ୍ଧ୍ୟାବେଳକୁ ତାକୁ ପାର୍ଟି ଅଫିସରେ ଜମା ଦେଉଥିଲେ । ସାଧାରଣତଃ ଓଡ଼ିଶା ବାହାରୁ ବଡ଼ ବଡ଼ ନେତା ଆସିଲେ ସେତେବେଳେ ଏଇଭଳି ଭାବରେ ଚାନ୍ଦା ଭିକ୍ଷା କରାଯାଇ ସଭାସମିତି ଓ ସେମାନଙ୍କର ଅନ୍ୟାନ୍ୟ ଖର୍ଚ୍ଚ ତୁଲାଯାଉଥିଲା । ସେତେବେଳେ କର୍ମୀ କିମ୍ବା ନେତା ଏଇ ପଇସାରୁ ଗୋଟିଏ ପଇସା ନିଜପାଇଁ ଖର୍ଚ୍ଚ କରିବାକୁ ଚିନ୍ତା ମଧ୍ୟ କରୁ ନ ଥିଲେ । ଭିକ୍ଷା କରି ଚାନ୍ଦା ଆଣିବା ପାଇଁ ସେମାନଙ୍କ ଭିତରେ କୌଣସି ଗ୍ଲାନି ନ ଥିଲା । ରବି ରାୟ ଓଡ଼ିଶାରେ ସମାଜବାଦୀ ଆନ୍ଦୋଳନକୁ ଲୋକପ୍ରିୟ କରାଇବା ଦିଗରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଥିଲେ । ଏ ସବୁ ସାମୂହିକ କାର୍ଯ୍ୟଛଡ଼ା ତାଙ୍କର ଆଉ କୌଣସି ବ୍ୟକ୍ତିଗତ କାମ ବା ଉଦ୍ଦେଶ୍ୟ ସାଧନ ପ୍ରତି ସେ ସମ୍ପୂର୍ଣ୍ଣ ଉଦାସୀନ ଥିଲେ । ଦଳୀୟ କାର୍ଯ୍ୟ ତାଙ୍କ ଜୀବନର ମୁଖ୍ୟ ସାଧନା ଥିଲା ।

ସେତେବେଳେ ସବୁ ଭଲ ଛାତ୍ର ଏହି ସମାଜବାଦୀ ଆନ୍ଦୋଳନ ପ୍ରତି ଆକୃଷ୍ଟ ହୋଇଥିଲେ । ଦେଶରୁ ଦାରିଦ୍ର୍ୟ ଦୂର କରିବା ଓ ସମାଜର ତଳସ୍ତରରେ ଥିବା ଲୋକଙ୍କର ସର୍ବାଙ୍ଗୀଣ କଲ୍ୟାଣ ସାଧନ କରିବା - ଏହି ଦୁଇଟି କଥା ପ୍ରତି ଛାତ୍ରମାନେ ସଚେତନ ଥିଲେ । ଭାଗବତ ମହାନ୍ତି (ପରବର୍ତ୍ତୀ କାଳରେ ଓଡ଼ିଶାର ବିଧାୟକ ଓ କଂଗ୍ରେସ ସରକାରର ଶିକ୍ଷାମନ୍ତ୍ରୀ), ଦେବୀପ୍ରସନ୍ନ ପଟ୍ଟନାୟକ (ପ୍ରଖ୍ୟାତ ଭାଷାତତ୍ତ୍ୱବିତ୍), ରାଜେନ୍ଦ୍ର

Digitized by srujanika@gmail.com

ପ୍ରସାଦ ଦାସ (ଶିକ୍ଷା ବିଭାଗର ପୂର୍ବତନ ଡେପୁଟୀ ଡି.ପି.ଆଇ), ଚନ୍ଦ୍ରମଣି ନାୟକ (ପୂର୍ବତନ ଉପଜିଲ୍ଲାପାଳ), ଯତୀନ୍ଦ୍ର ମୋହନ ମହାନ୍ତି (ପ୍ରଫେସର ଓ ବିଶିଷ୍ଟ ଲେଖକ), ଗୋବିନ୍ଦ ଦାସ (ପୂର୍ବତନ ଆଡ଼ଭୋକେଟ ଜେନେରାଲ ଓ ବିଶିଷ୍ଟ ଲେଖକ) ପ୍ରଭୃତି ବହୁ ଛାତ୍ର ଏହି ସୋସାଲିଷ୍ଟ ପାର୍ଟିରେ ସାମିଲ୍ ହୋଇଥିଲେ ।

ସ୍ୱାଧୀନତା ପରର ଘଟଣା । ଆସଫ ଅଲ୍ଲୀ ଥିଲେ ଓଡ଼ିଶାର ଗଭର୍ଣ୍ଣର । ତାଙ୍କ ପତ୍ନୀ ଅରୁଣା ଆସଫ ଅଲ୍ଲୀ ସମାଜବାଦୀ ଆନ୍ଦୋଳନର ଜଣେ ଟାଣୁଆ ନେତ୍ରୀ । ଦୀପାବଳୀ ଉତ୍ସବ ଉପଲକ୍ଷେ ଗଭର୍ଣ୍ଣର ଓ ତାଙ୍କ ପତ୍ନୀ ଅରୁଣା ଆସଫ ଅଲ୍ଲୀ ବାହାରକୁ ଯାଉଥାନ୍ତି । ରବି ରାୟ କେତେଜଣ ଛାତ୍ରଙ୍କୁ ଧରି ଗଭର୍ଣ୍ଣରଙ୍କୁ ବାଟରେ ଅଟକାଇବା ପାଇଁ ସ୍ଥିର କଲେ । ଦଶପନ୍ଦର ଜଣ ପିଲା ବାହାରି ଛକଜାଗାରେ ପତାକାଧରି ଠିଆ ହେଲେ ଓ ସ୍ଲୋଗାନ ଦେଲେ - 'ଏ ଆଜାଦୀ ଝୁଟି ହୈ, ଦେଶ କି ଜନତା ଭୁକି ହୈ ।' ଛାତ୍ରମାନେ ଗଭର୍ଣ୍ଣରଙ୍କ ଗାଡ଼ି ଅଟକାଇ ଦେଲେ । ଆସଫ ଅଲ୍ଲୀ କହିଲେ, 'ମୁଁ ଯାଉଛି, ପିଲାମାନଙ୍କୁ ପଚାରିବି, ଦେଶ କି ଜନତା ଭୁକି ହୈ, ତୋ ଠିକ୍ ହୈ; ଲେକିନ ଏ ଆଜାଦୀ କୈସେ ଝୁଟି ହୈ ?' ଏକଥା ଶୁଣି ସମାଜବାଦୀ ନେତ୍ରୀ ଅରୁଣା ଆସଫ ଅଲ୍ଲୀ କହିଲେ, ତେବେ ମୁଁ ଗାଡ଼ିରୁ ଓହ୍ଲାଇ ଯାଇ ପିଲାମାନଙ୍କ ପାଖରେ ଛିଡ଼ା ହୋଇ ତାଙ୍କ ତରଫରୁ ତୁମର ଏ ପ୍ରଶ୍ନର ଉତ୍ତର ଦେବି । କିଛି ସମୟ ସେଠି ଅଟକି ଗଭର୍ଣ୍ଣର ଆସଫ ଅଲ୍ଲୀ ପିଲାମାନଙ୍କ ସହିତ ଭଲ କଥାବାର୍ତ୍ତା କରି ସେଠୁ ବିଦାୟ ନେଇ ଯାଇଥିଲେ ।

ଓଡ଼ିଶାରେ ସୋସାଲିଷ୍ଟ ପାର୍ଟିର ବିଚାରଧାରା ଓ ସଙ୍ଗଠନକୁ ଅଧିକ ଲୋକପ୍ରିୟ ଓ ସୁଦୃଢ଼ କରିବାପାଇଁ ରବି ରାୟ ଦିନରାତି କାମ କରୁଥାନ୍ତି । କକା କୃଷ୍ଣଚନ୍ଦ୍ର ରାୟ ସେତେବେଳେ କଂଗ୍ରେସ ଦଳରେ । ରବି ରାୟ ଏପରି ଭିନ୍ନ ଦଳରେ ଯୋଗ ଦେବା ଓ ସକ୍ରିୟ ଭାବରେ କାର୍ଯ୍ୟ କରିବାରେ କକା କୃଷ୍ଣ ରାୟଙ୍କ ସମ୍ମାନରେ କିଛିଟା ଆଞ୍ଚ ଆସିଲା । ସେତେବେଳେ କକା କୃଷ୍ଣଚନ୍ଦ୍ର ରାୟ ପୁରୀ ଜିଲ୍ଲା ଲୋକାଲ ବୋର୍ଡ଼ର ଭାଇସଚେୟାରମ୍ୟାନ, କଂଗ୍ରେସଦଳର ଜଣେ ଟାଣୁଆ ସଭ୍ୟ । ପାରିବାରିକ ସମ୍ପର୍କ ଦୃଷ୍ଟିରୁ ମଧ ତାଙ୍କ ପରିବାର ବେଶ୍ ଶୃଙ୍ଖଳିତ । ଏସବୁ ସତ୍ତ୍ୱେ ରବି ରାୟ ସୋସାଲିଷ୍ଟ ପାର୍ଟିରେ ଯୋଗ ଦେବା ଘଟଣା ପାରିବାରିକ ସ୍ତରରେ କିଛିଟା ଆଲୋଡ଼ନ ସୃଷ୍ଟି କରିଥିଲା, କିନ୍ତୁ ବ୍ୟକ୍ତିଗତ ତିକ୍ତତା ସୃଷ୍ଟି ହୋଇ ନ ଥିଲା । ଏହାର ଏକମାତ୍ର କାରଣ ଥିଲା, ରବି ରାୟଙ୍କୁ ପରିବାରରେ ସମସ୍ତେ ଅତ୍ୟଧିକ ଆଦର ଓ ସ୍ନେହ କରୁଥିଲେ ।

ଛାତ୍ର-ରାଜନୀତିରେ ରବି ରାୟ ଓତପ୍ରୋତ ଭାବରେ ଜଡ଼ିତ ଥିଲେ । ପରବର୍ତ୍ତୀ କାଳରେ ଓଡ଼ିଶା ରାଜନୀତିରେ ସଫଳ ଭାବରେ ପ୍ରତିଷ୍ଠିତ ହୋଇ ଶିକ୍ଷାମନ୍ତ୍ରୀପଦ ଅଳଙ୍କୃତ କରିଥିବା ପ୍ରଦୀପ୍ତ କିଶୋର ଦାସ ରବି ରାୟଙ୍କ ଉପର କ୍ଲାସରେ ପଢୁଥିଲେ ବି ସେତେବେଳେ ଉଭୟଙ୍କର ସମ୍ପର୍କ ବେଶ୍ ଘନିଷ୍ଠ ଥିଲା । ରବି ରାୟଙ୍କ ସମ୍ପର୍କରେ ପ୍ରଦୀପ୍ତ

Digitized by srujanika@gmail.com

କିଶୋର ଦାସ କୁହନ୍ତି - "ଅନ୍ୟମାନଙ୍କ ପରି ରବି ରାୟ ରାଜନୀତିକୁ ମାନସିକ ବିଳାସ ଭାବରେ ଗ୍ରହଣ କରି ନ ଥିଲେ । ବରଂ ଏହାକୁ ନିଜ ଜୀବନ-ଧାରାର ମୁଖ୍ୟପ୍ରବାହ ରୂପେ ଗ୍ରହଣ କରିନେଇଥିଲେ । ଥରେ ରବି ରାୟ ଯାହା କହନ୍ତି, ତାକୁ ନିଷ୍ଠାର ସହ ପାଳନ କରନ୍ତି । କିଏ ପସନ୍ଦ କରୁ ନ କରୁ, ଯେଉଁ ନିଷ୍ପତ୍ତି ସେ ଥରେ ନିଅନ୍ତି, ସେଥିରେ ସେ ଅଟଳ ରହନ୍ତି । ରାଜନୀତିକୁ ଓ ଦେଶସେବାକୁ ସ୍ୱାଧୀନତୋତ୍ତର କାଳରେ ନିଷ୍ଠାପର ଭାବରେ ନିଜର ମୁଖ୍ୟ କର୍ମପ୍ରବାହ ରୂପେ ଗ୍ରହଣ କରିବାକୁ ସେ ଦୃଢ଼ଭାବରେ ସିଦ୍ଧାନ୍ତ ନେଇଥିଲେ । ଛାତ୍ରଜୀବନରୁ ଆଜିଯାଏ ସେ ସଚ୍ଚୋଟ ରହିପାରିଛନ୍ତି - ଏହା କମ୍ ଆଶ୍ଚର୍ଯ୍ୟର କଥା ନୁହେଁ । ତାଙ୍କ ପାଇଁ ସମାଜସେବା ମୁଖ୍ୟ, ବ୍ୟକ୍ତିଗତ ଜୀବନ ଗୌଣ । ସେ ଗଭୀର ଆଶାବାଦୀ ଓ ସାହସୀ ଥିଲେ । ସବୁ ପ୍ରତିକୂଳ ପରିସ୍ଥିତିରେ ସେ ଅସୀମ ଧୈର୍ଯ୍ୟ ପ୍ରକଟ କରିଥାନ୍ତି । ଛୋଟବଡ଼ କୌଣସି କାମକୁ ତାଙ୍କର ସଙ୍କୋଚ ନ ଥାଏ । ତାଙ୍କପରି ଉଚ୍ଚକୋଟୀର ମଣିଷ ଓ ରାଷ୍ଟ୍ରନୀତିଜ୍ଞ ଆଜିକାଲି ବିରଳ । ଲୋକଙ୍କୁ ସେ ଖୁବ୍ ଭଲପାଆନ୍ତି । ଘର, ନାଁ, ଗାଁ ଠିକଣା ସବୁ ପଚାରି ବୁଝନ୍ତି ଓ ସେସବୁ ତାଙ୍କର ମନେଥାଏ । ସେ ଜଣେ ଭଲ ବନ୍ଧୁ ଓ ଦରଦୀ ମଣିଷ ।"

ଛାତ୍ରଜୀବନରୁ କର୍ମକ୍ଷେତ୍ରକୁ

ରବି ରାୟଙ୍କ ବର୍ଣ୍ଣାଢ୍ୟ ଛାତ୍ରଜୀବନ ଥିଲା ରାଜନୀତିକ ଜୀବନର ଉନ୍ମେଷ ଓ ବିକାଶ ପାଇଁ ଉଷ୍ମ ମନୋଭୂମି, ପରବର୍ତ୍ତୀ କର୍ମ ପ୍ରବାହର ଦୃଶ୍ୟମାନ ଓ ଅନ୍ତରାଳ ଏଇଠୁ ପ୍ରସ୍ତୁତିପର୍ବ ଆରମ୍ଭ କରିଥିଲା । କଠିନ ଅଧ୍ୟବସାୟ ଯୋଗୁଁ ଯେପରି ସେ ଜଣେ ମେଧାବୀ ଛାତ୍ର ହୋଇପାରିଥିଲେ, ଠିକ୍ ସେହିପରି ଅକୁଣ୍ଠ କର୍ମନିଷ୍ଠା ଓ ପ୍ରଗାଢ଼ ଦେଶପ୍ରେମ ଯୋଗୁଁ ଜଣେ ସଫଳ ଛାତ୍ରନେତା ହୋଇପାରିଥିଲେ । ରାଜନୀତି ଓ ଅଧ୍ୟୟନ ଏ ଉଭୟ ପରସ୍ପର ବିପରୀତମୁଖୀ ଧାରାର ଅପୂର୍ବ ସଂଯୋଗ ହୋଇଥିଲା ତାଙ୍କ ଜୀବନରେ । ଅତି ବାଲ୍ୟକାଳରୁ ତାଙ୍କର ଯେଉଁ ଅଧ୍ୟୟନ ପିପାସା ଥିଲା, ତାହା ତାଙ୍କୁ ସମଗ୍ର ଜୀବନବ୍ୟାପୀ ଜଣେ ନିରଳସ ଛାତ୍ର କରି ରଖିଥିଲା । ଆଜି ବି ସେ ବହୁ ସମୟ ପଢ଼ନ୍ତି । ଯେକୌଣସି ବହି ପାଇଲେ ତାକୁ ବେଶ୍ ଆଗ୍ରହର ସହିତ ପଢ଼ନ୍ତି । ତାଙ୍କର ଏ ଅସୀମ ଜ୍ଞାନପିପାସା ଯେପରି ଅସରନ୍ତି । ଶିଶୁମନର ଅସୁମାରି ଜିଜ୍ଞାସା ଓ ପ୍ରଶ୍ନବାଚୀ ପରି ସମଗ୍ର ଜୀବନବ୍ୟାପୀ ରବି ରାୟଙ୍କ ଏ ଜୀବନ ଜିଜ୍ଞାସାର ଅନ୍ତ ନାହିଁ । ଏ ଅନ୍ୱେଷାର ଆକର୍ଷଣ ଯେପରି ତାଙ୍କ ଅନ୍ତଃକରଣରୁ ଉତ୍ସରିତ ହେଉଥିଲା । ବହି ପଢ଼ିବାକୁ ସେ ଖୁବ୍ ଭଲପାଆନ୍ତି । ଏହାହିଁ ତାଙ୍କ ଚିତ୍ତବିନୋଦନର ଏକମାତ୍ର ଅବଲମ୍ବନ ହୋଇଆସିଛି ଆଜିଯାଏ ।

ଜଣେ ଦେଶପ୍ରେମୀଙ୍କର କର୍ମମୟ ଜୀବନର ଜୟଯାତ୍ରା ଆରମ୍ଭ ହେଲା ଏଇଠୁ, ୧୯୪୯ ମସିହା ପରଠାରୁ । ଗୋଟେ ବିଶ୍ୱାସର ଜୟଯାତ୍ରା, ଗୋଟାଏ ଆଦର୍ଶର ଆଲୋକ

Digitized by srujanika@gmail.com

ଅଭିସାର - ସାରାଜୀବନ ଯେଉଁ ଆଦର୍ଶ, ଯେଉଁ ବିଶ୍ୱାସ ଅତୁଟ ରହିଆସିଛି - ହିମାଳୟ ପରି ଅନମନୀୟ ଥିଲା ଯେଉଁ ଆଦର୍ଶର ପ୍ରତ୍ୟେକଟି ଶିଳାଖଣ୍ଡ । ଗଙ୍ଗାପରି ଶୁଦ୍ଧପୂତ ଥିଲା ଯେଉଁ କର୍ମପ୍ରେରଣାର ମୁଖ୍ୟ ପ୍ରାଣସ୍ରୋତ ।

ଅନେକଙ୍କ ଜୀବନରେ ରାଜନୀତିକ ସଫଳତା ଆସିଛି - କ୍ଷମତା, ପ୍ରତିପତ୍ତିର ସିଂହାସନରେ ସେମାନେ ଅଧିରୂଢ଼ ହୋଇଛନ୍ତି, ବେଶ୍ ଗୌରବମୟ ଭୂମିକା ନେଇ । ଆରୋପିତ ପଦପଦବୀର ମହାର୍ଘ ମୁକୁଟ ସେମାନଙ୍କ କପାଳରେ ଶୋଭାବନ୍ତ ଦିଶିଛି । ଏସବୁ ରାଜନୀତିକ ଜୀବନ ପ୍ରବାହର ଚୂଡ଼ାନ୍ତ ଲକ୍ଷ୍ୟ ହୋଇଥାଏ । ଏହାକୁ ହିଁ ରାଜନୀତିକ ସଫଳତା ବୋଲି ବିଚାର କରାଯାଇଥାଏ । ମାତ୍ର ରାଜନୀତିକ ଆଦର୍ଶକୁ ଆଧାର କରି, ଜୀବନର ସକଳ ଅଫୁରନ୍ତ କର୍ମପ୍ରେରଣାକୁ ସେଇ ଦେଶପ୍ରେମର ମହାପ୍ରବାହରେ ଭସେଇ ଦେବାର ସଂକଳ୍ପ କେଇଜଣ ନେଇଥାନ୍ତି ! ବ୍ୟକ୍ତିଗତ ଜୀବନର ସକଳ ସମ୍ଭାବନା ଓ ପାର୍ଥିବ ପ୍ରଗତିକୁ ମୁଠାଏ ସୁରଭିହୀନ କାଗଜଫୁଲପରି ଜୀବନର ବଡ଼ଦାଣ୍ଡକୁ ଫିଙ୍ଗି ଦେଇପାରନ୍ତି କେଇଜଣ ! ରବି ରାୟ ଥିଲେ ବ୍ୟତିକ୍ରମ । ଦେଶର ରାଜନୀତି, ପୁଣି ଆଦର୍ଶଭିତ୍ତିକ ରାଜନୀତି ଛଡ଼ା ଆଉ କିଛି ସେ ଚିନ୍ତା କରି ନାହାନ୍ତି । ଏକଥା ତାଙ୍କ ବନ୍ଧୁମାନେ ବି କହନ୍ତି, ପ୍ରତିପକ୍ଷ ବି କହନ୍ତି ।

ସେ ସମୟରେ ଅର୍ଥାତ୍ ସ୍ୱାଧୀନତା କାଳରେ ଉଚ୍ଚ ଡିଗ୍ରୀଧାରୀ ରବି ରାୟ ଚାହିଁଥିଲେ ସରକାରୀ ଚାକିରିରେ ଉଚ୍ଚ ପଦପଦବୀର ଅଧିକାରୀ ହୋଇପାରିଥାନ୍ତେ । ସାଧାରଣ ସାଂସାରିକ ମଣିଷମାନଙ୍କ ପରି ପାରିବାରିକ ଜୀବନବୃତ୍ତ ଭିତରେ ଘୂରି ବୁଲିଥାନ୍ତେ । ପାର୍ଥିବ ସଫଳତା ବିଫଳତାର କଷଟିରେ ଜୀବନକୁ ମାପିଥାନ୍ତେ । ହେଲେ, ଏସବୁ ସେ କିଛି କରି ନାହାନ୍ତି । ଏ ବାବଦରେ ତାଙ୍କର ସାମାନ୍ୟ ମୋହ କିମ୍ବା ଆକର୍ଷଣ ମଧ ନ ଥିଲା । ଛାତ୍ର ଅବସ୍ଥାରୁ ଗୋଟିଏ ରାଜନୀତିକ ଆଦର୍ଶର ଦିଗନ୍ତ ଅଭିମୁଖେ ପାଦ ବଢ଼ାଇଛନ୍ତି ଯୁଗଯାତ୍ରୀ । ତାଙ୍କ ପ୍ରାଣସତ୍ତାର ମୁଖ୍ୟ ଭାବସ୍ରୋତ ହୋଇଛି ରାଜନୀତି; ଆଉ ସବୁ ଗୌଣ । ସାରାଜୀବନ ଏହା ଅତୁଟ ରହିଛି ।

ତାଙ୍କ ଜୀବନକାଳ ଭିତରେ କେତେବେଳେ ସେ କେଉଁ ରାଜନୀତିକ ଆଦର୍ଶର ସହବନ୍ଧନରେ ବାନ୍ଧି ହୋଇଥିଲେ ବି ତାଙ୍କର ଏକମାତ୍ର ସାଧନା ଥିଲା ଭାରତବର୍ଷର ସେବା କରିବା, ଲୋକମାନଙ୍କ ସୁଖଦୁଃଖରେ ଅନ୍ତରଙ୍ଗ ହେବା, ଦେଶର ବିଭିନ୍ନ ସମସ୍ୟା ବିଷୟରେ ଗଭୀର ଭାବରେ ଚିନ୍ତାକରି ସମାଧାନ ଦିଗରେ କିଛି ଆଲୋକ ଦେବା ।

ରବି ରାୟ କଲେଜ ଛାଡ଼ିଲେ, ସିଧାସଳଖ ଡେଇଁପଡ଼ିଲେ ରାଜନୀତିର ମହାସାଗର ଭିତରକୁ । ସେଠି ତିମି କି ତିମିଙ୍ଗଳ ଅଛି, ଚିନ୍ତା କଲେ ନାହିଁ । କୂଳରେ ଲାଗିବେ କି ମଝି ଦରିଆରେ ବୁଡ଼ିଯିବେ, ସେକଥା ଥରେ ଭାବିଲେ ନାହିଁ । କିନ୍ତୁ ଗୋଟିଏ କଥା ସେ ସ୍ପଷ୍ଟ

Digitized by srujanika@gmail.com

ଜାଣିଥିଲେ - ଦେଶର ସେବା କରିବେ, ଲୋକଙ୍କ ଭଲମନ୍ଦରେ ଛିଡ଼ାହେବେ, ଯଦିଓ ଏ ସେବାର ସ୍ପଷ୍ଟରୂପଚିତ୍ର ତାଙ୍କ ପାଖରେ ନ ଥିଲା ସେତେବେଳେ । ଯୁବକ ରବି ରାୟଙ୍କ ରକ୍ତ ସେତେବେଳେ ଟକମକ ହୋଇ ଫୁଟୁଥିଲା, ଅମଡ଼ା ମାଡ଼ିଯିବାର ଆତ୍ମପ୍ରତ୍ୟୟ ଭରିରହିଥିଲା ମନରେ । ଜୀବନ ଥିଲା ପ୍ରାଣମୟ । ଆଗପଛ ବିଚାର ନ ଥିଲା । ଭଲମନ୍ଦ, ହାନିଲାଭର ମୂଳ-ତଉଲ ନ ଥିଲା, କେବଳ ଥିଲା ବୋହିଯିବାର ଗୋଟେ ପ୍ରବଣତା - ଅନ୍ୟମାନଙ୍କ ଭିତରେ ନିଜକୁ ହଜେଇ ଦେବାର ଅବୁଝା ଅଭିଳାଷ ।

ସାରା ଦେଶର ବାତାବରଣ ବେଶ ଉଷ୍ମ । ଭାରତ ସ୍ୱାଧୀନ ହୋଇଛି, ସ୍ୱାଧୀନତା ପରେ ଦେଶ ଗଠନର ପ୍ରସ୍ତୁତିପର୍ବ ଆରମ୍ଭ ହୋଇଗଲାଣି । ସାରା ଦେଶବାସୀଙ୍କ ପ୍ରାଣରେ ନୂତନ ସ୍ୱଦେଶ ପ୍ରେମର ଉତ୍ତାଳ ତରଙ୍ଗ । ବ୍ୟକ୍ତିଗତ ଜୀବନର ଆବର୍ତ୍ତରୁ ମୁକ୍ତହୋଇ ଦେଶ ସହିତ ସାମିଲ ହେବାପାଇଁ ହୃଦୟରେ ଏକ ଅଲିଖିତ ଚୁକ୍ତି । ଏହାର ପରିସର ଯେତେ ସୀମିତ ହେଉ ବା ଯେତେ ସଂପ୍ରସାରିତ ହେଉ, ସବୁରି ପ୍ରାଣରେ କିନ୍ତୁ ସ୍ୱଦେଶପ୍ରୀତିର ଗୋଟେ ରିମ୍‌ଝିମ୍ ଭାବ ।

ଗାନ୍ଧିଜୀ ଭାରତୀୟ ଚେତନାର ଆକାଶରେ ଧ୍ରୁବତାରା ପରି ଦେଦୀପ୍ୟମାନ ହେଉଥାନ୍ତି । ଦଳିତ, ପୀଡ଼ିତ ଲୋକଙ୍କ ପାଇଁ ତାଙ୍କ ଅବାରିତ କରୁଣା ଓ ଅନୁକମ୍ପା ସାରାଭାରତର ଯୁବପ୍ରାଣକୁ ଗଭୀର ଭାବରେ ସ୍ପର୍ଶ କରିଥାଏ । ଏହି ସମାଜ ବ୍ୟବସ୍ଥା ବିରୋଧରେ ସେମାନଙ୍କ ଭାବରାଜ୍ୟ ଆଲୋଡ଼ିତ ହେଉଥାଏ ଓ ଯୁବମାନସରେ ବିଦ୍ରୋହର ସ୍ଫୁଲିଙ୍ଗ ଯେପରି ଜ୍ୱାଳାମୟୀ ରୂପ ଧାରଣ କରିଥାଏ । ଏସବୁ ପ୍ରଚଳିତ ଧାରାକୁ ଭାଙ୍ଗି ଆମୂଳଚୂଳ ପରିବର୍ତ୍ତନ ପାଇଁ ଚେଷ୍ଟା କରୁଥାନ୍ତି ସେମାନେ ।

ଓଡ଼ିଶାର ଜନଜୀବନରେ ଦୁଇଟି ଧାରା ଥିଲା । ଗୋଟିଏ ମୋଗଲବନ୍ଦି ଅଞ୍ଚଳର ଚଳଣି, ଆଉ ଗୋଟିଏ ହେଉଛି ଗଡ଼ଜାତ ଅଞ୍ଚଳର ଚଳଣି । କିନ୍ତୁ ଏ ଉଭୟ ଚଳଣି ଭିତରେ ଗୋଟିଏ କଥାରେ ବେଶ୍ ସାମ୍ୟ ଥିଲା । ତଳୁଆ, ପଛୁଆ ଜାତି, ହରିଜନଙ୍କୁ ଉଚ୍ଚଜାତିର ଲୋକେ ଭାରି ଛୋଟ ଆଖିରେ ଦେଖୁଥିଲେ । ସେତେବେଳର ପ୍ରଚଳିତ ସମାଜବ୍ୟବସ୍ଥାରେ ଏମାନଙ୍କୁ ଘୃଣା ଓ ହତାଦର କରାଯାଉଥିଲା । ନାନା ଭାବରେ ଏମାନେ ଶୋଷିତ ହେଉଥିଲେ ଉଚ୍ଚବର୍ଗର ଲୋକମାନଙ୍କଦ୍ୱାରା । ସେତେବେଳେ ସେମାନଙ୍କ ଜୀବନ ଥିଲା ଅତି ଦୟନୀୟ ।

ରବି ରାୟ ଗାନ୍ଧିଜୀ ଓ ଲୋହିଆଙ୍କ ଆଦର୍ଶରେ ଅନୁପ୍ରାଣିତ ଯୁବକ । ପ୍ରଚଳିତ ସମାଜବ୍ୟବସ୍ଥା ତାଙ୍କ ପ୍ରାଣକୁ ଆନ୍ଦୋଳିତ କରିବା ସ୍ୱାଭାବିକ । ତେଣୁ ପରିବାରର ପ୍ରଭାବ ଓ ପ୍ରତିଷ୍ଠା ସତ୍ତ୍ୱେ ସେ ତାଙ୍କର ଏହି ଆଦର୍ଶର ସଫଳ ରୂପାୟନ କରିବା ପାଇଁ ଚେଷ୍ଟା କଲେ । ତାଙ୍କ ଅଞ୍ଚଳର ସବୁ ପଛୁଆଜାତି, ହରିଜନଙ୍କୁ ଭଲ ବ୍ୟବହାର କରିବା, ଛୁଆଁ

Digitized by srujanika@gmail.com

ଅଛୁଆଁ ଭେଦଭାବ ଦୂର କରିବା, ସେମାନଙ୍କ ଆର୍ଥିକ ସ୍ଥିତିର ଉନ୍ନତି ପାଇଁ କିଛି କରିବା, ସର୍ବୋପରି ସେମାନଙ୍କ ଆତ୍ମବିଶ୍ୱାସକୁ ଫେରାଇଆଣିବା ଦିଗରେ ସେ ଅନେକ କାମ କଲେ । ଏସବୁ କାମରେ ତାଙ୍କର ସହଯୋଗୀ ଥିଲେ ସେ ଅଞ୍ଚଳର ବହୁ ଯୁବକ । ସାମାଜିକ ସଂସ୍କାର ଓ ବିବର୍ତ୍ତନ ପାଇଁ ଯୁବକ ରବି ରାୟ ଅଣ୍ଟାଭିଡ଼ି ବାହାରିଥାନ୍ତି । ତାଙ୍କର ଏସବୁ ବିପ୍ଲବାତ୍ମକ କାର୍ଯ୍ୟକଳାପ ସେ ଅଞ୍ଚଳରେ ବେଶ୍ ଗୋଟାଏ ହଇଚଇ ସୃଷ୍ଟି କରିଥାଏ । କିଛି ଲୋକଙ୍କ ଭିତରେ ସ୍ଥିତାବସ୍ଥା ପ୍ରତି ପ୍ରଗାଢ଼ ମୋହ ଥାଏ । ସମାଜକୁ ବଦଳେଇ ଦେବାପାଇଁ ରବି ରାୟଙ୍କର ଏ ଆଭିମୁଖ୍ୟ ସେମାନଙ୍କ ଭିତରେ ପ୍ରବଳ କ୍ରୋଧ ସୃଷ୍ଟି କରୁଥାଏ । ହେଲେ, ଯୁବଶକ୍ତିର ପ୍ରଚଣ୍ଡ ଆବେଗକୁ ସାମ୍ନା କରିବାର ଶକ୍ତି ସେମାନଙ୍କର ନ ଥାଏ । ଗାଁରେ ରହିବା ସମୟରେ ରବି ରାୟ ସମବୟସ୍କ କେତେକ ଯୁବକଙ୍କୁ ନିଜ ସମାଜବାଦୀ ବିଚାରଧାରା ସହିତ ସାମିଲ କରାଇଥିଲେ । ଏମାନଙ୍କ ଭିତରେ ନୂଆକରି କିଛି କରିବା ପାଇଁ, ନୂଆ ଆଦର୍ଶର ପ୍ରତିଷ୍ଠା ପାଇଁ ଖୁବ୍ ବେଶି ଉନ୍ମାଦନା ଥିଲା । ସେତେବେଳେ ତାଙ୍କ ଗାଁ ଆଖପାଖରେ ଅନେକ 'ପାଟନା' ଥିଲା । ନୂଆପାଟଣା, ପଇଡ଼ପାଟଣା, ବାଘବରେଇପାଟଣା, ମୁଣ୍ଡହଣାପାଟଣା, ଗୁଲାମ ମହମ୍ମଦପାଟଣା, ଶେଖପାଟଣା, ଦିବାନପାଟଣା, ବଡ଼ତିହପାଟଣା, ପ୍ରଧାନପାଟଣା, ବାଲିକୁଦାପାଟଣା ଇତ୍ୟାଦି । ଏଇ ପାଟଣାଗୁଡ଼ିକରେ ତେଲି, ଗୁଡ଼ିଆ, ତନ୍ତୀ, ପାଟରା, କୁମ୍ଭାର କମାର, ଥଟାରୀ ଆଦି ପଛୁଆ ଜାତିର ଲୋକେ ନିଜ ନିଜର କୌଳିକ ବୃତ୍ତି କରି ଜୀବିକା ଅର୍ଜନ କରନ୍ତି । ରବି ରାୟ ଗତୁଆ ସଂସ୍କୃତି ଓ ଚଳଣିର ଲୋକ ହେଲେ ବି ତାଙ୍କର ଦୃଷ୍ଟିର ଦିଗ୍‌ବଳୟ ଗାନ୍ଧିଜୀଙ୍କ ପ୍ରଭାବରେ ବେଶ୍ ସଂପ୍ରସାରିତ ହୋଇପାରିଥିଲା । ଏମାନଙ୍କ ପରିବାରରେ ଦ୍ୱିଜ ବା ବ୍ରାହ୍ମଣମାନଙ୍କ ପରି ପଇତା ଧାରଣ କରିବାର ବିଧି ଥିଲା । ଏମାନେ ତଳଶ୍ରେଣୀର ଲୋକମାନଙ୍କୁ ନାନା ଭାବରେ କଠୋର ଶାସନ ମଧ୍ୟ କରୁଥିଲେ । ବେଠି ବେଗାରି ପ୍ରଚଳନ ଥିଲା । ଏମାନେ ଯେ ସାଆନ୍ତ ପରିବାର - ଏଇ ମନୋଭାବ ରବି ରାୟଙ୍କ ପରିବାରର ଅନ୍ୟମାନଙ୍କଠାରେ ରହିଥିଲେ ସୁଦ୍ଧା ସେ ଥିଲେ ଏହାର ବ୍ୟତିକ୍ରମ । ସେ ସାଧାରଣରୁ ଅତି ସାଧାରଣ ଲୋକଙ୍କ ସହିତ ମିଳାମିଶା, ବସାଉଠା, ଖିଆପିଆ କରୁଥିଲେ । ପରିବାରର ଅନ୍ୟମାନେ ଏହାକୁ ଭଲ ଦୃଷ୍ଟିରେ ଦେଖୁ ନ ଥିଲେ ବି ରବି ରାୟଙ୍କ ପ୍ରତି ଅତ୍ୟଧିକ ସ୍ନେହ ଯୋଗୁଁ ଏହାର ବିରୋଧ କରିପାରୁ ନ ଥିଲେ । ଏସବୁ ଘଟଣା ଓ ରବି ରାୟ ସମାଜବାଦୀ ଦଳରେ ସାମିଲ ହେବା ତାଙ୍କର ଏଭଳି ଆଚରଣକୁ କଂଗ୍ରେସ ନେତା ତଥା ତାଙ୍କର କକା କୃଷ୍ଣ ରାୟ ମଧ୍ୟ ଅନୁମୋଦନ କରିପାରୁ ନ ଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ରବି ରାୟ ଆଇ.ଏ. ପଢୁଥିଲାବେଳେ ଏମିତି ଅନ୍ୟ ଏକ ଘଟଣା ମଧ୍ୟ ଘଟିଥିଲା, ଯେଉଁଥିରେ କକା କୃଷ୍ଣ ରାୟ ଅତ୍ୟନ୍ତ ବ୍ୟଥିତ ଓ ମର୍ମାହତ ହୋଇଥିଲେ । ସେତେବେଳେ ରବି ରାୟ କିଛିଦିନ ପାଇଁ ଗାଁରେ ରହୁଥାନ୍ତି । ବନମାଳୀପୁର

Digitized by srujanika@gmail.com

ହାଟରେ ସର୍ବସାଧାରଣଙ୍କ ପାଇଁ ଗୋଟେ ପାଠାଗାର ଥାଏ । ଦେଶପ୍ରାଣ ଗୋପବନ୍ଧୁଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଏହାର ନାଁ ରଖାଯାଇଥାଏ ଗୋପବନ୍ଧୁ ପାଠାଗାର । ପାଠାଗାର ପ୍ରତିଷ୍ଠା ହେବାର କିଛି କାଳ ପରେ କକା କୃଷ୍ଣ ରାୟଙ୍କର ଜଣେ ସହଯୋଗୀ ସେହି ପାଠାଗାର ଗୃହରେ କଣ୍ଟ୍ରୋଲ ଦୋକାନଟିଏ ଖୋଲିଲେ । ଯୁବକ ରବି ରାୟ ଏହାକୁ ଆଦୌ ସହ୍ୟ କରିପାରିଲେ ନାହିଁ । ସେ କଣ୍ଟ୍ରୋଲ ଦୋକାନୀକୁ ଉଠାଇ ପାଠାଗାରକୁ ମୁକ୍ତ କରିବାପାଇଁ ନିଜର କେତେଜଣ ସ୍ଥାନୀୟ ଯୁବବନ୍ଧୁଙ୍କୁ ନେଇ ବନମାଳୀପୁର ହାଟରେ ଗୋଟେ ସାଧାରଣସଭାର ଆୟୋଜନ କଲେ । ରବି ରାୟଙ୍କ ଜୀବନରେ ଏହା ହେଉଛି ପ୍ରଥମ ସାଧାରଣ ସଭା । ରବି ରାୟ ଏହି କାର୍ଯ୍ୟ ବିରୋଧରେ ଖୋଲାଖୋଲି ଭାବରେ ସଭାରେ ଭାଷଣ ଦେଲେ । ଏହି ସଭା ପରେ ପରେ ଦୋକାନୀଟି ଦୋକାନ ଖାଲିକରି ଦେଲେ । ଏ ଘଟଣା ତାଙ୍କ ପାରିବାରିକ ଜୀବନରେ କିଛିଟା ଉତ୍ତେଜନା ସୃଷ୍ଟି କରିଥିଲା । କକା କୃଷ୍ଣ ରାୟ ଏଥିପାଇଁ ଭାରି ଦୁଃଖିତ ହେଲେ । ରବି ରାୟଙ୍କ ଏପରି ଆଚରଣ ତାଙ୍କୁ କ୍ଷୁଣ୍ଣ ଓ ମର୍ମାହତ କରିଥିଲେ ବି ଦୁହେଁ ଦୁହିଁଙ୍କୁ ସାମ୍ନା ସାମ୍ନି କିଛି କହୁ ନ ଥିଲେ ।

ରବି ରାୟ ଛାତ୍ରାବସ୍ଥାରୁ ପ୍ରଚଳିତ ସମାଜ ବ୍ୟବସ୍ଥା, ଅନ୍ୟାୟ ଅନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ । ପାରିବାରିକ ଶୃଙ୍ଖଳା ସତ୍ତ୍ୱେ ସେ ନିଜ ପରିବାରର ଲୋକଙ୍କୁ ମଧ୍ୟ ଏଥିରୁ ବାଦ୍ ଦେଉ ନ ଥିଲେ । ସାଆନ୍ତ ପରିବାରର ଅହଂକାର ତାଙ୍କଠି ପିଲାଦିନୁ ନ ଥିଲା । ସତ୍ୟ ଓ ନ୍ୟାୟ ପାଇଁ ସେ ଲଢ଼େଇ କରୁଥିଲେ । ଏହା ଯେପରି ତାଙ୍କ ଜନ୍ମରୁ ରକ୍ତରେ ଥିଲା ।

ଆଉ ଏକ ଜନ ଆନ୍ଦୋଳନ

ଭାରତୀୟ ରାଜନୀତିରେ ଗୋଟିଏ ବିଶିଷ୍ଟ ଘଟଣା ଘଟିଲା । ରବି ରାୟ ଗାଁ ଛାଡ଼ି ପୁଣି ସହରକୁ ଆସିବାକୁ ବାଧ ହେଲେ । ତାଙ୍କ ପାଇଁ ରାଜନୀତି କେବଳ ଗଦ୍ୟମୟ ଅନୁଜ୍ଞା ନ ଥିଲା, ରାଜନୀତି ତାଙ୍କ ପାଇଁ ଥିଲା ପ୍ରାଣମୟ ଓ ଛନ୍ଦମୟ ଜୀବନ ପ୍ରକାଶ ।

ଭାରତର ମୁକ୍ତିପାଇଁ ଆଜାଦ ହିନ୍ଦ୍ ଫୌଜର ସଶସ୍ତ୍ର ସଂଗ୍ରାମ ଓ ଆତ୍ମବଳିଦାନକୁ ଭାରତୀୟ ମୁକ୍ତି ଆନ୍ଦୋଳନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ମର୍ଯ୍ୟାଦାବନ୍ତ ପ୍ରଚେଷ୍ଟା ବୋଲି ବିଚାର କରିବାକୁ ହେବ । କାରଣ ଭାରତୀୟ ଶକ୍ତି ଓ ସାମର୍ଥ୍ୟର ପ୍ରକାଶମାନ ପ୍ରତିଭୂ ଭାବରେ ସୁଭାଷ ବୋଷ ବ୍ରିଟିଶ ସରକାର ବିରୋଧରେ ସଂଗ୍ରାମରେ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କର ଏ ଯୁଦ୍ଧଂ ଦେହି ଡାକରା ଓ ପ୍ରବଳ ଆକ୍ରମଣ ଭାରତୀୟ ଲୋକ ବିଶ୍ୱାସକୁ କେବଳ ଦୃଢ଼ୀଭୂତ କରି ନ ଥିଲା, ଲୋକଙ୍କ ହୃଦୟ ଭିତରେ ଦେଶପ୍ରୀତିକୁ ଜାଗ୍ରତ କରିଥିଲା । ଲୋକଚିତ୍ତରେ ସୁଭାଷ ବୋଷ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ବୀରପୁରୁଷ ଓ ଜନନାୟକ । ବ୍ରିଟିଶ ସରକାର ବିରୋଧରେ ଯୁଦ୍ଧକରି ଦେଶକୁ ସ୍ୱାଧୀନ କରିବା ପାଇଁ

Digitized by srujanika@gmail.com

ସେ ଚାହୁଁଥିଲେ । ସେଥିପାଇଁ ସେ ଜାପାନ ସହଯୋଗରେ ଭାରତ ଆକ୍ରମଣ କଲେ । ଏହି ମହାନ ବିପ୍ଳବୀ ପ୍ରଧାନ ସେନାପତି ଭାବରେ ସଂଗ୍ରାମର ଅଗ୍ରଭାଗରେ ରହିଲେ । ଘମାଘୋଟ ଯୁଦ୍ଧ ଚାଲିଲା ।

୧୯୪୪ ମସିହା ଫେବୃଆରୀ ମାସରେ ନେତାଜୀ ଆରାକାନ ଅଞ୍ଚଳ ଦଖଲ କଲେ । ବ୍ରିଟିଶ ସରକାରଙ୍କର ସପ୍ତମ ସେନାବାହିନୀ ସମ୍ପୂର୍ଣ୍ଣ ପରାସ୍ତ ହେଲେ । ନେତାଜୀ ଭାରତ ଅଭିମୁଖେ ଆଗଉଥିଲେ । ଇମ୍ଫାଲଠାରେ ସ୍ଥାପିତ ଇଂରେଜ ଓ ଆମେରିକାର ମିଳିତ ଶକ୍ତି ଓ ସେନା ଶିବିର ଉପରେ ସେ ପ୍ରଚଣ୍ଡ ଆକ୍ରମଣ କଲେ । ସ୍ୱୟଂ ନେତାଜୀଙ୍କ ସେନାପତିତ୍ୱରେ ଏ ଲଢ଼େଇ ପ୍ରବଳରୁ ପ୍ରବଳତର ହେଲା । ଇଂରେଜ ଓ ଆମେରିକା ଘାଟିର ପତନ ଘଟିଲା । ନେତାଜୀ ମଣିପୁରର ମୟତାଙ୍ଗ ଅଧିକାର କରି ସର୍ବପ୍ରଥମେ ସେ[illegible]ରେ ବିଜୟର ପ୍ରଥମ ତ୍ରିରଙ୍ଗା ପତାକା ଉଡ଼ାଇଲେ । ତା'ପରେ ବିଶେଣପୁର ଅଧିକା[illegible] କଲେ । ତାଙ୍କର ଲକ୍ଷ୍ୟ ଥିଲା ଇମ୍ଫାଲ ।

ନେତାଜୀଙ୍କର ଏହି ଆଜାଦ୍ ହିନ୍ଦ୍ ଫୌଜରେ ତିନିଲକ୍ଷ ସୈନ୍ୟ ଓ କୋଡ଼ିଏ ହଜାର ନାରୀସେନା ଲଢ଼େଇ କରୁଥିଲେ । ନାରୀସେନାମାନଙ୍କର ଏହି ରେଜିମେଣ୍ଟକୁ ଝାନ୍ସୀ ରେଜିମେଣ୍ଟ ନାମରେ ନାମିତ କରାଯାଇଥିଲା । ସେମାନଙ୍କ ସାହସ ଓ ରଣକୌଶଳ ଉଚ୍ଚକୋଟୀର ଓ ଅତ୍ୟନ୍ତ ପ୍ରଶଂସନୀୟ ଥିଲା । ମଣିପୁରର ମୟତାଙ୍ଗ ଜୟ କରିବା ପରେ ନେତାଜୀ ସୁଭାଷଚନ୍ଦ୍ର ଆଜାଦ ହିନ୍ଦ୍ ଫୌଜର ସର୍ବୋଚ୍ଚ କର୍ତ୍ତା ଓ ଅସ୍ଥାୟୀ ପ୍ରଧାନମନ୍ତ୍ରୀ ରୂପେ ଆଜାଦ୍ ହିନ୍ଦ୍ ସରକାର ପ୍ରତିଷ୍ଠା କରି ଶପଥ ଗ୍ରହଣ କଲେ । ପୃଥିବୀର ବହୁ ବଡ଼ ବଡ଼ ଦେଶ ଏହି ସରକାରକୁ ସ୍ୱୀକୃତି ପ୍ରଦାନ କଲେ । ଜର୍ମାନୀ, ଜାପାନ, ଚୀନ, ବର୍ମା, ଫିଲିପାଇନ୍ସ, ଇଟାଲୀ ପ୍ରଭୃତିର ରାଷ୍ଟ୍ରନାୟକମାନେ ନେତାଜୀଙ୍କ ଆଜାଦ୍ ହିନ୍ଦ୍ ସରକାରକୁ ସ୍ୱୀକାରକରି ଅଭିନନ୍ଦନ ବାର୍ତ୍ତାମାନ ପଠାଇଲେ ।

୧୯୪୪ରେ ନେତାଜୀ ରେଡ଼ିଓ ବାର୍ତ୍ତା ମାଧ୍ୟମରେ ବାରମ୍ବାର ସାରା ପୃଥିବୀକୁ, ଗାନ୍ଧିଜୀଙ୍କୁ ଓ ଅନ୍ୟାନ୍ୟ କଂଗ୍ରେସ ନେତାମାନଙ୍କୁ ଜଣାଉଥିଲେ, "ଭାରତର ସ୍ୱାଧୀନତା ଆସନ୍ନ । ପୃଥିବୀର ଆଉ କୌଣସି ଶକ୍ତି ନାହିଁ, ଭାରତକୁ ପରାଧୀନ କରି ରଖିବ । ବ୍ରିଟିଶ, ଆମେରିକା ପରାସ୍ତ ହୋଇଛନ୍ତି । ସେମାନଙ୍କର ଗୋଟିକ ପରେ ଗୋଟିଏ ଘାଟିର ପତନ ଘଟୁଛି । ଆଜାଦ୍ ହିନ୍ଦ୍ ଫୌଜ ସମ୍ପୂର୍ଣ୍ଣ ଇମ୍ଫାଲ ଦଖଲ କରିବାକୁ ଆଗେଇ ଚାଲିଛନ୍ତି । ମଣିପୁରର ଇମ୍ଫାଲ ଦଖଲ ପାଇଁ ଆଉ ତିନି ମାଇଲ ରହିଲା ।" ନେତାଜୀଙ୍କର ଏହି ରେଡ଼ିଓ ବାର୍ତ୍ତା ଶୁଣି ସାରା ପୃଥିବୀ ବିସ୍ମିତ ହୋଇଯାଇଥିଲା । ଯେଉଁ ପ୍ରବଳ ପ୍ରତାପୀ ବ୍ରିଟିଶ ସରକାରଙ୍କ ସାମ୍ରାଜ୍ୟରେ ସୂର୍ଯ୍ୟ ଅସ୍ତମିତ ହୁଅନ୍ତି ନାହିଁ, ସେହି ଇଂରେଜ ଶକ୍ତିର ପରାଜୟ କିଛି କମ୍ ବିସ୍ମୟକର ଘଟଣା ନ ଥିଲା !

Digitized by srujanika@gmail.com

ନେତାଜୀ ବେତାର ଭାଷଣରେ କହିଲେ, ''ହମ୍ ଜିନ୍ଦା ରହେଙ୍ଗେ ୟା ମରେଙ୍ଗେ, କୋଇ ବାତ୍ ନେହିଁ, ସହୀ ବାତ୍ ୟେ ହୈ କି ହିନ୍ଦୁସ୍ଥାନ ଆଜାଦ୍ ହୋଗା ।'' ଅର୍ଥାତ୍ - ''ମୁଁ ଜୀବିତ ରହେ ବା ନ ରହେ, ସେଥିରେ ଯାଏଆସେ ନାହିଁ, ହିନ୍ଦୁସ୍ଥାନ (ଭାରତ) ନିଶ୍ଚୟ ସ୍ୱାଧୀନ ହେବ ।'' ସେ ଗାନ୍ଧିଜୀ ଓ କଂଗ୍ରେସ ନେତାମାନଙ୍କୁ ବେତାର ମାଧ୍ୟମରେ ସୂଚନା ଦେଲେ ଯେ ଷ୍ଟାଫୋର୍ଡ଼ କ୍ରିପ୍‌ସ ଯେଉଁ ପ୍ରସ୍ତାବ ଦେବେ, ତାହା ଗ୍ରହଣ କରିବା ଉଚିତ ନୁହେଁ । ବ୍ରିଟିଶ ସରକାର ସଙ୍ଗେ ଆଲୋଚନା କଲାବେଳେ କଂଗ୍ରେସ ଭାରତର ପୂର୍ଣ୍ଣ ସ୍ୱାଧୀନତା ଦାବି କରିବ । କୌଣସି ଅଂଶକୁ ବାଦ୍ ଦେବାକୁ ଦିଆଯିବ ନାହିଁ ବୋଲି କଂଗ୍ରେସ ଦୃଢ଼ ଦାବି ଉପସ୍ଥାପନ ନ କଲେ ଚିରଦିନ ପାଇଁ ଭୁଲ ରହିଯିବ । ଇଂରେଜମାନଙ୍କର କୂଟନୀତିକୁ ଗାନ୍ଧିଜୀ ଓ କଂଗ୍ରେସ ବୁଝିବା ଉଚିତ । ନଚେତ ଆମ୍ଭେ ଯେଉଁମାନେ ସଶସ୍ତ୍ର ଯୁଦ୍ଧ ଚଳେଇଛୁ, ତାହାର ପରିଣାମ ଅତ୍ୟନ୍ତ ଦୁଃଖଦାୟକ ହେବ ।

ନେତାଜୀଙ୍କ ପରାମର୍ଶରେ କଂଗ୍ରେସ ନେତାମାନେ ସାର୍ ଷ୍ଟାରଫୋର୍ଡ଼ କ୍ରୀପ୍‌ସଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କଲେ । ଠିକ୍ ଏତିକିବେଳେ ଜାପାନ ବିରୋଧରେ ଆମେରିକା ଯୁଦ୍ଧରତ । ମିତ୍ରଶକ୍ତି ରୁଷିଆ ସହିତ ଯୁଦ୍ଧରେ ପରାସ୍ତ ହୋଇ ଜର୍ମାନୀ ଆତ୍ମସମର୍ପଣ କଲା । ଇଟାଲୀ ମଧ୍ୟ ଯୁଦ୍ଧରେ ହାରିଗଲା । ମିଳିତଶକ୍ତି ଜର୍ମାନୀ ଓ ଇଟାଲୀ ହାରିଯିବା ସତ୍ତ୍ୱେ ଜାପାନ ଓ ଆଜାଦ୍ ହିନ୍ଦ୍ ଫୌଜ ମିଶି ବ୍ରିଟିଶ ଓ ଆମେରିକା ସହିତ ଘମାଘୋଟ ଲଢ଼େଇ କରୁଥାନ୍ତି । ଉଭୟ ପକ୍ଷର ହଜାର ହଜାର ସୈନିକ ମୃତାହତ ହେଲେ । ବ୍ରିଟିଶ ଓ ଆମେରିକାର ମିତ୍ରଶକ୍ତି ଅନୁଭବ କଲେ ଯେ ପରାଜୟ ଆସନ୍ନ । ତେଣୁ ଜାପାନର ହିରୋସୀମା ଓ ନାଗାସାକିରେ ଆମେରିକା ପରମାଣୁ ବୋମା ନିକ୍ଷେପ କରିବାରୁ ଲକ୍ଷ ଲକ୍ଷ ଲୋକ ବିପନ୍ନ ହେଲେ । ହଜାର ହଜାର ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ପଙ୍ଗୁ ହେଲେ ଓ ମୃତ୍ୟୁମୁଖରେ ପଡ଼ିଲେ । ଇତିହାସର ଏକ ଅତ୍ୟନ୍ତ ନିନ୍ଦନୀୟ ଓ କଳଙ୍କିତ ପୃଷ୍ଠା ଉନ୍ମୋଚିତ ହେଲା । ଜାପାନ ବାଧ୍ୟ ହୋଇ ଆତ୍ମସମର୍ପଣ କଲା ।

ଜାପାନ ଆତ୍ମସମର୍ପଣ କରିବା ସମୟରେ ଆଜାଦ୍ ହିନ୍ଦ୍ ଫୌଜର କେତେକ ସୈନ୍ୟ ଆତ୍ମସମର୍ପଣ କଲେ ଓ ଆଉ କେତେକ ସୈନ୍ୟ ବ ନ୍ଦୀ ହେଲେ । ଦୁର୍ଭାଗ୍ୟର ବିଷୟ, ଏତିକିବେଳେ ନେତାଜୀ ଉଡ଼ାଜାହାଜ ଦୁର୍ଘଟଣାରେ ନିହତ ହେଲେ ବୋଲି ପ୍ରଚାରିତ ହେଲା । ମାତ୍ର ଭାରତବାସୀ ଏହି ସମ୍ବାଦକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ । ନେତାଜୀଙ୍କ ମହାପ୍ରୟାଣ ତଥାପି ରହସ୍ୟମୟ ହୋଇ ରହିଗଲା । ଆଜି ମଧ୍ୟ ସେ ସତ୍ୟ ପ୍ରକୃତରେ ଉଦ୍‌ଘାଟିତ ହୋଇପାରି ନାହିଁ ।

ଗାନ୍ଧୀ ଓ ସୁଭାଷଙ୍କ ଭିତରେ ସୃଷ୍ଟି କରାଯାଇଥିବା ତାତ୍ତ୍ୱିକ ଦ୍ୱନ୍ଦ୍ୱକୁ ରବି ରାୟଙ୍କ ଦେଶପ୍ରେମୀ ଯୁବପ୍ରାଣ କେବେ ବି ସ୍ୱୀକାର କରିପାରି ନାହିଁ । ଗାନ୍ଧିଜୀ ୧୯୪୨ର ଭାରତଛାଡ଼ ଆନ୍ଦୋଳନରେ 'କର ବା ମର'ର ଆହ୍ୱାନରୁ ଗାନ୍ଧିଜୀ ଓ ସୁଭାଷ ସ୍ୱାଧୀନତା

Digitized by srujanika@gmail.com

ସଂଗ୍ରାମର ପ୍ରାୟ ଗୋଟାଏ ସମାନ ଭୂମିରେ ଉପନୀତ ହୋଇଗଲେ କହିଲେ ନିର୍ଭୁଲ ହେବ । ଗାନ୍ଧିଜୀଙ୍କୁ 'Father of Nation' ବୋଲି ପ୍ରଥମେ ସୁଭାଷ ବୋଷ ହିଁ କହିଥିଲେ ଓ ତା ପରଠାରୁ ଏହାକୁ ସମଗ୍ର ଦେଶ ଗ୍ରହଣ କରି ନେଇଥିଲା ଓ ଜାତିର ପିତା ଭାବରେ ମୁରବି ମାନି ନେଇଥିଲା ।

ଏ ଘଟଣା ପରେ ଆଜାଦ୍ ହିନ୍ଦ୍ ଫୌଜର ପ୍ରତ୍ୟେକ ସଂଗ୍ରାମୀଙ୍କ ଉପରେ ବ୍ରିଟିଶ ସରକାରର କୋପଦୃଷ୍ଟି ପଡ଼ିଲା । କଳେ ବଳେ କୌଶଳେ ଭାରତଭୂଇଁରୁ ଏମାନଙ୍କୁ ସମ୍ପୂର୍ଣ୍ଣ ମୂଳପୋଛ କରିଦେବାକୁ ଇଂରେଜ ସରକାର ଦୃଢ଼ପ୍ରତିଜ୍ଞ ଥିଲେ । ଆଜାଦ ହିନ୍ଦ୍ ଫୌଜର ତିନିଜଣ ବିଶିଷ୍ଟ କର୍ମୀ ଓ ନେତାଜୀଙ୍କର ସହଯୋଗୀ ସାହାନୱାଜ ଖାଁ, ଧିଲୋଁ ଓ ସଇଗଲଙ୍କୁ ବ୍ରିଟିଶ ସରକାର କୋର୍ଟ ମାର୍ସାଲ କରି ଜେଲ୍‌ରେ ରଖିଲେ । ଇଂରେଜ ସରକାର ଏମାନଙ୍କୁ ଦେଶଦ୍ରୋହ ଅଭିଯୋଗରେ ଫାଶୀଦେବା ମତଲବରେ ଥିଲେ । ଏ ଘଟଣା ସାରା ଭାରତବାସୀଙ୍କୁ ଗଭୀର ଭାବରେ ବ୍ୟଥିତ କଲା । ଇଂରେଜ ସରକାର ବିରୋଧରେ ପ୍ରବଳ ଆନ୍ଦୋଳନ, ବିକ୍ଷୋଭ ଓ ପ୍ରତିବାଦ ଚାଲିଲା । 'ନେତାଜୀ ସୁଭାଷ ବୋଷ କୀ ଜୟ', ଆଜାଦ୍ ହିନ୍ଦ୍ ଫୌଜକୁ ଖଲାସ କର', 'ଭାରତମାତା କୀ ଜୟ', 'ଇଂରେଜ ସରକାର ମୁର୍ଦ୍ଦାବାଦ', 'ଜୟହିନ୍ଦ୍', ଇନ୍‌କିଲାବ.... ଜିନ୍ଦାବାଦ.... ପ୍ରଭୃତି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଲା । ସମଗ୍ର ଦେଶରେ ପୁନର୍ବାର ଏକ ନୂତନ ଜନଜାଗରଣ ସୃଷ୍ଟି ହୋଇ ବ୍ରିଟିଶରାଜକୁ ଦୋହଲେଇ ଦେଲା ।

ସେମାନଙ୍କ ପାଇଁ ବୁଲାଭାଇ ଦେଶାଇ, ନେହୁରୁ ଓ ଆସଫଅଲ୍ଲୀ ମକଦ୍ଦମା ଲଢ଼ିଲେ । ଏହି ଦେଶବ୍ୟାପୀ ଆନ୍ଦୋଳନ ସହିତ ଓଡ଼ିଶାବାସୀ ମଧ ସାମିଲ ହେଲେ । ଯେହେତୁ ସୁଭାଷ ବୋଷ ଏଇ କଟକ ସହରରେ ଜନ୍ମ ହୋଇଥିଲେ, ପାଠ ପଢ଼ିଥିଲେ, ଏଠି ବଢ଼ି ମଣିଷ ହୋଇଥିଲେ, ସେଇ ହେତୁରୁ କଟକବାସୀ ଏହି ଆନ୍ଦୋଳନରେ ସମ୍ପୂର୍ଣ୍ଣ ଝାସ ଦେଲେ । କଟକରେ ଏ ଆନ୍ଦୋଳନ ପ୍ରବଳରୁ ପ୍ରବଳତର ହେଲା । ରବି ରାୟ ଗାଁରୁ ଫେରିଆସି ଏଇ ଆନ୍ଦୋଳନରେ ପୂର୍ଣ୍ଣପ୍ରାଣରେ ସାମିଲ ହୋଇଗଲେ । ସେ କଟକ ସହର ସାରା ଶୋଭଯାତ୍ରାରେ ଯାଇ ଦେଶାତ୍ମବୋଧକ ଧ୍ୱନିମାନ ଦେଉଥିଲେ । ବ୍ରିଟିଶ ସରକାର ଏହି ବିପ୍ଳବୀମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରୁ ବୋଲି ସଭାସମିତିମାନଙ୍କରେ ମୁକ୍ତକଣ୍ଠରେ, ଓଜସ୍ୱିନୀ ଭାଷାରେ ଭାଷଣ ଦେଉଥିଲେ । ଏ ଆନ୍ଦୋଳନ କିପରି ସାରା ଓଡ଼ିଶାରେ ବ୍ୟାପିବ, ସେଥିପାଇଁ ସେ ଅନ୍ୟ ସଂଗ୍ରାମୀମାନଙ୍କୁ ନାନା ଭାବରେ ଉତ୍ସାହିତ ଓ ସାହାଯ୍ୟ କରୁଥିଲେ ।

ଦେଶବ୍ୟାପୀ ଏ ଆନ୍ଦୋଳନ ଏପରି ତୀବ୍ର ହେଲା ଯେ ଏଥିରେ ଜନସଂପୃକ୍ତିକୁ ଲକ୍ଷ୍ୟକରି ବ୍ରିଟିଶ ସରକାର ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ବାଧ୍ୟ ହୋଇ ସରକାରଙ୍କୁ ମୁଣ୍ଡ ନୁଆଁଇବାକୁ ପଡ଼ିଲା । ସରକାର ଏମାନଙ୍କୁ ଆଉ ଫାଶୀ ନ ଦେଇ ଖଲାସ କରିବାକୁ

Digitized by srujanika@gmail.com

ବାଧ୍ୟ ହେଲେ । ଭାରତସାରା ସମାଜବାଦୀ ସଙ୍ଗଠନର ସମସ୍ତ ସଭ୍ୟ ଏହି ଆନ୍ଦୋଳନରେ ପୂର୍ଣ୍ଣପ୍ରାଣରେ ଝାସ ଦେଇଥିଲେ । ଏହି ଜନଆନ୍ଦୋଳନ ଭାରତବର୍ଷର ଇତିହାସର ଏକ ଉଜ୍ଜ୍ୱଳ ଅଧ୍ୟାୟ । ଆଜାଦ୍ ହିନ୍ଦ୍ ଫୌଜର 'ରାଣୀ ଲକ୍ଷ୍ମୀବାଈ ରେଜିମେଣ୍ଟ'ର ମୁଖ୍ୟ ଥିଲେ ମିସ୍ ସ୍ୱାମୀନାଥନ । ତା ପରେ ସେ ସଇଗଲଙ୍କୁ ବିବାହ କରିଥିଲେ । ତାଙ୍କର ଝିଅ ରାଜନୀତିକୁ ପରବର୍ତ୍ତୀ କାଳରେ ଆସିଥିଲେ । ମିସ୍ ସ୍ୱାମୀନାଥନ ବିବାହ ପରେ ସଇଗଲ ହେଲେ । ତାଙ୍କ ଝିଅ ସୁହାସିନୀ ସଇଗଲ ବିବାହ ପରେ ସୁହାସିନୀ ଅଲ୍ଲି ହେଲେ । ରବି ରାୟ ପାର୍ଲିଆମେଣ୍ଟରେ ବାଚସ୍ପତି ଥିବାବେଳେ ସେ ଲୋକସଭାର ମାର୍କ୍ସବାଦୀ ଦଳରୁ ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ । ରବି ରାୟ ତାଙ୍କୁ ଖୁବ୍ ଭଲଭାବରେ ଜାଣିଥିଲେ ଓ ଲୋକସଭାରେ ତାଙ୍କୁ ଜଣେ ଭଲ ସାଂସଦ ଭାବରେ କାର୍ଯ୍ୟଦକ୍ଷ କରିବାରେ ତାଙ୍କର ଭୂମିକା ଥିଲା । ଏହାର ଅନ୍ତରାଳରେ ଥିଲା ସୁଭାଷ ବୋଷ ଓ ଆଜାଦ୍ ହିନ୍ଦ୍ ଫୌଜ ପ୍ରତି ଥିବା ତାଙ୍କର ପ୍ରଗାଢ଼ ଅନୁରାଗ ।

ଓଡ଼ିଶାରେ ସମାଜବାଦୀ ସଙ୍ଗଠନ

ସମାଜବାଦୀ ଚେତନାକୁ ଓଡ଼ିଶାରେ ଦୃଢ଼ଭାବରେ ପ୍ରତିଷ୍ଠା କରିବା ଦିଗରେ ଯେଉଁମାନଙ୍କ ନାମ ବିଶେଷ ଭାବରେ ସ୍ମରଣକୁ ଆସେ, ସେମାନଙ୍କ ମଧ୍ୟରେ ଶ୍ୟାମଳୀ ଲାହିଡ଼ି ଥିଲେ ଅନ୍ୟତମ । ରବି ରାୟଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ଥିଲେ କୁଳମଣି ମହାପାତ୍ର । ଶ୍ୟାମଳୀ ଲାହିଡ଼ି ସମାଜବାଦୀ ଦଳର ଜଣେ ଟାଣୁଆ କର୍ମୀ । ମ୍ୟୁନିସିପାଲିଟି ନିର୍ବାଚନ ହେଲା । ଏହି ନିର୍ବାଚନରେ ସମାଜବାଦୀ ଦଳ ପକ୍ଷରୁ ଛାତ୍ରୀ ଶ୍ୟାମଳୀଙ୍କୁ ପ୍ରାର୍ଥୀ କରାଗଲା । ସେ ନିର୍ବାଚନରେ ଜୟଯୁକ୍ତ ହୋଇ କାଉନସିଲର ହେଲେ । ପରେ ଶ୍ୟାମଳୀ କୁଳମଣି ମହାପାତ୍ରଙ୍କୁ ବିବାହ କଲେ । ଦୁହେଁ ତୁହାକୁ ତୁହା ସାରା ଓଡ଼ିଶା ବୁଲି ସମାଜବାଦୀ ଦଳର ଭିତ୍ତିକୁ ସୁଦୃଢ଼ କରିବାପାଇଁ ଚେଷ୍ଟା କରୁଥିଲେ । ଏ ଦୁହେଁ କେବଳ ବୈବାହିକ ବନ୍ଧନରେ ଆବଦ୍ଧ ହୋଇ ନ ଥିଲେ, ଆଦର୍ଶ ଓ ଆତ୍ମାର ବନ୍ଧନରେ ବାନ୍ଧି ହୋଇଯାଇଥିଲେ । ଉଭୟେ ଜଣକ ପରେ ଜଣେ ଅପରିଣତ ବୟସରେ ଏ ସଂସାରରୁ ବିଦାୟ ନେଇଗଲେ । ଏ ବନ୍ଧୁବିଚ୍ଛେଦ ରବି ରାୟଙ୍କ ପାଇଁ ଦାରୁଣ ଦୁଃଖର କାରଣ ହୋଇଥିଲା । ଏଥିରେ ସେ ବହୁତ ଭାଙ୍ଗି ପଡ଼ିଥିଲେ ।

ଛାତ୍ରନେତାମାନଙ୍କ ମଧ୍ୟରୁ ଅଧିକାଂଶ ସମାଜବାଦୀ ଆନ୍ଦୋଳନ ସହିତ ଅତି ଘନିଷ୍ଠ ଭାବରେ ଜଡ଼ିତ ଥାନ୍ତି । ଦେବୀପ୍ରସନ୍ନ ପଟ୍ଟନାୟକ, ରାଜେନ୍ଦ୍ରପ୍ରସାଦ ଦାସ, ନରେନ୍ଦ୍ର ଜେନା ଓ ରବି ରାୟ - ସମସ୍ତେ ଏହି ସମାଜବାଦୀ ଦଳର ସକ୍ରିୟ କର୍ମୀ ଓ ପରସ୍ପରର ବନ୍ଧୁ । ଥରେ ଏମାନେ ଚନ୍ଦ୍ରଭାଗାରେ ମାଘମେଳା ଦେଖିବାପାଇଁ ସାଇକେଲ ନେଇ ବାହାରିଲେ । ପିଲାଟି ଦିନରୁ ରବି ରାୟ ଭାରି ବନ୍ଧୁପ୍ରେମୀ । ଘର ତାଙ୍କର କୋଣାର୍କ

Digitized by srujanika@gmail.com

ପାଖରୁ ମାତ୍ର ପନ୍ଦର କୋଡ଼ିଏ ମାଇଲ ଦୂରରେ । ବାଟ ସାରା ବନ୍ଧୁବାନ୍ଧବଙ୍କ ଘର । ବାଟରେ ଯେଉଁଠି ବନ୍ଧୁଘର ପଡୁଥାଏ, ସେଠି କିଛି ସମୟ ଅଟକି, ବନ୍ଧୁଘର ସଂଖୋଳି, ଦିବ୍ୟଭୋଜନରେ ଆପ୍ୟାୟିତ ହୋଇ ପୁଣି ବାହାରିପଡ଼ନ୍ତି ସେମାନେ । ସମସ୍ତେ ଯାଇ ଭଅଁରାଗଡ଼ରେ ପହଞ୍ଚିଲେ । ମାଛଧରା ହେଲା, ଖୁବ୍ ଜୋରଦାର ରୋଷେଇବାସ ହେଲା । ସମସ୍ତେ ଖାଇପିଇ ପୁଣି ବାହାରିଲେ । ସନ୍ଧ୍ୟା ପୂର୍ବରୁ ଚନ୍ଦ୍ରଭାଗାରେ ସମସ୍ତେ ପହଞ୍ଚିଲେ । ଏବେ କିନ୍ତୁ ସମସ୍ୟା ହେଲା ସାଇକେଲ । ସାଇକେଲ ରଖିବେ କେଉଁଠି ? ନରେନ୍ଦ୍ର ଜେନା ଭାରି ସୁନ୍ଦର କଥା କହି ଅନ୍ୟକୁ ଭଲଭାବରେ ପ୍ରଭାବିତ କରିପାରନ୍ତି । ସେ ଯାଇ କିଛି ଦୂରରେ ଥିବା ଜଣେ ବୁଢ଼ୀଘରେ ପହଞ୍ଚିଲେ ଓ ତାଙ୍କୁ କଅଁଳେଇ କଥା କହି, ମାଉସୀ ସମ୍ବୋଧନ କରି ମନେଇ ନେଲେ । ତାଙ୍କରି ଘରେ ସାଇକେଲ ରଖାହେଲା । ମେଳା ବୁଲା ହେଲା, ନାନା ଭାବରେ ମଉଜମଜଲିସ ହେଲା । ପୁଣି ରାତିରେ ଶୋଇବା ହେଲା ଗୋଟାଏ ସମସ୍ୟା ।

ମାଘ ମାସ ଜାଡ଼, ପୁଣି ସମୁଦ୍ରକୂଳିଆ ଥଣ୍ଡା ସୁଲୁସୁଲିଆ ପବନ । ଦେହ ଶୀତରେ ଶିର୍‌ଶିରେଇ ଯାଉଥାଏ । ଦେବୀ ପଟ୍ଟନାୟକଙ୍କର ଗୋଟେ ପ୍ରିନ୍ସ୍‌କୋଟ ଥାଏ । ରବି ରାୟଙ୍କର ଥାଏ ଗୋଟେ ମୋଟା କାଣ୍ଟିଆ ଚାଦର । ସେଇଆକୁ ଚାରିବନ୍ଧୁ କଷ୍ଟେମଷ୍ଟେ ଏକାଠି ଘୋଡ଼ିହୋଇ ଜାକିଜୁକି ଶୋଇ ରାତି ପୁହାଇଲେ । ଏଇ ବନ୍ଧୁତ୍ୱର ନିବିଡ଼ତା ଆଜି ମଧ୍ୟ ଅକ୍ଷୁଣ୍ଣ ରହିଛି । ସମୟର ଢେଉରେ ତା ହଜିଯାଇନି । ସେତେବେଳେ ଛାତ୍ର ରାଜନୀତି ଏଇପରି ବନ୍ଧୁତ୍ୱ ଉପରେ ଆଧାରିତ ଥିଲା । କିନ୍ତୁ ଆଜିକାଲି ଛାତ୍ର ନେତାମାନଙ୍କ ଆଗରେ କୌଣସି ବଳିଷ୍ଠ ରାଜନୀତିକ ଆଦର୍ଶ କି ମୂଲ୍ୟବୋଧ ନାହିଁ । ଛାତ୍ର ରାଜନୀତିରେ ଏପରି ବନ୍ଧୁତ୍ୱ ଓ ଆଦର୍ଶନିଷ୍ଠା ଆଜିକାଲି କ୍ୱଚିତ୍ ଦେଖିବାକୁ ମିଳୁଛି ।

ଛାତ୍ରାବସ୍ଥାରୁ ରବି ରାୟଙ୍କ ବ୍ୟକ୍ତିତ୍ୱ ଦୃଢ଼ ଓ ଶାଣିତ । ସବୁ ଝଡ଼ଝଞ୍ଜା ଓ ସମସ୍ୟା ଭିତରେ ବି ସେ ପଥର ପରି ଅବିଚଳିତ ରହୁଥିଲେ । ସେଥିପାଇଁ ସାଙ୍ଗସାଥୀମାନେ ତାଙ୍କୁ 'ପଥର' ବୋଲି ଡାକୁଥିଲେ । ଅନେକ ସମୟରେ ଏଇ ବନ୍ଧୁମାନେ ଈଶ୍ୱରଙ୍କୁ ପ୍ରାର୍ଥନା କରି କହୁଥିଲେ, 'ହେ ପ୍ରଭୁ ! ଆମକୁ ରବି ପରି ପଥର କରିଦିଅ । କୌଣସି ସମସ୍ୟାରେ ରବି ରାୟ କେବେ ଭାଙ୍ଗି ପଡ଼ନ୍ତିନି । ତାଙ୍କର ଏ ଦୃଢ଼ ମନୋବଳ ଓ ଆତ୍ମବିଶ୍ୱାସ ପିଲାଟି ଦିନରୁ ହିଁ ଥିଲା ।

ଭାରତ ସ୍ୱାଧୀନ ହେଲା । ସାରା ଭାରତରେ ବିପୁଳ ଆନନ୍ଦ ଓ ଉଲ୍ଲାସ ଖେଳିଗଲା । ସ୍ୱାଧୀନତାର ଅମୃତ ଆସ୍ୱାଦନରେ ଭାରତବାସୀ ବିଭୋର ହୋଇଉଠିଲେ । ଆକୁମାରୀ ହିମାଚଳ ନୂତନ ବିଶ୍ୱାସ ଓ ଜୀବନୀ ଶକ୍ତିରେ ସଞ୍ଜୀବିତ ହେଲା । ଏ ସିଦ୍ଧି ଥିଲା ଯୁଗାନ୍ତର ତପସ୍ୟାର ଚରୁଅନ୍ନ । ହଜାର ବର୍ଷର ପରାଧୀନତା ପରେ ଗୋଟିଏ ଜାତିର ଭାଗ୍ୟାକାଶରେ ମୁକ୍ତି ସୂର୍ଯ୍ୟ ଉଦୀୟମାନ ହେଲେ । ପରାଧୀନତା, ଦାସତ୍ୱର ଘନ ଅନ୍ଧକାର

Digitized by srujanika@gmail.com

ଭେଦକରି ସ୍ୱାଧୀନତାର ପ୍ରକାଶ କେବଳ ଭାରତବାସୀଙ୍କୁ ଅଭିଭୂତ କରି ନ ଥିଲା, ସମଗ୍ର ବିଶ୍ୱକୁ କରିଥିଲା ଚମକ୍ରୃତ । କିନ୍ତୁ ଆତତାୟୀର ଗୁଳିରେ ଗାନ୍ଧିଜୀଙ୍କର ମହାପ୍ରୟାଣ ସବୁ ଆନନ୍ଦ ଓ ଉଲ୍ଲାସକୁ ଅକାଳ ଚଡ଼କ ପରି ଧରାଶୟୀ କରିଦେଲା । ବିଧାତାର କ୍ରୂର ଅଟ୍ଟହାସ୍ୟ ଏ ସୁଖ-ସୌଭାଗ୍ୟକୁ ଯେପରି ଗୋଟାଏ ଫୁତ୍କାରରେ ଉଡ଼ାଇନେଲା ମହାଶୂନ୍ୟକୁ । ସାରା ବିଶ୍ୱ ଏ ଘଟଣାରେ ସ୍ତବ୍ଧ ହୋଇଗଲା । ଲୋକେ ଦୁଃଖରେ ଭାଙ୍ଗି ପଡ଼ିଲେ । ଗଭୀର ବିଷାଦ, ଅଶ୍ରୁଭରା କାରୁଣ୍ୟରେ ରୂପାନ୍ତରିତ ହୋଇଗଲା ଦେଶ ସତେଯେମିତି ମହାସଂଗ୍ରାମର ମହାନାୟକ ଯୁଦ୍ଧଭୂଇଁରେ ଲୋଟାଇ ଦେଲେ ତାଙ୍କ କ୍ଳାନ୍ତ ଅବସନ୍ନ ଶରୀରକୁ - ଚିରଦିନ ପାଇଁ ଆଖିବୁଜି ଶୋଇଗଲେ ଅନନ୍ତଶଯ୍ୟାରେ । ଜୀବନବ୍ୟାପୀ ସଂଗ୍ରାମ ପରେ ଏ ବିଶ୍ରାମ ଯେମିତି ଏକାନ୍ତ ଲୋଡ଼ା ଥିଲା ତାଙ୍କ ପାଇଁ ।

ଆଇନଷ୍ଟାଇନ ଗାନ୍ଧିଜୀଙ୍କ ସମ୍ପର୍କରେ ଥରେ କହିଥିଲେ - "Generations to come would scarce believe that such a man as this, ever in flesh and blood walked upon this earth."

ଗାନ୍ଧିଜୀଙ୍କୁ ଖୁବ୍ ଭଲପାଉଥିଲେ ସୁଭାଷ ବୋଷ, ନେହୁରୁ ଓ ଲୋହିଆ । ଏ ତିନିଜଣଙ୍କର ଲକ୍ଷ୍ୟ ମଧ୍ୟ ଏକ ଥିଲା - ଭାରତକୁ ସ୍ୱାଧୀନ କରିବା । ମାତ୍ର ସୁଭାଷ ବୋଷ ଗାନ୍ଧିଜୀଙ୍କ ଅହିଂସା ଅସହଯୋଗ ପଥକୁ ଗ୍ରହଣ ନ କରି ସଶସ୍ତ୍ର ସଂଗ୍ରାମକୁ ସାଧନ ରୂପେ ଗ୍ରହଣ କଲେ । ନେହୁରୁ ସ୍ୱାଧୀନତା ପର୍ଯ୍ୟନ୍ତ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ପୂର୍ଣ୍ଣପ୍ରାଣରେ ସମର୍ଥନ କରୁଥିଲେ । କିନ୍ତୁ ସ୍ୱାଧୀନତୋତ୍ତର କାଳରେ କ୍ଷମତା-ରାଜନୀତିକୁ ଆସି ସେ ନିଜର ପ୍ରତିଷ୍ଠା ପ୍ରତି ଅଧିକ ସଚେତନ ହେଲେ । ଗାନ୍ଧୀବାଦର ସଫଳ ରୂପାୟନ ଦିଗରେ ସେ ସମୁଚିତ ଧ୍ୟାନ ଦେଇପାରିଲେ ନାହିଁ । ଯେତେସବୁ ଯୋଜନା କରାଗଲା, ତାହାର ବାସ୍ତବ ରୂପ ଆଶାନୁରୂପକ ହୋଇପାରିଲା ନାହିଁ । କିନ୍ତୁ ଲୋହିଆ ଗାନ୍ଧିଜୀଙ୍କ ସମାନତା ଓ ଅନ୍ତୋଦୟ ସ୍ୱପ୍ନକୁ ଲୋକାଭିମୁଖୀ କରିବା ପାଇଁ ପୂର୍ଣ୍ଣପ୍ରାଣରେ ଲାଗିପଡ଼ିଲେ । ସମାଜର ତଳସ୍ତରର ଲୋକଙ୍କ ଉତ୍ଥାନ ପାଇଁ ସେ ଧ୍ୟାନ ଦେଲେ ।

ଗାନ୍ଧିଜୀଙ୍କ ମହାପ୍ରୟାଣ ଛାତ୍ର ରବି ରାୟଙ୍କୁ ଦାରୁଣ ଆଘାତ ଦେଇଥିଲା । ତାଙ୍କ ବିନା ଭାରତର କଳ୍ପନା କରିବା ଯେପରି ଅସମ୍ଭବ ମନେ ହୋଇଥିଲା । ମାତ୍ର ଗାନ୍ଧିଜୀଙ୍କର ଅନ୍ୟତମ ପ୍ରିୟ ଶିଷ୍ୟ ଲୋହିଆଙ୍କୁ ସେ ନିଜର ଆଦର୍ଶ ବୋଲି ଗ୍ରହଣ କଲେ । ଗାନ୍ଧିଜୀ ଯେଉଁ ରାମରାଜ୍ୟର ପରିକଳ୍ପନା କରିଥିଲେ, ତାହାର ମୂଳ ଆଧାରଶିଳା ଥିଲେ ସମାଜର ଦରିଦ୍ରତମ ଲୋକେ । ତାଙ୍କୁ ଉଠାଇ, ସେମାନଙ୍କର ଜୀବନଧାରାର ବିକାଶ କରି, ଦେଶକୁ ପ୍ରଗତି ପଥରେ ନେଇହେବ ବୋଲି ସେ ବିଚାର କରୁଥିଲେ । ଠିକ୍ ଏଇକଥା କହୁଥିଲେ ଡକ୍ଟର ଲୋହିଆ । ତାଙ୍କର ଚୌଖମ୍ବା ରାଜର ପରିକଳ୍ପନା ମଧ୍ୟ ଗାନ୍ଧିଜୀଙ୍କ ରାମରାଜ୍ୟ ପରିକଳ୍ପନାର ଆଉ ଏକ ଭିନ୍ନ ରୂପ ।

Digitized by srujanika@gmail.com

ଡକ୍ଟର ରାମମନୋହର ଲୋହିଆ ସେତେବେଳେ ଯୁବକ, ଯୁବଶକ୍ତିର ପ୍ରଚଣ୍ଡ ଦୀପ୍ତିରେ ଭାସ୍ୱର । ସମାଜବାଦୀ ପାର୍ଟିର ସେ ଅନ୍ୟତମ କର୍ଣ୍ଣଧାର । ଯୁବକ ରବି ରାୟଙ୍କୁ ଲୋହିଆ ଭାବ ଗଦ୍‌ଗଦ କଣ୍ଠରେ କହିଲେ - 'ଭାରତରେ ଗାନ୍ଧିଜୀଙ୍କୁ ବାଦ୍ ଦେଇ ସମାଜବାଦ କଥା ଚିନ୍ତା କରାଯାଇ ନ ପାରେ ।' ଲୋହିଆଙ୍କର ଏ ଭାବପ୍ରବଣତା ରବି ରାୟଙ୍କୁ ଗଭୀର ଭାବରେ ସ୍ପର୍ଶ କରିଥିଲା । ସେଦିନ ସେ ବୁଝିପାରିଥିଲେ, ପ୍ରକୃତରେ ଲୋହିଆ ହେଉଛନ୍ତି ସର୍ବାନ୍ତକରଣରେ ଗାନ୍ଧୀବାଦୀ - ଭାରତ ପାଇଁ ଗାନ୍ଧିଜୀ ଦେଖିଥିବା ସ୍ୱପ୍ନକୁ ସାକାର କରିବା ପାଇଁ ଲୋହିଆଙ୍କର ଆନ୍ତରିକତା ଓ ନିଷ୍ଠା ରହିଛି । ସେଇ ଦିନଠୁ ଲୋହିଆଙ୍କ ପ୍ରତି ଥିବା ତାଙ୍କର ଶ୍ରଦ୍ଧାଭକ୍ତି ବହୁଗୁଣରେ ବଢ଼ିଯାଇଥିଲା ।

୧୯୪୮ ମସିହାରେ ଲୋହିଆ ବାଲେଶ୍ୱର ଆସିଥା'ନ୍ତି ଓଡ଼ିଶାରେ ସମାଜବାଦୀ ଆନ୍ଦୋଳନର ପ୍ରଚାର ଓ ପ୍ରସାର ଏବଂ ଏହାକୁ ଲୋକାଭିମୁଖୀ କରିବାପାଇଁ । ତାଙ୍କର ଏଥରର ଓଡ଼ିଶାଗସ୍ତ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା, ସାରା ଓଡ଼ିଶା ବୁଲିବୁଲି ସେ ସମାଜବାଦୀ ଚେତନାକୁ ପ୍ରସାର କରିବେ ବୋଲି ଆସିଥାନ୍ତି । କଟକରୁ ଦୁଇଶହ ତିନିଶହ ଯୁବକ ବାଲେଶ୍ୱର ଗଲେ, ଲୋହିଆଙ୍କୁ ସାକ୍ଷାତ୍ କରିବା ପାଇଁ । ଏସବୁ ଆୟୋଜନର ଅଗ୍ରଭାଗରେ ଥିଲେ ରବି ରାୟ ।

ସେତେବେଳେ ଓଡ଼ିଶାରେ କଂଗ୍ରେସ ସରକାର । ସମାଜବାଦୀ ଆନ୍ଦୋଳନ ବାବଦରେ ସରକାରଙ୍କର ଅନୁଦାର ମନୋଭାବ, ବରଂ ବିଦ୍ୱେଷଭାବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଖିଳ ଭାରତୀୟ କଂଗ୍ରେସ ଦଳ ତରଫରୁ ଗୋଟେ ବିଜ୍ଞପ୍ତି ଜାରି କରାଯାଇଥାଏ, ଏମାନଙ୍କୁ ଆଦୌ କୌଣସି ସାହାଯ୍ୟ ସହଯୋଗ ନ କରିବାକୁ । ସେତେବେଳେ ଆଜିକାଲି ପରି ଏତେ ଗାଡ଼ି ମଟର ନ ଥିଲା । କାର୍ ଖଣ୍ଡେ ଆଖିରେ ପଡ଼ିବା ବଡ଼ କଥା ଥିଲା, ଯେଉଁ ଗାଡ଼ିମଟର ଖଣ୍ଡେ ଦିଖଣ୍ଡ ଥିଲା, ତା ଭିତରୁ ଅଧିକାଂଶ ଥିଲା ସରକାରଙ୍କର । ଲୋହିଆ ଓଡ଼ିଶା ଗସ୍ତରେ ଆସନ୍ତୁ, କଂଗ୍ରେସ ସରକାର ଏକଥା ଚାହୁ ନ ଥିଲେ । ତେଣୁ ସେ ଲୋହିଆଙ୍କୁ ଗାଡ଼ିଟିଏ ଦେଲେ ନାହିଁ । ବାଧହୋଇ ଲୋହିଆ ଗୋଟିଏ ଟ୍ରକଡାଲାରେ ବସି ଷ୍ଟେସନରୁ ସହର ଭିତରକୁ ଗଲେ । ବାଲେଶ୍ୱର ସହରରେ ସୋସାଲିଷ୍ଟ ପାର୍ଟିର ପ୍ରାନ୍ତୀୟ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେଉଥିଲା ।

ବାଲେଶ୍ୱରରେ ଲୋହିଆ ସମାଜବାଦୀ ପାର୍ଟିର ଯୁବକମାନଙ୍କ ସହିତ ଖୋଲାଖୋଲି ଭାବରେ ଆଲୋଚନା କଲେ । ସେମାନଙ୍କ ଦୃଷ୍ଟିଭଙ୍ଗୀରେ ନୂଆ ଚମକ ଦେଲେ । ଯୁବକମାନେ ସମାଜର ଅତି ତଳସ୍ତରର ଲୋକମାନଙ୍କ ସମସ୍ୟା ଓ ଜୀବନ ପ୍ରତି କିପରି ସଚେତନ ହେବା କଥା, ସେ ନେଇ ନାନା ଭାବରେ ବୁଝେଇ ଉପଦେଶ ଦେଲେ । ସେ ପ୍ରଶ୍ନ ଛଳରେ କହିଲେ - 'ତମେମାନେ ରିକ୍ସାବାଲାକୁ କ'ଣ ସମ୍ବୋଧନ କର ?' ଯୁବକମାନେ ଏପରି ଏକ ସାଧାରଣ ପ୍ରଶ୍ନ କଦାପି ଆଶା କରି ନ ଥିଲେ । ଜଣେ ବିଶିଷ୍ଟ

Digitized by srujanika@gmail.com

ରାଜନୀତିଜ୍ଞ ଏପରି ଗୋଟେ ପ୍ରଶ୍ନ ପଚାରିବାର ଅର୍ଥ କ'ଣ ହୋଇପାରେ, ତାହା ସେମାନଙ୍କ କଳ୍ପନା ବାହାରେ ଥିଲା । ପ୍ରଶ୍ନଟି ଶୁଣି ସେମାନେ ପ୍ରଥମେ ଟିକେ ହଡ଼ବଡ଼େଇ ଗଲେ । ତା ପରେ ଯାହା ଉତ୍ତର ଦେଲେ, ସେଥିରେ ଲୋହିଆ ସନ୍ତୁଷ୍ଟ ହେଲେ ନାହିଁ । ସେ ଭାରି ଶାନ୍ତ ଓ ଧୀର କଣ୍ଠରେ କହିଲେ, 'ଉପର ଲୋକକୁ ଆପଣ କହିବ ଓ ତଳ ଲୋକକୁ ତୁ କହିବ, ଇଏ ଭାରି ଖରାପ ଅଭ୍ୟାସ । ଏ ପରମ୍ପରା ଓ ଅଭ୍ୟାସକୁ ତମେମାନେ ଛାଡ଼ିବା ଉଚିତ ।' ସେ ଯୁବକମାନଙ୍କଠୁଁ ପ୍ରତିଶ୍ରୁତି ନେଲେ । ତଳ ଶ୍ରେଣୀର ଲୋକଙ୍କୁ ତୁ ତା, ରେ ରା, ବ୍ୟବହାର କରିବା ଉଚ୍ଚତର ମାନବବାଦର ପ୍ରତୀକ ନୁହେଁ । କୌଣସି ଲୋକ ଛୋଟ ନୁହେଁ; ସବୁ ମଣିଷ ସମାନ । ସେଦିନ ଲୋହିଆଙ୍କର ଏଇ କଥା କେଇପଦ ଯୁବକ ରବି ରାୟଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା ।

ଗାନ୍ଧିଜୀଙ୍କ ମହାପ୍ରୟାଣ ପରର ଘଟଣା । ସେତେବେଳେ ତରୁଣ ସମାଜବାଦୀ ସଂଘର ମୁଖ୍ୟ ଭାବରେ ରବି ରାୟ ସଙ୍ଗଠନ କାର୍ଯ୍ୟରେ ବେଶ ସକ୍ରିୟ ଥାନ୍ତି । କଟକ ଟାଉନ ହଲରେ ପ୍ରାୟ ପ୍ରତ୍ୟେକ ରବିବାର ଦିନ ସାପ୍ତାହିକୀ ପାଠଚକ୍ର ହୁଏ । ସେଦିନ ପଚାଶ ଷାଠିଏ ଜଣ ଝିଅ ପୁଅ ସାପ୍ତାହିକୀ ପାଠଚକ୍ର ପାଇଁ ବସିଥାନ୍ତି । ପାଠଚକ୍ରରେ ସମାଜବାଦର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ଚାଲିଥାଏ । ହଠାତ୍ ଖବର ମିଳିଲା ଯେ ଟାଉନହଲ-ପାଖକୁ ଲାଗି ଶ୍ରୀରାମଚନ୍ଦ୍ର ଭବନରେ ନୀଳକଣ୍ଠ ଦାସଙ୍କୁ ଆଣି ଆର.ଏସ.ଏସ୍. ବାଲା ସଭା କରିବେ । ରବି ରାୟ ଓ ଅନ୍ୟାନ୍ୟ ତରୁଣ ସମାଜବାଦୀଙ୍କ ଭିତରେ କଥା ଚାଲିଲା, 'କେମିତି ଏକଥା ହବ ? ତାଙ୍କର ଏଡ଼େ ବହପ । ଗାନ୍ଧୀ ଦେଶର ଜନକ । ତାଙ୍କୁ ଆର୍.ଏସ.ଏସ.ର ନାଥୁରାମ ଗଡ଼ସେ ହତ୍ୟା କରିଛି । ଆମେ ଥାଉଁ ଥାଉଁ ସେ ପୁଣି ଓଡ଼ିଶାର ସାଂସ୍କୃତିକ ରାଜଧାନୀ କଟକ ସହରରେ ନୀଳକଣ୍ଠ ଦାସଙ୍କୁ ଆଣି ସଭା କରିବେ ? ଅସମ୍ଭବ । ଆମେ କଦାପି ଏକଥା କରିବାକୁ ଦେବାନି ।'

ଶେଷରେ ସିଦ୍ଧାନ୍ତ ହେଲା ଯେ ସମସ୍ତେ ଯାଇ ରାମଚନ୍ଦ୍ର ଭବନର ସବୁ ଦ୍ୱାର ମୁହଁରେ ଶୋଇଯାଇ ସତ୍ୟାଗ୍ରହ କରିବେ । ନୀଳକଣ୍ଠ ଦାସ ଏମାନଙ୍କୁ ଡେଇଁଯାଇ ସଭାରେ ଯୋଗ ଦେବେ ନାହିଁ । ଏକଥା ସ୍ଥିର କରି ସମସ୍ତେ ରାମଚନ୍ଦ୍ରଭବନ ପାଖରେ ପହଞ୍ଚି ସ୍ଲୋଗାନ ଦେଲେ - ଆର.ଏସ.ଏସ. ହୁଅ ହୁସିଆର । ସୋସାଲିଷ୍ଟ ପାର୍ଟି ହୈ ତୟାର୍ ।

ସୋସାଲିଷ୍ଟ ପାର୍ଟି ଜିନ୍ଦାବାଦ, ମହାତ୍ମାଗାନ୍ଧୀ ଅମର ରହେ, ଡକ୍ଟର ଲୋହିଆ ଜିନ୍ଦାବାଦ... ଗାନ୍ଧି ହତ୍ୟାକାରୀ ଆର.ଏସ.ଏସ... ମୁର୍ଦ୍ଦାବାଦ... ପ୍ରଭୃତି ।

ସବୁ ସମାଜବାଦୀ ତରୁଣ ତରୁଣୀ ରାମଚନ୍ଦ୍ର ଭବନ ଦ୍ୱାରମୁହଁରେ ଚାରିପଟେ ଶୋଇଗଲେ । ନୀଳକଣ୍ଠ ଦାସ ପହଞ୍ଚି ଦେଖିଲେ ଯେ ସମାଜବାଦୀ ଦଳର ପିଲାମାନେ ଶୋଇ ବାଟ ଓଗାଳୁଛନ୍ତି, ସେ ଆଉ କାଳବିଳମ୍ବ ନ କରି ଫେରିଗଲେ । ସେ ଫେରିଯାଇ ସମାଜବାଦୀ ଦଳର ତୁଙ୍ଗନେତା ସୁରେନ୍ଦ୍ର ଦ୍ୱିବେଦୀଙ୍କୁ ଫୋନ କଲେ । ସୁରେନ୍ଦ୍ର ଦ୍ୱିବେଦୀ

Digitized by srujanika@gmail.com

ରବି ରାୟଙ୍କୁ ଡକେଇ ପଠେଇଲେ । ପାର୍ଟି ଅଫିସରେ ରବି ରାୟ ତାଙ୍କୁ ଭେଟିଲେ । ସୁରେନ୍ଦ୍ର ଦ୍ୱିବେଦୀ ରବି ରାୟଙ୍କୁ କହିଲେ - 'କ'ଣ ପାଇଁ ତମେମାନେ ସେଠି ଏସବୁ ଆଚରଣ କଲ ?' ରବି ରାୟ ରାଗିଯାଇ କହିଲେ - 'ଆପଣ କିଏ ? ଆମେ ତରୁଣ ସମାଜବାଦୀବାଲା ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କଲୁ । ଆମେ ତା' ପାଇଁ ଦାୟୀ । ସେମାନେ ନୀଳକଣ୍ଠ ଦାସଙ୍କୁ ନେଇ ସଭା କରନ୍ତୁ ଏକଥା ଆମେ ଚାହୁଁ ନ ଥିଲୁ । ତେଣୁ ଆମେ ତାର ପ୍ରତିରୋଧ କଲୁ । ସେମାନେ ଫେରିଗଲେ । ଭଲମନ୍ଦ ପାଇଁ ଆମେ ଦାୟୀ । ଆପଣ ସେଥିରେ ମୁଣ୍ଡ ଖେଳାନ୍ତୁ ନାହିଁ ।'

ସୁରେନ୍ଦ୍ର ଦ୍ୱିବେଦୀ ଆଉ କିଛି କହିଲେ ନାହିଁ । ଷ୍ଟେଟସ୍‌ମ୍ୟାନ କାଗଜ କଲିକତାରୁ ଏ ଘଟଣାକୁ ପ୍ରଶଂସା କରି ସମ୍ପାଦକୀୟ ଟିପ୍ପଣୀ କଲେ । ସେଦିନ ତରୁଣ ସମାଜବାଦୀମାନଙ୍କର ଏ ସଫଳତା ରବି ରାୟଙ୍କ ଆତ୍ମବିଶ୍ୱାସ ବଢ଼ାଇ ଦେଇଥିଲା ।

ଓଡ଼ିଶାର ପ୍ରଖ୍ୟାତ କମ୍ୟୁନିଷ୍ଟ ନେତା, ପୂର୍ବତନ ଲୋକସଭା ସଦସ୍ୟ ଲୋକନାଥ ଚୌଧୁରୀ ଥରେ କଥା ପ୍ରସଙ୍ଗରେ କହିଥିଲେ - 'ରବି ରାୟ ଛାତ୍ର ଅବସ୍ଥାରୁ ଆଜିଯାଏ ସବୁବେଳେ ଲୋକଙ୍କ ସପକ୍ଷରେ ହିଁ ରହିଛନ୍ତି । ସାଧାରଣ ଲୋକଙ୍କ କ୍ଷତି ହେଲାଭଳି କେବେ ସେ କିଛି କରି ନାହାନ୍ତି । ଆଜିକାଲି ରାଜନୀତି କେବଳ ବ୍ୟକ୍ତିଗତ ସ୍ତରରେ ସୀମାବଦ୍ଧ ହୋଇଗଲାଣି । ବ୍ୟକ୍ତିଗତ ସ୍ୱାର୍ଥ ଓ କ୍ଷମତା-ଲିପ୍‌ସା ହିଁ ଆଜିର ରାଜନୀତିକ କର୍ମ ପ୍ରବାହର ମୁଖ୍ୟ ଆଭିମୁଖ୍ୟ ହୋଇଛି । କିନ୍ତୁ ସେତେବେଳେ ଆଦର୍ଶ ବା ପ୍ରିନ୍ସିପ୍ଲ ପାଇଁ ରାଜନୀତି କରାଯାଉଥିଲା । ରବି ରାୟ ଜୀବନ ସାରା ରାଜନୀତିକ ଆଦର୍ଶର ପ୍ରତିଷ୍ଠା ଓ ମର୍ଯ୍ୟାଦା ପାଇଁ ରାଜନୀତି କରିଛନ୍ତି, ଲଢ଼େଇ କରିଛନ୍ତି । ସେ ହାରିଛନ୍ତି କି ଜିତିଛନ୍ତି, ସେକଥା ମୁଁ କହିପାରିବି ନାହିଁ । ସେକଥା ସମୟ କହିବ ।' ଲୋକନାଥ ଚୌଧୁରୀଙ୍କର ଏଇ କଥା କେଇପଦ ରବି ରାୟଙ୍କ ରାଜନୀତିକ ଜୀବନ ପ୍ରବାହର ଅନ୍ତରାଳରେ ଥିବା ମହାନ ଲକ୍ଷ୍ୟ ସମ୍ପର୍କରେ କିଛିଟା ଆଭାସ ଦେଇଥାଏ । ଏହି ରାଜନୀତିର ମୂଳପତ୍ତନ ପଡ଼ିଥିଲା ତାଙ୍କ ଛାତ୍ର ଜୀବନରେ, ଲୋହିଆଙ୍କ ପ୍ରେରଣାରେ । ସେଥିପାଇଁ ରାଜନୀତି କ୍ଷେତ୍ରରେ ଏହି ଉଚ୍ଚତର ମାନବବାଦକୁ ସେ ଚିରକାଳ ପ୍ରାଧାନ୍ୟ ଦେଇ ଆସିଛନ୍ତି । ଛାତ୍ରଜୀବନରୁ ଆଜିଯାଏ, ସେ ଲୋକଙ୍କ ସହିତ ହିଁ ରହିଆସିଛନ୍ତି । ସାଧାରଣ ଲୋକଙ୍କର ଛୋଟ ଛୋଟ ସମସ୍ୟାକୁ ସେ ଯେପରି ବୁଝିପାରନ୍ତି, ଜାତୀୟ ସ୍ତରର କ୍ୱଚିତ୍ ନେତା ତାହା ବୁଝିପାରନ୍ତି ।

୧୯୪୮ ମସିହାରେ ତିର୍ତ୍ତୋଲ-ଏରସମା ନିର୍ବାଚନ ମଣ୍ଡଳୀରୁ ସାରଙ୍ଗଧର ଦାସ ବିଧାୟକ ପଦରୁ ଇସ୍ତଫା ଦେବାରୁ ପୁଣି ଥରେ ଉପ-ନିର୍ବାଚନ ହେଲା । ସାରଙ୍ଗଧର ଦାସ କଂଗ୍ରେସ ଟିକେଟରୁ ଜିତିଥିଲେ । କିନ୍ତୁ ପରେ ସମାଜବାଦୀ ଦଳରେ ଯୋଗ ଦେବାରୁ ଇସ୍ତଫା ଦେଲେ । ସେତେବେଳେ ନିର୍ବାଚନ ଲଢ଼ିବାପାଇଁ ସ୍ୱତନ୍ତ୍ର ଆଇନ ଥିଲା । ସାବାଳକ

Digitized by srujanika@gmail.com

ଭୋଟ ବ୍ୟବସ୍ଥା ନ ଥିଲା । ଅର୍ଥାତ୍ ଯେଉଁମାନେ ଚଉକିଦାରୀ ଟିକସ ଦେଉଥିବେ, ଯେଉଁମାନଙ୍କର ଜମିବାଡ଼ି ସ୍ଥାବର ସମ୍ପତ୍ତି ଥିବ କିମ୍ବା ଯେଉଁମାନେ ମାଟ୍ରିକ ପାସ୍ କରିଥିବେ, ସେଇମାନେ କେବଳ ଏ ନିର୍ବାଚନରେ ଭୋଟ୍ ଦେଇପାରିବେ । କଂଗ୍ରେସ ଦଳରୁ ଏହି ନିର୍ବାଚନ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଥାନ୍ତି କୁଜଙ୍ଗ ଜମିଦାର ନାରାୟଣ ବୀରବର ସାମନ୍ତ । ସୋସାଲିଷ୍ଟ ପାର୍ଟିରୁ ନିର୍ବାଚନ ଲଢୁଥାନ୍ତି ନିଶାମଣି ଖୁଣ୍ଟିଆ ।

ଛାତ୍ରନେତା କର୍ମଠ ଓ ନିଷ୍ଠାପର ଯୁବକ ରବି ରାୟଙ୍କୁ ସୋସାଲିଷ୍ଟ ପାର୍ଟିର ନିର୍ବାଚନ ପ୍ରଚାରର ଅନେକ ଦାୟିତ୍ୱ ଦିଆଯାଇଥିଲା । ରବି ରାୟ ସେ ଅଞ୍ଚଳର ଯୁବକମାନଙ୍କୁ ସଙ୍ଗଠିତ କଲେ । ବହୁ ସମାଜବାଦୀ କର୍ମୀ, ଯୁବକ ଓ ଛାତ୍ର ମଧ୍ୟ କଟକରୁ ଯାଇ ରବି ରାୟଙ୍କୁ ପୂର୍ଣ୍ଣପ୍ରାଣରେ ସାହାଯ୍ୟ କରୁଥିଲେ । ତାଙ୍କର ଓଜସ୍ୱିନୀ ବକ୍ତୃତା, ଆକର୍ଷଣୀୟ ବ୍ୟକ୍ତିତ୍ୱ ଓ କର୍ମନିଷ୍ଠା ଲୋକଙ୍କୁ ଖୁବ୍ ପ୍ରଭାବିତ କରୁଥାଏ । ଗୋଟେ ପଟେ ସରକାର, ଆଉ ଗୋଟେ ପଟେ ଭୋକିଲା ଖାଲିପେଟ । ରବି ରାୟ ଏଇ ନିରନ୍ନ ଜନତାଙ୍କର ଅତ୍ୟନ୍ତ ପ୍ରିୟପାତ୍ର ହୋଇଥିଲେ । ସେ ଘର ଘର ବୁଲି ନିର୍ବାଚନ ପ୍ରଚାର କରୁଥାନ୍ତି । ଭୋକ କଲେ ଯେଉଁଠି ଯାହା ମିଳେ, ଖାଆନ୍ତି । ରାତି ହେଲେ ଆଖିକୁ ନିଦ ଆସିଲେ, ଯେଉଁଠି ଯାହା ଘରେ ଟିକେ ଥାନ ମିଳେ, ସେଇଠି ଶୋଇଯାଆନ୍ତି । ତାଙ୍କର କଥାବାର୍ତ୍ତା, ଆଚାରବିଚାର, ପ୍ରଚାର ଶୈଳୀ ସବୁକିଛି ଲୋକଙ୍କୁ ଭାରି ପ୍ରଭାବିତ କରୁଥାଏ । ହେଲେ, ସରକାରର ଶକ୍ତି ସାମର୍ଥ୍ୟ, ପୁଣି ସ୍ୱାଧୀନତା ପରେ ପରେ ସାରାଭାରତରେ କଂଗ୍ରେସଦଳର ଅଭୂତପୂର୍ବ ଲୋକପ୍ରିୟତା ବିରୋଧରେ ସମାଜବାଦୀ କର୍ମୀ ରବି ରାୟଙ୍କର ଏ ନିର୍ବାଚନ ପ୍ରଚାର କେତେଦୂର ବା ଫଳପ୍ରଦ ହୋଇପାରିଥାନ୍ତା ! ରବି ରାୟଙ୍କର ଉପାସଭୋକ, ରାତି ଅନିଦ୍ରା, କଷ୍ଟ କିଛି କାମ ଦେଲାନି । ସେଥର ବୀରବର ସାମନ୍ତ ନିର୍ବାଚନରେ ଜିତିଲେ । ନିଶାମଣି ଖୁଣ୍ଟିଆ ହାରିଗଲେ । ଏଇ ନିର୍ବାଚନ କଥା ସ୍ମରଣ କରି ଓଡ଼ିଶାର ତୁଙ୍ଗ ନେତା, ପରିବେଶବିତ୍ ବାଙ୍କବିହାରୀ ଦାସ କହନ୍ତି - ''ଏପରି ଘମାଘୋଟ ଲଢ଼େଇ ମୁଁ ଆଜିଯାଏ ଆଉ ଦେଖିନି । ନିର୍ବାଚନରେ ସମାଜବାଦୀ ଦଳକୁ ଜିତେଇବା ପାଇଁ ଯୁବକ ରବି ରାୟଙ୍କର କର୍ମନିଷ୍ଠା ଓ ସାଧନା ଦେଖିବା ପରି କଥା । ଆଦର୍ଶପାଇଁ ଏପରି ଆତ୍ମୋତ୍ସର୍ଗ ଓ ସଙ୍କଳ୍ପ ଯୁବକମାନଙ୍କ ପାଖରେ ଆଜିକାଲି ଆଉ ଦେଖାଯାଉନି ।''

ବିଶ୍ୱନାଥ ପଣ୍ଡିତ ଓ କଣ୍ଡୁରୀଚରଣ ମଳିକ ମଧ୍ୟ ସୋସାଲିଷ୍ଟ ପାର୍ଟି ପାଇଁ ପ୍ରଚାର କରୁଥାନ୍ତି । ମାତ୍ର ସେତେବେଳେ କଂଗ୍ରେସ ଶାସନ କ୍ଷମତାର ଅପବ୍ୟବହାର କରି ନିର୍ବାଚନ ବୈତରଣୀ ପାରିହୋଇଥିଲା । କିନ୍ତୁ ରବି ରାୟଙ୍କର ଏଇ ସୋସାଲିଷ୍ଟ ସଙ୍ଗଠନ ଓ ଦଳର ଆଦର୍ଶ ପ୍ରଚାର ବିଫଳ ହୋଇ ନ ଥିଲା । ତାକୁଇ ଭିତ୍ତିକରି ୧୯୫୨ ମସିହା ନିର୍ବାଚନରେ ନିଶାମଣି ଖୁଣ୍ଟିଆ ତିର୍ତ୍ତୋଲ-ଏରସମାରୁ ବିପୁଳସଂଖ୍ୟକ ଭୋଟରେ ଜୟଯୁକ୍ତ ହେଲେ ।

Digitized by srujanika@gmail.com

୧୯୫୨ ମସିହା କଥା । ଲୋହିଆ ତାଙ୍କ ତୋଫାନୀ ପୃଥିବୀ ଭ୍ରମଣ ସାରି ଫେରିଥାନ୍ତି । ତାଙ୍କ ମନରେ ଗୋଟେ ସ୍ୱପ୍ନ ଉଙ୍କି ମାରିଲା ଯେ ଏସିଆ ମହାଦେଶର ବିଭିନ୍ନ ସୋସିଆଲିଷ୍ଟ ପାର୍ଟିର ଏକ ସମ୍ମିଳନୀ ଆୟୋଜନ କରିବା ପାଇଁ । ଏହି ସ୍ୱପ୍ନ ତାଙ୍କର ସଫଳ ହେଲା, ୧୯୫୨ ମସିହା ମାର୍ଚ୍ଚ ୨୫ ତାରିଖରୁ ୨୯ ତାରିଖ ଯାଏ ବର୍ମାରେ ଆୟୋଜିତ ସମ୍ମିଳନୀରେ । ବର୍ମାର ରେଙ୍ଗୁନଠାରେ 'ଏସିଆନ ସୋସାଲିଷ୍ଟ କନଫରେନ୍‌ସ'ର ମୂଳଭିତ୍ତି ପଡ଼ିଲା । ୧୯୫୩ ମସିହା ଜାନୁଆରୀରେ ଏହି ସମ୍ମିଳନୀ ରେଙ୍ଗୁନଠାରେ ଆରମ୍ଭ ହେଲା । ଏହା ଥିଲା ସୋସାଲିଷ୍ଟ ପାର୍ଟିର ସବୁଠାରୁ ବଡ଼ ଉତ୍ସବ । ୟୁ ନୁ (Yu Nu) ଥାନ୍ତି ବର୍ମାର ପ୍ରଧାନମନ୍ତ୍ରୀ । ଇଣ୍ଡୋନେସିଆର ପ୍ରତିନିଧି ଦଳରେ ସେ ଦେଶର ପୂର୍ବତନ ପ୍ରେସିଡେଣ୍ଟ ସୁଲତାନି ସାରିୟାର, ୟୁଗୋସ୍ଲୋଭିଆର ଭାଇସ ପ୍ରେସିଡେଣ୍ଟ ମିଲୋଭାନ ଜିଲସ ଆସିଥାନ୍ତି । ଇଂଲଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଲି ସାହେବ ମଧ ଏହି ସମ୍ମିଳନୀରେ ଯୋଗ ଦେଇଥାନ୍ତି ।

ରବି ରାୟଙ୍କର ଘନିଷ୍ଠ ବନ୍ଧୁ, ସମାଜବାଦୀ ଆନ୍ଦୋଳନର ଯୁବନେତା ଦେବୀପ୍ରସନ୍ନ ପଟ୍ଟନାୟକ (ପରେ ଭାରତୀୟ ଭାଷାପରିଷଦର ଡାଇରେକ୍ଟର, ମହୀଶୂରରେ ଥିବା ଭାରତୀୟ ଭାଷାର କେନ୍ଦ୍ରୀୟ ଅନୁଷ୍ଠାନର ପ୍ରତିଷ୍ଠାତା-ଡାଇରେକ୍ଟର) ଓଡ଼ିଶାରୁ ଏ ସମାବେଶରେ ମଧ ଯୋଗ ଦେଇଥାନ୍ତି । ଜୟପ୍ରକାଶ ନାରାୟଣ ଭାରତୀୟ ପ୍ରତିନିଧି ଦଳର ନେତା ଭାବରେ ରେଙ୍ଗୁନ ଗଲେ । ମାତ୍ର କୌଣସି ରାଜନୀତିକ କାରଣରୁ ଲୋହିଆ ସେହି ସମ୍ମେଳନରେ ଯୋଗ ଦେଇପାରିଲେ ନାହିଁ । ସୋସାଲିଷ୍ଟ ପାର୍ଟିର ପ୍ରାୟ ଅଧିକାଂଶ ଲୋକ ଆଶା କରିଥିଲେ ଯେ ସେମାନେ ଏସିଆର ସମାଜବାଦୀମାନଙ୍କୁ 'ନେହେରୁ - ମାଓସେତୁଙ୍ଗ'ଙ୍କ ରାଜନୀତିରୁ ଅଲଗା ରଖିବାପାଇଁ ନେତୃତ୍ୱ ଦେବେ । କିନ୍ତୁ ହେଲା ଠିକ୍ ଓଲଟା । ସେଇଠି ଜୟପ୍ରକାଶ ନାରାୟଣ ଭାରତର ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ଜଣେ ମହାନ ବ୍ୟକ୍ତିରୂପେ ଅଭିହିତ କରି କହିଲେ ଯେ, ତାଙ୍କ ହାତରେ ହିନ୍ଦୁସ୍ଥାନର ଭବିଷ୍ୟତ୍ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି । ଏହାଦ୍ୱାରା ଏସିଆର ଅନ୍ୟ ସମାଜବାଦୀମାନଙ୍କ ମନରେ ବଡ଼ ହତାଶା ଓ ଅନ୍ତର୍ବିବାଦ ଦେଖାଦେଲା । 'ଏସିଆନ୍ ସୋସାଲିଷ୍ଟ କନଫରେନ୍ସ' ଜନ୍ମ ନେଉ ନେଉ ଶେଷ ହୋଇଗଲା ।

ଓଡ଼ିଶାର ସମାଜବାଦୀ ଆନ୍ଦୋଳନର ଟାଣୁଆକର୍ମୀ ଓ ରବି ରାୟଙ୍କର ଅନ୍ତରଙ୍ଗ ବନ୍ଧୁ ଦେବୀପ୍ରସନ୍ନ ପଟ୍ଟନାୟକ ଘୋର ନୈରାଶ୍ୟରେ ରେଙ୍ଗୁନରୁ ଫେରିଲେ । ତାଙ୍କପରି ବହୁ ସମାଜବାଦୀ ଛାତ୍ରନେତା ସୋସାଲିଷ୍ଟ ପାର୍ଟି ପ୍ରତି ବୀତସ୍ପୃହ ହୋଇପଡ଼ିଲେ । ଅନେକ ରାଜନୀତି ଛାଡ଼ିଦେଇ ଜୀବନର ଗତିପଥ ବଦଳେଇ ନେଲେ । ମାତ୍ର ସୋସାଲିଷ୍ଟ ପାର୍ଟି ଓ ଏହାର କର୍ଣ୍ଣଧାର ଲୋହିଆଙ୍କ ପ୍ରତି ରବି ରାୟଙ୍କ ଆନୁଗତ୍ୟ ଓ ଶ୍ରଦ୍ଧା ସେମିତି ଅତୁଟ ରହିଥିଲା ।

Digitized by srujanika@gmail.com

୧୯୫୨-୫୩ ମସିହା, ସମାଜବାଦୀ ପାର୍ଟି ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ କାଳ । କଂଗ୍ରେସର କାର୍ଯ୍ୟକଳାପରେ ବିରକ୍ତି ପ୍ରକାଶ କରି କଂଗ୍ରେସର ବିଶିଷ୍ଟ ଗାନ୍ଧିବାଦୀ ଆଚାର୍ଯ୍ୟ କୃପାଳିନୀ, ପ୍ରଫୁଲ୍ଲ ଚନ୍ଦ୍ର ଘୋଷ ଏବଂ ଟି. ପ୍ରକାଶମ୍‌ଙ୍କ ପରି ଟାଣୁଆ ନେତା କଂଗ୍ରେସ ଦଳ ଛାଡ଼ି ଦେଇ 'କିଷାନ ମଜଦୁର ପ୍ରଜା ପାର୍ଟି' ଗଠନ କଲେ ଓ ୧୯୫୨ ନିର୍ବାଚନ ଲଢ଼ିଲେ । ମାତ୍ର ସୋସାଲିଷ୍ଟ ପାର୍ଟି ପରି ଏମାନଙ୍କୁ ମଧ୍ୟ ନିର୍ବାଚନରେ ଆଶାନୁରୂପକ ସଫଳତା ମିଳିଲା ନାହିଁ । ଏହି ନିର୍ବାଚନ ପ୍ରକ୍ରିୟାରୁ କ୍ରମଶଃ ଏ ଦୁଇଦଳ ପରସ୍ପରର ନିକଟବର୍ତ୍ତୀ ହେଲେ । ଏହି ଦୁଇ କଂଗ୍ରେସ ବିରୋଧୀ ଦଳର ମିଶ୍ରଣ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହେଲା । ଅଧିକାଂଶଙ୍କର ବିଶ୍ୱାସ ଥିଲା ଯେ ଏ ଦୁଇଦଳର ମିଳିତ ଶକ୍ତି ଭାରତୀୟ ରାଜନୀତିରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ।

୧୯୫୨ ମସିହା ସେପ୍ଟେମ୍ବର ୨୪ ଓ ୨୫ ତାରିଖ ଦୁଇଦିନ ଧରି ବମ୍ବେଠାରେ ସୋସାଲିଷ୍ଟ ପାର୍ଟିର ଜାତୀୟ ପରିଷଦ ବସିଲା ଏବଂ ଏହି ଦୁଇଦଳର ମିଶ୍ରଣ ପାଇଁ ସିଦ୍ଧାନ୍ତ ନିଆଗଲା । ୨୬ ତାରିଖ ଦିନ ଏହି ଦୁଇଦଳର ସଂଯୁକ୍ତ ବୈଠକରେ ପ୍ରଜା-ସୋସାଲିଷ୍ଟ ପାର୍ଟିର ଜନ୍ମ ହେଲା । ରବି ରାୟ ଓଡ଼ିଶାରୁ ସୋସାଲିଷ୍ଟ ପାର୍ଟିର ପ୍ରତିନିଧି ରୂପରେ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ଜାତୀୟ ସ୍ତରରେ ଏପରି ଏକ ମିଶ୍ରଣ ତାଙ୍କୁ ଗଭୀର ଆଶାବାଦୀ କରିଥିଲା । ତାଙ୍କର ବିଶ୍ୱାସ ଥିଲା, ଏହି ନୂଆଦଳ ଦେଶର ସର୍ବସାଧାରଣଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବ ଓ ଦେଶରେ ସମାଜବାଦର ସଫଳ ରୂପାୟନ ହେବ ।

୧୯୫୩ ମସିହା ଡିସେମ୍ବର ୨୯ ତାରିଖରୁ ୩୧ ତାରିଖ ଯାଏ ଏଲହାବାଦଠାରେ ପ୍ରଜା-ସୋସାଲିଷ୍ଟ ପାର୍ଟିର ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହେଲା । ଆଚାର୍ଯ୍ୟ କୃପାଳିନୀ, ଆଚାର୍ଯ୍ୟ ନରେନ୍ଦ୍ରଦେବ, ଜୟପ୍ରକାଶ ନାରାୟଣ, ଲୋହିଆ, ଅଶୋକ ମେହେଟ୍ଟାଙ୍କ ପରି ମହାନ ନେତୃବୃନ୍ଦ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ଓଡ଼ିଶାରୁ ରବି ରାୟ ମଧ୍ୟ ସମ୍ମିଳନୀରେ ଯୋଗଦେବାପାଇଁ ଏଲହାବାଦ ଯାତ୍ରା କଲେ । ସମ୍ମିଳନୀ ବେଶ୍ ଫଳପ୍ରଦ ହୋଇଥିଲା । କୃଷକ, ଶ୍ରମିକ ଓ ଯୁବକମାନଙ୍କ ନାନାବିଧ ସମସ୍ୟା ଓ ତାର ନିରାକରଣ ସମ୍ପର୍କରେ ନାନା ବିଚାର-ବିମର୍ଶ ଚାଲିଲା । ଯୁବକ ରବି ରାୟ ଏଥିରେ ସକ୍ରିୟ ଅଂଶ ଗ୍ରହଣ କଲେ । ଲୋହିଆ ଯେଉଁସବୁ ସିଦ୍ଧାନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ, ତାହା 'ଏଲାହାବାଦ ଥିସିସ' ବା 'ଲୋହିଆ ଥେସିସ' ଭାବରେ ଭାରତୀୟ ରାଜନୀତିକ ଦର୍ଶନରେ ବେଶ୍ ଜଣାଶୁଣା । ଶାସନ ବିକେନ୍ଦ୍ରୀକରଣ, ଆର୍ଥିକ ସମାନତା, କୃଷି ଓ ଶିକ୍ଷନୀତି - ଏଇ ଚାରୋଟି ମୁଖ୍ୟ କଥା ତାଙ୍କ ଆଲୋଚନାର ଆଧାର ଥିଲା । ସେଇ ସମ୍ମିଳନୀରେ ଲୋହିଆ ପ୍ରଜା-ସୋସାଲିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ ନିର୍ବାଚିତ

Digitized by srujanika@gmail.com

ହେଲେ । ରବି ରାୟ ଅଖିଳ ଭାରତୀୟ ସମାଜବାଦୀ ଯୁବକ ସଭାର ଜଏଣ୍ଟ ସେକ୍ରେଟାରୀ ରୂପେ ନିର୍ବାଚିତ ହେଲେ ।

ନେହେରୁ ଥିଲେ ଜଣେ ସୁଚତୁର ରାଜନୀତିଜ୍ଞ । ସେ କଂଗ୍ରେସ ବିରୋଧୀ ପ୍ରଜା-ସୋସାଲିଷ୍ଟ ପାର୍ଟିର ଲୋକପ୍ରିୟତା ଓ ସଙ୍ଗଠନକୁ ଦୁର୍ବଳ କରିଦେବାକୁ ଭିତରେ ଭିତରେ ଯୋଜନା କଲେ । ୧୯୫୩ ମସିହା ଫେବୃଆରୀ ମାସରେ ସେ ଜୟପ୍ରକାଶ ନାରାୟଣଙ୍କୁ ନିଜ ପାଖକୁ ଡାକିଲେ ଓ ସରକାରୀ ବେସରକାରୀ ବ୍ୟବସ୍ଥା, ଦେଶର ରାଜନୀତି ପ୍ରଭୃତି ବିଷୟରେ ଚର୍ଚ୍ଚା କଲେ । ଠିକ୍ ଅନୁରୂପ ଭାବରେ ସେ ଆଚାର୍ଯ୍ୟ କୃପାଳିନୀ ଓ ଆଚାର୍ଯ୍ୟ ନରେନ୍ଦ୍ରଦେବଙ୍କୁ ମଧ ଡାକିଲେ । କହିବା ବାହୁଲ୍ୟ, ସେ ପରୋକ୍ଷରେ ଏହି ନେତାମାନଙ୍କ ମନରେ ମୋହ ସୃଷ୍ଟି କରିବାକୁ ଚେଷ୍ଟା କଲେ । ଏହି ଦ୍ୱନ୍ଦ୍ୱ ଭିତରେ ପଡ଼ି ଜୟପ୍ରକାଶ ନାରାୟଣଙ୍କ ପରି ଜଣେ ବଳିଷ୍ଠ ନେତା ଘୋର ନୈରାଶ୍ୟରେ ଭୂଦାନ ଆନ୍ଦୋଳନରେ ଯୋଗ ଦେଲେ ଓ ନୀରବରେ ସକ୍ରିୟ ରାଜନୀତିରୁ ନିଜକୁ ଦୂରେଇ ନେଲେ । ନେହୁରୁ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରି ପ୍ରଜା-ସୋସାଲିଷ୍ଟ ପାର୍ଟିକୁ ଦୁର୍ବଳ କରିଦେବାକୁ ପ୍ରଚେଷ୍ଟା କରୁଥିଲେ ଓ ଏହାର ସୁଯୋଗ ଅପେକ୍ଷାରେ ଥିଲେ ।

୧୯୫୩ ସାଲ ଅଗଷ୍ଟ ମାସରେ ଉତ୍ତର ପ୍ରଦେଶ ଆଜମଗଡ଼ଠାରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକି ଉଠିଲା । କୃଷକମାନେ ଭୂମି ସତ୍ୟାଗ୍ରହ କରି ବେଶ୍ ଦୃଢ଼ତାର ସହିତ ସରକାରଙ୍କ ସହିତ ଲଢୁଥାନ୍ତି । ସରକାରୀ କାଗଜପତ୍ରରେ ଭୁଲ ରାଜସ୍ୱ ଦେଖେଇ ଲୋକଙ୍କଠାରୁ ରାଜସ୍ୱ ଆଦାୟ କରାଯାଉଥିଲା । କୃଷକମାନେ ତା'ର ବିରୋଧ କଲେ । ଏହି ସତ୍ୟାଗ୍ରହ ଆନ୍ଦୋଳନରେ ଭାଗ ନେଇ ଶହ ଶହ କୃଷକ କାରାବରଣ କଲେ । ପୁଲିସର ଅକଥନୀୟ ଦମନଲୀଳାରେ ସ୍ତ୍ରୀଲୋକମାନେ ମଧ ଶରବ୍ୟ ହେଉଥିଲେ । ଲୋହିଆ ଏହି କୃଷକ ଆନ୍ଦୋଳନକୁ ଦେଶବ୍ୟାପୀ ଆନ୍ଦୋଳନର ରୂପ ଦେଲେ । ଓଡ଼ିଶାରେ ରବି ରାୟ ଏହି କୃଷକ ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିଲେ । ଓଡ଼ିଶାସାରା କୃଷକ ଆନ୍ଦୋଳନ ତେଜି ଉଠିଲା । ରବି ରାୟ ଓଡ଼ିଆ କୃଷକ ଆନ୍ଦୋଳନର ଜଣେ ସକ୍ରିୟ ସଙ୍ଗଠକ ଭାବରେ କାର୍ଯ୍ୟ କରୁଥିଲେ । ଏହି କୃଷକ ଆନ୍ଦୋଳନ ପରବର୍ତ୍ତୀ କାଳରେ ଆହୁରି ସ୍ପଷ୍ଟ ରୂପରେ ଉଭା ହେଲା । ୧୯୫୪ ମସିହାରେ ଜଳକର ବିରୋଧରେ କୃଷକମାନେ ଆନ୍ଦୋଳନ କଲେ । ଉତ୍ତରପ୍ରଦେଶର କୃଷକମାନେ ଦାବି କଲେ ଯେ ସେମାନେ ବର୍ଦ୍ଧିତ ଜଳକର ଦେବେ ନାହିଁ ।

ଲୋହିଆ ଉତ୍ତରପ୍ରଦେଶ ସାରା ବୁଲିବୁଲି ଏହି କୃଷକ ଆନ୍ଦୋଳନକୁ ତ୍ୱରାନ୍ୱିତ କରୁଥିଲେ । ଚାରିଆଡ଼େ ଆନ୍ଦୋଳନ ତେଜି ଉଠିଲା । ସରକାର ଜଳକରକୁ ଦୁଇଗୁଣରୁ ସାତଗୁଣକୁ ବଢ଼ାଇ ଦେଇଥିଲେ । ତାହା ନ ଦେବାକୁ କୃଷକମାନେ ଆନ୍ଦୋଳନ କଲେ । ବିପ୍ଳବର ଅଗ୍ନି ଜଳି ଉଠିଲା । ସରକାର ଲୋହିଆଙ୍କୁ ଗିରଫ କରି ନେଲେ । ପନ୍ଦରଶହରୁ

Digitized by srujanika@gmail.com

ଉର୍ଦ୍ଧ୍ୱ କୃଷକ ଏହି ଆନ୍ଦୋଳନରେ ଭାଗନେଇ କାରାବରଣ କରିଥିଲେ । ଲୋହିଆଙ୍କୁ ଫାରୁକାବାଦ ଜେଲ ଭିତରେ ରଖାଗଲା । ଦୁଇଦିନ ପରେ ମାଜିଷ୍ଟ୍ରେଟ ଜେଲ ଭିତରକୁ ଲୋହିଆଙ୍କ ମକଦମାର ବିଚାରପାଇଁ ଆସିଲେ ଏବଂ ଜେଲ ଭିତରେ କୋର୍ଟ କରି ବିଚାର କରାଗଲା । କିନ୍ତୁ ଲୋହିଆ ଏହାର ଘୋର ବିରୋଧ କରି ଉଚ୍ଚ ନ୍ୟାୟାଳୟକୁ ଅର୍ଜି ଦେଲେ । ନ୍ୟାୟାଳୟ ଏହି ଅର୍ଜିକୁ ମଞ୍ଜୁର କଲେ ।

'ଭାଷଣପାଇଁ ଗିରଫଦାରୀ ଅନୈତିକତା' ଓ 'ଆପଣା ନ୍ୟାଯ୍ୟ ଦାବି ନିମନ୍ତେ ଲଢ଼େଇର ଆଇନଗତ ମାନ୍ୟତା' ଆଦି କେତୋଟି ପ୍ରଶ୍ନକୁ ଭିତ୍ତି କରି ଏଲାହାବାଦ କୋର୍ଟରେ 'ହେଭିୟସ କରପ୍ସ' ଦରଖାସ୍ତର ସହଯୋଗୀ ଧର୍ମବୀର ଗୋସ୍ୱାମୀଙ୍କ ମାରଫତରେ ଦାଖଲ କଲେ । ଜୁଲାଇ ୨୧ ତାରିଖରେ ତାଙ୍କୁ ନୈନୀ ଜେଲକୁ ଅଣାଗଲା । ସେଠି ତାଙ୍କୁ ଘେରି ଯାଇଥିବା ସାମ୍ବାଦିକମାନଙ୍କ ଆଗରେ ସେ ସରକାରଙ୍କର ବହୁ ତ୍ରୁଟିପୂର୍ଣ୍ଣ ନୀତିକୁ କଟୁ ସମାଲୋଚନା କରି ମନ୍ତବ୍ୟ ଦେଲେ । ସ୍ୱାଧୀନ ଭାରତରେ ଗଣତନ୍ତ୍ର ଓ ସ୍ୱାଧିକାରର ଅପବ୍ୟବହାର ସମ୍ପର୍କରେ ଉଲ୍ଲେଖ କରି ସେ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ । ସେ ଲେଖିଥିଲେ - 'ଯୁଗେ ଯୁଗେ ଅନ୍ୟାୟ ବିରୋଧରେ ଲଢ଼େଇ କରିବାର ଅଧିକାର ମଣିଷର ଅଛି । ଗାନ୍ଧିଜୀଙ୍କ ଅନୁସାରେ ଗଣତନ୍ତ୍ରରେ ସତ୍ୟାଗ୍ରହ କରିବାର ଅଧିକାର ଅଛି ।'

କିନ୍ତୁ ନେହରୁ ସେତେବେଳେ କ୍ଷମତାସୀନ ପ୍ରବଳପ୍ରତାପୀ ରାଜଶକ୍ତି । ନେହରୁଙ୍କର ଏ ସଂକ୍ରାନ୍ତରେ ମତ ଥିଲା - 'ସ୍ୱାଧୀନ ଭାରତରେ ସତ୍ୟାଗ୍ରହ କରିବାର ଅଧିକାର ଲୋକଙ୍କର ନାହିଁ ।' ଏ ସମ୍ପର୍କରେ ଅବଶ୍ୟ ରାଷ୍ଟ୍ରପତି କୌଣସି ସିଦ୍ଧାନ୍ତ ଗ୍ରହଣ କରିପାରି ନ ଥିଲେ । ମାତ୍ର ହାଇକୋର୍ଟର ନ୍ୟାୟପ୍ରଦାନ ପରେ ଏହା ସ୍ପଷ୍ଟ ହେଲା ଯେ ଲୋହିଆ ଯାହା କହୁଥିଲେ, ତାହା ଠିକ୍ । ଗଣତନ୍ତ୍ରରେ ସତ୍ୟାଗ୍ରହ କରିବା ଓ ଅନ୍ୟାୟ ବିରୋଧରେ ଲଢ଼େଇ କରିବା ଅଧିକାର ଲୋକଙ୍କର ଅଛି ।

ଲୋହିଆଙ୍କ କେଶ୍ ଦେଶର ରାଜନୀତିକ ବାତାବରଣକୁ ବେଶ କିଛିଦିନ ସରଗରମ କରିଦେଇଥିଲା । ଲୋହିଆ କୋର୍ଟରେ ନିଜ ସପକ୍ଷରେ ଯୁକ୍ତି ନ ବାଢ଼ି, ଦେଶରେ ଗଣତନ୍ତ୍ରର ସୁରକ୍ଷା ଓ ମର୍ଯ୍ୟାଦା ସମ୍ପର୍କରେ ନାନା ଭାବରେ ଆଲୋକପାତ କଲେ । ନେହରୁ ସରକାର କିପରି ପରାଧୀନ ଭାରତର ୧୯୩୨ ସାଲର 'ସ୍ପେଶାଲ ପାୱାର ଆକ୍ଟ' ବଳରେ ତାଙ୍କୁ ଭାଷଣ ଦେଉଥିବା ଯୋଗୁଁ ସ୍ୱାଧୀନତା ପରେ ବି ଗିରଫ କରିଛନ୍ତି, ସେ ସମ୍ପର୍କରେ ଦୃଢ଼ଭାବରେ ସମାଲୋଚନା କରିଥିଲେ । ବହୁ ତର୍କବିତର୍କ ଚାଲିଲା । ଶେଷରେ ବିଚାରପତି ଅଗ୍ରୱାଲଙ୍କ ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ଫଇସଲା ପରେ ଲୋହିଆ ଅଗଷ୍ଟ ୨୦ ତାରିଖରେ ଜେଲରୁ ଖଲାସ ହେଲେ ।

Digitized by srujanika@gmail.com

ଏହି ସମୟରେ ଓଡ଼ିଶାରେ ଶ୍ରମିକ ଓ କୃଷକମାନଙ୍କ ଆନ୍ଦୋଳନ ବେଶ୍ ଉଲ୍ଲେଖଯୋଗ୍ୟ । ରବି ରାୟ ଯୁବଜନସୁଲଭ ପ୍ରତିଜ୍ଞା ଓ ସଂକଳ୍ପ ନେଇ ଏହି ଆନ୍ଦୋଳନରେ ଅବତୀର୍ଣ୍ଣ ହୋଇଥିଲେ । ସମାଜର ଶୋଷିତବର୍ଗର ଲୋକଙ୍କର ସବୁପ୍ରକାର ସମସ୍ୟାରେ ସେ ନିଜକୁ ଜଡ଼ିତ କରି ରଖିଥିଲେ । ଏ ଆନ୍ଦୋଳନ କେବଳ ସହରରେ ସୀମିତ ନ ଥିଲା । ସେ ଗାଁକୁ ଗାଁ ବୁଲି କୃଷକମାନଙ୍କୁ ସେମାନଙ୍କର ସ୍ୱାଧିକାର ସମ୍ପର୍କରେ ସଚେତନ କରାଉଥିଲେ । ଓଡ଼ିଶାର କୃଷକ ଆନ୍ଦୋଳନରେ ରବି ରାୟ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ ଥିବାରୁ ତାଙ୍କ ଉପରେ ତତ୍‌କାଳୀନ ସରକାରଙ୍କର ତୀକ୍ଷ୍ଣ ଦୃଷ୍ଟି ରହିଥିଲା । ଏହି କୃଷକ ଆନ୍ଦୋଳନ ମୁଖ୍ୟତଃ ସମାଜବାଦୀ ନେତା ଓ କର୍ମୀମାନଙ୍କଦ୍ୱାରା ପରିଚାଳିତ ହେଉଥିଲା ।

ଏହା ଥିଲା ସୋସ୍ୟାଲିଷ୍ଟ ପାର୍ଟି ପାଇଁ ଏକ ଚରମ ପରୀକ୍ଷାର କାଳ । ଲୋହିଆ ଯେତେବେଳେ ନୈନୀ ଜେଲରେ, ସେତେବେଳେ ତାଙ୍କର ଏଇ କୃଷକ ଆନ୍ଦୋଳନ ଓ ଗଣତନ୍ତ୍ରରେ ବାକ୍‌ସ୍ୱାଧୀନତା ପାଇଁ ଲଢ଼େଇ ସାରା ଭାରତରେ ସମାଜବାଦୀ ଆଦର୍ଶରେ ବିଶ୍ୱାସ କରୁଥିବା ସବୁଲୋକଙ୍କୁ ବେଶ ସନ୍ତୁଳିତ କରୁଥାଏ । ଓଡ଼ିଶା ମଧ୍ୟ ଏହି ରାଜନୀତିକ ଉଦ୍‌ବେଳନରୁ ଦୂରରେ ନ ଥାଏ । ଓଡ଼ିଶାରେ ମଧ୍ୟ ଭାରତର ଅନ୍ୟାନ୍ୟ ପ୍ରାନ୍ତ ଭଳି ସମାଜବାଦୀ ଆନ୍ଦୋଳନ ଜୋରସୋରରେ ଚାଲୁଥାଏ । ରବି ରାୟ ପୂରାପୂରି ଏ ଆନ୍ଦୋଳନରେ ଝାସ ଦେଇଥାନ୍ତି । ଡକ୍ଟର ଲୋହିଆ ତାଙ୍କ ରାଜନୀତିକ ଆଦର୍ଶର ଗୁରୁ । ତେଣୁ ଲୋହିଆଙ୍କ ଏ ଚରମ ପରୀକ୍ଷା ସମୟରେ ସେ ଆଉ ସ୍ଥିର ହୋଇ ବସିବା ସମ୍ଭବ ନ ଥିଲା । ଗରିବ ଲୋକଙ୍କର ଉତ୍‌ଥାନ ଓ ସମାଜରେ ସେମାନଙ୍କର ଆର୍ଥନୀତିକ ଓ ସାମାଜିକ ସ୍ଥିତିକୁ ସୁଦୃଢ଼ କରିବାପାଇଁ ଯୁବକ ରବି ରାୟ ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲି ଏହି ଆଦର୍ଶବାଦୀ ଆନ୍ଦୋଳନ ସମ୍ପର୍କରେ ଲୋକଙ୍କର ଦୃଷ୍ଟି ଆକର୍ଷଣ କରୁଥାନ୍ତି । ସମାଜର ଦଳିତସ୍ତରର ଲୋକମାନଙ୍କୁ ଏହି ଆନ୍ଦୋଳନରେ ଅଧିକରୁ ଅଧିକ ସାମିଲ କରିବାପାଇଁ ଆପ୍ରାଣ ଚେଷ୍ଟା କରୁଥାନ୍ତି ।

ଠିକ୍ ଏତିକିବେଳେ କେରଳରେ (ତତ୍‌କାଳୀନ ତ୍ରାଭାଙ୍କର କୋଚିନ) ଗୋଟିଏ ଉଲ୍ଲେଖନୀୟ ଘଟଣା ଘଟିଲା, ଯାହା ସମାଜବାଦୀ ଆନ୍ଦୋଳନର ପ୍ରଧାନ ଲକ୍ଷ୍ୟ ଓ ଆଦର୍ଶକୁ କୁଠାରାଘାତ କଲା । ସେତେବେଳେ କେରଳରେ ପ୍ରଜା ସୋସାଲିଷ୍ଟ ପାର୍ଟିର ସରକାର ଚାଲିଥାଏ । ମୁଖ୍ୟମନ୍ତ୍ରୀ ଥାନ୍ତି କେରଳ ପ୍ରଜା ସୋସାଲିଷ୍ଟ ପାର୍ଟିର ପଟ୍ଟମଥାନୁପିଲାଇ । ଏଣେ ବିଧାନସଭାରେ ପ୍ରଜା ସୋସାଲିଷ୍ଟ ପାର୍ଟିର ସଂଖ୍ୟାଗରିଷ୍ଠତା ନ ଥାଏ । କଂଗ୍ରେସଦଳ ମନ୍ତ୍ରିମଣ୍ଡଳରେ ସାମିଲ ନ ହୋଇ ବାହାରୁ ସରକାରକୁ ସମର୍ଥନ ଦେଉଥାଏ । ସ୍ୱାଧୀନତା ପରେ ଭାରତବର୍ଷରେ ପ୍ରଥମ ସଂଖ୍ୟାଲଘୁ ସରକାର (ମାଇନରଟି ଗଭର୍ଣ୍ଣମେଣ୍ଟ) । କିଛିଦିନ ଆଗରୁ ପଟ୍ଟମଥାନୁପିଲାଇ କଂଗ୍ରେସ ଦଳ ଛାଡ଼ି ସୋସାଲିଷ୍ଟ

Digitized by srujanika@gmail.com

ପାର୍ଟିରେ ଯୋଗ ଦେଇଥାନ୍ତି । ସେ ମୁଖ୍ୟମନ୍ତ୍ରୀ ହେଲେ । ସେତେବେଳେ ଡକ୍ଟର ଲୋହିଆ ଜାତୀୟ ସ୍ତରରେ ଦଳର ସାଧାରଣ ସମ୍ପାଦକ ।

ଏକ ଆଞ୍ଚଳିକ ସମସ୍ୟାକୁ କେନ୍ଦ୍ରକରି କେରଳରେ ଥିବା ତାମିଲମାନେ ଆନ୍ଦୋଳନ କରିଥିଲେ । ଆନ୍ଦୋଳନକାରୀମାନଙ୍କୁ ଘଉଡ଼େଇବା ପାଇଁ ପୁଲିସ ପକ୍ଷରୁ ଗୁଳିଚାଳନା କରାଯାଇଥିଲା । ଏଥିରେ ସାତଜଣ ଲୋକ ନିହତ ହୋଇଥିଲେ ଓ ଆଠଜଣ ଗୁରୁତର ଭାବରେ ଆହତ ହୋଇଥିଲେ । ତାଙ୍କ ଦଳ ଶାସନ ଦାୟିତ୍ୱରେ ଥିଲା ବେଳେ ଏପରି ଗୁଳିକାଣ୍ଡରେ ଯୁବକ ରବି ରାୟଙ୍କ ପ୍ରାଣ କାନ୍ଦି ଉଠିଥିଲା । ଏହା ତାଙ୍କୁ ମର୍ମାହତ କଲା । ସେ ଅନୁଭବ କଲେ, ଯେପରି ପ୍ରଜା ସୋସାଲିଷ୍ଟ ପାର୍ଟିର ମୂଳ ଆଦର୍ଶକୁ ଥାନୁପିଲାଇ ଏକ ଶକ୍ତିଶାଳୀ ଡିନାମାଇଟ ଖଞ୍ଜି ଚୂର୍ଣ୍ଣବିଚୂର୍ଣ୍ଣ କରିଦେଲେ । କେବଳ ଆଦର୍ଶକୁ ଭିତ୍ତିକରି ରାଜନୀତି କରୁଥିବା ରବି ରାୟଙ୍କୁ ଏହା ବ୍ୟଥିତ କରିବା ସ୍ୱାଭାବିକ ଥିଲା ।

ଏ ଘଟଣା ସାରା ଭାରତରେ ଆଲୋଡ଼ନ ସୃଷ୍ଟି କରିଥିଲା । ଲୋହିଆ ମଧ୍ୟ ଜେଲ ଭିତରେ ଏ ସମ୍ବାଦ ପାଇ ଗଭୀର ଭାବରେ ଦୁଃଖିତ ହେଲେ । ସେ ସାଙ୍ଗେ ସାଙ୍ଗେ ଥାନୁପିଲାଇଙ୍କୁ ଟେଲିଗ୍ରାମ କଲେ ଓ ତାର ନକଲ ପାର୍ଟିର ଅଧକ୍ଷ ଆଚାର୍ଯ୍ୟ କୃପାଳିନୀଙ୍କ ପାଖକୁ ପଠାଇ ଦେଲେ । ସେ ଟେଲିଗ୍ରାମରେ ଲୋହିଆ ଲେଖିଥିଲେ : ''ଅବ୍ୟବସ୍ଥା ସୃଷ୍ଟି କରିବା ଲୋକେ ପୂରାପୂରି ଭୁଲ୍ ରାସ୍ତାରେ ଯାଇଥିବେ । ସେମାନେ ଉତ୍ତେଜକ ଅବସ୍ଥା ନିଶ୍ଚୟ ସୃଷ୍ଟି କରିଥାଇପାରନ୍ତି । ତଥାପି ନିରସ୍ତ୍ର ଲୋକଙ୍କ ଉପରେ ଏ ଗୁଳିକାଣ୍ଡ, ଯାହା ଫଳରେ ଲୋକଙ୍କର ମୃତ୍ୟୁ ଘଟିଛି, ତାହା ବିଲକୁଲ ଅନ୍ୟାୟ । ଅବସ୍ଥାକୁ ସମ୍ଭାଳିବାକୁ ଯାଇ ପୁଲିସଦ୍ୱାରା ଗୁଳିଚାଳନା ଅନୁଚିତ । ଏ ସଂହାର ଲୀଳା ପାଇଁ ସରକାର ପୂରାପୂରି ଦାୟୀ । ଏଣୁ ମୁଁ ସୁପାରିସ କରୁଛି ଯେ ସଂପୃକ୍ତ ଅଫିସରମାନଙ୍କୁ ସସ୍‌ପେଣ୍ଡ କରାଯାଇ ବେସରକାରୀ ଅନୁସନ୍ଧାନ କମିଟି ଗଢ଼ାଯାଉ ଓ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ । ଏହାଛଡ଼ା ସରକାର ଏଇ ସିଦ୍ଧାନ୍ତ ଉପରେ ଇସ୍ତଫା ଦିଅନ୍ତୁ ।''

ମାତ୍ର ଲୋହିଆଙ୍କର ଏ ତାରବାର୍ତ୍ତା ପଟ୍ଟମଥାନୁପିଲାଇଙ୍କ ଉପରେ କୌଣସି ନୈତିକ ଚାପ ପକାଇଲା ନାହିଁ । ସେ ଇସ୍ତଫା ଦେଲେ ନାହିଁ । ଏହା ଲୋହିଆଙ୍କୁ ଅଧିକ ମର୍ମାହତ କଲା । ଗାନ୍ଧିଜୀଙ୍କ ଅହିଂସାର ଅମୂର୍ତ୍ତ ସିଦ୍ଧାନ୍ତକୁ ସ୍ୱାଧୀନ ଭାରତରେ ମୂର୍ତ୍ତିମନ୍ତ କରି ଗଢ଼ି ତୋଳିବାପାଇଁ ଲୋହିଆଙ୍କର ସାଧନା ଯେପରି ଧୂଳିସାତ୍ ହୋଇଯାଇଥିଲା ।

ଲୋହିଆ ଜେଲରୁ ମୁକୁଳିବା ପରେ ଏଥିପାଇଁ ୧୯୫୪ ମସିହା ସେପ୍ଟେମ୍ବର ୪ ଓ ୫ ତାରିଖରେ ଦିଲ୍ଲୀରେ ଦଳର କାର୍ଯ୍ୟକାରୀ ସମିତିର ବୈଠକ ବସିଲା । ଏଥିରେ ଗୋଟେପଟେ ଥାନୁପିଲାଇଙ୍କ କାର୍ଯ୍ୟକୁ ସମର୍ଥନ କରୁଥିବା ନେତୃବୃନ୍ଦ, ଆଉ ଗୋଟେ ପଟେ ଏପରି ଅନୈତିକ ପଦକ୍ଷେପକୁ ଦୃଢ଼ ବିରୋଧ କରୁଥିବା ଲୋହିଆ ଓ ଅନ୍ୟାନ୍ୟ

Digitized by srujanika@gmail.com

ସମସ୍ତ ସାଧାରଣ କର୍ମୀ । ଲୋହିଆଙ୍କର ଏକମାତ୍ର ସ୍ୱର ଥିଲା - 'ହିନ୍ଦୁସ୍ଥାନରେ ମଣିଷର କ'ଣ କିଛି ମୂଲ୍ୟ ନାହିଁ ? ଭାରତୀୟ ଜନତା ମଣିଷ ନା ପୋକମାଛି ?' ଏପରି ଏକ ସମସ୍ୟାକୁ ନେଇ ଦଳରେ ଘୋର ସଙ୍କଟ ଉପୁଜିଲା ।

ଏହାର ପ୍ରତିବାଦରେ ଯୁବକ ମଧୁଲିମାୟେ କହିଲେ - 'ଲୋହିଆଙ୍କ ବକ୍ତବ୍ୟ ଉପରେ ଆଲୋଚନା କରିବାର ଅଧିକାର କାର୍ଯ୍ୟକାରୀ ସମିତିର ନାହିଁ । ବେଭାନ୍ ତ ପୁଣି ଯାଠୁ ଅଧିକ କଟୁ ଓ ତୀକ୍ଷ୍ଣ ଭାଷାରେ ଚର୍ଚ୍ଚିଲଙ୍କୁ ବି ସମାଲୋଚନା କରନ୍ତି । ନେହୁରୁ କ'ଣ ଚର୍ଚ୍ଚିଲଙ୍କ ଠାରୁ ଖୁବ୍ ବଡ଼ କି ? ଗଣତନ୍ତ୍ରରେ ସମସ୍ତଙ୍କର ସ୍ୱାଧୀନ ମତବ୍ୟକ୍ତ ଅଧିକାର ରହିଛି ।

ପୁନର୍ବାର ୧୯୫୪ ନଭେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ନାଗପୁରଠାରେ ଦଳର ଅଧିବେଶନ ବସିଲା । ବହୁ ଆଲୋଚନା, ବିଚାର-ବିମର୍ଶ, ଆକ୍ରମଣ, ପ୍ରତିଆକ୍ରମଣ ସତ୍ତ୍ୱେ ଥାନୁପିଲାଇ ଇସ୍ତଫା ଦେବା ବିଷୟରେ ସିଦ୍ଧାନ୍ତ ଗ୍ରହଣ କରାଯାଇପାରିଲା ନାହିଁ । ସିଦ୍ଧାନ୍ତକୁ ଭିତିକରି ଆଦର୍ଶ ନିଷ୍ଠା ଓ ବ୍ୟକ୍ତିନିଷ୍ଠା - ଏ ଉଭୟକୁ ନେଇ ଦୁଇଟି ପ୍ରତିସ୍ପର୍ଦ୍ଧୀ ଶିବିରରୁ ସଂଘର୍ଷ ଲାଗିଗଲା ।

ଏହା ପୂର୍ବରୁ ଓଡ଼ିଶା ସୋସାଲିଷ୍ଟ ପାର୍ଟିର ରାଜ୍ୟସ୍ତରୀୟ କାର୍ଯ୍ୟକାରୀ ସମିତି ଡକାହେଲା, ଏଇ କେରଳ ଗୁଳିକାଣ୍ଡ ସମ୍ପର୍କରେ ଆଲୋଚନା କରାଯିବାକୁ । ଓଡ଼ିଶା ଦଳର ମତ ଏ ସଂକ୍ରାନ୍ତରେ କଣ, ସେ କଥା ସ୍ଥିର କରି ନାଗପୁର ସମ୍ମିଳନୀରେ ଜଣାଇବାକୁ ଏ ସଭା ଡକାଯାଇଥିଲା । ସଭାରେ ନାନା ଯୁକ୍ତିତର୍କ, ବାଦବିବାଦ ଚାଲିଲା । ବହୁ ସମୟ ଆଲୋଚନା ହେଲା । ସେତେବେଳେ ସୁରେନ୍ଦ୍ର ଦ୍ୱିବେଦୀ ଓଡ଼ିଶା ସୋସାଲିଷ୍ଟ ପାର୍ଟିର ଅପ୍ରତିଦ୍ୱନ୍ଦ୍ୱୀ ନେତା । ସେ ମିଟିଂରେ କହିଲେ - 'ସର୍ବସମ୍ମତିକ୍ରମେ ଆମେ ପ୍ରସ୍ତାବ ଗ୍ରହଣ କଲୁ ଯେ କେରଳର ଏ ଗୁଳିକାଣ୍ଡ ଯଥାର୍ଥ ।' ଠିକ୍ ଏତିକିବେଳେ ରବି ରାୟ ଉଠି ପ୍ରତିବାଦ କଲେ । ସେ ଏପରି ପ୍ରସ୍ତାବର ବିରୋଧ କରି କହିଲେ - 'ସଭାପତି ମହାଶୟ ! ଏଇଟା ମୋ ମତ ନୁହେଁ । ମୁଁ ଓ ଗଣନାଥ ପ୍ରଧାନ ଆମେ ଦୁହେଁ ଏହାର ବିରୋଧ କରୁଛୁ ।' ରବି ରାୟ ଭାବପ୍ରବଣ ହୋଇ କାନ୍ଦୁଥାନ୍ତି ଓ ଦୃଢ଼ଭାବରେ ନିଜ ମତ ଉପସ୍ଥାପନ କରୁଥାନ୍ତି । ସେମାନଙ୍କ ଆଖିରେ ରବି ରାୟ ଯୁବକ ଓ ପିଲାଲୋକ । ତଥାପି ଶେଷରେ ସେଇକଥା ଲେଖା ହୋଇଗଲା ଯେ, 'ଓଡ଼ିଶା ସୋସାଲିଷ୍ଟ କାର୍ଯ୍ୟକାରୀ କମିଟି ଗୁଳିକାଣ୍ଡ ସପକ୍ଷରେ ମତ ଦେଉଛି, କିନ୍ତୁ ଏହା ସର୍ବସମ୍ମତ ନୁହେଁ । ଏଥିରେ ଦୁଇଜଣ କାର୍ଯ୍ୟକାରୀ କମିଟିର ସଭ୍ୟଙ୍କର ବିରୋଧ ମତ ରହିଛି ।'

ଅବଶେଷରେ ରାଷ୍ଟ୍ରୀୟ ସ୍ତରର ସାଧାରଣ ପ୍ରତିନିଧିମାନଙ୍କ ଭିତରେ ଏ ସଂକ୍ରାନ୍ତରେ ଭୋଟ ଗ୍ରହଣ ପାଇଁ ସ୍ଥିର ହେଲା । ପ୍ରସ୍ତାବ ସପକ୍ଷରେ ୩୦୩ ଭୋଟ ଓ ବିପକ୍ଷରେ

Digitized by srujanika@gmail.com

୨୧୭ଟି ଭୋଟ ମିଳିଲା । ଯୁବକ ରବି ରାୟ ଓଡ଼ିଶାରୁ ପ୍ରତିନିଧି ଭାବରେ ଏଥିରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଥିଲେ ନାରାୟଣ ସାହୁ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ବାଙ୍କବିହାରୀ ଦାସ, ନିଶାମଣି ଖୁଣ୍ଟିଆ । ଏହି ଭୋଟରେ ରବି ରାୟ ଓ ନାରାୟଣ ସାହୁ ଲୋହିଆଙ୍କ ସପକ୍ଷରେ ଭୋଟ ଦେଲେ । ବସ୍ତୁତଃ ସେଇଦିନଠାରୁ ସୋସାଲିଷ୍ଟ ପାର୍ଟି ଭିତରେ ଯେଉଁ ଫାଟ ଦେଖାଦେଲା, ତାହା ଅବଶେଷରେ ଦଳକୁ ଭାଗ ଭାଗ କରିଦେଲା ।

ଏହି ସାଧାରଣ ଅଧିବେଶନରେ ଭୋଟଦ୍ୱାରା ଲୋହିଆଙ୍କ ବିଜୟ ନ ହେବା ସତ୍ତ୍ୱେ ଏ ସଙ୍କଟ ଦୂର ହୋଇପାରିଲା ନାହିଁ । କାର୍ଯ୍ୟକାରୀ ସମିତି ସାଙ୍ଗେ ସାଙ୍ଗେ ଇସ୍ତଫା ଦେଇଦେଲା । ଦେଶର ସବୁପ୍ରାନ୍ତରୁ ଆସିଥିବା ଏହି ପ୍ରତିନିଧିମାନେ ଏଇ ଗୋଲକଧନ୍ଦାର ଉଦ୍ଦେଶ୍ୟକୁ ବୁଝିପାରିଲେ ନାହିଁ ।

୧୯୫୫ ମସିହାରେ ସୋସାଲିଷ୍ଟ ପାର୍ଟିରେ ଯେଉଁ ବିସ୍ଫୋରଣ ଦେଖାଦେଲା, ତାର ପରିଣତି କିଛି ଶୁଭଙ୍କର ନ ଥିଲା । ସେଇ ବର୍ଷ ଠିକ୍ ଆରମ୍ଭରେ କଂଗ୍ରେସ କେରଳର ପଟ୍ଟମଥାନୁପିଲାଇ ସରକାରଙ୍କୁ ବିଧାନସଭାରେ ପରାଜିତ କରି ସୋସାଲିଷ୍ଟ ସରକାରଙ୍କର ପତନ ଘଟାଇଲେ । ତଥାପି ଏହି ସମସ୍ୟାର ସମାଧାନ ହେଲା ନାହିଁ ।

୧୯୫୫ 'ଆବାଡ଼ି' କଂଗ୍ରେସ ଅଧିବେଶନରେ 'ସମାଜବାଦୀ ଢାଞ୍ଚାରେ ରାଷ୍ଟ୍ର ନିର୍ମାଣ' ପାଇଁ ଗୋଟେ ପ୍ରସ୍ତାବ ସର୍ବସମ୍ମତିକ୍ରମେ ପାସ୍ ହୋଇଗଲା । ଏହା ନେହରୁଙ୍କ ଚରମ ଚତୁରତାର ଗୋଟେ ନିଦର୍ଶନ ବୋଲି ସୋସାଲିଷ୍ଟ ଦଳର କେତେକ ନେତା ଓ କର୍ମୀ ବିଚାର କଲେ । ଫଳରେ ସମାଜବାଦୀ ଆନ୍ଦୋଳନକୁ ଲୋକମୁଖୀ କରିବାପାଇଁ ସଙ୍କଳ୍ପ ନେଇଥିବା ସୋସାଲିଷ୍ଟ ପାର୍ଟିର ମୁଖ୍ୟ ଆଭିମୁଖ୍ୟକୁ ଯେପରି କଂଗ୍ରେସ ଦଳ ବିନା ସର୍ତ୍ତରେ ଗ୍ରହଣ କରିନେଲା । ସୋସାଲିଷ୍ଟ ପାର୍ଟିର ଅନ୍ୟତମ ପ୍ରମୁଖ ନେତା ଅଶୋକ ମେହେଟା ମଧ୍ୟ ଏହି ପ୍ରସ୍ତାବକୁ ସ୍ୱାଗତ କରି ବିବୃତି ଦେଲେ । ଏପରି ଘଟଣାକୁ ମଧୁ ଲିମାୟେ ସମାଲୋଚନା କରିବାରୁ ତାଙ୍କୁ ପାର୍ଟିର ସଭ୍ୟପଦରୁ ବହିଷ୍କାର କରି ଦିଆଗଲା ।

ଏପରି ଏକ ଗମ୍ଭୀର ପରିସ୍ଥିତିରେ ଲୋହିଆ କହିଲେ, ଏ ସମ୍ପର୍କରେ ଦେଶବ୍ୟାପୀ ମଧୁ ଲିମାୟେଙ୍କୁ ନେଇ ତାଙ୍କର ସାର୍ବଜନୀନ ଭାଷଣର ବ୍ୟବସ୍ଥା କରାଯାଉ । ସୋସାଲିଷ୍ଟ ପାର୍ଟି ଭିତରେ ଦୁଇଟି ଭିନ୍ନ ମତ ଓ କାର୍ଯ୍ୟପନ୍ଥାରେ ବିଶ୍ୱାସ କରୁଥିବା ଦୁଇଟି ଗୋଷ୍ଠୀ ସ୍ପଷ୍ଟ ଭାବରେ ମୁଣ୍ଡ ଟେକି ଉଠିଲେ । ଉତ୍ତରପ୍ରଦେଶର ଗାଜିପୁରଠାରେ ଅନୁଷ୍ଠିତ ପାର୍ଟିର ପ୍ରାନ୍ତୀୟ ସମ୍ମିଳନୀରେ ଏ ବିବାଦ ଆହୁରି ସ୍ପଷ୍ଟ ହୋଇଉଠିଲା । ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଦ୍ୱାରା ସସ୍‌ପେଣ୍ଡ କରାଯାଇଥିବା ମଧୁଲିମାୟେଙ୍କୁ ମୁଖ୍ୟ ଅତିଥି ଭାବରେ ଡାକିଥିବାରୁ ଗାଜିପୁରର ସମ୍ମିଳନୀକୁ ପାର୍ଟିର ସ୍ୱୀକୃତି ଦିଆଗଲା ନାହିଁ ଓ ମଧୁଲିମାୟେଙ୍କୁ ଖୋଲା ସମର୍ଥନ କରୁଥିବାରୁ ବହୁ ନେତାଙ୍କୁ ଦଳରୁ ବହିଷ୍କାର କରାଗଲା ।

Digitized by srujanika@gmail.com

ରବି ରାୟ ଥିଲେ ଲୋହିଆଙ୍କ ମତବାଦ ଓ କାର୍ଯ୍ୟପନ୍ଥାର ଅନୁରାଗୀ । ସୋସାଲିଷ୍ଟ ଦଳର ଏ ସମସ୍ତ ଘଟଣା ଭିତରେ ସେ ଗଭୀର ଭାବରେ ଜଡ଼ିତ ହୋଇଯାଇଥିଲେ । ସେ ଲୋହିଆଙ୍କ ପ୍ରଗତିଶୀଳ ଆଭିମୁଖ୍ୟକୁ ପସନ୍ଦ କରୁଥିଲେ । କଂଗ୍ରେସ ଦଳର କୂଟନୀତିକୁ ମଧ୍ୟ ସେ ଭଲଭାବରେ ବୁଝିପାରିଥିଲେ ।

୧୯୫୫ ସାଲ ଅଗଷ୍ଟ ୨୯, ୩୦, ୩୧ ତାରିଖରେ ରବି ରାୟଙ୍କ ସଙ୍ଗଠନ ଓ ନେତୃତ୍ୱରେ ପୁରୀରେ ସମାଜବାଦୀ ଯୁବସଙ୍ଗଠନର ଗୋଟିଏ ସମ୍ମିଳନୀ ଆହୂତ ହୋଇଥିଲା । (ମୁଖ୍ୟତଃ ରବି ରାୟ ହିଁ ଏ ସମ୍ମିଳନୀ ଡାକିଥିଲେ ଓ କଠିନ ପରିଶ୍ରମ କରି ଏଥିପାଇଁ ଖୁବ୍ ସୁନ୍ଦର ଆୟୋଜନ କରିଥିଲେ ।) ସଭାପତିତ୍ୱ କରିବା ପାଇଁ ସେ ମଧୁଲିମାୟେଙ୍କୁ ନିମନ୍ତ୍ରଣ କଲେ । ଆଚାର୍ଯ୍ୟ ନରେନ୍ଦ୍ରଦେବ, ଲୋହିଆ, ଅଶୋକ ମେହେଟାଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା । କହିବାକୁ ଗଲେ ରବି ରାୟଙ୍କର ଅନ୍ତର୍ନିହିତ ଉଦ୍ଦେଶ୍ୟ ଥିଲା, ଏହି ସମ୍ମିଳନୀ ମାଧ୍ୟମରେ ଭାଙ୍ଗିଯାଉଥିବା ସୋସାଲିଷ୍ଟ ପାର୍ଟିର ସଂହତି ଓ ନୀତି ରକ୍ଷା କରିବା ପାଇଁ ଚେଷ୍ଟା କରିବା । କିନ୍ତୁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜରୁରୀ ଚିଠି ପଠାଇ ସମସ୍ତ ପଦାଧିକାରୀମାନଙ୍କୁ ଏହି ସମ୍ମିଳନୀକୁ ଅସହଯୋଗ କରିବାକୁ ନିର୍ଦ୍ଦେଶ ଦେଲେ । ତେଣୁ ପାର୍ଟିର କୌଣସି ନେତା ସେଠାକୁ ଗଲେ ନାହିଁ । କେବଳ ଲୋହିଆ ପୁରୀରେ ପହଞ୍ଚି ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଏହି ସମ୍ମିଳନୀର ଆୟୋଜନକୁ ସଫଳ କରିବାପାଇଁ ପୁରୀର ତତ୍‌କାଳୀନ ବିଧାୟକ ଓ ଡକ୍ଟର ଲୋହିଆଙ୍କର ନିଷ୍ଠାପର ଅନୁଗାମୀ ଡାକ୍ତର ଫକୀରଚରଣ ଦାସଙ୍କ ସମେତ... ବହୁ ଯୁବକର୍ମୀ ଓ ଯୁବନେତାଙ୍କର ବିଶେଷ ଅବଦାନ ଥିଲା ।

ଏହି ତିନିଦିନରେ ସମ୍ମିଳନୀର ସଫଳତା ରବି ରାୟଙ୍କ ପ୍ରଶଂସନୀୟ ସଙ୍ଗଠନ ଦକ୍ଷତାକୁ ବେଶ ଭଲ ଭାବରେ ପ୍ରମାଣିତ କରିଥିଲା । ଅପରପକ୍ଷରେ ଦଳର ତୁଙ୍ଗ ନେତାମାନେ ଯୋଗ ନ ଦେବା, ଅଧ୍ୟକ୍ଷଙ୍କର ଏପରି ଜରୁରୀ ଚିଠି ପ୍ରଭୃତିରୁ ଦଳର ବିଭାଜନ ଯେ ଅନିବାର୍ଯ୍ୟ, ତାହା ସ୍ପଷ୍ଟ ହୋଇ ଯାଇଥିଲା ।

୧୯୫୫-୫୬ ମସିହା ଭିତରେ ଡକ୍ଟର ଲୋହିଆ ହାଇଦ୍ରାବାଦଠାରେ ସଂଗ୍ରାମୀ ସୋସାଲିଷ୍ଟମାନଙ୍କର ଏକ ସଭା ଡାକିଲେ । ଲୋହିଆଙ୍କର ଏ ଆହ୍ୱାନରେ ସାରା ଦେଶରୁ ପ୍ରାୟ ବାରଶହ ସଂଗ୍ରାମୀ ନବଯୁବକ ହାଇଦ୍ରାବାଦରେ ଏକତ୍ରିତ ହେଲେ । ଏମାନେ ସମସ୍ତେ ନିଷ୍ଠାପର ଭାବରେ ସମାଜବାଦ ପ୍ରତିଷ୍ଠା କରିବାକୁ ଚାହୁଁଥିଲେ । ଯେଉଁ ସମାଜବାଦ ଗଣତନ୍ତ୍ର ଶାସନର ମୂଳାଧାର ରୂପେ ସମାଜର ଅତି ନିମ୍ନସ୍ତରର ଲୋକଙ୍କର ସାମୂହିକ ଉତ୍ଥାନରେ ସହାୟକ ହେବ । ଏପରି ଏକ ରାଜନୀତିକ ଆଦର୍ଶକୁ ବାସ୍ତବ ରୂପରେଖ ଦେବାପାଇଁ ସେମାନେ ସଙ୍କଳ୍ପବଦ୍ଧ ହେଲେ ।

Digitized by srujanika@gmail.com

ଲୋହିଆଙ୍କ ଚିନ୍ତାଧାରାରେ ବିଶ୍ୱାସ କରୁଥିବା ନବଯୁବକମାନଙ୍କ ଭିତରେ ଓଡ଼ିଶାରୁ ଥିଲେ ରବି ରାୟ । କହିବାକୁ ଗଲେ ରବି ରାୟ ହିଁ ଓଡ଼ିଶାରେ ଲୋହିଆ ସମର୍ଥିତ ସୋସାଲିଷ୍ଟ ପାର୍ଟିର ପ୍ରଥମ ଓ ମୁଖ୍ୟ ସଙ୍ଗଠକ । ଓଡ଼ିଶାରେ ମଧ୍ୟ ସୋସାଲିଷ୍ଟ ପାର୍ଟି ଦୁଇଭାଗ ହୋଇଯାଇଥିଲା । ସୋସାଲିଷ୍ଟ ପାର୍ଟି ଓ ପ୍ରଜା ସୋସାଲିଷ୍ଟ ପାର୍ଟି । ଓଡ଼ିଶାରେ ପ୍ରଜା ସୋସାଲିଷ୍ଟ ପାର୍ଟିରେ ସୁରେନ୍ଦ୍ରନାଥ ଦ୍ୱିବେଦୀ, ବାଙ୍କବିହାରୀ ଦାସ, ହରିହର ବାହିନୀପତି, ରବୀନ୍ଦ୍ରମୋହନ ଦାସ, ପ୍ରସନ୍ନ ଦାସ, ପ୍ରଦୀପ୍ତ କିଶୋର ଦାସ, ବିଶ୍ୱନାଥ ପଣ୍ଡିତ ଓ ନିଶାମଣି ଖୁଣ୍ଟିଆ ପ୍ରମୁଖ ଟାଣୁଆ ନେତା ରହିଲେ । ସୋସାଲିଷ୍ଟ ପାର୍ଟିରେ ରବି ରାୟଙ୍କ ସହିତ ଥିଲେ ସର୍ବଶ୍ରୀ ଯୁଧିଷ୍ଠିର ଦାସ, ଦ୍ୱିଜବର ସାହୁ, ଶରତ କୁମାର ମହାନ୍ତି, ପୂର୍ଣ୍ଣ ପରିଜା, ଦେବେନ୍ଦ୍ର ପାଲଟାସିଂହ, ହୃଦାନନ୍ଦ ତ୍ରିପାଠୀ, ସୁରେନ୍ଦ୍ର ପ୍ରଧାନ, ଗଣନାଥ ପ୍ରଧାନ, କିଷାନ ପଟ୍ଟନାୟକ, ନାରାୟଣ ସାହୁ, କୁଳମଣି ମହାପାତ୍ର, ଶ୍ୟାମଳୀ ମହାପାତ୍ର ପ୍ରମୁଖ ଯୁବ ଆଦର୍ଶବାଦୀ ନେତା ।

ମଜାର କଥା ଯେଉଁ ପଟ୍ଟମଥାନୁପିଲାଇଙ୍କୁ କେନ୍ଦ୍ରକରି ଦଳ ଭାଙ୍ଗିଲା ଓ ତାଙ୍କ ସରକାରକୁ କଂଗ୍ରେସ ସରକାର ଭାଙ୍ଗିଲା ସେ ପୁଣି କଂଗ୍ରେସରେ ଯୋଗ ଦେଲେ ଓ ଜବାହରଲାଲ ନେହୁରୁ ତାଙ୍କୁ ପୁରସ୍କାରସ୍ୱରୂପ ପଞ୍ଜାବର ଗଭର୍ଣ୍ଣର କରି ପଠାଇଲେ ।

୧୯୫୭-୫୮ ବେଳକୁ ଜୟପ୍ରକାଶ ନାରାୟଣ ଭାଗ ଭାଗ ହୋଇଯାଇଥିବା ଏହି ଦୁଇଦଳକୁ ପୁଣିଥରେ ଏକାଠି କରିବାର ସ୍ୱପ୍ନ ଦେଖିଥିଲେ । ଲୋହିଆ ମଧ୍ୟ ଏଥିପାଇଁ ସହଯୋଗର ହାତ ବଢ଼ାଇଥିଲେ । ମାତ୍ର ତାହା ଫଳପ୍ରଦ ହୋଇପାରି ନ ଥିଲା । ସୋସାଲିଷ୍ଟ ପାର୍ଟି ସେଇଦିନଠୁ ଦୁଇଟି ଭିନ୍ନ ରାଜନୀତିକ ଧାରା ରୂପେ କାର୍ଯ୍ୟ କଲା । ଲୋହିଆ ସମର୍ଥିତ ସୋସାଲିଷ୍ଟ ପାର୍ଟି ଗଢ଼ା ହେବାର ଠିକ୍ ଦୁଇମାସ ପରେ ଲକ୍ଷ୍ନୌର ଗୋମତୀ ନଦୀ କୂଳରେ ଦଳ ତରଫରୁ ଗୋଟେ କୃଷକ ସମାବେଶ କରାଯାଇଥିଲା । ଏଥିରେ ପ୍ରାୟ ଏକଲକ୍ଷ କୃଷକ ସାରାଦେଶରୁ ଆସି ଯୋଗ ଦେଇଥିଲେ । କୃଷକମାନଙ୍କର ସବୁପ୍ରକାର ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ଏହି ସଭାରେ ତନ୍ନତନ୍ନ ବିଶ୍ଳେଷଣ କରାଯାଇଥିଲା । ଲୋହିଆଙ୍କ ନେତୃତ୍ୱରେ ପ୍ରାୟ ଦୀର୍ଘ ଦୁଇମାଇଲବ୍ୟାପୀ କୃଷକମାନଙ୍କର ଗୋଟେ ବିରାଟ ପଟୁଆର ବାହାରିଥିଲା । ଗୋମତୀକୂଳର ସଭାସ୍ଥଳରୁ 'କାଉନସିଲ ହାଉସ' ପର୍ଯ୍ୟନ୍ତ ଏହି ପଟୁଆର ଲମ୍ବିଥିଲା ।

ଓଡ଼ିଶାରୁ ରବି ରାୟଙ୍କ ନେତୃତ୍ୱରେ ବହୁ କୃଷକ ଓ ଦଳୀୟ କର୍ମୀ ନେତା ଏହି ବିଶାଳ ସମାବେଶରେ ଯୋଗ ଦେଇଥିଲେ । ଓଡ଼ିଶାରେ କୃଷକମାନଙ୍କର ବିଭିନ୍ନ ସମସ୍ୟାକୁ ସରକାରଙ୍କ ନିକଟରେ ଉପସ୍ଥାପନା କରିବାକୁ ସେ ଦୃଢ଼ ପଦକ୍ଷେପମାନ ଗ୍ରହଣ କରୁଥିଲେ । ଓଡ଼ିଶାରେ କୃଷକ ଆନ୍ଦୋଳନର ନେତୃତ୍ୱ ସେ ନେଉଥିଲେ ।

Digitized by srujanika@gmail.com

ସମାଜବାଦୀ ଚେତନାକୁ ସର୍ବସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଯୁବକ ରବି ରାୟ ବଦ୍ଧପରିକର ଥିଲେ ।

ରବି ରାୟଙ୍କ ଜେଲଯାତ୍ରା

ବହୁ ନଦନଦୀ, ସମୁଦ୍ର, ଜଙ୍ଗଲ, ପାହାଡ଼, ଜନପଦ, ସମତଳ ଭୂଇଁ ପରିବେଷ୍ଟିତ ଓଡ଼ିଶା ବାସ୍ତବରେ ଅପରୂପ ସୌନ୍ଦର୍ଯ୍ୟରେ ମହିମାମୟୀ ହେଲେହେଁ ଗୋଲାପରେ କଣ୍ଟାଭଳି ବନ୍ୟା, ବାତ୍ୟା, ମରୁଡ଼ି - ଓଡ଼ିଶାର ଚିରସହଚର । ପ୍ରକୃତି କେତେବେଳେ ବରଦା, କଲ୍ୟାଣୀ ରୂପରେ ଉଭା ହୋଇଥାଏ ତ, ଆଉ କେତେବେଳେ ତାର ତାଣ୍ଡବଲୀଳା ଦେଖାଇ ପ୍ରଳୟ ରଚନା କରିଥାଏ । ୧୯୫୫ ମସିହା । ଅବିଭକ୍ତ କଟକ ଜିଲ୍ଲାର ଅନ୍ୟତମ ମୁଖ୍ୟନଦୀ ଦେବୀନଦୀ ଜଗତସିଂହପୁରବାଟ ଦେଇ ବହିଯାଇ ଅସ୍ତରଙ୍ଗ ପାଖରେ ସମୁଦ୍ରରେ ପଡ଼ିଛି । ସେ ବର୍ଷ ଦେବୀ ନଦୀରେ ପ୍ରବଳ ବନ୍ୟା ଆସିଲା । କଟକଠୁ ମାତ୍ର କେତେ କିଲୋମିଟର ଦୂରରେ ଦଳେଇଘାଇ । ଲୋକଙ୍କର ଆକୁଳ ପ୍ରାର୍ଥନା, ବାଲିବସ୍ତା ପକା, ପୁଣି ସରକାରଙ୍କର ଶତଚେଷ୍ଟା ସତ୍ତ୍ୱେ ଦଳେଇଘାଇ ଭାଙ୍ଗିଗଲା । ପ୍ରାୟ ଚାରିଶହ ଫୁଟର ଘାଇ । ସେଦିନର ଦଳେଇଘାଇ ବନ୍ୟା ଆଜି ବି ସେ ଅଞ୍ଚଳର ଲୋକଙ୍କ ସ୍ମୃତିରେ ଆତଙ୍କ ହୋଇ ରହିଛି । ନାହିଁ ନ ଥିବା ବନ୍ୟା । ପ୍ରବଳ ବେଗରେ ବନ୍ୟାଜଳ ପ୍ରବାହିତ ହୋଇ ପ୍ରାୟ ସାତ ଶହ କିଲୋମିଟର ଅଞ୍ଚଳକୁ ଜଳମଗ୍ନ କରିଦେଇଥାଏ । ଦଳେଇଘାଇଠାରୁ ପାରାଦ୍ୱୀପ ଯାଏ କେବଳ ପାଣି, ପାଣି ଆଉ ପାଣି । ରଘୁନାଥପୁର, ଜଗତ୍‌ସିଂହପୁର, କୁଜଙ୍ଗ, ଏରସମା, ବାଲିକୁଦା ପ୍ରଭୃତି ବିସ୍ତୃତ ଅଞ୍ଚଳ ବନ୍ୟା ପ୍ରକୋପରେ ବିପନ୍ନ ହୋଇଥାନ୍ତି । ହଜାର ହଜାର ଲକ୍ଷ ଲକ୍ଷ ଲୋକ ଗୃହଶୂନ୍ୟ । ଘରଦ୍ୱାର, ଗଛବୃଛ ନିଶ୍ଚିହ୍ନ । ଗାଈଗୋରୁ, ଛେଳିମେଣ୍ଢା ହଜାର ହଜାର ସଂଖ୍ୟାରେ ମଲେ । ଲୋକେ ସର୍ବସ୍ୱାନ୍ତ ହୋଇଗଲେ । ପେଟକୁ ମୁଠାଏ ଦାନା କି ଦେହକୁ ଖଣ୍ଡେ କନା ନାହିଁ । ଥିଲା ବାଲା, ନ ଥିଲା ବାଲା ସମସ୍ତେ ସମାନ । ଲୋକେ ଦାଣ୍ଡର ଭିକାରି ହୋଇଗଲେ । ମୁଣ୍ଡ ଉପରେ ଖରାବର୍ଷାରୁ ରକ୍ଷା ପାଇବାକୁ ନିର୍ଭୟ ଆଶ୍ରୟଟିଏ ନାହିଁ । ଚୁଲି ନାହିଁ କି ଚାଳ ନାହିଁ । ଚାରିଆଡ଼େ ହାହାକାର ପଡ଼ିଗଲା । ୧୯୫୫ ମସିହାର ଦଳେଇଘାଇ ବନ୍ୟା ଥିଲା ସେ ସମୟର ସବୁଠୁ ଭୟଙ୍କର, ସର୍ବନାଶୀ ବନ୍ୟା । ରବି ରାୟ ଲୋକଙ୍କର ଏହି ଚରମ ଦୁର୍ଦ୍ଦିନବେଳେ ରିଲିଫ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଦେଇଥିଲେ ।

ନବକୃଷ୍ଣ ଚୌଧୁରୀ ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥାନ୍ତି । ସୋସାଲିଷ୍ଟ ପାର୍ଟି ଜଗତ୍‌ସିଂହପୁରରୁ ଭୁବନେଶ୍ୱରକୁ ଗୋଟେ ବିକ୍ଷୋଭ ଆଣିଲା । ଲୋକଙ୍କ ଥଇଥାନ ପାଇଁ, ଉପଯୁକ୍ତ ସାହାଯ୍ୟ, ସରକାରୀ ଅନୁଦାନ ପାଇଁ ପାର୍ଟି ତରଫରୁ ଏହି ବିକ୍ଷୋଭର ଆୟୋଜନ କରାଯାଇଥିଲା । ରବି ରାୟ ଏହାର ଅନ୍ୟତମ ଉଦ୍ୟୋକ୍ତା ଥିଲେ ।

Digitized by srujanika@gmail.com

ପଟୁଆରର ଅଗ୍ରଭାଗରେ ରହି ସ୍ଲୋଗାନମାନ ଦେଉଥିଲେ । ଶୋଭାଯାତ୍ରାର ନେତୃତ୍ୱ ନେଉଥିଲେ । ସରକାରଙ୍କୁ ଚରମପତ୍ର ଦିଆଗଲା । ସେସବୁ ପୂରଣ ନ ହେବାରୁ ପୁନର୍ବାର କଟକ ଜିଲ୍ଲାପାଳଙ୍କ ପାଖରେ ସତ୍ୟାଗ୍ରହ କରାଗଲା । ରବି ରାୟ ସତ୍ୟାଗ୍ରହ ପରିଚାଳନା କରୁଥାନ୍ତି । ପୋଲିସ ଆସି ସତ୍ୟାଗ୍ରହୀମାନଙ୍କୁ ଗିରଫ କରିନେଲା । ଯୁଧିଷ୍ଠିର ଦାସ, ଦ୍ୱିଜବର ସାହୁ, ଶରତ ମହାନ୍ତି, ମହମ୍ମଦ ସମସୁର, ଦେବେନ୍ଦ୍ର ପାଲଟାସିଂହ ପ୍ରମୁଖ ବିକ୍ଷୋଭରେ ଓ ସତ୍ୟାଗ୍ରହରେ ଯୋଗଦେଇ କାରାବରଣ କରିଥିଲେ । ସେମାନେ ସମସ୍ତେ ତିନି ମାସ କାଳ ଜେଲରେ ରହିଥିଲେ । ରବି ରାୟଙ୍କର ଏହା ଥିଲା ପ୍ରଥମ ଦୀର୍ଘ ଜେଲଯାତ୍ରା । ସକ୍ରିୟ ରାଜନୀତିର ଏକ ବିଶେଷ ସ୍ମରଣୀୟ ଘଟଣା ।

ମମତାର ଅଙ୍ଗନ

ଅଜଣା ବଣଫୁଲର ମହକରେ ସାରା ଜଙ୍ଗଲଟା ମହମହ ହୋଇ ବାସୁଥାଏ । ନା ଥାଏ ତାର ପରିଚୟ, ନା ଥାଏ ତାର ଆଟୋପ । ନିଜର ଏତେ ମହିମା ସତ୍ତ୍ୱେ, ସେ କେଉଁଠି ଛପି ରହିଥାଏ ସବୁରି ଦୃଷ୍ଟି ଅନ୍ତରାଳରୁ । ଅଥଚ ଅରଣ୍ୟ ସୁଷମାର ଏଇ ଐଶ୍ୱର୍ଯ୍ୟକୁ ଭଲା କିଏ ଅସ୍ୱୀକାର କରିପାରିବ ? ରବି ରାୟଙ୍କ ବୋଉ ଥିଲେ ସେଇପରି ମଣିଷଟିଏ । ଯାହାଙ୍କ ମମତାର ଅଙ୍ଗନରେ ବଢୁଥିଲେ ରବି ରାୟ । ରବି ରାୟଙ୍କ ବ୍ୟକ୍ତିତ୍ୱ ଗଠନରେ ଯିଏ ଥିଲେ କାଉଁରୀ ସ୍ପର୍ଶ । ଯିଏ ଛୁଇଁଲେ ମାଟି ସୁନା ପାଲଟେ । ସେମିତିକା ମଣିଷଟିଏ ଥିଲେ ଦେବୀ ସୁନାମଣି । ଗଙ୍ଗୋତ୍ରୀ ପରି ସ୍ନେହ ସୋହାଗ ତାଙ୍କ ହୃଦୟରୁ ନିରନ୍ତର ଝରୁଥିଲା । ଏ ମମତା ଗଙ୍ଗାଜଳ ପରି ସ୍ୱଚ୍ଛ ଓ ପବିତ୍ର ଥିଲା । ସବୁରି ପାଇଁ ସମାନ ଦୃଷ୍ଟି । ପୁଅ ହେଉ କି ପୁତୁରା ହେଉ । ଝିଅ ହେଉ କି ଝିଆରୀ ହେଉ । କାହାପାଇଁ ବାଛବିଚାର ନ ଥିଲା । ପାତର ଅନ୍ତର ନ ଥିଲା । ଗୋପରୁ, ଭିଙ୍ଗାରପୁରରୁ, କଟକରୁ, ରବି ରାୟ ଯେତେବେଳେ ବାହାରି ଘରକୁ ଫେରନ୍ତି, ଯଦି ସନ୍ଧ୍ୟା ହୋଇଯାଇଥିବ ତେବେ ବୋଉ ହାତରେ ଲଣ୍ଠନଟିଏ ଧରେଇ ଦେଇ କହନ୍ତି - ଯା, ସବୁ ଗୁରୁଜନମାନଙ୍କୁ ମୁଣ୍ଡିଆମାରି ଆସିବୁ ।

ସେଦିନ ଖାଲି ପଢ଼ିଲାବେଳେ ନୁହେଁ କି, ବୋଉ ଥିଲାବେଳେ ନୁହେଁ; ଆଜି ବି ରବି ରାୟ ଗାଁକୁ ଗଲେ ସେଇ ଅଭ୍ୟାସ ଯୋଗୁଁ ଆଗ ସାଇପଡ଼ିଶା ବୁଲି ସମସ୍ତଙ୍କୁ ଦେଖାକରି ଘରେ ଗୋଡ଼ ଦିଅନ୍ତି । ସାନବଡ଼ ସମସ୍ତଙ୍କୁ ଯଥାଯୋଗ୍ୟ ମାନ୍ୟତା ନ ଜଣାଇ ଘରକୁ ଯାଇପାରନ୍ତି ନାହିଁ ।

ରବି ରାୟଙ୍କ ବୋଉଙ୍କର ସ୍କୁଲ କଲେଜପଢ଼ା ଡିଗ୍ରୀର ସାର୍ଟିଫିକେଟ ନ ଥିଲା । ମାତ୍ର ଚଳଣି ଓ ବିଶ୍ୱାସରେ ଥିଲା ଉନ୍ନତ ଓ ମାର୍ଜିତ ସଂସ୍କାର । ବେଶ ସଂସ୍କୃତିସମ୍ପନ୍ନ ଥିଲେ ସେ । ସେ ଚାହୁଁଥିଲେ ତାଙ୍କ ପୁଅଝିଅ ସବୁଥିରେ କେମିତି ସବୁଠୁ ଭଲ ହେବେ ।

Digitized by srujanika@gmail.com

ଖାଲି ପାଠପଢ଼ାରେ ନୁହେଁ, ଚାଲିଚଳଣ, କଥାବାର୍ତ୍ତା, ଆଚାର ବିଚାର, ଚିନ୍ତାଚେତନା ସବୁଥିରେ ସେମାନେ କିପରି ସବୁଠୁ ଆଗୁଆ ହୋଇପାରିବେ ତାହାହିଁ ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ । ପିଲାମାନଙ୍କୁ ଭଲମଣିଷ କରି ଗଢ଼ିବାରେ ସେ ସାମାନ୍ୟ ତ୍ରୁଟି କରି ନ ଥିଲେ । ସେଥିପାଇଁ ରବି ରାୟ ଓ ତାଙ୍କ ବଡ଼ଭାଇ ମର୍ଦ୍ଦରାଜଙ୍କୁ ଆଖପାଖ ସବୁ ଗାଁର ଲୋକେ ଭାରି ଭଲପାଉଥିଲେ । ରାମ-ଲକ୍ଷ୍ମଣ ପରି ଦୁଇଭାଇଙ୍କ ଭିତରେ ଦୃଢ଼ବନ୍ଧନର ଅଦୃଶ୍ୟ ରଜ୍ଜୁ ଥିଲେ ତାଙ୍କ ବୋଉ । ଯେଉଁ ବନ୍ଧନ ମର୍ଦ୍ଦରାଜଙ୍କ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଅତୁଟ ଓ ଅକ୍ଷୁଣ୍ଣ ରହିଥିଲା । ରବି ରାୟଙ୍କ ବ୍ୟକ୍ତିତ୍ୱ ଗଠନର ଅନ୍ତରାଳରେ ଏହି ମହନୀୟ ନାରୀ ଓ ତାଙ୍କ ଆଦର୍ଶବାଦୀ ପିତା ଘନଶ୍ୟାମ ହିଁ ବିଦ୍ୟମାନ ଥିଲେ ।

ନିଜର ପାଞ୍ଚଝିଅ ଦୁଇପୁଅ ଥିବା ସତ୍ତ୍ୱେ ସେଇ ସ୍ନେହଶୀଳା ନାରୀଟି ସମସ୍ତଙ୍କୁ ନିଜ ପୁଅଝିଅପରି ଦେଖୁଥିଲେ । ଅନେକଙ୍କୁ ଧରମଝିଅ ବି କରିଥିଲେ । ଦିଅରଙ୍କ ଝିଅ ବେନୁକୁ ସେ ଝିଅ କରିଥିଲେ । କନ୍ୟାଦାନ କରିଥିଲେ । ତାଙ୍କର ଅସରନ୍ତି ବାତ୍ସଲ୍ୟଭଣ୍ଡାର ଯେତେ ବାଣ୍ଟୁଥିଲେ ବି ଦ୍ରୌପଦୀଙ୍କ ଅକ୍ଷୟପାତ୍ର ପରି କେବେ ଶୂନ୍ୟ ହେଉ ନ ଥିଲା । ଘନଶ୍ୟାମଙ୍କର ସବା ବଡ଼ଝିଅ ଟିକି । ରବି ରାୟଙ୍କର ଟିକେଇଅପା ନହରକଣ୍ଟାରେ ବାହା ହୋଇଥିଲେ । ତାଙ୍କ ଆଦର୍ଶବାଦିତା, ତାଙ୍କ ବୋହୂପଣିଆର ସୁନାମ ଆଖପାଖରେ ବେଶ ପ୍ରଚାରିତ ଥିଲା । ତାଙ୍କ ଅକ୍ଷର ବି ଭାରି ସୁନ୍ଦର ଥିଲା । ସେତେବେଳର ପରମ୍ପରା ଓ ଚଳଣି ଅନୁସାରେ ଝିଅ ଥରେ ବାହା ହୋଇଯିବା ପରେ ପୁଆଣୀ ହୋଇ ଦ୍ୱିତୀୟବାର ଆସେ । ବାହାଘର ପରି ପୁଆଣୀ ସାଜ ଦୁଇଗୁଣା ସଜାଡ଼ିବାକୁ ହୁଏ । କୌଣସି କାରଣରୁ ଘନଶ୍ୟାମଙ୍କ ଜୀବିତାବସ୍ଥା ପର୍ଯ୍ୟନ୍ତ ବଡ଼ଝିଅ ଟିକେଇ ପୁଆଣୀ ହୋଇ ଆସି ପାରି ନ ଥିଲେ । ପରେ ଅବଶ୍ୟ ଆସିଲେ । ଟିକେଇ ଗାକୁ ବାପାବୋଉଙ୍କ ପାଖକୁ ଯେଉଁ ଚିଠି ସବୁ ଲେଖୁଥିଲେ, ତାହା କବିତା ପରି ଚମତ୍କାର ଥିଲା । ସେଥିପାଇଁ ତାଙ୍କର ସବୁ ଚିଠିକୁ କକା କୃଷ୍ଣଚନ୍ଦ୍ର ନେଇ ଗାଁ ଲୋକଙ୍କୁ ପଢ଼ି ଶୁଣାନ୍ତି । ସମସ୍ତଙ୍କ ପାଇଁ ସେ ଚିଠିରେ ଯେମିତି ବାର୍ତ୍ତା ଥାଏ ।

ଭଅଁରାକୁ ପୁଲିସ କେବେ ଆସି ନ ଥିଲା । ଘନଶ୍ୟାମ ରାତି ଅଧଯାଏ ବସି ନିଶାପ କରି ଆଖପାଖ ସବୁ ଗାଁର କଳିଗୋଳ ଭାଙ୍ଗୁଥିଲେ । ମାଲି ମକଦ୍ଦମା କଥା ଲୋକେ ଚିନ୍ତା ବି କରିପାରୁ ନ ଥିଲେ । ଘନଶ୍ୟାମଙ୍କର ଏହି ନ୍ୟାୟ ବିଚାର ଘରବାହାର ସମସ୍ତଙ୍କ ପାଇଁ ସମାନ ଥିଲା । ଯୌଥପରିବାର ନ ଭାଙ୍ଗିବାର କାରଣ ଥିଲା ଘନଶ୍ୟାମଙ୍କର ଅସୀମ ତ୍ୟାଗ; ତାଙ୍କ ସ୍ତ୍ରୀଙ୍କର ସହିଷ୍ଣୁତା ଓ ସମଦୃଷ୍ଟି । ବଡ଼ ପରିବାରରେ ରହିଲେ କଳିଗୋଳ, ମତାନ୍ତର, ମନାନ୍ତର ହୁଏ । ମାତ୍ର ସ୍ୱାମୀ ସ୍ତ୍ରୀ ଦୁହିଁଙ୍କ ଅସୀମ ଧୈର୍ଯ୍ୟ ଓ ସହିଷ୍ଣୁତା ଯୋଗୁଁ ସବୁ ଅବୁଝାମଣା, ବିସ୍ୱାଦକର ପରିସ୍ଥିତିକୁ ଅନାୟାସରେ ଡେଇଁ ଯାଆନ୍ତି । ପରିବାରର ପୁଅଝିଅ, ପୁତୁରା ଝିଆରୀ ମିଶି ଷୋଳଜଣ । ଦଶଜଣ ଝିଅ ଓ ଛଅଜଣ ପୁଅ । ରଜ,

Digitized by srujanika@gmail.com

କୁମାର ପୂର୍ଣ୍ଣିମା, ଦଶହରା ପ୍ରଭୃତି ପୁନିଅ ପର୍ବ ହେଲେ ନିଜେ ଘନଶ୍ୟାମ ବାଲିକୁଦା ପାଟଣାକୁ ଯାଇ ପିଲାମାନଙ୍କର ଲୁଗାପଟା କିଣିଆଣନ୍ତି । ଝିଅଝିଆରୀଙ୍କୁ ପଚାରନ୍ତି, ପସନ୍ଦ ନ ହେଲେ ପୁଣି ଯାଇ ଫେରେଇ ଆଣନ୍ତି । କିନ୍ତୁ ଘନଶ୍ୟାମ ଯେଉଁ ଲୁଗାପଟା ଆଣିଥାନ୍ତି, ତାକୁ ସମସ୍ତେ ଆଦରରେ ପିନ୍ଧନ୍ତି । ସୁନାମଣିଦେବୀ ନିର୍ବିବାଦରେ ସେସବୁକୁ ପସନ୍ଦ କରି ଝିଅମାନଙ୍କୁ କହନ୍ତି - ଖୁବ୍ ଭଲ ହେଇଛି । ଏଇ ଥିଲା ରବି ରାୟଙ୍କ ପାରିବାରିକ ସଂସ୍କାର । ଗୋଟେ ଅଭିଜାତ ପରିବାରର ପରମ୍ପରା ଓ ଚଳଣି ପିଲାଙ୍କୁ ଗଢ଼ିବାରେ ଅନେକ ପ୍ରଭାବ ପକାଇଥାଏ । ବୋଉ ତାଙ୍କର କେବଳ ଝିଅମାନଙ୍କୁ ସଣ୍ଢଣା (ଅତ୍ୟନ୍ତ ରୁଚିପୂର୍ଣ୍ଣ ଓ ମାର୍ଜିତ ବ୍ୟବହାର) ଶିଖଉ ନ ଥିଲେ, ପୁଅ ଦିହିଁଙ୍କ ଉପରେ ମଧ୍ୟ ତାଙ୍କର ବେଶ୍ ନଜର ଥିଲା । ପିଲା ଦୁହେଁ କିମିତି ଭଲ ମଣିଷ ହେବେ ସେ ନେଇ ତାଙ୍କ ସାଧନାର ଅନ୍ତ ନ ଥିଲା ।

ଥରେ ଘନଶ୍ୟାମ ଦାଣ୍ଡରେ ବସିଥାନ୍ତି । ତାଙ୍କୁ ଭୀଷଣ ଜର ହୋଇଥାଏ । ରବି ରାୟ ତାଙ୍କ ଦାଦାପୁଅଭାଇ 'ଭାଲୁଭାଇ'ଙ୍କ ସାଙ୍ଗରେ ବେଲେଶ୍ୱର ଯାଇଥାନ୍ତି । ସେ ଭାଲୁଭାଇ ଭଲ ପଡୁ ନ ଥିଲେ । ରବି ଭାଲୁ ସାଙ୍ଗରେ ଯାଇଛି ଜାଣି ଘନଶ୍ୟାମ ଭୟଙ୍କର ରାଗିଲେ । ଘରେ ସମସ୍ତେ ବ୍ୟସ୍ତ ହୋଇପଡ଼ିଲେ । ରବି ରାୟ ବେଲେଶ୍ୱରରୁ ଫେରିବା ବାଟରେ ତାଙ୍କ ବଡ଼ଭାଇ ମର୍ଦ୍ଦରାଜ ଅଧାବାଟରେ ତାଙ୍କୁ ଅଟକେଇ କହିଲେ - 'ବାପା ତୋ ଉପରେ ଭୟଙ୍କର ରାଗିଛନ୍ତି । ତୁ ଏବେ ତାଙ୍କ ଆଗକୁ ଯାଆନା । ତୁ ଏବେ ସାନବୋଉ ପାଖରେ ଲୁଚିକରି ଥା । ବାପାଙ୍କ ରାଗ ଶାନ୍ତ ହୋଇଗଲେ ତୁ ତାଙ୍କ ସାମନାକୁ ଯିବୁ ।'

ସେଇୟା ହେଲା । ବହୁ ସମୟ ଯାଏ ରବି ରାୟ ସାନବୋଉ ଘରେ ଆତ୍ମଗୋପନ କରି ରହିଲେ । କେତେବେଳକୁ ଘନଶ୍ୟାମଙ୍କ ରାଗ ଟିକେ ଥଣ୍ଡା ପଡ଼ିବାରୁ ରବି ରାୟ ବାପାଙ୍କ ସାମନାକୁ ଆସିଲେ । ତା ପରେ ସେ ରବି ରାୟଙ୍କୁ ବହୁତ ବୁଝାବୁଝି କଲେ । ସାଙ୍ଗରେ ବସେଇ ଖୁଆଇଲେ । ଘନଶ୍ୟାମ ବଡ଼ ଉଚ୍ଚାଭିଳାଷୀ ଥିଲେ । ପିଲା ଦୁହିଁଙ୍କ ପାଇଁ ତାଙ୍କର ଅଜସ୍ର ସ୍ୱପ୍ନ ଥିଲା । ପରିବାରରେ ଗୋଟେ କଥା ସ୍ଥିର ହୋଇଥିଲା ଯେ - ବି.ଏ. ପାସ୍ ପର୍ଯ୍ୟନ୍ତ କୋଠଖର୍ଚ୍ଚରୁ ପିଲାଏ ପାଠ ପଢ଼ିବେ । ତେଣିକି ବି.ଏ. ପାସ୍ କଲାପରେ ତାଙ୍କ ଖର୍ଚ୍ଚ ସେ କରିବେ । ଏହାହିଁ ସେତେବେଳେ ତାଙ୍କ ଯୌଥ ପରିବାରର ଅଲିଖିତ ଚୁକ୍ତି ଥିଲା ନିଜ ନିଜ ଭିତରେ ।

୧୯୩୬ ମସିହାରେ ଘନଶ୍ୟାମଙ୍କ ଦେହାନ୍ତ ହେଲା । ତା ପୂର୍ବରୁ ଜେଜେମା 'ବୁଢ଼ୀବୋଉ'ଙ୍କର ମଧ୍ୟ ମୃତ୍ୟୁ ହୋଇସାରିଥିଲା । ବୁଢ଼ୀବୋଉ ଭାରି କର୍ମଠ ଥିଲେ । କାମଦାମରେ ତାଙ୍କ ସହିତ ଆଉ କୋଉ ସ୍ତ୍ରୀଲୋକ ସମାନ ହୋଇପାରିବ ନାହିଁ । ବୁଢ଼ୀବୋଉ ନିଜ ଶୋଇବାଘରେ ପଚାଶବସ୍ତା ଭଲ ସରୁ ଅରୁଆଚାଉଳ ସବୁବେଳେ ରଖିଥାନ୍ତି । ଗଲାଅଇଲା ଅତିଥି ଅଭ୍ୟାଗତଙ୍କ ପାଇଁ ତାହା ଖର୍ଚ୍ଚ ହୁଏ । ବୁଢ଼ୀବୋଉଙ୍କୁ

Digitized by srujanika@gmail.com

କେହି ଭରସି କରି କଥା କହିପାରନ୍ତି ନାହିଁ । କେବଳ ରବି ରାୟଙ୍କ ବୋଉ ତାଙ୍କୁ ଭରସି କରି କଥା କହନ୍ତି । ପ୍ରତିଦିନ ବୁଢ଼ୀବୋଉ ଚାରିଟା ଗାଁତିରୁ ଉଠନ୍ତି । ଠାକୁରଘର ଲିପାପୋଛା, ଠାକୁରବାସନ ମାଜିବା ପ୍ରଭୃତି ସବୁ କାମ ନିଜ ହାତରେ କରନ୍ତି । ଘନଶ୍ୟାମ ଖାଇବସିଲାବେଳେ ବୁଢ଼ୀବୋଉ ସବୁଦିନ ନିଜେ ଘିଅ ଆଣି ଭାତରେ ଦେଲେ ସେ ଖାଇବା ଆରମ୍ଭ କରନ୍ତି ।

ଥରେ ରବି ରାୟ ବୁଢ଼ୀବୋଉଙ୍କ ସାଙ୍ଗରେ ରାତି ଚାରିଟାରୁ ଉଠିଥିଲେ । ବୁଢ଼ୀବୋଉ ରବି ରାୟଙ୍କୁ ଭାରି ଗେହ୍ଲା କରୁଥିଲେ । ସବା ସାନ ଛୁଆ । କୋଳପୋଛା । ସେଥିପାଇଁ ଅଧିକ ଆଦରଯତ୍ନ ତାଙ୍କର ଅଜାଡ଼ି ହୋଇପଡ଼େ । କାଳିଅନ୍ଧାରୁ ଉଠି କଣ ଗୋଟେ କାମ ପାଇଁ ବୁଢ଼ୀବୋଉ ରବି ରାୟଙ୍କୁ ସାଙ୍ଗରେ ନେଇ ଖଳାବାରିକୁ ଯାଇଥିଲେ । ଖଳାବାରିରେ ଗୋଟେ ବିରାଟ ବାଘ ଶୋଇଥିଲା । ଛୋଟପିଲା ରବି ରାୟଙ୍କୁ ବାଘ ଦେଖି ଭାରି ମଜା ଲାଗିଲା । ସେ ଭୟଭୀତ ହେଲେ ନାହିଁ । ବରଂ ଚମତ୍କୃତ ହେଲେ । ବୁଢ଼ୀବୋଉ ଡରରେ ରବି ରାୟଙ୍କୁ ଧରି ଘର ଭିତରକୁ ଚାଲିଗଲେ । କିନ୍ତୁ ରବି ରାୟଙ୍କ କୌତୂହଳ ତଥାପି ଶାନ୍ତ ହୋଇ ନ ଥିଲା । ସେ ବୁଢ଼ୀମା ପାଖରେ ଜିଦ୍ କରି କହୁଥିଲେ, ଖଳାବାରିକୁ ଯାଇ ଆଉଥରେ ବାଘ ଦେଖିବାକୁ । ହେଲେ ବୁଢ଼ୀବୋଉ ବାରିକବାଟର ଛିଟ୍‌କିଣୀ ଲଗାଇଦେଲେ । ସେତେବେଳେ ଭଅଁରା ଜଙ୍ଗଲରୁ ବେଳେବେଳେ ବାଘ ଗାଁ ଭିତରକୁ ପଶି ଆସୁଥିଲା । ଜଙ୍ଗଲର ଅନେକ ଜନ୍ତୁଜୁନ୍ତା ବି ଫସଲ ଖାଇବାକୁ ଗାଁ ସୀମା ଭିତରକୁ ଚାଲି ଆସୁଥିଲେ ।

ପରମ୍ପରା ଅନୁସାରେ ଗାଁ ଗୋଟାକର ସବୁ ପୁନିଅଁପର୍ବ ସାଆନ୍ତଘରେ ସମସ୍ତେ ମିଶି ପାଳନ କରୁଥିଲେ । ସାଆନ୍ତଘର ଢିଙ୍କିଶାଳରେ ଗାଁର ଝିଅମାନେ ଖୁଦୁରୁକୁଣୀ ଓଷା ପୂଜା କରନ୍ତି । ବୁଢ଼ୀବୋଉ ଝିଅମାନଙ୍କ ପାଖେ ପାଖେ ରହି ସବୁ କରେଇ ଦିଅନ୍ତି । ସେଥର ଢିଙ୍କି ସମାରେ ଲାଗିଥିବା ଲୁହାଟା ବୁଢ଼ୀବୋଉଙ୍କ ଆଣ୍ଠୁରେ ବାଜିଗଲା । ସେ ଆଉ ସେ ଆଘାତରୁ ଉଠିପାରିଲେ ନାହିଁ । ତାହାହିଁ ତାଙ୍କ ମୃତ୍ୟୁର କାରଣ ହେଲା ।

ଦୁଇପୁଅଙ୍କୁ ଉଚ୍ଚଶିକ୍ଷିତ କରିବାପାଇଁ ଘନଶ୍ୟାମଙ୍କ ନିଷ୍ଠାର ଅନ୍ତ ନ ଥିଲା । କିନ୍ତୁ ଦେହ ଖରାପ ହୋଇ ସେ ଅକାଳରେ ମୃତ୍ୟୁବରଣ କଲେ । ତାଙ୍କ ଶେଷ ସମୟ ବେଳକୁ ବଡ଼ପୁଅ ମର୍ଦ୍ଦରାଜଙ୍କର ବି.ଏ. ପରୀକ୍ଷା ମୁଣ୍ଡ ଉପରେ ଥାଏ । ସେ ରୋଗଶଯ୍ୟାରେ ବାରମ୍ବାର କହୁଥାନ୍ତି - 'ମର୍ଦ୍ଦିର ପରୀକ୍ଷା । ସେ ଆସିବନି । ତାକୁ କିଛି ଜଣେଇବ ନାହିଁ । ସେ ପରୀକ୍ଷା ନ ଦେଇ ଆସିଲେ ମୋ ଆତ୍ମା କଷ୍ଟ ପାଇବ ।' କିନ୍ତୁ ପରିବାରର ପରମ୍ପରା ଓ କୌଳିକପ୍ରଥା ଅନୁଯାୟୀ ଘନଶ୍ୟାମଙ୍କ ଚିତାଗ୍ନିରେ କେବଳ ମର୍ଦ୍ଦରାଜଙ୍କର ମୁଖାଗ୍ନି ଦେବା କଥା । ଏକଥା ଜାଣିବା ସତ୍ତ୍ୱେ ଘନଶ୍ୟାମ ବାରଣ କରିଥାନ୍ତି ମର୍ଦ୍ଦରାଜଙ୍କ ଆସିବାକୁ । ତାଙ୍କ ବିଚାରରେ ମୁଖାଗ୍ନି ଅପେକ୍ଷା ମର୍ଦ୍ଦରାଜଙ୍କର ପରୀକ୍ଷା ଥିଲା ଅଧିକ

Digitized by srujanika@gmail.com

ଗୁରୁତ୍ୱପୂର୍ଣ୍ଣ । ତେଣୁ ତାଙ୍କ ଶେଷଇଚ୍ଛାକୁ ସମ୍ମାନ ଜଣାଇ କକାମାନେ ମର୍ଦ୍ଦରାଜଙ୍କ ପାଖକୁ ସାଙ୍ଗେ ସାଙ୍ଗେ ଖବର ପଠେଇଲେ ନାହିଁ । ମର୍ଦ୍ଦରାଜ ଘନଶ୍ୟାମଙ୍କ ଚିତାଗ୍ନିରେ ମୁଖାଗ୍ନି ଦେଇପାରିଲେ ନାହିଁ । ପରୀକ୍ଷା ଦେଇସାରି ସେ ଗାଁକୁ ଆସି ଶୁଦ୍ଧିବାଧି, କ୍ରିୟାକର୍ମ କଲେ । ୧୯୩୬ ମସିହାରେ ଘନଶ୍ୟାମଙ୍କର ଦେହାନ୍ତ ହୋଇଥିଲା । ରବି ରାୟ ସେତେବେଳକୁ ମାତ୍ର ନଅଦଶ ବର୍ଷର ବାଳକ ।

ବୁଢ଼ୀବୋଉ ଓ ଘନଶ୍ୟାମ ଚାଲିଯବା ପରେ ଯୌଥ ପରିବାରର ମେରୁଦଣ୍ଡ ଦୋହଲି ଯାଇଥିଲା । ଘନଶ୍ୟାମଙ୍କ ମୃତ୍ୟୁବେଳକୁ ତାଙ୍କର ମାତ୍ର ଦୁଇଝିଅଙ୍କର ବାହାଘର ହୋଇସାରିଥିଲା । ବଡ଼ପୁଅ ମର୍ଦ୍ଦରାଜ ବି.ଏ. ପଢୁଥାନ୍ତି । ସାନପୁଅ ରବି ରାୟ ଛୋଟ । ଯୌଥ ପରିବାରର ଏକତାର କେନ୍ଦ୍ରବିନ୍ଦୁ ଥିଲେ ଘନଶ୍ୟାମ ଓ ବୁଢ଼ୀବୋଉ । ତାଙ୍କ ଅନ୍ତେ ଏ ଏକତା ଆଉ ରହିଲାନି । ଏକମନପ୍ରାଣ ହୋଇ ଯେମିତି ଆଗରୁ ସମସ୍ତେ ଚଳୁଥିଲେ, ଧୀରେ ଧୀରେ ସେଥିରେ କିଛିଟା ଫାଟ ସୃଷ୍ଟି ହୋଇଥିଲା । ଅବଶ୍ୟ ଅନ୍ୟସବୁ ଭଉଣୀମାନଙ୍କୁ କକାମାନେ ବାହାତୋଳା କରାଇଥିଲେ । ମର୍ଦ୍ଦରାଜଙ୍କର ବାହାଘର ହୋଇଥିଲା ପିତାଙ୍କ ମୃତ୍ୟୁ ପରେ ।

ଘନଶ୍ୟାମଙ୍କ ଅନ୍ତେ ମୁଖ୍ୟତଃ କକା କୃଷ୍ଣ ରାୟହିଁ ସବୁକଥା ବୁଝାବୁଝି କରୁଥିଲେ । ପୂର୍ବରୁ ପ୍ରଥା ଅନୁଯାୟୀ ଠାକୁର ନୃସିଂହନାଥଙ୍କ ଜମି କେବଳ ସାଆନ୍ତ ଭୋଗ କରୁଥିଲେ । ଠାକୁରଙ୍କ ପୂଜାବିଧି, ପର୍ବପର୍ବାଣି, ଯାନିଯାତ୍ରା ସବୁ ସାଆନ୍ତଘର ତୁଲାଉଥିଲେ । କିନ୍ତୁ କୃଷ୍ଣ ରାୟ କହିଲେ - ଠାକୁରଙ୍କ ଜମିରୁ ସବୁ ଭାଇମାନେ ସମାନ ସମାନ ଭାଗ ନେବେ । ଅନ୍ୟ ସବୁ କକାମାନଙ୍କୁ ମଧ ସେ ଏ ବାବଦରେ ପ୍ରୋତ୍ସାହିତ କଲେ । କୃଷ୍ଣ ରାୟ ଟିକେ ଅଧିକ ବିଷୟାସକ୍ତ ଥିଲେ । ତାଙ୍କର ପିଲାପିଲି ନ ଥିଲା । କିନ୍ତୁ ଠାକୁରଜମି ଉପରେ ତାଙ୍କର ଅସମ୍ଭବ ଲୋଭ ଥିଲା । ଅନେକ ସମୟରେ ଖମାର କଥା ସେ ବୁଝାବୁଝି କରୁଥିବାରୁ ଅଧିକ ଟଙ୍କାପଇସା ନିଜ ପାଖରେ ଜମେଇ ପାରିଥିଲେ । ଯା ସତ୍ତ୍ୱେ ବି ଠାକୁରଙ୍କ ଜମିପାଇଁ ସେ ଅନ୍ୟସବୁ କକାମାନଙ୍କୁ ମତେଇ ମର୍ଦ୍ଦରାଜଙ୍କ ନାଁରେ ମକଦ୍ଦମା କଲେ । ଘନଶ୍ୟାମଙ୍କ ଜୀବିତାବସ୍ଥାରେ ଯେଉଁ ଗାଁକୁ ପୋଲିସ ଯାଉ ନ ଥିଲା, ଯେଉଁ ଗାଁରେ ଆଦୌ କୋର୍ଟ କଚେରି କେଶକୁଶା ହେଉ ନ ଥିଲା, ସେଇ ଗାଁରେ ପୁଣି ସେଇ ସାଆନ୍ତଙ୍କ ପରିବାରରେ ଠାକୁରଙ୍କ ଜମିକୁ କେନ୍ଦ୍ରକରି ମକଦ୍ଦମା ହେଲା, ଏହା ବିଧିର ବିଡ଼ମ୍ବନା ଛଡ଼ା ଆଉ କ'ଣ ହୋଇପାରେ ! କିନ୍ତୁ ଯାହାହେଉ ଗାଁ ଲୋକେ ଓ ଅନ୍ୟ ସମସ୍ତ ପ୍ରଜାପାଟକ, ଆଖପାଖ ଗାଁର ଲୋକେ ମର୍ଦ୍ଦରାଜଙ୍କୁ ସମର୍ଥନ କରୁଥିଲେ । ଫଳରେ ମର୍ଦ୍ଦରାଜଙ୍କ ନାଁରେ ପୁଣି ସବୁ ଠାକୁରଙ୍କ ଜମି ରହିଲା । ପୂର୍ବ ପ୍ରଚଳିତ ପରମ୍ପରା ଅନୁଯାୟୀ ସାଆନ୍ତ ପରିବାର ଠାକୁରଙ୍କ ଜମିଜମାର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କଲେ । ଏ ଘଟଣାକୁ କେନ୍ଦ୍ରକରି ବହୁଦିନର ଯୌଥପରିବାର ଭାଙ୍ଗିଗଲା । ସମସ୍ତେ ଭିନ୍ନେଭାନ ହୋଇଗଲେ । ଏହା ଯେପରି ଥିଲା କାଳର ଏକ ଅନିବାର୍ଯ୍ୟ ଭବିତବ୍ୟ ।

Digitized by srujanika@gmail.com

ଏସବୁ ସତ୍ତ୍ୱେ କୃଷ୍ଣ ରାୟ ମର୍ଦ୍ଦରାଜଙ୍କ ସ୍ତ୍ରୀଙ୍କୁ ନିଜ ଝିଅ ଭଳି ଭାରି ଶ୍ରଦ୍ଧା କରୁଥିଲେ । ତାଙ୍କ ପାଖରେ ବହୁତ ଟଙ୍କାପଇସା ଥିଲା । ଯଦି କୌଣସି କାରଣରୁ କୃଷ୍ଣ ରାୟ ଓ ତାଙ୍କ ସ୍ତ୍ରୀ ବାହାରକୁ ଯାଉଥିଲେ, ତେବେ ସେମାନେ ତାଙ୍କ ନିଜଘରର ଚାବି କେବଳ ମର୍ଦ୍ଦରାଜଙ୍କ ସ୍ତ୍ରୀଙ୍କୁ ହିଁ ଦେଇଯାଉଥିଲେ । ତାଙ୍କର ଏପରି ବିଚିତ୍ର ଆଚରଣ ଦେଖି ଲୋକେ ଆଚମ୍ବିତ ହେଉଥିଲେ ।

ସବୁଠୁ ଆଶ୍ଚର୍ଯ୍ୟର କଥା ରବି ରାୟ ଏସବୁ ପାରିବାରିକ ସମସ୍ୟା ଭିତରେ ଆଦୌ ଜଡ଼ିତ ହୁଅନ୍ତି ନାହିଁ । ସ୍ୱଭାବତଃ ସେ ଜଟିଳ ନ ଥିବାରୁ ଏସବୁ ଘଟଣା ତାଙ୍କୁ ଭାରି ବ୍ୟଥିତ କରୁଥିଲା । ସମୟକ୍ରମେ ସେସବୁ ପରିସ୍ଥିତିର ସୁଧାର ହୋଇଯାଇଥିଲା ଓ ପାରିବାରିକ ଶାନ୍ତି ଫେରିଆସିଥିଲା ।

ଝଙ୍କାଳିଆ ବରଗଛ ଓ ନୀଳକଇଁ

ମଣିଷ ଜୀବନର ତିନୋଟି ମୁଖ୍ୟ ଅନୁଷ୍ଠାନ । ତିନୋଟି ପର୍ଯ୍ୟାୟ । ଜନ୍ମ-ବିବାହ-ମୃତ୍ୟୁ । ଜନ୍ମିତ ଶିଶୁଟି ଜାଣିପାରେନି, ଏ ପୃଥିବୀ ପାଇଁ ସେ କେତେ ଶୁଭନିଃଶ୍ୱାସ ନେଇ ଆସିଛି କି ଅଭିଶାପ ହୋଇ ଆସିଛି । ମୃତ୍ୟୁ ପରେ ବି ସେ ଜାଣେନି ସେ କୁଆଡ଼େ ଗଲା ! ଧରାପୃଷ୍ଠରେ ତାର ଆବିର୍ଭାବ କେତେ ଶୁଭଙ୍କର, ତାହା ହୁଏତ କାଳ ନିର୍ଦ୍ଧାରଣ କରେ । ଜନ୍ମ ଓ ମୃତ୍ୟୁ - ଏ ଦୁଇ ଅନୁଷ୍ଠାନକୁ ମଣିଷ ନିଜେ ଅନୁଭବ କରିପାରେନି । କିନ୍ତୁ ବିବାହକୁ ନେଇ ସବୁ ତରୁଣ ତରୁଣୀଙ୍କ ପ୍ରାଣରେ ଥାଏ ଅଜସ୍ର ଆକାଶୀ ସ୍ୱପ୍ନ । ମନର ମଣିଷଟି କେମିତି ହେବ ସେ ନେଇ କିଛି କମ୍ ଉତ୍କଣ୍ଠା, କମ୍ ଉଦ୍‌ବେଗ ବି ନ ଥାଏ ! ତାରି ହାତ ସାଙ୍ଗରେ ହାତ ମିଳାଇ ସଂସାରର ବନ୍ଧୁର ପଥକୁ ଅତିକ୍ରମ କରିବାକୁ ହେବ । ସୁଖଦୁଃଖ, ହାନିଲାଭ, ସଫଳତା, ବିଫଳତା ସବୁଥିରେ ସେ ହେବ ଅଂଶୀଦାର । ଦୁଇଟି ଶରୀର, ଗୋଟିଏ ଆତ୍ମା, ଗୋଟିଏ ମନପ୍ରାଣ ହୋଇ ନୂଆ ସଂସାର ଗଢ଼ିବେ । ସେ ସଂସାର ଫୁଲପରି ମହକିବ । ସବୁଆଡ଼କୁ ତାର ବାସ ଛୁଟିବ । ଲୋକେ କହିବେ ସଫଳ ଜୀବନଟିଏ । ଆଦର୍ଶ ସଂସାରଟିଏ !

ସବୁ ତରୁଣ ଚାହାନ୍ତି ତାଙ୍କ ସ୍ୱପ୍ନର ନାୟିକାଟି ଲକ୍ଷ୍ମୀପ୍ରତିମା ପରି ସୁନ୍ଦରୀ, ତନ୍ୱୀ, ତରୁଣୀ ହୋଇଥାଉ । ସରସ୍ୱତୀଙ୍କ ପରି ବିଦୁଷୀ ହୋଇଥାଉ । ଆଉ ଦେବୀ ଦୁର୍ଗାଙ୍କ ପରି କଲ୍ୟାଣୀ, ଶକ୍ତିମୟୀ ହୋଇଥାଉ । ସେ ଏକାଧାରରେ ହୋଇଥାଉ ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗା । ଖୁବ୍ କ୍ୱଚିତ୍ ଯୁବକଙ୍କ ଭାଗ୍ୟରେ ହୁଏତ ଏପରି ସୌଭାଗ୍ୟ ଜୁଟେ । କିନ୍ତୁ ଘରସଂସାର କରିବା ଆଗରୁ ସବୁ ଯୁବକ ଏଇ ସ୍ୱପ୍ନରେ ବିଭୋର ଥାନ୍ତି ।

ସେହିପରି ସବୁ ଝିଅ ଚାହାନ୍ତି ତାଙ୍କ ସ୍ୱାମୀ କନ୍ଦର୍ପ ପରି ସୁନ୍ଦର ହୋଇଥାଉ । କଥାରେ ଅଛି-

Digitized by srujanika@gmail.com

କନ୍ୟା ବରୟତେ ରୂପମ୍
ମାତା ବିତ୍ତମ୍, ପିତା ଶ୍ରୁତମ୍
ବାନ୍ଧବାଃ କୁଳମିଚ୍ଛନ୍ତି
ମିଷ୍ଟାନ୍ନ ମିତରେ ଜନାଃ ।

କହିବାକୁ ଗଲେ, ଏସବୁର ସମନ୍ୱୟ ଥିଲେ ରବି ରାୟ । ଯେମିତି ଉଭୟ ଉଭୟଙ୍କ ପାଇଁ ଗଢ଼ା । ବିଧାତା ଦୁଇଜଣଙ୍କୁ ସେମାନଙ୍କ ସ୍ୱପ୍ନ ଅନୁସାରେ ଗଢ଼ିଛି । ତେଜସ୍ୱୀ ରବି ରାୟ ସୁଦର୍ଶନ ଯୁବକ । ବିତ୍ତ ସମ୍ପତ୍ତି, କୁଳମାନ ମର୍ଯ୍ୟାଦା, ବଂଶପରମ୍ପରା, କେଉଁଥିରେ ଊଣା ନାହିଁ । ଉଚ୍ଚଶିକ୍ଷା ଡିଗ୍ରୀଧାରୀ ରବି ରାୟଙ୍କୁ ନିଜର ସ୍ୱାମୀ ରୂପରେ ପାଇବାକୁ ସେତେବେଳେ ଯେକୌଣସି ଝିଅ ହୁଏତ ଗୌରୀପୂଜାର ଅଭୀଷ୍ଟ ସିଦ୍ଧି ବୋଲି ଭାବୁଥିବେ । ସେହିପରି ସରସ୍ୱତୀ ଥିଲେ ଲକ୍ଷ୍ମୀସ୍ୱରୂପା କନକବରଣା । ଦେବୀ ଦୁର୍ଗାଙ୍କ ପରି ଶକ୍ତିମୟୀ ଓ ବାସ୍ତବରେ ନିଜର ପ୍ରଜ୍ଞା ଓ ଧୀମତ୍ତାରେ ସରସ୍ୱତୀ ନାମକୁ ସାର୍ଥକ କରୁଥିବା ସରସ୍ୱତୀ, ସକଳ ନାରୀତ୍ୱରେ ଆଭୂଷିତା ଥିଲେ । ଯେକୌଣସି ଯୁବକ ତାଙ୍କୁ ପାଇବାକୁ ଈଶ୍ୱରଙ୍କ ଆଶୀର୍ବାଦ ମଣିବା କିଛି ବିଚିତ୍ର କଥା ନୁହେଁ ।

ସରସ୍ୱତୀଙ୍କ ନିଜ ଗାଁ ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅଞ୍ଚଳରେ ଅଳାବୋଳ ଗାଁରେ । ତାଙ୍କର ସବୁ ଶିକ୍ଷାଦୀକ୍ଷା ଚକ୍ରଧରପୁରରେ (ଏବର ଝାଡ଼ଖଣ୍ଡ) । ସରସ୍ୱତୀଙ୍କ ବାପା ଚକ୍ରଧର ସ୍ୱାଇଁ ଜଣେ ବିଶିଷ୍ଟ ଲୋକ ଥିଲେ । ସେ ମାଟ୍ରିକ ପାସ୍ କରିଥିଲେ । ଆଇ.ଏ. ପରୀକ୍ଷା ଦେଇ ପାରି ନ ଥିଲେ । ସେତେବେଳେ ପଚାଶଖଣ୍ଡ ଗାଁ ଭିତରେ ଜଣେ ଅଧେ ମାଟ୍ରିକ ପାସ୍‌ବାଲା ଥିଲେ । ଆଜି ଯେମିତି ଗାଁ ଗାଁରେ ବହୁସଂଖ୍ୟାରେ ଏମ.ଏ., ବି.ଏ., ଡାକ୍ତର, ଇଂଜିନିୟର ଡିଗ୍ରୀଧାରୀ ଯୁବକ ଦେଖାଯାଉଛନ୍ତି ସେତେବେଳେ ସେସବୁ କଥା ସ୍ୱପ୍ନ ଥିଲା । ଚକ୍ରଧର ସ୍ୱାଇଁ ପ୍ରଥମେ ପୋଲିସ ବିଭାଗରେ ଚାକିରି କରିଥିଲେ । କିନ୍ତୁ ପୋଲିସ ଚାକିରି ତାଙ୍କୁ ଭଲ ନ ଲାଗିବାରୁ ସେ ଚାକିରି ଛାଡ଼ି ରେଳୱେରେ ଚାକିରି କଲେ । ଚକ୍ରଧରପୁରରେ ରେଳୱେ ବିଭାଗର ବହୁତବଡ଼ କାର୍ଯ୍ୟାଳୟ ଥାଏ । ସେଠି ସେ ସୁପରିଣ୍ଟେଣ୍ଡେଣ୍ଟ ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କର କାର୍ଯ୍ୟଦକ୍ଷତା, ନିଷ୍ଠା, ସଚ୍ଚୋଟପଣିଆ, ତ୍ୟାଗ ମନୋବୃତ୍ତି ତଥା ମଧୁର ବ୍ୟବହାର ଯୋଗୁଁ ରେଳୱେ ବିଭାଗର ତଳ ଉପର ସବୁ କର୍ମଚାରୀଙ୍କର ସେ ଅତ୍ୟନ୍ତ ପ୍ରିୟ ଥିଲେ । ତାଙ୍କର ସେଠି ବେଶ୍ ଖାତିର ବି ଥାଏ । ବାଲିକୁଦା ଅଞ୍ଚଳର ତଥା ବହୁ ଓଡ଼ିଆଙ୍କୁ ସେ ରେଳ ବିଭାଗରେ ଚାକିରି କରେଇ ଦେଇଛନ୍ତି । ଗାଁ ଲୋକେ ଚାକିରି ଉଦ୍ଦେଶ୍ୟରେ ତାଙ୍କ ପାଖକୁ ଗଲେ, ସେ କିଛିଦିନ ନିଜ ଘରେ ରଖନ୍ତି, ଖାଇବା ପିଇବାକୁ ଦିଅନ୍ତି ଓ ଚାକିରି କରେଇ ଦିଅନ୍ତି । ଚଳିବାପାଇଁ କଂସାବାସନ, ଡେକ୍‌ଚି କରେଇ କିଣି ଦିଅନ୍ତି । ମାସକ ଚଳିଲା

Digitized by srujanika@gmail.com

ଭଳିଆ ମସଲାମସଲି, ପନିପରିବା ବି କିଣି ଦିଅନ୍ତି । ମାସକ ଚଳିଲାପରେ ସେ ଦରମା ପାଇ ନିଜ ବ୍ୟବସ୍ଥା ନିଜେ କରିବାଯାଏ ଆନୁଷଙ୍ଗିକ ଯଥାସାଧ୍ୟ ସାହାଯ୍ୟ କରିଥାନ୍ତି । ଆଜିକାଲି ଯୁଗରେ ଏପରି ଉଦାରତା କଳ୍ପନା କରି ହୁଏ ନାହିଁ ।

ଏପରି ଭାବରେ ସେ ବହୁଲୋକଙ୍କୁ ରେଲୱେ ବିଭାଗରେ ଚାକିରି କରେଇ ଦେଇଥିଲେ । ତାଙ୍କ ବଦାନ୍ୟତାର ପଟାନ୍ତର ନ ଥିଲା । ସେଥିପାଇଁ ଲୋକେ ତାଙ୍କୁ ଭାରି ଖାତିର କରୁଥିଲେ । ଚକ୍ରଧର ସ୍ୱାଇଁଙ୍କର ଅତି ଅନ୍ତରଙ୍ଗ ବନ୍ଧୁ ଥିଲେ ବାଲିକୁଦାର ଇଛାପୁରରେ ଜନ୍ମ ହୋଇଥିବା ପ୍ରଖ୍ୟାତ ଶିକ୍ଷାବିତ୍ ପ୍ରାଣକୃଷ୍ଣ ପରିଜା । ଯାହାଙ୍କୁ ଲୋକେ ଶ୍ରଦ୍ଧାଭକ୍ତିରେ ପରିଜାସାହେବ ବୋଲି ଡାକୁଥିଲେ । ଉଭୟ ବାଲ୍ୟବନ୍ଧୁ ଥିଲେ । ତେଣୁ ଦୁହିଁଙ୍କ ଭିତରେ ବେଶ୍ ଘନିଷ୍ଠତା ଥିଲା ।

ଚକ୍ରଧର ସ୍ୱାଇଁଙ୍କର ଯୌଥ ପରିବାର । ପୁତୁରାଝିଆରୀ ସମସ୍ତେ ସରସ୍ୱତୀଙ୍କଠୁ ବଡ଼ । ଯୌଥ ପରିବାରର ସମସ୍ତଙ୍କ ଦାୟିତ୍ୱ, ବାହାତୋଳା ଭଲମନ୍ଦ ସବୁ ସେ କରୁଥିଲେ । ଏଥିପାଇଁ ତାଙ୍କୁ କିଛି କମ୍ ତ୍ୟାଗ ସ୍ୱୀକାର କରିବାକୁ ପଡୁ ନ ଥିଲା, ଏକଥା ନୁହେଁ । ସେ ପୁତୁରା ଝିଆରୀ, ବନ୍ଧୁବାନ୍ଧବ ସମସ୍ତଙ୍କ ପ୍ରତି ସ୍ନେହପ୍ରବଣ ଥିଲେ । ଭାରି ଦୟାଳୁ ଥିଲେ । କାହା ଦୁଃଖ ସେ ସହିପାରୁ ନ ଥିଲେ । ତାଙ୍କୁ ସେଥିପାଇଁ ନିଜର ବହୁ ସୁଖ-ସ୍ୱାଚ୍ଛନ୍ଦ୍ୟକୁ ବଳିଦେବାକୁ ପଡୁଥିଲା ।

ଚକ୍ରଧର ସ୍ୱାଇଁଙ୍କର ଚାରି ଝିଅ ଓ ଦୁଇ ପୁଅ । ଝିଅମାନେ ସମସ୍ତେ ବଡ଼ । ପୁଅ ଦୁହେଁ ସାନ । ସରସ୍ୱତୀ ସବାବଡ଼ । ରକ୍ତରେ ପିତାଙ୍କ ଆଦର୍ଶ । ଚକ୍ରଧରପୁରରେ ସରସ୍ୱତୀ କନଭେଣ୍ଟ ସ୍କୁଲରେ ପଢୁଥିଲେ । କିଛିଦିନ ପରେ ତାଙ୍କର ଧାରଣା ହେଲା - କନଭେଣ୍ଟ ସ୍କୁଲର ଶିକ୍ଷାଦାନ ପଦ୍ଧତି ଯେପରି ସେଥିରେ ଝିଅ ହୁଏତ ଖ୍ରୀଷ୍ଟିୟାନ ହୋଇଯିବ । ତେଣୁ ସେ ସରସ୍ୱତୀଙ୍କୁ କନଭେଣ୍ଟ ସ୍କୁଲରୁ ଉଠାଇଆଣି ଓଡ଼ିଆ ସ୍କୁଲରେ ନାମ ଲେଖାଇଦେଲେ । ସେଠାରେ ସ୍କୁଲ ଶିକ୍ଷା ସମାପ୍ତ କରି ସେ କଟକ ଆସି ରେଭେନ୍ସା କଲେଜରେ ସାଇନ୍ସରେ ଆଡ଼ମିସନ ନେଲେ । ଚକ୍ରଧର ସ୍ୱାଇଁଙ୍କର ଅଭିଳାଷ ଥିଲା - ଝିଅ ସରସ୍ୱତୀ ଡାକ୍ତରଟିଏ ହେବ । ଏଇ ଇଚ୍ଛା ପୂରଣ ଦିଗରେ ସରସ୍ୱତୀଙ୍କର ମଧ୍ୟ ପ୍ରବଳ ଆନ୍ତରିକ ନିଷ୍ଠା ରହିଥିଲା । ନିଜକୁ ଡାକ୍ତର କରିବାପାଇଁ ସେ ନିରଳସ ଭାବରେ ସାଧନା କରୁଥିଲେ ।

ସରସ୍ୱତୀ ରେଭେନ୍ସା କଲେଜରେ ସାଇନ୍ସ ପଢୁଥାନ୍ତି । କଲେଜଛକରୁ ଛତ୍ରବଜାର ପୋଲଆଡ଼କୁ ଯିବା ରାସ୍ତାରେ ପଡ଼େ ସ୍ୱନାମଧନ୍ୟା ଉଦ୍ଭିଦ ବିଜ୍ଞାନ ପ୍ରଫେସର ଗୌରରାଣୀ ଘୋଷଙ୍କ ଘର । ସେତେବେଳେ ରେଭେନ୍ସା କଲେଜରେ ଝିଅମାନଙ୍କ ପାଇଁ ଛାତ୍ରୀନିବାସ ନ ଥାଏ । ଏଣୁ ଗୌରରାଣୀ ଘୋଷଙ୍କ ଘର ଭଡ଼ା ନେଇ ଲେଡ଼ିଜ ହଷ୍ଟେଲ ଚାଲୁଥାଏ । ସେଠି ପ୍ରାୟ ଷୋଳ ସତରଜଣ ଝିଅ ସେତେବେଳେ ରହୁଥାନ୍ତି । ସରସ୍ୱତୀ

Digitized by srujanika@gmail.com

ବି ସେଠି ଅନ୍ତେବାସିନୀ ହୋଇ ରହୁଥାନ୍ତି । ଯୋଗମାୟା ପଟ୍ଟନାୟକ, ମହାମାୟା ପଟ୍ଟନାୟକ, ଶାନ୍ତିଦେବୀ, ରେଣୁବାଳା ଚାଟାର୍ଜୀ, ମାଧୁରୀ ଦତ୍ତ, ଶଶିମଣି ପଣ୍ଡା, ନନ୍ଦିନୀ ଶତପଥୀ ପ୍ରଭୃତି ସେଠି ରହୁଥାନ୍ତି ।

ଓଡ଼ିଆବଜାର ଯଦୁନାଥ ଭବନରେ ସୋସାଲିଷ୍ଟ ପାର୍ଟିର ଅଫିସ ହେଉଥାଏ । ଘରର ଗୋଟେ ଫାଳରେ ରହୁଥାନ୍ତି କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ଓ ସୋସାଲିଷ୍ଟ ପାର୍ଟିର କୋଷାଧ୍ୟକ୍ଷ ବାବୁଲାଲ ଯୋଶୀ । ଆରଫାଳକରେ ଅଫିସ ହୁଏ । ପ୍ରତି ରବିବାର ଦିନ ପାର୍ଟିର 'ଷ୍ଟଡିସର୍କଲ' ହୁଏ । ସମାଜବାଦୀ ଆନ୍ଦୋଳନର ଚିନ୍ତା ଓ ଚେତନା ସହିତ ଯୁବପିଢ଼ି ଓ ଛାତ୍ରସମାଜକୁ ପରିଚିତ କରାଇବା ହେଉଛି ଏପରି ଷ୍ଟଡ଼ି ସର୍କଲର ଆଭିମୁଖ୍ୟ । ରେଭେନ୍ସା କଲେଜରୁ ବହୁ ଉଦୀୟମାନ ଛାତ୍ରଛାତ୍ରୀ ଏହି ଆଲୋଚନାଚକ୍ରରେ ଯୋଗ ଦିଅନ୍ତି । ଲେଡ଼ିଜ ହଷ୍ଟେଲରୁ ଅଧିକାଂଶ ଝିଅ ଶାନ୍ତିନାନୀଙ୍କ ସାଙ୍ଗରେ ଏହି ଆଲୋଚନା ଚକ୍ରକୁ ପ୍ରତି ରବିବାର ଆସୁଥିଲେ । ଶାନ୍ତିନାନୀ ହେଉଛନ୍ତି, ରାୟବାହାଦୁର ଲୋକନାଥ ମିଶ୍ରଙ୍କ ଝିଅ ଓ ଓଡ଼ିଆ ବିଭାଗର ପ୍ରାକ୍ତନ ପ୍ରଫେସର । ଶାନ୍ତିନାନୀ, ରେଣୁବାଳା, ସରସ୍ୱତୀ ସମସ୍ତେ ଏହି ଷ୍ଟଡ଼ି ସର୍କଲକୁ ବରାବର ଆସୁଥିଲେ ।

ରବି ରାୟଙ୍କର ପରମବନ୍ଧୁ ନରେନ୍ଦ୍ର ଜେନା ହେଉଛନ୍ତି ସରସ୍ୱତୀଙ୍କର ଦୂର ସମ୍ପର୍କୀୟ ଭାଇ । ନରେନ୍ଦ୍ର ଜେନା ମଧ୍ୟ ସୋସାଲିଷ୍ଟ ପାର୍ଟିର ଜଣେ ସକ୍ରିୟ ସଭ୍ୟ ଥାନ୍ତି । ସେଠି ସରସ୍ୱତୀଙ୍କ ସହିତ ନରେନ୍ଦ୍ର ଜେନାଙ୍କର ଦେଖାସାକ୍ଷାତ୍ ହୁଏ । ନରେନ୍ଦ୍ର ଜେନାଙ୍କୁ ସରସ୍ୱତୀ 'ନରିଭାଇ' ବୋଲି ସମ୍ବୋଧନ କରନ୍ତି । ନରେନ୍ଦ୍ର ଜେନା ଲେଡ଼ିଜ ହଷ୍ଟେଲକୁ ବେଳେ ବେଳେ ଶାନ୍ତିନାନୀଙ୍କ ପାଖକୁ ଯାଆନ୍ତି । ଏହି ଷ୍ଟଡ଼ି ସର୍କଲରେ ରବି ରାୟଙ୍କ ସହିତ ସରସ୍ୱତୀଙ୍କର ବରାବର ଦେଖାହୁଏ । ରବି ରାୟ ମଧ୍ୟ ନରେନ୍ଦ୍ର ଜେନାଙ୍କ ସହିତ କେବେ କେବେ ଲେଡ଼ିଜ ହଷ୍ଟେଲ ଯାଆନ୍ତି । ସରସ୍ୱତୀଙ୍କୁ ସେତେବେଳେ ଖୁବ୍ ଅଳ୍ପ ବୟସ । ଗୋରା ଟକ ଟକ ଚେହେରା । ଖୁବ୍ ଭଲ ପଢୁଥାନ୍ତି । ଦେଶବିଦେଶ ଖବର ଜାଣିବାକୁ ବେଶ୍ ଆଗ୍ରହୀ । ନରେନ୍ଦ୍ର ଜେନା ନିଜର ବଡ଼ଭାଇ ପରି ସରସ୍ୱତୀଙ୍କର ଭଲମନ୍ଦ ବୁଝାବୁଝି କରନ୍ତି । ସରସ୍ୱତୀ ନରେନ୍ଦ୍ରଙ୍କ ବନ୍ଧୁ ରବି ରାୟଙ୍କୁ 'ରବିଭାଇ' ବୋଲି ସମ୍ବୋଧନ କରନ୍ତି ।

କଲେଜ ଛାଡ଼ିବାପରେ ରବି ରାୟ ତେଲେଙ୍ଗାବଜାର ଆଜାଦ୍‌ହିନ୍ଦ୍ ମେସରେ ରହି ସମାଜବାଦୀ ଆନ୍ଦୋଳନ କାର୍ଯ୍ୟ କରୁଥିଲେ । ପରେ ସେ ଓ ନରେନ୍ଦ୍ର ଜେନା ପାଟେରୋସାହିରେ ଘରଭଡ଼ା ନେଇ ରହିଲେ । ରବି ରାୟଙ୍କର ଆର୍ଥିକ ଅସୁବିଧା କିଛି ନ ଥାଏ । ଗାଁରେ ଅଚଳାଚଳ ସମ୍ପତ୍ତି । ବଡ଼ଭାଇ ମର୍ଦ୍ଦରାଜ ବି ଶିକ୍ଷକତା କରୁଥାନ୍ତି । ରବି ରାୟ ଗେହ୍ଲାପୁଅ ସବୁରି । ତେଣୁ ତାଙ୍କ ଚଳିବା ପାଇଁ ଆନୁଷଙ୍ଗିକ ଖର୍ଚ୍ଚବାର୍ଚ୍ଚ ବାବଦ ଟଙ୍କାପଇସା ସବୁ ଭଅଁରାଗଡ଼ରୁ ବରାବର ଆସେ । ପାଟେରା ସାହି ବସାରେ ଗୋଟିଏ ଚାକରପିଲା ଥାଏ ରୋଷେଇବାସ କରିଦେବାକୁ । ପିଲାଟି ମାଇଚିଆ । ଖୁବ୍ ଭଲ କାମ

Digitized by srujanika@gmail.com

କରେ । କିନ୍ତୁ ତାର ସ୍ୱଭାବ ଯୋଗୁଁ ସେ ଅନେକ ସମୟରେ ସ୍ତ୍ରୀଲୋକମାନଙ୍କ ପରି ବେଶଭୂଷା ହୁଏ । ଦିନେ ସନ୍ଧ୍ୟାବେଳେ ନରେନ୍ଦ୍ର ଜେନା ଓ ରବି ରାୟ ଘରକୁ ଫେରିଲାବେଳକୁ ଦେଖିଲେ ଦଳେ ମାଇଚିଆ ସେଠି ବସି ତାମସା କରୁଛନ୍ତି । ଏକଥା ଦେଖି ରବି ରାୟ ଭୟଙ୍କର ରାଗିଗଲେ । ରବି ରାୟ କହିଲେ - 'ନରି, ତୁ ତାକୁ ଆଜି ଏଇ ମୁହୂର୍ତ୍ତରେ ବିଦା କର । ମୁଁ ବାସନ ମାଜିବି । ତୁ ରାନ୍ଧିବୁ । କିନ୍ତୁ ସେ ଆଉ ମୁହୂର୍ତ୍ତେ ଏଠି ରହିବନି ।' ତାହାହିଁ ହେଲା । ରବି ରାୟ ଯେ ଭାରି ଅଲିଅଳ ହୋଇ ବଢ଼ିଥିଲେ, ଏକଥା ନରେନ୍ଦ୍ର ଜେନା ଜାଣିଥିଲେ । ତେଣୁ ଅନେକ ସମୟରେ ସେ ତାଙ୍କ ହାତରୁ ବାସନ ଛଡ଼େଇ ନେଇ ମାଜିଦିଅନ୍ତି । ଖୁବ୍ ଭଲ ଡାଲମା ଓ ଭାତ । ପ୍ରାୟ ଅଧିକାଂଶ ଦିନ ଏଇ ଖାଇବା । ରବି ରାୟ ଭାରି ଲାଜକୁଳା । ସ୍ୱାଭିମାନୀ । କେବେ କାହା ଆଗରେ ନିଜର ଅଭାବ ଅସୁବିଧା କଥା କହିବେନି । ଆଜିଯାଏ ସେଇ ସ୍ୱଭାବ ତାଙ୍କର ସେମିତି ରହିଛି ।

ପାଟେରା ସାହିରୁ ଘର ବଦଳେଇ ଦୁହେଁ ଯାଇ ଚାଉଳିଆଗଞ୍ଜରେ ରହିଲେ । ନରେନ୍ଦ୍ର ବହୁ ଆଗରୁ ଅଳ୍ପବୟସରୁ ବାହା ହୋଇ ଯାଇଥାନ୍ତି । ସେତିକିବେଳେ ତାଙ୍କର ଗୋଟିଏ ପୁଅ ହେଲା । ଚାଉଳିଆଗଞ୍ଜ ବସାରେ ପୁଅ ହୋଇଥିବା ଯୋଗୁଁ ଭୋଜିଟିଏ ହେଲା । ଲେଡ଼ିଜ ହଷ୍ଟେଲର ଷୋଳଜଣଯାକ ଝିଅ ଚାଉଳିଆଗଞ୍ଜ ବସାକୁ ସେଦିନ ଆସିଥାନ୍ତି । ସମସ୍ତେ ମିଶି ରାନ୍ଧିବେ । କାମ ବାଣ୍ଟି ଦିଆଗଲା । ସରସ୍ୱତୀଙ୍କୁ ଶିଳରେ ମସଲା ବାଟିବାକୁ କୁହାଗଲା । ସେତେବେଳେ ସେ ସମସ୍ତଙ୍କଠୁ ସାନ । ଶିଳପୁଆ ଟେକି ମସଲା ବାଟିବା ତାଙ୍କ ପକ୍ଷେ କାଠିକର ପାଠ । ନରେନ୍ଦ୍ର ଜେନା ଶେଷରେ ତାଙ୍କୁ ଏ କାମରୁ ନିବୃତ୍ତ କଲେ ଓ ଆଉ ଜଣେ ମସଲା ବାଟିଲା । ଏପରି ଭାବରେ ନରେନ୍ଦ୍ର ଜେନାଙ୍କ ଘରକୁ ଅନେକ ସମୟରେ ସରସ୍ୱତୀ ଯିବାଆସିବା କରୁଥିଲେ । ରବି ରାୟଙ୍କ ଭାଇଭଉଣୀ, ମା ସମସ୍ତେ ଚାଉଳିଆଗଞ୍ଜ ବସାକୁ ବରାବର ଯିବାଆସିବା କରୁଥିଲେ । ସରସ୍ୱତୀ ମଧ୍ୟ ଧୀରେ ଧୀରେ ଏମାନଙ୍କୁ ସେଠି ଜାଣିଲେ । ରବି ରାୟଙ୍କ ପରିବାରର ପ୍ରାୟ ସମସ୍ତଙ୍କୁ ସେ ଖୁବ୍ ଭଲଭାବରେ ଜାଣିଲେ । ସେମାନେ ସମସ୍ତେ ସରସ୍ୱତୀଙ୍କୁ ଖୁବ୍ ଭଲ ପାଉଥିଲେ ।

ସରସ୍ୱତୀ ରେଭେନ୍ସା କଲେଜରୁ ଆଇ.ଏସ୍‌ସି. ପାସ୍ କରି କଟକ ମେଡ଼ିକାଲ କଲେଜରେ ଆଡ଼ମିସନ ନେଲେ । ମେଡ଼ିକାଲ ପାଠର ଚାପ ଅଧିକ । ସରସ୍ୱତୀ ଡାକ୍ତରୀପାଠରେ ପୂରାପୂରି ମନପ୍ରାଣ ଢାଳିଦେଲେ ।

ସରସ୍ୱତୀ ମେଡ଼ିକାଲରେ ପଢୁଥିବାବେଳେ ପୂଜ୍ୟା ରମାଦେବୀ ସବୁବେଳେ ସରସ୍ୱତୀଙ୍କ ପାଖକୁ ଆସୁଥିଲେ । ବୋଧହୁଏ ତାଙ୍କର ଇଚ୍ଛା ଥିଲା, ସରସ୍ୱତୀ ତାଙ୍କ ସାଙ୍ଗରେ ମିଶି ସମାଜସେବା କାମରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ନିୟୋଜିତ କରିବାକୁ । ମା ରମାଦେବୀଙ୍କ ସାଙ୍ଗରେ (ଓଡ଼ିଶାର ପ୍ରଖ୍ୟାତ, ସ୍ୱନାମଧନ୍ୟା ସମାଜସେବିକା) ତାଙ୍କର

Digitized by srujanika@gmail.com

ଝିଅ ଅନ୍ନପୂର୍ଣ୍ଣା ମହାରଣା (ତୁନିଅପା) ବି କଟକ ଆସିଲେ ନିଶ୍ଚୟ ସରସ୍ୱତୀଙ୍କ ପାଖକୁ ଆସନ୍ତି । ଅନେକ ସମୟରେ ସରସ୍ୱତୀଙ୍କୁ ସାଙ୍ଗରେ ନେଇ ବାଖରାବାଦ ଯାଆନ୍ତି । ଗୋପବନ୍ଧୁ ଚୌଧୁରୀ ମଧ୍ୟ ସରସ୍ୱତୀଙ୍କ ପାଖକୁ ହଷ୍ଟେଲ ଆସି ଦେଖା କରନ୍ତି । ରମାଦେବୀ ଅନ୍ନପୂର୍ଣ୍ଣା ମହାରଣାଙ୍କୁ କହନ୍ତି, 'ତୁ ସରସ୍ୱତୀ ଯାହା କହିବ ଶୁଣିବୁ ।' ସରସ୍ୱତୀ ସେ ପରିବାର ସହିତ ଘନିଷ୍ଠ ହୋଇଯାଇଥିଲେ । ଏ ପରିବାରର ସମସ୍ତେ ତାଙ୍କ ଭଲମନ୍ଦ ବୁଝନ୍ତି ।

ସରସ୍ୱତୀଙ୍କର ସେତେବେଳେ ପାଠପଢ଼ିବା ଛଡ଼ା ଆଉ ଅନ୍ୟ କାମ କିଛି ନ ଥିଲା । ପାଠପଢ଼ାରେ ସେ ମନୋନିବେଶ କରିଦେଇଥାନ୍ତି । ମେଡିକାଲ ପଢୁଥିବାବେଳେ ସରସ୍ୱତୀଙ୍କ ବାପା ଚକ୍ରଧର ସ୍ୱାଇଁ ଚାକିରିରୁ ଅବସର ନେଇ ଆସିଲେ । ସେ ସ୍ଥିର କଲେ ବ୍ୟବସାୟ କରିବେ । ସେ ଚୌଦ୍ୱାରରେ ଖୁବ୍ ବିସ୍ତୃତ ଅଞ୍ଚଳଟିଏ କିଣି ସେଠି ଡାଇରୀ ଫାର୍ମଟିଏ କଲେ । ତାଙ୍କର ବିଶ୍ୱାସ ଥିଲା, ଏଇ ଫାର୍ମଟି ଖୁବ୍ ଭଲ ଚାଲିବ ଓ ଲାଭଦାୟକ ହେବ । ମାତ୍ର ତାଙ୍କ ଦୁର୍ଭାଗ୍ୟକୁ ଫାର୍ମଟି ଭୟଙ୍କର କ୍ଷତିର ସମ୍ମୁଖୀନ ହେଲା । ଏହି କ୍ଷତିର ଭରଣା କରିବା ତାଙ୍କ ପକ୍ଷରେ ଆଉ ସମ୍ଭବ ହେଲା ନାହିଁ । କେମିତି ଛୋଟ ଛୋଟ ପିଲା ମଣିଷ ହେବେ, ତାଙ୍କ ଭିତରେ ହା ପଶିଗଲା । ସେ ହତାଶ ହୋଇ ପଡ଼ିଲେ । ସେ ବାଧହୋଇ ଫାର୍ମ ବନ୍ଦ କରିଦେଇ ଗାଁକୁ ଫେରିଆସିଲେ । ନିଜ ଗାଁରେ ସେ ପ୍ରତି ପରିବାରର ଲୋକଙ୍କୁ ରେଲୱେ ବିଭାଗରେ ଚାକିରି କରେଇ ଦେଇଥିଲେ । ସେ ସରପଞ୍ଚ ପାଇଁ ଛିଡ଼ା ହେଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ସେ ଭୋଟରେ ହାରିଗଲେ । ତାଙ୍କୁ ଏହା ଭୀଷଣ ଆଘାତ ଦେଲା । ଏ ଘଟଣା ତାଙ୍କ ମର୍ମସ୍ଥଳକୁ ବିଦ୍ଧ କଲା । ଲୋକଙ୍କ ଉପରୁ ଆସ୍ଥା ତୁଟିଗଲା । ସେ ଭାଙ୍ଗିପଡ଼ିଲେ । ଏଇ ମାନସିକ ଗ୍ଲାନି ଓ ବିଷାଦ ତାଙ୍କୁ ରୋଗଗ୍ରସ୍ତ କଲା । ସେ ଶଯ୍ୟାଶାୟୀ ହେଲେ ।

ସରସ୍ୱତୀଙ୍କର ଡାକ୍ତରୀ ଶେଷବର୍ଷ । ଦୁନିଆ ବିଷୟରେ ସେ ସମ୍ପୂର୍ଣ୍ଣ ଅନଭିଜ୍ଞ । ବାପାଙ୍କର ଅଲିଅଳୀ ଝିଅ । ପାଠପଢ଼ା ଛଡ଼ା ଯିଏ ଜଗତର ଆଉ କୌଣସି କଥା ବୁଝି ନ ଥିଲେ, ତାଙ୍କରି ମୁଣ୍ଡ ଉପରେ ଛୋଟ ଛୋଟ ସବୁ ଭାଇଭଉଣୀ, ମା ସାରା ପରିବାରର ବୋଝ ଲଦି ଦେଇ ଚକ୍ରଧର ସ୍ୱର୍ଗବାସୀ ହେଲେ । ମୃତ୍ୟୁଶଯ୍ୟାରେ ସେ ସରସ୍ୱତୀଙ୍କୁ ଡାକି କହିଲେ - 'ମୁଁ ଯାହା କରିବା କଥା ତାହା କରିପାରିଲିନି । ତୁମମାନଙ୍କୁ ହତାଶ କରିଦେଇଗଲି । ତୋରି ହାତରେ ଏ ପରିବାରକୁ ସମର୍ପି ଦେଇ ଯାଉଛି ।' ସରସ୍ୱତୀ ଯେମିତି ପଥର ପାଲଟି ଯାଇଥିଲେ । ଅଥଳ ମହାସମୁଦ୍ରରେ ଭାସୁଥିବା ଗୋଟେ ଦଦରା ନଉକାର ନାଉରି କରିଦେଇଗଲେ ତାଙ୍କୁ ବାପା ! ସତରେ କ'ଣ ସେ ନଉକାକୁ ସେ ନେଇ କୂଳରେ ଲଗେଇ ପାରିବେ ? ଆଖିରେ କେବଳ ମେଞ୍ଚାଏ ଅନ୍ଧାର । ହୃଦୟ ଭିତରେ ଶୂନ୍ୟତାର ହାହାକାର । ସାମନାରେ ଛୋଟ ଛୋଟ ନିଷ୍ପାପ ଭାଇଭଉଣୀ, ମାଙ୍କର ଲୁହଭିଜା

Digitized by srujanika@gmail.com

ମଳିନ ମୁହଁ । ସରସ୍ୱତୀ ଦୁଇ ହାତ ବଢ଼େଇ ସମସ୍ତଙ୍କୁ ଜାବୁଡ଼ି ଧରିଲେ । ଏଇ ଭାଇଭଉଣୀମାନଙ୍କର ସେ ବାପା, ଅଭିଭାବକ, ଦିଗଦ୍ରଷ୍ଟା.... ସବୁକିଛି ।

ସରସ୍ୱତୀ ଓ ତାଙ୍କ ମା' ଜାଣିଥିଲେ ଚକ୍ରଧର ସ୍ୱାଇଁଙ୍କର କିଛି ସଞ୍ଚିତ ବ୍ୟାଙ୍କ ବାଲାନ୍ସ ଥିଲା ନିଜ ପିଲାମାନଙ୍କ ପାଇଁ । କିନ୍ତୁ ଆଶ୍ଚର୍ଯ୍ୟର କଥା ଚକ୍ରଧର ସ୍ୱାଇଁଙ୍କ ମୃତ୍ୟୁପରେ ଶୁଦ୍ଧିକ୍ରିୟା ବେଳକୁ ଦେଖାଗଲା, ପାସ୍‌ବୁକ୍‌ରେ ଗୋଟିଏ ବୋଲି ଗୋଟିଏ ଟଙ୍କା ନାହିଁ । ସରସ୍ୱତୀଙ୍କ ବୋଉ ଏଥିରେ ଭାରି ଭାଙ୍ଗିପଡ଼ିଲେ । ଅବିଶ୍ୱାସର ଚକ୍ରବ୍ୟୂହ ଭିତରେ ଯେପରି ସେ ପେଷି ହୋଇ ଯାଇଥିଲେ । ତାଙ୍କୁ ଚତୁର୍ଦ୍ଦିଗ ଶୂନ୍ୟ ଦେଖାଗଲା, ଏତେ ଛୋଟ ଛୋଟ ପିଲା ମଣିଷ ହେବେ କେମିତି ? ଆଖିରୁ କେବଳ ଲୁହ ଝରୁ ନ ଥିଲା, ଆତ୍ମାରୁ ରକ୍ତ ଝରୁଥିଲା । ସରସ୍ୱତୀ ବୋଉଙ୍କୁ ସାହସ ଦେଲେ । ନିଜ ମନକୁ ଦୃଢ଼ କଲେ । ଛାତିରେ ଦମ୍ଭ ଧରିଲେ । ବାପାଙ୍କ ଶୁଦ୍ଧିକ୍ରିୟା ସରିଲା । ସରସ୍ୱତୀ ମେଡ଼ିକାଲ କଲେଜକୁ ଫେରିଆସିଲେ । ଅଳ୍ପ କିଛିଦିନ ପରେ ତାଙ୍କର ମେଡ଼ିକାଲ ପଢ଼ା ସରିଲା । ଆରମ୍ଭ ହେଲା ଜୀବନର ଆଉ ଗୋଟିଏ ପର୍ଯ୍ୟାୟ - ଚାକିରି । କୃତିତ୍ୱର ସହ ଡାକ୍ତରୀ ପାସ୍ କରି ସରସ୍ୱତୀ ମେଡ଼ିକାଲ କ୍ୟାମ୍ପସ ଛାଡ଼ିଲେ ।

ସେତେବେଳେ ଲେଡ଼ି ଡାକ୍ତର କହିଲେ, ସାରା ଓଡ଼ିଶାରେ ଆଙ୍ଗୁଠିରେ ଗଣିଲା ଭଳି ମାତ୍ର କେଇଜଣ । ଆଜିକାଲି ପରି ସହର ବଜାର, ହୋ ହୋ, ଘୋ ଘୋ ନାହିଁ । ଯାନବାହନର ସୁବିଧା ସୁଯୋଗ ନାହିଁ । ଅଧିକାଂଶ ଗାଁ ଗଣ୍ଡାରେ ଶିକ୍ଷାର ଆଦୌ ପ୍ରସାର ନାହିଁ । ଲୋକେ ଅଶିକ୍ଷା, କୁସଂସ୍କାର, ଅନ୍ଧବିଶ୍ୱାସରେ ବୁଡ଼ି ରହିଥାନ୍ତି । ଦେଶ ନୂଆ ହୋଇ ସ୍ୱାଧୀନ ହୋଇଥାଏ । ଝିଅପିଲାଟିଏ ଡାକ୍ତର ହୋଇଛି, ଚାକିରି କରିବ । କେଉଁ ଦୂର ଗାଁରେ ଏକାଟିଆ ରହିବ - ଏସବୁ ଯେପରି ଅଚିନ୍ତନୀୟ ଘଟଣା ଲୋକଙ୍କ ବିଚାରରେ ।

ସରସ୍ୱତୀଙ୍କର ପ୍ରଥମ ଚାକିରି ନୀଳଗିରିରେ । ସେତେବେଳେ ନୀଳଗିରି ଇଷ୍ଟେଟ ବେଶ୍ ଜଣାଶୁଣା ଇଷ୍ଟେଟ । ଘଞ୍ଚ ଜଙ୍ଗଲ ଘେରା ନୀଳଗିରିର ପ୍ରକୃତି ତଥାପି ଅନୂଢ଼ା ହୋଇ ରହିଥାଏ । ଡାକ୍ତରଖାନାର କ୍ୱାର୍ଟରରେ ରହନ୍ତି ସରସ୍ୱତୀ । ବୟସ ମାତ୍ର ବାଇଶ ତେଇଶ । ଡାକ୍ତରଖାନାର ଜଣେ ବୟସ୍କ ଆଟେଣ୍ଡାଣ୍ଟ (ସୁଇପର) ତା ପରିବାର ନେଇ ରହେ ସେଇ କ୍ୟାମ୍ପସରେ ।

ରାତିରେ ବାଘ ଗର୍ଜନ ଶୁଭେ । ଭାଲୁର ଖସ ଖସ ଶୁଭେ । ବାର୍‌ହା, ହରିଣ, ସମ୍ବରଙ୍କ ରଡ଼ି ଭାସିଆସେ । ରାତିର ନିଶୂନ ନୀରବତାକୁ ଥରେଇଦିଏ ଜନ୍ତୁଜନ୍ତାଙ୍କର ରଡ଼ି । ବେଳେବେଳେ କାଳି ଅନ୍ଧାରରେ ବାଘ ସେ ହତା ଭିତରେ ବୁଲୁଥାଏ । ଭାଲୁ ବି ଆସେ । କେବେ କେମିତି ବାଘ ଶିକାର କରିଥିବା ଜୀବଜନ୍ତୁଙ୍କର ଖଣ୍ଡବିଖଣ୍ଡିତ ରକ୍ତାକ୍ତ ଶରୀର ପଡ଼ିଥାଏ । ସରସ୍ୱତୀଙ୍କର ପିଣ୍ଡରେ ପ୍ରାଣ ନ ଥାଏ । ଏପରି ଏକ ବିପଦସଙ୍କୁଳ

Digitized by srujanika@gmail.com

ପରିସ୍ଥିତିରେ ଚାକିରି କରିବା, ଭାବିଲେ ଆଜି ଅସମ୍ଭବ ମନେହୁଏ । ତଥାପି ସେ ସାହସ ବାନ୍ଧନ୍ତି, ତାଙ୍କୁ ଚାକିରି କରିବାକୁ ହେବ । ଜୀବନ ସଂଗ୍ରାମରେ ସେ ଏକା ଅବତୀର୍ଣ୍ଣ ହୋଇଛନ୍ତି । ପଛଘୁଞ୍ଚା ଦେବାର ପ୍ରଶ୍ନ ନାହିଁ । ମୃତ୍ୟୁଶଯ୍ୟାରେ ଶାୟିତ ପିତାଙ୍କ ମୁହଁ ଭାସିଉଠେ । ବୋଉଙ୍କ ଅସହାୟ ଚାହାଣି ଦେଖାଯାଏ । ଭାଇଭଉଣୀମାନଙ୍କର ଡବଡବ ନିଷ୍ପାପ ଆଖି ମନେପଡ଼େ । ସରସ୍ୱତୀ ଦୃଢ଼ ହୋଇଯାଆନ୍ତି । ତାଙ୍କୁ ଯେମିତି ହେଉ ଏଠି ରହିବାକୁ ହେବ । ପରିସ୍ଥିତି, ପରିବେଶ ଯେତେ ଭୟଙ୍କର ହେଉ ପଛେ ! ହେଲେ ପ୍ରକୃତି ଯେଉଁଠି ବରଦା, କଲ୍ୟାଣୀ - ସେଠି ରହି ସରସ୍ୱତୀଙ୍କର ସୁପ୍ତ ପ୍ରତିଭା ଜାଗ୍ରତ ହୋଇ ଉଠିଥାଏ । ତାଙ୍କ ଭିତରେ ଲୁକ୍କାୟିତ ଥିବା ଅଫୁରନ୍ତ କବିତ୍ୱ ଆତ୍ମପ୍ରକାଶ କଲା । ଏଇ ନୈସର୍ଗିକ ପ୍ରକୃତି ଦେଖି ସେ ବିଭୋର ହୋଇଉଠିଲେ । ଆଗରୁ ସେ କିଛି କିଛି କବିତା ଲେଖୁଥିଲେ । ପୁଣି ଚାଲିଲା କବିତା ଲେଖା... ।

ନୀଳଗିରିରେ ଦୁଇମାସ ପରେ ସରସ୍ୱତୀଙ୍କର ବଦଳି ହୋଇଗଲା ପାରଳାଖେମୁଣ୍ଡି । ଏ ମୁଣ୍ଡରୁ ସେ ମୁଣ୍ଡ । ଗୋଟିଏ ଉପାନ୍ତରୁ ଆଉ ଗୋଟିଏ ଉପାନ୍ତ । ଗୋଟିଏ ଘଞ୍ଚଜଙ୍ଗଲରୁ ଆଉ ଗୋଟିଏ ଘଞ୍ଚଜଙ୍ଗଲକୁ । ନୀଳଗିରିରୁ - ପାରଳାଖେମୁଣ୍ଡି । ଆଖି ପାଏନି । ମଝିରେ କଟକ ଜିଲ୍ଲା । ସେଠୁ ପୁଣି ସତୁରି ଅଶୀ କିଲୋମିଟର ଦୂରରେ ଅଳାବୋଳ ଗାଁ । ସରସ୍ୱତୀ କିଛି ଭାବିପାରନ୍ତି ନାହିଁ । ଧୂ ଧୂ ମରୁବାଲିରେ ଧାଉଁଥିବା ଏକାକୀ ଯାତ୍ରୀଟିର ଯେପରି ଧାଇଁବା ଛଡ଼ା ଆଉ କଛି ଉପାୟ ନାହିଁ, ଠିକ୍ ସେମିତି ସରସ୍ୱତୀ ବିଛଣାପତ୍ର ବାନ୍ଧି ପୁଣି ଚାଲିଲେ ପାରଳାଖେମୁଣ୍ଡି ।

ବ୍ରହ୍ମପୁରର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ନିରଞ୍ଜନ ପଟ୍ଟନାୟକଙ୍କ (ଜୟନ୍ତୀ ପଟ୍ଟନାୟକଙ୍କ ବାପା) ଝିଅ ଡାକ୍ତର ବାସନ୍ତୀ ପଟ୍ଟନାୟକଙ୍କଠାରୁ ଦାୟିତ୍ୱ ଗ୍ରହଣ କଲେ ସରସ୍ୱତୀ । ବାସନ୍ତୀଙ୍କର ଅନ୍ୟତ୍ର ବଦଳି ହୋଇଥିଲା । ମାତ୍ର କିଛିଦିନ ପରେ ନିରଞ୍ଜନ ପଟ୍ଟନାୟକଙ୍କର ଅକାଳ ବିୟୋଗରେ ତାଙ୍କ ପତ୍ନୀ ଓ ସାରା ପରିବାର ହତାଶ ହୋଇପଡ଼ିଲେ । ଅନ୍ୟ କେଉଁଠିକି ଯିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା । ନିରଞ୍ଜନ ପଟ୍ଟନାୟକଙ୍କ ସ୍ତ୍ରୀ ଓ ଅନ୍ୟସବୁ ପିଲା ସରସ୍ୱତୀଙ୍କ ପାଖରେ ରହିଲେ । ସରସ୍ୱତୀ ପାରଳାଖେମୁଣ୍ଡିରୁ ଆସିବା ପର୍ଯ୍ୟନ୍ତ ସେମାନେ ତାଙ୍କ ପାଖରେ ରହୁଥିଲେ ।

ସରସ୍ୱତୀ ପାରଳାଖେମୁଣ୍ଡିରେ ଥିବାବେଳେ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ)ର ଭିଲାଇରେ ଖାଲିଥିବା ଡାକ୍ତର ପୋଷ୍ଟ ପାଇଁ ବିଜ୍ଞାପନ ବାହାରିଥାଏ । ସରସ୍ୱତୀ ଚାହିଁଲେ ଭିଲାଇ ଆସି ଅଧିକ ଦରମାରେ ଓ ଭଲ ଜାଗାରେ ଚାକିରି କରିବାକୁ । ସେ ଦରଖାସ୍ତ କଲେ । ସରସ୍ୱତୀ କେମିତି ଭିଲାଇରେ ଚାକିରି ପାଇବେ ସେଥିପାଇଁ ପାରଳା ରାଜା ମଧ୍ୟ ସୁପାରିସ କରିଥିଲେ । ଡାକ୍ତର ଭାବରେ ପାରଳାଖେମୁଣ୍ଡିରେ ସରସ୍ୱତୀଙ୍କର ବେଶ୍ ସୁଖ୍ୟାତି ହୋଇଯାଇଥିଲା । ଭିଲାଇରେ ଚାକିରି ହୋଇଗଲା ।

Digitized by srujanika@gmail.com

କିନ୍ତୁ ଆଉ ଗୋଟେ ସମସ୍ୟା ଦେଖାଦେଲା । ସେତେବେଳେ ସ୍ୱାସ୍ଥ୍ୟ ବିଭାଗର ଡାଇରେକ୍ଟର ଥାନ୍ତି ଜଣେ ଅଣ-ଓଡ଼ିଆ ଲୋକ । ସେ ସରସ୍ୱତୀଙ୍କି ଛାଡ଼ିଲେ ନାହିଁ । ଲେଡ଼ି ଡାକ୍ତର ନ ଥିବାରୁ ସେ ତାଙ୍କୁ ଛାଡ଼ିବାକୁ ନାରାଜ ହେଲେ ।

ନରେନ୍ଦ୍ର ଜେନା ସରସ୍ୱତୀଙ୍କର ନିଜ ବଡ଼ଭାଇ ପରି ସବୁ ଭଲମନ୍ଦ ବୁଝୁଥିଲେ । ସେ ଯାଇ ଡାଇରେକ୍ଟରଙ୍କୁ ଦେଖା କରି କହିଲେ - 'ଯଦି ସରସ୍ୱତୀକୁ ଆପଣ କଲିକତାରେ 'ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ ହାଇଜିନ ଓ ପବ୍ଲିକ ହେଲ୍‌ଥ' ଅନୁଷ୍ଠାନରେ... (D.M.C.W.) ପଢ଼ିବାକୁ ଛାଡ଼ିବେ, ତେବେ ସେ ଭିଲାଇର ଚାକିରିରେ ଯୋଗ ଦେବ ନାହିଁ । ଡାଇରେକ୍ଟର ଭର୍ଗିସ ସାଙ୍ଗେ ସାଙ୍ଗେ ତାଙ୍କର ଏ ପ୍ରସ୍ତାବରେ ରାଜି ହୋଇଗଲେ । ସେତେବେଳେ ସରସ୍ୱତୀ ଦରମା ପାଉଥାନ୍ତି ଅଢ଼େଇଶହ ଟଙ୍କା । ଏ ଦରମା ସାଙ୍ଗକୁ ପୁଣି ଅଢ଼େଇଶହ ଟଙ୍କା ଷ୍ଟାଇପେଣ୍ଡ ପାଇ ସରସ୍ୱତୀ କଲିକତାରେ D.M.C.W. ପଢ଼ିବାକୁ ଗଲେ ।

ସରସ୍ୱତୀଙ୍କ ଡାକ ନାମ 'ଟୁନା' । ତାଙ୍କୁ ଘରେ ସମସ୍ତେ ଟୁନା ବୋଲି ଡାକନ୍ତି । ନରେନ୍ଦ୍ର ଜେନା ବି ଟୁନା ବୋଲି ଡାକୁଥିଲେ । ସେ ତାଙ୍କର ଅଭିଭାବକ ପରି ମଣୁଥିଲେ । ଦୂର ସମ୍ପର୍କୀୟ ଭାଇ ହେଲେ ବି ସରସ୍ୱତୀ ତାଙ୍କୁ ଭାରି ଭଲ ପାଉଥିଲେ ଓ ତାଙ୍କର ସବୁକଥା ମାନୁଥିଲେ । ସବୁ ଭଲମନ୍ଦରେ ତାଙ୍କ ସହିତ ପରାମର୍ଶ କରୁଥିଲେ । ସେଇଦିନଠୁ ଆଜିଯାଏ ସେ ସମ୍ପର୍କ ଅତୁଟ ରହିଛି । ସମୟର ବେଳାଭୂଇଁରେ ବହୁ ଢେଉ ଆସିଛି । ବହୁ ଉତ୍ଥାନପତନ ଦେଖା ଦେଇଛି । ହେଲେ ସେ ସମ୍ପର୍କରେ ଆବିଳତା ଜମି ନାହିଁ କି ଫାଟ ସୃଷ୍ଟି ହୋଇ ନାହିଁ । ନରେନ୍ଦ୍ର ଜେନା ସରସ୍ୱତୀଙ୍କୁ ବାହାଘର କଥା କହିଲେ ସେ ସିଧାସଳଖ ମନା କରିଦିଅନ୍ତି । ତାଙ୍କର ଯୁକ୍ତି, ସେ ଭାଇଭଉଣୀଙ୍କୁ ମଣିଷ କରିବେ । ପାଠଶାଠ ପଢ଼ାଇ ଦାଣ୍ଡରେ ଆଉ ପାଞ୍ଚଜଣଙ୍କ ସାଙ୍ଗରେ ସମାନ କରାଇବେ । ବାହାତୋଳା କରାଇବେ । ସେ ନିଜେ ସ୍ୱାର୍ଥପର ହୋଇ ବାହା ହୋଇଗଲେ, ସେମାନଙ୍କ ଭବିଷ୍ୟତ୍ ଅନ୍ଧାର ହୋଇଯିବ । ସେ ସବୁବେଳେ ଏଥିପାଇଁ ନିଜ ଭିତରେ ବେଶ୍ ଦୃଢ଼ ଥିଲେ । ନରେନ୍ଦ୍ର ଜେନା ବାହାଘର ପ୍ରଶ୍ନ ଉଠାଇବା ମାତ୍ରେ ସେ କହନ୍ତି - 'ନରିଭାଇ, ଦୟାକରି ମତେ ସେ କଥା କୁହନି ।'

ସରସ୍ୱତୀ କଲିକତାରେ ଥାନ୍ତି । ତାଙ୍କର ପୁତୁରା ବାସୁଦେବ ମହାପାତ୍ର (ଓଡ଼ିଶାର ପୂର୍ବତନ ମନ୍ତ୍ରୀ ଓ ବିଧାୟକ) ତାଙ୍କୁ ଗୋଟେ ଚିଠି ଲେଖିଥିଲେ - 'ଟୁନାଅପା, ତୋ ମାମୁ ତୋ ପାଇଁ ଜଣେ ଇଞ୍ଜିନିୟରଙ୍କୁ ବରପାତ୍ର ଭାବରେ ଠିକ୍ କରିଛନ୍ତି । ପିଲାଟି ଦେଖିବାକୁ ଭଲ । ଆର୍ଥିକ ସଙ୍ଗତି ବି ଭଲ । ତୁ ରାଜି ହେଇଯା । ତୁ ରାଜି ହେଲେ ସେମାନେ ଆଗେଇବେ ।'

Digitized by srujanika@gmail.com

ଏ ଚିଠି ପାଇ ସରସ୍ୱତୀ ବିଚଳିତ ହୋଇ ନରେନ୍ଦ୍ର ଜେନାଙ୍କୁ ଶୀଘ୍ର କଲିକତା ଆସିବା ପାଇଁ ଟେଲିଗ୍ରାମ କଲେ । ନରେନ୍ଦ୍ର ଜେନା ହାଓଡ଼ାରେ ପହଞ୍ଚିଲା ବେଳକୁ ସରସ୍ୱତୀ ଷ୍ଟେସନରେ ଛିଡ଼ା ହୋଇଛନ୍ତି । ନରେନ୍ଦ୍ର ଜେନା ରିଟାୟାରିଂ ରୁମରେ ରହିଲେ । ସରସ୍ୱତୀ ତାଙ୍କୁ ସବୁକଥା କହିଲେ - ''ନରିଭାଇ, ତମେ ତ ଜାଣିଛ ମୋର ବାପା ନାହାନ୍ତି । ମୁଁ ମୋର ଆଉ ତିନି ଭଉଣୀ ଓ ଭାଇ ଦି'ଜଣଙ୍କୁ ପାଠ ପଢ଼େଇବି । ତାଙ୍କ ଦାୟିତ୍ୱ ମୋ ଉପରେ । ଯାହାକୁ ବାହା ହେବି ସେ କାହିଁ ଚାହିଁବ, ମୁଁ ମୋ ଭାଇଭଉଣୀଙ୍କ ଦାୟିତ୍ୱ ବାହାଘର ପରେ ନେବି ବୋଲି ! ମୋ ଟଙ୍କାପଇସା ସେମାନଙ୍କ ପାଇଁ ଖର୍ଚ୍ଚ କରିବି ବୋଲି ! ତେଣୁ ମୁଁ ସ୍ଥିର କରିଛି ଆଦୌ ବାହା ହେବିନି । ଦୟାକରି ତମେ ବୋଉକୁ ଜଣେଇଦିଅ, ଏଇଟା ମୋ ମତ ବୋଲି ।''

ନରେନ୍ଦ୍ର ଜେନା ପ୍ରସ୍ତାବ ଦେଲେ - 'ଯଦି ଏମିତି ଯିଏ ରାଜି ହେବ ତୋ ଭାଇଭଉଣୀଙ୍କ ଦାୟିତ୍ୱ ବହନ କରି ତୋତେ ବାହାହେବାକୁ, ତେବେ ତୋର ତ ଆଉ ଅରାଜି ହେବାର କାରଣ ନାହିଁ । ତୁ ତ ଅନେକ ଦିନରୁ ଖୁବ୍ ଭଲଭାବରେ ରବିକୁ ଜାଣିଛୁ । ସେ ଖୁବ୍ ଉଚ୍ଚଦରର ମଣିଷ । ତାକୁ ତୁ ବାହାହେଲେ କେମିତି ହେବ ?'

ସରସ୍ୱତୀ ହସି ହସି କଥାଟା ଉଡ଼ାଇ ଦେଲେ । ଏକଥା ସେ ସ୍ୱପ୍ନରେ ସୁଦ୍ଧା କେବେ ଚିନ୍ତା କରି ନାହାନ୍ତି । ସରସ୍ୱତୀ ହସି ହସି କହିଲେ - ''ନରିଭାଇ, ତମେ ଏ କ'ଣ କହୁଚ ? ରବିଭାଇକୁ କ'ଣ ବାହା ହେବି ? ତମେ ଏକଥା ଭାବିପାରୁଛ କେମିତି ?''

- କାହିଁ କ'ଣ ଅସୁବିଧା କଥା ମୁଁ କହିଲି ? ତୁ ନିଜେ ବୁଝିବାକୁ ଚେଷ୍ଟାକର, ଏଇଟା କିଛି ଅବାନ୍ତର କଥା ନୁହେଁ । ତୁ ତୋର ପରିବାରର ଦାୟିତ୍ୱ ନେବା କଥାରେ ରବିର ଯଦି କିଛି ଅସମ୍ମତି ନ ଥାଏ, ତେବେ ତୁ ତାକୁ ବାହାହେଲେ କ୍ଷତି କ'ଣ ? ତୁ ତ ତାକୁ ଭଲ ପାଉ । ସମ୍ମାନ କରୁ । ସେ ବି ତୋତେ ଖୁବ୍ ଭଲପାଏ । ବାହାଘର ହେଲେ କ୍ଷତି କ'ଣ ? ଏଥିରେ ଅସୁବିଧା କ'ଣ ରହିଲା ?'

ଏତେଦିନର ସମ୍ପର୍କ ଭିତରେ ସରସ୍ୱତୀ ରବି ରାୟଙ୍କୁ ବାହା ହେବା କଥା କେବେ ଚିନ୍ତା କରି ନ ଥିଲେ । ସେ ଦିଗରେ ଆଦୌ ଭାବି ନ ଥିଲେ । ତାଙ୍କ ସମ୍ପର୍କ ବେଶ୍ ସ୍ୱଚ୍ଛ ଓ ଅନାବିଳ ଥିଲା । ନରିଭାଇଙ୍କର ଏ ପ୍ରସ୍ତାବ ଶୁଣି ସରସ୍ୱତୀ ନୀରବ ହୋଇଗଲେ । ହୃଦୟର କେଉଁ ନିଭୃତ କନ୍ଦରରେ ଆଉ ଏକ ନୂଆ ସମ୍ପର୍କର ଅଙ୍କୁରୋଦ୍‌ଗମ ହେଲା । ପ୍ରାଣଭିତରେ ଏକ ଅନାସ୍ୱାଦିତ ଭଲପାଇବାର ମୂର୍ଚ୍ଛନା ସୃଷ୍ଟି ହେଲା । ଅଶ୍ରୁତ ରାଗିଣୀଟିଏ ଝଙ୍କାର ତୋଳିଲା । ହୃଦୟ ଆବେଗରେ ସ୍ପନ୍ଦିତ ହେବାକୁ ଲାଗିଲା । ସରସ୍ୱତୀ ଅନୁଭବ କଲେ, ରବି ରାୟଙ୍କ ସହିତ ଏ ଦୀର୍ଘଦିନ ସମ୍ପର୍କର ଅନ୍ତରାଳରେ ଏକ ସ୍ୱର୍ଗୀୟ ଭଲପାଇବାର ସୁପ୍ତ ବୀଜଟିଏ କେତେବେଳେ ସଂଗୋପନରେ ରୋପି ହୋଇଯାଇଛି ।

Digitized by srujanika@gmail.com

ଯେଉଁ ସତ୍ୟକୁ ହୁଏତ ସେ ଆଦୌ ଅସ୍ୱୀକାର କରିପାରିବେ ନାହିଁ । ଯୁବକ ରବି ରାୟ ଯେ ତାଙ୍କ ଅଗୋଚରରେ କେତେବେଳେ ତାଙ୍କ ହୃଦୟ ସିଂହାସନରେ ଅଭିଷିକ୍ତ ହୋଇ ସାରିଛନ୍ତି, ଏକଥା ସେ ପ୍ରଥମ କରି ଅନୁଭବ କଲେ । ସେ ଅନୁଦ୍‌ଘାଟିତ ରହସ୍ୟକୁ ଯେପରି ନରିଭାଇ ଉନ୍ମୋଚିତ କରିଦେଲେ । ତାଙ୍କ ଓଠଦୁଇଟି ଥରି ଉଠିଲା । ତୁଣ୍ଡରୁ ପଦେ କଥା ବାହାରିଲା ନାହିଁ । ସେ ନୀରବ ରହିଲେ ।

ନରେନ୍ଦ୍ର ଜେନା ସରସ୍ୱତୀଙ୍କର ଏ ନୀରବତାର ଅର୍ଥ ବୁଝିପାରିଲେ । ରବି ରାୟଙ୍କର ଆଦର୍ଶ, ବ୍ୟକ୍ତିତ୍ୱ, କର୍ମଧାରା - ସବୁକିଛି ସରସ୍ୱତୀଙ୍କୁ ଗଭୀର ଭାବରେ ସ୍ପର୍ଶ କରିଛି, ଏଥିରେ କିଛି ସନ୍ଦେହ ନ ଥିଲା, ସେ କଟକ ଫେରିଆସିଲେ । କେମିତି ଏହାକୁ ସେ କାର୍ଯ୍ୟକାରୀ କରାଇବେ, ସେ କଥା ଭାବୁଥିଲେ । ସିଧାସଳଖ ରବି ରାୟଙ୍କୁ କିଛି କହିବାକୁ ସେ ପ୍ରଥମେ ଉଚିତ ମନେ କଲେ ନାହିଁ ।

ଡକ୍ଟର ରବି ଘୋଷ ଥିଲେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ । ସେତେବେଳେ କଟକରେ ରହି ରାଜନୀତି କରୁଥିବା ସମାଜବାଦୀ ତରୁଣମାନଙ୍କର ଅଘୋଷିତ ଅଭିଭାବକ ଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ଅବିବାହିତ ଥିଲେ । ଆଦର୍ଶବାଦୀ ଓ ମାନବବାଦୀ ଥିଲେ । ରାଜତନ୍ତ୍ର ବିରୋଧରେ ନବକୃଷ୍ଣ ଚୌଧୁରୀ, ମାଳତୀଦେବୀ, ବୈଷ୍ଣବଚରଣ ପଟ୍ଟନାୟକ ପ୍ରଭୃତିଙ୍କ ସହିତ ଢେଙ୍କାନାଳ ପ୍ରଜା ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ସେ ପ୍ରତ୍ୟହ ବହୁ ଗରିବଗୁରୁବା ରୋଗୀଙ୍କି ମାଗଣାରେ ଚିକିତ୍ସା କରୁଥିଲେ । ଯୁବକମାନଙ୍କ ସହିତ ତାଙ୍କର ସମ୍ପର୍କ ବେଶ୍ ଆତ୍ମିକ ଓ ଅନ୍ତରଙ୍ଗ ଥିଲା । ଯୁବକମାନେ ତାଙ୍କୁ ଯେତିକି ଶ୍ରଦ୍ଧା କରୁଥିଲେ, ସେତିକି ଭକ୍ତି କରୁଥିଲେ । ସନ୍ଧ୍ୟାବେଳେ ସମସ୍ତେ ରବି ଘୋଷଙ୍କ ସମସାମୟିକ ଆଉ ଜଣେ ହୋମିଓପ୍ୟାଥି ଚିକିତ୍ସା କରୁଥିବା ଡାକ୍ତରଙ୍କ ଡାକ୍ତରଖାନାରେ ଏକଜୁଟ ହୁଅନ୍ତି । ଦେଶବିଦେଶ କଥା ପଡ଼େ । ବ୍ୟକ୍ତିଗତ ଭଲମନ୍ଦ କଥା ବି ଆଲୋଚନା ହୁଏ । ରାଜନୀତିରେ ଝାସ ଦେଇଥିବା ଯୁବକମାନଙ୍କୁ ସେ ସବୁବେଳେ କହୁଥିଲେ - 'ଦୁଇଓଳି ଦୁଇମୁଠା ଖାଇବାର ବ୍ୟବସ୍ଥା କରି ରାଜନୀତି କଲେ ଦୁର୍ନୀତି ନ କରି ସଚ୍ଚୋଟ ଭାବରେ ଦେଶ କାମ କରିହେବ । ରାଜନୀତି କରିବାପାଇଁ ଅବିବାହିତ ରହିବାର କୌଣସି ଆବଶ୍ୟକତା ନାହିଁ । ଘରସଂସାର କରି ମଧ୍ୟ ଲୋକଙ୍କ ସେବା କରିହେବ ।'

ଗୋବିନ୍ଦ ଦାସ (ବାରିଷ୍ଟର) ରବି ରାୟ, କିଷନ ପଟ୍ଟନାୟକ, ଅକ୍ଷୟ ମହାନ୍ତି ପ୍ରଭୃତି ରବି ଘୋଷଙ୍କୁ ଥଟ୍ଟା କରି କହୁଥିଲେ - ଆପଣ ବାହା ହୋଇ ନାହାନ୍ତି, ଅଥଚ ଅନ୍ୟମାନଙ୍କୁ ବାହାହେବା କଥା କେମିତି କହୁଛନ୍ତି ? ଆପଣଙ୍କର କିଛି ଅବସୋସ ରହିଯାଇଛି କି ?'

Digitized by srujanika@gmail.com

ସେ ହସିଦେଇ କହନ୍ତି - 'ମୋ କଥା ଭିନ୍ନ । ହେଲେ ତୁମେମାନେ ରାଜନୀତି କରିବା ସହ ସଂସାର ବି କର । ଏକଥା ମୁଁ ଚାହେଁ । କାରଣ ପୂର୍ଣ୍ଣାଙ୍ଗ ମଣିଷ ଜୀବନ ପାଇଁ ବିବାହ କରିବା ଏକାନ୍ତ ଅପରିହାର୍ଯ୍ୟ ।' ଏ ନେଇ ସେ ଯୁବକମାନଙ୍କୁ ବହୁ ଉପଦେଶ ଦିଅନ୍ତି ।

ଡକ୍ଟର ରବି ଘୋଷଙ୍କୁ ସମସ୍ତେ 'ରବିଦା' ବୋଲି ଡାକନ୍ତି । ଆଗରୁ ସେ ଭାରତ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ କ୍ରାନ୍ତିକାରୀ ଦଳରେ ରହି ବ୍ରିଟିଶ ସରକାର ବିରୋଧରେ ପ୍ରତ୍ୟକ୍ଷ ସଂଗ୍ରାମ ଚଳାଇଥିଲେ । ପରେ ସେ ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସି ସହିଂସରୁ ଅହିଂସାକୁ ରୂପାନ୍ତରିତ ହୋଇଥିଲେ । ତାଙ୍କ ଜୀବନର ବ୍ରତ ଥିଲା ଭାରତର ସ୍ୱାଧୀନତା । ଦେଶକୁ ବିଦେଶୀ ଶତ୍ରୁ କବଳରୁ ମୁକ୍ତି । ଦେଶ ସ୍ୱାଧୀନ ହେବା ପରେ ସେ ଲୋକହିତକର କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଦେଇଥିଲେ ।

ଡାକ୍ତର ରବି ଘୋଷ, ରବି ରାୟ ଓ ସରସ୍ୱତୀ - ଉଭୟଙ୍କୁ ଭଲ ଭାବରେ ଜାଣିଥିଲେ । ନରେନ୍ଦ୍ରଙ୍କ କଥାଟା ତାଙ୍କ ମନକୁ ବେଶ୍ ପାଇଲା । ସେ କହିଲେ - 'ଏ ବାବଦରେ ଉଭୟ ପରସ୍ପର କଥାବାର୍ତ୍ତା ହୋଇ ସିଦ୍ଧାନ୍ତ ନେବା ଭଲ ।' ସେ କଲିକତାକୁ ଗୋଟେ ଟିକେଟ କାଟି ରବି ରାୟଙ୍କୁ ଦେଲେ ଓ କହିଲେ - 'କଲିକତା ଯାଇ ସରସ୍ୱତୀକୁ ଦେଖା କରିବୁ । ମୋ ଇଚ୍ଛା ତୁ ତାକୁ ବାହା ହେଲେ ଭଲ ହୁଅନ୍ତା ।' ଏହା ଯେପରି ରବି ରାୟଙ୍କ ପାଇଁ ଅକାଟ୍ୟ ଆଦେଶ ଥିଲା ।

ନରେନ୍ଦ୍ର ଜେନା ସାଙ୍ଗେ ସାଙ୍ଗେ ଗୋଟେ ଚିଠି ସରସ୍ୱତୀଙ୍କୁ ଲେଖିଲେ - 'ରବି ସାଙ୍ଗରେ ମୁଁ ତୋର ବାହାଘର ସ୍ଥିର କରିଦେଇଛି । ମୋର ବିଶ୍ୱାସ ତୁ ମୋ କଥାରେ ଅସମ୍ମତ ହେବୁ ନାହିଁ ।' ରବି ଘୋଷଙ୍କ ନିର୍ଦ୍ଦେଶରେ ରବି ରାୟ କଲିକତାରେ ଯାଇ ପହଞ୍ଚିଲେ । ସେତେବେଳେ ସରସ୍ୱତୀ ସେଠି 'All India Institute of Hygiene and Public Health' ରେ ସ୍ୱତନ୍ତ୍ର ତାଲିମ ନେଉଥାନ୍ତି । ସରସ୍ୱତୀଙ୍କ ସହିତ ତାଙ୍କର ସାକ୍ଷାତ୍ ହେଲା । ଦୁହେଁ ବଟାନିକାଲ ଗାର୍ଡ଼ନରେ ବସି କଥାବାର୍ତ୍ତା ହେଲେ । ରବି ରାୟ ପ୍ରଥମେ ବିଭାଘର ସମ୍ପର୍କରେ କଥା ଉଠାଇଲେ ଓ ନିଜ ତରଫରୁ ସ୍ୱୀକୃତି ଦେଲେ । ସରସ୍ୱତୀଙ୍କର ଗୋଟିଏ ସର୍ତ୍ତ ଥିଲା - ବାହାଘର ପରେ ସେ ପୂର୍ବପରି ନିଜ ଭାଇଭଉଣୀଙ୍କ ପାଠପଢ଼ା ଓ ଅନ୍ୟାନ୍ୟ ଦାୟିତ୍ୱ ବୁଝିବେ । ଏଇ କଥାରେ ଯଦି ତାଙ୍କର କୌଣସି ଆପତ୍ତି ନାହିଁ, ତେବେ ସେ ବାହାହେବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହେବେ ।

ରବି ରାୟଙ୍କର ଆପତ୍ତି କରିବାର ନ ଥିଲା । ସହଜେ ତ ସେ ଭାରି ଉଦାର ଓ ମାନବବାଦୀ । ସରସ୍ୱତୀଙ୍କର ଏ ସର୍ତ୍ତକୁ ସେ ନିଃସର୍ତ୍ତ ଭାବରେ ଗ୍ରହଣ କଲେ । କଥା ସ୍ଥିର ହେଲା । ରବି ରାୟ କଟକ ଫେରିଆସିଲେ ଓ ଏ ସିଦ୍ଧାନ୍ତ ସମ୍ପର୍କରେ ଡକ୍ଟର ରବି ଘୋଷଙ୍କୁ ଜଣାଇଲେ ।

Digitized by srujanika@gmail.com

ସରସ୍ୱତୀ ଗାଁକୁ ଯାଇ ତାଙ୍କ ବୋଉଙ୍କୁ ସବୁକଥା ଜଣାଇଲେ । ସେ ଭାରି ଖୁସି ହେଲେ । ସେ ତାଙ୍କ ଦାଦା, ବାଲିକୁଦା ଅଞ୍ଚଳର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ହରି ବିଶ୍ୱାଳଙ୍କୁ ସାଙ୍ଗେ ସାଙ୍ଗେ ଖବର ଦେଲେ । ସେତେବେଳେ ଏକଥା ଶୁଣି ତାଙ୍କ ପରିବାରର କେହିଜଣେ ମାମୁ ଏ ବାହାଘର ହେବା ଉଚିତ ନୁହେଁ ବୋଲି ମତ ଦେଲେ । ତାଙ୍କର ଯୁକ୍ତି ଥିଲା ଯେ ରବି ରାୟଙ୍କର ନିଜର କିଛି ରୋଜଗାର ନାହିଁ । ପୁଣି ସେଥିରେ ରାଜନୀତି କରୁଛନ୍ତି । ତାଙ୍କୁ ଟୁନାର ବାହାହେବା ଠିକ୍ ହେବ ନାହିଁ । ସେ ବିରୋଧ କଲେ । ମାତ୍ର ସରସ୍ୱତୀଙ୍କ ବୋଉ ଦୃଢ଼ଭାବରେ କହିଲେ - 'ଏ ବାହାଘର ନିଶ୍ଚୟ ହେବ । ରବିଠୁ ଅଧିକ ଯୋଗ୍ୟ ପାତ୍ର ମୁଁ ଆଉ କାହାରିକୁ ଦେଖୁନି ।'

ମୁରବି ଭାବରେ ସରସ୍ୱତୀଙ୍କ ତରଫରୁ ଅଜା ହରି ବିଶ୍ୱାଳ ଭଅଁରାଗଡ଼ ପ୍ରସ୍ତାବ ନେଇଗଲେ । ଏ ଖବର ଶୁଣି ରବି ରାୟଙ୍କ ବଡ଼ଭାଇ ମର୍ଦ୍ଦରାଜ ଓ ବୋଉ ଭାରି ଖୁସି ହେଲେ । ଖୁବ୍ ଆଗ୍ରହରେ ଏ ପ୍ରସ୍ତାବ ସ୍ୱୀକାର କଲେ । କାରଣ ରବି ରାୟ ଆଗରୁ ଆଦୌ ବାହା ହେବ ନାହିଁ ବୋଲି ଜିଦ୍ ଧରିଥିଲେ । ତା ଛଡ଼ା ସରସ୍ୱତୀଙ୍କୁ ମଧ୍ୟ ସେମାନେ ଖୁବ୍ ଭଲ ଭାବରେ ଚିହ୍ନିଥିଲେ, ଜାଣିଥିଲେ । ରୂପ ଗୁଣ, ବୁଦ୍ଧିବିଦ୍ୟା, ଆଚାର ବ୍ୟବହାର କେଉଁଥିରେ ବାଛିବାକୁ, ଖୁଣିବାକୁ ନ ଥିଲା । ଏଭଳି ଲକ୍ଷ୍ମୀସ୍ୱରୂପା କନ୍ୟା ଭାଗ୍ୟରେ ଥିଲେ ମିଳେ । ସେମାନଙ୍କର ଆନନ୍ଦର ସୀମା ନ ଥିଲା । ଅବଶ୍ୟ ରବି ରାୟଙ୍କ ପରିବାର ଗଡ଼ୁଆ ସାଆନ୍ତ ଥିବାରୁ ଓ ସରସ୍ୱତୀଙ୍କ ପରିବାର ଗଡ଼ୁଆ ନ ଥିବାରୁ (ସ୍ୱାଇଁ ସାଙ୍ଗିଆଧାରୀ ହୋଇଥିବାରୁ) କେହି ଜଣେ ଅଧେ ସ୍ୱର ଉଠେଇଲେ ବି ତାହା କ୍ଷୀଣ ହୋଇ ଯାଇଥିଲା ।

ବାହାଘର ସ୍ଥିର ହୋଇଗଲା । ସରସ୍ୱତୀଙ୍କ ବୋଉ ଜିଦ୍ ଧରିଲେ ଯେ, ତାଙ୍କର ପ୍ରଥମ ଝିଅ ବାହାଘର, ଗାଁରେ ହେବ, କିନ୍ତୁ ସରସ୍ୱତୀ ଅନେକ କାରଣରୁ କଟକରେ ନରିଭାଇଙ୍କ ଘରେ ବାହାଘର ହେବାକୁ ପସନ୍ଦ କଲେ । ତାହାହିଁ ଶେଷରେ ସ୍ଥିର ହେଲା । ଯା ଭିତରେ ସରସ୍ୱତୀ ଆସି ଜଗତ୍‌ସିଂହପୁରରେ ଚାକିରି କରୁଥାନ୍ତି । ତା ପୂର୍ବରୁ ସେ ଦରଭଙ୍ଗା ମେଡ଼ିକାଲ କଲେଜରୁ ପୋଷ୍ଟ ଗ୍ରାଜୁଏଟ ଓ କଲିକତାରୁ D.M.C.W. ପ୍ରଭୃତି ସ୍ୱତନ୍ତ୍ର ତାଲିମ ପ୍ରଭୃତି ସବୁ ସାରି ଆସିଥାନ୍ତି ।

କଥା ସ୍ଥିର ହେଲା ଆଦର୍ଶ ବାହାଘର ହେବ । ବାଜାବାଣ, ରୋଶଣି, ଯାନିଯୌତୁକ କିଛି ନାହିଁ । ରବି ରାୟ, ଗୋବିନ୍ଦ ଦାସ, କୁଳମଣି ମହାପାତ୍ର, ଅକ୍ଷୟ ମହାନ୍ତି, କିଷାନ ପଟ୍ଟନାୟକ ପ୍ରଭୃତି ସବୁ ୟଙ୍ଗ ସୋସାଲିଷ୍ଟମାନେ ଗୋଟେ ଯୌତୁକ ବିରୋଧୀ ସଂଘ ଗଢ଼ିଥିଲେ । ସେମାନଙ୍କର ତିନୋଟି ନିୟମାବଳୀ ଥିଲା । ପ୍ରଥମରେ ଯୌତୁକ ନେବା ପାପ, ଦ୍ୱିତୀୟରେ ଯୌତୁକ ଦିଆଯାଉଥବା ବାହାଘରରେ କୌଣସି ସମାଜବାଦୀ ଯୁବକ ଯୋଗ ଦେବେ ନାହିଁ ଓ ତୃତୀୟରେ ଯଦି କୌଣସି ପିତାଙ୍କର ଝିଅକୁ ସ୍ୱଇଚ୍ଛାରେ କିଛି ଦେବାକୁ ଆଗ୍ରହ ଥାଏ, ତେବେ କେବଳ ଝିଅ ନାଁରେ ପାସ୍‌ବୁକ୍‌ରେ ଟଙ୍କା ରଖି

Digitized by srujanika@gmail.com

ପାରିବେ । ଏଇ ସବୁ ଆଦର୍ଶରେ ସେତେବେଳେ ସମାଜବାଦୀ ଯୁବକମାନେ ବେଶ୍ ଅନୁପ୍ରାଣିତ ଥିଲେ । ରବି ରାୟ ସରଳ ଭାବରେ ଆଦର୍ଶ ବିବାହ କରିବାକୁ ଚାହିଁଲେ ।

୧୯୬୦ ମସିହା ମେ ମାସ । କୁଳପୁରୋହିତ ଦୁଇଟି ଆତ୍ମାକୁ ଜନ୍ମ ଜନ୍ମାନ୍ତର ପାଇଁ ପବିତ୍ର ବନ୍ଧନରେ ବାନ୍ଧି ଦେଲେ । ଏ ବିବାହରେ ସେତେବେଳେ ଅନେକ ଯୁବକ ଯୋଗ ଦେଇଥିଲେ । ସରସ୍ୱତୀଙ୍କ ବୋଉ ଉପହାରସ୍ୱରୂପ ଶହେଟଙ୍କା ସୋସାଲିଷ୍ଟ ପାର୍ଟିର ଦଳୀୟ ପାଣ୍ଠିକୁ ଦେଇଥିଲେ । ଓଡ଼ିଶାର ପ୍ରଖ୍ୟାତ ଜନନେତା କିଷାନ ପଟ୍ଟନାୟକ (ପୂର୍ବତନ ସାଂସଦ) ତାଙ୍କଠାରୁ ଏ ଉପହାର ଗ୍ରହଣ କରିଥିଲେ ।

ଝିଅ ବିଦାବେଳେ ସରସ୍ୱତୀଙ୍କର ଅସମ୍ଭାଳ କାନ୍ଦ ସମସ୍ତଙ୍କୁ ଦୁଃଖରେ ଅଭିଭୂତ କରିଥିଲା । ସେଦିନର ସ୍ମୃତି ରୋମନ୍ଥନ କରି ନରେନ୍ଦ୍ର ଜେନା କହନ୍ତି - "ବାହାଘର ଖୁବ୍ ଭଲରେ ସରିଗଲା । ସରସ୍ୱତୀର ଦାଦା ହରିହର ସ୍ୱାଇଁ କନ୍ୟାଦାନ କଲେ । ବିଦାବିଦି ବେଳେ ସରସ୍ୱତୀର ଅସମ୍ଭାଳ କାନ୍ଦ । ଆଜିଯାଏ ଝିଅ ଶାଶୂ ଘରକୁ ଗଲାବେଳେ ଏପରି କାନ୍ଦିବା ମୁଁ କ୍ୱଚିତ୍ ଦେଖିଛି । ମୁଁ ତାକୁ ବହୁତ ବୁଝେଇଲି । ତୁ ବ୍ୟସ୍ତ ହଅନା । ଗାଁରେ ସାତଟି ଦିନ ବୋହୂପଣିଆର ଅଭିନୟ କରି ତୁ ପୁଣି ଜଗତ୍‌ସିଂହପୁର ଫେରିଆସିବୁ । ସେମାନେ ଖୁବ୍ ଭଲ ମଣିଷ । ତୋର କିଛି ଅସୁବିଧା ହେବନି । ହେଲେ ତା ବୁକୁଫଟା କାନ୍ଦ ଦେଖିଲେ ଗଛପତ୍ର ବି ତରଳିଯିବ । ଆମେ ତ ମଣିଷ । ଦୁଃଖରେ ଆମ ଛାତି କୋରି ହୋଇଗଲା ପରି ଲାଗୁଥାଏ । ସେ ବିଦାବିଦି ହୋଇଗଲା ପରେ ଡକ୍ଟର ରବି ଘୋଷ କୁଣିଆଁ ହୋଇ ଯାଇଥିଲେ ଭଅଁରାଗଡ଼ । ହେଲେ ସେଠି ବି ସରସ୍ୱତୀ ଭାରି କାନ୍ଦିଲା । ରବି ଘୋଷ ଫେରିଆସି ସବୁ କଥା କହିଲେ । ମୁଁ ଗଲି ଭଅଁରାଗଡ଼ । ତାକୁ ବୁଝେଇବାଝେଇ ଆସିଲି । ବୋଧହୁଏ ନିଜ ଭାଇଭଉଣୀ, ବୋଉ - ଏଇମାନଙ୍କ କଥା ଭାବି ତାର ଭୀଷଣ ଦୁଃଖ ହେଉଥିଲା ।"

ସରସ୍ୱତୀ ପଢ଼ିବାବେଳୁ ଭାରି ସରଳ ଥିଲେ । ସବୁବେଳେ ଧଳାଶାଢ଼ି ପିନ୍ଧନ୍ତି । ହାତରେ ପଟେ ପଟେ ସୁନାକାଚ । କାନରେ ଛୋଟ ଛୋଟ ଫୁଲ ଦୁଇଟି, ବେକରେ ସରୁ ସୁନା ଚେନଟିଏ । ଏହାଛଡ଼ା କୌଣସି ସାଜସଜ୍ଜା, ଅଳଙ୍କାର, ବେଶଭୂଷା କିଛି ନାହିଁ । ଆଜିବି ତାଙ୍କର ସେଇ ସରଳ, ନିରାଭରଣ ରୂପ । ତାଙ୍କର ନୈତିକ ମୂଲ୍ୟବୋଧ ସେଇ ପିଲାଟି ଦିନରୁ ଆଜିଯାଏ ସେମିତି ଅକ୍ଷୁଣ୍ଣ ରହିଛି । ଜୀବନସାରା ସେ ଅସୀମ ତ୍ୟାଗ ବରଣ କରିଛନ୍ତି । ନିଜ ଭାଇଭଉଣୀ, ପୁତୁରା ଝିଆରୀ, ବନ୍ଧୁବାନ୍ଧବ, କର୍ମୀ ନେତା, ଦୁଃଖୀ ଦରିଦ୍ର.... ସବୁରି ପାଇଁ ତାଙ୍କ ଦ୍ୱାର ଖୋଲା । କେଜାଣି କେତେ ଗରିବ ଛାତ୍ରଙ୍କୁ ସେ ମଣିଷ କରିଛନ୍ତି । ନିଜ ଘରେ ରଖି ଖୁଆଇ ପିଆଇ, ପଇସା ଦେଇ ପାଠପଢ଼ାଇ ଉପଯୁକ୍ତ କରି ଗଢ଼ିଛନ୍ତି ତାର ହିସାବ ନାହିଁ । ସମାଜସେବା ତାଙ୍କ ଜୀବନଚର୍ଯ୍ୟାର ମୁଖ୍ୟ ଅଂଶ । ରବି ରାୟଙ୍କ ରାଜନୀତିକ ଜୀବନର ବହୁ ଉତ୍ଥାନ ପତନ ଆସିଛି । ବହୁ କଣ୍ଟକିତ

Digitized by srujanika@gmail.com

ପଥ ଅତିକ୍ରମ କରିବାକୁ ପଡ଼ିଛି । ବହୁ ଅଭାବ ଅନଟନର ସାମନା କରିବାକୁ ପଡ଼ିଚି । ବହୁ ସମସ୍ୟା, ବହୁ ପ୍ରତିବନ୍ଧକ ମୁଣ୍ଡ ଟେକିଛି । କେଉଁଠି ହେଲେ ସେ ହଟିଯାଇ ନାହାନ୍ତି । ସବୁକୁ ସେ ସାହସର ସହିତ ମୁକାବିଲା କରିଛନ୍ତି । ରବି ରାୟଙ୍କ ରାଜନୀତିକ ସଂଗ୍ରାମୀ ଜୀବନରେ ମୁଖ୍ୟ ଆଧାରଶିଳା ହୋଇ ଚିରଦିନ ସେ ରହି ଆସିଛନ୍ତି । ରବି ରାୟ ନିଜେ ଆଜି ମୁକ୍ତକଣ୍ଠରେ ସ୍ୱୀକାର କରନ୍ତି - 'ଆଜି ମୁଁ ଯାହା ହେଇଚି, ସରସ୍ୱତୀ ନ ଥିଲେ ତା ମୁଁ କଦାପି ହୋଇପାରି ନ ଥାନ୍ତି । ମୋ ଜୀବନପାଇଁ ତାଙ୍କ ଅବଦାନର ତୁଳନା ନାହିଁ ।'

ସରସ୍ୱତୀ ଓ ରବି ରାୟଙ୍କ ସମ୍ପର୍କରେ କହିଲାବେଳେ ତାଙ୍କର ଅନ୍ତରଙ୍ଗ ବନ୍ଧୁ ନରେନ୍ଦ୍ର ଜେନା ଥଟ୍ଟା କରି କହନ୍ତି - ''ରବି ରାୟ ଯେମିତି କେବଳ ରାଜନୀତି କରିବାକୁ ଜନ୍ମ ହୋଇଥିଲେ । ଆଉ କୌଣସି ସାଂସାରିକ ଜ୍ଞାନ ତାଙ୍କର ନ ଥିଲା । କହିବାକୁ ଗଲେ ସେ ଆଉ ସବୁଥିରେ ଜିରୋ । କେବଳ ରାଜନୀତି ପାଇଁ ଫିଟ୍ । ପିଲାଟି ଦିନରୁ ସେ ଖଦଡ଼ ପିନ୍ଧେ । ଗାନ୍ଧିଜୀଙ୍କର ଭାରି ଭକ୍ତ । ଟଙ୍କା କେବେ ସ୍ପେ ଛୁଏଁନି କି କେବେ କାହାକୁ ମାଗେନି । ଯେତେ ଇଲେକ୍ସନ ଲଢ଼ିଛି, ଯାହା କରିଛି - ସବୁ ସରସ୍ୱତୀ ସମ୍ଭାଳେ । କେମିତି କ'ଣ କରେ ଆଶ୍ଚର୍ଯ୍ୟ କଥା । ଦଳୀୟ ପାଣ୍ଠି ଓ ଅଳ୍ପ କିଛି ବ୍ୟକ୍ତିଗତ ବନ୍ଧୁଙ୍କ ଚାନ୍ଦାଛଡ଼ା ରବି କେଉଁଠୁ ପଇସାଟିଏ ଆଣିପାରେନି । ଏସବୁ ପାଇଁ ସରସ୍ୱତୀର ତ୍ୟାଗର ପଟାନ୍ତର ନାହିଁ । ଜୀବନସାରା ଧଳାଶାଢ଼ି, ଭାତ ଡାଲମା ଖାଇ ସରଳ ନିରାଡ଼ମ୍ବର ଜୀବନ ଯାପନ କରି ସ୍ୱାମୀ ପାଇଁ, ପରିବାର ପାଇଁ, ସମାଜ ପାଇଁ ଏତେ ତ୍ୟାଗ କରିଥିବା କ୍ୱଚିତ୍ ସ୍ତ୍ରୀଲୋକ ମୁଁ ଜୀବନରେ ଦେଖିଛି । ତାର ଗୋଟିଏ ତ୍ରୁଟି ମୁଁ ଜାଣେ । ତାକୁ ହୁଏତ ଅନ୍ୟମାନେ ତ୍ରୁଟି କହିପାରନ୍ତି । ଅନ୍ୟାୟ ଅନୀତି ବରଦାସ୍ତ କରିପାରେନି । ସେ ଯିଏ ହେଉନା କାହିଁକି ମୁହେଁ ମୁହେଁ ସିଧାସଳଖ କୁହେ । ତାର ପେଟରେ ଗୋଟେ କଥା, ମୁହଁରେ ଗୋଟେ କଥା ନାହିଁ । ତାକୁ ଅବଶ୍ୟ ଏଥିପାଇଁ ଅନେକ ସମାଲୋଚନା ସହିବାକୁ ପଡ଼େ । କିନ୍ତୁ ତାର ଏ ଅନମନୀୟ ବ୍ୟକ୍ତିତ୍ୱ ବାସ୍ତବିକ ପ୍ରଶଂସନୀୟ । ହେଲେ ରବିଟା ସରଳଟାଏ । ପିଲାଙ୍କ ପରି ଯିଏ ଯାହା ବୁଝେଇଦେଲା ସେ ବୁଝିଯିବ । ଆଜି ବି ସେ ସେମିତି ଶିଶୁପରି ସରଳ, ନିଷ୍ପାପ ହୋଇ ରହିଛି । କଳଙ୍କ ତାକୁ ସ୍ପର୍ଶ କରିପାରି ନାହିଁ । ଚାରିତ୍ରିକ ନିଷ୍ଠା ହିମାଳୟ ପରି ଉତ୍ତୁଙ୍ଗ । ଅର୍ଥ, ପ୍ରତିପତ୍ତି, କ୍ଷମତା - ଏସବୁର କାଳିମା ତାକୁ ମୁହୂର୍ତ୍ତକ ପାଇଁ ଗ୍ରାସ କରିପାରି ନାହାନ୍ତି । ମେଘମୁକ୍ତ ଶରଦ ଆକାଶ ପରି ସେ ସ୍ୱଚ୍ଛ, ଶୁଦ୍ଧ, ଶୁଭ୍ର, ଅନାବିଳ ଓ ଉଜ୍ଜ୍ୱଳ ।'' ରବି ରାୟ ଓ ସରସ୍ୱତୀଙ୍କ ବିବାହ ପରେ ତାଙ୍କର ବନ୍ଧୁ ରାଜେନ୍ଦ୍ର ଦାସ ମନ୍ତବ୍ୟ ଦେଇଥିଲେ - ''ଓଡ଼ିଶାର ସବୁଠୁ ଝଙ୍କାଳିଆ ବରଗଛ ସବୁଠୁ ସୁନ୍ଦର ନୀଳକଇଁ ପାଇଲେ ।'' ୧୯୬୦ ମସିହା ମେ ମାସରେ ରବି ରାୟଙ୍କର ବାହାଘର । କି ବିଚିତ୍ର ସଂଯୋଗ । ବାହାଘର ପରେ ସରସ୍ୱତୀ ଭଅଁରାଗଡ଼ ବୋହୂ ହୋଇ ଗଲେ । ଗାଁରେ ଚାରିଆଡ଼େ ପ୍ରଚାର ହୋଇଯାଇଥିଲା, ସାଆନ୍ତଙ୍କ ଘରକୁ ଲକ୍ଷ୍ମୀପ୍ରତିମା ପରି

Digitized by srujanika@gmail.com

ଡାକ୍ତର ବୋହୂ ଆସିଛି । ସେ ପରିବାରର ଓ ସେ ଅଞ୍ଚଳର ପ୍ରଥମ ଡାକ୍ତର । ସଂଭ୍ରମ ଓ ଶ୍ରଦ୍ଧାରେ ସମସ୍ତେ ସରସ୍ୱତୀଙ୍କର ବଶ ହୋଇଯାଇଥିଲେ । ରବି ରାୟଙ୍କ ବଡ଼ଭାଇ ମର୍ଦ୍ଦରାଜ ରବି ରାୟଙ୍କୁ ଖୁବ୍ ଭଲ ପାଉଥିଲେ । ସେତେବେଳେ ସମ୍ଭ୍ରାନ୍ତ ପରିବାରମାନଙ୍କରେ ଭାଇବୋହୂ, ଦେଢ଼ଶ୍ୱଶୁରର ଛାଇ ସୁଦ୍ଧା ମାଡୁ ନ ଥିଲେ । ବେଶ୍ ଆଡ଼ ଉଦୁଆଳ, ବେଶ ପରଦା, ଲୋକାଚାର, କେହି କାହା ସାମନାକୁ ଆସିବେ ନାହିଁ କି କଥାବାର୍ତ୍ତା କରିବାର ପ୍ରଶ୍ନ ନାହିଁ । ସରସ୍ୱତୀଙ୍କର ବ୍ୟକ୍ତିତ୍ୱ କିନ୍ତୁ ଏପରି ଥିଲା ଯେ ପରିବାରର ମୁରବି ଦେଢ଼ଶ୍ୱଶୁର ମର୍ଦ୍ଦରାଜ, ଶାଶୂ, ବଡ଼ଯାଆ, ବଡ଼ ନଣନ୍ଦମାନେ, ନଣନ୍ଦେଇମାନେ, ଖୁଡୁତାଶ୍ୱଶୁର, ଖୁଡ଼ୀଶାଶୂ, ସାନ ସାନ ପିଲାମାନେ ବି ତାଙ୍କୁ ଶ୍ରଦ୍ଧା କରୁଥିଲେ । ତାଙ୍କ କଥାକୁ ସମ୍ମାନ କରୁଥିଲେ ।

ସେଦିନ ଆକାଶରେ ପୂର୍ଣ୍ଣମୀ ଜହ୍ନ ନ ଥିଲେ ବି ଦଶମୀଚାନ୍ଦଟା ବେଶ ଉଜ୍ଜ୍ୱଳ ଦିଶୁଥିଲା । ନଈନାଳ ପାରିହୋଇ ଭଅଁରାଗଡ଼ରେ ପହଞ୍ଚିଲା ବେଳକୁ ରାତି ହୋଇଗଲାଣି । ଗଛବୃକ୍ଷ, ଘନଜଙ୍ଗଲ ଫାଙ୍କ ଦେଇ ତିଳ ତଣ୍ଡୁଳିତ ଜ୍ୟୋତ୍ସ୍ନାଲୋକ ବିଚିତ୍ର ରୂପସଜ୍ଜାରେ ସଜାଇ ଦେଇଥାଏ ଭଅଁରାଗଡ଼କୁ । ସତେଯେମିତି ସେ ସରସ୍ୱତୀଙ୍କୁ ସ୍ୱାଗତ କରିବାକୁ ନିଜକୁ ସଜେଇଛି । ନବବଧୂ ସରସ୍ୱତୀ ଶାଶୂଘରେ ପାଦ ଥାପିଲେ । ଡାକ୍ତର ହୋଇଥିବା ଉଚ୍ଚଶିକ୍ଷିତା ଝିଅର ବୋହୂପଣିଆର ଖଡ଼ିପାଠ ଆରମ୍ଭ ହେଲା । ସେ ଦିନର ସେ ଅନୁଭବକୁ ସେ ଚମତ୍କାର ରୂପାଲେଖ୍ୟ ଦେଇଛନ୍ତି ଶବ୍ଦଶିଳ୍ପର ଅପୂର୍ବ କାରୁକଳାରେ । ଛୋଟ ଛୋଟ ଗପ ଆକାରରେ କେତେଗୁଡ଼ିଏ ନିଜସ୍ୱ ଅନ୍ତରଙ୍ଗ ଅନୁଭୂତିକୁ ସେ ସୁନ୍ଦର ଭାବରେ ଆଙ୍କିଛନ୍ତି ତାଙ୍କର ନିକଟରେ ପ୍ରକାଶିତ 'ଚଲାପଥର ଚରିତ୍ର' ଗଳ୍ପ ବହିରେ । କିଛି କଳ୍ପନା, କିଛି ସତ୍ୟର ମିଶାମିଶି, ଫେଣ୍ଟାଫେଣ୍ଟି ବିଚିତ୍ର ବର୍ଣ୍ଣାଳି ଏ ଗପଗୁଡ଼ିକୁ । ନିଜ ଦେଢ଼ଶ୍ୱଶୁରଙ୍କ ସମ୍ପର୍କରେ ଏଥିରେ ଗୋଟିଏ ଗପ ରହିଛି । ଗଳ୍ପଟିର ଅନେକ ଭାଗ ବାସ୍ତବ ।

ସରସ୍ୱତୀଙ୍କ ବୋହୂପଣିଆର ପ୍ରଥମ ସକାଳ । ସାଆନ୍ତଘର ବୋହୂ ଦେଖିବାକୁ ଲୋକଭିଡ଼ । ବୋହୂ ଦେଖିବାକୁ ଭଲ । ପୁଣି କୁଆଡ଼େ ବହୁତ ପାଠ ପଢ଼ିଛି । ଡାକ୍ତରୀ ପାଠ । ପାଠପଢୁଆ ବୋହୂ । ହେଲେ ଉପରମୁହାଁ ନୁହଁ । ମୁଣ୍ଡ ନୁଆଁଇ ସମସ୍ତଙ୍କୁ ଜୁହାର କରୁଛି । କିଏ ଆଉ କ'ଣ ଚାହେଁକି । କିଏ କ'ଣ କାହାକୁ ଦେଇଦେବ କି ନେଇଯିବ ? ବଡ଼ସାନ ଦେଖି ମାନ୍ୟ କଲା, ସେତିକି ଯଥେଷ୍ଟ । ଲୋକଙ୍କ ଭିତରେ ଆଲୋଚନା ହୁଏ । ସମସ୍ତେ ବୋହୂର ପ୍ରଶଂସା କରନ୍ତି ।

ସରସ୍ୱତୀଙ୍କର ଜଣେ ମାତ୍ର ଦେଢ଼ଶ୍ୱଶୁର ଏବଂ ପରିବାରରେ ସେ ହିଁ ଏକମାତ୍ର ଉଚ୍ଚଶିକ୍ଷିତ ଓ ବୟସ୍କ ବ୍ୟକ୍ତି । ସମସ୍ତଙ୍କଠାରୁ ବୟସରେ ବଡ଼ । ପରିବାରର ଐତିହ୍ୟ ଓ ପରମ୍ପରା ଅନୁସାରେ ବଡ଼ପୁଅ ହିଁ ସମ୍ପତ୍ତିର ଅଧିକାରୀ । ତେଣୁ ତାଙ୍କ ସମ୍ମାନ ପରିବାରରେ ସର୍ବାଧିକ । ସେ ଭିତର ସାହିକୁ କ୍ୱଚିତ୍ ଆସନ୍ତି । ତାଙ୍କର କଥା ଆଦେଶ । ସମସ୍ତଙ୍କର

Digitized by srujanika@gmail.com

ତାଙ୍କୁ ଭୀଷଣ ଭୟ । ସେ ଭୟ ଭକ୍ତିର । କିନ୍ତୁ ତାଙ୍କପରି ସ୍ନେହୀ ଓ ବିବେକୀ ଲୋକ ବିରଳ । ତଥାପି ସମସ୍ତେ ତାଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇ ରଖିଥାନ୍ତି । ସବୁକଥା ତାଙ୍କ କାନକୁ ଯାଏନା । ଶାଶୂ ହିଁ ସବୁକଥା ସମାଧାନ କରିଥାନ୍ତି । ଘର ଭିତରର ଅଧିକାଂଶ ସମସ୍ୟାରେ ଶାଶୂ ହିଁ ମୁରବି ଥାଇ ସିଦ୍ଧାନ୍ତ ଗ୍ରହଣ କରନ୍ତି । କିନ୍ତୁ ବାହାର କଥାରେ ଦେଢ଼ଶ୍ୱର ମର୍ଦ୍ଦରାଜ ହିଁ ମୁଖ୍ୟ । ରବି ରାୟଙ୍କ ବୋଉ ଦରକାର ହେଲେ ମର୍ଦ୍ଦରାଜଙ୍କ ସହ ପରାମର୍ଶ କରନ୍ତି । ଦୁହେଁ ବିଚାର ଆଲୋଚନା କରି ସବୁକଥା ସ୍ଥିର କରନ୍ତି । ସେ ମର୍ଦ୍ଦରାଜଙ୍କ ସାଙ୍ଗରେ କେବଳ ଏକା କଥାବାର୍ତ୍ତା କରୁଥିଲେ । ଆଉ ସମସ୍ତେ ସଂଭ୍ରମରେ ତାଙ୍କୁ କଥା କହନ୍ତି ନାହିଁ । କେବଳ ଶାଶୂ ହିଁ ମର୍ଦ୍ଦରାଜଙ୍କୁ ଭିତରକୁ ଡକାଇ ପଠାନ୍ତି ।

ସରସ୍ୱତୀ ଦେଢ଼ଶ୍ୱରଙ୍କ ସମ୍ପର୍କରେ ଓ ଘରର ଆଦବକାଇଦା ବିଷୟରେ ଧୀରେ ଧୀରେ ସବୁ ଜାଣିବାକୁ ପାଇଲେ । ସେ ଭିତରେ ଭିତରେ ଭାରି ଭାଙ୍ଗି ପଡୁଥିଲେ । ଅଭିଜାତ ପରିବାରର ସାମାଜିକ ଶୃଙ୍ଖଳା ବେଶ୍ ଦୃଢ଼ ଓ ବଳିଷ୍ଠ ଥିଲା । ତାକୁ ଛିନ୍ନ କରି ପୁଣି ଆସି ଜଗତ୍‌ସିଂହପୁରରେ ସ୍ୱାଧୀନ ଭାବରେ ଚାକିରି କରିବା ଯେପରି ଚିନ୍ତା ବହିର୍ଭୂତ ବ୍ୟାପାର ଥିଲା । ଷୋଳମଙ୍ଗଳା ସରିଗଲା । ବନ୍ଧୁବାନ୍ଧବ ବିଦାବିଦି ହୋଇଗଲେ । ଗହଳି ଭାଙ୍ଗି ଆସିଲା । ବିଦାୟ ନେଇ ଗଲାବେଳେ ଅଧିକାଂଶ ଗୁରୁଜନ ଉପଦେଶ ଦେଇ ଯାଉଥିଲେ - 'ବୋହୂ ତୁମରି ହାତରେ ଏ ବଂଶର ମର୍ଯ୍ୟାଦା - ତଳେ ପକେଇ ଦେବନି ।'

ରବି ରାୟ କଟକ ଫେରିଗଲେ । ଯିବା ପୂର୍ବରୁ ସରସ୍ୱତୀଙ୍କୁ ସାଙ୍ଗରେ ନେଇଯିବାର ପ୍ରସ୍ତାବ କେହି କେହି ଉଠାଇଥିଲେ । ହେଲେ ବୋଉ କହିଥିଲେ - 'ଭୁଆସୁଣୀ ବୋହୂ । ଘରେ ପଶିନି । ଏବେ କେମିତି ବିଦେଶ ଯିବ । କାହାକୁ ଚିହ୍ନିନି, ଜାଣିନି । ଯାଉ ଦି'ଚାରି ବର୍ଷ । କିଏ ପୁଣି ତା ସାଙ୍ଗରେ ଯିବ !' ଏମିତି ଭାବରେ କଥାଟା ଉଠୁ ନ ଉଠୁଣୁ ପୁଣି ପବନରେ ମିଳେଇ ଗଲା ।

ଏକାନ୍ନବର୍ତ୍ତୀ ସାଆନ୍ତ ପରିବାର । ବାହାରେ ଘୋ ଘା ଥିଲେ ବି ତଳସାହି ପ୍ରାୟ ଶାନ୍ତ ଥାଏ । ସମସ୍ତେ ସରସ୍ୱତୀଙ୍କୁ ବେଶ୍ ଆଦର ଯତ୍ନ କରୁଥାନ୍ତି । କାଳି ଅନ୍ଧାରରୁ ଉଠି ସରସ୍ୱତୀ ବାହାରକୁ ଯାଇ ନିତ୍ୟକର୍ମ, ଗାଧୁଆପାଧୁଆ ସାରି ଫେରନ୍ତି । ଏବୁଣ୍ଡି ଟପି ଆଉ ଦିନବେଳେ ଯିବା କଠିନ ବ୍ୟାପାର । କହିବାକୁ ଗଲେ ଏଥିପାଇଁ ଅନୁମତି ନ ଥିଲା । ସରସ୍ୱତୀଙ୍କ ପାଖେ ପାଖେ ଥାଆନ୍ତି ସାନ ଝିଆରୀ ଜଣେ ଦୁଇଜଣ । ସେଇମାନେ ତାଙ୍କର ସାଙ୍ଗ, ବାର୍ତ୍ତାବହ । ସରସ୍ୱତୀଙ୍କର ସବୁ ଭଲମନ୍ଦ ଏଇମାନେ ବୁଝିଥାନ୍ତି ।

ବାହାଘରର ପ୍ରାୟ ମାସେ ପୂରି ଯାଇଥାଏ । ସରସ୍ୱତୀଙ୍କ ବୋଉ ଲୋକ ପଠେଇ ଖବର ଦେଇଥିଲେ - 'ଟୁନାର ଛୁଟି ସରିଲାଣି । ସମୁଦୁଣୀ ଟୁନାକୁ ଜଗତ୍‌ସିଂହପୁର ପଠେଇ ଦେଲେ ଭଲ ହୁଅନ୍ତା । ସେ ଚାକିରିରେ ଯୋଗ ଦିଅନ୍ତା ।' ରବି ରାୟଙ୍କ ବୋଉ

Digitized by srujanika@gmail.com

ଏ ଖବର ପାଇ ସିଧାସଳଖ ମନାକରି ଦେଲେ । କହିଲେ - 'ଆମର କ'ଣ ନାହିଁକି ? ଏ ଘରୁ ବୋହୂଯାଇ ଚାକିରି କରିବ ।'

ବାହାରର ସବୁ ଆଲୋଚନା ସରସ୍ୱତୀଙ୍କ କାନରେ ପଡ଼େ । ସବା ସାନଝିଆରୀଟି ସବୁକଥା ବନେଇ ଚୂନେଇ ତାଙ୍କ ଆଗରେ କହେ । ସେ ଥିଲା ସରସ୍ୱତୀଙ୍କର ସମ୍ବାଦବାହକ । ସେ ହସି ହସି କହେ - 'ଖୁଡ଼ୀ, ତୁ ସବୁଦିନେ ଏଇଠି ରହିବୁ । ମୁଁ ତୋ ସାଙ୍ଗେ ଖେଳିବି । ମୁଁ ତୋ ସାଙ୍ଗେ ସବୁଦିନ ନଈକି ଗାଧେଇ ଯିବି ।' ଏସବୁ ଶୁଣି ସରସ୍ୱତୀ ବ୍ୟସ୍ତ ହୋଇପଡ଼ିଲେ । ସବୁକଥା ଜାଣିଶୁଣି ବି ଶାଶୂ ପାରିବାରିକ ପରମ୍ପରା ଓ ସଂସ୍କାର ଯୋଗୁଁ ତାଙ୍କୁ ଚାକିରି କରିବାକୁ ମନା କରୁଛନ୍ତି, ଏକଥା ତାଙ୍କ ହୃଦୟ ଜମା ଗ୍ରହଣ କରିପାରୁ ନ ଥିଲା । ସେ ଅନୁଭବ କରୁଥିଲେ, ଗୋଟିଏ ଆବଦ୍ଧ ସୁନା ପଞ୍ଜୁରିରେ ତାଙ୍କୁ ଯେପରି ଅତି ଆଦରରେ, ଶ୍ରଦ୍ଧାରେ ବନ୍ଦୀ କରି ରଖାଯାଇଛି । ମହମ କଣ୍ଢେଇ ଭଳି ଅତ୍ୟନ୍ତ ସାବଧାନତା ସହ ତାଙ୍କୁ ରଖାଯାଇଛି । ବିଳାସବ୍ୟସନ କେଉଁଥିରେ ଊଣା କରାଯାଇ ନାହିଁ । ଟିକିଏ ଖରା ବାଜିଲେ କାଳେ ସେ ତରଳିଯିବେ । ସରସ୍ୱତୀ ଅନୁଭବ କରୁଥିଲେ, ଏସବୁ ସତ୍ତ୍ୱେ ଏଠି ଅଧିକ ଦିନ ରହିବା କ'ଣ ସମ୍ଭବ ? ତେଣେ ଛୁଟି ପୂରିଗଲାଣି । ଏତେ ପାଠପଢ଼ା । ପରିବାରର ସମସ୍ତଙ୍କ ପାଇଁ ଦାୟିତ୍ୱ, ରବି ରାୟଙ୍କ ସହିତ ଚୁକ୍ତି - ସବୁ ଯେପରି ଏଠି ନିରର୍ଥକ ହୋଇଯାଇଛି ।

ଗୋଟିଏ ବୃତ୍ତର ଚାରିପଟେ ସେ ଘଣ୍ଟା କଣ୍ଟା ଭଳି ଯେପରି ଖାଲି ଘୂରୁଛନ୍ତି । ଏଠୁ ସେ ମୁକ୍ତି ପାଇବେ କିପରି ? କିପରି ସେ ପୁଣି ଫେରିଯାଇପାରିବେ ସେଠିକି, ଯେଉଁଠୁ ତାଙ୍କୁ କର୍ତ୍ତବ୍ୟର ଆହ୍ୱାନ ପ୍ରତିନିୟତ ଶୁଣାଯାଉଛି । ସେ ମନେ ମନେ ଶକ୍ତି ସଂଚୟ କଲେ ।

ସେଦିନର ତାରିଖ ଏବଂ ବାର ହୁଏତ ଜଣା ନାହିଁ । ସରସ୍ୱତୀ ବଡ଼ନଣନ୍ଦଙ୍କୁ ଅନୁରୋଧ କରି କହିଲେ - 'ଅପା, ବୋଉଙ୍କୁ କହନ୍ତୁ ମୁଁ ଜଗତ୍‌ସିଂହପୁର ଯିବି । ଚାକିରିରେ ଯୋଗ ଦେବି । ମୋର ଛୁଟି ସରିଗଲାଣି ।' ବଡ଼ନଣନ୍ଦ ଏକଥା ଶୁଣି ଚମକି ପଡ଼ିଲେ । ସତେଯେମିତି ତାଙ୍କ ପାଦତଳୁ ପୃଥିବୀ ଅପସରି ଯାଉଛି କେଉଁ ରସାତଳକୁ । ନିଜ କାନକୁ ବୋଧହୁଏ ସେ ବିଶ୍ୱାସ କରି ପାରୁ ନ ଥିଲେ । ସେ ଗମ୍ଭୀର ହୋଇ କହିଲେ - 'ବୋହୂ ଏଇଟା କ'ଣ ସମ୍ଭବ ?'

ସରସ୍ୱତୀ ଅତି ଧୀରେ କହିଲେ - 'ହଁ' । ଗୋଟିଏ ମାତ୍ର ଶବ୍ଦ । ସବୁଠୁ ଛୋଟ ଉତ୍ତର । ମାତ୍ର ବହୁତ ବେଶି କଥା ତା ଭିତରେ ରହିଯାଇଥିଲା । ସରସ୍ୱତୀ ଭୟରେ ପଛକୁ ଘୁଞ୍ଚିଗଲେ । କାନ୍ଥ ଦେହରେ ଲାଗି ଗଲେ ଭରା ଦେବାପାଇଁ । ନ ହେଲେ କାଳେ ପଡ଼ିଯିବେ ।

ବଡ଼ନଣନ୍ଦ ପୁଣି କହିଲେ 'ବୋଉକୁ ଏ ଖବର ମୁଁ ଦେଇପାରିବି ନାହିଁ । ଏହା ତ ପରିବାରର ମର୍ଯ୍ୟାଦାର ପ୍ରଶ୍ନ । ଏ ପର୍ଯ୍ୟନ୍ତ ଏ ପରିବାରର କୌଣସି ବୋହୂ ସାମୟିକ

Digitized by srujanika@gmail.com

ବାପଘରକୁ ଯିବା ବ୍ୟତୀତ କେହି ଦାଣ୍ଡ ଏରୁଣ୍ଡି ଟପି ଯାଇ ନାହାନ୍ତି । ତୁମେ ପୁଣି କହୁଚ ଚାକିରି କରିବାକୁ ଯିବ ! ନା ବାବା, ନା, ଏକଥା ଆଦୌ ମୁଁ କହିପାରିବି ନାହିଁ ।

ଶେଷରେ ସରସ୍ୱତୀ ବଡ଼ଯାଆଙ୍କ ପାଖରେ ଯାଇ ଗୁହାରି କଲେ, ଦେଢ଼ଶୁରଙ୍କୁ ଖବର ଦେବାକୁ । ସରସ୍ୱତୀଙ୍କର କିଛି କଥା ତାଙ୍କୁ କହିବାକୁ ଅଛି । ଯାଆ ଅବାକ୍ ହୋଇଗଲେ । ବହୁ ସମୟ ଧରି ସରସ୍ୱତୀଙ୍କି ଚାହିଁଲେ । ସେ ଜ୍ୱଳନ୍ତ ଆଖିର ନିଆଁ ସହି ନ ପାରି ସରସ୍ୱତୀ ମୁଣ୍ଡ ତଳକୁ ପୋତିଲେ । କି ନାହିଁ ନ ଥିବା କଥା ! ଭାଇବୋହୂ, ସେ ପୁଣି କାଲି ଘରକୁ ଆସିଛି - ଦେଢ଼ଶୁରଙ୍କ ସହ କଥା ହେବାକୁ ବସିଲାଣି । ଏଇଟା ସମ୍ଭବ ହେବ କେମିତି ? କାନ ଉଠିଲା ଦିନୁ ଏକଥା କେହି ଶୁଣି ନାହାନ୍ତି । ମାତ୍ର ସରସ୍ୱତୀ ନଛୋଡ଼ବନ୍ଦା, ସେ ନିଶ୍ଚୟ ଦେଢ଼ଶୁରଙ୍କୁ ଭେଟିବେ । ସେମାନେ କେହି ଖବର ନ ଦେଲେ ସେ ନିଜେ ଦାଣ୍ଡ ସାହିକି ଯିବେ । ଯିଏ ଯାହା ଭାବୁଛି ଭାବୁ ।

ସରସ୍ୱତୀଙ୍କର ଆସ୍ପର୍ଦ୍ଧା ଯେ ସୀମା ଟପିଗଲାଣି ତାହା ବଡ଼ଯାଆ ଅନୁଭବ କଲେ । ତଳ ସାହିରେ ନାନା ଆଲୋଚନା । ଆକାଶ ଛିଡ଼ିପଡ଼ିବା ଭଳି ଅବସ୍ଥା । ଧୀରେ ଧୀରେ ଆଲୋଚନା ତୀବ୍ରତର ହେଉଥିଲା । ଛୋଟ ପିଲାମାନେ ଶୁଣିଲେ, କିଛି ନ ବୁଝି ନ ବିଚାରି ସେମାନେ ଯାଇ ମର୍ଦ୍ଦରାଜଙ୍କୁ ଖବର ଦେଲେ: - 'ନୂଆ ବୋହୂ କଥା ହେବାକୁ ଡାକୁଛନ୍ତି ।'

ମର୍ଦ୍ଦରାଜ କଥାଟାକୁ ଭଲଭାବରେ ବୁଝିପାରି ନ ଥିଲେ । ସମଗ୍ର ଘଟଣାଟି ତାଙ୍କୁ କିମ୍ଭୂତକିମାକାର ଲାଗିବା ସ୍ୱାଭାବିକ । ଏହା ସତ୍ୟ ହୋଇଥିଲେ ସାଂଘାତିକ ! ପିଲାମାନେ ଭୁଲ କହୁ ନାହାନ୍ତି ତ ? ସେ ଭିତରସାହିକୁ ଆସିଲେ । ଶାଶୂ କହିଲେ - 'ଘଟଣାଟି ସତ' । ସମସ୍ତେ ସ୍ତମ୍ଭୀଭୂତ । କାହାରି ମୁହଁରେ ଭାଷା ନାହିଁ । କ'ଣ ହେଲା ଓ କ'ଣ ହେବାକୁ ଯାଉଛି ? ବୋଧହୁଏ ଅବସ୍ଥା ସମ୍ଭାଳିବା ପାଇଁ ମର୍ଦ୍ଦରାଜ ସରସ୍ୱତୀ ରହୁଥିବା କୋଠରି ବାରଣ୍ଡାକୁ ଉଠି ଆସିଲେ । ତାଙ୍କ ପାଦଶବ୍ଦ ଶୁଣି କବାଟ କଣରୁ ଦେଢ଼ଶୁରଙ୍କୁ ପ୍ରଣାମ ଜଣାଇ ସରସ୍ୱତୀ କହିଲେ -, 'ଛୁଟି ସରିଗଲାଣି । ମୁଁ ଜଗତ୍‌ସିଂହପୁର ଯିବି ।'

ପରିବାରର ସମସ୍ତେ ସମସ୍ତଙ୍କ ମୁହଁକୁ ଚାହୁଁଥାନ୍ତି । ଇଏ କ'ଣ ହେଉଛି ! କାହାରି ତୁଣ୍ଡରେ ଭାଷା ନାହିଁ । ଦି'ଦିନର ନୂଆ ଭୁଆସୁଣୀ ବୋହୂ ଦେଢ଼ଶୁରଙ୍କୁ ଡକାଇ ପଠାଇ କଥା ହେଉଛି । ବଡ଼ସାଆନ୍ତଙ୍କ ସହ ଜବାବସୁଆଲ ଚାଲିଛି । ଏକଥା ପୁଣି ସମ୍ଭବ !

ମର୍ଦ୍ଦରାଜ ନିଜକୁ ସମ୍ଭାଳିବା ପାଇଁ ବୋଧହୁଏ କିଛି ସମୟ ନେଲେ । ଶେଷରେ ନୀରବତା ଭଙ୍ଗ କରି ପଚାରିଲେ - 'କେବେ ଗଲେ ଚଳିବ ?'

- 'ଆସନ୍ତା କାଲି ମୋତେ ପଠାଇ ଦିଅନ୍ତୁ' - ସଂକ୍ଷିପ୍ତରେ କହିଲେ ସରସ୍ୱତୀ ।

- 'ହଉ' । ମର୍ଦ୍ଦରାଜ ବାହାରକୁ ଗଲେ । ଶାଶୂ କ୍ଷୋଭ ଓ ଲଜ୍ଜାରେ କବାଟ ଦେଇ ଜଗନ୍ନାଥଙ୍କଠାରେ ବୋଧହୁଏ ପ୍ରାର୍ଥନା କରୁଥିଲେ, ନୂଆ ବୋହୂକୁ ସଦ୍‌ବୁଦ୍ଧି ଦେବା

Digitized by srujanika@gmail.com

ପାଇଁ । ସବୁ ଯେମିତି ଓଲଟ ପାଲଟ ହୋଇଗଲା । ସତେଅବା ଆକାଶଟା ଛିଡ଼ି ପଡ଼ିଲା । ପରିବାରର ଏତେ ଆଦରଯତ୍ନ ସବୁ ଯେମିତି ମାଟିରେ ମିଶିଗଲା ।

କିଛି ସମୟ ପରେ ଦାଣ୍ଡସାହିରୁ ମର୍ଦ୍ଦରାଜ ଖବର ପଠେଇଲେ - 'ବୋହୂଙ୍କୁ କହିବ ରାତି ପାହାନ୍ତାରୁ ଯିବାକୁ ପ୍ରସ୍ତୁତ ହେବେ । ସବାରି ଠିକଣା ହୋଇଯାଇଛି ।'

ସରସ୍ୱତୀ ବିଦ୍ରୋହର ରାସ୍ତା ଧରି ନେଇଥିଲେ । ସେ ସ୍ପଷ୍ଟ ଭାବରେ କହିଲେ - 'ନନାଙ୍କୁ କହିବେ, ସବାରିରେ ବସି ମୁଁ ଯିବି ନାହିଁ ।' ସମଗ୍ର ପରିବାରରେ ମଶାଣିର ନୀରବତା । କ'ଣ ଘଟିଯାଉଛି । ଭାଇଭଗାରିର ଘର । ଅନ୍ୟମାନେ କ'ଣ ଭାବିବେ ? କ'ଣ କହିବେ ? ଅନ୍ୟମାନେ କ'ଣ ଶିଖିବେ ? ଶାଶୂ ଓ ବଡ଼ଯାଆ ବେଶି ମର୍ମାହତ । ଏଭଳି ଏକ ଉଦ୍ଧତ ବୋହୂକୁ ନେଇ ଘର କରିବେ କିପରି ? ସଂସାର ଚଳିବ କେମିତି ? ଏତ ଆରମ୍ଭ ମାତ୍ର । ଏକାନ୍ନବର୍ତ୍ତୀ ଏ ସାଆନ୍ତ ପରିବାର ଭାଙ୍ଗି ଚୂରମାର ହୋଇଯିବ । ମୃତ୍ୟୁ ପୂର୍ବରୁ ରବି ରାୟଙ୍କ ପିତା ଘନଶ୍ୟାମ ମର୍ଦ୍ଦରାଜଙ୍କୁ କହିଯାଇଥିଲେ - 'ମର୍ଦ୍ଦି, ତୋତେ ଏ ପରିବାର ଲାଗିଲା । ତୋ ଜୀବଦ୍ଦଶାରେ ଏ ହାଣ୍ଡି ଯେପରି ଦି'ଭାଗ ନ ହୁଏ ।'

ମର୍ଦ୍ଦରାଜ ଅକ୍ଷରେ ଅକ୍ଷରେ ସେ ନିର୍ଦ୍ଦେଶ ପାଳିବାକୁ ଚେଷ୍ଟା କରିଛନ୍ତି । ବହୁ କଷ୍ଟ ସହିଛନ୍ତି । ଅନ୍ୟମାନଙ୍କ ଆବଶ୍ୟକତା ପୂରଣ ପରେ ନିଜ ସୁଖକଥା ଭୁଲିଯିବାକୁ ହୁଏ । ହେଲେ ଏ ଯେଉଁ ବୋହୂ ଆସିଛି, ତାର ଜାଳା ସହିବା ମୁସ୍କିଲ । ଘରେ ଗୋଡ଼ ନ ଦେଉଣୁ ହାଣ୍ଡିଚୁଲି ଅଲଗା ହେବାର ଆଶଙ୍କା ! ରବି ପରି ଶାନ୍ତ ସୁଧାର ପିଲାପାଇଁ କ'ଣ ଏଇଆ ବିଧାତା ଲେଖିଥିଲା ? ଆଗରୁ ଏତେ ଭଲ ଜଣାପଡୁଥିଲା । ଏବେ ଏମିତି ବଦଳିଗଲା କେମିତି ? ମର୍ଦ୍ଦରାଜ ନାନା ଦୁଶ୍ଚିନ୍ତାରେ ବୁଡ଼ିଗଲେ । ଏଥର ସେ ନିଜେ ଆସିଲେ ଭିତର ଖଞ୍ଜାକୁ । ସରସ୍ୱତୀଙ୍କ ଉଦ୍ଦେଶ୍ୟରେ କହିଲେ - 'ବୋହୂ, ତୁମେ ସବାରିରେ ଯିବାକୁ ମନା କରୁଛ ?'

- 'ଆଜ୍ଞା ହଁ' ।

- 'କାହିଁକି ?' ମର୍ଦ୍ଦରାଜ ମନେ ମନେ ଭୀଷଣ କ୍ଷୁବ୍ଧ ହୋଇଥିଲେ । ନିଜକୁ ସେ ଯଥାସମ୍ଭବ ସମ୍ଭାଳିବାକୁ ଚେଷ୍ଟା କରୁଥିଲେ । ତାଙ୍କ ସ୍ୱରରୁ ମନେ ହେଉଥିଲା, ସେ ଚିତ୍କାର କରିବାକୁ ଯାଇ ବାକ୍‌ରୁଦ୍ଧ ହୋଇଯାଉଛନ୍ତି ।

- 'ମତେ ସବାରିରେ ବସିବାକୁ ଭଲ ଲାଗେ ନାହିଁ । ସରସ୍ୱତୀ ସରଳ ଭାବରେ ଉତ୍ତର ଦେଲେ । ତାଙ୍କୁ ଭୀଷଣ କାନ୍ଦ ମାଡୁଥିଲା ।

- 'ତେବେ ଯିବ କେମିତି ?' - ପୁଣି ମର୍ଦ୍ଦରାଜ ପ୍ରଶ୍ନ କଲେ ।

- 'ଚାଲି କରି' ।

Digitized by srujanika@gmail.com

ଏତିକି ଶୁଣୁ ଶୁଣୁ ମର୍ଦ୍ଦରାଜ କ୍ରୋଧରେ ଲାଲ ପଡ଼ିଗଲେ । ଯେମିତି ଏଇ ମୁହୂର୍ତ୍ତରେ ଫାଟିଯିବେ । ଶାଶୂ ତାଙ୍କୁ ସେଠାରୁ ଡାକି ନେଲେ । କି ବିଭ୍ରାଟ ଘଟିବ, କିଏ ଜାଣିଛି ? ସାଆନ୍ତ କେବେ ରାଗନ୍ତିନି । ମାତ୍ର ଥରେ ରାଗିଲେ ପୃଥିବୀକୁ ଜାଳି ଦେବେ । ସମସ୍ତେ ବିପଦ ଗଣୁଥିଲେ ।

ଏତେ କଥା ବୁଝିବାର ସମୟ ସରସ୍ୱତୀଙ୍କର ନ ଥିଲା । ସେ ପୁଣି ଚାକିରି କରିବାକୁ ଅନୁମତି ପାଇଛନ୍ତି ଓ କାଲି ସକାଳେ ସେ ଫେରିଯିବେ, ଏହାହିଁ ଥିଲା ତାଙ୍କ ପାଖରେ ସବୁଠାରୁ ବଡ଼ ଓ ଆନନ୍ଦର କଥା । କିଏ କ'ଣ ଭାବିଲା, ସେଠିକାର ପ୍ରଥା କ'ଣ, ଏ ସବୁର ପରିଣାମ କ'ଣ ହୋଇପାରେ... ଏସବୁ ଭାବିବାକୁ ତାଙ୍କର ଗରଜ ନ ଥିଲା ।

ମର୍ଦ୍ଦରାଜଙ୍କୁ ପ୍ରଥମରୁ ସରସ୍ୱତୀ ଭୀଷଣ ଭୟ କରୁଥିଲେ ଓ ଭକ୍ତି କରୁଥିଲେ । ସେ ଭକ୍ତି ଥିଲା ଭୟଭକ୍ତି । କିନ୍ତୁ କ୍ରମଶଃ ଉଭୟ ଉଭୟଙ୍କୁ ଠିକ୍ ଭାବରେ ବୁଝିପାରିଲେ । ତାଙ୍କ ପ୍ରତି ସରସ୍ୱତୀଙ୍କର ଶ୍ରଦ୍ଧା ଓ ସମ୍ମାନ ବହୁଗୁଣ ବଢ଼ିଯାଇଥିଲା । ଏଣିକି ସେ କବାଟ କଣରୁ ଜୁହାର ନ କରି ସିଧା ସାମନାକୁ ଆସି ପ୍ରଣାମ କରିବାକୁ ଆରମ୍ଭ କରିଦେଲେ । ପାଦଛୁଇଁବା ଇଚ୍ଛା ଥିଲେ ବି ସାମାଜିକ ପ୍ରଥାକୁ ମାନି ସେ ପାଦ ଛୁଉଁ ନ ଥିଲେ । ଦେଢ଼ଶୁରଙ୍କୁ ଛୁଇଁଲେ କାଳେ ତାଙ୍କ ଆୟୁଷ କମିଯାଏ । ଉଚ୍ଚଶିକ୍ଷିତା ସରସ୍ୱତୀଙ୍କ ଭିତରେ ତଥାପି ଏ ଦୁର୍ବଳତା ସବୁବେଳେ ସଜାଗ ରହିଥିଲା ।

ଧୀରେ ଧୀରେ ମର୍ଦ୍ଦରାଜଙ୍କ ଅନ୍ୟ ଝିଅମାନଙ୍କ ଭଳି ସରସ୍ୱତୀ ମଧ୍ୟ ଦେଢ଼ଶୁରଙ୍କ ସାଙ୍ଗରେ ଯୁକ୍ତିତର୍କ କରୁଥିଲେ । ମର୍ଦ୍ଦରାଜ ପଚାଶ ଟଙ୍କିଆ ଶାଢ଼ି ସମସ୍ତଙ୍କ ପାଇଁ କିଣନ୍ତି । ସବୁ ଲୁଗା ଗୋଟିଏ ଦାମ୍‌ର । ପରିବାରର ସମସ୍ତେ ସେଇ ଗୋଟିଏ ଧରଣର ଶାଢ଼ି ପିନ୍ଧନ୍ତି । ହେଲେ ସରସ୍ୱତୀ ଯୁକ୍ତି ବାଢ଼ନ୍ତି - 'ପଚାଶ ଟଙ୍କାରେ ଆଜିକାଲି ଭଲ ଶାଢ଼ି ମିଳୁନି । ଆମକୁ ଅଧିକ ଟଙ୍କାର ଲୁଗା କିଣି ଦିଅନ୍ତୁ ।' ଯଦିଓ ଦାମିକା ଶାଢ଼ି ପ୍ରତି ସରସ୍ୱତୀଙ୍କର ସେମିତି କିଛି ଆକର୍ଷଣ ନ ଥାଏ, ତଥାପି ଝିଆରୀମାନଙ୍କର ମୁଖପାତ୍ର ଭାବରେ ସେ ଦାବି କରୁଥିଲେ ।

ମର୍ଦ୍ଦରାଜ ହସନ୍ତି - 'ସୁଖଲତା, ବଡ଼ ହେଲେ ବୁଝିବ ।' ତାଙ୍କ ଆଖିରେ ଏ ଯାଏ ସରସ୍ୱତୀ ଛୋଟପିଲା ହୋଇ ରହିଥିଲେ । ବେଦୀ ଉପରେ ବ୍ରାହ୍ମଣ ଏଇ ନାଁ ଦେଇଥିଲେ ସରସ୍ୱତୀଙ୍କୁ । ତେଣୁ ଶାଶୂଘରେ ତାଙ୍କ ନାଁ 'ସୁଖଲତା' । କେବଳ ମର୍ଦ୍ଦରାଜ ହିଁ ତାଙ୍କୁ ଏଇ ନାଁରେ ଡାକନ୍ତି । ମର୍ଦ୍ଦରାଜଙ୍କର ସୁଖଲତା ଡାକରେ ସରସ୍ୱତୀ ଅଧିକ ଆନନ୍ଦ, ଅଧିକ ତୃପ୍ତି ପାଇଥାନ୍ତି । ଇଏ ଯେମିତି ଦେଢ଼ଶୁରଙ୍କର ଆଶୀର୍ବାଦ !

ଜଗତ୍‌ସିଂହପୁର ଛାଡ଼ି କଟକ ବଡ଼ ଡାକ୍ତରଖାନାରେ ଡାକ୍ତର ଭାବରେ ଯୋଗ ଦେଲେ ସରସ୍ୱତୀ । କଟକ ବଡ଼ ଡାକ୍ତରଖାନାରେ ଚାକିରି । ଗାଁରୁ ସବୁବେଳେ କେହି ନା

Digitized by srujanika@gmail.com

କେହି ଡାକ୍ତରଖାନା ଆସିଥାନ୍ତି । ଏଣିକି ତାହା ଆହୁରି ବଢ଼ିଗଲା । ସାଆନ୍ତଘରର ବୋହୂ ହିସାବରେ ପ୍ରଜାମାନଙ୍କର ଯେପରି ଅତୁଟ ଶ୍ରଦ୍ଧା ଓ ବିଶ୍ୱାସ ରହିଥିଲା; ସେହିପରି ସେମାନଙ୍କ ପ୍ରତି ଯେ ସରସ୍ୱତୀଙ୍କର ସ୍ୱତନ୍ତ୍ର କର୍ତ୍ତବ୍ୟ ରହିଛି, ଏକଥା ମର୍ଦ୍ଦରାଜ ସୂଚାଇ ଦେଇଥିଲେ । ସରସ୍ୱତୀ ନିଜେ ମଧ୍ୟ ସେକଥା ଅନୁଭବ କରୁଥିଲେ । ଏଣୁ ରୋଗୀର ସେବା କରିବାଠାରୁ ସବୁ ପ୍ରକାର ଆବଶ୍ୟକ ସାହାଯ୍ୟ ତାଙ୍କୁ କରିବାକୁ ପଡୁଥିଲା । ସରସ୍ୱତୀ ମର୍ଦ୍ଦରାଜଙ୍କ ଦୃଷ୍ଟିରେ ଆଉ ଏକ ସ୍ୱେଚ୍ଛାଚାରୀ ଅଲୋଡ଼ା ଜୀବ ହୋଇ ନ ଥିଲେ; ସେ ଯେ ପରିବାରର ମାନମର୍ଯ୍ୟାଦାକୁ ବହୁ ଉଚ୍ଚକୁ ଉଠାଇ ନେଇପାରିଛନ୍ତି - ସେକଥା ମର୍ମେ ମର୍ମେ ଅନୁଭବ କରୁଥିଲେ । ତାଙ୍କର ଆବଶ୍ୟକତା କେବଳ ପରିବାର ପାଇଁ ସୀମାବଦ୍ଧ ନ ଥିଲା । ଗାଁ ଗଣ୍ଡା, ଆଖପାଖ ସବୁରି ପାଇଁ ସେ ହୋଇଉଠିଲେ ଆଦରଣୀୟା, ସମ୍ମାନନୀୟା ।

ଗାଆଁର ଲୋକମାନେ ଭାରି ସରଳ । ସାମାନ୍ୟ ସାହାଯ୍ୟରେ ସେମାନେ କୃତକୃତ୍ୟ ହୋଇଯାଆନ୍ତି । ସରସ୍ୱତୀଙ୍କ ଉପରେ ସେମାନଙ୍କର ଅଖଣ୍ଡ ଭରସା ତାଙ୍କୁ କାମ କରିବାକୁ ଉତ୍ସାହ ଦେଉଥିଲା । ସେ ଯେ ସବୁବେଳେ ସମସ୍ତଙ୍କୁ ଖୁବ୍ ଭଲଭାବରେ ଦେଖିପାରୁଥିଲେ ସେ କଥା ନୁହେଁ । କିନ୍ତୁ ସରଳ ଗାଁ ଲୋକଙ୍କ ଅତୁଟ ବିଶ୍ୱାସ ଓ ଭଲପାଇବା ତାଙ୍କୁ ପ୍ରେରଣା ଦେଉଥିଲା । ଲୋକେ କହୁଥିଲେ - 'ବୋହୂ ଆମପାଇଁ ବହୁତ କଲେ । ଡାକ୍ତର ସିନା ଔଷଧ ଦେବ । ରୋଗୀ ଭଲ ହେବା ଭଗବାନ୍‌ଙ୍କ ଇଚ୍ଛା ଉପରେ ନିର୍ଭର କରେ ।'

ସବୁକାଳେ ସରସ୍ୱତୀ ତାଙ୍କ ସିଦ୍ଧାନ୍ତ ଓ ସଂକଳ୍ପରେ ବେଶ ଦୃଢ଼ । ସେଥିପାଇଁ ଯେତେ ବାଧାବିଘ୍ନ, ଝଡ଼ଝଞ୍ଜା ଆସିଲେ ବି ସେ ଭ୍ରୂକ୍ଷେପ କରନ୍ତି ନାହିଁ । ଏହାହିଁ ତାଙ୍କ ଚରିତ୍ରର ଗୋଟିଏ ବିଶିଷ୍ଟ ଦିଗ । ଶାଶୂଘର ପାଇଁ ତାଙ୍କ ତ୍ୟାଗର ତୁଳନା ନାହିଁ । ଉପରକୁ ଯେତିକି କଠିନ, ଭିତରେ ସେତିକି ନରମ, ଲୁତୁପୁତୁ, ଲହୁଣି ପରି କୋମଳ ।

ବ୍ରହ୍ମପୁର ଓ ବୁର୍ଲାରେ ଚାକିରି କଲାବେଳେ ସେ ପ୍ରଥମେ ଘରଭଡ଼ା ନେଇ ରହିଲେ । ମର୍ଦ୍ଦରାଜଙ୍କର ଚାରି ଝିଅ, ଚାରି ପୁଅ । ଭଣଜା ଭାଣିଜୀ ଅନେକ । ପୁଣି ନିଜର ଭାଇଭଉଣୀ ହୋଇ ପାଞ୍ଚଜଣ । ପୁତୁରା ଝିଆରୀ, ଭାଇଭଉଣୀ ସମସ୍ତଙ୍କୁ ସରସ୍ୱତୀ ଆପଣାର କରିନେଇଥିଲେ । ଶାଶୂ ବରାବର ତାଙ୍କରି ପାଖରେ ରହୁଥିଲେ । ଦେଢ଼ଶୁରଙ୍କର ସରସ୍ୱତୀଙ୍କ ଉପରେ ଯେପରି ଅଗାଧ ବିଶ୍ୱାସ, ସରସ୍ୱତୀ ବି ତାଙ୍କୁ ସେମିତି ବାପଭଳି ମାନୁଥିଲେ । ଭକ୍ତିସମ୍ମାନ କରୁଥିଲେ । ମର୍ଦ୍ଦରାଜଙ୍କ ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଏ ଅମୃତ ସମ୍ପର୍କ ଅତୁଟ ରହିଥିଲା ।

ଆଜିଯାଏ ବି ଏ ପରିବାର ଭାଙ୍ଗି ନାହିଁ । ହାଣ୍ଡି ଦି'ଭାଗ ହୋଇ ନାହିଁ । ଦୁଆର ମଝିରେ ପାଚେରି ଉଠିନି । ସରସ୍ୱତୀଙ୍କର କଠୋର ଶୃଙ୍ଖଳା ଓ ଅଜସ୍ର ଭଲ ପାଇବା

Digitized by srujanika@gmail.com

ଭିତରେ ପରିବାରର ସୁଖ ସମୃଦ୍ଧି ଅକ୍ଷୁଣ୍ଣ ରହିଛି । ପାରିବାରିକ ବନ୍ଧନ ଶିଥିଳ ହୋଇ ନାହିଁ ।

ରବି ରାୟ ଭାବଭୋଳା ଲୋକ । ରାଜନୀତି ଛଡ଼ା ଆଉ କେଉଁ ସାଂସାରିକ କଥା ସେ ବୁଝନ୍ତି ନାହିଁ କି ବୁଝିବି ପାରନ୍ତି ନାହିଁ ଭଲ ଭାବରେ । ତେଣୁ ସରସ୍ୱତୀ ହିଁ ସେ ପରିବାରର ପ୍ରାଣକେନ୍ଦ୍ର । ପୁତୁରାଝିଆରୀଙ୍କର ସେ ଆଦରର ଖୁଡ଼ୀ । ମା'ଠୁ ବଳି ଅଧିକ । ହୃଦୟ ଭିତରେ ବିନ୍ଦୁବିସର୍ଗ ଭିନ୍ନ ଭାବନା ନାହିଁ । ତାଙ୍କ ଭଲପାଇବା, ତାଙ୍କ ଅନୁଶାସନ, ତାଙ୍କ ପରାମର୍ଶରେ ରାୟ ପୀତାମ୍ବର ମହାପାତ୍ର ପରିବାରର ସମସ୍ତେ ଆଜି ବି ଏକମନପ୍ରାଣ ହୋଇ ଚଳୁଛନ୍ତି । ଏପରି ଏକାନ୍ନବର୍ତ୍ତୀ ପରିବାର ଏକବିଂଶ ଶତାବ୍ଦୀରେ ଆଖିରେ ପକାଇବାକୁ ମିଳେ ନାହିଁ । ଏଥିପାଇଁ କିଛି କମ୍ ତ୍ୟାଗ ବରଣ କରି ନାହାନ୍ତି ସରସ୍ୱତୀ !

ବାହାଘରର କିଛି ଦିନ ପରେ ସରସ୍ୱତୀ ଅନ୍ତଃସତ୍ତ୍ୱା ହୋଇଥିଲେ । ସମୟ ପୂରିବାକୁ ଆଉ ଅଳ୍ପଦିନ ବାକି ଥିଲା । ହେଲେ ବିଧାତାର ଇଚ୍ଛା ବୋଧହୁଏ ଭିନ୍ନ ଥିଲା । କୂଅମୂଳ ଖସଡ଼ାରେ ସରସ୍ୱତୀଙ୍କର ଗୋଡ଼ ଖସିଗଲା । ସେ ଚିତ୍‌ପଟାଙ୍ଗ ହୋଇ ପଡ଼ିଗଲେ । ତାର କିଛି ଦିନ ପରେ ତାଙ୍କର ପ୍ରସବ ଯନ୍ତ୍ରଣା ହୋଇଥିଲା । ମାତ୍ର ଗୋଟିଏ ମୃତସନ୍ତାନକୁ ସେ ଜନ୍ମ ଦେଇଥିଲେ । ତା ପରେ ଆଉ ସେ ସନ୍ତାନସମ୍ଭବା ହୋଇ ନାହାନ୍ତି । ହେବାପାଇଁ ଇଚ୍ଛା ବି କରି ନାହାନ୍ତି । ତାଙ୍କୁ ସେ ସମ୍ପର୍କରେ ଥରେ ନରେନ୍ଦ୍ର ଜେନା ଉପଦେଶ ଦେବାରୁ ସେ ହସି ହସି କହିଥିଲେ - 'ନରିଭାଇ, ମୋର ପରା ଆଠଟି ଆଉ ପାଞ୍ଚଟି -' ଏମିତିରେ ତେରଟି ଛୁଆ । ଆଉ ଗୋଟେ ଦି'ଟା ଆଣି ଅଧିକା କ'ଣ କରିବି ?'

ସତକୁ ସତ ଆଜିପର୍ଯ୍ୟନ୍ତ ଦେଢ଼ଶୁରଙ୍କର ଆଠଟି ପିଲା ଓ ନିଜ ଭାଇଭଉଣୀ ପାଞ୍ଚଜଣଙ୍କୁ ସେ ନିଜର ଆତ୍ମଜ ପରି ଦେଖିଛନ୍ତି । ଏଥିପାଇଁ ସେ ଅପରିକଳ୍ପନୀୟ ସ୍ୱାର୍ଥତ୍ୟାଗ ବି କରିଛନ୍ତି । ପ୍ରାଣଭରି ସେମାନଙ୍କୁ ଭଲ ପାଇଛନ୍ତି । ଏ ଅନାବିଳ ଭଲପାଇବା ଦିନକୁ ଦିନ ଅଧିକ ଦୃଢ଼ ଓ ଅଧିକ ମଜବୁତ ହୋଇଛି ।

ଏମାନଙ୍କ ଛଡ଼ା ବହୁ ଦୀନଦୁଃଖୀ, ଅସହାୟଙ୍କୁ ସେ ଅକୁଣ୍ଠ ସାହାଯ୍ୟ ଦେଇ ଆସିଛନ୍ତି ବରାବର । ମୁଜିବର ରହମାନଙ୍କର ହତ୍ୟାପରେ ବଙ୍ଗଳାଦେଶ ଯୁଦ୍ଧ ପରେ ଭାରତକୁ ଚାଲି ଆସିଥିବା ବହୁ ଶରଣାର୍ଥୀଙ୍କୁ ନାନା ଭାବରେ ଥଇଥାନ କରିବାରେ ସେ ବହୁ ଶ୍ରମ ସ୍ୱୀକାର କରିଛନ୍ତି । ଚିଟାଗଙ୍ଗ ଅସ୍ତ୍ରାଗାର ଲୁଣ୍ଠନର ନେତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରିଟିଶ ସରକାର ବିରୋଧରେ ସଂଗ୍ରାମ କରି ଆଣ୍ଡାମାନ ଦ୍ୱୀପର ନିର୍ଜନ କୋଠରିରେ ଦୀର୍ଘ ଦଶବର୍ଷ ଜେଲରେ ଜୀବନ ବିତାଇଥିବା ବନ୍ଦୀ, ଆଜି ବି ଅନ୍ୟାୟ, ଅନୀତି ଓ ଦୁର୍ନୀତି ବିରୋଧରେ ଲଢ଼େଇ କରୁଥିବା ବୟୋବୃଦ୍ଧ ଦିନେଶ ଦାସଗୁପ୍ତ ଏହି

Digitized by srujanika@gmail.com

ଶରଣାର୍ଥୀମାନଙ୍କୁ ଦଳ ଦଳ ସଂଖ୍ୟାରେ ସରସ୍ୱତୀଙ୍କ ପାଖକୁ ପଠାନ୍ତି । ସେମାନଙ୍କୁ ନେଇ କୋରାପୁଟ, ପାରାଦ୍ୱୀପରେ ଓ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରଖି ଥଇଥାନ କରନ୍ତି ସରସ୍ୱତୀ । ଏଥିପାଇଁ ସେ ପୂଜ୍ୟା ମା ରମାଦେବୀଙ୍କ ଝିଅ ଅନ୍ନପୂର୍ଣ୍ଣା ମହାରଣାଙ୍କ ସହିତ ମିଶି ବହୁଭାବରେ କାମ କରିଛନ୍ତି । ସମାଜସେବା ପ୍ରତି ତାଙ୍କର ଏ ପ୍ରଗାଢ଼ ଅନୁରାଗ ପଛରେ ରବି ରାୟଙ୍କର ବ୍ୟକ୍ତିତ୍ୱ ଓ କର୍ମପ୍ରେରଣାର ପ୍ରଭାବ ରହିଛି । ସେଥିପାଇଁ ଜୀବନର ଏକ ବିଶିଷ୍ଟ ଅଂଶ ହୋଇଯାଇଛି ଏ ସେବା ମନୋବୃତ୍ତି । ଆଦର୍ଶ ସ୍ୱାମୀର ପତ୍ନୀ ହୋଇ ବଞ୍ଚିବାର ଗୌରବରେ ସେ କେବଳ ଆଭୂଷିତା ନୁହନ୍ତି - ଜଣେ ସଫଳ କଥାଶିଳ୍ପୀ, ସମାଜସେବିକା, ଚିକିତ୍ସାବିଜ୍ଞାନୀ, ପରୋପକାରୀ ମହିଳାଭାବରେ ନିଜର ସ୍ୱତନ୍ତ୍ର ଜୀବନ ଧାରାଟିଏ ତିଆରି କରିଛନ୍ତି । ଜୀବନ ବଞ୍ଚିବାର କଳା ବେଶ୍ ଜଣା । ସେ ନାରୀତ୍ୱ ଯେତିକି ଅଭିଜାତ, ସେତିକି ସାର୍ଥକ ।

ପ୍ରେରଣାର ଉତ୍ସ   ଡକ୍ଟର ଲୋହିଆ

୧୯୬୦ ମସିହା ବେଳକୁ ସୋସାଲିଷ୍ଟ ପାର୍ଟି ଆଠଟା ଜାତୀୟ ଦାବି ଉପରେ ଆନ୍ଦୋଳନପାଇଁ ଡାକରା ଦେଲା । ଏଥି ମଧ୍ୟରୁ ପ୍ରଥମ ଦାବିଟି ଥିଲା - ସମ୍ବିଧାନର ଅଷ୍ଟମ ସୂଚୀରେ ବର୍ଣ୍ଣିତ ସବୁ ଭାରତୀୟ ଭାଷା (ସମସ୍ତ ପ୍ରାନ୍ତୀୟ ଭାଷା) ମାଧ୍ୟମରେ ଶାସନ ବ୍ୟବସ୍ଥା ଓ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ କରିବା । ଇଂରେଜୀ ମାଧ୍ୟମରେ ଶାସନ ଓ ଶିକ୍ଷାଦାନ ନ ହୋଇ, ଏହା ଲାଇବ୍ରେରୀ ଭାଷା ହୋଇ ରହୁ ବୋଲି ସେମାନେ ଦୃଢ଼ ଦାବି କଲେ । ଏପରିକି ପୃଥିବୀର ବହୁ ରାଷ୍ଟ୍ରରେ ଲୋକେ ଇଂରାଜୀ ଆଦୌ ପଢ଼ନ୍ତି ନାହିଁ କି ଜାଣନ୍ତି ନାହିଁ । ସ୍ୱାଧୀନ ଭାରତରେ ପରାଧୀନ ମାନସିକତା ନେଇ ଇଂରାଜୀ ଭାଷାକୁ ଏତେ ପ୍ରାଧାନ୍ୟ ଦେବା ଉଚିତ ନୁହେଁ ବୋଲି ସେମାନେ ମତ ଦେଲେ । ଏହାଛଡ଼ା ଇଂରାଜୀର ବହୁଳ ପ୍ରଚଳନ ଓ ମାତୃଭାଷାର ଉପେକ୍ଷା ହେଲେ ଜାତୀୟ ପ୍ରୀତି ଜନଜୀବନରୁ ଅନ୍ତର୍ହିତ ହେବ । ସୋସାଲିଷ୍ଟ ଦଳ ତରଫରୁ ଦେଶବ୍ୟାପୀ ଆନ୍ଦୋଳନର ଆୟୋଜନ ହେଲା । କୋଠାରି କମିଶନ ମଧ୍ୟ ଏ ସଂକ୍ରାନ୍ତରେ ଏକ ଐତିହାସିକ ସିଦ୍ଧାନ୍ତ ଦେଇଛନ୍ତି ।

ରବି ରାୟ ଓ ତାଙ୍କ ଦଳୀୟ ନେତା ଓ କର୍ମୀବନ୍ଧୁମାନେ ଏହି ଆନ୍ଦୋଳନରେ ସାମିଲ ହେଲେ । ଓଡ଼ିଶାରେ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ଏ ଆନ୍ଦୋଳନ ବେଶ୍ ଉଲ୍ଲେଖନୀୟ ଓ ଉତ୍ସାହଜନକ ଥିଲା ।

ବର୍ଷା ଦିନ । ରବି ରାୟ ଗାଁରୁ ବାହାରୁଥାନ୍ତି । ଭାରି ବର୍ଷା । ଦଳେ ସାଙ୍ଗ ଏକାଠି ଆସୁଥାନ୍ତି । ବାଟରେ ଯେଉଁଠି ଇଂରାଜୀରେ ଫଳକ ଲେଖା ହୋଇଥାଏ, ତାକୁ କଳା ବୋଳି ବୋଳି ଆସୁଥାନ୍ତି । ଧ୍ୱନି ଦେଉଥାନ୍ତି - 'ଇଂରେଜୀ ହଟାଅ, ମାତୃଭାଷା ବଞ୍ଚାଅ' । ଆଜି ସାରା ଭାରତରେ ଇଂରେଜୀ ଭାଷାର ବହୁଳ ବ୍ୟବହାର ଦେଖି ରବି ରାୟ ବ୍ୟଥିତ

Digitized by srujanika@gmail.com

ହୋଇ କୁହନ୍ତି - ''ଆମ ଲୋକେ ତଥାପି ଇଂରେଜମାନଙ୍କ ଦାସତ୍ୱକୁ ଭୁଲି ପାରି ନାହାନ୍ତି । ଇଂରେଜୀ କହି ଓ ନିଜ ମାତୃଭାଷାକୁ ଭୁଲି ସେମାନେ ନିଜକୁ ଗୌରବାନ୍ୱିତ ମନେକରନ୍ତି । ଆରେ ବାବୁ, ଇଂରେଜୀ ଜାଣ । ଖାଲି ଇଂରେଜୀ କାହିଁକି ଆଉ ଦଶଟା ଭାଷାରେ ପାଣ୍ଡିତ୍ୟ ଓ ବିଦ୍ୱତ୍ତା ହାସଲ କର । ଏହା ସ୍ୱାଗତଯୋଗ୍ୟ । ଏହାଦ୍ୱାରା ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ପାଇବା ସହଜ ହେବ । କିନ୍ତୁ ୟାର ଅର୍ଥ ନୁହେଁ ଯେ, ନିଜ ମାତୃଭାଷାକୁ ଉପେକ୍ଷା କରି ଇଂରାଜୀକୁ ପ୍ରାଧାନ୍ୟ ଦେବ । ମାତୃଭାଷାକୁ ଯେତିକି ମର୍ଯ୍ୟାଦା ଓ ସମ୍ମାନ ଦେବା କଥା - ତାହା ଦେବ ନାହିଁ ? ୟାଠୁ ବଳି ପରାଧୀନତାର, ଦାସତ୍ୱର ପରିଚୟ ଆଉ ଅଧିକ କ'ଣ ହୋଇପାରେ ?''

ଏହି ଭାଷା ଆନ୍ଦୋଳନର ବହୁପୂର୍ବରୁ ଓଡ଼ିଶାରେ ବାରମ୍ବାର ଭାଷାକୁ କେନ୍ଦ୍ରକରି ଆନ୍ଦୋଳନ ଦେଖାଦେଇଛି । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କଥାରେ ଗାନ୍ଧିଜୀ ଭାଷାଭିତ୍ତିକ ପ୍ରଦେଶ ଗଠନ ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ଦିଗରେ ଧ୍ୟାନ ଦେଇଥିଲେ । ଓଡ଼ିଶାର ବରପୁତ୍ର ମଧୁବାବୁ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯେଉଁ ଜୀବନବ୍ୟାପୀ ଉଦ୍ୟମ କରିଥିଲେ ଓ କେବଳ ଏଥିପାଇଁ ଜାତୀୟ କଂଗ୍ରେସର ଉଦାସୀନତା ଯୋଗୁଁ ସେ କଂଗ୍ରେସ ଛାଡ଼ିଥିଲେ । ଏକଥା ଇତିହାସର ଏକ ସ୍ୱର୍ଣ୍ଣାଭ ଅଧ୍ୟାୟ । ଏଠାରେ ଗୋଟେ କଥା ଉଲ୍ଲେଖ କରାଯାଇପାରେ ଯେ, ମଧୁବାବୁଙ୍କ ସ୍ୱଦେଶୀ ଚିନ୍ତାଧାରା, କୁଟୀରଶିଳ୍ପ ପରିକଳ୍ପନା, ଶିଳ୍ପାୟନ ପ୍ରଚେଷ୍ଟା ପ୍ରଭୃତିକୁ ବହୁପରେ ଭାରତୀୟ ଜାତୀୟ କଂଗ୍ରେସ ସେମାନଙ୍କ କର୍ମ ପ୍ରବାହରେ ସାମିଲ କରିଥିଲେ ।

୧୯୫୪ ମସିହାରେ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବାବେଳେ ଓଡ଼ିଶା ବିଧାନସଭାରେ ଓଡ଼ିଆ ଭାଷାରେ ସବୁ କାମ ହେବ ବୋଲି ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରାଇ ନେଇଥିଲେ । ଏହା ଥିଲା ସର୍ବଭାରତୀୟ ସ୍ତରରେ ଓଡ଼ିଶା ବିଧାନସଭାର ଭାଷା ସଂକ୍ରାନ୍ତୀୟ ଉଲ୍ଲେଖଯୋଗ୍ୟ ସିଦ୍ଧାନ୍ତ । ଯାହାପ୍ରତି ଅନ୍ୟ ରାଜ୍ୟମାନଙ୍କର ଦୃଷ୍ଟି ଆକର୍ଷିତ ହୋଇଥିଲା । ଭାଷାଭିତ୍ତିକ ପ୍ରଦେଶ ସୃଷ୍ଟି ମଧ୍ୟ ଓଡ଼ିଶାର ଅବଦାନ । ମଜାର କଥା ବିଧାନସଭାର ଏଇ ସିଦ୍ଧାନ୍ତକୁ ଅଣଓଡ଼ିଆ ଅଫିସରମାନେ ସମ୍ମାନ ଦେଇ କାର୍ଯ୍ୟକାରୀ କରିବାକୁ ଯିବାବେଳେ ଓଡ଼ିଆ ଅଫିସରମାନେ ଉଦାସୀନତା ଦେଖାଇଲେ । ଯାହା ଫଳରେ ଆଜି ଭାରତର ସବୁ ରାଜ୍ୟମାନେ ନିଜ ନିଜ ଭାଷାରେ ଶାସନ ଚଳାଉଥିବାବେଳେ ଏ ସଂକ୍ରାନ୍ତରେ ପ୍ରଥମ ନିଷ୍ପତ୍ତି ନେଇଥିବା ଓଡ଼ିଶା ବହୁ ପଛରେ ପଡ଼ିଯାଇଛି ।

ବାହାଘରର ମାସକପରେ ଏହି ଭାଷା ଆନ୍ଦୋଳନ ଓ କୃଷକ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ରବି ରାୟ ତିନିମାସ ପାଇଁ ଜେଲ ଯାଇଥିଲେ । ତାଙ୍କୁ ଖୋର୍ଦ୍ଧା ଜେଲରେ ରଖା ଯାଇଥିଲା । ରାଷ୍ଟ୍ରୀୟ ସ୍ତରରେ ଡକ୍ଟର ଲୋହିଆଙ୍କ ଡାକରାରେ ଅଲାଭକର ଚାଷରୁ

Digitized by srujanika@gmail.com

ଖଜଣା ଛାଡ଼ ପାଇଁ ଏ କୃଷକ ଆନ୍ଦୋଳନ ହୋଇଥିଲା । ସାରା ଭାରତରେ ବହୁ ସମାଜବାଦୀ କର୍ମୀ, କୃଷକ, ନେତା ସେତେବେଳେ ଜେଲ ଯାଇଥିଲେ ।

ଡକ୍ଟର ଲୋହିଆ ଦେଶ ଓ ଜାତି ସମ୍ପର୍କରେ ଗଭୀର ଭାବରେ ଚିନ୍ତା କରୁଥିଲେ । ତାଙ୍କର ଏ ଚିନ୍ତା ବେଶ୍ ମୌଳିକ ଥିଲା । ସେ ନିଜକୁ ନିଜେ ପ୍ରଶ୍ନ କଲେ - ଭାରତବର୍ଷ ଏକଦା ଭାରି ମହାନ ଥିଲା । ହଜାର ହଜାର ବର୍ଷର ଏପରି ସମ୍ମୁନ୍ନତ ସଭ୍ୟତାର ଅଧଃପତନ ଘଟିଲା କାହିଁକି ? ତାଙ୍କର ଧାରଣା ହେଲା ଇଂରେଜମାନେ ଭାରତରେ ଶାସନ ବିସ୍ତାର କରିବାପରେ ଯେଉଁସବୁ ଇତିହାସ ରଚିତ ହେଲା, ସେଥିରେ ଐତିହାସିକମାନେ ବହୁ ଭୁଲତଥ୍ୟ ଦେଇଛନ୍ତି । ତଥ୍ୟ ଅନୁଯାୟୀ, ରାଜଚକ୍ରବର୍ତ୍ତୀ ହେବା ପ୍ରଲୋଭନରେ ରାଜା ରାଜାଙ୍କ ଭିତରେ ଲଢ଼େଇ ହେବା ଯୋଗୁଁ କେନ୍ଦ୍ରରେ ଐକ୍ୟ ରହିଲା ନାହିଁ । କିନ୍ତୁ ଡକ୍ଟର ଲୋହିଆ ଚିନ୍ତା କରି ଦେଖିଲେ - ବାସ୍ତବରେ ସମାଜରେ ବ୍ରାହ୍ମଣ ବା ଦ୍ୱିଜଲୋକଙ୍କର ପ୍ରାଧାନ୍ୟ, ଜାତିଆଣ ପ୍ରଥା, ସ୍ତ୍ରୀଲୋକମାନଙ୍କ ପ୍ରତି ଅବହେଳା ଓ ଉପେକ୍ଷା ହିଁ ଏହି ଅଧଃପତନର ମୂଳ କାରଣ । ନାରୀମାନଙ୍କୁ କୁହାଯାଇଛି - 'ତମେମାନେ ମଣିଷ ନୁହଁ, ପୁଣି ଶୂଦ୍ରମାନଙ୍କୁ କୁହାଗଲା, ତମେମାନେ ବି ମଣିଷ ନୁହଁ, ତମେମାନେ ସମାଜର ସେବା କରିବାକୁ ଜନ୍ମ ହୋଇଛ । ଏଇ ବିଭେଦ ଯୋଗୁଁ ଦେଢ଼ହଜାର ବର୍ଷ ଧରି ଭାରତ ବାରମ୍ବାର ବିଦେଶୀ ଶତ୍ରୁମାନଙ୍କଦ୍ୱାରା ପରାଜିତ ହୋଇଛି । ଏଇ ବଞ୍ଚିତ ବର୍ଗ ନିଜକୁ ସ୍ୱାଭିମାନୀ ଭାରତୀୟ ବୋଲି ମନେ କଲେ ନାହିଁ । ଫଳରେ ବିଦେଶୀ ଆକ୍ରମଣକାରୀଙ୍କୁ ପ୍ରତିରୋଧ କରିବାରେ ସେମାନଙ୍କର ସ୍ପୃହା ରହିଲା ନାହିଁ ଓ ମୁଷ୍ଟିମେୟ ବିଦେଶୀ ଅନାୟାସରେ ଏତେବଡ଼ ବିଶାଳ ଭୂଖଣ୍ଡକୁ କରାୟତ୍ତ କରିପାରିଲେ ।

ସେ ତାଙ୍କର ଏହି ମୌଳିକ ବିଚାରକୁ ଲୋକଙ୍କ ପାଖରେ ଉପସ୍ଥାପନ କରିବାକୁ ଚାହିଁଲେ । ସବୁ ସଭାସମିତିରେ ଏ ତଥ୍ୟ ପରିବେଷଣ କଲେ । ସେ ପଲାଶୀ ଯୁଦ୍ଧର ଉଦାହରଣ ଦେଇ କହିଲେ, ସାଧାରଣ ଲୋକଙ୍କ ଭିତରେ ଦେଶର ସବୁ ସମସ୍ୟା ପ୍ରତି, ଏପରିକି ଛୋଟ ଛୋଟ ସମସ୍ୟାଗୁଡ଼ିକ ପ୍ରତି ଯେଉଁ ଚରମ ଉଦାସୀନତା ରହିଛି; ତାହାହିଁ ହେଉଛି ଦେଶର ପରାଧୀନତାର ଓ ଦୁର୍ଗତିର କାରଣ । ପଲାଶୀ ଯୁଦ୍ଧ ସମୟରେ ଚାଷୀ କ୍ଷେତରେ ହଳ କରୁଛନ୍ତି, ଦେଖିଲେ ଇଂରେଜମାନେ ଆସିଲେ; କିନ୍ତୁ ଏଥିରେ ସେମାନଙ୍କର କୌଣସି ପ୍ରତିକ୍ରିୟା ହେଲା ନାହିଁ । ସେ ନିସ୍ପୃହ ଭାବରେ ଏ ଦୃଶ୍ୟ ଦେଖୁଥିଲେ । ସମାଜର ନବେଭାଗ ଲୋକ ଚାଷୀ, ଦଳିତବର୍ଗର ଓ ମହିଳା । ଏଣୁ ଏମାନେ ଇଂରେଜ ସରକାର ବିରୋଧରେ ଲଢ଼େଇ ନ କରି ନୀରବ ରହିବାରୁ ସ୍ୱଳ୍ପସଂଖ୍ୟକ ସୈନ୍ୟ ନେଇ ଲର୍ଡ୍ କ୍ଲାଇବ ପଲାଶୀ ଯୁଦ୍ଧରେ ବିଜୟ ଲାଭ କଲେ । ପଲାଶୀ ଯୁଦ୍ଧ ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରି ଲର୍ଡ୍ କ୍ଲାଇବ ଲଣ୍ଡନରେ ପାର୍ଲିଆମେଣ୍ଟ ସିଲେକ୍ଟ କମିଟି ଆଗରେ କହିଥିଲେ -

Digitized by srujanika@gmail.com

"The inhabitants who were spectators of that occassion, must have amounted to some hundred thousands; and if they had an inclination to have destroyed the Europeans they might have done it through sticks and stones" - ଅର୍ଥାତ୍ ଯେଉଁ ଭାରତୀୟମାନେ ପଲାଶୀ ଯୁଦ୍ଧର ଦୃଶ୍ୟ ଦେଖୁଥିଲେ, ସେମାନଙ୍କ ସଂଖ୍ୟା ଶତ ସହସ୍ରାଧିକ ଥିଲା । ଯଦି ସେମାନେ ଚାହିଁଥାନ୍ତେ ଟେକାପଥର ଓ ବାଡ଼ିଦ୍ୱାରା ଇଉରୋପୀୟମାନଙ୍କୁ ନିଶ୍ଚିହ୍ନ କରି ଦେଇପାରିଥାନ୍ତେ ।

ବାସ୍ତବରେ ଭାରତର ଜୀବନଚର୍ଯ୍ୟା ସମ୍ପର୍କରେ ଲୋହିଆଙ୍କର ଏ ଅନୁଶୀଳନ ଓ ସିଦ୍ଧାନ୍ତ ଯଥାର୍ଥ ଥିଲା । ସେ କହିଲେ, ଏଇଥିପାଇଁ ଭାରତୀୟ ସମାଜରେ ଯେଉଁ ତାରତମ୍ୟ ରହିଛି; ତାହାହିଁ ହେଉଛି ଆମ ସବୁ ଦୁର୍ଗତିର କାରଣ । ସମାଜର ଏହି ନବେ ଭାଗ ଲୋକଙ୍କୁ ହାତଧରି ଉପରକୁ ଉଠାଇବାକୁ ହେବ । ସେମାନଙ୍କ ଜୀବନଧାରା ଓ ଚିନ୍ତାଧାରାର ପରିବର୍ତ୍ତନ କରିବାକୁ ହେବ । ସେମାନଙ୍କର ସାମଗ୍ରିକ ବିକାଶ ନ ହେଲେ ଦେଶ ଜାତିର ବିକାଶ ଆଦୌ ସମ୍ଭବ ନୁହେଁ । ଆମେ ଯେତେ ଯୋଜନା କଲେ ବି ଏହାର ସୁଫଳ ମିଳିବ ନାହିଁ । ତାଙ୍କ ବିଚାରରେ ରାଜନୀତିକ ନେତୃତ୍ୱ, ଚାକିରି, ସେନାବିଭାଗ, ବାଣିଜ୍ୟ ପ୍ରଭୃତି ସବୁକ୍ଷେତ୍ରରେ ଦ୍ୱିଜମାନଙ୍କର ଅପ୍ରତିହତ ପ୍ରଭାବ ରହିଛି । ତେଣୁ ସ୍ୱାଧୀନ ଭାରତର ସର୍ବାଙ୍ଗୀଣ ଉନ୍ନତି ପାଇଁ ଓ ସୁଶାସନ ବ୍ୟବସ୍ଥା ନିମନ୍ତେ ସର୍ବପ୍ରଥମେ ଏଇ ଚାରିଟି କ୍ଷେତ୍ରରେ - ଯଥା ଶୂଦ୍ର, ନାରୀ, ହରିଜନ ଓ ଆଦିବାସୀ ତଥା ସମାଜର ସମସ୍ତ ନିମ୍ନବର୍ଗର ଲୋକଙ୍କୁ ଶତକଡ଼ା ଷାଠିଏ ଭାଗ ସ୍ୱତନ୍ତ୍ର ସୁବିଧା ସୁଯୋଗ ଦିଆଯିବା ଦରକାର । ଏଥିପାଇଁ ସଂରକ୍ଷଣ ବ୍ୟବସ୍ଥା ପ୍ରଚଳିତ ହେବା ସପକ୍ଷରେ ସେ ଯୁକ୍ତି ଦର୍ଶାଇଥିଲେ । ଯଦ୍ୱାରା ସମାଜ ଓ ଶାସନବ୍ୟବସ୍ଥାରେ ସେମାନେ ଅଂଶୀଦାର ହୋଇପାରିବେ । ସମାଜ ଓ ଦେଶପାଇଁ ସେମାନଙ୍କର କିଛି ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି, ଏକଥା ଉପଲବ୍ଧ କରିବେ । ଲୋହିଆଙ୍କ ନୂଆ ସମାଜ ଗଠନ ପ୍ରୟାସକୁ 'ଜାତିତୋଡ଼୍' ନାମରେ ଆଖ୍ୟାତ କରାଗଲା । ସମାଜରୁ ଜାତିଆଣ ପ୍ରଥାକୁ ସମୂଳେ ବିଲୋପ କରିବା ପାଇଁ ସେ ଏ ଆହ୍ୱାନ ଦେଲେ ।

ଲୋହିଆଙ୍କ ଆଦର୍ଶରେ ଅନୁପ୍ରାଣିତ ରବି ରାୟ ଥିଲେ ପଇତାଧାରୀ ସାମନ୍ତ ପରିବାରର ଲୋକ । ସେହିପରି ମଧୁଲିମାୟେ ଥିଲେ ଚିତ୍ତପାବନ ବ୍ରାହ୍ମଣ ଓ ରାଜନାରାୟଣ ଥିଲେ ଭୂମିହାର ବ୍ରାହ୍ମଣ । ଏମାନେ ସମସ୍ତେ ଉଚ୍ଚ ଜାତିର ହୋଇ ବି ଜାତିଆଣ ପ୍ରଥା ବିରୋଧରେ ଦୃଢ଼ସ୍ୱର ଉତ୍ତୋଳନ କଲେ । ଏ ବାବଦରେ ସେମାନଙ୍କର ଆନ୍ତରିକ ନିଷ୍ଠାର ପଟାନ୍ତର ନ ଥିଲା । ଗଡ଼ଜାତ ଶାସନ ଓ ପରଂପରାରେ ସମାଜର ତଳଶ୍ରେଣୀର ଲୋକଙ୍କ ପ୍ରତି ଯେଉଁ ଅତ୍ୟାଚାର ହେଉଥିଲା, ରବି ରାୟ ତାହାର ପ୍ରତ୍ୟକ୍ଷ ଅନୁଭବୀ ଥିଲେ । ଗାଁରେ ରହିଥିବାବେଳେ ଏ ସବୁର କରୁଣ ଓ ମାର୍ମିକ ଦୃଶ୍ୟ ତାଙ୍କୁ

Digitized by srujanika@gmail.com

ଅନେକ ସମୟରେ ଆହତ ଓ ବ୍ୟଥିତ କରୁଥିଲା । ଜାତିଆଣ ପ୍ରଥାର କୁପରିଣାମ ସମ୍ପର୍କରେ ସେ ସମ୍ପୂର୍ଣ୍ଣ ଅବଗତ ଥିବାରୁ ତାର ମୂଳୋତ୍ପାଟନ ପାଇଁ ସେ ଲୋହିଆଙ୍କ ଏ ଆହ୍ୱାନକୁ ସର୍ବାନ୍ତଃକରଣରେ ଗ୍ରହଣ କରିନେଲେ । ଏହି ସମାଜ ବ୍ୟବସ୍ଥାକୁ ବଦଳାଇବା ଦିଗରେ ରବି ରାୟ ସାରାଜୀବନ ଧାନଦେଇ ଆସିଛନ୍ତି ।

ଏଇ ପରିପ୍ରେକ୍ଷୀରେ ୧୯୬୦ ମସିହା ଜନ ଆନ୍ଦୋଳନର ମୁଖ୍ୟ ସମସ୍ୟା ଭାବରେ ସମାଜବାଦୀ ନେତା ଓ କର୍ମୀମାନେ ଦୁଇଟି କଥାକୁ ବିଶେଷ ଗୁରୁତ୍ୱ ଦେଲେ । ପ୍ରଥମ କଥା ହେଲା - ଜାତିପ୍ରଥାର ବିଲୋପ ଓ ଦ୍ୱିତୀୟରେ ଭାରତୀୟ ପ୍ରାନ୍ତୀୟ ଭାଷାମାନଙ୍କ ମାଧମରେ ସେସବୁ ରାଜ୍ୟର ଶାସନର ବ୍ୟବସ୍ଥା ଓ ଶିକ୍ଷାର ବିକାଶ ।

୧୯୬୨ ମସିହା ପ୍ରାରମ୍ଭରେ ବିହାରର ଶେରଘାଟି ଠାରେ ସୋସାଲିଷ୍ଟପାର୍ଟିର ସମ୍ମିଳନୀ ହେଲା । ଡ. ଲୋହିଆଙ୍କ ଆଗ୍ରହରେ ରବି ରାୟ ଏହି ସମ୍ମିଳନୀରେ ପାର୍ଟିର ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହେଲେ । ସଭାପତି ନିର୍ବାଚିତ ହେଲେ ରାଜନାରାୟଣ । ଡ. ଲୋହିଆ ରବି ରାୟଙ୍କୁ ଡାକି କହିଲେ - 'ତୁମେ ସୋସାଲିଷ୍ଟ ପାର୍ଟିର କେନ୍ଦ୍ରୀୟ କାର୍ଯ୍ୟାଳୟ ହାଇଦ୍ରାବାଦକୁ ଯାଇ ପାର୍ଟିର ସାଧାରଣ ସମ୍ପାଦକ ଭାବେ ପାର୍ଟି ତଥା ଦେଶର ବୃହତ୍ତର କଲ୍ୟାଣ ପାଇଁ ଦାୟିତ୍ୱ ନିର୍ବାହ କର । ପାର୍ଟିକୁ ସବୁମତେ ସକ୍ରିୟ ଓ ପ୍ରାଣବନ୍ତ କରିବା ତମର ଲକ୍ଷ୍ୟ ହେଉ ।'

ରବି ରାୟ ତାଙ୍କ ନିର୍ଦ୍ଦେଶରେ ହାଇଦ୍ରାବାଦ ଯାଇ ଦଳର ସାଧାରଣ ସମ୍ପାଦକ ଦାୟିତ୍ୱ ବହନ କଲେ । ସଭାପତି ହେଲେ ରାଜନାରାୟଣ; ଯିଏ ପରବର୍ତ୍ତୀ କାଳରେ ଦେଶର ସେ ସମୟର ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କୁ ନିର୍ବାଚନ ମକଦ୍ଦମାରେ ଓ ପରେ ସାଧାରଣ ନିର୍ବାଚନରେ ହରାଇ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ । ହାଇଦ୍ରାବାଦ କେନ୍ଦ୍ର ଅଫିସରେ ରବି ରାୟଙ୍କ ଅନ୍ୟତମ ସହକର୍ମୀ ଭାବେ ସତ୍ୟନାରାୟଣ ରେଡ୍ଡୀ ଥିଲେ । ସିଏ ପରେ ଓଡ଼ିଶାର ରାଜ୍ୟପାଳ ହୋଇ ଆସିଥିଲେ । ସେଇଦିନଠୁ ତାଙ୍କ ସହିତ ରବି ରାୟଙ୍କର ଘନିଷ୍ଠ ସମ୍ପର୍କ ଥିଲା ।

ରବି ରାୟଙ୍କ ଦାୟିତ୍ୱରେ ହାଇଦ୍ରାବାଦରେ ସୋସାଲିଷ୍ଟ ପାର୍ଟିର ଅଖିଳ ଭାରତୀୟ ସମ୍ମିଳନୀ ହୋଇଥିଲା । ହାଇଦ୍ରାବାଦ ସମ୍ମିଳନୀରେ ଡକ୍ଟର ଲୋହିଆ ନେହେରୁଙ୍କ ପଞ୍ଚଶୀଳ ନୀତିକୁ କଠୋର ସମାଲୋଚନା କଲେ । ବୈଦେଶିକ ନୀତି ନିର୍ଦ୍ଧାରଣ କରି ନେହେରୁ ତିବ୍ବତକୁ ମିଶାଇ ହିମାଳୟ ଓ ତାର ପାଦଦେଶରୁ ଏକଲକ୍ଷ ବର୍ଗମାଇଲ ଜମି ଚୀନକୁ ଦେଇଦେଲେ । ତିବ୍ବତ ସହିତ ଭାରତର ସାଂସ୍କୃତିକ, ସାମାଜିକ ଓ ରାଜନୀତିକ ସମ୍ପର୍କ ବେଶ ନିବିଡ଼ ଥିଲା ଶତାବ୍ଦୀ ଶତାବ୍ଦୀ ଧରି । ତିବ୍ବତ ଭାରତର ନିକଟତମ ବନ୍ଧୁ ରାଷ୍ଟ୍ର । ପଞ୍ଚଶୀଳ ନୀତି ଯୋଗୁଁ ତିବ୍ବତ ଉପରେ ଚୀନର କର୍ତ୍ତୃତ୍ୱ ଅଧିକ ସାବ୍ୟସ୍ତ ହେଲା । ନେହେରୁଙ୍କ ବୈଦେଶିକ ନୀତି ନାମରେ ବେଶ ଜଣାଶୁଣା, ଏହି ଚାଇନାନୀତିକୁ ଡକ୍ଟର ଲୋହିଆ ଚାଲେଞ୍ଜ କଲେ ।

Digitized by srujanika@gmail.com

ଲୋହିଆ କହିଲେ, ଭାରତର ସାଂସ୍କୃତିକ ଚେତନାରେ, କ୍ଲାସିକ ସାହିତ୍ୟରେ ଓ ସାମାଜିକ ପରମ୍ପରାରେ କୈଳାସ ପର୍ବତ, ମାନସରୋବର, ବ୍ୟାସସରୋବର, ହିମାଳୟ ପ୍ରଭୃତି କେଉଁ ହଜାର ହଜାର ବର୍ଷ ପୂର୍ବରୁ ଆସ୍ଥାନ ଜମାଇ ରହିଛି । କିନ୍ତୁ ତାର କୌଣସି ଉଦାହରଣ ଚୀନର କ୍ଲାସିକ ସାହିତ୍ୟରେ ଦେଖିବାକୁ ମିଳେ ନାହିଁ । କୈଳାସପତି ଶିବ ସମଗ୍ର ଭାରତରେ ହିନ୍ଦୁଧର୍ମର ଉପାସ୍ୟ ଦେବତା ଭାବରେ ପୂଜିତ ହୋଇଥାନ୍ତି । ସେହିପରି ହିମାଳୟରୁ ବାହାରିଥିବା ଗଙ୍ଗାନଦୀ ଭାରତୀୟମାନଙ୍କ ଜୀବନ ପ୍ରବାହର ମୁଖ୍ୟଧାରା । ମାନସରୋବରରେ ବୁଡ଼ ପକାଇ ପୁଣ୍ୟ ଅର୍ଜନ କରିବା ଓ ମୋକ୍ଷଲାଭ କରିବା ବିଶ୍ୱାସ ଭାରତୀୟ ସାଂସ୍କୃତିକ ଓ ଆଧାତ୍ମିକ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସମଗ୍ର ଜୀବନକାଳ ଭିତରେ ଥରେ ମାନସରୋବରକୁ ତୀର୍ଥାଟନରେ ଯିବାକୁ ଜୀବନର ପରମ ସୌଭାଗ୍ୟ ବୋଲି ଭାରତୀୟମାନେ ବିଚାର କରିଥାନ୍ତି । ଏସବୁ ହଜାର ହଜାର ବର୍ଷ ପୂର୍ବର ବର୍ଣ୍ଣନା । ଯଦି ଚୀନ ଏପରି କୌଣସି ଉଦାହରଣ ଦେଖାଇଦେଇପାରିବ, ତେବେ ଭାରତୀୟମାନେ ମାନିବାକୁ ବାଧ ହେବେ ଯେ ତିବ୍ବତ ଉପରେ ଓ ହିମାଳୟର ଏହି ବିସ୍ତୃତ ଅଞ୍ଚଳ ଉପରେ ଚୀନର ଅଧିକାର ରହିଛି । ଡକ୍ଟର ଲୋହିଆ କାଳିଦାସଙ୍କ କୁମାରସମ୍ଭବର ପ୍ରଥମ ଶ୍ଳୋକରୁ ଉଦ୍ଧାର କରି କହିଲେ -

'ଅସ୍ତ୍ୟୁତ୍ତରସ୍ୟାଂ ଦିଶି ଦେବତାତ୍ମା
ହିମାଳୟୋର୍ନାମଃ ନଗାଧିରାଜଃ
ପୂର୍ବାପରୋତୋୟା ନିଧୀବଗାହ୍ୟ
ସ୍ଥିତଃ ପୃଥିବ୍ୟାଂଇବ ମାନଦଣ୍ଡଃ ।'

- କୁମାରସମ୍ଭବ ପ୍ରଥମ ଶ୍ଳୋକ

ଏସବୁ ସତ୍ତ୍ୱେ ଯଦି ଚୀନ ହିମାଳୟର ଏହି ବିସ୍ତୃତ ଅଞ୍ଚଳ ଓ ତିବ୍ବତକୁ ନିଜର ବୋଲି ଦାବି କରେ, ତେବେ ତାହାକୁ ମାନିଯିବା ଆଦୌ ବୁଦ୍ଧିମାନ୍‌ର କାର୍ଯ୍ୟ ନୁହେଁ । ଭାରତରୁ ବ୍ରିଟିଶରାଜ ଚାଲିଯିବା ବେଳକୁ ତିବ୍ବତ ସ୍ୱତନ୍ତ୍ର ଥିଲା । ୧୯୪୯ ମସିହାରେ ଚୀନ କହିଲା ଯେ ତିବ୍ବତ ଆମର ଏବଂ ନେହୁରୁ ଏକଥା ଅତି ସହଜରେ ମାନିଗଲେ । ଯଦି ନେହୁରୁ ଏକଥା ମାନି ନ ଥାନ୍ତେ, ତେବେ ଭାରତର ଉତ୍ତରଭାଗ ତିବ୍ବତପଟୁ ବେଶ ସୁରକ୍ଷିତ ଥାନ୍ତା । ଡକ୍ଟର ଲୋହିଆ କହିଲେ, ଚାଇନା ହେଉଛି ରାକ୍ଷସ ଏବଂ ତିବ୍ବତ ହେଉଛି ଶିଶୁ । ଏହି ବୈଦେଶିକ ନୀତି ମାଧ୍ୟମରେ ଚାଇନା ଶିଶୁ-ତିବ୍ବତକୁ ଗ୍ରାସ କରିନେଲା । ତାକୁ ସେ 'Baby murder' (ଶିଶୁହତ୍ୟା) ବୋଲି ଆଖ୍ୟା ଦେଲେ ।

୧୯୪୯ରେ ଲୋହିଆ ଲଣ୍ଡନ ଯାଇଥିଲେ । ଲୋହିଆଙ୍କ ମତାମତ ସମ୍ପର୍କରେ ଲଣ୍ଡନରେ ସବୁ କାଗଜପତ୍ରରେ ଖୁବ୍ ଭଲଭାବରେ ବାହାରିଲା । ସେତେବେଳେ

Digitized by srujanika@gmail.com

କୃଷ୍ଣମେନନ ଲଣ୍ଡନରେ ଭାରତର ହାଇକମିଶନର ଥାଆନ୍ତି । ସେ ଅନୁଭବ କଲେ ଯେ ଲୋହିଆଙ୍କର ଏହି ମତାମତ ହୁଏତ ନେହୁରୁଙ୍କ ସୁନାମକୁ ହ୍ରାସ କରିଦେବ । ତେଣୁ ସେ ନେହୁରୁଙ୍କୁ ଖବର ଦେଲେ । ସେତେବେଳେ କେବଳ ଡକ୍ଟର ଲୋହିଆହିଁ ଏକମାତ୍ର ବ୍ୟକ୍ତି ଯିଏ ନେହୁରୁଙ୍କ ଏହି ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତିକୁ କଟୁ ସମାଲୋଚନା କରି ମନ୍ତବ୍ୟ ଦେଇଥିଲେ । ଏହାକୁ କେନ୍ଦ୍ରକରି ନେହୁରୁ ଓ ଲୋହିଆଙ୍କ ବ୍ୟକ୍ତିଗତ ସମ୍ପର୍କ ମଧ୍ୟ କିଛିଟା କ୍ଷୁଣ୍ଣ ହୋଇଥିଲା । ଅଥଚ ପୂର୍ବରୁ ଦୁହିଁଙ୍କର ସମ୍ପର୍କ ବେଶ ଆତ୍ମିକ ଥିଲା । ନାଜି ଉତ୍ଥାନବେଳେ ଲୋହିଆ ଜର୍ମାନରେ ଛାତ୍ର ଥିଲେ । ୧୯୩୬-୩୭ ମସିହାରେ ସେ ଜର୍ମାନୀରୁ ପିଏଚ.ଡ଼ି. ଡିଗ୍ରୀ ହାସଲ କରି ଭାରତ ଫେରିଲେ । ସେତେବେଳେ ନେହୁରୁ ଜାତୀୟ କଂଗ୍ରେସର ସଭାପତି ଥିଲେ । ଲୋହିଆଙ୍କ ଦୃଷ୍ଟି ପ୍ରସାରିତ ଓ ବିଶ୍ୱବ୍ୟାପୀ ହୋଇଥିବାରୁ ଓ ତାଙ୍କର ଉଜ୍ଜ୍ୱଳ ବ୍ୟକ୍ତିତ୍ୱକୁ ଲକ୍ଷ୍ୟ କରି ନେହୁରୁ ତାଙ୍କୁ ଜାତୀୟ କଂଗ୍ରେସର ବୈଦେଶିକ ବିଭାଗର ଦାୟିତ୍ୱ ନେବା ଅନୁରୋଧ କରିଥିଲେ । ନେହୁରୁଙ୍କ କଥାକୁ ମଧ୍ୟ ଡକ୍ଟର ଲୋହିଆ ଶ୍ରଦ୍ଧା ଓ ସମ୍ମାନର ସହ ଗ୍ରହଣ କରିଥିଲେ । ଲୋହିଆ ନେହୁରୁଙ୍କଠାରୁ ବୟସରେ ଦଶବର୍ଷ ସାନ ହେଲେ ବି ଦୁହିଁଙ୍କ ଭିତରେ ଖୁବ୍ ଭଲ ପଡୁଥିଲା । ଲୋହିଆଙ୍କ ତୀକ୍ଷ୍ଣବୁଦ୍ଧି, ବିଚାରଧାରା, ଦୂରଦୃଷ୍ଟି, ଜ୍ଞାନଗରିମା ସବୁକୁ ନେହୁରୁ ବେଶ ପସନ୍ଦ କରୁଥିଲେ ।

ଡକ୍ଟର ଲୋହିଆ ନେହୁରୁଙ୍କ ପାଖରେ ଆନନ୍ଦ ଭବନରେ ରହିଲେ । ଦୁହିଁଙ୍କ ସମ୍ପର୍କ ବେଶ ନିବିଡ଼ ଥିଲା । ମାତ୍ର ସ୍ୱାଧୀନତା ପରେ ନେହୁରୁଙ୍କର ବହୁ ନୀତିକୁ ଲୋହିଆ ପସନ୍ଦ କଲେନି । କାରଣ ସ୍ୱାଧୀନତା ପୂର୍ବରୁ ନେହୁରୁ ଓ ଲୋହିଆ ଉଭୟଙ୍କର ଏକମାତ୍ର ଧ୍ୟେୟ ଥିଲା ଭାରତର ସ୍ୱାଧୀନତା । ନେହୁରୁ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଯେପରି ଭାବରେ ପାକିସ୍ଥାନ ବିଭାଜନ କ୍ଷେତ୍ରରେ ଇଂରେଜମାନଙ୍କ କୂଟନୀତିକୁ ସ୍ୱୀକାର କରିଗଲେ, ତାହା ଜାତୀୟ ସ୍ୱାର୍ଥ-ବିରୋଧୀ ଥିଲା । ତାର କୁପରିଣାମ ଆଜି ବି ଉଭୟ ଦେଶ ଭୋଗ କରୁଛନ୍ତି । ଉଭୟ ଜିନା ଓ ନେହୁରୁ ଏ କ୍ଷେତ୍ରରେ ଅଖଣ୍ଡ-ଭାରତର ବୃହତ୍ତର ସ୍ୱାର୍ଥକଥା ଆହୁରି ଗଭୀର ଭାବରେ ଚିନ୍ତା କରିବାର ଥିଲା । ଏହି ବିଭାଜନ କେତେ କରୁଣ, ଭୟଙ୍କର, ମର୍ମାନ୍ତିକ ଥିଲା ଇତିହାସ ତାର ମୂକସାକ୍ଷୀ ହୋଇ ରହିଛି ।

ଏଣୁ ଲୋହିଆ ନେହୁରୁଙ୍କ ଏସବୁ ନୀତିକୁ ପସନ୍ଦ କଲେ ନାହିଁ । ଉଭୟଙ୍କ ରାଜନୀତିକ ଆଦର୍ଶରେ ଭିନ୍ନତା ପରିଲକ୍ଷିତ ହେଲା । ଏପରି ହେଲା ଯେ ନେହୁରୁଙ୍କର ବହୁ ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତିକୁ ଏକମାତ୍ର ଲୋହିଆ ଘୋର ସମାଲୋଚନା କରି ସାଧାରଣଙ୍କ ପାଖରେ ଉପସ୍ଥାପନ କଲେ ।

୧୯୪୯ ମସିହାବେଳକୁ ସୋସାଲିଷ୍ଟ ପାର୍ଟିର ସର୍ବୋଚ୍ଚ ନେତା ଜୟପ୍ରକାଶ ନାରାୟଣ । କହିବାକୁ ଗଲେ ସର୍ବେସର୍ବା । ଜୟପ୍ରକାଶ ନାରାୟଣ ଆମେରିକାରୁ ଉଚ୍ଚଶିକ୍ଷା

Digitized by srujanika@gmail.com

ଲାଭକରି ପ୍ରଥମେ ଯେତେବେଳେ ଭାରତକୁ ଫେରିଆସିଲେ, ସେତେବେଳେ ଜାତୀୟ କଂଗ୍ରେସରେ ତାଙ୍କୁ ଶ୍ରମ ବିଭାଗ ଦାୟିତ୍ୱ ଦିଆଯାଇଥିଲା । ନେହୁରୁଙ୍କ ପତ୍ନୀ କମଳା ନେହୁରୁ ଓ ଜୟପ୍ରକାଶଙ୍କ ପତ୍ନୀ ପ୍ରଭାବତୀ ଭାରି ସାଙ୍ଗ ଥିଲେ । ଏଣୁ ଉଭୟ ପରିବାର ଭିତରେ ଖୁବ୍ ଭଲ ସମ୍ପର୍କ ଥିଲା ସ୍ୱାଧୀନତା ପୂର୍ବରୁ । ୧୯୪୯ ମସିହାରେ ଯେତେବେଳେ ଲୋହିଆ ତିବ୍ବତ ସମ୍ପର୍କରେ ଲଣ୍ଡନଠାରେ ଏପରି ବିବୃତି ଦେଲେ, ସେମାନଙ୍କଠାରୁ ଖବର ପାଇ ନେହୁରୁ ଜୟପ୍ରକାଶଙ୍କୁ ଡାକି କହିଲେ ଯେ - 'ତୁମେ ଦଳର ମୁଖ୍ୟ ଭାବରେ ତିବ୍ବତ ସମ୍ପର୍କରେ ତୁମର ବିବୃତି ଦିଅ ।' ନେହୁରୁଙ୍କ କଥାରେ ପ୍ରଭାବିତ ହୋଇ ଜୟପ୍ରକାଶ ବିବୃତି ଦେଲେ - 'ଏଇଟା ଲୋହିଆଙ୍କ ବ୍ୟକ୍ତିଗତ ମତ । ଏହା ସୋସାଲିଷ୍ଟ ପାର୍ଟିର ମତ ନୁହେଁ ।' ଏହି ବିବୃତି ଲୋହିଆଙ୍କୁ ଖୁବ୍ ଆଘାତ ଦେଇଥିଲା । କାରଣ ଲୋହିଆ ୧୯୪୨ ଆନ୍ଦୋଳନରେ ଜୟପ୍ରକାଶଙ୍କର କେବଳ ଅନ୍ତରଙ୍ଗ ସାଥୀ ନ ଥିଲେ, ତାଙ୍କୁ ବଡ଼ଭାଇର ସମ୍ମାନ ମଧ୍ୟ ଦେଉଥିଲେ । ଏପରିକି ତାଙ୍କୁ ବିକଳ୍ପ ପ୍ରଧାନମନ୍ତ୍ରୀ ଭାବେ ଚିନ୍ତା କରୁଥିଲେ ।

୧୯୬୨ ମସିହାରେ ଚୀନ ଭାରତ ଆକ୍ରମଣ କଲା । ବାସ୍ତବରେ ଲୋହିଆଙ୍କ ଭବିଷ୍ୟଦ୍‌ବାଣୀ ସତ୍ୟ ପ୍ରମାଣିତ ହେଲା । ନେହୁରୁଙ୍କ ଏହି ଭୁଲ ବୈଦେଶିକ ନୀତି ଯୋଗୁଁ ଭାରତ ଚିରଦିନ ପାଇଁ ତାର ସୁରକ୍ଷିତ ସୀମାକୁ ହରାଇଲା । ଲୋହିଆ ପଞ୍ଚଶୀଳ ନୀତିର ତ୍ରୁଟି ବିଚ୍ୟୁତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରି ଲୋକଙ୍କ ପାଖରେ ଉପସ୍ଥାପନ କଲେ ।

ଚୀନ ଯୁଦ୍ଧ ପରେ ଡକ୍ଟର ଲୋହିଆ କଟକ ଆସିଥାନ୍ତି । ନାରୀ ସେବା ସଂଘ ସଦନ ପଡ଼ିଆଠାରେ ଗୋଟିଏ ସାଧାରଣ ସଭାର ଆୟୋଜନ ହୋଇଥାଏ । ରବି ରାୟ ସଭାପତି ବକ୍ତବ୍ୟରେ କହିଲେ - 'ଡକ୍ଟର ଲୋହିଆ ୧୯୪୯ ମସିହାରେ ଯେଉଁ 'ବେବି ମର୍ଡ଼ର' କଥା କହିଥିଲେ, ତାହା ତେର ବର୍ଷ ପରେ ବାସ୍ତବରେ ପରିଣତ ହେଲା । ଭାରତ ଉପରେ ଚୀନର ଏହି ବର୍ବରୋଚିତ ଆକ୍ରମଣ ପ୍ରମାଣ କରିଦେଲା ଯେ ସେମାନେ କିପରି ବିଶ୍ୱାସଘାତକତା କଲେ । ... ଇତ୍ୟାଦି ।'

୧୯୬୨ ମସିହା ଚୀନଯୁଦ୍ଧ ସମୟରେ ରବି ରାୟ ହାଇଦ୍ରାବାଦଠାରେ ଗୋଟିଏ ସାମ୍ବାଦିକ ସମ୍ମିଳନୀରେ ବିବୃତି ଦେଇ କହିଲେ - "ଐତିହାସିକ ତଥ୍ୟ ଭୁଲ ଭାବରେ ଉପସ୍ଥାପିତ ନ ହେଉ । ଲୋହିଆ ଫକିର ଲୋକ । ତାଙ୍କ ଭବିଷ୍ୟଦ୍‌ବାଣୀ ଦୁର୍ଭାଗ୍ୟବଶତଃ ସତ ହେଲା । ଆମ ନିରାପତ୍ତା ଆଜି ସମ୍ପୂର୍ଣ୍ଣ ଭାବରେ ବିପନ୍ନ । ନେହୁରୁଙ୍କ ଯୋଗୁଁ ଭାରତସରକାର ମାନିନେଲେ ଯେ, ତିବ୍ବତ ଚୀନର । ତାହା ଭାରତର ସ୍ୱାର୍ଥ ଦିଗରେ ଘୋର ଅନ୍ତରାୟ ସୃଷ୍ଟି କଲା । ଭାରତ ସବୁଦିନ ପାଇଁ ବିପଦକୁ ବରଣ କରିନେଲା । ଆଜି ଭାରତ-ଚୀନ ଯୁଦ୍ଧ ସେଇ ସାଂଘାତିକ ପରିସ୍ଥିତିର ଜ୍ୱଳନ୍ତ ଦୃଷ୍ଟାନ୍ତ । ଯଦି ଚୀନ

Digitized by srujanika@gmail.com

ତିବ୍ବତକୁ ଗ୍ରାସ କରି ନ ଥାନ୍ତା, ତେବେ ତିବ୍ବତ ଏବେ ଭାରତର ସୀମା ଭାବରେ ସୁରକ୍ଷିତ ଥା'ନ୍ତା ଓ ଚୀନର ସୀମା ଭାରତକୁ ଲାଗି ନ ଥା'ନ୍ତା । ଆଜି ହୁଏତ ଏ ଯୁଦ୍ଧ ବି ଲାଗି ନ ଥା'ନ୍ତା ।'

ଲୋହିଆ ୧୯୪୯ରୁ ଭାରତ ସରକାରଙ୍କୁ ଚେତାବନୀ ଦେଇ ଆସୁଥିଲେ ଯେ ଭାରତର ସୀମା ହେଉଛି ପୂର୍ବବାହିନୀ ବ୍ରହ୍ମପୁତ୍ର କୈଳାସ ପର୍ବତ ଓ ମାନସରୋବର ଭାରତର ଅଙ୍ଗ ଅଟେ । କିନ୍ତୁ ଲୋହିଆଙ୍କ କଥାକୁ କେହି ସେତେବେଳେ ଗୁରୁତ୍ୱ ଦେଇ ନ ଥିଲେ । ୧୯୬୨ ମସିହାରେ ଚୀନ ଭାରତ ଆକ୍ରମଣ କରିବାରୁ ଲୋହିଆ ସାରାଦେଶ ବୁଲି ବୁଲି ରାଷ୍ଟ୍ରୀୟ ଚେତନାକୁ ଜାଗ୍ରତ କରିବା ପାଇଁ, ଲୋକଙ୍କର ନୈତିକ ଉତ୍ଥାନ ପାଇଁ ଓ ସ୍ୱଦେଶ ପ୍ରେମରେ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିବାପାଇଁ ପ୍ରେରଣା ଦେବାରେ ଲାଗିଲେ । ପାଟନାଠାରେ ଭୂତପୂର୍ବ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ରପ୍ରସାଦଙ୍କ ଅଧ୍ୟକ୍ଷତାରେ 'ହିମାଳୟ ବଞ୍ଚାଅ' ସମ୍ମେଳନ ଆୟୋଜନ କଲେ ଡକ୍ଟର ଲୋହିଆ । ଏହି ସମ୍ମିଳନୀରେ ରବି ରାୟ କେବଳ ଯୋଗ ଦେଇ ନ ଥିଲେ, ସମ୍ମିଳନୀର ସଫଳତା ପାଇଁ ସବୁପ୍ରକାର ସାହାଯ୍ୟ ସହଯୋଗ କରିଥିଲେ । ଦେଶକୁ ଏହି ଘୋର ସଙ୍କଟରୁ ରକ୍ଷା କରିବା ପାଇଁ ବେସରକାରୀ ସ୍ତରରେ ଲୋହିଆଙ୍କ ସାଙ୍ଗରେ ମିଶି ରବି ରାୟ ମଧ୍ୟ ଅନେକ କିଛି କରିଥିଲେ ।

ଲୋହିଆ ମଧ୍ୟ ଏ ସମ୍ପର୍କରେ ପାର୍ଲିଆମେଣ୍ଟରେ ବହୁ ବିବୃତି ଦେଲେ ଓ ତର୍କବିତର୍କ କଲେ । ମାତ୍ର ପରିସ୍ଥିତିର କିଛି ସୁଧାର ହେଲା ନାହିଁ । ବାଘ ମୁହଁରୁ ତା ଆହାର ଛଡ଼ାଇ ଆଣିବା ସମ୍ଭବ ହେଲା ନାହଁ । ଚୀନ ଭାରତର ବିସ୍ତୃତ ଅଞ୍ଚଳକୁ ଆଜିବି ଅଧିକାରଭୁକ୍ତ କରି ରଖିଛି । ସ୍ୱାଧୀନତାର ପଞ୍ଚାବନ ବର୍ଷ ଭିତରେ ଭାରତର ବୈଦେଶିକ ବିଭାଗ ତରଫରୁ ତିବ୍ବତ ସଂକ୍ରାନ୍ତରେ କୌଣସି ଉଲ୍ଲେଖଯୋଗ୍ୟ ପଦକ୍ଷେପ ଗ୍ରହଣ କରାଯାଇ ପାରି ନାହିଁ । ନେହୁରୁଙ୍କ ଦେହାନ୍ତ ପରେ ଜୟପ୍ରକାଶଙ୍କର ନେହୁରୁ-ମୋହ ଭଙ୍ଗ ହେଲା । ଜୟପ୍ରକାଶ ମଧ୍ୟ ନେହୁରୁଙ୍କ ଏହି ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତିକୁ ପରେ ଘୋର ସମାଲୋଚନା କରିଥିଲେ ।

ଲୋହିଆଙ୍କ ଚୌଖମ୍ବାରାଜ (ରାଷ୍ଟ୍ର, ପ୍ରଦେଶ, ଜିଲ୍ଲା ଓ ଗାଁ ବା ଜନପଦ ଭିତ୍ତିକ ଶାସନ ବ୍ୟବସ୍ଥା)କୁ ପ୍ରତୀକ କରି ସୋସାଲିଷ୍ଟ ଦଳ ପକ୍ଷରୁ 'ଚୌଖମ୍ବା' ପତ୍ରିକା ପ୍ରକାଶ ପାଉଥାଏ । ରବି ରାୟ ସେ ପତ୍ରିକାର ସମ୍ପାଦନାମଣ୍ଡଳୀରେ ଥାନ୍ତି । ବେଲେଶ୍ୱର ଦୟାଲ (ମାମା) ମଧ୍ୟ ଅନ୍ୟତମ ସମ୍ପାଦକ ଥା'ନ୍ତି । ରବି ରାୟ ଓ ସେ ଏହି ଚୌଖମ୍ବା ପତ୍ରିକାରେ ତିବ୍ବତ ସଂକ୍ରାନ୍ତରେ ସିଧାସଳଖ ନେହୁରୁଙ୍କ ବିରୋଧରେ ଲେଖୁଥା'ନ୍ତି । ଚୀନ ଭାରତ ଆକ୍ରମଣ କରି ସାରିଥାଏ ଓ ଭାରତ ପରାଜିତ ହୋଇସାରିଥାଏ । ରବି ରାୟ ବଡ଼ କଠୋର ଭାଷାରେ ନେହୁରୁଙ୍କୁ କଟୁ ସମାଲୋଚନା କରି ବରାବର ଲେଖୁଥାନ୍ତି । ଏଥିନେଇ

Digitized by srujanika@gmail.com

ବେଲେଶ୍ୱର ଦୟାଲ ଓ ରବି ରାୟଙ୍କ ବିରୋଧରେ ୱାରେଣ୍ଟ ଜାରିହେଲା । ସେତେବେଳେ ରବି ରାୟଙ୍କ ସ୍ତ୍ରୀ ଡକ୍ଟର ସରସ୍ୱତୀ ସ୍ୱାଇଁ ବ୍ରହ୍ମପୁରରେ ଥା'ନ୍ତି । ରବି ରାୟ ବ୍ରହ୍ମପୁର ଯାଇଥାନ୍ତି । ପୋଲିସ ଦେଶପ୍ରେମୀ ରବି ରାୟଙ୍କୁ ଦେଶରକ୍ଷା ଆଇନବଳରେ (D.I.R.) ବ୍ରହ୍ମପୁରରୁ ଗିରଫ କଲା । ଦେଶରକ୍ଷା ସମ୍ପର୍କରେ ରବି ରାୟଙ୍କ ଅଭିବ୍ୟକ୍ତିର ଅଧିକାରକୁ ସରକାର ଚକ୍ରାନ୍ତ କରି ବନ୍ଦ କରିଦେବାକୁ ଚେଷ୍ଟା କଲେ । ଜେଲରୁ ଖଲାସ ହେବା ପରେ ରବି ରାୟ ପୁନର୍ବାର ଦେଶ ସମ୍ପର୍କରେ ନିଜର ମୁକ୍ତ ବିଚାର ଏହି ପତ୍ରିକାରେ ଉପସ୍ଥାପନ କଲେ ।

ପଟେଲ ପରେ ନେହୁରୁଙ୍କ ମନ୍ତ୍ରିମଣ୍ଡଳରେ ଘରୋଇ ବିଭାଗ ମନ୍ତ୍ରୀ ହେଲେ । ତାଙ୍କରି ବଳିଷ୍ଠ ନେତୃତ୍ୱରେ ଦେଶୀୟ ରାଜ୍ୟ ମିଶ୍ରଣ ସମ୍ଭବ ହୋଇଥିଲା । ପାଞ୍ଚଶହରୁ ଊର୍ଦ୍ଧ୍ୱ ଗଡ଼ଜାତ ସାର୍ବଭୌମ ଭାରତର ତ୍ରିରଙ୍ଗା ତଳେ ଏକତ୍ର ଛିଡ଼ା ହେଲେ । ଲୌହମାନବ ପଟେଲଙ୍କ ଯୋଗୁଁ ଗଡ଼ଜାତ ମିଶ୍ରଣ ବାସ୍ତବ ରୂପରେଖ ନେଇଥିଲା । ଏହି ଗଡ଼ଜାତ ମିଶ୍ରଣରେ ଓଡ଼ିଶାର ପ୍ରଜା ଆନ୍ଦୋଳନର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ଡକ୍ଟର ହରେକୃଷ୍ଣ ମହତାବଙ୍କ ପରାମର୍ଶ କ୍ରମେ ସର୍ଦ୍ଦାର ପଟେଲ ଏହି ସାହସିକ ପଦକ୍ଷେପ ନେଇଥିଲେ । ଏ ଗଡ଼ଜାତ ମିଶ୍ରଣ କାର୍ଯ୍ୟ ଓଡ଼ିଶାରୁ ହିଁ ଆରମ୍ଭ ହୋଇ ସର୍ବଭାରତୀୟ ସ୍ତରରେ ସଫଳ ହୋଇଥିଲା । ଏହି ପଞ୍ଚଶୀଳ ନୀତି ବାବଦରେ ସର୍ଦ୍ଦାର ପଟେଲ ମଧ୍ୟ ନେହୁରୁଙ୍କୁ ଚିଠି ଲେଖିଥିଲେ -

'ପ୍ରିୟ ନେହୁରୁ,

ତମକୁ ଚୀନ ବୋକା ବନାଇ ଦେଲା । ପାନିକର ଆମ୍ଭାସାଡ଼ର ଭୂଆଁ ବୁଲାଇ ଦେଲା । ତମ ଭୋଳାପଣିଆ ଯୋଗୁଁ ଦେଶର ଉତ୍ତରଭାଗ ଆଜି ବିପନ୍ନ । ତମେ କ୍ୟାବିନେଟ ଡକାଅ ।'

ସର୍ଦ୍ଦାର ପଟେଲ

ଘରୋଇ ବିଭାଗ ମନ୍ତ୍ରୀ ।

ଏ ସମ୍ପର୍କରେ ରବି ରାୟ କହନ୍ତି - 'ସାଧାରଣତଃ ବୁଦ୍ଧିଜୀବୀମାନେ ଜାଣନ୍ତି ଯେ ନେହୁରୁ ହେଉଛନ୍ତି ପ୍ରଖର ମେଧାସମ୍ପନ୍ନ ବୁଦ୍ଧିମାନ୍ ବ୍ୟକ୍ତି । ଦେଶର ଘରୋଇମନ୍ତ୍ରୀ ସର୍ଦ୍ଦାର ପଟେଲ ଏକଥା ପ୍ରଧାନମନ୍ତ୍ରୀଙ୍କୁ ଲେଖି ଚିଠି ଦେଲେ । ମାତ୍ର ନେହୁରୁଙ୍କ ସରକାରୀ ଚିଠିରେ ତାହାକୁ ଲୁଚେଇ ଦିଆଗଲା । ମଣିବେନ ପଟେଲ ପରେ ଏ ସରକାରୀ ଚିଠିଟି ପ୍ରକାଶ କଲେ । ନେହୁରୁ ଦେଶର ସ୍ୱାର୍ଥ ଅପେକ୍ଷା ନିଜର ବ୍ୟକ୍ତିଗତ ପ୍ରତିଷ୍ଠା ଓ ଭାବମୂର୍ତ୍ତିକୁ ଅଧିକ ଗୁରୁତ୍ୱ ଦେଉଥିଲେ । ଏହା ତାଙ୍କର ଦେଶପ୍ରତି ଅକ୍ଷମଣୀୟ ଅପରାଧ । ଭାରତ ପାକିସ୍ଥାନ ବିଭାଜନ ଓ ଚାଇନା ନୀତି - ଏ ଉଭୟ ଗୁରୁତ୍ୱପୂର୍ଣ୍ଣ ବୈଦେଶିକ ନୀତିକୁ

Digitized by srujanika@gmail.com

କେବଳ ନେହରୁ ମାନିନେଇଥିବାରୁ ଦେଶର ବୃହତ୍ତର ସ୍ୱାର୍ଥ ନଷ୍ଟ ହେଲା । ଦେଶ ଚିରଦିନ ପାଇଁ ଗୁରୁତର ବିପଦର ସମ୍ମୁଖୀନ ହେଲା । ଭାରତର ବଫରଷ୍ଟେଟ (ନିରପେକ୍ଷ ଅଞ୍ଚଳ) ତିବ୍ବତକୁ ନେହରୁ ହାତେ ହାତେ ଚୀନକୁ ଟେକି ଦେଲେ ।' ଏକଥା କହିଲାବେଳେ ରବି ରାୟ ବେଶ ଭାବପ୍ରବଣ ହୋଇଯାଆନ୍ତି । ସେ କହନ୍ତି - 'ଆଜି ନେଡ଼ିଗୁଡ଼ କହୁଣି କି ବୋହି ଯାଇଛି । ଆଜି ପାକିସ୍ଥାନର ପ୍ରୋତ୍ସାହନରେ କାଶ୍ମୀରରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଓ ଏଥିପ୍ରତି ଚୀନର ପରୋକ୍ଷ ସମର୍ଥନ ଏହି ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତିର କୁପରିଣାମ । ଯାହାକୁ ଦେଶ ଆଜି ଭୋଗ କରୁଛି ।'

ସଂପ୍ରତି ରବି ରାୟ ଭାରତ-ତିବ୍ବତ ମୈତ୍ରୀ ସଂଘର ସଭାପତି । ଦେଶର ମହାନସ୍ୱାର୍ଥର ପୁନରୁଦ୍ଧାର ପାଇଁ ତାଙ୍କ ପ୍ରଚେଷ୍ଟାର ଅନ୍ତ ନାହିଁ । ଚୀନ ଆକ୍ରମଣ ପରେ ନିଜେ ଜୟପ୍ରକାଶ ନାରାୟଣ ଏହାର ଗୁରୁତ୍ୱ ଉପଲବ୍ଧି କରି ତିବ୍ବତ ମୁକ୍ତି ସାମ୍ମୁଖ୍ୟରେ ସାମିଲ ହୋଇଥିଲେ । ଏହି ମୁକ୍ତି ଆନ୍ଦୋଳନର ଅନ୍ୟତମ ପୁରୋଧା ହେଉଛନ୍ତି ଦଲାଇଲାମା । କିନ୍ତୁ ଏହା ବାସ୍ତବରେ ଫଳପ୍ରଦ ହୋଇପାରୁ ନାହିଁ । ଚୀନ ଅଧିକାରରୁ ତିବ୍ବତକୁ ଉଦ୍ଧାର କରିବା ଆଉ ସମ୍ଭବ ହୋଇପାରୁ ନାହିଁ । ଏହା ବ୍ୟତୀତ ଏହି ସମସ୍ୟା ଆଜି ଆନ୍ତର୍ଜାତିକ ସ୍ତରରେ ଆଲୋଚିତ ହେଉଛି । ତେଣୁ ଭାରତରୁ ଚାଲିଯାଇଥିବା ଲକ୍ଷେ ବର୍ଗ କିଲୋମିଟର ଅଞ୍ଚଳ ଭାରତକୁ ଫେରିଆସିବାର ସମ୍ଭାବନା ସୁଦୂର ପରାହତ ହୋଇଯାଇଛି । ୧୯୬୨ ମସିହା ଭାରତ-ଚୀନ ଯୁଦ୍ଧରେ ବମ୍‌ଡ଼ିଲା (ଅରୁଣାଚଳ ପ୍ରଦେଶରେ) ପତନ ପରେ ଭାରତ ହାରିଗଲା । ଏହାପରେ ଗୋଟିଏ ପରାଜିତ ଜାତିର ସବୁ ସ୍ୱପ୍ନ ମଉଳିଯିବା ସ୍ୱାଭାବିକ ଥିଲା । ତଥାପି ତିବ୍ବତ-ଭାରତ ମୈତ୍ରୀ ସଂଘର ସଭାପତି ଭାବରେ ସେ ସ୍ୱପ୍ନକୁ ସାକାର କରିବା ପାଇଁ ରବି ରାୟଙ୍କ ଉଦ୍ୟମ ଏବେବି ଅବ୍ୟାହତ ରହିଛି ।

୧୯୮୯ ମସିହା ଅଗଷ୍ଟ ୧୨, ୧୩ ଓ ୧୪ ତାରିଖ ଦୀର୍ଘ ତିନିଦିନବ୍ୟାପୀ ନୂଆଦିଲ୍ଲୀଠାରେ 'ତିବ୍ବତ ଓ ଦକ୍ଷିଣ ଏସିଆରେ ଶାନ୍ତି ପ୍ରତିଷ୍ଠା' ଶୀର୍ଷକ ଆଲୋଚନାଚକ୍ର ଓ ଆନ୍ତର୍ଜାତିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ରବି ରାୟ ଭାରତ-ତିବ୍ବତ ମୈତ୍ରୀ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରି କହିଥିଲେ - "ମୁଁ କିଛି କହିବା ପୂର୍ବରୁ ଆପଣମାନଙ୍କୁ ଅତୀତର ଇତିହାସ ପାଖକୁ ନେଇଯିବାକୁ ଚାହୁଁଛି । ବହୁ ତ୍ୟାଗ, ଆତ୍ମବଳିଦାନ, ସଂଗ୍ରାମ ଓ ତପସ୍ୟା ପରେ ଭାରତ ସ୍ୱାଧୀନତା ଲାଭ କରିଥିଲା । ଦୀର୍ଘଦିନର ଏହି ମୁକ୍ତି ସଂଗ୍ରାମକୁ ଚୀନର କମ୍ୟୁନିଷ୍ଟ ନେତାମାନେ, ଏପରିକି ତୁଙ୍ଗନେତା ଓ ଦୂରଦ୍ରଷ୍ଟା ମାଓ ସେତୁଙ୍ଗ ମଧ୍ୟ ସମର୍ଥନ ଜଣାଇ ପଦେହେଲେ କହି ନ ଥିଲେ ।"

"ଆଉ ଗୋଟେ କଥା ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହେଁ ଯେ ଏକଦା ଡକ୍ଟର ରାଜେନ୍ଦ୍ର ପ୍ରସାଦ, ଡକ୍ଟର ରାମମନୋହର ଲୋହିଆ, ଜୟପ୍ରକାଶ ନାରାୟଣ, ସର୍ଦ୍ଦାର

Digitized by srujanika@gmail.com

ବଲ୍ଲଭଭାଇ ପଟେଲ, ରାଜଗୋପାଳାଚାରୀ ପ୍ରମୁଖ ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ତିବ୍ବତ ମୁକ୍ତି ଆନ୍ଦୋଳନକୁ ଆନ୍ତରିକ ସମର୍ଥନ ଜଣାଇଥିଲେ । ଏଥିପାଇଁ ମହାମାନ୍ୟ ଦଲାଇଲାମା ସେମାନଙ୍କୁ ପ୍ରଶଂସା କରିଥିଲେ ଓ କୃତଜ୍ଞତା ଜଣାଇଥିଲେ । ମାତ୍ର ସେମାନେ ଯେ ତିବ୍ବତର ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ କରନ୍ତି ନାହିଁ ଓ ଅପରପକ୍ଷରେ ଜବାହରଲାଲ ନେହ୍ରୁ ହିଁ ତିବ୍ବତ ମୁକ୍ତି ଆନ୍ଦୋଳନର ସମର୍ଥକ ଓ ପୃଷ୍ଠପୋଷକ - ଏପରି ଏକ ଭୁଲ ତଥ୍ୟ ପ୍ରଚାରିତ ହୋଇଆସିଛି । ଯାହା ସମ୍ପୂର୍ଣ୍ଣଭାବରେ ଏକ ଐତିହାସିକ ଭ୍ରାନ୍ତି । ଏପରି ଭୁଲ ତଥ୍ୟ ପରିବେଷଣରେ ଯେଉଁମାନେ ଅଗ୍ରଣୀ ହୋଇଛନ୍ତି, ସେମାନଙ୍କୁ ମହାକାଳ କେବେହେଲେ କ୍ଷମା କରିବ ନାହିଁ । ଗୋଟେ ଜାତିପକ୍ଷରେ ଏପରି ଭୁଲ ବୁଝାମଣାର ଶିକାର ହେବା ଆଦୌ ସ୍ପୃହଣୀୟ ନୁହେଁ ।''

''ଯେତେବେଳେ ଭାରତ ଓ ଚୀନ ସମ୍ପର୍କର ଉନ୍ନତି ପାଇଁ 'ହିନ୍ଦ୍-ଚୀନ ଭାଇଭାଇ' ନାମରେ ଗଣଉନ୍ମାଦନା ସୃଷ୍ଟି କରାଯାଉଥିଲା, ଠିକ୍ ସେତିକିବେଳେ ଚାଓଏନଲାଇ ଭାରତ ଗସ୍ତରେ ଆସିଥିଲେ । କିନ୍ତୁ ଭାରତରେ ଅବସ୍ଥାନ କରୁଥିବାବେଳେ ସେ ଜଣେ ନାଗାଲାଣ୍ଡ ଅଧିବାସୀଙ୍କୁ କହିଥିଲେ ଯେ, ତୁମେମାନେ ହଉଚ ମଙ୍ଗୋଲିଆନ ଓ ଆମ ଚୀନାମାନଙ୍କ ସହିତ ତୁମମାନଙ୍କର ଜେନେଟିକ ସମ୍ପର୍କ ଅତି ନିକଟତର ଓ ଘନିଷ୍ଠ । ଏହା କହିବା ପଛରେ ତାଙ୍କର ଅନ୍ତର୍ନିହିତ ମନୋଭାବ ବେଶ ସ୍ପଷ୍ଟ ଭାବରେ ବାରି ହୋଇପଡ଼େ ।''

''ଆପଣମାନେ ସମସ୍ତେ ଜାଣନ୍ତି, 'ଜମ୍ବୁଦ୍ୱୀପ' ବୋଲି ଗୋଟେ ଶବ୍ଦ ଅଛି । କେଉଁ ପ୍ରାଚୀନ କାଳରୁ ଦକ୍ଷିଣ ଏସିଆରେ ବହୁଳଭାବରେ ଏହି ଶବ୍ଦଟି ଜଣାଶୁଣା । ଭାରତୀୟ ପୁରାଣ ଓ କ୍ଲାସିକ ସାହିତ୍ୟମାନଙ୍କରେ ଜମ୍ବୁଦ୍ୱୀପର ଅଜସ୍ର ବର୍ଣ୍ଣନା ରହିଛି । ଜମ୍ବୁଦ୍ୱୀପ କହିଲେ ଥାଇଲ୍ୟାଣ୍ଡ, ଲାଓସ, କାମ୍ବୋଡ଼ିଆ, ଭିଏତନାମ, ବର୍ମା, ମାଲୟ, ତିବ୍ବତ, ଭୁଟାନ, ସିକମ ପ୍ରଭୃତି ଦେଶକୁ ଓ ଅଞ୍ଚଳକୁ ସାମଗ୍ରିକ ଭାବରେ ବୁଝାଇଥାଏ । ଭାରତର ସଭ୍ୟତା, ସଂସ୍କୃତି, ଐତିହ୍ୟ ଓ ଲୋକଚେତନାରେ ହଜାର ହଜାର ବର୍ଷ ଧରି ଏହି ଜମ୍ବୁଦୀପର ନିବିଡ଼ ସମ୍ପର୍କ ପ୍ରତିଷ୍ଠିତ ହୋଇସାରିଛି । ସାଧାରଣ ଦୈନନ୍ଦିନ ଜୀବନପ୍ରବାହରେ ମଧ୍ୟ ଏହିସବୁ ଦେଶ ଓ ଲୋକସଂସ୍କୃତି ସହିତ ଭାରତୀୟମାନଙ୍କର ସାମ୍ୟ ପରିଲକ୍ଷିତ ହୋଇଥାଏ । ଭାରତ ଓ ତିବ୍ବତର ପାରସ୍ପରିକ ସମ୍ପର୍କ ମୁଖ୍ୟତଃ ସାତୋଟି କଥାକୁ ଆଧାର କରି ଗଢ଼ିଉଠିଛି । ଯଥା - ୧. ଭାଷା, ୨. ଲିପି, ୩. ଜୀବନଚର୍ଯ୍ୟା, ୪. ଧର୍ମ, ୫. ଇତିହାସ, ୬. ଭୌଗୋଳିକ ଅବସ୍ଥିତି ଓ ୭. ଲୋକଙ୍କ ଆକୃତି ପ୍ରକୃତି । ଏଇ ସାତୋଟି କଥା ଭାରତ ଓ ତିବ୍ବତର ମିତ୍ରତାକୁ କେଉଁ ଆଦିମକାଳରୁ ଆଧାରଶିଳାରୂପେ ଧାରଣ କରିଆସିଛି । କୌଣସି କୃତ୍ରିମ ବାଧାବନ୍ଧନ ଏଥିରେ ଅନ୍ତରାୟ ସୃଷ୍ଟି କରିପାରିବ ନାହିଁ ।''

''ଆଉ ଗୋଟେ କଥା ମୁଁ କହିବାକୁ ଚାହେଁ ଯେ, 'ଏସିଆ' ଶବ୍ଦଟିର ମୂଳଉତ୍ସ ହେଉଛି ଭାରତୀୟ ଆର୍ଯ୍ୟଭାଷା, 'ଉଷା' - ଯାହାର ଅର୍ଥ ହେଉଛି ପ୍ରାତଃ ସୂର୍ଯ୍ୟର ଭୂମି

Digitized by srujanika@gmail.com

ବା ପୂର୍ବାଞ୍ଚଳ । ଭାଷା ଶବ୍ଦରୁ କାଳକ୍ରମେ ଏସିଆ ଶବ୍ଦର ଉତ୍ପତ୍ତି ଓ ବିକାଶ ଘଟିଛି । ଏହି ଏସିଆ ଶବ୍ଦର ମୂଳଉତ୍ସ ବା ବ୍ୟୁତ୍ପତ୍ତିକ୍ରମ ଚାଇନିଜ ଭାଷାରେ ଖୋଜିଲେ ମିଳେ ନାହିଁ । ଆମ ପୂର୍ବପୁରୁଷମାନେ ଅତ୍ୟନ୍ତ ଉଦାର ହୋଇ ଏ ସମଗ୍ର ଅଞ୍ଚଳକୁ ଏସିଆ ନାମରେ ନାମିତ କରିଥିଲେ ଓ ଚୀନକୁ ମଧ୍ୟ ଏହାର ଅନ୍ତର୍ଭୁକ୍ତ କରିଥିଲେ ।''

''ଚୀନର ଯୁକ୍ତି ହେଉଛି 'ମାଉଣ୍ଟ ଏଭରେଷ୍ଟ' ନାଁଟି ଏକ ଇଂରାଜୀ ଶବ୍ଦ । ଏଣୁ ଏହା ନେପାଳ କିମ୍ବା ଭାରତର ନୁହେଁ । କିନ୍ତୁ ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ନେପାଳୀମାନେ ଏହାକୁ 'ସାଗରମଥା' ନାମରେ କହିଥାନ୍ତି । ୧୮୫୬ ମସିହାରେ ଭାରତର ସର୍ଭେୟର ଜେନେରାଲ ସାର ଜର୍ଜ ଏଭରେଷ୍ଟ ଏହି ସର୍ବୋଚ୍ଚ ଶୃଙ୍ଗକୁ ଆବିଷ୍କାର କରିଥିବାରୁ ତାଙ୍କରି ନାମରେ ଏହାର ନାମ ପରବର୍ତ୍ତୀ କାଳରେ ଏଭରେଷ୍ଟ ବୋଲି ଜଣାଶୁଣା । ମାତ୍ର ଏହାର ବହୁପୂର୍ବରୁ ହଜାର ହଜାର ବର୍ଷ ଧରି ଭାରତୀୟ ସାହିତ୍ୟରେ ଯଥା ମହାଭାରତ, କୁମାରସମ୍ଭବ, ରଘୁବଂଶ ପ୍ରଭୃତିରେ ହିମାଳୟର ଭୂରି ଭୂରି ବର୍ଣ୍ଣନା ରହିଛି । ଏସବୁଥିରୁ ତିବ୍ବତ ଓ ଭାରତର ସମ୍ପର୍କ ସ୍ପଷ୍ଟ ସୂଚିତ ହୋଇଥାଏ ।''

''ଯଦି ଚୀନର କୌଣସି ଗବେଷକ ତାଙ୍କ ପ୍ରାଚୀନ ସାହିତ୍ୟରେ ହିମାଳୟର ଏପରି ଐଶ୍ୱର୍ଯ୍ୟମୟ ବର୍ଣ୍ଣନା ଦେଖେଇ ଦେଇପାରିବେ, ତେବେ ଆମେ ସମସ୍ତେ ତାଙ୍କ କଥାରେ ସହମତ ହେବୁ ଯେ ତିବ୍ବତ ଓ ହିମାଳୟ ଉପରେ ସେମାନଙ୍କର ଅଧିକାର ଭାରତ ଅପେକ୍ଷା ଅଧିକ । ସାଂସ୍କୃତିକ, ପାରମ୍ପରିକ ଓ ସାମାଜିକ ଦୃଷ୍ଟିକୋଣରୁ ବିଚାର କଲେ, ଭାରତ ସହିତ ତିବ୍ବତର ସମ୍ପର୍କ ଯେତିକି ଗଭୀର, ସେତିକି ପ୍ରାଚୀନ ।''

''ଶେଷରେ ମୁଁ ଏତିକି କହିବି, ଡକ୍ଟର ଲୋହିଆ ହେଉଛନ୍ତି ପ୍ରଥମ ଭାରତୀୟ ଯିଏ ୧୯୪୯ ମସିହାରେ ଲଣ୍ଡନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ତିବ୍ବତ ଉପରେ ଚୀନର ଏହି ଅନଧିକାର କର୍ତ୍ତୃତ୍ୱକୁ ସମାଲୋଚନା କରି ଏହାକୁ 'Baby Murder' ବୋଲି ଆଖ୍ୟାତ କରିଥିଲେ । ସେ ତିବ୍ବତବାସୀଙ୍କ ସ୍ୱାଧିକାର ସମ୍ପର୍କରେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ । ମୁଁ ସେହି ମହାନନେତା, ସଂଗ୍ରାମୀ ଓ କ୍ରାନ୍ତଦର୍ଶୀ ଲୋହିଆଙ୍କ ଭାଷାରେ ମୋ ବକ୍ତବ୍ୟ ଶେଷ କରୁଛି - "I hope that a strong and peaceful people of India will one day be able to persuade a strong and peaceful people of China to recognise the independence of Tibet.".

ଭାରତ ଚୀନ ଯୁଦ୍ଧ ପରେ ଡକ୍ଟର ଲୋହିଆ ନେହ୍ରୁଙ୍କୁ କଟୁ ସମାଲୋଚନା କରିଥିଲେ । ସେ ନେହ୍ରୁଙ୍କ ପ୍ରଧାନମନ୍ତ୍ରିତ୍ୱରେ ଚାଲୁଥିବା ସରକାରକୁ 'Government of National shame' (ଜାତୀୟ ଲଜ୍ଜାର ସରକାର) ବୋଲି ବର୍ଣ୍ଣନା କଲେ । ସେ କହିଲେ, ଦେଶ ଯେତେବେଳେ ଚୀନଦ୍ୱାରା ଯୁଦ୍ଧରେ ପରାଜିତ ହୋଇଛି, ସେତେବେଳେ

Digitized by srujanika@gmail.com

ଏ ସରକାରଙ୍କର କୌଣସି ନୈତିକ ଅଧିକାର ନାହିଁ ଦିଲ୍ଲୀ ସିଂହାସନରେ ବସି ଶାସନ କରିବା ପାଇଁ । ଜାତୀୟ ସ୍ୱାର୍ଥ ବିରୋଧୀ ନେହୁରୁ ସରକାର ବିରୋଧରେ ମିଳିତ ଭାବରେ ଲଢ଼େଇ କରିବା ପାଇଁ ସେ ସବୁ ବିରୋଧୀଦଳ ଲୋକଙ୍କୁ ଡାକରା ଦେଲେ । ଜାତିର ସୁରକ୍ଷା ଓ ରାଷ୍ଟ୍ରର ମର୍ଯ୍ୟାଦା ରକ୍ଷା ପାଇଁ ନେହୁରୁ ସରକାରଙ୍କ ଦୁର୍ବଳ ମନୋଭାବ ବାସ୍ତବରେ ନିନ୍ଦନୀୟ ବୋଲି ସେ ମତବ୍ୟକ୍ତ କଲେ । ସାରା ଭାରତରେ ତାଙ୍କ ଦଳ ଯଥାର୍ଥରେ କଂଗ୍ରେସ ଦଳର ପ୍ରତିସ୍ପର୍ଦ୍ଧୀ ପ୍ରତିପକ୍ଷ ଭାବରେ ଛିଡ଼ା ହେବାର ସାମର୍ଥ୍ୟ ନ ଥିଲା । ସୋସାଲିଷ୍ଟ ପାର୍ଟି ଖୁବ୍ ବଡ଼ ଦଳ ହୋଇ ନ ଥିଲେ ବି ଲୋହିଆଙ୍କ ମୁକ୍ତ ବିଚାର ଓ ମୌଳିକ ଦୃଷ୍ଟିଭଙ୍ଗୀ ଯୋଗୁଁ ତାଙ୍କର ପ୍ରତିଷ୍ଠା ଓ ଖ୍ୟାତି ବଢ଼ିଲା ।

ଡକ୍ଟର ଲୋହିଆ କହିଥିଲେ - 'ସବୁ ଭିନ୍ନ ଭିନ୍ନ ଜାତୀୟ ଦଳ ତାଙ୍କ ନିଜ ନିଜ ସ୍ଥିତି ଓ ନୀତି ବଜାୟ ରଖନ୍ତୁ । କିନ୍ତୁ ଦେଶର ବୃହତ୍ତର ସ୍ୱାର୍ଥ ଓ ଲୋକଙ୍କ କଲ୍ୟାଣ ପାଇଁ ନେହୁରୁ ସରକାରର ବିରୋଧ କରନ୍ତୁ ।' ତାଙ୍କ ଡାକରାରେ ସ୍ୱତନ୍ତ୍ର ପାର୍ଟି, ଜନସଂଘ ପାର୍ଟି, କମ୍ୟୁନିଷ୍ଟ ପାର୍ଟି ପ୍ରଭୃତି ଅଧିକାଂଶ ବିରୋଧୀଦଳ କଂଗ୍ରେସକୁ ହଟାଇବା ପାଇଁ ସଙ୍ଗଠିତ ହେଲେ ।

୧୯୬୩ ମସିହା । ସେତେବେଳେ ରବି ରାୟ ଜାତୀୟ ସ୍ତରରେ ସୋସାଲିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ ଥାନ୍ତି । ସେ ଲୋହିଆଙ୍କର କଥାର ଗୁରୁତ୍ୱ ମର୍ମେ ମର୍ମେ ଅନୁଭବ କଲେ । ଭାରତ ସାରା ବୁଲି, ସଭାସମିତି କରି ଏହି ମତକୁ ଲୋକଙ୍କ ପାଖରେ ଉପସ୍ଥାପନ କଲେ ।

ଡକ୍ଟର ଲୋହିଆ ରବି ରାୟଙ୍କୁ ଡାକି କହିଲେ - 'ରବି, ତୁମକୁ ଲୋକସଭା ନିର୍ବାଚନ ଲଢ଼ିବାକୁ ପଡ଼ିବ । ବିଧାନସଭା ନୁହଁ । କାହିଁକି ନା, ତମକୁ ବୋଧହୁଏ ଜଣାଥିବ ଜବାହରଲାଲ ନେହୁରୁଙ୍କ ବିରୋଧରେ ଏ ପର୍ଯ୍ୟନ୍ତ ଅବିଶ୍ୱାସ ପ୍ରସ୍ତାବ ଆସି ପାରି ନାହିଁ । ସମସ୍ତେ ଭାବୁଛନ୍ତି ନେହୁରୁ ଦେଶର ଏକମାତ୍ର ନେତା ଓ ସମସ୍ତଙ୍କର ଆଶା ଭରସା । କିନ୍ତୁ ଚୀନ ଆକ୍ରମଣ ଯୋଗୁଁ ଦେଶର କି ଭୟଙ୍କର କ୍ଷତି ଘଟିଲା ତୁମେ ତ ଦେଖିଲ । ଲୋକସଭାରେ ଅତି କମରେ ପଚାଶଜଣ ସାଂସଦ ନ ରହିଲେ, ନେହୁରୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇପାରିବ ନାହିଁ । ଦେଶକୁ ବଞ୍ଚାଇବାକୁ ହେଲେ ଅନ୍ତତଃ ପଚାଶଜଣ ସଭ୍ୟ ସୋସାଲିଷ୍ଟ ପାର୍ଟିରୁ ଲୋକସଭାକୁ ନିର୍ବାଚିତ ହୋଇ ଆସିବା ଦରକାର ।'

ରବି ରାୟ ଡକ୍ଟର ଲୋହିଆଙ୍କ ଏ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ । ତାଙ୍କୁ ନାହିଁ କରିବାର ପ୍ରଶ୍ନ ଉଠୁ ନ ଥିଲା । କାରଣ ଲୋହିଆଙ୍କ କଥା ରବି ରାୟଙ୍କ ପାଇଁ ଥିଲା ବେଦର ଗାର ।

Digitized by srujanika@gmail.com

ଏ ପର୍ଯ୍ୟନ୍ତ ଲୋହିଆ ଏହି ଦିଗଟି କଥା ଚିନ୍ତା କରି ନ ଥିଲେ । ସ୍ୱାଧୀନତା ହାସଲ ପରେ ଜାତୀୟ କଂଗ୍ରେସ ପ୍ରତି ଲୋକଙ୍କର ଅତୁଟ ଶ୍ରଦ୍ଧା ଓ ସମ୍ମାନ ଥିବାରୁ ପାର୍ଲିଆମେଣ୍ଟରେ ଅନେକ ଥିଲେ ନେହୁରୁଙ୍କର ଅନୁଗତ । ତାଙ୍କର ଏହି ଜାତୀୟ ସ୍ୱାର୍ଥବିରୋଧୀ ନୀତି ବିରୋଧରେ କେହି ସ୍ୱର ଉତ୍ତୋଳନ କରିବାକୁ ସାହସ କରୁ ନ ଥିଲେ । ତେଣୁ ଡକ୍ଟର ଲୋହିଆ ଦେଶର ସ୍ୱାର୍ଥରକ୍ଷା ପାଇଁ ପାର୍ଲିଆମେଣ୍ଟକୁ ବିରୋଧୀ ଦଳରୁ ବହୁସଭ୍ୟ ନିର୍ବାଚିତ ହୁଅନ୍ତୁ ବୋଲି ଚାହିଁଲେ । ଓଡ଼ିଶାରୁ ରବି ରାୟଙ୍କ ପରି ନିଃସ୍ୱାର୍ଥପର, କର୍ମଠ, ନିଷ୍ପାପର ରାଜନୀତିଜ୍ଞ ଲୋକସଭାକୁ ନିର୍ବାଚିତ ହୁଅନ୍ତୁ ବୋଲି ତାଙ୍କର ଆନ୍ତରିକ ଇଚ୍ଛା ଥିଲା ।

ଏହା ପୂର୍ବରୁ ୧୯୫୨ ମସିହାରେ ସୁରେନ୍ଦ୍ର ଦ୍ୱିବେଦୀ ରବି ରାୟଙ୍କୁ ଡାକି କହିଥିଲେ - "ରବି, ତୁମେ ଓ ଗୋବିନ୍ଦ (ବାରିଷ୍ଟର ଗୋବିନ୍ଦ ଦାସ) ଏଥର ନିର୍ବାଚନରେ ବିଧାନସଭା ପାଇଁ ଲଢ଼େଇ କର । ତୁମେ ସୋସାଲିଷ୍ଟ ଦଳ ତରଫରୁ ଠିଆ ହେବା ଉଚିତ ବୋଲି ମୁଁ ଭାବୁଛି ।" ଯୁବକ ରବି ରାୟଙ୍କ ଭିତରେ ନିର୍ବାଚନରେ ଲଢ଼େଇ କରିବା କିମ୍ବା କ୍ଷମତା ଉପଭୋଗ କରିବା ଅଭିଳାଷ ନ ଥିଲା । ଯୁବକର୍ମୀମାନେ ଭାବୁଥିଲେ ଗାନ୍ଧିଜୀଙ୍କ ଆଦର୍ଶ ଅନୁଯାୟୀ ପ୍ରକୃତ ରାଜନୀତି ହେଉଛି - ଜେଲ ଓ ଫାଉଡ଼ା । ଅର୍ଥାତ୍ - ଦେଶପାଇଁ କିଛି ରଚନାତ୍ମକ କାମ କରିବା ଓ ଅନ୍ୟାୟର ବିରୋଧ କରି ଦରକାର ହେଲେ କାରାବରଣ କରିବା । ଭୋଟରେ ଲଢ଼େଇ କରି କ୍ଷମତାର ସିଂହାସନ ଆରୋହଣ କରିବା ପାଇଁ ଏହି ଆଦର୍ଶବାଦୀ ଉତ୍ସାହୀ ଯୁବକମାନେ ସେତେବେଳେ ଆଦୌ ପ୍ରଲୋଭିତ ହେଉ ନ ଥିଲେ । ଭୋଟକୁ ସେମାନେ ରାଜନୀତିକ କ୍ରିୟାକଳାପର ସବୁଠୁ ଗୌଣ ଲକ୍ଷ୍ୟ ବୋଲି ବିଚାର କରୁଥିଲେ ।

କାକତାଳିକ ନ୍ୟାୟରେ ଠିକ୍ ସେତିକିବେଳେ ଉତ୍ତରପ୍ରଦେଶର ଫରୁଖାବାଦ ଓ ଅମରୋହୀ, ଗୁଜୁରାଟର ବନ୍‌ସକାଣ୍ଠା ଲୋକସଭା ନିର୍ବାଚନ ମଣ୍ଡଳୀର ଉପ-ନିର୍ବାଚନ ହେଲା । ଲୋହିଆ ଫରୁଖାବାଦରୁ ସୋସାଲିଷ୍ଟ ପାର୍ଟି ତରଫରୁ, ଆଚାର୍ଯ୍ୟ କୃପାଳିନୀ ଅମରୋହୀରୁ ସ୍ୱାଧୀନପ୍ରାର୍ଥୀ ଭାବରେ ଓ ବନ୍‌ସକାଣ୍ଠାରୁ ମୀନୁ ମାସାନୀ ସ୍ୱତନ୍ତ୍ର ଦଳର ପ୍ରାର୍ଥୀ ଭାବରେ ଲୋକସଭା ଉପନିର୍ବାଚନରେ କଂଗ୍ରେସ ବିରୋଧରେ ଲଢ଼େଇ କଲେ । ଏହି ତିନିଜଣଯାକ ନେତା କଂଗ୍ରେସକୁ ବିପୁଳ ଭୋଟରେ ପରାଜିତ କରି ଲୋକସଭାକୁ ନିର୍ବାଚିତ ହୋଇ ଆସିଲେ ।

୧୯୫୬-୫୭ ମସିହା ବେଳକୁ ସୋସାଲିଷ୍ଟ ପାର୍ଟିକୁ ଲୋକମୁଖୀ କରିବାପାଇଁ ରବି ରାୟ ଓ ଡକ୍ଟର ଲୋହିଆ ସାରା ଓଡ଼ିଶା ଭ୍ରମଣ କରୁଥିଲେ । ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ବିଷୟରେ ଅବଗତ ହେବା ସଙ୍ଗେ ସଙ୍ଗେ ଦଳୀୟ ସଂଗଠନକୁ ମଜବୁତ କରୁଥାନ୍ତି । ଓଡ଼ିଶାର କେଉଁ ଦୂରଦୂରାନ୍ତ ଗାଁଗଣ୍ଡାକୁ ମଧ୍ୟ ଲୋହିଆଙ୍କୁ ସାଂଗରେ

Digitized by srujanika@gmail.com

ନେଇ ରବି ରାୟ ଯାଉଥାନ୍ତି । ସେମାନେ ଅତି ସାଧାରଣ ଲୋକଙ୍କ ଘରେ ରହି, ସେମାନଙ୍କ ସହିତ ମିଶି, ତାଙ୍କ ସୁଖଦୁଃଖ ବୁଝୁଥାନ୍ତି ।

ଲୋହିଆ ଥିଲେ ତୀକ୍ଷ୍ଣ ବୁଦ୍ଧିସଂପନ୍ନ ବ୍ୟକ୍ତି । ଯେକୌଣସି ଘଟଣାର ଅତି ଗଭୀରକୁ ଯାଇ ସେ ବିଚାର କରିଥାନ୍ତି । ସମାଜବାଦୀ ଆନ୍ଦୋଳନକୁ କିପରି ସମାଜର ଅତି ତଳସ୍ତରରୁ ଆଣି ଭାରତର ପ୍ରାଣକେନ୍ଦ୍ର ତଥା ଶାସନକେନ୍ଦ୍ର ଦିଲ୍ଲୀ ଦରବାରରେ ପହଞ୍ଚାଇବାକୁ ହେବ, ସେ ଦିଗରେ ନିଷ୍ଠାପର ଭାବରେ ଚିନ୍ତା କରୁଥାନ୍ତି । ଏତିକିବେଳେ ଗୁରୁଶିଷ୍ୟ ଦୁହେଁ ବସରେ ବସି ସାରା ଓଡ଼ିଶା ଭ୍ରମଣ କରୁଥାନ୍ତି । ଭାରତବର୍ଷରେ ଘରେ ଘରେ ସମାଜବାଦୀ ପରିକଳ୍ପନାକୁ ନେଇ ପହଞ୍ଚେଇବାର ସଂକଳ୍ପ ନେଇଥାନ୍ତି ଲୋହିଆ । ଆଉ ଏସବୁ ପ୍ରକ୍ରିୟାରେ ରବି ରାୟ ଥା'ନ୍ତି ତାଙ୍କର ଜଣେ ଅନ୍ତରଙ୍ଗ ସହଯୋଗୀ ।

ଥରେ ଡକ୍ଟର ଲୋହିଆ ଓ ରବି ରାୟ ବସରେ ଯାଇ ତିର୍ତ୍ତୋଲରେ ପହଞ୍ଚିଲେ । ସେତେବେଳକୁ ତିର୍ତ୍ତୋଲରେ କୌଣସି ସରକାରୀ କିମ୍ବା ବେସରକାରୀ ଡାକବଙ୍ଗଳା କି ହୋଟେଲ ନ ଥିଲା । ଏଣୁ ଦୁହେଁ ଯାଇ ଗୋଟିଏ ସ୍କୁଲ ଘରେ ପାଲପକାଇ ରହିଲେ । ସେଠି ପାଇଖାନା ନ ଥାଏ । ଦୁହେଁ ପଡ଼ିଆକୁ ଝାଡ଼ା ଯାଆନ୍ତି । ଲୋହିଆ କେନାଲ ପାଖକୁ ଝାଡ଼ା ଗଲେ । ଏ କେନାଲଟି ଶୁଖିଯାଇଥାଏ । ଯେଉଁ ଅଳ୍ପ କିଛି ପାଣି ଥାଏ ତାହା କାଦୁଅ ପଙ୍କ ମିଶା ଥାଏ । ଦଳେ ପିଲା ସେଇ ପାଣିରେ ପଶି ମାଛ ଧରୁଥାନ୍ତି । କହିବାକୁ ଗଲେ କାଦୁଅ ହିଁ ଚକଟୁଥାନ୍ତି । ଲୋହିଆ ଝାଡ଼ା ଫେରି ସାରି ତାଙ୍କ ପାଖକୁ ଯାଇ ପଚାରିଲେ - 'ଆଜି କେତେ ମାଛ ମାରିଲ ?' ପିଲାମାନେ ମାଛ ରଖିଥିବା ଖାଳେଇ ଦେଖେଇଲେ । ସେମାନେ କେତେବେଳୁ ମାଛ ଧରୁଛନ୍ତି, କେତେ ପିଲା ଅଛନ୍ତି ଇତ୍ୟାଦି ସବୁକଥା ଟିକିନିଖି ବୁଝିଲେ । ସବୁକଥା ଆସି ରବି ରାୟଙ୍କୁ କହିଲେ । ମାତ୍ର ଆଶ୍ଚର୍ଯ୍ୟର କଥା ଲୋହିଆ ଏଇ ଘଟଣାଟିକୁ ବିଚାରକୁ ନେଇ ଭାରତର ତଳସ୍ତରର ଲୋକମାନଙ୍କର ଅର୍ଥନୀତି ସମ୍ପର୍କରେ ଅବଧାରଣା କଲେ । ସାଧାରଣ ପରିବାରର ପିଲାମାନେ ଆର୍ଥନୀତିକ ଦୁର୍ଗତିର ସମ୍ମୁଖୀନ ହୋଇ କିପରି ଶିକ୍ଷାଲାଭରୁ ବଞ୍ଚିତ, ସେ ସମ୍ପର୍କରେ ମଧ୍ୟ ଚିନ୍ତା କଲେ । ଏ ଘଟଣା ତାଙ୍କର ବହୁଦିନ ପର୍ଯ୍ୟନ୍ତ ସ୍ମରଣରେ ଥିଲା ।

ଡକ୍ଟର ଲୋହିଆ ପାର୍ଲିଆମେଣ୍ଟକୁ ନିର୍ବାଚିତ ହୋଇ ଯିବା ପରେ ତିର୍ତ୍ତୋଲର ଏହି ମାଛଧରା ପ୍ରସଙ୍ଗକୁ ଉଲ୍ଲେଖ କରି କହିଲେ - 'ସରକାର ଯେଉଁ ସବୁ ଯୋଜନା କରୁଛନ୍ତି, ତାହା ସମାଜର ଅତି ସାଧାରଣ ସ୍ତରରେ ଆଦୌ ପହଞ୍ଚୁପାରୁ ନାହିଁ । ଦିନକୁ ମାତ୍ର ତିନି ଅଣାରେ ଲୋକେ ବଞ୍ଚୁଛନ୍ତି । ଲୋକଙ୍କ ଯେଉଁ ଦାରିଦ୍ର୍ୟ କଥା କୁହାଯାଉଛି, ତାର ସ୍ୱରୂପ କେହି ଜାଣନ୍ତିନି । ବାସ୍ତବରେ ଏହି ଆୟ ହେଉଛି ତିନିଅଣା ।' ଡକ୍ଟର ଲୋହିଆ ପାର୍ଲିଆମେଣ୍ଟକୁ ନିର୍ବାଚିତ ହୋଇଯିବା ପରେ ଦେଶର ଦରିଦ୍ରତମ ଲୋକଙ୍କର ଆର୍ଥିକ

Digitized by srujanika@gmail.com

ଅବସ୍ଥା ଉପରେ ଯେଉଁ ବିତର୍କ (ତିନିଅଣା ବନାମ ପନ୍ଦରଅଣା) ହୋଇଥିଲା ସେଥିରେ ସେ ତିର୍ଖୋଲର ମାଛଧରା ପ୍ରସଙ୍ଗକୁ ଉଲ୍ଲେଖ କରି କହିଲେ - 'ସରକାର ଯେଉଁସବୁ ଯୋଜନା କରିଛନ୍ତି ତାହା ସମାଜର ଅତି ସାଧାରଣ ଲୋକଙ୍କ ସ୍ତରରେ ଆଦୌ ପହଞ୍ଚି ପାରୁ ନାହିଁ । ଦିନକୁ ମାତ୍ର ତିନିଅଣାରେ ଲୋକେ ବଞ୍ଚୁଛନ୍ତି । ଲୋକଙ୍କ ଯେଉଁ ଦାରିଦ୍ର୍ୟ କଥା କୁହାଯାଉଛି, ତା'ର ସ୍ୱରୂପ କେହି ଜାଣନ୍ତିନି । ବାସ୍ତବରେ ଏହି ଆୟ ହେଉଛି ତିନିଅଣା । ତିର୍ଖୋଲର ଏହି ଘଟଣା ଦେଖିବା ପରେ ମୋ ଭଳି ଲୋକ କାହିଁକି ବଞ୍ଚିରହିବ ?

ସେତେବେଳେ ଗୁଲଜାରିଲାଲ ନନ୍ଦା ଥା'ନ୍ତି ଯୋଜନା ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହୁରୁ । ପ୍ରଧାନମନ୍ତ୍ରୀ ଏହାର ଉତ୍ତର ଦେଇ କହିଲେ - ''ନା, ସେଇଟା ତିନିଅଣା ନୁହେଁ, ପନ୍ଦରଅଣା ।''

ଡକ୍ଟର ଲୋହିଆ ଏହାର ପ୍ରତ୍ୟୁତ୍ତରରେ ତିର୍ଖୋଲର ସେଇ ମାଛଧରୁଥିବା ପିଲାମାନଙ୍କର ସଂଖ୍ୟା, ସମୟ ଓ ଧରିଥିବା ମାଛ ଓ ତାର ଦାମ୍ କଥା ଉଲ୍ଲେଖକରି କହିଲେ - ''ପ୍ରଧାନମନ୍ତ୍ରୀ ନେହୁରୁଜୀ ! ଆପଣ ପସ୍ତେଇବେ । ଆପଣଙ୍କୁ ଏହି ତଥ୍ୟ ଯେଉଁମାନେ ଦେଉଛନ୍ତି, ସେସବୁ ଭୁଲ ତଥ୍ୟ । ଆପଣ ସରକାରୀ ତଥ୍ୟଗୁଡ଼ିକର ସତ୍ୟାସତ୍ୟ ଯାଞ୍ଚ କରିବାର ବ୍ୟବସ୍ଥା କରନ୍ତୁ । ନଚେତ୍ କୌଣସି ଯୋଜନା ଯଥାର୍ଥରେ ଲୋକଙ୍କ ପାଖରେ ପହଞ୍ଚିପାରିବ ନାହିଁ । ଏସବୁ ବାଟମାରଣା ହୋଇଯିବ । ଯୋଜନା ଫଳପ୍ରସୂ ହୋଇପାରିବ ନାହିଁ ।''

ଲୋହିଆଙ୍କ ଉକ୍ତ ବକ୍ତୃତାକୁ ବିଚାର କଲେ ତାଙ୍କର ସେ ଦୂରଦୃଷ୍ଟି କିପରି ଆଜି ଅକ୍ଷରେ ଅକ୍ଷରେ ସତ୍ୟ ହୋଇଛି, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଲୋକସଭାରେ ତାଙ୍କର ଏଇ ଭାଷଣ ତାଙ୍କୁ ସବୁ ମହଲରେ ପରିଚିତ କରିଦେଲା । ସେ ପ୍ରସିଦ୍ଧ ହୋଇଗଲେ । ସେତେବେଳେ ପାର୍ଲିଆମେଣ୍ଟରେ ନେହୁରୁଙ୍କର ଅଖଣ୍ଡ ପ୍ରତିପତ୍ତି ଓ ପ୍ରଭାବ । ଏପରିକି ବିରୋଧୀଦଳର ସଭ୍ୟମାନେ ମଧ୍ୟ ନେହୁରୁଙ୍କୁ ଭୟ ଓ ସମ୍ମାନ କରୁଥିଲେ । ତାଙ୍କ ସହିତ ପାର୍ଲିଆମେଣ୍ଟରେ ଯୁକ୍ତିତର୍କ କରି ନିଜ ମତକୁ ସାବ୍ୟସ୍ତ କରିବା ପାଇଁ କେହି ସାହସ କରିପାରୁ ନ ଥିଲେ । ଲୋହିଆଙ୍କର ପ୍ରଧାନମନ୍ତ୍ରୀଙ୍କ ସହିତ ଏ ପ୍ରକାର ବାକ୍ୟ ବିନିମୟ ଓ ନିଜର ମତାମତକୁ ଦୃଢ଼ ଭାବରେ ଉପସ୍ଥାପନ କରିବା ଘଟଣା ସମସ୍ତଙ୍କୁ ଚମତ୍କୃତ କରିଥିଲା । ବିରୋଧୀଦଳର ସଭ୍ୟମାନେ ତ ଲୋହିଆଙ୍କର ଏ ସାହସକୁ ଦେଖି ଅଭିଭୂତ ହୋଇଥିଲେ ।

ଲୋହିଆଙ୍କ ଚିନ୍ତାଧାରାକୁ ସମର୍ଥନ କରି ରବି ରାୟ କୁହନ୍ତି - ''ନେହୁରୁଙ୍କ ସମ୍ପର୍କରେ ଇତିହାସରେ ବହୁ ସ୍ତୁତିଗାନ କରାଯାଇଛି । ଏହା ତାଙ୍କର ସ୍ତାବକମାନଙ୍କର.ଗୁଣ କୀର୍ତ୍ତନ ।

Digitized by srujanika@gmail.com

ପୁଣି ନେହୁରୁଙ୍କଦ୍ୱାରା ଅନୁଗୃହୀତ ବହୁ ବ୍ୟକ୍ତି ଇତିହାସକୁ ନାନା ଭାବରେ ବିଭ୍ରାନ୍ତ କରିଛନ୍ତି । ବାସ୍ତବରେ ନେହୁରୁଙ୍କ ପ୍ରଚଣ୍ଡ ବ୍ୟକ୍ତିତ୍ୱ ଓ ପ୍ରତିଭା ସତ୍ତ୍ୱେ ତାଙ୍କର ଅସମ୍ଭବ ପ୍ରକାର କ୍ଷମତା ଲିପ୍‌ସା ଭାରତୀୟ ରାଜନୀତି, ଶାସନବ୍ୟବସ୍ଥା, ଦେଶର ବୃହତ୍ତର ଓ ମହତ୍ତର ସ୍ୱାର୍ଥକୁ ବହୁ ଭାବରେ ବିଡ଼ମ୍ବିତ କରିଛି । ଏହା ମୁକ୍ତ କଣ୍ଠରେ ମୁଁ ସ୍ୱୀକାର କରିପାରେ । ଦେଶ ବିଭାଜନ କ୍ଷେତ୍ରରେ ଲର୍ଡ଼ ମାଉଣ୍ଟବେଟେନଙ୍କର କୂଟନୀତିର ଶରବ୍ୟ ହେଲା ଅଖଣ୍ଡ ଭାରତ । ଏଥିପାଇଁ ତଳେଇକରି ଦେଖିଲେ ନେହୁରୁଙ୍କୁ ଇତିହାସ ହୁଏତ କ୍ଷମା କରି ନ ପାରେ ।''

ସ୍ୱାଧୀନତା ପରେ ଦେଶର ପ୍ରଗତି ଯେପରି ହେବା କଥା ତାହା ହୋଇପାରି ନାହିଁ ବୋଲି ରବି ରାୟ କ୍ଷୋଭ ପ୍ରକାଶ କରନ୍ତି । ଏ ବାବଦରେ ଲୋହିଆଙ୍କ ଚିନ୍ତାଧାରା ସହିତ ତାଙ୍କ ଚିନ୍ତାଧାରାର ସାମ୍ୟ ରହିଥିଲା । ଦ୍ୱିତୀୟ ମହାଯୁଦ୍ଧ ପରେ ଧ୍ୱଂସସ୍ତୂପ ଭିତରୁ ଜାପାନ ନୂଆ ରୂପରେ ଆତ୍ମପ୍ରକାଶ କଲା । ସେହିପରି ମାତ୍ର ଦୁଇଶ ତିନିଶ ବର୍ଷ ଭିତରେ ଆମେରିକାର ସର୍ବାଙ୍ଗୀଣ ପ୍ରଗତି ଆଜି ତାକୁ ବିଶ୍ୱର ଅଦ୍ୱିତୀୟ ଶକ୍ତିରେ ପରିଣତ କରିପାରିଛି । ଏସବୁର ପଛରେ ରହିଛି ସେମାନଙ୍କର ପ୍ରଗାଢ଼ ଦେଶପ୍ରୀତି ଓ ଦେଶକୁ ଗଢ଼ିବା ପାଇଁ ଦୃଢ଼ ସଙ୍କଳ୍ପ । ମାତ୍ର ସ୍ୱାଧୀନତାର ପଚାଶବର୍ଷ ପରେ ବି ଭାରତର ଦୁର୍ଗତି ଯାଇ ନାହିଁ । ଜାତୀୟ ଚରିତ୍ରର ସ୍ଖଳନ - ଆଜି ସ୍ୱାଧୀନ ଭାରତର ସ୍ୱପ୍ନଭଙ୍ଗର କାରଣ ହୋଇଛି । ଅର୍ଥବଳ ଓ ବାହୁବଳ ଆଜି ରାଜନୀତିର ଗତି ପ୍ରକୃତିର ନିୟାମକ ହୋଇଛି । ଏସବୁ ବିଚାର-ବିମର୍ଶ କଲାବେଳେ ସେ ଲୋହିଆଙ୍କ ଭବିଷ୍ୟଦ୍‌ବାଣୀକୁହିଁ ସ୍ମରଣ କରିଥାନ୍ତି ।

ଲୋହିଆଙ୍କ ବିଚାରରେ ଭାରତ ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଯେପରି ଭାବରେ ଇଂରେଜମାନଙ୍କର କୂଟଚକ୍ରାନ୍ତର ଶିକାର ହେଲା ଓ ପ୍ରତାରିତ ହେଲା, ତାହା କେବଳ ନେହୁରୁଙ୍କ ସ୍ୱାର୍ଥ ପ୍ରଣୋଦିତ ଉଚ୍ଚାକାଙ୍‌କ୍ଷା ଯୋଗୁଁ । ଯେଉଁଥିପାଇଁ ସ୍ୱାଧୀନତା ପରଠାରୁ ପାକିସ୍ଥାନ ଓ ଭାରତ ଭିତରେ ଅଯଥା ଘୋର ବିଦ୍ୱେଷ ଭାବ ଓ ଶତ୍ରୁତା ଦେଖାଦେଇ ଆସିଛି । କାଶ୍ମୀର ସମସ୍ୟା ଏକ ଅମୀମାଂସିତ ସମସ୍ୟାରୂପେ ଉଗ୍ରବାଦ ଓ ହିଂସାରକ୍ତପାତକୁ ପ୍ରୋତ୍ସାହିତ କରୁଛି । ଏ ସଂକ୍ରାନ୍ତରେ ସେ ଗଭୀର ଭାବରେ ଚିନ୍ତା କରୁଥିଲେ । ତାଙ୍କ ମନ ଭିତରେ ଗୋଟେ ମହତ କଳ୍ପନା ଉଙ୍କି ମାରିଲା । ଯଦି ସେଦିନ ସେ ସ୍ୱପ୍ନ ତାଙ୍କର ସାକାର ହୋଇଥାନ୍ତା, ତେବେ ଭାରତବର୍ଷର ଇତିହାସ ପୁଣି ବଦଳି ଯାଇଥାନ୍ତା । ତାଙ୍କ ମତ ଥିଲା -

- ''ହିନ୍ଦୁସ୍ଥାନ ଓ ପାକିସ୍ଥାନ ଭିତରେ ଗୋଟିଏ ମହାସଂଘ ଗଢ଼ାଯାଉ । ଏହି ମହାସଂଘ ଗଢ଼ାହେଲେ ଉଭୟ ଦେଶର ବହୁ ସମସ୍ୟାର ସମାଧାନ ସହଜରେ ହୋଇପାରିବ । ଏଥିପାଇଁ ଉଭୟ ଦେଶ ପରସ୍ପରର ଦେଣନେଣ ବ୍ୟବସ୍ଥାରେ ଟିକିଏ ଉଦାରତା ଦେଖାଇବା

Digitized by srujanika@gmail.com

ଦରକାର । ମହାସଂଘର ରୂପରେଖ ଏପରି ହେବା ଉଚିତ ଯେ ପାକିସ୍ଥାନର ଲୋକେ ଯଦି ଅଧ୍ୟକ୍ଷ ପଦରେ ରହନ୍ତି, ତେବେ ହିନ୍ଦୁସ୍ଥାନୀଙ୍କୁ ପ୍ରଧାନମନ୍ତ୍ରୀପଦ ସ୍ୱୀକାର କରିନେବା ଉଚିତ କିମ୍ବା ହିନ୍ଦୁସ୍ଥାନୀ ଅଧ୍ୟକ୍ଷ ହେଲେ ପାକିସ୍ଥାନୀ ପ୍ରଧାନମନ୍ତ୍ରୀ ହେବା ଉଚିତ । ଏଥିପାଇଁ ଦୁଇଦେଶର ଜନତାଙ୍କ ମନ ଭିତରେ ପରିବର୍ତ୍ତନ ଓ ସଦିଚ୍ଛା ସୃଷ୍ଟି କରିବାକୁ ହେବ । ଆଜିକାଲି ହିନ୍ଦୁସ୍ଥାନ ପାକିସ୍ଥାନ ଭିତରେ ଚାଲିଥିବା କଥାବାର୍ତ୍ତା ଆମେରିକା ଓ ଇଂରେଜଙ୍କ ଚାପରେ ହିଁ ଚାଲିଛି । ଆପଣା ଭାଇ ସାଙ୍ଗେ କଥାବାର୍ତ୍ତା କ'ଣ ଅନ୍ୟର ନିର୍ଦ୍ଦେଶରେ କରାଯାଏ ?'' ଲୋହିଆଙ୍କ ବିଶ୍ୱାସ ଥିଲା ପ୍ରୟୋଗାତ୍ମକ ଭାବରେ ଏହି ମହାସଂଘ ଗଢ଼ାଗଲେ ଭାରତ ଓ ପାକିସ୍ଥାନ ପୁଣି ଦିନେ ଅଖଣ୍ଡ ଭାରତ ରୂପରେ ଏକ ହୋଇଯିବ ଓ ଦେଶର ବହୁ ଅର୍ଥନୈତିକ ଓ ରାଜନୀତିକ ପରିସ୍ଥିତି ସୁଧୁରିଯିବ ।

ଆଜି ଭାରତ ପାକିସ୍ଥାନ ନୀତି ଓ ଆଭ୍ୟନ୍ତରୀଣ ଅବସ୍ଥାକୁ ଲକ୍ଷ୍ୟକଲେ ଲୋହିଆଙ୍କର ଏହି ଚିନ୍ତାଧାରାର ଆବଶ୍ୟକତା ଉପଲବ୍ଧ ହୋଇଥାଏ । ରବି ରାୟ ଆଜି ମଧ୍ୟ ଏହି ମତରେ ବିଶ୍ୱାସ କରନ୍ତି । ଦେଶର ବୃହତ୍ତର ସ୍ୱାର୍ଥକୁ ଆହୁତି ଦେଉଥିବା ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ସମ୍ପର୍କରେ ତାଙ୍କର ମନ୍ତବ୍ୟ ସେହିପରି ଶାଣିତ । ସେ କହନ୍ତି - ''ଭାରତ ପାକିସ୍ଥାନର ସମ୍ପର୍କ ଦିନକୁ ଦିନ ଏପରି ତିକ୍ତ ହେବାରେ ଲାଗିଛି, ଯଦ୍ୱାରା ଉଭୟ ଦେଶ କେବଳ ନିଜର ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି କରିବାରେ ଲାଗିଛନ୍ତି । ସାଧାରଣ ଲୋକଙ୍କ ଅବସ୍ଥା ଦିନକୁ ଦିନ ଅଧିକ ବିପନ୍ନ ହେବାରେ ଲାଗିଛି । ଦେଶ ଋଣଯନ୍ତାରେ ପଡ଼ି ଛଟପଟ ହେଉଛି । ଦେଶ ଉପରେ ବିଦେଶୀଶକ୍ତିର ଚାପ ମଧ୍ୟ ବଢ଼ିବାରେ ଲାଗିଛି । ଏ ଦେଶରେ ବହୁ ବିଦେଶୀ କମ୍ପାନୀମାନଙ୍କର ପ୍ରବେଶକୁ ଓ ବାଣିଜ୍ୟ କାରବାରକୁ ରୋକା ନ ଗଲେ ପୁଣି ଥରେ ଦେଶର ସ୍ୱାଧୀନତା ବିପନ୍ନ ହେଇପାରେ ବୋଲି, ଆଶଙ୍କା କରିବାର ଯଥେଷ୍ଟ କାରଣ ରହିଛି ।''

ଲୋହିଆଙ୍କ ସହମତିରେ ଆଚାର୍ଯ୍ୟ କୃପାଳିନୀ ନେହରୁ ସରକାର ଉପରେ ଏକ ଧାଡ଼ିକିଆ ଅବିଶ୍ୱାସ ପ୍ରସ୍ତାବ ଆଗତ କଲେ । 'ଏ ଗୃହ ନେହରୁଙ୍କ ପରିଚାଳିତ କେନ୍ଦ୍ର ସରକାର ଉପରେ ଅବିଶ୍ୱାସ ପ୍ରକଟ କରୁଛି' । ଏହି ଅବିଶ୍ୱାସ ପ୍ରସ୍ତାବରେ ସମସ୍ତ ବିରୋଧୀଦଳବାଲା ଦସ୍ତଖତ କଲେ । ଡକ୍ଟର ଲୋହିଆ ପାର୍ଲିଆମେଣ୍ଟରେ ଅବିଶ୍ୱାସ ପ୍ରସ୍ତାବ ସପକ୍ଷରେ ଭାଷଣ ଦେଲେ । ସେ ଓଜସ୍ୱିନୀ ଭାଷଣ ସ୍ୱାର୍ଥାନ୍ୱେଷୀ, କ୍ଷମତାଲିପ୍ସୁ ନେହରୁ ସରକାରର ମୁଖା ଖୋଲିଦେଲା । ଏପରି ଏକ ଅବିଶ୍ୱାସ ପ୍ରସ୍ତାବ ସପକ୍ଷରେ ଯେ ବିରୋଧୀଦଳର ଆବଶ୍ୟକୀୟ ପରିମାଣର ଭୋଟ ନାହିଁ, ଏକଥା ସମସ୍ତେ ଜାଣିଥିଲେ । ଶାସକଦଳ ନିଶ୍ଚିତଭାବରେ ଆସ୍ଥା ଭୋଟରେ ଜୟଯୁକ୍ତ ହେବ, ଏକଥା ଜାଣିବା ସତ୍ତ୍ୱେ ଅବିଶ୍ୱାସ ପ୍ରସ୍ତାବ ଆଗତ କରିବାର ରାଜନୀତିକ ଗୁରୁତ୍ୱ ଥିଲା । ତାହା ହେଉଛି, ପୃଥିବୀର ସବୁଠୁ ବଡ଼ ପାର୍ଲିଆମେଣ୍ଟରେ ଦୀର୍ଘ ସତର ବର୍ଷ ପରେ ରାଜନୀତିକ

Digitized by srujanika@gmail.com

ନିଷ୍କ୍ରିୟତାକୁ ଭାଙ୍ଗି କ୍ରାନ୍ତିର ସ୍ୱର ଉତ୍ତୋଳନ କରିବା । ଏହି ପ୍ରତିବାଦର ସ୍ୱର ଶାସକଦଳକୁ ନିଶ୍ଚିତ ଭାବରେ କିଛିଟା ଦୋହଲେଇ ଦେଇଥିଲା ।

ଡକ୍ଟର ଲୋହିଆ ୧୯୬୪ ମସିହା ମାର୍ଚ୍ଚ ୧୩ ତାରିଖ ଦିନ ଦିଲ୍ଲୀରେ 'ଜନବାଣୀ ଦିବସ' ପାଳନ କରିବା ପାଇଁ ସାରା ଦେଶବାସୀଙ୍କୁ ଆହ୍ୱାନ ଦେଲେ । ସାରା ଦେଶରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ଆସି ଦିଲ୍ଲୀରେ ପହଞ୍ଚିଲେ । ଲୋହିଆଙ୍କ ପ୍ରେରଣା ଓ ନେତୃତ୍ୱରେ ଏହି ଶୋଭାଯାତ୍ରା ବାହାରିଥିଲା । ଏହି ଶୋଭାଯାତ୍ରାରେ ଓଡ଼ିଶାରୁ ରବି ରାୟଙ୍କ ନେତୃତ୍ୱରେ ବହୁ ସମାଜବାଦୀ ନେତା ଓ କର୍ମୀ ଯୋଗ ଦେଇଥିଲେ । ଶୋଭାଯାତ୍ରାରେ କଣ୍ଠ ଫଟେଇ ଅନ୍ୟମାନଙ୍କ ସାଙ୍ଗରେ ରବି ରାୟ ମଧ୍ୟ କହୁଥିଲେ, 'ଗୁଞ୍ଜେ ଧରତୀ ନଭ୍ ପାତାଲ - ଗଦୀ ଛୋଡ଼ୋ ଜୱାହରଲାଲ...' ଇତ୍ୟାଦି । ଲୋକଶକ୍ତିର ଜାଗରଣ ପାଇଁ ସବୁ ପାର୍ଟିର ଲୋକଙ୍କୁ ଓ ଶ୍ରମିକମାନଙ୍କୁ ଡାକି ଭାରତବନ୍ଦ ଡାକରା ଦିଆଗଲା । ଏଥିପାଇଁ ଲୋହିଆ ଦେଶସାରା ଗସ୍ତ କଲେ । ଲୋହିଆଙ୍କ ସାଙ୍ଗରେ ରବି ରାୟ ମଧ୍ୟ ଦେଶର ବହୁ ସ୍ଥାନକୁ ଯାଉଥିଲେ । ଲୋହିଆଙ୍କ ଏହି ଜନ ଆନ୍ଦୋଳନରେ ପୂରାପୂରି ଝାସ ଦେଇଥିଲେ ରବି ରାୟ ।

ଠିକ୍ ଏତିକିବେଳେ ଓଡ଼ିଶାରେ ଏକ ନାଟକୀୟ ଘଟଣା ଘଟିଲା । ଓଡ଼ିଶାର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ହଠାତ୍ ଆଉ ଏକ ନୂଆ ଭୂମିକାରେ ଅବତୀର୍ଣ୍ଣ ହେଲେ । ଦିନେ ସେ ତାଙ୍କ ସାନଝିଅ ତିନୁର ସାଇକେଲ୍‌ରେ ଆସି ସୋସାଲିଷ୍ଟ ପାର୍ଟିର ବିଧାୟକ ଗଣନାଥ ପ୍ରଧାନଙ୍କ ଏମ.ଏଲ୍.ଏ. କଲୋନୀ ଘରେ ପହଞ୍ଚିଲେ । ରବି ରାୟ ତାଙ୍କ ଘରେ ରହୁଥାନ୍ତି । ନବକୃଷ୍ଣ ଚୌଧୁରୀ ରବି ରାୟଙ୍କୁ କହିଲେ - 'ରବି ରାୟ, ଓଡ଼ିଶାରେ କଂଗ୍ରେସ ହଟାଅ କାର୍ଯ୍ୟକ୍ରମ ହେବ ନା ନାହିଁ ?'

ଯେଉଁ ନବକୃଷ୍ଣ ଚୌଧୁରୀଙ୍କ ପରିବାର ଓଡ଼ିଶାରେ ଗାନ୍ଧିଜୀଙ୍କ ଆଦର୍ଶକୁ ପ୍ରଚାର କରିବାରେ ସର୍ବସ୍ୱ ତ୍ୟାଗ କରିଥିଲା, ଜାତୀୟ କଂଗ୍ରେସର ଅନ୍ୟତମ ପୁରୋଧା, ମୁକ୍ତି ସଂଗ୍ରାମର ନିର୍ଭୀକ ସୈନିକ ରୂପେ ଜୀବନବ୍ୟାପୀ ସଂଗ୍ରାମ କରିଥିଲେ ସେଇ ପୁଣି ଡାକରା ଦେଲେ ଆଉ ଏକ ସଂଗ୍ରାମ ପାଇଁ । କଂଗ୍ରେସ ଶାସନର ଭ୍ରଷ୍ଟାଚାର, ଦୁର୍ନୀତି, କଳାବଜାରୀ, କ୍ଷମତାଲିପ୍ସା, ଅନ୍ୟାୟ ଅନୀତି ବିରୋଧରେ ଆଉ ଏକ ସଂଗ୍ରାମର ରଣହୁଙ୍କାର ଦେଲେ ସେଇ ଋଷିପ୍ରତିମ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ନେତା ନବକୃଷ୍ଣ ଚୌଧୁରୀ ।

ଭୁବନେଶ୍ୱରଠାରେ ରବି ରାୟ, ନବକୃଷ୍ଣ ଚୌଧୁରୀ, ଗଣନାଥ ପ୍ରଧାନ ପ୍ରଭୃତି ନେତାମାନେ ଏକ ବିରାଟ ସଭାର ଆୟୋଜନ କଲେ । ଲୋକମାନେ ସ୍ୱେଚ୍ଛାକୃତ ଭାବରେ ସାରା ଓଡ଼ିଶାରୁ ଆସିଥିଲେ ଏ ସଭାରେ ଯୋଗଦେବାପାଇଁ । ଗଣନାଥ ପ୍ରଧାନ ହେଲେ ସଭାର ସଭାପତି । ରବି ରାୟ ଓ ନବକୃଷ୍ଣ ଚୌଧୁରୀ ବକ୍ତା । ସ୍ୱତନ୍ତ୍ର ପାର୍ଟିର ନେତା

Digitized by srujanika@gmail.com

ପ୍ରତାପକେଶରୀ ଦେଓ ମଧ୍ଯ ଆସି ପହଞ୍ଚିଲେ । ସେ ଶ୍ରୋତା ହୋଇ ଆସିଥିଲେ । କିନ୍ତୁ ଏ ସଭାର ଭାଷଣ ଶୁଣି ସେ ଉଲ୍ଲସିତ ଭାବେ ମଞ୍ଚ ଉପରକୁ ଆସି ଏ ସଭାରେ ଭାଷଣ ଦେଲେ । ନବକୃଷ୍ଣ ଚୌଧୁରୀ ଭାବ ଗଦ୍‌ଗଦ କଣ୍ଠରେ କହିଲେ - 'କଂଗ୍ରେସ କୁଶାସନର ମୁଁ ହେଉଛି ରାଜସାକ୍ଷୀ ।' କହିବାକୁ ଗଲେ ଏହା ଥିଲା ଜଣେ ମହାନ ଦେଶପ୍ରେମୀଙ୍କର ସ୍ୱୀକାରୋକ୍ତି । ଜନତା ଦରବାରରେ ଜଣେ ରାଜସାକ୍ଷୀର ସାକ୍ଷ୍ୟପ୍ରଦାନ ।

ପରେ ଡକ୍ଟର ହରେକୃଷ୍ଣ ମହତାବ, ରାଜେନ୍ଦ୍ର ନାରାୟଣ ସିଂହଦେଓ, ପବିତ୍ରମୋହନ ପ୍ରଧାନ ପ୍ରଭୃତି ଆସି ଏହି କଂଗ୍ରେସ ହଟାଅ ଆନ୍ଦୋଳନରେ ଯୋଗ ଦେଲେ । ପ୍ରଜାସୋସାଲିଷ୍ଟ ଦଳର ସୁରେନ୍ଦ୍ର ଦ୍ୱିବେଦୀ, ବିଶ୍ୱନାଥ ପଣ୍ଡିତ, ବାଙ୍କବିହାରୀ ଦାସ, ପ୍ରଦୀପ୍ତ କିଶୋର ଦାସ ପ୍ରମୁଖ ନେତା ବି ଆସି ଏଥିରେ ସାମିଲ ହେଲେ । ୧୯୬୪ ମସିହାର ଛାତ୍ର ଆନ୍ଦୋଳନ ଏହି କଂଗ୍ରେସ ହଟାଅ ଆନ୍ଦୋଳନ ସହିତ ମିଶିଯାଇ ଭୟଙ୍କର ରୂପ ଧାରଣ କଲା ।

ଏହି ଛାତ୍ର ଆନ୍ଦୋଳନରେ ଗୁଳିକାଣ୍ଡ ଘଟି କେତେକ ଛାତ୍ର ମୃତ୍ୟୁବରଣ କଲେ ଓ କେତେକ ଗୁରୁତର ଭାବରେ ଆହତ ହେଲେ । ଏଥିରେ ବ୍ୟଥିତ ହୋଇ ରବି ରାୟ ପୁରୀରେ ଗୋଟେ ବଡ଼ ସଭାରେ ସରକାରଙ୍କ ଏହି ଦମନନୀତି ବିରୋଧରେ ଭାଷଣ ଦେଇ ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କଲେ । ସଭାସାରି ହରିହର ବାହିନୀପତିଙ୍କ ଘରକୁ ରବି ରାୟ ଯାଇଛନ୍ତି, ପୁଲିସ ଆସି ସେଇଠୁ ତାଙ୍କୁ ଜାତୀୟ ନିରାପତ୍ତା ଆଇନ ବଳରେ ଗିରଫ କଲା । ଉଭୟ ହରିହର ବାହିନୀପତି ଓ ରବି ରାୟ ଗିରଫ ହୋଇ ପୁରୀ ଜେଲରେ ରହିଲେ ଓ ପରେ ବ୍ରହ୍ମପୁର ଜେଲକୁ ତାଙ୍କୁ ପଠାଇଦିଆଗଲା । ତାଙ୍କୁ ପୁରୀରୁ ବ୍ରହ୍ମପୁର ଜେଲକୁ ନେଲାବେଳେ ସେମାନେ ବ୍ରହ୍ମପୁରକୁ ଯିବେ ନାହିଁ ବୋଲି ଜିଦ୍ ଧରିଲେ ଓ ସେଠୁ ଉଠିଲେ ନାହିଁ । ପୋଲିସ ଦୁହିଁଙ୍କୁ ଟେକି ଟେକି ଗାଡ଼ିକୁ ନେଲା । ବାଙ୍କବିହାରୀ ଦାସ, ଆକୁଳି ବେହେରା, ବିରଜା ରାୟ ପ୍ରଭୃତି ଆଉ କେତେଜଣ ତାଙ୍କ ସହିତ ବ୍ରହ୍ମପୁର ଜେଲରେ (ଗିରଂଫ ହୋଇ ଆସି) ରହିଲେ ।

ଏମାନେ ଯେତେବେଳେ ଖଲାସ ହୋଇ ଆସିଥିଲେ, ସରକାରଙ୍କର ପତନ ଆସନ୍ନ ହୋଇ ଆସିଲାଣି ବୋଲି ରବି ରାୟଙ୍କର ଧାରଣା ହେଲା । ତାଙ୍କ ବିଚାରରେ ଯେତେବେଳେ ଗୋଟେ ସରକାର ନୀତି ଦୃଷ୍ଟିରୁ ଦୁର୍ବଳ ହୋଇଯାଏ, ସେତେବେଳେ ଗୁଳିକାଣ୍ଡ କରିବାକୁ ବାଧ୍ୟ ହୁଏ । ବାସ୍ତବରେ ଏହି ଛାତ୍ର ଆନ୍ଦୋଳନ ପରେ କଂଗ୍ରେସ ସରକାର ଭୟଙ୍କର ସଙ୍କଟର ସମ୍ମୁଖୀନ ହୋଇଥିଲା । ୧୯୬୭ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ସରକାରର ପତନ ଘଟିଥିଲା ।

ସେତେବେଳକୁ ବିଧାନସଭା ଓ ଲୋକସଭାର ନିର୍ବାଚନ ପ୍ରାୟ ଏକା ସମୟରେ ହେଉଥିଲା । ୧୯୬୨-୧୯୬୭ ମସିହା ଭିତରେ ଜାତୀୟ ରାଜନୀତିରେ ବହୁ ଗୁରୁତ୍ୱପୂର୍ଣ୍ଣ

Digitized by srujanika@gmail.com

ଘଟଣା ଘଟି ଯାଉଥାଏ । ଚୀନ ଆକ୍ରମଣ ପରେ ୧୯୬୪ ମସିହାରେ ନେହୁରୁଙ୍କ ଦେହାନ୍ତ, ପୁଣି ଲାଲବାହାଦୁର ଶାସ୍ତ୍ରୀଙ୍କର ପ୍ରଧାନମନ୍ତ୍ରୀ ପଦବୀ ଗ୍ରହଣ, ଭାରତ-ପାକିସ୍ଥାନ ଯୁଦ୍ଧ, ତାସକେଣ୍ଟରେ ଶାସ୍ତ୍ରିଜୀଙ୍କର ଅକାଳ ମୃତ୍ୟୁ, ଇନ୍ଦିରା ଗାନ୍ଧୀଙ୍କର ସିଂହାସନ ଆରୋହଣ ପ୍ରଭୃତି ଉତ୍ଥାନପତନ ଭିତରେ ଦେଶ ଗତି କରୁଥାଏ । ତା ସହିତ ସମତାଳରେ ରାଜ୍ୟସ୍ତରରେ ମଧ୍ୟ ରାଜନୀତିକ ଦିଗନ୍ତ ବେଶ ଧୂମାଭ ହୋଇ ଉଠିଥିଲା । କାମରାଜଙ୍କ ଯୋଜନା ଅନୁସାରେ ବିଜୁ ପଟ୍ଟନାୟକଙ୍କର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା, ବୀରେନ ମିତ୍ରଙ୍କର ମୁଖ୍ୟମନ୍ତ୍ରୀ ପଦବୀ ଗ୍ରହଣ, ପୁଣି ପରେ ତାଙ୍କ ସ୍ଥାନରେ ସଦାଶିବ ତ୍ରିପାଠୀ ମୁଖ୍ୟମନ୍ତ୍ରୀ ହେବା, ବିଜୁବାବୁଙ୍କ ବିରୋଧରେ ଖାନ୍ନା କମିଶନ ବସିବା, ଛାତ୍ର ଆନ୍ଦୋଳନ, କଂଗ୍ରେସ ହଟାଅ ଆନ୍ଦୋଳନ ପ୍ରଭୃତି ନାନା ପ୍ରକାର ଘନଘଟା ରାଜନୀତିକ ବାତାବରଣକୁ ବେଶ୍ ଅଶାନ୍ତ ଓ ବିକ୍ଷୁବ୍ଧ କରିଦେଇଥାଏ । ଏଇ ହଟଚମଟ ଭିତରେ ନିର୍ବାଚନ ଆସିଗଲା । ସାରା ଦେଶରେ ଏକପ୍ରକାର ଅସ୍ଥିରତା ଓ ସନ୍ତୁଳନ ଲାଗି ରହିଥାଏ ।

ଶାସ୍ତ୍ରିଜୀଙ୍କ ମୃତ୍ୟୁ ପରେ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ରୂପେ ଶାସନଭାର ଗ୍ରହଣ କଲେ । ସେ କଂଗ୍ରେସ ହଟାଅ ଆନ୍ଦୋଳନକାରୀ ବଡ଼ ବଡ଼ ବିରୋଧୀଦଳ ନେତାଙ୍କୁ ଗିରଫ କରି ଜେଲରେ ରଖିଲେ । ଦେଶର ପରିସ୍ଥିତି ବେଶ ଜଟିଳ ହୋଇ ପଡ଼ିଥାଏ । ଶ୍ରୀମତୀ ଇନ୍ଦିରାଗାନ୍ଧୀ ଧୀରେ ଧୀରେ ନିଜ କ୍ଷମତା ବିସ୍ତାରରେ ଲାଗିପଡ଼ିଥାନ୍ତି । ଏତିକିବେଳେ ନିର୍ବାଚନ ତାରିଖ ଘୋଷିତ ହେଲା ।

ପ୍ରଥମ ନିର୍ବାଚନ : ରଣଭୂମି ପୁରୀ

ସ୍ୱାଧୀନ ଭାରତର ଚତୁର୍ଥ ସାଧାରଣ ନିର୍ବାଚନ । ଓଡ଼ିଶାରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହୋଇ ଯାଇଥାଏ । ରବି ରାୟ ଲୋକସଭା ପାଇଁ ପ୍ରାର୍ଥୀ ହେଲେ । ତାଙ୍କ ନିର୍ବାଚନ ମଣ୍ଡଳୀ ଥିଲା ପୁରୀ । ରବି ରାୟଙ୍କର ପ୍ରଥମ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବାର ମୁହୂର୍ତ୍ତ । ଏ ଅନୁଭୂତି ଯେତିକି ରୋମାଞ୍ଚକର, ସେତିକି ସ୍ମରଣୀୟ । ସ୍ମୃତି ସେ ତ ନୁହେଁ ଭୁଲିବାର । ସ୍ୱାଧୀନତା ପରେ ପୁରୀରୁ ଲୋକସଭା ନିର୍ବାଚନମାନଙ୍କରେ ଯଥାକ୍ରମେ ଲୋକନାଥ ମିଶ୍ର (ପଙ୍କବାବୁ), ଚିନ୍ତାମଣି ପାଣିଗ୍ରାହୀ ଓ ବିବୁଧେନ୍ଦ୍ର ମିଶ୍ର ଜୟଯୁକ୍ତ ହୋଇଥିଲେ ।

ପୁରୀ ନିର୍ବାଚନ ମଣ୍ଡଳୀରୁ ବିବୁଧେନ୍ଦ୍ର ମିଶ୍ର ଲୋକସଭାକୁ ନିର୍ବାଚିତ ହୋଇ କେନ୍ଦ୍ରମନ୍ତ୍ରୀ ହୋଇଥାନ୍ତି । ସେ ସ୍ୱାଧୀନତା ସଂଗ୍ରାମୀ, କଂଗ୍ରେସ ପ୍ରାର୍ଥୀ, ବିଜୁ ପଟ୍ଟନାୟକଙ୍କ ପ୍ରିୟଲୋକ । ଏହା ଛଡ଼ା ବେଶ ଜଣାଶୁଣା ନାମଜାଦା ଓକିଲ । ତେଣୁ ତାଙ୍କୁ ଯେ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି, ଯୁଦ୍ଧରେ ହରାଇପାରିବେ; ପୁଣି ରବି ରାୟଙ୍କ ପରି ନବାଗତ ଯୁବକ - ଏକଥା କେହି ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିବେ । କିନ୍ତୁ

Digitized by srujanika@gmail.com

ଯୁବକ ରବି ରାୟ ଅଦମ୍ୟ ସାହସ, ଅପୂର୍ବ ତେଜ ଓ ଅସୀମ ମନୋବଳ ନେଇ ରଣାଙ୍ଗନରେ ଅବତୀର୍ଣ୍ଣ ହେଲେ । ନାହିଁ ଅର୍ଥବଳ, ନାହିଁ ପଛରେ କଂଗ୍ରେସ ଦଳ ପରି ଏକ ଟାଣୁଆ ଶକ୍ତିଶାଳୀ ଦଳ । କେବଳ ନୀତି, ଆଦର୍ଶ ଓ ବ୍ୟକ୍ତିତ୍ୱକୁ ଆୟୁଧ କରି ସେ ଲଢୁଥାନ୍ତି, ମିଳିତ ବିରୋଧୀଦଳ ସମର୍ଥିତ ସୋସାଲିଷ୍ଟ ପାର୍ଟିର ପ୍ରାର୍ଥୀ ଭାବରେ ।

ଏଇ ନିର୍ବାଚନ କଥା ସ୍ମରଣ କରି ରବି ରାୟ କହନ୍ତି - ''ନିର୍ବାଚନରେ ମୋର ପ୍ରଥମ ଅନୁଭୂତି । ଅପୂର୍ବ ସେ ଦିନର ଅଭିଜ୍ଞତା । ଆଜି ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଅନେକ ଭାବନ୍ତି ଅପାଠୁଆ ଗାଁ ଗାଉଁଲି ସାଧାରଣ ଲୋକଙ୍କର ବିଶେଷ କିଛି ଚେତନା ନ ଥାଏ ବୋଲି । କିନ୍ତୁ ପ୍ରକୃତରେ ତାହା ନୁହେଁ । ସାଧାରଣ ଲୋକଙ୍କ ଭିତରେ ବେଶ ବିବେକ ଓ ବିଚାରବୋଧ ଥାଏ । ଲୋକେ ଠିକ୍ ଭୁଲ ବେଶ୍ ଭଲ ଭାବରେ ବୁଝିପାରନ୍ତି । ମୁଁ ପହଞ୍ଚିଲି ବିବୁଧେନ୍ଦ୍ର ମିଶ୍ରଙ୍କ ଗାଁରେ । ରାହଙ୍ଗ ପ୍ରଗଣା । କଂଗ୍ରେସବାଲା ଜାଣିଗଲେଣି ଏଥରର ନିର୍ବାଚନ ତାଙ୍କ ଦଳ ପାଇଁ ଅନୁକୂଳ ହୋଇ ନ ପାରେ । ତାଙ୍କ ଗାଁରେ ବ୍ରାହ୍ମଣମାନେ ମତେ ଆସିବାକୁ ଅପେକ୍ଷା କରିଥାନ୍ତି, କେତେବେଳେ ମୁଁ ସେ ଗାଁକୁ ଆସିବି । ତାଙ୍କ ଗାଁକୁ ଆସୁଛି କି ନାହିଁ ତାଙ୍କର ଆଶଙ୍କା ଥାଏ । ମାତ୍ର ମୁଁ ତାଙ୍କ ଗାଁକୁ ଗଲି । ପହଞ୍ଚିବାମାତ୍ରେ ଲୋକେ ମୋତେ ଓ ମୋ ସହକର୍ମୀମାନଙ୍କୁ ପ୍ରଚୁର ପଇଡ଼ ପିଆଇଲେ । ବେଶ୍ ଆତିଥ୍ୟ ପ୍ରଦାନ କଲେ । ଜଣେ ବୁଢ଼ା ବ୍ରାହ୍ମଣ କହିଲେ - 'ଆମକୁ କଂଗ୍ରେସ ବାଲାଏ କହୁଥିଲେ ଯେ ରବି ରାୟ ବଙ୍ଗାଳୀ ବୋଲି । (ବିବୁଧେନ୍ଦ୍ର ମିଶ୍ରଙ୍କ ଡାକ ନାଁ କୁନି) କିନ୍ତୁ ଆମେ ସବୁ କହିଲୁ, ସେ ପରା ଭଅଁରାଗଡ଼ର । ସେ ବଙ୍ଗାଳୀ ହେଲା କେମିତି ?' ସେଠୁ ସେ କଂଗ୍ରେସ ଅପେକ୍ଷା ବହୁଭୋଟ ଅଧିକ ପାଇଥିଲେ ।''

'ମୁଁ ଶିଶୁପାଳଗଡ଼ ଗଲି । ସେ ବି ମୋ ନିର୍ବାଚନମଣ୍ଡଳୀ ଭିତରେ ଥାଏ । ଲୋକେ ଉଚ୍ଛ୍ୱସିତ ଶ୍ରଦ୍ଧା ଦେଖେଇଲେ । କେତେକ ବୟସ୍କ ଲୋକ କହିଲେ - 'ବାବୁ, ଆପଣ ଅନ୍ୟସବୁ ଗାଁ କଥା ବୁଝନ୍ତୁ । ଆମ ପାଇଁ ନିଶ୍ଚିନ୍ତରେ ଯାଆନ୍ତୁ । ଏଠୁ ଗୋଟିଏ ହେଲେ ଭୋଟ କଂଗ୍ରେସକୁ ଯିବ ନାହିଁ । ଏଇଟା ଆମର ସଂକଳ୍ପ ।' ଶିଶୁପାଳଗଡ଼ର ଲୋକେ ବୁଥ୍ ଖର୍ଚ୍ଚ ବି ନେଲେ ନାହିଁ । ଲୋକଙ୍କର ଅକୁଣ୍ଠ ଶ୍ରଦ୍ଧା ହିଁ ମୋ ସାରା ଜୀବନର ଏକମାତ୍ର ପାଥେୟ ହୋଇଆସିଛି ।'

ରବି ରାୟ ୧୯୬୭ ମସିହା ଲୋକସଭା ନିର୍ବାଚନରେ ଷାଠିଏ ହଜାର ଭୋଟରେ କଂଗ୍ରେସପ୍ରାର୍ଥୀ ବିବୁଧେନ୍ଦ୍ର ମିଶ୍ରଙ୍କୁ ପରାଜିତ କରି ପ୍ରଥମଥର ପାଇଁ ଲୋକସଭାକୁ ନିର୍ବାଚିତ ହେଲେ । ସେଇ ନିର୍ବାଚନରେ କଂଗ୍ରେସର ଅପ୍ରତିଦ୍ୱନ୍ଦ୍ୱୀ ନେତା ବିଜୁ ପଟ୍ଟନାୟକ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରୁ ଜଣେ ସାଧାରଣ ସ୍କୁଲ ଶିକ୍ଷକ ଚକ୍ରଧର ଶତପଥୀଙ୍କଦ୍ୱାରା ପରାଜିତ ହୋଇଥିଲେ । ଜାନକୀବଲ୍ଲଭ ପଟ୍ଟନାୟକ ମଧ୍ୟ ଧର୍ମଶାଳା ନିର୍ବାଚନ ମଣ୍ଡଳୀରୁ ପରାଜିତ ହୋଇଥିଲେ । ଏହାହିଁ ହେଉଛି ଭାରତୀୟ ଗଣତନ୍ତ୍ରର ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟ ।

Digitized by srujanika@gmail.com

ଏହା ପୂର୍ବରୁ ଏହିପରି ଏକ ଉଲ୍ଲେଖଯୋଗ୍ୟ ଲୋକମତ ପ୍ରକାଶ ପାଇଥିଲା ସମ୍ବଲପୁରରେ । ୧୯୬୨ ଲୋକସଭା ନିର୍ବାଚନ । ବିଜୁ ପଟ୍ଟନାୟକଙ୍କ ଦୁର୍ବାର ଶକ୍ତିରେ କଂଗ୍ରେସ ସେତେବେଳେ ବଳୀୟାନ୍ । ପ୍ରଥମଥର ପାଇଁ ଶହେଚାଳିଶରୁ ଏକାଅଶୀ ସ୍ଥାନ ବିଧାନସଭା ନିର୍ବାଚନରେ କଂଗ୍ରେସ ପାଇଁ ହାସଲ କରି ବିଜୁବାବୁ ମୁଖ୍ୟମନ୍ତ୍ରୀ ହୋଇଥାନ୍ତି ।

ଏତିକିବେଳେ ସମ୍ବଲପୁରରେ ଚାଷୀଙ୍କ ସମସ୍ୟା ନେଇ ଦେଖାଦେଲା ଜନ ଆନ୍ଦୋଳନ । ରବି ରାୟ, କିଷାନ ପଟ୍ଟନାୟକ ଓ ଗଣନାଥ ପ୍ରଧାନ ପ୍ରମୁଖ ତାର ନେତା । କିଷାନ ପଟ୍ଟନାୟକ ଏହି ଆନ୍ଦୋଳନ ପାଇଁ ଜେଲ ଯାଇଥାନ୍ତି । ଏତିକିବେଳେ ନିର୍ବାଚନ ଘୋଷଣା ହେଲା । କିଷାନ ପଟ୍ଟନାୟକ ଜେଲରେ ଥାଇ ସୋସାଲିଷ୍ଟ ଦଳ ତରଫରୁ ପ୍ରାର୍ଥୀ ହେଲେ, ଦଳର ନେତା ଭାବେ ରବି ରାୟ ସମ୍ବଲପୁରର ଲଢୁଆ ସାଥୀମାନଙ୍କୁ ନେଇ କଂଗ୍ରେସ ହାୱା ବିରୋଧରେ ଗାଁ ଗାଁ ବୁଲି କିଷାନ ପଟ୍ଟନାୟକଙ୍କ ସପକ୍ଷରେ ଜନମତକୁ ସଙ୍ଗଠିତ କଲେ । ରବି ରାୟଙ୍କ ନିଷ୍ଠା ଫଳପ୍ରଦ ହେଲା । କଂଗ୍ରେସ ଅନ୍ୟ ସ୍ଥାନରେ ଜୟଯୁକ୍ତ ହୋଇଥିବାବେଳେ, ସମ୍ବଲପୁରରେ ଜନମତ ଯୋଗୁଁ ପରାଜୟ ବରଣ କଲା । କିଷାନ ପଟ୍ଟନାୟକ ଜେଲରେ ଥାଇ ଜୟଯୁକ୍ତ ହେଲେ ।

ରାଜନୀତିକ କର୍ମ-ଅଭୀପ୍‌ସାର ଆଲୋକ ଅଭିଯାନ ଆରମ୍ଭ ହେଲା, ପୁରୀରୁ ଭାରତର ରାଜଧାନୀ ମହାନଗରୀ ଦିଲ୍ଲୀକୁ । ଭଅଁରାଗଡ଼ ଅରଣ୍ୟର ସବୁଜ ବଳୟ ଭିତରୁ ଭାରତର ପ୍ରାଣକେନ୍ଦ୍ରକୁ । ଯେଉଁ ଦିଲ୍ଲୀ ହଜାର ହଜାର ବର୍ଷର ଇତିହାସର ଗନ୍ତାଘର । କେତେ ଦିଗ୍‌ବିଜୟ, କେତେ ଲହୁ ଲୁହ, ଯୁଦ୍ଧବିଗ୍ରହ, ବିଶ୍ୱାସ ଅବିଶ୍ୱାସ, ତ୍ୟାଗତିତିକ୍ଷା, ଆତ୍ମୋତ୍ସର୍ଗ, ଆନନ୍ଦ ଉଲ୍ଲାସ, ସଫଳତା ବିଫଳତା, ଉତ୍ଥାନ ପତନର ମୂକସାକ୍ଷୀ ଏଇ ଦିଲ୍ଲୀ । ଯାହା ହୃଦୟର କାନଭାସରେ ଅଙ୍କିତ ହୋଇଛି ମହାନ-ଭାରତର ଜୀବନ ଇତିବୃତ୍ତ । ସେଇ ଦିଲ୍ଲୀର ପ୍ରାଣକେନ୍ଦ୍ର ପାର୍ଲିଆମେଣ୍ଟ ଭବନରେ ପାଦ ଥାପିଲେ ସାଂସଦ ରବି ରାୟ । ସ୍ୱାଧୀନ ଭାରତର ଆଶା ଓ ବିଶ୍ୱାସ, ସ୍ୱପ୍ନ ଓ ସଙ୍କଳ୍ପର ତଥା ସକଳ ଜୀବନବୋଧର ଯିଏ ମଥାମଣି - ସେଇ ଲୋକସଭା ଭବନରେ ସାଂସଦ ଆସନ ଅଳଙ୍କୃତ କଲେ ଯୁବକ ରବି ରାୟ । ରବି ରାୟଙ୍କୁ ସେତେବେଳେ ଏକଚାଳିଶ ବର୍ଷ ।

ଲୋକସଭା ଭବନରେ ପଦାର୍ପଣ କଲାବେଳେ ଦେହରେ ତାଙ୍କର ରୋମାଞ୍ଚ ସୃଷ୍ଟି ହୋଇଥିଲା । ମନରେ ଅନନୁଭୂତ ଭାବାବେଗର ସ୍ପନ୍ଦନ ଖେଳି ଯାଇଥିଲା । ମନଦର୍ପଣରେ ଉଙ୍କୁଟି ଉଠିଥିଲା ଅତୀତ ଇତିହାସର ବହୁ ତିକ୍ତମଧୁର ସ୍ମୃତି । ତା ସହିତ ସୁନେଲି ଭବିଷ୍ୟତ ପାଇଁ ସ୍ୱପ୍ନାଭିସାରର ଅସ୍ପଷ୍ଟ ଛାୟାରୂପ । ଦେଶପାଇଁ ଅନେକ କିଛି କରିବାର ଦୁର୍ବାର ଅଭିଳାଷ ପ୍ରାଣକୁ ଉଚ୍ଚାଟିତ କରୁଥିଲା ।

ପ୍ରଥମଥର ପାଇଁ ସର୍ବଭାରତୀୟ ସ୍ତରରେ କଂଗ୍ରେସ ଦଳକୁ ଧକ୍କା ଲାଗିଲା । ନଅଟି ରାଜ୍ୟରେ ଅଣକଂଗ୍ରେସ ସରକାର ଗଢ଼ା ହେଲା । ସ୍ୱାଧୀନତା ପୂର୍ବରୁ - ଲୋକଙ୍କର

Digitized by srujanika@gmail.com

ଜାତୀୟ କଂଗ୍ରେସ ପ୍ରତି ଯେଉଁ ପ୍ରଚଣ୍ଡ ଭାବାବେଗ ଥିଲା, ଯେଉଁ ଲୋକପ୍ରିୟତା ଥିଲା, ତାହା ଯେ ଆଉ ଅତୁଟ ନାହିଁ, ପ୍ରମାଣିତ ହୋଇଗଲା, ଏଇ ସତଷଠି ନିର୍ବାଚନରେ । କଂଗ୍ରେସ ଆଉ ଏକ ଦୁର୍ଜେୟ ଶକ୍ତି ନୁହେଁ, ତାହା ସ୍ପଷ୍ଟ ହେଲା । ଓଡ଼ିଶା ସମେତ ନଅଟି ରାଜ୍ୟରେ ବିରୋଧୀଦଳ ସରକାର । ଲୋହିଆଙ୍କ କଂଗ୍ରେସ ହଟାଅ, ଭାରତ ବଞ୍ଚାଅ ଆନ୍ଦୋଳନ ଓ ଦେଶବ୍ୟାପୀ ଅଭିଯାନର ଏହା ଥିଲା ଏକ ସଫଳ ପରିଣାମ ।

ଚତୁର୍ଥ ଲୋକସଭା
ରାଜନୀତିକ ଜୀବନର ଚାରଣଭୂମି

୧୯୬୭ ମସିହା । ରବି ରାୟଙ୍କ ଐତିହାସିକ ତଥା ମର୍ଯ୍ୟାଦାବନ୍ତ ରାଜନୀତିକ ଜୀବନର ଅୟମାରମ୍ଭ ହେଲା । ଏଥର ସ୍ୱତନ୍ତ୍ରଦଳ, ସଂଯୁକ୍ତ ସୋସାଲିଷ୍ଟ ପାର୍ଟି ଓ ପ୍ରଜା ସୋସାଲିଷ୍ଟ ପାର୍ଟି - ଏହି ଜାତୀୟସ୍ତରର ତିନୋଟି ଭିନ୍ନ ଭିନ୍ନ ରାଜନୀତିକ ଦଳରୁ ତିନିଜଣ ଓଡ଼ିଆ ଲୋକସଭାରେ ନେତା ରୂପେ ନିର୍ବାଚିତ ହେଲେ । ପ୍ରଜା ସୋସାଲିଷ୍ଟ ପାର୍ଟିରୁ ସୁରେନ୍ଦ୍ର ଦ୍ୱିବେଦୀ, ସ୍ୱତନ୍ତ୍ରଦଳରୁ ପ୍ରତାପକେଶରୀ ଦେବ ନେତାରୂପେ ସ୍ୱୀକୃତ ହେଲେ । ସଂଯୁକ୍ତ ସୋସାଲିଷ୍ଟ ସଂସଦୀୟ ଦଳର ଉପନେତା ହେଲେ ରବି ରାୟ । ଆଗରୁ ତାଙ୍କ ଦଳର ନେତା ଥିଲେ ମଧୁଲିମାୟେ ।

ନେହୁରୁ ପ୍ରଧାନମନ୍ତ୍ରୀ ଥିଲାବେଳେ, ଥରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଓ ସେ ସମୟର ବିରୋଧୀଦଳ ନେତା କ୍ଲେମେଣ୍ଟ ଅଟଲି ସାହେବ ଭାରତ ଗସ୍ତରେ ଆସିଥାନ୍ତି । ସେ ଲୋକସଭାର ଦର୍ଶକ ଗ୍ୟାଲେରୀରେ ବସିଥାନ୍ତି । ଲୋକସଭାର ତର୍କବିତର୍କ ସବୁ ଇଂରାଜୀ ଭାଷାରେ ହେଉଥାଏ । ଏହା ଲକ୍ଷ୍ୟ କରି ଅଟଲି ସାହେବ ମନ୍ତବ୍ୟ ଦେଲେ - Why these people are speaking in English. Why they are not talking in their own mother-tongue ?' ଏପରି ପ୍ରଶ୍ନ କରିବାର କାରଣ ଥିଲା, ସାରା ପୃଥିବୀର ପାର୍ଲିଆମେଣ୍ଟ ସେମାନଙ୍କ ନିଜ ମାତୃଭାଷାରେ ଚାଲେ । ଲୋକସଭାର ଜଣେ ଅଫିସର ତାଙ୍କ ସାଙ୍ଗରେ ଥିଲେ । ତାଙ୍କଠୁ ଏକଥା ଶୁଣି ପାର୍ଲିଆମେଣ୍ଟର ସେକ୍ରେଟାରୀ ଏକଥା ପ୍ରଧାନମନ୍ତ୍ରୀ ନେହୁରୁଙ୍କୁ ଗୁପ୍ତରେ ଜଣାଇ ଦେଲେ । ନେହୁରୁ ଜଣେ ପୁରୁଖା ସ୍ୱାଧୀନତା ସଂଗ୍ରାମୀ-ସାଂସଦଙ୍କୁ ମଧ୍ୟାହ୍ନ ବିରତି ପରେ ହିନ୍ଦୀରେ କହିବାପାଇଁ ଅନୁରୋଧ କଲେ । ସାଂସଦ ଜଣକ ଏଥର ହିନ୍ଦୀରେ ତାଙ୍କ ଅଭିଭାଷଣ ପ୍ରଦାନ କଲେ ।

ହୁଏତ ଏପରି ଚଞ୍ଚକତାଦ୍ୱାରା ନେହୁରୁ ଅଟଲି ସାହେବଙ୍କୁ ସେତେବେଳେ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ । ମାତ୍ର ପାର୍ଲିଆମେଣ୍ଟ କେବଳ ଇଂରାଜୀ ଭାଷାରେ ଚାଲିବା ଥିଲା ବାସ୍ତବରେ ସ୍ୱାଧୀନ ଭାରତ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ବିଷୟ । ଭାରତ ସ୍ୱାଧୀନ

Digitized by srujanika@gmail.com

ହେବା ସତ୍ତ୍ୱେ ଓ ଆମର ନିଜର ରାଷ୍ଟ୍ରଭାଷା ଥିବା ସତ୍ତ୍ୱେ, ସେଥିପ୍ରତି ସମୁଚିତ ଧ୍ୟାନ ଦିଆଯାଉ ନ ଥିବାରୁ, ଲୋକସଭାରେ ଇଂରାଜୀ ଥିଲା ଏକମାତ୍ର ଭାବ ବିନିମୟର ମାଧ୍ୟମ । ଏହା ଜାତୀୟ ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଥିଲା । ବାସ୍ତବରେ ଅଟଲି ସାହେବଙ୍କ ଏଇ ମନ୍ତବ୍ୟରେ ଭାରତବାସୀଙ୍କର ଆଖି ଖୋଲି ଯାଇଥିଲା ।

ରବି ରାୟ ସାଂସଦ ଭାବରେ ଯୋଗଦେବା ପରେ, ସଂଯୁକ୍ତ ସୋସାଲିଷ୍ଟ ଦଳର ପାର୍ଲିଆମେଣ୍ଟାରୀ ପାର୍ଟିରେ ସ୍ଥିର ହେଲା ଯେ, ଆଗାମୀ ଅଧିବେଶନରେ ସେମାନେ ବାଚସ୍ପତିଙ୍କୁ ଅନୁମତି ମାଗି ଲୋକସଭାରେ ନିଜ ନିଜ ମାତୃଭାଷାରେ କହିବେ । ନେହୁରୁ ଦୀର୍ଘ ସତରବର୍ଷ ଧରି କିପରି ଭାରତୀୟ ଭାଷାମାନଙ୍କୁ ପାର୍ଲିଆମେଣ୍ଟ ଭବନରେ ହତ୍ୟା କରିଛନ୍ତି ଓ ବିଦେଶୀ ଇଂରାଜୀ ଭାଷାକୁ ପୂର୍ବପରି ରାଜକୀୟ ସମ୍ମାନ ଦେଇ ଆସିଛନ୍ତି, ସେକଥା ସେମାନେ ଲୋକସଭାରେ ଉଠାଇବେ । ଇଂରାଜୀକୁ ରାଜଭାଷା ରୂପେ ଗ୍ରହଣ କରିବା ଗୋଟିଏ ସ୍ୱାଧୀନ ଜାତିପାଇଁ ଘୋର ଅପମାନଜନକ ତଥା ଲଜ୍ଜାର ବିଷୟ ।

ଓଡ଼ିଆଭାଷୀ ରବି ରାୟ ଓ କନ୍ନଡ଼ଭାଷୀ ଜେ.ଏଚ.ପଟେଲ ଲୋକସଭାରେ ଏହି ସ୍ୱର ଉତ୍ତୋଳନ କଲେ । ରବି ରାୟ କହିଲେ, ସେ ଓଡ଼ିଆରେ କହିବେ । ପଟେଲ କହିଲେ ସେ କନ୍ନଡ଼ରେ କହିବେ । ବାଚସ୍ପତି ଥାନ୍ତି ସଂଜୀବ ରେଡ଼ି । ତାଙ୍କ ଘର ଆନ୍ଧ୍ର କର୍ଣ୍ଣାଟକ ସୀମା ମଝିରେ । ତେଣୁ ସେ ଟିକେ ଟିକେ କନ୍ନଡ଼ଭାଷା ବୁଝନ୍ତି । ଯେତେବେଳେ ପଟେଲ କନ୍ନଡ଼ରେ କହିବେ ବୋଲି ବାଚସ୍ପତିଙ୍କ ଅନୁମତି ମାଗିଲେ, ସଞ୍ଜୀବ ରେଡ଼ି ସାଙ୍ଗେ ସାଙ୍ଗେ ଅନୁମତି ଦେଇଦେଲେ । ପଟେଲ ଲୋକସଭାରେ ପ୍ରଥମେ କନ୍ନଡ଼ ଭାଷାରେ ତାଙ୍କର ବକ୍ତବ୍ୟ ପ୍ରଦାନ କଲେ । ରବି ରାୟ ଓଡ଼ିଆରେ ନିଜର ବକ୍ତବ୍ୟ ଦେଲେ । ଲୋକସଭାରେ ନିଜ ନିଜ ଆଞ୍ଚଳିକ ଭାଷାରେ ଅଭିଭାଷଣ ଦେବା ଏହା ଥିଲା ସର୍ବପ୍ରଥମ ଐତିହାସିକ ଘଟଣା ।

ପୃଥିବୀର ସବୁଭାଷା ସାଙ୍ଗେ ସାଙ୍ଗେ ଅନୁବାଦ ହୋଇଯିବାର ବ୍ୟବସ୍ଥା ଦିଲ୍ଲୀସ୍ଥ ବିଜ୍ଞାନ ଭବନରେ ରହିଛି । ମାତ୍ର ଏହାର ଦୁଇ କିଲୋମିଟର ଦୂରରେ ଥିବା ପାର୍ଲିଆମେଣ୍ଟରେ ଦୀର୍ଘ ସତରବର୍ଷ ଧରି ଏ ବ୍ୟବସ୍ଥା ନ ଥିଲା ।

ରବି ରାୟ ଓ ପଟେଲ ଏପରି ଭାବରେ ନିଜ ନିଜର ଆଞ୍ଚଳିକ ଭାଷାରେ ବକ୍ତବ୍ୟ ପ୍ରଦାନ କରିବା ପରେ ପାର୍ଲିଆମେଣ୍ଟରେ ସମସ୍ତଙ୍କ ଆଖି ଖୋଲିଗଲା । ଏହା ଥିଲା ସୋସାଲିଷ୍ଟ ପାର୍ଟିର ନିଜସ୍ୱ ସଫଳତା । ତା' ପରଦିନ ରବି ରାୟ ଓ ପଟେଲଙ୍କ ନାଁ ଓ ତାଙ୍କର ଏପରି ପ୍ରଶଂସନୀୟ ପଦକ୍ଷେପ ସମ୍ପର୍କରେ ବେଶ୍ ବିସ୍ତାରିତ ଭାବରେ ସବୁ ଖବରକାଗଜରେ ବାହାରିଲା । ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଏ ସମ୍ବାଦ ପ୍ରକାଶ ପାଇଥିଲା । ଏହି ଘଟଣା ରବି ରାୟଙ୍କୁ ଖୁବ୍ ଶୀଘ୍ର ଦିଲ୍ଲୀ ଦରବାରରେ ପରିଚିତ କରାଇଦେଲା । ତାଙ୍କର ଖ୍ୟାତି ବଢ଼ିଗଲା ।

Digitized by srujanika@gmail.com

ପାର୍ଲିଆମେଣ୍ଟ ଭବନରେ ସମ୍ବିଧାନରେ ସ୍ୱୀକୃତ ଭାରତୀୟ ଭାଷାମାନଙ୍କରେ ବକ୍ତବ୍ୟ ପ୍ରଦାନ କରିବାକୁ ସ୍ୱୀକୃତି ପ୍ରଦାନ କରାଯିବା ଦ୍ୱାରା ଦେଶର ଜାତୀୟ ସଂହତି ଓ ଏକତା ପ୍ରତିଷ୍ଠା ଦିଗରେ ଗୋଟିଏ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଗଲା । ରବି ରାୟ ମତ ଦେଲେ, ପ୍ରଥମେ ଦକ୍ଷିଣ ଭାରତର ଚାରିଟିଯାକ ଭାଷା ଯଥା, ତେଲୁଗୁ, ତାମିଲ, ମାଲୟାଲାମ ଓ କନଡ଼କୁ ଲୋକସଭାରେ ଅନୁବାଦର ବ୍ୟବସ୍ଥା ହେଉ । ତାହାହିଁ ହେଲା । ତଦ୍ୱାରା ତାମିଲ ଭାଷାଭାଷୀ ଲୋକମାନେ ଭାରି ଖୁସି ହେଲେ । ଏଇ ଭାଷାକୁ କେନ୍ଦ୍ରକରି ଏହା ପୂର୍ବରୁ ତାମିଲମାନେ କେନ୍ଦ୍ରଠାରୁ ସ୍ୱତନ୍ତ୍ର ହୋଇଯିବାକୁ ଚାହୁଁଥିଲେ । ସେଥିପାଇଁ ମାଡ୍ରାସରେ ଭାଷା ଆନ୍ଦୋଳନ ତୀବ୍ରରୂପ ଧାରଣ କରିଥିଲା । ମାତ୍ର ପାର୍ଲିଆମେଣ୍ଟରେ ତାମିଲ ଭାଷାରେ ବକ୍ତବ୍ୟ ପ୍ରଦାନ କରିବାର ସ୍ୱୀକୃତି ଓ ସାଙ୍ଗେ ସାଙ୍ଗେ ତାହା ଅନୂଦିତ ହେବାର ବ୍ୟବସ୍ଥା ଯୋଗୁଁ, ସେମାନେ ଶାନ୍ତ ହେଲେ ଓ ଜନଆନ୍ଦୋଳନରୁ ନିବୃତ୍ତ ହେଲେ । ତଦ୍ୱାରା ଭାରତର ଏକତା ଅକ୍ଷୁଣ୍ଣ ରହିପାରିଲା । ଦେଶର ଏକତା ଓ ତାମିଲ ଭାଷାଭାଷୀ ଲୋକଙ୍କୁ ମହାନ ଜାତୀୟ ସ୍ରୋତରେ ମିଶାଇବା ଦିଗରେ ରବି ରାୟଙ୍କର ଏହି ପଦକ୍ଷେପ ବାସ୍ତବିକ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଏ ସଫଳତା ତାଙ୍କ ଆତ୍ମବିଶ୍ୱାସକୁ ମଧ୍ୟ ବଢ଼ାଇ ଦେଇଥିଲା ।

ତା ପରେ ରବି ରାୟ ଲୋକସଭା ଅଧିବେଶନରେ ପ୍ରାୟ ଅଧଘଣ୍ଟାଏରୁ ଊର୍ଦ୍ଧ୍ୱକାଳ ଓଡ଼ିଆରେ ଓ ଅଧଘଣ୍ଟାଏ କାଳ ହିନ୍ଦୀରେ ଭାଷଣ ଦେଲେ । ଲୋକସଭାରେ ସିଦ୍ଧାନ୍ତ ଗ୍ରହଣ କରାଗଲା, ଯେକୌଣସି ସଭ୍ୟ ସମ୍ବିଧାନ ସ୍ୱୀକୃତ ଭାରତୀୟ ଭାଷାରେ ଭାଷଣ ଦେବାକୁ ଚାହିଁଲେ ଅଧଘଣ୍ଟାଏ ଆଗରୁ ଲେଖିକରି ଦେଲେ; ଅନୁବାଦ ବ୍ୟବସ୍ଥା କରାଯାଇପାରିବ । ଏହି ସିଦ୍ଧାନ୍ତ ଅନୁଯାୟୀ ଚାରିଟିଯାକ ଦ୍ରାବିଡ଼ଭାଷା ପ୍ରଥମେ ଅନୁମୋଦନ ଲାଭ କରି ଅନୁବାଦ ବ୍ୟବସ୍ଥା କରାଗଲା । ପରେ ଅନ୍ୟସବୁ ସମ୍ବିଧାନ ସ୍ୱୀକୃତ ଆଞ୍ଚଳିକ ଭାଷାମାନଙ୍କର ଅନୁବାଦ ବ୍ୟବସ୍ଥା ହେଲା ।

ଚଡ଼କ ପଡ଼ିଲା

୧୯୬୭ ମସିହା ସେପ୍ଟେମ୍ବର ମାସ । ନୂଆଦିଲ୍ଲୀର ୱେଲିଂଡନ ହସପିଟାଲରେ ଲୋହିଆଙ୍କର ପୋଷ୍ଟ୍ରେଟ ଗ୍ଲାଣ୍ଡ (ପୌରୁଷ ଗ୍ରନ୍ଥି)ର ଅପରେସନ କରାଗଲା । ଏଥିପାଇଁ ବହୁ ଆଗରୁ ଯେ ସେ ଶାରୀରିକ କ୍ଲେଶ ଭୋଗ କରୁଥିଲେ ଏକଥା କେବେ କାହାକୁ ସେ ଜାଣିବାକୁ ଦେଇ ନାହାନ୍ତି, ଜଣେ ଲଢୁଆଲୋକ ଯନ୍ତ୍ରଣା ପ୍ରତି ମଧ୍ୟ ସେଇ ବେପରୁଆ ମନୋଭାବ । ସବୁକାଳେ ସେ ଜୀବନକୁ ଗୋଟେ ଚାଲେଞ୍ଜ ଭାବରେ ଗ୍ରହଣ କରିଥିଲେ । ଗୋଟେ ଅପରାଜିତ ଓ ସଂଗ୍ରାମୀ ବ୍ୟକ୍ତିତ୍ୱକୁ ଚିରକାଳ ପାଇଁ ପରାଜିତ କରିବାକୁ ମୃତ୍ୟୁ ଯେପରି ପଣ କରି ବସିଥିଲା ।

Digitized by srujanika@gmail.com

ଅପରେସନ ୩୦ ତାରିଖରେ ହେଲା । ମାତ୍ର ଅକ୍ଟୋବର ଦୁଇ ତାରିଖରୁ ଅତ୍ୟଧିକ ରକ୍ତସ୍ରାବ ଆରମ୍ଭ ହୋଇଗଲା । ରକ୍ତଚାପ ବୃଦ୍ଧି ପାଇଲା । ଅବସ୍ଥା ସଙ୍କଟାପନ୍ନ ହୋଇ ଉଠିଲା । ସେ ଅଚେତ ହୋଇଗଲେ । ମଝିରେ ମଝିରେ ସାମାନ୍ୟ ଚେତା ଆସୁଥିଲେ ବି କୋମା ଆରମ୍ଭ ହୋଇଗଲା । ଡାକ୍ତରମାନେ ବିବ୍ରତ ହୋଇପଡ଼ିଲେ । ସାରାଦେଶରୁ ଓ ଇଂଲଣ୍ଡରୁ ବଡ଼ ବଡ଼ ସ୍ପେସାଲିଷ୍ଟମାନଙ୍କୁ ଅଣାଯାଇ ଆପ୍ରାଣ ଚେଷ୍ଟା କରାଗଲା । ଏ ଖବର ପାଇ ଦେଶର ବିଭିନ୍ନ ଅଞ୍ଚଳରୁ ସମାଜବାଦୀ ଦଳର ବହୁ କର୍ମୀ, ନେତା ଆସି ଦିଲ୍ଲୀରେ ପହଞ୍ଚିଗଲେ ।

ରବି ରାୟ ସେତେବେଳେ ୩୧.ଏ. ଅତୁଲଗ୍ରୋଭ ରୋଡ଼ରେ ରହୁଥାନ୍ତି ତାଙ୍କ ଏମ୍.ପି. କ୍ବାର୍ଟରରେ, ସେ ରାତିଦିନ ସେଇ ଓ୍ବେଲିଂଡନ ହସପିଟାଲରେ ପଡ଼ିରହି ଲୋହିଆଙ୍କ ଚିକିତ୍ସା କଥା ବୁଝୁଥାନ୍ତି । ତାଙ୍କ ପାଖକୁ କାହାକୁ ଛଡ଼ାଯାଉ ନ ଥାଏ । ଡାକ୍ତରଖାନା ଲନ୍‌ରେ ସମାଜବାଦୀ ଲୋକ ଭରପୂର ହୋଇଯାଇଥାନ୍ତି । କାଶ୍ମୀରରୁ ଭାରତ ସରକାରଙ୍କ ନଜରବନ୍ଦୀ କଏଦୀ କାଶ୍ମୀର ପ୍ରଧାନମନ୍ତ୍ରୀ ଶେଖ ଅବଦୁଲ୍ଲା ପୋଲିସ ଘେରରେ ଲୋହିଆଙ୍କୁ ଦେଖିବାକୁ ଆସି ପହଞ୍ଚିଲେ । ପାଟନାରୁ ଜୟପ୍ରକାଶ ନାରାୟଣ, ତାଙ୍କ ପତ୍ନୀ ପ୍ରଭାବତୀ ଦେବୀ, ମନ୍ତ୍ରୀ କର୍ପୂରୀ ଠାକୁର, ରାମାନନ୍ଦ ତିଓ୍ବାରୀ, ମଧୁଲିମାୟେ, ଜର୍ଜ ଫର୍ଣ୍ଣାଡ଼ିସ୍, ରାଜନାରାୟଣ ପ୍ରଭୃତି ନେତାମାନେ ଆସି ରୁଣ୍ଡ ହୋଇଥାନ୍ତି । ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ମଧ ନିଜେ ଡାକ୍ତରଖାନାକୁ ଆସି ଲୋହିଆଙ୍କ ଚିକିତ୍ସା ବିଷୟରେ ଡାକ୍ତରମାନଙ୍କୁ ପଚାରି ବୁଝୁଥାନ୍ତି । ସାରା ଦେଶର ଲୋକେ ଲୋହିଆଙ୍କ ପାଇଁ ବ୍ୟସ୍ତ ହୋଇପଡ଼ିଲେ । ଜର୍ମାନୀରୁ ପ୍ରଖ୍ୟାତ ଡାକ୍ତର 'ଏଲ୍‌କେନ'ଙ୍କୁ ଅଣାଗଲା । ବମ୍ବେରୁ ଡାକ୍ତର କୋବାଲାବାଲା ଓ ଡାକ୍ତର ଦସ୍ତରଙ୍କୁ, ଶାନ୍ତିଲାଲ୍ ମେହେଟାଙ୍କୁ ଓ ଲଣ୍ଡନର ଡାକ୍ତର ରିଚେଡ୍ ପ୍ରମୁଖ ଦେଶବିଦେଶର ଖୁବ୍ ବଡ଼ ବଡ଼ ନାମକରା ଚିକିତ୍ସକମାନଙ୍କୁ ଡକାଗଲା । ସବୁରି ଚିକିତ୍ସା ବିଫଳ ହେଲା ।

ଉପପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ତାଙ୍କ ବିଦେଶଗସ୍ତରୁ ଫେରିଆସି ଲୋହିଆଙ୍କ ଚିକିତ୍ସା କଥା ବୁଝୁଥାନ୍ତି । ଲଣ୍ଡନରୁ ବହୁ ଜୀବନରକ୍ଷାକାରୀ ଇଂଜେକ୍ସନ ଅଣାଯାଇ ଲୋହିଆଙ୍କ ଠାରେ ପ୍ରୟୋଗ କରାଗଲା । ମାତ୍ର ସବୁ ଚେଷ୍ଟା ବିଫଳ ହେଲା । ଅକ୍ଟୋବର ଏଗାର ତାରିଖ ରାତି ବାରଟା ଟପିଗଲା । ଅକ୍ଟୋବର ୧୨ ତାରିଖ ଆରମ୍ଭ ହୋଇଗଲା । ଦୁର୍ଗାଷ୍ଟମୀରୁ ନବମୀ ତିଥି ଆରମ୍ଭ ହୋଇଯାଇଥିଲା । ନବରାତ୍ରର ଠିକ୍ ନବମୀ ତିଥିର ରାତି ଗୋଟାଏ ପାଞ୍ଚ ମିନିଟ୍‌ରେ ଏହି ମହାନ ନେତାଙ୍କର ମହାପ୍ରୟାଣ ଘଟିଲା । ଭାରତମାତାର ଜଣେ ସଂଗ୍ରାମୀ ସୈନିକ, ଦେଶଭକ୍ତ ସନ୍ତାନଙ୍କର ଶେଷ ସଂଗ୍ରାମର ଯବନିକା ପଡ଼ିଲା । ମାଟି ମା'ର ଅଭୟ କୋଳରେ ଚିରଦିନ ପାଇଁ ସେ ମହାନିଦ୍ରାରେ ଶୋଇଗଲେ । ଜଣେ ମହାନ ସମାଜବାଦୀ ନେତାଙ୍କ ସଂଘର୍ଷମୟ ଓ କର୍ମମୟ ଜୀବନର ପୂର୍ଣ୍ଣଚ୍ଛେଦ ପଡ଼ିଲା ।

Digitized by srujanika@gmail.com

ରବି ରାୟଙ୍କ ଆତ୍ମା ଯେପରି ହାହାକାର କରି ଉଠିଲା । ପିଲାଦିନରୁ ପିତୃସ୍ନେହରୁ ବଞ୍ଚିତ ରବି ରାୟଙ୍କ ପାଇଁ ଲୋହିଆ ଥିଲେ ଧର୍ମପିତା ସମାନ; ତାଙ୍କର ରାଜନୀତିକ ଗୁରୁ ଓ ଆଦର୍ଶ, ତାଙ୍କର ଅନ୍ୟତମ ଅନ୍ତରଙ୍ଗ ବନ୍ଧୁ । ଯେଉଁ ଉଦାର ହୃଦୟ ପାଖରେ ରବି ରାୟ ନିଃସଙ୍କୋଚରେ ତାଙ୍କର ସବୁ ସୁଖଦୁଃଖ, ସବୁ ସମସ୍ୟା, ଭଲମନ୍ଦ ଖୋଲାଖୋଲି ଭାବରେ କହିପାରୁଥିଲେ । ତାଙ୍କପରି ଜଣେ ଅନ୍ତରଙ୍ଗ ଓ ଶୁଭାକାଂକ୍ଷୀ ବ୍ୟକ୍ତିଙ୍କୁ ହରାଇ ରବି ରାୟ ଦୁଃଖରେ ଭାଙ୍ଗିପଡ଼ିଲେ । ତାଙ୍କ ଉପରେ ସତେ ଯେମିତି ପାହାଡ଼ ଲଦି ହୋଇ ପଡ଼ିଲା । ଲୋହିଆଙ୍କ ଅବର୍ତ୍ତମାନରେ ସେ ଦ୍ୱିତୀୟବାର ବାପଛେଉଣ୍ଡ ହୋଇଗଲା ପରି ଅନୁଭବ କଲେ । ରାଜନୀତିକ ସମ୍ପର୍କ ଅପେକ୍ଷା ଲୋହିଆଙ୍କ ସହିତ ତାଙ୍କର ହୃଦୟର ସମ୍ପର୍କ ଥିଲା ଅଧିକ ନିବିଡ଼, ଅଧିକ ନିକଟତର । ଏଇ ଦୁଃଖର ଆବର୍ତ୍ତ ଭିତରୁ ବାହାରି ଆସିବା ପାଇଁ ମାନସିକ ସ୍ତରରେ ରବି ରାୟଙ୍କୁ ଅନେକ ଦିନ ଲାଗିଥିଲା ।

କଚ୍ଛ ସତ୍ୟାଗ୍ରହ

୧୯୬୮ ମସିହା ବେଳକୁ ପାର୍ଲିଆମେଣ୍ଟ ଉପସଚିବ ଥା'ନ୍ତି ଓଡ଼ିଶାର ସ୍ୱର୍ଗତ ପ୍ରଫୁଲ୍ଲ ପଟ୍ଟନାୟକ । ସେ ପୂର୍ବରୁ ଓଡ଼ିଶା ବିଧାନସଭାର ସେକ୍ରେଟାରୀ ମଧ୍ୟ ଥିଲେ । ରବି ରାୟ ପ୍ରଥମେ ସାଂସଦ ରୂପେ ଲୋକସଭାରେ ଯୋଗ ଦେବାରୁ କିଛିଦିନ ପରେ ଜାଣିଲେ ଯେ ଜଣେ ଓଡ଼ିଆ ଏତେବଡ଼ ପଦବୀରେ ଅଛନ୍ତି ବୋଲି । ସେ ଭାରି ଖୁସି ହୋଇଗଲେ । ପ୍ରଫୁଲ୍ଲ ପଟ୍ଟନାୟକ ଭାରି ରସିକିଆ ଲୋକ ଥିଲେ । ତାଙ୍କର ବୁଦ୍ଧିବୃତ୍ତି ମଧ୍ୟ ସେହିପରି ତୀକ୍ଷ୍ଣ ଥିଲା । ତାଙ୍କର କଥା କହିବା ଶୈଳୀ ବେଶ୍ ଚମତ୍କାର ଥିଲା । ଯିଏ ତାଙ୍କ ପାଖକୁ ଯାଉଥିଲା, ସେ ତାକୁ କଥାରେ ଏପରି ମୋହିତ କରି ଦେଉଥିଲେ ଯେ, କଥା ହେଉଥିବା ଲୋକ ନିଶ୍ଚୟ ହସି ହସି ଫେରୁଥିଲା ।

ମେ ୮, ୧୯୬୮ । ରବି ରାୟ କଚ୍ଛ ସତ୍ୟାଗ୍ରହରେ ଯୋଗ ଦେଇ ଦିଲ୍ଲୀ ଫେରିଥାନ୍ତି । ଲୋକସଭାର ଉପସଚିବ ପ୍ରଫୁଲ୍ଲ ପଟ୍ଟନାୟକ ରବି ରାୟଙ୍କୁ ତାଙ୍କ ବିଭାଗୀୟ ଅଫିସକୁ ଡାକି କହିଲେ - 'ରବିବାବୁ, ଗୋଟେ ଖବର ଦେବି । କିନ୍ତୁ ଖାଇବାକୁ ଦେବାକୁ ପ୍ରତିଶ୍ରୁତି ନ ଦେଲେ କହିବି ନାହିଁ ।' ରବି ରାୟ ଆଗ୍ରହରେ କହିଲେ - 'କୁହନ୍ତୁ କ'ଣ ଖାଇବେ ଓ କେଉଁଠି ଖାଇବେ ? କ'ଣ ଏମିତି ଖବର ଅଛି ଯେ ଖାଇବାକୁ ନ ଦେଲେ ଦେବେ ନାହିଁ ।'

ପ୍ରଫୁଲ୍ଲ ପଟ୍ଟନାୟକ ହସି ହସି କହିଲେ - 'ଲୋକସଭା ବାଚସ୍ପତିଙ୍କ ପ୍ରତିନିଧି ମଣ୍ଡଳୀରେ ରୁଷିଆ ଓ ହଙ୍ଗେରୀ ଯିବାପାଇଁ ଆପଣଙ୍କୁ ବାଚସ୍ପତି ମନୋନୀତ କରିଛନ୍ତି । ଆପଣଙ୍କୁ ଆମେ ଏଇ ଦିନେ ଦୁଇଦିନ ମଧ୍ୟରେ ଲିଖିତ ନିମନ୍ତ୍ରଣ ଓ ଚିଠି ଦେଇଦେବୁ ।' ରବି ରାୟ ପ୍ରଥମେ ତାଙ୍କ କଥାରେ ବିଶ୍ୱାସ କଲେ ନାହିଁ । କିନ୍ତୁ ତାଙ୍କ ସହ କିଛି ସମୟ

Digitized by srujanika@gmail.com

କଥାବାର୍ତ୍ତା କଳାପରେ ତାଙ୍କର ଆଉ ସନ୍ଦେହ ରହିଲା ନାହିଁ । ନୂତନ ସମ୍ବିଧାନ ଅନୁସାରେ ଭାରତର ପାର୍ଲିଆମେଣ୍ଟ ଗଠନ ହେବା ପରେ ଯେତେ ଯେତେ ସଂସଦୀୟ ପ୍ରତିନିଧିମଣ୍ଡଳ ବିଦେଶ ଗସ୍ତରେ ଯାଇଛନ୍ତି, ତା ମଧ୍ୟରେ ଏ ପ୍ରତିନିଧିମଣ୍ଡଳ ଅନ୍ୟମାନଙ୍କ ତୁଳନାରେ ରୁଷରେ ବେଶିଦିନ ରହିବେ । ତା' ଛଡ଼ା ସଦ୍ୟ ନିର୍ବାଚିତ ସଭ୍ୟ ପୂର୍ବରୁ କେବେ ଏଥିପାଇଁ ମନୋନୀତ ହୋଇ ନ ଥିଲେ । ତେଣୁ ରବି ରାୟଙ୍କ ମନରେ ସନ୍ଦେହ ଜାତ ହେବା ସ୍ୱାଭାବିକ ଥିଲା ।

୧୯୬୮ ମସିହାର କଚ୍ଛ ସତ୍ୟାଗ୍ରହ, ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ରକ୍ଷା କରିବା ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଓ ମହତ୍ତର ଘଟଣା ହୋଇ ରହିବ । ସ୍ୱାଧୀନତା ପ୍ରାପ୍ତି ପରେ ଆର୍ଥିକ ଓ ସାମାଜିକ ଶୋଷଣ ବିରୋଧରେ ବହୁ ସତ୍ୟାଗ୍ରହ କରାଯାଇଛି । ହଜାର ହଜାର ବ୍ୟକ୍ତି ଜେଲ ଯାଇଛନ୍ତି । ପୁରାଣ ଯୁଗର ପ୍ରହ୍ଲାଦଙ୍କଠାରୁ ଆରମ୍ଭ କରି ଗ୍ରୀକ୍‌ର ମହାନ ଦାର୍ଶନିକ ସୁକ୍ରାତ ଓ ଆମେରିକାର ଥୁରୋଙ୍କ ପର୍ଯ୍ୟନ୍ତ କେବଳ ମନୀଷୀମାନେ ହିଁ ଅନ୍ୟାୟ ବିରୋଧରେ ସତ୍ୟାଗ୍ରହ କରିଆସିଛନ୍ତି । ଭକ୍ତ ପ୍ରହ୍ଲାଦ, ସୁକ୍ରାତ, ଥୁରୋ ଓ ରସକିନଙ୍କ ଠାରୁ ଗାନ୍ଧିଜୀ ପ୍ରେରଣା ନେଇଥିଲେ । ଆମେରିକାର ଦାର୍ଶନିକ ଥୁରୋଙ୍କ ସିଭିଲ ଡିସ୍ ଓବିଡ଼ିଏନ୍‌ସ (Civil Disobedience) ପ୍ରବନ୍ଧଟି ତାଙ୍କୁ ବହୁତ ପ୍ରେରଣା ଦେଇଥିଲା । କିନ୍ତୁ ଗାନ୍ଧିଜୀ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯେ କି ପଦଦଳିତ, ଲାଞ୍ଛିତ ଜନସାଧାରଣଙ୍କୁ କେବଳ ଯେ ସତ୍ୟାଗ୍ରହର ଦୀକ୍ଷା ଦେଲେ ତା ନୁହେଁ, ବରଂ ସେମାନଙ୍କୁ ଏଥିରେ ସାମିଲ ମଧ୍ୟ କରାଇଲେ । ଭକ୍ତ ପ୍ରହଲ୍ଲାଦ, ସୁକ୍ରାତ ଓ ଥୁରୋଙ୍କ ସହ ଗାନ୍ଧିଜୀଙ୍କର ବିଶେଷ ପାର୍ଥକ୍ୟ ହେଉଛି, ଜନସାଧାରଣଙ୍କୁ ସତ୍ୟାଗ୍ରହ ଆନ୍ଦୋଳନରେ ଭାଗୀଦାର କରାଇବାରେ ସେ ଥିଲେ ଅଗ୍ରଣୀ । ଏ ସଂକ୍ରାନ୍ତରେ ଗାନ୍ଧିଜୀଙ୍କର ଆଉ ଏକ ବିଶେଷ ଅବଦାନ ରହିଛି । ତାଙ୍କ ପୂର୍ବରୁ ସୁକ୍ରାତ ଓ ଥୁରୋ ଗଣତନ୍ତ୍ର ସରକାରମାନଙ୍କ ବିରୋଧରେ ହିଁ ସତ୍ୟାଗ୍ରହ-ଅସ୍ତ୍ରର ଉପଯୋଗ କରିଥିଲେ । ଗ୍ରୀସ ନଗର-ରାଜ୍ୟମାନଙ୍କରେ ଗଣତନ୍ତ୍ର ପ୍ରଚଳିତ ଥିବା କଥା କାହାକୁ ଅଛପା ନାହିଁ । ସୁକ୍ରାତଙ୍କୁ ଗ୍ରୀସ୍‌ର ଏହି ଗଣତାନ୍ତ୍ରିକ ସରକାର ବିରୋଧରେ ବିଦ୍ରୋହ କରି ମୃତ୍ୟୁବରଣ କରିବାକୁ ହୋଇଥିଲା । ସେହିପରି ଥୁରୋଙ୍କୁ ଆମେରିକାର ଗଣତନ୍ତ୍ର ବିରୋଧରେ ଲଢ଼େଇ କରିବାକୁ ପଡ଼ିଥିଲା । ଗଣତାନ୍ତ୍ରିକ ସରକାର ବିରୋଧରେ ସତ୍ୟାଗ୍ରହର ଅସ୍ତ୍ରକୁ ଉପଯୋଗ କରିବା ପ୍ରତ୍ୟେକ ନାଗରିକର ଜନ୍ମସିଦ୍ଧ ଅଧିକାର କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ଗାନ୍ଧିଜୀ ବ୍ରିଟିଶ ସାମ୍ରାଜ୍ୟବାଦୀ ସରକାର ଭଳି ପ୍ରବଳ ପ୍ରତାପୀ ଅତ୍ୟାଚାରୀ ସରକାର ବିରୋଧରେ ସତ୍ୟାଗ୍ରହକୁ ଆୟୁଧ ରୂପେ ପ୍ରୟୋଗ କରିଥିଲେ । ଏଇଠାରେ ଗାନ୍ଧିଜୀଙ୍କ ମୌଳିକତା, ମହାନତା ଓ ନିଜସ୍ୱ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ ।

Digitized by srujanika@gmail.com

ଏକଥା ନିଶ୍ଚିତ ଯେ ଗାନ୍ଧିଜୀ ତାଙ୍କର ଅସଂଖ୍ୟ ଲେଖା ଓ ଭାଷଣ ମାଧ୍ୟମରେ ସାମାଜିକ ଓ ଆର୍ଥିକ ଶୋଷଣର ମୂଳୋତ୍ପାଟନ କରିବା ପାଇଁ ସତ୍ୟାଗ୍ରହ ଅସ୍ତ୍ର ବ୍ୟବହାର କରିବାକୁ କେବଳ ଯେ ଆହ୍ୱାନ ଦେଇଥିଲେ, ତା ନୁହେଁ ସେ ସ୍ୱାଧୀନ ଭାରତରେ ଯଦି ଆଉ କିଛି ବର୍ଷ ବଞ୍ଚି ରହିଥାନ୍ତେ, ତେବେ ଶାସନବ୍ୟବସ୍ଥା, ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ବ୍ୟବସ୍ଥାରେ ଯେଉଁ ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର ଓ ମୂଲ୍ୟବୋଧର ହ୍ରାସ ଘଟିଛି, ତା ବିରୋଧରେ ସତ୍ୟାଗ୍ରହ କରିବା ପାଇଁ ଲୋକଙ୍କୁ ସଚେତନ କରିଥାନ୍ତେ ।

ବିଦେଶ ଗସ୍ତରେ ଯିବା ପୂର୍ବରୁ ରବି ରାୟ ୧୯୬୮ ମେ ମାସ ୫ ତାରିଖ ଗୁଜରାଟର ଭୁଜ ଜିଲ୍ଲାର ଖାଓ୍ୱାଡ଼ାଠାରେ ଯେଉଁ ସତ୍ୟାଗ୍ରହ କରିଥିଲେ ତାହା ଆର୍ଥିକ କିମ୍ବା ସାମାଜିକ ଶୋଷଣ ବିରୋଧରେ ନ ଥିଲା । ଭାରତ ସରକାର ଗୁଜୁରାଟର କଚ୍ଛ ଅଞ୍ଚଳରେ ଛାଦବେନ ଓ କଂଜରୁକୋଟର ୩୫୦ ବର୍ଗ ମାଇଲ ଭୂମି ଏକ ଆନ୍ତର୍ଜାତିକ ଟ୍ରିବ୍ୟୁନାଲର ବହୁମତ ସିଦ୍ଧାନ୍ତ ଅନୁଯାୟୀ ପାକିସ୍ଥାନକୁ ଦେବାପାଇଁ ସ୍ଥିର କରିଦେଲେ । ପାର୍ଲିଆମେଣ୍ଟରେ ମଧୁଲିମାୟେ, ରବି ରାୟ ପ୍ରମୁଖ ବହୁନେତାଙ୍କ ବିରୋଧ ସତ୍ତ୍ୱେ ସରକାର ଏଥିରେ ଜିଦ୍ ଧରିଲେ । ବାସ୍ତବରେ ଏପରି କାର୍ଯ୍ୟ ଯେ ସମ୍ପୂର୍ଣ୍ଣ ରାଷ୍ଟ୍ର ବିରୋଧୀ, ଏକଥା ଜାଣି ମଧ ସରକାରଙ୍କ ମନୋଭାବ ଦେଶପ୍ରତି ଅନୁକୂଳ ମନେ ହେଉ ନ ଥିଲା । ୧୯୬୫ ମସିହାରେ ଭାରତ ପାକିସ୍ଥାନ ଯୁଦ୍ଧ ହେବାପରେ ରୁଷର ତାସକେଣ୍ଟରେ ଉଭୟ ଦେଶ ମଧ୍ୟରେ ଯେଉଁ ଚୁକ୍ତି ହେଲା, ସେ ଅନୁଯାୟୀ ଗୁଜୁରାଟର କେତେକ ଇଲାକା ଭାରତବର୍ଷରେ ରହିବ କିମ୍ବା ପାକିସ୍ଥାନର ଅନ୍ତର୍ଭୁକ୍ତ ହେବ ସେ ବିଷୟରେ ସେମାନେ ଫଇସଲା ଦେବେ । ପୃଥିବୀର ଅନ୍ୟ କୌଣସି ରାଷ୍ଟ୍ର ଏ ପ୍ରକାର ଆତ୍ମସମ୍ମାନ ବିହୀନ ପ୍ରସ୍ତାବକୁ ମାନି ନ ଥାଆନ୍ତେ । ତା କେବଳ ସେଇ ରାଷ୍ଟ୍ର ପକ୍ଷରେ ମାନିନେବା ସମ୍ଭବ, ଯେଉଁ ରାଷ୍ଟ୍ରର ସରକାର ନିଜର ସାର୍ବଭୌମତ୍ୱକୁ ବଳି ଦେବାକୁ ପଶ୍ଚାତ୍ପଦ ହୁଏ ନାହିଁ । ଭାରତ ସରକାର ଏପରି ଏକ ପ୍ରସ୍ତାବରେ ସମ୍ମତ ହେବା ବାସ୍ତବରେ ଅସମ୍ମାନଜନକ ଥିଲା ।

ତାସକେଣ୍ଟ ଚୁକ୍ତି ଅନୁଯାୟୀ ଯେଉଁ ଟ୍ରିବ୍ୟୁନାଲ ଗଠିତ ହେଲା ସେଥିରେ ଭାରତ ଯୁଗୋସ୍ଲୋଭିଆର ଜଣେ ବିଚାରପତିଙ୍କୁ ମନୋନୀତ କଲେ । ପାକିସ୍ଥାନ ଇରାନର ଜଣେ ବିଚାରପତିଙ୍କୁ ମନୋନୀତ କଲେ । ମିଳିତ ଜାତିସଂଘ ସ୍ୱିଡ଼େନର ଆଉଜଣଙ୍କୁ ମନୋନୀତ କଲା । ଏ ତିନିଜଣ ବିଚାରପତିଙ୍କ ମଧ୍ୟରୁ ଯୁଗୋସ୍ଲୋଭିଆର ବିଚାରପତିଙ୍କ ବ୍ୟତୀତ ଅନ୍ୟ ଦୁଇଜଣ ବିଚାରପତି ପାକିସ୍ଥାନ ସପକ୍ଷରେ ଫଇସଲା ଦେଲେ । ଯେଉଁ ରାଷ୍ଟ୍ର ବିରୋଧରେ ଫଇସଲା ଦିଆଯାଇଛି, ସେଇ ରାଷ୍ଟ୍ର ସେତିକିବେଳେ କେବଳ ଏ ସିଦ୍ଧାନ୍ତକୁ ମାନିନେବ, ଯେତେବେଳେ ତାହା ସର୍ବସମ୍ମତ ହେବ । ଅନ୍ତର୍ରାଷ୍ଟ୍ରୀୟ କ୍ଷେତ୍ରରେ ଏ ପ୍ରକାର ବହୁତ ନଜିର ରହିଛି ବୋଲି ରବି ରାୟ ଏବଂ ଅନ୍ୟାନ୍ୟ ପାର୍ଲିଆମେଣ୍ଟ ସଭ୍ୟମାନେ ଯୁକ୍ତି ଦର୍ଶାଇଲେ ସୁଦ୍ଧା ଭାରତ ସରକାର ଛାଦବେନ କଞ୍ଜରୁକୋଟ ପାକିସ୍ଥାନକୁ ହାତଟେକି

Digitized by srujanika@gmail.com

ଦେଇଦେବେ ବୋଲି ଠିକ କଲେ । ଏହି ଫଇସଲା ବିରୋଧରେ ହଜାର ହଜାର ନରନାରୀ ସତ୍ୟାଗ୍ରହ କରିବାକୁ ୧୯୬୮ ମେ ମାସ ମଧ୍ୟରେ ଗୁଜୁରାଟର ଭୁଜ ସହରରେ ପହଞ୍ଚିଲେ ।

ମହାରାଷ୍ଟ୍ରର ବିଶିଷ୍ଟ ବ୍ୟକ୍ତି ଓ ନେତାମାନେ ଏ ସତ୍ୟାଗ୍ରହର ପରିଚାଳନାର ମୁଖ୍ୟ ଦାୟିତ୍ୱ ନେଇଥିଲେ । ଅନ୍ୟାନ୍ୟ ରାଜନୀତିକ ଦଳମାନଙ୍କ ପରି ସଂଯୁକ୍ତ ସୋସାଲିଷ୍ଟ ପାର୍ଟି ମଧ୍ୟ ଏଥିରେ ମୁଖ୍ୟ ଅଂଶ ନେଇଥିଲା ।

ରବି ରାୟ ଯେଉଁଦିନ ଦିଲ୍ଲୀରୁ ବାହାରିଲେ, ମଧୁଲିମାୟେଙ୍କ ଚଉଦବର୍ଷର ପୁଅ ଅନିରୁଦ୍ଧ ଲିମାୟେ ସତ୍ୟାଗ୍ରହ କରିବ ବୋଲି ତାଙ୍କ ସାଙ୍ଗେ ଭୁଜ ଯିବାପାଇଁ ଜିଦ୍ ଧରିଲା । ଶେଷରେ ସ୍ଥିର ହେଲା ଅନିରୁଦ୍ଧ ରବି ରାୟଙ୍କ ସାଙ୍ଗରେ ଭୁଜ ଯିବ । ଏକଥା ସ୍ମରଣ କରି ରବି ରାୟ କହନ୍ତି - "ମୁଁ ଭୁଜ ଯିବା ଦିନ ଦିଲ୍ଲୀ ରେଳଷ୍ଟେସନରେ ସଂଯୁକ୍ତ ସୋସାଲିଷ୍ଟ ଦଳର ବହୁକର୍ମୀ ମୋତେ ଓ ଅନିରୁଦ୍ଧ ଲିମାୟେଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବାକୁ ଆସିଥିଲେ । ମଧୁଲିମାୟେ ତାଙ୍କ ସ୍ତ୍ରୀ ଚମ୍ପାଙ୍କ ସହ ତାଙ୍କ ଏକମାତ୍ର ସନ୍ତାନ ଅନିରୁଦ୍ଧକୁ ମଧ୍ୟ ଛାଡ଼ିବା ପାଇଁ ରେଳଷ୍ଟେସନରେ ଉପସ୍ଥିତ ଥାଆନ୍ତି । ଅନିରୁଦ୍ଧଙ୍କ ବାପା ମଧୁଲିମାୟେ ବହୁ ସତ୍ୟାଗ୍ରହରେ ଜେଲବରଣ କରିଥିବା କଥା ସେ ପିଲାବେଳୁ କେବଳ ଶୁଣି ଆସିଥିଲା । କିନ୍ତୁ ସେଦିନ ସେ ମୋ ସହ କଚ୍ଛ ସତ୍ୟାଗ୍ରହରେ ଯୋଗ ଦେବ ବୋଲି ତା ମନରେ ଯେଉଁ ବ୍ୟାକୁଳଭରା ରୋମାଞ୍ଚ ଦେଖିଥିଲି, ତାକୁ ମୁଁ ମୋ ଜୀବନରେ କଦାପି ଭୁଲିପାରିବି ନାହିଁ । ମୋର ମନେହେଉଥିଲା ଅନିରୁଦ୍ଧ ଭଳି ଦେଶର ଅଗଣିତ କୋମଳମତି ଯୁବକ ଯୁବତୀ ଯଦି ଅନ୍ୟାୟ ବିରୋଧରେ ପ୍ରତିକାରସ୍ୱରୂପ ସତ୍ୟାଗ୍ରହ-ଅସ୍ତ୍ରକୁ ଗ୍ରହଣ କରି ନିଅନ୍ତି, ତେବେ ଏଇ ଶୋଷଣହୀନ ସମାଜ ଗଠନ କରିବାର ଆଶା ଫଳପ୍ରଦ ହୁଅନ୍ତା । ସେଇଦିନଠାରୁ ଅନିରୁଦ୍ଧ ହେଲା ମୋର ଦୋସ୍ତ ଓ ମୁଁ ତାକୁ ଆଜିଯାଏ ଦୋସ୍ତ ବୋଲି ସମ୍ବୋଧନ କରିଆସୁଛି ।"

ରବି ରାୟ ଓ ଅନିରୁଦ୍ଧ ଭୁଜରେ ପହଞ୍ଚିଲେ ୪ ମେ, ୧୯୬୮ରେ । ୬ ତାରିଖ ଦିନ ଗୁଜୁରାଟର ପାଲନପୁର ରେଳବାଇ ଷ୍ଟେସନରୁ ରବି ରାୟ ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ନିକଟକୁ ଯେଉଁ ଚିଠି ଦେଇଥିଲେ ତାହା ତଳେ ଉଦ୍ଧାର କରାଯାଇଛି ।

'କାଲି ମୋ ଜୀବନରେ ଏକ ନୂତନ ଅଭିଜ୍ଞତା ହେଲା । ଦେଶର ଚାରିଆଡୁ ପାର୍ଟି କର୍ମୀମାନେ ଆସି କଚ୍ଛରେ ପହଞ୍ଚୁଛନ୍ତି ସେଠାରେ ସତ୍ୟାଗ୍ରହ କରିବାପାଇଁ । ଆମ ଦେଶର ୩୫୦ ବର୍ଗମାଇଲ ଅଞ୍ଚଳ ପାକିସ୍ଥାନକୁ ଦେଇଦେବା ଦ୍ୱାରା ଭାରତ ସରକାର ଯେଉଁ ଚରମ ବିଶ୍ୱାସଘାତକତା କରିଛି, ଇତିହାସରେ ତାର ପଟାନ୍ତର ନାହିଁ । ଏଇ ବିଶ୍ୱାସଘାତକତା ବିରୋଧରେ ଏ ସତ୍ୟାଗ୍ରହ ଉଦ୍ଦିଷ୍ଟ । ଭାରତବର୍ଷର ନାଗରିକ ହିସାବରେ ଆମ ଦେଶରେ ସ୍ୱଚ୍ଛନ୍ଦରେ ଯିବାଆସିବା କରିବାର ଅଧିକାରରୁ ସରକାର ଆମମାନଙ୍କୁ

Digitized by srujanika@gmail.com

ବଞ୍ଚିତ କରିବାକୁ ଚାହେଁ । ଗତକାଲି ମୁଁ ଓ ବିହାରର ଭୂତପୂର୍ବ ଶିକ୍ଷାମନ୍ତ୍ରୀ କର୍ପୂରୀ ଠାକୁର ଆମ ସତ୍ୟାଗ୍ରହୀମାନଙ୍କର ନେତୃତ୍ୱ ନେଇଥିଲୁ । ଭୁଜରୁ ଆମେମାନେ ୪୫ ମାଇଲ ବସରେ ଖାଓ୍ୱଡ଼ା ଗଲୁ ।

ଖାଓ୍ୱଡ଼ାରୁ ଦୁଇମାଇଲ ଦୂରରେ ୧୪୪ ଧାରା ଜାରି ରହିଛି । ଆମ ସତ୍ୟାଗ୍ରହୀ ଦଳରେ ପ୍ରାୟ ୭୦ ରୁ ୧୦୦ ଜଣ ପର୍ଯ୍ୟନ୍ତ ପୁରୁଷ ଓ ସ୍ତ୍ରୀ ଥିଲେ । ବମ୍ବେ କର୍ପୋରେସନର ସଦସ୍ୟ ମୃଣାଳ ଗୋରେଙ୍କ ନେତୃତ୍ୱରେ ବହୁତ ନାରୀ ସତ୍ୟାଗ୍ରହୀ ଆମ ଦଳରେ ରହିଛନ୍ତି । ଏ ଦଳରେ ଜଣେ ୮୦ ବର୍ଷର ବୁଢ଼ୀ ଓ ୯୧ ବର୍ଷର ବୁଢ଼ାରୁ ଆରମ୍ଭ କରି ୧୪ ବର୍ଷର ଛୋଟ ଝିଅ ଓ ପୁଅ ମଧ୍ୟ ଥିଲେ । ଆମେ ସବୁ ସ୍ଲୋଗାନ ଦେଇଦେଇ 'ଜବାନ ନ ହାରା, ଜନତା ନ ହାରି; ହାରଗୟୀ ସରକାର ହମାରି...' ୧୪୪ ଧାରା ଜାରି କରାଯାଇଥିବା ନିଷିଦ୍ଧ ଅଞ୍ଚଳରେ କଚ୍ଛର ରାନ୍ ଅଞ୍ଚଳ ଭିତରକୁ ୮ ମାଇଲ ଯିବା ପରେ ପ୍ରାୟ ଶତାଧିକ ପୁଲିସ ପାହାଡ଼ଭଳି ରାସ୍ତାକୁ ରୋକିଥିଲେ । ନାରୀକର୍ମୀମାନଙ୍କୁ ଗିରଫ କରିବା ପାଇଁ ଶତାଧିକ ନାରୀପୁଲିସ ମଧ୍ୟ ମୃତୟନ ହୋଇଥିଲେ । ଆମେମାନେ ପୁଲିସ ହୁକୁମ ନ ମାନି ସେମାନଙ୍କ ଘେର ଭାଙ୍ଗି ଆଗକୁ ଯିବାକୁ ଚାହୁଁଥାଉ । କିନ୍ତୁ ପୁଲିସ ନଛୋଡ଼ବନ୍ଧା । ପରେ ଆମମାନଙ୍କୁ ଗୁଜୁରାଟ ପୁଲିସ ଗିରଫ କରି କୋର୍ଟକୁ ଆଣିଲେ । କୋର୍ଟ ଉଠିବା ପର୍ଯ୍ୟନ୍ତ ସଜା ମିଳିଲା । ଅନିରୁଦ୍ଧ ଲିମାୟେ ମଧ୍ୟ ସତ୍ୟାଗ୍ରହ କଲା । ମୁଁ ତାକୁ ନେଇ ପୁଣି ଦିଲ୍ଲୀ ଫେରିଯାଉଛି ।'

ପ୍ରାୟ ଚାଳିଶ-ପଚାଶ ହଜାର ନରନାରୀ ଏ ସତ୍ୟାଗ୍ରହରେ ଭାଗ ନେଇଥିଲେ । କିନ୍ତୁ ତା ସତ୍ତ୍ୱେ ଭାରତ ସରକାର ସେ ଅଞ୍ଚଳଗୁଡ଼ିକୁ ପାକିସ୍ଥାନକୁ ଦେଇଦେବାପାଇଁ ବଦ୍ଧପରିକର ଥିଲେ । ଜନମତକୁ ସରକାର ଭ୍ରୂକ୍ଷେପ କଲେ ନାହିଁ । ଯେଉଁ ଲକ୍ଷ୍ୟ ହାସଲ ପାଇଁ ସତ୍ୟାଗ୍ରହରେ ରବି ରାୟ ଯୋଗ ଦେଇଥିଲେ, ତାହା ପୂରଣ ନ ହୋଇପାରିବାରୁ ତାଙ୍କ ମନରେ ଘୋର ଅବସାଦ ଓ ଗ୍ଲାନି ଦେଖା ଦେଇଥିଲା । ସେଇ ମାନସିକ୍ ବ୍ୟର୍ଥତା ଓ ହତାଶା ଭିତରେ ସେ ଦିଲ୍ଲୀ ଫେରିଲେ । ରବି ରାୟ ଅନୁଭବ କଲେ ଯେ ଖୁବ୍ ନିକଟରେ ଏ ଗ୍ଲାନି ଦୂର ହେବାର ନାହିଁ । ଗୋଟିଏ ରାଜନୀତିକ ଦଳ କେନ୍ଦ୍ରରେ ଏକାଦିକ୍ରମେ ଦୁଇ ଦଶନ୍ଧି ଶାସନ କରି ମଧ୍ୟ ଦେଶର ମହତ୍ତର ସ୍ୱାର୍ଥ ପ୍ରତି ଏପରି ଉଦାସୀନତା ପ୍ରକାଶ କରିବା ଘଟଣା ରବି ରାୟଙ୍କୁ ଗଭୀର ଭାବରେ ବ୍ୟଥିତ କରିଥିଲା । ସେଇ ଦଳ ଦେଶର ବୈଦେଶିକ ନୀତି ଓ ଦେଶର ରକ୍ଷାନୀତିର ସର୍ବମୟ ନିୟନ୍ତାରୂପେ ରହି ଦେଶର ସ୍ୱାର୍ଥକୁ ଏପରି ବିଡ଼ମ୍ବିତ କରିବା ଘୋର ପରିତାପର ବିଷୟ ।

Digitized by srujanika@gmail.com

ପ୍ରଥମ ବିଦେଶ ଯାତ୍ରା

ମେ ୧୦ ତାରିଖ ୧୯୬୮ ମସିହା । ଲୋକସଭାର ଉପସଚିବ ସ୍ୱର୍ଗତ ପ୍ରଫୁଲ୍ଲ ପଟ୍ଟନାୟକଙ୍କଠାରୁ ରବି ରାୟ ଚିଠି ପାଇଲେ ଯେ, ଲୋକସଭା ବାଚସ୍ପତିଙ୍କ ନେତୃତ୍ୱରେ ଜୁନ ୧୬ ତାରିଖରେ ରୁଷ ଓ ହଙ୍ଗେରୀକୁ ଯେଉଁ ସଂସଦୀୟ ପ୍ରତିନିଧି ମଣ୍ଡଳୀ ଯିବ, ସାତଜଣ ପାର୍ଲିଆମେଣ୍ଟ ସଦସ୍ୟଙ୍କ ମଧ୍ୟରେ ସେ ମନୋନୀତ ହୋଇଛନ୍ତି ।

ପ୍ରଫୁଲ୍ଲବାବୁ ହସି ହସି ରବି ରାୟଙ୍କୁ ଅଭିନନ୍ଦନ ଜଣାଇଲେ । ଏ ଦଳରେ ଦୁଇଜଣ ଓଡ଼ିଆ ସ୍ଥାନ ପାଇଥାନ୍ତି । ତାଙ୍କ ବ୍ୟତୀତ ଶ୍ରଦ୍ଧାକର ସୂପକାର ମଧ୍ୟ ବିଦେଶ ଗସ୍ତରେ ଯିବାକୁ ମନୋନୀତ ହୋଇଥାନ୍ତି । ପାର୍ଲିଆମେଣ୍ଟରେ ରବି ରାୟଙ୍କ ଓଜସ୍ୱିନୀ ଭାଷଣ ଶୁଣି ବାଚସ୍ପତି ଖୁସିହୋଇ ନିଜେ ତାଙ୍କ ନାଁ ଏହି ପ୍ରତିନିଧି ଦଳପାଇଁ ସୁପାରିସ କରିଛନ୍ତି ବୋଲି ପ୍ରଫୁଲ୍ଲବାବୁ କହିଲେ । କୌଣସି ସାଂସଦ ପ୍ରଥମଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇ ଏପରି ପ୍ରତିନିଧି ଦଳରେ ସ୍ଥାନ ପାଇବା କ୍ୱଚିତ୍ ସମ୍ଭବ ହୋଇଥାଏ । ସେତେବେଳେ ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥା'ନ୍ତି ।

ବିଦେଶ ଗସ୍ତରେ ଯିବା ପାଇଁ ନିମନ୍ତ୍ରଣ ପାଇବା ରବି ରାୟଙ୍କ ଜୀବନରେ ଏ ପ୍ରଥମ । ଏହା ପୂର୍ବରୁ ୧୯୬୭ ସାଲରେ ସାଂସଦ ରୂପେ ହନୁମନ୍ତୟାଙ୍କ ନେତୃତ୍ୱରେ ଭୁଟାନ ଯାଇଥିଲେ । କିନ୍ତୁ ଭୁଟାନକୁ ସେତେବେଳେ ଏକ ବିଦେଶୀ ରାଷ୍ଟ୍ରବୋଲି ରବି ରାୟ ଆଦୌ ଗ୍ରହଣ କରିପାରି ନ ଥିଲେ । ଭୁଟାନ ଏବେ ମିଳିତ ଜାତିସଂଘରେ ସଭ୍ୟ ହୋଇଥିଲେ ସୁଦ୍ଧା ତାଙ୍କୁ ଏହା ନିଜ ଦେଶପରି ମନେହୋଇଥିଲା ।

ରବି ରାୟ ପ୍ରଫୁଲ୍ଲବାବୁଙ୍କଠାରୁ ଜାଣିଲେ ଯେ, ପାର୍ଲିଆମେଣ୍ଟ ତରଫରୁ ରୁଷ ଓ ହଙ୍ଗେରୀ ପାଇଁ ଯେଉଁ ପ୍ରଥମ ଶ୍ରେଣୀର ବ୍ୟୋମଯାନ ଟିକେଟ ମିଳିବ ତା ସହିତ ଆଉ ୭୦୦ ଟଙ୍କା (ନିଜ ହାତରୁ) ମିଶାଇଲେ ସଂସଦୀୟ ପ୍ରତିନିଧି ମଣ୍ଡଳର କୋଡ଼ିଏଦିନିଆ ଗସ୍ତ ଶେଷ ପରେ ସେ ଇଉରୋପର କେତେକ ଦେଶ ସହ ମିଶରର ରାଜଧାନୀ କାହିରା ମଧ୍ୟ ଯାଇପାରିବେ ।

ରବି ରାୟ ଓ ପ୍ରତିନିଧିମଣ୍ଡଳର ଅନ୍ୟତମ ପ୍ରତିନିଧି ଆନ୍ଧ୍ର ପ୍ରଦେଶର ଅଂଜାନାପା ଏକାଠି ଯିବାକୁ ସ୍ଥିର ହେଲା । ପ୍ରଫୁଲ୍ଲବାବୁ ସେ ଦୁହିଁଙ୍କର ୟୁରୋପ ଗସ୍ତର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ତିଆରି କଲେ । ସେ ଏହି ଗସ୍ତକ୍ରମ ପ୍ରସ୍ତୁତ କରିବା ଦାୟିତ୍ୱ ନେଇଥାନ୍ତି । ତାଙ୍କ କର୍ମଦକ୍ଷତା ଓ ମଧୁର ସ୍ୱଭାବ ଭୁଲିବାର ନୁହେଁ । ବାସ୍ତବିକ ପ୍ରଶଂସନୀୟ । ସେ ଏ ଦୁହିଁଙ୍କ ପାଇଁ ଯେଉଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ ସେଥିରେ ଶେଷ ପର୍ଯ୍ୟନ୍ତ କୌଣସି ବ୍ୟତିକ୍ରମ ହୋଇ ନ ଥିଲା । ଅବଶ୍ୟ ରୁଷିଆ ଓ ହଙ୍ଗେରୀରେ ରହିବା ବିଷୟରେ ଏମାନଙ୍କର କୌଣସି ଚିନ୍ତା ନ ଥିଲା । ସେମାନେ ଯେତେବେଳେ ଭାରତୀୟ ସଂସଦୀୟ

Digitized by srujanika@gmail.com

ପ୍ରତିନିଧି ମଣ୍ଡଳଙ୍କୁ ନିମନ୍ତ୍ରଣ କରୁଛନ୍ତି, ସେମାନେ ଅତିଥି ସତ୍କାରର ଉତ୍ତମ ବ୍ୟବସ୍ଥା ଯେ ନିଶ୍ଚୟ କରିବେ; ଏଥିରେ କାହାର ସନ୍ଦେହ ନ ଥିଲା । ରବି ରାୟ ଓ ଅଂଜାନାପା ୟୁରୋପର ଅନ୍ୟାନ୍ୟ କେତେକ ଦେଶ ବୁଲିବା ଅବସରରେ ସେସବୁ ଦେଶମାନଙ୍କର ହୋଟେଲରେ ରହିବା ଖାଇବା ପ୍ରଭୃତି ନିଶ୍ଚୟ ବ୍ୟୟବହୁଳ ହେବ - ଏକଥା ଚିନ୍ତାକରି ରବି ରାୟ ଟିକିଏ ଚିନ୍ତିତ ଥିଲେ । କିନ୍ତୁ ପ୍ରଫୁଲ୍ଲବାବୁ ଏୟାରଇଣ୍ଡିଆ ଓ ବିଭିନ୍ନ ଦେଶମାନଙ୍କରେ ଥିବା ଭାରତୀୟ ଦୂତାବାସ ସହ ସମ୍ପର୍କ ସ୍ଥାପନ କରି ସେ ଦୁହିଁଙ୍କର ସମସ୍ତ ବ୍ୟବସ୍ଥା କରିଦେଇଥିଲେ ।

ରବି ରାୟଙ୍କ ଏକମାସ ୟୁରୋପ ଗସ୍ତ କାର୍ଯ୍ୟକ୍ରମ ଲୋକସଭା ଅଫିସରୁ ତିଆରି ହୋଇ ଆସିଗଲା । ୧୬ ଜୁନ ୧୯୬୮ରୁ ୩୦ ଜୁନ୍ ପର୍ଯ୍ୟନ୍ତ ସୋଭିଏତ୍ ରୁଷିଆ, ୧ ଜୁଲାଇରୁ ୫ ଜୁଲାଇ ହଙ୍ଗେରୀ । ସଂସଦୀୟ ପ୍ରତିନିଧି ମଣ୍ଡଳର ଗସ୍ତ ଶେଷ ପରେ ୟୁରୋପର ଅନ୍ୟାନ୍ୟ ଦେଶ ଓ କାହିରାର କାର୍ଯ୍ୟକ୍ରମ ତିଆରି କରାଗଲା । ୫ ଜୁଲାଇରୁ ୮ ଜୁଲାଇ ଲଣ୍ଡନ, ୮ ଜୁଲାଇରୁ ପ୍ୟାରିସ ୧୦ ଜୁଲାଇ ଯାଏଁ, ୧୦ ଜୁଲାଇରୁ ୧୨ ଜୁଲାଇ ଭିଏନା, ୧୨ ରୁ ୧୩ ଜେନିଭା, ୧୩ରୁ ୧୪ ରୋମ, ୧୪ରୁ ୧୫ କାହିରା ଓ ୧୫ରୁ ୧୬ ବମ୍ବେ । ୧୬ ଜୁନରୁ ୧୬ ଜୁଲାଇ ଠିକ୍ ଗୋଟିଏ ମାସ ପାଇଁ ଏ ଭ୍ରମଣ ଚିଠା ପ୍ରସ୍ତୁତ ହୋଇଥିଲା ଲୋକସଭା ଅଫିସଦ୍ୱାରା ।

ରୁଷଗସ୍ତ ସମୟ ଯେତେ ପାଖେଇ ଆସୁଥାଏ, ରବି ରାୟଙ୍କ ଉତ୍କଣ୍ଠା ସେତିକି ବଢୁଥାଏ । ରୁଷ, ହଙ୍ଗେରୀ ଓ ଅନ୍ୟାନ୍ୟ ୟୁରୋପୀୟ ରାଷ୍ଟ୍ରମାନଙ୍କ ସମ୍ପର୍କରେ ସେ ଅଧିକ କିଛି ଜାଣିବାକୁ ନାନା ପ୍ରକାର ବହିସବୁ ପଢୁଥାନ୍ତି । ଭାରତ ସହିତ ସେମାନଙ୍କର ସମ୍ପର୍କ, ଭାରତର ବୈଦେଶିକ ନୀତି ଏସବୁକୁ ନିଜର ବିଶ୍ୱଦୃଷ୍ଟି ସହିତ ମିଳାଇ ସେ ନିଜ ଜ୍ଞାନର ଦିଗ୍‌ବଳୟକୁ ଅଧିକରୁ ଅଧିକ ସଂପ୍ରସାରିତ କରିବାରେ ଲାଗି ପଡ଼ିଥାନ୍ତି । ଯେଉଁ ଦେଶଗୁଡ଼ିକୁ ସେ ଯିବେ, ସେମାନଙ୍କ ବିଷୟରେ ଟିକିନିଖି ଜ୍ଞାନ ଆହରଣ ନ କଲେ ତାଙ୍କର ଏ ଭ୍ରମଣ ପୂର୍ଣ୍ଣାଙ୍ଗ ହେବ ନାହିଁ ବୋଲି ତାଙ୍କର ଧାରଣା ହୋଇଥାଏ । ସେଥିପାଇଁ ସେ ଲୋକସଭା ଲାଇବ୍ରେରୀରୁ ନାନାପ୍ରକାର ବହି ଆଣି ପଢୁଥାନ୍ତି ।

ଠିକ୍ ଏତିକିବେଳକୁ ଭାରତ ସରକାର ରେଳମାସୁଲ ଓ ଡାକ ତାର ମାସୁଲ ବହୁତ ବଢ଼ାଇଦେଲେ । ସାଧାରଣ ଗରିବଗୁରୁବାଙ୍କ ପକ୍ଷରେ ସେ ଟିକସ ଅସହ୍ୟ ହେଲା । ଏଇ ବୃଦ୍ଧିଟିକସ ବିରୋଧରେ ସଂଯୁକ୍ତ ସୋସାଲିଷ୍ଟ ପାର୍ଟି ଏକ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କଲା । ପୁରୀଜିଲ୍ଲା ନିମାପଡ଼ାରେ ସତ୍ୟାଗ୍ରହୀମାନଙ୍କ ଏକ ଶିବିରରେ ଯୋଗଦେଇ ସତ୍ୟାଗ୍ରହୀମାନଙ୍କୁ ତାଲିମ ଦେବା ଓ ଆନୁଷଙ୍ଗିକ କାମରେ ରବି ରାୟଙ୍କ ଏ ପ୍ରତୀକ୍ଷାର ସମୟ ବିତିଗଲା ।

Digitized by srujanika@gmail.com

୧୫ ଜୁନ ୧୯୬୮ ଦିନ ଲୋକସଭା ସଚିବାଳୟ ତରଫରୁ ପ୍ରତିନିଧି ଦଳରେ ଯାଉଥିବା ସମସ୍ତ ସଭ୍ୟଙ୍କୁ ଦୁଇଟି ଛପା ହୋଇଥିବା ବହି ଦିଆଗଲା । ଏ ଦୁଇଟିରୁ ଗୋଟିକରେ ରୁଷ ଓ ହଙ୍ଗେରୀ ସମେତ ଯେଉଁ ଯେଉଁ ଦେଶ ଯିବାର କାର୍ଯ୍ୟକ୍ରମ ଥାଏ ସେସବୁ ବିଷୟରେ ଆବଶ୍ୟକୀୟ ସୂଚନାଗୁଡ଼ିକ ଟିକିନିଖି କରି ଦିଆଯାଇଥାଏ । ଆଉ ଗୋଟିକରେ ପ୍ରତିନିଧିମଣ୍ଡଳର ସମସ୍ତ ସଭ୍ୟଙ୍କର ସଂକ୍ଷିପ୍ତ ଜୀବନଚରିତ ମଧ୍ୟ ଦିଆଯାଇଥାଏ । ପାସପୋର୍ଟ, ଭିସା ଏ ସବୁ କାଗଜପତ୍ର ଲୋକସଭା ସଚିବାଳୟଙ୍କ ଜରିଆରେ କରାଯାଇଥାଏ । କାଗଜପତ୍ର ଠିକ୍‌ଠାକ୍ କରି ସବୁ ବ୍ୟବସ୍ଥା କରିବାରେ ମୁଖ୍ୟତଃ ପ୍ରଫୁଲ୍ଲବାବୁ ହିଁ ସବୁ ଦାୟିତ୍ୱ ବହନ କରିଥାନ୍ତି । ଏଣୁ ଏ ବାବଦରେ ଆଉ କାହାର ମୁଣ୍ଡ ଖେଳାଇବାର ନ ଥାଏ । ସେ ଭାରି ଦକ୍ଷ ଓ ଦାୟିତ୍ୱସମ୍ପନ୍ନ ବ୍ୟକ୍ତି । ସମସ୍ତେ ନିଶ୍ଚିନ୍ତରେ ତାଙ୍କ ଉପରେ ଭରସା କରିଥାନ୍ତି ।

ଏହି ପ୍ରତିନିଧି ମଣ୍ଡଳରେ ରବି ରାୟଙ୍କୁ ମିଶାଇ ସର୍ବମୋଟ ଆଠଜଣ ଥାନ୍ତି । ତତ୍‌କାଳୀନ ଲୋକସଭା ବାଚସ୍ପତି ସଞ୍ଜୀବ ରେଡ୍ଡୀ ଏ ପ୍ରତିନିଧି ମଣ୍ଡଳର ନେତା ଥାନ୍ତି । ସେ ଅବିଭକ୍ତ କଂଗ୍ରେସର ସଭାପତି, ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ, ଲୋକସଭାର ବାଚସ୍ପତି ହୋଇଥିଲେ । ପରେ ସେ ଭାରତର ସର୍ବୋଚ୍ଚ ସମ୍ମାନଜନକ ପଦବୀ ରାଷ୍ଟ୍ରପତି ମଧ୍ୟ ହୋଇଥିଲେ । ଅଧ୍ୟାପକ ହୀରେନ ମୁଖାର୍ଜୀ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ଥାନ୍ତି । ସେ ୧୯୫୨ ମସିହାରୁ ଲୋକସଭାକୁ ନିର୍ବାଚିତ ହୋଇ ଆସୁଥାନ୍ତି । ଶ୍ରୀ ଅଂଜାନାପା କଂଗ୍ରେସ ଦଳର ସାଂସଦ । ସେ ମଧ୍ୟ ରବି ରାୟଙ୍କ ପରି ୧୯୬୭ ମସିହାରେ ଆନ୍ଧ୍ରପ୍ରଦେଶରୁ ଲୋକସଭାକୁ ନିର୍ବାଚିତ ହୋଇ ଆସିଥାନ୍ତି । ଶ୍ରୀ ଥେଙ୍ଗେଡ଼ୀ ଜନସଂଘ ଦଳର ସଦସ୍ୟ । ସେ ୧୯୬୪ରୁ ରାଜ୍ୟସଭା ସଦସ୍ୟ ଥାନ୍ତି । ଶ୍ରୀ ଶୀଳଭଦ୍ର ଯାଜୀ କଂଗ୍ରେସ ଦଳର ସଭ୍ୟ । ସେ ବି ୧୯୬୪ ମସିହାରୁ ରାଜ୍ୟସଭା ସଦସ୍ୟ ଥାନ୍ତି । ଶ୍ରୀ ବି.ଏନ୍. ବାନାର୍ଜୀ ରାଜ୍ୟସଭାର ମୁଖ୍ୟ ସଚିବ ରୂପେ ଏହି ପ୍ରତିନିଧିମଣ୍ଡଳର ସଚିବ ମନୋନୀତ ହୋଇ ଯାଉଥାନ୍ତି ।

୧୬ ତାରିଖ ବଡ଼ିଭୋରୁ ରବି ରାୟ ବିମାନଘାଟିକୁ ଯିବାକୁ ପ୍ରସ୍ତୁତ ହୋଇଗଲେ । ଲୋକସଭା ଗାଡ଼ିରେ ଉଡ଼ାଜାହାଜ ପଡ଼ିଆରେ ସମସ୍ତେ ଯାଇ ପହଞ୍ଚିଲେ । ରବି ରାୟଙ୍କ ଦିଲ୍ଲୀର ବନ୍ଧୁମାନଙ୍କ ମଧ୍ୟରୁ ବିରଜା ପଟ୍ଟନାୟକ, ରାଧାକିଶନ, ଭଗବାନ୍‌ରାଜ, ବାଣୀ ଦାସ ଓ ରାଧାକାନ୍ତ ସେନ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ ପାଲାମ ବିମାନଘାଟିରେ ଆଗରୁ ପହଞ୍ଚି ଯାଇଥିଲେ । ଲୋକସଭାର ମୁଖ୍ୟ ସଚିବ ଶକ୍‌ଧର, ଉପସଚିବ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ପ୍ରଭୃତି ଲୋକସଭା ସଚିବାଳୟର ବହୁତ କର୍ମଚାରୀ ସେଦିନ ବିମାନଘାଟିରେ ଉପସ୍ଥିତ ଥିଲେ । ବିମାନଘାଟିରେ ପ୍ରତିନିଧିମଣ୍ଡଳର ସଭ୍ୟମାନଙ୍କର ଫଟୋ ନିଆଯିବା ପରେ ଏୟାରଇଣ୍ଡିଆ ୫୧୫ ନମ୍ବର ପ୍ଲେନରେ ସମସ୍ତେ ଉଠିଲେ । ଏଇଟି ମସ୍କୋଦେଇ ଲଣ୍ଡନ ଯିବାର ଥାଏ । ତେଣୁ ତତ୍‌କାଳୀନ ଗୃହବିଭାଗ ରାଜ୍ୟମନ୍ତ୍ରୀ ବିଦ୍ୟାଚରଣ ଶୁକ୍ଲ ମଧ୍ୟ ଏଇ ପ୍ଲେନରେ ଏମାନଙ୍କ ସହିତ ଗଲେ ।

Digitized by srujanika@gmail.com

ଠିକ୍ ସକାଳ ୮ଟା ବେଳେ ଉଡ଼ାଜାହାଜଟି ଭାରତ ମାଟି ଛାଡ଼ି ଆକାଶର ସୀମା ସ୍ପର୍ଶ କଲା । ମନରେ ଅଫୁରନ୍ତ ଆନନ୍ଦ, ବହୁ ଦେଶ ଦେଖିବାର ବ୍ୟାକୁଳତା ଓ ଉତ୍କଣ୍ଠା, ଜୀବନରେ ପ୍ରଥମ କରି ବିଦେଶ ଯାଉଥିବାର ପୁଲକ, ସବୁ ମିଶି ରବି ରାୟଙ୍କ ଭିତରେ ଏକ ଅପୂର୍ବ ଭାବାବେଗ ସୃଷ୍ଟି କରୁଥାଏ । ତରୁଣ ସାଂସଦ ରବି ରାୟ ଶିଶୁସୁଲଭ ମନ ନେଇ ଝରକାର କାଚଦେଇ ଆକାଶ ମାର୍ଗରୁ ପୃଥିବୀର, ଅନ୍ତରୀକ୍ଷର ରହସ୍ୟମୟ ରୂପକୁ ନିରେଖି ଦେଖୁଥିଲେ । ମସ୍କୋ ଅଭିମୁଖେ ଉଡ଼ିଯାଉଥିଲା ବିମାନଟି ।

ସଂସଦୀୟ ପ୍ରତିନିଧିମଣ୍ଡଳ ପ୍ରଥମ ଶ୍ରେଣୀର ଯାତ୍ରୀ । ଯେଉଁ ରୁଷ ଦେଶକୁ ସେମାନେ ଅତିଥି ହୋଇ ଯାଉଥିଲେ ସେ ଦେଶରେ ଶ୍ରେଣୀଭେଦ ନ ଥିଲେ ବି ଭାରତବର୍ଷରେ ଏ ଶ୍ରେଣୀବିଭାଗ ବେଶ୍ ଆଖିଦୃଶିଆ । ଏୟାର ଇଣ୍ଡିଆର କର୍ମଚାରୀମାନେ ବିମାନ ଭିତରେ ଏହି ଅଭିଜାତ ଶ୍ରେଣୀର ଯାତ୍ରୀମାନଙ୍କ ଚର୍ଚ୍ଚାରେ ବ୍ୟସ୍ତ ରହିଲେ । ମଧ୍ୟାହ୍ନ ଭୋଜନ ପୂର୍ବରୁ ନାନାପ୍ରକାର ଫଳରସ, ଡ୍ରିଙ୍କ୍ସ ପ୍ରଭୃତି ପରିବେଷଣ କରାଯାଉଥାଏ । ଏ ସମ୍ପର୍କରେ ସ୍ମୃତିଚାରଣ କରି ରବି ରାୟ କହନ୍ତି - 'ଆମ ଆଠଜଣଙ୍କ ମଧ୍ୟରେ ସାହେବ ମିଜାସର ଲୋକପ୍ରାୟ କେହି ନ ଥାଆନ୍ତି । ବିଦେଶ ଯାଇ ପିଆପିଇ ନ କଲେ ସେଠାରେ ଜୀବନଟାକୁ ଯେ ଉପଭୋଗ କରିହେବ ନାହିଁ; ଏପରି କେତେ କଥା କହି ମନ୍ତ୍ରୀ ବିଦ୍ୟାଚରଣ ଶୁକ୍ଳ ମୋ ସହ ଓ ଅନ୍ୟାନ୍ୟ ସଭ୍ୟମାନଙ୍କ ସହ ଥଟ୍ଟାତାମସା କରି ସମୟ କାଟିବାରେ ବ୍ୟସ୍ତ । ଶ୍ରୀଯୁକ୍ତ ହୀରେନ ମୁଖାର୍ଜୀଙ୍କର ସୋମରସ ପିଇବାର ଦିଲ୍ଲୀରେ ଅଭ୍ୟାସ ନ ଥିଲା । କିନ୍ତୁ ସେ କେତୋଟି ବାହାର ବିଶ୍ୱବିଦ୍ୟାଳୟର ଛାତ୍ର ଥିବାରୁ ପୂର୍ବରୁ ବୋଧହୁଏ ସେ କେମିତି ପିଆପିଇ କରୁଥିବେ । ଆମ ପ୍ରତିନିଧି ମଣ୍ଡଳର ସଚିବ ବାନାର୍ଜୀବାବୁ ମଧ୍ୟ ବିଲାତରେ ଓକିଲାତି ପାଠ ପଢ଼ିଥିବାରୁ ତାଙ୍କର ମଧ୍ୟ ଅଭ୍ୟାସ ଛାଡ଼ି ନ ଥାଏ । ସେ ଦୁହେଁ ଆନନ୍ଦରେ ସୋମରସ ପାନ କଲେ । ତାଙ୍କ ଦେଖାଦେଖି ବନ୍ଧୁ ଶୀଳଭଦ୍ରୟାଜୀ ଲୋଭ ସମ୍ବରଣ କରି ନ ପାରି ସେ ମଧ୍ୟ ଟିକିଏ ନେଲେ । କିନ୍ତୁ ସେ ପିଇବାପରେ ତାଙ୍କୁ ଟିକେ ଅସ୍ୱସ୍ତିକର ଲାଗିଲା ଭଳି ମୋର ମନେହେଲା । କିନ୍ତୁ ସେ ନଛୋଡ଼ବନ୍ଧା । ଏ ତିନିଜଣଙ୍କ ବ୍ୟତୀତ ପ୍ରତିନିଧି ଦଳର ଅନ୍ୟ କୌଣସି ସଭ୍ୟ ଏହାକୁ ସ୍ପର୍ଶ ସୁଦ୍ଧା କରିବା କଥା ଚିନ୍ତା କଲେ ନାହିଁ ।

ବିଦେଶଯାତ୍ରାର ପ୍ରଥମ ଅନୁଭବ ଥିଲା ବେଶ ମଧୁର ଓ ରୋମାଞ୍ଚକର । ବିମାନ ପରିଚାଳକ ମଝିରେ ମଝିରେ ସେମାନଙ୍କ ମଧ୍ୟରୁ ଜଣକୁ ଜଣକୁ ନେଇ ଇଂଜିନ ନିକଟରେ ବସାଉଥିଲେ ଓ ସେ କିପରି ବିମାନଟିକୁ ଚଳାଉଛନ୍ତି, ତା ଦେଖାଉଥିଲେ । ମସ୍କୋ ନିକଟ ହୋଇ ଆସିଲା । ନିଜ ନିଜ ହ୍ୟାଣ୍ଡବ୍ୟାଗ ଧରି ରବି ରାୟ ଓ ଅନ୍ୟ ସଦସ୍ୟମାନେ ସେରମେଟିଭ ଏୟାରପୋର୍ଟରେ ଓହ୍ଲାଇଲେ । ସୋଭିଏତ ରୁଷ ପାର୍ଲିଆମେଣ୍ଟର ଦୁଇଗୃହର ଅଧ୍ୟକ୍ଷ, ରୁଷରେ ଥିବା ଭାରତର ରାଷ୍ଟ୍ରଦୂତ କେୱାଲ ସିଂହ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଏମାନଙ୍କୁ ପାଛୋଟି ନେବାକୁ ଆସିଥିଲେ ।

Digitized by srujanika@gmail.com

ସେଇ ଏୟାରପୋର୍ଟର ଗୋଟିଏ ହଲରେ ସେମାନେ ଭାରତୀୟ ସଂସଦୀୟ ପ୍ରତିନିଧିମାନଙ୍କୁ ଆନୁଷ୍ଠାନିକ ଭାବରେ ସ୍ୱାଗତ ଜଣାଇଲେ । ଭାରତୀୟ ପ୍ରତିନିଧିମାନଙ୍କର ନେତା ସଂଜୀବ ରେଡ୍ଡୀ ତାଙ୍କର ଉତ୍ତରରେ ସେମାନଙ୍କୁ ଧନ୍ୟବାଦ ଦେଲେ । କହିବାକୁ ଗଲେ ଏ ଆତିଥ୍ୟ ଓ ସ୍ୱାଗତ ସଂଭାଷଣ ଗୋଟେ ଛୋଟକାଟର ଉତ୍ସବ ପରି ହେଲା । ପ୍ରତ୍ୟେକ ଦୁଇଜଣ ସଦସ୍ୟଙ୍କୁ ଗୋଟିଏ ଲେଖାଁ ଗାଡ଼ି ରୁଷ ସରକାର ଯୋଗାଇ ଦେଇଥାନ୍ତି । ଶ୍ରଦ୍ଧାକର ସୁପକାର ଓ ରବି ରାୟଙ୍କୁ ଗୋଟିଏ ଗାଡ଼ି ନିର୍ଦ୍ଦିଷ୍ଟ ହୋଟେଲକୁ ନେଇଗଲା । ଏଇ କେତେଦିନର ରହଣି ଓ ଯାତ୍ରା ମଧ୍ୟରେ ରବି ରାୟ ଶ୍ରଦ୍ଧାକର ସୁପକାରଙ୍କ ସହିତ ବେଶ ଘନିଷ୍ଠ ହୋଇଉଠିଥିଲେ ।

ରବି ରାୟ କହିନ୍ତି - 'ଆମ ସହ କେତେକ ରୁଷ କର୍ମଚାରୀ ଓ ଭାରତୀୟ ଦୂତାବାସର କେତେକ କର୍ମଚାରୀ ହୋଟେଲ ପର୍ଯ୍ୟନ୍ତ ଆସିଲେ । ରୁଷରେ ଏହି ୧୪ ଦିନ ରହଣି ମଧ୍ୟରେ ଏମାନେ ଯେ କେବଳ ଆମର ଯତ୍ନ ନେବାର ଦାୟିତ୍ୱରେ ଥିଲେ, ତା ନୁହେଁ । ସେମାନେ ହୋଇଗଲେ ଆମର ଘନିଷ୍ଠବନ୍ଧୁ ଓ ସହକର୍ମୀ । ଅନ୍ୟଦେଶକୁ ଯାଇ ସେଠାରେ ନୂତନବନ୍ଧୁ ସୃଷ୍ଟି କରିବାରେ ଯେ କି ଆନନ୍ଦ ତା ଅନୁଭବୀ ହିଁ କେବଳ ହୃଦୟଙ୍ଗମ କରିପାରିବ । ଏ ବନ୍ଧୁତା ଜାତୀୟତାର ସୀମା ଲଂଘନ କରି ମଣିଷକୁ ଉଦାର ହେବାକୁ ପ୍ରେରଣା ଦିଏ । ଦୁନିଆରେ ଦେଶ ଦେଶ ମଧ୍ୟରେ ଯେପରି ଅଲଂଘନୀୟ ବୈଷମ୍ୟ ରହିଛି ତା କେବେ ଦୂର ହେବ ମୁଁ ଜାଣେନା । କିନ୍ତୁ ଜାତି ଧର୍ମ ନିର୍ବିଶେଷରେ ଏ ପ୍ରକାର ବନ୍ଧୁ-ବାତ୍ସଲ୍ୟର ଅନୁଭୂତି ହିଁ ଦିନେ ନା ଦିନେ ଯେ ଏକ ସାର୍ଥକ ବିଶ୍ୱବନ୍ଧୁତ୍ୱକୁ ଜନ୍ମ ଦେବ ଏ ବିଷୟରେ ମୋ ମନରେ ଆଦୌ ସନ୍ଦେହ ନାହିଁ ।'

ରବି ରାୟ ଓ ଅନ୍ୟମାନେ ରହୁଥିଲେ ହୋଟଲ 'ସୋଭେଟାସ୍କା' । ମସ୍କୋର ସଂଭ୍ରାନ୍ତ ଓ ମନୋରମ ହୋଟେଲମାନଙ୍କ ମଧ୍ୟରେ ଏହା ଅନ୍ୟତମ । ବିଦେଶରେ ସମୟାନୁବର୍ତ୍ତିତା ହିଁ ବଡ଼ କଥା । ରବି ରାୟ ସେଥିପ୍ରତି ସମ୍ପୂର୍ଣ୍ଣ ଭାବେ ସଜାଗ ଥାନ୍ତି । ସେ ଶୀଘ୍ର ନିଜର ସବୁ କାମ ସାରି ପ୍ରସ୍ତୁତ ହୋଇ ଯାଆନ୍ତି । ଏ ବାବଦରେ ତାଙ୍କର ଯେପରି ସାମାନ୍ୟ ତ୍ରୁଟି ନ ହୁଏ, ସେଥିପ୍ରତି ସେ ବେଶ ସତର୍କ ଥା'ନ୍ତି ।

ସନ୍ଧ୍ୟା ଚାରିଟାବେଳେ ଏମାନେ ଗୋଟେ ପ୍ରଦର୍ଶନୀ ଦେଖିବାକୁ ବାହାରିଲେ । ଏ ପ୍ରଦର୍ଶନୀର ବିଶେଷତ୍ୱ ହେଲା ଏହାର ସ୍ଥାୟିତ୍ୱ । କୃଷି, ଶିକ୍ଷା ଓ ବିଜ୍ଞାନ ଇତ୍ୟାଦି କ୍ଷେତ୍ରରେ ରୁଷର ନାଗରିକ ଓ ବିଦେଶୀ ପର୍ଯ୍ୟଟକମାନଙ୍କୁ ପ୍ରଗତି ବିଷୟରେ ଜଣାଇବା ହେଉଛି ଏ ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ । ଗତ ପଚାଶବର୍ଷର ସେମାନେ ଧାରାବାହିକ ପରିଶ୍ରମ ଦ୍ୱାରା ବିଜ୍ଞାନ ମାଧ୍ୟମରେ ପ୍ରକୃତିକୁ ଆୟତ୍ତ କରି ମଣିଷ ପାଇଁ ତାକୁ କେତେଦୂର କାର୍ଯ୍ୟୋପଯୋଗୀ କରିପାରିଛନ୍ତି, ତା ଦେଖି ରବି ରାୟ ସ୍ତମ୍ଭୀଭୂତ ହୋଇ ଯାଇଥିଲେ । ଏ ପ୍ରଦର୍ଶନୀ ଥିଲା ସୋଭିଏଟ୍ ରୁଷର ଜନସାଧାରଣଙ୍କ ୧୯୧୭ ରୁଷ ବିପ୍ଳବର ସାଧନାର ନିଦର୍ଶନ ।

Digitized by srujanika@gmail.com

ରୁଷ ବିପ୍ଳବର ୧୯୬୭ ମସିହାରେ ପଚାଶ ବର୍ଷ ପୂରିଯିବାରୁ ତାଙ୍କ ସରକାର ବିପ୍ଳବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବେଶ ଧୂମଧାମରେ ପାଳନ କରିଥିଲେ । ସେଇ ପରିପ୍ରେକ୍ଷୀରେ ପ୍ରଦର୍ଶନୀଟିର ଆୟୋଜନ ହୋଇଥିଲା । ଏମାନେ ପ୍ରାୟ ଦୁଇଘଣ୍ଟାରୁ ଊର୍ଦ୍ଧ୍ୱକାଳ ପ୍ରଦର୍ଶନୀ ବୁଲି ଦେଖିଥିଲେ । ପ୍ରାୟ ୨୦୦ ହେକ୍ଟର ଜମିରେ ୭୩ଟି ଭିନ୍ନ ଭିନ୍ନ ବିଭାଗର ପାଭିଲିଆନ (ମଣ୍ଡପ) ବେଶ ଆକର୍ଷଣୀୟ ଥିଲା । ଏହାର ଆଉ ଗୋଟେ ବିଶେଷତ୍ୱ ଥିଲା, ମହାକାଶଯାତ୍ରୀ ଗାଗାରିନ ପ୍ରଭୃତିଙ୍କ କୃତିତ୍ୱକୁ ବେଶ୍ ଚମତ୍କାର ରୀତିରେ ସର୍ବସାଧାରଣଙ୍କ ପାଖରେ ଉପସ୍ଥାପନା କରାଯାଇଥିଲା । ତାଙ୍କ ସ୍ମୃତିରେ ଯେଉଁ ସ୍ତମ୍ଭଟି ନିର୍ମିତ ହୋଇଥିଲା ତାର ନାମ ଥିଲା - 'ଓବେଲିସ୍କ' ।

ସିନେମା ବିଜ୍ଞାନରେ ଏକ ନୂତନ କୃତି ସେଠାରେ ରବି ରାୟ ଦେଖିବାକୁ ପାଇଥିଲେ । ପର୍ଯ୍ୟଟକମାନଙ୍କୁ ରୁଷର ଆକର୍ଷଣୀୟ ସ୍ଥାନ ଦେଖାଇବାପାଇଁ ଏ ସିନେମାଟି ଉଦ୍ଦିଷ୍ଟ ଥିଲା । ସିନେମାଗୃହର ଭିତରର ଚାରିପଟେ ପରଦା ସାହାଯ୍ୟରେ ରୁଷର ବିଭିନ୍ନ ଦର୍ଶନୀୟ ସ୍ଥାନ ଦେଖାଇ ଦିଆଯାଇଥାଏ । ଏହି ରୁଷୀୟ ସିନେମାଟି ଯେତିକି ହୃଦୟସ୍ପର୍ଶୀ ଥିଲା, ପ୍ରେକ୍ଷାଳୟର ପରିବେଶ ମଧ୍ୟ ସେତିକି ଲୋଭନୀୟ ଥିଲା । ଏସବୁ ଦେଖିବା ପରେ ସାରା ରୁଷ ବୁଲି ଦେଖିବାପାଇଁ ରବି ରାୟଙ୍କ ପ୍ରାଣରେ ଅଭିଳାଷ ଓ ଆଗ୍ରହ ସୃଷ୍ଟି ହୋଇଥିଲା ।

ସେଦିନ ସନ୍ଧ୍ୟା ସାତଟା ପରେ ପ୍ରତିନିଧି ଦଳର ସଦସ୍ୟମାନେ ରୁଷର ବିଶେଷ ଲୋକପ୍ରିୟ ନୃତ୍ୟ 'ବାଲେ' ଦେଖିବାକୁ ଗଲେ । ଏହି ୧୪ ଦିନର ରହଣି ଭିତରେ ଏମାନଙ୍କର ସାଥୀ ହୋଇଥିଲେ ସେଠାକାର ପାର୍ଲିଆମେଣ୍ଟର ଚେୟାରମ୍ୟାନ କୁଦ୍ରୋସ ପାଲାକ୍ସି । ଏମାନଙ୍କ ସହିତ ଭାରତର ରାଜଦୂତ କେୱାଲସିଂହ ଓ ତାଙ୍କ ଝିଅ ମଧ୍ୟ ସେ ନୃତ୍ୟ ଦେଖିବାକୁ ଯାଇଥିଲେ ।

କୁଦ୍ରୋସ ପାଲାକ୍ସି ରୁଷ ପାର୍ଲିଆମେଣ୍ଟର 'ସୋଭିଏତ୍ ଅଫ୍ ନେସନାଲିଟିକ୍'ର ଚେୟାରମ୍ୟାନ । ତାଙ୍କୁ ସେତେବେଳେ ପ୍ରାୟ ୬୦ ବର୍ଷ ବୟସ ହୋଇଥାଏ । ସେ ରେଳ ବିଭାଗର କର୍ମଚାରୀ ଥିଲେ । ସାଧାରଣ ମଜଦୁର ସେଠାରେ କିପରି ଉଚ୍ଚ ସ୍ଥାନରେ ପହଞ୍ଚି ପାରିଛନ୍ତି, ତାହା ପାଲାକ୍ସିଙ୍କ ନିଯୁକ୍ତିରୁ ହିଁ ଜଣାପଡ଼େ । ସେ ଏମାନଙ୍କ ସହିତ ରୁଷସାରା ବୁଲି ଦେଖାଉଥାନ୍ତି । ସେ ଏପରି ଭଦ୍ର, ବନ୍ଧୁବତ୍ସଳ ଓ ମିଷ୍ଟଭାଷୀ ଥିଲେ ଯେ, ତାଙ୍କୁ ଆଜିଯାଏ ରବି ରାୟ ଭୁଲି ପାରି ନାହାନ୍ତି । ତାଙ୍କର ମନଖୋଲା ହସ ଅତି ସହଜରେ ପରକୁ ଆପଣାର କରିପାରୁଥିଲା । କେୱାଲ ସିଂହ ଓ ତାଙ୍କ ଝିଅ ମଧ୍ୟ ଏଇ କେତେଦିନ ଭିତରେ ଏମାନଙ୍କୁ ବେଶ ଆପଣାର କରିପାରିଥିଲେ ।

ଏହି ପ୍ରତିନିଧିଦଳ କେୱାଲ ସିଂହଙ୍କ ସାଙ୍ଗରେ ଯାଇ ସୋଭିଏଟ ୟୁନିୟନର ପାର୍ଲିଆମେଣ୍ଟ କିପରି ଚାଲୁଛି ଦେଖିବାପାଇଁ ଦର୍ଶକ ଗ୍ୟାଲେରୀରେ ବସିଥାନ୍ତି ।

Digitized by srujanika@gmail.com

ସେତେବେଳେ ରୁଷର ବୈଦେଶିକ ବିଭାଗମନ୍ତ୍ରୀ ଗ୍ରୋମିକୋ ତାଙ୍କ ପାର୍ଲିଆମେଣ୍ଟରେ ଭାଷଣ ଦେଉଥାନ୍ତି । ସେ ଯେଉଁ ଭାଷାରେ ଭାଷଣ ଦେଉଥାନ୍ତି, ତାହା ରୁଷିଆନ୍ ନ ଥିଲା । ରବି ରାୟ ବଟମ ଚିପିଲା ପରେ ଜାଣିଲେ ଯେ ଗ୍ରୋମିକୋଙ୍କ ଭାଷଣ ସାଙ୍ଗେ ସାଙ୍ଗେ ତେରଟି ଭାଷାରେ ଅନୂଦିତ ହୋଇ ଆସୁଛି । ରବି ରାୟ ପ୍ରଲୋଭିତ ହୋଇଉଠିଲେ । ଭାରତର ପାର୍ଲିଆମେଣ୍ଟକୁ ଏପରି ଗୋଟେ ମେସିନ ନିଆଯିବା ଉଚିତ ବୋଲି ସେ ବିଚାର କଲେ । ପ୍ରତିନିଧିଦଳ ରାଷ୍ଟ୍ରଦୂତଙ୍କ ଜରିଆରେ ଭାରତପାଇଁ ଏପରି ଗୋଟେ ମେସିନ କିଣି ନେବାପାଇଁ ଅର୍ଡ଼ର ଦେଇଦେଲେ ।

ପ୍ରତିନିଧି ଦଳକୁ ଇଉରୋପ ବୁଲିବା ପାଇଁ ଯିବାକୁ ପ୍ରତ୍ୟେକଙ୍କୁ ସେତେବେଳେ ନିଜ ହାତରୁ ଦୁଇହଜାର ଲେଖାଏଁ ଟଙ୍କା ଦେବାକୁ ପଡ଼ିଲା । ଶ୍ରଦ୍ଧାକର ସୂପକାର ଓ ରବି ରାୟ ଉଭୟ ନିଜ ହାତରୁ ଏ ଟଙ୍କା ଦେଇ ଇଂଲଣ୍ଡ, ଫ୍ରାନ୍ସ, ସୁଇଜରଲ୍ୟାଣ୍ଡ, ଅଷ୍ଟ୍ରିଆ, ଇଜିପ୍ଟ ପ୍ରଭୃତି ବୁଲି ଦେଖିବାକୁ ଗଲେ । ଅଳ୍ପଦିନ ପୂର୍ବରୁ ତାସକେଣ୍ଟରେ ଲାଲବାହାଦୁର ଶାସ୍ତ୍ରୀଙ୍କର ଆକସ୍ମିକ ଅକାଳ ବିୟୋଗ ଘଟିଥାଏ । ରବି ରାୟ ଏହି ଅଞ୍ଚଳ ବୁଲିଲାବେଳେ ବେଶ ଭାବପ୍ରବଣ ହୋଇ ଉଠିଥିଲେ । ସେହି ମହାନ ନେତାଙ୍କ ତ୍ୟାଗ, ସାଧନା ଓ କର୍ମନିଷ୍ଠା ତାଙ୍କ ସ୍ମୃତିକୁ ବେଶ ସଜଳ କରିଦେଇଥିଲା । ସେହିପରି ଖାରାଖୁରମ ବୁଲିଲାବେଳେ ତାଙ୍କର ମନେପଡ଼ିଥିଲା ଭାରତ ଇତିହାସର ବହୁଚର୍ଚ୍ଚିତ, ବହୁପଠିତ ବିଡ଼ମ୍ବିତ ଅଧ୍ୟାୟ - ତୈମୁରଲଙ୍ଗଙ୍କ ଭାରତ ଆକ୍ରମଣ କଥା । ଖାରାଖୁରମ ଥିଲା ତୈମୁରଲଙ୍ଗଙ୍କ ଜନ୍ମସ୍ଥାନ । ତାସକେଣ୍ଟ ବୁଲି ଦେଖୁଥିଲାବେଳେ ଏହି ପ୍ରତିନିଧି ଦଳର ଗାଇଡ୍ ଥିଲା ଜଣେ ଝିଅ । ରବି ରାୟ ତାକୁ ନାଁ ପଚାରିଲେ । ସେ ତାସକେଣ୍ଟ ଭାଷାରେ କହିଲା - ମୋ ନାଁ ମାୟା । ପୁଣି ରବି ରାୟ ପଚାରିଲେ - 'Have you studied in Moscow University ?' ସେ ଦୃଢ଼ଭାବରେ କହିଲା - 'No, No, I have studied in my own University - Taskent' ପୁଣି ଇଂରାଜୀରେ ଏମାନେ ବୁଝିବାପରି କହିଲା - 'I am proud of my language.' ଗାଇଡ୍ ମାୟାର ଏହି କଥା ରବି ରାୟଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ସେ ଅନୁଭବ କରିଥିଲେ, ବାସ୍ତବରେ ସ୍ୱଦେଶପ୍ରୀତିର ପ୍ରଥମ ମୂଳମନ୍ତ୍ର ହେଉଛି ନିଜ ଭାଷା ପ୍ରତି ଆଦର ଓ ଶ୍ରଦ୍ଧା । ଓଡ଼ିଆ କବିଙ୍କର ଗୋଟିଏ ଧାଡ଼ି ତାଙ୍କର ମନେପଡ଼ିଲା -

"ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀ ଜନରେ ଗଣିବା ଅଜ୍ଞାନ ରହିବେ କାହିଁ ?"

ରବି ରାୟ ବିଦେଶରେ ଏହିସବୁ ସଭ୍ୟ ଦେଶମାନଙ୍କୁ ଦେଖି ଭାରତ କଥା ଭାବୁଥାନ୍ତି । ଭାରତର ପ୍ରଗତି ଓ ସମୃଦ୍ଧିପାଇଁ ତାଙ୍କ ପ୍ରାଣରେ ଅଜସ୍ର ସ୍ୱପ୍ନ ଉଙ୍କି ମାରୁଥାଏ ।

Digitized by srujanika@gmail.com

ତାଙ୍କ ଚେତନାରେ ଭାରତର ଅର୍ଥନୈତିକ ଦୁର୍ଗତି ଓ ସାମାଜିକ ଦୁରବସ୍ଥା ଭାସି ଉଠୁଥାଏ । କିପରି ଭାରତକୁ ଏହି ଦେଶମାନଙ୍କ ପରି ଉନ୍ନତ କରିବାକୁ ହେବ ସେକଥା କେବଳ ସେ ଭାବୁଥାନ୍ତି । ଦୀର୍ଘଦିନ ପରାଧୀନ ରହିବା ପରେ ସୁପ୍ରାଚୀନ ସଂସ୍କୃତି, ପରମ୍ପରା ଓ ଐତିହ୍ୟ-ସମ୍ପନ୍ନ ଭାରତବର୍ଷର ଅର୍ଥନୈତିକ ଓ ସାମାଜିକ ଅବସ୍ଥା ଯେପରି ସବୁ ଦୃଷ୍ଟିକୋଣରୁ ବିପନ୍ନ ହୋଇଯାଇଥିଲା । ଏହି ଅବସ୍ଥାର ପୁନରୁଦ୍ଧାର ପାଇଁ ଶିକ୍ଷାର ପ୍ରସାର ଯେ ଏକାନ୍ତ ଭାବରେ କାମ୍ୟ - ଏକଥା ସେ ଏହି ବିଦେଶ ଭ୍ରମଣ କାଳରେ ଅନୁଭବ କରିଥିଲେ । ବିରୋଧୀଦଳରେ ଥାଇ ମଧ୍ୟ ଦେଶପାଇଁ ଏ ବାବଦରେ ସେ କ'ଣ କରିପାରିବେ ସେଥିନେଇ ଚିନ୍ତିତ ହୋଇ ପଡ଼ିଲେ । ତାଙ୍କର ଗୋଟିଏ ପଙ୍‌କ୍ତି ବାରମ୍ବାର ମନେପଡୁଥିଲା - 'କି ଥିଲା ଏ ରାଜ୍ୟ, କି ହୋଇଛି ଆଜ ।'

ନେତା ନିର୍ବାଚନ

ବିଦେଶଗସ୍ତ ସାରି ରବି ରାୟ ଦିଲ୍ଲୀରେ ପହଞ୍ଚିଥିଲେ । ଦିନେ ମଧୁଲିମାୟେ ଆସି କହିଲେ - 'ରବି, ମୁଁ ପାର୍ଲିଆମେଣ୍ଟ ନେତା ପଦରୁ ଇସ୍ତଫା ଦେଇ ଦେଇଛି ।' ରବି ରାୟ ଏକଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ କାରଣ ସମାଜବାଦୀଦଳର ସେ ଜଣେ ଭାରି ଟାଣୁଆ ନେତା । ତାଙ୍କର ଇସ୍ତଫା ଦେବାର କୌଣସି କାରଣ ନ ଥିଲା । ସେ ପଚାରି ଜାଣିଲେ ଯେ, କପିଳଦେବ ସିଂହ (ସମାଜବାଦୀ ଦଳର ଅନ୍ୟ ଜଣେ ନେତା) ହରଦ୍ୱାରରେ ଦଳତରଫରୁ ଆୟୋଜିତ ଏକ ଶିବିରରେ ମଧୁଲିମାୟେଙ୍କୁ ଝିଂଗାସ କରି ନାନା ପ୍ରକାର କଟୁମନ୍ତବ୍ୟ ଦେଇ କହିଲେ, 'ଆମ ଦଳର ତୁଙ୍ଗ ନେତାମାନଙ୍କର କଥା ଓ କାମରେ ବହୁ ଫରକ ରହୁଛି । ଆମେ ନିଜେ ପଛୁଆଜାତିର ଉତ୍ଥାନ କଥା କହୁଛୁ । କିନ୍ତୁ ଦଳର ମୁଖ୍ୟ ପଦପଦବୀ ମାଡ଼ି ବସିଛୁ ।'

ଏଥିରେ ମର୍ମାହତ ହୋଇ ସେ ନେତା ପଦରୁ ଇସ୍ତଫା ଦେଇଛନ୍ତି । ଏହି ବିବାଦର ମୂଳ କାରଣ ଥିଲା ଜାତି ସଂକ୍ରାନ୍ତୀୟ ଦଳର ନୀତି । କାରଣ ମଧୁଲିମାୟେ ଥିଲେ ଉଚ୍ଚଜାତିର ବ୍ରାହ୍ମଣ । କପିଳଦେବ ସିଂହ ଉଚ୍ଚଜାତିର ମଧୁଲିମାୟେଙ୍କୁ ଆକ୍ଷେପ କରି ଯେତେବେଳେ ଏପରି କହିଲେ, ଏଥିରେ ପ୍ରଭାବିତ ହୋଇ ସେ ଇସ୍ତଫା ଦେଇଦେଲେ ।

ମଧୁଲିମାୟେ ଓ ରବି ରାୟଙ୍କ ସମ୍ପର୍କ ଅତ୍ୟନ୍ତ ନିବିଡ଼ ଥିଲା । ରବି ରାୟଙ୍କର ମଧୁର ସ୍ୱଭାବ, ଖୋଲା ମନ ଓ ବନ୍ଧୁପ୍ରୀତି ହିଁ ଏପରି ଅନ୍ତରଙ୍ଗତାର ମୂଳହେତୁ ଥିଲା । ଦଳ ପ୍ରତି ରବି ରାୟଙ୍କର ନିଷ୍ଠା ଓ ଆନୁଗତ୍ୟକୁ ସେ ଖୁବ୍ ସମ୍ମାନ କରୁଥିଲେ । ସେ ରବି ରାୟଙ୍କୁ ଭାରି ଶ୍ରଦ୍ଧା କରୁଥିଲେ । ତେଣୁ ସେ ଚାହିଁଲେ ସମାଜବାଦୀ ଦଳର ପାର୍ଲିଆମେଣ୍ଟାରୀ ବୋର୍ଡ଼ର ନେତା ହୁଅନ୍ତୁ ରବି ରାୟ । କାରଣ ସେ ଚାଷୀ ଜାତିର । ରବି ରାୟ କିନ୍ତୁ ଇସ୍ତଫାପତ୍ର ଫେରେଇ ନେବାକୁ ବାରମ୍ବାର ଅନୁରୋଧ କଲେ ।

Digitized by srujanika@gmail.com

ହେଲେ ସେ ଆଦୌ ରାଜି ହେଲେ ନାହିଁ । ବରଂ କହିଲେ - 'ରବି, ମୁଁ ସର୍ବାନ୍ତଃକରଣରେ ଚାହେଁ, ପାର୍ଲିଆମେଣ୍ଟରେ ତୁମେ ହିଁ ସୋସାଲିଷ୍ଟ ପାର୍ଟିର ନେତା ହୁଅ । ତମକୁ ମୋ କଥା ରଖିବାକୁ ହେବ ।'

ସମାଜବାଦୀ ଦଳ ଗୋଟିଏ ଶୃଙ୍ଖଳିତ ଗଣତାନ୍ତ୍ରିକ ଦଳ । ଦଳରେ ସ୍ଥିର ହେଲା ଯେ, ଏହି ନେତା ନିର୍ବାଚନ ପାଇଁ ରାଜ୍ୟସଭା ଓ ଲୋକସଭାର ଦଳୀୟ ସଭ୍ୟମାନେ ଏକାଠି ଭୋଟ ଦେବେ । ଯିଏ ନିର୍ବାଚିତ ହେବେ, ସେ ହିଁ ହେବେ ସମାଜବାଦୀ ଦଳର ପାର୍ଲିଆମେଣ୍ଟାରୀ ନେତା । ଏସ୍.ଏମ୍. ଯୋଶୀ ଏହି ଦଳର ଜଣେ ତୁଙ୍ଗନେତା । ସେ ଚାହିଁଲେ ଏଥିପାଇଁ ସେ ପ୍ରାର୍ଥୀ ହେବେ । ସେ ପ୍ରଲୋଭିତ ହେଲେ, ଅନ୍ୟମାନେ ତାଙ୍କୁ ପ୍ରାର୍ଥୀ ନ ହେବା ପାଇଁ ଯେତେ ବୁଝାଇଲେ ବି ସେ ତାଙ୍କ ଜିଦ୍‌ରେ ଅଟଳ ରହିଲେ ଓ ପ୍ରାର୍ଥୀପତ୍ର ଦାଖଲ କଲେ । ଏପରି ଏକ ପରିସ୍ଥିତିରେ ରାଜନାରାୟଣ, ଜର୍ଜ ଫର୍ଣ୍ଣାଡ଼ିଜ୍ ପ୍ରମୁଖ ନେତା ଯୋଶୀଙ୍କୁ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯିବାପାଇଁ ବହୁତ ବୁଝାଇଲେ । ଏହାଦ୍ୱାରା ଦଳର ମର୍ଯ୍ୟାଦା ରକ୍ଷା ହୋଇପାରିବ । କାରଣ ସର୍ବସମ୍ମତିକ୍ରମେ ନେତା ନିର୍ବାଚିତ ହେବା ଥିଲା ସେତେବେଳ ଯାଏ ସମାଜବାଦୀ ଦଳର ଏକ ଉଚ୍ଚ ପରମ୍ପରା । ଯଦିଓ ଦଳର ସମ୍ବିଧାନ ଅନୁଯାୟୀ ନେତା ନିର୍ବାଚନ କରିବା ନିୟମ ଥିଲା, ତଥାପି ଅଧିକାଂଶ ନେତା ଚାହୁଁଥିଲେ ସର୍ବସମ୍ମତିକ୍ରମେ ନେତା ନିର୍ବାଚିତ ହେଲେ ଦଳର ଐକ୍ୟ ରହିବ ଓ ସୁସ୍ଥ ପରମ୍ପରା ସୃଷ୍ଟି କରିବ ।

ସେମାନେ ସମସ୍ତେ ତାଙ୍କୁ ବୁଝେଇଲେ । କିନ୍ତୁ ଶେଷଯାଏ ଯୋଶୀ ନିର୍ବାଚନ ଲଢ଼ିବେ ବୋଲି ଜିଦ୍ ଧରି ବସିଥିଲେ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବେ ନାହିଁ ବୋଲି ସ୍ପଷ୍ଟ ମନା କରି ଦେଇଥିଲେ । କିନ୍ତୁ ରବି ରାୟଙ୍କର ଦଳ ଭିତରେ ଥିବା ଲୋକପ୍ରିୟତା ଦୃଷ୍ଟିରୁ ନିଜର ପରାଜୟ ସୁନିଶ୍ଚିତ ଭାବି ଶେଷ ମୁହୂର୍ତ୍ତରେ ସେ ନିର୍ବାଚନରୁ ଓହରିଗଲେ । ଦଳର ସବୁ ନେତା ବସି ମଧୁଲିମାୟେଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଓ ତାଙ୍କୁ ପୂର୍ଣ୍ଣ ଅଧିକାର ଦେଲେ ଯେ ସେ ଯାହାକୁ ବାଛିବେ, ସେ ହିଁ ହେବେ ସମାଜବାଦୀ ଦଳର ପାର୍ଲିଆମେଣ୍ଟାରୀ ବୋର୍ଡ଼ର ନେତା । ତାହାହିଁ ହେଲା । ସେ ତାଙ୍କ ତରଫରୁ ସବୁ ସମ୍ବାଦପତ୍ରକୁ ବିବୃତି ଦେଇ କହିଲେ ଯେ, 'ସର୍ବସମ୍ମତିକ୍ରମେ ରବି ରାୟ ସମାଜବାଦୀଦଳର ପାର୍ଲିଆମେଣ୍ଟାରୀ ନେତା ନିର୍ବାଚିତ ହେଲେ ।' ସମାଜବାଦୀ ଦଳର ମହାନ ପରମ୍ପରାରେ ଆଞ୍ଚ ଆସିଲା ନାହିଁ । ଦଳର ସଦ୍‌ଭାବ ଅକ୍ଷୁଣ୍ଣ ରହିଲା । ଐକ୍ୟ ଓ ସଂହତି ପ୍ରତିଷ୍ଠା ହେଲା ।

ଆଉ ଗୋଟିଏ ବିଚିତ୍ର ସଂଯୋଗ ହୋଇଥିଲା ଏହି ସମୟରେ । ପ୍ରଜା ସୋସାଲିଷ୍ଟ ପାର୍ଟିରୁ ସୁରେନ୍ଦ୍ର ଦ୍ୱିବେଦୀ, ସ୍ୱତନ୍ତ୍ରଦଳରୁ ପ୍ରତାପକେଶରୀ ଦେଓ ଓ ସମାଜବାଦୀ ଦଳରୁ ରବି ରାୟ - ଏହି ତିନିଜଣ ଓଡ଼ିଆ ପାର୍ଲିଆମେଣ୍ଟରେ ନିଜ ନିଜ ଦଳର ନେତା ଥିଲେ । ଏମାନେ ସମସ୍ତେ ବିରୋଧୀଦଳର ଥିଲେ ।

Digitized by srujanika@gmail.com

କିଛି ସଫଳତାର ଫଳଶ୍ରୁତି

ରବି ରାୟ ୧୯୬୭ ମସିହାରେ ଲୋକସଭା ପାଇଁ ନିର୍ବାଚନ ଲଢୁଥିଲା ବେଳେ ପୁରୀର ଲୋକମାନେ ତାଙ୍କୁ ଥରେ ପ୍ରଶ୍ନ କରିଥିଲେ - "ଆପଣ ଲୋକସଭାକୁ ଗଲେ ପୁରୀ ପାଇଁ କ'ଣ କରିପାରିବେ ?"

ଅବଶ୍ୟ ରବି ରାୟଙ୍କ ଆଖି ଆଗରେ ସେପରି କିଛି ନିର୍ଦ୍ଦିଷ୍ଟ ଯୋଜନାର ରୂପରେଖ ନ ଥିଲା । କିନ୍ତୁ ତାଙ୍କର ଦୃଢ଼ବିଶ୍ୱାସ ଓ ଅଭିଳାଷ ଥିଲା ସେ କେବଳ ପୁରୀ ପାଇଁ ନୁହେଁ, ସାରା ଓଡ଼ିଶା ପାଇଁ କିଛି କରିବେ । ଲୋକଙ୍କ ସେବା, ଦଳର ସଙ୍ଗଠନ, ସମାଜର ବୃହତ୍ତର କଲ୍ୟାଣ, ଓଡ଼ିଶାର ଅର୍ଥନୈତିକ ପ୍ରଗତି - ସବୁ ମିଶାମିଶି ହୋଇ ତାଙ୍କ ସ୍ୱପ୍ନ ଓ ସଂକଳ୍ପକୁ କିଛି ଗୋଟାଏ ରୂପରେଖ ଦେବାପାଇଁ ଭିତରଟା ଆଉଟୁ ପାଉଟୁ ହେଉଥିଲା । ସେଇ ସ୍ୱପ୍ନରେ ସେ ବିଭୋର ହୋଇ ଉଠୁଥିଲେ । ଅଦମ୍ୟ ଉତ୍ସାହ ଓ ଆଗ୍ରହରେ ସେ ବାରମ୍ବାର ଓଡ଼ିଶା ଆସି ଲୋକଙ୍କ ନାନାବିଧ ସମସ୍ୟା ସମ୍ପର୍କରେ ଜାଣିବାକୁ ଚେଷ୍ଟା କରୁଥିଲେ । ସେ ପୁରୀ ଆସିଲେ ଢୁଢୁଓ୍ୱାଲା ଧର୍ମଶାଳାରେ ୪୫ ନମ୍ବର କୋଠରିରେ ରହି ଲୋକଙ୍କ ଭଲମନ୍ଦ କଥା ବୁଝୁଥିଲେ । ଲୋକଙ୍କର ସମସ୍ୟାର ସମାଧାନ ପାଇଁ ଆପ୍ରାଣ ଚେଷ୍ଟା କରୁଥିଲେ । ଲୋକଙ୍କ ସହିତ ମିଶୁଥିଲେ । ଅଞ୍ଚଳର ସମସ୍ୟା କଥା ଆଲୋଚନା କରୁଥିଲେ । ସମାଧାନର ଉପାୟ ବ୍ୟବସ୍ଥା କରୁଥିଲେ । ପୂର୍ବରୁ କୌଣସି ଲୋକସଭା ସଦସ୍ୟ ନିର୍ବାଚିତ ହେଲାପରେ ଏପରି ଜନସମ୍ପର୍କ ରଖୁ ନ ଥିଲେ । ପାର୍ଲିଆମେଣ୍ଟ ଯିବା ପୂର୍ବରୁ ସେ ଲୋକଙ୍କୁ ପରାମର୍ଶ କରୁଥିଲେ ଓ ପାର୍ଲିଆମେଣ୍ଟରୁ ଫେରିବା ପରେ ଲୋକଙ୍କୁ ରିପୋର୍ଟ କରୁଥିଲେ ।

ରବି ରାୟ ପାର୍ଲିଆମେଣ୍ଟକୁ ନିର୍ବାଚିତ ହେବାପୂର୍ବରୁ ପୁରୀରୁ ଦିଲ୍ଲୀକୁ ସିଧାସଳଖ ଟ୍ରେନ ନ ଥିଲା । ଲୋକେ କଲିକତା ଯାଇ କଲିକତାରୁ ଦିଲ୍ଲୀକୁ ଆଉ ଗୋଟେ ଟ୍ରେନ ଧରି ଯାଉଥିଲେ । ୧୯୬୭-୬୮ ମସିହାରେ ରାମସୁଭଗ ସିଂହ କେନ୍ଦ୍ରରେ ରେଳ ବିଭାଗ ମନ୍ତ୍ରୀ ଥାନ୍ତି । ରବି ରାୟ ତାଙ୍କୁ ଲକ୍ଷ୍ୟକରି ପାର୍ଲିଆମେଣ୍ଟରେ କହିଲେ - 'ଓଡ଼ିଶାବାସୀ କି ପାପ କରିଛନ୍ତି ଯେ, ଦିଲ୍ଲୀକୁ ଆସିବାପାଇଁ ତାଙ୍କୁ କଲିକତା ନ ଗଲେ ନ ଚଳେ !'

ଏକଥା ଶୁଣି ସୁଭଗ ସିଂହ ରବି ରାୟଙ୍କୁ ପଚାରିଲେ - 'ଆପଣ କ'ଣ ଚାହୁଁଛନ୍ତି ?'

ରବି ରାୟ କହିଲେ - 'ଆପଣ ଓଡ଼ିଶାରୁ ଦିଲ୍ଲୀକୁ ଗୋଟେ ସିଧାସଳଖ ଟ୍ରେନ ଚଳାଚଳ ବ୍ୟବସ୍ଥା କରି ଦିଅନ୍ତୁ । ନଚେତ୍ ଓଡ଼ିଶାବାସୀ ଆପଣଙ୍କୁ ଆଦୌ କ୍ଷମା କରିବେ ନାହିଁ ।'

ରାମସୁଭଗ ସିଂହ ସେଇଠି ସାଙ୍ଗେ ସାଙ୍ଗେ ପାର୍ଲିଆମେଣ୍ଟରେ ଘୋଷଣା କଲେ ଯେ, ପୁରୀରୁ ନୂଆଦିଲ୍ଲୀକୁ 'ଉତ୍କଳ ଏକ୍ସପ୍ରେସ' ଚାଲିବ । ରେଳବିଭାଗ ମନ୍ତ୍ରୀଙ୍କର ଏହି ଘୋଷଣାର ଅଳ୍ପଦିନ ଭିତରେ କାମ ଆରମ୍ଭ ହୋଇଗଲା । ଓଡ଼ିଶା ଲୋକଙ୍କର ଆଶା

Digitized by srujanika@gmail.com

ପୂରଣ ହେଲା । ପୁରୀରୁ ନୂଆଦିଲ୍ଲୀକୁ ଉତ୍କଳ ଏକ୍ସପ୍ରେସ ଚାଲିଲା । ସେଇ ରାମସୁଭଗ ସିଂହ ରେଲୱେ ମନ୍ତ୍ରୀ ଥିବାବେଳେ ରବି ରାୟଙ୍କ ପ୍ରଚେଷ୍ଟାରେ ଝାରସୁଗୁଡ଼ାରେ ନୂଆ ରେଲୱେ ଡିଭିଜନ ଓ ରେଲୱେ ମେଲ ସର୍ଭିସ କାର୍ଯ୍ୟକାରୀ ହେଲା । ଏଥିରେ ଆର.ଏମ.ଏସ. କର୍ମଚାରୀ ନେତା ବଂଶୀ ମହାନ୍ତି ସହାୟତା କରିଥିଲେ ।

ରବି ରାୟ ଥିଲେ ଇତିହାସର ଛାତ୍ର । ଅତୀତ ଇତିହାସରୁ ସେ ଜାଣିଥିଲେ, ଦେଶ ପ୍ରଗତିର ମୂଳଦୁଆ ହେଉଛି ଶିକ୍ଷା । ଏ ଶିକ୍ଷା ପୁଣି ଆଧୁନିକ କାଳରେ ବିଜ୍ଞାନଭିତ୍ତିକ । ଏଣୁ ସେ ଆପ୍ରାଣଚେଷ୍ଟା ଚଳାଇଲେ କେମିତି ଓଡ଼ିଶାରେ 'ପଦାର୍ଥ ବିଜ୍ଞାନ ଅନୁଷ୍ଠାନ' (Institute of Physics) ହେବ । ତାଙ୍କର ଶ୍ରମ ଫଳବତୀ ହେଲା । ଭୁବନେଶ୍ୱରରେ 'ପଦର୍ଥ ବିଜ୍ଞାନ ଅନୁଷ୍ଠାନ' ପ୍ରତିଷ୍ଠା କରାଗଲା ।

ପୁରୀରେ ଗଭର୍ଣ୍ଣରଙ୍କ ସାମୟିକ ରହଣି ପାଇଁ ଗୋଟିଏ ଖୁବ୍ ବଡ଼ ଘର ଅଛି । ଭୁବନେଶ୍ୱରରେ ବିଶାଳ ରାଜଭବନ ରହିଛି । ଏଇ ସମୟକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥା'ନ୍ତି ରାଜେନ୍ଦ୍ର ନାରାୟଣ ସିଂହଦେଓ । ରବି ରାୟ ତାଙ୍କୁ ଚିଠି ଲେଖିଲେ ଯେ, ରାଜ୍ୟପାଳଙ୍କ ପାଇଁ ପୁରୀରେ ରହିଥିବା ଘରଟି ବାସ୍ତବରେ ଅନାବଶ୍ୟକ । ଭୁବନେଶ୍ୱରରୁ ପୁରୀ ମାତ୍ର ଘଣ୍ଟାକର ବାଟ । ପୁଣି ଭୁବନେଶ୍ୱରରେ ଏତେବଡ଼ ବିଶାଳ ଘର ଥାଉ ଥାଉ ପୁରୀରେ ଆଉ ଗୋଟିଏ ଘର ରଖି ତାର ରକ୍ଷଣାବେକ୍ଷଣ ବାବଦକୁ ଏତେଗୁଡ଼େ ଟଙ୍କା ରାଜସ୍ୱରୁ ଖର୍ଚ୍ଚ କରିବା ଆଦୌ ସମୀଚୀନ ନୁହେଁ । ବରଂ ପୁରୀରେ ଥିବା ସେ ରାଜ୍ୟପାଳ ଭବନରେ ଗୋଟିଏ ମହିଳା କଲେଜ କରାଯାଉ କିମ୍ବା ଗୋଟିଏ ଶିଶୁଭବନ କରାଯାଉ । ସେତେବେଳେ ପୁରୀରେ ମହିଳା କଲେଜର ଘର ନ ଥାଏ ।

ରବି ରାୟଙ୍କ ଏ ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ୱ ଦେଲେ ନାହିଁ । ଏକଥା ଲକ୍ଷ୍ୟକରି ରବି ରାୟ ପୁରୀରେ ଥିବା ଗଭର୍ଣ୍ଣର ହାଉସ ସାମନା ଗେଟ ପାଖରେ ସତ୍ୟାଗ୍ରହ କଲେ । ପାର୍ଲିଆମେଣ୍ଟ ସଦସ୍ୟ ଥାଇ ବି ସରକାର ତାଙ୍କୁ ଗିରଫ କରି ଜେଲକୁ ପଠାଇଦେଲେ ।

ରବି ରାୟଙ୍କ ଏମ୍.ପି. କ୍ୱାର୍ଟର ଥାଏ ଅତୁଲଗ୍ରୋଭ ରୋଡ଼ରେ । କହିବାକୁ ଗଲେ ସେ ଘର ଥିଲା ଦ୍ୱିତୀୟ ଓଡ଼ିଶା ଭବନ । ସେତେବେଳେ ରବି ରାୟଙ୍କ ପତ୍ନୀ ଡକ୍ଟର ସରସ୍ୱତୀ ସ୍ୱାଇଁ ବ୍ରହ୍ମପୁର ମେଡ଼ିକାଲ କଲେଜରେ ଅଧ୍ୟାପନା କରୁଥାନ୍ତି । ତେଣୁ ସେ ଓଡ଼ିଶାରେ ରହୁଥାନ୍ତି । କହିବାକୁ ଗଲେ ରବି ରାୟ ବାହାହୋଇ ବାହା ନ ହେଲା ପରି ପ୍ରାୟ ଏକାଟିଆ ରହନ୍ତି ଦିଲ୍ଲୀରେ । ଶ୍ରୀମତୀ ସ୍ୱାଇଁ କେବେ କେମିତି ଦିଲ୍ଲୀ ଯାଆନ୍ତି । ତେଣୁ ଓଡ଼ିଶାରୁ ଯେଉଁ ଛାତ୍ରମାନେ ବିଭିନ୍ନ ପ୍ରକାର ସର୍ବଭାରତୀୟ ସେବା ସଂସ୍ଥାରେ ଚାକିରି କରିବାକୁ, ବିଭିନ୍ନ ପ୍ରକାର ଇଣ୍ଟରଭିଉ ଦେବାକୁ ଯାଉଥିଲେ, ସେମାନେ ଅଧିକାଂଶ

Digitized by srujanika@gmail.com

ରବି ରାୟଙ୍କ ଏମ.ପି. କ୍ୱାର୍ଟରରେ ରହୁଥିଲେ । ତା ଛଡ଼ା ରବି ରାୟଙ୍କ ନିତିଦିନିଆ ଭାତ ଡାଲମାରେ ମଧ୍ୟ ଅଂଶୀଦାର ହେଉଥିଲେ । ନ ହେଲେ ରବି ରାୟଙ୍କ ମନ ବୁଝୁ ନ ଥିଲା । ତାଙ୍କ ଘରେ ରହି ଆଇ.ଏ.ଏସ, ଆଇ.ପି.ଏସ୍., ଆଲାଏଡ଼ ସର୍ଭିସ ପ୍ରଭୃତିରେ ଯୋଗ ଦେଇଥିବା ପିଲାଙ୍କ ସଂଖ୍ୟା ଅତି କମରେ ଶହେରୁ ଊର୍ଦ୍ଧ୍ୱ ହେବ । ବ୍ରହ୍ମପୁର, ବୁର୍ଲା, କଟକ ମେଡ଼ିକାଲ କଲେଜର, ଇଂଜିନିୟରିଂ କଲେଜର ଛାତ୍ରମାନେ ବିଭିନ୍ନ ପରୀକ୍ଷା ଦେବାକୁ ଯାଇ ତାଙ୍କ ଘରେ ରହୁଥିଲେ । ତାଙ୍କର କିଛି ବାଛବିଚାର ନ ଥିଲା । ସେ ମେଧାବୀ ଛାତ୍ରମାନଙ୍କୁ ଖୁବ୍ ଭଲ ପାଉଥିଲେ । ଏହାଛଡ଼ା ଖୁବ୍ ଅଳ୍ପ ବୟସରୁ ସେ ଛାତ୍ର ରାଜନୀତିରେ ଯୋଗଦେଇ ଛାତ୍ରନେତା ଭାବରେ ସାରା ଓଡ଼ିଶାରେ ବେଶ ଜଣାଶୁଣା ଥିବାରୁ ସବୁ ସମୟରେ ତାଙ୍କ ଦିଲ୍ଲୀ ବାସଭବନରେ ଛାତ୍ରମାନଙ୍କର ଭିଡ଼ ଜମୁଥିଲା । ଖାଲି ଯେ ଘରେ ରହିବାକୁ ଦେଉଥିଲେ ତା ନୁହେଁ, ସେମାନଙ୍କୁ ନାନା ପ୍ରକାର ସାହାଯ୍ୟ କରୁଥିଲେ । ଏହି ଛାତ୍ରମାନେ ହିଁ ମଜାରେ ରବି ରାୟଙ୍କ କ୍ୱାର୍ଟରକୁ ଦ୍ୱିତୀୟ ଓଡ଼ିଶାଭବନ ବୋଲି କହୁଥିଲେ ।

କେବଳ ଓଡ଼ିଆ ପିଲା ନୁହନ୍ତି, ଦେଶର ଅନ୍ୟ ଅଞ୍ଚଳର ଛାତ୍ର ଓ ଯୁବକମାନେ ମଧ୍ୟ ଏ ସୁବିଧା ପାଉଥିଲେ । ପରେ ଏଭଳି ସୁବିଧା ପାଇବାରେ ଆଜିର କେନ୍ଦ୍ରମନ୍ତ୍ରୀ ଶରତ ଯାଦବ, ନୀତିଶ କୁମାର ପ୍ରମୁଖ ଅନ୍ତର୍ଭୁକ୍ତ । ଯୁବକ ଓ ଛାତ୍ରମାନଙ୍କ ଭିତରେ ରହି, ରବି ରାୟ ନିଜକୁ ସେମାନଙ୍କର ଜଣେ ଅନ୍ତରଙ୍ଗ ସାଥୀ ମନେ କରୁଥିଲେ । ସେଇଭଳି ନିରୋଳା ସ୍ନେହ ଓ ଶ୍ରଦ୍ଧା ଦେଖାଉଥିଲେ ।

୧୯୬୯ ମସିହାରେ ଗୋପରେ ଭୟଙ୍କର ବନ୍ୟା ଦେଖାଦେଲା । ଦୟାନଦୀରେ ବନ୍ଧ ଭାଙ୍ଗି ବହୁ ଘରଦ୍ୱାର, ଗାଁ ଗଣ୍ଡା ଭାସିଗଲା । ଏ ଖବର ପାଇ ରବି ରାୟ ସାଙ୍ଗେ ସାଙ୍ଗେ ଦିଲ୍ଲୀରୁ ଆସି ପୁରୀରେ ପହଞ୍ଚିଲେ ।

ଦୁଦୁଓ୍ୱାଲା ଧର୍ମଶାଳାରେ ରହି ରିଲିଫ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଇଲେ । ସେ, ଶାରଦା ମହାନ୍ତି, ପ୍ରମୋଦବାବୁ (ଡେଲାଙ୍ଗର କଲ୍ୟାଣପୁର) ଓ ଆଉ କେତେଜଣ ଲୋକ ଦିନରାତି ଡଙ୍ଗା ଧରି ଲୋକଙ୍କ ପାଖରେ ରିଲିଫ ନେଇ ପହଞ୍ଚନ୍ତି । ରାତିରେ ପେଟ୍ରୋମାକ୍ସ ଲାଇଟ ଜାଳି ଡଙ୍ଗାରେ ଗାଁ ଗାଁ ବୁଲୁଥାନ୍ତି । ସେଥର ବନ୍ୟାରେ ତାଙ୍କ ସେବା ଓ ସହଯୋଗ ବାସ୍ତବରେ ବର୍ଣ୍ଣନାତୀତ । ସେ ଲୋକଙ୍କ ଦୁଃଖ ଦେଖି ମ୍ରିୟମାଣ ହୋଇପଡ଼ିଲେ । କିପରି ବିଭିନ୍ନ ଅଞ୍ଚଳରୁ ସାହାଯ୍ୟ ଆସି ପହଞ୍ଚିପାରିବ, ସେଥିପାଇଁ ସେ ସରକାରୀ ଓ ବେସରକାରୀ ସ୍ତରରେ ବହୁଲୋକଙ୍କ ପାଖରେ ପହଞ୍ଚିଲେ । ସେମାନଙ୍କୁ ଅନୁରୋଧ କଲେ । କଣାସ ଅଞ୍ଚଳରେ ବନ୍ୟାଜଳ ବହୁଦିନ ପର୍ଯ୍ୟନ୍ତ ନିଷ୍କାସିତ ହୋଇପାରିଲା ନାହିଁ । ଧାନକେଣ୍ଡା ସବୁ ପାଣିରେ ବୁଡ଼ି ରହିଲା । ରବି ରାୟ ବକ୍ସି ଜଗବନ୍ଧୁଙ୍କ ଗାଁ ବ୍ରହ୍ମଗିରିର ଗଡ଼ରୋଡ଼ଙ୍ଗ ଗାଁରୁ ଧାନକେଣ୍ଡାକୁ ନେଇ ପାର୍ଲିଆମେଣ୍ଟରେ

Digitized by srujanika@gmail.com

ଦେଖାଇଲେ ଓ ଜରୁରୀ ଭାବରେ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି ଜଣାଇଲେ । ତାଙ୍କର ଏହି ଦାବି ଫଳରେ ସରକାରଙ୍କ ଆଖି ଖୋଲିଲା । ଓଡ଼ିଶାକୁ ସମୁଚିତ ସାହାଯ୍ୟ ସହଯୋଗ ଯୋଗାଇ ଦେଲେ କେନ୍ଦ୍ର ସରକାର । ଲୋକଙ୍କୁ ଆବଶ୍ୟକୀୟ ରିଲିଫ ଓ ଆର୍ଥିକ ସାହାଯ୍ୟ ମିଳିଲା ।

୧୯୬୯ ମସିହାରେ ଡାକତାର କର୍ମଚାରୀମାନେ ଧର୍ମଘଟ କରିଥିଲେ । ଏହି ଧର୍ମଘଟ ଦେଶବ୍ୟାପୀ ହୋଇଥିଲା । କିଛିଦିନ ପରେ ସେମାନଙ୍କ ସହିତ ରେଲୱେ ବିଭାଗର କର୍ମଚାରୀମାନେ ମଧ୍ୟ ଯୋଗ ଦେଲେ । ପରିସ୍ଥିତି ଏପରି ହେଲା ଯେ ଦେଶବ୍ୟାପୀ ଏହି ଧର୍ମଘଟକୁ ନିୟନ୍ତ୍ରଣ କରିବା ସରକାରଙ୍କ ପକ୍ଷରେ ଅସମ୍ଭବ ହୋଇପଡ଼ିଲା ; ଏଣେ କର୍ମଚାରୀମାନେ ନଛୋଡ଼ବନ୍ଧା । ସେମାନେ ହରତାଳ, ଶୋଭାଯାତ୍ରା, ଧାରଣା, ଅନଶନ ପ୍ରଭୃତି କଲେ । ଏପରି ପରିସ୍ଥିତି ହେଲା ଯେ, ପଞ୍ଜାବରେ ଧର୍ମଘଟକାରୀ ଓ ପୁଲିସଙ୍କ ଭିତରେ ମୁହାଁମୁହିଁ ହୋଇ ଆଠଜଣ ଲୋକ ମୃତ୍ୟୁବରଣ କଲେ । ପଠାଣକୋଟଠାରେ ପୁଲିସ ଲୋକଙ୍କ କ୍ୱାର୍ଟର ଭିତରେ ପଶି ପିଟି ପିଟି ମାରିଲେ । ଏହି ଘଟଣା ସାରାଦେଶରେ ଧର୍ମଘଟକୁ ଗୁରୁତର କରିଦେଲା । ଏସବୁ ଘଟଣା ବିସ୍ତୃତ ଆକାରରେ ସମ୍ବାଦପତ୍ରରେ ବାହାରି ଦେଶରେ ହଇଚଇ ସୃଷ୍ଟି କଲା ।

ସେତେବେଳେ କେନ୍ଦ୍ରରେ ୱାଇ.ବି. ଚୌହାନ ଘରୋଇ ବିଭାଗ ମନ୍ତ୍ରୀ ଥାନ୍ତି । ସେ ଭାରି ଟାଣୁଆ ଓ କୁଶଳୀ ନେତା ଥିଲେ । କେନ୍ଦ୍ରରେ କଂଗ୍ରେସ ସରକାର । ଇନ୍ଦିରା ଗାନ୍ଧୀ ପ୍ରଥମଥର ପ୍ରଧାନମନ୍ତ୍ରୀ ହୋଇଥାନ୍ତି । ବାଚସ୍ପତି ଥାନ୍ତି ସଞ୍ଜୀବ ରେଡ଼ି । ବିରୋଧୀ ଦଳର ସବୁ ସାଂସଦ ସ୍ଥିର କଲେ ଯେ, ଏହି ଘଟଣାକୁ କେନ୍ଦ୍ରକରି ତିନୋଟି ଦାବି ସରକାରଙ୍କ ପାଖରେ ଉପସ୍ଥାପନ କରିବେ । ଯଦି ସରକାର ଏହି ତିନୋଟିଯାକ ଦାବିକୁ ମାନି ନିଅନ୍ତି, ତେବେ ଭଲ କଥା । ନଚେତ୍ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଉପରେ ଅବିଶ୍ୱାସ ପ୍ରସ୍ତାବ ଅଣାଯିବ । ପାର୍ଲିଆମେଣ୍ଟରେ ଏ ପ୍ରସ୍ତାବ ଆଣିବେ ସେତେବେଳର ବିରୋଧୀଦଳର ସାଂସଦ ଅଟଳ ବିହାରୀ ବାଜପେୟୀ (ସଂପ୍ରତି ସେ ଦେଶର ପ୍ରଧାନମନ୍ତ୍ରୀ) । ଏହି ଦାବି ତିନୋଟି ହେଲା - ପ୍ରଥମରେ ଡାକତାରବାଲାଙ୍କର ଆର୍ଥିକ ଦାବି ପୂରଣ କରାଯାଉ । ଦ୍ୱିତୀୟରେ ପଠାଣକୋଟରେ ଯେଉଁ ଲୋକମାନେ ମୃତ୍ୟୁବରଣ କଲେ ଓ ଯେଉଁମାନଙ୍କୁ ପୋଲିସ ଗୋଡ଼େଇ ଗୋଡ଼େଇ ଘରେ ପଶି ମାରିଛି, ସେମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ ଦିଆଯାଉ । ତୃତୀୟରେ ଏହାର ବିଚାର ବିଭାଗୀୟ ତଦନ୍ତ ହେଉ ।

ଏହି ତିନୋଟି ଦାବି ସମ୍ପର୍କରେ ଘରୋଇ ମନ୍ତ୍ରୀ ଚୌହାନ ପାର୍ଲିଆମେଣ୍ଟରେ ପ୍ରଥମ ଦିନ ଉତ୍ତର ଦେଲେ । ମାତ୍ର ସେ ପ୍ରଥମଦିନ ଆଲୋଚନାରେ ତିନୋଟିଯାକ ଦାବିକୁ ମାନିଲେ ନାହିଁ । ତା ପର ଦିନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ଏହା ଉପରେ ଜବାବ ଦେବା କଥା । ସେ ନୂଆହୋଇ ଅବିଶ୍ୱାସ ପ୍ରସ୍ତାବର ସାମନା କରୁଥାନ୍ତି । ତାଙ୍କ ପାଇଁ ଏହା ଏକ ଗୁରୁତର ସମସ୍ୟା ଥିଲା ।

Digitized by srujanika@gmail.com

ପାର୍ଲିଆମେଣ୍ଟରେ ଏଗାରଟାରୁ ବାରଟା ପ୍ରଶ୍ନୋତ୍ତର କାଳ । ଏଣୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶ୍ନୋତ୍ତର କାଳ ଶେଷ ହେବାପରେ ଅର୍ଥାତ୍ ବାରଟା ପରେ ଜବାବ ଦେବା କଥା ଥିଲା ।

ବିରୋଧୀଦଳ ନେତାମାନଙ୍କର ବୈଠକ ବସିଲା । ବୈଠକରେ ସ୍ଥିର ହେଲା ଯେ ଆସନ୍ତାକାଲି ଯେତେବେଳେ ବାଚସ୍ପତି ପ୍ରଧାନମନ୍ତ୍ରୀଙ୍କୁ ଉତ୍ତର ଦେବାପାଇଁ ଡାକିବେ, ସେତେବେଳେ ରବି ରାୟ ଛିଡ଼ାହୋଇ କହିବେ ତିନୋଟି ଦାବିର କମ୍‌ସେ କମ୍ ଦୁଇଟି ଦାବି ନ ମାନିବା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ବକ୍ତବ୍ୟ ପ୍ରଦାନ କରିବାକୁ ସୁଯୋଗ ଦିଆଯିବ ନାହିଁ ।

ଠିକ୍ ବାରଟାରେ ପ୍ରଶ୍ନୋତ୍ତର କାଳ ସରିବା ପରେ ବାଚସ୍ପତି ଯେତେବେଳେ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କୁ ଉତ୍ତର ଦେବା ପାଇଁ ଡାକିଲେ, ଆଖିପିଛୁଳାକେ ରବି ରାୟ ଠିଆହୋଇ ଯାଇ କହିଲେ - 'ଅଧ୍ୟକ୍ଷଜୀ ! କାଲ୍ ଗୃହମନ୍ତ୍ରୀନେ ହମାରେ ତିନ୍ ମାଗୋଁକୋ ଅସ୍ୱୀକାର କର୍ ଦିଏ । ଆଜ୍ ଅଭି ପ୍ରଧାନମନ୍ତ୍ରୀ ଇନ୍ଦିରାଜୀ ବୋଲନେ ବାଲୀ ହେଁ । ମେ ତବ୍ ତକ୍ ପ୍ରଧାନମନ୍ତ୍ରୀଜୀକୋ ବୋଲ୍‌ନେ ନେହିଁ ଦୁଗାଁ ଯବତକ ଓ୍ୱେ ତିନ୍ ମାଗୋଁସେ କମ୍‌ସେ କମ ଦୋଁ ମାଗୋଁ କୋ ମାନ୍ ନ ଲେଁ ।

ସେତେବେଳକୁ ଇନ୍ଦିରାଗାନ୍ଧୀ ଉତ୍ତର ଦେବାପାଇଁ ଛିଡ଼ା ହୋଇଗଲେଣି । ରବି ରାୟ ବାଚସ୍ପତିଙ୍କୁ କହିଲେ - 'ଅଧ୍ୟକ୍ଷଜୀ ! ଆପ ହମକୋ ବୋଲନେ କେ ଲିଏ ଅନୁମତି ଦିଏଁ ହେଁ । ପ୍ରଧାନମନ୍ତ୍ରୀ ବୈଠ୍ ଯାଏଁ ।'

ରବି ରାୟ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କୁ ଚାହିଁ ହାତ ହଲେଇ କହିଲେ - 'ଆପ ବୈଠ୍ ଯାଇଏ ।' ଇନ୍ଦିରାଗାନ୍ଧୀ ଉତ୍‌କ୍ଷିପ୍ତ ହୋଇଗଲେ । ସେ ରାଗିକରି କହିଲେ - 'ଆପ୍ ହମକୋ ବୋଲନେ ନେହିଁ ଦେଗେଁ ?'

ରବି ରାୟ ପୁଣି କହିଲେ - 'ମେ ଆପକୋ ବୋଲନେ ନେହିଁ ଦୁଗାଁ । ଯବ ତକ ଆପ ଦୋ ମାଗୋଁ କୋ ପୂରା ନେହିଁ କରେଙ୍ଗେ ।'

କିଛି ସମୟ କଂଗ୍ରେସବାଲା ଓ ବିରୋଧୀଦଳବାଲା ସମସ୍ତେ ଛିଡ଼ା ହୋଇ ପାଟି କଲେ । ବାଚସ୍ପତି ସଞ୍ଜୀବ ରେଡ଼ି ପାର୍ଲିଆମେଣ୍ଟକୁ ଦୁଇତିନିଘଣ୍ଟା ପାଇଁ ମୁଲତବୀ କରିଦେଲେ । ତା'ପରେ କିଛି ସମୟ ପରେ ବାଚସ୍ପତି ସଂଜୀବ ରେଡ଼ିଙ୍କ ସେକ୍ରେଟାରୀ ପ୍ରଫୁଲ୍ଲ ପଟ୍ଟନାୟକ ଆସି ରବି ରାୟଙ୍କୁ ଡାକିଲେ ଯେ ତାଙ୍କୁ ବାଚସ୍ପତି ଡାକୁଛନ୍ତି । ରବି ରାୟ ତାଙ୍କ ପାଖକୁ ଗଲେ । କଂଗ୍ରେସ ଓ ବିରୋଧୀଦଳର ନେତାମାନେ ମଧ୍ୟ ଗଲେ । ସେଠି ଗୋଟେ ମିଳାମିଶା ହେଲା । ବିରୋଧୀଦଳବାଲା କହିଲେ, ପ୍ରଧାନମନ୍ତ୍ରୀ ଦୁଇଟା ଦାବି ନ ମାନିଲା ପର୍ଯ୍ୟନ୍ତ ସେମାନେ ତାଙ୍କୁ ଲୋକସଭାରେ କହିବାକୁ ଦେବେ ନାହିଁ । ଇନ୍ଦିରା ଗାନ୍ଧୀ ଆଉ ସେଦିନ

Digitized by srujanika@gmail.com

ଲୋକସଭାରେ ଭାଷଣ ଦେଲେ ନାହିଁ । ମାତ୍ର ଯେତେବେଳେ ଅବିଶ୍ୱାସ ପ୍ରସ୍ତାବ ଉପରେ ଭୋଟ ହେଲା, ବିରୋଧୀ ଦଳ ସଭ୍ୟଙ୍କ ସଂଖ୍ୟା କମ୍ ଥିବାରୁ ଏହି ପ୍ରସ୍ତାବ ଭୋଟରେ କାଟ ଖାଇଗଲା ।

ଆଉ ଥରେ ସୋସାଲିଷ୍ଟ ପାର୍ଟି ତରଫରୁ ବନବାସୀ ଲୋକଙ୍କ ଦାବିକୁ ନେଇ ସାରା ଦେଶରୁ ହଜାର ହଜାର ଲୋକ ଦିଲ୍ଲୀ ବିକ୍ଷୋଭ କରିବାକୁ ଆସିଥିଲେ । ସେ ପଟୁଆରର ଅଗ୍ରଭାଗରେ ଅନ୍ୟ ନେତାମାନଙ୍କ ସହିତ ରବି ରାୟ ମଧ୍ୟ ଚାଲୁଥାନ୍ତି । ସରକାର ଲାଠି ଚାର୍ଜ୍ କଲେ ଓ ଲୁହବୁହା ଗ୍ୟାସ ପ୍ରୟୋଗ କଲେ । ପୋଲିସ ଲାଠିମାଡ଼ରେ ରାଜନାରାୟଣଙ୍କ ଗୋଡ଼ ଭାଙ୍ଗିଗଲା । ଜର୍ଜ ଫର୍ଣ୍ଣାଡିସଙ୍କ ପିଠିରେ ମାଡ଼ ହେଲା । ରବି ରାୟ ସେତେବେଳେ ସଂଯୁକ୍ତ ସୋସାଲିଷ୍ଟ ପାର୍ଟିର ପାର୍ଲିଆମେଣ୍ଟାରୀ ଦଳ (ଗୋଷ୍ଠୀର) ନେତା । ଲୋକସଭା ଅଧିବେଶନ ଚାଲୁଥାଏ । ଉପବାଚସ୍ପତି ଅଧ୍ୟକ୍ଷ ଭାବରେ ପାର୍ଲିଆମେଣ୍ଟ ପରିଚାଳନା କରୁଥାନ୍ତି ।

ଦିନ ପ୍ରାୟ ତିନିଟା ହେବ । ରବି ରାୟ ସେ ରକ୍ତଭିଜା ଲୁଗା ସବୁ ନେଇ ସଂସଦ ଭିତରକୁ ପଶିଲେ । ଲୋକସଭାର ସବୁ ସଭ୍ୟ ତାଙ୍କୁ ଏ ସଂକ୍ରାନ୍ତରେ ବିବରଣୀ ଦେବାକୁ ଅନୁରୋଧ କଲେ । ସେ ସରକାରଙ୍କ ବିରୋଧରେ ବେଶ୍ ଭାବପ୍ରବଣ ଭାବରେ ଭାଷଣ ଦେଲେ । ଏହି ଭାଷଣ ଶୁଣି ଲୋକସଭାର ଅଧିକାଂଶ ସଭ୍ୟ ଉତ୍ତେଜିତ ହୋଇଗଲେ । କଥା ସ୍ଥିର ହେଲା ଯେ, ସରକାରଙ୍କ ଉପରେ ନିନ୍ଦା ପ୍ରସ୍ତାବ ହୋଇ ଭୋଟ ଗ୍ରହଣ କରାଯିବ । ଭୋଟ ହେଲା । କଂଗ୍ରେସ ଦଳ ବିଭାଜନ ଯୋଗୁଁ ସେତେବେଳକୁ ଲୋକସଭାରେ ସଂଖ୍ୟାଲଘୁ ହୋଇଯାଇଥାଏ । କିନ୍ତୁ କମ୍ୟୁନିଷ୍ଟ ପାର୍ଟି କଂଗ୍ରେସ ଦଳକୁ ନୀତିଭିତ୍ତିକ ସମର୍ଥନ ଦେଉଥାନ୍ତି । ସେମାନଙ୍କ ମଧ୍ୟରୁ ମାତ୍ର ଜଣେ ଜଣେ ଉପସ୍ଥିତ ରହି ନିନ୍ଦା ପ୍ରସ୍ତାବ ସପକ୍ଷରେ ପ୍ରତୀକାତ୍ମକ ଭୋଟ ଦେଲେ । ଫଳରେ ମାତ୍ର ଖୁବ୍ ଅଳ୍ପ ଭୋଟରେ ସରକାର ଜିତିଗଲେ । ନିନ୍ଦା ପ୍ରସ୍ତାବ କାଟ ଖାଇଗଲା । ନଚେତ୍ ଏପରି ଏକ ପରିସ୍ଥିତି ସୃଷ୍ଟି ହୋଇଥିଲା ଯେ, ସରକାର ହୁଏତ ଭାଙ୍ଗିଯାଇଥାନ୍ତା । କଂଗ୍ରେସ ଭାଗ ଭାଗ ହୋଇଯାଇଥିବାରୁ ସରକାର ଏ ଭୋଟରେ ଜିତିବା ସମ୍ଭବ ନ ଥିଲା । ମାତ୍ର କଳେବଳେ କୌଶଳେ ସରକାର ଏ ଭୋଟ ଜିତିବା ପାଇଁ ଚାହିଁଲେ ଓ ଜୟଯୁକ୍ତ ହେଲେ । ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥାନ୍ତି । ତାଙ୍କର ପ୍ରଖର ବୁଦ୍ଧି ଥିଲା । ତାଙ୍କୁ ସହଜରେ ହରାଇବା ସମ୍ଭବ ନ ହେଲେ ମଧ୍ୟ, ଏହା ଗୋଟେ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବରେ ବେଶ ଆଲୋଡ଼ନ ସୃଷ୍ଟି କରିଥିଲା । ରବି ରାୟ ଏହାର ମୁଖ୍ୟ ଉଦ୍ୟୋକ୍ତା ଥିଲେ ।

ସେଥର କେନ୍ଦ୍ର ମନ୍ତ୍ରିମଣ୍ଡଳର କାର୍ଯ୍ୟକାଳ ପୂରା ପାଞ୍ଚବର୍ଷ ପୂରିଲା ନାହିଁ । ଇନ୍ଦିରା ଗାନ୍ଧୀଙ୍କର ସେତେବେଳକୁ ଆତ୍ମବିଶ୍ୱାସ ଆସିଗଲାଣି । ଜଣେ ସୁଦକ୍ଷ ଶାସିକା ଭାବରେ ଇତିହାସରେ ସେ ନାଁ ରଖିଯାଇଛନ୍ତି । ତାଙ୍କ ସଫଳତାର ଅନ୍ତର୍ନିହିତ କାରଣ ଥିଲା ଦୁଇଟି ।

Digitized by srujanika@gmail.com

ଗଭୀର ଆତ୍ମବିଶ୍ୱାସ ଓ ଚତୁରତା । ପାର୍ଲିଆମେଣ୍ଟ ଭାଙ୍ଗିବା ପୂର୍ବରୁ ସେ ସବୁଦଳର ବିଶିଷ୍ଟ ଏମ୍.ପି.ମାନଙ୍କୁ ଗୋଟିଏ ଭୋଜିସଭାକୁ ଆମନ୍ତ୍ରଣ କଲେ । ପାର୍ଲିଆମେଣ୍ଟର ସବା ଶେଷ ଦିନ । ଅଧିବେଶନ ସରିବା ଦିନ ରାତିରେ ଏ ଭୋଜିର ଆୟୋଜନ ହୋଇଥାଏ । ସେ ନିଜେ ବ୍ୟକ୍ତିଗତ ଭାବରେ ସମସ୍ତ ଖାଇବା ପିଇବା କଥା ବୁଲି ବୁଲି ଦେଖୁଥାନ୍ତି । ସମସ୍ତଙ୍କ ସାଙ୍ଗରେ ହସଖୁସିରେ କଥାବାର୍ତ୍ତା ହେଇ ଭଲମନ୍ଦ ବୁଝୁଥାନ୍ତି । ସେ ଆସି ରବି ରାୟଙ୍କ ପାଖରେ ପହଞ୍ଚିଲେ ଓ ବସିଗଲେ । ତାଙ୍କର କଥା କହିବାର ଭଙ୍ଗୀ ବେଶ୍ ଚମତ୍କାର ଥିଲା । ସେ ତାଙ୍କ କଥାରେ ଯେକୌଣସି ଲୋକକୁ ବି ପ୍ରଭାବିତ କରିପାରୁଥିଲେ । ତାଙ୍କ କଥାରେ ଦୃଢ଼ତା ମଧ୍ୟ ଯଥେଷ୍ଟ ଥିଲା । ସେ ରବି ରାୟଙ୍କୁ ଲକ୍ଷ୍ୟ କରି କହିଲେ - 'ରବି ରାୟଜୀ ! ଆପ କୁଛ୍ ଖା ନହିଁ ରହେ ହେଁ !'

ରବି ରାୟ କହିଲେ - 'ମେ ତୋ ଖା ରହା ହୁଁ ।'

ଇନ୍ଦିରା ଗାନ୍ଧୀ ଟେବୁଲ ଉପରୁ ଗୋଟେ ସେଓ ଉଠାଇନେଇ ତାକୁ ନିଜ ହାତରେ କାଟି ରବି ରାୟଙ୍କୁ ବଢ଼େଇ ଦେଲେ । ରବି ରାୟ ବି ସେ ସେଓତକ ତାଙ୍କ ହାତରୁ ନେଇ ଖାଇଲେ । ତାଙ୍କର ଏ ଆତିଥ୍ୟ ବାସ୍ତବରେ ରବି ରାୟଙ୍କୁ ଖୁବ୍ ଭଲ ଲାଗିଥିଲା । କିନ୍ତୁ ଠିକ୍ ଏହାର ଦୁଇଦିନ ପରେ ବଡ଼ ନାଟକୀୟ ଭାବରେ ସେ ଲୋକସଭା ଭାଙ୍ଗିଦେଲେ । ରବି ରାୟ ପୁନାରେ ଦଳର ସମ୍ମିଳନୀରେ ଯୋଗ ଦେବାକୁ ଯାଇଥାନ୍ତି । ସେଇଠି ଶୁଣିଲେ ଯେ, ଲୋକସଭା ଭାଙ୍ଗିଯାଇଛି । ସେ ବେଶ୍ ଭଲ ଭାବରେ ବୁଝିପାରିଲେ ଯେ, ଶ୍ରୀମତୀ ଗାନ୍ଧୀଙ୍କର ନାଟକୀୟ ବ୍ୟବହାରର ଅନ୍ତର୍ନିହିତ ଉଦ୍ଦେଶ୍ୟ କ'ଣ ଥିଲା । ଆଉ ସେଦିନର ନୈଶ ଭୋଜି ଏକ ବିଦାୟ ଭୋଜି ଥିଲା । ଇନ୍ଦିରା ଗାନ୍ଧୀଙ୍କ ଚତୁରତା ବାସ୍ତବରେ ତାଙ୍କୁ ଚକିତ କରି ଦେଇଥିଲା । ରବି ରାୟ ମୁକ୍ତକଣ୍ଠରେ ସ୍ୱୀକାର କରନ୍ତି, ଇନ୍ଦିରା ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ପ୍ରତ୍ୟୁତ୍ପନ୍ନମତିତା ବାସ୍ତବିକ ଉଲ୍ଲେଖନୀୟ । ସେ ପୃଥିବୀର ଜଣେ ବିଶିଷ୍ଟ ପ୍ରଧାନମନ୍ତ୍ରୀ ଏଥିରେ ଦ୍ୱିମତ ହେବାର କିଛି ନାହିଁ ।

ମାତୃବିୟୋଗ

ରବି ରାୟ ଦିଲ୍ଲୀରେ ଥା'ନ୍ତି । ବାହାଘର ପରଠାରୁ ତାଙ୍କ ବୋଉ ଏଣିକି ସବୁବେଳେ ନିଜ ବୋହୂ ଡକ୍ଟର ସରସ୍ୱତୀ ସ୍ୱାଇଁଙ୍କ ପାଖରେ ବରାବର ରହୁଥାନ୍ତି । ଭଲମନ୍ଦ, ଦେହମୁଣ୍ଡ, ପରିବାରର ବହୁ ଦାୟିତ୍ୱ ସରସ୍ୱତୀ ସମ୍ଭାଳୁ ଥିଲେ । କ'ଣ ଗୋଟେ ପର୍ବପର୍ବାଣିରେ ଯୋଗ ଦେବା ପାଇଁ ରବି ରାୟଙ୍କ ବୋଉ ଭଅଁରାଗଡ଼ ଯାଇଥିଲେ । ସେଠି ସେ କିଛିଦିନ ରହି ଯାଇଥିଲେ । ହଠାତ୍ ତାଙ୍କର ସ୍ୱର୍ଗବାସ ହେଲା । ସରସ୍ୱତୀ ଠିକ୍ ସେଇଦିନ ତାଙ୍କ ବଡ଼ ନଣନ୍ଦେଇ କଇଅପାଙ୍କ ବର ପୁନବାବୁ ଓ କଇଅପାଙ୍କ ସାଙ୍ଗରେ ଶାଶୂଙ୍କୁ କଟକ ଆଣିବାକୁ ଯାଇ ବାଟରେ ଶୁଣିଲେ ଯେ, ଯାହାଙ୍କୁ ଆଣିବାକୁ ସେ ଯାଉଛନ୍ତି, ସେ ଆଉ

Digitized by srujanika@gmail.com

ଏ ଇହଜଗତରେ ନାହାନ୍ତି । ଭଅଁରାଗଡ଼ରେ ପହଞ୍ଚିଲାବେଳକୁ ଶାଶୂଙ୍କର ଜୁଇ ଜଳୁଛି । ଶାଶୁଙ୍କର ହଠାତ୍ ଏମିତି ଚାଲିଯିବାଟା ସରସ୍ୱତୀଙ୍କୁ ଭାରି ଆଘାତ ଦେଇଥିଲା । ସେ ନିଜକୁ ନିଜେ ବିଶ୍ୱାସ କରିପାରୁ ନ ଥିଲେ ଯେ, ଗାଁ ମାଟି ଯେମିତି ତାଙ୍କୁ ହାତଠାରି ଡାକି ଆଣିଥିଲା । କେବଳ ଗାଁରେ ଶେଷନିଃଶ୍ୱାସ ନେବା ପାଇଁ ଯେମିତି ସେ ଗାଁକୁ ଫେରିଆସିଥିଲେ ।

ଖବର ପାଇ ରବି ରାୟ ଦିଲ୍ଲୀରୁ ଆସି ପହଞ୍ଚିଥିଲେ । ବଡ଼ପୁଅ ମର୍ଦ୍ଦରାଜ ସବୁ କ୍ରିୟାକର୍ମ କଲେ । ସାଆନ୍ତ ପରିବାରର ପରମ୍ପରାନୁସାରେ ଅନ୍ତ୍ୟେଷ୍ଟି କ୍ରିୟା ସମାପିତ ହେଲା । ରବି ରାୟ ଥିଲେ ବୋଉଙ୍କର କୋଳପୋଛା ପୁଅ । ଭାରି ଗେହ୍ଲା । ପିଲାଟି ଦିନରୁ ପିତୃହରା ହୋଇଥିଲେ । ଏଥର ମାତୃବିୟୋଗ ତାଙ୍କୁ ଦାରୁଣ ଦୁଃଖ ଦେଲା । ଜୀବନରେ ପ୍ରଥମଥର ସେ ଅନୁଭବ କଲେ, ସତେ ଯେମିତି ସେ ଛେଉଣ୍ଡ ହୋଇଗଲେ । ପାଦତଳ ମାଟି ମା' ଯେମିତି ଅପସରି ଯାଇଛି । ହଜି ଯାଇଛି ମା'ର ଅଭୟକୋଳ । ସେ ପଣତକାନି ଆଉ ନାହିଁ, ଯେଉଁଥିରେ ମୁହଁ ପୋଛି ଦେଲେ ସାରା ପୃଥିବୀର ଦୁଃଖ ଅକସ୍ମାତ୍ ଅପସରି ଯାଏ । ଯେଉଁ ମମତାର ଅଙ୍ଗନ ତଥାପି ତାଙ୍କୁ ଶିଶୁଟିଏ କରି ରଖିଥିଲା ଆଜିଯାଏ ।

ରବି ରାୟ ଭାଙ୍ଗିପଡ଼ିଲେ । ଏ ଧକ୍କାରୁ ମୁକୁଳି ଆସିବା ସହଜ କଥା ନ ଥିଲା । କିଛି ଦିନ ଗାଁରେ ରହିଲେ । ସମୟ ସବୁ କ୍ଷତକୁ ଭରିଦେବାକୁ ନିରନ୍ତର ପ୍ରଯତ୍ନ କରୁଥାଏ । ହେଲେ ଦାଗ ରହିଯାଏ । ଯାହା ଆଦୌ ଭୁଲିବାର ନୁହେଁ । ମୁଣ୍ଡ ଉପରେ କାମର ବୋଝ । ବେଶିଦିନ ଗାଁରେ ରହିବା ସମ୍ଭବ ନ ଥିଲା । ସେ ପୁଣି ଦିଲ୍ଲୀ ଫେରିଆସିଲେ ।

ପୁଣି ନିର୍ବାଚନ

ଇନ୍ଦିରା ଗାନ୍ଧୀ ଚତୁର୍ଥ ଲୋକସଭାକୁ ଆକସ୍ମିକ ଭାବରେ ଭାଙ୍ଗିଦେଲେ । ସେତେବେଳକୁ ସେ ଜଣେ ପୋଖତ ରାଷ୍ଟ୍ରନୀତିଜ୍ଞ । ରାଜନୀତିରେ ବେଶ ଦୃଢ଼ । ଅଭିଜ୍ଞତା ବି ଯଥେଷ୍ଟ ହୋଇଗଲାଣି । ଲୋକଙ୍କ ଭିତରେ ଅନେକଟା ଆସ୍ଥା ବି ଜମେଇ ଦେଲେଣି । ଆତ୍ମବିଶ୍ୱାସ ବି ବଢ଼ିଗଲାଣି । ଏପରି ଏକ ଅନୁକୂଳ ପରିସ୍ଥିତିରେ ସେ ପୁନର୍ବାର ନିର୍ବାଚନ କରି ପୂର୍ଣ୍ଣ ସମର୍ଥନରେ ଜନତାର ରାୟ ନେଇ ପ୍ରଧାନମନ୍ତ୍ରୀ ହେବାକୁ ଉଚିତ ମନେକଲେ । ଏହାଛଡ଼ା କଂଗ୍ରେସ ଦଳରେ ସେତେବେଳକୁ ବଡ଼ ଫାଟ । କେତେବେଳେ କୋଉ କଥା । ଭଙ୍ଗାଦଦରା ଅବସ୍ଥାରେ ସରକାର ଚଳାଇବା ଅପେକ୍ଷା ଲୋକସଭା ଭାଙ୍ଗି ନିଜ ଶକ୍ତି ପରୀକ୍ଷା କରିବାକୁ ସେ ଉଚିତ ମନେକଲେ । ତାଙ୍କର ନିଜ ଉପରେ ଅଖଣ୍ଡ ଭରସା ଥିଲା । ଏଥର ନିର୍ବାଚନରେ ସେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିପାରିବେ ବୋଲି ତାଙ୍କ ନିକଟ ମହଲ ଲୋକେ ବି ପରାମର୍ଶ ଦେଲେ । ସେଥିପାଇଁ ସେ ଅପ୍ରତ୍ୟାଶିତ ଭାବରେ ଏପରି ଏକ ପଦକ୍ଷେପ ନେଇ ବିରୋଧୀଦଳବାଲାଙ୍କୁ ଅପ୍ରସ୍ତୁତ କରିଦେଲେ ।

Digitized by srujanika@gmail.com

ବିରୋଧୀଦଳବାଲା ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବାପାଇଁ ମାନସିକ ଭାବରେ ପ୍ରସ୍ତୁତ ହେବା ପୂର୍ବରୁ ନିର୍ବାଚନ ତାରିଖ ଘୋଷଣା ହୋଇଗଲା । ତେଣୁ ପଞ୍ଚମ ଲୋକସଭା ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କର ରଣକୌଶଳ ବାସ୍ତବରେ ବିରୋଧୀଦଳବାଲାଙ୍କୁ ସ୍ତବ୍ଧଚକିତ କରିଦେଲା । କଂଗ୍ରେସ ପୁଣିଥରେ କେନ୍ଦ୍ରରେ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କଲା । ଏଥର କଂଗ୍ରେସକୁ ଲୋକେ ଇନ୍ଦିରା କଂଗ୍ରେସ (କଂଗ୍ରେସ ଆଇ) ଭାବରେ କହିବାକୁ ଆରମ୍ଭ କଲେ । ୧୯୬୭ ମସିହାରୁ କଂଗ୍ରେସଦଳର ଯେଉଁ ଅବକ୍ଷୟ ଆରମ୍ଭ ହୋଇଥିଲା, ଇନ୍ଦିରା ଗାନ୍ଧୀ ସେଥିରେ ପୂର୍ଣ୍ଣଚ୍ଛେଦ ଟାଣି କଂଗ୍ରେସର ନବକଳେବର କରିଦେଲେ ।

୧୯୭୧-୭୨ ମସିହାରେ ଯେଉଁ ପଞ୍ଚମ ଲୋକସଭା ନିର୍ବାଚନ ହେଲା, ସେଥିରେ ରବି ରାୟ ପୁନର୍ବାର ପୁରୀରୁ ଲଢ଼ିଲେ । ଏଥର କିନ୍ତୁ ପରିସ୍ଥିତି ଭିନ୍ନ ହୋଇଗଲା । କଂଗ୍ରେସଦଳ ସହିତ ସିଧାସଳଖ ଭୋଟରେ ଜିତିବା ତାଙ୍କ ପକ୍ଷେ ଶତକଡ଼ା ଶହେକୁ ଶହେ ନିଶ୍ଚିତ ଥିଲେ ବି ତାହା ପ୍ରକୃତପକ୍ଷେ ସମ୍ଭବ ହେଲା ନାହିଁ ।

ଓଡ଼ିଶାରେ ସେତେବେଳକୁ ଉତ୍କଳ କଂଗ୍ରେସ ଗଢ଼ା ହୋଇ ସାରିଥାଏ । ଏହି ଆଞ୍ଚଳିକ ଦଳ ପୁରୀରୁ ମଧ୍ୟ ତାର ପ୍ରାର୍ଥୀ ଠିଆ କରାଇଥାଏ । ବିରୋଧୀଦଳ ଭୋଟ ଭାଗ ଭାଗ ହୋଇଗଲା । କଂଗ୍ରେସ ଭୋଟ ତ ଭାଗ ଭାଗ ହେବାର ନୁହେଁ । ତାର ବହୁଦିନର ପ୍ରତିଷ୍ଠା ରହିଛି । ଜାତୀୟ କଂଗ୍ରେସର ସ୍ୱାଧୀନତା ପାଇଁ ସଂଗ୍ରାମ ଓ ସୁନାମ ଏହି ଦଳର ମୂଳପୁଞ୍ଜି । ଶତକଡ଼ା ଚାଳିଶ ଭାଗ ଲୋକଙ୍କ ଭିତରେ ଏ ଦଳ ପ୍ରତି ପାରମ୍ପରିକ ବିଶ୍ୱାସ, ଅକୁଣ୍ଠ ଆନୁଗତ୍ୟ ଓ ଶ୍ରଦ୍ଧା ରହିଛି । ସେମାନଙ୍କ ହୃଦୟ ଭିତରେ ଆସ୍ଥାନ ଜମାଇ ବସିଛି କଂଗ୍ରେସ । ଏଣୁ କଂଗ୍ରେସର ଭୋଟ ଭାଗ ଭାଗ ନ ହେବା ସ୍ୱାଭାବିକ ଥିଲା । ଅବଶିଷ୍ଟ ଷାଠିଏ ଭାଗ ଭୋଟ ଲୋକେ ବିଚାର କରି ଦଳକୁ ଦେଖି ଦିଅନ୍ତି । ଏଇ ଷାଠିଏ ଭାଗ ଉତ୍କଳ କଂଗ୍ରେସ, ସୋସାଲିଷ୍ଟ ପାର୍ଟି ଓ କମ୍ୟୁନିଷ୍ଟ ପାର୍ଟି ଭିତରେ ବଣ୍ଟାକୁଣ୍ଟା ।

ଟାଇମ୍ସ ଅଫ ଇଣ୍ଡିଆ ଗ୍ରୁପ୍‌ର ପ୍ରସିଦ୍ଧ ସାପ୍ତାହିକୀ 'ଦିନ୍‌ମାନ୍' ତରଫରୁ ସେତେବେଳେ ଦିଲ୍ଲୀ, କଲିକତା, ମାଡ୍ରାସ, ବମ୍ବେ-ଏପରି ଚାରୋଟି ମହାନଗରୀରେ ଏକ ଜନମତ ସର୍ଭେ କରାଯାଇଥଲା । ଇନ୍ଦିରା ଗାନ୍ଧୀଙ୍କ ବିକଳ୍ପ ଭାବରେ ବିରୋଧୀଦଳର ପ୍ରଧାନମନ୍ତ୍ରୀ ଭାବେ ମୋରାରଜୀ ଦେଶାଇ, ଅଟଳ ବିହାରୀ ବାଜପେୟୀ, ମଧୁଲିମାୟେ, ନିଜ୍‌ଲିଙ୍ଗାପାଙ୍କ ନାମ ସହ ଏଇ ସର୍ଭେରେ ରବି ରାୟଙ୍କ ନାମ ମଧ୍ୟ ଥିଲା । ଅଥଚ ତଳ ସ୍ତରରେ ତାଙ୍କ ଦଳର ସଙ୍ଗଠନ ନ ଥିବାରୁ ଓ ବିରୋଧୀ ଭୋଟ ଭାଗ ଭାଗ ହେବାରୁ ରବି ରାୟଙ୍କ ଭଳି ଜାତୀୟସ୍ତରର ନେତାଙ୍କୁ ପରାଜୟ ବରଣ କରିବାକୁ ପଡ଼ିଲା । ସୁନାମ, ଲୋକପ୍ରିୟତା ଓ ଦକ୍ଷତା ସବୁ ଥିବା ସତ୍ତ୍ୱେ ସେ ଏହି ନିର୍ବାଚନରେ ହାରିଗଲେ ।

Digitized by srujanika@gmail.com

ବିଜୁ ପଟ୍ଟନାୟକ ସେତେବେଳେ ଇନ୍ଦିରା ଗାନ୍ଧୀଙ୍କ ଉପରେ କ୍ଷୁଣ୍ଣ ହୋଇ କଂଗ୍ରେସ ଛାଡ଼ି ଦେଇଥାନ୍ତି । ଉତ୍କଳ କଂଗ୍ରେସ ନାମରେ ଗୋଟିଏ ଆଞ୍ଚଳିକ ଦଳ ଗଢ଼ିଥାନ୍ତି । ତାଙ୍କର ଜିଦ୍ ସେ ଓଡ଼ିଶାରୁ ନିଶ୍ଚୟ କଂଗ୍ରେସକୁ ମୂଳପୋଛ କରିଦେବେ । କହିବା ବାହୁଲ୍ୟ, ଏଇ ଦଳହିଁ ଓଡ଼ିଶାରେ ଇନ୍ଦିରା କଂଗ୍ରେସର ବିଜୟ ପାଇଁ ବାଟ ପରିଷ୍କାର କରିଦେଲା । କଂଗ୍ରେସରୁ ପ୍ରାର୍ଥୀ ହୋଇଥାନ୍ତି ବନମାଳୀ ପଟ୍ଟନାୟକ । ଉତ୍କଳ କଂଗ୍ରେସ ପଦ୍ମଚରଣ ସାମନ୍ତ ସିଂହାରଙ୍କୁ ପ୍ରାର୍ଥୀ କରିଥାଏ । ପୂର୍ବଥର ୧୯୬୭ ନିର୍ବାଚନରେ ବନମାଳୀ ପଟ୍ଟନାୟକ ରବି ରାୟଙ୍କୁ ସମର୍ଥନ କରି ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ପରେ କିନ୍ତୁ ସେ ମହତାବଙ୍କ ନିର୍ଦ୍ଦେଶରେ କଂଗ୍ରେସକୁ ଫେରିଗଲେ । ଏଥର ପରିସ୍ଥିତି ସବୁମତେ କଂଗ୍ରେସ ପାଇଁ ଅନୁକୂଳ ଥିଲା । ବନମାଳୀ ପଟ୍ଟନାୟକଙ୍କ ବିଜୟ ପାଇଁ ବାଟ ଖୋଲିଗଲା । ସେ କଂଗ୍ରେସ ପ୍ରାର୍ଥୀ ଭାବରେ ନିର୍ବାଚନରେ ଜୟଯୁକ୍ତ ହେଲେ ।

ସେତେବେଳକୁ ବିଜୁ ପଟ୍ଟନାୟକ ଓଡ଼ିଶା ରାଜନୀତିର ଅନ୍ୟତମ କର୍ଣ୍ଣଧାର । ତାଙ୍କ ମତି ଗତି ଉପରେ ଓଡ଼ିଶା ରାଜନୀତିର ମୋଡ଼ବାଙ୍କ ବଦଳିବା ନିର୍ଭର କରୁଥାଏ । ରବି ରାୟ ତାଙ୍କ ସମଗ୍ର ରାଜନୀତିକ ଜୀବନରେ ବିଧାନସଭା ପାଇଁ ନିର୍ବାଚନ ଲଢ଼ି ନାହାନ୍ତି । ସେ କେନ୍ଦ୍ର ରାଜନୀତି ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେଉଥିଲେ । ଓଡ଼ିଶାର ଆଞ୍ଚଳିକ ରାଜନୀତିରେ ସେ ବେଶି ଜଡ଼ିତ ହେଉ ନ ଥିଲେ । ଓଡ଼ିଶାରେ ରାଜନୀତିକ ବିବାଦ କିଛି କମ୍ ନ ଥିଲା । ସ୍ୱାଧୀନ ଭାରତରେ ଓଡ଼ିଶାର ମର୍ଯ୍ୟାଦା ଓ ପ୍ରତିଷ୍ଠାକୁ କିପରି ବଢ଼େଇବା ସେ କଥା ଚିନ୍ତା ନ କରି, ଏମାନେ ନିଜ ନିଜ ସ୍ୱାର୍ଥ କଥା ଅଧିକ ଚିନ୍ତା କରୁଥିଲେ । ଫଳରେ ଓଡ଼ିଶାର ସମୂହ ସ୍ୱାର୍ଥ ମଧ୍ୟ ଅନେକ ସମୟରେ ବ୍ୟାହତ ହେଉଥିଲା । କହିବାରେ ଦ୍ୱିଧା ନାହିଁ ଏକ ମନ ଏକ ପ୍ରାଣ ହୋଇ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ କାମ କରିବା ପରିବର୍ତ୍ତେ, ଏଇ ପରସ୍ପର ଗୋଡ଼ଟଣା ପ୍ରକୃତି ଯୋଗୁଁ ଓଡ଼ିଶା ଆଜି ବହୁ ପଛରେ ପଡ଼ିଯାଇଛି । ଓଡ଼ିଶାର ଦୁର୍ଗତିର ମୁଖ୍ୟ କାରଣ ହେଉଛି ରାଜନୀତିକ କନ୍ଦଳ । ଓଡ଼ିଶାରେ ରାଜନୀତିକ ବିବାଦରେ ଲିପ୍ତ ନ ରହି ଦିଲ୍ଲୀରେ ଓଡ଼ିଶାର ସଶକ୍ତ ପ୍ରତିନିଧିତ୍ୱ କରିବାକୁ ରବି ରାୟ ଅଧିକ ସମୀଚୀନ ମନେ କରୁଥିଲେ ।

ଇନ୍ଦିରା ଗାନ୍ଧୀଙ୍କ ଉପରେ ବିଜୁବାବୁଙ୍କର ସେତେବେଳକୁ ନାହିଁ ନ ଥିବା ରାଗ । ଏଇ କାରଣରୁ ସେ କଂଗ୍ରେସ ଛାଡ଼ି ଓଡ଼ିଶାରେ ନିଜର ସ୍ଥିତି ଓ ପ୍ରତିଷ୍ଠାକୁ ଜାହିର କରିବାକୁ ଅଧିକ ଗୁରୁତ୍ୱ ଦେଲେ । ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାକୁ ଚାହିଁଲେ । କେବଳ ଏଇଥିପାଇଁ ସେ ଉତ୍କଳ କଂଗ୍ରେସ ଗଢ଼ିଲେ । ଏହି ଆଞ୍ଚଳିକ ଦଳ ପଞ୍ଚମ ଲୋକସଭା ନିର୍ବାଚନ ପାଇଁ ଗୋଟେ ନିର୍ଣ୍ଣାୟକ ଦଳ ରୂପେ କାର୍ଯ୍ୟ କଲା । କିନ୍ତୁ କଂଗ୍ରେସ ପାଇଁ ବିପର୍ଯ୍ୟୟ ଆଣିପାରିଲା ନାହିଁ ।

ଦେଖାଯାଉଛି ରାଜନୀତି ପଶାପାଲିରେ ଆଜି ଯିଏ ବନ୍ଧୁ କାଲି ସେ ଶତ୍ରୁ ହେଇପାରେ, ପୁଣି କାଲିର ଶତ୍ରୁ ଆଜି ମିତ୍ର ହେଇପାରେ । ରାଜନୀତିରେ କେହି ଚିରଦିନ ଶତ୍ରୁ କି ମିତ୍ର ହୋଇ ରହନ୍ତି ନାହିଁ ।

Digitized by srujanika@gmail.com

ସେ ସମୟକୁ ବିଜୁବାବୁ ଓ ରବି ରାୟଙ୍କ ଭିତରେ ସେପରି ଘନିଷ୍ଠତା ସୃଷ୍ଟି ହୋଇ ନ ଥିଲା । ତା ଛଡ଼ା ପୂର୍ବଥର କଂଗ୍ରେସପ୍ରାର୍ଥୀ ତଥା ବିଜୁବାବୁଙ୍କ ଆପଣାର ଲୋକ ବିବୁଧେନ୍ଦ୍ର ମିଶ୍ରଙ୍କୁ ରବି ରାୟ ପୁରୀରୁ ହରେଇଥିଲେ । ତେଣୁ ବିଜୁବାବୁ ଉତ୍କଳ କଂଗ୍ରେସରୁ ପଦ୍ମଚରଣ ସାମନ୍ତସିଂହାରଙ୍କୁ ପ୍ରାର୍ଥୀ ଦେଲେ; ଯିଏ ରବି ରାୟଙ୍କ ନିକଟ ସମ୍ପର୍କୀୟ ମଧ୍ୟ ଥିଲେ । ତାହାହିଁ ହେଲା, ରବି ରାୟଙ୍କ ପରାଜୟର ମୁଖ୍ୟକାରଣ । ଏହା ବ୍ୟତୀତ ଇନ୍ଦିରା ଗାନ୍ଧୀଙ୍କ ସମାଜବାଦ ଓ ଗରିବୀ ହଟାଅ ଧ୍ୱନି ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରିଥିଲା । ସମାଜବାଦୀ ରବି ରାୟ କାହିଁକି ଇନ୍ଦିରା ଗାନ୍ଧୀଙ୍କୁ ବିରୋଧ କରୁଛନ୍ତି ସେକଥା ଲୋକେ ବୁଝିପାରିଲେ ନାହିଁ ଓ ବୁଝାଇଲା ଭଳି ସଙ୍ଗଠନ ରବି ରାୟଙ୍କର ନ ଥିଲା ।

ବିଜୁବାବୁ ଓ ରବି ରାୟ

୧୯୪୨ ମସିହାବେଳକୁ ବିଜୁବାବୁ ପାଇଲଟ ଥାନ୍ତି । ପିଲାଦିନୁ ସେ ଭାରି ସାହସୀ ଥିଲେ । ସବୁ କଥାରେ ତାଙ୍କର ଭାରି ଉତ୍ସାହ । ସହଜରେ ଡରିଯିବା ଲୋକ ନୁହନ୍ତି । ୧୯୪୨ ଭାରତଛାଡ଼ ଆନ୍ଦୋଳନ ବେଳେ ଲୋହିଆ, ଜୟପ୍ରକାଶ, ଅରୁଣା ଆସଫ୍ ଅଲ୍ଲୀ, ଅଚ୍ୟୁତ ପଟ୍ଟବର୍ଦ୍ଧନ - ଏହି ଚାରିଜଣ ସମାଜବାଦୀ ନେତାଙ୍କ ବିରୋଧରେ ଇଂରେଜ ସରକାର ପୁରସ୍କାର ଘୋଷଣା କରିଥାନ୍ତି । ଏମାନଙ୍କୁ ଯିଏ ଧରାଇଦେବ, ସିଏ ପଚାଶ ହଜାରରୁ ଲକ୍ଷେ ଟଙ୍କା ଯାଏ ପୁରସ୍କାର ପାଇବ । ସେତେବେଳେ (ଅର୍ଥାତ୍ ୧୯୪୨ ମସିହାବେଳକୁ) ଲକ୍ଷେ ଟଙ୍କା ମାନେ ଆଜିର କୋଟି କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ । ଏହି ଚାରିଜଣ ନେତା ଅଣ୍ଡରଗ୍ରାଉଣ୍ଡରେ ରହି ଭାରତଛାଡ଼ ଆନ୍ଦୋଳନ ପାଇଁ କାମ କରୁଥାନ୍ତି । ଏ ଆନ୍ଦୋଳନ ହିଁ ଭାରତରୁ ବ୍ରିଟିଶ ସରକାରକୁ ତଡ଼ିବାରେ ବାଟ ଫିଟାଇଥିଲା । ସେହିପରି ନେତାଜୀ ସୁଭାଷ ବୋଷଙ୍କ ଆଜାଦ୍‌ହିନ୍ଦ୍ ଫୌଜର ଭାରତ ଅଭିଯାନ ତଥା ଜୀବନପଣ ସଂଗ୍ରାମରେ ବ୍ରିଟିଶ ସରକାର ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ନେତାଜୀ ଚାହୁଁଥିଲେ ଯୁଦ୍ଧକରି ଭାରତକୁ ଶତ୍ରୁ କବଳରୁ ମୁକ୍ତ କରିବେ । ସେଥିପାଇଁ ସେ ଜାପାନର ସହାୟତାରେ ଇଂରେଜ ସରକାର ବିରୋଧରେ ସଶସ୍ତ୍ର ସଂଗ୍ରାମ ଚଳାଇଥିଲେ । ଏହି ଦୁଇଟିଯାକ ରାଜନୀତିକ ଆନ୍ଦୋଳନ ଓ ସଂଗ୍ରାମ ମୁଖ୍ୟତଃ ଏ ଦେଶରୁ ଇଂରେଜ ସରକାରକୁ ହଟାଇଲା ।

ବିଜୁ ପଟ୍ଟନାୟକ ଭାରତଛାଡ଼ ଆନ୍ଦୋଳନ ବେଳେ ଏହି ଚାରିଜଣ ସମାଜବାଦୀ ନେତାଙ୍କ ସଂସ୍ପର୍ଶରେ ଆସିଲେ । ସେମାନେ ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରି ରହୁଥାନ୍ତି । ଅଣ୍ଡରଗ୍ରାଉଣ୍ଡରେ ଥିବା ଅଧିକାଂଶ ନେତାଙ୍କୁ ବିଜୁ ପଟ୍ଟନାୟକ ଗୋପନରେ ବିଭିନ୍ନ ସ୍ଥାନକୁ ଯିବାରେ ସାହାଯ୍ୟ କରୁଥାନ୍ତି । କାହାକୁ ଧରାଇଦେଲେ ପଚାଶ ହଜାର ତ କାହାକୁ ଧରାଇ ଦେଲେ ଲକ୍ଷେ । ଏମିତି ମୁଣ୍ଡପିଛା ପୁରସ୍କାର ଘୋଷଣା କରିଥାନ୍ତି ଇଂରେଜ ସରକାର । ଏସବୁ ପୁରସ୍କାର ଘୋଷଣା ସତ୍ତ୍ୱେ ବିଜୁବାବୁ ଏହି ନେତାମାନଙ୍କୁ

Digitized by srujanika@gmail.com

ଗୁପ୍ତରେ ଉଡ଼ାଜାହାଜରେ ନେଇ ଲୁଚିବାରେ ସାହାଯ୍ୟ କରି ସେମାନଙ୍କ ଜୀବନ ରକ୍ଷା କରୁଥିଲେ । ଭାରତୀୟ ମୁକ୍ତି ଆନ୍ଦୋଳନରେ ତାଙ୍କର ଏହି ସାହସିକ କାର୍ଯ୍ୟର ପଟାନ୍ତର ନାହିଁ । ଜଣେ ଓଡ଼ିଆ ପୁଅର ଏହି ମହାନ ତ୍ୟାଗ ଭାରତ ଇତିହାସର ମୁଖୋଜ୍ଜ୍ୱଳ କରିଛି ।

ଏହି ସାହସିକ ପଦକ୍ଷେପ ତାଙ୍କୁ ଭାରତର ଅଧିକାଂଶ ବଡ଼ ବଡ଼ ନେତାଙ୍କ ସହିତ ଘନିଷ୍ଠ ଭାବରେ ପରିଚିତ କରାଇଥିଲା । ଭାରତଛାଡ଼ ଆନ୍ଦୋଳନରେ ତାଙ୍କର ଏହି ଭୂମିକା ଅତ୍ୟନ୍ତ ଗୌରବମୟ ଓ ପ୍ରଶଂସନୀୟ । ଏଥିପାଇଁ ସେ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ । ଏଇସବୁ ତଥ୍ୟ ଇଂରେଜ ସରକାରଙ୍କ ପାଖରେ ପହଞ୍ଚିଲା । ସରକାର ବିଜୁ ପଟ୍ଟନାୟକଙ୍କୁ ଗିରଫ କରିନେଇ ଆଗ୍ରା ଫୋର୍ଟରେ ବନ୍ଦୀ କରି ରଖିଲେ । ରବି ରାୟ ଏକଥା ସ୍ମରଣ କରି କହନ୍ତି - 'ବିଜୁ ପଟ୍ଟନାୟକ ଯେ କେବଳ ରାଜନୀତିକୁ ଆସି ଏପରି ସମ୍ମାନ ପାଇଲେ ତାହା ନୁହେଁ, ଯଦି ଭାରତଛାଡ଼ ଆନ୍ଦୋଳନ ପରେ ସେ ରାଜନୀତି ନ କରି ସାଧାରଣ ଭାବରେ ଘରସଂସାର କରି କେବଳ ଗୃହୀ ଜୀବନଯାପନ କରି ରହିଥାନ୍ତେ, ତାହାହେଲେ ବି ଭାରତବର୍ଷର ଅତିବିଶିଷ୍ଟ ଲୋକମାନଙ୍କ ଭିତରେ ସେ ଗଣା ହୋଇଥାନ୍ତେ । ଭାରତୀୟ ମୁକ୍ତି ଆନ୍ଦୋଳନରେ ଜଣେ ଓଡ଼ିଆ ଭାବରେ ତାଙ୍କର ଏ କୀର୍ତ୍ତି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।' ଲୋହିଆଙ୍କ ସହିତ ବିଜୁବାବୁଙ୍କ ଏକ ନିବିଡ଼ ସମ୍ପର୍କ ଏହି ସମୟରୁ ଗଢ଼ି ଉଠିଥାଏ ।

ଲୋହିଆ ଉଇଲିଙ୍ଗଟନ ହସପିଟାଲରେ ଥାନ୍ତି । ଅପରେସନ ପରେ ତାଙ୍କ ଅବସ୍ଥା ବେଶ ସଙ୍କଟାପନ୍ନ ଥାଏ । ରବି ରାୟ ସେଠି ବରାବର ରହିଥାନ୍ତି । ତାଙ୍କ ଚିକିତ୍ସା କଥା ବୁଝୁଥାନ୍ତି । ବିଜୁବାବୁ ପ୍ରାୟ ପ୍ରତିଦିନ ଲୋହିଆଙ୍କୁ ଦେଖିବାକୁ ଡାକ୍ତରଖାନା ଆସୁଥାନ୍ତି । ସେତେବେଳକୁ ବିଜୁବାବୁଙ୍କ ନାଁରେ ଖାନ୍ନା କମିଶନ ବସି ସାରିଥାଏ । ଏଥିପାଇଁ ସେ ଟିକେ ବିବ୍ରତ ଥାନ୍ତି । ଏତିକିବେଳେ ରବି ରାୟଙ୍କ ସହିତ ସମ୍ପର୍କ କ୍ରମେ ଘନିଷ୍ଠ ହୋଇ ଉଠିଲା । ରବି ରାୟ ତାଙ୍କୁ ଏଇ ଖାନ୍ନା କମିଶନ ବିଷୟରେ ପଚାରିଲେ । ଯଦିଓ ସେ ଏ ନେଇ ଚିନ୍ତିତ ଥାନ୍ତି, ତଥାପି ତାଙ୍କ କଥାବାର୍ତ୍ତାରେ ସେଇ ବେପରୁଆ ମନୋଭାବ । ଅନେକ ସମୟରେ ଦୁହେଁ ଓଡ଼ିଶା ରାଜନୀତି କଥା, ଦିଲ୍ଲୀ ରାଜନୀତି କଥା ଆଲୋଚନା କରନ୍ତି । କହିବାକୁ ଗଲେ ବିଜୁବାବୁଙ୍କର ଓ ରବି ରାୟଙ୍କ ସମ୍ପର୍କ ଏଇ ଉଇଲିଙ୍ଗଟନ ହସପିଟାଲରୁ ହିଁ ବିଧିବଦ୍ଧ ଭାବରେ ଗଢ଼ିଉଠିଥିଲା ।

ଏହା ପୂର୍ବରୁ ଥରେ ଲୋହିଆ କଟକ ଆସିଥାନ୍ତି । ଡକ୍ଟର ରବି ଘୋଷ ସମାଜବାଦୀ ନେତା । ବିଜୁବାବୁ ତାଙ୍କୁ କହିଲେ - 'ଡକ୍ଟର ଲୋହିଆ ମୋ ଘରେ ରହିବେ । ମୋ ଆତିଥ୍ୟ ଗ୍ରହଣ କରିବେ ।' କିନ୍ତୁ ରବି ଘୋଷ ମନାକରି କହିଲେ - 'ପୂର୍ବରୁ ସ୍ଥିର ହୋଇଯାଇଛି, ସେ ରମାଦେବୀଙ୍କ କାଠଯୋଡ଼ୀକୂଳ ଘରେ ରହିବେ ।' ଲୋହିଆ ଆସି ତାଙ୍କରି ଘରେ ରହିଲେ ।

Digitized by srujanika@gmail.com

୧୯୬୭ ମସିହା ନିର୍ବାଚନ ପରେ ଲୋକସଭାକୁ ନିର୍ବାଚିତ ହୋଇ ରବି ରାୟ କଲିକତାବାଟେ ଦିଲ୍ଲୀ ଯାଉଥାନ୍ତି । ନନ୍ଦିନୀ ଶତପଥୀ (ପୂର୍ବତନ ମୁଖ୍ୟମନ୍ତ୍ରୀ) ସେଇ ପ୍ଲେନରେ ରବି ରାୟଙ୍କ ପାଖରେ ବସିଥାନ୍ତି । ବିଜୁବାବୁ ମଧ୍ୟ ସେଇ ପ୍ଲେନରେ ଯାଉଥାନ୍ତି । ନନ୍ଦିନୀଦେବୀ ରବି ରାୟଙ୍କୁ ଲକ୍ଷ୍ୟ କରି କହିଲେ - 'ରବିବାବୁ, ବିଜୁବାବୁଙ୍କ ସହିତ ଆପଣଙ୍କର ପରିଚୟ ନାହିଁ କି ?'

ଏକଥା କହିସାରି ନନ୍ଦିନୀଦେବୀ ନିଜ ସିଟ୍‌ରୁ ଉଠିଯାଇ ବିଜୁବାବୁଙ୍କୁ କହିଲେ, 'ରବି ରାୟ ଏଇ ପ୍ଲେନରେ ଯାଉଛନ୍ତି ।' ବିଜୁବାବୁ ତାଙ୍କ ନାଟକୀୟ ଢଙ୍ଗରେ ଉଠି ଆସିଲେ । ଡେଙ୍ଗା ମଣିଷଟି ଆସି ରବି ରାୟଙ୍କୁ କହିଲେ - 'କନ୍‌ଗ୍ରାଚୁଲେସନ । ସେ ରବି ରାୟଙ୍କୁ ଦି'ହାତରେ ଉଠେଇ ଧରିଲେ । ସେତେବେଳେ ପ୍ଲେନ ପାରାଦ୍ୱୀପ ଉପରେ ଉଡୁଥାଏ । ସେ ରବି ରାୟଙ୍କୁ କହିଲେ - 'ଦେଖ, ପାରଦ୍ୱୀପ ତିଆରି କରିଥିଲି । ଲୋକେ ମତେ କହୁଛନ୍ତି, ମୁଁ କୁଆଡ଼େ ସବୁ ଖାଇଗଲି । ଦେଖ । ପାରାଦ୍ୱୀପ ଦେଖ ।'

ବିଜୁବାବୁ ଭାବପ୍ରବଣ ହୋଇଉଠିଲେ । ରବି ରାୟ କହିଲେ - 'ବିଜୁବାବୁ, ପ୍ଲେନରେ ଅନ୍ୟ ଲୋକ ଅଛନ୍ତି । ଥାଉ, କାହିଁ ପାଟି କରୁଛନ୍ତି !' ବିଜୁବାବୁ ବେପରୁଆ ହସ ହସିଦେଇ କହିଲେ - 'ଥାନ୍ତୁ, କ'ଣ ହେଲା !'

ବିଜୁବାବୁଙ୍କ ସହିତ ତାଙ୍କର ପ୍ରଥମ ଦେଖା । ରବି ରାୟଙ୍କର ପୂର୍ବରୁ ବିଜୁବାବୁଙ୍କ ସହ ପରିଚୟ ନ ଥିଲା ଏବଂ ବିଜୁବାବୁଙ୍କ ପ୍ରାର୍ଥୀ ଶ୍ରୀ ବିବୁଧେନ୍ଦ୍ର ମିଶ୍ରଙ୍କୁ ହରାଇ ରବି ରାୟ ପୁରୀରୁ ଲୋକସଭାକୁ ନିର୍ବାଚିତ ହୋଇଥାନ୍ତି । ତା ପରେ ଲୋହିଆ ଡାକ୍ତରଖାନାରେ ପଡ଼ିଲାବେଳେ ଏ ସମ୍ପର୍କ ଅଧିକ ଦୃଢ଼ ହୋଇଥିଲା । ଆଉଥରେ ଜଗଦ୍‌ସିଂହପୁରର ଗୋଟେ ଗାଁରେ ଦୁହିଁଙ୍କର ଦେଖା ହେଲା । ଗୋଟିଏ ସଭାରେ ଯୋଗଦେବାକୁ ଦୁହେଁ ଭୁବନେଶ୍ୱରରୁ ଯାଇଥାନ୍ତି । ସେତେବେଳକୁ ଉତ୍କଳ କଂଗ୍ରେସ ବିଜୁବାବୁଙ୍କ ଅନିଚ୍ଛା ଓ ପ୍ରତିରୋଧ ସତ୍ତ୍ୱେ କଂଗ୍ରେସରେ ମିଶିଯାଇଥାଏ । ରବି ରାୟଙ୍କ ସମାଜବାଦୀ ଦଳ ବିଭାଜିତ ହୋଇଯାଇଥାଏ । ଉଭୟ ଓଡ଼ିଶା ପାଇଁ ନୂଆ ବାଟ ସନ୍ଧାନରେ ଥାନ୍ତି । ସେତିକିବେଳେ ଉଭୟଙ୍କ ସହ ଘନିଷ୍ଠ ଥିବା ରେଭେନ୍ସା କଲେଜର ପୂର୍ବତନ ସଭାପତି ଚିତ୍ତରଞ୍ଜନ ମହାନ୍ତି ନିଜ ପଞ୍ଚାୟତ ପଳାଶୋଳର 'ଅଟଳ ବଳଦେବ' ସ୍କୁଲର ରଜତ ଜୟନ୍ତୀ ଉତ୍ସବ ଉପଲକ୍ଷେ ଉଭୟଙ୍କୁ ଅତିଥି କରି ନିମନ୍ତ୍ରଣ କରିଥାନ୍ତି । ଅନ୍ୟତମ ଅତିଥି ବକ୍ତା ଥା'ନ୍ତି ବାଗ୍ମୀ ପ୍ରଫେସର ହୃଦାନନ୍ଦ ରାୟ । ନିପଟ ମଫସଲ ଅଞ୍ଚଳ ହୋଇଥିଲେ ବି ଏହି ଉତ୍ସବରେ ହଜାର ହଜାର ଲୋକ ଯୋଗ ଦେଇଥାନ୍ତି । ଅଭୂତପୂର୍ବ ଜନ ସମାବେଶ ହୋଇଥାଏ । ପୂର୍ବତନ ମନ୍ତ୍ରୀ ପ୍ରତାପଚନ୍ଦ୍ର ମହାନ୍ତି ଓ ଶରତ କର ମଧ୍ୟ ଉପସ୍ଥିତ ଥାନ୍ତି ।

Digitized by srujanika@gmail.com

ସଭା ଆରମ୍ଭ ପୂର୍ବରୁ ଦି'ଜଣଯାକ ବସି ଚା' ପିଉଥାନ୍ତି । କିପରି ଓଡ଼ିଶାକୁ ଗଢ଼ିବାକୁ ହେବ, ତାର ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ହେବ ସେସବୁ ସମ୍ପର୍କରେ ଦୀର୍ଘ ସମୟ ଖୋଲାଖୋଲି ଭାବରେ ଦୁହେଁ କଥାବାର୍ତ୍ତା ହେଲେ ।

ଏହାର କିଛି ସମୟ ପରେ ସଭାକାର୍ଯ୍ୟ ଆରମ୍ଭ ହେଲା । ସଭାରେ ଅନ୍ୟତମ ବକ୍ତା ହୃଦାନନ୍ଦ ରାୟ ଓଡ଼ିଶାର ଏହି ଦୁଇ ବରପୁତ୍ରଙ୍କ ଆଗାମୀ ନୂଆ ଓଡ଼ିଶା ଗଠନ ପାଇଁ ଏକଜୁଟ ହେବାକୁ ଆହ୍ୱାନ ଦେଲେ । ତାଙ୍କର ଅଭିଭାଷଣ ଓ ଭାବାବେଗ ଏପରି ପ୍ରଭାବଶାଳୀ ଓ ମର୍ମସ୍ପର୍ଶୀ ଥିଲା ଯେ, ଦୁହେଁ ଏଥିରେ ଗଭୀର ଭାବରେ ପ୍ରଭାବିତ ହେଲେ । ଉଭୟଙ୍କୁ ମାନସିକ ସ୍ତରରେ ଏହି ଉଦ୍‌ବୋଧନ ପ୍ରେରଣା ଯୋଗାଇଲା । ଫେରିବା ବାଟରେ ପୂର୍ବର ଆଲୋଚନା ଆହୁରି ଅନ୍ତରଙ୍ଗ ଓ ଫଳପ୍ରସୂ ହେଲା ।

ସେଇଦିନଠୁଁ ଦୁହିଁଙ୍କ ଭିତରେ ଏକ ମାର୍ମିକ ସମ୍ବନ୍ଧ ସ୍ଥାପିତ ହେଲା । ଏ ସମ୍ପର୍କ କେବଳ ରାଜନୀତିକ ସ୍ତରରେ ସୀମାବଦ୍ଧ ହୋଇ ରହିଲା ନାହିଁ । ପାରିବାରିକ ସ୍ତରରେ ମଧ୍ୟ ଏହାର ବ୍ୟାପ୍ତି ଘଟିଲା । ରବି ରାୟ ଓ ପତ୍ନୀ ସରସ୍ୱତୀ ଦେବୀ ଦୁହେଁ ବିଜୁବାବୁ, ତାଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକ, ଝିଅ ଗୀତା, ପୁଅ ନବୀନ ଓ ପ୍ରେମ ପଟ୍ଟନାୟକଙ୍କ ସହିତ ପାରିବାରିକ ଅନ୍ତରଙ୍ଗତାରେ ବାନ୍ଧି ହୋଇଗଲେ ।

ସରସ୍ୱତୀ ଦେବୀ ଓ ରବି ରାୟ ବିଜୁବାବୁଙ୍କ ଦିଲ୍ଲୀ ଘରକୁ ଯିବାଆସିବା କରନ୍ତି । ତାଙ୍କ ଅନ୍ଦର ମହଲକୁ ମାତ୍ର କେଇଜଣ ଓଡ଼ିଆ ପ୍ରବେଶ କରୁଥିଲେ, ସେମାନଙ୍କ ମଧ୍ୟରେ ରବି ରାୟ ଓ ସରସ୍ୱତୀଙ୍କ ସ୍ଥାନ ଥିଲା ବେଶ ସମ୍ମାନଜନକ ଓ ଅନ୍ତରଙ୍ଗ । ଜ୍ଞାନ ପଟ୍ଟନାୟକ ସରସ୍ୱତୀ ଦେବୀଙ୍କ ସହିତ ମନଖୋଲା କଥାବାର୍ତ୍ତା କରନ୍ତି । ବୟସରେ ଅନେକ ବଡ଼ ହୋଇଥିଲେ ବି ଦୁହିଁଙ୍କ ଭିତରେ ଭଲ ସଦ୍‌ଭାବ ଥିଲା । ଯିଏ ଯୁଆଡ଼େ ବାହାରକୁ ଯାଉଥିଲା, ଆଉ ଜଣକ ପାଇଁ ଉପହାର ଧରି ଆସୁଥିଲା । ଥରେ ଜ୍ଞାନ ପଟ୍ଟନାୟକ କାଶ୍ମୀର ଯାଇଥାନ୍ତି । ଫେରିଲାବେଳେ ସରସ୍ୱତୀଙ୍କ ପାଇଁ ଭାରି ଭଲ ସିଲ୍‌କ ଶାଢ଼ି ଓ ରବି ରାୟଙ୍କ ପାଇଁ କୋର୍ଟ କନା ଆଣିଥାନ୍ତି ।

ସରସ୍ୱତୀ ଦେବୀ ଶାଢ଼ି ଦେଖି କହିଲେ - 'ଆପଣ ଏସବୁ କାହିଁ ଆଣୁଥିଲେ ।' ସେ ହସି ହସି କହିଲେ - 'ଆରେ, ତୁମେ ସାନଭଉଣୀଟା, ଏମିତି କ'ଣ କହୁଚ । ବଡ଼ଭଉଣୀ ଯାହା ଦିଅନ୍ତି ଖୁସିରେ ଗ୍ରହଣ କରନ୍ତି । ବିଜୁବାବୁଙ୍କ ପିଲାମାନେ ମଧ୍ୟ ଏ ଦୁହିଁଙ୍କୁ ଶ୍ରଦ୍ଧାଭକ୍ତି କରୁଥିଲେ । ପରବର୍ତ୍ତୀ ସମୟରେ ରବି ରାୟ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଥିଲାବେଳେ, ଲଣ୍ଡନ ଗସ୍ତରେ ଯାଇଥିଲେ । ସେତେବେଳେ ବିଜୁବାବୁଙ୍କ ଏକମାତ୍ର କନ୍ୟା ଗୀତା ଓ ତାଙ୍କ ସ୍ୱାମୀ ଲଣ୍ଡନରେ ରହୁଥାନ୍ତି । ଦୁହେଁ ଆସି ରବି ରାୟଙ୍କୁ ଦେଖା କଲେ ।

Digitized by srujanika@gmail.com

ରବି ରାୟ ଓ ବିଜୁବାବୁ ବହୁଦିନ ମିଳିତ ଭାବରେ ଓଡ଼ିଶାର ତଥା ଦେଶର ବୃହତ୍ତର କଲ୍ୟାଣ ପାଇଁ କାର୍ଯ୍ୟ କରୁଥିଲେ । ଦୁହିଁଙ୍କ ରାଜନୀତିକ ଆଦର୍ଶ ଓ କର୍ମପ୍ରବାହ ଭିତରେ କିଛିଟା ପାର୍ଥକ୍ୟ ଥିଲେ ବି, ଦୁହେଁ ଓଡ଼ିଶା ପାଇଁ କାମ କରିବାକୁ ଚାହୁଁଥିଲେ । ଭାରତବର୍ଷରେ ଓଡ଼ିଶାକୁ ଉଚିତ ମର୍ଯ୍ୟାଦା ଓ ପ୍ରତିଷ୍ଠା ଦେବା ଥିଲା ଦୁହିଁଙ୍କର ଏକାନ୍ତ ଲକ୍ଷ୍ୟ । ଏଇ ଗୋଟିଏ ସମାନଭୂଇଁରେ ଦୁହେଁ ଛିଡ଼ା ହୋଇଥିଲେ । ତେଣୁ ଆଦର୍ଶଗତ ଭିନ୍ନତା ସତ୍ତ୍ୱେ ଦୁହିଁଙ୍କ ଭିତରେ ମନର ମେଳ କେବଳ ଏଇଥିପାଇଁ ସମ୍ଭବ ହୋଇପାରିଥିଲା ।

ଦିଲ୍ଲୀରେ ଥିବା ବିଜୁବାବୁଙ୍କ ଘର ବିରୋଧୀଦଳ ନେତାମାନଙ୍କର କାର୍ଯ୍ୟକଳାପର କେନ୍ଦ୍ରବିନ୍ଦୁ ହୋଇ ଉଠିଥିଲା । ଅନେକ ସମୟରେ ତାଙ୍କ ଘରେ ଏସବୁ ନେତାମାନଙ୍କର ବୈଠକ ବସୁଥିଲା । ରବି ରାୟ ବରାବର ତାଙ୍କ ଘରକୁ ଯାଉଥିଲେ । ପରବର୍ତ୍ତୀ କାଳରେ ସାରା ଭାରତବର୍ଷର ବିରୋଧୀଦଳ ନେତାମାନଙ୍କୁ ସଙ୍ଗଠିତ କରି କଂଗ୍ରେସ ଦଳର ସ୍ୱେଚ୍ଛାଚାରିତା ବିରୋଧରେ ଛିଡ଼ା କରାଇବାରେ ବିଜୁବାବୁ ହିଁ ମୁଖ୍ୟ ଯୋଗସୂତ୍ର ଥିଲେ । ରବି ରାୟ ଓ ବିଜୁବାବୁଙ୍କର ଅନ୍ତରଙ୍ଗ ସମ୍ପର୍କ ଓ ପରସ୍ପର ସହଯୋଗ ଏହି ପ୍ରକ୍ରିୟାକୁ କାଟାଲିଷ୍ଟ ପରି ଅଧିକ ତ୍ୱରାନ୍ୱିତ କରିଥିଲା ।

ରବି ରାୟ ଓ ବିଜୁବାବୁଙ୍କର ଶେଷ ଦେଖା ବେଶ ହୃଦୟସ୍ପର୍ଶୀ ଓ ଭାବପୂର୍ଣ୍ଣ ଥିଲା । ୧୯୯୫ ମସିହା ନିର୍ବାଚନବେଳକୁ ଜନତା ଦଳ ଓ ସମତା ପାର୍ଟି ଭାଗ ଭାଗ ହୋଇଯାଇଥାଏ । ରବି ରାୟ ଜନତା ଦଳରୁ ଇସ୍ତଫା ଦେଇ ଦେଇଥାନ୍ତି । ଜନତାଦଳର କର୍ମୀ ଓ ନେତାମାନଙ୍କ ସହିତ ତାଙ୍କର କୌଣସି ବ୍ୟକ୍ତିଗତ ଅସୂୟା କିମ୍ବା ବାଦବିବାଦ ନ ଥାଏ । କିନ୍ତୁ ରବି ରାୟ ସ୍ଥିର କଲେ ଯେ ଏଥର ସେ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ । ସେ ନିର୍ବାଚନ ଲଢ଼ିଲେ ନାହିଁ ।

୧୯୯୫ ନିର୍ବାଚନ ସରିଗଲା । ସେତେବେଳେ ଶିବରାଜ ପାଟିଲ ବାଚସ୍ପତି । ବିରୋଧୀମେଣ୍ଟ କେନ୍ଦ୍ରରେ ସରକାର କରିଥାନ୍ତି । କିନ୍ତୁ କୌଣସି କାରଣରୁ ବିଜୁବାବୁଙ୍କୁ ଏଥର କେନ୍ଦ୍ର ମନ୍ତ୍ରିମଣ୍ଡଳରେ ନିଆଗଲା ନାହିଁ । ଯଦିଓ ସେଥର ସେ ଦୁଇଟି ସିଟ୍‌ରୁ ଜିତିକରି ଆସିଥାନ୍ତି ଓ ତାଙ୍କ ପରି ଜଣେ ବିଶିଷ୍ଟ ଲୋକପ୍ରିୟ ଜନନେତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ନ ନିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଥିଲା । ଏହାର ଅନ୍ତରାଳରେ ଯେଉଁ ରାଜନୀତିକ କାରଣ ଥାଉନା କାହିଁକି, ଓଡ଼ିଶା ପାଇଁ ତାହା କ୍ଷତିକାରକ ଥିଲା ।

ବିଜୁବାବୁ ସେତେବେଳେ ଦିଲୀପ ରାୟଙ୍କ (ପୂର୍ବତନ କେନ୍ଦ୍ରମନ୍ତ୍ରୀ) ଘରେ ରହୁଥାନ୍ତି । ଦିନେ ରବି ରାୟ ଶିବରାଜ ପାଟିଲଙ୍କ ଘରେ ବସିଥାନ୍ତି । ରବି ରାୟ ଲୋକସଭାର ବାଚସ୍ପତି ଥିଲାବେଳେ ଶିବରାଜ ପାଟିଲ ଉପବାଚସ୍ପତି ଥିଲେ । ସେଇଦିନଠୁ ଦୁହିଁଙ୍କର

Digitized by srujanika@gmail.com

ବ୍ୟକ୍ତିଗତ ସମ୍ପର୍କ ଅତ୍ୟନ୍ତ ଘନିଷ୍ଠ ହୋଇ ଉଠିଥାଏ । ରବି ରାୟ ଓ ଶିବରାଜ ପାଟିଲ ଗପସପ କରୁଛନ୍ତି, ଏତିକିବେଳେ ପିଅନ ଆସି କହିଲା, ବିଜୁବାବୁ ପାଟିଲଙ୍କୁ ଦେଖାକରିବାକୁ ଚିଟ୍ ପଠେଇଛନ୍ତି । ରବି ରାୟ କହିଲେ - ଆରେ ଯା, ସାଙ୍ଗେ ସାଙ୍ଗେ ଡାକିଆଣ ।

ବିଜୁବାବୁ ଭିତରକୁ ପଶୁଛନ୍ତି, ରବି ରାୟ ଉଠିଗଲେ ତାଙ୍କୁ ପାଛୋଟି ଆଣିବାକୁ । ବିଜୁବାବୁ ରବି ରାୟଙ୍କୁ କୁଣ୍ଢେଇ ପକେଇଲେ । ତାଙ୍କ ଆଖି ଛଳଛଳ ହୋଇଉଠିଲା । ପ୍ରାୟ ଚାରିପାଞ୍ଚ ମିନିଟ୍ କାଳ ସେମିତି ସେ କୁଣ୍ଢେଇ ଧରିଥିଲେ ।

ରବି ରାୟ କହିଲେ - ବାଚସ୍ପତିଙ୍କ ପାଖରେ ଆପଣଙ୍କର କ'ଣ କିଛି କାମ ଅଛି ?

ବିଜୁବାବୁ କହିଲେ - 'ମୁଁ ଆସିଛି, କଟକ ଓ ଆସ୍କା ଦୁଇଟା ସିଟ୍ରୁ ଗୋଟାକରୁ ଇସ୍ତଫା ଦେବି । ତାଛଡ଼ା କ୍ୱାର୍ଟର କଥା ସ୍ପିକରଙ୍କୁ କହିବି ।'

ରବି ରାୟ କହିଲେ - 'ପାଟିଲ ସାହେବ, ଏବେ ଯେଉଁଟା ସବୁଠୁ ଭଲ କ୍ୱାର୍ଟର ଅଛି, ସେଇଟା ବିଜୁବାବୁଙ୍କୁ ଦିଆଯାଉ ।' ଶିବରାଜ ପାଟିଲ କହିଲେ - 'ମୁଁ ଦେଖୁଛି, କେମିତି ସାଙ୍ଗେ ସାଙ୍ଗେ ଦିଆ ହୋଇପାରିବ ।'

ବିଜୁବାବୁ ଇସ୍ତଫା ଲେଖିଲେ । କଟକ ଲୋକସଭା ନିର୍ବାଚନମଣ୍ଡଳୀରୁ ଇସ୍ତଫା ଦେଲେ । ବାଚସ୍ପତିଙ୍କ ହାତକୁ ଇସ୍ତଫା ପତ୍ର ବଢ଼ାଇ ଦେଉ ଦେଉ ଭାବ ଗଦ୍‌ଗଦ କଣ୍ଠରେ କହିଲେ - 'ଉପନିର୍ବାଚନପାଇଁ କଟକ ସିଟ୍ ରବିବାବୁଙ୍କ ପାଇଁ ରିଜର୍ଭ ରହିଲା ପାଟିଲ ସାହେବ ।'

ଏହା ଭିତରେ ବିଜୁବାବୁ ଓ ରବି ରାୟ ରାଜନୀତିକ ସ୍ତରରେ ପରସ୍ପର ଠାରୁ ଦୂରେଇ ଯାଇଥାନ୍ତି । ବ୍ୟକ୍ତିଗତ ସ୍ତରରେ ମଧ୍ୟ ଏହାର କିଛିଟା ପ୍ରଭାବ ପଡ଼ିଥାଏ । ଏଇ ଦୂରତ୍ୱକୁ ଭାଙ୍ଗିଦେବାକୁ ବୋଧହୁଏ ବିଜୁବାବୁ ଏକଥା କହିଲେ । ସେ ଭାବିଥିଲେ, ରବି ରାୟ କଟକ ଲୋକସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିବା କଥା ଶୁଣି ନିଶ୍ଚୟ ଖୁସି ହେବେ । କିନ୍ତୁ ରବି ରାୟ ସ୍ଥିର କରି ସାରିଥିଲେ ଯେ ସେ ଆଉ ନିର୍ବାଚନ ଲଢ଼ିବେ ନାହିଁ । ତେଣୁ ଖୁସି କି ଦୁଃଖ କରିବାର କିଛି ନ ଥିଲା । ତାହାହିଁ ଥିଲା ବିଜୁବାବୁ ଓ ରବି ରାୟଙ୍କର ଶେଷ ଦେଖା ।

ତାର ଛଅସାତ ଦିନ ପରେ ରବି ରାୟ ଶୁଣିଲେ ଯେ ବିଜୁବାବୁ ଶଯ୍ୟାଶାୟୀ । ସେ ଓ ତାଙ୍କ ପତ୍ନୀ ସରସ୍ୱତୀ ଦେବୀ ତାଙ୍କୁ ଦେଖା କରିବାକୁ ଦିଲ୍ଲୀସ୍ଥ ଏସ୍‌କର୍ଟ ହସ୍ପିଟାଲକୁ ଗଲେ । କିନ୍ତୁ ବିଜୁବାବୁଙ୍କ ଅବସ୍ଥା ସେତେବେଳକୁ ସଙ୍କଟାପନ୍ନ ଥିଲା । ସେ କୋମାରେ ଥିଲେ, ତାର କିଛିଦିନ ପରେ ବିଜୁବାବୁ ଚାଲିଗଲେ । ବ୍ୟକ୍ତିଗତ ସ୍ତରରେ ରବି ରାୟଙ୍କ ପାଇଁ ଏହା ଥିଲା ଦାରୁଣ ଆଘାତ । ଏକ ଅପୂରଣୀୟ କ୍ଷତି । ସେ ଭାଙ୍ଗିପଡ଼ିଲେ ।

Digitized by srujanika@gmail.com

ବିଜୁବାବୁଙ୍କ ମହାପ୍ରୟାଣରେ ଶୋକବିହ୍ୱଳିତ ରବି ରାୟ କହିଥିଲେ - 'He was a great Indian and a proud Oriya too. He dedicated his life to build a great Egalitarian and democratic India. His life was a saga of sacrifice and adventure.'

ରାଜନୀତିକ ଜୀବନ ପ୍ରବାହରେ ରବି ରାୟ ଓ ବିଜୁବାବୁଙ୍କ ସମ୍ପର୍କ ବହୁ ଉଠାଣି ଗଡ଼ାଣି ରାସ୍ତାରେ ଗତି କରିଥିଲେ ବି ଦୁହିଁଙ୍କ ଭିତରେ ମତାନ୍ତର ହୋଇଛି ସିନା, ମନାନ୍ତର ହୋଇ ନାହିଁ । ବିଜୁବାବୁଙ୍କ ବିୟୋଗ ତାଙ୍କୁ ମର୍ମାହତ କରିଥିଲା । ଓଡ଼ିଶା ରାଜନୀତିରୁ ଯାଇ ଭାରତ ରାଜନୀତିରେ ପ୍ରତିଷ୍ଠା ଓ ସମ୍ମାନ ଅର୍ଜନ କରିଥିବା ଓ ସର୍ବଭାରତୀୟ ରାଜନୀତିକୁ ପ୍ରଭାବିତ କରିଥିବା ଏଇ ଦୁଇ ତୁଙ୍ଗନେତାଙ୍କ ଭିତରେ ଅପୂର୍ବ ସମନ୍ୱୟ ଦୁହିଁଙ୍କୁ ଜାତୀୟସ୍ତରର ଶୀର୍ଷରେ ପହଞ୍ଚାଇଥିଲା । ରବି ରାୟଙ୍କର ଏହି ପରମ ଆତ୍ମୀୟ ଚାଲିଗଲେ ।

ପ୍ରତିପକ୍ଷର ପରାଜୟ

୧୯୭୨ ମସିହା । ଓଡ଼ିଶା ରାଜନୀତିର ମୋଡ଼ ପୁଣି ବଦଳିଲା । ସେତେବେଳେ ଦିଲ୍ଲୀରେ ଇନ୍ଦିରା ଗାନ୍ଧୀ ଅଖଣ୍ଡ କ୍ଷମତାର ଅଧିକାରିଣୀ । ଏକସ୍ତରି ମସିହା ବଙ୍ଗଳା ଦେଶ ଯୁଦ୍ଧ ପରଠାରୁ ତାଙ୍କ ଲୋକପ୍ରିୟତା ଓ କ୍ଷମତା ଆକାଶଚୁମ୍ବୀ ହୋଇ ଯାଇଥାଏ । ଧୀରେ ଧୀରେ ଏ କ୍ଷମତା ଏପରି ହେଲା ଯେ, ଅନେକ କ୍ଷେତ୍ରରେ ସେ ଏକଛତ୍ରବାଦୀ ହୋଇ ଉଠିଲେ । ବିଜୁବାବୁଙ୍କ ଘନିଷ୍ଠବନ୍ଧୁ ନୀଳମଣି ରାଉତରାୟ ଉତ୍କଳ କଂଗ୍ରେସକୁ କଂଗ୍ରେସ ସହିତ ମିଶାଇବାପାଇଁ କଥାବାର୍ତ୍ତା ଚଳାଇଲେ । ନନ୍ଦିନୀଦେବୀଙ୍କ ମନ୍ତ୍ରିମଣ୍ଡଳରେ ଉପ-ମୁଖ୍ୟମନ୍ତ୍ରୀ ପଦରେ ରହି ନୀଳମଣିବାବୁ ମିଶ୍ରଣ ପ୍ରକ୍ରିୟାକୁ ମୁଣ୍ଡି ପାରିଲେ । ମାତ୍ର ଶେଷ ପର୍ଯ୍ୟନ୍ତ ବିଜୁବାବୁ ଓ ପ୍ରହଲ୍ଲାଦ ମଲ୍ଲିକଙ୍କୁ କଂଗ୍ରେସରେ ସାମିଲ କରାଗଲା ନାହିଁ ।

ବିଧାୟକମାନେ ଚାହୁଁଥିବା ସତ୍ତ୍ୱେ ଇନ୍ଦିରା ଗାନ୍ଧୀ ବିଜୁବାବୁଙ୍କୁ ରାଜ୍ୟସଭା ପାଇଁ କଂଗ୍ରେସ ପ୍ରାର୍ଥୀ (୧୯୭୦ ମସିହାରେ) କରି ନ ଥିଲେ । ବିଜୁବାବୁ ତାଙ୍କ ସମସ୍କନ୍ଧ ହୋଇଥିବାରୁ ସେ ଦିଲ୍ଲୀରେ ବିଜୁବାବୁଙ୍କ ଉପସ୍ଥିତି ଚାହିଁଲେ ନାହିଁ । ନନ୍ଦିନୀ ଶତପଥୀ ଇନ୍ଦିରା ଗାନ୍ଧୀଙ୍କର ଅଧିକ ନିକଟତର ହୋଇଗଲେ । ଏଣୁ ଏକଦା ଅତି ଘନିଷ୍ଠ ଥିବା ଇନ୍ଦିରା ଗାନ୍ଧୀଙ୍କ ସହ ବିଜୁବାବୁଙ୍କର ସମ୍ପର୍କ କ୍ରମେ ଶିଥିଳରୁ ତିକ୍ତ ହୋଇଗଲା । ବିଜୁବାବୁ ଇନ୍ଦିରା ଗାନ୍ଧୀଙ୍କର ମନମୁଖି ଶାସନ ଓ ଏକାଧିପତ୍ୟ ମନୋଭାବକୁ ସହ୍ୟ କରିବାକୁ ପ୍ରସ୍ତୁତ ନ ଥିଲେ । ବିଜୁବାବୁଙ୍କର ଆତ୍ମବିଶ୍ୱାସ ବେଶ ଦୃଢ଼ । ହେଲେ ବେଳେବେଳେ ସେ ଖାମଖିଆଲୀ । କାହାର ଆଧିପତ୍ୟକୁ ସେ ସହଜରେ ମାନିଯିବା ଲୋକ ନୁହନ୍ତି ।

Digitized by srujanika@gmail.com

ବିଜୁବାବୁ ସଂଗ୍ରାମୀ ଲୋକ । ସଂଘର୍ଷମୟ ଜୀବନକୁ ସେ ଆଦରି ନେଲେ ସିନା ଇନ୍ଦିରା ଗାନ୍ଧୀଙ୍କ ସହିତ ସେ ସାଲିସ କଲେ ନାହିଁ । ପୂର୍ବରୁ ସେ ଉତ୍କଳ କଂଗ୍ରେସ ଗଢ଼ି ୧୯୭୧ ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କୁ ବେଶ ଚାଲେଞ୍ଜ ଦେଇଥିଲେ । ନିଜର ଖାମଖିଆଲୀ ମନୋଭାବ ଯୋଗୁଁ ସେ ଚାରୋଟି ବିଧାନସଭା ଓ ଗୋଟିଏ ଲୋକସଭା ସିଟ୍‌ରୁ ଏକ ସମୟରେ ଲଢ଼ି ହାରିଲେ । କିନ୍ତୁ ତାଙ୍କ ଦଳ ଉତ୍କଳ କଂଗ୍ରେସ ଇନ୍ଦିରା ହାୱା ସତ୍ତ୍ୱେ ବିଜୁବାବୁଙ୍କ ନେତୃତ୍ୱରେ ନିର୍ବାଚନରେ ଭଲ ଫଳ ଦେଖାଇଲା ଓ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସ୍ୱତନ୍ତ୍ର ଦଳ ସହ ମିଶି ରାଜ୍ୟରେ ମିଳିତ ମନ୍ତ୍ରିମଣ୍ଡଳ ଗଢ଼ିଲା । ମୁଖ୍ୟମନ୍ତ୍ରୀ ହେଲେ ପୁରୁଖା ନେତା ଓଡ଼ିଶାର ପ୍ରଥମ କଂଗ୍ରେସ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ଓ ଯୋଜନା ବୋର୍ଡ଼ର ଅଧକ୍ଷ ହେଲେ ବିଜୁବାବୁ । ବରୀ ବିଧାନସଭା ନିର୍ବାଚନମଣ୍ଡଳୀ ସହ ରାଜନଗରରୁ ମଧ ଜୟଯୁକ୍ତ ହୋଇଥିଲେ ଉତ୍କଳ କଂଗ୍ରେସର ଅନ୍ୟତମ ନେତା ପ୍ରହ୍ଲାଦ ମଲ୍ଲିକ । ସେ ରାଜନଗରରୁ ଇସ୍ତଫା ଦେବାରୁ ବିଜୁବାବୁ ଉପନିର୍ବାଚନରେ ସେଠାରୁ ଜିତି ବିଧାନସଭାକୁ ଆସିଲେ । ତା ପରଠାରୁ ମୃତ୍ୟୁପର୍ଯ୍ୟନ୍ତ ବିଜୁବାବୁ ଆଉ କୌଣସି ନିର୍ବାଚନରେ ହାରି ନାହାନ୍ତି ।

ସେଇ ମନ୍ତ୍ରିମଣ୍ଡଳ ମଧ ୧୯୭୧ ମସିହାର ଓଡ଼ିଶାର ଅନ୍ୟତମ ମହାବାତ୍ୟାର ଚରମ ବିପର୍ଯ୍ୟୟକୁ ସଫଳତାର ସହିତ ମୁକାବିଲା କରିପାରିଥିଲା । ୧୯୬୭ ମସିହାବେଳକୁ କଂଗ୍ରେସ ବିରୋଧୀଥିବା ଡକ୍ଟର ହରେକୃଷ୍ଣ ମହତାବ ୧୯୭୧ ମସିହାବେଳକୁ ପୁନର୍ବାର କଂଗ୍ରେସରେ ଯୋଗ ଦେଇ ସାରିଥିଲେ ଓ ଅପରପକ୍ଷରେ ୧୯୬୭ର କଂଗ୍ରେସ ନେତା ବିଜୁବାବୁ ୧୯୭୧ ବେଳକୁ କଂଗ୍ରେସ ବିରୋଧୀ ହୋଇଯାଇଥିଲେ । ସୁରେନ୍ଦ୍ର ଦ୍ୱିବେଦୀ, ବାଙ୍କବିହାରୀ ଦାସ ପ୍ରମୁଖ କଂଗ୍ରେସ ବିରୋଧୀ ସମାଜବାଦୀ ନେତା କଂଗ୍ରେସରେ ଯୋଗ ଦେଇଥିବା ବେଳେ ବିଶ୍ୱନାଥ ପଣ୍ଡିତ, ରବି ରାୟଙ୍କ ପରି ସମାଜବାଦୀ ନେତା ଘୋର କଂଗ୍ରେସ ବିରୋଧୀ ହୋଇଯାଇଥିଲେ । କମ୍ୟୁନିଷ୍ଟ ପାର୍ଟି କଂଗ୍ରେସର ସହଯୋଗୀ ହୋଇଥିଲାବେଳେ ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି କଂଗ୍ରେସକୁ ବିରୋଧ କରୁଥିଲା ।

ଏହି ରାଜନୀତିକ ଦୃଶ୍ୟପଟ୍ଟରେ କେନ୍ଦ୍ରରେ ଇନ୍ଦିରା ଗାନ୍ଧୀଙ୍କ ନିରଙ୍କୁଶ କ୍ଷମତାର ଚାପକୁ ଏଡ଼େଇବା ଉତ୍କଳ କଂଗ୍ରେସର ବହୁନେତାଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ । ବିଶେଷକରି ସେତେବେଳେ ଉପ ମୁଖ୍ୟମନ୍ତ୍ରୀ ଥିବା ନୀଳମଣି ରାଉତରାୟ ମୁଖ୍ୟମନ୍ତ୍ରୀର ନିମନ୍ତ୍ରଣକୁ ଅସ୍ୱୀକାର କରିପାରିଲେ ନାହିଁ ଓ ତାଙ୍କ ନେତୃତ୍ୱରେ ବିଜୁବାବୁଙ୍କ ଅନିଚ୍ଛା ଓ ବାରଣ ସତ୍ତ୍ୱେ ଉତ୍କଳ କଂଗ୍ରେସ, କଂଗ୍ରେସରେ ନିଜକୁ ସାମିଲ କରିନେଲା । ଏହା ଫଳରେ ମିଳିତ ସରକାର ଭାଙ୍ଗିଗଲା । ଇନ୍ଦିରା ଗାନ୍ଧୀ ନନ୍ଦିନୀଦେବୀଙ୍କୁ ମୁଖ୍ୟମନ୍ତ୍ରୀ ମନୋନୀତ କରି ଓଡ଼ିଶା ପଠାଇଲେ ଓ ବିଜୁବାବୁଙ୍କ ସମେତ ପ୍ରହଲ୍ଲାଦ ମଲ୍ଲିକ, ପ୍ରତାପ ମହାନ୍ତି,

Digitized by srujanika@gmail.com

ଶରତ କର, ରାମକୃଷ୍ଣ ପଟ୍ଟନାୟକ ପ୍ରମୁଖ ସାତଜଣ ତୁଙ୍ଗ ଉତ୍କଳ କଂଗ୍ରେସ ନେତା ଏହି ରାଜନୀତିକ ପ୍ରକ୍ରିୟା ବାହାରେ ରହିଗଲେ ।

ଏହି ସମୟରେ କଟକରେ ଉପ ନିର୍ବାଚନ ହେଲା । କଂଗ୍ରେସ ପ୍ରାର୍ଥୀ ହେଲେ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ । ରାଜେନ୍ଦ୍ର ନାରାୟଣ ସିଂହଦେଓ ଓ ରବି ରାୟ ଅନ୍ୟମାନଙ୍କ ସହିତ ପରାମର୍ଶ କରି ବୀରେନ ମିତ୍ରଙ୍କୁ ମିଳିତ ବିରୋଧୀ ଦଳର ପ୍ରାର୍ଥୀ କଲେ । ରବି ରାୟ, ଶରତ କର ପ୍ରମୁଖଙ୍କୁ ସାଙ୍ଗରେ ଧରି କଟକର ସାଇବସ୍ତିରେ ଜନସଭାମାନ କଲେ । ରେଭେନ୍ସା କଲେଜ ଛାତ୍ରନେତା ରୂପେ ପୂର୍ବରୁ କଟକରେ ଥିବା ତାଙ୍କ ଲୋକସମ୍ପର୍କ ଏତିକିବେଳେ ଖୁବ୍ କାମ ଦେଲା । ଘମାଘୋଟ ଲଢ଼େଇ ଚାଲିଲା । ବାତାବରଣ ସରଗରମ ହୋଇ ଉଠିଲା ।

ସମାଜବାଦ ଧ୍ୱନି ଦେଇ ତାର ଅନ୍ତରାଳରେ ପୁଞ୍ଜିପତିମାନଙ୍କୁ କଂଗ୍ରେସ ଯେପରି ପ୍ରୋତ୍ସାହନ ଦେଉଥିଲା, ତାର ପ୍ରତିବାଦ କରି ୧୯୬୭ ମସିହାଠାରୁ କ୍ରମାଗତ ଭାବେ ରବି ରାୟ ଲୋକସଭାରେ ସେ ସମ୍ପର୍କରେ ନାନା ପ୍ରଶ୍ନମାନ କରି ବିରୋଧ କରି ଆସୁଥିଲେ । କଂଗ୍ରେସର ଏହି ଦୋମୁହାଁ ନୀତିକୁ ସେ କୌଣସି ପରିସ୍ଥିତିରେ ବରଦାସ୍ତ କରୁ ନ ଥିଲେ । ଇନ୍ଦିରା ଗାନ୍ଧୀଙ୍କୁ ଅର୍ଥନୈତିକ ନୀତି ଉପରେ ବିରୋଧ କରିବାରେ ସେ ମୁଖ୍ୟ ଜନନେତା ଥିଲେ । ସେ ନିର୍ଦ୍ଦିଷ୍ଟ ତଥ୍ୟ ପ୍ରମାଣ ଦେଇ ପ୍ରମାଣ କରିଥିଲେ ଯେ, ଇନ୍ଦିରା ଗାନ୍ଧୀଙ୍କ ଶାସନ କାଳରେ ଭାରତର ଦଶଟି ମୁଖ୍ୟ ପୁଞ୍ଜିପତି ପରିବାରର ଆୟ ଅସମ୍ଭବ ଭାବରେ ବୃଦ୍ଧି ପାଇଥିବାବେଳେ ସାଧାରଣ ଲୋକର ଆୟ କମି ଯାଉଛି । ଏହା ଇନ୍ଦିରା ଗାନ୍ଧୀଙ୍କ ଗରିବୀ ହଟାଅ ସ୍ଲୋଗାନକୁ ହାସ୍ୟାସ୍ପଦ କରି ପକାଉଥିଲା ।

କଟକ ଉପନିର୍ବାଚନରେ ରବି ରାୟ ସ୍ୱାଭାବିକ ଭାବେ ବିରୋଧୀ ରାଜନୀତିର ମୁଖ୍ୟ ପ୍ରତୀକ ହୋଇ ଯାଇଥିଲେ । କଟକ ଉପନିର୍ବାଚନରେ ବାତାବରଣ ଏପରି ସରଗରମ ହୋଇଗଲା ଯେ, କଂଗ୍ରେସଦ୍ୱାରା ଅସମ୍ମାନିତ ହୋଇଥିବା ଓଡ଼ିଶାର ଦୁଇ ତୁଙ୍ଗନେତା ବିଜୁବାବୁ ଓ ମହତାବ ଆଉ ଥୟ ହୋଇ ରହିପାରିଲେ ନାହିଁ । ପରସ୍ପରର ଅତୀତ ବିଭେଦକୁ ଭୁଲି ଦୁହେଁ ମିଳିତ ବିରୋଧୀଦଳ ପ୍ରାର୍ଥୀ ବୀରେନ ମିତ୍ରଙ୍କ ପଛରେ ଠିଆ ହେଲେ । ମାର୍କସ୍‌ବାଦୀ କମ୍ୟୁନିଷ୍ଟ ପାର୍ଟି ଓ ବିଶ୍ୱନାଥ ପଣ୍ଡିତଙ୍କ ସୋସାଲିଷ୍ଟ ପାର୍ଟି ସ୍ୱତନ୍ତ୍ର ମଞ୍ଚରୁ କଂଗ୍ରେସକୁ ବିରୋଧ କରୁଥିଲେ । ବିଜୁବାବୁ ନିର୍ବାଚନ ପ୍ରଚାରରେ ସାମିଲ ହେବାପରେ ଏହି ଉପନିର୍ବାଚନର ଗୁରୁତ୍ୱ ଓଡ଼ିଶାର ଭବିଷ୍ୟତ ରାଜନୀତି ଦୃଷ୍ଟିରୁ ବହୁଗୁଣିତ ହୋଇଗଲା । ଏପରି ନିର୍ବାଚନ ଲଢ଼େଇ କେବେ ଆଉ ଓଡ଼ିଶାରେ ହୋଇ ନାହିଁ । ଏତେ ବିରୋଧ ସତ୍ତ୍ୱେ ଉପ ନିର୍ବାଚନରେ ନନ୍ଦିନୀଦେବୀ ଜୟଯୁକ୍ତ ହେଲେ । ଏହା ପଛରେ ଥିଲା କେନ୍ଦ୍ରର ଓ ରାଜ୍ୟର କ୍ଷମତା ଏବଂ ପ୍ରଚୁର ଅର୍ଥବଳ । ଇନ୍ଦିରା ଗାନ୍ଧୀ ହିଁ ଏହାର

Digitized by srujanika@gmail.com

ଅନ୍ତରାଳରେ ଥିଲେ । ଅଭିଯୋଗ ହୁଏ, ଏହି ନିର୍ବାଚନରେ କଂଗ୍ରେସ ଦଳ ଅନ୍ୟୂନ ଚାଳିଶ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିଲେ । ଯାହା ସେତେବେଳେ ଅଚିନ୍ତନୀୟ ଥିଲା ।

ପରବର୍ତ୍ତୀ କାଳରେ ଜୟପ୍ରକାଶ ନାରାୟଣ ଯେଉଁ ଇନ୍ଦିରା ବିରୋଧୀ ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାର ରୂପେ ଅବତୀର୍ଣ୍ଣ ହେଲେ ତାହାର ଗୋଟିଏ ଅନ୍ତର୍ନିହିତ କାରଣ ଥିଲା ଏଇ କଟକ ନିର୍ବାଚନ । ନିର୍ବାଚନରେ ଅର୍ଥବଳ ଓ ବାହୁବଳର ପ୍ରୟୋଗ କେବଳ ଓଡ଼ିଶା ରାଜନୀତିରେ ନୁହେଁ ଭାରତୀୟ ରାଜନୀତିରେ ମଧ୍ୟ ବଳବତ୍ତର ହେଲା ।

ଏହି ନିର୍ବାଚନରେ ସେତେବେଳେ ଚାଳିଶଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି ଓ କେବଳ ଟଙ୍କାରେ ଭୋଟ କିଣା ଯାଇଛି ବୋଲି ସୁରେନ୍ଦ୍ର ଦ୍ୱିବେଦୀ ଜୟପ୍ରକାଶଙ୍କୁ ଚିଠି ଲେଖିଲେ । (୧୯୭୨ ମସିହାରେ ଚାଳିଶ ଲକ୍ଷ ଟଙ୍କା ବହୁତ ବେଶି ଟଙ୍କା ବୋଲି ବିଚାର କରାଯାଉଥିଲା ।) ଜୟପ୍ରକାଶ ଏହାକୁ ଏକ ରାଜନୀତିକ ସମସ୍ୟା ରୂପେ ବିଚାର କଲେ । ତାଙ୍କ ମତରେ 'ଟଙ୍କା ଦେଇ ସାଧାରଣ ଭୋଟରଙ୍କୁ କିଣିବା ପାଇଁ ଇନ୍ଦିରା ଗାନ୍ଧୀ ଯେଉଁ ପ୍ରୟାସ କଲେ, ତାହା ଭାରତୀୟ ଜନତାର ନୈତିକତାକୁ ତଳିତଳାନ୍ତ କରିଦେଲା । ଏହା ଆଦୌ ସୁସ୍ଥ ପରମ୍ପରା ନୁହେଁ । ଏପରି ପରମ୍ପରା ଦେଶର ନୈତିକ ମାନଦଣ୍ଡକୁ କେବଳ ଚୂର୍ଣ୍ଣ ବିଚୂର୍ଣ୍ଣ କରିବ ନାହିଁ, ଦେଶର ରାଜନୀତିକ ଓ ଶାସନ ବ୍ୟବସ୍ଥାକୁ ମଧ୍ୟ ବିପନ୍ନ କରିବ । ସ୍ୱାଧୀନ ଭାରତରେ ଏପରି ପ୍ରୟାସ ଓ ପଦକ୍ଷେପ ଅତ୍ୟନ୍ତ ନିନ୍ଦନୀୟ । ଏହାଦ୍ୱାରା ଦେଶର ସମ୍ଭାବନାପୂର୍ଣ୍ଣ ଭବିଷ୍ୟତ ପାଇଁ ବିପଦ ସୃଷ୍ଟି ହୋଇଛି ।' ଜୟପ୍ରକାଶଙ୍କର ଏହି ବିବୃତି ସାରାଦେଶର ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା ।

ଲୋହିଆ ଏକାଡେମୀ

ଏତିକିବେଳକୁ ରବି ରାୟଙ୍କଦ୍ୱାରା ପ୍ରତିଷ୍ଠିତ ଲୋହିଆ ଏକାଡେମୀ ତରଫରୁ ଓଡ଼ିଆରେ 'ସମତା' ବୋଲି ଗୋଟେ ରୁଚିପୂର୍ଣ୍ଣ ମାସିକ ପତ୍ରିକା ପ୍ରକାଶ ପାଉଥିଲା । ରବି ରାୟ ତାହାର ମୁଖ୍ୟ ସମ୍ପାଦକ ଥିଲେ । ସମ୍ପାଦକମଣ୍ଡଳୀରେ ଡକ୍ଟର କୁଳମଣି ମହାପାତ୍ର, ଯୁଧିଷ୍ଠିର ଦାସ, ଚିତ୍ତରଞ୍ଜନ ମହାନ୍ତି ଓ ସୁଶାନ୍ତ ଚାନ୍ଦ ଥିଲେ । ଶାରଦା ମହାନ୍ତି ଏହାର ପରିଚାଳନା ଦାୟିତ୍ୱରେ ଥିଲେ ।

ସେହି ପତ୍ରିକାରେ କୁଳମଣି ମହାପାତ୍ର 'ଯାଯାବର' ପେନ୍‌ନେମରେ ବରାବର ଚମତ୍କାର ଲେଖାସବୁ ଲେଖୁଥିଲେ । ଏଥିରେ ଆଦର୍ଶଗତ ଓ ସିଦ୍ଧାନ୍ତଗତ ରାଜନୀତି ସମ୍ପର୍କରେ ଉଚ୍ଚକୋଟୀର ଲେଖାମାନ ପ୍ରକାଶିତ ହେଉଥିଲା । ଏହି ପତ୍ରିକାଟି ଥିଲା ଲୋହିଆ ଏକାଡେମୀର ମୁଖପତ୍ର । ଏହା ପୂର୍ବରୁ 'ଜନ' ନାମରେ ଗୋଟିଏ ପତ୍ରିକା

Digitized by srujanika@gmail.com

ବ୍ରହ୍ମପୁରରୁ ରବି ରାୟଙ୍କ ସମ୍ପାଦକତ୍ୱରେ ପ୍ରକାଶ ପାଉଥିଲା । ତାହାର ପରିଚାଳନା ଦାୟିତ୍ୱରେ ଥିଲେ ହୃଦାନନ୍ଦ ତ୍ରିପାଠୀ । ତାହା ବହୁଦିନ ଧରି ବାହାରିଲା । ଆଉ ଗୋଟିଏ ପତ୍ରିକା 'The Otherside' ପ୍ରକାଶ ପାଉଥିଲା । ଯାହାର ସମ୍ପାଦନା କରୁଥିଲେ ଲୋହିଆଙ୍କ ଅନ୍ୟତମ ଅନୁଗାମୀ ଜର୍ଜ ଫର୍ଣ୍ଣାଡିସ୍ । ଏ ପତ୍ରିକାଟି ବହୁକାଳ ପର୍ଯ୍ୟନ୍ତ ସମାଜବାଦୀ ଆନ୍ଦୋଳନ ଓ ଆଭିମୁଖ୍ୟ ସମ୍ପର୍କରେ ଉଚ୍ଚକୋଟୀର ଲେଖାସବୁ ପ୍ରକାଶ କରୁଥିଲା । କଟକ ନିର୍ବାଚନ ପରିପ୍ରେକ୍ଷୀରେ ଜୟପ୍ରକାଶଙ୍କ ମତାମତକୁ 'ସମତା'ରେ ପ୍ରକାଶିତ କରାଯାଇ ଲୋକଲୋଚନକୁ ଅଣାଯିବାର ପ୍ରୟାସ କରାଯାଇଥିଲା । ଏହି ପତ୍ରିକାରେ ରବି ରାୟ ନିଜ ନାଁରେ ଯେଉଁ ମୁଖ୍ୟ ସମ୍ପାଦକୀୟ ଲେଖୁଥିଲେ ତାହା ଅତି ଉଚ୍ଚକୋଟୀର ଥିଲା । ରବି ରାୟ କେବଳ ଜଣେ ସୁବକ୍ତା ନୁହନ୍ତି, ଜଣେ ବିଶିଷ୍ଟ ସ୍ତମ୍ଭକାର ଓ ଲେଖକ ରୂପେ ସମତା ଓ ଜନ ମାଧ୍ୟମରେ ହିଁ ଜନତାର ସ୍ୱୀକୃତି ଲାଭ କରିଥିଲେ ।

୧୯୬୭ ମସିହାରେ ସଂଯୁକ୍ତ ସୋସାଲିଷ୍ଟ ପାର୍ଟିର ଦୁଇ ବିଧାୟକ ଖଲ୍ଲିକୋଟର ନାରାୟଣ ସାହୁ ଓ ଆଠମଲ୍ଲିକର ସୁରେନ୍ଦ୍ର ପ୍ରଧାନଙ୍କ ସହଯୋଗ ଏବଂ ସାରଦା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏମ୍.ଏଲ୍.ଏ. କଲୋନୀସ୍ଥିତ ଲୋହିଆ ଏକାଡେମୀ ଚଳଚଞ୍ଚଳ ହୋଇ ଓଡ଼ିଶାର ଜନଜୀବନରେ ତା'ର ସ୍ପଷ୍ଟ ଛାପ ଛାଡ଼ିଦେଇଥିଲା ।

ସର୍ବଶ୍ରୀ ଭାଗବତ ବେହେରା (ପରେ ମନ୍ତ୍ରୀ) । ଶରତ ଶତପଥୀ, ସୁରେନ୍ଦ୍ର ସିଂହ ଭଂଜଦେଓ, କୃଷ୍ଣଚନ୍ଦ୍ର ପାତ୍ର, ବ୍ରଜକିଶୋର ତ୍ରିପାଠୀ (ପରେ କେନ୍ଦ୍ରମନ୍ତ୍ରୀ), ଅଜୟ ଜେନା, ରାଜେନ୍ଦ୍ର ସିଂହ, ଜଗନ୍ନାଥ ପଟ୍ଟନାୟକ (ପରେ ମନ୍ତ୍ରୀ), ବିପିନ ଦାସ, ସୂର୍ଯ୍ୟ ମିଶ୍ର, ବିଜୟ ଦାସ, ଉମା ଶତପଥୀ, ସୁଶାନ୍ତ ଚାନ୍ଦ, ସୁଶାନ୍ତ ମହାନ୍ତି, ବିଶ୍ୱନାଥ ଧଳ, ମୀରା ଦାସ (ପରେ ରାଜ୍ୟସଭା ସଦସ୍ୟା), ଡଃ ବାସୁଦେବ ପାତ୍ର, ବାବାଜି ମହାପାତ୍ର, କାହ୍ନୁ ବିଶୋଇ, ଯୁଧିଷ୍ଠିର ଦାସ (ପରେ ବାଚସ୍ପତି), ବିଜୟ ମହାନ୍ତି, ସନ୍ତୋଷ ସାହୁ, ସିଂହନାଦ ପ୍ରଧାନ୍, ଶୋଭାଚନ୍ଦ୍ର ମିଶ୍ର, ଡଃ ଦିନେଶ ଷଡ଼ଙ୍ଗୀ (ପରେ ଝାଡ଼ଖଣ୍ଡର ମନ୍ତ୍ରୀ), ଡଃ ସତ୍ୟବ୍ରତ ମହାପାତ୍ର (ପରେ ଓମସା ସଭାପତି), ଡଃ ସିନ୍ଧୁ ମହାନ୍ତି, ଡଃ ରସାନନ୍ଦ କବାଟ ବିଶିଷ୍ଟ ଓକିଲ ସଚ୍ଚି ମହାନ୍ତି, ଗଙ୍ଗାଧର ବେହେରା, ଉଦୟ ପ୍ରଧାନ, ଗିରୀନ୍ଦ୍ର ପଣ୍ଡା, ସ୍ୱରାଜ୍ୟ ବିଶ୍ୱାଳ, ପ୍ରଶାନ୍ତ ରାଉତରାୟ, ଶିଶିରା ଦାସ, ପ୍ରତାପ ଶତପଥୀ, ଶ୍ରମିକନେତା ଭ୍ରଜ ମହାନ୍ତି, ଲକ୍ଷ୍ମୀ ମହାନ୍ତି, ପ୍ରଶାନ୍ତ ମିଶ୍ର, ଛାତ୍ରନେତା ଚିତ୍ତରଂଜନ ମହାନ୍ତି, ମନୋରଂଜନ ମହାନ୍ତି, ଅକ୍ଷୟ ଦାସ, ପ୍ରଫୁଲ୍ଲ ସାମନ୍ତରାୟ, ନଗେନ୍ଦ୍ର ପ୍ରଧାନ (ଗଣଶିକ୍ଷାମନ୍ତ୍ରୀ), ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ପରେ ମନ୍ତ୍ରୀ), ପ୍ରକାଶ ମିଶ୍ର (ବସସଂଘ ସଭାପତି), ସୂର୍ଯ୍ୟ ସାହୁ (ପ୍ରକାଶକ) ଓ ମୀନକେତନ ପ୍ରମୁଖ ବହୁ ଶ୍ରମିକ ନେତା,

Digitized by srujanika@gmail.com

ଚାଷୀନେତା, ଯୁବଛାତ୍ରନେତା ଓ ନାରୀ ନେତ୍ରୀ ଲୋହିଆ ଏକାଡେମୀର କର୍ମମୁଖର ବାତାବରଣ ସହ ନିଜକୁ ସଂଯୁକ୍ତ କରାଇଥିଲେ ରବିରାୟଙ୍କ ଆକର୍ଷଣୀୟ ସାନ୍ନିଧରେ ।

ଓଡ଼ିଆ ଭାଷା ଆନ୍ଦୋଳନ, କଂଗ୍ରେସ ହଟାଓ ଆନ୍ଦୋଳନ, ଦ୍ୱିତୀୟ ଇସ୍ପାତ୍ କାରଖାନା ଆନ୍ଦୋଳନ ଓ ସଂପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଆଦି ବହୁ ଆନ୍ଦୋଳନର ମୁଖ୍ୟ କେନ୍ଦ୍ର ଥିଲା ଲୋହିଆ ଏକାଡେମୀ ।

୧୯୭୭ ପରେ ରବି ରାୟ ଅଧିକାଂଶ ସମୟରେ ଜାତୀୟ ରାଜନୀତିର ଆବଶ୍ୟକତା ଦୃଷ୍ଟିରୁ ଦିଲ୍ଲୀରେ ରହିବାରୁ ପୁଣି ୧୯୮୦ରେ ଗୃହଶୂନ୍ୟ ହେବାରୁ ଲୋହିଆ ଏକାଡେମୀର କର୍ମଚଞ୍ଚଳତା କମିଗଲା । କିନ୍ତୁ ଦିଲ୍ଲୀରେ ରବି ରାୟଙ୍କ ବାସଭବନ କର୍ମମୁଖର ହୋଇଉଠିଲା । ମୁଲାୟମ ସିଂହ ଯାଦବ, ଜନେଶ୍ୱର ମିଶ୍ର, ରାମବିଳାସ ପାଶୱାନ, ଶରଦ ଯାଦବ ଓ ନୀତିଶ କୁମାର ପ୍ରମୁଖ ରବି ରାୟଙ୍କ ସ୍ନେହପୂର୍ଣ୍ଣ ସାନ୍ନିଧ ଓ ପ୍ରେରଣାରେ କର୍ମତତ୍ପର ହୋଇ ଜନଆନ୍ଦୋଳନମାନଙ୍କର ନେତୃତ୍ୱ ନେଇଥିଲେ । ବାଗପତିରେ ପୋଲିସଦ୍ୱାରା ମାୟାତ୍ୟାଗୀ ବଳାତ୍କାର ବିରୋଧରେ ସଂଘର୍ଷରେ ହଜାର ହଜାର ସତ୍ୟାଗ୍ରହୀଙ୍କ ନେତୃତ୍ୱ ନେଇ ରବି ରାୟ ପୋଲିସ ଲାଠିର ଶିକାର ହୋଇଥିଲେ । ବିଦେଶୀ ଋଣ ନେଇ ଏସିଆଡ଼ ଖେଳ ତାମସା କରିବା ବିରୋଧରେ ସତ୍ୟାଗ୍ରହର ସେ ଥିଲେ ପ୍ରେରଣା ।

ଜୟପ୍ରକାଶଙ୍କ ସ୍ତ୍ରୀ ପ୍ରଭାବତୀ ଦେବୀ ଓ ନେହରୁଙ୍କ ପତ୍ନୀ କମଳା ନେହରୁ ଘନିଷ୍ଠ ଓ ଅନ୍ତରଙ୍ଗ ବନ୍ଧୁ ଥିଲେ । ପ୍ରଭାବତୀ ଦେବୀ ଗାନ୍ଧିଜୀଙ୍କର ଝିଅ ଭଳି ଥିଲେ । ଏପରି ଭାବରେ ଗାନ୍ଧୀ, ନେହରୁ ପରିବାର ସହିତ ଜୟପ୍ରକାଶଙ୍କର ଆତ୍ମିକ ସମ୍ପର୍କ ବେଶ ନିବିଡ଼ ଥିଲା । ପ୍ରଭାବତୀ ଦେବୀ ଅନେକ ସମୟରେ ଇନ୍ଦିରା ଗାନ୍ଧୀଙ୍କୁ ବ୍ୟକ୍ତିଗତ ଚିଠି ସବୁ ଲେଖୁଥିଲେ । କମଳା ନେହରୁଙ୍କୁ ଚିଠି ଲେଖିବା ତ ସାଧାରଣ କଥା ଥିଲା । କମଳା ନେହରୁ ନିଜ ବାନ୍ଧବୀ ପ୍ରଭାବତୀଙ୍କୁ ମଧ ବରାବର ଚିଠିପତ୍ର ଲେଖୁଥିଲେ । ଉଭୟ ପରିବାର ଭିତରେ ଯିବାଆସିବା, ଖାଇବା ପିଇବା, ଦେଣନେଣ ସ୍ୱାଭାବିକ ଭାବରେ ହେଉଥିଲା । କହିବାକୁ ଗଲେ ଦୁଇ ପାରିବାରିକ ବନ୍ଧୁତ୍ୱର ସୀମା ବେଶ୍ ବିସ୍ତାରିତ ଓ ଗଭୀର ଥିଲା । ୧୯୭୨ ମସିହାବେଳକୁ ଉଭୟ ପ୍ରଭାବତୀ ଦେବୀ ଓ କମଳା ନେହରୁ ଇହଧାମ ତ୍ୟାଗ କରି ସାରିଲେଣି । ଜୟପ୍ରକାଶ ନାରାୟଣ ଇନ୍ଦିରା ଗାନ୍ଧୀଙ୍କୁ କନ୍ୟା ଦୃଷ୍ଟିରେ ଦେଖୁଥିଲେ । ଇନ୍ଦିରା ଗାନ୍ଧୀଙ୍କ ସପକ୍ଷରେ ସେ ବଙ୍ଗଳାଦେଶ ଯୁଦ୍ଧ ସମୟରେ ପୃଥିବୀରେ ଜନମତ ସୃଷ୍ଟି କରିବା ପାଇଁ ବିଭିନ୍ନ ରାଷ୍ଟ୍ରକୁ ଗସ୍ତ କରିଥିଲେ । କିନ୍ତୁ କଟକ ଉପନିର୍ବାଚନ ସମ୍ପର୍କରେ ଜୟପ୍ରକାଶଙ୍କର ନୈତିକ ମନ୍ତବ୍ୟକୁ ଶ୍ରୀମତୀ ଗାନ୍ଧୀ ଭଲରେ ନେଲେ ନାହିଁ ଓ ଜୟପ୍ରକାଶଙ୍କୁ ବ୍ୟକ୍ତିଗତ ଆକ୍ଷେପ କରି ଭୁବନେଶ୍ୱର କଂଗ୍ରେସ ସଭାରେ କହିଲେ, 'ଯେଉଁମାନେ ଧନାଢ୍ୟ ବ୍ୟକ୍ତିଙ୍କ ଚାନ୍ଦାରେ ଚଳୁଛନ୍ତି ସେମାନଙ୍କର ମୋ

Digitized by srujanika@gmail.com

ବିଷୟରେ କିମ୍ବା ମୋ ଦଳ ବିଷୟରେ ଟିପ୍ପଣୀ ଦେବାର କୌଣସି ନୈତିକ ଅଧିକାର ନାହିଁ ।' ଏହା ପରଠାରୁ ଜୟପ୍ରକାଶ ବ୍ୟକ୍ତିଗତ ସମ୍ପର୍କକୁ ପଛକୁ ପକାଇ ବିହାରରେ ସୀମିତ ଥିବା ଜନ ଆନ୍ଦୋଳନକୁ ସର୍ବଭାରତୀୟ ସ୍ତରକୁ ନେଇଗଲେ ।

ଏହା ରାଜନୀତିକ ସ୍ତରରେ ଝଡ଼ ସୃଷ୍ଟି କଲା । ରବି ରାୟ ଓ ବିଜୁ ପଟ୍ଟନାୟକ ଜାତୀୟସ୍ତରରେ ଏହି ରାଜନୀତିକ ସମସ୍ୟା ସହିତ ଜଡ଼ିତ ହୋଇଯିବା ଅବଶ୍ୟମ୍ଭାବୀ ଥିଲା । ରବି ରାୟ ଚାହିଁଲେ ଜାତୀୟସ୍ତରରେ ସମାଜବାଦୀ ନେତାମାନଙ୍କ ସାଙ୍ଗରେ ବିଜୁ ପଟ୍ଟନାୟକଙ୍କର ସମ୍ପର୍କ ସ୍ଥାପିତ ହେଉ । ଠିକ୍ ଏତିକିବେଳେ ପଶ୍ଚିମବଙ୍ଗଳାର ଝାଡ଼ଗ୍ରାମରେ ସୋସାଲିଷ୍ଟ ପାର୍ଟିର ଅଖିଳ ଭାରତୀୟ ଶିବିର ହେଉଥାଏ । କର୍ପୂରୀ ଠାକୁର, ରାଜନାରାୟଣ, ମାମା ବାଲେଶ୍ୱର ଦୟାଲଙ୍କ ଭଳି ବହୁ ଜାତୀୟସ୍ତରର ନେତା ଉକ୍ତ ଶିବିରରେ ଯୋଗ ଦେଇଥାନ୍ତି । ରବି ରାୟ ବିଜୁବାବୁଙ୍କୁ ସେହି ଶିବିରକୁ ଆସିବା ପାଇଁ ନିମନ୍ତ୍ରଣ ଜଣାଇଲେ । ଏହି ନିମନ୍ତ୍ରଣ ରକ୍ଷା କରି ବିଜୁବାବୁ ହେଲିକପ୍ଟର ଧରି ଝାଡ଼ଗ୍ରାମରେ ଆସି ପହଞ୍ଚିଲେ । ଶ୍ରୀମତୀ ଗାନ୍ଧୀଙ୍କ ଏକଚ୍ଛତ୍ରବାଦ ବିରୋଧରେ ଲଢ଼ିବାପାଇଁ ସ୍ଥିର କରାଗଲା ।

ଏହି ଶିବିରରେ ଯୋଗଦେଇଥିବା ଅଧିକାଂଶ ସଭ୍ୟ ଜାତୀୟ ସ୍ତରରେ କଂଗ୍ରେସ ଓ ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ଏକତ୍ରିତ ହେବାପାଇଁ ଯୋଜନା କଲେ । ଦେଶର ବୃହତ୍ତର ସ୍ୱାର୍ଥ ଓ ସମୂହ କଲ୍ୟାଣ ପାଇଁ ଏକ ଦୃଢ଼ ବିରୋଧୀ ସଙ୍ଗଠନର ଆବଶ୍ୟକତା ସମସ୍ତେ ଅନୁଭବ କଲେ । ତା ନ ହେଲେ ଦେଶରେ ଦୁର୍ନୀତି, ଭ୍ରଷ୍ଟାଚାର ବ୍ୟାପିଯିବ । ଗଣତନ୍ତ୍ରର ମୂଳ ଲକ୍ଷ୍ୟ ବ୍ୟାହତ ହେବ । ତେଣୁ ସମସ୍ତେ ଏକଜୁଟ ହୋଇ କଂଗ୍ରେସର କଳଙ୍କିତ ଶାସନ ବିରୋଧରେ ସଂଗ୍ରାମ କରିବାପାଇଁ ସହମତ ହେଲେ ।

ବିଜୁବାବୁ ଏହି ଶିବିରରେ ଯୋଗଦେବାଦ୍ୱାରା ଅଖିଳ ଭାରତୀୟ ସ୍ତରରେ ବୁଝାମଣା ପାଇଁ ବାଟ ଖୋଲିଗଲା । ସେଇଠି ସ୍ଥିର ହେଲା, ବିଜୁବାବୁ ତାମିଲନାଡୁ ଯାଇ କାମରାଜଙ୍କୁ ଭେଟିବେ । କାମରାଜ ଓ ଜୟପ୍ରକାଶଙ୍କ ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ତାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା । ଜୟପ୍ରକାଶଙ୍କ ସହିତ ରବି ରାୟ ଓ ବିଜୁବାବୁଙ୍କ ସମ୍ପର୍କ ବହୁଦିନର । ଜାତୀୟ ସ୍ତରରେ ମଧ୍ୟ ଦୁହିଁଙ୍କୁ ସବୁ ବଡ଼ ବଡ଼ ପୁରୁଣା ନେତା ଖୁବ୍ ଶ୍ରଦ୍ଧା କରୁଥିଲେ । ଏ ଯୋଗାଯୋଗ ଦାୟିତ୍ୱ ଦୁହେଁ ସୁଚାରୁରୂପେ ନିର୍ବାହ କରିପାରିବେ ବୋଲି ଅଧିକାଂଶଙ୍କର ଦୃଢ଼ ବିଶ୍ୱାସ ଥିଲା । ବିଜୁବାବୁ ମୁଖ୍ୟତଃ କଂଗ୍ରେସର ପୁରୁଣା ନେତାମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କଲାବେଳେ, ରବି ରାୟ ବିରୋଧୀଦଳ ନେତାମାନଙ୍କୁ ଗୋଟିଏ ମଞ୍ଚରେ ଆଣିବାକୁ ଚେଷ୍ଟା କଲେ ।

ରବି ରାୟ ଓ ବିଜୁବାବୁ ଇନ୍ଦିରା ଗାନ୍ଧୀଙ୍କର ମନମୁଖି ଶାସନ ବିରୋଧରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲେ । ଗୋଟିଏ ମଞ୍ଚରେ ଏକଜୁଟ ହେବାପାଇଁ କ୍ଷେତ୍ର

Digitized by srujanika@gmail.com

ପ୍ରସ୍ତୁତ କଲେ । କଂଗ୍ରେସ ବିରୋଧରେ ଏକ ବଳିଷ୍ଠ ସର୍ବଭାରତୀୟ ବିରୋଧୀ ସଙ୍ଗଠନ କରିବାରେ ଦୁହେଁ ଲାଗି ପଡ଼ିଲେ । ଏହି ପ୍ରଚେଷ୍ଟାର ଫଳସ୍ୱରୂପ ପରବର୍ତ୍ତୀ କାଳରେ ଜାତୀୟ ସ୍ତରରେ ସାତୋଟି ବିରୋଧୀ ଦଳକୁ ନେଇ ଲୋକଦଳ ନାମରେ ଗୋଟିଏ ଦଳ କଂଗ୍ରେସର ପ୍ରତିପକ୍ଷ ଭାବରେ ଦଣ୍ଡାୟମାନ ହେଲା । ଏହି ଲୋକଦଳ ଭିତରେ ସାମିଲ ହେଲେ ଚରଣ ସିଂହଙ୍କର ଭାରତୀୟ କ୍ରାନ୍ତିଦଳ, ବିଜୁବାବୁଙ୍କର ଉତ୍କଳ କଂଗ୍ରେସ, ସ୍ୱତନ୍ତ୍ରଦଳ, ସଂଯୁକ୍ତ ସୋସାଲିଷ୍ଟ ପାର୍ଟି... ପ୍ରଭୃତି ।

ଇତି ମଧ୍ୟରେ ଓଡ଼ିଶାରେ ବିଜୁବାବୁ, ରାଜେନ୍ଦ୍ର ନାରାୟଣ ସିଂହଦେଓ ଓ ରବି ରାୟ ନିଜ ନିଜ ଦଳକୁ ଏକାଠି କରି 'ପ୍ରଗତି ଦଳ' ନାମକ ଏକ ରାଜନୀତିକ ମଞ୍ଚ ପ୍ରସ୍ତୁତ କରିଥାନ୍ତି । ଡକ୍ଟର ମହତାବଙ୍କର ସମର୍ଥକମାନେ ମଧ୍ୟ କଂଗ୍ରେସ ଛାଡ଼ି ଏଥିରେ ଯୋଗ ଦେଇଥାନ୍ତି । ନୀଳମଣି ରାଉତରାୟଙ୍କ ସମେତ ଉତ୍କଳ କଂଗ୍ରେସର ସମସ୍ତ ବିଧାୟକ ପୁନର୍ବାର ପ୍ରଗତିଦଳକୁ ଫେରିଆସିବାରୁ ନନ୍ଦିନୀଦେବୀଙ୍କ ନେତୃତ୍ୱରେ କଂଗ୍ରେସ ସରକାର ସଂଖ୍ୟାଲଘୁ ହୋଇ ଇସ୍ତଫା ଦେବାକୁ ବାଧ୍ୟ ହେଲେ । ତତ୍‌କାଳୀନ ଓଡ଼ିଶାର ରାଜ୍ୟପାଳ ବି.ଡ଼ି.ଜତି ଇନ୍ଦିରା ଗାନ୍ଧୀଙ୍କର ଅନୁଗାମୀ ଥିଲେ । ସେ ବିରୋଧୀଦଳକୁ ବିକଳ୍ପ ସରକାର ଗଠନର ସୁଯୋଗ ନ ଦେଇ ରାଷ୍ଟ୍ରପତି ଶାସନ ଜାରି କରାଇଲେ । ପରବର୍ତ୍ତୀ ସମୟରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଘୋଷଣା ହେଲା ।

୧୯୭୩-୭୪ ମସିହା ଓଡ଼ିଶା ରାଜନୀତିରେ ରବି ରାୟଙ୍କର ଭୂମିକା ବେଶ ସକ୍ରିୟ ଓ ଉଲ୍ଲେଖଯୋଗ୍ୟ ଥିଲା । ବିଶେଷକରି କଲେଜମାନଙ୍କରେ ଛାତ୍ର ୟୁନିୟନର ଉତ୍ସବମାନଙ୍କରେ ଯୋଗଦେଇ ସେ ଯୁବଛାତ୍ରଙ୍କୁ ଦେଶର ପତନୋନ୍ମୁଖୀ ରାଜନୀତିକୁ ସଂଶୋଧନ କରିବା ପାଇଁ ଉତ୍ସାହିତ କରୁଥିଲେ । ଫଳରେ ଜୟପ୍ରକାଶଙ୍କ ଆନ୍ଦୋଳନରେ ବିହାର ପରେ ଓଡ଼ିଶାର ଯୁବଛାତ୍ରଙ୍କର ଅଗ୍ରଣୀ ଭୂମିକା ରହିଥିଲା ।

୧୯୭୪ ବିଧାନସଭା ନିର୍ବାଚନରେ ମୁଖ୍ୟ ଲଢ଼େଇ ହେଲା କଂଗ୍ରେସ ଓ ପ୍ରଗତିଦଳ ମଧ୍ୟରେ । କଂଗ୍ରେସ ତୁଳନାତ୍ମକ ଭାବେ ଅଧିକ ଆସନ ପାଇଲେ ବି ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିଲା । ସି.ପି.ଆଇ.ଦଳର ସାତଜଣ ବିଧାୟକଙ୍କ ସମର୍ଥନ ସଂଖ୍ୟାଲଘୁ କଂଗ୍ରେସକୁ ସଂଖ୍ୟାଗରିଷ୍ଠତା ଆଣିଦେଲା ।

ଫଳରେ ନନ୍ଦିନୀ ଶତପଥୀ ପୁନର୍ବାର ମୁଖ୍ୟମନ୍ତ୍ରୀ ହେଲେ । ଏହାର କିଛିଦିନ ପରେ ରାଜ୍ୟସଭା ପାଇଁ ପଦ ଖାଲି ହେଲା । ବିଜୁ ପଟ୍ଟନାୟକ ସେତେବେଳେ ପ୍ରଗତିଦଳର ମୁଖ୍ୟ ନାୟକ । ସେ ଚାହିଁଲେ ରବି ରାୟ ରାଜ୍ୟସଭାକୁ ଗଲେ ବିରୋଧୀ ସଙ୍ଗଠନକୁ ଦୃଢ଼ କରିବାରେ ସାହାଯ୍ୟ କରିବେ । ଜାତୀୟସ୍ତରରେ ବିରୋଧୀଦଳର ଏକତା ଓ ଆଭିମୁଖ୍ୟ ଉପଯୁକ୍ତ ଭାବରେ ସଂରକ୍ଷିତ ହେବ । ସେ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କର

Digitized by srujanika@gmail.com

ମତାମତ ଏ ବାବଦରେ ଚାହିଁଲେ । ସେତେବେଳେ ଉଭୟଙ୍କ ସମ୍ପର୍କ ଅତି ନିବିଡ଼ । ସିଂହଦେଓ ବିଜୁବାବୁଙ୍କର ଏ ପ୍ରସ୍ତାବକୁ ନାହିଁ କରିବାର ପ୍ରଶ୍ନ ନ ଥିଲା । ସେ ଭାରି ଖୁସି ହେଲେ । ମହତାବ ମଧ୍ୟ ଏ ପ୍ରସ୍ତାବକୁ ସର୍ବାନ୍ତଃକରଣରେ ସମର୍ଥନ କଲେ । ପ୍ରଗତିଦଳ ତରଫରୁ ରବି ରାୟ ରାଜ୍ୟସଭା ପ୍ରାର୍ଥୀ ହେଲେ । ଶିଳ୍ପପତି ବଂଶୀଧର ପଣ୍ଡା ସ୍ୱାଧୀନଭାବରେ ରାଜ୍ୟସଭା ନିର୍ବାଚନରେ ଛିଡ଼ାହୋଇ ପରାଜିତ ହେଲେ । ରବି ରାୟ ଏ ନିର୍ବାଚନରେ ଜୟଯୁକ୍ତ ହେଲେ । ପୁଣିଥରେ ଦିଲ୍ଲୀ ଡାକରା ଆସିଗଲା ।

ରାଜ୍ୟସଭାରେ ରବି ରାୟ

ରବି ରାୟ ରାଜ୍ୟସଭାକୁ ନିର୍ବାଚିତ ହେବାବେଳକୁ ଅଖିଳ ଭାରତୀୟ ସ୍ତରରେ ଲୋକଦଳ ଆତ୍ମପ୍ରକାଶ କରୁଥାଏ । ନୂତନ କର୍ମ ଆଭିମୁଖ୍ୟ ନେଇ ଏହି ବିରୋଧୀ ସଙ୍ଗଠନ ଭାରତବାସୀଙ୍କ ଆସ୍ଥା ଓ ବିଶ୍ୱାସଭାଜନ ହେବାକୁ ଚେଷ୍ଟା କରୁଥାଏ । ସାତୋଟି ବିରୋଧୀଦଳ ସମ୍ମିଶ୍ରଣରେ ଯେଉଁ ଲୋକଦଳ ହେଲା ତାର ଅଖିଳ ଭାରତୀୟ ସଭାପତି ହେଲେ ଚାଷୀନେତା ଚୌଧୁରୀ ଚରଣ ସିଂହ । ଉପସଭାପତି ହେଲେ ବିଜୁବାବୁ, ମହାସଚିବ ହେଲେ ପିଲୁମୋଦୀ ଓ ସାଧାରଣ ସମ୍ପାଦକ ହେଲେ ରବି ରାୟ ।

ରବି ରାୟ ରାଜ୍ୟସଭାରେ ଲୋକଦଳର ନେତା ନିର୍ବାଚିତ ହେଲେ । ଜାତୀୟ ସ୍ତରରେ ତାଙ୍କ ପୂର୍ବ ପ୍ରତିଷ୍ଠା ଓ ସ୍ଥିତି ପୁନଃ ସଂସ୍ଥାପିତ ହେଲା । ଉଭୟ ବିଜୁ ପଟ୍ଟନାୟକ ଓ ରବି ରାୟ ଓଡ଼ିଶାର ଉନ୍ନତି ପାଇଁ ଓ ସାରା ଭାରତବର୍ଷରେ ଲୋକଦଳର ସଙ୍ଗଠନକୁ ମଜବୁତ କରିବା ପାଇଁ ଲାଗି ପଡ଼ିଲେ । ଦୁହିଁଙ୍କ ଭିତରେ ଆତ୍ମୀୟତା ଆହୁରି ବଢ଼ିଗଲା ।

ସେତେବେଳକୁ ଦିଲ୍ଲୀରେ ଇନ୍ଦିରା ଗାନ୍ଧୀଙ୍କର ଅପ୍ରତିଦ୍ୱନ୍ଦ୍ୱୀ ଶାସନ । ଓଡ଼ିଶାରେ ମଧ୍ୟ ଇନ୍ଦିରାଙ୍କ ଅନ୍ତରଙ୍ଗ ନନ୍ଦିନୀ ଦେବୀଙ୍କ କଂଗ୍ରେସ ସରକାର । ବିଜୟୋନ୍ମତ୍ତ କଂଗ୍ରେସ ଅଙ୍କୁଶବିହୀନ ମତ୍ତହସ୍ତୀ ପରି ଭୟାନକ ଓ ପ୍ରତିଶୋଧପରାୟଣ ହୋଇ ଉଠିଥାଏ । କ୍ଷମତାର ଉତ୍ତୁଙ୍ଗ ଶିଖରୀରେ ଥିବା ପ୍ରଧାନମନ୍ତ୍ରୀଙ୍କର ପ୍ରତିସ୍ପର୍ଦ୍ଧୀ ହେବା ରବି ରାୟ ଓ ବିଜୁ ପଟ୍ଟନାୟକଙ୍କ ପକ୍ଷେ କିଛି କମ୍ ସାହସର କଥା ନ ଥିଲା ! ଏଥିପାଇଁ ତାଙ୍କୁ କିଛି କମ୍ ପଣ ଦେବାକୁ ପଡ଼ି ନାହିଁ !

ଶ୍ରୀମତୀ ଗାନ୍ଧୀ ବିଜୁବାବୁଙ୍କ ଅଣ୍ଟା ଭାଙ୍ଗିଦେବାପାଇଁ ତାଙ୍କ ଘର ଇନ୍‌କମ ଟ୍ୟାକ୍ସ ରେଡ଼ କରାଇଲେ । ଆର୍ଥିକ ସ୍ଥିତିକୁ ବିପନ୍ନ ନ କଲେ ତାଙ୍କୁ ଜବଦ କରିବା ସହଜ କଥା ନୁହେଁ ବୋଲି ଶ୍ରୀମତୀ ଗାନ୍ଧୀ ଭଲ ଭାବରେ ବୁଝିଥିଲେ । ତେଣୁ ସେ ତାଙ୍କୁ ନାନା ଭାବରେ ହଇରାଣ ହରକତ କରିବାକୁ ଚେଷ୍ଟା କଲେ । ଇନ୍ଦିରା ଗାନ୍ଧୀଙ୍କ ପରି ଜଣେ ତୁଙ୍ଗନେତାଙ୍କର ଏପରି ଆକ୍ରୋଶମୂଳକ କାର୍ଯ୍ୟକଳାପ ଦେଖି ରବି ରାୟ ଭୀଷଣ କ୍ଷୁବ୍ଧ

Digitized by srujanika@gmail.com

ହେଲେ । ସେ ରାଜ୍ୟସଭାରେ ଏ ଘଟଣା ବର୍ଣ୍ଣନା କରି, ଏହା ସମ୍ପୂର୍ଣ୍ଣ ଉଦ୍ଦେଶ୍ୟମୂଳକ ବୋଲି ଭର୍ତ୍ସନା କଲେ । ସରକାରଙ୍କର ଏପରି ପଦକ୍ଷେପ ପ୍ରତିଶୋଧପରାୟଣତାର ପରିଚୟ ବୋଲି ସେ ଉଲ୍ଲେଖ କରି କହିଲେ - "ଯେହେତୁ ବିଜୁବାବୁ ସାରା ଭାରତରେ ସବୁ ବିରୋଧୀଦଳକୁ ସଙ୍ଗଠିତ କରି ଗୋଟିଏ ଜାତୀୟଦଳ ଗଢ଼ିବାର ପ୍ରଚେଷ୍ଟାରେ ଅଛନ୍ତି; ସେଥିପାଇଁ ଶାସକଦଳର ସର୍ବୋଚ୍ଚ ନେତ୍ରୀ ତଥା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ତାଙ୍କର ଏହି ସଙ୍ଗଠନ ପ୍ରକ୍ରିୟାକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ଦେବାପାଇଁ ଏପରି ପଦକ୍ଷେପ ଗ୍ରହଣ କରିଛନ୍ତି । ବିଜୁ ପଟ୍ଟନାୟକଙ୍କୁ ନାନା ଭାବରେ ହଇରାଣ ହରକତ କରି ତାଙ୍କର ମନୋବଳକୁ ଭାଙ୍ଗିଦେବା ପାଇଁ ଏହା ହେଉଛି ଶ୍ରୀମତୀ ଗାନ୍ଧୀଙ୍କର ଏକ ବିଧିବଦ୍ଧ ଯୋଜନା । ସେ ଏପରି ଅନୈତିକ କାର୍ଯ୍ୟ କରିପାରିବେ ନାହିଁ । ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକ ବଳିଷ୍ଠ ବିରୋଧୀଦଳର ଭୂମିକା ବେଶ ମର୍ଯ୍ୟାଦାବନ୍ତ ଓ ସ୍ୱାଗତଯୋଗ୍ୟ ହେବା କଥା । ଇନ୍ଦିରା ଗାନ୍ଧୀ ଏହାକୁ ସ୍ୱାଗତ କରିବା ପରିବର୍ତ୍ତେ, ଏହାର ପଥରୋଧ କରୁଛନ୍ତି । ଏଥିପାଇଁ ତାଙ୍କୁ ଇତିହାସ କେବେ କ୍ଷମା କରିବ ନାହିଁ । ଏପରି ପ୍ରତିହିଂସାପରାୟଣ ହେବା ଜଣେ ତୁଙ୍ଗ ରାଷ୍ଟ୍ରନୀତିଜ୍ଞ ଓ ଶାସନକର୍ତ୍ତ୍ରୀଙ୍କ ପକ୍ଷେ ଆଦୌ ସ୍ପୃହଣୀୟ ନୁହେଁ । ବରଂ ଏପରି ଘଟଣା ତାଙ୍କ ପ୍ରତିଷ୍ଠା ଓ ଗୌରବକୁ କ୍ଷୁଣ୍ଣ କରୁଛି ।" ବିଜୁବାବୁଙ୍କ ପତ୍ନୀ ଶ୍ରୀମତୀ ଜ୍ଞାନ ପଟ୍ଟନାୟକ ଓ ଝିଅ ଗୀତା ମେହେଟ୍ଟା ସେଦିନ ଦର୍ଶକ ଗ୍ୟାଲେରୀରେ ଉପସ୍ଥିତ ରହି ଏ ସମସ୍ତ ବିତର୍କକୁ ଶୁଣୁଥିଲେ ।

ବାସ୍ତବରେ ଇନ୍ଦିରା ଗାନ୍ଧୀଙ୍କର ଓ ବିଜୁ ପଟ୍ଟନାୟକଙ୍କର ସମ୍ପର୍କ ଦିନକୁ ଦିନ ଅଧିକ ତିକ୍ତ ହେବାରେ ଲାଗିଥିଲା । ଶାସନର ଶୀର୍ଷରେ ଥାଇ ସେ ଅଖଣ୍ଡ କ୍ଷମତାର ଅଧିକାରିଣୀ ହୋଇଥାନ୍ତି । ଏହା ସାଙ୍ଗକୁ ତାଙ୍କର ସାନପୁଅ ଯୁବନେତା ସଂଜୟ ଗାନ୍ଧୀ ମଧ୍ୟ ଘୋର ପ୍ରତିପତ୍ତିଶାଳୀ ହୋଇ ଉଠିଥାନ୍ତି । ଭାରତୀୟ ରାଜନୀତିରେ ସ୍ତାବକମାନଙ୍କର ସ୍ତୁତିଗାନ ଅନେକ ସମୟରେ ରାଜନୀତିକ ନୀତି ଓ ଆଦର୍ଶକୁ କ୍ରୁଶବିଦ୍ଧ କରିଥାଏ । ଏହାର ଭୂରି ଭୂରି ଉଦାହରଣ ଇତିହାସରେ ଦେଖିବାକୁ ମିଳେ । ଶ୍ରୀମତୀ ଗାନ୍ଧୀଙ୍କୁ ସନ୍ତୁଷ୍ଟ ଓ ପ୍ରୀତ କରିବା ପାଇଁ କଂଗ୍ରେସ ଦଳର ନେତାମାନେ ସଞ୍ଜୟ ଗାନ୍ଧୀଙ୍କ ପ୍ରଶସ୍ତିରେ ଓ ତୋଷାମଦରେ ଜଣେ ଜଣକୁ ବଳିଗଲେ । ସ୍ୱାଧୀନତୋତ୍ତର ଭାରତୀୟ ରାଜନୀତିରେ ଏହା ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିଲା । ଗଣତନ୍ତ୍ରର ମୌଳିକ ଲକ୍ଷ୍ୟ ଓ ଆଦର୍ଶ ଏଥିପାଇଁ ବହୁଭାବରେ ବିଡ଼ମ୍ବିତ ହୋଇ ଉଠିଥିଲା ।

ଜାତୀୟସ୍ତରରେ ଏହି ବଳିଷ୍ଠ ବିରୋଧୀ ସଙ୍ଗଠନକୁ ମୂଳପୋଛ କରିଦେବାକୁ ଇନ୍ଦିରା ଗାନ୍ଧୀ ବଦ୍ଧପରିକର ହୋଇଉଠିଲେ । ତେଣୁ ବିରୋଧୀଦଳର ଅଧିକାଂଶ ତୁଙ୍ଗନେତା ତାଙ୍କ କୋପଦୃଷ୍ଟିରେ ରହିବା ସ୍ୱାଭାବିକ ଥିଲା । ରବି ରାୟ ଓ ବିଜୁବାବୁଙ୍କ ରାଜନୀତିକ ଅସ୍ତିତ୍ୱକୁ ମାଟିରେ ମିଶାଇଦେବାପାଇଁ ସେ ଯେପରି ସଙ୍କଳ୍ପବଦ୍ଧ ଥିଲେ ।

Digitized by srujanika@gmail.com

ରବି ରାୟ ଫକୀରଲୋକ । ତାଙ୍କର ପୁଞ୍ଜି କହିଲେ ନିଜର ବ୍ୟକ୍ତିତ୍ୱ ଓ ରାଜନୀତିକ ସଫଳତା ଛଡ଼ା ଆଉ କିଛି ନ ଥିଲା; ଯାହାକୁ ଭାଙ୍ଗି ଚଳିତଳାନ୍ତ କରିବା ଇନ୍ଦିରା ଗାନ୍ଧୀଙ୍କ ସାମର୍ଥ୍ୟ ବାହାରେ ଥିଲା । କିନ୍ତୁ ବିଜୁବାବୁ ନିଜ ପ୍ରଚେଷ୍ଟାରେ ବହୁ ଶିଳ୍ପ କାରଖାନାର ମାଲିକ ହୋଇଥିଲେ । ତାଙ୍କର ଆର୍ଥିକ ସ୍ଥିତି ମଧ୍ୟ ସେତେବେଳେ ଖୁବ୍ ଭଲ ଥିଲା । ଫଳରେ ତାଙ୍କୁ ହଇରାଣ ହରକତ କରିବା ଅପେକ୍ଷାକୃତ ସହଜ କଥା ଥିଲା । ତେଣୁ ଇନ୍ଦିରା ଗାନ୍ଧୀଙ୍କ ଆକ୍ରୋଶମୂଳକ କାର୍ଯ୍ୟକଳାପର ସମ୍ମୁଖୀନ ହେବାକୁ ରବି ରାୟ ଓ ବିଜୁବାବୁ ଅଣ୍ଟାଭିଡ଼ି ବାହାରିଲେ । ଏପରି ଏକ ଲଢ଼େଇବେଳେ ବିଜୁବାବୁ ଅସ୍ତିତ୍ୱ ହରାନ୍ତୁ, ତଳିତଳାନ୍ତ ହୋଇଯାଆନ୍ତୁ - ଏ କଥା ଦିନେ ବି ସ୍ୱପ୍ନରେ ଭାବି ନାହାନ୍ତି ରବି ରାୟ । ବରଂ ଜଣେ ନିଷ୍ଠାପର ବନ୍ଧୁଭାବରେ ସବୁ କ୍ଷେତ୍ରରେ ତାଙ୍କୁ ସାହାଯ୍ୟ ସହଯୋଗ କରିବାକୁ ତାଙ୍କ ପାଖେ ପାଖେ ଅଣ୍ଟାଭିଡ଼ି ଛିଡ଼ା ହୋଇଛନ୍ତି ।

ଜୟପ୍ରକାଶ ଆନ୍ଦୋଳନ ଓ ରବି ରାୟ

ଅନେକ ସମୟରେ ଏପରି ଜଣେ ଜଣେ ଯୋଗଜନ୍ମା ବ୍ୟକ୍ତି ଜନ୍ମ ହୋଇଥାନ୍ତି, ଯେଉଁମାନଙ୍କୁ ଚାହିଁ ସମୟ ତାର ମୋଡ଼ ବାଙ୍କ ବଦଳାଏ । ସେମାନଙ୍କୁ ଅନୁସରଣ କରି ସମୟ ତାର ପାଦ ପକାଏ । ଭିନ୍ନ ଏକ ଆଲୋକମୟ ଦିଶାରେ ସମୟ ବାଟ ଚାଲେ । ସେମାନେ ଇତିହାସ ତିଆରି କରନ୍ତି । ଭବିଷ୍ୟତ ନିର୍ମାଣ କରନ୍ତି । ଉତ୍ତର-ପୁରୁଷକୁ ସମ୍ଭାବନାପୂର୍ଣ୍ଣ ଦିଗରେ ବାଟ କଢ଼ାଇ ନିଅନ୍ତି ।

୧୯୭୪ ମସିହା ବେଳକୁ ଇନ୍ଦିରା ଗାନ୍ଧୀଙ୍କ ଗରିବୀ ହଟାଅ ଧ୍ୱନି ଲୋକଙ୍କ ଭିତରୁ ଆସ୍ଥା ହରେଇ ଥାଏ । ସାଧାରଣ ଲୋକେ କଂଗ୍ରେସର ଏହି ସମାଜବାଦ ନୀତିକୁ ଅସାର ମନେ କରୁଥାନ୍ତି । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ଲୋକଙ୍କୁ ବାଧୁଥାଏ ।

ଅକସ୍ମାତ୍ ଗୋଟେ ଘଟଣା ଘଟିଲା; ଯାହା ରାଜନୀତିକ ଦୃଶ୍ୟପଟ୍ଟରେ ଝଡ଼ ସୃଷ୍ଟି କଲା । ସାରାଦେଶର ବାତାବରଣ ଉଷ୍ମ ହୋଇଉଠିଲା । ଗୁଜୁରାଟରେ ହଷ୍ଟେଲ ଖାଇବା ଖର୍ଚ୍ଚ ବୃଦ୍ଧି କଥାକୁ ନେଇ ଛାତ୍ରମାନେ ଖାଲି ଥାଳି ଧରି ସଡ଼କ ଉପରକୁ ଚାଲିଆସିଲେ । ନବନିର୍ମାଣ ସମିତି ଗଢ଼ି ଛାତ୍ରମାନେ ରାଜ୍ୟବ୍ୟାପୀ ଆନ୍ଦୋଳନ କଲେ । ଦରବୃଦ୍ଧିକୁ ରାଜନୀତିକ ଭ୍ରଷ୍ଟାଚାର ସହ ସିଧା ଯୋଡ଼ିଲେ । ଛାତ୍ରଙ୍କ ମତ ହେଲା, ରାଜନୀତିକ ଭ୍ରଷ୍ଟାଚାର ସବୁ ଭ୍ରଷ୍ଟାଚାରର ଜନନୀ । ଏଇଥିପାଇଁ ଦରବୃଦ୍ଧି ଆଦି ନାନା ବିଭ୍ରାଟ ଘଟୁଛି ।'

ବିହାରର ଘଟନାଠାରେ ମଧ୍ୟ ଛାତ୍ରମାନଙ୍କର ଏକ ଶୋଭାଯାତ୍ରା ଉପରେ ପୋଲିସ ଗୁଳି ଚଳାଇବାରୁ ଛାତ୍ର ଆନ୍ଦୋଳନ ତୀବ୍ର ଆକାର ଧାରଣ କଲା । ଜୟପ୍ରକାଶ ନାରାୟଣ ହେଉଛନ୍ତି ଏକମାତ୍ର ବିପ୍ଳବୀ ଯିଏ ସ୍ୱାଧୀନ ଭାରତରେ କ୍ଷମତା ରାଜନୀତିରୁ ନିଜକୁ ଦୂରେଇ ରଖିଥିଲେ । କ୍ଷମତାଲିପ୍ସା ତାଙ୍କୁ କେବେବେଳେ ହେଲେ ପ୍ରଲୋଭିତ କିମ୍ବା ଗ୍ରାସ

Digitized by srujanika@gmail.com

କରି ନ ଥିଲା । ୧୯୪୨ର ଅରୁଣା-ଲୋହିଆ-ଜୟପ୍ରକାଶ-ଇନ୍‌କିଲାବ ଜିନ୍ଦାବାଦ ସ୍ଲୋଗାନ ଅଗଷ୍ଟ କ୍ରାନ୍ତି ଆନ୍ଦୋଳନର ଅନ୍ୟତମ ମାନ୍ତ୍ରିକ ଉଚ୍ଚାରଣ ଥିଲା । ସେହି ୧୯୪୨ର ଯୁବନେତା ୧୯୭୪ରେ ପରିଣତ ବୟସରେ ଯୁବଛାତ୍ରଙ୍କୁ ଅଦ୍ଭୁତ ଭାବାବେଶରେ ପୁଣି ଆକର୍ଷଣ କଲେ ।

ଗୁଜୁରାଟ ଓ ବିହାରର ଛାତ୍ରନେତାମାନେ ଜୟପ୍ରକାଶଙ୍କୁ ନିଜର ମାର୍ଗଦର୍ଶକ ଓ ଅଗ୍ରପୂଜ୍ୟ ନେତା ଭାବେ ପରିକଳ୍ପନା କଲେ । ଏହି ଛାତ୍ର ଆନ୍ଦୋଳନ କ୍ରମଶଃ ଜନଆନ୍ଦୋଳନର ରୂପ ନେଲା । ଜୟପ୍ରକାଶ 'ଲୋକନାୟକ' ଭାବେ ଆଖ୍ୟାୟିତ ହେଲେ । ଉଭୟ ରାଜ୍ୟରେ ବିଧାନସଭା ଭାଙ୍ଗି ସାନି ଜନମତ ଲୋଡ଼ିବାକୁ ଦାବି ହେଲା । ରାଜନୀତିକ ଭ୍ରଷ୍ଟାଚାର ଓ ଦୁର୍ନୀତି ସମ୍ପର୍କରେ ଆନ୍ଦୋଳକାରୀମାନେ ଜନସାଧାରଣଙ୍କୁ ଅବଗତ କରାଇଲେ । ସେମାନେ ଜନତା ଦରବାରର ନ୍ୟାୟ ଲୋଡ଼ିଲେ । ମୋରାରଜୀ ଦେଶାଇ ଗୁଜୁରାଟ ବିଧାନସଭା ଭାଙ୍ଗିବାକୁ ଓ ଚିମନଭାଇ ପଟେଲଙ୍କ ଭ୍ରଷ୍ଟ ସରକାରକୁ ଗାଦିଚ୍ୟୁତ କରିବାକୁ ଆମରଣ ଅନଶନ କଲେ । ଜୟପ୍ରକାଶ ତାଙ୍କୁ ପୂର୍ଣ୍ଣପ୍ରାଣରେ ସମର୍ଥନ କଲେ । ଗୁଜୁରାଟ ଆନ୍ଦୋଳନକୁ ଦେଶସାରା ବ୍ୟାପିଯିବାକୁ ନ ଦେବାପାଇଁ ଇନ୍ଦିରା ଗାନ୍ଧୀ ଗୁଜୁରାଟ ବିଧାନସଭା ଭାଙ୍ଗି ସାନି ନିର୍ବାଚନ କରାଇଲେ ।

ଓଡ଼ିଶାରେ ରବି ରାୟ ଥିଲେ ଛାତ୍ରମାନଙ୍କର ମୁଖ୍ୟ ଆକର୍ଷଣ । ଛାତ୍ରାବସ୍ଥାରୁ ଜଣେ ନିଷ୍କଳଙ୍କ ନେତା ଭାବେ, ଦଳୀୟ ରାଜନୀତିରେ ଥାଇ ମଧ୍ୟ ଛାତ୍ର ସଙ୍ଗଠନମାନଙ୍କ ପାଇଁ ଗ୍ରହଣୀୟ ଥିଲେ । ବିଭିନ୍ନ କଲେଜ ଛାତ୍ର ୟୁନିୟନମାନଙ୍କୁ ଅତିଥି ଭାବେ ସେ ବରାବର ଯାଉଥିଲେ ଓ ସେଥିପ୍ରତି ତାଙ୍କର ସବୁବେଳେ ଆଗ୍ରହ ଥିଲା ।

ରବି ରାୟ ଜୟପ୍ରକାଶଙ୍କ ଭଳି ସବୁବେଳେ ଯୁବଛାତ୍ର ଗୋଷ୍ଠୀ ଗହଣରେ ଆନନ୍ଦ ପାଉଥିଲେ । ତାଙ୍କର ଏହି ବ୍ୟକ୍ତିଗତ ଶ୍ରଦ୍ଧା ବହୁ ଛାତ୍ରନେତାଙ୍କୁ ପରବର୍ତ୍ତୀ ଜୀବନରେ ରାଜନୀତିକୁ ଟାଣିଆଣିଛି । ଯଦିଓ ସେମାନେ ରବି ରାୟଙ୍କ ସହ ବିପ୍ଲବର ବନ୍ଧୁର ପଥରେ ବେଶି ବାଟ ରହିପାରି ନାହାନ୍ତି । କିଏ କ୍ଳାନ୍ତ ଅବସନ୍ନ ହୋଇ ଅଧାବାଟରେ ରହିଯାଇଛନ୍ତି ତ, କିଏ ସମତାଳରେ ରହି ନ ପାରି ପଛେଇ ଯାଇଛନ୍ତି । ଆଉ କିଏ ବାଟ ଭାଙ୍ଗି ଭିନ୍ନ ବାଟରେ ପାଦ ପକେଇଛନ୍ତି ।

ସାରା ଓଡ଼ିଶା ବୁଲି ଛାତ୍ର ସଂସଦମାନଙ୍କରେ ଉଦ୍‌ବୋଧନ ଦେବା ଅବସରରେ ରବି ରାୟ ଛାତ୍ରଙ୍କ ଭିତରେ ଦେଶପ୍ରେମ, ସମାଜପ୍ରତି କର୍ତ୍ତବ୍ୟବୋଧ ଓ ଆତ୍ମବିଶ୍ୱାସ ଭରି ଦେଇଥିଲେ । ଫଳରେ ଜୟପ୍ରକାଶ ଆନ୍ଦୋଳନ ସମୟରେ ଗୁଜୁରାଟ ଓ ବିହାର ପରେ ଓଡ଼ିଶା ଅନ୍ୟତମ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । ଜାତୀୟ ରାଜନୀତିରେ ଓଡ଼ିଶାର ଏହି ଆନ୍ଦୋଳନ ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା ।

Digitized by srujanika@gmail.com

ରବି ରାୟ ଭୁବନେଶ୍ୱରରେ ଏମ୍.ଏଲ୍.ଏ. କଲୋନୀର ଲୋହିଆ ଏକାଡେମୀ ଘରେ ରହୁଥିଲେ । ତାଙ୍କର ଏକାନ୍ତ ସହଯୋଗୀ ଶାରଦା ମହାନ୍ତି ଏହାର ତତ୍ତ୍ୱାବଧାରକ ଥିଲେ । ଯୁଧିଷ୍ଠିର ଦାସ, ଯୁବନେତା ବିପିନ ଦାସ, ଚିତ୍ତରଞ୍ଜନ ମହାନ୍ତି, ଶିଶିର ଦାସ, ସୁଶାନ୍ତ ଚାନ୍ଦ, ଗଙ୍ଗାଧର ବେହେରା ଓ ମୀନକେତନ ପ୍ରମୁଖ ବିଭିନ୍ନ ସମୟରେ ଏହାର ଅନ୍ତେବାସୀ ହୋଇଥିଲେ । ସେହି ଲୋହିଆ ଏକାଡେମୀ ହିଁ ଓଡ଼ିଶାରେ ଜୟପ୍ରକାଶ ଆନ୍ଦୋଳନର ପ୍ରମୁଖ ସୂତ୍ରଧର ଭାବରେ ଓ କେନ୍ଦ୍ର ଭାବରେ କାର୍ଯ୍ୟ କରୁଥିଲା । ଲୋହିଆ ଏକାଡେମୀର ଏଇ ଆଭିମୁଖ୍ୟକୁ କାର୍ଯ୍ୟକାରୀ ଓ ସଫଳ କରିବା ପାଇଁ ରାଜେନ୍ଦ୍ର ସିଂହ, ଚିତ୍ତରଞ୍ଜନ ମହାନ୍ତି, ପ୍ରତାପ ଶତପଥୀ, ଅମର ଶତପଥୀ, ଦୀପକ ଚାଟାର୍ଜୀ ପ୍ରମୁଖ ଯୁବନେତାମାନେ ଜୟପ୍ରକାଶଙ୍କୁ ସାକ୍ଷାତ୍ କରି ଓଡ଼ିଶାକୁ ନିମନ୍ତ୍ରଣ କରି ଆଣିବା ପାଇଁ ପାଟନାର ତାଙ୍କ ବାସସ୍ଥାନ କଦମକୁଆଁ ଗଲେ । ସେମାନେ ଜୟପ୍ରକାଶଙ୍କ ସହିତ ଆଲୋଚନା କରି ସବୁ କଥା କହିଲେ ।

୧୯୬୭ ମସିହାରେ ନବକୃଷ୍ଣ ଚୌଧୁରୀ ଓଡ଼ିଶାରେ କଂଗ୍ରେସ ବିରୋଧୀ ଆନ୍ଦୋଳନର ସୂତ୍ରଧର ଥିଲେ । ରବି ରାୟ ଚାହିଁଲେ ସେ ପୁଣି ଜନ ଆନ୍ଦୋଳନର ପରିଚାଳକ ହୁଅନ୍ତୁ । ତାଙ୍କର ଅନୁଗାମୀ ଚିତ୍ତରଞ୍ଜନ ମହାନ୍ତି, ନଗେନ୍ଦ୍ର ପ୍ରଧାନ ପ୍ରମୁଖ ଅନୁଗୁଳରେ ଡି.ଏସ.ଓ. ସଙ୍ଗଠନ ସହାୟତାରେ ଏକ ରାଜ୍ୟସ୍ତରୀୟ ଛାତ୍ର ସମ୍ମିଳନୀ ଆୟୋଜନ କରିଥିଲେ । ଏଥିରେ ନିମନ୍ତ୍ରିତ ହୋଇ ନବକୃଷ୍ଣ ଚୌଧୁରୀ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହୋଇଥିଲା - ଜୟପ୍ରକାଶ ନାରାୟଣଙ୍କୁ ଓଡ଼ିଶାକୁ ଆମନ୍ତ୍ରଣ କରିବାକୁ ଓ ଓଡ଼ିଶାରେ ତାଙ୍କ କାର୍ଯ୍ୟକ୍ରମ କରିବାକୁ । ଏସବୁ କଥା ସେମାନେ ଜୟପ୍ରକାଶଙ୍କୁ କହିଲେ । ଓଡ଼ିଶାରେ ଛାତ୍ରସମାଜ ଯେ ଜୟପ୍ରକାଶଙ୍କୁ ଉତ୍କଣ୍ଠାର ସହ ଚାହିଁ ବସିଛି - ଏକଥା ଦଶଜଣିଆ ପ୍ରତିନିଧି ଦଳ ତାଙ୍କୁ ଜଣାଇଥିଲେ ।

ଜୟପ୍ରକାଶ କହିଲେ - 'ୱହାଁ ମହତାବଜୀ ହୈଁ, ନବବାବୁ ହୈଁ, ବିଜୁ ହୈଁ, ରବି ହୈଁ, ମେରେ ଜାନେ କି କ୍ୟା ଜରୁରତ ?'' ଛାତ୍ର ପ୍ରତିନିଧି ଦଳ ଉତ୍ତର ଦେଲେ - 'ଏ ସମସ୍ତେ କ୍ଷମତା ରାଜନୀତିରେ ଥିଲେ ବା ଅଛନ୍ତି । କିନ୍ତୁ ଆପଣ କ୍ଷମତା ରାଜନୀତିର ବହୁ ଉର୍ଦ୍ଧ୍ୱରେ । ଆପଣ ଆମ ଅନୁରୋଧ ରକ୍ଷା କରି ଓଡ଼ିଶା ଆସନ୍ତୁ, ଆପଣ ଅନୁଭବ କରିବେ ଓଡ଼ିଶାବାସୀ କିପରି ଆପଣଙ୍କୁ ଶ୍ରଦ୍ଧା କରନ୍ତି । ଆପଣ କ'ଣ ଖାଲି ବିହାରର ନେତା !' ଜୟପ୍ରକାଶ ଭାବପ୍ରବଣ ହୋଇ ସ୍ୱୀକୃତି ଦେଲେ ।

ନବକୃଷ୍ଣ ଚୌଧୁରୀଙ୍କ ଅଧକ୍ଷତାରେ ଜୟପ୍ରକାଶ ଅଭ୍ୟର୍ଥନା କମିଟି ଗଠିତ ହେଲା । ସେଥିରେ ସର୍ବୋଦୟ ନେତାମାନଙ୍କ ସହ ରବି ରାୟଙ୍କ ଅନୁଗାମୀ ଓ ସମାଜବାଦୀମାନେ ମୁଖ୍ୟ ଭୂମିକା ଗ୍ରହଣ କଲେ ।

Digitized by srujanika@gmail.com

୧୯୭୫ ମସିହା ମାର୍ଚ୍ଚ ମାସ ୩୦ ତାରିଖରୁ ଜୟପ୍ରକାଶଙ୍କ ଓଡ଼ିଶାଗସ୍ତ ଝାରସୁଗୁଡ଼ାରୁ ଆରମ୍ଭ ହୋଇ ଏପ୍ରିଲ ୨ ତାରିଖରେ ଭୁବନେଶ୍ୱରରେ ଶେଷ ହୋଇଥିଲା । ୨ ତାରିଖ ଦିନ ବ୍ରହ୍ମପୁରରେ ଥିବା କାର୍ଯ୍ୟକ୍ରମ ଜୟପ୍ରକାଶଙ୍କ ସ୍ୱାସ୍ଥ୍ୟଗତ ଅସୁସ୍ଥତା ଯୋଗୁଁ ବାତିଲ ହୋଇଥିଲା । ଜୟପ୍ରକାଶ ସଡ଼କପଥରେ ଗସ୍ତ କଲାବେଳେ ସମ୍ବଲପୁରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଅଭୂତପୂର୍ବ ଜନସମାବେଶ ହୋଇଥିଲା । ଲୋକେ ଉଚ୍ଛ୍ୱସିତ ଭାବରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଥିଲେ । ତତ୍‌କାଳୀନ କଂଗ୍ରେସ ସରକାର ଏହି ଗସ୍ତକୁ ଭଣ୍ଡୁର କରିବାକୁ ସବୁପ୍ରକାର ଉଦ୍ୟମ କରିଥିଲେ । ଗୁଣ୍ଡା ଲଗାଇ ଢେଙ୍କାନାଳଠାରେ ଜୟପ୍ରକାଶଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଇଥିଲେ । ପୋଲିସ୍ ଜନମତକୁ ସମ୍ମାନ ଦେଇ ମୁଖ୍ୟମନ୍ତ୍ରୀଙ୍କ ଅସନ୍ତୋଷ ସତ୍ତ୍ୱେ ଓ ଇଚ୍ଛା ବିରୋଧରେ ଜୟପ୍ରକାଶଙ୍କୁ ଏହି ଗୁଣ୍ଡାମାନଙ୍କ କବଳରୁ ମୁକୁଳାଇ ଆଣିଲେ । ଓଡ଼ିଶାର ଜନନେତା ବିଜୁବାବୁ ଏ ଗଣ୍ଡଗୋଳ ପରେ ତାଙ୍କୁ ନିଜ ଗାଡ଼ିରେ ବସାଇ ନିଜେ ଗାଡ଼ି ଚଳାଇ କଟକ ନେଇ ଆସିଲେ ।

ରବି ରାୟ ଓ ବିଜୁବାବୁ ଜୟପ୍ରକାଶଙ୍କୁ ସାଙ୍ଗରେ ନେଇ ବିଭିନ୍ନ ସ୍ଥାନରେ ସଭା ସମିତିର ଆୟୋଜନ କଲେ । ତାଙ୍କର ଏହି ଓଡ଼ିଶାଗସ୍ତ ସମ୍ପୂର୍ଣ୍ଣ ସଫଳ ହୋଇଥିଲା । ରବି ରାୟଙ୍କ ଯୁବ ଛାତ୍ର ସଙ୍ଗଠନର ଏଥିରେ ପ୍ରମୁଖ ଭୂମିକା ଥିଲା । ସମ୍ବଲପୁରର ରାଧାକାନ୍ତ ବହିଦାର, ଗୋପାଳ ପ୍ରଧାନ, ଗିରୀନ୍ଦ୍ର ପଣ୍ଡା, ଅନୁଗୁଳର ନଗେନ୍ଦ୍ର ପ୍ରଧାନ, ଢେଙ୍କାନାଳର ପ୍ରଶାନ୍ତ ମିଶ୍ର, କଟକ, ଭୁବନେଶ୍ୱରର ଚିତ୍ତରଞ୍ଜନ ମହାନ୍ତି, ଶିଶିର ଦାସ, ରଙ୍ଗାଧର ବେହେରା, ଦୀପକ ଚାଟାର୍ଜୀ, ପ୍ରତାପ ଶତପଥୀ, ମୀନକେତନ, ବ୍ରହ୍ମପୁରର ପ୍ରଫୁଲ୍ଲ ସାମନ୍ତରା, ଉଦୟ ପ୍ରଧାନ ପ୍ରଭୃତି ସଙ୍କଳ୍ପବଦ୍ଧ ଯୁବକ ଓ ଛାତ୍ର ରବି ରାୟଙ୍କ ପ୍ରୋତ୍ସାହନରେ ସକ୍ରିୟ ଭାବରେ କାର୍ଯ୍ୟ କରୁଥିଲେ । ଏହିମାନେ ପରବର୍ତ୍ତୀ ଜରୁରୀ ପରିସ୍ଥିତି ସମୟରେ ଭୂମିଗତ ଆନ୍ଦୋଳନ ଚଳାଇଥିଲେ ଓ କାରାକକ୍ଷଣ ଭୋଗ କରିଥିଲେ ।

ଜୟପ୍ରକାଶଙ୍କ ଆନ୍ଦୋଳନରେ ମାଳତୀ ଚୌଧୁରୀଙ୍କ ଭଳି ଅନ୍ୟ ସକ୍ରିୟ ନାରୀ ନେତ୍ରୀ ଥିଲେ ଶ୍ୟାମଳୀ ମହାପାତ୍ର; ଯିଏ ରବି ରାୟଙ୍କ ସମାଜବାଦୀ ଆନ୍ଦୋଳନ ସହ କଲେଜ ଜୀବନରୁ ଜଡ଼ିତ ଥିଲେ । ସେ ଜରୁରୀ ପରିସ୍ଥିତି ବିରୋଧରେ ଆୟୋଜିତ ପ୍ରଥମ ପ୍ରତିବାଦ ସଭାରେ ଅଧ୍ୟକ୍ଷତା କରି ଗିରଫ ହୋଇଥିଲେ । ସେହିପରି ରବି ରାୟଙ୍କ ସହଯୋଗୀ ଚାଷୀନେତା ଗଣନାଥ ପ୍ରଧାନ ସମ୍ବଲପୁର ବରଗଡ଼ ଆଦି ଅଞ୍ଚଳରେ ଜୟପ୍ରକାଶ ଆନ୍ଦୋଳନକୁ ବ୍ୟାପକ କରାଇ ଜରୁରୀ ପରିସ୍ଥିତିରେ କାରାବରଣ କରିଥିଲେ ।

ଜୟପ୍ରକାଶ ନାରାୟଣ ଓଡ଼ିଶାଗସ୍ତ କାଳରେ ରବି ରାୟ ଓ ବିଜୁବାବୁଙ୍କ ପୂର୍ଣ୍ଣ ସମର୍ଥନରେ ସବୁ ସଭା ସମିତିର ଆୟୋଜନ ହେଉଥିଲା । ଏହା ବ୍ୟତୀତ ରବି ରାୟ ଅଖିଳ ଭାରତୀୟ ସ୍ତରରେ ଏହି ଆନ୍ଦୋଳନକୁ ବ୍ୟାପକ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ପାଟନାରେ ରବି ରାୟଙ୍କ ବନ୍ଧୁ କର୍ପୂରୀ ଠାକୁର, ରାମାନନ୍ଦ ତିୱାରୀ

Digitized by srujanika@gmail.com

ଓ ଜର୍ଜ ଫର୍ଣାଣ୍ଡିସ ପ୍ରମୁଖ ଏହି ଆନ୍ଦୋଳନର ବାର୍ତ୍ତାକୁ ବିହାରର କୋଣ ଅନୁକୋଣରେ ନେଇ ପହଞ୍ଚାଇ ଥିଲେ । ସମାଜବାଦୀ ଆନ୍ଦୋଳନରେ କାମ କଲାବେଳେ ସେମାନଙ୍କ ଭିତରେ ଥିବା କେତେକ ବ୍ୟକ୍ତିଗତ ମତାନ୍ତରକୁ ଦୂରକରି ସଙ୍ଘବଦ୍ଧ ଭାବରେ କାମ କରିବା ଦିଗରେ ରବି ରାୟଙ୍କର ସଫଳ ପ୍ରଚେଷ୍ଟା ବେଶ୍ ପ୍ରଶଂସନୀୟ ଥିଲା । ଜନସଂଘ (ଆଜିର ବି.ଜେ.ପି.) ଓ ଅନ୍ୟାନ୍ୟ ଅଣ ସମାଜବାଦୀ ବିରୋଧୀଦଳ ମଧ୍ୟରେ ରବି ରାୟ ସମନ୍ୱୟ ପ୍ରତିଷ୍ଠା କରିପାରିଥିଲେ, ଯାହା ଲୋହିଆ ୧୯୬୭ ମସିହାରେ କରିଥିଲେ । ଏହି ଆନ୍ଦୋଳନ ପ୍ରକ୍ରିୟାରେ ରବି ରାୟ ଓ ବିଜୁବାବୁଙ୍କ ସମ୍ପର୍କ ଅଧିକ ଘନିଷ୍ଠ ହୋଇଥିଲା ।

ଜୟପ୍ରକାଶ ଓଡ଼ିଶା ଗସ୍ତ କାଳରେ ବିଭିନ୍ନ ସଭାରେ ଭାଷଣ ଦେଇ କହିଲେ - 'ମୁଁ ଯେଉଁ ସମ୍ପୂର୍ଣ୍ଣ ବିପ୍ଳବ କଥା ପରିକଳ୍ପନା କରିଛି, ତାହା ହେଉଛି ଡକ୍ଟର ରାମ ମନୋହର ଲୋହିଆଙ୍କ ସପ୍ତକ୍ରାନ୍ତି ଓ ଗାନ୍ଧିଜୀଙ୍କ ଗ୍ରାମ୍ୟ ସ୍ୱରାଜ୍ୟର ନୂତନ ନାମକରଣ । ସପ୍ତକ୍ରାନ୍ତି ହେଲା - (୧) ଦେଶ ଭିତରେ ଧନୀ ଦରିଦ୍ରଙ୍କ ମଧ୍ୟରେ ବୈଷମ୍ୟ ଲୋପ । (୨) ଅମୀର ଦେଶ ଓ ଗରିବ ଦେଶ ମଧ୍ୟରେ ଥିବା ଅସମାନତା ଦୂର କରିବା । (୩) ନର-ନାରୀ ସମାନତା । (୪) କଳା-ଗୋରା (ରଙ୍ଗଭେଦ) ଭେଦଭାବ ଦୂରକରିବା । (୫) ଜାତିପ୍ରଥାର ବିଲୋପ ତଥା ନାରୀ, ଦଳିତ, ଆଦିବାସୀ, ପଛୁଆଜାତି ଏବଂ ମୁସଲମାନମାନଙ୍କ ଭିତରେ ଜୁଲହ୍ୱା, ମମିନ, ଆନସାରୀ ଆଦି । (୬) ଅଣୁ ଅସ୍ତ୍ର ସମେତ ସମସ୍ତ ପ୍ରକାର ଅସ୍ତ୍ରଶସ୍ତ୍ରର ବିଲୋପ ଏବଂ ଅହିଂସା ସତ୍ୟାଗ୍ରହ ମାଧ୍ୟମରେ ସମସ୍ତ ବିବାଦର ସମାଧାନ । (୭) ବ୍ୟକ୍ତି ସ୍ୱାଧୀନତା ଉପରେ ସରକାରୀ ନିୟନ୍ତ୍ରଣ ସମାପ୍ତି । ସାରା ପୃଥିବୀରେ ଏକା ସମୟରେ ସବୁ ଦେଶରେ ଏସବୁ ସାମାଜିକ ବୈଷମ୍ୟ, ଅନ୍ୟାୟ, ଅନୀତି ବିରୋଧରେ ଆନ୍ଦୋଳନ ଚାଲିଛି । ଶାସନ ବିକେନ୍ଦ୍ରୀକରଣ, ଆର୍ଥିକ ଓ ସାମାଜିକ ସମାନତା, କୃଷି ଓ ଶିଳ୍ପର ବିକାଶଦ୍ୱାରା ଏକ ସୁସ୍ଥ ଓ ବଳିଷ୍ଠ ସମାଜ ତଥା କଲ୍ୟାଣକର ରାଷ୍ଟ୍ରଗଠନର ଲକ୍ଷ୍ୟସାଧନ ହେଉଛି ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ । ଯେଉଁମାନେ ଏହି ପ୍ରଗତି ପଥରେ ଅନ୍ତରାୟ ସୃଷ୍ଟି କରୁଛନ୍ତି, ସେମାନଙ୍କୁ ଦେଶ ଜାତି କଦାପି କ୍ଷମା କରିବା ଉଚିତ ନୁହେଁ । ରାଷ୍ଟ୍ରଗଠନ ପ୍ରକ୍ରିୟାରେ ଯୁବ ଓ ଛାତ୍ର ସମାଜ ନିଜକୁ ସାମିଲ କରିବା ଉଚିତ । ... ଇତ୍ୟାଦି ।'

ଓଡ଼ିଶାର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧିବାଦୀ ନେତ୍ରୀ ମା' ରମାଦେବୀ ମଧ୍ୟ ଏହି ଜୟପ୍ରକାଶ ଆନ୍ଦୋଳନରେ ନିଜକୁ ସାମିଲ କରାଇଥିଲେ । ସେ କଟକ ଓ ଭୁବନେଶ୍ୱର ସଭାରେ ଯେଉଁ ଓଜସ୍ୱିନୀ ଭାଷଣ ଦେଇଥିଲେ, ତାହା ଅତୁଳନୀୟ ଥିଲା । ମା ରମାଦେବୀ ଓଡ଼ିଶାର ମା ତୁଲ୍ୟା । ଆଧୁନିକ ଓଡ଼ିଶା ଇତିହାସ ଯେଉଁ ପରିବାରର ତ୍ୟାଗ ଓ ତିତିକ୍ଷା ଉପରେ ଗଢ଼ି ଉଠିଛି, ସେଇ ପରିବାରର କନ୍ୟା ପୁଣି ସେଇପରି ଆଉ ଗୋଟିଏ ପରିବାରର କୁଳବଧୂ ଥିଲେ ରମାଦେବୀ ।

Digitized by srujanika@gmail.com

ସାରା ଭାରତବର୍ଷରେ ହାତଆଙ୍ଗୁଠିରେ ଗଣିଲା ଭଳି କେତୋଟି ପରିବାର ସମ୍ପୂର୍ଣ୍ଣ ଭାବରେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଖେରସ ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁଅ ଗୋପବନ୍ଧୁ ଚୌଧୁରୀଙ୍କ ପରିବାର ଥିଲା ଅନ୍ୟତମ । ଧନ-ଐଶ୍ୱର୍ଯ୍ୟ, କ୍ଷମତା-ପ୍ରତିପତ୍ତି, ଭୋଗବିଳାସର ଉତ୍ତୁଙ୍ଗ ଶିଖରୀରୁ ଓହ୍ଲାଇଆସି ଯେଉଁ ପରିବାର ତ୍ୟାଗ ଓ ତପସ୍ୟାକୁ ଜୀବନର ବ୍ରତ କରିନେଇଥିଲା, ସେ ପରିବାରର ବୋହୂ ଥିଲେ ରମାଦେବୀ । ଏ ପରିବାର ସହିତ ରବି ରାୟଙ୍କ ସମ୍ପର୍କ ଆଜି ସୁଦ୍ଧା ନିବିଡ଼ ରହିଛି । ରମାଦେବୀ ଯେପରି ଥିଲେ ପ୍ରଶାନ୍ତ ମହାସାଗର । ତ୍ୟାଗ ଓ ତିତିକ୍ଷାରେ, କର୍ମସାଧନାରେ, ନିରଳସ ଜନସେବାରେ, ଅକୁଣ୍ଠସେବା ଓ ମମତା ଦାନରେ, ଦେଶପାଇଁ ଆତ୍ମ ବଳିଦାନ ଦେବାରେ - ସବୁଥିରେ ସେ ଥିଲେ ଅଦ୍ୱିତୀୟା । ଜୀବନରେ ପ୍ରଚାର ସେ ଚାହିଁ ନାହାନ୍ତି । ବଡ଼ପଣ ଅହଂକାରର ଧାର ସେ ଧାରନ୍ତି ନାହିଁ । ଦେଶ ପାଇଁ, ଜାତିପାଇଁ ଦଧୀଚିଙ୍କ ପରି ନିଜକୁ ତିଳତିଳ କରି ଦାନ ଦେଇ ଯାଇଛନ୍ତି । ଏହି ବିପ୍ଳବିଣୀ ନାରୀ ଯେତେବେଳେ ଯେଉଁଠି ଅନ୍ୟାୟ ଅନୀତି ଦେଖିଛନ୍ତି, ତା ବିରୋଧରେ ଲଢ଼େଇ କରିଛନ୍ତି, ନିଆଁକୁ ଡେଇଁ ପଡ଼ିଛନ୍ତି ।

ରମାଦେବୀ ଜୟପ୍ରକାଶ ଆନ୍ଦୋଳନରେ ପୁନର୍ବାର ଝାସ ଦେଲେ । ଦିନେ ଯିଏ କଂଗ୍ରେସର ତୁଙ୍ଗନେତା ଥିଲେ, ସେଇ ନବକୃଷ୍ଣ ଚୌଧୁରୀ ନିଜେ କଂଗ୍ରେସର ଅପକର୍ମ ବିରୋଧରେ କଟକରେ ହୋଇଥିବା ସଭାରେ ସଭାପତିତ୍ୱ କରି ଭାଷଣରେ କହିଥିଲେ - 'ମୁଁ ହେଉଛି କଂଗ୍ରେସ ଅପକର୍ମର ରାଜସାକ୍ଷୀ ।' ଛାତ୍ରନେତା ପ୍ରତାପ ଶତପଥୀଙ୍କ ପ୍ରଚେଷ୍ଟାରେ ବାଣୀବିହାରରେ ହୋଇଥିବା ସାଧାରଣ ସଭାରେ ଜୟପ୍ରକାଶ ଦେଶକୁ ରକ୍ଷାକରିବା ପାଇଁ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।

ସେଦିନ ଏପ୍ରିଲ ପହିଲା । ବାଣୀବିହାର ସଭାପରେ ଭୁବନେଶ୍ୱରରେ ଜୟପ୍ରକାଶଙ୍କ ବିଶାଳ ଜନସଭା । ତାଙ୍କ ସଭାକୁ ଭଣ୍ଡୁର କରିବାପାଇଁ ସବୁଠାରୁ ବଡ଼ ପ୍ୟାରେଡ୍ ପଡ଼ିଆକୁ (ବର୍ତ୍ତମାନର ଇନ୍ଦିରା ଗାନ୍ଧୀ ପାର୍କ) ନ ଦେବାପାଇଁ ମୁଖ୍ୟମନ୍ତ୍ରୀ ନନ୍ଦିନୀଦେବୀ ପ୍ରଥମଥର ପାଇଁ ଓଡ଼ିଶାଦିବସ ପାଳନର ଆୟୋଜନ କଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ସେହିଦିନଠାରୁ ଏପ୍ରିଲ ପହିଲାଦିନ ଉତ୍କଳ ଦିବସ ପାଳନ ପରମ୍ପରା ସାରା ଓଡ଼ିଶାରେ ପାଳିତ ହୋଇ ଆସୁଛି । ସେଦିନ ମୁଖ୍ୟମନ୍ତ୍ରୀ ଖୁବ୍ ଜୋରସୋରରେ ନାଚଗୀତ, ଆନନ୍ଦ ଉତ୍ସବର ଆୟୋଜନ କରି ଜୟପ୍ରକାଶଙ୍କ ସଭା ଭଣ୍ଡୁର କରିଦେବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ତାଙ୍କ ଉଦ୍ଦେଶ୍ୟ ସଫଳ ହେଲା ନାହିଁ ।

ଜୟପ୍ରକାଶଙ୍କ ସଭା ଇଉନିଟ-୧ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେଲା ଓ ଜଣାପଡୁଥିଲା ସତେଯେପରି ସାରା ଭୁବନେଶ୍ୱର ଏ ସଭାକୁ ଉଠି ଆସିଥିଲା । ଅନ୍ୟ

Digitized by srujanika@gmail.com

ପକ୍ଷରେ ସରକାରୀ ସ୍ତରରେ ପାଳିତ ହେଉଥିବା ଉତ୍ସବ ସବୁଠୁ ବଡ଼ପଡ଼ିଆରେ ଜାକଜମକରେ ପାଳିତ ହେଉଥିଲେ ବି ତାହା ସମ୍ପୂର୍ଣ୍ଣ ଜନଶୂନ୍ୟ ଥିଲା । ଲୋକଶକ୍ତି ପ୍ରବଳ ହେଲେ ରାଜଶକ୍ତିର ଅବସ୍ଥା କେତେ ଦୟନୀୟ ହୋଇଯାଏ, ତାହା ଏହି ଦୁଇ କାର୍ଯ୍ୟକ୍ରମରୁ ସ୍ପଷ୍ଟ ହୋଇଯାଇଥିଲା । ଲୋକେ ରମାଦେବୀ, ନବକୃଷ୍ଣ ଚୌଧୁରୀ ଓ ଜୟପ୍ରକାଶଙ୍କ ପ୍ରତି ଅଭୂତପୂର୍ବ ଶ୍ରଦ୍ଧା, ଉତ୍ସାହ ଓ ଉଦ୍ଦୀପନା ଦେଖାଇ ଏହି ସଭାରେ ବିପୁଳ ସଂଖ୍ୟାରେ ଯୋଗ ଦେଇଥିଲେ ।

ଜୟପ୍ରକାଶଙ୍କ ଓଡ଼ିଶା ଗସ୍ତ ଓଡ଼ିଶା ରାଜନୀତିକୁ ଏକ ଆଲୋକମୟ ଦିଗନ୍ତର ସନ୍ଧାନ ଦେଲା । ରବି ରାୟ ଏହି ଆନ୍ଦୋଳନର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ । ଜୟପ୍ରକାଶ ଆନ୍ଦୋଳନ ଦେଶର ରାଜନୀତିରେ ଯେଉଁ ନୂତନ ସମ୍ଭାବନା ସୃଷ୍ଟି କଲା, ରବି ରାୟ ତାର ଅନ୍ୟତମ ପ୍ରବକ୍ତା ଭାବରେ ଓଡ଼ିଶା ଓ ଭାରତସାରା ବୁଲି ଲୋକଚେତନାକୁ ଜାଗ୍ରତ କରିବା ପାଇଁ ଆପ୍ରାଣ ଚେଷ୍ଟା କରିଥିଲେ ।

ଜୟପ୍ରକାଶ ଆନ୍ଦୋଳନରେ ସାମିଲ ହେବାପାଇଁ ଯୁବକ ଓ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ରବି ରାୟ କହିଥିଲେ - 'ବ୍ୟକ୍ତିଗତ ସ୍ୱାର୍ଥର ବହୁ ଉର୍ଦ୍ଧ୍ୱରେ ଦେଶର ସମୂହ ସ୍ୱାର୍ଥ । ଦେଶ ଓ ଜାତି ଚିରଞ୍ଜୀବୀ । ଆମେ କେହି ଚିରଦିନ ଏ ସଂସାରରେ ରହିବା ନାହିଁ । ଦେଶକୁ ଯେକୌଣସି ବିପତ୍ତିରୁ ରକ୍ଷାକରିବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ । ସେଥିପାଇଁ ଆତ୍ମଦାନ ଦେବାକୁ ହେଲେ ଆମ୍ଭେମାନେ ପଛଘୁଞ୍ଚା ଦେବା ଉଚିତ ନୁହେଁ । ଦରକାର ପଡ଼ିଲେ ଦେଶପାଇଁ ଜୀବନ ଦେଇ ନିଜକୁ ଗୌରବାନ୍ୱିତ ଓ ଧନ୍ୟ ମନେ କରିବା । ଛାତ୍ରସମାଜ ହିଁ ଦେଶର ଭବିଷ୍ୟତ । ଜାତିର ଆଶା ଓ ଆଶ୍ୱାସନା । ତେଣୁ ଦେଶର ନୈତିକ ମୂଲ୍ୟବୋଧ ଭୁଶୁଡ଼ି ପଡୁଥିଲାବେଳେ ଛାତ୍ରସମାଜ ଶୋଇରହିବା ଉଚିତ ନୁହେଁ । ଉଠ, ଜାଗ୍ରତ ହୁଅ, ସଙ୍କଳ୍ପ କର... ଦେଶର ସଙ୍କଟ କାଳରେ ଯୁବଶକ୍ତିର ଜାଗରଣ ହେଉ... ଦେଶମାତୃକାର ସେବା କରି ଧନ୍ୟ ହୁଅ । ... ଇତ୍ୟାଦି ।'

ରମାଦେବୀ, ମାଳତୀ ଚୌଧୁରୀ, ନବକୃଷ୍ଣ ଚୌଧୁରୀ ପ୍ରମୁଖ ସ୍ୱାର୍ଥତ୍ୟାଗୀ ଗାନ୍ଧିବାଦୀ ନେତାମାନେ ଜୟପ୍ରକାଶ ଆନ୍ଦୋଳନରେ ସାମିଲ ହେବା ଯୋଗୁଁ ସାରା ଓଡ଼ିଶାରେ ଏହି ଆନ୍ଦୋଳନର ଗୁରୁତ୍ୱ ଉପଲବ୍ଧ ହୋଇଥିଲା । ରମାଦେବୀଙ୍କ ପରିବାର ସହିତ ଆତ୍ମିକ ସୂତ୍ରରେ ବାନ୍ଧି ହୋଇଯାଇଥିଲେ ରବି ରାୟ ଓ ତାଙ୍କ ପତ୍ନୀ ସରସ୍ୱତୀ ଦେବୀ । ସେମାନେ ରମାଦେବୀଙ୍କ କନ୍ୟା ଅନ୍ନପୂର୍ଣ୍ଣା ମହାରଣା, ମନମୋହନ ଚୌଧୁରୀଙ୍କ ସର୍ବୋଦୟ ଆନ୍ଦୋଳନର ବିଭିନ୍ନ ପ୍ରକାର ସେବାମୂଳକ କାର୍ଯ୍ୟ ସହିତ ଜଡ଼ିତ ହୋଇଗଲେ । ରମାଦେବୀଙ୍କର ନୈତିକତା, ଚରିତ୍ରନିଷ୍ଠା, ଆଦର୍ଶ ଓ ନୀତିକୁ ରବି ରାୟ ଗଭୀର ଭାବରେ ସମ୍ମାନ ପ୍ରଦର୍ଶନ କରୁଥିଲେ ଓ ଅନୁପ୍ରାଣିତ ହୋଇଥିଲେ ।

Digitized by srujanika@gmail.com

ରାଜନାରାୟଣଙ୍କ ମକଦ୍ଦମା

ରାଜନାରାୟଣ ଉତ୍ତର ପ୍ରଦେଶର 'ରାଏବରେଲି' ନିର୍ବାଚନ ମଣ୍ଡଳୀରୁ ଇନ୍ଦିରା ଗାନ୍ଧୀଙ୍କଠାରୁ ୧୯୭୧ ମସିହା ନିର୍ବାଚନରେ ହାରିଗଲେ । ଅର୍ଥବଳ ଓ ସରକାରୀ କଳର ଉପଯୋଗ ଓ ଅପବ୍ୟବହାର କରି ସେ ବିଜୟଲାଭ କରିଛନ୍ତି ବୋଲି ଅଭିଯୋଗ ଆଣି ରାଜନାରାୟଣ ଏହ୍ଲାବାଦ ହାଇକୋର୍ଟରେ ନିର୍ବାଚନ ମକଦ୍ଦମା ରୁଜୁ କଲେ । ପୂର୍ବରୁ ନେହରୁ - ସବୁବେଳେ ଫୁଲପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢୁଥିଲେ । ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ରାଜନାରାୟଣଙ୍କ ଛଡ଼ା ଆଉ କେହି ନିର୍ବାଚନ ମକଦ୍ଦମା କରିବାକୁ ସାହସ କରି ନ ଥାନ୍ତେ । ଇନ୍ଦିରା ଗାନ୍ଧୀ ଯେ କେବଳ ଦେଶର ପ୍ରଧାନମନ୍ତ୍ରୀ ଥିଲେ ତା ନୁହେଁ, କ୍ଷମତା ଓ ପ୍ରତିପତ୍ତିର ଶୀର୍ଷରେ ଥିଲେ ସେ । ତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ଏକ ଦୁଃସାହସିକ ପଦକ୍ଷେପ ଛଡ଼ା ଆଉ କିଛି ବୋଲି ସେତେବେଳେ ବିଚାର କରାଯାଉ ନ ଥିଲା ।

ମାନ୍ୟବର ନ୍ୟାୟମୂର୍ତ୍ତି ଜଗମୋହନ ଲାଲ ସିହ୍ନାଙ୍କ ଇଜଲାସରେ ଯେଉଁଦିନ ଇନ୍ଦିରା ଗାନ୍ଧୀଙ୍କର ଜେରା ହେଉଥିଲା, ସେଠି ଉପସ୍ଥିତ ଥିଲେ ମଧୁଲିମାୟେ, ରବି ରାୟ ଓ ପିଲୁ ମୋଦୀ । ରବି ରାୟ ରାଜନାରାୟଣଙ୍କର ଜଣେ ଘନିଷ୍ଠ ସହଯୋଗୀ । ଏ ନିର୍ବାଚନ ମକଦ୍ଦମା ଲଢ଼ିବାରେ ସେ ରାଜନାରାୟଣଙ୍କୁ କେବଳ ଦଳ ତରଫରୁ ନୁହେଁ, ବ୍ୟକ୍ତିଗତ ଭାବରେ ମଧ ସହଯୋଗ କରୁଥାନ୍ତି । ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କାଠଗଡ଼ାରେ ଗୋଟିଏ ସ୍ୱତନ୍ତ୍ର ଚଉକିରେ ବସିଥାନ୍ତି । ରାଜନାରାୟଣଙ୍କ ଓକିଲ ଥାନ୍ତି ପ୍ରଖ୍ୟାତ ଆଡ଼ଭୋକେଟ ଶାନ୍ତିଭୂଷଣ । ସେ ଶ୍ରୀମତୀ ଗାନ୍ଧୀଙ୍କୁ ଜେରା କରୁଥାନ୍ତି । ଏ ଜେରା ଯିଏ ଶୁଣିଛି, ସେ ନିଶ୍ଚୟ ସ୍ୱୀକାର କରିବ ଯେ, ଜଣେ ମହିଳା ପ୍ରଧାନମନ୍ତ୍ରୀଙ୍କୁ କିପରି ସମ୍ମାନଜନକ ଓ ମର୍ଯ୍ୟାଦାର ସହିତ ଜେରା କରାଯାଇପାରେ ! ଏପରି ନିର୍ବାଚନ ମକଦ୍ଦମା ଓ ଏପରି ଜେରା ବାସ୍ତବରେ ବିରଳ । କିନ୍ତୁ ଇନ୍ଦିରା ଗାନ୍ଧୀଙ୍କ ପରି ଦେଶର ସର୍ବୋଚ୍ଚ କର୍ତ୍ତ୍ରୀଙ୍କ ଅହଂକାରକୁ ଏହା ବହୁତ ବାଧୁଥିଲା । ସେ ସତ୍ୟକୁ ସାମ୍ନା କରିବାର, ସତ୍‌ସାହସ ସଞ୍ଚୟ କରି ନ ପାରି ଭାରି ବିବ୍ରତ ଓ ଅସ୍ଥିର ହୋଇ ପଡୁଥିଲେ । ସେ ସେଇ କାଠଗଡ଼ା ଭିତରେ ପାଣି ପିଇଲେ, ଔଷଧ ଖାଇଲେ ଓ ତା ପରେ ଜେରାର ଉତ୍ତର ଦେଲେ । ବାସ୍ତବରେ ଏହା ଥିଲା ଏକ ଐତିହାସିକ ଘଟଣା । ରାଜନାରାୟଣଙ୍କର ଏହି ନିର୍ବାଚନ ମକଦ୍ଦମା ଦେଶର ରାଜନୀତିକୁ ବଦଳେଇ ଦେଇଥିଲା । ଘଟଣା ପ୍ରବାହ ଅତି ଦ୍ରୁତବେଗରେ ପ୍ରବାହିତ ହେବାକୁ ଲାଗିଲା ।

୧୯୭୫ ମସିହା ଜୁନ୍ ୧୨ ତାରିଖ ମକଦ୍ଦମାର ରାୟ ବାହାରିଲା । ମାନ୍ୟବର ବିଚାରପତି ଜଗମୋହନ ଲାଲ ସିହ୍ନା ଇନ୍ଦିରା ଗାନ୍ଧୀଙ୍କର ଏହି ରାଏବରେଲି ନିର୍ବାଚନ

Digitized by srujanika@gmail.com

ବିଜୟକୁ ଅସିଦ୍ଧ ବୋଲି ରାୟ ଦେଲେ । କ୍ଷମତା ଓ ଶାସନର ଏଭରେଷ୍ଟ ଉପରେ ଆସୀନା, ପୃଥିବୀର ଅଦ୍ୱିତୀୟା ମହିଳା ପ୍ରଧାନମନ୍ତ୍ରୀଙ୍କର ଆକାଶଚୁମ୍ୱୀ ଖ୍ୟାତି ଓ ପ୍ରତିଷ୍ଠାର ଇମାରତ ଯେପରି ଗୋଟେ ମୁହୂର୍ତ୍ତକ ଭିତରେ ଭୂତଳଶାୟୀ ହୋଇଗଲା । ଦେଶବାସୀ ସ୍ତବ୍ଧ ହୋଇଗଲେ ଏ ନ୍ୟାୟ ଶୁଣି ।

ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ କେହି ଯେ ଜଣେ ସ୍ୱର ଉତ୍ତୋଳନ କରିପାରେ ଓ ଏହି ଲଢ଼େଇରେ ବିଜୟୀ ହୋଇପାରେ, ଏକଥା ସହଜରେ ଲୋକେ ବିଶ୍ୱାସ କରିପାରୁ ନ ଥିଲେ । ସେ ଜଣେ ସାଧାରଣ ମହିଳା ନ ଥିଲେ । ତାଙ୍କର ଉଚ୍ଚାକାଂକ୍ଷାର ସୀମା ନ ଥିଲା । ସେ କ୍ଷମତାର ଅମୃତ କଳସକୁ ହସ୍ତାନ୍ତର କରିବାକୁ ଚାହିଁଲେ ନାହିଁ । ଏହି ନ୍ୟାୟକୁ ଗଣତାନ୍ତ୍ରିକ ମୂଲ୍ୟବୋଧର ବିଜୟ ବୋଲି ବିଚାର କଲେ ନାହିଁ । ଚିରକାଳ କ୍ଷମତା, ଅର୍ଥ ପ୍ରତିପତ୍ତିର ମୋହ ମଣିଷର ଚେତନାକୁ ଅଥର୍ବ, ଖର୍ବୀକୃତ, ଜଡ଼ କରିଦେଇଥାଏ । ଇନ୍ଦିରା ଗାନ୍ଧୀ ଏ ପରାଜୟକୁ, ଏ ସତ୍ୟକୁ ମାନିବାକୁ ଆଦୌ ପ୍ରସ୍ତୁତ ନ ଥିଲେ । ସେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ନାହିଁ । ଏହି ରାୟକୁ ମଧ୍ୟ ସ୍ୱୀକାର କଲେ ନାହିଁ । ଏ ରାୟ ବିରୋଧରେ ସେ ସୁପ୍ରିମକୋର୍ଟରେ ଅପିଲ କଲେ । ସୁପ୍ରିମକୋର୍ଟ ସର୍ତ୍ତମୂଳକ ରହିତାଦେଶ ଦେଲେ ।

ଯେଉଁଦିନ ଆଲାହାବାଦ ହାଇକୋର୍ଟ ରାୟ ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ଗଲା, ଠିକ୍ ସେଇଦିନ ଗୁଜୁରାଟ ନିର୍ବାଚନରେ ଲୋକଙ୍କ ରାୟ ମଧ୍ୟ କଂଗ୍ରେସ ଦଳ ବିରୋଧରେ ଯାଇଥିଲା । ନିର୍ବାଚନର ଫଳାଫଳରୁ ସ୍ପଷ୍ଟ ପ୍ରମାଣିତ ହୋଇଥିଲା ଯେ, ଇନ୍ଦିରା ଗାନ୍ଧୀଙ୍କ ପୂର୍ବ ଲୋକପ୍ରିୟତା ଯଥେଷ୍ଟ ହ୍ରାସ ପାଇଯାଇଛି ।

ଏହି ରାୟ ଦେଶର ରାଜନୀତିରେ ତୁମୁଳ ଝଡ଼ ସୃଷ୍ଟି କଲା । ସବୁ ବିରୋଧୀ ଦଳର ନେତା ଓ କର୍ମୀମାନେ ଦେଶସାରା ସଭାସମିତି ଓ ଶୋଭାଯାତ୍ରା କରି ଦାବି କଲେ ଯେ, ଇନ୍ଦିରା ଗାନ୍ଧୀ ତୁରନ୍ତ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ ଓ ଗଣତନ୍ତ୍ରର ମୂଲ୍ୟବୋଧକୁ ମର୍ଯ୍ୟାଦା ଦିଅନ୍ତୁ । କିନ୍ତୁ କଂଗ୍ରେସଦଳ ଏକଥା ମାନିବାକୁ ପ୍ରସ୍ତୁତ ନ ଥିଲା । ସେମାନେ ଦିଲ୍ଲୀରେ ଦଳ ତରଫରୁ ବିରାଟ ର୍‌ୟାଲିକରି ଏଲାହାବାଦ ହାଇକୋର୍ଟର ମାନ୍ୟବର ନ୍ୟାୟମୂର୍ତ୍ତି ସିହ୍ନାଙ୍କୁ ସଭାସମିତିରେ ଭର୍ତ୍ସନା କଲେ ଓ ଶ୍ରୀମତୀ ଗାନ୍ଧୀ ଇସ୍ତଫା ନ ଦିଅନ୍ତୁ ବୋଲି ଦାବି କଲେ । ଏପରି ପରସ୍ପର ବିରୋଧୀ ସଭାସମିତି, ଶୋଭାଯାତ୍ରା, ସ୍ଲୋଗାନ ପ୍ରଭୃତିରେ ଦେଶର ବାତାବରଣ ଅଶାନ୍ତ ହୋଇଉଠିଲା । ଏଇ ଘଟଣାକୁ କେନ୍ଦ୍ରକରି ଉଭୟ ପ୍ରତିପକ୍ଷ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ହୋଇଉଠିଲେ ।

Digitized by srujanika@gmail.com

ଜରୁରିକାଳୀନ ପରିସ୍ଥିତି ଜାରି

ଅକସ୍ମାତ୍ ଭାରତୀୟ ରାଜନୀତିରେ ଏକ ନାଟକୀୟ ଘଟଣା ଘଟିଲା । ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସମସ୍ତ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ, ଦେଶର ଏକଛତ୍ର ଶାସକ ଭୂମିକାରେ ଅବତୀର୍ଣ୍ଣ ହେଲେ । ସେ ୧୯୭୫ ମସିହା ଜୁନ ୨୫ ତାରିଖରେ ଦେଶରେ 'ଆଭ୍ୟନ୍ତରୀଣ ଜରୁରିକାଳୀନ ପରିସ୍ଥିତି' (National Internal Emergency) ଘୋଷଣା କଲେ । ଜରୁରିକାଳୀନ ପରିସ୍ଥିତି ଜାରି ହେବାମାତ୍ରେ ସାଙ୍ଗେ ସାଙ୍ଗେ ଲୋକନାୟକ ଜୟପ୍ରକାଶ ଓ ବିରୋଧୀ ଦଳର ସବୁ ଟାଣୁଆ ନେତାଙ୍କୁ ଗିରଫ କରି ଜେଲକୁ ପଠାଇ ଦେଲେ । ଦେଶରେ ଅଭୂତପୂର୍ବ ଅବସ୍ଥା ସୃଷ୍ଟି ହେଲା । ନାହିଁ ନ ଥିବା ଏକ ଅଜଣା ଆତଙ୍କ ଯେପରି ସାରାଦେଶକୁ ଗ୍ରାସ କରିଗଲା । ଏହି ଘଟଣାକୁ ଲକ୍ଷ୍ୟକରି ଜୟପ୍ରକାଶ - 'ଏକ କାର୍ଯ୍ୟକାରୀ ଗଣତନ୍ତ୍ର ଏକଛତ୍ରବାଦରେ ପରିଣତ ହେଲା' ବୋଲି ମନ୍ତବ୍ୟ ପ୍ରଦାନ କଲେ । ଏହି ମନ୍ତବ୍ୟକୁ ଶ୍ରୀମତୀ ଗାନ୍ଧୀ ଭ୍ରୂକ୍ଷେପ କରି ନ ଥିଲେ ।

ଜରୁରୀ ପରିସ୍ଥିତି ଜାରି ହେବାର ଠିକ୍ ପରଦିନ ରବି ରାୟ ରାଷ୍ଟ୍ରପତି ଫକୀରୁଦ୍ଦିନ ଅଲ୍ଲି ଅହମ୍ମଦଙ୍କୁ ଫୋନ କରି କହିଲେ - 'ମୁଁ ଆପଣଙ୍କ ପାଖକୁ କେତେଜଣ ଲୋକସଭା ଓ ରାଜ୍ୟସଭା ସଦସ୍ୟଙ୍କୁ ସାଙ୍ଗରେ ନେଇ ଯିବି ।' ରାଷ୍ଟ୍ରପତି ଦେଖା କରିବାକୁ ଅନୁମତି ଦେଲେ ।

ନେହରୁଙ୍କ ସମୟରେ ପ୍ରତିରକ୍ଷା ମନ୍ତ୍ରୀ ଥିଲେ ମହାବୀର ତ୍ୟାଗୀ । ସେ ରାଜ୍ୟସଭାରେ ରବି ରାୟଙ୍କର ସହକର୍ମୀ ଥିଲେ । ରବି ରାୟ ତାଙ୍କୁ ଅନୁରୋଧ କରି କହିଲେ - 'ଆପଣ ମୋ ସାଙ୍ଗରେ ରାଷ୍ଟ୍ରପତିଙ୍କ ପାଖକୁ ଯିବେ ? ଏତେବଡ଼ ଦେଶର ଗଣତନ୍ତ୍ରକୁ ଇନ୍ଦିରା ଗାନ୍ଧୀ ଧ୍ୱଂସ କରିଦେଲେ । ଅନ୍ତତଃ ରାଷ୍ଟ୍ରପତି ଏଇଟା ଅନୁମୋଦନ ନ କରି ପ୍ରସ୍ତାବ ଫେରେଇ ଦେଇପାରିଥାନ୍ତେ । ସେ ବରଂ କହିଥାନ୍ତେ ଯେ, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମ୍ବିଧାନିକ ନିୟମ ଦୃଷ୍ଟିରୁ ଏପରି ଜରୁରୀପରିସ୍ଥିତି ଜାରି କରିବା ଦେଶପାଇଁ ଆଦୌ ହିତକାରକ ନୁହେଁ । ଏହା ଗଣତନ୍ତ୍ରର ମର୍ଯ୍ୟାଦାକୁ ହତ୍ୟା କରୁଛି । କିନ୍ତୁ ରାଷ୍ଟ୍ରପତି ଏ ସବୁ କଥା କିଛି ନ କହି କିମ୍ବା ଏପରି ଆଦେଶନାମା ଜାରିର ବିରୋଧ କି ପ୍ରତିବାଦ ନ କରି ବିନା ବାକ୍ୟବ୍ୟୟରେ ଇନ୍ଦିରା ଗାନ୍ଧୀଙ୍କ ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କଲେ !'

ରବି ରାୟଙ୍କ କଥା ଶୁଣି ସାଂସଦ ମହାବୀର ତ୍ୟାଗୀ ତାଙ୍କ ସାଙ୍ଗରେ ରାଷ୍ଟ୍ରପତିଙ୍କ ପାଖକୁ ଯିବାପାଇଁ ସାଙ୍ଗେ ସାଙ୍ଗେ ରାଜି ହୋଇଗଲେ । ଓଡ଼ିଶାରୁ ଲୋକସଭାକୁ ନିର୍ବାଚିତ ହୋଇଥିବା ସାଂସଦ ସୁରେନ୍ଦ୍ର ମହାନ୍ତି, (ବିଶିଷ୍ଟ କଥାକାର, ସାମ୍ବାଦିକ ଓ ସ୍ତମ୍ଭକାର) ଓ ରାଜ୍ୟସଭାର ସଦସ୍ୟ ପ୍ରକାଶବୀର ଶାସ୍ତ୍ରୀ ମଧ ତାଙ୍କ ସହିତ ଯିବାକୁ ରାଜି ହୋଇଗଲେ ।

Digitized by srujanika@gmail.com

ବିରୋଧୀ ଦଳର ଯେଉଁ ଟାଣୁଆ ନେତାମାନେ ଗିରଫ ହୋଇ ନ ଥାନ୍ତି, ସେମାନେ ପ୍ରତିଦିନ ଗୋଟାଏ ଜାଗାରେ ମିଟିଂ କରି ବିଚାର-ବିମର୍ଶ କରନ୍ତି । ଏହି ସଂଗ୍ରାମରେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ତାହା ଆଲୋଚନା ହୋଇ ସିଦ୍ଧାନ୍ତ ନିଆଯାଏ । ଏସବୁ ବ୍ୟାପାରରେ ଅନେକ ଗୋପନୀୟତା ରକ୍ଷା କରିବାକୁ ପଡ଼େ । ରାଷ୍ଟ୍ରପତିଙ୍କୁ ଦେଖା କରିବାକୁ ଯିବା କଥା ସ୍ଥିର ହେଲା ।

ପରଦିନ ରବି ରାୟ ରାଷ୍ଟ୍ରପତିଙ୍କୁ ସିଧାସଳଖ ଫୋନ କଲେ । ରାଷ୍ଟ୍ରପତି ଅନୁମତି ଦେଇ କହିଲେ - 'ଆଜି ଆସନ୍ତୁ ।' ରବି ରାୟ, ସୁରେନ୍ଦ୍ର ମହାନ୍ତି, ମହାବୀର ତ୍ୟାଗୀ ଓ ପ୍ରକାଶବୀର ଶାସ୍ତ୍ରୀ ପ୍ରମୁଖ ନେତା ରାଷ୍ଟ୍ରପତିଙ୍କୁ ଭେଟିଲେ । ରବି ରାୟ ରାଷ୍ଟ୍ରପତିଙ୍କୁ କହିଲେ - 'ଆପଣ ଏପରି କରିବା ଠିକ୍ ହେଲାନି ।' ମହାବୀର ତ୍ୟାଗୀ ଯେ କି ଶାସନ ବିଧାୟକ ସଭାର ସଦସ୍ୟ ଥିଲେ, ଶାସନବିଧାୟକ ସଭାରେ ଏ ସଂକ୍ରାନ୍ତୀୟ ଆଲୋଚନା ପ୍ରତି ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରତ୍ୟୁତ୍ତରରେ ରାଷ୍ଟ୍ରପତି କହିଲେ - 'ମୁଁ ପ୍ରଧାନମନ୍ତ୍ରୀଙ୍କୁ କହିବି, ସେ ତାଙ୍କ ସୀମା ଭିତରେ ରୁହନ୍ତୁ । ବିରୋଧୀଦଳବାଲାଙ୍କୁ ବି କହିବି, ସେମାନେ ବି ତାଙ୍କ ସୀମା ଭିତରେ ରୁହନ୍ତୁ ।

ରବି ରାୟ ରାଷ୍ଟ୍ରପତିଙ୍କ ସହିତ ଯାହା ଯାହା କଥାବାର୍ତ୍ତା ହୋଇଥିଲେ, ସେସବୁ କଥାବାର୍ତ୍ତାର ଟିକିନିଖି ବିବରଣୀ ସାମ୍ବାଦିକ ସମ୍ମିଳନୀ ଡକାଇ ବିବୃତି ଦେଲେ । ରାଷ୍ଟ୍ରପତିଙ୍କ ପ୍ରେସ୍‌ନୋଟରେ ବି ସେଇଆ ଆସିଲା । ରାଷ୍ଟ୍ରପତିଙ୍କର ଏ ପ୍ରକାର ମନ୍ତବ୍ୟକୁ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ପସନ୍ଦ କଲେ ନାହିଁ । କାରଣ ରାଷ୍ଟ୍ରପତି ବିରୋଧୀଦଳକୁ ଓ ଶାସକଦଳକୁ ପୁଣି ଇନ୍ଦିରା ଗାନ୍ଧୀଙ୍କୁ ସମାନଭୂମିରେ ରଖିବାରୁ ସେ ଭୀଷଣ କ୍ଷୁବ୍ଧ ହେଲେ । ଏ ସମ୍ବାଦ ଖବରକାଗଜରେ ପ୍ରଚାରିତ ହୋଇଯିବାରୁ, ଇନ୍ଦିରା ଗାନ୍ଧୀ ସାଙ୍ଗେ ସାଙ୍ଗେ ପ୍ରେସ ସେନସରସିପ୍ (ସମ୍ବାଦ ପରିବେଷଣରେ ସରକାରୀ କଟକଣା) ଲାଗୁ କରି ଦେଲେ । 'କୌଣସି ସମ୍ବାଦ ଖବରକାଗଜରେ ପ୍ରକାଶ ପାଇବା ପୂର୍ବରୁ ସରକାରଙ୍କର ଅନୁମୋଦନ ପାଇବା ଆବଶ୍ୟକ' - ଏହି ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଗଲା । ଫଳରେ ସରକାର କି କି ପଦକ୍ଷେପ ନେଉଛନ୍ତି, କାହାକୁ ଗିରଫ କରୁଛନ୍ତି, ଦେଶର ଜରୁରୀ ପରିସ୍ଥିତିକୁ ନେଇ କ'ଣ କ'ଣ ଘଟୁଛି - ସେସବୁ ସମ୍ବାଦ ଲୋକଙ୍କ ପାଖରେ ଆଉ ସହଜରେ ପହଞ୍ଚି ପାରିଲା ନାହିଁ । ସମ୍ବାଦପତ୍ର ତଥା ଅନ୍ୟ ସମସ୍ତ ଗଣମାଧମ ଉପରେ ଏହି କଟକଣା ଗଣତନ୍ତ୍ର ପ୍ରତି ଆଉ ଏକ ଧକ୍କା ପରି ମନେହେଲା ।

ରବି ରାୟ ରାଷ୍ଟ୍ରପତିଙ୍କୁ ଦେଖାକରି ଜରୁରୀ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିବା ଓ ସମ୍ବାଦପତ୍ରରେ ଉଭୟଙ୍କ କଥାବାର୍ତ୍ତାର ବିବୃତି ପ୍ରକାଶ ପାଇବା ପ୍ରଭୃତି ଘଟଣାକୁ ନେଇ ଇନ୍ଦିରା ଗାନ୍ଧୀ ତାଙ୍କ ଉପରେ ଭୀଷଣ କ୍ଷୁଣ୍ଣ ହେଲେ ।

Digitized by srujanika@gmail.com

ଜରୁରିକାଳୀନ ପରିସ୍ଥିତି ଜାରି ହେବାର କିଛିଦିନ ପରେ ରବି ରାୟ ଦିଲ୍ଲୀରୁ ବୁର୍ଲା ଆସିଲେ । ଡକ୍ଟର ସରସ୍ୱତୀ ସ୍ୱାଇଁ ସେତେବେଳେ ବୁର୍ଲା ମେଡ଼ିକାଲ କଲେଜର ପ୍ରଫେସର ଥାନ୍ତି । ରବି ରାୟଙ୍କ ବଡ଼ଭାଇ ମର୍ଦ୍ଦରାଜଙ୍କୁ କ୍ୟାନସର ହୋଇଥାଏ । ସେ ସରସ୍ୱତୀ ଦେବୀଙ୍କ ପାଖରେ ରହି ଚିକିତ୍ସିତ ହେଉଥାନ୍ତି । ଚାରିଆଡ଼େ ଇମରଜେନ୍ସିର କୋକୁଆ ଭୟ । ଓଡ଼ିଶାରେ ନନ୍ଦିନୀ ଶତପଥୀଙ୍କର ଅସପତ୍ନ ରାଜତ୍ୱ । ତାଙ୍କର ଏହି ଅଖଣ୍ଡ କ୍ଷମତା ସାଙ୍ଗକୁ ଇମର୍ଜେନସି । ଲୋକେ ଭୀତତ୍ରସ୍ତ ହୋଇ ରହିଥାନ୍ତି । କେହି କୌଣସି ଜାଗାରେ ସରକାରୀ ବିରୋଧୀ ସାମାନ୍ୟ ପଦେକଥା କହିବାକୁ ବି ସାହସ କରୁ ନ ଥାନ୍ତି । ସତେଯେପରି ଇନ୍ଦିରା ଗାନ୍ଧୀଙ୍କର ସର୍ବବ୍ୟାପୀ ଶକ୍ତି ଓ କ୍ଷମତା ଯେକୌଣସି ଲୋକକୁ ଯେକୌଣସି ମୁହୂର୍ତ୍ତରେ ବାନ୍ଧି ନେଇଯିବ । ସାଧାରଣ ଲୋକେ ବି ଆତଙ୍କିତ ହୋଇଥାନ୍ତି । କେତେବେଳେ କ'ଣ ଘଟିବ କେହି ଚିନ୍ତା କରି ପାରୁ ନ ଥାନ୍ତି । ସବୁବେଳେ ଗୋଟେ ଅଦୃଶ୍ୟ ଭୟ ଓ ଅଭାବିତ ଆତଙ୍କ । ସମ୍ବାଦପତ୍ର ଉପରେ କଟକଣା । ପ୍ରତ୍ୟେକ ରାଜନୀତି କରୁଥିବା ବ୍ୟକ୍ତି ଉପରେ ସତର୍କ ଦୃଷ୍ଟି । ଏଣେ ଦେଶର ପ୍ରକୃତ ଅବସ୍ଥା ଜାଣିବାର ଉପାୟ ନାହିଁ । ଏଇ ଶଙ୍କା, ମାନସିକ ଅସ୍ଥିରତା ଓ ସନ୍ତୁଳନ ଭିତରେ ଦେଶବାସୀ ଥାନ୍ତି । ରବି ରାୟ ବୁର୍ଲା ଆସିଥାନ୍ତି । ତେଣେ ପୋଲିସ ତାଙ୍କୁ ଖୋଜୁଛି । ସଠିକ ଜଣା ନ ଥିଲା ରବି ରାୟ କେଉଁଠି ! ପୋଲିସ ଦିଲ୍ଲୀସାରା ଅଣ୍ଡାଳି ହେଉଥାଏ ।

ରବି ରାୟ ବୁର୍ଲାରେ ବଡ଼ଭାଇଙ୍କୁ ଦେଖି ତାଙ୍କ ସ୍ୱାସ୍ଥ୍ୟ, ଦେହ ମୁଣ୍ଡ କଥା ଟିକିନିଖି ବୁଝାବୁଝି କରି ଦିଲ୍ଲୀ ଫେରିଗଲେ । ଓଡ଼ିଶାରୁ ଫେରିବା ପରେ ଦିନେ ରାତି ଚାରିଟା ବେଳେ ପୋଲିସ ଅଚାନକ ରବି ରାୟଙ୍କ ମୀନାବାଗ ବାସଭବନକୁ ଘେରଉ କରି ନେଲେ ଓ ନିଦରୁ ଉଠାଇ ତାଙ୍କୁ ଗିରଫ କରିନେଲେ । ସକାଳର ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ମଧ୍ୟ ସେମାନେ ଅପେକ୍ଷା କଲେ ନାହିଁ । ଇନ୍ଦିରା ଗାନ୍ଧୀଙ୍କର କଡ଼ା ହୁକୁମ - ଏସବୁ ନେତାମାନଙ୍କୁ ଅତର୍କିତ ଭାବରେ ଗିରଫ ନ କଲେ, କାଳେ ଏମାନେ ଅଣ୍ଡରଗ୍ରାଉଣ୍ଡରେ ଆତ୍ମଗୋପନ କରି ଆନ୍ଦୋଳନ ଆରମ୍ଭ କରିଦେବେ ଓ ଲୋକଙ୍କ ପାଖରେ ସରକାରର ମୁଖା ଖୋଲିଦେଇ ପ୍ରକୃତ ସତ୍ୟ ଉଦ୍‌ଘାଟନ କରିଦେବେ । ସମସ୍ତଙ୍କୁ ପ୍ରାୟ ରାତିରେ ହିଁ ଗିରଫ କରାଯାଉଥିଲା ।

ରବି ରାୟଙ୍କୁ ଗିରଫ କରି ସେମାନେ ସିଧାସଳଖ ତିହାର ଜେଲକୁ ନେଇଗଲେ । ଆଗରୁ ରାଜନାରାୟଣ ମଧ୍ୟ ଏଇ ଜେଲରେ ରହିଥାନ୍ତି । ତିହାର ଜେଲରେ ଏକାଠି ଗୋଟାଏ ସେଲରେ ଦୁହିଁଙ୍କୁ ରଖାଗଲା । ଦିନକ ପରେ ସେମାନେ ରବି ରାୟଙ୍କୁ ଅମ୍ବାଲା ଜେଲକୁ ନେଇଗଲେ । ଇମରଜେନ୍ସିରେ ଗିରଫ ହୋଇଥିବା ନେତାମାନଙ୍କୁ ଦେଶର ବିଭିନ୍ନ ଜେଲରେ ରଖାଯାଉଥାଏ ଯେପରି ଏମାନେ ପରସ୍ପର ଭିତରେ ଭାବ ଆଦାନପ୍ରଦାନ ପାଇଁ ଆଦୌ ସୁଯୋଗ ନ ପାଆନ୍ତି । ଜେଲରୁ ଖଲାସ ହେବା ପର୍ଯ୍ୟନ୍ତ

Digitized by srujanika@gmail.com

ରବି ରାୟ ଅମ୍ବାଲା ଜେଲରେ ରହିଥିଲେ । ସେଠି ସେ ପ୍ରାୟ ଉଣେଇଶ ମାସ (୧୯ମାସ) ରହିଲେ ।

ରାବି ରାୟଙ୍କ ମୀନାବାଗ ଘରେ ସେତେବେଳେ ତାଙ୍କର ଜଣେ ଭାଣିଜୀ ରହୁଥାଏ । ରବି ରାୟ ଗିରଫ ହେବା ପରେ ସେ ସାଙ୍ଗେ ସାଙ୍ଗେ ଡକ୍ଟର ସରସ୍ୱତୀ ସ୍ୱାଇଁଙ୍କ ପାଖକୁ ଫୋନ କରି କହିଲା - 'ମାଇଁ, ଆଜି ଭୋରୁ ଭୋରୁ ପୋଲିସ ଆସି ମାମୁଙ୍କୁ ଗିରଫ କରିନେଲା । ଆମେ ଜାଣିନୁ କୋଉଠିକି ନେଲେ ।' ଭାଣିଜୀର କାନ୍ଦଣା ଓ ଲୁହନାଳମିଶା କଣ୍ଠସ୍ୱର ସରସ୍ୱତୀଙ୍କ ଛାତି ଭିତରଟାକୁ ଅବ୍ୟକ୍ତ ବେଦନାରେ ମନ୍ଥି ପକାଉଥିଲା । ସେ କିଛି ସମୟ ନୀରବ ରହିଲେ । ଇମରଜେନସି ଘୋଷିତ ହେବା ବେଳଠୁ ସେ ଏକଥା ଆଶଙ୍କା କରୁଥିଲେ । ଦୁଃଖ ଆସେ । ବିପଦ ଆସେ । ଆସିବା ଆଗରୁ ଭୟ ଥାଏ ବେଶି । କିନ୍ତୁ ଥରେ ବିପଦ ଆସି ସାମନାରେ ପହଞ୍ଚିଲେ କେଜାଣି କେଉଁଠୁ ମନରେ ଦମ୍ଭ ଓ ସାହସ ଆସିଯାଏ । ସରସ୍ୱତୀ ନିଜକୁ ଦୃଢ଼ କରିନେଲେ ।

ରାଜନୀତି ଓ ଦେଶସେବାକୁ ବ୍ରତ କରିନେଇଥିବା ଜଣେ ସଂଗ୍ରାମୀଙ୍କୁ ସେ ସ୍ୱଇଚ୍ଛାରେ ନିଜର ସ୍ୱାମୀ ରୂପେ ବରଣ କରିଛନ୍ତି । ତାଙ୍କ ପାଖରେ ଏପରି ସାଧାରଣ ନାରୀଜନସୁଲଭ ଦୁର୍ବଳତା ଶୋଭା ପାଏନି । ନିଜ ମନକୁ ମନ ସେ ବୁଝଉଥିଲେ । ଦୀର୍ଘ ବର୍ଷେକାଳ ରବି ରାୟ କେଉଁଠି ରହିଲେ, କେମିତି ରହିଲେ, କିଛି ଖବର ତାଙ୍କ ପାଖରେ ନ ଥାଏ । ବର୍ଷଟିଏ କେମିତି ବିତିଛି, ସେକଥା ସ୍ମରଣ କଲେ ଆଜି ବି ସରସ୍ୱତୀଙ୍କ ଆଖି ଜକେଇ ଆସେ ।

ଅଗ୍ନିପରୀକ୍ଷାର ମୁହୂର୍ତ୍ତ

ଇମରଜେନ୍‌ସିର କୋକୁଆ ଭୟ କାଶ୍ମୀରଠାରୁ କନ୍ୟାକୁମାରୀ ଯାଏ । କେହି କାହା ଘରକୁ ଯିବେ ନାହିଁ । କେହି କିଛି କଥା ହେବେନି । ଗଛଟିଏ ପତ୍ର ହଲେଇଲେ ବି ଅଜଣା ଆତଙ୍କ । ଚତୁର୍ଦ୍ଦିଗରେ ଯେମିତି ଏକ ଅଦୃଶ୍ୟ ଭୟ ରାଜୁତି କରୁଥାଏ । ଅନିଶ୍ଚିତତା, ଅସ୍ଥିରତା ଭିତରେ ଦିନ କାଟୁଥାନ୍ତି ସରସ୍ୱତୀ ।

ଦିନେ ବିରୋଧୀଦଳର ଯୁବନେତା ଶିଶିର ଦାସ (ସଂପ୍ରତି ଓଡ଼ିଶା ହାଇକୋର୍ଟର ଜଣେ ନାମଜାଦା ଆଡ଼ଭୋକେଟ) ମାଳତୀ ଦେବୀଙ୍କ ଠାରୁ ଖଣ୍ଡେ ଚିଠି ନେଇ ଆସି ପହଞ୍ଚିଲେ । ଭାରତର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ନବକୃଷ୍ଣ ଚୌଧୁରୀଙ୍କ ପତ୍ନୀ ମାଳତୀ ଚୌଧୁରୀ ଲେଖିଥାନ୍ତି - "ଶ୍ରଦ୍ଧେୟା ସରସ୍ୱତୀ, ମୁଁ ଏଠି ଧନକୌଡ଼ାରେ ଲୁଚିକରି ଅଛି । ଅଣ୍ଡରଗ୍ରାଉଣ୍ଡରେ ରହି କାମ କରୁଛି । ମତେ ଭୀଷଣ ଜ୍ୱର । ପେଟରେ ଭୟଙ୍କର ଯନ୍ତ୍ରଣା । ମୁଁ ଭାରି କଷ୍ଟ ପାଉଛି । ଜାଣିନି ପେଟରେ କ'ଣ ହେଇଛି । ମୁଁ ଭାବୁଛି ତୋ ପାଖକୁ ଯିବି କି ?"

Digitized by srujanika@gmail.com

ସରସ୍ୱତୀଦେବୀ ଶିଶିର ଦାସଙ୍କୁ କହିଲେ - 'ଶିଶିର, ତୁମେ ତୁରନ୍ତ ମାଳତୀଦେବୀଙ୍କୁ ମୋ ପାଖକୁ ନେଇକରି ଆସ ।' ଶିଶିର ଦାସ ଧନକୌଡ଼ା ଯାଇ ମାଳତୀ ଚୌଧୁରୀଙ୍କୁ ଆଣି ବୁର୍ଲା ଫେରି ଆସିଲେ । ତାଙ୍କ ସାଙ୍ଗରେ ତାଙ୍କର ଜଣେ ମହିଳାକର୍ମୀ ମଧ୍ୟ ଆସିଥାନ୍ତି । ସେମାନେ ଦୁହେଁ ସରସ୍ୱତୀ ସ୍ୱାଇଁଙ୍କ ବୁର୍ଲା କ୍ୱାର୍ଟରରେ ରହିଲେ । ତାଙ୍କର ଚିକିତ୍ସା ଯେପରି ଯାହା ହେବା କଥା ହେଲା । ସେ ଧୀରେ ଧୀରେ ସୁସ୍ଥ ହୋଇ ଆସିଲେ । ମାଳତୀଦେବୀ ସରସ୍ୱତୀଙ୍କ କ୍ୱାର୍ଟରରେ ରହୁଛନ୍ତି, ଏକଥା ଲୁଚି ରହିଲାନି । ଏ ଖବର ସମ୍ବଲପୁରର କଲେକ୍ଟର ନୀଳମାଧବ ମହାନ୍ତିଙ୍କ ପାଖରେ ପହଞ୍ଚିଲା ।

ଦିନେ ସକାଳୁ ସକାଳୁ କଲେକ୍ଟର ନୀଳମାଧବ ମହାନ୍ତି ଫୋନ କଲେ ସରସ୍ୱତୀ ଦେବୀଙ୍କୁ । ସେ ଅତି ଭଦ୍ରଭାବରେ ପଚାରିଲେ -

- ଆପଣଙ୍କ ଘରେ ମାଳତୀଦେବୀ ଅଛନ୍ତି କି ?

ସରସ୍ୱତୀ ନିର୍ଭୀକ ଭାବରେ ଉତ୍ତର ଦେଲେ - ହଁ ।

- ଆପଣ ତାଙ୍କୁ ଶୀଘ୍ର ବିଦା କରିଦିଅନ୍ତୁ ।

ସରସ୍ୱତୀ ଏଥର ଦୃଢ଼ ସ୍ୱରରେ କହିଲେ - ନା, ସେ ଅସୁସ୍ଥ । ସେ ସମ୍ପୂର୍ଣ୍ଣ ସୁସ୍ଥ ନ ହେବା ଯାଏ, ମୁଁ ତାଙ୍କୁ କଦାପି ଏଠୁ ଛାଡ଼ି ପାରିବିନି । ମୁଁ ଜଣେ ଡାକ୍ତର । ସେ ଯେ କେହି ହେଉନା କାହିଁକି, ରୋଗୀର ଜୀବନ ମୋ ପାଇଁ ସବୁଠୁ ବେଶି ମୂଲ୍ୟବାନ୍ ।

କଲେକ୍ଟର ପୁଣି ତିନି ଚାରିଥର ଏପରି ଫୋନ କରି ମାଳତୀଦେବୀଙ୍କୁ ସେଠୁ ବିଦା କରିଦେବା ପାଇଁ ସରସ୍ୱତୀଙ୍କୁ ବହୁ ଭାବରେ ପ୍ରଭାବ ପକାଇଲେ । ମାତ୍ର ସରସ୍ୱତୀଙ୍କର ସେଇ ଏକ ଉତ୍ତର । କଲେକ୍ଟର ସରକାରଙ୍କୁ କି ରିପୋର୍ଟ ଦେଉଥାନ୍ତି କେଜାଣି । କିନ୍ତୁ କେବେବି ସେ ମାଳତୀଦେବୀଙ୍କୁ କି ସରସ୍ୱତୀଦେବୀଙ୍କୁ ଅସମ୍ମାନ ହେଲା ଭଳି କିଛି କହି ନାହାନ୍ତି କି ପୁଲିସଦ୍ୱାରା ମଧ୍ୟ କିଛି ଅତ୍ୟାଚାର କରାଇ ନାହାନ୍ତି । ତାଙ୍କ କଥାବାର୍ତ୍ତା ଓ ବ୍ୟବହାର ଅତ୍ୟନ୍ତ ସମ୍ମାନଜନକ ଓ ମାର୍ଜିତ । ଏ ସବୁ ସତ୍ତ୍ୱେ ସରକାରଙ୍କ ପାଖରେ ନାନା ପ୍ରକାର ଖବର ପହଞ୍ଚିବାକୁ ଲାଗିଲା । ସରକାରଙ୍କ ତରଫରୁ କଲେକ୍ଟରଙ୍କୁ ପୁଣି କଡ଼ା ନିର୍ଦ୍ଦେଶ ଆସିଲା ।

ବୁର୍ଲାରେ ସରସ୍ୱତୀଙ୍କ କ୍ୱାର୍ଟର 5R/1 (ପ୍ରଫେସର କ୍ୱାର୍ଟର) କେନାଲ କୂଳରେ । ତାଙ୍କ ଟେଲିଫୋନ କାଟି ଦିଆଗଲା । ସେତେବେଳେ ନାଗଭୂଷଣ ପଟ୍ଟନାୟକଙ୍କୁ ଫାଶୀ ଅର୍ଡ଼ର ହୋଇଥାଏ । ନାଗଭୂଷଣ ପଟ୍ଟନାୟକଙ୍କ ପାଖରୁ ଚିଠି ନେଇ ସ୍ୱାଧୀନ ପଟ୍ଟନାୟକ ଆସନ୍ତି ମାଳତୀଦେବୀଙ୍କ ପାଖକୁ । ପୁଣି ତାଙ୍କ ଚିଠି ଓ ଅନ୍ୟାନ୍ୟ ଖବର ନେଇ ସ୍ୱାଧୀନ ପଟ୍ଟନାୟକ ଯାଆନ୍ତି ନାଗଭୂଷଣ ପଟ୍ଟନାୟକଙ୍କ ପାଖକୁ । ଇମରଜେନ୍‌ସି ବେଳେ ସେଇ

Digitized by srujanika@gmail.com

ଏକମାତ୍ର ଲୋକ ଯିଏ ସରସ୍ୱତୀ ସ୍ୱାଇଁଙ୍କ ଘରକୁ ଯିବାଆସିବା କରୁଥିଲେ । ସେ ଲଣ୍ଡନରେ ବହୁବର୍ଷ ରହିବା ପରେ ଓଡ଼ିଶା ଫେରି ଆସିଥିଲେ । ସ୍ୱାଧୀନ ମନୋବୃତ୍ତିର ଲୋକ । ମାଳତୀଦେବୀଙ୍କ ପାଖକୁ ସେ ଯିବାଆସିବା କରୁଛନ୍ତି ଏ ଖବର ସରକାରଙ୍କ ପାଖରେ ପହଞ୍ଚିଲା । ତାଙ୍କ ଘର ଦୁଇ ତିନିଥର ଖାନତଲାସ ହୋଇଥିଲା । ସରକାରଙ୍କ ପାଖରେ ଖବର ପହଞ୍ଚିଲା ଯେ ମାଳତୀଦେବୀ ସରସ୍ୱତୀ ସ୍ୱାଇଁଙ୍କ କ୍ୱାର୍ଟରରେ ରହି ହ୍ୟାଣ୍ଡବିଲ ଛାପା କାରଖାନା ରଖି ନାନାପ୍ରକାର ହ୍ୟାଣ୍ଡବିଲ ଛପାଇ ବିଭିନ୍ନ ସ୍ଥାନକୁ ଗୁପ୍ତରେ ପଠାଉଛନ୍ତି । ତେଣୁ ତାଙ୍କୁ ଶୀଘ୍ର ଗିରଫ କରିବା ଦରକାର । କିନ୍ତୁ କଲେକ୍ଟର ବୋଧହୁଏ ତାଙ୍କ ଦେହ ଭାରି ଖରାପ ବୋଲି କୌଣସି ପ୍ରକାରେ ସରକାରଙ୍କୁ ବୁଝାଇ ଦେଇଥିବାରୁ ତାଙ୍କୁ ଗିରଫ କରାଯାଉ ନ ଥାଏ ।

ସରକାରଙ୍କ ନିର୍ଦ୍ଦେଶରେ ସରସ୍ୱତୀଙ୍କ କ୍ୱାର୍ଟର କ୍ୟାମ୍ପସରେ ପୋଲିସ ଆଉଟପୋଷ୍ଟ ବସାଗଲା । ଆଠଘଣ୍ଟିଆ ଡ୍ୟୁଟି । ଦିନରାତି । ଟେଲିଫୋନ ନ ଥାଏ । ବେଳେ ବେଳେ ହଠାତ୍ ଟେଲିଫୋନ ବାଜି ଉଠେ । ସରସ୍ୱତୀ ଜାଣନ୍ତି ଯେ, ଇଏ ନିଶ୍ଚେ କଲେକ୍ଟରଙ୍କ ଟେଲିଫୋନ । ସତକୁ ସତ କଲେକ୍ଟର ନୀଳମାଧବ ମହାନ୍ତି ଫୋନ କରି କୁହନ୍ତି ମାଳତୀଦେବୀଙ୍କୁ ସେଠୁ ବିଦା କରିଦେବାକୁ । ଫୋନ ନେଇ ନିଜେ ମାଳତୀଦେବୀ କହନ୍ତି - 'ନୀଳମାଧବ, ତୁ ମତେ ଏଠୁ ଗିରଫ କରି ନେଇଯାଉନୁ କାହିଁକି ? ସରସ୍ୱତୀ କି କାଇଁ ହଇରାଣ କରୁଛୁ ?'

ତଥାପି ନୀଳମାଧବ ମହାନ୍ତି କେବେବି ତାଙ୍କୁ ଗିରଫ କରିବାକୁ ଚାହିଁ ନାହାନ୍ତି । ସେ ଭାରି ଶ୍ରଦ୍ଧାଭକ୍ତି କରୁଥିଲେ ଏଇ ମହୀୟସୀ ମହିଳାଙ୍କୁ । ସରସ୍ୱତୀ କିନ୍ତୁ ପୋଲିସ ଭୟରେ ଲୋହିଆ, ମାର୍ଟିନଲୁଥର, ଗାନ୍ଧିଜୀଙ୍କର ବହୁ କ୍ୟାସେଟ ଓ ମାଳତୀଦେବୀଙ୍କ ଢେଙ୍କାନାଳ ଆନ୍ଦୋଳନର ବହୁ ଗୁରୁତ୍ୱପୂର୍ଣ୍ଣ ଡକୁମେଣ୍ଟ ପୋଡ଼ି ନଷ୍ଟ କରି ଦେଇଥିଲେ । ସରସ୍ୱତୀଙ୍କ କ୍ୱାର୍ଟର ବାରବାର ପୋଲିସ ଖାନତଲାସ କରିଛି । ସେତେବେଳେ ବାହାରର କୌଣସି ଲୋକ ତାଙ୍କ ଘରକୁ ଆସିବାକୁ ଭୟ କରୁଥିଲେ । କାଳେ ପୋଲିସ ସନ୍ଦେହ କରିବ । କିନ୍ତୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗଣିତ ପ୍ରଫେସର ସ୍ୱାଧୀନ ପଟ୍ଟନାୟକ ଆସନ୍ତି । ମାଳତୀଦେବୀଙ୍କ ସହିତ ଆଲୋଚନା କରନ୍ତି । ତାଙ୍କଠୁ ଖବର ନେଇ ଯାଆନ୍ତି । ସେ ଦୁହିଁଙ୍କ ଆଲୋଚନା ବେଳେ ସରସ୍ୱତୀ କେବେ ଉପସ୍ଥିତ ରହନ୍ତି ନାହିଁ ।

ଏପରି ନାନା ମାନସିକ ଯନ୍ତ୍ରଣା ଭିତରେ ଦିନ ବିତୁଥାଏ । ଧୀରେ ଧୀରେ ମାଳତୀ ଚୌଧୁରୀ ସୁସ୍ଥ ହୋଇ ଆସିଲେ । କିଛିଦିନ ପରେ ସେ ଅନୁଗୁଳ ଫେରିଯିବାକୁ ଚାହିଁଲେ । ସେଠି ତାଙ୍କର ଗୋଟିଏ ଧରମ ଝିଅ ଥିଲା । ତା ବାହାଘର ହେବାକୁ ଥାଏ । ସରସ୍ୱତୀଦେବୀ ତାଙ୍କୁ ଯେତେ ବାରଣ କଲେ ବି ସେ ଯିବାକୁ ଜିଦ୍ ଧରିଲେ । ଯେମିତି ହେଉ ସେ ଝିଅ

Digitized by srujanika@gmail.com

ବାହାଘରରେ ସେ ଯୋଗ ଦେବେ । ଯେତେ ଯାହା ବିପଦ ଆସିଲେ ଆସୁ ପଛେ । ପାଠ ପଢ଼ିଲାବେଳୁ ମାଳତୀଦେବୀଙ୍କ ପରିବାର ସହିତ ସରସ୍ୱତୀଙ୍କର ସମ୍ପର୍କ ।

ସେ ଭଲକରି ଜାଣନ୍ତି ନୁମା (ମାଳତୀଦେବୀଙ୍କ ଡାକ ନାମ) ଯାହା କହିବେ, ତାହା ଅକ୍ଷରେ ଅକ୍ଷରେ ପାଳନ କରିବେ । ସରସ୍ୱତୀ ଯେତେ ମନା କଲେ ବି ସେ ଅନୁଗୁଳ ଗଲେ । ବାଟରେ ହିଁ ପୋଲିସ ତାଙ୍କୁ ଗିରଫ କରିନେଲା । ସରସ୍ୱତୀ ଏ ଖବର ପାଇ ମର୍ମାହତ ହେଲେ । କିନ୍ତୁ ତାଙ୍କୁ ନେଇ କୋଉ ଜେଲରେ ରଖାଗଲା, ସେ ଖବର ଆଉ କିଛି ଜାଣିପାରିଲେ ନାହିଁ । ସମ୍ବାଦପତ୍ରରେ କଟକଣା । କିଛି ଜାଣିବାର ଉପାୟ ନାହିଁ । ପୂର୍ବରୁ ଲୋହିଆ ଏକାଡେମୀ ଉପରେ ପୋଲିସ ଚଢ଼ଉ କରି ସେଠାରେ ଅନ୍ତେବାସୀ ଭାବରେ ରହୁଥିବା ମୀନକେତନଙ୍କୁ ଗିରଫ କରି ନେଇଥିଲେ । ରବି ରାୟଙ୍କର ସହଯୋଗୀ ଓ ସକ୍ରିୟ ଅନୁଗାମୀ ଯୁଧିଷ୍ଠିର ଦାସ, ଅଜୟ ଜେନା, ଚିତ୍ତରଞ୍ଜନ ମହାନ୍ତି, ଶିଶିର ଦାସ, ଗଣନାଥ ପ୍ରଧାନ, ନବୀନ ପ୍ରଧାନ, ପ୍ରଶାନ୍ତ ମିଶ୍ର, ପ୍ରଫୁଲ୍ଲ ସାମନ୍ତରାୟ, ସୁଶାନ୍ତ ମହାନ୍ତି ପ୍ରମୁଖଙ୍କୁ ପୋଲିସ ମିଶାରେ ଗିରଫ କରି ଦୀର୍ଘ ଅଠରମାସ ବନ୍ଦୀ କରି ରଖିଥିଲା । ରବି ରାୟଙ୍କ ଦିଲ୍ଲୀ ସରକାରୀ ବାସଭବନ ମଧ୍ୟ ପୋଲିସର କୋପଦୃଷ୍ଟିରେ ଥିଲା । ତାଙ୍କ ବାସଭବନ ପ୍ରତି ସରକାରଙ୍କର କଡ଼ା ନଜର ରହିଥିଲା ।

ରବି ରାୟଙ୍କ ବଡ଼ଭାଇ ମର୍ଦ୍ଦରାଜ କ୍ୟାନସର ପୀଡ଼ିତ ହୋଇ ବୁର୍ଲାରେ ରହି ଚିକିତ୍ସିତ ହେଉଥାନ୍ତି । ଦୁଇଭାଇଙ୍କର ସମ୍ପର୍କ ରାମଲକ୍ଷ୍ମଣ ପରି । ମର୍ଦ୍ଦରାଜଙ୍କ ପତ୍ନୀ, ତାଙ୍କ ପୁଅ ଚଗଲା, ବଗୁଲା, ମିନି ପ୍ରଭୃତି ପ୍ରାୟ ପରିବାରର ସମସ୍ତେ ସେଠିକି ବରାବର ଯିବାଆସିବା କରୁଥାନ୍ତି । ଦିନକୁ ଦିନ ମର୍ଦ୍ଦରାଜଙ୍କ ଅବସ୍ଥା ଖରାପ ଆଡ଼କୁ ଗତି କରୁଥାଏ । ସେ ସାନଭାଇ ରବି ରାୟଙ୍କୁ ଟିକେ ଦେଖିବାପାଇଁ ଭାରି ଛଟପଟ ହେଉଥାନ୍ତି । ପ୍ରାୟ ବର୍ଷେ ହେବ ରବି ରାୟଙ୍କର କୌଣସି ଖବର ନ ଥାଏ । ସେ କେଉଁଠି, କେଉଁ ଜେଲରେ, କେମିତି ଅଛନ୍ତି କିଛି ଜଣା ନ ଥାଏ । ମର୍ଦ୍ଦରାଜ ଭାବିଲେ, ହୁଏତ ତାଙ୍କ ମୃତ୍ୟୁ ଖବର ସୁଦ୍ଧା ରବି ରାୟ ଜାଣିପାରିବେ ନାହିଁ । ତାଙ୍କ ମନରେ ଭୀଷଣ ଦୁଃଖ ହେଲା । ସେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପାଖକୁ ଗୋଟେ ଚିଠି ଲେଖିଲେ - ରବି ରାୟ ମୋର ଏକମାତ୍ର ଭାଇ । ମୋତେ କ୍ୟାନସର ହୋଇଛି । ମୁଁ ଜାଣେନି ସେ ବଞ୍ଚିଛି କି କେଉଁ ଜେଲରେ ଅଛି । ଅନ୍ତତଃ ମୁଁ ମରିବା ପୂର୍ବରୁ ଟିକେ ଜାଣିବାକୁ ଚାହୁଁଛି, ସେ କେଉଁଠି ଅଛି । ମତେ ଦୟାକରି ଏତିକି ଜାଣିବାର ବ୍ୟବସ୍ଥା କଲେ ଅନୁଗୃହୀତ ହେବି ।

ଏ ଚିଠି ଲେଖିବାର କିଛି ଦିନ ପରେ ରବି ରାୟଙ୍କ ଚିଠି ବୁର୍ଲାରେ ଆସି ପହଞ୍ଚିଲା । ତା ପରେ ଏ ଚିଠି ପାଇ ସମସ୍ତେ ଜାଣିଲେ ଯେ ରବି ରାୟ ଅମ୍ବାଲା ଜେଲରେ ଅଛନ୍ତି । ତାଙ୍କ ସହିତ ସେ ଜେଲରେ ତତ୍କାଳୀନ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରସଂସଦର ସଭାପତି ଅରୁଣ ଜେଟଲି (ବାଜପେୟୀଙ୍କ ସରକାରରେ କେନ୍ଦ୍ର ଆଇନମନ୍ତ୍ରୀ) ମଧ୍ୟ ରହୁଥାନ୍ତି ।

Digitized by srujanika@gmail.com

ରବି ରାୟ ଅମ୍ବାଲା ଜେଲରେ ଥିବାବେଳେ ବହିକୁ ହିଁ ନିଜର ସାଥୀ କରି ନେଇଥାନ୍ତି । Robet Sutelyଙ୍କର ଗୋଟିଏ ପଂକ୍ତି ତାଙ୍କର ମନରେ ସବୁବେଳେ ଥାଏ । 'My never felling friends are they, with whom I converse day by day.' ବାସ୍ତବରେ ଏହି ନିର୍ଜନ କାରାବାସ କାଳରେ ନିଜର ଆତ୍ମୀୟସ୍ୱଜନଙ୍କଠାରୁ ଦୂରରେ ନିର୍ବାସିତ ଜୀବନଯାପନ କରୁଥିବା ରବି ରାୟଙ୍କର ପ୍ରଧାନବନ୍ଧୁ ଓ ଅନ୍ତରଙ୍ଗ ସାଥୀ ହେଇଗଲେ ଏଇ ବହିମାନେ । ରବି ରାୟ ଭାରତୀୟ କ୍ଲାସିକ ସାହିତ୍ୟ ଅଧ୍ୟୟନରେ ଭୋକଶୋଷ ଭୁଲିଗଲେ । ଜେଲ ରହଣିର ସେ ତିକ୍ତ ଓ ଯନ୍ତ୍ରଣାଦାୟକ ମୁହୂର୍ତ୍ତଗୁଡ଼ିକ ଅନିର୍ବଚନୀୟ ବିଭୋରତାରେ ରୂପାନ୍ତରିତ ହୋଇଯାଉଥିଲା । ବିଷାଦ ଆନନ୍ଦରେ ପରିଣତ ହୋଇଯାଉଥିଲା । କେମିତି ସମୟଗୁଡ଼ିକ ଦଣ୍ଡ, ଲିତା, ବିଲିତା, ମାସ, ବର୍ଷ ହୋଇ ବିତିଗଲା ତା ସେ ଭୁଲିଗଲେ । ତାଙ୍କ ଥଣ୍ଡାମିଜାଜ, ସମଭାବାପନ୍ନ ଦୃଷ୍ଟି, ଉଦାରତା ଓ ସର୍ବୋପରି ମଧୁର ବ୍ୟବହାର ଯୋଗୁଁ ସେ ଖୁବ୍ ଶୀଘ୍ର ସେଠି ସମସ୍ତଙ୍କର ପ୍ରିୟ ହୋଇଗଲେ । ଜେଲ ସୁପରିଣ୍ଟେଣ୍ଡେଣ୍ଟ ତାଙ୍କୁ ଖୁବ୍ ଭଲ ପାଉଥିଲେ । ସେ ଜେଲରେ ଅଛନ୍ତି ବୋଲି, ଆଦୌ ଦୁଃଖିତ କି ବିବ୍ରତ ହେଉ ନ ଥିଲେ । କାରଣ ସେ ଜାଣିଥିଲେ ରାଜନୀତିକ ଜୀବନଚର୍ଯ୍ୟାର ଏବି ଗୋଟେ ଅଙ୍ଗ । ଦେଶ ପାଇଁ କାମ କରିବା, ଲୋକଙ୍କ ବୃହତ୍ତର ସ୍ୱାର୍ଥ କଥା ଚିନ୍ତା କରିବା ଏତେ ସହଜ କଥା ନୁହେଁ । ଏ ରାସ୍ତାରେ ବହୁ ଉଠାଣି ଗଡ଼ାଣି । ବହୁ କଣ୍ଟକିତ ଏ ପଥ । ଏପରି ଏକ ଜୀବନକୁ ସେ ଆଦରି ନେଇଛନ୍ତି । ଏଥିରେ ବିବ୍ରତ ହୋଇ ଲାଭ କ'ଣ ! ସେ ମୂଳ ରାମାୟଣ, ମହାଭାରତ, ଗୀତା, ଗାନ୍ଧୀ ରଚନାବଳି ପ୍ରଭୃତି ଭାରତୀୟ ସାହିତ୍ୟ ସବୁ ମଗାଇ ପଢ଼ିଲେ । ତାଙ୍କର ପରମବନ୍ଧୁ କୃଷ୍ଣକାନ୍ତ (ଭାରତର ଉପରାଷ୍ଟ୍ରପତି) ବହି ସବୁ ତାଙ୍କୁ ଯୋଗାଇ ଦେଉଥିଲେ ।

ପରବର୍ତ୍ତୀ କାଳରେ (୧୯୭୭ ମସିହାରେ) ହରିଆନାର ଅର୍ଥମନ୍ତ୍ରୀ ହୋଇଥିବା ଜଣେ ନେତା ମଧ୍ୟ ରବି ରାୟଙ୍କ ସାଙ୍ଗରେ ଅମ୍ବାଲା ଜେଲରେ ରହୁଥାନ୍ତି । ସମସ୍ତେ ତାଙ୍କୁ ମେସ ମ୍ୟାନେଜର ବୋଲି ମଜାରେ ଡାକନ୍ତି । କାରଣ ସେ ଜେଲରେ ଥିବା ସବୁ ରାଜନୀତିକ ବନ୍ଦୀମାନଙ୍କର ଖାଇବାପିଇବା ଭଲମନ୍ଦ ବୁଝୁଥିଲେ । ରବି ରାୟ ସବୁଦିନେ ଭୋର ପାଞ୍ଚଟା ବେଳେ ଉଠନ୍ତି । ସେଦିନ ଉଠି ବସିଛନ୍ତି, ହଠାତ୍ ଜଣେ ଖୁବ୍ ଗୋରା, ଡେଙ୍ଗା ବୁଢ଼ାଲୋକ ତାଙ୍କ ପାଖରେ ଆସି ପହଞ୍ଚିଲେ । ସେ ଥିଲେ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ, ସିଂହଳର ପୂର୍ବତନ ହାଇକମିଶନର ଜଷ୍ଟିସ ରାଜେନ୍ଦ୍ର ସାଚାରଙ୍କ ପିତା ଭୀମସେନ ସାଚାର । ସେ ୧୯୪୮ ମସିହାରେ ଓଡ଼ିଶାର ଗଭର୍ଣ୍ଣର ଥିଲେ । କୁଳଦୀପ ନାୟାରଙ୍କର ସେ ଶ୍ୱଶୁର । ରବି ରାୟ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କ ପାଟିରୁ ବାହାରି ଆସିଲା - 'ଆପ ଇହାଁ ?' ସେ ହସି ହସି କହିଲେ - 'ଶୁନୋ ରବି ରାୟ ! ମେ ଭି ପଞ୍ଚାଅଶୀ ସାଲକା ନବ୍‌ଜବାନ ହୁଁ ।'

Digitized by srujanika@gmail.com

ଭୀମସେନ ସାଚାରଙ୍କୁ ଦେଖି ରବି ରାୟ ବିସ୍ମୟ ବିମୂଢ଼ ପାଲଟି ଯାଇଥିଲେ । ଏପରି ଜଣେ ବୟୋବୃଦ୍ଧଙ୍କୁ କାହିଁକି, ପୁଣି କେଉଁ ଅପରାଧରେ ଗିରଫ କରାଯାଇଛି ! ସେ ତାଙ୍କୁ ସବୁକଥା ପଚାରିଲେ । ସେ ଜାଣିବାକୁ ପାଇଲେ, ଭୀମସେନ ସାଚାର ଏଇ ଇମରଜେନ୍‌ସି ସମ୍ପର୍କରେ ଇନ୍ଦିରା ଗାନ୍ଧୀଙ୍କୁ ଚିଠି ଦେଇ ଲେଖିଥିଲେ ଯେ, ଯଦି ଅଗଷ୍ଟ ୮ ତାରିଖ ସୁଦ୍ଧା ସରକାର ଜରୁରିକାଳୀନ ପରିସ୍ଥିତି ନ ଉଠାନ୍ତି, ତେବେ ସେ ଅଗଷ୍ଟ ୯ ତାରିଖରୁ ସତ୍ୟାଗ୍ରହରେ ବସିବେ । ଇନ୍ଦିରା ଗାନ୍ଧୀ ତାଙ୍କ ଚିଠିର କୌଣସି ଉତ୍ତର ଦେଲେ ନାହିଁ । ବୁଢ଼ା ନିଜର କଥା ରକ୍ଷା କରି ଅଗଷ୍ଟ ୯ ତାରିଖ ଦିନ ସତ୍ୟାଗ୍ରହରେ ବସିଲେ । ଇନ୍ଦିରା ଗାନ୍ଧୀ ତାଙ୍କୁ ଗିରଫ କରାଇ ଜେଲକୁ ପଠାଇ ଦେଲେ । ପଞ୍ଚାଅଶୀ ବର୍ଷର ବୁଢ଼ା । କିନ୍ତୁ ଆସିଲାବେଳେ ଟ୍ରଙ୍କ ଭର୍ତ୍ତି କରି ବହି ଆଣିଥିଲେ । ଜେଲରେ ରହିବା ସମୟରେ ସେ ରବି ରାୟଙ୍କୁ ଖୁବ୍ ଭଲ ପାଇଲେ । ତାଙ୍କର ଏ ଭଲପାଇବାର ଦୁଇଟି ଅନ୍ତର୍ନିହିତ କାରଣ ଥିଲା । ଏକେ ତ ରବି ରାୟଙ୍କ ସ୍ନେହପ୍ରବଣ, ଦରଦୀ ବ୍ୟକ୍ତିତ୍ୱ ତାଙ୍କୁ ଖୁବ୍ ଅନ୍ତରଙ୍ଗ ଲାଗିଥିଲା । ଦ୍ୱିତୀୟରେ ତାଙ୍କ ପୁଅ ରାଜେନ୍ଦ୍ର ସାଚାର ଓ କ୍ୱାଇଁ କୁଳଦୀପ ନାୟାରଙ୍କର ରବି ରାୟ ଥିଲେ ଘନିଷ୍ଠ ବନ୍ଧୁ । ତେଣୁ ରବି ରାୟଙ୍କୁ ସେ ପୁଅପରି ଶ୍ରଦ୍ଧା କରୁଥିଲେ । ଭୀମସେନ ସାଚାରଙ୍କ ସହିତ ଏ ଜେଲରହଣି ରବି ରାୟଙ୍କ ପାଇଁ ବେଶ ସ୍ମରଣୀୟ ଥିଲା ।

ଭୀମସେନ ସାଚାରଙ୍କ ଗିରଫ ଘଟଣାକୁ କେନ୍ଦ୍ରକରି ଆନ୍ତର୍ଜାତୀୟ ସ୍ତରରେ ହଇଚଇ ସୃଷ୍ଟି ହେଲା । ଇନ୍ଦିରା ଗାନ୍ଧୀଙ୍କର ଏହି ଦମନନୀତି ବିରୋଧରେ ବି. ବି. ସି. ଓ ଅନ୍ୟାନ୍ୟ ବିଦେଶୀ ଗଣମାଧ୍ୟମରେ ଖବର ପ୍ରଚାରିତ ହେଲା । ସରକାର ଚତୁରତାର ସହିତ ଏ ସମସ୍ୟାକୁ ସାମ୍ନା କଲେ । ମାତ୍ର ପାଞ୍ଚଦିନ ପରେ ଭୀମସେନ ସାଚାରଙ୍କୁ ଜେଲରୁ ଖଲାସ କରିଦେଲେ । ଏଇ ପାଞ୍ଚଦିନ ଭିତରେ ଭୀମସେନ ସାଚାର ଓ ରବି ରାୟଙ୍କ ସମ୍ପର୍କ ବେଶ ନିବିଡ଼ ହୋଇ ଉଠିଥିଲା । ସେ ମହାନୁଭବତା ଦେଖାଇ କହିଲେ - 'ମୁଁ ଜେଲରୁ ଖଲାସ ହୋଇଗଲେ, ମୋର ପ୍ରଧାନ କାମ ହେଉଛି ତୁମ ପତ୍ନୀ ଡକ୍ଟର ସରସ୍ୱତୀ ଦେବୀଙ୍କୁ ଅମ୍ବାଲା ଡକାଇବି । ସେ ତୁମକୁ ଆସି ଦେଖା କରିବେ ।' ବାସ୍ତବରେ ସେ ଦିଲ୍ଲୀ ଫେରିଯାଇ ଡକ୍ଟର ସ୍ୱାଇଁଙ୍କୁ ଡକେଇ ପଠେଇଲେ ।

ସରସ୍ୱତୀ ଦେବୀ ଅମ୍ବାଲା ଯାଇ ରବି ରାୟଙ୍କୁ ଜେଲରେ ଦେଖା କରିବା ପାଇଁ ଛୁଟି ଦରଖାସ୍ତ କରିଥାନ୍ତି । ନାନା କାରଣରୁ ସହଜରେ ଛୁଟି ମିଳୁ ନ ଥାଏ । ଠିକ୍ ଏତିକିବେଳେ ଭୀମସେନ ସାଚାରଙ୍କ ଚିଠି ଆସି ତାଙ୍କ ପାଖରେ ପହଞ୍ଚିଲା । ସେ ଅମ୍ବାଲା ଯିବାକୁ ବ୍ୟାକୁଳ ହୋଇ ଉଠିଲେ । ବହୁ ଚେଷ୍ଟା କରି ଛୁଟି ନେଇ ଦିଲ୍ଲୀରେ ଆସି ପହଞ୍ଚିଲେ । ଭୀମସେନ ସାଚାରଙ୍କୁ ତାଙ୍କ ଦିଲ୍ଲୀ ବାସଭବନରେ ଦେଖାକଲେ । ଭୀମସେନ ସାଚାର ନିଜେ ଡକ୍ଟର ସ୍ୱାଇଁଙ୍କ ପାଇଁ ଟିକେଟ କରି ଓ ଜଣେ ଲୋକକୁ ତାଙ୍କ ସାଙ୍ଗରେ ଦେଇ ଅମ୍ବାଲା ପଠେଇଲେ ।

Digitized by srujanika@gmail.com

ସରସ୍ୱତୀଦେବୀ ଭୀମସେନ୍ ସାଚାରଙ୍କ ଅମ୍ବାଲା ଘରେ ପହଞ୍ଚିଲେ । ଏ ଘର ଦେଖିବାପରି ଘର । ବିରାଟ ବଡ଼ ପରିବାର । କହିବାକୁ ଗଲେ ଗୋଟେ ଗାଁ ହେବ । ଘର ଯେତିକି ବଡ଼, ଲୋକସଂଖ୍ୟା ବି ସେତିକି । ଯୌଥ ପରିବାର । ବିରାଟ ଜାଗା । ମାଛ ପୋଖରୀ, ବାରିବଗିଚା । ସବୁ ଆଭିଜାତ୍ୟପୂର୍ଣ୍ଣ । ଅତ୍ୟାଧୁନିକ ସାଜସଜ୍ଜା ସାଙ୍ଗକୁ ବୁନିଆଦୀ, ସଂଭ୍ରାନ୍ତିର ପାରମ୍ପରିକ ଆବହାଓ୍ୱା । ରକ୍ଷଣଶୀଳତା ସହିତ ଆଧୁନିକତାର ମଧୁର ମିଳନ । କିଏ ଦିନ ଦଶଟାରେ ଜଳଖିଆ ଖାଉଛି ତ କିଏ ଦିନ ଦି'ଟାରେ ଜଳଖିଆ ଖାଉଛି । ରାତି ଅଧଯାଏ ଖାଇବା ପିଇବା ଚାଲିଥାଏ । ଗଲା ଅଇଲା ଅତିଥି ଅଭ୍ୟାଗତର କଳନା ନାହିଁ । ସେ ପରିବାରର ସ୍ତ୍ରୀଲୋକମାନେ ଆତିଥ୍ୟପରାୟଣତାରେ ଜଣକୁ ଜଣେ ବଳି । ଚାକରବାକର, ଲୋକବାକରେ ଉଣା ନାହିଁ । ଯେପରି କୌଣସି ଏକ ଅଦୃଶ୍ୟ ମମତାର ବନ୍ଧନ ଏ ପରିବାରକୁ ବାନ୍ଧି ରଖିଛି ଅତି ଯତ୍ନରେ । ସରସ୍ୱତୀ ଏସବୁ ଦେଖି ମୁଗ୍ଧ ହୋଇଗଲେ । ତାଙ୍କୁ ଭାରି ଭଲ ଲାଗିଲା । ଅଳ୍ପ ସମୟ ଭିତରେ ସେ ପରିବାରର ସ୍ତ୍ରୀଲୋକମାନଙ୍କ ସହିତ ଆପଣାର ହୋଇଗଲେ ।

ଡକ୍ଟର ସ୍ୱାଇଁଙ୍କୁ ସାଙ୍ଗରେ ନେଇ ଜଣେ ଲୋକ ଅମ୍ବାଲା ଜେଲକୁ ଗଲା । ସୁପରିଣ୍ଟେଣ୍ଡେଣ୍ଟଙ୍କ ଅନୁମତି ନେଇ ସେ ରବି ରାୟଙ୍କୁ ଜେଲରେ ସାକ୍ଷାତ୍ କଲେ । କିଛି ସମୟ ପର୍ଯ୍ୟନ୍ତ ସେ କିଛି କଥା କହିପାରିଲେ ନାହିଁ । ଆଖିରୁ ଧାର ଧାର ଲୁହ ନିଗିଡ଼ି ଯାଉଥିଲା । ସେ କେବଳ ସ୍ତବ୍ଧ ହୋଇ ରବି ରାୟଙ୍କୁ ଦେଖୁଥିଲେ । ରବି ରାୟ ପ୍ରବୋଧନା ଦେଇ କଥା ଆରମ୍ଭ କଲେ । ମାତ୍ର ପାଞ୍ଚମିନିଟ ପରେ ଜେଇ କର୍ତ୍ତୃପକ୍ଷ ଆସି ସୂଚନା ଦେଲେ ଯେ ଦେଖା କରିବା ସମୟ ସମାପ୍ତ ହୋଇଯାଇଛି । ବୁର୍ଲାରୁ-ଅମ୍ବାଲା ! ମାତ୍ର ପାଞ୍ଚମିନିଟ ! ସରସ୍ୱତୀ କୋହରେ ଭାଙ୍ଗି ପଡୁଥିଲେ । ହେଲେ କାହା ପାଖରେ ସେ ଅଭିଯୋଗ କରିବେ ? କିଏ ଶୁଣିବ ତାଙ୍କ ପ୍ରାଣର ଏ ହାହାକାରକୁ ? ସେ ନୀରବରେ ଫେରିଆସିଲେ । ଛାତିରେ ଛାତିଏ କୋହ, ପ୍ରାଣରେ ଅଜସ୍ର ବେଦନା - ବୁର୍ଲାର ଦୀର୍ଘପଥ; ତାଙ୍କୁ ଫେରିବାକୁ ହେବ !

ଠିକ୍ ଏତିକିବେଳକୁ ରବି ରାୟଙ୍କ ବଡ଼ଭାଇ ମର୍ଦ୍ଦରାଜଙ୍କ ଅବସ୍ଥା ବେଶି ଖରାପ ହେଲା । ତାଙ୍କର ବଞ୍ଚିବାର ଆଶା କ୍ଷୀଣ ହୋଇ ଆସିଲା । ସେ ବ୍ୟାକୁଳ ଭାବରେ ରବି ରାୟଙ୍କୁ ଦେଖିବାକୁ ଚାହୁଁଥିଲେ । ତାଙ୍କରି ଅନୁରୋଧରେ ସରସ୍ୱତୀ ପୁଣି ଥରେ ଅମ୍ବାଲା ଗଲେ ରବି ରାୟଙ୍କୁ ଦେଖାକରି ପରିସ୍ଥିତି ସମ୍ପର୍କରେ ବୁଝାଇ କହିବେ । କିନ୍ତୁ ଏଥର ଅମ୍ବାଲାରେ ପହଞ୍ଚି ସେ ଘୋର ବିଷାଦରେ ବୁଡ଼ିଗଲେ । ଜେଲ କର୍ତ୍ତୃପକ୍ଷ ତାଙ୍କୁ ରବି ରାୟଙ୍କୁ ଦେଖା କରିବାକୁ ଅନୁମତି ଦେଲେ ନାହିଁ । ବରଂ କହିଲେ - ଆପଣ ତାଙ୍କର ବିବାହିତା ପତ୍ନୀ ବୋଲି ପ୍ରମାଣ କ'ଣ ? ଆପଣ ମ୍ୟାରେଜ ସାର୍ଟିଫିକେଟ ଆଣି ଆସନ୍ତୁ । ଆମେ ଅନୁମତି ଦେବୁ ।

Digitized by srujanika@gmail.com

ସରସ୍ୱତୀଙ୍କ ପାଖରେ ମ୍ୟାରେଜ ସାର୍ଟିଫିକେଟ କୋଉଠୁ ଆସିବ ? ସେ ନୈରାଶ୍ୟରେ ଫେରିଲେ । ଉତ୍ତର ଦେବାକୁ ତାଙ୍କ ପାଖରେ ଶବ୍ଦ ନ ଥିଲା । କି ପ୍ରମାଣ ଦେଇ ସେ ନିଜର ପତ୍ନୀତ୍ୱ ଜାହିର କରିବେ ? ସମୟର ଏ ଘୋର ବିଡ଼ମ୍ବନା ସହିତ ଲଢ଼େଇ କରିବାକୁ ସୁଦୂର ଅମ୍ବାଲାରେ ତାଙ୍କ ପାଖରେ ଶକ୍ତି କି ସାମର୍ଥ୍ୟ ନ ଥିଲା । ସେ କଟକ ଫେରିଆସି ରବି ରାୟଙ୍କୁ ଚିଠି ଦେଲେ । ରବି ରାୟ ମଝିରେ ମଝିରେ ଚିଠି ଲେଖନ୍ତି । ସବୁ ଚିଠି ଜେଲ କର୍ତ୍ତୃପକ୍ଷଙ୍କ ଜରିଆରେ ସେନସର ହୋଇ ଆସେ । ବ୍ୟକ୍ତିଗତ କଥା କିମ୍ବା ରାଜନୀତିକ ସମସ୍ୟା କୌଣସି ବିଷୟରେ ଖୋଲାଖୋଲି ଲେଖିବାର ସୁଯୋଗ ନ ଥିଲା । କେବଳ ମାମୁଲି କଥା କେଇପଦ ଛଡ଼ା ଆଉ କିଛି ଧାଡ଼ିଏ ଲେଖିବା ଅବକାଶ ନ ଥିଲା ।

ଆମ୍ନେଷ୍ଟି ଇଣ୍ଟରନେସନାଲ

ଏମାନେ ଦେଶବିଦେଶରେ ଏସବୁ ରାଜନୀତିକ ମାନସିକ ଅତ୍ୟାଚାରଜନିତ ସମସ୍ୟାଗୁଡ଼ିକୁ ହାତକୁ ନିଅନ୍ତି ଓ ସାରାବିଶ୍ୱର ଦୃଷ୍ଟି ଆକର୍ଷଣ କରି ତାର ନିରାକରଣ ଉପାୟ ଆବିଷ୍କାର କରନ୍ତି । ଏହି ସଂସ୍ଥା ସୁଇଜରଲ୍ୟାଣ୍ଡ, ଇଂଲଣ୍ଡ, ଆମେରିକା ପ୍ରଭୃତି ବହୁ ରାଷ୍ଟ୍ରରେ କାର୍ଯ୍ୟ କରିଥାଏ । ଏସବୁ ଦେଶଗୁଡ଼ିକରୁ ସରସ୍ୱତୀଙ୍କ ପାଖକୁ ବହୁ ସମ୍ବେଦନାପୂର୍ଣ୍ଣ ଚିଠି ଆସେ । ତାହା ତାଙ୍କୁ ବହୁ ଶାନ୍ତି ଦିଏ । ସେ ମାନସିକ ବଳ ପାଆନ୍ତି । ଏ ଚିଠିଗୁଡ଼ିକ ତାଙ୍କ ଆତ୍ମବିଶ୍ୱାସକୁ ଦୃଢ଼ କରେ । ଥରେ ଜଣେ ତିନିବର୍ଷର ଝିଅଟିଏ ସୁଇଜରଲ୍ୟାଣ୍ଡରୁ ଗୋଟେ ଖୋଲା ପଞ୍ଜୁରିର ଚିତ୍ର ଦେଇ ଚିଠିଟିଏ ଦେଇଥିଲା । ସେ ଲେଖିଥିଲା - 'Robi Ray will be free' - ଏ ଚିଠିସବୁ ସତେଅବା ମୃତ୍ୟୁ ସଞ୍ଜୀବନୀ ପରି କାମ କରେ ।

ମର୍ଦ୍ଦରାଜଙ୍କ ଜୀବନଦୀପ ଲିଭି ଲଭି ଆସୁଥିଲା । ସେ ରବି ରାୟଙ୍କୁ ଚିଠି ଲେଖିଲେ - 'ମୃତ୍ୟୁ ପୂର୍ବରୁ ତତେ ଥରେ ଦେଖିବାକୁ ଚାହୁଁଛି । ମୁଁ ଆଉ ବେଶିଦିନ ବଞ୍ଚିବି ନାହିଁ । ଈଶ୍ୱର ଜାଣନ୍ତି ତୋ ସହିତ ମୋର ଆଉ ଦେଖା ହେବ କି ନାହିଁ ।'

ଏ ଚିଠି ପାଇ ରବି ରାୟଙ୍କ ପ୍ରାଣ ଆତୁର ହୋଇ ଉଠିଲା । ବାପ ସମାନ ଭାଇ । ଅନେକ ଦନୁ ପିତୃହରା ହୋଇଥିଲେ ରବି ରାୟ । ଭାଇଙ୍କ ଜୀବନର ଶେଷ ମୁହୂର୍ତ୍ତରେ ତାଙ୍କ ପାଖରେ ପହଞ୍ଚି ନ ପାରିଲେ ସାରାଜୀବନ ତାଙ୍କ ନିଜର ଅବସୋସ ରହିଯିବ । ସେ ପ୍ୟାରୋଲରେ ଆସିବା ପାଇଁ ଦରଖାସ୍ତ କଲେ । ସେତେବେଳେ ଇନ୍ଦିରା ଗାନ୍ଧୀଙ୍କର ଛାଇ କି ଦେଖି ବି ଲୋକେ ଡରୁଥିଲେ । ରବି ରାୟଙ୍କୁ ପ୍ୟାରୋଲରେ କିଏ ଆଣିବ ତାହାହିଁ ବଡ଼ ସମସ୍ୟା ହୋଇ ପଡ଼ିଲା । ବାଲେଶ୍ୱର ନିବାସୀ ଭଗବାନ୍ ରାଜ ଦିଲ୍ଲୀରେ ଘର କରି ରହୁଥାନ୍ତି । ସେ ଗ୍ଲାକ୍ସୋ କମ୍ପାନୀର ମ୍ୟାନେଜର ଥାନ୍ତି । ତାଙ୍କ ଭାଇ ବୃନ୍ଦାବନରାଜ ଜଣେ ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀ । ସେ ପରିବାର

Digitized by srujanika@gmail.com

ଗୋଟିଏ ଆଦର୍ଶ ପରିବାର । ନିଜ ଜମିଜମା, ଘରର କାଗଜପତ୍ର, ବ୍ୟାଙ୍କ ଡକୁମେଣ୍ଟ ସବୁ ନେଇ ଭଗବାନ୍ ରାଜ ପହଞ୍ଚିଲେ ଓ ରବି ରାୟଙ୍କୁ ପ୍ୟାରୋଲରେ ଆଣିଲେ । ରବି ରାୟ ସେ ପରିବାରର ଜଣେ ଅନ୍ତରଙ୍ଗ ଆତ୍ମୀୟ । ଭଗବାନ୍ ରାଜ ଦିଲ୍ଲୀ ହସକସରେ ଥିବା ଜଗନ୍ନାଥ ମନ୍ଦିରର ସେକ୍ରେଟାରୀ ଥାନ୍ତି । ସାରା ଦିଲ୍ଲୀରେ ଇନ୍ଦିରା ଗାନ୍ଧୀଙ୍କ ପ୍ରତି ନାହିଁ ନ ଥିବା ଭୟ ସତ୍ତ୍ୱେ ସେ ସାହସ କରି ରବି ରାୟଙ୍କ ପାଇଁ ଜାମିନ ହେଲେ । ରବି ରାୟ ଜେଲରୁ ପ୍ୟାରୋଲରେ କିଛି ଦିନ ପାଇଁ ଖଲାସ ହୋଇଆସିଲେ ।

ରବି ରାୟ ଆସିବାର ଦିନକେଇଟା ଭିତରେ ବଡ଼ଭାଇ ମର୍ଦ୍ଦରାଜଙ୍କର ଦେହାନ୍ତ ହେଲା । ସେତେବେଳେ ଡକ୍ଟର ସ୍ୱାଇଁ ପରୀକ୍ଷକ ହୋଇ ଜାମସେଦପୁର ଯାଇଥାନ୍ତି । ରବି ରାୟ ସରସ୍ୱତୀଙ୍କୁ ଆଣିବା ପାଇଁ ସାଙ୍ଗେ ସାଙ୍ଗେ ଜାମସେଦପୁର ଗଲେ । ସମାଜସେବୀ ଓ ନେତା ଡାକ୍ତର ଦୀନେଶ ଷଡ଼ଙ୍ଗୀଙ୍କୁ (ସଂପ୍ରତି ଝାଡ଼ଖଣ୍ଡରେ ମାନ୍ୟବର ମନ୍ତ୍ରୀ) ରବି ରାୟ ଖବର ଦେଇଥାନ୍ତି । ଉଭୟ ଯାଇ ଜାମସେଦପୁରରେ ପହଞ୍ଚିଲେ । ତାଙ୍କୁ ଦେଖି ଦେଖି ସରସ୍ୱତୀ ବୁଝିଗଲେ ଯେ ନିଶ୍ଚୟ ଦେଢ଼ଶୁରଙ୍କର କିଛି ହୋଇଯାଇଛି । ସରସ୍ୱତୀ ଫେରିଆସିଲେ । ମର୍ଦ୍ଦରାଜଙ୍କ ଶୁଦ୍ଧିକ୍ରିୟା ପାଇଁ ରବି ରାୟ ପ୍ୟାରୋଲ ବଢ଼ାଇବାକୁ ଅନୁମତି ମାଗିଲେ । ଏସବୁ ପାରିବାରିକ କାମ ସାରିବାପରେ ରବି ରାୟ ପୁଣି ଅମ୍ବାଲା ଜେଲକୁ ଫେରିଗଲେ । ଓଡ଼ିଶାରେ ଥିବାବେଳେ ସରକାରଙ୍କ ତରଫରୁ ପୋଲିସର କଡ଼ାନଜର ତାଙ୍କ ଉପରେ ଥାଏ । କାଳେ ସେ କେତେବେଳେ ଲୁଚି ପଳାଇଯାଇ ଆତ୍ମଗୋପନ କରି ଆନ୍ଦୋଳନ ଆରମ୍ଭ କରିଦେବେ । କିନ୍ତୁ ଏସବୁ କିଛି ଘଟିଲା ନାହିଁ ଓ ରବି ରାୟ ଜେଲକୁ ପୁଣି ଫେରିଲେ ।

ସରକାରଙ୍କ ପାଖରେ ପୁଣି ଖବର ପହଞ୍ଚିଲା ଯେ ସରସ୍ୱତୀ ଦେବୀ ରାଜନୀତିକ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି । ନନ୍ଦିନୀଦେବୀ ମୁଖ୍ୟମନ୍ତ୍ରୀ, ସେ ଚାହିଁଲେ ସରସ୍ୱତୀ ଦେବୀଙ୍କୁ କଟକ ବଦଳି କରି ନେଇଆସିଲେ, ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ନଜରରେ ରହିବେ । ତେଣୁ ସେ ପରୋକ୍ଷରେ ସରସ୍ୱତୀଙ୍କୁ ନଜରବନ୍ଦୀରେ ରଖିବାପାଇଁ କଟକ ବଦଳି କରି ନେଇ ଆସିଲେ ।

ସେତେବେଳେ ଇଲଷ୍ଟ୍ରେଟେଡ଼ ଉଇକ୍ଲିର ସମ୍ପାଦକ ଥାନ୍ତି ଖୁସବନ୍ତ ସିଂ । ଜେଲକୁ ଇଲଷ୍ଟ୍ରେଟେଡ ଉଇକ୍ଲି ପତ୍ରିକା ବରାବର ଆସେ । ଏହା ଭିତରେ ଗୋଟିଏ ସମ୍ବାଦ ପ୍ରକାଶ ପାଇଥାଏ, ଯାହାକୁ ଦେଖି ରବି ରାୟ ଚମକୃତ ହୋଇଗଲେ । ସେଥିରେ ପରୋକ୍ଷ ଭାବରେ ଲେଖା ଥିଲା ଯେ ଅଷ୍ଟ୍ରିଆର ଚାନ୍‌ସେଲର (ସେଠିକାର ପ୍ରଧାନମନ୍ତ୍ରୀ) ଜଣେ ସମାଜବାଦୀ ନେତା । ସେ ଇନ୍ଦିରା ଗାନ୍ଧୀଙ୍କୁ ବଡ଼ କଡ଼ା ଭାବରେ ଲେଖିଥାନ୍ତି ଯେ, ଶୀଘ୍ର ଇମରଜେନ୍‌ସି ଉଠାଇବା ଦରକାର । ନଚେତ୍ ଏହାଦ୍ୱାରା ବୁଝାଯିବ ଯେ ସେ ଗଣତନ୍ତ୍ରକୁ

Digitized by srujanika@gmail.com

ହତ୍ୟାକରି ଏକଚ୍ଛତ୍ରବାଦକୁ ଆଶ୍ରୟ କରିଛନ୍ତି । ଗୋଟେ ଗଣତାନ୍ତ୍ରିକ ସାର୍ବଭୌମ ରାଷ୍ଟ୍ରପକ୍ଷେ ଏହା ଆଦୌ ହିତକର ନୁହେଁ । ପ୍ରଧାନମନ୍ତ୍ରୀଙ୍କର ଏପରି ଆଚରଣ ଓ ମନୋବୃତ୍ତି ସ୍ପୃହଣୀୟ ନୁହେଁ । ସମ୍ବାଦପତ୍ର ଉପରେ କଡ଼ା କଟକଣା ସତ୍ତ୍ୱେ ଏପରି ସମ୍ବାଦ ଦେଖି ରବି ରାୟ ବିସ୍ମିତ ହେଲେ ନାହିଁ; ସେ ବୁଝିପାରିଲେ ଯେ ଇମରଜେନ୍‌ସି ନିଶ୍ଚୟ ଖୁବ୍ ଅଳ୍ପଦିନ ଭିତରେ ଉଠିଯିବ । କାରଣ ଇନ୍ଦିରା ଗାନ୍ଧୀଙ୍କ ସାମାନ୍ୟତମ କୋହଳ ମନୋବୃତ୍ତି ଦେଖା ଦେଇ ନ ଥିଲେ ଏପରି ସମ୍ବାଦ ବାହାରକୁ ଆସିବା ଅସମ୍ଭବ । ରବି ରାୟ ନିଜର କୌତୂହଳ ପ୍ରକାଶ କରି ଏ ସମ୍ବାଦ ଅନ୍ୟ ସହବନ୍ଦୀମାନଙ୍କୁ ଦେଖାଇ ନିଜର ଭବିଷ୍ୟତବାଣୀ ଶୁଣାଇଲେ ।

ସେଇ ସମୟରେ ମୃତ୍ୟୁଞ୍ଜୟ ପରିଡ଼ା (ଓଡ଼ିଶା ପ୍ରଶାସନିକ ଅଫିସର) ହ୍ୟାଣ୍ଡବିଲ ଭଳିଆ ଗୋଟେ ପେପର କଟିଂ ସରସ୍ୱତୀ ଦେବୀଙ୍କ ପାଖକୁ ପଠାଇଥାନ୍ତି । ସେଥିରେ ଉଲ୍ଲେଖ ଥାଏ - 'କରପ୍ଟ (ଦୁର୍ନୀତିଗ୍ରସ୍ତ) ବ୍ୟୁରୋକ୍ରାଟିକ ସିଷ୍ଟମରେ ଇମରଜେନସି ସସ୍‌ଟେନବଲ ହୋଇପାରିବ ନାହିଁ ।' ସେ ଡକ୍ଟର ସ୍ୱାଇଁଙ୍କୁ ବୁଝେଇକରି ଚିଠି ଲେଖିଥାନ୍ତି ଯେ, ଏଇ ଉଦ୍ଧୃତି ଦେଖିଲେ ମନେହେଉଛି ଜରୁରିକାଳୀନ ପରିସ୍ଥିତି ଆଉ ଦୀର୍ଘଦିନ ସ୍ଥାୟୀ ହୋଇ ରହିପାରିବ ନାହିଁ । ଶୀଘ୍ର ଇମରଜେନ୍‌ସି ଉଠିଯିବ । ରବି ରାୟ ସିନା ଜେଲରେ ଥାନ୍ତି । କିନ୍ତୁ ଏଠି ଓଡ଼ିଶାରେ ସରକାର ସରସ୍ୱତୀ ଦେବୀଙ୍କୁ କିଛି କମ୍ ମାନସିକ ଅତ୍ୟାଚାର କରୁ ନ ଥାନ୍ତି । ପରିବାରର ଅବସ୍ଥା ମଧ୍ୟ ତତୋଽଧିକ । ଦେଢ଼ଶୁରଙ୍କ ଦେହାନ୍ତ ପରେ ବଡ଼ଯା ପୂରାପୂରି ଭାଙ୍ଗି ପଡ଼ିଥାନ୍ତି । ପରିବାର ଭିତରେ ଏକ ବିରାଟ ଶୂନ୍ୟତା । ପୁତୁରା ଝିଆରୀ ମଧ୍ୟ ଏହି ମାନସିକ ଯନ୍ତ୍ରଣା ଭିତରେ ନିଜକୁ ଅସହାୟ ମନେ କରୁଥାନ୍ତି । ଏତେବେଳେ ଭରସା ଦେବା ଲୋକ ଜେଲରେ । ପ୍ରାୟ ଦେଢ଼ବର୍ଷ ପାଖାପାଖି ହେଲାଣି । କେବେ ସେ ଜେଲରୁ ଫେରିବେ, ତାର କିଛି ସ୍ଥିରତା ନାହିଁ । ରବି ରାୟଙ୍କ ପାଇଁ ସରସ୍ୱତୀଦେବୀ ଆଶଙ୍କା ଓ ଦୁଶ୍ଚିନ୍ତାରେ ଦିନ ବିତାଉଥାନ୍ତି । ମୃତ୍ୟୁଞ୍ଜୟ ପରିଡ଼ାଙ୍କ ଏ ହ୍ୟାଣ୍ଡବିଲ କୌଣସି ଏକ ବିଦେଶୀ ସଂସ୍ଥାର ଗୁପ୍ତ ଖବର ଥିଲା । ଏ ଚିଠି କେବଳ ତାଙ୍କୁ ଆଶ୍ୱସ୍ତ କଲା ନାହିଁ, ସତେଯେମିତି ତାଙ୍କ ଭିତରେ ନୂତନ ପ୍ରାଣଶକ୍ତିର ସଞ୍ଚାର କଲା ।

ଏତିକିବେଳେ ଆଉ ଗୋଟିଏ ଘଟଣାରେ ଡକ୍ଟର ସ୍ୱାଇଁ ମର୍ମାହତ ହୋଇପଡ଼ିଲେ । ଇମରଜେନ୍‌ସି ବେଳେ ଗିରଫ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ବାରିପଦା ଜେଲର ନିର୍ଜନ ପ୍ରକୋଷ୍ଠରେ ରହୁଥାନ୍ତି । ଜେଲର ଅସ୍ୱାସ୍ଥ୍ୟକର ପରିସ୍ଥିତି ଓ ନିର୍ବାସିତ ଜୀବନ ତାଙ୍କୁ ମାନସିକ ସ୍ତରରେ ଅସୁସ୍ଥ କରିଦେଲା । ତାଙ୍କର ସ୍ୱାସ୍ଥ୍ୟହାନି ଘଟିଲା । ଘୋର ବିଷାଦରେ ଦିନ କାଟୁଥିବା ବେଳେ ଅକସ୍ମାତ୍ ସେ ବାଥରୁମ୍‌ରେ ପଡ଼ିଗଲେ । ତାଙ୍କ ମୁଣ୍ଡରେ ଆଘାତ ହେବା ଫଳରେ ପରିସ୍ଥିତି ଜଟିଳ ହୋଇଉଠିଲା । ଏ ଖବର ପାଇ ତାଙ୍କର ଦୁଇଝିଅ ଟିକୁ ଓ ଉତ୍ତରା

Digitized by srujanika@gmail.com

(ମହାଦେବ ଦେଶାଇଙ୍କ ବୋହୂ) ବାରିପଦାରେ ଆସି ପହଞ୍ଚିଲେ । କିନ୍ତୁ ସେ ଦୁହିଁଙ୍କୁ ନିଜ ବାପାଙ୍କୁ ଦେଖା କରିବାକୁ ଅନୁମତି ମିଳିଲା ନାହିଁ । ବାଧହୋଇ ଦୁହେଁ ଜେଲ ସାମନାରେ ସତ୍ୟାଗ୍ରହ କଲେ । ପରେ ସରକାର ତାଙ୍କୁ ଦେଖା କରିବାକୁ ଅନୁମତି ଦେଲେ । ନବବାବୁଙ୍କ ଅବସ୍ଥା ସେତେବେଳକୁ ସାଂଘାତିକ । କଟକରୁ ଡାକ୍ତର ଆକୁଳାନନ୍ଦ ଷଡ଼ଙ୍ଗୀଙ୍କୁ ଡକାଇ ନବବାବୁଙ୍କ ଚିକିତ୍ସା ଝିଅମାନେ କରେଇଲେ । ହେଲେ ସେଥିରେ ଅବସ୍ଥାର କିଛି ଉନ୍ନତି ପରିଲକ୍ଷିତ ହେଲା ନାହିଁ । ତା'ପରେ ତାଙ୍କୁ କଟକ ମେଡ଼ିକାଲକୁ ଅଣାଗଲା । ସେଠାରେ ବହୁଦିନ ଚିକିତ୍ସିତ ହେବା ପରେ ନବବାବୁଙ୍କ ଅବସ୍ଥାର ସୁଧାର ହୋଇଥିଲା । ଏତିକିବେଳେ ସରସ୍ୱତୀଦେବୀ ବରାବର ସେଠିକି ଯିବାଆସିବା କରି ତାଙ୍କ ଖବର ବୁଝୁଥାନ୍ତି । ରବି ରାୟ ଓ ସରସ୍ୱତୀଦେବୀ ନବବାବୁଙ୍କ ପରିବାର ସହିତ ବେଶ ଅନ୍ତରଙ୍ଗ ଥିବାରୁ ଏ ଘଟଣା ତାଙ୍କୁ ବିଶେଷ ଭାବରେ ବ୍ୟଥିତ କରିଥିଲା ।

ଜର୍ଜ ଫର୍ଣ୍ଣାଡ଼ିସ ଅଣ୍ଡର ଗ୍ରାଉଣ୍ଡରେ ଆତ୍ମଗୋପନ କରି ରହିଥିଲେ । ସେଠି ଲୁଚି ଲୁଚି ଇମରଜେନ୍ସି ବିରୋଧରେ ଆନ୍ଦୋଳନ ଜାରି ରଖିଥିଲେ । ସେ ଜାଣିଥିଲେ ଯେ ସରକାର ତାଙ୍କୁ ଧରିବା ପାଇଁ ବ୍ୟଗ୍ର । ତେଣୁ ସେ କଂଗ୍ରେସ ସରକାରଙ୍କୁ ପରୋକ୍ଷରେ ଧମକ ଦେଇଥିଲେ ଯେ, ଯଦି ସରକାର ତାଙ୍କୁ ଧରିବାକୁ ଚେଷ୍ଟା କରନ୍ତି, ତେବେ ସେ ଡିନାମାଇଟ ଖଞ୍ଜି ରେଲଲାଇନ ଉଡ଼ାଇଦେବେ । ରବି ରାୟ ପ୍ରଭୃତି ଅନ୍ୟସବୁ ସମାଜବାଦୀ ନେତା ଭାବିଥିଲେ, ଏଇ ଘଟଣା ଯୋଗୁଁ ହୁଏତ ଜର୍ଜ ଫର୍ଣ୍ଣାଡ଼ିସ ଧରାପଡ଼ିବାମାତ୍ରେ ଫାଶୀ ପାଇବେ । ଏଥିପାଇଁ ସମସ୍ତଙ୍କର ବେଶ ଉଦ୍‌ବେଗ ଥିଲା । କିନ୍ତୁ ସୌଭାଗ୍ୟର କଥା ସେପରି କିଛି ଘଟିଲା ନାହିଁ । ଜର୍ଜ ଫର୍ଣ୍ଣାଡ଼ିସ ଧରାପଡ଼ି ଜେଲ ଗଲେ ।

ରବି ରାୟଙ୍କର ଆଉ ଜଣେ ବନ୍ଧୁ ସମାଜବାଦୀ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁର ଜରୁରୀ ପରିସ୍ଥିତି ବେଳେ ସଫଳଭାବେ ଭୂମିଗତ ଆନ୍ଦୋଳନ (Underground Movement) ଚଳାଇ ଥିଲେ । ସେ ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରି ଆନ୍ଦୋଳନକୁ ତ୍ୱରାନ୍ୱିତ କରୁଥିଲେ । ସେଇ ଅବସରରେ ସେ ଓଡ଼ିଶା ଆସି ନୀଳମଣି ରାଉତରାୟ ପ୍ରମୁଖ ନେତାଙ୍କ ସହ ଯୋଗାଯୋଗ କରିଥିଲେ । ନୀଳମଣି ରାଉତରାୟ ତାଙ୍କୁ ନିଜ ଘରେ ରଖିବାକୁ କୁଣ୍ଠା ପ୍ରକାଶ କରିବାରୁ, ସେ ରବି ରାୟ ଓ ବିଜୁବାବୁଙ୍କ ଅନ୍ତରଙ୍ଗ ଭ୍ରମର ସାହୁଙ୍କ ପୁଅ ମଣି ସାହୁଙ୍କ ଘରେ ରହି ବିପ୍ଳବୀମାନଙ୍କ ସହିତ ଯୋଗାଯୋଗ କରିଥିଲେ ।

ଇମରଜେନ୍ସି ଉଠାଇବା ପାଇଁ ଆନ୍ତର୍ଜାତୀୟ ସ୍ତରରେ ଇନ୍ଦିରା ଗାନ୍ଧୀଙ୍କ ଉପରେ ଯେତିକି ଚାପ ପଡୁଥିଲା, ଦେଶର ଲୋକଙ୍କ ଭିତରେ ସେତିକି ଅସନ୍ତୋଷ ବୃଦ୍ଧି ପାଉଥିଲା । ସାଧାରଣ ଜନତାଙ୍କ ଭିତରେ ଏଥିପାଇଁ ନାନା ଭାବରେ କ୍ଷୋଭ ଦେଖାଦେଲା ।

Digitized by srujanika@gmail.com

ଜରୁରିକାଳୀନ ପରିସ୍ଥିତି ବେଳେ ସରକାରୀ କଳ ଏତେ କାବୁସ୍ଥ ହୋଇପଡ଼ିଥିଲା ଯେ ଗୋଇନ୍ଦା ପୋଲିସ ମଧ୍ୟ ଏହି ଜରୁରୀ ପରିସ୍ଥିତି ବିରୋଧରେ ଥିବା ଜନମତକୁ ଲୁଚାଇ ତାଙ୍କ ରିପୋର୍ଟରେ ଇନ୍ଦିରା ଗାନ୍ଧୀଙ୍କ ଦୃଢ଼ ଶାସନ ପ୍ରତି ଜନ ସମର୍ଥନ ଅଛି ବୋଲି ତାଙ୍କ ରିପୋର୍ଟରେ ଉଲ୍ଲେଖ କଲେ । ବିଶ୍ୱର ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କ ଚାପରେ ଓ ନିଜର ଲୋକପ୍ରିୟତା ସମ୍ପର୍କରେ ଭୁଲ ରିପୋର୍ଟ ପାଇ ଇନ୍ଦିରା ଗାନ୍ଧୀ ନିର୍ବାଚନ ଘୋଷଣା କରିଦେଲେ । କାରଣ ସେତେବେଳକୁ ଲୋକସଭାର କାର୍ଯ୍ୟକାଳ ପାଞ୍ଚବର୍ଷରୁ ଯଥେଷ୍ଟ ଅଧିକ ହୋଇସାରିଥିଲା ।

ରାଜନୀତି-ପଶାପାଲିରେ ଜନତା ଦଳ

ଚାରିଆଡ଼େ ପୁଣି ସାଜ ସାଜ ଡାକ ଶୁଭିଲା । ଆଗରେ ନିର୍ବାଚନ ଯୁଦ୍ଧ । ଗୋଟେ ପଟେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ସମ୍ମୁନ୍ନତ କଂଗ୍ରେସ ସେନାନୀ । ଆଉ ଗୋଟେ ପଟେ ଜୟପ୍ରକାଶଙ୍କ ସେନାପତିତ୍ୱରେ ଅଧିକାଂଶ ବିରୋଧୀଦଳ । ଜନସଂଘ, ସୋସାଲିଷ୍ଟ ପାର୍ଟି, ଲୋକଦଳ, ସଙ୍ଗଠନ କଂଗ୍ରେସ, ସି.ଏଫ.ଡି. ପ୍ରଭୃତି ଛୋଟବଡ଼ ବହୁଦଳ ଗୋଟିଏ ଛତ୍ରଛାୟା ତଳେ ଏକଜୁଟ ହୋଇଥାନ୍ତି ।

ରବି ରାୟ ଜେଲରୁ ଖଲାସ ହେଲେ । ସେ ଜେଲରୁ ଆସି ତାଙ୍କ ମୀନାବାଗ ଘରକୁ ଗଲେ । ସେତେବେଳେ ତାଙ୍କୁ ଦେଖାକରିବାକୁ ତାଙ୍କର ସବା ବଡ଼ଭଉଣୀ ଟିକେଇଅପା ଦିଲ୍ଲୀ ଆସିଥାନ୍ତି । ସେ ସାନଭାଇ ଦୀର୍ଘକାଳ ପରେ ଜେଲରୁ ଖଲାସ ହୋଇଆସିବା ଦେଖି ଖୁସିରେ ବିହ୍ୱଳ ହୋଇ ଯାଇଥିଲେ ଓ ତାଙ୍କୁ କୁଣ୍ଢେଇଧରି ବହୁ ସମୟ ଯାଏ କାନ୍ଦିଥିଲେ । ରବି ରାୟ ମଧ୍ୟ ଭାବାବେଗରେ ଅଶ୍ରୁ ସମ୍ବରଣ କରିପାରି ନ ଥିଲେ ।

ରବି ରାୟ ସେତେବେଳେ ରାଜ୍ୟସଭା ସଦସ୍ୟ । ଓଡ଼ିଶାରେ ଜନତା ଦଳର ଟିକେଟ ବାଣ୍ଟିବା ଦାୟିତ୍ୱ ଥାଏ ନବକୃଷ୍ଣ ଚୌଧୁରୀଙ୍କର । ରବି ରାୟ ରାଜ୍ୟସଭାରେ ଥିବାରୁ ନିର୍ବାଚନ ଲଢ଼ିଲେ ନାହିଁ । କିନ୍ତୁ ଏ ନିର୍ବାଚନରେ ତାଙ୍କର ଦାୟିତ୍ୱ ବହୁତ ବଢ଼ିଯାଇଥିଲା । ସାରା ଦେଶ ବୁଲି ବୁଲି ସେ ନିର୍ବାଚନ ପ୍ରଚାର ଚଳାଇଲେ । ସେ ରାଜ୍ୟସଭାରେ ଥିବାରୁ ଲୋକସଭାକୁ ନିର୍ବାଚନ ନ ଲଢ଼ି ବିରୋଧୀଦଳର ନିର୍ବାଚନ ନେତୃତ୍ୱ ନେଲେ । ସେ ଯଦି ରାଜ୍ୟସଭା ଛାଡ଼ି ଦେଇ ଲୋକସଭା ପାଇଁ ନିର୍ବାଚନ ଲଢ଼ିଥାନ୍ତେ, ତେବେ ସେ ସିଟଟି କଂଗ୍ରେସ ହାତକୁ ଚାଲି ଯାଇଥାନ୍ତା । କାରଣ ଓଡ଼ିଶାରେ କଂଗ୍ରେସ ସରକାର ଥାଏ ।

ପୂର୍ବରୁ ଚରଣ ସିଂହଙ୍କ ନେତୃତ୍ୱରେ ଯେଉଁ ଲୋକଦଳ ଗଠିତ ହୋଇଥିଲା, ସେଥିରେ ବିଜୁବାବୁଙ୍କ ପ୍ରଗତିଦଳ ଯୋଗ ଦେଇଥିଲା । ରବି ରାୟ ରାଜ୍ୟସଭାରେ ଲୋକଦଳର ପାର୍ଲିଆମେଣ୍ଟାରୀ ନେତା ଥାଆନ୍ତି । ଏଣୁ ଆସନ୍ନ ନିର୍ବାଚନରେ ତାଙ୍କର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥାଏ । ଓଡ଼ିଶାରେ ବିରୋଧୀ ଦଳକୁ ବହୁ ସଂଖ୍ୟାରେ ଜିତେଇବା ଦାୟିତ୍ୱ

Digitized by srujanika@gmail.com

ଥାଏ ଉଭୟ ବିଜୁ ପଟ୍ଟନାୟକ ଓ ରବି ରାୟଙ୍କ ଉପରେ । ଭୋଟରଙ୍କ ପୂର୍ଣ୍ଣ ସମର୍ଥନ ଲାଭକରି କେନ୍ଦ୍ରକୁ କେମିତି ଦେଖେଇ ଦେବେ, ସେଥିପାଇଁ ଦୁହେଁ ଲାଗି ପଡ଼ିଥାନ୍ତି । ତା ଛଡ଼ା କଂଗ୍ରେସର ପରାଜୟ ନ ହେଲେ ଅସତ୍ୟର ବିଜୟ ହେବ ବୋଲି ଦୁହିଁଙ୍କର ଦୃଢ଼ ଧାରଣା ଥାଏ । ଏହାକୁ ଏକ ଧର୍ମଯୁଦ୍ଧ ବୋଲି ଦୁହେଁ ବିଚାରୁଥାନ୍ତି ।

ଜନତାଦଳର ନିର୍ବାଚନ ପ୍ରଚାର ପାଇଁ ଆଚାର୍ଯ୍ୟ କୃପାଳିନୀ ପୁରୀ ଆସିଥାନ୍ତି । ଏଇ ସଭା ଏକ ଅଭୂତପୂର୍ବ ସଭା ଥିଲା । ବହୁ ବୟୋଜ୍ୟେଷ୍ଠ ବୃଦ୍ଧ ବ୍ୟକ୍ତି ମଧ୍ୟ ତାଙ୍କୁ ଦେଖିବାକୁ ଆସିଥାନ୍ତି । ସେଇ ସଭାରେ ରବି ରାୟ ଓ ବିଜୁ ପଟ୍ଟନାୟକ ଜନତା ପାର୍ଟିକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଓଡ଼ିଶାର ଗୌରବ ରକ୍ଷା କରିବାକୁ ଆବେଗପୂର୍ଣ୍ଣ ଭାବରେ ଲୋକଙ୍କୁ ନିବେଦନ କରିଥିଲେ । ରବି ରାୟ ଓଡ଼ିଶାସାରା ଘୂରି ବୁଲୁଥାନ୍ତି ଏଇ ନିର୍ବାଚନ କାମରେ । ଏଥିପାଇଁ ସେ ଭୋକଶୋଷ ଭୁଲି ଯାଇଥାନ୍ତି ।

ଇମରଜେନ୍‌ସିର କଳା ଶାସନରେ ଲୋକେ ଅତିଷ୍ଠ ହୋଇଯାଇଥିଲେ । କେତେଗୁଡ଼ିଏ ନୀତିଗତ ପ୍ରଶ୍ନ ଉପରେ କଂଗ୍ରେସଦଳ ଉପରେ ସାଧାରଣ ଜନତା କ୍ଷୁବ୍ଧ ହୋଇଥିଲେ । କଥାରେ ଅଛି କାଉ ରଡ଼ିବାକୁ, ଆମ୍ବ ଝଡ଼ିବାକୁ । ସେହିପରି ଲୋକେ ସେମାନଙ୍କର ଚରମ ଅସନ୍ତୋଷକୁ ଭୋଟ ମାଧ୍ୟମରେ ପ୍ରକାଶ କରିବାକୁ ସୁଯୋଗ ପାଇଲେ । ତା ଛଡ଼ା ଜୟପ୍ରକାଶ ନାରାୟଣଙ୍କ ଲୋକପ୍ରିୟତା ସେତେବେଳକୁ ଆକାଶଚୁମ୍ବୀ ହୋଇଯାଇଥାଏ । ଲୋକେ କଂଗ୍ରେସ ବିରୋଧରେ ବହୁମତ ଦେଲେ । ସାରା ଭାରତରେ ଜନତା ପାର୍ଟି ବିପୁଳ ସଂଖ୍ୟାରେ ଭୋଟ ପାଇ ଆସିଲା । ଜର୍ଜ ଫର୍ଣ୍ଣାଡ଼ିସ ଓ ରାମବିଳାସ ପାଶ୍ୱାନଙ୍କ ପରି କେତେକ ନେତା ଜେଲରେ ଥାଇ ମଧ୍ୟ ନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ ପାଇ ବିଜୟଲାଭ କଲେ ।

ରାଜନାରାୟଣ ଇନ୍ଦିରା ଗାନ୍ଧୀଙ୍କୁ ନିର୍ବାଚନରେ ପୁନର୍ବାର ମୁକାବିଲା କଲେ । ଇନ୍ଦିରା ଗାନ୍ଧୀ ଜରୁରୀ ପରିସ୍ଥିତି ଥାଇ ବି ନିର୍ବାଚନରେ ପରାଜୟ ବରଣ କରିବେ, ଏକଥା କେହି କେବେ ସ୍ୱପ୍ନରେ ବି କଳ୍ପନା କରି ନ ଥିଲେ । ପ୍ରଥମ ରାଉଣ୍ଡ ଗଣତି ପରେ ରାଜନାରାୟଣ ବାରହଜାର ଭୋଟରେ ଆଗେଇବା ଖବର ସମସ୍ତଙ୍କୁ ଚକିତ କରି ଦେଇଥିଲା । ଇନ୍ଦିରା ଗାନ୍ଧୀ ଘରୋଇ ରାଷ୍ଟ୍ରମନ୍ତ୍ରୀ ଓମ୍ ମେହେଟାଙ୍କୁ ଲଗାଇ ଗଣତି ବନ୍ଦ କରିବା ପାଇଁ ଉଦ୍ୟମ ମଧ୍ୟ କଲେ । କିନ୍ତୁ ରିଟର୍ଣ୍ଣିଂ ଅଫିସର ତଥା ଜିଲ୍ଲାପାଳ ମାଇହୋତ୍ରାଙ୍କ କର୍ତ୍ତବ୍ୟନିଷ୍ଠା ଯୋଗୁଁ ତାହା ସମ୍ଭବ ହେଲା ନାହିଁ । ରାଜନାରାୟଣ ପଚାଶ ହଜାରରୁ ଅଧିକ ଭୋଟରେ ଇନ୍ଦିରା ଗାନ୍ଧୀଙ୍କୁ ହରାଇ ଜୟଯୁକ୍ତ ହେଲେ । ବ୍ୟକ୍ତିଗତ ଭାବରେ ନିର୍ବାଚନରେ ହାରିବାଯୋଗୁଁ ଇନ୍ଦିରା ଗାନ୍ଧୀଙ୍କର ଦୀର୍ଘ ଦୁଇବର୍ଷର ସମସ୍ତ କାର୍ଯ୍ୟକଳାପକୁ ଲୋକେ ଯେ ଅନ୍ତରରେ ଗ୍ରହଣ କରିପାରି ନ ଥିଲେ, ତାହା ପ୍ରମାଣିତ ହୋଇଥିଲା । ସେ ଅବିଳମ୍ବେ

Digitized by srujanika@gmail.com

ଜରୁରୀ ପରିସ୍ଥିତି ଉଠାଇ ରାଷ୍ଟ୍ରପତିଙ୍କୁ ନିଜର ଇସ୍ତଫା ପ୍ରଦାନ କଲେ । ଇନ୍ଦିରା ଗାନ୍ଧୀଙ୍କ ପରାଜୟ ଓ ରାଜନାରାୟଣଙ୍କର ବିଜୟ ଥିଲା ବାସ୍ତବରେ ଗଣତନ୍ତ୍ରର ବିଜୟ । ଭାରତୀୟ ରାଜନୀତିକ ଇତିହାସରେ ଏ ନିର୍ବାଚନର ଫଳାଫଳ ଏକ ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା ଥିଲା । ସାଧାରଣ ଜନତା ଯେତେ ଦୁର୍ବଳ, ଯେତେ ନିଃସ୍ୱ ହେଲେ ବି ସଙ୍ଗଠିତ ଶକ୍ତି କିପରି ଅସାଧ ସାଧନ କରିପାରେ; ଅସମ୍ଭବକୁ ସମ୍ଭବ କରିପାରେ, ତାହାର ଜ୍ୱଳନ୍ତ ଉଦାହରଣ ଥିଲା ଏ ନିର୍ବାଚନ । ରାଜନାରାୟଣ ଶ୍ରୀମତୀ ଗାନ୍ଧୀଙ୍କୁ କୋର୍ଟରେ ହରେଇଥିଲେ,, ଭୋଟରେ ବି ହରାଇଦେଲେ ।

ସବୁ ସଂଘର୍ଷର ଇତି ଅଛି । ସବୁ ସମସ୍ୟାର ସମାଧାନ ଅଛି । ଦିଲ୍ଲୀର ଆକାଶ, ପାଣି, ପବନରେ ଯେଉଁ ଶୂନ୍ୟତା, ନୀରବତା ଓ ଅନିଶ୍ଚିତତାର ଦୀର୍ଘଶ୍ୱାସ ଖେଳି ବୁଲୁଥିଲା, ତାହା କ୍ରମଶଃ ପୁଣି ପ୍ରାଣମୟ ଓ କୋଳାହଳମୟ ହୋଇଉଠିଲା । ଲୋକେ ଜରୁରୀ ପରିସ୍ଥିତି ଯୋଗୁଁ ବଡ଼ ପାଟିରେ କଥା କହିବାକୁ ବି ସାହସ କରୁ ନ ଥିଲେ । ରାସ୍ତାରେ ଚାଲିଲାବେଳେ କ'ଣ ନାଇଁ କ'ଣ ଘଟିଯିବ ବୋଲି ମନେ ମନେ ପ୍ରମାଦ ଗଣୁଥିଲେ । ଚାରିଆଡ଼େ ଯେପରି ଅଦୃଶ୍ୟ କୋକୁଆଟିଏ ଘୂରି ବୁଲୁଥିଲା; ଯାହା ପ୍ରତି ଲୋକଙ୍କର ନାହିଁ ନ ଥିବା ଭୟ ଓ ଶଙ୍କା ରହିଥିଲା । କାହାର କାହା ପ୍ରତି ବିଶ୍ୱାସ ନ ଥିଲା । ଲୋକଙ୍କ ଭିତରେ ଏକ ଛନ୍ନଛନ୍ନ ଭାବ, ଆତୁରତା ଖେଳି ବୁଲୁଥିଲା । ଇମରଜେନ୍ସି ଉଠିଯିବା ପରେ ଲୋକେ ଆତ୍ମବିଶ୍ୱାସ ଫେରିପାଉଥିଲେ । ନିଜର ଆତ୍ମପ୍ରତ୍ୟୟ ଫେରିଆସୁଥିଲା । ଧୂ ଧୂ ମରୁବାଲିରେ ବାଟବଣା ହୋଇ ଯାଇଥିବା ବାଟୋଇଟି ଅକସ୍ମାତ୍ ରାହାଟିଏ ଖୋଜି ପାଇଲେ ଯେମିତି ଆନନ୍ଦରେ ଅଧୀର ହୋଇଯାଏ; ସେମିତି ଲୋକେ ଆଶ୍ୱସ୍ତି ଅନୁଭବ କଲେ । ଭାରତର ଜନଜୀବନର ଆକାଶ ଉପରେ ଛାଇ ହୋଇଯାଇଥିବା ଅଦିନିଆ କଳାବାଦଲଖଣ୍ଡକ ଅପସରି ଗଲା । ଗଣତନ୍ତ୍ର ପ୍ରତି ଲୋକଙ୍କର ଆସ୍ଥା ପୁଣି ଫେରିଆସିଲା ।

କେନ୍ଦ୍ରରେ ଜନତା ସରକାର

ଠିକ୍ ନିର୍ବାଚନ ପୂର୍ବରୁ ପାଞ୍ଚଟି ଦଳ ମିଶି ଜନତା ପାର୍ଟି ହୋଇଥିଲା । ପରେ ଜନତା ପାର୍ଟିର ପ୍ରଥମ ସଭାପତି ହୋଇଥିଲେ ଚନ୍ଦ୍ରଶେଖର । କେନ୍ଦ୍ରରେ ଜନତା ଦଳ ବହୁମତ ପାଇ ସରକାର ଗଢ଼ିଲା । ଲୋକଦଳର ଚରଣ ସିଂହ ଓ କଂଗ୍ରେସ ଅର୍ସ (C.F.D.) ଦଳରୁ ଜଗଜୀବନ ରାମ ଉପପ୍ରଧାନମନ୍ତ୍ରୀ ହେଲେ । ପ୍ରଧାନମନ୍ତ୍ରୀ ହେଲେ ମୋରାରଜୀ ଦେଶାଇ । ଜୟପ୍ରକାଶ ନାରାୟଣ ଓ ଆଚାର୍ଯ୍ୟ କୃପାଳିନୀଙ୍କୁ ଦାୟିତ୍ୱ ଦିଆଯାଇଥିଲା ଯେ ସେମାନେ ଯାହାକୁ ଯେଉଁ ପଦବୀ ପାଇଁ ଉପଯୁକ୍ତ ଓ ଯୋଗ୍ୟ ମନେ କରିବେ, ସେମାନଙ୍କୁ ସେଇ ପଦବୀ ଓ ଶାସନ ଦାୟିତ୍ୱ ଦିଆଯିବ ।

Digitized by srujanika@gmail.com

ମୋରାରଜୀ ଦେଶାଇ ପ୍ରଧାନମନ୍ତ୍ରୀ । ସେ ସମଦର୍ଶୀ ଓ ଆଧ୍ୟାତ୍ମିକବାଦୀ । ଜୀବନ ଓ ଜଗତ ପ୍ରତି ତାଙ୍କର ଉଦାର ଓ ସଂପ୍ରସାରିତ ଦୃଷ୍ଟିଭଙ୍ଗୀ । ସାଧୁ, ସଚ୍ଚରିତ୍ର । ତାଙ୍କରି ନେତୃତ୍ୱରେ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କଲା । ଦୀର୍ଘ ଦୁଇବର୍ଷର ସଂଗ୍ରାମ ପରେ ଲୋକଙ୍କ ଆଶା-ବିଶ୍ୱାସର ପ୍ରତିଭୂ ଭାବରେ ଜନତାଦଳ କେନ୍ଦ୍ରରେ ଶାସନଭାର ଗ୍ରହଣ କଲା । ରାଜନାରାୟଣଙ୍କ ପ୍ରଶଂସନୀୟ ଭୂମିକା ବେଶ ଲୋକପ୍ରିୟତା ହାସଲ କରିଥାଏ । କହିବାକୁ ଗଲେ, ସେ ଏ ମହାନାଟକରେ ଯେପରି ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି । ଇନ୍ଦିରା ଗାନ୍ଧୀଙ୍କର ଅପରିକଳ୍ପନୀୟ ଶକ୍ତି, ସାମର୍ଥ୍ୟ, ଅର୍ଥ, ପ୍ରତିପତ୍ତି, କ୍ଷମତା ଓ ବ୍ୟକ୍ତିତ୍ୱ ସତ୍ତ୍ୱେ ତାଙ୍କୁ ପରାଜିତ କରି ରାଜନାରାୟଣ ଜୟଯୁକ୍ତ ହୋଇ ଆସିଥିବାରୁ କେନ୍ଦ୍ରରେ ତାଙ୍କର ନାହିଁ ନ ଥିବା ପ୍ରତିଷ୍ଠା ବଢ଼ି ଯାଇଥାଏ । ସେ ମଧ୍ୟ ଜୟପ୍ରକାଶ ଓ ଆଚାର୍ଯ୍ୟ କୃପାଳିନୀଙ୍କ ସାଙ୍ଗରେ ମିଶି ଏହି ମନ୍ତ୍ରିମଣ୍ଡଳ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ତାଙ୍କ କଥାକୁ ମଧ୍ୟ ସବୁ ସ୍ତରରେ ବେଶ ମର୍ଯ୍ୟାଦା ଦିଆଯାଉଥାଏ ।

ରବି ରାୟ ଓଡ଼ିଶା ଆସିବା ପାଇଁ ଷ୍ଟେସନ ଅଭିମୁଖେ ଗୋଟେ ଟ୍ୟାକ୍ସି ଧରି ଆସୁଥାନ୍ତି, ଜଣେ ଲୋକ ଯାଇ ଷ୍ଟେସନରେ ପହଞ୍ଚି କହିଲା - ରାଜନାରାୟଣ ଆପଣଙ୍କୁ ଡାକୁଛନ୍ତି । ମୁଁ ଆପଣଙ୍କ ଘରକୁ ଯାଇଥିଲି । ସେଠି ଖବର ପାଇଲି ଯେ ଆପଣ ଷ୍ଟେସନ ଚାଲି ଆସିଲେଣି । ତେଣୁ ମୁଁ ସିଧାସଳଖ ଷ୍ଟେସନ ଧାଇଁଛି । ଆପଣ ଶୀଘ୍ର ଚାଲନ୍ତୁ ।

ଓଡ଼ିଶାଗସ୍ତ ବାତିଲ କରି ସାଙ୍ଗେ ସାଙ୍ଗେ ରାଜନାରାୟଣଙ୍କୁ ଦେଖା କରିବା ପାଇଁ ସେ ଲୋକଟି ଅନୁରୋଧ କଲା । ରବି ରାୟ ଷ୍ଟେସନରୁ ଫେରିଆସିଲେ । ରାଜନାରାୟଣ, ଜୟପ୍ରକାଶ ନାରାୟଣ ଓ ଆଚାର୍ଯ୍ୟ କୃପାଳିନୀଙ୍କ ନିର୍ଦ୍ଦେଶରେ ସେ ହେଲେ ଜନତା ପାର୍ଟିର ସାଧାରଣ ସମ୍ପାଦକ । ଦେଶର ବିଭିନ୍ନ ପ୍ରାନ୍ତର ଭିନ୍ନ ଭିନ୍ନ କଂଗ୍ରେସ ବିରୋଧୀ-ଦଳମାନଙ୍କର ଏହି ମହା ସମନ୍ୱୟର ମଙ୍ଗ ଧରିଲେ ରବି ରାୟ । ସେଇ ପରିପ୍ରେକ୍ଷୀରେ ସାଧାରଣ ସମ୍ପାଦକ ପଦବୀଟି ଯେତିକି ମହତ୍ତ୍ୱପୂର୍ଣ୍ଣ, ସେତିକି ଅଧିକ ଦାୟିତ୍ୱପୂର୍ଣ୍ଣ ଥିଲା ।

ଏଇ ମହାନ୍ ଦଳର ସଙ୍ଗଠନକୁ, ଲୋକପ୍ରିୟତାକୁ ଓ ଲୋକମାନଙ୍କର ଆସ୍ଥା ଓ ବିଶ୍ୱାସକୁ ଅତୁଟ ରଖି କାର୍ଯ୍ୟ କରିବା ଥିଲା ରବି ରାୟଙ୍କ ପାଇଁ ଚରମ ଅଗ୍ନିପରୀକ୍ଷା । ବହୁ ଦଳ, ବହୁ ମତ, ବହୁ ବୈଷମ୍ୟ ଭିତରେ ଐକ୍ୟ ଓ ସାମ୍ୟତା ରକ୍ଷାକରିବା କିଛି କମ ଦୁରୂହ ବ୍ୟାପାର ନ ଥିଲା । ରାଜନୀତିର ପଶାପାଲିରେ କେବଳ ହାରଜିତ ବଡ଼କଥା ନୁହେଁ, ଏଥିରେ ସବୁକାଳେ ଶକୁନିମାନଙ୍କର ଆବିର୍ଭାବକୁ ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ । ପୁଣି ଅନେକ ସମୟରେ ଦଳ କ୍ଷମତାକୁ ଆସିଗଲେ, ଦଳୀୟକର୍ମୀ ଓ ନେତାମାନଙ୍କର ଅଭିଳାଷ ବହୁ ଭାବରେ ବଢ଼ିଯାଏ । ତା ଛଡ଼ା କ୍ଷମତା କାଳେ କାଳେ ଗୋଟେ ସୁନାହରିଣ ପରି ରାଜା ରାମଚନ୍ଦ୍ରଙ୍କୁ ମଧ୍ୟ ବାଟବଣା କରିବାର ଆଶଙ୍କା ଥାଏ । କ୍ଷମତାର ସିଂହାସନ ଚିରଦିନ ମଣିଷର ଆତ୍ମସଂଯମକୁ ଆହ୍ୱାନ ଦେଇଥାଏ । ଏପରି

Digitized by srujanika@gmail.com

ନାନା ବିରୋଧାଭାଷ । ନାନା ପ୍ରତିକୂଳ ପରିସ୍ଥିତି । ବହୁ ଲୋକଙ୍କର ଆଶା ଆକାଂକ୍ଷା । ବହୁ ନେତାଙ୍କର ଅନ୍ୟାୟ, ଅନୀତି ଓ ଅଧର୍ମ ପଥକୁ ପାଦ ବଢ଼ାଇବାର ସମ୍ଭାବନା । ଏହି ବିଚିତ୍ର ପରିସ୍ଥିତିରେ ଦଳର ସୁନାମ ଓ ସ୍ଥିତିକୁ ବଂଚାୟ ରଖିବା ଦାୟିତ୍ୱ ନ୍ୟସ୍ତ କରାଗଲା ରବି ରାୟଙ୍କ ଉପରେ । ବହୁଦଳୀୟ ଅଶ୍ୱମାନଙ୍କର ଲଗାମକୁ ଏକାଠି ଧରି ଜନତା ଦଳ ରଥକୁ ଆଗକୁ ନେବା କିଛି କମ୍ କଠିନ ବ୍ୟାପାର ନ ଥିଲା । କିନ୍ତୁ ରବି ରାୟ ଥିଲେ ସମଦର୍ଶୀ, ମିଷ୍ଟଭାଷୀ ଓ ସଂଯମୀ । କେନ୍ଦ୍ରର ଅଧିକାଂଶ ବଡ଼ ବଡ଼ ନେତାଙ୍କର ତାଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଓ ଆସ୍ଥା ଥିଲା । ସେହି ଆସ୍ଥା ଓ ବିଶ୍ୱାସର ଭାଜନ ହେବାପାଇଁ ସେ ନିରବଚ୍ଛିନ୍ନ ସାଧନା ଚଳାଇଥିଲେ ।

ରବି ରାୟଙ୍କୁ ମୋରାରଜୀ ଦେଶାଇ ଯେପରି ଭଲ ପାଉଥିଲେ, ଚରଣ ସିଂହ ଓ ଜଗଜ୍ଜୀବନ ରାମ ମଧ୍ୟ ସେହିପରି ଶ୍ରଦ୍ଧା କରୁଥିଲେ । ଚରଣ ସିଂହ ଓ ମୋରାରଜୀ ଦେଶାଇ ଦୁହେଁ ବୟୋବୃଦ୍ଧ । ଉଭୟଙ୍କର ମତ ଓ ପନ୍ଥା ମଧ୍ୟ ଭିନ୍ନ । ତେଣୁ ଅନେକ ସମୟରେ ଦୁହିଁଙ୍କ ଭିତରେ ଶୀତଳଯୁଦ୍ଧ ଲାଗେ । ଥେଣ୍ଟାଥେଣ୍ଟି ଲାଗେ । ପୁଣି କିଛିଦିନ ପରେ ଏ ଯୁଦ୍ଧ ଆପେ ଆପେ ଥଣ୍ଡା ପଡ଼ିଯାଏ । ଚୌଧୁରୀ ଚରଣ ସିଂହ ବେଳେବେଳେ ଆକ୍ଷେପ କରି କହନ୍ତି - 'ମୋରାରଜୀଭାଇ, ତମେ ମୋ ଯୋଗୁଁ ପ୍ରଧାନମନ୍ତ୍ରୀ ହେଲ ।' କାରଣ ·ପାର୍ଲିଆମେଣ୍ଟରେ ଲୋକଦଳର ଅଧିକ ସଂଖ୍ୟକ ସଭ୍ୟ ଥାନ୍ତି । ଏପରି ଆକ୍ଷେପୋକ୍ତିରେ ମୋରାରଜୀ ଦେଶାଇ ଉତ୍କ୍ଷିପ୍ତ ହେବା ସ୍ୱାଭାବିକ । ଥରେ ପ୍ରଧାନମନ୍ତ୍ରୀଙ୍କ ଘରେ ରବି ରାୟ, ଚରଣ ସିଂହ, ଜଗଜ୍ଜୀବନ ରାମ ଓ ମୋରାରଜୀ ଦେଶାଇ ସମସ୍ତେ ଏକାଠି ବସିଥାନ୍ତି । କୌଣସି ଏକ ସମସ୍ୟା ଉପରେ ଆଲୋଚନା ଚାଲିଥାଏ । ହଠାତ୍ ଚରଣ ସିଂହ ଉତ୍ତ୍ୟକ୍ତ ହୋଇ ଚାଲି ଯାଉଥାନ୍ତି । ରବି ରାୟ ଉଠିଯାଇ ତାଙ୍କୁ ଡାକି କହିଲେ - 'କାହାଁ ଯା ରହେ ହୈ ଆପ୍ ? ଆପ୍ ଜାନତେ ନେହିଁ କ୍ୟା କର ରହେ ହୈ ?' ଚୌଧୁରୀ ଚରଣ ସିଂହ ରବି ରାୟଙ୍କ କଥା ମାନି ଫେରିଆସି ପୁଣି ବସିଲେ । ମୋରାରଜୀ ଦେଶାଇ ହସି ହସି କହିଲେ - 'ଚୌଧୁରୀଜୀ ଆପ୍ ହସ୍‌ତେ ନେହିଁ କ୍ୟୁଁ ? ହସିଏନା !' ମୋରାରଜୀଭାଇଙ୍କ ଏହି ଲଘୁ ମନ୍ତବ୍ୟରେ ଚୌଧୁରୀ ଚରଣ ସିଂହଙ୍କ ରାଗ ଶାନ୍ତ ହୋଇଯାଇଥିଲା ।

ଜନତା ପାର୍ଟିର ରାଷ୍ଟ୍ରୀୟ ସ୍ତରରେ ଆଉ କେତେଜଣ ସମ୍ପାଦକ ଥାନ୍ତି । ଜନସଂଘ ଦଳର ନାନାଜୀ ଦେଶମୁଖ, ସୋସାଲିଷ୍ଟ ଦଳର ମଧୁଲିମାୟେ, ସଙ୍ଗଠନ କଂଗ୍ରେସରୁ ରାମକୃଷ୍ଣ ହେଗଡ଼େ, ସି.ଏଫ.ଡ଼ି ଦଳରୁ ଜନୈକ ପ୍ରମୁଖ ନେତା ମଧ୍ୟ ଜନତା ପାର୍ଟିର ସାଧାରଣ ସମ୍ପାଦକ ଥା'ନ୍ତି । କିନ୍ତୁ ରବି ରାୟଙ୍କୁ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଥାଏ ଯେ ଯେଉଁ ଯେଉଁ ପ୍ରଦେଶରେ ଜନତାଦଳ ସରକାର ଗଢ଼ିଥାଏ, ସେ ସବୁଠି ଦଳର ସାଧାରଣ ଯୋଜନା ସବୁ ଠିକ୍ ଠିକ୍ ଭାବରେ କାର୍ଯ୍ୟକାରୀ ହେଉଛି କି

Digitized by srujanika@gmail.com

ନାହିଁ ଓ ସେସବୁ ମୁଖ୍ୟମନ୍ତ୍ରୀମାନଙ୍କର ଦଳ ସଂକ୍ରାନ୍ତୀୟ କି କି ସମସ୍ୟା ରହିଛି, ସେସବୁର ତତ୍ତ୍ୱାବଧାନ କରିବେ ରବି ରାୟ । ତେଣୁ ସାଧାରଣ ସମ୍ପାଦକ ଭାବରେ ଅନ୍ୟମାନଙ୍କ ଭିତରେ ସଂହତି ଆଣିବାକୁ ବ୍ୟକ୍ତିଗତ ଭାବରେ ସବୁବେଳେ ଚେଷ୍ଟା କରୁଥିଲେ । ତା ଛଡ଼ା ମୋରାରଜୀ, ଚରଣ ସିଂହ ଓ ଜଗଜ୍ଜୀବନ ତିନିଜଣଯାକ ବୟସ୍କ ନେତା । ବୟସ ହେଇଗଲେ ଅନେକ ସମୟରେ ମଣିଷ ଜିଦିଆ ବି ହୋଇଯାଆନ୍ତି । ତେଣୁ ଏ ତିନିଜଣଙ୍କ ଭିତରେ ସମନ୍ୱୟ ରକ୍ଷା କରିବା କିଛି ସହଜ କଥା ନ ଥିଲା । ନିଜର ବ୍ୟକ୍ତିଗତ ସମ୍ପର୍କ ଓ ବ୍ୟକ୍ତିତ୍ୱ ବଳରେ ରବି ରାୟ ଏମାନଙ୍କ ଭିତରେ ବୁଝାମଣା ରକ୍ଷା କରିବାକୁ ସମର୍ଥ ହେଉଥିଲେ ।

ବହୁ ଦଳ, ବହୁ ମତ, ବହୁ ରାଜନୀତିକ ବିଶ୍ୱାସ ତଥା ବହୁ ବୈଚିତ୍ର୍ୟର ସଂଯୋଗ ଥିଲା ଜନତା ପାର୍ଟି । ଏହି ବୈଷମ୍ୟ ଭିତରେ ସାମ୍ୟତା ଆଣି, ଦଳକୁ ଐକ୍ୟବଦ୍ଧ କରି ରଖିବା ଥିଲା ଦଳୀୟ କର୍ମକର୍ତ୍ତାମାନଙ୍କ ପାଇଁ ଦୁରୂହ ବ୍ୟାପାର । ରବି ରାୟ ତେଣୁ ଏ ଦିଗରେ ନିଜର ସମସ୍ତ ନିଷ୍ଠା ଜାରି ରଖିଥିଲେ । ତାଙ୍କର ଏକମାତ୍ର ଧ୍ୟାନ ଥିଲା କେମିତି ଦଳର ଏକତା ଠିକ୍ ରହିବ । ଦଳର ସମସ୍ୟା ବୁଝିବାପାଇଁ ସେ ଦିନରାତି ଏକାକାର କରିଦେଇଥିଲେ ।

ଠିକ୍ ଏତିକିବେଳେ ଦଳ ଭିତରେ ଗୋଟେ ଗୁରୁତର ସମସ୍ୟା ଉପୁଜିଲା । ମୋରାରଜୀ ଦେଶାଇଙ୍କ ପୁଅ କାନ୍ତି ଦେଶାଇ ସରକାରଙ୍କ ଶାସନ ପରିଚାଳନାରେ ନାନା ଭାବରେ ହସ୍ତକ୍ଷେପ କରୁଥିବାରୁ, ତାହା ଅନେକଙ୍କ ମନରେ କେବଳ ଅସନ୍ତୋଷ ସୃଷ୍ଟି କରୁ ନ ଥିଲା; ତଦ୍ଦ୍ୱାରା ଶାସନ କ୍ଷେତ୍ରରେ ଯେଉଁ ସ୍ୱଚ୍ଛତା ରହିବା କଥା, ତାହା ବାଧାପ୍ରାପ୍ତ ହେଉଥିଲା । ବହୁ ଲୋକ ଆସି ତାଙ୍କ ବିରୋଧରେ ଅଭିଯୋଗ ବାଢୁଥିଲେ ଯେ, ସେ ସରକାରୀ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି । ତାଙ୍କର ଏ ପ୍ରକାର ଆଚରଣ ଦଳପାଇଁ ଗୋଟେ ବିରାଟ ସଙ୍କଟରୂପେ ମୁଣ୍ଡ ଟେକିଲା ।

ରବି ରାୟ ଓ ମଧୁଲିମାୟେ ସ୍ଥିର କଲେ ଯେ ଏ ବାବଦରେ ସେମାନେ ମୋରାରଜୀ ଭାଇଙ୍କୁ ଦେଖା କରିବେ । ନିଜ ପୁଅ କାନ୍ତି ଦେଶାଇ ସ୍ୱୟଂ ପ୍ରଧାନମନ୍ତ୍ରୀଙ୍କର ଭାବମୂର୍ତ୍ତି ନଷ୍ଟ କରୁଛନ୍ତି, ଏକଥା ତାଙ୍କୁ ବୁଝାଇବାକୁ ହେବ । ଏହାଦ୍ୱାରା ଦଳର ମର୍ଯ୍ୟାଦା ମଧ୍ୟ କ୍ଷୁଣ୍ଣ ହେଉଛି - ଏକଥା ପ୍ରଧାନମନ୍ତ୍ରୀ ହୃଦୟଙ୍ଗମ କରିବା ଦରକାର । ଦଳଉପରକୁ ଯେଉଁ ଆସନ୍ନ ବିପଦ ମାଡ଼ିଆସୁଛି, ସେଥିପ୍ରତି ସତର୍କ ନ ହେଲେ କେତେବେଳେ କଣ ଘଟିଯାଇପାରେ । କ୍ଷମତାର ବଳୟ ଭିତରୁ ଥରେ ମୁକ୍ତ ହୋଇ ଗୋଟେ ନିରାପଦ ଦୂରତ୍ୱରେ ରହି ଏସବୁ ସମସ୍ୟା କଥା ବିଚାର କଲେ ପ୍ରଧାନମନ୍ତ୍ରୀ ବୁଝିପାରିବେ, ଏହାଦ୍ୱାରା ସେ କେତେବଡ଼ ଅଘଟଣ ଘଟାଇବାକୁ ଯାଉଛନ୍ତି । କାନ୍ତି ଦେଶାଇଙ୍କ ପତ୍ନୀ ପଦ୍ମା ଭାରି ବୁଝିଲା ଶୁଝିଲା ମହିଳା । ତାଙ୍କୁ ସବୁକଥା କହିବାରୁ ସେ ଦିଲ୍ଲୀ ଛାଡ଼ି ବମ୍ବେ

Digitized by srujanika@gmail.com

ଚାଲିଯିବାକୁ ପ୍ରସ୍ତୁତ ହୋଇଗଲେ । ସେ ପ୍ରତିଶ୍ରୁତି ଦେଲେ ଯେ ସ୍ୱାମୀଙ୍କୁ ତାଙ୍କର ବୁଝାଇ ଶୁଝାଇ ସେମାନେ ବମ୍ବେ ଚାଲିଯିବେ ।

ଏହାପରେ ରବି ରାୟ ଓ ମଧୁଲିମାୟେ ଦୁହେଁ ମିଶି ପ୍ରଧାନମନ୍ତ୍ରୀଙ୍କ ପାଖକୁ ଯାଇ କହିଲେ - ମୋରାରଜୀଭାଇ, ଆପଣ କାନ୍ତିକୁ ବମ୍ବେ ପଠାଇ ଦିଅନ୍ତୁ । ପଦ୍ମା ସହିତ ଆମେ କଥାବାର୍ତ୍ତା କରିଛୁ । ସେ ବୁଦ୍ଧିମତୀ । ବିଚାରଶୀଳା । ସେ ରାଜି ହୋଇଯାଇଛି ବମ୍ବେ ଯିବାକୁ । କାନ୍ତି ଏଠି ରହିଲେ ଆପଣଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି । ଏହା ଆପଣଙ୍କ ପାଇଁ ଓ ଦଳ ପାଇଁ, କାହାପାଇଁ ଶୁଭଙ୍କର ନୁହେଁ ।

ମୋରାରଜୀ ଦେଶାଇ କହିଲେ - 'ହମ୍‌କୋ କୋନ ଦେଖେଗା' ?

ରବି ରାୟ କହିଲେ - 'ଆପ ଉନସେ ଯାଦା ତନ୍ଦୁରସ୍ତ ହୈ । ଓ କ୍ୟା ଆପକୋ ଦେଖେଗା । ଏତ୍‌ନା ଲୋଗ ହୈ । ଫିରଭି ହମ୍‌ସବ୍ ଦେଖେଙ୍ଗେ ।'

ହେଲେ ମୋରାରଜୀ ଦେଶାଇ ଏପରି ଏକ ପ୍ରସ୍ତାବ ସହିତ ସହମତ ହେଲେ ନାହିଁ । ତାଙ୍କର ପୁତ୍ରମୋହ କିଛି କମ୍ ନ ଥିଲା । ସେ କାନ୍ତି ଦେଶାଇଙ୍କୁ ବମ୍ବେ ପଠେଇବା ସପକ୍ଷରେ କୌଣସି ଯୁକ୍ତିକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ । ଫଳରେ ଦଳର ଆଭ୍ୟନ୍ତରୀଣ ସଂଘର୍ଷ ବଢ଼ି ବଢ଼ି ଚାଲିଲା । ଦଳ ଉପରକୁ ଗୁରୁତର ବିପଦ ଘନେଇ ଆସୁଥିଲା । ଏହା ରବି ରାୟଙ୍କୁ ଭୀଷଣ ବ୍ୟଥିତ କରିଥିଲା । ଗଣତନ୍ତ୍ରରେ ସର୍ବୋଚ୍ଚ ନେତାଙ୍କୁ କିପରି ଜାତିର ବୃହତ୍ତର କଲ୍ୟାଣ ପାଇଁ ବ୍ୟକ୍ତିଗତ ସ୍ୱାର୍ଥତ୍ୟାଗ କରିବା କଥା, ସେକଥା ମୋରାରଜୀ ଭାଇ ଯେପରି ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ । ତାଙ୍କ ପରି ଜଣେ ମହାନ ନେତାଙ୍କ ପକ୍ଷରେ ଏପରି ପୁତ୍ରମୋହ ବାସ୍ତବିକ ଅଚିନ୍ତନୀୟ ଥିଲା ।

ରବି ରାୟଙ୍କର ସବୁ ସଙ୍ଗଠନ ଶକ୍ତି ଓ ସଦିଚ୍ଛା ଯେପରି ଏହି ନିଶ୍ଚିତ ଭବିତବ୍ୟକୁ ରୋଧି ପାରିବ ନାହିଁ ! ଏକଥା ତାଙ୍କୁ ଜଳଜଳ ହୋଇ ଦିଶୁଥିଲା । ଜାତୀୟ ସ୍ତରର ମହାନ ରାଜନୀତିକ ଦଳ, ଗୋଟେ ମହାପ୍ରବାହ ସଦୃଶ । ଏ ପ୍ରବାହରେ ଜୁଆର ଆସିବ, ଭଟ୍ଟା ବି ଆସିବ । କିନ୍ତୁ କୂଳରେ ଛିଡ଼ା ହୋଇଥିବା ମଣିଷଟି ଏ ସବୁକୁ ନିରୀକ୍ଷଣ କରୁଥିଲେ ବି କିଛି କରିପାରିବ ନାହିଁ । ତାର ଅସହାୟତା ଯେପରି, ସେହିପରି ରବି ରାୟ ଅନୁଭବ କରୁଥିଲେ, ଜନତା ପାର୍ଟିର ଏକତା ହୁଏତ ଆଉ କିଛି ଦିନ ପରେ ଏକ ବିରାଟ ପ୍ରଶ୍ନବାଚୀ ପରି ଉଭାହେବ । ଏହି ମହା ବିପତ୍ତିରୁ ପାର୍ଟିକୁ ରକ୍ଷା କରିବା ପାଇଁ ସାଧାରଣ ସମ୍ପାଦକ ଭାବରେ ସେ ଆପ୍ରାଣ ଚେଷ୍ଟା କରୁଥିଲେ ।

ମୋରାରଜୀ ଦେଶାଇଙ୍କ ପୁତ୍ରମୋହ ସାଙ୍ଗକୁ ରାଜନାରାୟଣଙ୍କ ଏକଦିଗଦର୍ଶିତା, ସଂଯମହୀନ ବ୍ୟବହାର ଓ କଥାବାର୍ତ୍ତା ଅନେକ ସମୟରେ ଦଳୀୟ କର୍ମୀ, ନେତା ଓ ସାଧାରଣ ଲୋକଙ୍କୁ ଆହତ କରୁଥିଲା । ଲୋକେ ଏ ନେଇ ଭାରି କ୍ଷୁବ୍ଧ ହେଉଥିଲେ ।

Digitized by srujanika@gmail.com

ଏହାର ଚରମ ପରିଣତିସ୍ୱରୂପ ମାତ୍ର ଦୁଇବର୍ଷ ସରକାର ଚଳାଇବା ପରେ ଜନତା ପାର୍ଟିରେ ବିରାଟ ଫାଟ ସୃଷ୍ଟି ହେଲା । ମୋରାରଜୀ ଭାଇ ନିଜ ଭୁଲ ବୁଝିପାରି ସରକାର ଛାଡ଼ିଲା ବେଳକୁ କାନ୍ତିଭାଇ ଦେଶାଇଙ୍କ ଉପରେ ବିଚାର ବିଭାଗ ତଦନ୍ତ ବସାଇବାକୁ ନୈତିକ ଦୃଷ୍ଟିକୋଣରୁ ବାଧ ହୋଇଥିଲେ । ହେଲେ ସେତେବେଳକୁ ନେଡ଼ିଗୁଡ଼ କହୁଣିକି ବୋହି ଯାଇଥିଲା । ଏହା ପାର୍ଟିର ଏକତାକୁ ଆଉ ରକ୍ଷା କରିପାରିଲା ନାହିଁ । ଜନତା ପାର୍ଟିର ମଜବୁତ ବନ୍ଧନରେ ଥରେ ଫାଟ ଦେଖାଦେବାପରେ ତାହା କ୍ରମଶଃ ବଢ଼ିବାକୁ ଲାଗିଥିଲା ଓ ଅବଶେଷରେ ଜନତା ସରକାର ଭୁଶୁଡ଼ି ଗଲା । ଲୋକଙ୍କ ଆଶା ଓ ବିଶ୍ୱାସ ଧୂଳିସାତ୍ ହୋଇଗଲା ।

ସମ୍ପାଦକ ଭୂମିକାରୁ ମନ୍ତ୍ରିମଣ୍ଡଳକୁ

ସାଧାରଣ ସମ୍ପାଦକ ଭାବରେ ରବି ରାୟଙ୍କ ଦାୟିତ୍ୱ ଥିଲା ମୋରାରଜୀ ଦେଶାଇ, ରାଜନାରାୟଣ, ଚରଣ ସିଂହ ଓ ଜଗଜୀବନ ରାମଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି କରି ରଖିବା । ଏହି ଅଲିଖିତ-ଦଳୀୟ ଦାୟିତ୍ୱ ଓ କର୍ତ୍ତବ୍ୟର ଇସ୍ତାହାର ତାଙ୍କ କାନ୍ଧ ଉପରେ ସହସ୍ର ଗଦାର ଭାର ଭଳି ଥିଲା । ଏଥିପାଇଁ ତାଙ୍କ ସାଧନାର ଅନ୍ତ ନ ଥିଲା । ଅଧିକାଂଶ ସମୟରେ ବଡ଼ ବଡ଼ ନେତାମାନଙ୍କର ଗୋଟେ ଦୁର୍ଗୁଣ ଥାଏ । ତାହା ହେଉଛି ନିଜ ନିଜର ପ୍ରତିଷ୍ଠା ଓ ମତ ପାଇଁ ଅହଂକାର । ଏହି ଅହଂକାର ହିଁ ସବୁ ବିପର୍ଯ୍ୟୟକୁ ଆବାହନ କରି ଆଣିଥାଏ । ସବୁ ପ୍ରକାର ସହବନ୍ଧନର ଗଣ୍ଠି ଖୋଲିଯାଏ ଗୋଟେ ମୁହୂର୍ତ୍ତରେ । ଯେଉଁ ଆଦର୍ଶ, ଯେଉଁ ସଂକଳ୍ପ ନେଇ ଏମାନେ ଗୋଟାଏ ସମାନଭୂମିରେ ଛିଡ଼ା ହୋଇଥାନ୍ତି, ତାହା ମାଟିରେ ମିଶିଯାଏ । ଠିକ୍ ତାହାହିଁ ହୋଇଥିଲା ଇମରଜେନ୍‌ସି ପର ଜନତା ସରକାରରେ । ଏହି ସରକାର ପୂରା ପାଞ୍ଚବର୍ଷ କାର୍ଯ୍ୟ କରିପାରିଲା ନାହିଁ । ମାତ୍ର ଏହି ସଙ୍କଟ ସମୟରେ ରବି ରାୟଙ୍କ ଭୂମିକା ଥିଲା ପ୍ରଶଂସନୀୟ । ପ୍ରଥମ ପର୍ଯ୍ୟାୟରେ ଦଳର ସାଧାରଣ ସମ୍ପାଦକ ଭାବରେ ଓ ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଭାବରେ ସେ ଦେଶର ରାଜନୀତିକ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ।

ରବି ରାୟ ଜନତାପାର୍ଟିର ସାଧାରଣ ସମ୍ପାଦକ ଭାବରେ ଦଳ ତରଫରୁ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କର ସମ୍ମିଳନୀ ଡକାଇଲେ । ଏପରି ଏକ ସମ୍ମିଳନୀ ଡାକିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦେଶରେ ସମାଜବାଦର ପ୍ରକୃତ ରୂପାୟନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇପାରିବ, ତାର ବିଚାର-ବିମର୍ଶ କରିବା । ଏଥିପାଇଁ ପାର୍ଟିର ଏକ ଯୋଜନା ପ୍ରସ୍ତୁତ ହୋଇଥିଲା - 'ଅନ୍ତୋଦୟ ଯୋଜନା' । ଏହି ଯୋଜନାର ଲକ୍ଷ୍ୟ ଥିଲା ଦେଶର ସବୁଠୁ ଗରିବତମ ଲୋକର ଉତ୍ଥାନ କରିବା । ଜାତିର ପିତା ଗାନ୍ଧିଜୀଙ୍କ ପରିକଳ୍ପନା ସବୁବେଳେ ସମାଜର ନିମ୍ନବର୍ଗର ଲୋକଙ୍କ ପାଇଁ ଏହା ଉଦ୍ଦିଷ୍ଟ ଥିଲା । ତଳସ୍ତରରୁ

Digitized by srujanika@gmail.com

ସାଧାରଣ ଲୋକଙ୍କର ଜୀବନର ମାନଦଣ୍ଡ ବୃଦ୍ଧି ନ ପାଇଲେ ରାଷ୍ଟ୍ରର ସାମୂହିକ ବିକାଶ ଅସମ୍ଭବ ବୋଲି ଗାନ୍ଧିଜୀ ସବୁବେଳେ କହୁଥିଲେ । ରବି ରାୟ ଏହି ଅନ୍ତୋଦୟ ଯୋଜନାରେ ମୁଖ୍ୟତଃ ଦୁଇଟି କଥା ଉପରେ ଅଧିକ ଗୁରୁତ୍ୱ ଦେଲେ । ଗୋଟିଏ କଥା ହେଲା ଦେଶର ସବୁଲୋକେ କିପରି ଭଲ ଓ ବିଶୁଦ୍ଧ ପିଇବାପାଣି ସହଜରେ ପାଇପାରିବେ ଓ ଦ୍ୱିତୀୟଟି ହେଲା, ନିଜ ନିଜର ମାତୃଭାଷାର ଯଥୋଚିତ ବିକାଶ । ସବୁ ପ୍ରଦେଶରେ ନିଜ ମାତୃଭାଷା ମାଧମରେ ଶିକ୍ଷାଦାନ ବ୍ୟବସ୍ଥା, ସରକାରୀ କାର୍ଯ୍ୟାଳୟରେ ମାତୃଭାଷାର ପ୍ରଚଳନ ଓ ପ୍ରାଧାନ୍ୟ ଉପରେ ସେ ଗୁରୁତ୍ୱ ଆରୋପ କଲେ । ମାତୃଭାଷାର ବିକାଶଦ୍ୱାରା ଜାତିର ମାନସିକ ଓ ନୈତିକସ୍ତରରେ ନିଜ ମାତୃଭୂମି ପ୍ରତି ଆନୁଗତ୍ୟ ଓ ଶ୍ରଦ୍ଧା ପ୍ରକାଶ ପାଇବ ବୋଲି ତାଙ୍କର ଦୃଢ଼ ଧାରଣା ଥିଲା । ଜାତୀୟତାର ବିକାଶ ହେଲେ, ସର୍ବଭାରତୀୟ ସ୍ତରରେ ମଧ ଜାତୀୟ ସଂହତି ଓ ଏକତା ରକ୍ଷାହେବା ସମ୍ଭବ ବୋଲି ସେ ଭାବୁଥିଲେ । ମାତୃଭୂମି, ମାତୃଭାଷା ପ୍ରୀତି ନ ରହିଲେ ଜାତି ବଡ଼ ହୋଇପାରେ ନାହିଁ । ସ୍ୱାଧୀନତା ଆନ୍ଦୋଳନ ବେଳେ ଯେଉଁ ଭାରତୀୟ ଜାତୀୟତାର ବିକାଶ ଘଟିଥିଲା, ତାହା ସ୍ୱାଧୀନତୋତ୍ତର କାଳରେ ଅକ୍ଷୁଣ୍ଣ ରହିବା ଉଚିତ ବୋଲି ସେ ବିଚାରୁଥିଲେ । ଏଣୁ ସେ ମୁଖ୍ୟମନ୍ତ୍ରୀ ସମ୍ମିଳନୀରେ ଅନ୍ତୋଦୟ ଯୋଜନାର ଏହି ଦୁଇଟି ଆଭିମୁଖ୍ୟ ସମ୍ପର୍କରେ ବିଚାର ବିମର୍ଶ କଲେ । ସବୁ ମୁଖ୍ୟମନ୍ତ୍ରୀମାନଙ୍କୁ ଏହାର ଉପାଦେୟତା ଓ ଅନିବାର୍ଯ୍ୟ ଆବଶ୍ୟକତା ସମ୍ପର୍କରେ ବୁଝାଇଲେ ଓ ସମସ୍ତଙ୍କୁ ଅନୁରୋଧ କଲେ ନିଜ ନିଜ ରାଜ୍ୟରେ ଏହାକୁ ନିଷ୍ଠାର ସହ କାର୍ଯ୍ୟକାରୀ କରାଇବାକୁ । ଏ ବାବଦରେ କେନ୍ଦ୍ର ସରକାରଙ୍କର ସବୁପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବାପାଇଁ ସେ ଚେଷ୍ଟା କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଲେ ।

ସେତେବେଳେ କେନ୍ଦ୍ରରେ ଶିକ୍ଷାମନ୍ତ୍ରୀ ଥାନ୍ତି ପ୍ରତାପଚନ୍ଦ୍ର ଚନ୍ଦ୍ର । ରବି ରାୟ ଶାସକ ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସମିତିର ଟାଣୁଆ ସମ୍ପାଦକ । ଜନତାପାର୍ଟି ରବି ରାୟଙ୍କର ଏ ପ୍ରସ୍ତାବକୁ ଅନୁମୋଦନ କଲେ ଯେ ପ୍ରାଥମିକ ଶିକ୍ଷା ନିଜ ମାତୃଭାଷାରେ ହେବ । ମାତ୍ର ପରିତାପର ବିଷୟ ରବି ରାୟଙ୍କର ଏହି ପ୍ରସ୍ତାବକୁ ଶିକ୍ଷାମନ୍ତ୍ରୀ ଓ ସରକାର ଗ୍ରହଣ କଲେ ନାହିଁ । ବରଂ ମୋରାରଜୀ ଦେଶାଇଙ୍କ କ୍ୟାବିନେଟ ତା ବିରୋଧରେ ପ୍ରସ୍ତାବ ପାସ୍ କରାଇନେଲେ । ରବି ରାୟଙ୍କ ଶତଚେଷ୍ଟା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ତାହା ତାଙ୍କୁ ଦାରୁଣ ଆଘାତ ଦେଲା । ନିଜ ପାର୍ଟିର ସରକାର ଥାଉ ଥାଉ ତାଙ୍କର ଏହି ଚରମ ବିଫଳତା ତାଙ୍କୁ ମର୍ମାହତ କରିଥିଲା । ଏହାର ଅନ୍ତର୍ନିହିତ କାରଣ ସେ ତଥାପି ବୁଝିପାରି ନ ଥିଲେ ।

ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଦେଶସାରା ହଜାର ହଜାର ଇଂରାଜୀ ମାଧମ ସ୍କୁଲ ଗଢ଼ି ଉଠୁଥିଲା । ରବି ରାୟ ଛାତ୍ରଥିବା ବେଳେ ସୋସାଲିଷ୍ଟ ପାର୍ଟି ଏ ସମସ୍ୟା

Digitized by srujanika@gmail.com

ସମ୍ପର୍କରେ ଗଭୀର ଭାବରେ ଚିନ୍ତା କରୁଥିଲା । ଇଂରାଜୀ ଅତିରିକ୍ତ ପାଠ୍ୟକ୍ରମ ଭାବରେ ରହୁ ଓ ଦେଶର ସବୁ ଛାତ୍ରଛାତ୍ରୀ ଇଂରାଜୀରେ ଦକ୍ଷତା ଓ ଜ୍ଞାନ ଆହରଣ କରନ୍ତୁ - ଏହା ସ୍ୱାଗତଯୋଗ୍ୟ । କିନ୍ତୁ ଗୋଟେ ସ୍ୱାଧୀନ ରାଷ୍ଟ୍ରର ନାଗରିକମାନେ ସେମାନଙ୍କ ମୌଳିକ ଅଧିକାର ଭାବରେ ପ୍ରାଥମିକ ସ୍ତରରୁ ଯେଉଁ ଶିକ୍ଷା ଲାଭ କରିବେ, ତାହା କେବଳ ନିଜ ନିଜ ମାତୃଭାଷାରେ ଦିଆଯାଉ । ସୋସାଲିଷ୍ଟ ଦଳର ଏହି ପ୍ରସ୍ତାବକୁ ପରବର୍ତ୍ତୀକାଳରେ ୧୯୭୭ ନିର୍ବାଚନ ବେଳେ ଜନତାପାର୍ଟି ନିର୍ବାଚନ ଇସ୍ତାହାର (ମାନିଫାଷ୍ଟୋ)ରେ ରଖିଥିଲେ । କିନ୍ତୁ ଦୁଃଖର କଥା ସେଇ ଜନତାପାର୍ଟି ସରକାର ଗଢ଼ି ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଏପରି ଏକ ଜାତୀୟ ସ୍ୱାର୍ଥ ବିରୋଧୀ ସିଦ୍ଧାନ୍ତକୁ ଗ୍ରହଣ କରିନେଲା । ଏହା ଥିଲା ଭାଗ୍ୟର ବିଡ଼ମ୍ବନା ।

ରବି ରାୟ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ - 'ମୁଁ ଏ ମାନିଫାଷ୍ଟୋ ପଢ଼ିନି ।' ଦେଶର ସର୍ବୋଚ୍ଚ ଶାସକ, ପୁଣି ଜନତାପାର୍ଟିର ଜଣେ ଟାଣୁଆ ନେତା ଓ ମୋରାରଜୀଭାଇଙ୍କ ପରି ଜଣେ ମହାନ ଜନନାୟକଙ୍କର ଏପରି ବକ୍ତବ୍ୟ ରବି ରାୟଙ୍କୁ ସ୍ତମ୍ଭୀଭୂତ କରିଥିଲା । ସେ ନିଜ କାନକୁ ଏକଥା ବିଶ୍ୱାସ କରିପାରୁ ନ ଥିଲେ ।

ଜନତା ସରକାର କିପରି ଗୋଟେ ପରେ ଗୋଟେ ଭୁଲ ସିଦ୍ଧାନ୍ତ ଗ୍ରହଣ କରୁଛନ୍ତି, ଓ ପାର୍ଟିର ଆଭ୍ୟନ୍ତରୀଣ ପରିସ୍ଥିତି ସମ୍ପର୍କରେ ଜୟପ୍ରକାଶ ନାରାୟଣଙ୍କ ସାଙ୍ଗରେ ଆଲୋଚନା କରିବା ପାଇଁ ରବି ରାୟ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜନାରାୟଣ ବିହାର ଆସିଲେ । ପାଟନାରେ ପହଞ୍ଚିବା ପରଦିନ ଶୁଣିଲେ ଯେ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ରାଜନାରାୟଣଙ୍କୁ ବାଦ ଦିଆଯାଇଛି । ଏଥିରୁ ପାର୍ଟିର ସ୍ଥିତି ଓ ମତଭେଦ ଜଳଜଳ ହୋଇ ଦିଶିଯାଉଥିଲା । ମୋରାରଜୀ ଦେଶାଇ ରବି ରାୟଙ୍କୁ ତାଙ୍କ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ୱାସ୍ଥ୍ୟମନ୍ତ୍ରୀ ଭାବରେ ଗ୍ରହଣ କଲେ । ରବି ରାୟଙ୍କ ସହିତ ରାଜନାରାୟଣଙ୍କର ବନ୍ଧୁତ୍ୱ ବେଶ ନିବିଡ଼ ଥିଲା । ତାଙ୍କ ପରିବର୍ତ୍ତେ ତାଙ୍କର ଅନ୍ତରଙ୍ଗ ବନ୍ଧୁ ରବି ରାୟ ସ୍ୱାସ୍ଥ୍ୟମନ୍ତ୍ରୀ ହେବାଦ୍ୱାରା ରାଜନାରାୟଣଙ୍କର କ୍ଷୋଭ ଅନେକାଂଶରେ ପ୍ରଶମିତ ହୋଇଥିଲା ।

କେନ୍ଦ୍ର କ୍ୟାବିନେଟରେ ସ୍ୱାସ୍ଥ୍ୟମନ୍ତ୍ରୀ ଭାବରେ ଯୋଗ ଦେଲେ ରବି ରାୟ । ଜୟପ୍ରକାଶ ନାରାୟଣ ଏହି ସିଦ୍ଧାନ୍ତକୁ ସ୍ୱାଗତ କରିଥିଲେ । ସାଧାରଣତଃ କେନ୍ଦ୍ରରେ ବିନା ଲବିରେ କେହି କ୍ୟାବିନେଟ ମନ୍ତ୍ରୀ ହୋଇ ନାହାନ୍ତି । କିନ୍ତୁ ରବି ରାୟ ଥିଲେ ବ୍ୟତିକ୍ରମ । ତାଙ୍କର ଲବି ନ ଥିଲା । ସେ ଲବି ରାଜନୀତିରେ ବିଶ୍ୱାସ କରୁ ନ ଥିଲେ । ୧୯୬୭ ମସିହା ନିର୍ବାଚନ ପରେ ସେ ଯାଇ ସୋସାଲିଷ୍ଟ ପାର୍ଟିର ପାର୍ଲିଆମେଣ୍ଟାରୀ ପାର୍ଟିର ଡେପୁଟୀ ଲିଡ଼ର ହେଲେ ଓ ପରେ ଲିଡ଼ର ହେଲେ । ମୋରାରଜୀ ଦେଶାଇଙ୍କ

Digitized by srujanika@gmail.com

ମନ୍ତ୍ରିମଣ୍ଡଳରେ ସ୍ୱାସ୍ଥ୍ୟମନ୍ତ୍ରୀ ହେଲେ ଓ ପରବର୍ତ୍ତୀ କାଳରେ ବାଚସ୍ପତି ହେଲେ । ଜନତାପାର୍ଟିର ସର୍ବଭାରତୀୟ ସ୍ତରରେ ସାଧାରଣ ସମ୍ପାଦକ ହୋଇଥିଲେ । କିନ୍ତୁ ଏସବୁ ପାଇଁ ସେ କୌଣସି ସମୟରେ ଲବି କରି ନାହାନ୍ତି, କାହା ପାଖକୁ ଯାଇ ନାହାନ୍ତି ।

ରବି ରାୟ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଯୋଗଦେବା ପରେ ନିମ୍ନ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ଚିନ୍ତା କଲେ । ସେ ଓ ରାଜନାରାୟଣ ଦୁହେଁ ଏକାଠି ବସି ଗୋଟିଏ ନୂଆ ଯୋଜନା କାର୍ଯ୍ୟକାରୀ କରିବାପାଇଁ ଚିନ୍ତାକଲେ । ନିପଟ ମଫସଲ ଗାଁଗଣ୍ଡାର ଅତି ସାଧାରଣ ଲୋକେ କିପରି ଅତ୍ୟାବଶ୍ୟକୀୟ ସ୍ୱାସ୍ଥ୍ୟସେବା ପାଇପାରିବେ, ସେଥିପାଇଁ ସେମାନେ ଗୋଟେ ଚିଠା ପ୍ରସ୍ତୁତ କଲେ । ଏହାର ନାଁ ଦେଲେ 'ଜନସ୍ୱାସ୍ଥ୍ୟ ରକ୍ଷକ' (Barefoot Doctor) ।

ଏହି ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ସେ ଅଳ୍ପଦିନ ଭିତରେ ସବୁରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କର ସମ୍ମିଳନୀ ଡକାଇଲେ । ଏହି ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସେ ସ୍ୱାସ୍ଥ୍ୟମନ୍ତ୍ରୀ ସମ୍ମିଳନୀରେ ତନ୍ନତନ୍ନ ଭାବରେ ଆଲୋଚନା କଲେ ।

ତାଙ୍କ ମତରେ ପ୍ରତି ଗାଁରେ ଜଣେ ଜଣେ 'ବେୟାର ଫୁଟ ଡକ୍ଟର' ବା 'ଜନସ୍ୱାସ୍ଥ୍ୟ ରକ୍ଷକ' ନିଯୁକ୍ତି ପାଇବେ । ଏମାନେ ଡାକ୍ତର ହେବା ଜରୁରୀ ନୁହେଁ । ମାଟ୍ରିକ ପାସ୍ କରିଥାନ୍ତୁ ପଛେ । ଜର, କାଶ, ଝାଡ଼ା, ଥଣ୍ଡା, ସର୍ଦ୍ଦି ପ୍ରଭୃତି ଅତି ସାଧାରଣ ରୋଗର ଚିକିତ୍ସା ବିଷୟରେ ସେମାନେ ତାଲିମ ପାଇବେ । ସେମାନଙ୍କୁ ଗୋଟେ ଗୋଟେ ବ୍ୟାଗ ଯୋଗାଇ ଦିଆଯିବ । ସାଧାରଣ ରୋଗ ଓ ତାର ଚିକିତ୍ସା ବିଷୟରେ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ବହିଛପାଇ ସେମାନଙ୍କୁ ଯୋଗାଇଦେବ । ସେହି ଜନସ୍ୱାସ୍ଥ୍ୟରକ୍ଷକମାନେ ଦିଆଯାଇଥିବା ବ୍ୟାଗ ଓ ଔଷଧକୁ ନେଇ ଗାଁ ଗାଁରେ ଲୋକଙ୍କୁ ସାଧାରଣ ଭାବରେ ଚିକିତ୍ସା କରିବେ ଓ ମାଗଣାରେ ଔଷଧ ଯୋଗାଇ ଦେବେ । ସେମାନେ ଯେଉଁ ରୋଗୀକୁ ଚିକିତ୍ସା କରିପାରିବେ ନାହିଁ, ତାକୁ ସରକାରୀ ଡାକ୍ତରଖାନାକୁ ପଠାଇବେ । ଏପରି ବ୍ୟବସ୍ଥାଦ୍ୱାରା ଗରିବଲୋକେ ନିମ୍ନତମ ସ୍ୱାସ୍ଥ୍ୟସେବା ପାଇବାର ସୁଯୋଗ ପାଇବେ । ଏ ସଂକ୍ରାନ୍ତରେ ସେ ବିଭିନ୍ନ ରାଜ୍ୟରୁ ଆସିଥିବା ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ସହିତ ଆଲୋଚନା କରି, ଏହା କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ଗ୍ରହଣ କଲେ । କେନ୍ଦ୍ର ସରକାର ଏଥିପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେବେ । ପ୍ରସ୍ତାବ କାର୍ଯ୍ୟକାରୀ ହେଲା । କିନ୍ତୁ ଦୁର୍ଭାଗ୍ୟର ବିଷୟ, ଏ ପ୍ରସ୍ତାବ ପୂର୍ଣ୍ଣାଙ୍ଗରୂପ ଗ୍ରହଣ କରିବା ପୂର୍ବରୁ କେନ୍ଦ୍ରରେ ଜନତା ସରକାରର ପତନ ଘଟିଥିଲା ଓ ତାହା ଚୂଡ଼ାନ୍ତ ରୂପରେଖ ନେବା ପୂର୍ବରୁ ଦିବାସ୍ୱପ୍ନ ପରି ମିଳେଇ ଯାଇଥିଲା । କେନ୍ଦ୍ରରେ ଇନ୍ଦିରା ଗାନ୍ଧୀ ସରକାର ପୁନର୍ବାର ଶାସନ କରିବାରୁ ସେ ଏ ପ୍ରସ୍ତାବକୁ ପୂରାପୂରି ବାତିଲ କରିଦେଲେ ।

Digitized by srujanika@gmail.com

ରବି ରାୟ କେନ୍ଦ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀ ପଦବୀରେ ରହିବା ବର୍ଷଟିଏ ସୁଦ୍ଧା ପୂର୍ଣ୍ଣ ହୋଇ ନାହିଁ । ଏହି ଅଳ୍ପଦିନ ଭିତରେ ସେ ସମଗ୍ର ଦେଶର ଅତି ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଧ୍ୟାନ ଦେଇ ଆସିଥିଲେ । ତାଙ୍କର ଚିନ୍ତାଧାରା ମୁଖ୍ୟତଃ ଗ୍ରାମାଭିମୁଖୀ ଥିଲା । ସେ ଭାବୁଥିଲେ - ଦେଶ ଓ ଜାତିର ଉନ୍ନତି ପାଇଁ ସୁସ୍ଥ ଜନସମାଜ ଏକାନ୍ତ ଆବଶ୍ୟକ । ସ୍ୱାସ୍ଥ୍ୟ କେବଳ ରୋଗର ଚିକିତ୍ସା ନୁହେଁ । ଏହା ଏକାଧାରରେ ଜନସାଧାରଣଙ୍କର ଶାରୀରିକ, ମାନସିକ, ନୈତିକ ଓ ସାମାଜିକ ଉନ୍ନତିର ଚାବିକାଠି । ସ୍ୱାସ୍ଥ୍ୟ ସମ୍ପର୍କରେ 'ବିଶ୍ୱ ସ୍ୱାସ୍ଥ୍ୟ ସଂଘ'ର ଏହି ସଂଜ୍ଞା ରବି ରାୟଙ୍କୁ ବିଶେଷ ଭାବରେ ଅନୁପ୍ରାଣିତ କରିଥିଲା । ଏଯାବତ୍ ଦେଶର ଚିକିତ୍ସା ମୁଖ୍ୟତଃ ସହରାଞ୍ଚଳରେ ବିଶେଷ ଭାବରେ ଉପଲବ୍ଧ ହୋଇଥାଏ । ଶତକଡ଼ା ଅଶୀଭାଗ ଗାଁ ଲୋକେ ଆଜିବି ରୋଗବ୍ୟାଧିରେ ସଢ଼ି ମରୁଛନ୍ତି । ଏଣୁ ସେ ଏଇ ଗାଁ ଲୋକଙ୍କ ପାଇଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନ ଖୋଲିବା ଦିଗରେ ଦୃଢ଼ ପଦକ୍ଷେପ ନେଇଛନ୍ତି ।

ଯେକୌଣସି ସ୍ୱାସ୍ଥ୍ୟଯୋଜନାର ସଫଳତା କିମ୍ବା ବିଫଳତା ଡାକ୍ତରୀ ଶିକ୍ଷାପଦ୍ଧତି, ମିଳୁଥିବା ସୁବିଧା ସୁଯୋଗ ଓ ତାଲିମପ୍ରାପ୍ତ ଡାକ୍ତରଙ୍କ ଉପରେ ନିର୍ଭର କରିଥାଏ । ଦେଶ ସ୍ୱାଧୀନ ହୋଇଥିଲେ ବି ବ୍ରିଟିଶ ଅମଳର ଡାକ୍ତରୀ ଶିକ୍ଷା ପ୍ରଣାଳୀ ଦେଶରେ ପ୍ରଚଳିତ ରହିଛି । କିନ୍ତୁ ଗ୍ରାମବାସୀମାନଙ୍କ ପାଇଁ ଏହା ସହଜରେ ଉପଲବ୍ଧ ହୋଇପାରୁ ନାହିଁ । ରବି ରାୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଦାୟିତ୍ୱ ନେବା ପରେ ଦେଶପାଇଁ ନୂତନ ଡାକ୍ତରୀ ଶିକ୍ଷା ପ୍ରଣାଳୀ ପ୍ରବର୍ତ୍ତନ ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ । ତାଲିମପ୍ରାପ୍ତ ଡାକ୍ତରମାନେ ଗାଁଗହଳରେ ଥିବା ପ୍ରାଥମିକ କେନ୍ଦ୍ରଗୁଡ଼ିକରେ ନିଯୁକ୍ତି ପାଇବେ ଓ ଲୋକମାନେ ଚିକିତ୍ସାର ସୁବିଧା ସୁଯୋଗ ଲାଭ କରିବେ ।

ସ୍ୱାସ୍ଥ୍ୟମନ୍ତ୍ରୀ ଥିବାବେଳେ ରବି ରାୟ ସେଠିକାର ସ୍ୱାସ୍ଥ୍ୟବ୍ୟବସ୍ଥା ଦେଖିବାପାଇଁ ଓ ଆନ୍ତର୍ଜାତୀୟ ସ୍ୱାସ୍ଥ୍ୟମନ୍ତ୍ରୀ ସମ୍ମିଳନୀରେ ଯୋଗଦେବାପାଇଁ ଲଣ୍ଡନ ଯାତ୍ରା କଲେ । ଲଣ୍ଡନରେ ସେ ଗୋଟେ ଖୁବ୍ ଭଲ କଥା ଦେଖିଲେ । ବଡ଼ ବଡ଼ ଭ୍ୟାନରେ ମୋବାଇଲ ହସପିଟାଲ । ଯାହାକୁ 'ଚଳନ୍ତା ଫେରନ୍ତା ଡାକ୍ତରଖାନା' ବୋଲି ଲୋକେ କହୁଥିଲେ । ସେହି ମୋବାଇଲ ହସପିଟାଲ ଭ୍ୟାନ୍‌ରେ ଆବଶ୍ୟକୀୟ ସମସ୍ତ ଯନ୍ତ୍ରପାତି, ଔଷଧପତ୍ର, ଡାକ୍ତର, ସର୍ଜନ ରହିବେ । ଏମାନେ ବିଭିନ୍ନ ଅଞ୍ଚଳକୁ ଯାଇ ଲୋକଙ୍କର ସ୍ୱାସ୍ଥ୍ୟସେବା କରିବେ । ଜରୁରୀ ଅପରେସନ ପାଇଁ ମଧ୍ୟ ଏଥିରେ ବ୍ୟବସ୍ଥା ରହିବ । ଗରିବଲୋକେ ଏସବୁ ମୋବାଇଲ ହସପିଟାଲଦ୍ୱାରା ଚିକିତ୍ସାର ବହୁସୁବିଧା ପାଇବେ । ଲୋକଙ୍କ ହାତପାଆନ୍ତାରେ ସ୍ୱାସ୍ଥ୍ୟସେବା ସହଜରେ ପହଞ୍ଚିପାରିବ । ବିଶେଷକରି ଗାଁ ଗହଳର ଲୋକେ ଏ ସୁବିଧା ଅଧିକ ପାଇପାରିବେ । ଗାଁ ହାଟମାନଙ୍କରେ ଏ ସୁବିଧା ଉପଲବ୍ଧ ହେବ ।

Digitized by srujanika@gmail.com

ରବି ରାୟ ଏଥିପାଇଁ ଲଣ୍ଡନରୁ ୩୧୮ଟି ହସପିଟାଲ ଭ୍ୟାନ ମଗାଇଲେ । ତହିଁରୁ ତିନିଟା ଭ୍ୟାନକୁ କଟକ, ବୁର୍ଲା ଓ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ଯୋଗାଇ ଦିଆଗଲା । ପ୍ରଥମେ ପ୍ରଥମେ ଏହି ମୋବାଇଲ ହସପିଟାଲ ଲୋକଙ୍କ ପାଇଁ ବେଶ କଲ୍ୟାଣକର ହୋଇପାରିଥିଲା । ହେଲେ ପରବର୍ତ୍ତୀ କାଳରେ ତାର ରକ୍ଷଣାବେକ୍ଷଣ ଠିକ୍ ଭାବରେ କରାଗଲା ନାହିଁ । ବୋଧହୁଏ ଏପରି ସ୍ୱାସ୍ଥ୍ୟସେବାର ସୁଯୋଗ ଏବେ ଆଉ ଉପଲବ୍ଧ ହେଉ ନାହିଁ । ଆମ ଲୋକେ ନିଜ ନିଜର ଅଧିକାର ଓ କର୍ତ୍ତବ୍ୟବୋଧ ବିଷୟରେ ସଚେତନ ନ ହେଲେ କୌଣସି ଯୋଜନା ଖୁବ୍ ଭଲଭାବରେ ସଫଳ ହେବା ସମ୍ଭବ ନୁହେଁ । ଓଡ଼ିଶା ସରକାରଙ୍କର ଉଦାସୀନତା ହିଁ ଲୋକଙ୍କ ପ୍ରଗତିରେ ପ୍ରଧାନ ଅନ୍ତରାୟ । ଏକଥା ସ୍ୱୀକାର କରିବାରେ କୁଣ୍ଠା ନାହିଁ ।

ରବି ରାୟ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଭାବରେ ମାତ୍ର ବର୍ଷଟିଏ ଦାୟିତ୍ୱ ତୁଲାଇଥିଲେ । ସ୍ୱପ୍ନ ତ ଅନେକ ଥିଲା । ହେଲେ ରାତି ଥିଲା ଅଳ୍ପ ।

ରବି ରାୟଙ୍କ ପ୍ରଚେଷ୍ଟାରେ ସର୍ବଭାରତୀୟ ସ୍ତରରେ ଚାରିଟି ଆୟୁର୍ବେଦିକ ଗବେଷଣା ପ୍ରତିଷ୍ଠାନ ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ହୋଇଥିଲା । ତହିଁରୁ ଗୋଟିଏ ଭୁବନେଶ୍ୱରରେ ହେଲା । ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏହାକୁ ଉଦ୍‌ଘାଟନ କରିଥିଲେ ।

ଥରେ ସେ ସରକାରୀ ଗସ୍ତରେ ହାଇଦ୍ରାବାଦ ଯାଇଥାନ୍ତି । ସେଠାରେ - ଆକବର ଅଲ୍ଲୀଙ୍କ ସାଙ୍ଗରେ ତାଙ୍କର ଦେଖା ହେଲା । ସେ ପୂର୍ବରୁ ଓଡ଼ିଶାର ଗଭର୍ଣ୍ଣର ଥିଲେ । ତେଣୁ ରବି ରାୟଙ୍କ ସହିତ ତାଙ୍କର ପୂର୍ବ ପରିଚୟ ଥିଲା । ରବି ରାୟ ତାଙ୍କ ସାଙ୍ଗରେ ୟୁନାନୀ ଚିକିତ୍ସା କେନ୍ଦ୍ର ଦେଖିବାକୁ ଯାଇଥିଲେ । ଏହି ଚିକିତ୍ସା ବ୍ୟବସ୍ଥା ଓ କେନ୍ଦ୍ର ତାଙ୍କୁ ଖୁବ୍ ଭଲ ଲାଗିଥିଲା । ୟୁନାନୀ ଚିକିତ୍ସାଦ୍ୱାରା ଭିଟିଲିଗୋ ବା ଧଳାଛଉ ଭଲହେବା ସେ ଦେଖିଲେ । ସେ ଚାହିଁଲେ ଓଡ଼ିଶାରେ ଗୋଟେ ୟୁନାନୀ ଡାକ୍ତରଖାନା ହେଉ । ସେଥିପାଇଁ ସେ ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କୁ ଏଥିପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରି ଚିଠି ଲେଖିଲେ । ଭଦ୍ରଖରେ ୟୁନାନୀ ଡାକ୍ତରଖାନା ପ୍ରତିଷ୍ଠିତ ହେଲା । ରବି ରାୟ ଆସି ଏହି ଡାକ୍ତରଖାନା ଉଦ୍‌ଘାଟନ କରିଥିଲେ । ଆଜି ବି ୟୁନାନୀ ଚିକିତ୍ସାଦ୍ୱାରା ଆଖପାଖର ବହୁଲୋକ ଭଲ ହେଉଛନ୍ତି ।

କାଳେ କାଳେ ନେତାମାନେ ନିର୍ବାଚନ ସମୟରେ ବହୁ ପ୍ରତିଶ୍ରୁତି ଦେଇଥାନ୍ତି । ଦଳ ତରଫରୁ ଏଥିପାଇଁ ଲୋକକଲ୍ୟାଣକାରୀ ନିର୍ବାଚନ ଇସ୍ତାହାର ପ୍ରକାଶ ପାଇଥାଏ । ନିର୍ବାଚନ ପରେ ଦଳ ସରକାର ଗଢ଼ିଲେ ନିର୍ବାଚନ ଇସ୍ତାହାର ଅନୁଯାୟୀ ଲୋକାଭିମୁଖୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଥାଏ । ତାହାହିଁ ହୁଏ ଦଳର ସଫଳତା । ଏଥିରେ ଦଳର ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କର ଯେପରି ଭୂମିକା ଥାଏ, ସେହିପରି ସର୍ବୋଚ୍ଚ

Digitized by srujanika@gmail.com

ନେତାଙ୍କର ମଧ୍ୟ ଗୁରୁ ଦାୟିତ୍ୱ ଥାଏ । ଯେଉଁମାନେ ମନ୍ତ୍ରୀପଦ ଗ୍ରହଣ କରିଥାନ୍ତି, ସେମାନେ ସମ୍ମିଳିତ ଭାବରେ ସର୍ବୋଚ୍ଚ ନେତାଙ୍କୁ ଏସବୁ ଜନମଙ୍ଗଳ କାର୍ଯ୍ୟରେ ନାନା ଭାବରେ ସହାୟତା କରିଥାନ୍ତି ।

ଜନତାପାର୍ଟିର ସର୍ବୋଚ୍ଚନେତା ବା ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ଯଥାର୍ଥରେ ଜନତାପାର୍ଟିର ନିର୍ବାଚନକାଳୀନ ପ୍ରତିଶ୍ରୁତିଗୁଡ଼ିକୁ କାର୍ଯ୍ୟକାରୀ କରାଇବା ଦିଗରେ ବିଶେଷ ଧ୍ୟାନ ଦେଲେ ନାହିଁ । ପ୍ରଥମ କଥା ଦେଶରେ ମାତୃଭାଷାରେ ଶିକ୍ଷାଦାନ ବ୍ୟବସ୍ଥା ଓ ଦ୍ୱିତୀୟରେ ପଛୁଆଜାତିର ସାମଗ୍ରିକ କଲ୍ୟାଣ ପାଇଁ ନିର୍ଦ୍ଦିଷ୍ଟ ଭାବରେ କେତୋଟି ଅତ୍ୟାବଶ୍ୟକୀୟ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କର ଆନ୍ତରିକ ନିଷ୍ଠାର ଅଭାବ ଥିଲା । ରବି ରାୟ କ୍ଷୁଣ୍ଣ ହୋଇ ଇସ୍ତଫା ଦେଲେ । ଇସ୍ତଫା ଦେବା ପୂର୍ବରୁ ସେ ବିଜୁବାବୁଙ୍କ ସହିତ ପରାମର୍ଶ କଲେ । ରବି ରାୟ କହିଲେ - 'ମୁଁ ମନ୍ତ୍ରୀପଦରୁ ଇସ୍ତଫା ଦେଇଦେବି । ନିର୍ବାଚନ ମ୍ୟାନିଫାଷ୍ଟୋକୁ (ନିର୍ବାଚନ ଇସ୍ତାହାରକୁ) କାର୍ଯ୍ୟକାରୀ କରିବା ପାଇଁ ଲୋକେ ମନ୍ତ୍ରୀ ହୁଅନ୍ତି । ମୁଁ ମନ୍ତ୍ରୀହେବା ପାଇଁ ମନ୍ତ୍ରୀ ହୋଇ ନ ଥିଲି । ମାତୃଭାଷାର ଉନ୍ନତି ଓ ପଛୁଆଜାତିର କଲ୍ୟାଣ - ଏ ଦୁଇଟା କଥାରେ ମୋରାରଜୀ ଭାଇ୍ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ମୁଁ ଅନୁଭବ କରୁଛି । ସେ ଏ ଦିଗରେ ଲୋକଙ୍କ ସହିତ ବିଶ୍ୱାସଘାତକତା କଲେ, କହିଲେ ଭୁଲ ହେବ ନାହିଁ । ନିର୍ବାଚନକାଳୀନ କୌଣସି ପ୍ରତିଶ୍ରୁତି ସେ ରକ୍ଷା କଲେ ନାହିଁ ।' ବିଜୁବାବୁ ମଧ୍ୟ ମୋରାରଜୀ ଭାଇଙ୍କ ଶାସନବ୍ୟବସ୍ଥାରେ ସନ୍ତୁଷ୍ଟ ନ ଥିଲେ । ସେ ତାଙ୍କ ଉପରେ ବିଗିଡ଼ି ଯାଇଥିଲେ । ମୂଳକଥା ମନ୍ତ୍ରୀମାନେ ହେଉଛନ୍ତି ପ୍ରଧାନମନ୍ତ୍ରୀଙ୍କର ସହଯୋଗୀ । ସେମାନଙ୍କ ଉପରେ ପ୍ରଧାନମନ୍ତ୍ରୀଙ୍କର ଗଭୀର ବିଶ୍ୱାସ ବା ଭରସା ରହିବା ଆବଶ୍ୟକ । ତା ଛଡ଼ା ନିଜ ନିଜ କ୍ଷେତ୍ରରେ ମନ୍ତ୍ରୀମାନେ କିପରି ସ୍ୱାଧୀନ ଭାବରେ କାର୍ଯ୍ୟ କରିପାରିବେ ଓ ଜନମଙ୍ଗଳ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିପାରିବେ, ସେ ଦିଗରେ ଧ୍ୟାନ ଦେବା ଉଚିତ । ମାତ୍ର ମୋରାରଜୀ ଭାଇଙ୍କର ଏ ଦିଗରେ ବିଶେଷ ନିଷ୍ଠା ଥିବାପରି ସେ ଅନୁଭବ କଲେ ନାହିଁ । ରବି ରାୟ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କର ଅତ୍ୟନ୍ତ ପ୍ରିୟ ଥିଲେ । ସେଥିପାଇଁ ଅନେକ ତାଙ୍କୁ ଥଟ୍ଟା ବି କରୁଥିଲେ ।

ଏହାସତ୍ତ୍ୱେ ରବି ରାୟ ଭାବିଲେ, ପ୍ରଧାନମନ୍ତ୍ରୀଙ୍କ ସହିତ ବ୍ୟକ୍ତିଗତଭାବେ ପ୍ରିୟ ହେବା ଅର୍ଥ ସମୂହ ସ୍ୱାର୍ଥକୁ ବଳିଦେବା ନୁହେଁ । ସେ ଚିନ୍ତାକଲେ, ନୀତିଭ୍ରଷ୍ଟ ସରକାରରେ ରହିବା ଉଚିତ ନୁହେଁ । ସେଦିନ ପାର୍ଲିଆମେଣ୍ଟରେ ସ୍ୱାସ୍ଥ୍ୟବିଭାଗର (ହେଲ୍ଥ ଡେ) ଆଲୋଚନା ଥାଏ । ରବି ରାୟ ପ୍ରଧାନମନ୍ତ୍ରୀଙ୍କୁ ଦେଖାକଲେ ଓ ତାଙ୍କ ହାତକୁ ନିଜର ଇସ୍ତଫା ପତ୍ର ବଢ଼ାଇଦେଲେ । ରବି ରାୟ ତାଙ୍କୁ କହିଲେ - 'ମୋରାରଜୀ ଭାଇ, ମୋର ଏ ଇସ୍ତଫା ଆପଣଙ୍କ ବିରୋଧରେ କି ସପକ୍ଷରେ ଏକଥା ନୁହେଁ । ଏ ସରକାର ଲୋକଙ୍କୁ

Digitized by srujanika@gmail.com

ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତାହା କାର୍ଯ୍ୟକାରୀ କରିପାରୁ ନାହିଁ । ଏହା ମୋର ଅନୁଭବ ହୋଇଛି । ତେଣୁ ମୋର ଏ ଇସ୍ତଫା ଗ୍ରହଣ କରିନେବେ ।' ରବି ରାୟ ତାଙ୍କ ସହିତ ଦଶପନ୍ଦର ମିନିଟ କଥାବାର୍ତ୍ତା ହୋଇ ଫେରିଆସିଲେ । ମୋରାରଜୀ ଏକଥା ଶୁଣି ମୁହଁ ଶୁଖାଇ ଦେଇଥିଲେ ।

ସେତେବେଳକୁ ମୋରାରଜୀ ଦେଶାଇ ଓ ଚରଣ ସିଂହଙ୍କ ଭିତରେ ପାର୍ଥକ୍ୟ ବଢ଼ିଯାଇଥାଏ । ପ୍ରଧାନମନ୍ତ୍ରୀ କୌଣସି କାରଣରୁ ମନ୍ତ୍ରିମଣ୍ଡଳରୁ ଚରଣ ସିଂହଙ୍କୁ ବାଦ ଦେଲେ । ଚରଣ ସିଂହ ପ୍ରାୟ ତିରିଶ ଲକ୍ଷ ଲୋକଙ୍କୁ ଏକତ୍ରିତ କରି ଦିଲ୍ଲୀରେ ଖୋଟେ ପଟୁଆର ବାହାର କଲେ । ଦିଲ୍ଲୀ ରାଜନୀତିରେ ଏହାର ଗଭୀର ପ୍ରଭାବ ଅନୁଭୂତ ହୋଇଥିଲା ।

ଜନତା ପାର୍ଟିର ଫାଟ ବଢ଼ି ବଢ଼ି ଏପରି ଅବସ୍ଥାରେ ଆସି ପହଞ୍ଚିଯାଇଥିଲା ଯେ, ତାକୁ ଆଉ କୌଣସି ଉପାୟରେ ଯୋଡ଼ିବା ସମ୍ଭବ ନ ଥିଲା । ଏହାର ପରିଣାମ ବିଷମୟ ହୋଇ ଉଠିଥିଲା । ଲୋକେ ଗଭୀର ବିଶ୍ୱାସରେ ଜୟପ୍ରକାଶ ଆନ୍ଦୋଳନରେ ଝାସ ଦେଇଥିଲେ । ଜରୁରୀ ପରିସ୍ଥିତି ଜାରି ପରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଲୋକେ ବିପୁଳ ସଂଖ୍ୟାରେ ଜନତାପାର୍ଟିକୁ ଭୋଟ ଦେଇଥିଲେ । ମାତ୍ର ଏହି କନ୍ଦଳ ଯୋଗୁଁ ଲୋକଙ୍କ ଆଶା ଓ ବିଶ୍ୱାସ ପ୍ରତାରିତ ହେଲା । ସତ କଥା କହିଲେ, ଜନତା ପାର୍ଟି ଲୋକଙ୍କ ଆଶା ଆକାଙ୍‌କ୍ଷା ପୂରଣ ଦିଗରେ ବିଫଳ ହେଲା । ମୋରାରଜୀ ଦେଶାଇଙ୍କ ଏକଜିଦିଆ ସ୍ୱଭାବ ଓ ଅନ୍ୟାନ୍ୟ ତୁଙ୍ଗନେତାମାନଙ୍କ ମଧ୍ୟରୁ କେତେକଙ୍କର ନିଜର ପ୍ରତିଷ୍ଠା ଓ ଅହଂକାର ଯୋଗୁଁ ଜନତାଦଳ ଭିତରେ ସମନ୍ୱୟ ରକ୍ଷା କରିବା ସମ୍ଭବ ହୋଇପାରିଲା ନାହିଁ । ସରକାର ସଂହତି ବିହୀନ ହୋଇପଡ଼ିଲା ।

ଏହାର କିଛିଦିନ ପରେ କଂଗ୍ରେସ ତରଫରୁ ମୋରାରଜୀ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଲା । ପ୍ରସ୍ତାବର ଆଲୋଚନା ହେଲା । ସେତେବେଳେ ମୋରାରଜୀ ଦେଶାଇ ଓ ଚରଣ ସିଂହ ଦୁଇ ବିପରୀତମୁଖୀ ପ୍ରବାହରେ ପରିଣତ ହୋଇ ସାରିଥିଲେ । ମୋରାରଜୀ ଦେଶାଇ ଇସ୍ତଫା ଦେଇ ସିଧା ଟ୍ରେନରେ ବସି ବମ୍ବେ ଚାଲିଗଲେ । ସେତେବେଳକୁ ରାଷ୍ଟ୍ରପତି ଥାନ୍ତି ଡକ୍ଟର ସଂଜୀବ ରେଡ଼ି । ସେ ବିକଳ୍ପ ସରକାର ପାଇଁ ଚରଣ ସିଂହଙ୍କୁ ଡାକିଲେ । ତାଙ୍କରି ନିର୍ଦ୍ଦେଶରେ ଚରଣ ସିଂହ ପ୍ରଧାନମନ୍ତ୍ରୀ ହେଲେ । ବିଜୁବାବୁ କହିଲେ, ସେ ପ୍ରତିରକ୍ଷା ବିଭାଗ ମନ୍ତ୍ରୀ ହେଲେ ଚରଣ ସିଂହ ମନ୍ତ୍ରିମଣ୍ଡଳରେ ଯୋଗଦେବେ । କିନ୍ତୁ ଭିନ୍ନ କାରଣରୁ ତାହା ସମ୍ଭବ ହୋଇ ନ ଥିଲା । ରବି ରାୟ ସେତେବେଳେ ଚରଣ ସିଂହ ଓ ବିଜୁବାବୁଙ୍କ ଭିତରେ ସଂଯୋଗ ସେତୁ ରୂପେ କାର୍ଯ୍ୟ କରୁଥା'ନ୍ତି । କେ.ସି. ପନ୍ଥ ଥାନ୍ତି କୋଇଲା ବିଭାଗ ମନ୍ତ୍ରୀ । ତାଙ୍କଠୁ ସେ ବିଭାଗ ଆଣି ବିଜୁବାବୁଙ୍କୁ ଇସ୍ପାତ ଓ କୋଇଲା ବିଭାଗ ମନ୍ତ୍ରିତ୍ୱ ଅର୍ପଣ କରାଗଲା । ଯାହାହେଉ ବିଜୁବାବୁ

Digitized by srujanika@gmail.com

ରାଜିହୋଇ ତାକୁ ଗ୍ରହଣ କଲେ । ରବି ରାୟ ଦେଇଥିବା ଇସ୍ତଫା ଗୃହୀତ ହେବା ପୂର୍ବରୁ ନାଟକୀୟ ଭାବରେ ମୋରାରଜୀ ସରକାରଙ୍କର ପରିବର୍ତ୍ତନ ଘଟିଥାଏ । ଚରଣ ସିଂହ ପ୍ରଧାନମନ୍ତ୍ରୀ ହୋଇଥାନ୍ତି । ତେଣୁ ଚରଣ ସିଂହଙ୍କ ଅନୁରୋଧ କ୍ରମେ ରବି ରାୟ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱ ପୁନର୍ବାର ବହନ କଲେ ।

ଚୌଧୁରୀ ଚରଣ ସିଂହ ପ୍ରଧାନମନ୍ତ୍ରୀ ହେଲାବେଳେ ଜାଣିଥିଲେ ଯେ, ଏ ସରକାରର ସ୍ଥାୟିତ୍ୱ ସ୍ୱଳ୍ପକାଳ ପାଇଁ । ଏଇ ଅଳ୍ପଦିନ ଭିତରେ ସେ ନୂଆକରି କିଛି କରିବାପାଇଁ ଚାହିଁଲେ । ଏଣେ ପାର୍ଲିଆମେଣ୍ଟରେ ଶାସକଦଳ ସଂଖ୍ୟାଲଘୁ । ନିଜେ ସେ କାମଚଳା ପ୍ରଧାନମନ୍ତ୍ରୀ । ଏହି ଚରମ ସଙ୍କଟ କାଳରେ ଆଖିଦୃଶିଆ କ'ଣ ଗୋଟେ କରିବାକୁ ସେ ପ୍ରାଣପଣେ ଚେଷ୍ଟା କଲେ ବି ତାହା ସମ୍ଭବ ହୋଇପାରି ନ ଥିଲା । ସେ ରବି ରାୟଙ୍କୁ ଦିନେ ପଚାରିଲେ - କ'ଣ କରିବା ? ଦେଶପାଇଁ ସେପରି କିଛି ଉଲ୍ଲେଖଯୋଗ୍ୟ କାମ ନ କଲେ ଏ ସରକାରକୁ ଲୋକେ କାହିଁକି ମନେ ରଖିବେ ?'

ରବି ରାୟ ପ୍ରସ୍ତାବ ଦେଲେ - ଦୁର୍ନୀତିର ମୂଳଉତ୍ସ ହେଉଛି ନିର୍ବାଚନ । ନିର୍ବାଚନ ଲଢ଼ିବାପାଇଁ ଯେଉଁ ବିପୁଳ ପରିମାଣର ଅର୍ଥ ଲୋଡ଼ା ହେଉଛି, ତାକୁ ସଂଗ୍ରହ କରିବା ପାଇଁ ନେତାମାନେ ନାନାପ୍ରକାର ଦୁର୍ନୀତି କରୁଛନ୍ତି । ଏହି ଦୁର୍ନୀତିର ସ୍ୱରୂପ କ୍ରମଶଃ ଭୟଙ୍କର ରୂପଧାରଣ କଲାଣି । ଏପରି ଏକ ଅବସ୍ଥା ସୃଷ୍ଟି ହେବ, ଯେତେବେଳେ ଦେଶ ଏହି ଦୁର୍ନୀତି ରାକ୍ଷସ କବଳରୁ ଆଉ ମୁକ୍ତିଲାଭ କରିପାରିବ ନାହିଁ । ଦିନକୁ ଦିନ ଲୋକସଭା ନିର୍ବାଚନ ଅତ୍ୟନ୍ତ ବ୍ୟୟବହୁଳ ହୋଇ ଉଠିଲାଣି । ଏଥିପାଇଁ ସାଧୁସଚ୍ଚୋଟ ବ୍ୟକ୍ତି ଲୋକସଭା ନିର୍ବାଚନ ଲଢ଼ିବାକୁ ସାହସ କରୁ ନାହାନ୍ତି । ଅର୍ଥବଳ ରାଜନୀତିକ ପ୍ରକ୍ରିୟାକୁ ଗ୍ରାସ କରିଯାଉଛି । ଏହାଫଳରେ ଦେଶ ଅଜାଣତରେ ଦୁର୍ନୀତିର ବ୍ଲାକହୋଲ ଆଡ଼କୁ ଟାଣି ହୋଇଯାଉଛି । ତେଣୁ ଯଦି ସିଦ୍ଧାନ୍ତ ନିଆଯାଏ ଯେ, ସରକାର ନିର୍ବାଚନ ଖର୍ଚ୍ଚ ବହନ କରିବେ ଓ ବ୍ୟୟ ସଙ୍କୋଚନ ନୀତି ମଧ୍ୟ କଡ଼ାକଡ଼ି ଭାବରେ ଅନୁସୃତ ହେବ; ତେବେ ଦେଶ ଦୁର୍ନୀତି କବଳରୁ ଅନେକାଂଶରେ ରକ୍ଷା ପାଇବ ।

ଚୌଧୁରୀ ଚରଣ ସିଂହଙ୍କ ସହିତ ରବି ରାୟ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କଲେ । କଥାଟା ପ୍ରଧାନମନ୍ତ୍ରୀଙ୍କ ମନକୁ ବେଶ ପାଇଲା । ସେ ଏହାକୁ କାର୍ଯ୍ୟକାରୀ କରିବାପାଇଁ ଚାହିଁଲେ । ଚୌଧୁରୀ ଚରଣ ସିଂହ ଓ ସବୁ ମନ୍ତ୍ରୀ ମିଶି ରାଷ୍ଟ୍ରପତିଙ୍କୁ ଦେଖା କଲେ । ୱାଇ.ବି. ଚୌହାନ କଂଗ୍ରେସ ଛାଡ଼ି ଅର୍ସ କଂଗ୍ରେସରେ ଯୋଗଦେଇ ସେତେବେଳକୁ ଘରୋଇ ବିଭାଗ ମନ୍ତ୍ରୀ ଥା'ନ୍ତି । ସେ ସମସ୍ତଙ୍କ ଅଗୋଚରରେ ରାଷ୍ଟ୍ରପତିଙ୍କୁ ଜଣାଇ ଦେଇଥାନ୍ତି ଯେ ଏ ପ୍ରସ୍ତାବରେ ତାଙ୍କର ସମ୍ମତି ନାହିଁ । ତେଣୁ ଦଳୀୟ ଏକତାର ଅଭାବ ରାଷ୍ଟ୍ରପତିଙ୍କ ପାଖରେ ସ୍ପଷ୍ଟ ହୋଇଗଲା । ରାଷ୍ଟ୍ରପତି ଅର୍ଡ଼ିନାନ୍ସ ଜାରି କରି ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ

Digitized by srujanika@gmail.com

କରିବାକୁ ସମ୍ମତ ହେଲେ ନାହିଁ । ସେପରି ପ୍ରସ୍ତାବ ଆଜି ସୁଦ୍ଧା ଆଉ କୌଣସି ଦଳ କିମ୍ବା ସରକାରଦ୍ୱାରା ଗୃହୀତ ହୋଇପାରି ନାହିଁ । ଦୁର୍ନୀତି ତାର ପକ୍ଷ ବିସ୍ତାର କରି ମାଡ଼ି ଚାଲିଛି । ଯାହା ଆଜି ଜାତୀୟ ସଙ୍କଟ ରୂପେ ସମସ୍ତଙ୍କର ଚିନ୍ତାର କାରଣ ହୋଇ ଉଠିଛି ।

ଚୌଧୁରୀ ଚରଣ ସିଂହଙ୍କ ସରକାର ପାର୍ଲିଆମେଣ୍ଟ ଡାକି ପାରି ନ ଥିଲା । ନିର୍ବାଚନ ତାରିଖ ଘୋଷିତ ହୋଇଗଲା । ଦିନେ ଚୌଧୁରୀ ଚରଣ ସିଂହ, ଶ୍ୟାମନନ୍ଦନ ମିଶ୍ର (ତତ୍‌କାଳୀନ ବୈଦେଶିକ ମନ୍ତ୍ରୀ) ଓ ରବି ରାୟ ଏକାଠି ବସି କଥାବାର୍ତ୍ତା ହେଉଥାନ୍ତି । ରବି ରାୟ କହିଲେ - 'ଚୌଧୁରୀ ସାବ୍, ଇଲେକ୍ସନ ଆନାଉନ୍‌ସ ହେଇଗଲାଣି । ପଇସା ଆସିବ କୋଉଠୁ ?' ଶ୍ୟାମନନ୍ଦନ ମିଶ୍ର ଚରଣ ସିଂହଙ୍କୁ ଲକ୍ଷ୍ୟ କରି କହିଲେ - 'ଆପଣଙ୍କୁ ଜେ.ଆର.ଡି. ଟାଟା ଦେଖା କରିବାକୁ ଆସିବେ । ଆପଣ କେବଳ ଏତିକି କହିବେ ଯେ, ଆପଣଙ୍କୁ ଶ୍ୟାମନନ୍ଦନ ମିଶ୍ର ଦେଖା କରିବେ । ତେଣିକି ମୁଁ ସବୁକଥା ବୁଝିବି ।' ଏକଥା ଶୁଣୁ ଶୁଣୁ ଚୌଧୁରୀ ଚରଣ ସିଂହ ଭୟଙ୍କର ଭାବରେ ରାଗିଗଲେ । ଠିକ୍ ଏତିକିବେଳେ ଜେ.ଆର.ଡ଼ି. ଟାଟା ଗେଷ୍ଟ ୱେଟିଂ ରୁମରେ ଆସି ପହଞ୍ଚିଲେ । ଲୋକ ଆସି ଖବର ଦେବାରୁ ପ୍ରଧାନମନ୍ତ୍ରୀ ଚରଣ ସିଂହ ଗଲେ ।

ଚୌଧୁରୀ ଚରଣ ସିଂହ ନାନା ଦେଶବିଦେଶ, ଅନ୍ୟାନ୍ୟ କଥା ହେଲେ । କିନ୍ତୁ ନିର୍ବାଚନ କଥା କିମ୍ବା ଦଳୀୟ ଚାନ୍ଦା କଥା ବିନ୍ଦୁବିସର୍ଗ ପଦୁଟିଏ ସୁଦ୍ଧା ଉଚ୍ଚାରଣ କଲେ ନାହିଁ । ଟାଟା କଥାବାର୍ତ୍ତା ପରେ ଫେରିଯାଇଥିଲେ ।

ଜନତାର ସ୍ୱପ୍ନଭଙ୍ଗ

ଲୋକସଭା ଭାଙ୍ଗିବା ଅନିବାର୍ଯ୍ୟ ଥିଲା । ଲୋକଙ୍କୁ ସ୍ୱପ୍ନଭଙ୍ଗର ମହାପର୍ବକୁ ଅଙ୍ଗେ ଲିଭେଇବାକୁ ହୋଇଥିଲା । କଂଗ୍ରେସ ବିରୋଧୀଦଳଗୁଡ଼ିକର ମହା ସମନ୍ୱୟ ରୂପେ ଜନତାପାର୍ଟି ଗଢ଼ି ଉଠିଥିଲା । ତାହା ପୁଣିଥରେ ଖଣ୍ଡଖଣ୍ଡ ହୋଇଗଲା । ଏହି ଚରମ ବିଫଳତା କେବଳ ଜନତା ପାର୍ଟିର ବିପର୍ଯ୍ୟୟ ନ ଥିଲା; ଏହା ଥିଲା ଭାରତୀୟ ଗଣତନ୍ତ୍ର ପାଇଁ ଏକ ଦାରୁଣ ଧକ୍କା । ଲୋକଙ୍କ ବିଶ୍ୱାସ ଓ ଆସ୍ଥା ତୁଟିଗଲା । ଲୋକସଭା ପାଇଁ ନିର୍ବାଚନ ହେଲା । ଜନତାପାର୍ଟିକୁ କଠୋର ଶାସ୍ତି ଦେବାପାଇଁ କ୍ରୋଧାନ୍ୱିତ ଜନତା ଅଢ଼େଇବର୍ଷ ତଳେ ଯେଉଁ କଂଗ୍ରେସ ଦଳକୁ ଓ ଇନ୍ଦିରା ଗାନ୍ଧୀଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ, ତାଙ୍କରି ହାତରେ ପୁନର୍ବାର ଶାସନଭାର ଅର୍ପଣ କଲେ । ଏହା ବ୍ୟତୀତ ସେପରି ଆଶାନୁରୂପ ବିକଳ୍ପ ଲୋକଙ୍କ ପାଖରେ ନ ଥିଲା । ୧୯୭୯ ମସିହା ନିର୍ବାଚନରେ କଂଗ୍ରେସଦଳ ସାରାଦେଶରେ ପୁଣି ଥରେ ବିପୁଳ ସଂଖ୍ୟାରେ ଭୋଟପାଇ କେନ୍ଦ୍ରରେ ସରକାର ଗଢ଼ିଲା । ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ହେଲେ ।

Digitized by srujanika@gmail.com

ରବି ରାୟ ୧୯୭୯ ମସିହା ନିର୍ବାଚନରେ ଜଗତ୍‌ସିଂହପୁର ନିର୍ବାଚନ ମଣ୍ଡଳୀରୁ ଜନତାଦଳ ତରଫରୁ ଲଢ଼େଇ କଲେ । ତାଙ୍କ ବିରୋଧରେ ଲକ୍ଷ୍ମଣ ମଲିକ କଂଗ୍ରେସରୁ ପ୍ରାର୍ଥୀ ହେଲେ । ଲକ୍ଷ୍ମଣ ମଲିକ ନିର୍ବାଚନରେ ଜୟଯୁକ୍ତ ହେଲେ । ରବି ରାୟଙ୍କ ପାଇଁ ଏ ପରାଜୟ ନିଶ୍ଚିତ ଭବିତବ୍ୟ ଥିଲା । ଉଭୟ ମୋରାରଜୀ ଦେଶାଇ ଓ ଚରଣ ସିଂହ ରବି ରାୟଙ୍କୁ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ । ରବି ରାୟ ଏହାର ସୁଯୋଗରେ ଉଭୟଙ୍କ ଭିତରେ ସୃଷ୍ଟି ହୋଇଥିବା ମନାନ୍ତରକୁ ଦୂର କରିବାପାଇଁ ନାନାପ୍ରକାର ଉଦ୍ୟମ କରିଥିଲେ । ତାଙ୍କ ପ୍ରଚେଷ୍ଟାରେ ଜନତା ପାର୍ଟିରେ ଦେଖା ଦେଇଥିବା ଏପ୍ରକାର ସଙ୍କଟ ଅନେକ ଦିନ ଯାଏ ଟାଳି ହୋଇଯାଇଥିଲା । କିଛି ଦିନ ଉଭୟଙ୍କ ଭିତରେ ବୁଝାମଣା ରକ୍ଷା ସମ୍ଭବ ହୋଇପାରିଥିଲା । କିନ୍ତୁ ବାହ୍ୟ ରାଜନୀତିକ ପରିସ୍ଥିତି କ୍ରମଶଃ ଏଭଳି ଜଟିଳ ଓ ସଙ୍ଗିନ ହୋଇ ଉଠିଲା ଯେ, ତାଙ୍କର ଏ ପ୍ରଚେଷ୍ଟା ନିଷ୍ଫଳ ହେଲା । ଆର୍‌.ଏସ୍‌.ଏସ.କୁ କେନ୍ଦ୍ରକରି ଯେଉଁ ଚରମ ତିକ୍ତତା ସୃଷ୍ଟି ହେଲା ତାହା ଜନତାପାର୍ଟିକୁ ବିଭାଜନ ଆଡ଼କୁ ମୁହାଁଇ ନେଲା । ରବି ରାୟଙ୍କ ପରି ଜନତାପାର୍ଟିର ଟାଣୁଆନେତା ଓ ହିତାକାଙ୍କ୍ଷୀ ଏକୁଟିଆ ହୋଇଗଲେ । ବିଭାଜନ ନିଶ୍ଚିତ ହୋଇଯିବାରୁ ରବି ରାୟଙ୍କୁ ଗୋଟିଏ ପଟକୁ ଆବୋରି ନେବାକୁ ହେଲା । ସେ ଚାଷୀମାନଙ୍କର ମଙ୍ଗଳ ଚାହୁଁଥିବା ଓ ଆର.ଏସ.ଏସ. ସଙ୍ଗଠନକୁ ବିରୋଧ କରୁଥିବା ଲୋକଦଳ ଗୋଷ୍ଠୀ ସହ ଯୋଗଦେଲେ ।

ନୀତିପାଇଁ ମନ୍ତ୍ରୀପଦ ଛାଡ଼ିଥିଲେ ବି ଲୋକେ ଏହାକୁ ଭଲରେ ଗ୍ରହଣ କଲେ ନାହିଁ । ତାଙ୍କୁ ଜନତାପାର୍ଟିର ବିଭାଜନ ପାଇଁ ମୁଖ୍ୟତଃ ଦାୟୀ କଲେ । ସାଧାରଣ ଲୋକଙ୍କର ଏହି କ୍ଷୋଭ ପ୍ରତ୍ୟକ୍ଷ ଭାବେ ଜଗତ୍‌ସିଂହପୁର ନିର୍ବାଚନରେ ପ୍ରତିଫଳିତ ହେଲା । ଜନତାପାର୍ଟିକୁ ବିଭାଜନରୁ ରକ୍ଷାକରିବା ପାଇଁ ତାଙ୍କ ଦୀର୍ଘ ଦିନର ନିଃସ୍ୱାର୍ଥପର ସାଧନାକୁ ଲୋକେ ଭୁଲ ବୁଝିବା ସ୍ୱାଭାବିକ ଥିଲା । କହିବାକୁ ଗଲେ ଜନତା ପାର୍ଟିର ମହା ସମନ୍ୱୟ ପ୍ରତି ଆସ୍ଥା ହରେଇଥିବା ଜନତାର ପ୍ରତିକ୍ରିୟା ନିର୍ବାଚନ ରାୟ ରୂପରେ ଆତ୍ମପ୍ରକାଶ କଲା ।

୧୯୭୯-୮୦ ମସିହାରେ ରବି ରାୟ ରାଷ୍ଟ୍ରୀୟ ସ୍ତରରେ ଲୋକଦଳର ସାଧାରଣ ସମ୍ପାଦକ ହେଲେ । ଦଳପାଇଁ ସେତେବେଳେ ଚରମ ସଙ୍କଟକାଳ । ନିର୍ବାଚନରେ କଂଗ୍ରେସ ବିରୋଧୀ ଦଳଗୁଡ଼ିକର ବିପର୍ଯ୍ୟୟ ନେତାମାନଙ୍କର ଆଖି ଖୋଲି ଦେଇଥିଲା । ହେଲେ ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହି ଯାଇଥିଲା । ରବି ରାୟ ଓ ବିଜୁବାବୁଙ୍କ ପରି କେତେଜଣ ନେତା ପୁନର୍ବାର ବିରୋଧୀଦଳର ଏକ ଜାତୀୟ ସମନ୍ୱୟ ପାଇଁ ଚେଷ୍ଟା କଲେ ।

Digitized by srujanika@gmail.com

ପୁନର୍ଗଠିତ ଜନତା ଦଳ

୧୯୮୧ ମସିହାରେ କଟକ ଲୋକସଭା ପାଇଁ ଉପନିର୍ବାଚନ ହେଲା । ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କ ସହିତ ଲଢ଼େଇ କରି ରବି ରାୟ ପରାଜିତ ହେଲେ । ସେତେବେଳକୁ ଦିଲ୍ଲୀରେ ଇନ୍ଦିରା ଗାନ୍ଧୀଙ୍କର ସରକାର ଓ ରାଜ୍ୟରେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ କଂଗ୍ରେସ ସରକାର । ଆଠଗଡ଼, ବଡ଼ମ୍ବା ନରସିଂହପୁର ଓ ବାଙ୍କିରେ ବିରୋଧୀଦଳର ସଙ୍ଗଠନ ଅତି ଦୁର୍ବଳ ଥିଲା । ଫଳରେ ଏହି ତିନି ବିଧାନସଭା ଅଞ୍ଚଳରେ କଂଗ୍ରେସ ବିପୁଳ ସଂଖ୍ୟାରେ ଭୋଟ ପାଇବାରୁ ଓ ଅନ୍ୟ ଚାରୋଟିରେ ରବି ରାୟ ଅଳ୍ପ ଅଧିକ ଭୋଟରେ ଆଗୁଆ ଥିବା ସତ୍ତ୍ୱେ ଫଳାଫଳ ତାଙ୍କ ସପକ୍ଷରେ ଗଲା ନାହିଁ । ରବି ରାୟଙ୍କ ପ୍ରତିଦ୍ୱନ୍ଦ୍ୱିତା କିନ୍ତୁ ପରବର୍ତ୍ତୀ ସମୟରେ ଜନତାଦଳ ପାଇଁ ଆଶୀର୍ବାଦ ହେଲା । ଯାହା ଫଳରେ କଂଗ୍ରେସ ଦୁର୍ଗ ଭୁଶୁଡ଼ି ଯାଇ ଜନତା ଦୁର୍ଗରେ ପରିଣତ ହେଲା ।

ଏହାପରେ ୧୯୮୦ ରୁ ୧୯୮୪ ମସିହା ପର୍ଯ୍ୟନ୍ତ ରବି ରାୟ ଓଡ଼ିଶାରେ ଲୋକଦଳ/ଜନତା ଦଳର ସଙ୍ଗଠନ କାର୍ଯ୍ୟରେ ପୂରାପୂରି ବ୍ୟସ୍ତ ରହିଲେ । ନିର୍ବାଚନ କାମ ସହିତ ଦେଶର ବିଭିନ୍ନ ଅଞ୍ଚଳ ଗସ୍ତ କରି ଦଳର ସଙ୍ଗଠନକୁ ମଜବୁତ୍ କରିବାପାଇଁ ଚେଷ୍ଟା କଲେ । ରବି ରାୟ ଓ ବିଜୁବାବୁ ଜାତୀୟ ସ୍ତରରେ ଜନତାଦଳର ପୁନର୍ଗଠନ ପାଇଁ ଲାଗି ପଡ଼ିଲେ । ସେତେବେଳକୁ ସବୁ ବିରୋଧୀଦଳ ନେତାମାନଙ୍କର ଆଖି ଖୋଲିଗଲାଣି । ସଙ୍ଗଠିତ କଂଗ୍ରେସର ସମକକ୍ଷ ହେବାକୁ ହେଲେ ଜନତାଦଳର ପୁନର୍ବିନ୍ୟାସ ଏକାନ୍ତ ଆବଶ୍ୟକ ବୋଲି ସମସ୍ତେ ମର୍ମେ ମର୍ମେ ଅନୁଭବ କଲେ । ବାସ୍ତବରେ ଜନତାଦଳର ବାରମ୍ବାର ବିଭାଜନ ଓ ବିଫଳତାର ଅନ୍ୟତମ ମୁଖ୍ୟ କାରଣ ଥିଲା ତୁଙ୍ଗନେତାମାନଙ୍କର ବ୍ୟକ୍ତିଗତ ଅହମିକା ବା ଅହଂକାର । କେହି କାହାକୁ ନିଜଠୁ ଆଗରେ ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ । ଫଳରେ ସଙ୍ଗଠିତ ଜନତାଦଳରେ ଶୃଙ୍ଖଳାରକ୍ଷା ସମ୍ଭବ ହେଉ ନ ଥିଲା । ଅପରପକ୍ଷରେ କଂଗ୍ରେସ ଦଳର ସଫଳତାର ସବୁଠୁ ବଡ଼ କାରଣ ହେଲା ଦିଲ୍ଲୀ ଦରବାରର ତୁଙ୍ଗନେତା ବା ନେତ୍ରୀଙ୍କ ପ୍ରତି ଅଖଣ୍ଡ ଆନୁଗତ୍ୟ । ଏକଥା ସମସ୍ତେ ବୁଝି ପାରୁଥିଲେ । ମାତ୍ର ଜନତା ସରକାରରେ ଯେତେବେଳେ ଯେଉଁ ସଙ୍କଟ ଦେଖା ଦେଇଛି, ତାହା କେବଳ ନେତାମାନଙ୍କର ଅହଂକାର ଯୋଗୁଁ ।

ରବି ରାୟ ଓ ବିଜୁବାବୁ ପୁଣିଥରେ ଅଣ୍ଟାଭିଡ଼ି ବାହାରିଲେ । ସେମାନଙ୍କର ପ୍ରଚେଷ୍ଟା ଫଳବତୀ ହେଲା । ୧୯୮୪ ମସିହାରେ ବାଙ୍ଗାଲୋରଠାରେ ବିରୋଧୀ ଦଳର ନେତାମାନେ ଏକ ଜାତୀୟ ସମ୍ମିଳନୀରେ ଏକତ୍ରିତ ହେଲେ । ଜନତାଦଳ ପୁନର୍ଗଠିତ ହେଲା । ବିଜୁବାବୁ ଓ ରବି ରାୟ ଜନତାଦଳରେ ରହିଲେ । କେତେକ ରାଜ୍ୟସ୍ତରୀୟ ଦଳ (ପ୍ରାନ୍ତୀୟ ଦଳ) ଜନତାଦଳଠୁ ଅଲଗା ହୋଇ ରହିଲେ । ଚରଣ ସିଂହ ମଧ ଜନତା

Digitized by srujanika@gmail.com

ଦଳରୁ ଓହରିଗଲେ । ଜନତା ଦଳର ଆତ୍ମପ୍ରକାଶ ପରେ ରବି ରାୟଙ୍କର କାମ ଆହୁରି ବଢ଼ିଗଲା । ବିଶେଷକରି ଓଡ଼ିଶାରେ ଜନତା ଦଳର ଲୋକପ୍ରିୟତା ବୃଦ୍ଧି ଓ ସଙ୍ଗଠନକୁ ମଜବୁତ୍ କରିବାପାଇଁ ସେ ଲାଗି ପଡ଼ିଲେ ।

ରବି ରାୟ ସାରାଦେଶ ବୁଲି ବୁଲି ଜନତା ଦଳ କିପରି ସବୁମତେ ଜାତୀୟ ସ୍ତରରେ କଂଗ୍ରେସଦଳ ସମକକ୍ଷ ଓ ପ୍ରତିଦ୍ୱନ୍ଦ୍ୱୀ ହୋଇପାରିବ, ସେଥିପାଇଁ ମନପ୍ରାଣ ଢାଳି ଦେଲେ ।

ଅତ୍ୟନ୍ତ ଦୁଃଖର କଥା, ଠିକ୍ ଏତିକିବେଳେ ଆତତାୟୀ ଗୁଳିରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ମୃତ୍ୟୁବରଣ କଲେ । ସାରା ଦେଶରେ ଦୁଃଖର କଳାବାଦଲ ଘୋଟିଗଲା । ଦେଶବାସୀ ଦୁଃଖରେ ଅଭିଭୂତ ହୋଇପଡ଼ିଲେ । ରାଜନୀତିରେ ହିଂସା ଆଚରଣକୁ ରବି ରାୟ ଭୟଙ୍କର ଘୃଣା କରନ୍ତି । ତାଙ୍କ ବିଚାରରେ 'ହିଂସା କାଳେ କାଳେ ମାନବିକତା ବିରୋଧୀ । ସଂସାରର ଯାବତୀୟ ପ୍ରାପ୍ତି ଓ ସଫଳତାର ଊର୍ଦ୍ଧ୍ୱରେ ମାନବିକତା । ମାନବିକତାକୁ ଗୁଳିବିଦ୍ଧ କରୁଥିବା ସ୍ୱାର୍ଥାନ୍ୱେଷୀ ମଣିଷମାନଙ୍କୁ ହିଂସ୍ର ପଶୁ ଓ ରାକ୍ଷସ ଛଡ଼ା ଆଉ କେଉଁ ଉପାଧି ଦିଆଯାଇପାରେ !' ଏ ଘଟଣାରେ ସେ ମର୍ମାହତ ହେଲେ । ଦେଶର ପରିସ୍ଥିତି ପୁଣି ଏକ ଅନିଶ୍ଚିତତା ଆଡ଼କୁ ଟାଣି ହୋଇଗଲା । ଇନ୍ଦିରା ଗାନ୍ଧୀଙ୍କ ପରେ ପ୍ରଧାନମନ୍ତ୍ରୀ ରୂପେ ଦାୟିତ୍ୱ ବହନ କଲେ ତାଙ୍କ ପୁତ୍ର ରାଜୀବ ଗାନ୍ଧୀ । ଇନ୍ଦିରା ଗାନ୍ଧୀଙ୍କ ହତ୍ୟାକୁ କେନ୍ଦ୍ରକରି ଦିଲ୍ଲୀରେ ବେଶ ଉତ୍ତେଜନା ପ୍ରକାଶ ପାଇଥିଲା । କଂଗ୍ରେସ ଲୋକେ ଏତେବଡ଼ ଅମାନୁଷିକତାକୁ ଅନ୍ତଃକରଣରେ କ୍ଷମା କରିପାରିଲେ ନାହିଁ । କ୍ରୋଧରେ ଅନ୍ଧ ହୋଇଗଲେ । ଅନେକ ସ୍ଥାନରେ ହିଂସା ଓ ଲୁଟତରାଜ ହେଲା । ଏସବୁ ଘଟଣା ଦେଶବାସୀଙ୍କୁ ଆହୁରି ବ୍ୟଥିତ କଲା । କିଛିଦିନ ଭିତରେ ପରିସ୍ଥିତି ଶାନ୍ତ ହୋଇ ଆସିଲା । ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱରେ ଦେଶ ଆଉ ଏକ ଆହ୍ୱାନର ସମ୍ମୁଖୀନ ହେଲା ।

ଇନ୍ଦିରା ଗାନ୍ଧୀ ଆତତାୟୀ ଗୁଳିରେ ପ୍ରାଣ ବିସର୍ଜନ ଦେବାପରେ ଜନମାନସରେ ରାଜୀବ ଗାନ୍ଧୀଙ୍କ ପ୍ରତି ନାହିଁ ନ ଥିବା ଶ୍ରଦ୍ଧା ଓ ଲୋକପ୍ରିୟତା ଦେଖାଦେଲା । ଭାରତୀୟ ଲୋକେ ସାଧାରଣତଃ ସ୍ନେହପ୍ରବଣ ଓ ସମ୍ବେଦନଶୀଳ । ଏହି ସହାନୁଭୂତିର ଚୂଡ଼ାନ୍ତ ପ୍ରକାଶ ଘଟିଲା ୧୯୮୪ ମସିହା ନିର୍ବାଚନରେ । ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ ପ୍ରାୟ ଚାରିଶହ ସାଂସଦ ନିର୍ବାଚିତ ହୋଇ ଲୋକସଭାକୁ ଆସିଲେ । ସ୍ୱାଧୀନତା ପରଠାରୁ ନେହରୁ ଓ ଇନ୍ଦିରା ଗାନ୍ଧୀ ଯାହା କରିପାରି ନ ଥିଲେ, ଏହି ନିର୍ବାଚନରେ ତାହାହିଁ ବାସ୍ତବରେ ଘଟିଲା । କଂଗ୍ରେସ ଦଳର ଏକ ଅଭୂତପୂର୍ବ ବିଜୟର ଅନ୍ତରାଳରେ ଥିଲା ଭାରତୀୟ ଲୋକଙ୍କର ମହାନୁଭବତା । ଭାରତୀୟ ରାଜନୀତି କ୍ଷେତ୍ରରେ ଏହି ସମ୍ପୂର୍ଣ୍ଣ ଅଭିନବ ଘଟଣା ବିଶ୍ୱକୁ ଚମତ୍କୃତ କରି ଦେଇଥିଲା । କଂଗ୍ରେସର ଏ ବିପୁଳ ବିଜୟ ଜନତା ଦଳ ଅସ୍ତିତ୍ୱକୁ ଦୋହଲାଇ ଦେଲା ।

Digitized by srujanika@gmail.com

୧୯୮୦ ରୁ ୧୯୮୪ ଭିତରେ ରବି ରାୟ ଉଭୟ ଦିଲ୍ଲୀ ଓ ପଞ୍ଚାୟତ ସ୍ତରରେ (ଗ୍ରାସରୁଟ ଲେବଲ) ଜନତା ଦଳକୁ ଶକ୍ତିଶାଳୀ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ । ବିଶେଷକରି ଜଗତ୍‌ସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀର ସବୁ ଅଞ୍ଚଳକୁ ସେ ବାରମ୍ବାର ଗସ୍ତ କରି ଲୋକଙ୍କର ସମସ୍ତ ସମସ୍ୟା ସମାଧାନ ଦିଗରେ ଅଧିକ ଧ୍ୟାନ ଦେଲେ । ଛବିରାଣୀ ହତ୍ୟାକାଣ୍ଡର ଅପରାଧୀକୁ ଉଚିତ ଦଣ୍ଡ ଦେବାପାଇଁ ଆନ୍ଦୋଳନ ହେଉ ବା ଦଳେଇଘାଇ ବନ୍ୟାକ୍ଲିଷ୍ଟ ଲୋକଙ୍କ ଥଇଥାନ କଥା ହେଉ - ରବି ରାୟ ସବୁଥିରେ ନେତୃତ୍ୱ ନେଇ ଲୋକଙ୍କ ପାଇଁ ଅଣ୍ଟାଭିଡ଼ି ବାହାରୁଥିଲେ । ପଞ୍ଚାୟତ ସ୍ତରର କର୍ମୀମାନଙ୍କ ସହ ସିଧାସଳଖ ସମ୍ପର୍କ ରଖି ତାଙ୍କର ଭଲମନ୍ଦ ଓ ଦୁଃଖସୁଖରେ ଭାଗୀଦାର ହେବାରେ ରବି ରାୟ ଥିଲେ ଅନନ୍ୟ । ସାଧାରଣତଃ ଦେଖାଯାଏ ଯେ, ପାର୍ଲିଆମେଣ୍ଟକୁ ନିର୍ବାଚିତ ହେଉଥିବା ସାଂସଦମାନେ ତାଙ୍କର ପ୍ରତ୍ୟେକଟି ନିର୍ବାଚନ ମଣ୍ଡଳୀକୁ ବାରମ୍ବାର ଗସ୍ତ କରି ସାଧାରଣ ଲୋକଙ୍କ ସହିତ ସମ୍ପର୍କ ରଖିବା ଓ ସେମାନଙ୍କ ଛୋଟ ବଡ଼ ସମସ୍ୟାର ସମାଧାନ ପାଇଁ ବ୍ରତୀ ହେବା ସମ୍ଭବ ହୋଇ ନ ଥାଏ । କିନ୍ତୁ ରବି ରାୟଙ୍କର ଏହି ପ୍ରତ୍ୟକ୍ଷ ସମ୍ପର୍କ ଫଳରେ ୧୯୮୪ ଲୋକସଭା ନିର୍ବାଚନରେ କଂଗ୍ରେସ ପ୍ରତି ନାହିଁ ନ ଥିବା ଅନୁକମ୍ପା ସତ୍ତ୍ୱେ ବିରୋଧୀଦଳର ସମସ୍ତ ପ୍ରାର୍ଥୀଙ୍କ ଅପେକ୍ଷା ସେ ଅଧିକ ଭୋଟ ପାଇଥିଲେ । କିନ୍ତୁ ତାଙ୍କ ଫଳାଫଳରେ କଂଗ୍ରେସ ଦଳର ଚକ୍ରାନ୍ତ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିଲା ଓ ବିଜୟ ଘୋଷଣା କଂଗ୍ରେସଦଳ ସପକ୍ଷରେ ହିଁ ଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ କଂଗ୍ରେସନେତା ଲକ୍ଷ୍ମଣ ମଲ୍ଲିକ ଜଗତ୍‌ସିଂହପୁରରୁ ଆଉ କୌଣସି ପ୍ରତ୍ୟକ୍ଷ ନିର୍ବାଚନରେ ଜୟଯୁକ୍ତ ହୋଇପାରି ନାହାନ୍ତି । ଏଥିରୁ ସାଧାରଣ ଲୋକଙ୍କ ମନର ବିଦ୍ୱେଷ ସ୍ପଷ୍ଟ ହୋଇଥାଏ । ଲୋକେ ଯେ ଏହାକୁ ସର୍ବାନ୍ତଃକରଣରେ ଗ୍ରହଣ କରିପାରି ନ ଥିଲେ ତାହା ଆଉ ବୁଝିବାକୁ ବାକି ରହିଲା ନାହିଁ ।

ନିର୍ବାଚନ ମକଦ୍ଦମା

ଜଗତ୍‌ସିଂହପୁର ପାଇଁ ରବି ରାୟ ମନପ୍ରାଣ ଢାଳି ଦେଇଥା'ନ୍ତି । ଏହି ଦଳୀୟ ସଙ୍ଗଠନ କାର୍ଯ୍ୟରେ ତାଙ୍କୁ ଜନତାଦଳର ଅନ୍ୟତମ ନେତା ପ୍ରତାପ ମହାନ୍ତି, ଦାମୋଦର ରାଉତ, ଚିତ୍ତରଞ୍ଜନ ମହାନ୍ତି, ନରେନ୍ଦ୍ର ଜେନା, ବିଷ୍ଣୁ ଦାସ, ଗୋରାଚାନ୍ଦ କାନୁନ୍‌ଗୋ, ବିଷ୍ଣୁ ସ୍ୱାଇଁ, ଉମେଶ ସ୍ୱାଇଁ, ରଘୁନନ୍ଦନ, ଲକ୍ଷ୍ମୀପ୍ରିୟା, ସୁର ନାୟକ, ନରହରି ସ୍ୱାଇଁ ପ୍ରମୁଖ ନେତା ସବୁମତେ ସାହାଯ୍ୟ କରୁଥାନ୍ତି । ଧୀରେ ଧୀରେ ଜଗତ୍‌ସିଂହପୁରରେ ଜନତାଦଳ ଖୁବ୍ ଭଲଭାବରେ ଆସ୍ଥାନ ଜମେଇ ପାରିଥାଏ । ଠିକ୍ ଏତିକିବେଳକୁ ଅଚାନକ ୧୯୮୪ ମସିହାର ପାର୍ଲିଆମେଣ୍ଟ ନିର୍ବାଚନ ଆସିଗଲା ।

Digitized by srujanika@gmail.com

ରବି ରାୟ ଏହି ନିର୍ବାଚନରେ ଜଗତ୍‌ସିଂହପୁରରୁ ପ୍ରାର୍ଥୀ ହେଲେ । ଜୋରସୋରରେ ନିର୍ବାଚନ ପ୍ରଚାର ଚାଲିଲା । ଲୋକଙ୍କର ନାହିଁ ନ ଥିବା ଶ୍ରଦ୍ଧା । ନିର୍ବାଚନ ପରେ ଭୋଟଗଣତି ହେଲା । ପ୍ରଥମେ ପ୍ରଚାରିତ ହୋଇଗଲା ଯେ ରବି ରାୟ ଜୟଯୁକ୍ତ ହୋଇଗଲେ । ଆନନ୍ଦରେ ପ୍ରାୟ ଅଧିକାଂଶ କର୍ମୀ ଭୋଟଗଣତି ସ୍ଥାନ ଛାଡ଼ି ଚାଲିଆସିଲେ । କିନ୍ତୁ ବଡ଼ ନାଟକୀୟ ଭାବରେ ଶେଷରେ ବିଧିବଦ୍ଧ ଫଳାଫଳ ସରକାରୀ ଭାବରେ ଘୋଷିତ ହେଲା ଯେ ମାତ୍ର ଏକହଜାର ଭୋଟରେ ରବି ରାୟ ନିର୍ବାଚନ ହାରି ଯାଇଛନ୍ତି । ରବି ରାୟ ଓ ତାଙ୍କ କର୍ମୀମାନେ ସ୍ତବ୍ଧ ଚକିତ ହୋଇଗଲେ । ସେମାନଙ୍କ ମନ ମାନିଲା ନାହିଁ । ସେମାନେ ଅନୁଭବ କଲେ ଯେ, ସେମାନେ ପ୍ରତାରିତ ହୋଇଛନ୍ତି । ଫଳାଫଳରେ ନିଶ୍ଚୟ କିଛି ହେରଫେର ହୋଇଛି । ଲୋକଙ୍କର ବଦ୍ଧମୂଳ ଧାରଣା ହେଲା ଯେ, ତାଙ୍କୁ ଚକ୍ରାନ୍ତ କରି ହରେଇ ଦିଆଯାଇଛି । ଲୋକେ ଏତେ ବିପୁଳ ସଂଖ୍ୟାରେ ଭୋଟ ଦେଲେ । ଭୋଟ ଗଲା କୁଆଡ଼େ ?

ରବି ରାୟଙ୍କ ତରଫରୁ ନିର୍ବାଚନ ମକଦ୍ଦମା ଦାୟର କରାଗଲା । ସେତେବେଳେ ଅବିଭକ୍ତ କଟକ ଜିଲ୍ଲାର ଜିଲ୍ଲାପାଳ ଥିଲେ ହରମୋହନ ପଟ୍ଟନାୟକ । ଓଡ଼ିଶାରେ କଂଗ୍ରେସ ଶାସନ । ଦୀର୍ଘ ଚାରିବର୍ଷକାଳ ନିର୍ବାଚନ ମକଦ୍ଦମା ଚାଲିଲା । ଏହି ମକଦ୍ଦମାକୁ ରବି ରାୟଙ୍କ ପକ୍ଷରୁ ମହକିଲ ଭାବେ ନରେନ୍ଦ୍ର ଜେନା ଓ ଚିତ୍ତରଞ୍ଜନ ମହାନ୍ତି ପରିଚାଳନା କରୁଥିଲେ । ତ୍ରିଲୋଚନ କାନୁନ୍‌ଗୋ ନିର୍ବାଚନ ଅନିୟମିତତା ବିଷୟରେ ବିଶଦ ତଥ୍ୟ ସଂଗ୍ରହ କରିଥିଲେ । ରବି ରାୟଙ୍କ ଓକିଲ ଥିଲେ ଖ୍ୟାତନାମା ବାରିଷ୍ଟର ରଣଜିତ୍ ମହାନ୍ତି ଓ ତାଙ୍କୁ ସହଯୋଗ କରୁଥିଲେ ବିଶିଷ୍ଟ ଆଡ଼ଭୋକେଟ ବିଦ୍ୟାଧର ମିଶ୍ର ଓ ସଂଜିତ ମହାନ୍ତି । ଅପରପକ୍ଷର ଓକିଲ ଥିଲେ ପୂର୍ବତନ ଆଡ଼ଭୋକେଟ ଜେନେରାଲ ଗଙ୍ଗାଧର ରଥ । ତାଙ୍କୁ ସହଯୋଗ କରୁଥିଲେ ବିପିନ ବିହାରୀ ମହାନ୍ତି ଓ ଶରତ ଦାସ । ଅବଶେଷରେ ପୁନର୍ବାର ଭୋଟ ଗଣତି ପାଇଁ ହାଇକୋର୍ଟର ମାନ୍ୟବର ନ୍ୟାୟମୂର୍ତ୍ତି କୃଷ୍ଣପ୍ରସାଦ ମହାପାତ୍ର ଆଦେଶ ଦେଲେ । ପୁନଃ ଗଣତି ବେଳେ ବହୁ ଅନିୟମିତତା ପରିଲକ୍ଷିତ ହେଲା ଓ ଶେଷରେ ଭୋଟର ବ୍ୟବଧାନ କମି ମାତ୍ର ପାଞ୍ଚଶହ ଭୋଟରେ ରହିଲା । ଗଣତିବେଳେ ନାନା ଅନିୟମିତତା ଜଣାପଡ଼ିଥିବା ଦୃଷ୍ଟିରୁ ରବି ରାୟ ସମ୍ପୂର୍ଣ୍ଣ ଭୋଟକୁ ବାତିଲ କରିବା ଆବେଦନକୁ ଜଷ୍ଟିସ୍ କୃଷ୍ଣପ୍ରସାଦ ମହାପାତ୍ର ଗ୍ରହଣ କରି ନ ଥିଲେ । ନିର୍ବାଚନ ଆଉ ମାତ୍ର ବର୍ଷେ ଥିବାରୁ ରବି ରାୟ ସୁପ୍ରିମକୋର୍ଟ ଯିବା ବୃଥା ମନେ କଲେ ।

୧୯୮୪ ରୁ ୧୯୮୯ ମସିହା ଭିତରେ ଅନେକ ଉତ୍ଥାନପତନ ଦେଇ ଗତି କରୁଥାଏ ଜନତା ଦଳ । ଅନେକ କାନକୁହା ଯା ଭିତରେ ବିଜୁବାବୁଙ୍କ ପାଖରେ ନାନା କଥା କହିବାକୁ ଆରମ୍ଭ କରି ଦେଇଥାନ୍ତି ଯେ ରବି ରାୟ ଅଧିକ ଲୋକପ୍ରିୟ ହୋଇଗଲେ କାଳେ ବିଜୁବାବୁଙ୍କର ସମାନ୍ତରାଳ ଶକ୍ତି ହୋଇ ଛିଡ଼ା ହେବେ । ବିଜୁବାବୁଙ୍କ ପ୍ରତି ଚାଲେଞ୍ଜ

Digitized by srujanika@gmail.com

ହୋଇଯିବେ ! ଏ ସବୁ ଛ୍ବାନକୁହା କଥାରେ ବିଜୁବାବୁଙ୍କ ପରି ମହାନ ଓ ଉଦାର୍ର ଲୋକ ବି ଅନେକଟା ପ୍ରଭାବିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା । ଏହା ଫଳରେ ବିଜୁବାବୁଙ୍କ ମନ ଭିତରେ ରବି ରାୟଙ୍କ ପ୍ରତି ଗୋଟେ ଅହେତୁକ ଆଶଙ୍କା ସୃଷ୍ଟି ହୋଇଗଲା । ତାଙ୍କର ସେ 'କିନ୍ତୁ ଭାବଟା' ଦୁହିଁଙ୍କ ଭିତରେ ଗୋଟେ ବିରାଟ ପ୍ରାଚୀର ହୋଇ ଆତ୍ମପ୍ରକାଶ କରୁଥାଏ । ଏହାସତ୍ତ୍ୱେ ଦୁଇନେତାଙ୍କ ଆପାତତଃ ସମ୍ପର୍କ କିଛି କ୍ଷୁଣ୍ଣ ହୋଇ ନ ଥାଏ ।

କ୍ଷମତା ରାଜନୀତି, ଶାସନ ବ୍ୟବସ୍ଥା ଓ ସିଂହାସନର ଚାରିପାଖେ କାଳେ କାଳେ କାନକୁହା, ତୋଷାମଦିଆ ଓ କପଟାଚାରୀମାନଙ୍କର ଭିଡ଼ ଜମେ । କଳେବଳେ କୌଶଳେ ସିଂହାସନକୁ କବଳିତ କରିବାପାଇଁ ସେମାନେ ମିଥ୍ୟାଚାରର ଆଶ୍ରୟ ନେଇଥାନ୍ତି । ସେଇମାନଙ୍କ ଯୋଗୁଁ ଶାସନରେ ଭ୍ରଷ୍ଟାଚାର ପଶେ । ଶାସନବ୍ୟବସ୍ଥା କଳଙ୍କିତ ହୁଏ । ଶାସକ ନିନ୍ଦିତ ହୁଏ । ହିତାକାଙ୍କ୍ଷୀମାନଙ୍କ ଭିତରେ ଅବୁଝାମଣାର ଫାଙ୍କ ସୃଷ୍ଟି ହୁଏ । ଜଟିଳ, କୁଟିଳ ବ୍ୟକ୍ତିମାନଙ୍କର ଜାଲ ଭିତରେ ସୁସ୍ଥ ରାଜନୀତି ଓ ନିର୍ମଳ ଶାସନବ୍ୟବସ୍ଥା ଛନ୍ଦି ହୋଇଯାଏ । ମିଥ୍ୟା ଚାଟୁ ବିଚାରବୋଧ ଓ ବିବେକ ଉପରେ କୁହୁଡ଼ି ଢାଙ୍କି ଦିଏ । ଏହାହିଁ ତ କାଳେ କାଳେ ରାଜନୀତିରେ ଘଟିଥାଏ !

୧୯୮୯ ମସିହା ଭିତରେ ଭାରତୀୟ ରାଜନୀତିରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା ରାଜୀବ ଗାନ୍ଧୀଙ୍କ ବୋଫର୍ସ ମାମଲା । ଭି.ପି.ସିଂହ ଏଥିପାଇଁ ଇସ୍ତଫା ଦେଇ ଲୋକଙ୍କ ଦରବାରରେ ଏ ସ୍କାଣ୍ଡାଲ ବା ଦୁର୍ନୀତି ଅଭିଯୋଗକୁ ଉପସ୍ଥାପନ କଲେ । ଏ ଘଟଣାରେ ଦେଶ ଖାଲି ପଡୁଥାଏ ଉଠୁଥାଏ । ଭି.ପି. ସିଂହଙ୍କ ଏହି ରାଜୀବ ଗାନ୍ଧୀ-ବିରୋଧୀ ଜନ ଆନ୍ଦୋଳନ ପ୍ରତି ଲୋକେ ଆକୃଷ୍ଟ ହେଲେ । ଲୋକେ ଜନତାଦଳ ଆଡ଼କୁ ପୁଣି ମୁହାଁଇଲେ ।

୧୯୮୯ ମସିହା । ନିର୍ବାଚନ ଘୋଷଣା ହୋଇଗଲା । କିଏ କେଉଁଠୁ ପ୍ରାର୍ଥୀ ହେବ ବିଚାର-ବିମର୍ଶ ଚାଲିଲା । ଏହି ନିର୍ବାଚନ ବିଜୁବାବୁ ଓ ରବି ରାୟଙ୍କ ସମ୍ପର୍କର ଏକ ଚୂଡ଼ାନ୍ତ ମୋଡ଼ ଥିଲା । ବୟୋଜ୍ୟେଷ୍ଠତା ଓ ସାମର୍ଥ୍ୟ ଦୃଷ୍ଟିରୁ ରବି ରାୟ. ବିଜୁବାବୁଙ୍କୁ ଅଗ୍ରଣୀ ମାନି ନେଇଥିଲେ । କିନ୍ତୁ ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ବିଜୁବାବୁ ଏହା ଭିତରେ ରବି ରାୟଙ୍କୁ ଭବିଷ୍ୟତର ଏକ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଦେଖିଲେ । ବାସ୍ତବରେ ରବି ରାୟ ସବୁବେଳେ କେନ୍ଦ୍ର ରାଜନୀତି ପାଇଁ ସମୟ ଦେଉଥିଲେ ଓ ରାଜ୍ୟସ୍ତରର କୌଣସି କ୍ଷମତା ପାଇଁ ତାଙ୍କର ଆଦୌ ପ୍ରଲୋଭନ ନ ଥିଲା । ଏଣୁ ସେ ଯେ ବିଜୁବାବୁଙ୍କର ପ୍ରତିଦ୍ୱନ୍ଦ୍ୱୀ ହୋଇପାରନ୍ତି, ଏ ପରିକଳ୍ପନା ସୁଦ୍ଧା ତାଙ୍କ ମନ ଭିତରେ ନ ଥିଲା । ବରଂ ବିଜୁବାବୁଙ୍କ ସହ ହାତମିଳାଇ କେନ୍ଦ୍ର ଦିଲ୍ଲୀ ଦରବାରରେ ଓଡ଼ିଶାର ସ୍ୱାର୍ଥରକ୍ଷା କରିବା ଦିଗରେ ସେ ଅଧିକ ଧ୍ୟାନନିଷ୍ଠ ଥିଲେ । ଅନ୍ୟ ପ୍ରଦେଶମାନଙ୍କ ସହ ଓଡ଼ିଶା କିପରି ସବୁକ୍ଷେତ୍ରରେ ସମକକ୍ଷ ହେଉ, ତାହାହିଁ ତାଙ୍କର ଲକ୍ଷ୍ୟ ଓ ସାଧନା ଥିଲା ।

Digitized by srujanika@gmail.com

ଜଗତ୍‌ସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ସହ ଦଶବର୍ଷର ଘନିଷ୍ଠ ସମ୍ପର୍କ ଫଳରେ ରବି ରାୟ ସେଠାରେ ଜନତାଦଳର କର୍ମୀ ଓ ଜନସାଧାରଣଙ୍କ ସହିତ ଏକାତ୍ମ ହୋଇ ସାରିଥିଲେ । ଗତ ନିର୍ବାଚନରେ ଭୋଟ ବିଭ୍ରାଟରେ ରବି ରାୟ ଅତି ଅଳ୍ପ ବ୍ୟବଧାନରେ ପରାଜିତ ହୋଇଥିବାରୁ ଏକ ସ୍ଥାନୀୟ ଅନୁକମ୍ପା ରବି ରାୟଙ୍କ ସପକ୍ଷରେ ଜଗତ୍‌ସିଂହପୁରରେ ସୃଷ୍ଟି ହୋଇଥିଲା । ଏଣୁ ୧୯୮୯ ଭୋଟରେ ରବି ରାୟ ଅତି ଅନାୟାସରେ ଜିତିବାରେ କାହାରି ସନ୍ଦେହ ନ ଥିଲା । ଏତିକିବେଳେ ଜନତାଦଳ ସହିତ କମ୍ୟୁନିଷ୍ଟ ଦଳର (ସି.ପି. ଆଇ.) ବୁଝାମଣା ହେଲା । ଅତି ନାଟକୀୟ ଭାବରେ ବିଜୁବାବୁ ଜଗତ୍‌ସିଂହପୁର ଲୋକସଭା ସିଟ୍‌କୁ କମ୍ୟୁନିଷ୍ଟ ନେତା ଲୋକନାଥ ଚୌଧୁରୀଙ୍କୁ ଦେବାପାଇଁ ଏକତରଫା ଘୋଷଣା କରିଦେଲେ । କମ୍ୟୁନିଷ୍ଟ ଦଳ ଏଥିପାଇଁ ଦାବି କରି ନ ଥିଲା କିମ୍ବା ଜନତା ଦଳର କୌଣସି ନେତା ଏକଥାକୁ କଳ୍ପନାରେ ଆଣି ନ ଥିଲେ । ବିଜୁବାବୁଙ୍କର ଏ ଘୋଷଣା ସମସ୍ତଙ୍କୁ ଆଚମ୍ବିତ କଲା । ସବୁଠୁ ବେଶି ବ୍ୟଥିତ ଓ ମର୍ମାହତ ହେଲେ ରବି ରାୟ ।

ବହୁ ମୌଳିକ ନୀତିଗତ ଅମେଳ ସତ୍ତ୍ୱେ ରବି ରାୟ ୧୯୭୩ ମସିହାରୁ ବିଜୁବାବୁଙ୍କ ସହ ଘନିଷ୍ଠ ହୋଇ କଂଗ୍ରେସ ବିରୋଧରେ ଓଡ଼ିଶାକୁ ଏକ ଦୁର୍ଗ ଭାବରେ ଗଢ଼ି ତୋଳିବାରେ ତାଙ୍କର ସମସ୍ତ ଶକ୍ତି ଓ ସମୟ ବିନିଯୋଗ କରିଥିଲେ । ଏ ପ୍ରକାର ସିଦ୍ଧାନ୍ତକୁ ସେ ପ୍ରତାରଣା ବୋଲି ଭାବିଲେ । ଏହା ତାଙ୍କୁ ଖୁବ୍ ଆଘାତ ଦେଲା । ସେ ଅଭିମାନରେ ଘୋଷଣା କଲେ ଯେ, ଜଗତ୍‌ସିଂହପୁରରୁ ନ ଲଢ଼ିଲେ ସେ ଆଦୌ ନିର୍ବାଚନ ଲଢ଼ିବେ ନାହିଁ । ବିଜୁବାବୁ ପ୍ରସ୍ତାବ ଦେଲେ, ରବି ରାୟ ପୁରୀ ନିର୍ବାଚନ ମଣ୍ଡଳୀରୁ ଲଢ଼ନ୍ତୁ । କାରଣ ରବି ରାୟଙ୍କ ଘୋଷଣା ତାଙ୍କୁ ଅଡୁଆରେ ପକାଇ ଦେଇଥାଏ । କିନ୍ତୁ ରବି ରାୟଙ୍କର ସେଇ ଗୋଟିଏ କଥା ସେ ଜଗତ୍‌ସିଂହପୁରରୁ ହିଁ ଛିଡ଼ା ହେବେ । ନ ହେଲେ ନାହିଁ । ରବି ରାୟଙ୍କ ପରି ଜଣେ ବିଶିଷ୍ଟ ପାର୍ଲିଆମେଣ୍ଟାରିଆନ୍ ଜନତା ଦଳର ପ୍ରବଳ ହାୱାବେଳେ ଲୋକସଭା ପ୍ରାର୍ଥୀ ହେବେ ନାହିଁ, ଏହା ଜନତା ଦଳର ଅଧିକାଂଶ କର୍ମୀ ଓ ନେତା ଗ୍ରହଣ କରିପାରିଲେ ନାହିଁ ।

ଏଇ ସଂକ୍ରାନ୍ତରେ ଲୋକଙ୍କ ମତାମତ ବୁଝିବା ପାଇଁ ବିଜୁବାବୁ ଜଗତ୍‌ସିଂହପୁର ଟାଉନ ହଲଠାରେ ଗୋଟାଏ ବିରାଟ କର୍ମୀ ସମ୍ମିଳନୀ ଡକାଇଲେ । ଏ ସମ୍ମିଳନୀରେ ସେ ଘୋଷଣା କଲେ - 'ଯେଉଁମାନେ ଚାହୁଁଛନ୍ତି ରବି ରାୟ ଜଗତ୍‌ସିଂହପୁରରୁ ପ୍ରାର୍ଥୀ ହୁଅନ୍ତୁ, ସେମାନେ ଘର ଛାଡ଼ି ଚାଲିଯାଆନ୍ତୁ । ଆଉ ଯେଉଁମାନେ ଚାହୁଁ ନାହାନ୍ତି, ସେମାନେ ରୁହନ୍ତୁ ।' ଆଶ୍ଚର୍ଯ୍ୟଜନକ ଭାବରେ ଘରଖାଲି କରି କର୍ମୀମାନେ ଚାଲିଗଲେ । ବିଜୁବାବୁ ଭାବୁଥିଲେ, ତାଙ୍କର ଜନତାଦଳ କର୍ମୀମାନଙ୍କ ଉପରେ ଅଖଣ୍ଡ ଆଧିପତ୍ୟ ଓ ପ୍ରଭାବ ରହିଛି । ମାତ୍ର ଏ ଘଟଣା ତାଙ୍କୁ କ୍ରୋଧାନ୍ୱିତ କଲା । ସେ ରାଗି ଚାଲିଆସିଲେ ।

Digitized by srujanika@gmail.com

ଦଳତରଫରୁ ଆଉ ଗୋଟିଏ ପ୍ରସ୍ତାବ ଆସିଲା । ବିଜୁବାବୁ ଏଥର ଆଉ ଲୋକସଭା ନିର୍ବାଚନ ନ ଲଢ଼ି ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ହେବାପାଇଁ ବିଧାନସଭାକୁ ଲଢ଼ିବେ । ସେଥିପାଇଁ ରବି ରାୟ ବିଜୁବାବୁଙ୍କ କେନ୍ଦ୍ରାପଡ଼ା ଆସନରୁ ଲଢ଼ନ୍ତୁ । ଦଳୀୟ କର୍ମୀମାନଙ୍କ କଥାରେ ରବି ରାୟ କେନ୍ଦ୍ରାପଡ଼ାରୁ ଛିଡ଼ା ହେବା ପାଇଁ ସମ୍ମତ ହେଲେ । ତାଙ୍କର ମନାକରିବାର ଅବକାଶ ନ ଥିଲା । କାରଣ କେନ୍ଦ୍ରାପଡ଼ା ସବୁବେଳେ ବିରୋଧୀ ଦଳକୁ ଜିତାଇ ଆସୁଥିଲା ଓ ସମାଜବାଦୀ ଆନ୍ଦୋଳନର ଦୁର୍ଗ ବୋଲି ବିବେଚିତ ହେଉଥିଲା । ଏହାସତ୍ତ୍ୱେ ରବି ରାୟ କେନ୍ଦ୍ରାପଡ଼ାରୁ ଛିଡ଼ା ହୁଅନ୍ତୁ, ହୁଏତ ଏକଥା ବିଜୁବାବୁ ଚାହୁଁ ନ ଥିଲେ । ବିଜୁବାବୁ କେନ୍ଦ୍ରାପଡ଼ାରୁ ନ ଲଢ଼ିବା ସତ୍ତ୍ୱେ କାହିଁକି ଏ ବାବଦରେ ଆଗ୍ରହୀ ନୁହନ୍ତି ଓ କେନ୍ଦ୍ରାପଡ଼ା ସିଟ୍ ଛାଡ଼ିବାକୁ ରାଜି ହେଉ ନାହାନ୍ତି - ଏହାର ଅନ୍ତରାଳରେ କି ଉଦ୍ଦେଶ୍ୟ ରହିଛି, ତାହା ସେ ବୁଝାଇପାରିଲେ ନାହିଁ । ଏପରି ଅମୀମାଂସିତ ଭାବରେ ସେଣ୍ଟ୍ରାଲ ପାର୍ଲିଆମେଣ୍ଟାରୀ ବୋର୍ଡ଼କୁ କଥା ଗଲା ।

ଦଳର ସଭାପତି ଭି.ପି. ସିଂହ ଓ ଦେବୀଲାଲଙ୍କ ନେତୃତ୍ୱରେ ଜନତାଦଳ ପାର୍ଲିଆମେଣ୍ଟାରୀ ବୋର୍ଡ଼ ଗଠିତ ହୋଇଥାଏ । ଚନ୍ଦ୍ରଶେଖର ଓ ମୁଲାୟମ ସିଂହ ଯାଦବ ପ୍ରମୁଖ ନେତା ବୋର୍ଡ଼ର ସଦସ୍ୟ ଥାନ୍ତି । ଦେବୀଲାଲ ସେତେବେଳକୁ ହରିୟାନାର ମୁଖ୍ୟମନ୍ତ୍ରୀ । ଏଣୁ ଦିଲ୍ଲୀରେ ଥିବା ହରିୟାନା ଭବନରେ ବୋର୍ଡ଼ର ବୈଠକ ବସିଲା ।

ପାର୍ଲିଆମେଣ୍ଟାରୀ ବୋର୍ଡ଼ରେ ରବି ରାୟ ଜଗତ୍‌ସିଂହପୁରରୁ ପ୍ରାର୍ଥୀ ହେବା ସପକ୍ଷରେ ସମସ୍ତ ତଥ୍ୟ ଓ ବିବରଣୀ ପ୍ରଦାନ କରି ବୈଠକ ଛାଡ଼ି ଚାଲିଆସିଲେ । ଚନ୍ଦ୍ରଶେଖର କହିଲେ - 'ରବି ରାୟ କେଉଁ ସିଟ୍‌ରୁ ଲଢ଼ିବେ, ଏଇଟା କଣ ବିବାଦୀୟ ଘଟଣା ହୋଇପାରେ ? ସେ ଯେଉଁଠି ଚାହିଁବେ ସେଠି ଲଢ଼ିବେ ।'

ମୁଲାୟମ ସିଂହ ଯାଦବ ମନ୍ତବ୍ୟ ଦେଲେ - 'ରବି ରାୟଙ୍କ ଟିକଟ ବିଷୟରେ ଏଠି ଆମେ ଆଲୋଚନା କରିବା ଅର୍ଥ, କୁରୁସଭାରେ ପୀତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ ପ୍ରଭୃତିଙ୍କ ଭୂମିକା ପରି ହେବ ।' କିଛି ସମୟ ପରେ ସେଣ୍ଟ୍ରାଲବୋର୍ଡ଼ ମୁଲତବୀ ହୋଇଗଲା । ସେମାନେ ସମସ୍ତେ ବିଜୁବାବୁଙ୍କୁ କହିଲେ - 'ଆପଣ ଯାଇ ରବି ରାୟଙ୍କୁ କୁହନ୍ତୁ ଯେ ସେ କେନ୍ଦ୍ରାପଡ଼ାରୁ ଲଢ଼ିବେ ।'

ସେତେବେଳେ ରବି ରାୟ ହରିୟାନା ଭବନରେ ଅନ୍ୟତ୍ର ବସି ଚା' ପିଉଥାନ୍ତି । ଏତିକିବେଳେ ଶ୍ରୀକାନ୍ତ ଜେନାଙ୍କୁ ସାଙ୍ଗରେ ଧରି ବିଜୁବାବୁ ସେଠି ଆସି ପହଞ୍ଚିଲେ । ରବି ରାୟ ଶ୍ରୀକାନ୍ତ ଜେନାଙ୍କୁ ପରୋକ୍ଷରେ ଝିଂଗାସି କରି କହିଲେ - 'ତୁ କୁଆଡ଼େ ଆସିଲୁ ? ତୁ ହଉଚୁ ସବୁ ନାଟର ଗୋବର୍ଦ୍ଧନ ।' ରବି ରାୟ କିନ୍ତୁ ବିଜୁବାବୁଙ୍କୁ ଅଭିମାନରେ କିଛି କହିଲେ ନାହିଁ । ପାଞ୍ଚମିନିଟ୍ ପର୍ଯ୍ୟନ୍ତ ଦୁହେଁ ନୀରବ ଥାନ୍ତି । ନୀରବତା ଭଙ୍ଗ କରି ବିଜୁବାବୁ କହିଲେ - 'କେନ୍ଦ୍ରାପଡ଼ା ଚାଲ । ଉଠ ।'

Digitized by srujanika@gmail.com

ରବି ରାୟ ଓ ବିଜୁବାବୁ ସାଙ୍ଗହୋଇ ପାର୍ଲିଆମେଣ୍ଟାରୀ ବୋର୍ଡ଼ ପାଖକୁ ଗଲେ । ଏଥର ବିନା ଯୁକ୍ତିତର୍କରେ ସ୍ଥିର ହୋଇଗଲା ଯେ ରବି ରାୟ କେନ୍ଦ୍ରାପଡ଼ାରୁ ପ୍ରାର୍ଥୀ ହେବେ । ଆଶ୍ଚର୍ଯ୍ୟର କଥା ଯେଉଁ ବିଜୁବାବୁ ଆଦୌ ଚାହୁଁ ନ ଥିଲେ ଯେ ସେ କେନ୍ଦ୍ରାପଡ଼ାରୁ ପ୍ରାର୍ଥୀ ହୁଅନ୍ତୁ, ସେଇ ନିଜେ ପୁଣି ନିର୍ବାଚନ ସମୟରେ ଖୁବ୍ ନିଷ୍ଠା ଓ ଆନ୍ତରିକତା ସହିତ ରବି ରାୟଙ୍କ ସପକ୍ଷରେ ପ୍ରଚାର କଲେ ।

ଜଗତ୍‌ସିଂହପୁରରେ ରବି ରାୟଙ୍କ ସ୍ଥାନରେ ପ୍ରାର୍ଥୀ ହୋଇଥିବା କମ୍ୟୁନିଷ୍ଟ ନେତା ଲୋକନାଥ ଚୌଧୁରୀ କେନ୍ଦ୍ରାପଡ଼ାର ଗୋଟିଏ ସଭାରେ ଘୋଷଣା କଲେ - 'ମୋ ବିଜୟ ଅପେକ୍ଷା ରବି ରାୟଙ୍କ ବିଜୟ ଅଧିକ ଗୁରୁତ୍ୱପୂର୍ଣ୍ଣ । କାରଣ ଜନତାଦଳ କେନ୍ଦ୍ରରେ ସରକାର ଗଢ଼ିବେ ଓ ରବି ରାୟ ସେ ସରକାରରେ ନିର୍ଣ୍ଣାୟକ ଭୂମିକା ନେବେ ।' ପରଦିନ ଜଗତ୍‌ସିଂହପୁରରେ ରବି ରାୟ ତାଙ୍କର କଲେଜ ଜୀବନର ବନ୍ଧୁ ଲୋକନାଥ ଚୌଧୁରୀଙ୍କ ପ୍ରତି ଅନୁରୂପ ଭାବପ୍ରକାଶ କରି କହିଲେ - 'ଲୋକନାଥକୁ ଭୋଟ ଦେବା ଅର୍ଥ ମୋତେ ଭୋଟ ଦେବା ।' ଏ ଦୁଇବନ୍ଧୁଙ୍କ ଉଦାରତା ଯୋଗୁଁ ଉଭୟ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ନିର୍ବିଘ୍ନରେ ବିରୋଧୀଦଳ ଜୟଯୁକ୍ତ ହେଲା । ପରବର୍ତ୍ତୀ କାଳରେ ରବି ରାୟ ବାଚସ୍ପତି ହୋଇ ଲୋକନାଥ ଚୌଧୁରୀଙ୍କୁ ଲୋକସଭା ଅଭିଯୋଗ କମିଟିର ଅଧ୍ୟକ୍ଷ ମନୋନୀତ କରିଥିଲେ ।

ଜନତାଦଳ ପକ୍ଷରୁ ରବି ରାୟଙ୍କୁ ଭୋଟ ଦେବାପାଇଁ କେନ୍ଦ୍ରାପଡ଼ାବାସୀଙ୍କୁ ଯେଉଁ ନିବେଦନ କରାଯାଇଥିଲା, ସେଥିରେ ଉଲ୍ଲେଖ ଥିଲା - 'ଶ୍ରୀ ରବି ରାୟ କେବଳ ରାଜ୍ୟରେ ନୁହନ୍ତି, ସାରା ଦେଶରେ ଜଣେ ନିଷ୍ପାପର ନେତା ଓ ସାଲିସବିହୀନ ସଂଗ୍ରାମୀ ଭାବେ ସମ୍ମାନିତ । ସେ ସର୍ବଦା ଗରିବ ଜନସାଧାରଣଙ୍କ ଦାବି ଓ ଓଡ଼ିଶାର ସମସ୍ୟାକୁ ଦିଲ୍ଲୀ ଦରବାରରେ ନିର୍ଭୀକ ଓ ଦୃଢ଼ ଭାବରେ ଉପସ୍ଥାପନ କରି ଆସିଛନ୍ତି । ଲୋକସଭାରେ ତାଙ୍କ ଉପସ୍ଥିତି ଦିଲ୍ଲୀ ଶାସକଙ୍କ ମନରେ କେତେ ଆତଙ୍କ ସୃଷ୍ଟି କରେ, ଏହା ଗତ ନିର୍ବାଚନରେ ଜଣାପଡ଼ିଚି । ଜନସାଧାରଣ ତାଙ୍କୁ ଜଗତ୍‌ସିଂହପୁରରେ ବିଜୟୀ କରିଥିଲେ, କିନ୍ତୁ ବିଭିନ୍ନ ପ୍ରକାର ହେରଫେର କରି ତାଙ୍କୁ ହରେଇ ଦିଆଗଲା । ଏଥର ମଧ ତାଙ୍କୁ ଲୋକସଭାକୁ ନ ପଠାଇ ଓଡ଼ିଶାର କଣ୍ଠରୋଧ କରିବାକୁ କଂଗ୍ରେସର ଚକ୍ରାନ୍ତ ଚାଲିଛି । ସେ ଚକ୍ରାନ୍ତକୁ ବିଫଳ କରିବାର ଉପାୟ କେନ୍ଦ୍ରାପଡ଼ାବାସୀଙ୍କୁ ବେଶ୍ ଜଣା । କେନ୍ଦ୍ରାପଡ଼ା ସହ ଶ୍ରୀ ରାୟଙ୍କ ନିବିଡ଼ ସମ୍ପର୍କ ଛାତ୍ରାବସ୍ଥାରୁ । କେନ୍ଦ୍ରାପଡ଼ାବାସୀଙ୍କ ସମସ୍ୟା ସହ ସେ ଓତପ୍ରୋତ ଭାବରେ ଜଡ଼ିତ । କେନ୍ଦ୍ରାପଡ଼ାବାସୀ ସବୁବେଳେ ବଳିଷ୍ଠ ତଥା ଖ୍ୟାତିସମ୍ପନ୍ନ ନେତାଙ୍କୁ ନିଜର ପ୍ରତିନିଧି କରିଛନ୍ତି । ଏଥର ମଧ ଶ୍ରୀ ରବି ରାୟଙ୍କ ପରି ଜଣେ ଜାତୀୟସ୍ତରର ନେତାଙ୍କୁ ନିର୍ବାଚିତ କରି ଆପଣ କେନ୍ଦ୍ରାପଡ଼ାର ମହତ୍ତ୍ୱ ଓ ଐତିହ୍ୟ ଅକ୍ଷୁଣ୍ଣ ରଖନ୍ତୁ ।'

Digitized by srujanika@gmail.com

ରବି ରାୟ କେନ୍ଦ୍ରାପଡ଼ାରୁ ଜୟଯୁକ୍ତ ହୋଇ ଲୋକସଭାର ସଦସ୍ୟ ହେଲେ । ଭି.ପି.ସିଂହଙ୍କ ନେତୃତ୍ୱରେ କେନ୍ଦ୍ରରେ ଜନତାଦଳ ସରକାର କରିବା ସ୍ଥିର ହେଲା । ରବି ରାୟଙ୍କ ମନ୍ତ୍ରୀ ହେବା ଏକପ୍ରକାର ନିଶ୍ଚିତ ଥିଲା । କାରଣ ମୋରାରଜୀଙ୍କ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀଥିବା ଜନତା ଦଳର ସମସ୍ତ ନେତାଙ୍କୁ ମନ୍ତ୍ରୀ କରି ଭି.ପି. ସିଂହ ନିଜ ସରକାରକୁ ବଳିଷ୍ଠ ଓ ଦକ୍ଷ କରିବାକୁ ସ୍ଥିର କରିଥିଲେ ।

ପୁଣି ରବି ରାୟ କେନ୍ଦ୍ରମନ୍ତ୍ରୀ ହେଲେ ନିଜ କର୍ମନିଷ୍ଠା ଯୋଗୁଁ ଓଡ଼ିଶାର ଜନମାନସକୁ ବିଜୁବାବୁଙ୍କ ପରି ପ୍ରଭାବିତ କରିବେ, ଏଇ ଆଶଙ୍କାରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିଜୁବାବୁଙ୍କ ଉପରେ ଚାପ ପକେଇଲେ ରବି ରାୟଙ୍କ ବ୍ୟତୀତ ଅନ୍ୟ କେହି ନିଜର ମନୋନୀତ ପ୍ରାର୍ଥୀଙ୍କୁ ମନ୍ତ୍ରୀ କରିବା ପାଇଁ ଭି.ପି. ସିଂହଙ୍କ ପାଖରେ ଭିଟୋ ଦେବାକୁ । ବିଜୁବାବୁ ତାହାହିଁ କଲେ ।

ସେ ଭି.ପି. ସିଂହଙ୍କୁ ଯାଇ କହିଲେ, 'ଯଦି ନୀଳମଣି ରାଉତରାୟଙ୍କୁ ମନ୍ତ୍ରୀ ନ କରିବେ, ତେବେ ଆପଣ ଓଡ଼ିଶା କଥା ବୁଝିବେ । ମୋ କଥା ଭୁଲିଯାଆନ୍ତୁ ।' ଏତକ କଡ଼ା କରି କହି ବିଜୁବାବୁ ସେ ସ୍ଥାନ ଛାଡ଼ି ଚାଲିଆସିଲେ । ତାଙ୍କ ଭିଟୋକୁ ସମ୍ମାନ ଜଣାଇ ନୀଳମଣି ରାଉତରାୟଙ୍କୁ କେନ୍ଦ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀ ପଦବୀ ଦିଆଗଲା । ରବି ରାୟ ବାଦ ପଡ଼ିଲେ । ରବି ରାୟଙ୍କ ସାଙ୍ଗକୁ ସମରେନ୍ଦ୍ର କୁଣ୍ଡୁ ମଧ୍ୟ ମନ୍ତ୍ରୀ ପଦରୁ ବଞ୍ଚିତ ହେଲେ ।

ଯେତେବେଳେ କେନ୍ଦ୍ରୀୟ କ୍ୟାବିନେଟ ମିଟିଂ ବସିଲା, ଆଲୋଚନା ହେଲା କିଏ ହେବ ବାଚସ୍ପତି । ପ୍ରଥମେ ବିଦ୍ୟାଚରଣ ଶୁକ୍ଳଙ୍କ ନାଁ କିଏ ଜଣେ ପ୍ରସ୍ତାବ ଦେଲେ । କିନ୍ତୁ ଏତିକିବେଳେ ଶରଦ ଯାଦବ ଭି.ପି. ସିଂହଙ୍କୁ ଓ ଦେବୀଲାଲଙ୍କୁ ମନେ ପକେଇଦେଲେ ଯେ ରବି ରାୟ ବାଚସ୍ପତି ହେଲେ ଖୁବ୍ ଭଲ ହୁଅନ୍ତା । କଥାଟା ବୋଧହୁଏ ସମସ୍ତଙ୍କ ମନକୁ ପାଇଲା । ଏସବୁ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ଭି.ପି. ସିଂହଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ସିଦ୍ଧାନ୍ତ ଦେବା ପାଇଁ । ରବି ରାୟ ଏକଥାର ସୁରାକ ମଧ୍ୟ ପାଇ ନ ଥାନ୍ତି । ବନ୍ଧୁପ୍ରେମୀ ରବି ରାୟ ସେତେବେଳେ ଜଣେ ବନ୍ଧୁଙ୍କ ଘରକୁ ବୁଲି ଯାଇଥାନ୍ତି । କିନ୍ତୁ ତାଙ୍କ ଅନୁପସ୍ଥିତିରେ ତାଙ୍କୁ ନେଇ ଏସବୁ କଥା, କଳ୍ପନା ଜଳ୍ପନା ଚାଲିଥାଏ ।

ବାଚସ୍ପତି ଆସନରେ

୧୯୮୯ ମସିହା ଡିସେମ୍ବର ମାସ ୧୬ ତାରିଖ ସନ୍ଧ୍ୟା । ହୁମାୟୁଁ ରୋଡ଼ର ସି-୧/୧୮ ନମ୍ବର କ୍ୱାର୍ଟର । କ୍ୱାର୍ଟରଟି ସତ୍ୟନାରାୟଣ ରେଡ଼ିଙ୍କର । ତେଲୁଗୁଦେଶମ୍ ଦଳର ଏମ୍.ପି. ସିଏ । (ପରେ ସେ ଉତ୍ତରପ୍ରଦେଶ ଓ ଓଡ଼ିଶାର ରାଜ୍ୟପାଳ ହେଲେ) କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ପ୍ରତିନିଧି ରବି ରାୟ ସେଇଠି ରହୁଥାନ୍ତି । ବନ୍ଧୁ ସିଏ ।

Digitized by srujanika@gmail.com

ତାଙ୍କ ବନ୍ଧୁତ୍ୱ ଅତି ନିବିଡ଼ । ସେ ଅବିବାହିତ । ରବି ରାୟ ପାର୍ଲିଆମେଣ୍ଟ ସଦସ୍ୟ ଥିଲାବେଳେ ସତ୍ୟନାରାୟଣ ରେଡ୍ଡୀଙ୍କ ପାଇଁ ତାଙ୍କ ଘରେ ଗୋଟିଏ ବଖରା ଥାଏ । ଠିକ୍ ସେମିତି ସତ୍ୟନାରାୟଣ ରେଡ୍ଡୀ ଦିଲ୍ଲୀକୁ ନିର୍ବାଚିତ ହୋଇ ଆସିଲେ ରବି ରାୟ ତାଙ୍କ କ୍ୱାର୍ଟରରେ ରହନ୍ତି । ତାଙ୍କୁ ଶୁଭେଚ୍ଛା ଜଣାଇବାକୁ ଆସିଥିବା କେତେକ ବନ୍ଧୁଙ୍କୁ ସଂଖୋଳି ଜଣ ଜଣ କରି ବିଦା କରୁଥାନ୍ତି ରବି ରାୟ । ଏ ପର୍ବ ସରିଲାବେଳକୁ ରାତି ପ୍ରାୟ ଦଶଟା ହେବ ।

ଟେଲିଫୋନର ଘଣ୍ଟି ବାଜି ଉଠିଲା । ରବି ରାୟ ଫୋନ ଉଠେଇଲେ । ଆରପାଖେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଶରଦ ଯାଦବ । ରବି ରାୟଙ୍କ ସ୍ନେହରେ ବନ୍ଧା ସିଏ । କହିଲେ - 'ପ୍ରଧାନମନ୍ତ୍ରୀ ଆପଣଙ୍କୁ ଲୋକସଭାର ବାଚସ୍ପତି କରିବା ପାଇଁ ଆମ ସହ ବିଚାର ଆଲୋଚନା କରୁଛନ୍ତି । ଆମେ ଉତ୍ସାହିତ ହୋଇ ମତଦେଇ ସାରିଲୁଣି । ଆପଣ ସ୍ୱୀକୃତି ଦେବାରେ କୁଣ୍ଠା ପ୍ରକାଶ କରିବେ ନାହିଁ । ଦେଶର ଏ ଘଡ଼ିସନ୍ଧି ମୁହୂର୍ତ୍ତରେ ଜନତାଦଳର ସଂଖ୍ୟା ଅଧାରୁ କମ୍ ହୋଇଥିବା ଦୃଷ୍ଟିରୁ ବାଚସ୍ପତିର ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ତାକୁ କେବଳ ଆପଣ ହିଁ ସୁଚାରୁରୂପେ ତୁଲାଇ ପାରିବେ । ଆମେ ସବୁ ପ୍ରଥମଥର ପାଇଁ ମନ୍ତ୍ରୀ ହୋଇଥିବାରୁ ଆପଣଙ୍କର ସହାୟତା ଚାହୁଁଛୁ । ଆପଣ ଆମକୁ ବାଟ ଦେଖେଇବେ ।' ରବି ରାୟ କିଛି ମନ୍ତବ୍ୟ ଦେଲେ ନାହିଁ । ମନରେ ଦ୍ୱନ୍ଦ୍ୱ - ବାଚସ୍ପତି ହେଲେ ରାଜନୀତିରୁ ଅଲଗା ରହିବାକୁ ହେବ । ତହିଁରେ ପୁଣି ଯିଏ ସ୍ପିକର ହେବ ସେସବୁ ଶୁଣିବ, କିଛି କହିବ ନାହିଁ, କେବଳ ରୁଲିଂ ଦେବା ଛଡ଼ା । ତାଙ୍କ ପରି ଅନର୍ଗଳ ବକ୍ତା ଲୋକସଭାରେ କେବଳ ଅନ୍ୟମାନଙ୍କୁ କହିବାକୁ ସୁଯୋଗ ଦେବେ, ଅଥଚ ନିଜେ କିଛି କହିବେ ନାହିଁ । ଖାଲି ସେତିକି ନୁହେଁ ଓଡ଼ିଶାକୁ ଗଢ଼ିବାର ସ୍ୱପ୍ନ ଓ ସଂକଳ୍ପ ପୁଣି ଫଳବତୀ ହେବ କିପରି ? ମନରେ ପ୍ରଶ୍ନବାଚୀ । ରବି ରାୟ ଅସ୍ଥିର ହୋଇ ଉଠୁଥିଲେ । ନିଜ ଭିତରେ ସଂଘର୍ଷ କରୁଥିଲେ । କିଛି ସିଦ୍ଧାନ୍ତ ନେଇ ପାରୁ ନ ଥିଲେ ।

ପାଖରେ ବସିଥିଲେ ରବି ରାୟଙ୍କ ଅତ୍ୟନ୍ତ ପ୍ରିୟ ଯୁବନେତା ଚିତ୍ତରଞ୍ଜନ ମହାନ୍ତି । ସେ ମତ ଦେଲେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଣେ ଓଡ଼ିଆ ହେବା ସ୍ୱାଭାବିକ । କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମଧ୍ୟ କୋଟା ଦୃଷ୍ଟିରୁ ଓଡ଼ିଆ ମନ୍ତ୍ରୀ ରହି ଆସିଛନ୍ତି । କିନ୍ତୁ ଲୋକସଭା ବାଚସ୍ପତି ଜଣେ ଓଡ଼ିଆ ହେବା ଜାତିପାଇଁ ଗର୍ବ ଓ ଗୌରବର ବିଷୟ । ରବି ରାୟ ତାଙ୍କ କଥା ଶୁଣି ଚୁପ୍ ରହିଲେ । କିଛି ଉତ୍ତର ଦେଲେ ନାହିଁ । କିନ୍ତୁ ମନେ ମନେ ଭାବୁଥିଲେ, ଚିତ୍ତ ଯାହା କହିଲେ, ତା'ତ ସତକଥା ।

ରାତି ଏଗାରଟା ହେବ । ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହ ଫୋନ କଲେ ଏବଂ କହିଲେ - 'ଆପଣଙ୍କ ସହ ଜରୁରୀ ଆଲୋଚନା ଅଛି । କେତେବେଳେ ଆପଣଙ୍କ ସହିତ ଦେଖା ହେବ ?' ରବି ରାୟ କହିଲେ - 'କାଲି ତ ପାର୍ଲିଆମେଣ୍ଟରେ ସଦସ୍ୟମାନେ

Digitized by srujanika@gmail.com

ଶପଥ ନେବେ । ମୁଁ ତ ଆସୁଛି ଶପଥ ନେବାକୁ । ସେଇଠି କାଲି ଦେଖା ହେବ ।' ସେ ଆଉ କିଛି କହିଲେ ନାହିଁ ।

ରାତି ପ୍ରାୟ ବାରଟା ବେଳକୁ ଉପ-ପ୍ରଧାନମନ୍ତ୍ରୀ ଦେବୀଲାଲଙ୍କ ପାଖରୁ ଫୋନ ଆସିଲା । ସେ ରବି ରାୟଙ୍କୁ କହିଲେ - 'ଆପକୋ ଆନା ହୋଗା ।' ରବି ରାୟ ପଚାରିଲେ - 'କାହାଁ ?' ସେ ଉତ୍ତର ଦେଲେ - 'ସ୍ପିକର ବନକେ ।' ତା ପରେ ସେ ସେମାନଙ୍କ ଭିତରେ ହୋଇଥିବା ସବୁ ବିଚାର ଆଲୋଚନା ସମ୍ପର୍କରେ ପୂରା କାହାଣୀ ବର୍ଣ୍ଣନା କଲେ ।

ରବି ରାୟଙ୍କ ନାମ ପ୍ରସ୍ତାବିତ ହେବା ପୂର୍ବରୁ ଦୁଇଟି ଗୋଷ୍ଠୀରୁ ଦୁଇଟି ନାଁ ଆସିଥିଲା । ଭି.ପି. ସିଂହଙ୍କ ଜନମୋର୍ଚ୍ଚାରୁ ରାଜମଙ୍ଗଳ ପାଣ୍ଡେ ଓ ଦେବୀଲାଲଙ୍କ ପକ୍ଷରୁ ରାଓ ବୀରେନ୍ଦ୍ର ସିଂହ । ଲୋକସଭାରେ ବିରୋଧୀ କଂଗ୍ରେସ ଦଳର ସଂଖ୍ୟା ଦୁଇଶ ଥିବାବେଳେ ସରକାରୀ ଜନତାଦଳର ସଂଖ୍ୟା ଥିଲା ଶହେ ଚାଳିଶ । ଜନତା ଦଳକୁ ଦୁଇଟି ପରସ୍ପର ବିରୋଧୀ ରାଜନୀତିକ ଦଳ ବି.ଜେ.ପି ଓ ସି.ପି.ଏମ. ଦଳ ଉପରେ ନିର୍ଭର କରିବାକୁ ପଡୁଥିଲା । ଏଭଳି ପରିସ୍ଥିତିରେ ବାଚସ୍ପତି ଯଦି ବ୍ୟକ୍ତିତ୍ୱସମ୍ପନ୍ନ, ସାଧୁ, ସଚ୍ଚୋଟ ଲୋକ ହୋଇ ନ ଥିବେ, ତେବେ ସରକାର ପ୍ରତି ମୁହୂର୍ତ୍ତରେ ବିପଦରେ ପଡ଼ିବାର ଆଶଙ୍କା ଥିଲା । ଏହି ପୃଷ୍ଠଭୂମିରେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହଙ୍କ ମନକୁ ରବି ରାୟଙ୍କ ନାଁ ଆସିଲା । ପରିସ୍ଥିତି ଚାପରେ ତାଙ୍କୁ ମନ୍ତ୍ରିମଣ୍ଡଳରେ ନେଇ ନ ଥିବାରୁ ଏକ ଅପରାଧବୋଧ ଭି.ପି. ସିଂହଙ୍କ ମନରେ ଥିଲା । ବିଭିନ୍ନ ପ୍ରଦେଶର ରାଜନୀତିକ ନେତା ଓ ତାଙ୍କର କେତେକ ଅନ୍ତରଙ୍ଗ ସାମ୍ବାଦିକ ମଧ୍ୟ ରବି ରାୟଙ୍କ ପ୍ରତି ସେ ନ୍ୟାୟ କରି ନାହାନ୍ତି ବୋଲି ସୂଚାଇ ଥିଲେ । ଶରଦ ଯାଦବ ଭି.ପି. ସିଂହଙ୍କୁ ରବି ରାୟଙ୍କ କଥା ମନେ ପକେଇ ଦେଇଥିଲେ । ଏସବୁ ପରିପ୍ରେକ୍ଷୀରେ ଭି.ପି. ସିଂହ ଭାବିଲେ ବାଚସ୍ପତି ହେବାପାଇଁ ରବି ରାୟ ହେଉଛନ୍ତି ସର୍ବୋତ୍ତମ ବ୍ୟକ୍ତି । ତେଣୁ ସେ ରବି ରାୟଙ୍କୁ ରାଜି କରେଇବାକୁ ଶରଦ ଯାଦବଙ୍କ ସହାୟତା ଲୋଡ଼ିଲେ । କାରଣ ଶରଦ ଯାଦବ ରବି ରାୟଙ୍କର ଶ୍ରଦ୍ଧାର ପାତ୍ର ଓ ଅନ୍ତରଙ୍ଗ ଥିଲେ । ଏସବୁ ଘଟଣା ରବି ରାୟଙ୍କୁ କିଛି ଜଣା ନ ଥିଲା । ଦେବୀଲାଲଙ୍କ ପାଖରୁ ଏସବୁ ଶୁଣିଲା ପରେ ତାଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଅପସରି ଗଲା । ସେ ଭାବିଲେ, ମନ୍ତ୍ରୀ ହେବା ଅପେକ୍ଷା ବାଚସ୍ପତି ହେଲେ ଦଳର ସ୍ୱାର୍ଥ ଅଧିକ ସୁରକ୍ଷିତ ହେବ ।

ଡିସେମ୍ବର ୧୭ ତାରିଖ । ଲୋକସଭା ବାଚସ୍ପତି ପଦପାଇଁ ପ୍ରାର୍ଥୀ ପତ୍ର ଦାଖଲର ଚୂଡ଼ାନ୍ତ ସମୟ ଦିନ ବାରଟା । ପ୍ରାୟ ଦିନ ଏଗାରଟା ବେଳେ ପ୍ରଧାନମନ୍ତ୍ରୀଙ୍କ ପାର୍ଲିଆମେଣ୍ଟ ଛକିରେ ରବି ରାୟ ତାଙ୍କୁ ସାକ୍ଷାତ୍ କଲେ । ତାଙ୍କ ପାଖରେ ଥିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପି. ଉପେନ୍ଦ୍ର ଓ ରେଳବାଇ ମନ୍ତ୍ରୀ ଜର୍ଜ ଫର୍ଣ୍ଣାଡିସ୍ । ପ୍ରଧାନମନ୍ତ୍ରୀ ଭି.ପି. ସିଂହ କହିଲେ - 'ହମ୍ ସବ୍‌କି ଇଚ୍ଛା ହୈ କି ଆପ ସ୍ପିକର ବନେ ।' ରବି ରାୟ କିଛି କହିଲେ

Digitized by srujanika@gmail.com

ନାହିଁ । ସେ ପୁଣି ଥରେ କହିଲେ - 'ମେରି ଏକାନ୍ତ ଇଚ୍ଛା ହୈ କି ଆପ ସ୍ପିକର ବନେ ।' ପ୍ରଧାନମନ୍ତ୍ରୀ ରବି ରାୟଙ୍କ ହାତକୁ ମନୋନୟନପତ୍ର ବଢ଼େଇଦେଲେ ।

ରବି ରାୟ ହସିଦେଇ କହିଲେ - 'ଯବ୍ ଆପ୍ ଚାହତେ ହେଁ, ତୋ ମେ ଦସ୍ତଖତ କରତା ହୁଁ ।' ସେ ନିଜର ସ୍ୱୀକୃତି ଦେଲେ ଓ ଦସ୍ତଖତ କଲେ ।

ତାପରେ ପି. ଉପେନ୍ଦ୍ର କଂଗ୍ରେସ ଦଳର ନେତା ରାଜୀବ ଗାନ୍ଧୀଙ୍କ ପାଖକୁ ଗଲେ । ବିରୋଧୀଦଳର କିଏ ପ୍ରାର୍ଥୀ ହେଉଛନ୍ତି ବୁଝିବା ପାଇଁ । ରାଜୀବ ଗାନ୍ଧୀ ପଚାରିଲେ - 'ଆପଣମାନଙ୍କ ପକ୍ଷରୁ କିଏ ପ୍ରାର୍ଥୀ ହେଉଛନ୍ତି ?' ପି. ଉପେନ୍ଦ୍ରଙ୍କ ଠାରୁ ରବି ରାୟଙ୍କ ନାଁ ଶୁଣି ରାଜୀବ ଗାନ୍ଧୀ କହିଲେ - 'ଯେହେତୁ ଆପଣମାନଙ୍କର ରବି ରାୟ ପ୍ରାର୍ଥୀ ହେଉଛନ୍ତି, ତାଙ୍କ ବିରୋଧରେ ଆମେ କୌଣସି ପ୍ରାର୍ଥୀ ଦେବୁ ନାହିଁ ।'

ଡିସେମ୍ବର ୧୯ ତାରିଖ । ଲୋକସଭାରେ ଅସ୍ଥାୟୀଭାବେ ଅଧ୍ୟକ୍ଷତା କରୁଥାନ୍ତି ବୟୋଜ୍ୟେଷ୍ଠ ସଭ୍ୟ ପ୍ରଫେସର ଏନ୍.ଜି.ରଙ୍ଗା । ଶ୍ରୀଯୁକ୍ତ ରବି ରାୟ ସର୍ବସମ୍ମତିକ୍ରମେ ବାଚସ୍ପତି ନିର୍ବାଚିତ ହୋଇଥିବା କଥା ସେ ଆନୁଷ୍ଠାନିକ ଭାବେ ଘୋଷଣା କଲେ । ତା'ପରେ ପ୍ରଧାନମନ୍ତ୍ରୀ ଭି.ପି. ସିଂହ ରବି ରାୟଙ୍କର ବାମହାତ ଓ ବିରୋଧୀ ଦଳ ନେତା ରାଜୀବ ଗାନ୍ଧୀ ତାଙ୍କର ଡାହାଣ ହାତ ଧରି ବାଚସ୍ପତି ଆସନରେ ତାଙ୍କୁ ନେଇ ବସାଇଲେ । ତାହାହିଁ ଲୋକସଭାର ପରମ୍ପରା । ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ପ୍ରତାପ ସିଂହ ନବ ନିର୍ବାଚିତ ବାଚସ୍ପତି ରବି ରାୟଙ୍କୁ ଅଭିନନ୍ଦନ ଜଣାଇ କହିଲେ - 'ମାନ୍ୟବର ବାଚସ୍ପତି ମହାଶୟ, ଇଏ ଆମ ସମସ୍ତଙ୍କ ପାଇଁ ଆନନ୍ଦର ବିଷୟ ଯେ ଆପଣ ସର୍ବସମ୍ମତି କ୍ରମେ ଲୋକସଭା ବାଚସ୍ପତି ଭଳି ଗରିମାମୟ ଆସନ ଅଳଙ୍କୃତ କଲେ । ମୁଁ ଏଥିପାଇଁ ଆପଣଙ୍କୁ ଅଭିନନ୍ଦନ ଜଣାଉଛି । ସର୍ବସମ୍ମତି ଦିଗରେ ଯେଉଁ ନୂଆ ଉଦ୍ୟମ ଓ ପ୍ରୟାସ ଆରମ୍ଭ ହୋଇଛି, ଆପଣଙ୍କ ନିର୍ବାଚନ ତାର ପ୍ରଥମ ପଦକ୍ଷେପ ।

ଆପଣଙ୍କର ଦୀର୍ଘ ରାଜନୀତିକ ଜୀବନର ଅଭିଜ୍ଞତା ଓ ନିଜ ବିଚାରଶକ୍ତି ଲୋକସଭାର ସମ୍ବଳ । ଛାତ୍ରଜୀବନରୁ ହିଁ ଆପଣଙ୍କ ହୃଦୟରେ ସ୍ୱାଧୀନତାର ଶିଖା ପ୍ରଜ୍ୱଳିତ ହୋଇଥିଲା । ମୁକ୍ତି ପାଇଁ ସଂଗ୍ରାମ ଆପଣଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା । କାରାବରଣ ମଧ୍ୟ ଆପଣଙ୍କୁ ନିଜ ସଙ୍କଳ୍ପରୁ ହଟେଇ ପାରିଲା ନାହିଁ । ଆପଣ ଜଣେ ନିଷ୍ଠାପର ସମାଜବାଦୀ ଚିନ୍ତକ । ସେ ଦୃଷ୍ଟିରୁ କେବଳ ଇଂରେଜଙ୍କୁ ହଟାଇବା ଆପଣଙ୍କ ଲକ୍ଷ୍ୟ ନ ଥିଲା, ଆପଣଙ୍କ ଧ୍ୟେୟ ଥିଲା ନିଷ୍ପେଷିତ ଓ ଦଳିତବର୍ଗଙ୍କୁ ନ୍ୟାୟ ଦେବା । ଯଦି ଖଟିଖିଆ, ଗରିବର ସାମାନ୍ୟ ଗୁଞ୍ଜରଣ ଲୋକସଭାରେ ଶୁଣାଯାଏ, ତେବେ ଆପଣଙ୍କ ହୃଦୟରେ ତାର ସ୍ପନ୍ଦନ ଅତି ସ୍ପଷ୍ଟ ଓ ଶକ୍ତିଶାଳୀ ଭାବରେ ପ୍ରତିଧ୍ୱନିତ ହେବ । ଆପଣ ଗରିବର ବନ୍ଧୁ ।

Digitized by srujanika@gmail.com

ଆପଣ ଜାତୀୟ ପତାକା ଆନ୍ଦୋଳନରେ କାରାକଷଣ ଭୋଗିଛନ୍ତି । ଆଜି ଜାତୀୟ ପତାକାର ସମ୍ମାନ ପ୍ରତି ସଙ୍କଟ ଆସିଥିବାବେଳେ ଆପଣ ଏହି ପଦରେ ଆସୀନ ହୋଇଥିବାରୁ ଆମ ସଂଗ୍ରାମକୁ ଶକ୍ତି ମିଳିବ ।

ଅଭିନନ୍ଦନ ଜଣାଇ ବିରୋଧୀ ଦଳ ନେତା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ରବି ରାୟଙ୍କୁ ପ୍ରଶଂସା କରି କହିଲେ - 'ଆପଣଙ୍କ ଭଳି ଜଣେ ଦକ୍ଷ ବ୍ୟବସ୍ଥାପକ, ଜଣେ ସ୍ୱାଧୀନତା ସଂଗ୍ରାମୀ ଏ ଆସନକୁ ଅଳଙ୍କୃତ କଲା । ଆପଣ ଏ ସଦନର ନିୟମ, କାନୁନ, ଐତିହ୍ୟ, ପରମ୍ପରା ଓ ଆତ୍ମା ସହିତ ବେଶ ପରିଚିତ । ଆମେ ଆପଣଙ୍କୁ ସମସ୍ତ ସହଯୋଗ ଦେବାକୁ କଥା ଦେଉଛୁ ଓ ସଦନର ବୃହତ୍ତମ ଦଳ ଭାବେ ଆମେ ଗଣତାନ୍ତ୍ରିକ ସଂସ୍ଥାକୁ ମଜବୁତ୍ କରିବାରେ ଆପଣଙ୍କ ସହ ଦାୟିତ୍ୱର ସହ କାମ କରିବାକୁ ଶପଥ କରୁଛୁ । ମହାଭାଗ, ଆମର ଆପଣଙ୍କଠାରେ ପୂର୍ଣ୍ଣ ଭରସା ରହିଛି । ଆମର ବିଶ୍ୱାସ ଆପଣ ନ୍ୟାୟବନ୍ତ ଓ ନିରପେକ୍ଷ ହେବେ । ଆମେ ଆପଣଙ୍କୁ ଲୋକଙ୍କର ଅଧିକାରର ରକ୍ଷକ ଓ ଗଣତନ୍ତ୍ରର ତତ୍ତ୍ୱାବଧାରକ ରୂପରେ ଦେଖୁଛୁ ।'

ଭାରତୀୟ ଜନତାଦଳର ନେତ୍ରୀ ବିଜୟାରାଜେ ସିନ୍ଧିଆ ରବି ରାୟଙ୍କୁ ବଧେଇ ଜଣେଇ କହିଲେ - 'ଆପଣଙ୍କ ଦୀର୍ଘ ରାଜନୀତିକ ଓ ବ୍ୟବସ୍ଥାପକ ଜୀବନର ଅଭିଜ୍ଞତାର ଲାଭ ଆମ ସମସ୍ତଙ୍କୁ ଏ ଲୋକସଭାରେ ମିଳିବ ।' ମାର୍କସବାଦୀ କମ୍ୟୁନିଷ୍ଟ ଦଳର ନେତା ଶ୍ରୀ ସୋମନାଥ ଚାଟାର୍ଜୀ କହିଲେ - 'ଆମମାନଙ୍କ ମଧ୍ୟରୁ ଅନେକ ଆପଣଙ୍କୁ ପୂର୍ବରୁ ଏ ଗୃହର ସଭ୍ୟଭାବେ ଓ କେନ୍ଦ୍ରମନ୍ତ୍ରୀ ଭାବେ ଜାଣିବାର ସୁଯୋଗ ପାଇଛୁ । ସେତେବେଳଠୁ ଆପଣଙ୍କ ନ୍ୟାୟ-ପରାୟଣତା, ନିଷ୍ଠା, ସାଧୁତା ଓ ସରଳତାଦ୍ୱାରା ପ୍ରଭାବିତ ହୋଇଛୁ । ଆପଣ ଏବେ ଗୋଟିଏ ଦଳର ନୁହନ୍ତି, ସାରା ଲୋକସଭାର ଏବଂ ଏବେ ଆପଣ ଲୋକସଭା ଓ ଲୋକସଭାର ସଭ୍ୟମାନଙ୍କର ଅଧିକାର ଓ ସୁବିଧାର ସଂରକ୍ଷକ । ମୋର ଦୃଢ଼ବିଶ୍ୱାସ ଆପଣଙ୍କ ତତ୍ତ୍ୱାବଧାନରେ ଏହି ଅଧିକାର-ସୁବିଧା ବେଶ୍ ସୁରକ୍ଷିତ ହେବ ।'

କମ୍ୟୁନିଷ୍ଟ ଦଳର ଅନ୍ୟତମ ନେତା ଇନ୍ଦ୍ରଜିତ୍ ଗୁପ୍ତ କହିଲେ - 'ଆପଣ କେବଳ ସ୍ୱାଧୀନତା ସଂଗ୍ରାମୀ କିମ୍ବା ଅଭିଜ୍ଞ ନେତା ନୁହନ୍ତି, ଆପଣ ସାରା ଜୀବନ ସମାଜବାଦୀ ଆଦର୍ଶ ଓ ଚିନ୍ତାଧାରା ପ୍ରତି ଏକନିଷ୍ଠ ରହିଛନ୍ତି ଏବଂ ଏ ଗୃହର କାର୍ଯ୍ୟକୁ ପରିଚାଳିତ କଲାବେଳେ ଆପଣଙ୍କ ସେ ନିଷ୍ଠା ଅକ୍ଷୁଣ୍ଣ ରହିବ ବୋଲି ଆମର ଆଶା । ନବମ ଲୋକସଭା ଗଠନ ଏଭଳି ଅଭୂତପୂର୍ବ ଯେ ଆପଣଙ୍କୁ ଚରମ ଧୈର୍ଯ୍ୟ, ସଂଯମ ଓ ସ୍ୱତନ୍ତ୍ର ବିଚାର ଦେଖାଇବାକୁ ହେବ । ଏସବୁ ଗୁଣର ଆପଣ ଯଥାର୍ଥ ଅଧିକାରୀ । ଏଣୁ ଆମେ ଆଶା କରୁଛୁ ଏ କାର୍ଯ୍ୟ ଆପଣ ସୁଚାରୁରୂପେ ସମ୍ପାଦନ କରିପାରିବେ ।'

Digitized by srujanika@gmail.com

ଆନ୍ନାଡିଏମ୍‌କେର ନେତା ଜନାର୍ଦ୍ଦନ କହିଲେ ଯେ ଲୋକସଭା ଠିକ୍ ଲୋକଙ୍କୁ ବାଚସ୍ପତି ଭଳି ଉଚ୍ଚପଦ ପାଇଁ ବାଛିଅଛି । ବିପ୍ଳବୀ ସମାଜବାଦୀ ଦଳ ନେତା ନନି ଭଟ୍ଟାଚାର୍ଯ୍ୟ, ଫରଓ୍ବାର୍ଡ଼ ବ୍ଲକ ନେତା ଚିତ୍ତ ବସୁ, ଶିବସେନା ନେତା ବାମନ ରାଓ ମହାଡିକ, ଗୋର୍ଖା ଜାତୀୟ ମୁକ୍ତି ସାମ୍ମୁଖ୍ୟର ନେତା ଇନ୍ଦରଜିତ୍, ଲକ୍ଷ୍ମଣଜୀ ବଘେଲା, ନବ ନିର୍ବାଚିତ ସଭ୍ୟ ମହାଦେବ ରାଓ ଶିବଙ୍କର, ହରିଭାଇ ଶଙ୍କର ମହାଲେ ପ୍ରମୁଖ ଜଣକ ପରେ ଜଣେ ରବି ରାୟଙ୍କୁ ପ୍ରଶଂସା କରି ଅଭିନନ୍ଦନ ଜଣାଇଥିଲେ । ସବୁଠୁ ବଳି ଉଚ୍ଛ୍ୱସିତ ଭାଷାରେ କହିଲେ ମୁସଲମାନ ନେତାମାନେ । କାଶ୍ମୀର ନେତା ସଇଫୁଦ୍ଦିନ ସୋଜ କହିଲେ - 'ଲୋକସଭା ବାଚସ୍ପତି ପଦ ପାଇଁ ଆପଣ ହିଁ ସର୍ବୋତ୍ତମ ବ୍ୟକ୍ତି ।' ମୁସଲିମଲିଗ୍ ନେତା ଇବ୍ରାହିମ ସୁଲେମାନ ସଏତ ରବି ରାୟଙ୍କୁ ଜଣେ ସ୍ୱାଧୀନତା ସଂଗ୍ରାମୀ ବୋଲି ସମ୍ମାନ ଦେଇ କହିଲେ ଯେ ସ୍ୱାଧୀନତୋତ୍ତର ଭାରତରେ ମଧ୍ୟ ସେ ନିଷ୍ଠାର ସହ ଦେଶର ସେବା କରିଛନ୍ତି । ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ଆବଶ୍ୟକତାକୁ ସେ ଉର୍ଦ୍ଦୁ କବିତା ମାଧ୍ୟମରେ ଜଣାଇ କହିଲେ -

'ହୟାତ ଲେ କେ ଚଲୋ
କାୟନାତ ଲେ କେ ଚଲୋ
ଚଲୋ ତୋ ସାରେ ଜମାନେ କୋ
ସାଥ ଲେ କେ ଚଲୋ ।'

ହାଇଦ୍ରାବାଦର ପ୍ରତିନିଧି ସୁଲତାନ ସଲାଉଦ୍ଦିନ ଓବେସୀ କହିଲେ - 'ମୁଁ ଖୁସି ଯେ ଜଣେ ସମାଜବାଦୀ ବାଚସ୍ପତିର ଉଚ୍ଚ ଆସନରେ ବସିଲା । ଆପଣ ଡଃ ଲୋହିଆଙ୍କ ସହଯୋଗୀ ଏବଂ ମୋର ମନେଅଛି ସେ ଆମପାଇଁ ଯାହା କରିଛନ୍ତି ।'

କେରଳ କଂଗ୍ରେସର ନେତା ଥୋମାସ୍ ମତ ଦେଲେ 'ସ୍ୱାଧୀନତା ସଂଗ୍ରାମୀ, ସମାଜ ସୁଧାରକ, ସମାଜବାଦୀ ନେତା, ପ୍ରବୀଣ ବ୍ୟବସ୍ଥାପକ ଓ ଦକ୍ଷ ପ୍ରଶାସକ ଭାବେ ଆପଣ ଅର୍ଜିଥିବା ସୁନାମ ଯୋଗୁଁ ଗୃହର ଅଧ୍ୟକ୍ଷତା କଲାବେଳେ ଆପଣ ଜାଜ୍ୱଲ୍ୟମାନ ଓ ଗୌରବମଣ୍ଡିତ ଦିଶିବେ । କିନ୍ତୁ ମୁଁ ଆପଣଙ୍କର ଗୋଟିଏ ଗୁଣ ବିଷୟରେ କହିବାକୁ ଚାହେଁ ଯାହା ଅନ୍ୟସବୁ ଗୁଣଠାରୁ ଶ୍ରେଷ୍ଠ ଏବଂ ତାହା ହେଲା ଆପଣ ଜଣେ ଖାଣ୍ଟି ଭଦ୍ରଲୋକ । ଜଣେ ସଚ୍ଚାଲୋକ ଜଣେ ଭଲ ସଭାଧ୍ୟକ୍ଷ ହୋଇପାରିବ । ଭଦ୍ରଲୋକ ତାକୁ ହିଁ କୁହାଯାଏ, ଯିଏ ଅନ୍ୟକୁ ଯନ୍ତ୍ରଣା ଦିଏ ନାହିଁ ।'

ଶେଷରେ ସରକାରୀ ଦଳପକ୍ଷରୁ ବାଚସ୍ପତିଙ୍କୁ ସବୁ ପ୍ରକାର ସହଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ପି. ଉପେନ୍ଦ୍ର କହିଲେ - 'ମୋର ବିଶ୍ୱାସ ଆପଣ ନିଜର ନମ୍ର ତଥା ଦୃଢ଼ ବ୍ୟବହାରଦ୍ୱାରା ଗୃହକୁ ସୁଚାରୁରୂପେ ପରିଚାଳନା କରିବେ ।'

Digitized by srujanika@gmail.com

ସମ୍ବର୍ଦ୍ଧନା ଓ ଅଭିନନ୍ଦନର ଉତ୍ତର ଦେଇ ରବି ରାୟ କହିଲେ - 'ମୁଁ କଥା ଦେଉଛି ଏ ପଦରେ ଥିବାଯାଏ ଦଳୀୟ ରାଜନୀତିରୁ ଦୂରେଇ ରହିବି । ଏ ସଭାର ପ୍ରବକ୍ତାଭାବେ ମୁଁ ସେଇ ମତ ଦେବି ଯାହା ଏ ସଭାର ସାଧାରଣ ମତ ହେବ । ମୋର ବିଶ୍ୱାସ ଆପଣମାନଙ୍କ ସହଯୋଗ, ସଦ୍‌ଭାବ ଓ ମାର୍ଗଦର୍ଶନ ଫଳରେ ଲୋକେ ଲୋକସଭା ପ୍ରତି ରଖିଥିବା ଆସ୍ଥା ଓ ବିଶ୍ୱାସର, ଏ ସଭା ଭାଜନ ହୋଇପାରିବ ।' ରବି ରାୟ ପୁଣି କହିଲେ - 'ଲୋକଙ୍କ ମନକୁ ଆନ୍ଦୋଳିତ କରୁଥିବା ସମସ୍ତ ବିଷୟ ଲୋକସଭାରେ ଆଲୋଚିତ ହେବା ଉଚିତ । ଏ ସବୁ ସମ୍ପର୍କରେ ଲୋକସଭାରେ ସୁସଂଗତ ତର୍କ ହେବା ଉଚିତ ।' ଦେଶର ଓ ନିଜ ଅଞ୍ଚଳର ଜ୍ୱଳନ୍ତ ସମସ୍ୟାକୁ ଲୋକସଭାରେ ଉଠାଇବାକୁ ସମସ୍ତ ସଭ୍ୟ ଓ ଦଳକୁ ସୁଯୋଗ ଦେବେ ବୋଲି ନବମ ଲୋକସଭାର ନବ ବାଚସ୍ପତି ରବି ରାୟ ସଭ୍ୟମାନଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଲେ ।

ଲୋକସଭାର ବାଚସ୍ପତି ନିର୍ବାଚିତ ହେବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ରବି ରାୟ କହିଲେ ଯେ, ସେ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବେ ଏବଂ ବ୍ରିଟିଶ ପରମ୍ପରାକୁ ତ୍ୟାଗ କରି ନିଜ ଦେଶର ପ୍ରକୃତ ନୀତିକୁ ଅବଲମ୍ବନ କରି କାର୍ଯ୍ୟ କରିବେ ।

ସେ କହିଲେ, ''ଯଦିଓ ବ୍ରିଟିଶ ପାର୍ଲାମେଣ୍ଟ ଏହି ଗଣତାନ୍ତ୍ରିକ ବ୍ୟବସ୍ଥାର ଜନନୀ, ତେବେ ଭାରତୀୟ ପାର୍ଲାମେଣ୍ଟ ବ୍ୟବସ୍ଥାର ନିଜସ୍ୱ ଗୁଣ ରହିଛି । ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ବିଷୟ ବୁଝିବା ଲାଗି ଲୋକସଭାରେ ତିନିଟି ଷ୍ଟାଣ୍ଡିଂ କମିଟି ଗଠନ କରାଯିବ । ଯଦି ଏହି କମିଟିଗୁଡ଼ିକ ସଫଳ ହୁଏ, ତେବେ ଅନ୍ୟ ମନ୍ତ୍ରଣାଳୟଗୁଡ଼ିକ ପାଇଁ ଅନୁରୂପ କମିଟି ଗଠନ କରାଯିବ ।''

ଏହି ସାମ୍ବାଦିକ ସମ୍ମିଳନୀର ପ୍ରେସ ଗ୍ୟାଲେରୀ କମିଟିର ଅଧ୍ୟକ୍ଷ ଶ୍ରୀ ବି.ଏସ. ପଦ୍ମନାଭନ ସାମ୍ବାଦିକମାନଙ୍କ ପକ୍ଷରୁ ନବନିର୍ବାଚିତ ବାଚସ୍ପତି ରବି ରାୟଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ ।

ଘଣ୍ଟାକଭିତରେ ସମ୍ବାଦ ପ୍ରଚାରିତ ହୋଇଗଲା । ଓଡ଼ିଶାର ସବୁ ସାଂସଦ ଆସି ରବି ରାୟଙ୍କୁ ଅଭିନନ୍ଦନ ଜଣାଇଲେ ଓ ଅନୁରୋଧ କଲେ ସନ୍ଧ୍ୟା ପାଞ୍ଚଟାବେଳେ ଓଡ଼ିଶା ଭବନ ଆସିବା ପାଇଁ । ସେଦିନ ଠିକ୍ ପାଞ୍ଚଟାବେଳେ ବିଜୁବାବୁ ଓଡ଼ିଶାରୁ ଆସି ଦିଲ୍ଲୀରେ ପହଞ୍ଚିଥାନ୍ତି । ସେ ଓଡ଼ିଶା ଭବନରେ ଥାନ୍ତି । ରବି ରାୟ ତାଙ୍କୁ ଦେଖାକରିବାକୁ ତାଙ୍କ କୋଠରିକୁ ଗଲେ । ବିଜୁବାବୁ ପ୍ରାୟ ପାଞ୍ଚମିନିଟ୍‌କାଳ କୋଳାଗ୍ରତ କରି କହିଲେ - 'କନ୍‌ଗ୍ରାଚୁଲେସନ' । କେନ୍ଦ୍ରମନ୍ତ୍ରୀ ନୀଳମଣି ରାଉତରାୟ ମଧ୍ୟ ରବି ରାୟଙ୍କୁ ଖୁବ୍ ଆନନ୍ଦରେ କରମର୍ଦ୍ଦନ କରି ବଧେଇ ଜଣେଇଲେ । ବହୁ ସମୟଯାଏ କଥାବାର୍ତ୍ତା ହେଲା ।

Digitized by srujanika@gmail.com

ବିଜୁବାବୁ ଭାରି ଖୁସି ହେଉଥାନ୍ତି । ଓଡ଼ିଶାର ସବୁ ଏମ୍.ପି. ବୁଣ୍ଡ ହୋଇଥାନ୍ତି । ସମସ୍ତଙ୍କ ମନରେ ନାହିଁ ନ ଥିବା ଆନନ୍ଦ । ଦିଲ୍ଲୀ ଦରବାରରେ ଅବହେଳିତ ଓଡ଼ିଶା ପାଇଁ ଏହା ଥିଲା ସବୁଠୁ ଗୌରବମୟ ସଫଳତା ।

ରବି ରାୟଙ୍କ ବ୍ୟକ୍ତିଗତ ମତ ହେଉଛି, ରାଜନୀତି କ୍ଷେତ୍ରରେ ବିଜୁବାବୁ ଓ ସେ ପରସ୍ପରର ପରିପୂରକ । ବ୍ୟକ୍ତିଭେଦରେ ମତାନ୍ତର ରହିବା ସ୍ୱାଭାବିକ । କିନ୍ତୁ ବିଜୁବାବୁ ଓ ସେ ମିଶି କାମ କଲେ ଓଡ଼ିଶାର ବହୁତ କଥା ସେମାନେ କରିପାରିବେ ବୋଲି ତାଙ୍କର ଦୃଢ଼ ଧାରଣା ଥାଏ । ବିଜୁବାବୁଙ୍କ ପରି ଉଦାରମନା ବ୍ୟକ୍ତି କ୍ୱଚିତ୍ ଦେଖାଯାଆନ୍ତି । କିନ୍ତୁ ବେଳେବେଳେ ସେ ଅନ୍ୟମାନଙ୍କ କାନକୁହାରେ ଭଳିଯାଆନ୍ତି ।

ଓଡ଼ିଶାର ପ୍ରତିକ୍ରିୟା ଅଭୂତପୂର୍ବ ହେଲା । କେନ୍ଦ୍ର ମନ୍ତ୍ରିମଣ୍ଡଳରେ ରବି ରାୟଙ୍କ ନାମ ବାଦପଡ଼ିଥିବାରୁ ଓଡ଼ିଶାର ଲୋକେ କିଛିଟା ବିରକ୍ତ ହୋଇଥିଲେ ଓ ଏହାକୁ ରାଜନୀତିକ ଫାଉଲ ବୋଲି ନାପସନ୍ଦ କରିଥିଲେ । କିନ୍ତୁ ରବି ରାୟ ବାଚସ୍ପତି ନିର୍ବାଚିତ ହେବାରୁ ସାରା ଓଡ଼ିଶାରେ ଆନନ୍ଦର ଲହରୀ ଖେଳିଗଲା । ପୂର୍ବ ଜନତା ସରକାରରେ ଜଣେ ସଚ୍ଚୋଟ ନିଷ୍ପାପର କେନ୍ଦ୍ରମନ୍ତ୍ରୀ ହିସାବରେ ରବି ରାୟ ବେଶ୍ ନାମ କମାଇଥିଲେ ଓ ଲୋକପ୍ରିୟ ହୋଇପାରିଥିଲେ । ତେଣୁ ପୃଥିବୀର ବୃହତ୍ତମ ଗଣତନ୍ତ୍ରର ସର୍ବୋଚ୍ଚ ପୀଠର ଅଧ୍ୟକ୍ଷ ଭାବରେ ତାଙ୍କ ଭଳି ଜଣେ ସାଧୁଲୋକ ଦାୟିତ୍ୱ ନେଉଥିବାରୁ ସେ ପଦର ଗରିମା ସୁପ୍ରତିଷ୍ଠିତ ହେବ ଓ ବଜାୟ ରହିବ ବୋଲି ସାଧାରଣ ଜନତା ଭରସା କଲେ । ସାରା ଭାରତରେ ଥିବା ସମାଜବାଦୀ କର୍ମୀ ଓ ନେତାମାନେ ପୁନର୍ବାର ନୂଆ କର୍ମପ୍ରେରଣାରେ ସତେଜ ହୋଇଉଠିଲେ । ଦେଶର କୋଣ ଅନୁକୋଣରୁ ଆବେଗଭରା ଚିଠି ସବୁ ଆସିଲା । ସମାଜବାଦୀ ଲୋକେ ନୂଆ ଭାବପ୍ରବଣତା ସ୍ୱାଭିମାନରେ ରବି ରାୟଙ୍କ ଭିତରେ ନିଜକୁ ଆବିଷ୍କାର କରିବାକୁ ଚେଷ୍ଟା କଲେ ।

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ରବି ରାୟଙ୍କୁ ସବୁ ଦଳ ତରଫରୁ ଓ ଜନସାଧାରଣଙ୍କ ତରଫରୁ ସମ୍ବର୍ଦ୍ଧନା ଦିଆଯିବା ପାଇଁ ନିମନ୍ତ୍ରଣ ଆସିଲା । ବିଜୁବାବୁ ସେ ସଭାରେ ଯୋଗ ଦେବେ କି ନାହିଁ - ଏକଥା ତାଙ୍କର ନିଜର ଭାରି ବିଶ୍ୱାସୀ ଲୋକ ଅମିତାଭ ବାଗ୍‌ଚୀଙ୍କୁ ପଚାରିଲେ । ସେ ପରାମର୍ଶ ଦେଲେ 'ଆପଣ ନ ଗଲେ ବରଂ ଆପଣଙ୍କର ବେଶି କ୍ଷତି ହେବ ।' ବିଜୁବାବୁ ବୁଝିଗଲେ ।

ରବି ରାୟ ଦିଲ୍ଲୀରୁ ପ୍ଲେନରେ ଚଢ଼ିଲେ । ଅପୂର୍ବ ସଂଯୋଗକୁ ଦେଖିଲାବେଳକୁ ରବି ରାୟଙ୍କ ସିଟ୍ ପାଖରେ ବିଜୁବାବୁଙ୍କ ସିଟ୍ । ଦୁହେଁ ବେଶ ହସଖୁସି, ରାଜନୀତି ଆଲୋଚନା ଓ ଓଡ଼ିଶାର ବିଭିନ୍ନ ସମସ୍ୟା କଥା ଗପ କରି ଆସିଲେ । ଏୟାରପୋର୍ଟରେ ପହଞ୍ଚିଲା ବେଳକୁ ଜନସମୁଦ୍ର । ବିଜୁବାବୁ ଲୋକଙ୍କୁ ଦେଖି କହିଲେ - 'Today is

Digitized by srujanika@gmail.com

your day' । ଲୋକେ ରବି ରାୟଙ୍କ ନାଁରେ ଉଚ୍ଛ୍ୱସିତ ଧ୍ୱନିମାନ ଦେଉଥାନ୍ତି । 'ଓଡ଼ିଶାର ଗର୍ବ ଓ ଗୌରବ ରବି ରାୟ ଜିନ୍ଦାବାଦ' ଧ୍ୱନିରେ ବିମାନ ପଡ଼ିଆ ନିନାଦିତ ହୋଇଉଠିଲା ।

ବିଜୁବାବୁ ଭାରି ହୁଇମିଜିକାଲ୍ (ଭାବଭୋଳା) ଥିଲେ । କହିବାକୁ ଗଲେ କେତେବେଳେ କଣ୍ଟା ତ କେତେବେଳେ ଫୁଲ । ଭାରି ଭାବପ୍ରବଣ । ଏଇ ମୁହୂର୍ତ୍ତର କଥା ଆର ମୁହୂର୍ତ୍ତକୁ ମନେ ନ ଥିବ । ପୁଣି ଗୋଟେ କଥାକୁ ଯଦି ଧରି ବସିଥିବେ ତ, ତାକୁ ସହଜରେ ଛାଡ଼ିବେ ନାହିଁ । କେତେବେଳେ ପିଲାଳିଆ ତ କେତେବେଳେ ଭୀଷଣ ଜିଦ୍‌ଖୋର । ଲୋକଙ୍କ କଥାରେ ଭଳି ଯାଆନ୍ତି । ନୀତି ଅନୀତି କଥା ଚିନ୍ତା କରନ୍ତି ନାହିଁ । ଆଗକୁ ପଛକୁ ଭାବନ୍ତି ନାହିଁ । ପରିଣାମ କଥା ଭାବିବାକୁ ତାଙ୍କର ଧୈର୍ଯ୍ୟ ନ ଥାଏ । ଏଥିପାଇଁ ସେ ଅନେକ ସମୟରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ରବି ରାୟଙ୍କ ସମ୍ପର୍କରେ ତାଙ୍କର ମନୋଭାବ ସବୁବେଳେ ଏଇପରି । ଭାରି ଖେଳୁଆଡ଼ ।

ଲୋକେ ରବି ରାୟ ଓ ବିଜୁବାବୁ ଉଭୟଙ୍କୁ ଏୟାରପୋର୍ଟରୁ ସୂଚନାଭବନକୁ ପାଛୋଟି ଆଣିଲେ । ରବି ରାୟଙ୍କ ପ୍ରତି ଉଦ୍ଦିଷ୍ଟ ମାନପତ୍ର ପାଠକଲେ ଓଡ଼ିଶାର ସ୍ୱନାମଧନ୍ୟ କଥାକାର, ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତି । ମୁଖ୍ୟବକ୍ତା ଥା'ନ୍ତି ପ୍ରଫେସର ତଥା ବିଶିଷ୍ଟ ଐତିହାସିକ ମନ୍ମଥନାଥ ଦାସ । (ପରେ ରାଜ୍ୟସଭା ସଦସ୍ୟ) ଏ ସମ୍ବର୍ଦ୍ଧନା ସଭାରେ ବହୁଲୋକ ବହୁକଥା କହି ଆନନ୍ଦ ପ୍ରକାଶ କଲେ । ଅନେକେ କହିଲେ - ରବି ରାୟ ହେଉଛନ୍ତି ଓଡ଼ିଶାର ଗର୍ବ ଓ ଗୌରବ । କିନ୍ତୁ ବିଜୁବାବୁ ଉଚ୍ଛ୍ୱସିତ ଭାବରେ ନିଜର ଆନନ୍ଦ ପ୍ରକାଶ କରି କହିଲେ - 'କିରେ, ଓଡ଼ିଶାର କ'ଣ କହୁଛ ? କହୁନ ଭାରତର ଗର୍ବ ଓ ଗୌରବ ବୋଲି । ରବି ରାୟ ବାସ୍ତବରେ ଜଣେ ମହାନ ଓ ଆଦର୍ଶବାଦୀ ନେତା । ଭାରତୀୟ ରାଜନୀତିରେ ଗୋଟିଏ ମାଇଲଖୁଣ୍ଟ ।' ବିଜୁବାବୁଙ୍କ ଅଭିବ୍ୟକ୍ତିରେ ସୁଲଭ ଖୁସି ଓ ଆନନ୍ଦ ଝରିପଡୁଥିଲା ।

ଏହି ସମ୍ବର୍ଦ୍ଧନାର ଉତ୍ତରରେ ରବି ରାୟ କହିଲେ - 'ଓଡ଼ିଶାର ଜନସାଧାରଣ ବିଶେଷତଃ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ଲୋକଙ୍କ ଅକୁଣ୍ଠ ଶ୍ରଦ୍ଧା ଯୋଗୁଁ ନିର୍ବାଚିତ ହୋଇ ଲୋକସଭା ବାଚସ୍ପତି ପଦ ଲାଭ କରିଥିବାରୁ ମୁଁ ସେମାନଙ୍କ ନିକଟରେ ମୋ ହୃଦୟର ଗଭୀର କୃତଜ୍ଞତା ପ୍ରକାଶ କରୁଛି । ଓଡ଼ିଶାର ଜନସାଧାରଣ ଗଣତାନ୍ତ୍ରିକ ମନୋଭାବର ଉଚ୍ଚ ପରିଚୟ ଦେବାକୁ ଯାଇ 'ପୁଅରେ ଦାୟ ନ ରହି ବାରଶ ବଢ଼େଇରେ ଦାୟ' ହୋଇଛନ୍ତି । ପୁଅ ଧରମାର ସ୍ୱାର୍ଥକୁ ସାମୂହିକ ସ୍ୱାର୍ଥପାଇଁ ବିଶୁ ମହାରଣା ଜଳାଞ୍ଜଳି ଦେଇଥିଲା । ଏପରି ମହାନ ଐତିହାସିକ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ପରମ୍ପରାର ଉତ୍ତର ଦାୟାଦ ହୋଇଥିବାରୁ, ଏକଥା ସବୁବେଳେ ମନେରଖି ମୁଁ ମୋର ଗୁରୁଦାୟିତ୍ୱ ସମ୍ପାଦନ କରିବି । ବିନମ୍ରତା ଓ ନିରପେକ୍ଷତାର ସହ କର୍ତ୍ତବ୍ୟ ତୁଲାଇବି । ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଅବଦାନ ଧରମାର ଆତ୍ମବଳି ଓ ବାରଶହ ବଢ଼େଇଙ୍କ ଜୀବନରକ୍ଷା

Digitized by srujanika@gmail.com

ବୋଲି ମୁଁ ମନେକରେ । ସେହି ପରିପ୍ରେକ୍ଷୀରେ ଗଣତାନ୍ତ୍ରିକ ଉଚ୍ଚ ମୂଲ୍ୟବୋଧକୁ ଆଖି ଆଗରେ ରଖି ବାଚସ୍ପତି ଥିବା ପର୍ଯ୍ୟନ୍ତ ମୁଁ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ ସମ୍ପାଦନ କରିବାକୁ ଆପ୍ରାଣ ଉଦ୍ୟମ କରିବି ଓ ତଦ୍ୱାରା ଓଡ଼ିଶାର ମହାନ ଗଣତାନ୍ତ୍ରିକ ପରମ୍ପରାକୁ ବଜାୟ ରଖିପାରିବି ବୋଲି ଆଶାକରେ ।'

କଟକ ସହିଦ ଭବନରେ ଓଡ଼ିଶାର ଖ୍ୟାତନାମା ଡାକ୍ତର ଋଷିପ୍ରତିମ ଡକ୍ଟର ଶରତ ମିଶ୍ରଙ୍କ ପୌରୋହିତ୍ୟରେ ଆଉ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ସେ ଉତ୍ସବ ଥିଲା ସ୍ୱତଃସ୍ଫୂର୍ତ୍ତ । ମନେ ହେଉଥିଲା ସତେଯେପରି ସାରା କଟକବାସୀ, ସେମାନଙ୍କର ଅକୁଣ୍ଠ ଶ୍ରଦ୍ଧା, ଆନନ୍ଦ ଓ ଆବେଗକୁ ରବି ରାୟଙ୍କ ଉପରେ ପୁଷ୍ପଗୁଚ୍ଛ ଆକାରରେ ଅଜାଡ଼ି ଦେଇଥିଲେ । ପୁଷ୍ପହାର ନେଇ ସମ୍ବର୍ଦ୍ଧନା ଜଣାଇବା ପାଇଁ କଟକବାସୀଙ୍କର ଲମ୍ବାଧାଡ଼ି ଥିଲା ଅଭୂତପୂର୍ବ । ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ତଥାପି ଏ ଧାଡ଼ି ସରୁ ନ ଥିଲା । ବହୁ ବିଶିଷ୍ଟ ନାଗରିକ, ସାହିତ୍ୟିକ, ସମାଜସେବୀ, ସାମ୍ବାଦିକ, ସମାଜର ଗଣ୍ୟମାନ୍ୟ ବ୍ୟକ୍ତି ରବି ରାୟଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ ।

ସଂସଦର କେନ୍ଦ୍ରରେ ଅଧ୍ୟକ୍ଷ ରବି ରାୟ

ନବମ ଲୋକସଭା ନିର୍ବାଚନ ଭାରତର ରାଜନୀତିକ ପ୍ରକ୍ରିୟା ଓ ସଂସଦୀୟ ଗଣତନ୍ତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା । ଭାରତର ଶାସନ ବ୍ୟବସ୍ଥା ସମୟର ଏକ ଘଡ଼ିସନ୍ଧିରେ ଛିଡ଼ା ହୋଇଥାଏ । କୌଣସି ଗୋଟିଏ ହେଲେ ରାଜନୀତିକ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିବାରୁ ଏକ ଝୁଲା ସରକାର ଗଢ଼ା ହେବା ଅନିବାର୍ଯ୍ୟ ହୋଇପଡ଼ିଥିଲା । ଏପରି ଏକ ଅଭୂତପୂର୍ବ ଅନିଶ୍ଚିତତା ଓ ରାଜନୀତିକ ଅସ୍ଥିରତା ଭିତରେ ଲୋକସଭାର ସଦସ୍ୟମାନେ ଦଳମତର ଊର୍ଦ୍ଧ୍ୱରେ ସର୍ବସମ୍ମତିକ୍ରମେ ରବି ରାୟଙ୍କୁ ବାଚସ୍ପତି ନିର୍ବାଚିତ କଲେ । ସମସ୍ତଙ୍କର ବିଶ୍ୱାସ ଥିଲା, ସରଳ, ନିଷ୍କପଟ, ଦକ୍ଷ, ବିଚକ୍ଷଣ ଓ ପ୍ରତିଭାସଂପନ୍ନ ରବି ରାୟ ଅତ୍ୟନ୍ତ ନିରପେକ୍ଷ ଓ ବିବେକାନୁମୋଦିତ ନିଷ୍ପତ୍ତି ଗ୍ରହଣ କରି ଅଧ୍ୟକ୍ଷ ପଦର ଗରିମା ବୃଦ୍ଧି କରିବେ ଓ ସଂସଦୀୟ ଗଣତନ୍ତ୍ରର ମର୍ଯ୍ୟାଦା ରକ୍ଷା କରିବେ ।

ଏହି ଅଧ୍ୟକ୍ଷ ପଦରେ ରବି ରାୟ ମାତ୍ର ସାଢ଼େ ୧୫ ମାସ ରହିଥିଲେ । ପ୍ରତ୍ୟେକ ଅଧିବେଶନରେ ରାଜନୀତିକ ଝଡ଼ଝଞ୍ଜା, ଲୋକସଭାର ଅଭିଜାତ ପରମ୍ପରାକୁ ଅସ୍ଥିର ଓ ଆନ୍ଦୋଳିତ କରୁଥିଲା । କିନ୍ତୁ ଏହାର କେନ୍ଦ୍ରବିନ୍ଦୁ ଭାବରେ ଏହିସବୁ ସମସ୍ୟାକୁ ସେ ଦୃଢ଼ତା ଓ କୁଶଳତାର ସହ ସମ୍ମୁଖୀନ ହେଉଥିଲେ । ନିରପେକ୍ଷ ବିଚାରଦ୍ୱାରା ଏ ସବୁର ସମାଧାନ ପଥକୁ ସୁଗମ କରିପାରୁଥିଲେ । ଭାରତର ସଂସଦୀୟ ଗଣତନ୍ତ୍ରରେ ଏପରି ବହୁଦଳବିଶିଷ୍ଟ ଝୁଲା ସରକାର ଥିଲା ସର୍ବପ୍ରଥମ । ଏଣୁ ବହୁଦଳ, ବହୁମତ, ବହୁ ସ୍ୱାର୍ଥର

Digitized by srujanika@gmail.com

ପ୍ରଜ୍ୱଳିତ ଅଗ୍ନିବଳୟ ଭିତରେ ଥିଲେ ରବି ରାୟ । ଏହି ଅଧକ୍ଷ କାର୍ଯ୍ୟକାଳ ଥିଲା ତାଙ୍କପାଇଁ ଚରମ ଅଗ୍ନିପରୀକ୍ଷାର ମୁହୂର୍ତ୍ତ ।

ସଂସଦୀୟ ନିୟମକାନୁନ ମଧରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସେ ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରି ନୂଆ ଇତିହାସ ସୃଷ୍ଟି କରିପାରିଥିଲେ । ଏସବୁ ସିଦ୍ଧାନ୍ତ ଥିଲା ଯୁଗାନ୍ତକାରୀ ଓ ଅଭିନବ । ଏହାଦ୍ୱାରା ସଂସଦୀୟ ଗଣତନ୍ତ୍ର ପ୍ରତି ଲୋକଙ୍କ ଆଶା, ଆକାଂକ୍ଷା ଓ ବିଶ୍ୱାସ ଅତୁଟ ରହିପାରିଥିଲା । ବାଚସ୍ପତି ପଦବୀର ସମ୍ମାନ ବଢ଼ିଥିଲା ।

ସାଧୁତା ଓ ସତ୍ୟବାଦିତା ଥିଲା ରବି ରାୟଙ୍କର ସବୁଠୁ ବଡ଼ ଶକ୍ତି । ଏହି ଆୟୁଧକୁ ଧାରଣ କରି ସେ ବାଚସ୍ପତିର କଣ୍ଟକିତ ପଥ ଚାଲିବାକୁ ଆରମ୍ଭ କଲେ । ଶ୍ରୀ ରବି ରାୟ ବାଚସ୍ପତି ହେଲାବେଳକୁ ସୁବାସଚନ୍ଦ୍ର କାଶ୍ୟପ ଲୋକସଭାର ସେକ୍ରେଟାରୀ ଜେନେରାଲ ଥିଲେ । ତାଙ୍କର କାର୍ଯ୍ୟକାଳ ଶେଷ ହୋଇଯିବାରୁ ସେ ଅବସର ନେଲେ । ପରବର୍ତ୍ତୀ ବିଧିବଦ୍ଧ ସେକ୍ରେଟାରୀ ଜେନେରାଲ ହେଲେ ସି.କେ. ଜୈନ । ସେ ଜଣେ ଖୁବ୍ ଦକ୍ଷ ଓ ସାଧୁ ଅଫିସର ଥିଲେ ।

ଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶା କ୍ୟାଡ଼ରର ଆଇ.ଏ.ଏସ. ଶ୍ରୀ ହୃଷୀକେଶ ପଣ୍ଡାଙ୍କୁ ଶ୍ରୀ ରାୟ ତାଙ୍କର ବ୍ୟକ୍ତିଗତ ସଚିବ ରୂପେ ବାଛିଥିଲେ ଯେ କି ନିଜର ଦକ୍ଷତା, ସଚ୍ଚୋଟପଣିଆ, କର୍ମକୁଶଳତା, ତୀକ୍ଷ୍ଣବୁଦ୍ଧି, ବିଚାରବୋଧ ଓ ବିଧିବିଧାନ ସଂକ୍ରାନ୍ତରେ ନିଜର ଗଭୀର ଜ୍ଞାନର ବେଶ ପରିଚୟ ଦେଇପାରିଥିଲେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧାପକ ଶ୍ରୀ କମଳାକାନ୍ତ ପଣ୍ଡା 'ଡାଇରେକ୍ଟର ଅଫ ପାର୍ଲାମେଣ୍ଟାରୀ ଷ୍ଟଡିଜ୍' ଏବଂ ଓଡ଼ିଶା କ୍ୟାଡ଼ରର ଆଇ.ପି.ଏସ୍. ଶ୍ରୀ ଉମାଶଙ୍କର ମିଶ୍ର (ପରେ ସି.ବି.ଆଇ. ଡାଇରେକ୍ଟର) ଲୋକସଭାର ନିରାପତ୍ତା ବିଭାଗର ମୁଖ୍ୟ ଥିଲେ । ଏମାନେ ସମସ୍ତେ ରବି ରାୟଙ୍କର ଅତ୍ୟନ୍ତ ବିଶ୍ୱାସଭାଜନ ଥିଲେ ଏବଂ ତାଙ୍କର ଗୁରୁଦାୟିତ୍ୱ ସୁରୁଖୁରୁରେ ତୁଲାଇବାରେ ସହାୟକ ହୋଇଥିଲେ ।

ଲୋକସଭାର ଶୂନ୍ୟକାଳରେ ଖୁବ୍ ଗଣ୍ଡଗୋଳ ହୁଏ । କାରଣ ବହୁତ ଲୋକ ଉଠି ବହୁତ କିଛି କହିବାକୁ ଚାହାନ୍ତି । ଅଥଚ ଏପରି ପରିସ୍ଥିତି ହୁଏ, କୌଣସି କଥା କେହି କହିପାରନ୍ତି ନାହିଁ । ଶୂନ୍ୟକାଳର ସମୟକୁ ଫଳପ୍ରଦ କରିବାପାଇଁ ରବି ରାୟ ଏକ ନୂଆ ପଦକ୍ଷେପ ନେଲେ । ଶୂନ୍ୟକାଳ ସମୟରେ ସ୍ଥାନୀୟ ଲୋକଙ୍କର ଜରୁରୀ ସମସ୍ୟା ସାଂସଦମାନେ ଆଣିଥାନ୍ତି । ତାର ଅର୍ଥ ଏ ଦିଗରେ ସରକାର କିଛି କରିପାରିବେ । ହେଲେ ଶୃଙ୍ଖଳାର ଅଭାବ ହେତୁ, ଏହା ଫଳପ୍ରଦ ହୁଏ ନାହିଁ ।

ରବି ରାୟ ବ୍ୟକ୍ତିଗତ ଭାବରେ ଏ ନେଇ ଭାରି ଦୁଃଖିତ ହୁଅନ୍ତି । 'ଏତେ ବଡ଼ ଦେଶ, ଏତେ ସମସ୍ୟା କେମିତି ସେମାନଙ୍କ ଦୁଃଖ ଶୁଣାଯାଇ ପାରିବ ?' କିନ୍ତୁ କିଛି ହୁଏ

Digitized by srujanika@gmail.com

ନାହିଁ । ବାଚସ୍ପତି ହିସାବରେ ଶୃଙ୍ଖଳା ଜାରି କରିବାକୁ ଯାଇ ବିଫଳ ହୁଅନ୍ତି । ଏ ଦିଗରେ ବହୁ ଚିନ୍ତା କରି ସେ ଗୋଟିଏ ନିୟମ ପ୍ରଣୟନ କଲେ । ଶୂନ୍ୟ କାଳରେ ଯେଉଁ ସାଂସଦ କହିବାକୁ ଚାହିଁବେ, ସେ ସକାଳ ଦଶଟା ବେଳେ ବାଚସ୍ପତିଙ୍କୁ ଜଣାଇବେ । ତଦନୁଯାୟୀ ତାଲିକା ତିଆରି ହେବ । ତାଲିକା ଅନୁଯାୟୀ ସାଂସଦମାନଙ୍କୁ କହିବା ପାଇଁ ସୁଯୋଗ ଦିଆଯିବ । ଏହି ନିୟମ ବେଶ୍ ସୁଫଳ ଦେଲା । ତାଲିକା ପ୍ରସ୍ତୁତ କରାଯାଇ ସାଂସଦମାନଙ୍କୁ କହିବାକୁ ସୁଯୋଗ ଦିଆଗଲା । ସେମାନେ ସେମାନଙ୍କ ସମସ୍ୟା ଓ ନିର୍ଦ୍ଦିଷ୍ଟ ବକ୍ତବ୍ୟ କହିବାର ସୁଯୋଗ ପାଇଲେ; ସରକାରଙ୍କ ଦୃଷ୍ଟିକୁ ଆଣିପାରିଲେ ।

ବାଚସ୍ପତି ହିସାବରେ ଆଉ ଗୋଟିଏ ସାଧୁତା ତାଙ୍କୁ ଲୋକସଭାର କାମ ସହଜ କରିବାର ସୁଯୋଗ ଦେଇଥିଲା । ତାଙ୍କର କୌଣସି ବ୍ୟକ୍ତିଗତ ବିଦ୍ୱେଷ ନ ଥିଲା । ସେ ସବୁ ସାଂସଦମାନଙ୍କ ନାଁ ଜାଣିଥିଲେ । ରବି ରାୟଙ୍କର ଗୋଟେ ବହୁତ ବଡ଼ ଗୁଣ ଥିଲା । ସେ ଯାହାକୁ ଥରେ ଦେଖୁଥିଲେ ତାର ନାଁ ଗାଁ ଠିକଣା, ବାପାଙ୍କ ନାଁ ସବୁ ପଚାରୁଥିଲେ ଓ ତାକୁ ମନେ ରଖୁଥିଲେ । ବହୁ ବର୍ଷ ପରେ ଆଉଥରେ ଦେଖାହେଲେ ସେ ଚଟ୍‌କିନା ତା ନାଁ ମନେ ପକାଇ ପାରୁଥିଲେ । ଏପରି ସ୍ମରଣଶକ୍ତି ଓ ଲୋକଙ୍କୁ ବ୍ୟକ୍ତିଗତ ଭାବରେ ଜାଣିବାର ଆଗ୍ରହ କ୍ୱଚିତ୍ ବଡ଼ ବଡ଼ ନେତାମାନଙ୍କଠାରେ ଦେଖିବାକୁ ମିଳେ । ଏପରି ବ୍ୟକ୍ତିଗତ ଭାବରେ ଜାଣିବା ଯୋଗୁଁ ସେ ବହୁଲୋକଙ୍କର ମନ ଜିଣି ପାରୁଥିଲେ । ବାଚସ୍ପତି କାର୍ଯ୍ୟକାଳ ଭିତରେ ସେ ଜଣ ଜଣ କରି ସବୁ ଦଳର ସାଂସଦମାନଙ୍କ ନାଁ ଜାଣିଥିଲେ । ଏହା ତାଙ୍କ କାର୍ଯ୍ୟପଦ୍ଧତି ସୁଗମ କରି ଦେଇଥିଲା । ସେ ଶୂନ୍ୟକାଳରେ ଯେଉଁ ସାଂସଦମାନଙ୍କୁ କହିବାକୁ ତାଲିକା ଅନୁଯାୟୀ ଡାକୁଥିଲେ, ସମସ୍ତେ ସୀମିତ ସମୟ ଭିତରେ ଆଲୋଚନା ସାରୁଥିଲେ । ପୂର୍ବରୁ ଲୋକସଭାରେ ଯେପରି ଯିଏ, ଯେତେବେଳେ ଯାହା ଚାହିଁବ, ଯାହା ପାରେ ତାହା କହିଯିବ, ସେପରି ଅନିୟମିତତାକୁ ସେ ଲୋକସଭାରେ ସୁଯୋଗ ଦେଉ ନ ଥିଲେ । ଫଳରେ ଲୋକସଭା ଶୃଙ୍ଖଳିତ ହେଉଥିଲା । ବ୍ୟକ୍ତିଗତ ସାଧୁତା, ନିୟମାନୁବର୍ତ୍ତିତା ଓ ଚିତ୍ତବୃତ୍ତିଗତ ସ୍ୱଚ୍ଛତା ତାଙ୍କର ବାଚସ୍ପତି ଭୂମିକାକୁ ସମ୍ମାନନୀୟ ଓ ସହଜ କରିଥିଲା ।

ବିଶ୍ୱନାଥ ପ୍ରତାପ ସିଂହଙ୍କ ମନ୍ତ୍ରିମଣ୍ଡଳର ପତନ ପରେ କଂଗ୍ରେସ ସମର୍ଥନରେ ଚନ୍ଦ୍ରଶେଖର ପ୍ରଧାନମନ୍ତ୍ରୀ ହେଲେ । ଜନତାଦଳର ବିଭାଜନ ହେଲା । କିଛି ଲୋକ ଜନତାଦଳ ଛାଡ଼ି ଚନ୍ଦ୍ରଶେଖରଙ୍କ ଦଳରେ ମିଶିଲେ । ଚନ୍ଦ୍ରଶେଖରଙ୍କର ଅଳ୍ପ କିଛି ସମର୍ଥକ ଥିଲେ । ଦଳବଦଳ ଆଇନ ଲାଗୁ କରିବା ପାଇଁ ପ୍ରାର୍ଥନା ହେଲା ।

ବିଭାଜନ ସମ୍ପର୍କରେ ବାଚସ୍ପତିଙ୍କୁ ଜଣାଇବା ପୂର୍ବରୁ କିମ୍ବା ଘୋଷଣା କରିବା ପୂର୍ବରୁ ଜନତାଦଳ ସଭାପତି ଭାବେ ବିଶ୍ୱନାଥ ପ୍ରତାପ ସିଂହ ଦଳ ଛାଡ଼ିଥିବା ସଦସ୍ୟମାନଙ୍କୁ ବହିଷ୍କାର କଲେ । ଚନ୍ଦ୍ରଶେଖର ବିଧିବଦ୍ଧଭାବେ ବିଭାଜନ କଥା ବାଚସ୍ପତିଙ୍କୁ ଜଣାଇବା

Digitized by srujanika@gmail.com

ପୂର୍ବରୁ ଭି.ପି. ସିଂହ ଆଗୁଆ ବହିଷ୍କାର କଥା ବାଚସ୍ପତିଙ୍କୁ ଜଣାଇ ଦେଇଥିଲେ । ରବି ରାୟ ସନ୍ଧ୍ୟାପର୍ଯ୍ୟନ୍ତ ଚନ୍ଦ୍ରଶେଖରଙ୍କ ଠାରୁ ନିୟମ ଅନୁଯାୟୀ ସୂଚନା ପାଇବାକୁ ଅପେକ୍ଷା କଲେ । ଚନ୍ଦ୍ରଶେଖର ଅଜ୍ଞତାବଶତଃ ସୂଚନା ଦେଇ ପାରି ନ ଥିଲେ । ଫଳରେ ଚନ୍ଦ୍ରଶେଖରଙ୍କ ସମେତ ବିଭାଜନ ଘଟାଇଥିବା ସମସ୍ତ ସଦସ୍ୟଙ୍କୁ ବାଚସ୍ପତି ରବି ରାୟ ଅଣ-ସଭ୍ୟ ବୋଲି ଘୋଷଣା କଲେ । ତାଙ୍କର ଏହି ନ୍ୟାୟ ଏକ ସାମ୍ବିଧାନିକ ସଙ୍କଟ ସୃଷ୍ଟି କଲା ଓ ଚନ୍ଦ୍ରଶେଖରଙ୍କ ପାଇଁ ବଜ୍ରାଘାତ' ତୁଲ୍ୟ ହେଲା । ତେବେ ରବି ରାୟଙ୍କ ନ୍ୟାୟପରାୟଣତା ଉପରେ ଚନ୍ଦ୍ରଶେଖରଙ୍କ ଅତୁଟ ବିଶ୍ୱାସ ଥିବାରୁ ସେ ପରଦିନ ସମ୍ବାଦପତ୍ର ଓ ଅନ୍ୟାନ୍ୟ ସୂତ୍ରରୁ ତଥ୍ୟ ଦେଇ ପ୍ରମାଣ କଲେ ଯେ, ବିଭାଜନ ପ୍ରଥମେ ହୋଇଛି ଓ ବହିଷ୍କାର ପରେ କରାଯାଇଛି ।

ଏହି ତଥ୍ୟକୁ ବିଚାରକୁ ନେଇ ପୁନର୍ବିଚାର କରିବାକୁ ସେ ରବି ରାୟଙ୍କୁ ଅନୁରୋଧ କଲେ । ରବି ରାୟ ସମସ୍ତ ତଥ୍ୟ ଓ ଘଟଣାକ୍ରମକୁ ଅନୁଧାନ କରି ଚନ୍ଦ୍ରଶେଖରଙ୍କୁ ନ୍ୟାୟ ଦେଲେ ।

ବିଭାଜନ ପରେ ଚନ୍ଦ୍ରଶେଖର ପ୍ରଧାନମନ୍ତ୍ରୀ ହେଲେ ଓ ତା'ପରେ ପୁଣି ଜଣ ଜଣ କରି ୮ଜଣ ଜନତାଦଳ ସଦସ୍ୟ ଦଳ ତ୍ୟାଗ କଲେ । ସେମାନେ ସମସ୍ତେ ରବି ରାୟଙ୍କର ପ୍ରିୟ ଓ ଘନିଷ୍ଠ ଥିଲେ । ରବି ରାୟ ଏମାନଙ୍କ ମୁହଁକୁ ନ ଦେଖି ଏକ ଯୁଗାନ୍ତକାରୀ ରୁଲିଂ ଦେଲେ, ଯେ ଦଳରେ ବିଭାଜନ ପାଇଁ ଏକ-ତୃତୀୟାଂଶ ସଭ୍ୟ ଲୋଡ଼ା । ତାହା ଗୋଟିଏ ସମୟରେ ହେବା ଦରକାର । ଥରେ ବିଭାଜନ ଘଟିସାରିଲାପରେ ପୁଣି ଜଣେ ଅଧେ ଦଳଛାଡ଼ି ବିଭାଜନକାରୀ ଗୋଷ୍ଠୀରେ ମିଶିବା ଆଇନ ଦୃଷ୍ଟିରେ ନିଷିଦ୍ଧ । ତାଙ୍କର ଏହି ରାୟକୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଗ୍ରହଣ କରିଥିଲା ।

ଦଳବଦଳ ଆଇନ ସମ୍ବିଧାନରେ ଅଛି । ଏହାକୁ ରାଜୀବ ଗାନ୍ଧୀ ସରକାର ସମୟରେ ପ୍ରଣୟନ କରାଯାଇଥିଲା । ଏହା ପୂର୍ବରୁ ଦଳବଦଳ ଆଇନରେ କେବଳ ଦୁଇଟି ଛୋଟ ଦୃଷ୍ଟାନ୍ତ ଥିଲା । ଏହି ଦୁଇଟି ବିଷୟରେ କୌଣସି ସିଦ୍ଧାନ୍ତ ନିଆ ନ ଯାଇ ଲୋକସଭାର କମିଟିକୁ ପଠାଇ ଦିଆଯାଇଥିଲା । କମିଟିରେ କୌଣସି ସିଦ୍ଧାନ୍ତ ହେଲା ନାହିଁ । ଲୋକସଭା ଭାଙ୍ଗିଗଲା । ଦଳବଦଳ ଆଇନ ଯଥାର୍ଥରେ ଆଗରୁ କାର୍ଯ୍ୟକାରୀ ହୋଇ ନ ଥିଲା । ହେଲେ ଏହି ଦଳବଦଳରେ ସବୁଠୁ ବଡ଼ କଥା ହେଲା ଯେ, ଏହା ପୂର୍ବରୁ ଯେଉଁ ଦୁଇଟି ଘଟଣା ଘଟିଥିଲା, ତାହା ଜଣେ ଦୁଇଜଣ ସଭ୍ୟଙ୍କ ବିଷୟରେ ଥିଲା । କିନ୍ତୁ ଏଥର ସମୁଦାୟ ସରକାରର ଭବିଷ୍ୟତ ଏହି ସିଦ୍ଧାନ୍ତ ଉପରେ ନିର୍ଭର କରୁଥିଲା ।

ଏହି ସିଦ୍ଧାନ୍ତ ନେବାର ଦାୟିତ୍ୱ ବାଚସ୍ପତିଙ୍କର । ସେ ଏଠାରେ ଜଣେ ବିଚାରକ ହିସାବରେ କାମ କରନ୍ତି । ଏଣେ ଲୋକସଭା ଗୋଟେ ବଡ଼ ପଞ୍ଚାୟତ ପରି ହୋଇଥିବାରୁ

Digitized by srujanika@gmail.com

ପାଞ୍ଚଜଣଙ୍କ କଥା ଶୁଣିବାକୁ ପଡ଼େ । ଉଭୟ ବିଶ୍ୱନାଥ ପ୍ରତାପ ସିଂହ ଓ ଚନ୍ଦ୍ରଶେଖର ରବି ରାୟଙ୍କର ବ୍ୟକ୍ତିଗତ ବନ୍ଧୁ । ତେଣୁ ନିଷ୍ପକ୍ଷ ବିଚାର କରିବାର କଷ୍ଟ ବହୁତ ବେଶି ।

କଂଗ୍ରେସ ଦଳର ଆଭିମୁଖ୍ୟ ଦୁଇ ପ୍ରକାରର ଥିଲା । କେହି କେହି ଚାହୁଁଥିଲେ ଏ ସମର୍ଥନ ଦେବାଟା ଭୁଲ, ତେଣୁ ସମସ୍ତଙ୍କୁ ଅସିଦ୍ଧ ଘୋଷଣା କରିଦେଲେ ସରକାରଟା ଭାଙ୍ଗିଯିବ । ଏହି ମତବାଦୀଙ୍କ ଭିତରେ ସ୍ୱର୍ଗତ ପି.ଆର. କୁମାରମଙ୍ଗଳମ୍ ଥିଲେ । ଆଉ କିଛି ଚାହୁଁଥିଲେ ରବି ରାୟ କିଛି ସିଦ୍ଧାନ୍ତ ନ ନିଅନ୍ତୁ, ତା ହେଲେ କଂଗ୍ରେସ ତା ଇଚ୍ଛା ଅନୁସାରେ ସମର୍ଥନ ପ୍ରତ୍ୟାହାର କରିନେବ ଓ ସରକାର ଭାଙ୍ଗିଯିବ । ଏ ଗୋଷ୍ଠୀ ଭିତରେ ଚିଦାମ୍ବରମ୍ ଓ କମଳନାଥ ଥିଲେ । ରାଜୀବ ଗାନ୍ଧୀଙ୍କ ମତାମତ ସ୍ପଷ୍ଟ ନ ଥିଲା ।

ବିଶ୍ୱନାଥ ପ୍ରତାପ ସିଂହ ଏ ବିଷୟରେ କିଛି କହୁ ନ ଥିଲେ । ତେବେ ଭାରତୀୟ ଜନତା ଦଳର କିଛି ଲୋକ କହୁଥିଲେ, ସମସ୍ତ ଦଳବଦଳ କରିଥିବା ସାଂସଦ ଅଯୋଗ୍ୟ ହୋଇଯାଆନ୍ତୁ, ତାହାହେଲେ ସରକାର ଭାଙ୍ଗିଯିବ । ଲୋକସଭା ସଚିବାଳୟ କିରାଣି-ସୁଲଭ ମତାମତ ଦେଲା, ଏ ସମସ୍ତ ବିଷୟ କମିଟିକୁ ପଠାଇ ଦିଆଯାଉ । ରବି ରାୟ ସମସ୍ତ ବାଦୀ ପ୍ରତିବାଦୀଙ୍କ କଥା ଧୈର୍ଯ୍ୟର ସହ ଶୁଣିଲେ । କିନ୍ତୁ କାହାଦ୍ୱାରା ପ୍ରଭାବିତ ନ ହୋଇ ନୀତି ଓ ନ୍ୟାୟସମ୍ମତ ନିଜର ସିଦ୍ଧାନ୍ତ ଦେଲେ । ଏଥିରେ ସେ ସଚିବ ହୃଷୀକେଶ ପଣ୍ଡାଙ୍କୁ ବିଶ୍ୱାସକୁ ନେଇଥିଲେ ।

ଏ ସଂକ୍ରାନ୍ତରେ ଗୋଟେ ଉଲ୍ଲେଖଯୋଗ୍ୟ ଘଟଣା ଏଠାରେ ଉଦ୍ଧାର କରାଯାଇପାରେ । ରାଜୀବ ଗାନ୍ଧୀଙ୍କ ସମର୍ଥନରେ ଚନ୍ଦ୍ରଶେଖର ପ୍ରଧାନମନ୍ତ୍ରୀ ହେଲେ ଓ ମନ୍ତ୍ରିମଣ୍ଡଳ ଗଢ଼ିଲେ । ସୁବ୍ରମଣ୍ୟମ୍ ସ୍ୱାମୀ ଚନ୍ଦ୍ରଶେଖରଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀ ହେଲେ । ସେ ହାର୍ଭାର୍ଡ଼ର ଅଧ୍ୟାପକ ଥିଲେ । ଭାରି ବୁଦ୍ଧିଆ ଲୋକ । ଥରେ ସେ ବାଚସ୍ପତି ରବି ରାୟଙ୍କ ଚାମ୍ବରକୁ ଆସି ଭେଟିଲେ । ରବି ରାୟଙ୍କ ସାଙ୍ଗରେ ତାଙ୍କର ଜଣାଶୁଣା ବହୁ ପୂର୍ବରୁ । ଦୁହେଁ ବସି କଫି ପିଇଲେ । ନାନା କଥା ପଡ଼ିଲା । ସୁବ୍ରମଣ୍ୟମ ସ୍ୱାମୀ ସିଧାସଳଖ ରବି ରାୟଙ୍କୁ ଅନୁରୋଧ କଲେ, ଯେ ଆଉ ଅଧିକ ସମୟ ଗଡ଼େଇ ଦିଅନ୍ତୁ । ସେପର୍ଯ୍ୟନ୍ତ ରବି ରାୟ ନୀରବ ଥାନ୍ତି ଓ ତାଙ୍କ ମତାମତ କିଛି ପ୍ରକାଶ କରି ନ ଥାନ୍ତି ।

ଆଇନମନ୍ତ୍ରୀ ସୁବ୍ରମଣ୍ୟମ୍ ସ୍ୱାମୀ ପୁନର୍ବାର ଧମକ ଦେଇ କହିଲେ, 'ଯଦି ଆପଣ ମୋ ଅନୁରୋଧ ରକ୍ଷା ନ କରିବେ, ତେବେ I will get speaker arrested' ରବି ରାୟ ରାଗିଗଲେ ଓ କହିଲେ - 'Swami you can go now. You leave this place.' ସୁବ୍ରମଣ୍ୟମ ସ୍ୱାମୀ ସାଙ୍ଗେ ସାଙ୍ଗେ ବାଚସ୍ପତି ଚାମ୍ବରରୁ ବାହାରି ଚାଲିଗଲେ ।

ସଂସଦୀୟ ବିଭାଗ ମନ୍ତ୍ରୀ ସତ୍ୟପ୍ରକାଶ ମାଳବ୍ୟ ଯାଇ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କୁ ସବୁ କଥା କହିଲେ । କିଛି ସମୟ ପରେ ବାଚସ୍ପତିଙ୍କ ର୍ୟାକ୍ସ ଫୋନ (ସ୍ୱତନ୍ତ୍ର ଫୋନ)

Digitized by srujanika@gmail.com

ବାଜି ଉଠିଲା । ଏ ଫୋନ ହେଉଛି ପ୍ରଧାନମନ୍ତ୍ରୀ ଓ ବାଚସ୍ପତିଙ୍କ ଭିତରେ ଥିବା ଗୁପ୍ତ ଫୋନ । ରବି ରାୟ ଫୋନ ଉଠାଇ ହ୍ୟାଲୋ କହିବା ମାତ୍ରେ ଆରପଟୁ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ବିନା ବାକ୍ୟ ବ୍ୟୟରେ କହିଲେ - I perfusedly beg apology'. ରବି ରାୟ କହିଲେ - 'ଏକ ତରଫ୍ ଭେଜୋଗେ ଔର୍ ଦୁସରିତରଫ ମାଫି ମାଙ୍ଗୋଗେ । ଏ କ୍ୟା ବାତ୍ ହୈ । ଚନ୍ଦ୍ରଶେଖର କହିଲେ - ସମସ୍ତେ ଜାଣନ୍ତି ସୁବ୍ରମଣ୍ୟମ୍ ସ୍ୱାମୀଙ୍କ କଥା କହିବାରେ କିଛି ଠିକ୍ ଠିକଣା ନ ଥାଏ । ଚନ୍ଦ୍ରଶେଖର ଏକେତ ସମବୟସୀ ଓ ଏକା ସାଙ୍ଗର । ବହୁଦିନର ଘନିଷ୍ଠ ସମ୍ପର୍କ । ପୁଣି ରାଜନୀତିରେ ବିଭିନ୍ନ ସମୟରେ ପରସ୍ପରର ସହଯୋଗୀ । ରବି ରାୟ ସୁବ୍ରମଣ୍ୟମ୍ ସ୍ୱାମୀଙ୍କ କଥା ମନରୁ ପୋଛିଦେଲେ । ଚନ୍ଦ୍ରଶେଖର ବ୍ୟକ୍ତିଗତ ଭାବରେ କ୍ଷମା ମାଗିବା ପରେ ସେ କଥାକୁ ଧରିବାର ଆଉ କୌଣସି ଅର୍ଥ ନ ଥାଏ ବୋଲି ରବି ରାୟ ବିଚାର କଲେ ।

ପାର୍ଲିଆମେଣ୍ଟ ସରିଗଲା । ରବି ରାୟ ଓ ତାଙ୍କ ପତ୍ନୀ ସରସ୍ୱତୀ ଦେବୀ ଛୁଟି କଟାଇବାକୁ ମସୌରୀ ଯାଇଥାନ୍ତି । ମସୌରୀରୁ ଫେରିଲା ବେଳକୁ ହିନ୍ଦୁସ୍ଥାନ ଟାଇମ୍‌ସରୁ ଏଚ୍.କେ. ଦୁଆ ଜଣେ ସାମ୍ବାଦିକ ପଠାଇଥାନ୍ତି ରବି ରାୟଙ୍କର ଗୋଟେ ସାକ୍ଷାତ୍କାର ନେବାପାଇଁ । ସେ କହିଲେ - ସୁବ୍ରମଣ୍ୟମ୍ ସ୍ୱାମୀ ଯେଉଁଭଳି ବ୍ୟବହାର କଲେ, ଆପଣ ହୁଏତ ବ୍ୟକ୍ତିଗତ ଭାବରେ ତାଙ୍କୁ କ୍ଷମା ଦେଇଦେଲେ । କିନ୍ତୁ ଭାରତର ସଂସଦୀୟ ଗଣତନ୍ତ୍ରର ସର୍ବୋଚ୍ଚ ଅନୁଷ୍ଠାନର ଅଧକ୍ଷ (ବାଚସ୍ପତି)ଙ୍କ ପ୍ରତି ଏହା ଘୋର ଅସମ୍ମାନସୂଚକ ମନ୍ତବ୍ୟ । ଏହାକୁ ଦେଶ କେବେହେଲେ କ୍ଷମା କରିବ ନାହିଁ । ଏହା ଏକ ଅକ୍ଷମଣୀୟ ଅପରାଧ ।

ସାମ୍ବାଦିକଜଣକ ରବି ରାୟଙ୍କଠୁ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଜାଣିବାକୁ ଚାହିଁଲେ । ରବି ରାୟ ପ୍ରଥମେ ଆଶ୍ଚର୍ଯ୍ୟ ହେଲେ ଏ ଘଟଣା ତ ସେ ଆଉ କାହାକୁ କହି ନାହାନ୍ତି , ଗଣମାଧ୍ୟମ ସମ୍ବାଦପତ୍ର ପାଖରେ ପହଞ୍ଚିଗଲା କେମିତି ? ଏହାପରେ ଘଟଣାକୁ ଲୁଚାଇବାର ଅବକାଶ ନ ଥିଲା । ଯେ ଯାହା ଯାହା ଘଟିଥିଲା ଆମୂଳଚୂଳ ସବୁ କହିଲେ ।

ତା ପରଦିନ ହିନ୍ଦୁସ୍ଥାନ ଟାଇମ୍‌ସର ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ହେଡ୍‌ଲାଇନରେ ଏ ସମ୍ବାଦ ବାହାରିଗଲା । ସୁବ୍ରମଣ୍ୟମ୍ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରି ଦୀର୍ଘ ବିବରଣୀ ବାହାରିଲା । ଏ ସମ୍ବାଦ ବାହାରିବା ପରେ ରାଜୀବ ଗାନ୍ଧୀ (ସେତେବେଳେ ବିରୋଧୀଦଳ ନେତା) ଫୋନ୍ କରି କହିଲେ - 'ସାବ୍, ଆପଣ ସିନା କ୍ଷମା କରି ଦେଇଛନ୍ତି । କିନ୍ତୁ ଆମେ କ୍ଷମା କରିବୁନି ।' ବିଜିନେସ ଆଡ଼ଭାଇଜରୀ କମିଟିର ଅନ୍ୟତମ ସଭ୍ୟ ଥା'ନ୍ତି ଏଲ.କେ. ଆଡ଼ଭାନୀ । ସେ ମଧ ଅନୁରୂପ ମନ୍ତବ୍ୟ ଦେଲେ । ପ୍ରଧାନମନ୍ତ୍ରୀ ମଧ ବାଧ କଲେ ଯେ ବାଚସ୍ପତି ପାର୍ଲିଆମେଣ୍ଟ ଡକାନ୍ତୁ । ସେଇଠି ସୁବ୍ରମଣ୍ୟମ୍ ସ୍ୱାମୀ କ୍ଷମା ମାଗିବେ ।

Digitized by srujanika@gmail.com

ତା ପରଦିନ ପାର୍ଲିଆମେଣ୍ଟ ଡକାଗଲା । ବାଚସ୍ପତି ରବି ରାୟ ସୁବ୍ରମଣ୍ୟମ୍ ସ୍ୱାମୀଙ୍କୁ କହିବାକୁ ଡାକିଲେ । ସେ ଗୁରୁଗମ୍ଭୀର ସ୍ୱରରେ କ୍ଷମା ପ୍ରାର୍ଥନା ପଢ଼ିଲେ । ତା ପରେ ପାର୍ଲିଆମେଣ୍ଟ ମୁଲତବୀ ହୋଇଗଲା ।

ଏସବୁ ଘଟଣା ପ୍ରତ୍ୟେକ ସମ୍ବାଦପତ୍ରରେ ସ୍ୱାଗତଯୋଗ୍ୟ ହୋଇଥିଲା । ଇଣ୍ଡିଆନ ଏକ୍ସପ୍ରେସ ପ୍ରଥମ ପୃଷ୍ଠାର ସମ୍ପାଦକୀୟରେ ରବି ରାୟଙ୍କ ଦଳବଦଳ ସଂକ୍ରାନ୍ତୀୟ ଐତିହାସିକ ସିଦ୍ଧାନ୍ତକୁ ଭୂରି ଭୂରି ପ୍ରଶଂସା କରି ଲେଖିଥିଲେ । ଦୀର୍ଘ ୩୫ ପୃଷ୍ଠା ବ୍ୟାପୀ ରବି ରାୟଙ୍କ ରାୟକୁ ନେଇ ହାଇକୋର୍ଟରେ ଓ ସୁପ୍ରିମକୋର୍ଟରେ ମକଦ୍ଦମା ହୋଇଥିଲା । ହେଲେ ଶେଷଯାଏ ତାଙ୍କ ଆଦେଶ କାଏମ ରହିଥିଲା । ସେତେବେଳେ ଦିଲ୍ଲୀ ରାଜନୀତିରେ ଏ ଘଟଣା ବେଶ ଝଡ଼ ସୃଷ୍ଟି କରିଥିଲା ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପରବର୍ତ୍ତୀ କାଳରେ ଅନ୍ୟ ଜଣେ ବାଚସ୍ପତି ଶିବରାଜ ପାଟିଲ ରବି ରାୟଙ୍କ ରାୟକୁ ଅନୁସରଣ ନ କରି ଦଳବଦଳ ଆଇନରେ ଭିନ୍ନ ଗୋଟିଏ ଆଦେଶ ଦେଇଥିଲେ, ଯାହାକୁ ହାଇକୋର୍ଟ ଓ ସୁପ୍ରିମକୋର୍ଟ ଖାରଜ କରି ଦେଇଥିଲେ ।

ମହାଭିଯୋଗ

ସ୍ୱାଧୀନ ଭାରତରେ ହାଇକୋର୍ଟ ଓ ସୁପ୍ରିମକୋର୍ଟର ବିଚାରପତିଙ୍କ ସମ୍ପର୍କରେ ଦୁର୍ନୀତି ଅଭିଯୋଗ ଆସିଲେ, ତାଙ୍କୁ ବହିଷ୍କାର କରିବା ନିମନ୍ତେ ଯେଉଁ ଆଇନ ଅଛି, ତାହା ଏଇପରି । ଦୁର୍ନୀତି ଅଭିଯୋଗ ଆଣିବା ନିମନ୍ତେ ଲୋକସଭାର ଅନ୍ତତଃ ଶହେଜଣ ସଦସ୍ୟ ଗୋଟିଏ ପ୍ରସ୍ତାବ ଆଣିବା ଦରକାର । ଏ ପ୍ରସ୍ତାବକୁ ବାଚସ୍ପତି ବିଚାର କରିବା ପରେ ଗୋଟିଏ କମିଟି ଗଠନ କରିବେ । ଯାହାର ନାଁ ହେଉଛି 'Judges inquiry commitee' ଯେଉଁଥିରେ ସୁପ୍ରିମକୋର୍ଟର ଜଣେ କାର୍ଯ୍ୟରତ ବିଚାରପତି ଜଣେ ହାଇକୋର୍ଟର କାର୍ଯ୍ୟରତ ମୁଖ୍ୟ ବିଚାରପତି ଓ ଜଣେ ବିଶିଷ୍ଟ ଆଇନଜ୍ଞ ରହିବେ । ଯଦି କମିଟି ବିଚାରପତିଙ୍କୁ ଦୋଷୀ ସାବ୍ୟସ୍ତ କରନ୍ତି, ତେବେ ଏହାକୁ ପାର୍ଲିଆମେଣ୍ଟର ଉଭୟ ଗୃହରେ ଭର୍ତ୍ସନା ପାଇଁ ଉପସ୍ଥାପନ କରାଯାଏ । ଭର୍ତ୍ସନା ପ୍ରସ୍ତାବକୁ ଦୁଇ-ତୃତୀୟାଂଶ ସଭ୍ୟ ଅନୁମୋଦନ କଲେ ସେ ବିଦାୟ ନେଇଯାଆନ୍ତି ।

ସ୍ୱାଧୀନତା ପରେ ଏପରି ଦୁଇଥର ମହାଅଭିଯୋଗ ଆସିଛି । ଗୋଟିଏ ରବି ରାୟ ବାଚସ୍ପତି ଥିବା ସମୟରେ ଓ ଅନ୍ୟଟି ତା ପୂର୍ବରୁ ।

ପୂର୍ବଥର ଯେଉଁ ଅଭିଯୋଗ ଆସିଥିଲା, ସେଥିରେ ବାଚସ୍ପତି କୌଣସି ସିଦ୍ଧାନ୍ତ ନ ନେଇ ଲୋକସଭାର କମିଟିକୁ ପଠାଇ ଦେଇଥିଲେ । କମିଟି ମଧ୍ୟ କୌଣସି ସିଦ୍ଧାନ୍ତ

Digitized by srujanika@gmail.com

ନେଇ ନ ଥିଲା । ଲୋକସଭାର ନିୟମାବଳୀ ଅନୁଯାୟୀ ସେହି ଲୋକସଭାର ସମୟସୀମା ଶେଷ ହେବାପରେ ପ୍ରସ୍ତାବଟି ଆପେ ଆପେ ରଦ୍ଦ ହୋଇଗଲା ।

ବିଚାରପତିମାନଙ୍କର ସାମ୍ବିଧାନିକ ସୁରକ୍ଷା ନିମନ୍ତେ ଓ ସେମାନେ ଯେପରି କ୍ଷମତାସୀନ ରାଜନୀତିକ ଦଳର ଶରବ୍ୟ ନ ହୁଅନ୍ତି, ସେଥିପାଇଁ ଏପରି ନିୟମାବଳୀ ପ୍ରସ୍ତୁତ କରାଯାଇଛି । ସେଥିପାଇଁ ହାଇକୋର୍ଟ ଓ ସୁପ୍ରିମକୋର୍ଟର ବିଚାରପତିଙ୍କଦ୍ୱାରା ଗଠିତ କମିଟି ହିଁ ଅନୁସନ୍ଧାନ କରିବାର ଦାୟିତ୍ୱ ନେଇଥାଏ । ଏହାପରେ ଦୁଇ-ତୃତୀୟାଂଶ ସାଂସଦଙ୍କ ସମର୍ଥନ ଲାଭ କରିବା ଆବଶ୍ୟକ । ଅଭିଯୋଗ ଆଣିବା ପୂର୍ବରୁ ଅନ୍ତତଃ ଶହେଜଣ ସାଂସଦ ପ୍ରସ୍ତାବ ଦେବା ଦରକାର । ଏ ସବୁ ପରେ ରାଷ୍ଟ୍ରପତିଙ୍କର ସ୍ୱାଧୀନ ବିଚାରର ଅବକାଶ ମଧ୍ୟ ରହୁଛି ।

ସ୍ୱାଧୀନତା ପୂର୍ବରୁ ଏପରି ଆଇନ ନ ଥିଲା । ସେତେବେଳେ ପ୍ରିଭି କାଉନସିଲ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରୁଥିଲେ । ଥରେ ଜଣେ ହାଇକୋର୍ଟର ବିଚାରପତିଙ୍କୁ ପ୍ରିଭି କାଉନସିଲ୍ ବହିଷ୍କାର କରିଥିଲେ ।

ରବି ରାୟ ବାଚସ୍ପତି ଥିବା ସମୟରେ ସୁପ୍ରିମକୋର୍ଟର ଜଣେ ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିଲା । ସେ ପ୍ରଥମେ ତନ୍ନ ତନ୍ନ କରି ଅଭିଯୋଗଗୁଡ଼ିକ ଅନୁଧ୍ୟାନ କଲେ । ସମସ୍ତ ସାଂସଦଙ୍କ ଦସ୍ତଖତ ଯାଞ୍ଚ୍ କଲେ । ଏହି ପ୍ରସ୍ତାବକୁ ସେ ଲୋକସଭାର ସଚିବାଳୟକୁ ପଠାଇଦେଲେ । ସଚିବାଳୟ ପୂର୍ବ ନଜିର ଦେଖାଇ କହିଲା ଯେ, ଏହାକୁ ଏକ ସଂସଦୀୟ କମିଟିକୁ ପଠାଇ ଦିଆଯାଉ ।

ଆଗରୁ କୁହାଯାଇଛି ଯେ, ସଂସଦୀୟ ସ୍ୱାଧୀନତା ଦୃଷ୍ଟିରୁ ସଂସଦର ସଚିବାଳୟର କର୍ମଚାରୀମାନେ ମଧ୍ୟ ସରକାରୀ ନିୟମାବଳୀର ଉର୍ଦ୍ଧ୍ୱରେ । ତେଣୁ ଆଶା କରିବା କଥା ଯେ, ସଂସଦୀୟ କର୍ମଚାରୀମାନେ ଅଧିକ ସ୍ୱାଧୀନ ହେବେ ଓ ନିରପେକ୍ଷ ମତାମତ ଦେବେ । ତେବେ ରବି ରାୟ ଦେଖିଲେ ଯେ, ତତ୍କାଳୀନ ଲୋକସଭାର ମହାସଚିବ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନେଉ ନାହାନ୍ତି । ସେତେବେଳେ ଚନ୍ଦ୍ରଶେଖରଙ୍କ ପ୍ରଧାନମନ୍ତ୍ରିତ୍ୱରେ ସରକାର । ସରକାର ଯେକୌଣସି ଦିନ ଭାଙ୍ଗିଯିବ, ସେକଥା ଲୋକସଭାର କର୍ମଚାରୀମାନେ ଜାଣିଥିଲେ । ଲୋକସଭାରେ କୌଣସି ଦଳର ସଂଖ୍ୟାଗରିଷ୍ଠତା ନ ଥିଲା । କଂଗ୍ରେସଦଳର ସବୁଠୁ ବେଶି ସାଂସଦ ଥିଲେ । କଂଗ୍ରେସଦଳର କୌଣସ ସାଂସଦ ଏ ମହାଭିଯୋଗ ଦରଖାସ୍ତରେ ଦସ୍ତଖତ କରି ନ ଥିଲେ ।

ଆଉ ଥରେ ରବି ରାୟଙ୍କୁ ନିଜେ ସିଦ୍ଧାନ୍ତ ନେବାକୁ ପଡ଼ିଲା । ନିଜର ନ୍ୟାୟର ସୁରକ୍ଷାପାଇଁ ସଚିବ ହୃଷୀକେଶ ପଣ୍ଡାଙ୍କ ବ୍ୟତୀତ ସେ ଆଉ କାହାକୁ ବିଶ୍ୱାସକୁ ନେଲେ ନାହିଁ । ଉଲ୍ଲେଖଯୋଗ୍ୟ ଯେ ମହାଭିଯୋଗ କୌଣସି ରାଜନୀତିକ କିମ୍ବା ଆଇନଗତ

Digitized by srujanika@gmail.com

କଥା ନ ଥିଲା । ଅଡ଼ିଟ ରିପୋର୍ଟରେ ଲେଖା ହୋଇଥିଲା ଯେ, ସଂପୃକ୍ତ ବିଚାରପତି କିଛି ଜିନିଷ କିଣାବିକାରେ ଅର୍ଥ ତୋଷରପାତ କରିଥିଲେ । ପ୍ରାଥମିକ ପ୍ରମାଣ ସୁଦୃଢ଼ ଓ ବିଶ୍ୱାସଯୋଗ୍ୟ ଥିଲା । ରବି ରାୟ ଅନୁସନ୍ଧାନ କରିବା ପାଇଁ ନିଷ୍ପତ୍ତି ନେଲେ । କିଛି ବିଚାରପତି, ଆଇନଜ୍ଞ ଓ ଜୁରିଷ୍ଟମାନଙ୍କର ପରାମର୍ଶ ନେଲେ ।

ଏହା ଭିତରେ ଆଉ ଗୋଟିଏ ଘଟଣା ଘଟିଲା । ଦିନେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ରବି ରାୟଙ୍କୁ ଦେଖାକରିବାକୁ ଆସିବା ପାଇଁ ଫୋନ୍ କଲେ । ରବି ରାୟ କହିଲେ - 'ଆପଣ କୁହନ୍ତୁ ଯଦି କିଛି କାମ ମୋ ଦ୍ୱାରା ହୋଇପାରିବ ।'

ରାଜୀବ ଗାନ୍ଧୀ କହିଲେ - 'ମୁଁ ଆପଣଙ୍କ ଘରକୁ ଯିବି ।'

ରବି ରାୟ କହିଲେ - 'ନାଇଁ-ନାଇଁ ଆପଣ କ'ଣ କହୁଛନ୍ତି ଏଇ ଟେଲିଫୋନରେ କୁହନ୍ତୁ ।'

ଏହା ପୂର୍ବରୁ ଥରେ ରାଜୀବ ଗାନ୍ଧୀ ରବି ରାୟଙ୍କୁ ଦେଖା କରିବାକୁ ଆସିଥିଲେ । ତାଙ୍କୁ ଦେଖି ରବି ରାୟଙ୍କର ଧାରଣା ହେଲା, ସେ ଭାରି ସୁଶୀଳ ବ୍ୟକ୍ତି । ନାନାଆଡୁ ନାନା କଥା ପଡ଼ିଲା । ରାଜୀବ ଗାନ୍ଧୀ କଥା ଛଳରେ କହିଲେ - ଆଜ୍ଞା, ଯେଉଁ ଟଙ୍କା ଯୋଜନା ବାବଦରେ କେନ୍ଦ୍ରରୁ ଯାଉଛି, ତାହା ବ୍ଲକରେ ପହଞ୍ଚିଲାବେଳକୁ ୧୫ ପଇସାରେ ପହଞ୍ଚୁଛି । ଟଙ୍କାକରୁ ଅବଶିଷ୍ଟ ୮୫ ପଇସା ବାଟମାରଣା ହୋଇଯାଉଛି । ଏଥିରେ କ'ଣ କରିହେବ ।

ରବି ରାୟ କହିଲେ - ସେ ୧୫ ପଇସା ନୁହେଁ, ବାସ୍ତବରେ ୫ ପଇସା ହିଁ ପହଞ୍ଚୁଛି ଓ ୫ ପଇସାର କାମ ହେଉଛି ।

ସେ ରବି ରାୟଙ୍କ ହାତ ଧରି ପକେଇଲେ । ସେଇଦିନଠୁ ଦୁହିଁଙ୍କ ଭିତରେ ସମ୍ପର୍କ ଘନିଷ୍ଠ ହୋଇଉଠିଥିଲା । ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁପରେ ରାଜୀବ ଗାନ୍ଧୀ ଚାରିଶହ ସଦସ୍ୟ ଲୋକସଭାକୁ ଜିତେଇ ଆଣିଥିଲେ । ସେ ଅନେକ କିଛି କରିପାରିବେ ବୋଲି ଲୋକେ ବିଶ୍ୱାସ କରିଥିଲେ ଓ ଲୋକଙ୍କୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଏପରି ବିପୁଳ ସମର୍ଥନ ସତ୍ତ୍ୱେ ପାଞ୍ଚବର୍ଷ ଭିତରେ ଯାହା ସେ କହିଥିଲେ ତାହା ସେ ପୂରଣ କରିପାରିଲେ ନାହିଁ ।

ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବାବେଳେ ରାମସ୍ୱାମୀ ପଞ୍ଜାବ ହରିୟାନା ହାଇକୋର୍ଟରେ ଚିଫ୍‌ଜଷ୍ଟିସ୍ ନିଯୁକ୍ତି ପାଇଥିଲେ । ରାଜୀବ ଗାନ୍ଧୀଙ୍କର ରାମସ୍ୱାମୀଙ୍କ ସହିତ ଭଲ ସମ୍ପର୍କ ଥିଲା । ରାଜୀବ ଗାନ୍ଧୀ ରବି ରାୟଙ୍କୁ ଟେଲିଫୋନରେ କହିଲେ - 'ପଞ୍ଜାବରେ ଆତଙ୍କବାଦ ଯେତେବେଳେ ଚୂଡ଼ାନ୍ତ, ସେତେବେଳେ କୋର୍ଟବାଲା ଡରିକରି ଆତତାୟୀମାନଙ୍କୁ ବେଲ ଦେଇ ଦେଉଥିଲେ । କାରଣ ଆତତାୟୀମାନେ ଧମକ ଦେଉଥିଲେ ଯାମିନି ନ ଦେଲେ ସେମାନଙ୍କ ପରିବାର ଲୋକଙ୍କୁ ମାରିଦେବେ ବୋଲି । ତେଣୁ କୌଣସି ଜଜ୍ ସାହସ କରୁ

Digitized by srujanika@gmail.com

ନ ଥିଲେ ସେମାନଙ୍କ ବେଲ ଖାରଜ କରିବା ପାଇଁ । ରାମସ୍ୱାମୀ ଭାରି କଡ଼ା ଲୋକ ହୋଇଥିବାରୁ ମୁଁ ତାଙ୍କୁ ସେଠିକି ପଠେଇଲି । ସେ ଉଗ୍ରବାଦୀମାନଙ୍କୁ ବେଲ ଦେବା ବନ୍ଦ କରିଦେଲେ । ପଞ୍ଜାବର ଆତଙ୍କବାଦ ବିରୋଧରେ ତାଙ୍କର ବଳିଷ୍ଠ ଭୂମିକା ରହିଛି ।'

ରବି ରାୟ ବୁଝିଗଲେ ରାଜୀବ ଗାନ୍ଧୀ କ'ଣ କହିବାକୁ ଚାହୁଁଛନ୍ତି । ରାଜୀବ ଗାନ୍ଧୀ ପୁଣି କହିଲେ - 'ରାମସ୍ୱାମୀ କିଛିଟା ଅନିୟମିତତା କରିଛନ୍ତି । ଆପଣ ଚାହିଁଲେ... ।'

ରାଜୀବ ଗାନ୍ଧୀଙ୍କୁ କଥା ଶେଷ କରିବାକୁ ନ ଦେଇ ରବି ରାୟ କହିଲେ - 'ଆପଣ ବମ୍ବେରୁ ଫେରନ୍ତୁ ସେ ବିଷୟରେ କଥାବାର୍ତ୍ତା ହେବା ।' ସେ ଆଉ କିଛି କହିଲେ ନାହିଁ ।

ଏତିକିବେଳେ ନରସିଂହ ରାଓ ପାର୍ଲାମେଣ୍ଟର ସଦସ୍ୟ ଥାନ୍ତି । ଦିନେ ସେ ବାଚସ୍ପତିଙ୍କ ଚାମ୍ବରକୁ ଆସି ରବି ରାୟଙ୍କୁ ସାକ୍ଷାତ୍ କଲେ । ରବି ରାୟ କଫି ମଗେଇଲେ । ଦୁହେଁ ବସି କଫି ପିଇଲେ । ଗପସପ ଚାଲିଲା । ସେ ଯେମିତି ରାମସ୍ୱାମୀଙ୍କ ନାଁ ଉଠେଇଲେ, ରବି ରାୟ ବୁଝିଗଲେ ଯେ ରାଜୀବ ଗାନ୍ଧୀ ତାଙ୍କୁ ଏଇଥିପାଇଁ ପଠେଇଛନ୍ତି । ରବି ରାୟ ନରସିଂହ ରାଓଙ୍କୁ କହିଲେ - 'ଠିକ୍ ଅଛି, ଆପଣଙ୍କର ରାମସ୍ୱାମୀଙ୍କ ସମ୍ପର୍କରେ ଯାହା କହିବା କଥା, ମୋତେ ଆସନ୍ତା ଶୁକ୍ରବାର ଭିତରେ ଲେଖି କରି ଦିଅନ୍ତୁ ।' ନରସିଂହ ରାଓ ଆଉ କିଛି ଲେଖିକରି ଦେଲେ ନାହିଁ ।

ମହାଭିଯୋଗର କମିଟି ନିର୍ଦ୍ଧାରଣ କରିବା ପୂର୍ବରୁ ରବି ରାୟ ଜନ.ଏଫ୍. କେନେଡ଼ିଙ୍କୁ ନିଜର ଆଦର୍ଶ ଭାବରେ ଚିନ୍ତା କଲେ । ବୁଦ୍ଧିଜୀବୀମାନଙ୍କ ଭିତରେ ଯିଏ ସର୍ବୋତ୍ତମ ଥିଲେ, ତାଙ୍କୁ କେନେଡ଼ି ତାଙ୍କ କ୍ୟାବିନେଟରେ ନେଉଥିଲେ । କେନେଡ଼ି ପ୍ରତ୍ୟେକ କ୍ଷେତ୍ରରେ ଯିଏ ସେ ଦେଶର ପ୍ରଥମବ୍ୟକ୍ତି ଥିଲେ ତାଙ୍କୁ ହିଁ ସର୍ବୋଚ୍ଚ ପଦପଦବୀରେ ରଖିବାକୁ ପସନ୍ଦ କରୁଥିଲେ । ତା ଦ୍ୱାରା ସେ ସବୁଠୁ ଭଲ ଫଳ ପାଉଥିଲେ । ରବି ରାୟ ଚିନ୍ତା କଲେ, ହାଇକୋର୍ଟ ଓ ସୁପ୍ରିମକୋର୍ଟର ବିଚାରପତିମାନଙ୍କ ଭିତରେ ଯିଏ ସବୁଠୁ ବେଶି ଜ୍ଞାନୀ ଓ ସଚ୍ଚୋଟ ହୋଇଥିବେ, ତାଙ୍କୁ ସେ ଏହି ଜଜେସ ଇନକ୍ୱାରୀ କମିଟିର ମୁଖ୍ୟ ରୂପେ ନିଯୁକ୍ତ କରିବେ । ଏ ସଂକ୍ରାନ୍ତରେ ସେ ନାନା ଆଡୁ ଖବର ନେଇ ବୁଝିଲେ ଯେ ଜଷ୍ଟିସ୍ ପି.ବି. ସାୱନ୍ତ ହେଉଛନ୍ତି ଉପଯୁକ୍ତ ବ୍ୟକ୍ତି । ରବି ରାୟ ତାଙ୍କୁ ଆଦୌ ଚିହ୍ନନ୍ତି ନାହିଁ । ରବି ରାୟ ତାଙ୍କୁ ଟେଲିଫୋନ କଲେ । ସେ ଉତ୍ତର ଦେଲେ - 'ଆପଣ କହୁଛନ୍ତି, ଏଇଟା ମୋ ପାଇଁ ସମ୍ମାନ (Honour) । ମୁଁ ନାହିଁ କରିବି କାହିଁକି ?'

ରବି ରାୟଙ୍କ ଅନୁରୋଧରେ ସେ କମିଟିର ମୁଖ୍ୟ ନିଯୁକ୍ତ ହେଲେ । ଏ ବାବଦରେ ରବି ରାୟ ଆଉ ସୁପ୍ରିମକୋର୍ଟର ଦ୍ୱିତୀୟ ଲୋକଙ୍କ ନାଁ ଚିନ୍ତା କରି ନ ଥିଲେ । ଏହାପରେ ସେ ପୁଣି ଖୋଜିଲେ ହାଇକୋର୍ଟ ଭିତରେ ଚିଫ୍ ଜଷ୍ଟିସ୍ ଭାବରେ ସବୁଠୁ ଭଲ, ସାଧୁ, ସଚ୍ଚୋଟ ଓ ଜ୍ଞାନୀ ଲୋକ କିଏ ସେ । ବମ୍ବେ ହାଇକୋର୍ଟର ଜଷ୍ଟିସ୍ ଦେଶାଇଙ୍କୁ ସେ ଏ

Digitized by srujanika@gmail.com

ଦିଗରେ ଉପଯୁକ୍ତ ଭାବି ନିଯୁକ୍ତ କଲେ । ତା ପରେ ବିଶିଷ୍ଟ ଆଇନଜ୍ଞ ଭାବରେ ପୁଣି ଆଉଜଣଙ୍କ ନାଁ ଖୋଜା ଚାଲିଲା । ସୁପ୍ରିମକୋର୍ଟର ଜଜ୍ ଥିଲେ ଚେନ୍ନାପା ରେଡ୍ଡି । ସେ ଅବସର ଗ୍ରହଣ କରି ସାରିଥାନ୍ତି ଓ ସେତେବେଳେ ହାଇଦ୍ରାବାଦରେ ରହୁଥାନ୍ତି । ରବି ରାୟ ତାଙ୍କ ଫୋନ ନମ୍ବର ସଂଗ୍ରହ କରି ତାଙ୍କୁ ଫୋନ କଲେ । ସେ କହିଲେ -ମୋର ବାଇପାସ ସର୍ଜରୀ ହେବ । ଆପଣ ଆଉ କାହାକୁ ନିଅନ୍ତୁ ।'

ରବି ରାୟ କହିଲେ - 'ଆପଣ ସର୍ଜରୀ କରାନ୍ତୁ । ମାସକ ପରେ ଆମେ ବସିବା ।'

ଜଜେସ ଇନକ୍ୱାରୀ କମିଟି ଗଢ଼ା ହୋଇଗଲା । ବାଚସ୍ପତିଙ୍କ ସଚିବ ହୃଷୀକେଶ ପଣ୍ଡା ଏସବୁ ଯୋଗାଯୋଗ କରାଉଥାନ୍ତି । ତାଙ୍କ ବ୍ୟତୀତ ଏ କଥାର ଟେର ସୁଦ୍ଧା ଆଉ କେହି ପାଇ ନ ଥାନ୍ତି । କଂଗ୍ରେସ ଦଳରୁ କେତେଜଣ ସଦସ୍ୟ ଆସି ରାମସ୍ୱାମୀଙ୍କ ସମ୍ପର୍କରେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ ନ କରିବାକୁ ସ୍ପିକରଙ୍କୁ କହିଥାନ୍ତି । ସେମାନେ ଏ କଥା ମଧ୍ୟ କହିଥାନ୍ତି ଯେ, ଯଦି ବାଚସ୍ପତି ଏ ମହାଭିଯୋଗ ପ୍ରସ୍ତାବ ଗ୍ରହଣ କରନ୍ତି, ତେବେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ମଧ୍ୟ ଅଣାଯାଇପାରେ । ଏହା ସତ୍ୟ ଓ ସାଧୁତା ବିରୋଧରେ ଏକ ଉଲଗ୍ନ ଧମକ ଛଡ଼ା ଆଉ କିଛି ନୁହେଁ ।

ସେଦିନ ଲୋକସଭାର ଶେଷ ଅଧିବେଶନର ଶେଷଦିନ ଥାଏ । ସାଢ଼େ ଆଠଟା ବେଳକୁ ଅନ୍ୟ ସବୁ କାମଦାମ ସରିଲା ପରେ ବାଚସ୍ପତି ରବି ରାୟ ତାଙ୍କର ରାୟ ପଢ଼ିଲେ । ସାଂସଦମାନେ ଆଶା କରିଥିଲେ ବାଚସ୍ପତି ତାଙ୍କର ସଂକ୍ଷିପ୍ତ ଘୋଷଣା 'ଲୋକସଭା ଅଧିବେଶନ ସମାପ୍ତ ହେଲା' ବୋଲି ଘୋଷଣା କରିବେ । କିନ୍ତୁ ସେ ଯେତେବେଳେ ମହାଭିଯୋଗ ପ୍ରସ୍ତାବ ସଂକ୍ରାନ୍ତୀୟ ସ୍ପିକରଙ୍କ ରୁଲିଂ ପଢ଼ିବାକୁ ଆରମ୍ଭ କଲେ, ସମସ୍ତେ ଆଚମ୍ବିତ ହେଲେ । ଲୋକସଭାରେ ସ୍ତବ୍ଧ ନୀରବତା ଥିଲା । ଶେଷ ଆଡ଼କୁ ଯେତେବେଳେ ରବି ରାୟ କହିଲେ ଯେ, ସେ ଏକ ଅନୁସନ୍ଧାନ କମିଟି ଗଠନ କରିଛନ୍ତି, ସେତେବେଳେ ଲୋକସଭାରେ କେତେକ କଂଗ୍ରେସ ଦଳର ସାଂସଦ ଧମକ ଦେବା ଭଙ୍ଗୀରେ ବାଚସ୍ପତିଙ୍କ ଆଡ଼କୁ ଆଗେଇ ଆସିଲେ । ଅତ୍ୟନ୍ତ ନିଷ୍ଠାର ସହ ଓ ଆଦୌ ବିବ୍ରତ ନ ହୋଇ ବାଚସ୍ପତି ରବି ରାୟ ତାଙ୍କର ଆଦେଶ ପଢ଼ିଦେଲେ । କଂଗ୍ରେସଦଳବାଲା ଭାବିଥିଲେ ଯେ ରବି ରାୟ ଏହା ଭିତରେ ଭୁଲିଯାଇଛନ୍ତି । କିନ୍ତୁ କଥାଟା ଭିନ୍ନପ୍ରକାର ହୋଇଗଲା ।

ଅନେକ ସମୟରେ ବାଚସ୍ପତିମାନେ ତାଙ୍କ ଆଦେଶ ଲୋକସଭାରେ ପଢ଼ନ୍ତି ନାହିଁ । ଏଠି ଅସାଧୁତାର ପ୍ରଶ୍ନ ଉଠୁଛି । ରବି ରାୟ ସବୁ ଗୁରୁତ୍ୱପୂର୍ଣ୍ଣ ଆଦେଶ ଲୋକସଭା ଗୃହରେ ସମସ୍ତଙ୍କ ଅବଗତି ଓ ବିଚାର ପାଇଁ ଉଚ୍ଚସ୍ୱରରେ କହି ଆସିଛନ୍ତି ।

ଲୋକସଭାରେ ସେଦିନ କେତେକ ମୁଷ୍ଟିମେୟ କଂଗ୍ରେସ ସଭ୍ୟ ଲୋକସଭା ମଝିକି ଉଠିଆସି ରବି ରାୟଙ୍କୁ ବାଧା ଦେବାକୁ ଯାଉଥିଲେ । ଯଦି ବାଚସ୍ପତି ନିଜ ଆଦେଶ

Digitized by srujanika@gmail.com

ପଢ଼ିବା ଶେଷ କରି ପାରି ନ ଥାନ୍ତେ, ତେବେ ଲୋକସଭାର ନିୟମ ଓ ପରମ୍ପରା ଅନୁଯାୟୀ ସୁପ୍ରିମକୋର୍ଟର ଜଣେ ବିଚାରପତିଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା ପ୍ରଥମ ମହାଭିଯୋଗ ବିଚାରପାଇଁ ଗୃହୀତ ହୋଇ ନ ଥାନ୍ତା । ତେବେ ଅଧିକାଂଶ ସାଂସଦଙ୍କର ବାଚସ୍ପତିଙ୍କ ପ୍ରତି ଭକ୍ତି ହେତୁ ସେମାନଙ୍କର ବାଧାଦେବା ଅସଫଳ ହେଲା । ଏହି ନିଷ୍ପତ୍ତି ବିଷୟରେ ବିଭିନ୍ନ ମହଲରେ ନାନା ପ୍ରକାର ପ୍ରତିକ୍ରିୟା ହେଲା । ପରସ୍ପର ବିରୋଧାତ୍ମକ ସମ୍ବାଦମାନ ବାହାରିଲା । କେହି କେହି ଏହାକୁ ସମାଲୋଚନା କଲେ । କିନ୍ତୁ ରବି ରାୟ ହିମାଳୟ ପରି ଅବିଚଳିତ ଥିଲେ । ତାଙ୍କ ବିବେକାନୁମୋଦିତ କାର୍ଯ୍ୟ ତାଙ୍କୁ ଆତ୍ମସନ୍ତୋଷ ଦେଇଥିଲା ।

ପ୍ରାୟ ଦୁଇମାସ ପରେ ସାଓ୍ୱନ୍ତ କମିଟି ରିପୋର୍ଟ ଦେଲା । ସେତେବେଳକୁ ଲୋକସଭା ଭାଙ୍ଗି ପୁନର୍ବାର ନିର୍ବାଚନ ହୋଇସାରିଥାଏ । ଏହି କମିଟିରେ ଥିବା ତିନିଜଣଯାକ ସଦସ୍ୟ ସମାନ ରିପୋର୍ଟ ଦେଲେ ଯେ 'ଜଷ୍ଟିସ୍ ରାମସ୍ୱାମୀ ଦୁର୍ନୀତିଗ୍ରସ୍ତ ।' ପୂର୍ବରୁ ସି.ଏ.ଜି. (Controller and Auditor General) ଯେଉଁ ଅଡ଼ିଟ୍ ରିପୋର୍ଟରେ ଦର୍ଶାଇଥିଲେ ଯେ ବିଚାରାଳୟ ଜିନିଷ କିଣିବାରେ ସେ ୪୮ ଲକ୍ଷ ଟଙ୍କା ତୋଷରପାତ କରିଛନ୍ତି, ତାହା ସତ୍ୟ ବୋଲି ଏମାନେ ସମସ୍ତେ ରିପୋର୍ଟରେ ଉଲ୍ଲେଖ କରିଥିଲେ । ସେତେବେଳେ ବାଚସ୍ପତି ରବି ରାୟଙ୍କର ଏପରି ଏକ ପଦକ୍ଷେପ ଓ ରୁଲିଂ ସାରା ପୃଥିବୀରେ ଚହଳ ପକାଇଥିଲା ।

ରବି ରାୟ ନିଷ୍ପତ୍ତିର ସାଧୁତା ଇତିହାସ ବହନ କରିଅଛି । ଅଳ୍ପଦିନ ପରେ ନୂଆ ଲୋକସଭା ବସିଲା । ରାଜନୀତିକ ଦେଣନେଣରେ ମହାଭିଯୋଗ ପ୍ରସ୍ତାବ ସଂସଦଦ୍ୱାରା ଅନୁମୋଦିତ ହେବାର ସମ୍ଭାବନା କ୍ଷୀଣ ଥିଲା । କିନ୍ତୁ ଏତିକି ତ ସତ୍ୟ, ରବି ରାୟଙ୍କ ଦ୍ୱାରା ନିଯୁକ୍ତ କମିଟି ସଂପୃକ୍ତ ସୁପ୍ରିମ କୋର୍ଟ ବିଚାରପତିଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା । ପରେ ଜଷ୍ଟିସ୍ ରାମସ୍ୱାମୀ ଇସ୍ତଫା ଦେବେ ବୋଲି କହିଲେ । ସେତେବେଳେ ରବି ରାୟ ବାଚସ୍ପତି ନ ଥିଲେ ।

ଲୋକସଭା ପରମ୍ପରାନୁଯାୟୀ ସାଓ୍ୱନ୍ତ କମିଟି ରିପୋର୍ଟ ସଂସଦରେ ଆଲୋଚନା ହୋଇ ମହାଭିଯୋଗ ବାବଦରେ ଭୋଟିଂ ହେବ । ସାଓ୍ୱନ୍ତ ରିପୋର୍ଟ ସର୍ବସମ୍ମତ ଥିବାରୁ ସଂସଦୀୟ ବିଧି ଅନୁସାରେ ଭୋଟିଂ ମଧ୍ୟ ସର୍ବସମ୍ମତ ହେବା କଥା । ଏଥିରେ ହୁଇପ୍ ଦିଆଯାଏ ନାହିଁ । ମାତ୍ର ନରସିଂହ ରାଓ ସରକାର କାଳେ ଲିଖିତ ହୁଇପ ଦେଲେ ଧରା ପଡ଼ିଯିବେ, ସେଥିପାଇଁ ମୌଖିକ ହୁଇପ୍ ଦେଲେ । ସଂସଦରେ ମହାଭିଯୋଗକୁ ନେଇ ଭର୍ତ୍ସନା ପାଇଁ ଯେଉଁ ସର୍ବସମ୍ମତ ପ୍ରସ୍ତାବ ହେବା କଥା, ତାହା ଭୋଟିଂ ହେବାରୁ ସମ୍ଭବ ହୋଇପାରିଲା ନାହିଁ । ଏହି ପ୍ରସ୍ତାବ ଭୋଟଦ୍ୱାରା ଗୃହୀତ ହୋଇ ନ ପାରି କାଟ ଖାଇଗଲା । ସେତେବେଳେ ନୂଆ ବାଚସ୍ପତି ଥା'ନ୍ତି ଶିବରାଜ ପାଟିଲ । ତାଙ୍କ ଅଧ୍ୟକ୍ଷତାରେ ତର୍କ ଓ

Digitized by srujanika@gmail.com

ବିଚାର-ବିମର୍ଶ ହେଲା । କିନ୍ତୁ କଂଗ୍ରେସବାଲା ଭୋଟ ଦେଇ ରାମସ୍ୱାମୀଙ୍କୁ ଭର୍ତ୍ସନାରୁ ରକ୍ଷା କରିଦେଲେ । ଏହା ଏକ ସୁସ୍ଥ ପରମ୍ପରା ସୃଷ୍ଟି କଲା ନାହିଁ ।

ରାମସ୍ୱାମୀଙ୍କ ସହିତ କଂଗ୍ରେସର ବୁଝାମଣା ହୋଇଗଲା ଯେ ମହାଭିଯୋଗ ଗୃହୀତ ହେବ ନାହିଁ କିନ୍ତୁ ସେ ଇସ୍ତଫା ଦେଇ ଚାଲିଯିବେ । ହେଲେ ରାମସ୍ୱାମୀ ସାଙ୍ଗେ ସାଙ୍ଗେ ଇସ୍ତଫା ନ ଦେଇ ଟାଳଟୁଳ ନୀତି ଗ୍ରହଣ କଲେ । ସୁପ୍ରିମକୋର୍ଟ ବାର ଆସୋସିଏସନ ଏ ସଂକ୍ରାନ୍ତରେ ରାମସ୍ୱାମୀଙ୍କ ବିରୋଧରେ ଅଡ଼ି ବସିବାରୁ ମୁଖ୍ୟ ବିଚାରପତି ତାଙ୍କୁ କୌଣସି କେଶ ଦେଲେ ନାହିଁ । କୌଣସି ମକଦ୍ଦମା ସେ ବିଚାର କରିପାରିଲେ ନାହିଁ । ତାଙ୍କୁ ଆଉ କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଗଲା ନାହିଁ । ଅଗତ୍ୟା ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଲା । କଂଗ୍ରେସ ଦଳ ଏପରି ବୁଝାମଣା କରି ନ ଥିଲେ ଏକ ଉଚ୍ଚ ସଂସଦୀୟ ପରମ୍ପରା ସୃଷ୍ଟି ହୋଇଥାନ୍ତା ଓ ପବିତ୍ର ବିଚାର ବିଭାଗରେ ଥିବା ଅସାଧୁ ଲୋକମାନଙ୍କ ପାଇଁ ଏକ ଶିକ୍ଷଣୀୟ ନଜିର ହୋଇଥାନ୍ତା ।

ତେବେ ରବି ରାୟଙ୍କ ସିଦ୍ଧାନ୍ତ ସତ୍ୟ ପ୍ରମାଣିତ ହେଲା । ଦୋଷୀକୁ ଦୋଷୀ ବୋଲି ପ୍ରମାଣିତ କରାଗଲା । ଉଚ୍ଚ ନ୍ୟାୟାଳୟର ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ କରିଥିବାର ପ୍ରଥମ ବାଚସ୍ପତି ରବି ରାୟ ଏଯାବତ୍ ଏପରି ନଜିର ଆଉ ଦେଖିବାକୁ ମିଳି ନାହିଁ ।

ରବି ରାୟ ବାଚସ୍ପତି ଥିବାବେଳେ ଆଉ ଗୋଟିଏ ଘଟଣା ବେଶ ଆଲୋଡ଼ନ ସୃଷ୍ଟି କରିଥିଲା । ଚନ୍ଦ୍ରଶେଖର ଯେଉଁ କ୍ୟାବିନେଟ ଗଢ଼ିଲେ, ସେଥିରେ ବେଶି ବିଚକ୍ଷଣ ଲୋକ ନ ଥିଲେ । ତାଙ୍କର ଅନୁଭବ ହେଲା, ସେପରି ଦକ୍ଷଲୋକ ତାଙ୍କ ମନ୍ତ୍ରିମଣ୍ଡଳରେ ନ ଥିବାରୁ କିଛି ଆଖିଦୃଶିଆ କାମ କରି ହେଉ ନାହିଁ । ସେ ଚାହିଁଲେ କିଛି ବୁଦ୍ଧିଆ ଓ ସଚ୍ଚୋଟ ଲୋକଙ୍କୁ ମନ୍ତ୍ରିମଣ୍ଡଳରେ ନେଲେ ଅଳ୍ପଦିନ ଭିତରେ ଦେଶକୁ ଦେଖାଇଲା ଭଳି କିଛି ଭଲକାମ କରିପାରିବେ ।

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦରୁ ଯିବାପରେ ଏ.ଆର. ଆନ୍ତୁଲେ ଲୋକସଭାକୁ ନିର୍ବାଚିତ ହୋଇଯାଇଥାନ୍ତି । ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ଆନ୍ତୁଲେଙ୍କୁ ରବି ରାୟଙ୍କ ପାଖକୁ ପଠାଇଲେ । ସେତେବେଳେ ଡକ୍ଟର ସରସ୍ୱତୀ ସ୍ୱାଇଁ ଦିଲ୍ଲୀରେ ଥା'ନ୍ତି । ଡ୍ରଇଂରୁମରେ ବସି ଆନ୍ତୁଲେ ଓ ରବି ରାୟ ଗପ କରୁଥାନ୍ତି । ଡକ୍ଟର ସରସ୍ୱତୀ ସ୍ୱାଇଁ ଜଳଯୋଗର ବ୍ୟବସ୍ଥା କରିଥାନ୍ତି । ଖୁସିଗପ ଚାଲିଥାଏ । ଆନ୍ତୁଲେ କହିଲେ - ମୁଁ ଗୋଟେ ଖବର ନେଇ ଆସିଛି । ଆପଣଙ୍କ ଅନୁମତି ହେଲେ କହିବି ।

ରବି ରାୟ କହିଲେ - ଖବରଟା କହିବା ପାଇଁ ଅନୁମତି କ'ଣ ଦରକାର । କୁହନ୍ତୁ, କ'ଣ ଖବର ନେଇ ଆସିଛନ୍ତି ।

Digitized by srujanika@gmail.com

ଆନ୍ତୁଲେ କହିଲେ - ମୋତେ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ଆପଣଙ୍କ ପାଖକୁ ପଠାଇଛନ୍ତି । ପ୍ରଧାନମନ୍ତ୍ରୀ କହିଲେ, 'ରବି ରାୟ ଓ ମୁଁ ବହୁ ପୁରୁଣା ଦିନର ବନ୍ଧୁ । ମତେ ତାଙ୍କୁ ଏ ପ୍ରସ୍ତାବ ଦେବାକୁ ଲାଜ ମାଡୁଛି । ଏବେ ବୈଦେଶିକ ବିଭାଗ ମନ୍ତ୍ରୀ କେହି ନାହାନ୍ତି । ମୁଁ ଏ ପଦବୀଟି କେବଳ ତାଙ୍କୁ ଦେବା ପାଇଁ ରଖିଛି । ଆପଣ ଯାଇ କୁହନ୍ତୁ । ସେ ରାଜି ହେଲେ ବୈଦେଶିକ ବିଭାଗ ମନ୍ତ୍ରୀ ହେବେ ।'

ରବି ରାୟ କହିଲେ - କାହିଁକି ?

ସେ କହିଲେ - ଦେଶର ସ୍ୱାର୍ଥ ପାଇଁ ଆପଣ ବାଚସ୍ପତି ପଦବୀରୁ ଇସ୍ତଫା ଦେଇ ବୈଦେଶିକ ବିଭାଗ ମନ୍ତ୍ରୀ ହୁଅନ୍ତୁ ।

ରବି ରାୟ କହିଲେ - ''ମେ ଓ ଆଦ୍‌ମି ନେହିଁ ହୁଁ । ଆପ ଗଲତ୍ ଆଦ୍‌ମି କେ ପାଶ ଆଗୟେ । ପ୍ରଧାନମନ୍ତ୍ରୀଜୀକୋ ବତାଇଏ । ପାପ ନେହିଁ କରେଙ୍ଗେ । ଗଲତ୍ ପରମ୍ପରା ନେହିଁ ସୃଷ୍ଟି କରେଙ୍ଗେ । ହମଲୋକ ଭୁଖେଭି ରହେଙ୍ଗେ ଲେକିନ ପାପ ନେହିଁ କରେଙ୍ଗେ ।''

ଆନ୍ତୁଲେ ଚଟକରି ବସିବା ଜାଗାରୁ ଉଠିଆସି ରବି ରାୟ ହାତ ଧରି ପକାଇଲେ । ସେ କହିଥିଲେ, 'ମୁଁ ଏକଥା ପ୍ରଧାନମନ୍ତ୍ରୀଙ୍କୁ କହି ଆସିଥିଲି ଯେ ରବି ରାୟ ରାଜି ହେବେ ନାହିଁ । ମୁଁ ଏଇକଥା ଆପଣଙ୍କଠୁଁ ଆଶା କରୁଥିଲି ।'

ଏହାର ଦିନେ ଦି' ଦିନ ଭିତରେ ହିନ୍ଦୁସ୍ଥାନ ଟାଇମ୍‌ସର ସନ୍ଧ୍ୟା ସଂସ୍କରଣରେ ବାହାରିଲା - ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ବାଚସ୍ପତିଙ୍କୁ ମନ୍ତ୍ରୀ ହୋଇ ଆସିବା ପାଇଁ ଚାହୁଁଛନ୍ତି । ସ୍ପିକରଙ୍କୁ କ୍ୟାବିନେଟରେ ନେବାପାଇଁ ଚେଷ୍ଟା ଚାଲିଛି ।

ରବି ରାୟ ସମ୍ବାଦଟି ପଢ଼ି ଆଚମ୍ବିତ ହେଲେ । ଏ ସମ୍ବାଦ ଖବରକାଗଜକୁ ଗଲା କିପରି ? ସେ ସାଙ୍ଗେ ସାଙ୍ଗେ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କୁ ଫୋନ କଲେ - 'ଆପଣଙ୍କ ଛଡ଼ା ଏ ସମ୍ବାଦ ଆଉ କେହି ଦେଇ ନାହାନ୍ତି ।' ଉତ୍ତରରେ ଚନ୍ଦ୍ରଶେଖର ମନା କଲେ । ରବି ରାୟ ପୁଣି କହିଲେ - 'ଚନ୍ଦ୍ରଶେଖର ! ମୁଁ ସେ ଲୋକ ନୁହେଁ ।'

ସେ କହିଲେ - 'ଭାଇ, ମୋର ଭୁଲଧାରଣା ଥିଲା ।'

ରବି ରାୟ ଓ ଚନ୍ଦ୍ରଶେଖରଙ୍କର ବ୍ୟକ୍ତିଗତ ସମ୍ପର୍କ ଖୁବ୍ ଭଲ ଥିଲା । କିନ୍ତୁ ନୀତି ଦୃଷ୍ଟିରୁ ରବି ରାୟ ଏପରି ଭାବରେ ମନ୍ତ୍ରୀ ହେବା ପାଇଁ ଉଚିତ ମନେକଲେ ନାହିଁ । ଅର୍ଥ ଓ କ୍ଷମତା କୌଣସି ସମୟରେ ରବି ରାୟଙ୍କୁ ପ୍ରଲୋଭିତ କରିପାରି ନାହିଁ । ଏ ଘଟଣା ଥିଲା ତାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ।

ରବି ରାୟ ବାଚସ୍ପତି ଥିଲାବେଳେ ଗୋଟେ କୌତୂହଳପ୍ରଦ ଘଟଣା ଘଟିଲା । ସମରଜିତ୍ ସିଂ ମାନ୍ ହେଉଛନ୍ତି ଶିଖନେତା । ସେ ଭାରି ଲଢୁଆ ଓ ଉଦୀୟମାନ ନେତା । ସମରଜିତ୍ ସିଂ ମାନ୍ ଲୋକସଭାକୁ ନିର୍ବାଚିତ ହୋଇ ଆସିଲେ । ମାନ୍ ଜିଦ୍ ଧରିଲେ

Digitized by srujanika@gmail.com

ଯେ ତାଙ୍କ ଧର୍ମ ଅନୁସାରେ କୃପାଣ (ଖଣ୍ଡା) ଧରି ସେ ପାର୍ଲିଆମେଣ୍ଟ ଭବନ ଭିତରକୁ ଆସିବେ । ନିୟମ ଦୃଷ୍ଟିରୁ କେହି କୌଣସି ଅସ୍ତ୍ରଶସ୍ତ୍ର ଧରି ସଦନ ଭିତରେ ପ୍ରବେଶ କରି ପାରିବେ ନାହିଁ । ନିଜେ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରି ତାଙ୍କୁ ଅନୁରୋଧ କରିବା ସତ୍ତ୍ୱେ, ମାନ୍ ଆଦୌ ରାଜି ହେଲେ ନାହିଁ । ଶେଷରେ ବାଚସ୍ପତି ରବି ରାୟ ଗୋଟେ ବୁଦ୍ଧି ପାଞ୍ଚିଲେ । ସେ ଚାହୁଁ ନ ଥିଲେ ଯେ ରକ୍ଷଣଶୀଳ ଶିଖମାନେ ଭାରତ ବିରୋଧରେ ଯାଆନ୍ତୁ । ତେଣୁ ସେ ପ୍ରସ୍ତାବ ଦେଲେ ଯେ, ମାନ୍ ତାଙ୍କ କୃପାଣ ଆଣି ଆସନ୍ତୁ, କିନ୍ତୁ ତାକୁ ବାଚସ୍ପତିଙ୍କ (ଅର୍ଥାତ୍ ରବି ରାୟଙ୍କ ପ୍ରକୋଷ୍ଠ) ପ୍ରକୋଷ୍ଠରେ ରଖି ସଦନ ଭିତରକୁ ପ୍ରବେଶ କରିବେ । (ବାଚସ୍ପତିଙ୍କ ପ୍ରକୋଷ୍ଠ ଲୋକସଭାର ଏକ ଅଂଶ) ଏଥିରେ ସମରଜିତ୍ ସିଂ ମାନ୍ ରାଜି ହୋଇଗଲେ । ଲୋକସଭା ଅଧିବେଶନ ସମୟରେ ସେ ତାହାହିଁ କରୁଥିଲେ । ନିଜ କୃପାଣକୁ ବାଚସ୍ପତି ରବି ରାୟଙ୍କ ଚାମ୍ବରରେ ରଖି ସେ ଲୋକସଭା ସଦନ ଭିତରକୁ ପଶୁଥିଲେ ।

ରବି ରାୟ ଧର୍ମ ନିରପେକ୍ଷତାରେ ଗଭୀର ବିଶ୍ୱାସୀ । ସେଥିପାଇଁ ସେ ବାଚସ୍ପତି ଥିବାବେଳେ କିପରି ଜାତୀୟ ସଂହତି ରକ୍ଷା କରାଯାଇପାରିବ ସେଥିପାଇଁ ଦକ୍ଷିଣ ଭାରତରୁ, ଉତ୍ତରଭାରତରୁ, ମୁସଲମାନ ସଂପ୍ରଦାୟରୁ, ହିନ୍ଦୁ ସମ୍ପ୍ରଦାୟରୁ ସବୁ ଅଞ୍ଚଳରୁ ଓ ସବୁ ଧର୍ମରୁ ନିଜ ଅଫିସ କର୍ମଚାରୀ ଭାବେ ବାଛିଥିଲେ ।

ରବି ରାୟ ବାଚସ୍ପତି ଥିବାବେଳେ ଲୋକସଭା ପ୍ରତିନିଧିଦଳର ନେତୃତ୍ୱ ନେଇ ଜୋର୍ଡ଼ାନ ଯାଇଥିଲେ । ଜୋର୍ଡ଼ାନ ହେଉଛି ମୁସଲମାନ ରାଷ୍ଟ୍ର । ସେଠି ରବି ରାୟ ସେଠାକାର ବାଚସ୍ପତିଙ୍କର ଅତିଥି ହୋଇଥାନ୍ତି । ଜୋର୍ଡ଼ାନର ଯୁବରାଜଙ୍କ ସଙ୍ଗେ ସାକ୍ଷାତ୍ ହେଲା । ରବି ରାୟ ଜାଣିବାକୁ ପାଇଲେ ଯେ ଭାରତ ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ହିଦାୟତୁଲ୍ଲାଙ୍କ ଝିଆରୀ ହେଉଛନ୍ତି ଜୋର୍ଡ଼ାନର ଯୁବରାଣୀ । ଅର୍ଥାତ୍ Her majesty । ସେ ଭାରି ଖୁସି ହେଲେ । ରବି ରାୟଙ୍କୁ ସେ କହିଲେ, ହିଦାୟତୁଲ୍ଲାଙ୍କ ପତ୍ନୀ ହେଉଛନ୍ତି ହିନ୍ଦୁ । ତାଙ୍କ ପରିବାରରେ ସବୁ ବୋହୂମାନଙ୍କ ଭିତରେ ଏଇ ହିନ୍ଦୁ ବୋହୂ ସବୁଠୁ ଭଲ, ସବୁଠୁ ଜ୍ଞାନୀଗୁଣୀ ଓ ସ୍ନେହୀ ଥିଲେ । ସେଥିପାଇଁ ପରିବାରର ସମସ୍ତଙ୍କଠାରୁ ସେ ବିଶେଷ ସ୍ନେହ ଆଦର ପାଉଥିଲେ । କୁଟୁମ୍ବର ସବୁଠୁ ପ୍ରିୟ ବୋହୂ ଥିଲେ ହିଦାୟତୁଲ୍ଲାଙ୍କ ଏଇ ହିନ୍ଦୁ ସ୍ତ୍ରୀ । ଜୋର୍ଡ଼ାନର ଯୁବରାଜ ରବି ରାୟଙ୍କୁ ଭାରି ଆଦର ଯତ୍ନ କଲେ । ସେମାନଙ୍କର ଅନ୍ତରଙ୍ଗତା ଓ ଆତିଥ୍ୟ ରବି ରାୟଙ୍କୁ ଅଭିଭୂତ କରିଥିଲା ।

କମନୱେଲ୍‌ଥ ଦେଶମାନଙ୍କର (Common Wealth Countries) ବାଚସ୍ପତିମାନଙ୍କର ସମ୍ମିଳନୀ ଜିମ୍ବାୱେରେ ବସୁଥାଏ । ଆଫ୍ରିକା ଭାରତ ପରି ବହୁକାଳ ଇଂରେଜମାନଙ୍କଦ୍ୱାରା ଶାସିତ ହୋଇଥିଲା । ଆଫ୍ରିକାରେ ବହୁ ଭାରତୀୟ ଅଛନ୍ତି । ସେଠି

Digitized by srujanika@gmail.com

ଭାରତୀୟମାନଙ୍କର ସ୍ଥିତି ବେଶ୍ ଦୃଢ଼ । ରବି ରାୟ ଏହି ବାଚସ୍ପତି ସମ୍ମିଳନୀରେ ଚେୟାରମ୍ୟାନ (ଅଧ୍ୟକ୍ଷ) ହୋଇଥାନ୍ତି । ଏହି ସମ୍ମିଳନୀରେ ନାରୀ ସ୍ୱାଧୀନତା ଉପରେ ବିଶେଷ ଭାବରେ ଆଲୋଚନା ହେଲା । ରବି ରାୟ ଏ ସମ୍ପର୍କରେ ଏକ ସାରଗର୍ଭକ ଭାଷଣ ଦେଲେ । ଭାରତୀୟ ପରମ୍ପରା ଓ ଐତିହ୍ୟରେ, କେଉଁ ହଜାର ହଜାର ବର୍ଷ ଆଗରୁ ବୈଦିକ ସଭ୍ୟତାରୁ ନାରୀ ସ୍ୱାଧୀନତା ପ୍ରତି ଦିଆଯାଇଥିବା ମର୍ଯ୍ୟାଦା କଥା ସେଠାରେ ସେ ବର୍ଣ୍ଣନା କଲେ । ସେ ଅତୀତର ବହୁ ଉଦାହରଣ ଦେଇ ତାଙ୍କ ଅଭିଭାଷଣ ଉପସ୍ଥାପନ କଲେ । ପରାଧୀନତା ଯୋଗୁଁ ନାରୀଶିକ୍ଷା ଓ ନାରୀସ୍ୱାଧୀନତାର ଯେଉଁ ଅବକ୍ଷୟ ଘଟିଛି ତାକୁ ସ୍ୱାଧୀନ ଦେଶରେ ଫେରାଇ ଆଣିବାକୁ ସେ ଉଦ୍‌ବୋଧନ ଦେଲେ । ଏହି ଅଭିଭାଷଣ ସବୁ ସମ୍ବାଦପତ୍ରରେ ଉଚ୍ଚ ପ୍ରଶଂସିତ ହୋଇ ପ୍ରକାଶ ପାଇଥିଲା । ତାହା ସେଠିକାର ପ୍ରବାସୀ ଭାରତୀୟମାନଙ୍କୁ ବିଶେଷ ଭାବରେ ଉତ୍ସାହିତ କରିଥିଲା ।

ଜିମ୍ବାୱେରେ ଥିବା ଭାରତୀୟମାନଙ୍କର ଆନନ୍ଦର ସୀମା ନ ଥିଲା । ସେଠି ବହୁସଂଖ୍ୟାରେ ଗୁଜୁରାଟୀ ଧନୀ ଲୋକ ଅଛନ୍ତି । ଆଫ୍ରିକାର ଲୋକମାନଙ୍କ ଅପେକ୍ଷା ସେମାନଙ୍କର ରହଣି, ଚାଲିଚଳଣ, ଖାଦ୍ୟପେୟ, ବେଶପୋଷାକ ପ୍ରଭୃତି ସବୁ କ୍ଷେତ୍ରରେ ବହୁ ଉଚ୍ଚରେ । ସେମାନେ ଆଫ୍ରିକାର ଲୋକମାନଙ୍କଠୁ ପୂରାପୂରି ବାରି ହୋଇପଡ଼ନ୍ତି । ସେଠି ସେମାନଙ୍କର ଘର ଗୋଟେ ଗୋଟେ ବିରାଟ ରାଜପ୍ରାସାଦ । ସେମାନଙ୍କ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ଯେକୌଣସି ଲୋକ ଆଖିରେ ପଡ଼ିଯିବ । ଗୁଜୁରାଟୀମାନଙ୍କର ସ୍ୱତନ୍ତ୍ର ବଜାର ରହିଛି । ଅନ୍ୟ ଭାରତୀୟମାନଙ୍କର ସ୍ଥିତି ମଧ୍ୟ ବେଶ୍ ଅନୁକୂଳ । ଭାରତୀୟମାନେ ରବି ରାୟଙ୍କୁ ସେମାନଙ୍କ ଘରକୁ ଖାଇବାକୁ ନିମନ୍ତ୍ରଣ କଲେ । ରବି ରାୟ ଖୁବ୍ ଆଗ୍ରହରେ ସେମାନଙ୍କ ଆତିଥ୍ୟ ଗ୍ରହଣ କଲେ । ବହୁସଂଖ୍ୟାରେ ଭାରତୀୟ ତାଙ୍କୁ ଆସି ଦେଖା କରୁଥିଲେ । ରବି ରାୟ ସେମାନଙ୍କୁ ଉପଦେଶ ଦେଇ କହିଲେ, 'ଆପଣମାନେ ଏଠି ଏ ଦେଶରେ ଏତେ ଭଲରେ ଅଛନ୍ତି ଦେଖି ମୋର ଛାତି କୁଣ୍ଢେମୋଟ ହୋଇଯାଉଛି । ଆପଣମାନଙ୍କର ସ୍ନେହ, ସୌହାର୍ଦ୍ଦ୍ୟ ମୋର ଚିରକାଳ ସ୍ମରଣୀୟ ହୋଇ ରହିବ । କିନ୍ତୁ ଗୋଟେ କଥା, ଏଠି ଯୋଉ ଭାରତୀୟମାନେ ଅଛନ୍ତି ସେମାନେ ଭୁଲିବା ଉଚିତ ନୁହେଁ ଯେ, ଯେତେ ଯାହା ହେଲେ ବି ସେମାନେ ବିଦେଶୀ । ସେମାନଙ୍କ ବାହାରର ଚାଲିଚଳଣ ନମ୍ର ଓ ଉଦାର ହେବା ଦରକାର । ସେମାନଙ୍କର ପ୍ରାଚୁର୍ଯ୍ୟ ଦେଖି ଆଫ୍ରିକା ଲୋକେ ଯେପରି ଈର୍ଷାନ୍ୱିତ ଓ ବିଦ୍ରୋହୀ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବା ଦରକାର ।' ବହୁ ଗୁଜୁରାଟୀ ଲୋକ ରବି ରାୟଙ୍କୁ ବିଦାୟ ଜଣାଇବାକୁ ମଧ୍ୟ ଆସିଥିଲେ । ହରାରେ (ଜିମ୍ବାୱେର ରାଜଧାନୀ) ଗସ୍ତ ସମୟରେ ରବି ରାୟଙ୍କ ସ୍ମୃତିପଟରେ ଭାସି ଉଠୁଥିଲା ନାଇରୋବି । ନାଇରୋବିରେ ମଧ୍ୟ ଭାରତୀୟମାନେ ବେଶ୍ ପ୍ରତିଷ୍ଠିତ । ସେଠି ମଧ୍ୟ

Digitized by srujanika@gmail.com

ଗୁଜୁରାଟୀମାନଙ୍କର ବଜାର ରହିଛି । ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଏହି ଗୁଜୁରାଟୀମାନେ ବିଦେଶରେ ନିଜକୁ ସୁପ୍ରତିଷ୍ଠିତ କରିପାରିଥିବାବେଳେ; ଏକଦା ନୌବାଣିଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା ଓଡ଼ିଆମାନେ ସ୍ୱାଧୀନତୋତ୍ତର କାଳରେ ବିଶେଷ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରିପାରି ନାହାନ୍ତି । ଏକଥା ଭାବି ସେ ଦୁଃଖିତ ହୋଇଥିଲେ ।

ବାଚସ୍ପତି ଥିବା ସମୟରେ ସେ ଇଉରୋପର ବିଭିନ୍ନ ଦେଶ ଗସ୍ତ କରିଥିଲେ । ଏକଦା ସୋଭିଏଟ ରୁଷ ସହିତ ଥିବା ହଙ୍ଗେରୀ, ପୋଲାଣ୍ଡ ପ୍ରଭୃତି ଷ୍ଟାଲିନଙ୍କ ଦ୍ୱାରା ଖୁବ୍ ଅତ୍ୟାଚାରିତ ହୋଇଥିଲା । କହିବାକୁ ଗଲେ ହଙ୍ଗେରୀ ଥିଲା ରୁଷର ଖାସ୍‌ମାହାଲ । ଏକପ୍ରକାର କରଦ ରାଜ୍ୟ ଭଳି ।

ରୁଷର ଅତ୍ୟାଚାରରେ ଅତିଷ୍ଠ ହୋଇ ହଙ୍ଗେରୀବାସୀ ବିଦ୍ରୋହ କଲେ । ଏହି ବିଦ୍ରୋହୀମାନଙ୍କର ନେତା ଥିଲେ ଇମ୍ରେନାଜ । ରୁଷିଆ ବିଦ୍ରୋହୀମାନଙ୍କୁ ଜବତ କରିବାପାଇଁ ଟ୍ୟାଙ୍କ ପଠାଇଲା । ଦୃଢ଼ହସ୍ତରେ ବିଦ୍ରୋହ ଦମନ କରିବାକୁ ଚେଷ୍ଟା କଲା । ସେତେବେଳେ ହଙ୍ଗେରୀରେ ଭାରତୀୟ ରାଷ୍ଟ୍ରଦୂତ ଥାନ୍ତି ଆହମ୍ମଦ । ଜବାହରଲାଲ ତାଙ୍କୁ କହିଥିଲେ ଓ ନିର୍ଦ୍ଦେଶ ଦେଇଥିଲେ ଇମ୍ରେନାଜ ଓ ତାଙ୍କ ସାଥୀମାନଙ୍କୁ ଯେତେ ପାରିବ ରକ୍ଷା କରିବ । ରାଷ୍ଟ୍ରଦୂତ ଆହମ୍ମଦ ସେମାନଙ୍କୁ ଗୋପନରେ ସୁରକ୍ଷା ଦେଲେ । ବହୁ ଭାବରେ ସାହାଯ୍ୟ କଲେ । ଏହା ଫଳରେ ବହୁ ସ୍ୱାଧୀନତା ସଂଗ୍ରାମୀ ଭାରତୀୟ ଦୂତାବାସରେ ଲୁଚି ରହି ଆତ୍ମଗୋପନ କଲେ । ସେମାନେ ଫାଶୀ ପାଇଲେ ନାହିଁ । କିନ୍ତୁ ଇମ୍ରେନାଜଙ୍କୁ ରୁଷ ସରକାର ଫାଶୀ ଦେଲେ । ଏହାର କିଛିକାଳ ପରେ ହଙ୍ଗେରୀ ସ୍ୱାଧୀନ ରାଷ୍ଟ୍ର ହେଲା । ଇମ୍ରେନାଜଙ୍କର ଅନୁଗତ ରାଷ୍ଟ୍ରପତି ହେଲେ ।

ରବି ରାୟ ହଙ୍ଗେରୀ ଗସ୍ତ ପୂର୍ବରୁ ଅବସର ଗ୍ରହଣ କରି ଦିଲ୍ଲୀରେ ବସବାସ କରୁଥିବା ପୂର୍ବତନ ରାଷ୍ଟ୍ରଦୂତ ଆହମ୍ମଦଙ୍କୁ ଡାକି ତାଙ୍କ ସହିତ କଥା ହେଲେ । ରବି ରାୟ ଏସବୁ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ହଙ୍ଗେରୀରେ ତତ୍‌କାଳୀନ ରାଷ୍ଟ୍ରପତିଙ୍କ ସହିତ ତାଙ୍କର ସାକ୍ଷାତ୍ ହେଲା । ସେ ଯେତେବେଳେ ଆହମ୍ମଦଙ୍କ ନାମ ଉଚ୍ଚାରଣ କଲେ, ହଙ୍ଗେରୀର ରାଷ୍ଟ୍ରପତି ତାଙ୍କୁ କୁଣ୍ଢେଇ ପକେଇଲେ । ତାଙ୍କ ଆଖିରୁ ଲୁହ ଝରି ଆସିଲା । ସେ କାନ୍ଦି ପକେଇ କହିଲେ - 'ଆମେ ଆହମ୍ମଦଙ୍କ ଋଣ ଶୁଝିପାରିବୁନି । ଆମ ଜୀବନ ରକ୍ଷାକରି ଭାରତ ସରକାର ଆମକୁ ଋଣୀ କରିଦେଇଛନ୍ତି । ଆମେ ଭାରତୀୟ ସମ୍ବିଧାନକୁ ଅନୁସରଣ କରିବୁ ।' ରାଷ୍ଟ୍ରପତିଙ୍କର ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ସତେଯେପରି ସାରା ଭାରତବାସୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ତାଙ୍କ ଭାବାବେଗ ବାସ୍ତବିକ ଭାଷାରେ ପ୍ରକାଶ କରିହେବ ନାହିଁ । ରବି ରାୟ ମୁଗ୍ଧ ହୋଇଯାଇଥିଲେ ।

Digitized by srujanika@gmail.com

ବିଦେଶଗସ୍ତ କାଳରେ ଆଉ ଗୋଟିଏ ସ୍ମରଣୀୟ ଘଟଣା ରବି ରାୟଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ବୁଦାପେଷ୍ଟ ହଙ୍ଗେରୀର ଆଉ ଗୋଟିଏ ଅଞ୍ଚଳ । ସେଠିକାର ବେଲାଟୋନା ହ୍ରଦଟି ବେଶ୍ ପ୍ରସିଦ୍ଧ । ଏହି ହ୍ରଦ ସେଠିକା ଲୋକମାନଙ୍କର ପ୍ରିୟ ଦର୍ଶନୀୟ ସ୍ଥାନ । ରବି ରାୟ ବୁଦାପେଷ୍ଟ ଗଲେ । ସେ ଅନୁଭୂତି ବାସ୍ତବିକ ଅନନ୍ୟ । ବେଲାଟୋନା ହ୍ରଦ କୂଳରେ ଗୋଟେ ବଡ଼ ହସପିଟାଲ ଅଛି । ସେହି ହ୍ରଦ କୂଳରେ ଗୋଟେ ବିରାଟ ବରଗଛ ଅଛି । ତା ମୂଳରେ ସିମେଣ୍ଟରେ କବିତା ଲେଖା ହୋଇଚି ଇଂରେଜୀରେ । ସେ କବିତା ଥିଲା ଭାରତୀୟ କବି ରବୀନ୍ଦ୍ରନାଥ ଠାକୁରଙ୍କର । ୧୯୨୬ ମସିହାରେ ରବି ଠାକୁର ବୁଦାପେଷ୍ଟ ଯାଇଥିଲେ । ସେଠି ଅକସ୍ମାତ୍ ତାଙ୍କର ଭାରି ଦେହ ଖରାପ ହେଲା । ସେ ଡାକ୍ତରଖାନାରେ ରହିଲେ । ସେ ଡାକ୍ତରଖାନାର ନାଁ ହେଉଛି, 'State Hospital for Cardiology, Balton turned' । ସେ ୨୨୦ ନମ୍ବର ରୁମରେ ରହିଥିଲେ । ତାଙ୍କୁ ଯେଉଁ ଭଦ୍ରମହିଳା ଦେଖା କରି ସେବା କରୁଥିଲେ ତାଙ୍କ ନାଁ ଥିଲା ବୋଗ୍ନାର (Bognar) । ଡାକ୍ତରଖାନାରେ ରହୁଥିବାବେଳେ ସେ ଗୋଟିଏ ଗଛ ଲଗାଇଥିଲେ । ଆଜି ବି ସେ ଗଛ ସେଠାରେ ରହିଛି । ତାହା ଏବେ ଟୁରିଷ୍ଟମାନଙ୍କ ପାଇଁ ଏକ ଦର୍ଶନୀୟ ସ୍ଥାନରେ ପରିଣତ ହୋଇଛି । ରବି ରାୟ ସେ ଡାକ୍ତରଖାନା ଯାଇ ୨୨୦ ନମ୍ବର ରୁମକୁ ମଧ ବୁଲି ଦେଖିଥିଲେ । ରବି ଠାକୁରଙ୍କର ଯେଉଁ କବିତା ଲେଖାଯାଇଛି, ତାକୁ ପଢ଼ିଥିଲେ । ତାଙ୍କର ମନେ ହୋଇଥିଲା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ପାଇଁ ହଙ୍ଗେରୀବାସୀ ଯେଉଁ ସମ୍ମାନ ପ୍ରଦର୍ଶନ କରିଛନ୍ତି, ତାହା ହେଉଛି ସମଗ୍ର ଭାରତବାସୀଙ୍କ ପାଇଁ ଗର୍ବ ଓ ଗୌରବର କଥା ।

ଇଂରାଜୀ କବିତା ତୁଇଟି ହେଉଛି -

"When I am no longer
On this earth my tree
Let the everenewed
Leaves of thy spring
Murmur to the way-furer
The poet did love
while he lived."

- Rabindra Nath Tagore

8th November 1926

Digitized by srujanika@gmail.com

ଆଉ ଗୋଟିଏ କବିତା ହେଉଛି -

"Hungary thou past offered
Welcome to him
Who travelled from a
distant home
and restful shelter
when he was worry and weak
since thou past accepted him
who was a stranger
The separation of distance
will never separate him from thee".

- By Rabindra Nath Tagore

୧୯୯୧ ମସିହାରେ ଲୋକସଭା ଭାଙ୍ଗିଗଲା । ଲୋକସଭା ନିର୍ବାଚନ ପାଇଁ ପୁଣି ସାଜ ସାଜ ରବ ଶୁଣାଗଲା । ସାରା ଦେଶରେ ପ୍ରସ୍ତୁତି ଚାଲିଲା । ଗଣତନ୍ତ୍ରରେ ନିର୍ବାଚନ ପ୍ରକ୍ରିୟା ଲୋକଙ୍କୁ ମନେପକେଇ ଦିଏ, ଦେଶପାଇଁ ସେମାନଙ୍କର କିଛି ଦାୟିତ୍ୱ ରହିଛି । କିଛି ସଂପୃକ୍ତି ରହିଛି । ନ୍ୟାୟ ସିଦ୍ଧାନ୍ତ ଦେବାର ଅବକାଶ ରହିଛି । ବେଳେ ବେଳେ ବିଚାର-ବିଭ୍ରାନ୍ତି ବି ଘଟେ । କିନ୍ତୁ ଗୋଟେ କଥା ଅତି ସାଧାରଣ ସ୍ତରର ଲୋକଙ୍କ ଭିତରେ ବି ଜାଗ୍ରତ ବିବେକ କାର୍ଯ୍ୟ କରୁଥାଏ । ଲୋକେ ଠିକ୍ ଭୁଲ ବିଚାର କରିପାରନ୍ତି । ଅର୍ଥବଳ, ବାହୁବଳର ପ୍ରଭାବରୁ ମୁକ୍ତ ରହି ନିରପେକ୍ଷ ବିଚାର ଦେଖେଇଥା'ନ୍ତି । ରବି ରାୟ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହେଲେ ।

ବିଜୁବାବୁ ନିଜର ସମସ୍ତ ଶକ୍ତିସାମର୍ଥ୍ୟ ଖଟାଇ ଓଡ଼ିଶାର ନିର୍ବାଚନକୁ ନିୟନ୍ତ୍ରଣ କଲେ । ଅନେକ ସମୟରେ ଇତିହାସକୁ ବହୁ ନିଷ୍ଠୁର ସତ୍ୟକୁ ବହନ କରିବାକୁ ହୋଇଥାଏ । ଗୋଟେ ମୁହୂର୍ତ୍ତ ଭିତରେ ଅନେକ କିଛି ଓଲଟପାଲଟ ହୋଇଯାଏ ! ଠିକ୍ ନିର୍ବାଚନ ସମୟରେ ରାଜୀବ ଗାନ୍ଧୀଙ୍କ ହତ୍ୟା ସାରା ଦେଶବାସୀଙ୍କୁ ସ୍ତବ୍ଧ ଚକିତ କରିଦେଇଥିଲା । ମନେ ହୋଇଥିଲା ସତେଯେମିତି ଆସୁରୀ ଶକ୍ତିର ଏକ ମହାପ୍ରଳୟ ମାନବିକତାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଗଲା । ଏ ହତ୍ୟା ଘଟଣା ଦେଶବାସୀଙ୍କୁ ହତବୁଦ୍ଧି କରିଦେଲା । ଲୋକେ ଦାରୁଣ ଆଘାତ ପାଇଲେ । ଏ ବର୍ବରତାରେ ସମଗ୍ର ବିଶ୍ୱ ସ୍ତମ୍ଭୀଭୂତ ହୋଇଗଲା । ଏକ ଉଦୀୟମାନ ନେତାଙ୍କ ପ୍ରତି ଏ ଅମାନୁଷିକତା ପାଇଁ ଲୋକଙ୍କ ପାଖରେ ଭାଷା ନ ଥିଲା । ମହାକାଳର ମୁହଁରେ ଯେମିତି କିଏ ମୋଖାଏ କଳା ବୋଳି ଦେଲା ।

Digitized by srujanika@gmail.com

ଏଣୁ ଏ ନିର୍ବାଚନ ଦେଶବାସୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଥିଲା । ରବି ରାୟ କେନ୍ଦ୍ରାପଡ଼ାରୁ ଲଢୁଥାନ୍ତି ଜନତା ଦଳ ପ୍ରାର୍ଥୀ ଭାବରେ । ତାଙ୍କ ବିପକ୍ଷରେ କଂଗ୍ରେସ ଦଳର ପ୍ରାର୍ଥୀ ଥିଲେ ଭାଗବତ ପ୍ରସାଦ ମହାନ୍ତି । ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେଲାବେଳେ ଲୋଡ଼ା ହୁଏ ଭାଇ, ବନ୍ଧୁ, ସାଥୀ ସହୋଦରଙ୍କର ସାହାଯ୍ୟ ସହାନୁଭୂତି । ରବି ରାୟଙ୍କର ମଧୁର ସ୍ୱଭାବ ଓ ବନ୍ଧୁବତ୍ସଳତା ହିଁ ତାଙ୍କ ଜୀବନର ମୂଳ ସଂଚୟ । ବନ୍ଧୁ ନରେନ୍ଦ୍ର ଜେନା, ଚିତ୍ତରଞ୍ଜନ ମହାନ୍ତି, ଶାରଦା ଚରଣ ମହାନ୍ତି, କମଳାକାନ୍ତ ପଣ୍ଡା, ରାଜକିଶୋର ନାୟକ, ଯୁଧିଷ୍ଠିର ଦାସ, ବିଜୟ ମହାପାତ୍ର, ନଳିନୀକାନ୍ତ ମହାନ୍ତି, ଶରତ କର, ବେଦପ୍ରକାଶ ଅଗ୍ରଓ୍ୱାଲ, ଡକ୍ଟର ବାସୁ ପାତ୍ର, ରାଧାକାନ୍ତ ସେଠୀ ପ୍ରମୁଖ ନେତୃବୃନ୍ଦ ଓ ସହକର୍ମୀଙ୍କ ସାହାଯ୍ୟ ସହଯୋଗରେ ସେ ପୁଣିଥରେ କେନ୍ଦ୍ରାପଡ଼ାରୁ ନିର୍ବାଚିତ ହୋଇ ଲୋକସଭା ସାଂସଦ ହେଲେ । କଂଗ୍ରେସ ଅନୁକମ୍ପାମୂଳକ ବହୁ ଭୋଟ ପାଇ କେନ୍ଦ୍ରରେ ସରକାର ଗଢ଼ିଲା । ରବି ରାୟଙ୍କ ନିର୍ବାଚନରେ ବିଜୁବାବୁ ସ୍ୱାଭାବିକ ଭାବରେ ପ୍ରଚାର କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥିଲେ । କଂଗ୍ରେସର ଅନୁକମ୍ପାମୂଳକ ଭୋଟ ସତ୍ତ୍ୱେ ରବି ରାୟଙ୍କ ଲୋକପ୍ରିୟତା ତାଙ୍କୁ ଜୟଯୁକ୍ତ ହେବାରେ ସାହାଯ୍ୟ କଲା । ନରସିଂହ ରାଓ ପ୍ରଧାନମନ୍ତ୍ରୀ ଭାବେ କେନ୍ଦ୍ରରେ ମନ୍ତ୍ରିମଣ୍ଡଳ ଗଢ଼ିଲେ । ୧୯୯୧-୧୯୯୫ ଯାଏ ଦୀର୍ଘ ପାଞ୍ଚବର୍ଷ ପାଇଁ ଏ ମନ୍ତ୍ରିମଣ୍ଡଳ ସ୍ଥାୟୀ ହୋଇଥିଲା । ରବି ରାୟ ମଧ୍ୟ ଏ ପାଞ୍ଚବର୍ଷ ସାଂସଦ ଭାବରେ ରହିଲେ ।

ଜୀବନ ଦୃଷ୍ଟିର ନୂଆ ଦିଗନ୍ତ

ଏହି ପାଞ୍ଚବର୍ଷ କେନ୍ଦ୍ରରେ କଂଗ୍ରେସ ସରକାର । କିନ୍ତୁ ଓଡ଼ିଶାରେ ବିଜୁବାବୁଙ୍କ ନେତୃତ୍ୱରେ ଜନତା ସରକାର । ରବି ରାୟ ବାରମ୍ବାର ନିଜ ନିର୍ବାଚନ ମଣ୍ଡଳୀ କେନ୍ଦ୍ରାପଡ଼ା ଗସ୍ତ କରି ଲୋକଙ୍କ ସମସ୍ୟା ବୁଝୁଥାନ୍ତି । କିନ୍ତୁ ଏତିକିବେଳକୁ ଓଡ଼ିଶାର ରାଜନୀତିକ ଦୃଶ୍ୟପଟ୍ଟରେ ଏକ ଅବୁଝାମଣାର କଳାବାଦଲ ଢାଙ୍କି ହୋଇଗଲା । ରବି ରାୟ ଓ ବିଜୁବାବୁଙ୍କ ସମ୍ପର୍କରେ ଏକପ୍ରକାର ଉଦାସୀନତା ଦେଖାଦେଲା ।

ଏହାର ମୁଖ୍ୟ କାରଣ ଥିଲା ରବି ରାୟଙ୍କ ଅନୁଗାମୀ ନୀତି ଓ ଆଦର୍ଶବାଦୀ ଯୁବନେତା ଓ କର୍ମୀମାନଙ୍କୁ ଯୋଜନାବଦ୍ଧ ଭାବରେ ଓଡ଼ିଶା ଜନତା ଦଳର ମୁଖ୍ୟଧାରାରୁ ହଟାଇ ଦେବା । ଏଇ ପରିପ୍ରେକ୍ଷୀରେ ଏତିକି କୁହାଯାଇପାରେ ଯେ କେତେକ ସ୍ୱାର୍ଥାନ୍ୱେଷୀ ଜନତା ଦଳର ନେତା ବିଜୁବାବୁଙ୍କ ଉପରେ ପ୍ରଭାବ ବିସ୍ତାର କରି ଏହି ଦୁଇ ନେତାଙ୍କ ଭିତରେ ଅବୁଝାମଣା ସୃଷ୍ଟି କରିବାକୁ ପ୍ରୟାସ କରୁଥାନ୍ତି । କିପରି ରବି ରାୟଙ୍କ ଅନୁଗାମୀମାନେ ଉପେକ୍ଷିତ ହୁଅନ୍ତୁ ସେଥିପାଇଁ ଯୋଜନା କରୁଥାନ୍ତି । ଏହା ସଫଳ ହେଲେ ସେମାନେ ଜନତା ଦଳରେ ପ୍ରତିଷ୍ଠା ଲାଭ କରିବେ ।

Digitized by srujanika@gmail.com

୧୯୯୦ରେ ରବି ରାୟ ବାଚସ୍ପତି ହେବାରୁ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହିବାକୁ ବାଧ୍ୟ ହୋଇଥିଲେ । ସେ ଦଳୀୟ ରାଜନୀତିର ମୁଖ୍ୟଧାରାଠାରୁ ବିଚ୍ଛିନ୍ନ ହୋଇଯିବା ଅନିବାର୍ଯ୍ୟ ଥିଲା । ଏହାର ସୁଯୋଗ ନେଇ ଜରୁରୀ ପରିସ୍ଥିତିରେ ଚରମ ତ୍ୟାଗ କରିଥିବା, କାରାବରଣ କରିଥିବା ଓ ଜନତା ଦଳର ସଙ୍ଗଠନ ପାଇଁ ନିଜର ସମସ୍ତ ସମୟ, ଶକ୍ତି, ସାମର୍ଥ୍ୟ ବିନିଯୋଗ କରିଥିବା ଯୁବନେତାମାନଙ୍କୁ ବାଛି ବାଛି (୧୯୯୦) ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ନ କରିବାର ଚକ୍ରାନ୍ତ କରାଗଲା । ଏହି ଚକ୍ରାନ୍ତକୁ ସଫଳ କରିବା ଦିଗରେ ବିଜୁବାବୁ ଯେଉଁ ପଦକ୍ଷେପ ନେଲେ ଓ ନିଜର ଉଦାରତା ବିପରୀତ କାର୍ଯ୍ୟପନ୍ଥା ଗ୍ରହଣ କଲେ, ତାହା ରବି ରାୟଙ୍କୁ ଖୁବ୍ ମର୍ମାହତ କଲା । ବାଚସ୍ପତି ପଦର ମର୍ଯ୍ୟାଦା ରକ୍ଷା କରିବା ଦୃଷ୍ଟିରୁ ସେ ଏହି କର୍ମୀ ହତ୍ୟାର ନୀରବଦ୍ରଷ୍ଟା ହେବାକୁ ବାଧ୍ୟ ହେଲେ । କେବଳ କ୍ଷୋଭରେ ବିଜୁବାବୁଙ୍କୁ ଏତିକି ପଚାରିଥିଲେ, 'ଜୟପ୍ରକାଶ ଆନ୍ଦୋଳନକୁ ବିରୋଧ କରୁଥିବା ଓ ଜରୁରୀ ପରିସ୍ଥିତିକୁ ସମର୍ଥନ କରୁଥିବା ଯୁବନେତା ଆପଣଙ୍କ ତାଲିକାରେ ରହିଲେ, ଅଥଚ ଦେଶ ଓ ଦଳପାଇଁ ଅଶେଷ ତ୍ୟାଗ ବରଣ କରି ୧୮ ମାସ ଜେଲ ଯନ୍ତ୍ରଣା ଭୋଗିଥିବା ଯୁବନେତା ଆପଣଙ୍କର ମନେପଡ଼ିଲେ ନାହିଁ ?' ଏ ପ୍ରଶ୍ନର ଉତ୍ତର ଦେବାକୁ ବିଜୁବାବୁଙ୍କର ନୈତିକ ସାହସ ନ ଥିଲା । ସେ କଥା ଏଡ଼ାଇ ଗଲେ । କିନ୍ତୁ ଏ ଘଟଣାରେ ରବି ରାୟଙ୍କ ମନରେ ଯେଉଁ ଦାରୁଣ ଆଘାତ ସୃଷ୍ଟି ହେଲା, ତାହା ଆଉ ଦୂର ହେଲା ନାହିଁ । ଏହା ବିଜୁବାବୁ ଓ ତାଙ୍କ ଭିତରେ ଗୋଟେ ବିରାଟ ପ୍ରାଚୀର ସୃଷ୍ଟି କଲା ।

ବାଚସ୍ପତି ଥିବାବେଳେ ରବି ରାୟ ଓଡ଼ିଶାରେ ବ୍ୟାପକ ଗସ୍ତକ୍ରମ କରି ଓଡ଼ିଶାର ସାଧାରଣ ଜୀବନକୁ ଋଦ୍ଧିମନ୍ତ କରିବାକୁ ଚାହିଁଲେ । ଯାହା ସଫଳ ହେଲେ ଭଲ ଲୋକ ସର୍ବସାଧାରଣ କାର୍ଯ୍ୟରେ ଓ ଦଳୀୟ ରାଜନୀତିରେ ବହୁ ସଂଖ୍ୟାରେ ଯୋଗ ଦେବେ । ତଦ୍ଦ୍ୱାରା ଦେଶରେ ନିର୍ମଳ ରାଜନୀତିକ ବାତାବରଣ ସୃଷ୍ଟି ହୋଇପାରିବ ଓ ଆଦର୍ଶ ଓ ମୂଲ୍ୟବୋଧର ପ୍ରତିଷ୍ଠା ସମ୍ଭବ ହେବ । ମାତ୍ର ସେତେବେଳେ ନିଜେ ମୁଖ୍ୟମନ୍ତ୍ରୀ ଥିବା ବିଜୁବାବୁ ରବି ରାୟଙ୍କର ଏ ସାଧୁ ଉଦ୍ୟମକୁ ଭୁଲ ବୁଝିଲେ । ଅଚାନକ ଲୋକସଭା ଭାଙ୍ଗିଯିବା ଫଳରେ ରବି ରାୟଙ୍କ ସଂସ୍କାର ଅଭିଯାନ ବ୍ୟାହତ ହେଲା ।

ରବି ରାୟ ୧୯୯୧ ମସିହାରେ ଲୋକସଭାକୁ ପୁନର୍ବାର ନିର୍ବାଚିତ ହେଲେ । ତାଙ୍କର ପୂର୍ବ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସେ ପୁଣି ଧ୍ୟାନ ଦେଲେ । ଏଥିରେ ସମସ୍ତ ବାମପନ୍ଥୀଦଳ, ଜନତା ଦଳ ମଧ୍ୟରେ ଥିବା ସମାଜବାଦୀ ଓ ପ୍ରଗତିଶୀଳ ଗୋଷ୍ଠୀର ଖୋଲା ସମର୍ଥନ ମିଳିଲା । ଓଡ଼ିଶାରେ ଜନତାଦଳ ସରକାରରେ ଥିବାବେଳେ କଟକରେ

Digitized by srujanika@gmail.com

ନାରକୀୟ ମଦମୃତ୍ୟୁ ଓ ସେଥିରେ ସରକାରୀ ଦଳର କେତେକ ମୁଖ୍ୟଲୋକଙ୍କ ସଂପୃକ୍ତିକୁ ନେଇ ଯେଉଁ ସନ୍ଦେହ - ଏହା ରବି ରାୟଙ୍କ ବିବେକକୁ ମନ୍ଥନ କଲା । ସେ ବିବ୍ରତ ଓ ବ୍ୟଥିତ ହେଲେ । ସେ ଏପରି ଅସତ୍‌ସଙ୍ଗ ଓ ଦୂଷିତ ରାଜନୀତିକ ବ୍ୟବସ୍ଥାଠାରୁ ନିଜକୁ ଦୂରେଇ ନେବାକୁ ଚାହିଁଲେ ।

ବାଚସ୍ପତି ଥିଲାବେଳେ ତାଙ୍କର ଧାରଣା ହେଲା ଯେ, ଦେଶର ମୁଖ୍ୟ ରାଜନୀତିକଦଳମାନଙ୍କର ଲୋକଙ୍କ ଆଗରେ କୌଣସି ରାଜନୀତିକ ଆଦର୍ଶ ବା ପତିଆରା ନାହିଁ । ଅଧିକାଂଶ ଦଳଗୁଡ଼ିକର ଏକମାତ୍ର ଲକ୍ଷ୍ୟ ହେଉଛି ଯେନତେନ ପ୍ରକାରେଣ କ୍ଷମତା ହାସଲ । ଏହି କ୍ଷମତା ଲିପ୍‌ସା-ରାଜନୀତିକ ମୂଲ୍ୟବୋଧ ଓ ନୀତିଆଦର୍ଶର ହତ୍ୟାକାରୀ । ଦେଶର ଯଥାର୍ଥ ସମୂହ କଲ୍ୟାଣ ପାଇଁ କୌଣସି ଦଳ ଅଙ୍ଗୀକାରବଦ୍ଧ ନୁହନ୍ତି । ଯଦିଓ ସେମାନଙ୍କ କଥା, ନିର୍ବାଚନ ଇସ୍ତାହାର ପ୍ରଭୃତିରେ ଏସବୁ ଜନହିତକର କାର୍ଯ୍ୟପାଇଁ ନାନାପ୍ରକାର ଚିଠା ପ୍ରସ୍ତୁତ କରାଯାଉଛି; ବାସ୍ତବରେ ଏସବୁ କାର୍ଯ୍ୟକାରୀ କରିବା ଦିଗରେ ସେମାନଙ୍କର ଆନ୍ତରିକ ନିଷ୍ଠା ନାହିଁ । ରବି ରାୟ ଭାବୁଥାନ୍ତି ସେ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଦେଶର କ୍ରାନ୍ତି ପାଇଁ କିଛି କାମ କରିବେ । ଏପରି ମାନସିକ ସନ୍ତୁଳନ ଭିତରେ ସେ ଥା'ନ୍ତି । ସେ ଘୋଷଣା କଲେ ଯେ, ସେ ଆଉ ନିର୍ବାଚନ ଲଢ଼ିବେ ନାହିଁ ।

ଏତିକିବେଳେ କୌଣସି କାରଣରୁ ଜନତାଦଳ ଓ ସମତା ଦଳ ଭାଗ ଭାଗ ହୋଇଗଲା । ରବି ରାୟ ଜନତା ଦଳର ପାର୍ଲିଆମେଣ୍ଟ ପାର୍ଟିରୁ ଇସ୍ତଫା ଦେଲେ । ଜନତାଦଳରୁ ମଧ୍ୟ ଇସ୍ତଫା ଦେଲେ । ଜନତାଦଳ କର୍ମୀ ଓ ନେତାମାନଙ୍କ ସହିତ ତାଙ୍କର କୌଣସି ବାଦବିବାଦ କିମ୍ୱା ମତାନ୍ତର ନ ଥିଲା । ସେ ସମତା ଦଳରେ ରହି ଓଡ଼ିଶାକୁ ଏକ ସୁନ୍ଦର ବିକଳ୍ପ ଦେବାରେ ବ୍ରତୀ ହେଲେ । ସ୍ୱଳ୍ପ ସମୟ, ସାଧନର ଅଭାବ, ଅର୍ଥନୈତିକ ଘୋର ସଙ୍କଟ ଓ ସର୍ବୋପରି ମୁଖ୍ୟ ଦୁଇ ବାମପନ୍ଥୀ ଦଳର ଅନ୍ତର୍ଦ୍ୱନ୍ଦ୍ୱ ତାଙ୍କ ଉଦ୍ୟମକୁ ପଣ୍ଡ କରିଦେଲା । ଓଡ଼ିଶାରେ ସମତାଦଳ ନିର୍ବାଚନରେ ଯେଉଁ ପ୍ରାର୍ଥୀ ଦେଇଥିଲା ସେମାନେ ଏସବୁ କାରଣରୁ ଚରମ ବିପର୍ଯ୍ୟୟର ସମ୍ମୁଖୀନ ହେଲେ । ନୀତି ଓ ଆଦର୍ଶ ପାଇଁ ତାଙ୍କର ଏପରି ଏକ ପଦକ୍ଷେପ ବାସ୍ତବରେ ବିଫଳ ପ୍ରମାଣିତ ହେଲା । କେନ୍ଦ୍ରରେ ସମତାଦଳ ବି.ଜେ.ପି. ସହ ବୁଝାମଣା କରିବାରୁ ୧୯୯୬ ମସିହାରେ ସେ ଘୋଷଣା କଲେ ଯେ ସେ କୌଣସି ରାଜନୀତିକ ଦଳର **ସଭ୍ୟ ହୋଇ ଆଉ ରହିବେ** ନାହିଁ ଓ ନିର୍ବାଚନ ଲଢ଼ିବେ ନାହିଁ । ଏଣିକି ସେ କେବଳ **ଦେଶର** ମହତ୍ତର **ସ୍ୱାର୍ଥ ପାଇଁ** ତାଙ୍କର ଅବଶିଷ୍ଟ ସମୟ ଓ ଶକ୍ତି ସମ୍ପୂର୍ଣ୍ଣ ଭାବରେ **ଉତ୍ସର୍ଗ** କରିବେ ।

Digitized by srujanika@gmail.com

ଲୋକଶକ୍ତି ଅଭିଯାନ

କ୍ଷମତା ରାଜନୀତି ମୁଖ୍ୟତଃ ତିନୋଟି କଥାକୁ ଭିତ୍ତିକରି କ୍ରିୟାଶୀଳତା ଲାଭ କରିଥାଏ; ବ୍ୟକ୍ତିକୈନ୍ଦ୍ରିକ, ଦଳକୈନ୍ଦ୍ରିକ ଓ ନୀତି ବା ଆଦର୍ଶକୈନ୍ଦ୍ରିକ । ଭାରତୀୟ ଗଣତନ୍ତ୍ରରେ ଧୀରେ ଧୀରେ ବ୍ୟକ୍ତିକୈନ୍ଦ୍ରିକ ଓ ଦଳକୈନ୍ଦ୍ରିକ ରାଜନୀତିକ ବ୍ୟବସ୍ଥା ପ୍ରାଧାନ୍ୟ ଲାଭ କରିବାରୁ ନୀତି ବା ଆଦର୍ଶକୈନ୍ଦ୍ରିକ ରାଜନୀତିକ ବିଧିବିଧାନ ଦୃଶ୍ୟପଟ୍ଟରୁ ଅନ୍ତର୍ହିତ ହେବାରେ ଲାଗିଲା । ଫଳରେ ଶାସନ ପ୍ରକ୍ରିୟାରେ ସ୍ୱେଚ୍ଛାଚାରିତା, ଦୁର୍ନୀତି, ଭ୍ରଷ୍ଟାଚାର, ଅନ୍ୟାୟ ଅନୀତି ପ୍ରଭୃତି ଅଧିକରୁ ଅଧିକ ଦେଖାଦେଲା । କ୍ଷମତାର ସିଂହାସନ ଆରୋହଣ ପାଇଁ ଦେଶର ନେତୃବୃନ୍ଦ ନୀତି ବା ଆଦର୍ଶକୁ ହତ୍ୟା କରିବାକୁ କୁଣ୍ଠିତ ହେଲେ ନାହିଁ । ଦେଶର ବୃହତ୍ତର ସମୂହ ସ୍ୱାର୍ଥ ବିଡ଼ମ୍ବିତ ହେଲା । ଦେଖାଗଲା ସ୍ୱାଧୀନତାର ପଚାଶ ବର୍ଷ ଭିତରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଅକ୍ଟୋପାସ ପରି ଗଣତନ୍ତ୍ରର ମୌଳିକ ଆଦର୍ଶ ଓ ଲକ୍ଷ୍ୟକୁ ଚତୁର୍ଦ୍ଦିଗରୁ କବଳିତ କଲାପରି ଅନୁଭୂତ ହେଉଛି । ଏହା ଦେଶର ଚିନ୍ତାନାୟକମାନଙ୍କର ଘୋର ଚିନ୍ତାର କାରଣ ହୋଇଥିବାବେଳେ, ଏହି ଦୁର୍ନୀତିର ମୂଳୋତ୍ପାଟନ କରିବା ଯେପରି ସୁଦୂର ପରାହତ ମନେହେଲା । ଅର୍ଥବଳ ଓ ବାହୁବଳ ନିର୍ବାଚନ ପ୍ରକ୍ରିୟା ଓ ଶାସନପ୍ରକ୍ରିୟାକୁ ନିୟନ୍ତ୍ରଣ କରିବାଦ୍ୱାରା ହିଂସାର ପ୍ରାଧାନ୍ୟ ସାମାଜିକ ବ୍ୟବସ୍ଥାରେ ପରିଲକ୍ଷିତ ହେଲା । ଅଧିକରୁ ଅଧିକ ଋଣଗ୍ରସ୍ତ ହୋଇ ଭାରତବର୍ଷ ତାର ଆଭ୍ୟନ୍ତରୀଣ ଓ ବୈଦେଶିକ ସ୍ଥିତିକୁ ବିପନ୍ନ କରିବାରେ ଲାଗିଲା । ଭାରତୀୟ ଜନଜୀବନରେ ରୁଗ୍ଣ ମାନସିକତା ଦେଖାଦେଲା ।

ଯେଉଁମାନେ ସ୍ୱାଧୀନତା ପୂର୍ବରୁ ସ୍ୱାଧୀନ ଭାରତକୁ ନେଇ ଅଜସ୍ର ସ୍ୱପ୍ନ ଦେଖିଥିଲେ, ସେମାନଙ୍କର ସ୍ୱପ୍ନଭଙ୍ଗ ହେଲା । ସମ୍ଭାବନାପୂର୍ଣ୍ଣ ଭବିଷ୍ୟତ ବାବଦରେ ସେମାନେ ଶଙ୍କାକୁଳ ହୋଇଉଠିଲେ । ଏସବୁ ବିଭ୍ରାନ୍ତ ଓ ଦିଗ୍‌ଭ୍ରଷ୍ଟ ରାଜନୀତିକ ବ୍ୟବସ୍ଥାକୁ ଲକ୍ଷ୍ୟକରି ରବି ରାୟ ନିଜକୁ ଦୋଷୀ ମନେକଲେ । ବିପରୀତମୁଖୀ ପ୍ରବାହରୁ ଦେଶ ଓ ଜାତିକୁ ରକ୍ଷା କରିପାରି ନ ଥିବା ଆତ୍ମଗ୍ଳାନି ତାଙ୍କୁ ଗଭୀର ଭାବରେ ବ୍ୟଥିତ କଲା । ଦେଶର ଭବିଷ୍ୟତକୁ ରକ୍ଷା କରିବା ଦିଗରେ କ'ଣ କରାଯାଇପାରିବ, ସେ ନେଇ ସେ ଆକାଶପାତାଳ ଚିନ୍ତା କଲେ ।

ରବି ରାୟ ନିଜର ଦୀର୍ଘଦିନର ରାଜନୀତିକ ଅଭିଜ୍ଞତାକୁ ପୁଞ୍ଜିକରି ଗୋଟିଏ ଲେଖା ଲେଖିଲେ - 'Where did we go wrong in quest of an alternative'. ଏଥିରେ ସମକାଳୀନ ରାଜନୀତିକ ଦୃଷ୍ଟି ଓ ଦିଗନ୍ତ ବେଶ ସ୍ପଷ୍ଟ ଭାବରେ ଆଲୋଚିତ ହୋଇଥିଲା । ଏହି ଲେଖାଟା 'ପଲିଟିକାଲ ଉଇକ୍ଲି'ରେ ପ୍ରକାଶ ପାଇବା

Digitized by srujanika@gmail.com

ପରେ ଜେ.ଏନ.ୟୁ.ର କେତେକ ଅଧ୍ୟାପକ ରବି ରାୟଙ୍କୁ ଦେଖା କରିବାକୁ ଆସିଲେ । ଦେଶର ସାଂପ୍ରତିକ ପରିସ୍ଥିତି ସମ୍ପର୍କରେ ସେମାନେ ବିଶଦ୍ ଭାବରେ ଆଲୋଚନା କଲେ । ସେମାନେ କହିଲେ, 'ଆମେ ଏହି ଲେଖା (article) ଉପରେ ଏକ ଜାତୀୟ ସମ୍ମିଳନୀ କରିବୁ ବୋଲି ସ୍ଥିର କରି ଆସିଛୁ । ଏ ସମ୍ପର୍କରେ ଆପଣଙ୍କ ମତ କ'ଣ ?'

ରବି ରାୟ ଏଥିରେ ଅସମ୍ମତି ପ୍ରଦାନ କରିବାର କୌଣସି କାରଣ ନ ଥିଲା । କିନ୍ତୁ ସେ ତିନୋଟି ସର୍ତ୍ତ ଆରୋପ କଲେ । ଏଇ ସର୍ତ୍ତ ତିନୋଟି ଥିଲା - (୧) ଏହି ଜାତୀୟ ସମ୍ମିଳନୀକୁ କୌଣସି ରାଜନୀତିକ ନେତାଙ୍କୁ ନିମନ୍ତ୍ରଣ କରାଯିବନି । (୨) କୌଣସି ଷାଠିଏ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଏହାର କର୍ମକର୍ତ୍ତା ଭାବରେ ରଖାଯିବନି । (୩) ଏଥିରେ ଷାଠିଏ ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞ ନେତାମାନେ ଉପଦେଷ୍ଟା ରହିପାରିବେ ।

ଏହି ତିନୋଟି ପ୍ରସ୍ତାବକୁ ଜେ.ଏନ.ୟୁ. (ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ)ର ସେହି ଅଧ୍ୟାପକମାନେ ମାନିନେଲେ । ଯେଉଁମାନେ ଜୟପ୍ରକାଶ ଆନ୍ଦୋଳନରେ ସାମିଲ ହୋଇଥିଲେ, ସେମାନେ ସେଥିରେ ଆବାହକ ହୋଇ ସମ୍ମିଳନୀ ଡାକିଲେ । ସମାଜବିଜ୍ଞାନ ଅଧ୍ୟାପକ (Sociology) ଡକ୍ଟର ଆନନ୍ଦକୁମାର, ବି.ଆର.ପାଟିଲ, ପ୍ରଫୁଲ୍ଲ ସାମନ୍ତରାୟ ଓ ଚିତ୍ତରଞ୍ଜନ ମହାନ୍ତି ଏହି ଜାତୀୟ ସମ୍ମିଳନୀ ଆହ୍ୱାନ କରିବାକୁ ସିଦ୍ଧାନ୍ତ ଗ୍ରହଣ କଲେ ।

ସେମାନେ କାର୍ଯ୍ୟପନ୍ଥା ସ୍ଥିର କରି ମାନ୍ୟବର ଜଷ୍ଟିସ୍ ଏସ୍.ବି.ସାୱନ୍ତଙ୍କୁ (ସୁପ୍ରିମ କୋର୍ଟର ଅବସରପ୍ରାପ୍ତ ବିଚାରପତି), ପ୍ରଖ୍ୟାତ ହିନ୍ଦୀ ସାହିତ୍ୟିକ ଓ ସ୍ତମ୍ଭକାର ପ୍ରଭାସ ଯୋଶୀଙ୍କୁ ଅତିଥି ଭାବରେ ଓ ରବି ରାୟଙ୍କୁ ଉଦ୍‌ଘାଟକ ଭାବରେ ନିମନ୍ତ୍ରଣ କଲେ । ଗାନ୍ଧୀ ପିସ୍ ଫାଉଣ୍ଡେସନର ସମ୍ମିଳନୀ କକ୍ଷରେ ଏହି ସମ୍ମିଳନୀ ହେଲା । ସାରା ଭାରତରୁ ବହୁ ମନୀଷୀ, ଚିନ୍ତାନାୟକ ଏଥିରେ ଯୋଗ ଦେଇଥିଲେ । ଏହି ସମ୍ମିଳନୀ ବେଶ୍ ସଫଳ ହୋଇଥିଲା । ସାରା ଭାରତରୁ ଆସିଥିବା ପ୍ରତିନିଧିମାନେ ଗାନ୍ଧୀଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଦେଲେ ଓ ଶପଥ ନେଲେ ଯେ ଏହି ସଙ୍ଗଠନର ମୁଖ୍ୟ ଲକ୍ଷ୍ୟ ହେବ ଜାତୀୟ ସ୍ତରରେ ଲୋକଙ୍କ ଭିତରେ ଥିବା ଅନ୍ତର୍ନିହିତ ଶକ୍ତିର ବିକାଶ ଘଟାଇବା । ଏଇ ଆଭିମୁଖ୍ୟ ନେଇ ୧୯୯୭ ମସିହାରୁ 'ଲୋକଶକ୍ତି ଅଭିଯାନ' ଆରମ୍ଭ ହୋଇଛି । ରବି ରାୟ ସେଦିନ ଏହି ସମ୍ମିଳନୀରେ ଭାଷଣ ଦେଇ କହିଲେ - "ଭାରତବର୍ଷ ଶହେକୋଟି ଲୋକଙ୍କର ଦେଶ । ଏତେ ବିପୁଳ ଜନଶକ୍ତି ଥାଉ ଥାଉ ସ୍ୱାଧୀନତୋତ୍ତର ଭାରତବର୍ଷରେ ସାମାଜିକ, ସାଂସ୍କୃତିକ ଓ ରାଜନୀତିକ ବ୍ୟବସ୍ଥାର ଚରମ ବିପର୍ଯ୍ୟୟ ଘଟିଛି ବୋଲି ସ୍ୱୀକାର କରିବାକୁ ହେବ । ଆପାତତଃ ବାହ୍ୟ ଦୃଷ୍ଟିକୋଣରୁ ଦେଖିଲେ, ଦେଶର ଭୌତିକ ପ୍ରଗତି ବେଶ ଆଖିଦୃଶିଆ ହୋଇପାରିଛି ।

Digitized by srujanika@gmail.com

ମାତ୍ର ନୈତିକ ସ୍ତରରେ ଯେଉଁ ଅବକ୍ଷୟ ଘଟିଛି ତାହା ମଧ୍ୟ ଖାଲି ଆଖିକୁ ଜଳଜଳ ହୋଇ ଦିଶୁଛି । ଜାତୀୟ ଚରିତ୍ର ଅତ୍ୟନ୍ତ ରୁଗ୍ଣ, ଜରାଜୀର୍ଣ୍ଣ ତଥା କୀଟଦଷ୍ଟ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ତିନିଟା କାରଣ ରହିଛି । ପ୍ରଥମତଃ ଉଚ୍ଚସ୍ତରର ଭ୍ରଷ୍ଟାଚାର ତଳସ୍ତରର ଲୋକଙ୍କୁ ଗଭୀରଭାବରେ ପ୍ରଭାବିତ କରୁଛି । ରାଜନୀତିକ ନେତା, ବ୍ୟୁରୋକ୍ରାଟସ ବା ବୁଦ୍ଧିଜୀବୀ, ଶିଳ୍ପପତି - ଏପରି ସମାଜର ଉଚ୍ଚସ୍ତରରେ ଯେଉଁମାନେ ରହିଛନ୍ତି ଓ ସମାଜକୁ ନାନା ଦୃଷ୍ଟିକୋଣରୁ ନିୟନ୍ତ୍ରଣ କରୁଛନ୍ତି, ସେମାନେ ମାନସିକ ଓ ନୈତିକ ସ୍ତରରେ ନାନା ଭ୍ରଷ୍ଟାଚାରରେ ଲିପ୍ତ ରହିଛନ୍ତି । ଏହି ଭ୍ରଷ୍ଟାଚାରର କଳାଧନ ଜାତୀୟ ଆୟର ପ୍ରାୟ ୪୦% (ଭାଗ)ରୁ ଅଧିକ ହେଲାଣି । ଏହା କ୍ୟାନସର ଜୀବାଣୁ ପରି ଦେଶର ଅର୍ଥନୈତିକ ବ୍ୟବସ୍ଥାକୁ ଗ୍ରାସ କରିବସିଲାଣି । ହୁଏତ ଏପରି ଏକ ଦିନ ଆସିବ ଯେତେବେଳେ ସାରା ଦେଶର ବିତ୍ତୀୟ ବ୍ୟବସ୍ଥା ଭୁଶୁଡ଼ି ଯିବ । ଏ ନେଇ ଯୁବଶକ୍ତି ଓ ସାଧାରଣ ଲୋକେ ସତର୍କ ହେବା ଦରକାର ।

ଦ୍ୱିତୀୟରେ, କ୍ଷମତାଲିପ୍ସା ସମଗ୍ର ଦେଶର ରାଜନୀତିକ ବ୍ୟବସ୍ଥାକୁ ମଧ୍ୟ ଅକ୍ଟୋପସ ପରି ଚତୁର୍ଦ୍ଦିଗରୁ ଜାବୁଡ଼ି ଧରିଛି । ଦେଶର ଅଧିକାଂଶ ରାଜନୀତିକଦଳ ସେମାନଙ୍କ କର୍ମ ଆଭିମୁଖ୍ୟ ଭାବରେ କେବଳ ସିଂହାସନ ହାସଲକୁ ହିଁ ଗ୍ରହଣ କରିନେଇଛନ୍ତି । ସେମାନଙ୍କର ସମସ୍ତ ଲକ୍ଷ୍ୟ ଓ କାର୍ଯ୍ୟପନ୍ଥା କେବଳ ଏଇ କ୍ଷମତାହାସଲ ଦିଗରେ ବାହିତ ହେଉଛି । ନିଷ୍ଠାପର ଭାବରେ କୌଣସି ଦଳ ଦେଶର ବୃହତ୍ତର ଓ ମହତ୍ତର କଲ୍ୟାଣ କଥା ଚିନ୍ତା କରୁ ନାହାନ୍ତି । କ୍ଷମତା କେବଳ ଶୀର୍ଷରେ କେନ୍ଦ୍ରୀଭୂତ ହୋଇଯାଇଛି । ଅତି ଛୋଟ ଛୋଟ କଥା ପାଇଁ ଲୋକେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ପାଖକୁ ଯିବାର ଆବଶ୍ୟକତା ଅନୁଭୂତ ହେଉଛି । ଏପରି ଭାବରେ ଶାସନର କେନ୍ଦ୍ରୀକରଣ ବାସ୍ତବରେ ଅତି ଭୟାନକ । କାରଣ ତଦ୍ୱାରା ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେବେ । ଏସବୁ ସର୍ବୋଚ୍ଚସ୍ତରରେ ପହଞ୍ଚିବାର ସାମର୍ଥ୍ୟ ସାଧାରଣ ଲୋକଙ୍କର ନ ଥିବାରୁ, ଶାସନଗତ ଏକଚ୍ଛତ୍ରବାଦ ମୁଣ୍ଡ ଟେକି ଉଠିବ । ଏଥିରୁ ଭ୍ରଷ୍ଟ ବ୍ୟୁରୋକ୍ରାଟ୍‌ମାନେ, ଭ୍ରଷ୍ଟ ରାଜନୀତିଜ୍ଞ ଓ ଭ୍ରଷ୍ଟ ଶିଳ୍ପପତିମାନେ ନାନା ପ୍ରକାର ଫାଇଦା ଉଠାଇବେ ଓ ସାଧାରଣ ଜନତା ପ୍ରବଞ୍ଚିତ ହେବେ । ଶାସନର ବିକେନ୍ଦ୍ରୀକରଣ ପାଇଁ ଯଥାର୍ଥ ପଦକ୍ଷେପ ହିଁ ଏହି ମହାବିପତ୍ତିରୁ ଦେଶକୁ ଉଦ୍ଧାର କରିପାରିବ ।

ତୃତୀୟରେ, ଉଭୟ ଉପଭୋକ୍ତାବାଦ (Consumerism) ଓ ଭୋଗବାଦ ଦେଶର ସାମାଜିକ ଚେତନାକୁ କବଳିତ କରୁଛି ବୋଲି ସେ କହିଲେ । ଯାହାର ମୂଳ କାରଣ ହେଉଛି ଉଦାରୀକରଣ ପ୍ରକ୍ରିୟା ମାଧ୍ୟମରେ ଦେଶକୁ ପାଶ୍ଚାତ୍ୟ ଭୋଗବାଦୀ ସଭ୍ୟତାର

Digitized by srujanika@gmail.com

ଆବାହନ । ରାଜନୀତିରୁ, ସମାଜସେବାରୁ ତ୍ୟାଗ ମନୋଭାବ ଚାଲିଯାଇଛି । ତା ବଦଳରେ ଭୋଗସର୍ବସ୍ୱ, ଆତ୍ମସ୍ୱାର୍ଥସମ୍ୱଳିତ ଭାବନା ଉପରୁ ତଳସ୍ତର ଲୋକଙ୍କ ପର୍ଯ୍ୟନ୍ତ ବ୍ୟାପିଗଲାଣି । ସମାଜରେ ଶୀର୍ଷରେ ରହୁଥିବା ଲୋକଙ୍କ ଆଚରଣ, କର୍ମପନ୍ଥା ଓ ଆଭିମୁଖ୍ୟକୁ ଲକ୍ଷ୍ୟ ଓ ଆଦର୍ଶ ରୂପେ ତଳସ୍ତରର ଲୋକମାନେ ଗ୍ରହଣ କରିନେବାଦ୍ୱାରା ଏପରି ନୈତିକ ସ୍ଖଳନ ଦେଖାଦେବା ସ୍ୱାଭାବିକ ହୋଇପଡ଼ିଛି । ସ୍ୱାଧୀନତା ପୂର୍ବରୁ ଓ ସ୍ୱାଧୀନତାର କିଛିକାଳ ପର୍ଯ୍ୟନ୍ତ ରାଜନୀତିକ ଚୀବନଚର୍ଯ୍ୟାର ମୁଖ୍ୟାଧାରା ଥିଲା ତ୍ୟାଗ । କିନ୍ତୁ ଗତ କେତୋଟି ଦଶନ୍ଧି ଧରି ଯେଉଁମାନେ ରାଜନୀତିରେ ପ୍ରବେଶ କରୁଛନ୍ତି, ସେମାନେ କ୍ଷମତା ହାସଲ ମାଧମରେ ନିଜପାଇଁ ଓ ନିଜ ଉତ୍ତରପୁରୁଷ ପାଇଁ ସମ୍ୱଳ ଓ ପାଣ୍ଠି ସଂଗ୍ରହକୁ ଏକମାତ୍ର ଲକ୍ଷ୍ୟ ବୋଲି ବିଚାର କରୁଛନ୍ତି । ବଂଶପରମ୍ପରାକ୍ରମେ ରାଜଗାଦି ହାସଲ ଗଣତନ୍ତ୍ରର ଧାରା ନ ହୋଇ ଥିଲେ ବି ସେମାନେ ଏହାକୁ ନିଜ ସ୍ୱାର୍ଥସାଧନ ପାଇଁ ରାଜନୀତିକ ବ୍ୟବସ୍ଥାରେ ପ୍ରୟୋଗ କରୁଛନ୍ତି । କ୍ଷମତା ଓ ଅର୍ଥ ମାଧମରେ ଭୋଗ ହିଁ ଜୀବନର ଆଧାର ହୋଇଉଠିଛି ।

ଏ ତିନିଟାଯାକ ଯେତେବେଳେ ମିଶି ଯାଉଛନ୍ତି, ସେତେବେଳେ ତାହା ସୀମା ଅତିକ୍ରମ କରିଯାଉଛି । ଏହି ତିନୋଟି କଥା ରାଜନୀତିକ ଓ ସାମାଜିକ ସତ୍ତାକୁ କ୍ୟାନସର ଭଳି ଖାଇ ସାରିଲାଣି । ମୁଖ୍ୟକଥା ହେଉଛି ରାଜନୀତିକ ଦଳର ନେତାମାନେ ଏ ତିନିଟା ଯାକ ଶତ୍ରୁକୁ ଜାଣିଶୁଣି ବଢ଼ିବାକୁ ସୁଯୋଗ ଦେଇ ଚାଲିଛନ୍ତି । ଏହାର ପ୍ରତିରୋଧ ନ କଲେ ଦେଶ ରସାତଳକୁ ଚାଲିଯିବ । ହୁଏତ ପୁନର୍ବାର ତାର ସାର୍ବଭୌମ ଓ ସ୍ୱାଧୀନତା ବିପନ୍ନ ହୋଇପଡ଼ିବ ।

ରବି ରାୟ ବେଶ୍ ଭାବ ଗଦ୍‌ଗଦ କଣ୍ଠରେ କହିଲେ - 'ତେବେ ଦେଶକୁ ଏ ମହାବିପତ୍ତିରୁ କିଏ ଉଦ୍ଧାର କରିବ ? କିଏ ଏହାର ମୁକାବିଲା କରିବ ? କେମିତି ହେବ ତା ବିରୋଧରେ ସଂଗ୍ରାମ ? କିଏ ବନ୍ଦ କରିବ ଏହି ବିପରୀତମୁଖୀ ପ୍ରବାହକୁ ? କିଏ ଯା ବିରୋଧରେ ଲଢ଼େଇ କରିବ ? ଇଏ ଏକ ବିରାଟ ପ୍ରଶ୍ନବାଚୀ । ଏହା ବିରୋଧରେ ଲଢ଼େଇ କରିବେ କେବଳ 'ଲୋକଶକ୍ତି' - 'People's Power' ଲୋକଶକ୍ତିର ଉଦ୍ଭବ କରିବାକୁ ହେବ । ଲୋକଶକ୍ତିର ଜାଗରଣ ଘଟିଲେ, ରାଜଶକ୍ତି ଓ ଲୋକଶକ୍ତି ଭିତରେ ସଂଘର୍ଷ ଦେଖାଦେବ । କିନ୍ତୁ ଇଏ ହେଉଛି ଗାନ୍ଧୀର ଦେଶ । ଗାନ୍ଧୀଙ୍କର ଆତ୍ମବିଶ୍ୱାସ ଥିଲା ଲୋକଶକ୍ତିର ଜିତାପଟ ଅନ୍ତିମରେ ନିଶ୍ଚୟ ହେବ । ତେଣୁ ଯୁବଗୋଷ୍ଠୀର ଯଦି ଏଇ ଆତ୍ମବିଶ୍ୱାସ ରହିବ, ତେବେ ଲୋକଶକ୍ତିର ଜାଗରଣ ନିଶ୍ଚୟ ସମ୍ଭବ ହେବ ।

Digitized by srujanika@gmail.com

ହିନ୍ଦୀର ପ୍ରଖ୍ୟାତ କବି ଦୀନକର ଗାଉଥିଲେ - 'ସିଂହାସନ ଛୋଡ଼ୋ, ଜନତା ଆତି ହେ ।' ଜନତା ଆସିଲାଣି ଗାଦି ଛାଡ଼ । ଯୁବଶକ୍ତିର ଜାଗରଣ ପାଇଁ ଦେଶ ଆଜି ଅପେକ୍ଷା କରି ରହିଛି... ।'

ଲୋକଶକ୍ତି ଅଭିଯାନର ଜାତୀୟସ୍ତରର ଆବାହକ ହେଉଛନ୍ତି ଡକ୍ଟର ଆନନ୍ଦ କୁମାର । ଏ ଅଭିଯାନ ୧୯୯୭ ମସିହାରୁ କାର୍ଯ୍ୟ କରୁଛି । ସମଭାବାପନ୍ନ ଲୋକଙ୍କର ଯେଉଁଠି ଯେଉଁ ଆନ୍ଦୋଳନ ହେଉଛି କିମ୍ବା ଦେଶର କଲ୍ୟାଣ ପାଇଁ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି, ସେଠି ଲୋକଶକ୍ତି ଅଭିଯାନ ଯୋଗ ଦେଉଛି । ଲୋକଶକ୍ତି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଧାରଣ ଜନତା ଓ ଯୁବଗୋଷ୍ଠୀ ମଧ୍ୟରେ ସ୍ୱଦେଶପ୍ରେମ ସୃଷ୍ଟି କରିବା ଓ ରାଜନୀତିକ, ସାମାଜିକ ସଚେତନତା ସୃଷ୍ଟି କରିବା । ଏହା ରାଜନୀତି ସଂକ୍ରାନ୍ତୀୟ ହେଲେହେଁ, ରାଜନୀତିକ ସଙ୍ଗଠନ ନୁହେଁ ।

ରବି ରାୟ ଏଇ ଲୋକଶକ୍ତି ଅଭିଯାନ ପାଇଁ ନିଜକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଛନ୍ତି । ସାରା ଦେଶରେ ବୁଲି ବୁଲି ଏହି ଲୋକଶକ୍ତି ଅଭିଯାନର ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କାମ କରୁଛନ୍ତି । ଲୋକଶକ୍ତି ଅଭିଯାନର ବାର୍ତ୍ତାକୁ ଲୋକଙ୍କ ପାଖରେ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରିବାପାଇଁ ରବି ରାୟ 'ଏକ ବିକଳ୍ପର ଅନ୍ୱେଷଣରେ' ଶୀର୍ଷକ ଲେଖାରେ ଲେଖିଥିଲେ - '× × × ଭାରତ ଯେ ଗାନ୍ଧିଜୀଙ୍କୁ ଭୁଲିଯାଇଛି ଏଥିରେ ସନ୍ଦେହ ନାହିଁ । ଯେହେତୁ ମହାତ୍ମା ଜଣେ ସାଲିସବିହୀନ ସଂଗ୍ରାମୀ ଥିଲେ ଭାରତର ଅଭିଜାତ ବର୍ଗ ତାଙ୍କୁ ଜାଣିଶୁଣି ଆଡ଼େଇ ଦେଇଛନ୍ତି । ଦେଶ ଏ ବର୍ଷ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି ଅଥଚ ସ୍ୱାଧୀନତାର ଭଗୀରଥ ଓ ବିନ୍ଧାଣିଙ୍କୁ ଆମେ ବିଧିରକ୍ଷା ଦୃଷ୍ଟିରୁ ତାଙ୍କ ଜନ୍ମ ଦିନରେ ହିଁ କେବଳ ମନେ ପକାଉଛୁ । ଏହା ଏକ ବିଡ଼ମ୍ବନା ଓ ଆମ ପାଇଁ ଏକ ଦୁର୍ବିପାକ ଯେ ଦୁନିଆର ଅନ୍ୟ ଦେଶମାନଙ୍କର ଲୋକେ ଗାନ୍ଧିଙ୍କ ପନ୍ଥାକୁ ଆଦରି ନେଉଥିବାବେଳେ ନିଜ ଜନ୍ମଭୂମି, ନିଜ ଦେଶରେ ତାଙ୍କର ଅନାଦର ହେଉଛି । ଏଇକଥା ମହାତ୍ମା ବୁଦ୍ଧଙ୍କ କ୍ଷେତ୍ରରେ ମଧ୍ୟ ଘଟିଥିଲା । ଦୁଇ ହଜାର ବର୍ଷ ତଳେ ଦୁଃଖ ଜର୍ଜରିତ ଦୁନିଆକୁ ଯିଏ ଅହିଂସା ଓ କରୁଣାର ସନ୍ଦେଶ ଦେଇଥିଲେ ତାଙ୍କୁ ତାଙ୍କର ନିଜ ଦେଶ ଭାରତ ପରିହାର କଲା ଯଦିଓ ଜାପାନ, ଶ୍ରୀଲଙ୍କା, ବର୍ମା, ଚୀନ ଆଦି ବହୁ ଦେଶ ତାଙ୍କୁ ଆପଣାର କରିନେଲେ ।

ଏଭଳି ତ୍ରୁଟିର କାରଣ ଓ ନିଦାନ ଠାବ କରି ଯଦି ଆମେ ଉପଚାର ନ କରିବା ଓ କ୍ଷମତାସୀନ ବର୍ଗ କାହିଁକି ଜାଣିଶୁଣି ଗାନ୍ଧି ବାଟରୁ ଦୂରେଇଗଲେ ସେ ସମ୍ପର୍କରେ

Digitized by srujanika@gmail.com

ଅନୁସନ୍ଧାନ ଓ ଆତ୍ମନିରୀକ୍ଷଣ ନ କରିବା ତେବେ ଆମେ ଏକ କୃତଘ୍ନ ଜାତି ରୂପେ ପରିଚିତ ହେବା ।

ଦେଶର ବିଭାଜନକୁ ଯେ ଗାନ୍ଧିଜୀ ଘୋର ବିରୋଧ କରୁଥିଲେ - ଏହା ଏକ ଜଣାଶୁଣା ଐତିହାସିକ ତଥ୍ୟ । ବିଭାଜନ ତାଙ୍କ ଶବ ଉପରେ ହେବ ଅର୍ଥାତ୍ ସେ ବଞ୍ଚିବେ ନାହିଁ, ଏକଥା ଗାନ୍ଧିଜୀ କହିଥିଲେ ।

ସେତେବେଳର ଅଖିଳ ଭାରତ କଂଗ୍ରେସ କମିଟିର ମାତ୍ର ତିନିଜଣ ନେତା ଗାନ୍ଧିଜୀଙ୍କୁ ସମର୍ଥନ କରିଥିଲେ । ସେମାନେ ହେଲେ ଖାନ୍ ଅବଦୁଲ ଗଫର ଖାଁ, ଜୟପ୍ରକାଶ ନାରାୟଣ ଓ ଡକ୍ଟର ରାମମନୋହର ଲୋହିଆ । ଦେଶ ବିଭାଜନଜନିତ ସାଂପ୍ରଦାୟିକ ଦଙ୍ଗା ଗାନ୍ଧିଜୀଙ୍କୁ ଏତେ ମର୍ମାହତ କରିଥିଲା ଯେ ସେ ଅଗଷ୍ଟ ୧୫, ୧୯୪୭ର ସ୍ୱାଧୀନତା ଦିବସ ପାଳନରେ ଭାଗ ନେବାକୁ ମନା କରି ଦେଇଥିଲେ । ଦେଶ ସ୍ୱାଧୀନ ହେବାର ମାତ୍ର ୭ ମାସ ପରେ ସେ ଚାଲିଗଲେ ।

ଏତେ ଶୀଘ୍ର ମରଣ ମୁଖରେ ପଡ଼ିବେ ବୋଲି ଗାନ୍ଧିଜୀ ହୁଏତ ଆଶା କରି ନ ଥିଲେ; ତେବେ ବି ସରକାରର ତ୍ରୁଟି ବିଚ୍ୟୁତିକୁ ଦର୍ଶାଇବାରେ ସେ ହେଳା କରି ନ ଥିଲେ, ଯଦିଓ ସରକାର ଜବାହରଲାଲ ନେହରୁଙ୍କ ନେତୃତ୍ୱରେ ଚାଲୁଥିଲା । ଗାନ୍ଧିଜୀ ଗୋଟିଏ ଲେଖା ଲେଖିଥିଲେ, ଯାହାକୁ ତାଙ୍କ 'ଅନ୍ତିମବାଣୀ' ବୋଲି କୁହାଯାଏ । ସେଥିରେ ଦୁଇଟି ମୂଳକଥା ଥିଲା । ପ୍ରଥମ ହେଲା କଂଗ୍ରେସକୁ ବିସର୍ଜନ କରିଦେବା, ଯାହାଫଳରେ ବିଭିନ୍ନ ରାଜନୀତିକ ମତବାଦକୁ ଭିତ୍ତିକରି ଭିନ୍ନ ଭିନ୍ନ ରାଜନୀତିକ ଦଳ ସୃଷ୍ଟି ହେବେ ଓ ଭାରତର ସଂସଦୀୟ ଗଣତନ୍ତ୍ରକୁ ମଜବୁତ କରିବେ । ଦ୍ୱିତୀୟ କଥା ହେଲା ଲୋକସେବକ ସଂଘ ନାମରେ ଗୋଟିଏ ସଂଘ ରହିବ ଯେ ଦଳୀୟ ରାଜନୀତି କରିବ ନାହିଁ ଓ ନିଃସ୍ୱାର୍ଥପର ଭାବରେ ଲୋକଙ୍କ ସେବା କରିବ । ନିଜର ନିଖୁଣ ମହାମାନବୀୟ ଦୂରଦୃଷ୍ଟି ବଳରେ ଗାନ୍ଧିଜୀ ଜଳଜଳ କରି ଦେଖିପାରୁଥିଲେ ଯେ ସ୍ୱାଧୀନତା ପରେ କଂଗ୍ରେସ ରହିଲେ ତାହା କ୍ରମେ କ୍ଷମତାପିପାସୁ ସ୍ୱାର୍ଥାନ୍ୱେଷୀ ନେତାମାନଙ୍କର ସଙ୍ଗଠନରେ ପରିଣତ ହେବ । ଅନେକ ପୂର୍ବରୁ ଏପରିକି ୧୯୨୫ ମସିହାରେ ସେ ଲେଖିଥିଲେ ଯେ 'ମୁଁ ଚିଠି ପାଉଛି ଯେ କଂଗ୍ରେସ ଭିତରକୁ ବିଶୃଙ୍ଖଳା ଓ ଭ୍ରଷ୍ଟାଚାର ପଶି ଆସୁଛି । ଏପରି ଲୋକ କଂଗ୍ରେସକୁ ଆସୁଛନ୍ତି ଯାହାଙ୍କର ଉଦ୍ଦେଶ୍ୟ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କଂଗ୍ରେସକୁ ବ୍ୟବହାର କରିବା ।' କଂଗ୍ରେସ ସଙ୍ଗଠନ ଉଦ୍ଦିଷ୍ଟ ଥିଲା ଭାରତକୁ ସ୍ୱାଧୀନ କରିବା ପାଇଁ । ଗାନ୍ଧିଜୀ ଯଥାର୍ଥରେ ଭାବିଥିଲେ ଯେ ତାଙ୍କ ସ୍ୱପ୍ନର ଭାରତ ଓ ତାର ସମାଜ ଗଠନରେ କଂଗ୍ରେସ କିଛି କାମ ଦେବ ନାହିଁ ।

Digitized by srujanika@gmail.com

ବିଧିର ବିଧାନ ଅଲଗା । ସେ ଆମଠୁ ଗାନ୍ଧିଜୀଙ୍କୁ ଛଡ଼ାଇ ନେଲା । ତାଙ୍କ ସ୍ୱପ୍ନ ସାର୍ଥକ କରିବାକୁ ସେ ବଞ୍ଚିରହିଲେ ନାହିଁ । କଂଗ୍ରେସକୁ ବିସର୍ଜନ କରିବା ପାଇଁ ଗାନ୍ଧି ଦେଇଥିବା ପ୍ରସ୍ତାବକୁ ଅଖିଳ ଭାରତ କଂଗ୍ରେସ କମିଟି ପ୍ରତ୍ୟାଖ୍ୟାନ କଲା । ଗାନ୍ଧିଜୀଙ୍କ ଅନ୍ତିମ ଇଚ୍ଛାକୁ ସମ୍ମାନ ଦେବାକୁ ଜୟପ୍ରକାଶ ସ୍ମରଣ କରାଇ ଦେଲେ ମଧ୍ୟ କିଛି ଫଳ ଦେଲା ନାହିଁ । କ୍ଷମତା ଉପଭୋଗ କରିବାକୁ କଂଗ୍ରେସ ରହିଲା । ଭାରତର ଜନଜୀବନରେ ଏହାର ବୀଭତ୍ସ ପ୍ରଭାବ ଓ ପରିଣତି ଆଜି ସମସ୍ତଙ୍କ ଆଗରେ ସ୍ପଷ୍ଟ । ନେହେରୁ ଓ ତାଙ୍କ ଭଳି କଂଗ୍ରେସ ନେତାମାନେ ଗାନ୍ଧୀଙ୍କ ଅନ୍ତିମ ବାଣୀକୁ ନ ମାନିବାରୁ ଗାନ୍ଧିଙ୍କ ସତର୍କବାଣୀ ସତ ହେଲା ।

ସ୍ୱାଧୀନ ଭାରତ ସରକାରଙ୍କର ପ୍ରଥମ ଭୁଲ ହେଲା ସମ୍ବିଧାନ ବିଧାୟକ ସଭାର ସେଇ ସର୍ବସମ୍ମତ ପ୍ରସ୍ତାବଟି କାର୍ଯ୍ୟକାରୀ ନ କରିବା ଯାହାକୁ, ନାଥୁରାମ ଗଡ୍‌ସେ ଗାନ୍ଧିଙ୍କୁ ମାରିବା ପରିପ୍ରେକ୍ଷୀରେ, ସାଂପ୍ରଦାୟିକତାକୁ ଜବତ୍ କରିବା ପାଇଁ, ସମ୍ବିଧାନ ସଭା ଗ୍ରହଣ କରିଥିଲା । ଶ୍ରୀ ଅନନ୍ତ ଶୟନମ୍ ଆୟାଙ୍ଗାର ଯିଏ ପରେ ଲୋକସଭାର ବାଚସ୍ପତି ହୋଇଥିଲେ ୧୯୪୮ ଏପ୍ରିଲ ୧୩ ତାରିଖରେ ସମ୍ବିଧାନ ସଭାରେ ନିମ୍ନ ପ୍ରସ୍ତାବଟି ଆଣିଥିଲେ । 'ଦେଶର ଏକତା ଓ ଅଖଣ୍ଡତା ଦୃଷ୍ଟିରୁ ଭାରତର ଜନଜୀବନରୁ ସାଂପ୍ରଦାୟିକତାକୁ ସମୂଳେ ଲୋପ କରିବାକୁ ହେବ । ଅତଏବ ଯେଉଁ ସାଂପ୍ରଦାୟିକ ସଙ୍ଗଠନ ନିଜ ସମ୍ବିଧାନରେ କିମ୍ବା ନିଷ୍ପତ୍ତି ବଳରେ କୌଣସି ବ୍ୟକ୍ତିଙ୍କୁ ଧର୍ମ, ଜାତିଆଣ କିମ୍ବା ଗୋଷ୍ଠୀ ଭିତ୍ତିରେ ସଭ୍ୟ କରିବ କିମ୍ବା ସଭ୍ୟପଦରୁ ବାଦ୍ ଦେବ ସେ ସଙ୍ଗଠନକୁ ସମ୍ପ୍ରଦାୟର ସୀମିତ ତଥା ପ୍ରକୃତ ଧାର୍ମିକ, ସାଂସ୍କୃତିକ ଓ ଶିକ୍ଷାଗତ କାର୍ଯ୍ୟଛଡ଼ା ଅନ୍ୟ ସାର୍ବଜନୀନ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ । ଏଥିପାଇଁ ଆବଶ୍ୟକୀୟ ଆଇନଗତ ଓ ପ୍ରଶାସନିକ ପଦକ୍ଷେପ ନିଆଯିବ ।' - ଏ ପ୍ରସ୍ତାବ କାର୍ଯ୍ୟକାରୀ ହେଲା ନାହିଁ । ଏହା କାର୍ଯ୍ୟକାରୀ ହୋଇଥିଲେ ସାଂପ୍ରଦାୟିକତା କିମ୍ବା ସାଂପ୍ରଦାୟିକ ସଙ୍ଗଠନ ନିଜର ବିଷଧାରୀ ଫଣା ଉଠାଇ ପାରି ନ ଥାନ୍ତେ । ଏଭଳି ଦେଶରକ୍ଷାକାରୀ ପ୍ରସ୍ତାବ କାହିଁକି ଅକାମୀ ହେଲା ତା'ର କାରଣ ମଧ୍ୟ କେହି କହୁ ନାହାନ୍ତି । ସାମ୍ପ୍ରଦାୟିକତା - ଅପରାଧ ଓ ଭ୍ରଷ୍ଟାଚାର ସହ ସଲା ହୋଇ, ଦେଶକୁ କର୍କଟ ରୋଗ ଭଳି ଗ୍ରାସି ଚାଲିଛି ।

ଦେଶର ବର୍ତ୍ତମାନ ଅବସ୍ଥାକୁ ଟିକିଏ ଅନୁଧ୍ୟାନ କରାଯାଉ । ୧୯୯୫ ମସିହାରେ ଦେଶର ତତ୍କାଳୀନ ଗୃହସଚିବ ଶ୍ରୀ ଭୋରା ସରକାରଙ୍କୁ ଏକ ରିପୋର୍ଟ ଦେଲେ । ଗୁଇନ୍ଦା ବିଭାଗର ତଥ୍ୟକୁ ଭିତ୍ତିକରି ସେ ଲେଖିଲେ ଯେ ମାଫିଆ ବା ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କର ଜାଲ ଦେଶସାରା ବିଛେଇ ହୋଇଯାଇଛି । ଏହା ସମାନ୍ତରାଳ ସରକାର ଚଳାଉଛି ଓ ବୈଧ ସରକାରୀକଳକୁ ଅକାମୀ କରିଦେଇଛି । ଅପରାଧୀ

Digitized by srujanika@gmail.com

ଗ୍ୟାଙ୍ଗ, ସ୍ମଗଲର ଗ୍ୟାଙ୍ଗ, ଡ୍ରଗ ମାଫିଆ, ଅସ୍ତ୍ରଧାରୀ ବାହିନୀ ଓ କଳାବଜାରୀ ପୁଞ୍ଜିପତି ଗୋଷ୍ଠୀ ଦିନକୁ ଦିନ ବଢ଼ି ଚାଲିଛନ୍ତି ଓ ବ୍ୟାପି ଚାଲିଛନ୍ତି । କିଛି ବର୍ଷ ହେଲା ସେମାନଙ୍କର ବ୍ୟାପକ ସମ୍ପର୍କସୂତ୍ର ଗଢ଼ି ଉଠିଛି ଓ ସେମାନଙ୍କ ନିବିଡ଼ ସମ୍ପର୍କରେ ବଡ଼ ଅଫିସର, ସ୍ଥାନୀୟ ସରକାରୀ କର୍ମକର୍ତ୍ତା, ରାଜନେତା, ସାମ୍ବାଦିକ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ବେସରକାରୀ ବ୍ୟକ୍ତି ରହିଛନ୍ତି । ଏହି ଗ୍ୟାଙ୍ଗ୍ ବା ସିଣ୍ଡିକେଟ୍‌ମାନଙ୍କର ବିଦେଶରେ ସମ୍ପର୍କ ସୂତ୍ର ଅଛି । ବିଦେଶୀ ଗୁପ୍ତଚର ସଂସ୍ଥାମାନଙ୍କ ସହ ମଧ୍ୟ ଏମାନଙ୍କର ଯୋଗାଯୋଗ ଅଛି । ବଡ଼ ସ୍ମଗଲିଙ୍ଗ ଗ୍ୟାଙ୍ଗମାନଙ୍କର କୁକର୍ମ ଅର୍ଥନୈତିକ କ୍ଷେତ୍ରରେ ବ୍ୟାପକ । ହାୱାଲା ଦେଣନେଣ, କଳାଟଙ୍କା କାରବାର ଓ ବୀଭତ୍ସ ସମାନ୍ତରାଳ ଅର୍ଥବ୍ୟବସ୍ଥା ଦ୍ୱାରା ସେମାନେ ଆମ ଅର୍ଥନୀତିକୁ ଅତି ଦୁର୍ବଳ କରି ପକାଇଛନ୍ତି । ଏହି ବଡ଼ ଗ୍ୟାଙ୍ଗମାନେ ଯଥେଷ୍ଟ ଅର୍ଥବଳ, ଗୁଣ୍ଡାବଳ ଓ ସାମାଜିକ ପ୍ରତିଷ୍ଠା ହାସଲ କରିଛନ୍ତି ଏବଂ ସରକାରୀ କଳକୁ ମୂଳରୁ ଚୂଳ ପର୍ଯ୍ୟନ୍ତ ଭ୍ରଷ୍ଟ କରି ଦେଇଛନ୍ତି, ଯାହା ଫଳରେ ତଦନ୍ତକାରୀ ଓ ଦଣ୍ଡପ୍ରଦାନକାରୀ ସଂସ୍ଥାମାନଙ୍କର ହାତ ଏମାନଙ୍କ ବେକରେ ପଡ଼ି ବା ଏକପ୍ରକାର ଅସମ୍ଭବ ହୋଇ ପଡ଼ିଛି । ଏପରିକି ବିଚାର ବିଭାଗର ଲୋକେ ମଧ୍ୟ ଏମାନଙ୍କର ପ୍ରେମଫାଶରୁ ବାଦ୍ ପଡ଼ି ନାହାନ୍ତି ।

ଅପରାଧୀକରଣ ସମ୍ପର୍କରେ ସ୍ୱୟଂ ସ୍ୱରାଷ୍ଟ୍ର ସଚିବଙ୍କର ଏପରି ଭୟାବହ ରିପୋର୍ଟ ଉପରେ ସମସ୍ତ ରାଜନୀତିକ ଦଳ ଐକ୍ୟବଦ୍ଧ ପ୍ରତିକ୍ରିୟା ପ୍ରକାଶ କରିବା କଥା । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ତତ୍‌କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ଚୌହାନଙ୍କ ଦ୍ୱାରା ଆହୂତ ସର୍ବଦଳୀୟ ବୈଠକ ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନେଇପାରିଲା ନାହିଁ । ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ରାଜନୀତିକଦଳମାନଙ୍କର ଚେତା ପଶି ନାହିଁ ଓ ସେମାନେ ଦାୟିତ୍ୱହୀନ ଭାବେ କାର୍ଯ୍ୟ କରୁଛନ୍ତି ।

ଦେଖିଲେ ଦୁଃଖ ଲାଗୁଛି ଯେ ଗଣତନ୍ତ୍ରର ସର୍ବୋଚ୍ଚ ସଂସ୍ଥା ସଂସଦରେ ଲୋକ ପ୍ରତିନିଧି ଭାବେ କେତେକ ଅପରାଧୀ ପୃଷ୍ଠଭୂମିର ବ୍ୟକ୍ତି ମଧ୍ୟ ଆସନ ଦଖଲ କରିଛନ୍ତି । ଲୋକସଭାରେ ସେଭଳି ସଦସ୍ୟଙ୍କ ସଂଖ୍ୟା ପ୍ରାୟ ୪୦ । ଆଉଟଲୁକ୍ ପତ୍ରିକାର ସମ୍ପାଦକ ବିନୋଦ ମେହେଟ୍ଟା ସେଇସବୁ ଦଳର ନେତାମାନଙ୍କୁ ଚିଠି ଲେଖିଲେ ଯାହାଙ୍କର ଲୋକସଭା ସଭ୍ୟ ଅପରାଧୀ ଭାବେ ଚିହ୍ନଟ ହୋଇଛନ୍ତି । ନେତାମାନେ ଚିଠିର ଉତ୍ତର ଦେବା ଦୂରର କଥା, ପ୍ରାପ୍ତି ସ୍ୱୀକାର ମଧ୍ୟ କଲେ ନାହିଁ । ଉତ୍ତର ପ୍ରଦେଶର ପୂର୍ବ ବିଧାନସଭାରେ ୧୮୫ ସଭ୍ୟଙ୍କର ଅପରାଧୀ ରେକର୍ଡ଼ ଥିଲା । ଗତ ୧୯୯୬ ନିର୍ବାଚନରେ ସେଠାରେ ପ୍ରାୟ ୫୦୦ ଅପରାଧୀ ମୁଖ୍ୟ ରାଜନୀତିକ ଦଳମାନଙ୍କରୁ ପ୍ରାର୍ଥୀ ହୋଇଥିଲେ । ଅବସରପ୍ରାପ୍ତ ସି.ବି.ଆଇ. ଅଧିକାରୀ ଶ୍ରୀ ଏନ. କେ. ସିଂହ ତାଙ୍କ ସ୍ମରଣୀୟ ପୁସ୍ତକ 'ପ୍ଲେନ ଟ୍ରୁଥ୍' (ଖାଣ୍ଟି ସତ) ବହିରେ ଦର୍ଶାଇଛନ୍ତି

Digitized by srujanika@gmail.com

କିପରି ନିଜ ଉପରେ ପଡ଼ିଲେ ରାଜନେତା ଓ ବଡ଼ ଅଫିସର ତଦନ୍ତ ଓ ବିଚାର ପ୍ରକ୍ରିୟାକୁ ଭଣ୍ଡୁର କରିଦିଅନ୍ତି । କିସ୍‌ସା କୁର୍ସିକା ମାମଲା, ଚିନି ସ୍କାମ, ସେଣ୍ଟ କିଟ୍‌ସ ଜାଲିଆତି ଇତ୍ୟାଦି ଘଟଣା ପ୍ରମାଣ କରୁଛି ଯେ ଆଇନ ପ୍ରକ୍ରିୟାକୁ ବିଫଳ କରିବାକୁ ମାରାତ୍ମକ ଚକ୍ରାନ୍ତ ଚାଲିଛି ।

ଭ୍ରଷ୍ଟାଚାର ଦୁନିଆ ସାରା ହେଉଛି ବୋଲି କହି ଇନ୍ଦିରା ଗାନ୍ଧୀ ନିଜ ମାନସିକ ଦୁର୍ବଳତାହିଁ ପ୍ରଦର୍ଶନ କରିଥିଲେ । ବର୍ଲିନର ଗୋଟିଏ ସଙ୍ଗଠନ ଗତ ବର୍ଷ ତଥ୍ୟ ସଂଗ୍ରହ କରି ଭାରତକୁ ସବୁଠାରୁ ଅଧିକ ଭ୍ରଷ୍ଟ ଦେଶମାନଙ୍କ ତାଲିକାରେ ରଖିଥିଲେ । ପାକିସ୍ଥାନ, ଇଣ୍ଡୋନେସିଆ, ଫିଲିପାଇନ୍‌ସ ଓ ଇଟାଲୀର ନାଁ ସେଥିରେ ଥିଲା । ଏକ ମୋଟାମୋଟି ହିସାବରୁ ଜଣାପଡ଼ିଛି ଯେ ନରସିଂହ ରାଓଙ୍କ ଅମଳରେ ପ୍ରାୟ ପଚାଶ ହଜାର କୋଟି ଟଙ୍କାର ଦେଶଧନ ବ୍ୟାଙ୍କ ସ୍କାମ, ହାଓଲା, ଚିନି ସ୍କାମ ଓ ଟେଲି ଯୋଗାଯୋଗ ଆଦି ଭ୍ରଷ୍ଟାଚାରରେ ଲୁଟ ହୋଇ ଶାସନରେ ଥିବା ଖଳନାୟକଙ୍କ ପାଖକୁ ଯାଇଛି । ନରସିଂହ ରାଓ ଏତେ ସତ୍ତ୍ୱେ ଇସ୍ତଫା ଦେଇ ନ ଥିଲେ । ଏବେ ସ୍ପଷ୍ଟ ପ୍ରମାଣିତ ହୋଇଛି ଯେ ରାଓ ସରକାର ବାସ୍ତବରେ ଭ୍ରଷ୍ଟାଚାରର ଗଙ୍ଗୋତ୍ରୀ । ନରସିଂହ ରାଓ ୧୯୯୧ରେ ଉଦାରୀକରଣ ଓ ଜଗତୀକରଣର ଯେଉଁ ଭୁଲ ନୀତିକୁ ଡାକି ଆଣିଲେ, ଭ୍ରଷ୍ଟାଚାର ତାର ସହୋଦର ଭାଇ ଭାବେ ବହୁଗୁଣିତ ହୋଇ ଜନଜୀବନରେ ବ୍ୟାପିଗଲା । ଗାନ୍ଧୀଙ୍କ ଅମଳରୁ ଆମେ ସ୍ୱଦେଶୀ, ସ୍ୱାବଲମ୍ବନ ଓ ସମ୍ପୂର୍ଣ୍ଣ ରୋଜଗାରର ଯେଉଁ ଅବଧାରଣାକୁ ଉତ୍ତରାଧିକାରୀ ଭାବେ ପାଇଥିଲେ ସେ ନୀତିକୁ ଆମେ ଗୋଇଠା ମାରିଦେଲୁ । ଜଗତୀକରଣ ଆମ ସମ୍ବିଧାନର ପବିତ୍ର ମୌଳିକ ନୀତିର ବିରୋଧୀ । ଚିଲିର ରାଷ୍ଟ୍ରପତି ଆଇନ୍ଦେଙ୍କୁ ଆମେରିକାର ନିର୍ଦ୍ଦେଶରେ ହତ୍ୟା କରାଯାଇଥିବା କଥା କେହି ଭୁଲିପାରିବେ ନାହିଁ । ଚିଲିର ରାଷ୍ଟ୍ରପତି ଆଇନ୍ଦେ ବହୁରାଷ୍ଟ୍ରୀୟ କମ୍ପାନୀ ଅଧୀନରେ ଥିବା ନିଜ ଦେଶର ତମ୍ବାଖଣିକୁ ନିଜ ଦେଶ ହିତ ଦୃଷ୍ଟିରୁ ଓ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବାକୁ ଯାଇ ଜାତୀୟକରଣ କରିବାରୁ ତାଙ୍କୁ ଆମେରିକା ନିର୍ଦ୍ଦେଶରେ ରାଷ୍ଟ୍ରପତି ଭବନରେ ହତ୍ୟା କରାଯାଇଥିଲା । ପେପ୍‌ସିକୋଲା ଓ କୋକାକୋଲା ଭଳି ବହୁରାଷ୍ଟ୍ରୀୟ କମ୍ପାନୀ ଯୋଉ ଦେଶକୁ ଯାଇଛନ୍ତି, ସେ ଦେଶରେ ଯାବତୀୟ ଅପରାଧ ଘଟାଇଛନ୍ତି । ସେଭଳି ଗୋଟିଏ କମ୍ପାନୀ ଏନ୍.ରନ୍. ବଡ଼େଇକରି କହିଲା ଯେ ଭାରତୀୟଙ୍କୁ ପାଠ ପଢ଼ାଇବା ପାଇଁ ସେ ଷାଠିଏ କୋଟି ଟଙ୍କା ଖର୍ଚ୍ଚ କରିଛି, ଅନ୍ୟ ଭାଷାରେ କହିଲେ ସେ ଲାଞ୍ଚ ଦେଇଛି ।

ସରକାର ଦାବି କରୁଛି ଯେ ବିଗତବର୍ଷମାନଙ୍କରେ ଗରିବ ଲୋକଙ୍କ ସଂଖ୍ୟା କମିଛି । ଅଥଚ ପ୍ରୟୋଗାତ୍ମକ ଅର୍ଥନୀତି ଗବେଷଣାର ଜାତୀୟ ପରିଷଦ ସ୍ପଷ୍ଟ କରିଛି ଯେ ଦେଶର ଶତକଡ଼ା ୫୨ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ । ସେଇ

Digitized by srujanika@gmail.com

ଦରିଦ୍ର ଲୋକଙ୍କ ମଧ୍ୟରୁ ଅଧେ ଦିନକୁ ଦଶଟଙ୍କା ବି ରୋଜଗାର କରିବା ଅବସ୍ଥାରେ ନ ଥିବାବେଳେ ବାକି ୫୦% ଦିନକୁ ଖୁବ୍ ବେଶି ଅଢ଼େଇରୁ ପାଞ୍ଚଟଙ୍କା ଯାଏ ରୋଜଗାର କରନ୍ତି । ନିକଟରେ ମହାରାଷ୍ଟ୍ରର ଅମରାବତୀ ଜିଲ୍ଲାର ମହାଘାଟ ତାଲୁକରେ ୩୦୦ ପିଲା ଖାଦ୍ୟ ନ ପାଇ ମରିଗଲେ । କିଛିଦିନ ତଳେ ଓଡ଼ିଶାର ମରୁଡ଼ି-ଅନାହାର ମୃତ୍ୟୁ ପ୍ରପୀଡ଼ିତ ଜିଲ୍ଲା କଳାହାଣ୍ଡିରେ ୩୦୦ରୁ ଅଧିକ ଲୋକ ଭଲ ପିଇବାପାଣି ନ ପାଇ ପେଟରୋଗରେ ମଲେ । କିନ୍ତୁ ଏ ସଂଖ୍ୟା ତାଳରୁ ତିଳେ । ଅନାହାର ମୃତ୍ୟୁ ଏକ ସର୍ବଭାରତୀୟ ଘଟଣା ହୋଇଗଲାଣି । ଯେତେବେଳେ ଆମ ଜୀବନ କ୍ରମେ ମୂଲ୍ୟବୋଧହୀନ ହୋଇ ଚାଲିଛି, ଗଣ୍ଡିଏ ଖାଇ ଖଣ୍ଡିଏ ପିନ୍ଧି ଚଳିବା ମୁସ୍କିଲ ହୋଇପଡ଼ିଛି; ସେତିକିବେଳେ ରାଜନେତାମାନଙ୍କର ଦୁର୍ନୀତି ଆମ ସାଧାରଣ ଜୀବନକୁ ଆହୁରି ପଙ୍ଗୁ କରି ଦେଇଛି ଓ ଆମ ଅସ୍ତିତ୍ୱକୁ ବିପନ୍ନ କରିଛି । ସଂସଦୀୟ ଗଣତନ୍ତ୍ର ସଫଳ ହେବାକୁ ହେଲେ ରାଜନୀତିରେ ନୈତିକତା ରହିବା ଏକାନ୍ତ ଆବଶ୍ୟକ । ଆମେ ସଂସଦୀୟ ଗଣତନ୍ତ୍ରକୁ ଜୀବନର ଧାରା ବୋଲି ଗ୍ରହଣ କରିନେଇଛୁ । ସମ୍ବିଧାନ ବିଶାରଦ ଆଇଭର ଜେନିଂ କହିଛନ୍ତି, 'ଜଣେ ମନ୍ତ୍ରୀର ମୌଳିକ ଯୋଗ୍ୟତା ହେଲା ସାଧୁତା ଓ ସଚ୍ଚୋଟପଣିଆ । ଏହି ଯୋଗ୍ୟତା ମନ୍ତ୍ରୀ ପାଖରେ ଥିବା ଯଥେଷ୍ଟ ନୁହେଁ, ଏହା ଅଛି ବୋଲି ଜଳଜଳ ଦିଶୁଥିବା ଦରକାର ।' ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲା ଦୃଢ଼ ଭାବେ କହିଥିଲେ, ''ସାଧାରଣ ଜୀବନରେ ଥିବା ଲୋକ ନାଁରେ ଅଭିଯୋଗ ଯେ ନ ହେବ, ସେକଥା ନୁହେଁ । କିନ୍ତୁ ଅଭିଯୋଗ ହେବାମାତ୍ରେ ଦୋଷମୁକ୍ତି କିମ୍ବା ସ୍ୱାବ୍ୟସ୍ତ ହେବାପାଇଁ ତଦନ୍ତ ଆବଶ୍ୟକ ।''

ଶାସନକଳ ଲୋକ ପ୍ରତିନିଧିଙ୍କ ନିକଟରେ ଉତ୍ତରଦାୟୀ ରହିବାଟା ହିଁ ଗଣତନ୍ତ୍ରର କଷଟି ପଥର । ୧୯୫୬ ମସିହା ନଭେମ୍ବର ୨୪ ତାରିଖରେ ଲୋକସଭାରେ ପଣ୍ଡିତ ନେହେରୁ ଏ ସମ୍ପର୍କରେ ମାର୍ଗ ନିର୍ଦ୍ଦେଶ କରିଥିଲେ । ରେଳ ଦୁର୍ଘଟଣାରେ ମର୍ମାହତ ହୋଇ ଲାଲବାହାଦୁର ଶାସ୍ତ୍ରୀ ମନ୍ତ୍ରିମଣ୍ଡଳରୁ ଦେଇଥିବା ଇସ୍ତଫାକୁ ଗ୍ରହଣ କରି ନେହେରୁ କହିଥିଲେ - 'ଏ ଦେଶରେ ଯାହା ଘଟୁଛି ତାହାର ଚୂଡ଼ାନ୍ତ ଦାୟିତ୍ୱ ଭାରତ ସରକାରର । ଆମେ ସେ ଦାୟିତ୍ୱରୁ ଖସିଯିବାକୁ ଚାହୁଁନା । ଆମେ ସ୍ୱୀକାର କରୁଛୁ ଯେ ରେଳବିଭାଗରେ ଯାହା ଘଟିବ ତାର ଦାୟିତ୍ୱ ବିଶେଷଭାବରେ ରେଳ ମନ୍ତ୍ରଣାଳୟର, ଯଦିଓ ସରକାରର ଅନ୍ୟମାନେ ମଧ୍ୟ ସେଥିରେ ଅଂଶୀଦାର ।' ଅଥଚ କିଛିଦିନ ତଳେ ଉତ୍ତରପ୍ରଦେଶରେ ପୁରୁଷୋତ୍ତମ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାୟ ପାଞ୍ଚଶହ ଲୋକ ମଲେ ଓ ମନ୍ତ୍ରୀ ଇସ୍ତଫା ଦେବାକୁ ସଂସଦରେ ବାରମ୍ବାର ଦାବି ହେଲେ ମଧ୍ୟ ତତ୍‌କାଳୀନ ରେଳମନ୍ତ୍ରୀ ଇସ୍ତଫା ଦେବା ଦୂରର କଥା ସେ ବିଷୟରେ ଚିନ୍ତା ମଧ୍ୟ

Digitized by srujanika@gmail.com

କଲେ ନାହିଁ । ନିଜେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ସେତେବେଳେ ରେଳବିଭାଗ ଦାୟିତ୍ୱରେ ଥିଲେ, କାରଣ ରେଳମନ୍ତ୍ରୀ ଜାଫର ଶରିଫ ଚିକିତ୍ସା ପାଇଁ ଲଣ୍ଡନରେ ଥିଲେ ।

ଆମେ ଯେତେବେଳେ ଗାନ୍ଧିଜୀଙ୍କ ମହାନ୍ ନେତୃତ୍ୱରେ ସ୍ୱାଧୀନତାର ଲଢ଼େଇ ଲଢୁଥିଲୁ, ସେତେବେଳେ ଦୁନିଆର ଦେଶମାନଙ୍କ ମଧ୍ୟରେ ଆମ ଭାରତର ନୈତିକ ଭାବମୂର୍ତ୍ତି ଖୁବ୍ ଜାଜ୍ୱଲ୍ୟମାନ ଥିଲା । ସ୍ୱାଧୀନତା ପରେ ଆମେ ଯେ ସେ ସୁନାମ ହରାଇଛୁ, ଏହା ଜଣାଶୁଣା କଥା । ଭାରତର ସାଧାରଣ ଜୀବନରେ ସବୁକ୍ଷେତ୍ରରେ ହୋଇଥିବା ଏ ପତନ ପାଇଁ କେବଳ ସରକାରରେ ଥିବା ନେତା ଦାୟୀ ନୁହନ୍ତି, ସବୁ ଦଳ ଓ ମତବାଦର ରାଜନେତା, ବୁଦ୍ଧିଜୀବୀ ଓ ଅଭିଜାତବର୍ଗ ଏଥିପାଇଁ ସମାନ ଭାବରେ ଦାୟୀ । ଏହା ଆନନ୍ଦର କଥା ଯେ ବିଚାରପତିମାନେ ଏ ଜମାଟବନ୍ଧା ଅନ୍ଧାରରେ ଦୀପଶିଖା ହୋଇ ଲୋକଙ୍କ ଆସ୍ଥା ଲାଭ କରିଛନ୍ତି ।

ବର୍ଲିନର ନୂଆ ସଂଗ୍ରହାଳୟରେ ଅନ୍ୟ ଦୁର୍ଲଭବସ୍ତୁ ସହ ମହାତ୍ମାଗାନ୍ଧୀଙ୍କ ସ୍ମୃତି ମଧ୍ୟ ସାଇତା ହୋଇ ରହିଛି । ଭାରତର ଜାତିର ଜନକଙ୍କ ପାଇଁ ଜର୍ମାନ କର୍ତ୍ତୃପକ୍ଷ ସଂଗ୍ରହାଳୟରେ ସ୍ୱତନ୍ତ୍ର ସ୍ଥାନ ଦେଇଛନ୍ତି । ଅହିଂସ ସତ୍ୟାଗ୍ରହକୁ ସମଗ୍ର ଦୁନିଆ ଆଗରେ ସବୁପ୍ରକାର ଏକଛତ୍ରବାଦର ସଫଳ ଆୟୁଧ ବୋଲି ପ୍ରତିପାଦିତ କରିବାକୁ ମହାତ୍ମାଙ୍କ ନିମିତ୍ତ ଉଦ୍ଦିଷ୍ଟ କକ୍ଷର ପ୍ରବେଶ ଦ୍ୱାରରେ ଆଇନଷ୍ଟାଇନଙ୍କ ବିଖ୍ୟାତ ଉକ୍ତି ଉଲ୍ଲିଖିତ ହୋଇଛି - ''ଆଗାମୀ ବଂଶଧରମାନେ ବିଶ୍ୱାସ କରିପାରିବେ ନାହିଁ ଯେ ରକ୍ତମାଂସ ଶରୀର ଧରି ଏଭଳି ଜଣେ ମଣିଷ ପୃଥିବୀ ଉପରେ କେବେ ପାଦ ରଖିଥିଲେ ।'' ଗାନ୍ଧିଜୀଙ୍କ ବାଣୀ ସହ ଏକ ବିରାଟ ଚିତ୍ର ପ୍ରବେଶ ପଥରେ ଦର୍ଶକଙ୍କୁ ସ୍ୱାଗତ କରୁଛି । ଗାନ୍ଧିଜୀଙ୍କର ବାଣୀ ହେଲା - 'ସତ୍ୟାଗ୍ରହ ଏପରି ଏକ ଅସ୍ତ୍ର ଯାହା ନୀରବରେ ଓ ଧୀରେ ଧୀରେ କାମ କଲାଭଳି ଜଣାଯାଏ କିନ୍ତୁ ବାସ୍ତବରେ ତା ଭଳି ତୀକ୍ଷ୍ଣ ଓ ବିଚକ୍ଷଣ ଅସ୍ତ୍ର ନାହିଁ ।' .... 'ଏକ ରାଜନୀତିକ ଅସ୍ତ୍ର ଭାବେ ଅହିଂସାତ୍ମକ ପ୍ରତିରୋଧ ଆଜି ବି ନବୀନ । ଏହାର ସମ୍ଭାବନା ଏବେବି ଅଜଣା ରହିଥିବାରୁ ଲୋକେ ଓ ପ୍ରଚାର ମାଧ୍ୟମ ଏଥିପ୍ରତି ଆକୃଷ୍ଟ ହୋଇପାରି ନାହାନ୍ତି ।' ଲେଖାରେ ଆହୁରି କୁହାଯାଇଛି ଯେ ଅଚଳ ଅମଲାତନ୍ତ୍ର, ଅସ୍ତ୍ର ପ୍ରତିଯୋଗିତା ଓ ଏକଛତ୍ରବାଦ ବିରୋଧରେ ଅହିଂସା ଏକ ସଫଳ କ୍ରମବର୍ଦ୍ଧିଷ୍ଣୁ ଶକ୍ତି । ଯେକୌଣସି ପ୍ରକାର ହିଂସା ବିରୋଧରେ ଏହା ସବୁଠାରୁ ଫଳପ୍ରଦ ଓ ଶକ୍ତିଶାଳୀ ଶକ୍ତି । କକ୍ଷରେ ସୁଶୋଭିତ ହୋଇଛି ବ୍ରିଟିଶ ବିରୋଧରେ ଗାନ୍ଧିଜୀଙ୍କ ଅହିଂସାତ୍ମକ ସଂଗ୍ରାମର ସଂକ୍ଷିପ୍ତ ବିବରଣୀର ଫଟୋଚିତ୍ର ଓ ମାଞ୍ଚେଷ୍ଟରର ବୟନଶିଳ୍ପ

Digitized by srujanika@gmail.com

ଶ୍ରମିକଙ୍କ ସହ ସାକ୍ଷାତ୍, ସ୍ୱଦେଶୀ ବସ୍ତ୍ର ବ୍ୟବହାର ପାଇଁ ଆହ୍ୱାନ, ବ୍ରିଟିଶ ବସ୍ତ୍ର ବର୍ଜନ ଓ ଦହନ, ଦାଣ୍ଡିଯାତ୍ରା ଓ ଭାରତଛାଡ଼ ଡାକରା ଆଦି ଘଟଣାର ବିରଳ ଚିତ୍ର ।

ଜର୍ମାନୀର ସାଧାରଣ ମଣିଷ ମନରେ ଗାନ୍ଧୀଙ୍କ ପଦାଙ୍କ ଅନୁସରଣ କରିବାର ଆକାଂକ୍ଷା ତୀବ୍ର ହୋଇଉଠିଛି । ସତେଯେପରି ସେମାନେ ଗାନ୍ଧିଜୀଙ୍କୁ ତାଙ୍କର ତ୍ରାଣକର୍ତ୍ତା ବୋଲି ମାନି ନେଇଛନ୍ତି । ଆମେ ଏଥିରୁ ଶିଖିବା ଉଚିତ । ଆମ ଦେଶ ଓ ସମାଜକୁ ଧ୍ୱଂସମୁଖରୁ ରକ୍ଷା କରିବା ପାଇଁ ସଶକ୍ତ ଜନ ଆନ୍ଦୋଳନ ଗଢ଼ି ତୋଳିବାକୁ ଆମେ ସଂକଳ୍ପବଦ୍ଧ ହେବା ଆବଶ୍ୟକ ।

ଅନ୍ଧକାର ଯେତେ ଗାଢ଼ ହେଲେ ମଧ୍ୟ ସବୁବେଳେ ଆଶାର କିରଣ ଦେଖାଦେଇଥାଏ । ପ୍ରତିଷ୍ଠିତ ସଂସ୍ଥାମାନଙ୍କଦ୍ୱାରା ଗବେଷଣାଲବ୍ଧ ତଥ୍ୟରୁ ଜଣାଯାଏ ଯେ ସଂଭ୍ରାନ୍ତ ଲୋକଙ୍କ ଅପେକ୍ଷା ଗରିବ ଲୋକ ହିଁ ଗଣତନ୍ତ୍ରକୁ ନିଜର ଗରଜ ଭାବି ରକ୍ଷା କରୁଛନ୍ତି । ସବୁଠୁ ଗରିବ ମହିଳା ମଧ୍ୟ ଭୋଟର ମହତ୍ତ୍ୱ ବୁଝୁଛି । ଯେତେବେଳେ ବୈଧତା ନେଇ ସଙ୍କଟ ଦେଖା ଦେଇଛି ଲୋକେ ସରକାର ଓ ସଂସ୍ଥା ଉପରେ ଦୋଷ ଦେଇଛନ୍ତି କିନ୍ତୁ ଗଣତନ୍ତ୍ର ପ୍ରତି ନିଜର ଆସ୍ଥା ଅତୁଟ ରଖୁଛନ୍ତି । ଲୋକେ ଗଣତନ୍ତ୍ର ଉପରେ ବିଶ୍ୱାସ ଅବ୍ୟାହତ ରଖିଥିଲାବେଳେ ରାଜନେତାମାନେ ନିଜର ବିଶ୍ୱସନୀୟତା ହରାଇ ବସିଛନ୍ତି । ନିର୍ବାଚନ କମିଶନ ରାଜନୀତିକ ଦଳ ଅପେକ୍ଷା ଅଧିକ ସମ୍ମାନ ଅର୍ଜନ କରିଛନ୍ତି ।

ଅଣରାଜନୀତିକ ଲୋକ ସମୂହ ହିଁ ଭାରତର ସବୁଠୁ ବଡ଼ ରାଜନୀତିକ ବଳ । କିନ୍ତୁ ରାଜନୀତିକ ଜୀବନର ମୁଖ୍ୟଧାରାକୁ ଲୋକଙ୍କୁ ଅଣାଯାଇ ନାହିଁ । ଜନସାଧାରଣଙ୍କୁ ଶକ୍ତିଶାଳୀ କରିବାକୁ ହେଲେ ଏଭଳି ଏକ ବ୍ୟାପକ ଜନଆନ୍ଦୋଳନ ଲୋଡ଼ା, ଯେଉଁ ଆନ୍ଦୋଳନ ସମାନତାର ଆଦର୍ଶ ସହ ଗାନ୍ଧୀଙ୍କର ସତ୍ୟାଗ୍ରହ ଓ ଗଠନମୂଳକ କାର୍ଯ୍ୟ ପ୍ରତି ନିଷ୍ଠାବାନ୍ ହେବ । ଏଭଳି ଆନ୍ଦୋଳନରେ ଅଂଶୀଦାର ହେବାକୁ ଚାହୁଁଥିବା ନିଷ୍ଠାପର ବ୍ୟକ୍ତି ଏ ଦେଶରେ ଅନେକ ଅଛନ୍ତି । ସେମାନେ ଏକାଠି ବସି ଏ ସମ୍ପର୍କରେ ବିଚାର-ଆଲୋଚନା କରିବା ଆବଶ୍ୟକ । ଗାନ୍ଧିଜୀଙ୍କର ଗଣଆନ୍ଦୋଳନ ଓ ସାହିତ୍ୟ ନୂତନ ଜନ ଆନ୍ଦୋଳନର ମାର୍ଗଦର୍ଶକ ହେବ ।

ଦକ୍ଷିଣଆଫ୍ରିକା ଓ ଭାରତରେ ଗାନ୍ଧିଜୀଙ୍କ ଅଭିଯାନର ଅନୁଭୂତି ଦୁନିଆର କ୍ରାନ୍ତିକାରୀ ଜ୍ଞାନ ଭଣ୍ଡାରର ଅଂଶ ହୋଇଗଲାଣି । ଆମେ ସେଥିରୁ ପ୍ରେରଣା ନେବା । ମାର୍ଟିନ ଲୁଥର କିଙ୍ଗଙ୍କର ଏକ ସ୍ମରଣୀୟ ଉକ୍ତି ଉଦ୍ଧାର କରି ମୁଁ ମୋର ବକ୍ତବ୍ୟ ସମାପ୍ତ କରିବି । କିଙ୍ଗ କହିଥିଲେ, "ମୁଁ ଅନ୍ୟ ଦେଶକୁ ଭ୍ରମଣ କରିବାକୁ ଯାଏ କିନ୍ତୁ ଭାରତ ଆସିଛି ତୀର୍ଥଯାତ୍ରୀ ହୋଇ । ମୋ ପାଇଁ ଭାରତ ଅର୍ଥ ହେଉଛି ମହାତ୍ମା ଗାନ୍ଧୀ :

Digitized by srujanika@gmail.com

ଯୁଗ ଯୁଗ ପାଇଁ ଜଣେ ମହାପୁରୁଷ । ଭାରତ ଏଭଳି ଏକ ଭୂମି ଯେଉଁଠି ସାମାଜିକ ପରିବର୍ତ୍ତନ ପାଇଁ ଅହିଂସାର ଅସ୍ତ୍ର ଶାଣିତ ହୋଇଛି ଯାହାକୁ ମୋ ଲୋକେ ଆମେରିକାର ଦକ୍ଷିଣାଞ୍ଚଳରେ ବ୍ୟବହାର କରିଛନ୍ତି । ସେ ଅସ୍ତ୍ର ଆମପାଇଁ ଫଳପ୍ରଦ ଓ ସ୍ଥାୟୀ ପ୍ରମାଣିତ ହୋଇଛି ।'' ଆମେ କ'ଣ କିଙ୍ଗ୍‌ଙ୍କର ଏହି କଥାର କିଛି ଶିକ୍ଷିବାର ଆତ୍ମିକ ସାହସ ଜୁଟାଇ ପାରିବା ନାହିଁ ? ଯଦି ପାରିବା, ତେବେ ହୁଏତ ଆମର ଦେଶ ଓ ସମାଜ ବଞ୍ଚିଯିବ । (ରବି ରାୟ)

(ଶ୍ରୀଯୁକ୍ତ ରାୟଙ୍କର ଏହି ଲେଖା ପ୍ରଥମେ ଇଂରାଜୀରେ ପ୍ରକାଶିତ ହୋଇଥିଲା । ଏବେ ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦିତ ହୋଇଛି । ଏହା ଉପରେ ବ୍ୟାପକ ଆଲୋଚନା ଚାଲିଛି ଏବଂ ଏହି ବିଚାର ମନ୍ଥନରୁ ଲୋକଶକ୍ତି ଅଭିଯାନ ନାମକ ସଙ୍ଗଠନ ସୃଷ୍ଟି ହୋଇଛି, ଯେଉଁଥିରେ ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତିଙ୍କଠାରୁ ଆରମ୍ଭ କରି ଆଦିବାସୀ ନେତା ପର୍ଯ୍ୟନ୍ତ ସବୁବର୍ଗର ଦେଶପ୍ରେମୀ ଲୋକେ ଅଛନ୍ତି ।)

ଲୋକଶକ୍ତି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଆଉ ଏକ ବିପ୍ଳବର ପଥ ପ୍ରସ୍ତୁତି । ଦୀର୍ଘ ଛଅଦ୍‌ଶନ୍ଧି ଭିତରେ ସ୍ୱାଧୀନ ଭାରତ ଭୌତିକ ସ୍ତରରେ ଯେଉଁ ପ୍ରଗତି କରିଛି, ତାହା ହେଉଛି ନୈତିକତା ଓ ମାନବିକତାର ବିନିମୟରେ । ଭାରତୀୟ ଗଣଜୀବନରେ ଯେଉଁ ସ୍ୱଚ୍ଛତା ଓ ସତ୍ୟନିଷ୍ଠା ରହିବା କଥା ତାହା ଅନ୍ତର୍ହିତ ହୋଇ ଯାଇଛି । ଭାରତୀୟ ଗଣତନ୍ତ୍ରରେ ଖାଲି ତନ୍ତ୍ରଟା ରହିଛି । କିନ୍ତୁ ଗଣ କେଉଁଠି ଆତ୍ମଗୋପନ କଲାପରି ଧାରଣା ହେଉଛି । ଏଭଳି ରାଜନୀତିକ ଦଳ ନାହିଁ, ଯିଏ ଦୁର୍ନୀତିରେ ଉବୁଟୁବୁ ନୁହେଁ । ଦୁର୍ନୀତିରୁ ମିଳୁଥିବା କଳାଟଙ୍କାକୁ ଖଟାଇ ଏମାନେ କ୍ଷମତାକୁ ଆସୁଛନ୍ତି । ଲୋକଙ୍କୁ ନେଇ ଏମାନଙ୍କର ବେପାର । ଗଣତନ୍ତ୍ରରେ ବସ୍ତୁତଃ ପ୍ରାଣ ନାହିଁ । କେବଳ ଛାଞ୍ଚଟାଏ ପଡ଼ିଛି । ଜୀବନବିହୀନ ଏକ ଶୃଙ୍ଖଳା କଙ୍କାଳ । ସମ୍ବିଧାନ ଅଛି, ଆଇନ ଅଛି । କିନ୍ତୁ ଏହା କେବଳ ସେଇ ଭ୍ରଷ୍ଟାଚାରୀ, କୁଚକ୍ରୀମାନଙ୍କର ସୁରକ୍ଷା ପାଇଁ ଓ ସେଇମାନଙ୍କର ଖେଳସାମଗ୍ରୀ ହୋଇଛି ।

ଏହି ଗଣତନ୍ତ୍ରର ଶତ୍ରୁମାନେ ତିନୋଟି ସ୍ତରରେ ବ୍ୟାପି ରହିଛନ୍ତି । ଭାରତର କୋଟି କୋଟି ଲୋକଙ୍କର ତିନୋଟି ମୁଖ୍ୟ ଶତ୍ରୁ । ଯେଉଁମାନେ ଭ୍ରଷ୍ଟାଚାରର ମୂଳହେତୁ । ରବି ରାୟଙ୍କ ବିଚାରରେ ଭାରତୀୟ ଗଣତନ୍ତ୍ରର ପ୍ରଥମ ଶତ୍ରୁ ହେଉଛି ଉଚ୍ଚସ୍ତରୀୟ ଭ୍ରଷ୍ଟାଚାର । ୧୯୯୪-୯୫ ମସିହାରେ ଭୋରା କମିଟି ରିପୋର୍ଟ ଦେଲା ଯେ ଭାରତବର୍ଷରେ ଗୋଟେ ସମାନ୍ତରାଳ ସରକାର ଚାଲିଛି । ଗୁଣ୍ଡା, ଭ୍ରଷ୍ଟାଚାରୀ, ଦୁର୍ନୀତିଗ୍ରସ୍ତ, ମାଫିଆମାନଙ୍କର ସରକାର ଦେଶରେ ଚାଲିଛି । ସେ କହିଲେ, ଅସଲ ସରକାର ହେଉଛି ଏହି ମାଫିଆ ସରକାର ।

Digitized by srujanika@gmail.com

ସେହିପରି ଭରେଲାଲ (I.A.S.) ଭିଜିଲାନ୍ସର ସେକ୍ରେଟାରୀ ଥିଲାବେଳେ ହିସାବ ଦେଇଥିଲେ ଯେ ଲକ୍ଷ ଲକ୍ଷ କୋଟି ଡଲାର ଭାରତୀୟମାନଙ୍କର ସୁଇସ୍ ବ୍ୟାଙ୍କରେ ଗଚ୍ଛିତ ହୋଇଛି । ଏ ଟଙ୍କା ହେଉଛି ପ୍ରକୃତରେ ଦେଶର ରାଜସ୍ୱ । ସମୂହଙ୍କର ଅର୍ଥ । ଏବେ ସରକାର କହୁଛନ୍ତି ଯେ ସରକାରଙ୍କର ଟଙ୍କା ନାହିଁ । ସେଥିପାଇଁ କୋଟି କୋଟି ଟଙ୍କା ବିଦେଶରୁ ଋଣ ଆସୁଛି । ଏହି ଋଣଭାରରେ ଦେଶ ରସାତଳଗାମୀ ହେବାକୁ ବସିଲାଣି । ଅଥଚ ଦେଶର କୋଟି କୋଟି ବିଲିଅନ ଡଲାର ଚୋରାରେ ସୁଇଜରଲ୍ୟାଣ୍ଡ ଚାଲିଯାଉଛି । କଳାଟଙ୍କା ଧଳାଟଙ୍କାକୁ ତଳିତଳାନ୍ତ କରିଦେଇ ସାରିଲାଣି । ଏହି ବ୍ୟବସ୍ଥାକୁ ମନି ଲଡ଼ରିଂ କୁହାଯାଏ । ଯାହା ହେଉଛି ଦେଶର ଅର୍ଥନୈତିକ ଦୁର୍ଗତିର ପ୍ରଥମ ଓ ପ୍ରଧାନ କାରଣ ।

ଦ୍ୱିତୀୟ ଶତ୍ରୁ ହେଉଛି କ୍ଷମତାର କେନ୍ଦ୍ରୀକରଣ । ଭାରତୀୟ ଗଣତନ୍ତ୍ରରେ ବିକେନ୍ଦ୍ରୀକରଣ ବ୍ୟବସ୍ଥାର ପ୍ରଚଳନ ପାଇଁ ସମ୍ବିଧାନ ପ୍ରସ୍ତୁତ କରାଯାଇଛି । ସଂପ୍ରତି ଲକ୍ଷ୍ୟ କରାଯାଉଛି ସବୁ କ୍ଷମତା ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ହାତରେ ଠୁଳ ହୋଇ ରହୁଛି । ଫଳରେ କ୍ଷମତାର ଅପବ୍ୟବହାର ହେବା ସ୍ୱାଭାବିକ । ଏହା ଫଳରେ ପରୋକ୍ଷରେ ଏକଛତ୍ରବାଦ ମୁଣ୍ଡ ଟେକି ଉଠୁଛି । ତଦ୍ୱାରା ଗଣତାନ୍ତ୍ରିକ ବ୍ୟବସ୍ଥାର ମୁଖ୍ୟ ଲକ୍ଷ୍ୟ - ଗଣଶାସନ ବାସ୍ତବରେ ଜଣଶାସନରେ ରୂପାନ୍ତରିତ ହୋଇଯାଉଛି ।

ତୃତୀୟରେ ସାଂପ୍ରତିକ ଜୀବନଧାରାରେ ଯେଉଁ ଭୋଗବାଦ ମୁଣ୍ଡ ଟେକି ଉଠିଛି ତାହା ମଧ୍ୟ ସର୍ବସାଧାରଣର ଆତ୍ମିକ ବିକାଶର ପରିପନ୍ଥୀ ହୋଇଛି । ଏହାହିଁ ଦୁର୍ନୀତି, ଭ୍ରଷ୍ଟାଚାରକୁ ପ୍ରୋତ୍ସାହନ ଯୋଗାଉଛି । ଭାରତର ହଜାର ହଜାର ବର୍ଷର ଐତିହ୍ୟ, ସଂସ୍କୃତି, ପରମ୍ପରା ଭୋଗବାଦ ଉପରେ ପର୍ଯ୍ୟବସିତ ନୁହେଁ । ଏହାର ମୂଳ ପ୍ରାଣଶକ୍ତି ହେଉଛି, ଅନ୍ତର୍ନିହିତ ପ୍ରେରଣା ହେଉଛି ଆଧ୍ୟାତ୍ମିକତା । ଯେଉଁଥିପାଇଁ ମୋଗଲ, ପଠାଣ, ଶକ, ହୁଣ, ଇଂରେଜ - ବହୁ ବିଦେଶୀ ଶତ୍ରୁଙ୍କ ଆଗମନ ଓ ହଜାର ବର୍ଷରୁ ଉର୍ଦ୍ଧ୍ୱକାଳ ପରାଧୀନତା ସତ୍ତ୍ୱେ ଭାରତୀୟ ଆତ୍ମାପୁରୁଷ ତଥାପି ଜାଜ୍ୱଲ୍ୟମାନ ଓ ଦୀପ୍ତିମନ୍ତ ରହି ବିଶ୍ୱକୁ ଆଲୋକ ଦେଖାଇ ଆସି ପାରିଥିଲା । ମାତ୍ର ସ୍ୱାଧୀନତାର ମାତ୍ର କେତେବର୍ଷ ଭିତରେ ଏହି ମୂଳସତ୍ତାକୁ ଭୋଗବାଦଦ୍ୱାରା ହତ୍ୟା କରାଯିବାର ପ୍ରୟାସ ଦେଖାଦେଇଛି । ଉଦାରୀକରଣ ମାଧ୍ୟମରେ ଏହି ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହୋଇଛି ।

ରବି ରାୟଙ୍କ ବିଚାରରେ ଏହି ତିନୋଟି ଶତ୍ରୁ ହେଉଛନ୍ତି ଭାରତୀୟ ଗଣତନ୍ତ୍ରର ତଥା ଶହେକୋଟିରୁ ଉର୍ଦ୍ଧ୍ୱ ଲୋକଙ୍କର ଶତ୍ରୁ । ଲୋକଶକ୍ତି ଅଭିଯାନର ଲକ୍ଷ୍ୟ ହେଉଛି, ଗାନ୍ଧୀ, ଲୋହିଆ, ଜୟପ୍ରକାଶ, ନେତାଜୀ, ଡ. ଆମ୍ବେଦକର, ଖାଁ ଅବଦୁଲ ଗଫର ଖାଁ ଓ ସର୍ବୋପରି ବିବେକାନନ୍ଦ - ଏଇ ସାତଜଣର ଆଦର୍ଶକୁ ସାମୂହିକ ଭାବରେ

Digitized by srujanika@gmail.com

ଉଜ୍ଜାଗର କରି ଏକ ନୂଆ ବିପ୍ଳବର ଆବାହନ କରିବା । ଉକ୍ତ ତିନୋଟି ଶତ୍ରୁଙ୍କ ବିରୋଧରେ ଲଢ଼େଇ କରିବା ପାଇଁ ଏମାନଙ୍କର ବାଣୀ, ଜୀବନାଦର୍ଶ ଓ ବାର୍ତ୍ତାକୁ ପୁନର୍ବାର ଲୋକଙ୍କ ଭିତରେ ପ୍ରଚାରିତ କରିବାକୁ ହେବ । ଲୋକଙ୍କ ଚେତନାରେ ତାକୁ ଆଉଥରେ ସଂଜୀବିତ କରେଇବାକୁ ହେବ । ସେମାନେ ଜନମାନସରେ ଉଜ୍ଜାଗର ଅଛନ୍ତି । ତାକୁ ଆଉଥରେ ଉଜ୍ଜୀବିତ କରେଇବା ହେବ ଏହି ଲୋକଶକ୍ତି ଅଭିଯାନର ମୁଖ୍ୟ ସାଧନ । ତାହାହେଲେ ଜାତୀୟ ଚରିତ୍ରରେ ନୈତିକତା ଓ ଆଧ୍ୟାତ୍ମିକତାର ପୁନଃସଞ୍ଚାର ସମ୍ଭବ ହେବ । ଗାନ୍ଧୀଙ୍କୁ ବାଦ ଦେଇ ଏହି ବିପ୍ଳବ କେବେ ବାସ୍ତବ ରୂପରେଖ ଗ୍ରହଣ କରିପାରିବ ନାହିଁ କିମ୍ବା ତାର ଲକ୍ଷ୍ୟ ସାଧନ ସମ୍ଭବ ହେବ ନାହିଁ । କଷ୍ଟଲବ୍ଧ ସ୍ୱାଧୀନତା ଭୁଶୁଡ଼ି ପଡ଼ିବ । ବେକାରୀ, ବେରୋଜଗାରୀ, ଦାରିଦ୍ର୍ୟ, ଉଚ୍ଚନୀଚ ଭେଦଭାବ, ଜାତିଆଣ ପ୍ରଥା, ବିଚ୍ଛିନ୍ନତାବାଦ, ସାମ୍ପ୍ରଦାୟିକତା ଦେଶର ସ୍ଥିତାବସ୍ଥାକୁ ଦୋହଲାଇ ଦେଇଛି । ଏହାର ପରିବର୍ତ୍ତନ ହିଂସା ମାଧ୍ୟମରେ ନୁହେଁ; କେବଳ ଅହିଂସା ମାଧ୍ୟମରେ ହିଁ ସମ୍ଭବପର । ଏଥିଲାଗି ଯୁବକମାନଙ୍କୁ ତ୍ୟାଗ କରିବାକୁ ପଡ଼ିବ ଓ ବହୁ ମୂଲ୍ୟ ଦେଇ ନିଜର ଭବିଷ୍ୟତ ଇତିହାସ ଲେଖିବାକୁ ହେବ । ସେମାନଙ୍କର ସ୍ଲୋଗାନ୍ ହେବ -

'ଅଗର ସଚ କହନା ବଗାବତ ହୈ - ତୋ ସମ୍‌ଝୋ ହମ୍‌ଭି ବାଗୀ ହେଁ ।

- ଅର୍ଥାତ୍ ସତକହିବା ଯଦି ବିଦ୍ରୋହ ହୁଏ, ତେବେ ମୁଁ ଜଣେ ବିଦ୍ରୋହୀ ।

ସମୁଦ୍ରର ଲହଡ଼ି ଯେତେବେଳେ ନିମନ୍ତ୍ରଣ କରେ, ସେତେବେଳେ ବେଳାଭୂଇଁ ଉପରେ ନିରାପଦରେ ଛିଡ଼ା ହୋଇ ରହିହେବ କିପରି ? ପ୍ରକୃତରେ ରବି ରାୟ ସ୍ଥିର ହୋଇ ରହିଯିବାକୁ ଚାହିଁ ନାହାନ୍ତି । ଅଧାବାଟରେ ଅଟକି ଯିବାକୁ ଉଚିତ ମନେ କରି ନାହାନ୍ତି । ସମାଜର ଏହି ଅଶାନ୍ତ ବିକ୍ଷୁବ୍ଧ ଉତ୍ତାଳ ତରଙ୍ଗ ଭିତରକୁ ଲମ୍ଫ ପ୍ରଦାନ କରିବା ପାଇଁ ତାଙ୍କ ଅନ୍ତରାତ୍ମା ତାଙ୍କୁ ଅନୁପ୍ରେରିତ କରିଛି ।

ରବି ରାୟ ଜାଣିଥିଲେ, ତ୍ୟାଗ, ତିତିକ୍ଷା, ଆତ୍ମୋତ୍ସର୍ଗ ବିନା ସମାଜ ଗଠନ କାର୍ଯ୍ୟ ଓ ପରିସ୍ଥିତିର ପରିବର୍ତ୍ତନ ଅସମ୍ଭବ । ଯଦି ଦେଶର ନବଯୁବକମାନେ ଆଗକୁ ନ ଆସିବେ, ତେବେ ଏ ତ୍ୟାଗ ବରଣ କରିବ କିଏ ସେ ? କିଏ ସେ ଆତ୍ମଦାନର ମହାଯଜ୍ଞରେ ପୁରୋଧା ସାଜିବ ? ଦୁନିଆର ସବୁ ଅଞ୍ଚଳରେ, ସବୁ ସମୟରେ ନୂଆ ଇତିହାସ ଗଢ଼ିଛନ୍ତି କେବଳ ଏଇ ଯୁବସମାଜ । ଭାଗ୍ୟ ଓ ଭବିଷ୍ୟତର ରୂପରେଖ ଦେଇଛନ୍ତି ଯୁବକ ଓ ଛାତ୍ରମାନେ । ଏବେ ସମୟ ଆସିଛି । ଯୁବଶକ୍ତିର ଜାଗରଣ ହିଁ ଅର୍ଥ, ଅସତ୍ୟ ଓ ପାଶବିକ ଶକ୍ତି ଉପରେ ଜନଶକ୍ତିର ପ୍ରତିଷ୍ଠା କରିପାରିବ ।

Digitized by srujanika@gmail.com

ଯୁବପ୍ରାଣ ଅସୀମ ଶକ୍ତିର ଉତ୍ସ । ତା ଭିତରେ କର୍ମ ପ୍ରେରଣାର ଅଗ୍ନି ପ୍ରଜ୍ୱଳିତ । ଯୌବନରେ ଆତ୍ମବିଶ୍ୱାସ ଓ ଉଦ୍ଦୀପନା ଭରପୂର ଥାଏ । ଦେଶ ଓ ଜାତି ପାଇଁ ସବୁପ୍ରକାର ତ୍ୟାଗ କରିବା ପାଇଁ ସେମାନେ ସଂକଳ୍ପ ନେଇପାରନ୍ତି । ନିଆଁକୁ ଡେଇଁ ପାରନ୍ତି । ସାଗରରେ ଲମ୍ଫ ପ୍ରଦାନ କରିପାରନ୍ତି । ପାହାଡ଼ ଚଢ଼ିପାରନ୍ତି । ଏଣୁ କେବଳ ଛାତ୍ର ଓ ଯୁବକମାନେ ହିଁ ସମ୍ପୂର୍ଣ୍ଣ ବିପ୍ଳବର ଧ୍ୱଜା ଧାରଣ କରିପାରିବେ । ଯାହା କରିବାକୁ ପ୍ରୌଢ଼ ଅସମର୍ଥ । କିନ୍ତୁ ଛାତ୍ର ଓ ତରୁଣମାନଙ୍କ ସହିତ ଜନଶକ୍ତି ଓ ନୈତିକ ଶକ୍ତିର ସମନ୍ୱୟ ଘଟିଲେ, ସେମାନେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ପରି ଅପରାଜେୟ ହୋଇଉଠିବେ ।

ରବି ରାୟ କହନ୍ତି - 'ବିପ୍ଳବକୁ କେହି ସୃଷ୍ଟି କରି ନାହାନ୍ତି । ପରିସ୍ଥିତି ଗର୍ଭରୁ ଏହାର ଜନ୍ମ । ବିପ୍ଳବୀ ନେତାମାନଙ୍କର ବିଶେଷତ୍ୱ ହେଲା ସେମାନେ ପରିସ୍ଥିତିର ନାଡ଼ିକୁ ଠିକଣା ଭାବରେ ଠଉରେଇ ପାରନ୍ତି । କେହି ସତ୍ୟାଗ୍ରହୀ ଭାବରେ ଜନ୍ମଗ୍ରହଣ କରି ନ ଥାଏ । ଗାନ୍ଧିଜୀ ମାଟିପିଣ୍ଡୁଳା ଭିତରୁ ମଣିଷ ସୃଷ୍ଟି କଲେ । ମୁଁ ଗାନ୍ଧୀ ନୁହେଁ; ମାତ୍ର ଆଜି ସମସ୍ତଙ୍କୁ ଗାନ୍ଧୀ ହେବାପାଇଁ ଯୁଗ ବାଧ କରୁଛି । ଆମ ପିଲାମାନେ ଗାନ୍ଧିଜୀଙ୍କ କାମ କରନ୍ତୁ ଓ ଗାନ୍ଧୀ ହୁଅନ୍ତୁ । ଏମାନଙ୍କ ଚରିତ୍ରର ବିକାଶ ଘଟୁ । ସେଇମାନେ ହିଁ ହେବେ ସମ୍ପୂର୍ଣ୍ଣ ବିପ୍ଳବର ସୈନିକ ଓ ସେନାପତି । ଏହା ହେବ ମାନବିକତାର ବିପ୍ଳବ । ଆନ୍ତରିକତାର ବିପ୍ଳବ । ସମ୍ପୂର୍ଣ୍ଣ କ୍ରାନ୍ତି ଏପରି ଏକ ବିପ୍ଳବ ଯହିଁରେ ଭାରତବର୍ଷର ଆଧ୍ୟାତ୍ମିକତା ପ୍ରତ୍ୟେକଟି ବ୍ୟକ୍ତି ଜୀବନରେ ପ୍ରକଟିତ ହେବ । ରାଜନୀତିକ, ଆର୍ଥିକ, ସାମାଜିକ, ସାଂସ୍କୃତିକ, ବୌଦ୍ଧିକ, ନୈତିକ, ଆଧ୍ୟାତ୍ମିକତା ଆଦି ବିଭିନ୍ନ କ୍ଷେତ୍ରରେ ଆସିବ ପରିବର୍ତ୍ତନ । କୌଣସି ବିପ୍ଳବ ଦିନକ ଭିତରେ ହୋଇଯାଏ ନାହିଁ । ସମ୍ପୂର୍ଣ୍ଣ କ୍ରାନ୍ତି ହେଉଛି ଆରୋହଣର ଏକ ପ୍ରକ୍ରିୟା । ଏହି କଷ୍ଟସାଧ ଆରୋହଣ ପ୍ରକ୍ରିୟା ଲାଗି ଯୁବକ ଯୁବତୀମାନଙ୍କୁ ଆଗେଇ ଆସିବାକୁ ପଡ଼ିବ ।

ସମ୍ପୂର୍ଣ୍ଣ ବିପ୍ଳବ - ଏହି ଆହ୍ୱାନକୁ ଶୁଣିବ କିଏ ? କିଏ ଆଗକୁ ପାଦ ବଢ଼ାଇବ ? ଦେଶର ଆଧ୍ୟାତ୍ମିକ ବିଶ୍ୱାସ ବୁଢ଼ାମାନଙ୍କର ଏକଚାଟିଆ ନୁହେଁ, ଏହା ସବୁବେଳେ ଯୁବକମାନଙ୍କର ଅନ୍ତଃଚେତନାକୁ ପ୍ରେରଣା ଯୋଗାଇ ଆସିଛି । ଜୀବନର କୁରୁକ୍ଷେତ୍ରରେ ହୃଷୀକେଶ ଯେତେବେଳେ ଆଧ୍ୟାତ୍ମ୍ୟର ପଞ୍ଚଜନ୍ୟ ବଜାଇଥିଲେ, ସେତେବେଳେ ସେ ବୃଦ୍ଧ ନ ଥିଲେ, ଥିଲେ ଯୁବକ । ଭାରତର ସର୍ବୋତ୍କୃଷ୍ଟ ତାରୁଣ୍ୟର ପ୍ରତୀକ - ଅର୍ଜୁନଙ୍କ ରଥର ସାରଥି ମଧ୍ୟ ଥିଲେ ସିଏ । ନିଜ ପ୍ରିୟା କୋଳରେ ନବଜାତ ଶିଶୁପୁତ୍ର ରାହୁଲକୁ ଛାଡ଼ିଦେଇ ରାଜପୁତ୍ର ସିଦ୍ଧାର୍ଥ ଯେତେବେଳେ ଅଦ୍ୱିତୀୟ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ବିପ୍ଳବର ରାସ୍ତାକୁ ଓହ୍ଲାଇ ଆସିଥିଲେ, ସେତେବେଳେ ସେ ଭଗବାନ୍

Digitized by srujanika@gmail.com

ବୃଦ୍ଧ ନ ଥିଲେ; ସେ ଥିଲେ ଯୁବକ ସିଦ୍ଧାର୍ଥ । ସେହିପରି ଅନନ୍ୟ ସଂସ୍କାରକ ଶଙ୍କରାଚାର୍ଯ୍ୟ ଦିଗ୍‌ବିଜୟ ଯାତ୍ରାରେ ବାହାରିବାବେଳେ କ'ଣ ତାଙ୍କୁ ବାର୍ଦ୍ଧକ୍ୟ ସ୍ପର୍ଶ କରିଥିଲା ? ନା, ସେ ଥିଲେ ତରୁଣ ! ସ୍ୱାମୀ ବିବେକାନନ୍ଦ ଚିକାଗୋର ଧର୍ମ ସମ୍ମିଳନୀରେ ଯେତେବେଳେ ବେଦାନ୍ତର ସାର୍ବଭୌମ ଧର୍ମର ଉଦ୍‌ଘୋଷଣା କଲେ ସେତେବେଳେ ସେ ବୃଦ୍ଧ ନ ଥିଲେ, ଥିଲେ ଯୁବକ । ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣ ବୈଷମ୍ୟର ଦାବାନଳ ଭିତରକୁ ଲମ୍ଫ ଦେଇ ଗାନ୍ଧୀ ଯେତେବେଳେ ଆଧ୍ୟାତ୍ମିକତାର ଆଗ୍ନେୟାସ୍ତ୍ର ପ୍ରୟୋଗ କଲେ, ସେତେବେଳେ ସେ ବି ବୃଦ୍ଧ ନ ଥିଲେ, ଥିଲେ ଯୁବକ । ଆଧ୍ୟାତ୍ମିକତା କେବଳ ବୁଢ଼ାମାନଙ୍କ ଘରେ ବସିବା ବିଷୟ ନୁହେଁ, ଏହା ତାରୁଣ୍ୟର ଉଚ୍ଛଳ ପ୍ରକାଶ । ଆତ୍ମାର ଶୀର୍ଷତମ ଉତ୍ତରଣ । ବିମୁକ୍ତିର ଇଙ୍ଗିତ । ପୂର୍ଣ୍ଣାଙ୍ଗ ଜୀବନ ପାଇଁ ନୀରବ ଆହ୍ୱାନ ।

ଯେଉଁ ନୂତନ ବିପ୍ଳବ ଆଡ଼କୁ ମୁଁ ଇଙ୍ଗିତ ଦେଉଛି, ତାର ସୈନିକ ବା ସେନାପତି ହେବେ ଏ ଦେଶର ତରୁଣ ତରୁଣୀମାନେ । ଏହି ସାଂସ୍କୃତିକ ବିପ୍ଳବ ବିନା ଭାରତର ଓ ଭାରତବାସୀଙ୍କର ଉତ୍ଥାନ ସମ୍ଭବ ନୁହେଁ । ଅନ୍ୟପକ୍ଷରେ ଭାରତର ସାଂସ୍କୃତିକ, ସାମାଜିକ ଓ ରାଜନୀତିକ ଜୀବନରେ ଯେଉଁ ଅବକ୍ଷୟ ଦେଖାଦେଇଛି ତାର ନିରାକରଣ ସମ୍ଭବ ହୋଇପାରିବ ।

ସମ୍ପୂର୍ଣ୍ଣ କ୍ରାନ୍ତି ଏପରି ଏକ ନୂଆ ସମାଜର ନିର୍ମାଣ ଚାହେଁ, ଯେଉଁଥିରେ ସବୁଠାରୁ କମ ତ୍ରୁଟି ରହିବ ଓ ଯାହା ଆଜିଠାରୁ ପୂରାପୂରି ସ୍ୱତନ୍ତ୍ର ଓ ନୂଆ । ଏଠି ସମସ୍ତେ ସୁଖ ଶାନ୍ତିରେ ରହିବେ । ଧନୀ ଦରିଦ୍ର ଭିତରେ ତାରତମ୍ୟ ରହିବ ନାହିଁ । ଶୋଷଣ ରହିବ ନାହିଁ । ସବୁ ତଳ ଶ୍ରେଣୀର ଲୋକେ ଉପରକୁ ଉଠିବେ । ଏହି ଆର୍ଥିକ ପରିବର୍ତ୍ତନ ଏକ ସମତୁଲ ସମାଜ ଗଠନରେ ସହାୟକ ହେବ । ଜାତୀୟ ଜୀବନରୁ ସମସ୍ତ କଳୁଷ ଧୋଇ ହୋଇଯିବ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ମନପ୍ରାଣ ହୋଇଯିବ ଗୋଟିଏ ।'

ବିକଳ୍ପ ସ୍ୱପ୍ନର ଅପମୃତ୍ୟୁ

୧୯୯୧ରେ ମଧ୍ୟବର୍ତ୍ତୀ ନିର୍ବାଚନରେ ରବି ରାୟ ବାଚସ୍ପତି ପଦରୁ ଅବ୍ୟାହତି ନେଇ କେବଳ ଲୋକସଭା ସଦସ୍ୟ ଭାବେ ୧୯୯୬ ମସିହା ପର୍ଯ୍ୟନ୍ତ ରହିଲେ । ଏହି ସମୟ ମଧ୍ୟରେ ଜଗତୀକରଣ, ଉଦାରୀକରଣ ନାମରେ କେନ୍ଦ୍ରର କଂଗ୍ରେସ ସରକାର ନୂତନ ଆର୍ଥିକ ସଂସ୍କାର ଆଣିଲେ । ଏହା ସାଧାରଣ ଜନତାଙ୍କ ଆର୍ଥିକ ଦୁର୍ଗତିର ପଥ ଉନ୍ମୁକ୍ତ ହୋଇଗଲା ବୋଲି ସେ ବାରମ୍ବାର ଲୋକସଭା ଭିତରେ ଓ ବାହାରେ ସ୍ୱର

Digitized by srujanika@gmail.com

ଉତ୍ତୋଳନ କଲେ । ଅପରାଧୀକରଣ ରାଜନୀତି କ୍ରମଶଃ ଅଧିକ ଆଧିପତ୍ୟ ବିସ୍ତାର କରିବାକୁ ଲାଗିଲା । ସେ ନିଜେ ଅନୁଭବ କଲେ ଯେ ବିଭିନ୍ନ ରାଜ୍ୟର ବିଧାନସଭା ଓ ଦେଶର ଲୋକସଭାରେ ଅପରାଧୀମାନେ ବହୁ ସଂଖ୍ୟାରେ ନିର୍ବାଚିତ ହୋଇ ଆସିଲେଣି । ଭ୍ରଷ୍ଟାଚାରର ଅସଲ କାରଣ - କେନ୍ଦ୍ରୀକରଣ ବୋଲି ରବି ରାୟ ବାରମ୍ବାର କହନ୍ତି । ଦେଶର ରାଜନୀତିକ ଓ ଆର୍ଥିକ ବ୍ୟବସ୍ଥାରେ ବିକେନ୍ଦ୍ରୀକରଣ ଗାନ୍ଧିଜୀଙ୍କ ବାଟରେ ଏକମାତ୍ର ବିକଳ୍ପ ବୋଲି ସେ ଦୃଢ଼ ବିଶ୍ୱାସ କରନ୍ତି ।

ଲୋକସଭା ତଥା ଶାସନ ବ୍ୟବସ୍ଥାରେ ମୂଲ୍ୟବୋଧ ଓ ନୈତିକତାର ଦ୍ରୁତ ହ୍ରାସ ଘଟୁଛି ବୋଲି ସେ ଅନୁଭବ କଲେ । ଏହି ମାନସିକ ବିଷାଦ ଓ ବିରାଗ ଯୋଗୁଁ ରବି ରାୟ ଆଉ ନିର୍ବାଚନ ଲଢ଼ିବେ ନାହିଁ ବୋଲି ନିଷ୍ପତ୍ତି ନେଲେ । ଅନ୍ୟ ଏକ ବଡ଼ କାରଣ ହେଲା, ତାଙ୍କ ବିଚାରରେ ମୁଖ୍ୟ ରାଜନୀତିକ ଦଳଗୁଡ଼ିକ କଂଗ୍ରେସର ଅର୍ଥନୀତି ଓ ଭ୍ରଷ୍ଟାଚାରକୁ ନିଜର କରି ନେଇଛନ୍ତି । ତେଣୁ ସେ ନିଜେ ଥିବା ଦଳ ଜନତାଦଳର ବହୁନେତା କଂଗ୍ରେସର ଆର୍ଥିକ ନୀତିକୁ ଗ୍ରହଣ କରିନେଲା ପରେ ଆଉ ନୀତିନିୟମକୁ ନେଇ ଦଳୀୟ ରାଜନୀତି ଅସମ୍ଭବ ବୋଲି ସେ ଠିକ୍ କରି କେନ୍ଦ୍ରସ୍ତରରେ ଜନତାଦଳରୁ ଅଲଗା ହୋଇ ଜର୍ଜ ଫର୍ଣ୍ଣାଡିଜଙ୍କ ସହ ଏକାଠି ହୋଇ ସମତା ପାର୍ଟି ତିଆରି କଲେ ।

ସମତା ପାର୍ଟିକୁ କେନ୍ଦ୍ରକରି ଓଡ଼ିଶାରେ ସମସ୍ତ ବାମପନ୍ଥୀଦଳମାନଙ୍କୁ ଏକାଠି କରି ଏକ ମିଳିତ ମଞ୍ଚ କରିବାରେ ରବି ରାୟ ମୁଖ୍ୟ ଭୂମିକା ନେଇଥିଲେ । ସି.ପି.ଆଇ. (ଏମ୍) ଓ ସି.ପି.ଆଇ. ଦୁଇଦଳ ବିଜୁବାବୁଙ୍କ ନେତୃତ୍ୱରେ ପରିଚାଳିତ ତତ୍‌କାଳୀନ ଓଡ଼ିଶାର ଜନତାଦଳରୁ ସମ୍ପର୍କ ଛିନ୍ନ କରି ରବି ରାୟଙ୍କ ନେତୃତ୍ୱରେ ରାଜ୍ୟରେ ଏକ ତୃତୀୟ ଶକ୍ତି ଗଠନ ପାଇଁ ଆଗେଇ ଆସିଲେ । ରବି ରାୟ ଏହାକୁ ଏକ ଚାଲେଞ୍ଜ ରୂପେ ଗ୍ରହଣ କରି ଓଡ଼ିଶାର ଅନ୍ୟସମସ୍ତ ବାମପନ୍ଥୀ ଓ ଗଣତାନ୍ତ୍ରିକ ଶକ୍ତିମାନଙ୍କୁ ଏକାଠି କରି ରାଜ୍ୟରେ ନୂଆ ଜନବାଦୀ ରାଜନୀତି ପାଇଁ ଅଭିଯାନ ଆରମ୍ଭ କଲେ । ଏହି ଅଭିଯାନରେ ସମତା ପାର୍ଟି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଭାରତୀୟ ମାର୍କସିଷ୍ଟ କମ୍ୟୁନିଷ୍ଟ ପାର୍ଟି, ଆଇ.ପି.ଏଫ., ଏସ.ୟୁ.ସି.ଆଇ., ବିଶ୍ୱନାଥ ପଣ୍ଡିତଙ୍କ ସୋସାଲିଷ୍ଟ ପାର୍ଟି, ଫରୱାଡ଼ ବ୍ଲକ, ଚନ୍ଦ୍ରଶେଖରଙ୍କ ସମାଜବାଦୀ ଜନତା ପାର୍ଟି ଏକାଠି ହୋଇ ଜଗତୀକରଣ ଅର୍ଥନୀତି ଓ ରାଜ୍ୟର ବିପର୍ଯ୍ୟସ୍ତ ରାଜନୀତି ବିରୋଧରେ ଏକ ନୂଆ ଜନଶକ୍ତି ଗଠନର ଆଶା ନେଇ ୧୯୯୫ ମସିହାରେ ରାଜ୍ୟ ବିଧାନସଭା ନିର୍ବାଚନରେ ଲୋକଙ୍କ କଥା କହିବା ପାଇଁ ଅନ୍ତତଃ କେତେକ ପ୍ରତିନିଧି ନିର୍ବାଚିତ ହେବାର ଆଶା ଓ ସ୍ୱପ୍ନ ଦେଖାଦେଇଥିଲା । ଏ ନେଇ ରବି ରାୟ ବେଶ୍ ଆଶାବାଦୀ ଥିଲେ । କିନ୍ତୁ ନିର୍ବାଚନ ପୂର୍ବରୁ ସି.ପି.ଆଇ. ଓ ସି.ପି.ଆଇ. (ଏମ୍) ପୁନର୍ବାର ବିଜୁ ପଟ୍ଟନାୟକଙ୍କ

Digitized by srujanika@gmail.com

ନେତୃତ୍ୱରେ ମିଳିତ ନିର୍ବାଚନରେ ଲଢ଼ିବାକୁ ସ୍ଥିର କରି ଉକ୍ତ ଅଭିଯାନରୁ ବିଦାୟ ନେଲେ । ଏହାଦ୍ୱାରା ରବି ରାୟଙ୍କର ଏକ ବିକଳ୍ପ ପରିକଳ୍ପନାର ସ୍ୱପ୍ନ ଆରମ୍ଭରୁ ହିଁ ଅପମୃତ୍ୟୁର ଶିକାର ହେଲା । ସମ୍ଭାବନା ସୃଷ୍ଟି ହେବା ପୂର୍ବରୁ ଶେଷ ହୋଇଗଲା ।

ତଥାପି ରବି ରାୟ ଭାଙ୍ଗି ପଡ଼ିଲେ ନାହିଁ । ରାଜନୀତିକ ବାଧବାଧକତାକୁ ପଛରେ ପକାଇ ନିଜ ନୀତି ଓ ପ୍ରତିଶ୍ରୁତିରେ ଅଟଳ ରହିଲେ । ନିର୍ବାଚନରେ କେତେକ ପ୍ରାର୍ଥୀ ଦେଲେ । ଯଦିଓ ସେ ପ୍ରାରମ୍ଭରୁ ହିଁ ଜାଣିଥିଲେ ଏହାର ପରିଣାମ ଓ ଫଳାଫଳ ସମ୍ପର୍କରେ । ନିର୍ବାଚନରେ କିଛି ଫଳ ମିଳିବାର ନ ଥିଲା । ସେ ଲଢୁ ନ ଥିଲେ କିମ୍ବା ଲଢ଼ିବାର ନ ଥିଲା । ତାଙ୍କ ସହ ଜନତାଦଳ ତ୍ୟାଗ କରି ପୂର୍ବତନ ସାଂସଦ ଗଣନାଥ ପ୍ରଧାନ, ଜୟପ୍ରକାଶ ଆନ୍ଦୋଳନ ବେଳର ସଂଗ୍ରାମୀ ପ୍ରଫୁଲ୍ଲ ସାମନ୍ତରା, ଚିତ୍ତରଞ୍ଜନ ମହାନ୍ତି, ଦଳିତ ନେତା ଶଶିଭୂଷଣ ବେହେରା ପ୍ରମୁଖ ରହିଥିଲେ । ଯଦିଓ ଅର୍ଥ ସମସ୍ୟା ସବୁଠୁ ଗୁରୁତର ଓ ପ୍ରଧାନ ସମସ୍ୟା ଥିଲା, ତଥାପି ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶିକ୍ଷକ, ଅଧ୍ୟାପକ, ଡାକ୍ତର, ଆଦର୍ଶ ଯୁବକମାନେ ରବି ରାୟଙ୍କ ଆଦର୍ଶ ଓ ଡାକରାରେ ଅନୁପ୍ରାଣିତ ହୋଇ ସମତା ପାର୍ଟିର ପ୍ରାର୍ଥୀ ହେବାକୁ ଆସିଥିଲେ ।

ନିର୍ବାଚନରେ କୌଣସି ସୁଫଳ ମିଳି ନ ଥିଲା । ସଫଳତା ବିଫଳତାର ମାପକାଠିରେ ମାପି ବସିଲେ ଏହି ରାଜନୀତିକ ସିଦ୍ଧାନ୍ତକୁ ଅନେକ ତତ୍ତ୍ୱବାଦୀ ଏକ ଭୁଲ ପଦକ୍ଷେପ ବୋଲି ବିଚାର କରିପାରନ୍ତି । ଅନେକ ଆହୁରି କହିପାରନ୍ତି ଯେ ଯଦି ରବି ରାୟ ଜନତାଦଳରୁ ସମ୍ପର୍କ ଛିନ୍ନ କରି ନ ଥାନ୍ତେ ହୁଏତ ସେ ମେଣ୍ଟ ସରକାରରେ ସର୍ବୋଚ୍ଚ ଓ ସମ୍ମାନଜନକ ଆସନର ଅଧିକାରୀ ହୋଇପାରିଥାନ୍ତେ । କିନ୍ତୁ ତାଙ୍କ ବିଚାରରେ ରାଜ୍ୟ ରାଜନୀତିରେ ବିଶେଷକରି ଜନସାଧାରଣଙ୍କ ଆଗରେ ଏକ ଦୁର୍ନୀତି ବିହୀନ ସ୍ୱଚ୍ଛ ରାଜନୀତିକ ବିକଳ୍ପ ପାଇଁ ବାତାବରଣ ସୃଷ୍ଟି କରିବା ଥିଲା ତାଙ୍କର ଉଦ୍ଦେଶ୍ୟ । କୌଣସି ବିକଳ୍ପ ନ ହୋଇପାରିବାରୁ ବିଜୁବାବୁଙ୍କ ସରକାରର ପତନ ପରେ ପୁଣି କଂଗ୍ରେସ କ୍ଷମତାକୁ ଆସିଲା । ତାଙ୍କ ଲକ୍ଷ୍ୟ ସାଧିତ ହୋଇ ପାରି ନ ଥିଲା । ଏହି ସ୍ୱପ୍ନଭଙ୍ଗ ଥିଲା ସକ୍ରିୟ ରାଜନୀତିର ଶେଷ ଇସ୍ତାହାର ।

ନିର୍ବାଚନ ପରେ ପରେ କେନ୍ଦ୍ରରେ ଜର୍ଜ ଫର୍ଣ୍ଣାଡିଜଙ୍କ ନେତୃତ୍ୱରେ ସମତାପାର୍ଟିର ଏକଭାଗ ଭାରତୀୟ ଜନତା ପାର୍ଟି ସହ ହାତ ମିଶାଇବା ପରେ ରବି ରାୟ ଶେଷ ନିଷ୍ପତ୍ତି ନେଲେ ଯେ ୧୯୯୬ ମସିହାର ଲୋକସଭା ନିର୍ବାଚନରେ ସେ ଆଉ ନିର୍ବାଚନ ଲଢ଼ିବେ ନାହିଁ ।

ଦେଶର ରାଜନୀତିକ ଦୃଶ୍ୟପଟ୍ଟ ଓ ଶାସନବ୍ୟବସ୍ଥାରେ ଯେଉଁ ଦ୍ରୁତ ମୂଲ୍ୟବୋଧର ହ୍ରାସ ଘଟୁଛି ତାହା ତାଙ୍କୁ ସବୁବେଳେ ବ୍ୟଥିତ କରୁଥିଲା । କ୍ରମଶଃ ଦେଶର ରାଜନୀତି

Digitized by srujanika@gmail.com

ଆଦର୍ଶବିହୀନ ଓ ଅନୈତିକ ହୋଇପଡୁଛି ବୋଲି ତାଙ୍କର ଚେତନାରେ ସନ୍ତୁଳନ ସୃଷ୍ଟି ହେଲା । ସେ ଭାବିଲେ, କଂଗ୍ରେସର ବିକଳ୍ପ ବି.ଜେ.ପି. ନୁହେଁ । ବରଂ ଏକ ନୂଆ ଆଦର୍ଶ ରାଜନୀତିକ ଶକ୍ତି ଭବିଷ୍ୟତର ଜନ ଆନ୍ଦୋଳନରୁ ତିଆରି ହେବ ବୋଲି ବିଶ୍ୱାସ ରଖି ୫୦ ବର୍ଷର ଘନିଷ୍ଠ ସହଯୋଗୀ ବନ୍ଧୁ ଜର୍ଜ ଫର୍ଣ୍ଣାଡିଜଙ୍କଠାରୁ ରବି ରାୟ ରାଜନୀତିକ ସମ୍ପର୍କ ତୁଟାଇଲେ ଓ ନିଜେ ଦଳୀୟ ରାଜନୀତିରେ ନ ରହି ଜନଜାଗରଣ କାର୍ଯ୍ୟ କରିବାପାଇଁ ନିଷ୍ପତ୍ତି ନେଲେ । ଏଥିସହ ସେ ଘୋଷଣା କଲେ ଯେ ଆଉ ନିର୍ବାଚନ ଲଢ଼ିବେ ନାହିଁ । ଓଡ଼ିଶାରେ ତାଙ୍କ ସହ ୩୦ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଯୁବ ସହଯୋଗୀମାନଙ୍କୁ ଡାକି ସେମାନେ ସ୍ୱାଧୀନ ଭାବରେ ନିଜ ନିଜର ଗଣତାନ୍ତ୍ରିକ ନିଷ୍ପତ୍ତି ନେବାକୁ ଆହ୍ୱାନ କଲେ । ସେ ସ୍ପଷ୍ଟ କରିଦେଲେ ଯେ କେବଳ ନିର୍ବାଚନ ଓ କ୍ଷମତା ରାଜନୀତି ପାଇଁ ନିଜର ବିଶ୍ୱାସ ଓ ଆଦର୍ଶକୁ ପରିବର୍ତ୍ତନ କରିପାରିବେ ନାହିଁ । ଯେଉଁମାନେ ଚାହିଁବେ ସେମାନେ ନିଜ ନିଜ ରାଜନୀତିକ ନିଷ୍ପତ୍ତି ନେଇପାରନ୍ତି । ୧୯୯୬ରେ ସମତା ପାର୍ଟି ଓଡ଼ିଶା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଶଦ ଆଲୋଚନା ହୋଇ ରବି ରାୟଙ୍କ ବିଚାରକୁ ଗ୍ରହଣ କରି ସର୍ବସମ୍ମତିକ୍ରମେ ଦଳର ଓଡ଼ିଶା ଶାଖାକୁ ଭାଙ୍ଗି ଦିଆ ଯାଇଥିଲା । ପରେ କେନ୍ଦ୍ରୀୟ ଦଳ ନୂତନଶାଖା ଗଠନ କରିଥିଲେ ।

ଏହି ରାଜନୀତିକ ନିଷ୍କ୍ରମଣ ଥିଲା ମହାକାଳର ଏକ ବିଡ଼ମ୍ବନା । ରାଜନୀତିକ ଘଟାଟୋପ ଭିତରେ ନିଜର ଆତ୍ମାକୁ ସାମିଲ କରିବା ଦିଗରେ ସେ ଆଉ ଆଗକୁ ପାଦ ବଢ଼ାଇଲେ ନାହିଁ । ଘନଘୋର ଅନ୍ଧକାର ଭିତରେ କ୍ଷୁଦ୍ର ଦୀପାଳିଟି ଯେପରି ଆଲୋକ ବିତରଣର ସ୍ପର୍ଦ୍ଧା କରୁଥାଏ; ଠିକ୍ ସେହିପରି ରାଜନୀତିରେ ମୂଲ୍ୟବୋଧ, ନୀତି, ଆଦର୍ଶକୁ ପୁନଃପ୍ରତିଷ୍ଠା କରିବା ପାଇଁ ସେ ଜନ ସଚେତନତାର ଆବଶ୍ୟକତା ଅନୁଭବ କଲେ । ତାଙ୍କର କର୍ମଆଭିମୁଖ୍ୟ ବଦଳିଗଲା । ନିର୍ବାଚନୀ ରାଜନୀତିର ମୋହଭଙ୍ଗ ଘଟିଲା । ନିଜ ବିଶ୍ୱାସ ଓ ଆଦର୍ଶର ପ୍ରଦୀପକୁ ଜଳାଇ ରଖିବାକୁ ସେ ଆଉ ଏକ କର୍ମଚର୍ଯ୍ୟାକୁ ଆଦରି ନେଲେ । ନୂଆ ଅଭିଯାନରେ ନୂଆ ସୋପାନରେ ପାଦ ଆପିଲେ । ତାଙ୍କ 'ଲୋକଶକ୍ତି ଅଭିଯାନ'ର ଏହାହିଁ ହେଉଛି ମୂଳପ୍ରେରଣା, ଅନ୍ତର୍ଗର୍ଭିତ ଭାବଉତ୍ସ ।

'ଲୋକଶକ୍ତି ଅଭିଯାନ' ପର୍ଯ୍ୟାୟରେ ରବି ରାୟ ଜଗତୀକରଣର ଦୁର୍ଦ୍ଦଶା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବାକୁ ସାରା ଭାରତ ବୁଲି ବୁଲି ସଭା ସମିତିମାନ କଲେ । ତାଙ୍କ ମତରେ ଗୋଟିଏ ଇଂରେଜ ବଣିକ ଜାତି ଏ ଦେଶକୁ ବାଣିଜ୍ୟ କରିବାକୁ ଆସି ଦେଶର ଭାଗ୍ୟକୁ ଶହ ଶହ ବର୍ଷର ପରାଧୀନତାର ଡୋରିରେ

Digitized by srujanika@gmail.com

ବାନ୍ଧି ଦେଇଥିଲା । ସମ୍ପ୍ରତି ଶହ ଶହ ହଜାର ହଜାର ସଂଖ୍ୟକ ବିଦେଶୀ ସଂସ୍ଥା ଭାରତରେ ବାଣିଜ୍ୟ କରିବାର ସୁଯୋଗ ପାଇ ଏ ଦେଶକୁ ସେମାନଙ୍କର ଚରାଭୂଇଁରେ ପରିଣତ କରିଦେଲେଣି । କଂଗ୍ରେସ ସରକାର ସମୟରୁ ଉଦାରୀକରଣ ପ୍ରକ୍ରିୟା ଆରମ୍ଭ ହୋଇ ବହୁ ଶାଖା ପ୍ରଶାଖା ମେଲିଗଲାଣି । ଯନ୍ତାରେ ପଡ଼ିଥିବା ମୂଷା ପରି ବିଦେଶୀ ସଂସ୍ଥାମାନଙ୍କର ଋଣଯନ୍ତାରେ ଦେଶବାସୀ ଓ ଦେଶ ସମ୍ପୂର୍ଣ୍ଣ କବଳିତ ହେବାକୁ ଆଉ ବେଶି ବିଳମ୍ବ ନାହିଁ । ଏହାଠାରୁ ବଳି ଚରମ ଦୁର୍ଭାଗ୍ୟ ଆଉ କ'ଣ ଥାଇପାରେ ! ଗାନ୍ଧିଜୀଙ୍କ ବିଦେଶୀ ବର୍ଜନ, ସ୍ୱଦେଶୀ ପରିକଳ୍ପନା ମୂଳରେ ଏହା କୁଠାରାଘାତ ତୁଲ୍ୟ । ଫଳରେ ଧୀରେ ଧୀରେ ଦେଶ ଆଉ ଏକ ଆର୍ଥନୀତିକ ପରାଧୀନତା ଆଡ଼କୁ ଅଗ୍ରସର ହେଉଛି - ଏହା ସ୍ୱୀକାର କରିବାରେ କୌଣସି ଦ୍ୱିଧା ନାହିଁ । ଆର୍ଥନୀତିକ ପରାଧୀନତା ହୁଏତ ରାଜନୀତିକ ସ୍ୱାଧୀନତାକୁ ବିଡ଼ମ୍ବିତ ଓ ଖର୍ବୀକୃତ କରିପାରେ - ଏପରି ଆଶଙ୍କା ମଧ୍ୟ ଅମୂଳକ ନୁହେଁ ।

ରବି ରାୟ ଏ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ତାଙ୍କ ଅଭିଯାନ ଜାରି ରଖିଛନ୍ତି । ସ୍ୱଦେଶୀ, ସ୍ୱାବଲମ୍ବନ ଓ ସାର୍ବଭୌମ ଅର୍ଥବ୍ୟବସ୍ଥାର ସୁରକ୍ଷା ପାଇଁ ଦେଶର ବିଭିନ୍ନ ସ୍ଥାନରୁ ବିଶେଷଜ୍ଞମାନଙ୍କୁ ଡକାଇ ସେ ଜନସାଧାରଣଙ୍କ ନିକଟରେ ତଥ୍ୟ ସହ ବିଚାର ରଖିଆସିଛନ୍ତି । ଆଜି ଯେଉଁ ରାଷ୍ଟ୍ରନୀତିଜ୍ଞ ଓ ଚିନ୍ତାନାୟକମାନେ କହୁଛନ୍ତି ଯେ ଜଗତୀକରଣ ବ୍ୟତିରେକେ ଭାରତବର୍ଷ ପାଇଁ ବିକଳ୍ପ ସମ୍ଭବପର - ସେମାନଙ୍କ ମଧ୍ୟରେ ଅଗ୍ରଣୀ ଭୂମିକାରେ ଅଛନ୍ତି ରବି ରାୟ ।

ଚତୁର୍ଦ୍ଦିଗରୁ ସାମୁଦ୍ରିକ ଝଡ଼ ପରି ଉଦାରୀକରଣ ପ୍ରକ୍ରିୟାର ସ୍ରୋତ ଦେଶ ଭିତରକୁ ଛୁଟୁଥିବାବେଳେ ରବି ରାୟଙ୍କର ଏହି ସ୍ୱଦେଶୀ, ସ୍ୱାବଲମ୍ବନ ପାଇଁ ଆହ୍ୱାନର ପ୍ରତିଧ୍ୱନି କ'ଣ ଓ କିପରି ହେବ ତାହା ସମୟ କହିବ । କିନ୍ତୁ 'ଏକଲା ଚଲୋ' ନୀତିରେ ଆଜି ବି ସେ ତାଙ୍କ ବିଶ୍ୱାସର ପଥରେ ଏକ କ୍ଳାନ୍ତପଥିକ ପରି ଆଗେଇ ଚାଲିଛନ୍ତି । ଜରା, ବାର୍ଦ୍ଧକ୍ୟ କିଛି ତାଙ୍କର ପଥରୋଧ କରିପାରି ନାହିଁ ।

ମିଳିତ ସରକାର ସମୟରେ ଆନ୍ଧ୍ରର ରାଜ୍ୟପାଳ ପଦବୀ ଖାଲି ପଡ଼ିଲା, ଶ୍ରୀଯୁକ୍ତ କୃଷ୍ଣକାନ୍ତ ଉପରାଷ୍ଟ୍ରପତି ହେଲାପରେ । ସେତେବେଳେ ଦିଲ୍ଲୀ ସରକାରର ଅଂଶୀଦାର ଦଳ ତେଲୁଗୁଦେଶମ । ଚନ୍ଦ୍ରବାବୁ ନାଇଡୁ ଯାହାକୁ ଚାହିଁବେ ସେ ହିଁ ହେବେ ଆନ୍ଧ୍ରର ରାଜ୍ୟପାଳ । ହଠାତ୍ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଆସି ରବି ରାୟଙ୍କ ପାଖରେ ହାଜର । ଆନ୍ଧ୍ର ରାଜଭବନକୁ ରାଜ୍ୟପାଳ ଭାବରେ ଆମନ୍ତ୍ରଣ କରିବା ପାଇଁ । ବହୁ ଅନୁରୋଧ । ବେଶ୍ ଆନ୍ତରିକ ମଧ୍ୟ । ରବି ରାୟ କୃତଜ୍ଞତା ପ୍ରକାଶ କରି କହିଲେ - 'ମୋ ଉପରେ ଆପଣଙ୍କର ଏ ବିଶ୍ୱାସ ଓ ଆସ୍ଥା ପାଇଁ ଧନ୍ୟବାଦ ଜଣାଉଛି । କିନ୍ତୁ

Digitized by srujanika@gmail.com

ଆପଣଙ୍କ ଅନୁରୋଧ ମୁଁ ରକ୍ଷା କରିପାରୁ ନାହିଁ । କ୍ଷମା କରିବେ । ମୁଁ ଆଉ ଏ ସବୁ ପଦ ପଦବୀ ପାଇଁ ଆଗ୍ରହୀ ନୁହେଁ । ବରଂ ଲୋକଙ୍କ ପାଖକୁ ଯିବାପାଇଁ ପ୍ରତିଶ୍ରୁତିବଦ୍ଧ ।'

ଅନେକ ରାଜନେତା ଚାହାନ୍ତି ପରିଣତ ବୟସରେ କିଛି ବଡ଼ ପଦବୀରେ ରହିଲେ ଅନ୍ତତଃ ବୁଲାବୁଲି କରିପାରିବେ ଓ ସ୍ୱାସ୍ଥ୍ୟର ଯତ୍ନ ନେଇପାରିବେ । କିନ୍ତୁ ରବି ରାୟ ଏ ପ୍ରଲୋଭନରୁ ମୁକ୍ତ ଥିଲେ ।

'ଇଣ୍ଡିଆନ ଏକ୍ସପ୍ରେସ'ର ପ୍ରଥମ ପୃଷ୍ଠାରେ ବାହାରିଗଲା ଯେ ରବି ରାୟ ଆନ୍ଧ୍ର ରାଜଭବନରେ ନୂଆ ଅତିଥି ହେଉଛନ୍ତି ବୋଲି । ରବି ରାୟଙ୍କ ସହଯୋଗୀ ପ୍ରଫୁଲ୍ଲ ସାମନ୍ତରା ତାଙ୍କୁ ଫୋନ କଲେ ବଧେଇ ଜଣାଇବାକୁ ଓ ଘଟଣାର ସତ୍ୟାସତ୍ୟ ଜାଣିବାକୁ । ରବି ରାୟଙ୍କ ଉତ୍ତର ଥିଲା - 'ତୁ କ'ଣ ଚାହୁଁଛୁ ମୁଁ ଚାକିରି କରିବି ?'

କ୍ଷମତା ରାଜନୀତିର ଉଠାଣି ଗଡ଼ାଣି ରାସ୍ତାରେ ଦୀର୍ଘପଥ ଅତିକ୍ରମି ଆସିଥିବା ରବି ରାୟ ଚାହିଁଥିଲେ ପୁଣି ଥରେ ରାଜ୍ୟପାଳ ପଦବୀ ମଣ୍ଡନ କରିପାରିଥାନ୍ତେ । କିନ୍ତୁ ମୋହମୁକ୍ତ ଭାବରେ ସେ ଏ ଆକର୍ଷଣକୁ ପ୍ରତ୍ୟାଖାନ କରିଥିଲେ । ପରିଣତ ବୟସରେ ଅତୀତର ଯୁବ ସୋସାଲିଷ୍ଟ ମାନସିକତାକୁ ଫେରିଆସିଲେ । ଫେରିଆସି ପୁଣି ରାଜନୀତି ଓ ସମାଜର ପରିବର୍ତ୍ତନ ପାଇଁ କାମ କରି ଚାଲିଛନ୍ତି । ତାଙ୍କ ମତରେ - ଆହୁରି ଅନେକଦୂର ଯିବାକୁ ହେବ... । କେଉଁଠି ଅନ୍ଧାର ତ କେଉଁଠି ଆଲୁଅ । କେଉଁଠି କଣ୍ଟା ତ କେଉଁଠି ଫୁଲ... ତଥାପି ପଥ ଯେ ସରି ନାହିଁ... ଆହୁରି ଆହୁରି... ଦୂରକୁ ଯିବାକୁ ହେବ... ।

ଏବଂ ଶେଷରେ

ଜଣେ ଦେଶପ୍ରେମୀଙ୍କର ଜୀବନର ଅୟମାରମ୍ଭ ହେଲା ଏକ ଅଖ୍ୟାତପଲ୍ଲୀର ଏନ୍ତୁଡ଼ିଶାଳରୁ । କୁଆଁ କୁଆଁ ଡାକରୁ । ଜଣେ ସରଳ, ନିଷ୍କପଟ ମା'ର ପ୍ରାଣ ସ୍ପନ୍ଦନରୁ । ମୁଗ୍ଧ ଅନୁଭବରୁ । ପ୍ରଗାଢ଼ ଭଲପାଇବାରୁ । ଅସରନ୍ତି ବାତ୍ସଲ୍ୟରୁ । ମମତାର ଆଦ୍ୟ ଓଁକାର ଉଚ୍ଚାରଣରୁ । ଗୋଟେ ବିଶ୍ୱାସର ଭାବବିନ୍ଦୁରୁ... । ଯାହାର ବ୍ୟାପ୍ତି ମାଟିରୁ ଆକାଶକୁ ।

ଅନନ୍ତ ଅସୀମ ଦିଗରେ ଯେଉଁ ଆଲୋକ ଅଭିସାର୍‌ ସମଗ୍ର ଜୀବନକୁ ଉପାସନା ଭୂଇଁରେ ରୂପାନ୍ତରିତ କରିଦେଇଛି । ସେ ତପସ୍ୟା ଗୋଟାଏ ଆଦର୍ଶର, ଗୋଟାଏ ବିଶ୍ୱାସର ତପଶ୍ଚରଣ । ହିମାଳୟ ପରି ଅନମନୀୟ ଯେଉଁ ନୀତି ଓ ଶୃଙ୍ଖଳାର ଅଚଳାୟତନ । ଯେଉଁ ମୂଲ୍ୟବୋଧର ଅନୁରକ୍ତି - ସମୁଦ୍ରଭଳି ଅତଳତଳସ୍ପର୍ଶୀ, ଆକାଶଭଳି ମହିମାବନ୍ତ ପୁଣି ପୃଥିବୀ ଭଳି ଦରଦୀ ଓ ସମ୍ବେଦନଶୀଳ ।

Digitized by srujanika@gmail.com

Annexure - I

THE JUSTICE RAMASWAMY CASE

C. K. Jain

Introduction

The Founding Fathers of the Constitution considered that for a proper and effective functioning of the apparatus of the state in a truly democratic fashion, it was vitally important to provide for a free and independent judiciary. Thus it is that in the matter of conditions of service and removal from office, Judges of the Supreme Court and the High Courts hold a special position under the Constitution, and they cannot be removed from office except in the manner provided by the Constitution.

Article 124(2) of the Constitution provides for the appointment of Judges of the Supreme Court and declares that a Judge of the Supreme Court shall hold office until he attains the age of 65 years. Article 124(4) States :

A Judge of the Supreme Court shall not be removed from his office except by an order of the President passed after an address by each House of Parliament supported by a majority of the total membership of that house and by a majority of not less than two-thirds of the membership of that House present and voting has been presented to the President in the same session for such removal on the ground of proved misbehaviour or incapacity.

Article 124(5) which is also relevant and important is as follows :

Parilament may by law regulate the procedure for the presentation of an address and for the investigation and proof of the misbehaviour or incapacity of a Judge under Clause (4).

Digitized by srujanika@gmail.com

The corresponding article and clauses in the Draft Constitution were Article 103 and Clauses (4) and (5)*.

In the debate in the Constituent Assembly on 24 May 1949, on Article 103, Shri Tajamul Hussain, member, speaking on Clause (4), expressed the opinion that "to remove a judge on the recommendation of the Parliament would be wrong in principle". He suggested an amendment to the procedure for removal of Judge to the effect that "all the judges of the Supreme Court form themselves into a Committee and this Committee should investigate the charge against the particular Judge, then submit its report to the President and then the President is to remove him in consultation with the Parliament, provided the charges are proved against him".

The amendment was, however, negatived.

Pandit Thankur Das Bhargava, member, supported the role of both Houses of Parliament in the appointment of the Chief Justice of the Supreme Court, as well as in the removal of a Supreme Court Judge. Pandit Bhargava *inter alia*, said.

...Confirmation of the appointment of the Chief Justice of the Supreme Court must be made by a two-thirds majority of the total number of members of Parliament assembled in a joint session of both Houses of Parliament. If you kindly refer to Clause (4) of this article, it will appear that so far as removal of a Supreme Court Judge is concerned, an address supported by not less than two-third of the members present and voting should be presented to the President by both Houses of Parliament

---

* Article 103 (4) A Judge of the Supreme Court shall not be removed from his office except by an order of the President Passed after an address supported by not less than two-thirds of the members present and voting has been presented to the President by both Houses of Parliament in the same session for such removal on the ground of proved misbehaviour or incapacity.

(5) Parliament may by law regulate the procedure for the presentation of an address and for the investigation and proof of the misbehaviour or incapacity of a Judge under the last preceding clause.

Journal of Parliamentary Information, June 1993, PP.427-40.

Digitized by srujanika@gmail.com

in the same session. I beg to submit that this principle is quite sound that the dismissing authority should be the appointing authority also. Therefore, the objection that the legislature should not have any influence in regard to the Judges of the Supreme Court has been laid to rest by this provision about removal.

Referring to the same clause, Shri R.K. Sidhva, member said

Clause (4) contains an important provision about the removal of Judges. It says that the President can remove a Judge on an address presented by the Houses of Parliament and if two-thirds of the members present have voted for it... it is good to give wide powers to the legislature but it will lead to all kinds of outside influences being brought to bear on the question and no judge will ever be dismissed.

Article 103(4) as finally amended and added to the Constitution by the Constituent Assembly, read

A judge of the Supreme Court shall not be removed from his office except by an order of the President passed after an address by each House of parliament supported by a majority of not less than two-thirds of the members of that house present and voting has been presented to the President in the same session for such removal on the ground of proved misbehaviour or incapacity. Article 103(5) was not amended.

In 1968, Parliament enacted the law contemplated by Article 124(5) of the constitution, viz, the Judges (Inquiry) Act*, to regulate the procedure for the investigation and proof of

---

* The Judges Inquiry Bill was drafted in 1964 and was presented to the third Lok Sabha. The Bill was referred to a Joint Committee which went very carefully into the clauses of the Bill and presented a report. The Bill, to regulate the procedure for the investigation and proof of the misbehaviour or incapacity of a judge of the Supreme Court or of a High Court and for the President and for matter connected therewith", based on the report the Joint Committee of 1966, was discussed and passed by Parliament in 1968.

The Judges (Inquiry) Rules, 1969, were framed by a Joint Committee of the two Houses of Parliament, under Section 7 of the Judges (Inquiry) Act, 1968.

Digitized by srujanika@gmail.com

misbehaviour or incapacity of a judge of the Supreme Court or of a High Court and for the presentation of an address by Parliament to the President and for matters connected therewith.

